ଆମେରିକାର ବାଇବୋଲ ମହାପାତ୍ରେ ଗଣ୍ଡ ପଡ଼ାର ଜାଣି ଦେଲେଣି ଯେ ଏଇ ୧୯୪୨ ସାଲ ଭିତରେ ଆମେରିକା ସବୁ ଶତ୍ରୁ କବଳିତ ରାଜ୍ୟମାନ ପୁନରଧିକାର କରିବ । ଏବେ ପୃଥିବୀ ରାଜ୍ୟଗୁଡ଼ିକ ଶାସନ କରିବା ଓ ସମ୍ଭାଳିବା ଓ ବାଟିକର ପାଠ । ସେଥିପାଇଁ ଆଜନ୍ମ ଆମେରିକାରେ ଏକ କଲେଜ ଖୋଲା ଗଲାଣି ଯହିଁଠି ଶିକ୍ଷିତ ଅଭିଜ୍ଞଙ୍କ ତାଲିମ ତାଲିମ ହେଉଛନ୍ତି । ହସାଗି ଲୋକ ଯେ ସେ ଆଗରୁ ଚାଟ ବାଟ ରଖେ, ଅର୍ଥାତ ସନ୍ଧ୍ୟାରେ ପଣସ ଦେଖିଲେ ଓଠରେ ତେଲ ମାଖି ଦିଏ । ବୁଦ୍ଧି ବଳର କାର୍ଯ୍ୟ କଲେ, ପ୍ରମାଦ ନ ପଡ଼ିଲ ଭଲେ ।

❊ ❊ ❊

ଶୁଣା ଯାଉଛି କ ସୈନ୍ୟବାହିନୀରେ ଥିବା ମିଲ୍‌ଟାରି ସୈନ୍ୟମାନେ ଲୁଟତରାଜ କରି ଗ୍ରାମ ପୋଡ଼ି ଦେଉଛନ୍ତି ଓ କେତେ ସ୍ଥାନରେ ଗ୍ରାମବାସୀଙ୍କୁ ଗୁଳି ଚାଳନ କରି ଦେଉଛନ୍ତି । ଶୁଣାଯାଏ ମୂର୍ଖ ଗ୍ରାମବାସୀମାନେ ଠେଙ୍ଗା ବାଡ଼ି ଧରି ସୈନ୍ୟଙ୍କୁ ଅଟକାଇବାରୁ ଏ ଦୁର୍ଦ୍ଦଶା ହେଉଛି । ଯେଉଁ ସ୍ୱମନ୍ତ୍ରୀ ନ ହେଲେ କ ଏମାନେ ତାଙ୍କ ପକ୍ଷରେ ଥିବା ଶିଖିଲ, ଶାବାଶ ! ଗାଈ ଗୋଷ୍ଠାକର ଗୁଣ ଚିହ୍ନ କଥାରେ ! ନନର ବୁଦ୍ଧି ଯେତେବେଳେ କହିବ ତାହାକୁ !

> ଅପଣା ହସ୍ତେ କଲ୍ଲା ଚ୍ଛେଦ ।
> କେତାର ଅଛି ପ୍ରତିକାର ?

ଗ୍ରାମବାସୀଏ ଶାନ୍ତ ଶିଷ୍ଟ ପ୍ରତିରୋଧ (Civil-resituce) କରିଥିଲେ ସୈନ୍ୟ ମାନଙ୍କର charge (ଆକ୍ରମଣ) ଟା କଣ୍ଟୁନୁ mild (ମୃଦୁ) ପାଲଟି ଯାଇଥାନ୍ତା । , ଅଥବା ତାଙ୍କ ହୃଦୟ (heart) ତରଳ ମହାତ୍ମାଙ୍କରେ ବହି ଯାଇ ଥାଆନ୍ତା । କଂଗ୍ରେସବାଲା କେହି ନ ଥିଲେ କ ?

—❊·❊—

## କୁତୁକୁତୁ

ଶିକ୍ଷକ—ଇଂରାଜୀରେ କେଣ୍ଡ୍ରାର ଗୁଣ୍ଡଙ୍କର ନାମ କୁହ ।

ଛାତ୍ର—ଫେମିନାଇନ କେଣ୍ଡ୍ରାର, ନିଉଟାର କେଣ୍ଡ୍ରାର ।

ଶିକ୍ଷକ—ଅନ୍ୟ କଣ ?

ଛାତ୍ର—(ଥରି ଥରି) ଅଣ୍ଡା ଅଲେଜକେଣ୍ଡ୍ରାର (Kasturi)

+ × +

ଛାତ୍ର—Bay (ବେ) ମାନେ କଣ ?

ଶିକ୍ଷକ—ଉପସାଗର ।

ଛାତ୍ର—ତା ହେଲେ Bombay ମାନେ ତ Bom ଉପସାଗର ହେବ ।

(ପାର୍ଥସାରଥୀ)

× × ×

ଯୁବକ—(ତାଙ୍କର ଭାବୀ ପତ୍ନୀଙ୍କୁ) , ଆମ ଘାଙ୍କରେ ଯେ ମୁଁ ଏତେ ମିଳା ମିଶା କରୁଛି ତମ ବାପା କଣ ଜାଣିଥିବେ ।

ଯୁବତୀ—ସେ ଏପରି ମିଳା ମିଶା ଭଲ ପାଆନ୍ତି । କାହିଁ ଆଗରୁ କେତେ ଲୋକଙ୍କ ସାଙ୍ଗରେ ମୁଁ ମିଳା ମିଶା କରିଛି ସେ କେବେ ବିରକ୍ତ ହୋଇ ନାହାନ୍ତି ।

× × ×

କନଷ୍ଟେବଲ—ହଜୁର, ଏହି ଲୋକଟି ସ୍ତ୍ରୀ ଲୋକଙ୍କର ବସ୍ତ୍ରରେ ଯାଉଥିଲା ମୁଁ ସନ୍ଦେହ କରି ଧରି ଆଣିଛି ।

ପୁଲିସ ଇନସ୍‌ପେକ୍‌ଟର—ତୋତେ କିପରି ସନ୍ଦେହ ହେଲା ଯେ ଏ ଆସାମୀ ?

କନଷ୍ଟେବଲ—ହଜୁର, ରାସ୍ତାରେ ଯାଉଥିଲା ବେଳେ ସେ କୌଣସି ପୁରୁଷଙ୍କୁ କଣେଇ ଚାହିଁ ନଥିଲା ।

× × ×

ଶିକ୍ଷକ—ଇଂରାଜୀରେ ଗୋଟିଏ ଲମ୍ବା ଶବ୍ଦ କହିଲ ?

ଛାତ୍ର—ସାର ! "SMILES"

ଶିକ୍ଷକ—କେମିତି ?

ଛାତ୍ର—ଆଗ 'S' ଓ ପଛ 'S' ଭିତରେ ମାଇଲ୍‌ଏ ଫାଙ୍କ ।

× × ×

୧ମ ବ୍ୟକ୍ତି—ତମ ଯେଉଁ ବିସ୍କୁଟ ଖାଉଛ ସେ ଗୁଡ଼ିକ ଯେ dog buiscuit

୨ୟ ବ୍ୟକ୍ତି—Animal food ଖାଇବା ପାଇଁ ଡାକ୍ତର କହିଛି ।

+ × +

ଯୁବକ—ମୋର ଢେର ଟଙ୍କା ଅଛି । ତମ ମୋତେ ବାହାହେଲେ ଜାଣିବ ସେ ସବୁ ତମର ।

ଯୁବତୀ—ତାହାହେଲେ ତମେ ଚାଲିଗଲେ କିମିତ ?

× × ×

Digitized by srujanika@gmail.com



ସେଦିନ ମୁଁ କଟକରୁ ଭଦ୍ରକ ଆସୁଥାଏଁ। କଲିକତା ପାସେଞ୍ଜର ଗାଡ଼ି ଆସିବାକୁ ଅଧଘଣ୍ଟେ ଡେରି। ଟିକେଟ କିଣିକି ଭାଟିଅଣି ପ୍ଲାଟ-ଫର୍ମରେ ଚେଙ୍ଗ୍ ଖୋଇଦେଇ ବୁଲୁଥାଏଁ।

ପ୍ଲାଟଫର୍ମର ଅନ୍ୟପାଖେ ଦେଖିଲି ଯେ ଗୋଟେ ମହିଳା ଗ୍ରୁପ୍ ଟିଏ ହୋଇ ଗପ କରୁଛନ୍ତି—ସମସ୍ତେ ଖଦଡ଼ ପରିହିତା—ହାତରେ ଖଣ୍ଡେ ଲେଖାଏଁ ଖଦଡ଼ ଝୁଲା ଓ ଗୋଡ଼ରେ ଚପଲ!

ଟିକିଏ ଆଗେଇ ଦେଖିଲି ଯେ 'ଅବଳା ଆଶ୍ରମ'ର ପରିଚାଳିକା ଶ୍ରୀମତୀ ଅପର୍ଣ୍ଣା ଦେବୀ ଆଉ ଚାରିପାଞ୍ଚଜଣ ମହିଳା କର୍ମୀଙ୍କ ସହ ଗପ କରୁଛନ୍ତି।

\+ × +

## ହାତେରି କପାଳ

ଲେଖକ—ଶମାନ...

ନରେନ୍ଦ୍ର ବାବୁ କେଉଁଠି ଅଛନ୍ତି? ଇତ୍ୟାଦି ଯୋଡ଼ି ଅନେକ ଗୁଡ଼ିଏ ପେ—ନମସ୍କାର, ଏ ଆଡ଼େ କୁଆଡ଼େ? ଏକ ସାଙ୍ଗରେ ପ୍ରଶ୍ନ। ପ୍ରତି ନମ-ସ୍କାର ଜଣାଇ କହିଲି 'କଟକ ଆସିଥିଲି କେତେଦିନ ରହିଥିଲି ଆଜି ଫେରୁଛି।'

'ତେଣୁ ବେଶ୍ ଆପଣ ଏ ଭଦ୍ରମହିଳାଙ୍କୁ ଜଜପୁର ରୋଡ଼ ଷ୍ଟେସନରେ ଓହ୍ଲାଇ ଦେଇପାରିବେ। ମୁଁ ତାଙ୍କ ସାଙ୍ଗରେ ପରିଚୟ କରାଇ ଦିଏ। ଏ ହେଉଛନ୍ତି ଶୈଳା ଦେବୀ। ଆମ ଆଶ୍ରମର ଜଣେ ବିଶିଷ୍ଟ କର୍ମୀ—ଏବର୍ଷ ନର୍ସିଂ ପାଶ କରିଛନ୍ତି। ଯାଉଛନ୍ତି ଜାଜପୁରରେ ପ୍ରାଇଭେଟ ପ୍ରାକ୍ଟିସ୍ କରିବାକୁ। ତାଙ୍କ ଘର ମଧ୍ୟ ଜାଜପୁରରେ—ତା ସଙ୍ଗରେ ଆପଣଙ୍କ ସହଯାତ୍ରୀ ମଧ୍ୟ ବେଶ୍ ହେବ କାହିଁକି ନରେନ୍ଦ୍ରବାବୁ—ଏ ଭଦ୍ରଲୋକ ହେଉଛନ୍ତି ଭଦ୍ରକର ଜଣେ ଜମିଦାର ଓ ନୀରବ କଂଗ୍ରେସକର୍ମୀ ଓ ଶିକ୍ଷିତ ଯୁବକ। ବି. ଏ. ପାଶ କରି କଂଗ୍ରେସରେ ଯୋଗ ଦେଇଛନ୍ତି। ସ୍ୱାଙ୍କର ମୋର ପରିଚୟ ଢେର ଦିନରୁ। ଭଦ୍ରକର ବନ୍ୟା ସମୟରେ ଆମେ ଦୁହେଁ ଭିନ୍ନ ଭିନ୍ନ ଅନୁଷ୍ଠାନ ତରଫରୁ ଏକା ସେଣ୍ଟରରେ କାମ କରୁଥିଲୁ।'

ପରିଚୟ ପର୍ବ ସାଙ୍ଗ ହେବା ପରେ ଶୈଳା ଦେବୀ ମୋତେ ନମସ୍କାରଟିଏ କଲେ। ମୁଁ ମଧ୍ୟ ପ୍ରତି ନମସ୍କାର ଜଣାଇଲି।

'ଆପଣ ତାହାହେଲେ ଭଦ୍ରକରେ ଓହ୍ଲାଇବେ।'

'ହଁ ମୁଁ ବସି ଯିବି, ପେଲ ଭଦ୍ରକ ଦିବ।'

''ତାହାହେଲେ ତ ଭଲ କଥା', ଆପଣ ଜାଜପୁର ଷ୍ଟେସନ ପର୍ଯ୍ୟନ୍ତ ଶୈଳା ଦେବୀଙ୍କ ସାଙ୍ଗହୋଇ ପାରିବେ।''

ମୋର ଟିକେଟ ଥିଲା ଅବଶ୍ୟ ଭଦ୍ରକ ପର୍ଯ୍ୟନ୍ତ। କିନ୍ତୁ ନାରୀର ସାହଚର୍ଯ୍ୟ ଏଇ କେତେ ଘଣ୍ଟା ପାଇଁ ଲାଭ କରିବା କେଉଁ ଯୁବକର ମନ ଚଞ୍ଚଳ ନ ହେବ ଓ ଏଇ ସାମାନ୍ୟ ସ୍ୱାର୍ଥ ପାଇଁ କୁଣ୍ଠିତ ହେବ।

ଟ୍ରେନ ଆସିଲା। ଗୋଟେ ଖୋଲା ଥାର୍ଡ଼ କ୍ଲାସ କମ୍ପାର୍ଟମେଣ୍ଟ ଦେଖି ଉଠିଲୁ। ସେଥିରେ ଆମର ସହଯାତ୍ରୀ ୨/୩ ଜଣରୁ ବେଶୀ ନ ଥିଲେ।

ଶୈଳା ଦେବୀଙ୍କ ଜିନିଷ ପତ୍ର ସଜାଡ଼ି ରଖି ନିଜ ବେଡ଼ିଂ ପତ୍ରକୁ ଖୋଲି ଗୋଟେ ପୂରା ବେଞ୍ଚ ମାଡ଼ି ବସିଲି। ଅନ୍ୟ ପାଖ ବେଞ୍ଚରେ ଶୈଳା ଦେବୀ ମଧ୍ୟ ତାଙ୍କ ଆସନ ଗ୍ରହଣ କଲେ। ଗାଡ଼ି ଛାଡ଼ିବା ବେଳ ହେବାରୁ ଅପର୍ଣ୍ଣା ଦେବୀ [illegible] ବିଦାୟ ନେଲେ।

× + ×

ଗାଡ଼ି ଯଥା ସମୟରେ ଛାଡ଼ିଲା। ଶୈଳା ଦେବୀ କହିଲେ ''ଆପଣ ତାହାହେଲେ ଜାଜପୁର ଯିବେ? ଭଲ କଥା—ମୋର ଲଗେଜ ଟିକିଏ ବେଶୀ ଥିଲା କିନ୍ତୁ ଆପଣଙ୍କର ସେମିତି କିଛି ନାହିଁ—ଖାଲି ଏ ବେଡ଼ିଂ ଖଣ୍ଡିକ—ମୁଣ୍ଡିଆ ହେବ।''

'ମୁଁ କହିଲି ''ଦେଖାଯିବ ବ୍ୟସ୍ତ କାହିଁକି?'

ଦେଖିଲି ଶୈଳା ଦେବୀ ବେଶ ପରିପାଟୀ। ତାଙ୍କ ହାବଭାବ ଚାଲିଚଳଣରୁ ବେଶ ବୁଝାଯାଉ-ଥିଲା ତାଙ୍କ ନାଁ ଆଉ ଅପର୍ଯ୍ୟାପ୍ତ ହୋଇନାହିଁ। ବୟସ ଅନୁମାନ ତେଇଶ ବା ଚବିଶ ଏବୋ-ଇଣ—ଦେହର ରଙ୍ଗ ବେଶ ସଫା—ବହୁତ ବେଶି ସୁନ୍ଦର ନ ହେଲେ—ତେବେ ଅନନ୍ୟ ସୁନ୍ଦରୀ ବୋଲା-ଯିବ ନାହିଁ କିମ୍ବା ସୌନ୍ଦର୍ଯ୍ୟହୀନା ବୋଲାଯିବ ନାହିଁ।

ଗାଡ଼ି ଚାଲିଥାଏ ଆମର ଗପ ବି ଚାଲିଥାଏ। ଛୋଟ ମୋଟ ବିଷୟରୁ ରାଜନୀତି, ସମାଜନୀତି ପ୍ରଭୃତି ଅନେକ କଥା ଚର୍ଚ୍ଚା ହୋଇ ସାରିଲାଣି—ଆମ ଆମ ଜୀବନରେ ଦୁଃଖ ସୁଖ ନେଇ କେତେ କଥା ମଧ୍ୟ ପଡ଼ିସାରିଲାଣି! ଅବଶ୍ୟ ସବୁଥିରେ ଆଗୁଆ ଥିଲେ ଶୈଳା ଦେବୀ। କଥା ପଡ଼ୁ ପଡ଼ୁ ହଠାତ କହିଲେ 'ଦେଖନ୍ତୁ ଆପଣଙ୍କର ଓ ମୋର ଏଇ କେତେ ଘଣ୍ଟାର ପରିଚୟ ଆମକୁ ଚିର ଜୀବନ ପାଇଁ ବାନ୍ଧି ରଖିବ' ମୁଁ ଏ କଥାର ଅର୍ଥ ବୁଝି ନ ପାରି ପଚାରିଲି 'ମାନେ'।

ଏଇ ସହଜ କଥାଟାର ମାନେ ବୁଝି ପାରୁ-ନାହାନ୍ତି? ଆପଣଙ୍କର ଓ ମୋର ଲକ୍ଷ ସମାନ ଓ ଦୁହେଁ ମଧ୍ୟ ସମଦଶାପନ୍ନ। ଆପଣ ଦେଶ କାମ କରୁ କରୁ ଜୀବନ କଟାଇବାକୁ ଚାହାନ୍ତି—ମୁଁ ମଧ୍ୟ ରୋଗୀ ସେବା ବ୍ରତ ପାଳନରେ ଜୀବନ କଟାଇବି—ଆପଣ ବିବାହିତ ଅଥଚ ଆପଣଙ୍କ ସ୍ତ୍ରୀ ମୃତ—ମୁଁ ମଧ୍ୟ ବିବାହିତ କିନ୍ତୁ ସ୍ୱାମୀ ମୋର ନିରୁଦ୍ଦେଶ। ତେଣୁ ସମଦୁଃଖୀ ଓ ସାଥୀ'।

'ସାଥୀ' କଥାଟା ଶୁଣି ମନେ ପଡ଼ିଲା। ଜୀବନର ସାଥୀ ରୂପେ ଯାହାକୁ ପାଇଥିଲି ତାକୁ ହରାଇଛି ଅନେକ ଦିନରୁ। ଆଉ ମୁଁ ଏବେ ନିଃସ୍ୱ ସାଥୀ...। ଏଇଟା କଣ? ଭାଗ୍ୟରେ ତ ସମସ୍ତଙ୍କର ମୃତ୍ୟୁ ଓ ମୃତ୍ୟୁଯୋଗ ଯୁଟେ ନାହିଁ। [illegible] ହାତ ପାଖରେ—ଛାଡ଼ିବ କାହିଁକି?

Digitized by srujanika@gmail.com

'ବଣ ଲକ୍ଷ୍ମୀଚନ୍ଦ୍ର ଦରେନ୍ଦ୍ର ବାବୁ ! ଆପଣ ପଟେଲେ କଂଗ୍ରେସରେ ନାମ ଲେଖାଇଛନ୍ତି ପଟେଲ ବାଳିକା ଆପଣଙ୍କର ଆଉ ପାରନ୍ତି । ମୁଁ ବାଙ୍କ ପରି ଆପଣଙ୍କ ଜନ୍ମରୁ ପ୍ରାର୍ଥନା କରୁଛି । ଆପଣ ମୋତେ ଗାଳି ହାତରେ ଫେରେଇ ଦେଇ ପାରିବେ ନାହିଁ ।'

'ଆପଣ ଅତି ମହତ—ଉଦାର ଆପଣଙ୍କର ହୃଦୟ—ସାକ୍ଷାତ ମୂର୍ତ୍ତିମତୀ କରୁଣା— ଆପଣ ମୋ ପ୍ରତି ଅସୀମ ଦୟା ଦେଖାଉଛନ୍ତି'—

ଏହି ନାଟକୀୟ ଢଙ୍ଗର କଥାଗୁଡ଼ିକ ଶୁଣି ସେ ହଠାଏ ହସି ଦେଲେ ।

ଆମ କଥାବାର୍ତ୍ତାରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା ହଠାତ୍ ଟେକାଙ୍କ ଅବତୀର୍ଣ୍ଣରେ ।

ମୁଁ ମୋ ହଠାତ୍ ସମ୍ବନ୍ଧ ଦେଖାଇଲି । ଚପଳା ଦେବୀ ମଧ୍ୟ ତାଙ୍କ ହଠାତ୍ ଖଣ୍ଡ ବାହାର କରି ଚେକର ହାତରେ ଦେଇ ଦେଲେ । ଚେକର ହଠାତ୍ ଦେଖିସାରି ଉପର ବର୍ତ୍ତରେ ଧରା ଜନସମୁଦ୍ରାଙ୍କ ଉପରେ ଆଖି ପକାଇ ପଚାରିଲେ—ଏ ସବୁ 'ଲଗେଜ ଆପଣଙ୍କର ?'

ଚପଳାଦେବୀ ତଥାପି ଉଠିପଡ଼ି କହିଲେ 'ଓଃ, ଲଗେଜ କଥା ପଚାରୁଛନ୍ତି—ସେ ସବୁ ଆମର । ମୋର ଅଣ୍ଟିବାରେ ନ ଥିଲା—ସେ ସବୁ ଗାଡ଼ି ଭିତରେ ଥିଲେ—ଉଦ୍ରବ ଯିବେ ବୋଲି—ଗାଡ଼ି ଛାଡ଼ି ସମୟରେ ମୁଁ ଆସି ଦେଖିଲି—ଆମେ ଏବେ ଯାଜପୁର ରୋଡ଼ରେ ଓହ୍ଲାଉଛୁ । ସେ ମୋତେ ଜଜପୁରରେ ଛାଡ଼ି ଦେଇ ଉଦ୍ରବ ଯିବେ ।'

ଚେକର ମହାଶୟ ଆଉ କଛି ନ କହି ଚାଲି-ଗଲେ । ମୁଁ ଚପଳା ଦେବୀଙ୍କର ପ୍ରତ୍ୟୁତ୍ପନ୍ନମତି ଦେଖି ଅବାକ୍ ।

× + ×

ଯାଜପୁର ରୋଡ଼ ଷ୍ଟେସନରେ ଗାଡ଼ି ପହଞ୍ଚିଲା । ଚପଳା ଦେବୀ ଆଗେ ଓହ୍ଲାଇ ପଡ଼ି କହିଲେ 'ଆପଣ କୁଲି ଦ୍ୱାରା ମାଲ ସବୁ ଦେଇ ଆସନ୍ତୁ ମୁଁ ଯାଇ ବସ୍‌ରେ ଜାଗାର ବନ୍ଦୋବସ୍ତ କରେ ।'

ମୁଁ କୁଲି ଦ୍ୱାରା ସମସ୍ତ ମାଲ ଓ ନିଜେ ଜଣେ ଆଗରୁ ବସ୍‌ରେ ଧରାଇଦେଇ ବସିଲି । ସେତେବେଳକୁ ଚପଳା ଦେବୀ ଯାଇ ଗୋଟେ ସେକେଣ୍ଡ୍‌କ୍ଲାସ ସିଟ୍‌ରେ ବସିଛନ୍ତି । ମୁଁ କୁଲିକୁ ପଇସା ଦେଇ ଯା'ର ବାହା-ରେ ହଠାଏ ଭୁଲାଭୁଲି କରୁଛି ଏହି ସମୟରେ ଚପଳା ଦେବୀ ଡାକିଲେ "ଆସନ୍ତୁ ବସ୍ ଛାଡ଼ିବ ।"

ମୁଁ ଆସି ତାଙ୍କ ପାଖରେ ବସିଲି । ବସ୍ ଛାଡ଼ିଲା ।

ବସ୍ କଣ୍ଡକ୍ଟରର ଆସି ହଠାତ୍ ପାଇଁ ପଇସା ମାଗିଲା । ମୁଁ ବ୍ୟାଗ ବାହାରି ପଇସା ଗଣୁଛି ଚପଳା ଦେବୀ କହିଲେ 'ଆପଣ ମୋପାଇଁ ଦେବେନାହିଁ, ମୁଁ ମୋର ଫେୟାରଟା ଦେଇ ଦେଉଛି ।' ତା ପରେ ତାଙ୍କ ବ୍ୟାଗ ଖୋଲି ଦେଖି କଣ୍ଡକ୍ଟରକୁ ପଚାରିଲେ "ବଣ୍ଟକାର ଚେଞ୍ଜ ହେବ ।" କଣ୍ଡକ୍ଟର ନାହିଁ କଲା । ମୁଁ କହିଲି "ବ୍ୟସ୍ତ ହୁଅନ୍ତୁ ନ, ମୁଁ ଦେଇ ଦେଉଛି ।" "ଆଚ୍ଛା, ଆପଣ ଦେଇଥାନ୍ତୁ ମୁଁ ଯା'ଇ ଆମ ଘରଠି ଦେଇଦେବି ।"

× + ×

ଭୁବି ଥ ପାଖରେ ସମସ୍ତେ ବସରୁ ଓହ୍ଲାଇଲେ । ସେସମୟରେ ଭୁବି ଥ ପାଖରେ ବସ୍ ବଦଳ କରି-ବାକୁ ହେଉଥିଲା । ସେଦିନ ଯାଜପୁର ଟାଉନ ବସ୍ ଆସି ନ ଥିଲା । ଅନେକ ସମୟ ଅପେକ୍ଷା କରିବାକୁ ହେବ ଜାଣି ଚପଳା ଦେବୀ ବସରୁ ଓହ୍ଲାଇ କହିଲେ 'ମୋ ଭଉଣୀ ଘର ଏଠି ପାଖରେ । ମୁଁ ହଠାଏ ବୁଲି ଆସେ ।' ଆଉ ମଧ୍ୟ କହିଗଲେ 'ମଟର ଆସିଲେ ହର୍ଣ୍ଣ ଦେବେ ମୁଁ ଆସିବି ।'

\+ + +

ପ୍ରାୟ ଘଣ୍ଟାକ ପରେ ମଟର ଆସିଲା । ମୁଁ ଡ୍ରାଇଭରକୁ ଡବ ନଦାନଦ କରି ହର୍ଣ୍ଣ ଦେଲି । ଚପଳା ଦେବୀ ତୁରନ୍ତ ଉଦ୍‌ବେଗ ହୋଇ ଆସୁଥିବାର ଦେଖିଲି । ମୋ ପାଖକୁ ଆସି ଅତି ବିନୟ ହୋଇ କହିଲେ 'ଦେଖନ୍ତୁ ମୋର ଭଉଣୀର ଦେହ ଖରାପ, ମୁଁ ଆଜି ଯାଇ ପାରୁନାହିଁ । କାଲି ଦଶଟା ବେଳକୁ ଯା'ଇ ପହଞ୍ଚିବି । ଆପଣ ଆମ ବସାରେ ଆଜି ଯାଇ ରହିବେ । ଆପଣଙ୍କର କିଛି ଅସୁବିଧା ହେବନାହିଁ— ମୋ ମା ଅଛନ୍ତି ଓ ମୋର ଦୂର ସମ୍ପର୍କୀୟ ଜଣେ ଭାଇ ମଧ୍ୟ ଅଛନ୍ତି— ହଁ ମଟରବାଲା ଆମ ବସା ଦେଖିଛି ଆପଣଙ୍କୁ ନେଇ ଠିକ ଜାଗାରେ ପହଞ୍ଚାଇ ଦେବ ।" ମଟରବାଲାକୁ କହିଲେ 'ଦେଖ ଏ ବାବୁଙ୍କୁ ନେଇ ଆମ ବସା ପାଖରେ ଓହ୍ଲାଇ ଦେବୁ ।"

"ହଁ ଏ ଛଟି ଖଣ୍ଡକ ନେଇଯାଆନ୍ତୁ ଆମ ଘରେ ଦେବେ । ଆପଣଙ୍କର ଆମ ଘରେ କେହି ଚିହ୍ନନ୍ତି ନାହିଁ । ଦୟାକରି ଆଜି ରାତିକ ଅନ୍ତତଃ ଅପେକ୍ଷା କରିବେ । କିଛି ଭାବିବେ ନାହିଁ ।"

ମୋଟର ଛାଡ଼ିଦେଲା । ଜାଜପୁରରେ ପହଞ୍ଚିଲା ବେଳକୁ ପ୍ରାୟ ୫ଟା । ବସ୍‌ବାଲା ଗୋଟେ ରାସ୍ତା ପାଖ ଘରେ ଓହ୍ଲାଇଦେଇ କହିଲା 'ଏଇ ବସା'

ମୁଁ କବାଟ ପଛ ପିଣ୍ଡାରେ ରଖି କବାଟରେ ହାତ ମାରି ଡାକିଲି ।

ଜଣେ ଲମ୍ବବାଲ୍ୟ ଯୁବକ ଆସି ଦ୍ୱାର ଖୋଲିଲେ । ମୁଁ ତାଙ୍କୁ ସମସ୍ତ ଘଟଣା ଓ ମୋର ନିଜର ପରିଚୟ ଦେଇ ଛଟିଖଣ୍ଡକ ହାତକୁ ବଢ଼ାଇ ଦେଲି । ସେ ଚିଠି ଖଣ୍ଡକ ନେଇ ଭିତରକୁ ଚାଲିଗଲେ ଓ କିଛି ସମୟ ପରେ ଆସି କହିଲେ "ଆପଣ ଆଜି ଏଠି ରହିବେ ?"

ମୁଁ ଏ ପ୍ରଶ୍ନର କ'ଣ ଜବାବ ଦେବି କିଛି ଠିକ କରି ନ ପାରି କହିଲି—"ହାଁ—ହଁ"—ଯଦି ଆମ ଅସୁବିଧା ନ ହୁଏ ତ ଅତି ସୁବିଧା ।

"ଅଚ୍ଛା ଆପଣଙ୍କ ନାମ କ'ଣ ଆଉ ଆସନ୍ତୁ ମୁଁ ଆପଣଙ୍କ ଖାଇବା ପିଇବାର ବନ୍ଦୋବସ୍ତ କରେ ।"

ମୋ ମନକୁ ସେତେବେଳକୁ ସନ୍ଦେହ ଛୁଇଁ-ଲାଣି । କେବଳଟା ଚେକ୍ଅପ୍ ଦେଖି, ମୋତେ ହଠାଏ ବସିବାକୁ ମଧ୍ୟ କହିଲେ ନାହିଁ । ମୁଁ ବାହାରେ ପଡ଼ିଲି । ସେଠା ପାଖ ପାନ ଦୋକାନରେ ପାନ ପଇସାଟିଏ ଦେଇ ସେ ପାନବାଲାକୁ ସମସ୍ତ କଥା ପଚାରିବାରୁ ସେ କହିଲା 'ସେ ମାଇକିନିଆଟା ସେ ଲୋକଟାର ଭଉଣୀ—ଦୁର୍ବୃତ୍ତ ହୋଇ କଟକ ପଳେଇ ଆସି ଏଇଠି ବସା କରିଛନ୍ତି । ସେ ମାଇକିନିଆ କେତେ ଯାଉଥିଲା ନର୍ସ କାମ ଶିଖିବାକୁ ।"

କଥା ଶୁଣି ମୋ ଅନ୍ତରାତ୍ମା ଶୁଖିଗଲା—ତଳାଉ ଆଉ ଭୁଲାଭୁଲି ଘଣ୍ଟାକ ପରେ ଫେରିଲି । ଦେଖିଲି ଦୁଆରେ ତାଲା—ପାନ ବାଲାକୁ ଯାଇ ପଚାରିଲି "ଏ ଘର ବାବୁ କୁଆଡ଼େ ଗଲେ ?" ସେ କହିଲା 'ସାଇ-କେଲରେ ଟ୍ରଙ୍କଟା ବାନ୍ଧିକରି ତାହାର ଗଲେ ।"

ମୋ ମୁଣ୍ଡରେ ଯେପରି ବୋମା ପଡ଼ିଲା— ଅଣା ଭଉଣୀ ସବୁ ଗଲା ··· ଅଯଥା ପଇସା ଖର୍ଚ୍ଚ ହେଲା... ଶେଷରେ ବେଡ଼ିଂ ଖଣ୍ଡକ ଓ ଟ୍ରଙ୍କଟା ଦଶଣ୍ଡ ମଧ୍ୟ ଗଲା... ହାତରେ କପାଳ... ।

'=✻=

କୁମାରୀ

ସୁନ୍ଦର ଛବି ଓ ମଧୁର ଗୀତ ବହି

ଶୀଘ୍ର ହାତରେ ଧରନ୍ତୁ ।

ମୂଲ୍ୟ—୦୵୦ ଅଣା

Digitized by srujanika@gmail.com



# କଟକୀ ରାଜନୀତି

ଲେଖକ—ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

କେତେ ନଦୀ ବିଲ ବୁଲି ଫେରି ଆସେଁ ଦେଖି
ସୀମାହୀନ ଗିରିମାଳ ଶାଳବନ ପଥ
ଭୁଲିଯାଏ ଛବି ନ ପାରଇ ସବୁ ଲେଖି
କଟକ ସହର ଅଟକାଇ ଦଏ ମୋତେ
ଦୋକାନ ବଜାର ସାହି ଗଳି ବାଟେ ବୁଲି
ସବୁ ଠାରେ ଯାହା ଶୁଣିଛି ଦେଖିଛି ସତେ
କଟକେ କେବଳ ରାଜନୀତି ଅଜି କାଲି !

ବିଦାୟ କରନ୍ତି ସକଳ ନୀତିକୁ ଯାହା
ହୋଇଅଛନ୍ତି ପରା ନାମ ତାର ରାଜନୀତି
ପଢ଼ନ୍ତି ଯହିଁକି ଦୁନିଆଯାକର ବହି
ସବୁ ମିଛ ମତ ପାରି ଅଛନ୍ତି ଯେହୁ ଜିତି !
କାମ ଠାରୁ ବଡ଼ ହେଲାଣି ତ କରତାଳି
ସବୁଠାରୁ ବଡ଼ ଖବରକାଗଜ ଭିତ
କଟକେ କେବଳ ରାଜନୀତି ଅଜି କାଲି ।

ଓକିଲ ଖାନାରୁ ଗାଡ଼ିଖାନା ଯାଏ ଭଲ
କଟକରେ କେହି ନ ମିଳଇ କେଉଁ ରଜ
ରାଜନୀତି ଗୁଣେ ଖାଇ ଉଠିଲେଣି ମଲ
ନାହିଁ ଭେଦଭାବ କିଏ ପର କିଏ ନିଜ
ଅଛି ସବୁ ଘଡ଼ି ଲୁଣ ତେଲ ଭାତ ଡାଲି
ଓ[illegible]ଆରୁ ପଡ଼ି ଗଜର ଉଠଇ ବାଜି
କଟକେ କେବଳ ରାଜନୀତି ଅଜି କାଲି ।

ନେତା ହେବା ଖାଲି ଠକି ଶିଖିବାର କଥା
ଅକ୍ଲବାଲା ଜାଣେ ମନ୍ତ୍ରୀ ହେବାର ରୀତି
ମହକିଲ ଠକି ଓକିଲର ଜଡ଼ ମଥା
ମାରୁଆଡ଼ି ନେତା ଗୋଷ୍ଠୀକୁ ପାରି ଜିତି ।
ପାରଇ ସଭିଙ୍କ କରି ଯେହୁ ଶଳା ଶାଳୀ
ସବୁରି ସାଥିରେ ଖେଳିପାରେ କିତ କିତ
କଟକରେ ସେହି ରାଜନୀତି ଅଜି କାଲି ।

ପୁଅ ରାଜନୀତି ବାପେ ନ ପାଇଲେ ଛୁଟି
କାଠଯୋଡ଼ି ପରି ମାତେ ରାଜନୀତି-ବଢ଼ି
ଝିଅ ରାଜନୀତି ମାଆ ଦେଖେ ଆଖିବୁଜି
କପାଳକୁ ଠିକି ଗୁରୁ ଧରିଲେଣି ଖଡ଼ି ।
ସବୁରି ମୁହଁରେ ବୋଲିପାରେ ଯେଉଁ କାଳି
ଘୋଡ଼ା ପରି ମୁଣ୍ଡି ଗୁଞ୍ଜିପାରେ ଘୋର ରଡ଼ି
କଟକରେ ସେହି ରାଜନୀତି ଅଜି କାଲି ।

ବୋମା ନ ଫୁଟନ୍ତୁ କଟକର ରାଜନୀତି
ଫାଟିଯାଇ ଦେଖ ହେଲାଣି କାବଲି ଭିଡ଼ି
ବୀର ବୋଲି ଯିଏ କଟକୀର ନାହିଁ ଭୀତି
ସିପେଇ ଦେଖିଲେ ନ ମାନନ୍ତି ଯେ ବାଡ଼ି ହାଡ଼ି !
ହାତରେ ଯାହାର ନ ସିଝଇ ଗଲେ ଝଡ଼ା
ନ ଜାଣେ କରି ଯେ କାଣି କଉଡ଼ିଏ ଆୟ
ହୋଇ ପିଲା ଯିବା ହୋଇ କଳାପଠା ହାଡ଼ା
କଟକେ ତାହାର ରାଜନୀତି ବ୍ୟବସାୟ !

କଟକ ସହର ବାରବାଟି ମାଟିକୁଦ
ଉପୁଜେ ଯେସନ ପୁଞ୍ଜିତ ଅଭିଳାଷ
ଯେସନ ଉପୁଜେ ଗଟେ କେତେ ଶତ ମୁଦ
ସମାଧି ଯେଣିକି କେତେ ଋତୁ କେତେ ମାସ !
ଗଣିନୋହେ ଯାହା ଯଥା ମହାନଦୀ ବାଲି
ହେଲାଣି ଆଜି ସେ ବିସ୍ମୃତ ଇତିହାସ
କଟକେ କେବଳ ରାଜନୀତି ଅଜି କାଲି !

ଏକ ଦିନକରେ ଭୁଲିଯାଇ ଥିବା କଥା
ଅନ୍ୟ ଦିନକରେ ହଜିଯାଇଥିବା ଗୀତ
ଖୋଜି ଯାଇଥିବା ନୀତିରେ ଅକୁଳତା
କେଉଁଦିନ କାହିଁ ମଜିଯାଇଥିବା ଚିତ
ନାହିଁ କିଛି ନାହିଁ ସବୁ ଲାଗେ ଖାଲି ଖାଲି
ନାହିଁ ସେ ବରଷା ନାହିଁ ସେ ନିଦାଘ ଶୀତ
କଟକେ କେବଳ ରାଜନୀତି ଅଜି କାଲି !

Digitized by srujanika@gmail.com



## ବାଂଶୀ

ଲେଖିକା—ଶ୍ରୀ ମୀନାକ୍ଷୀ କୁମାରୀ ମହାପାତ୍ର

ସଂଧ୍ୟା ହେଲା—ଅଶ୍ରାନ୍ତ ସୂର୍ଯ୍ୟ ଚାଳକ ଲାଲ ମୁହଁଟିକୁ ଦୂର ପାହାଡ଼ର କନ୍ଦରରେ ଲୁଚେଇ ଦେଲେ। ସମସ୍ତେ ନିଜ ନିଜର ଦିନଭାଗ ସାରି ଘରକୁ ଫେରିଲେ କିନ୍ତୁ ଫେରିନାହିଁ ଜଣେ···। ସେ ତା ଚାହିଁ ଫେରିବ। ତାର ଘର ଅଛି ସତ···କିନ୍ତୁ ଘରର ତ କେହି ନାହିଁ···। ଯାହାପାଇଁ ଅଛି ସେ···। ତା ଅଗରେ ଅଛି ସଂ।ର—ଶୂନ୍ୟ—ନୀରସ—କିନ୍ତୁ ଦିନେ ଥିଲା ସରସ··ମଧୁର—ଆନନ୍ଦପୂର୍ଣ୍ଣ।

ଦିନଯାକ ବୁଲି ବୁଲି ତା ନଗଡ଼ ଦୁଇଟା ଥକି ଗଲା—ଅଉ ଚାଲି ପାରିଲା ନାହିଁ। ବରଗଛ ମୂଳେ ବସିପଡ଼ିଲା। କ୍ଷୁଧା ତୃଷ୍ଣାରେ ଚୋଲି ବାଚଳିତ ହେଲାନାହିଁ···ସେ ପୀଷୀ··। ତାହା ଝୁଣ୍ଡିଲ ଝୁଲିଭିତରୁ ···ଅଖିରୁ ଦୁଇ ପ ଭି ଲ ··ବ ଏ ସେ ଉସ୍ତ୍ର ପଥର ଉଡ ଅଦାରର ବଂଶୀ ଧୋହର କଲେ। ଛଟାଟା ଲହ ନିଗଡ଼ ଜାଣେ ସେ ଲହ ଦୁଲଚୋପା ତାହାପାଇଁ ? ତାପରେ ବଂଶୀରୁ ନୋହରିଲା ଏକ କରୁଣ ମୂର୍ଚ୍ଛନା··· ସନ୍ଧ୍ୟାବେଳର ଝୁଲୁଝୁଲିଆ ପବନରେ ତା ଦେହ ଥଣ୍ଡା ହୋଇ ଅସିଲା··ଅଂଶ ଦେହଟିକୁ ପାଦଦେଲ ଦେହ ଚଳମ୍ପଲେ।

+ + +

ଠାକୁର ମନ୍ଦିରର ଅରତି ଘଣ୍ଟା ଠଂ ଠଂ କରି ବାଜି ଉଠିଲା। ତାର ନିଦଟା ଭାଙ୍ଗିଗଲା ଗୋଟାଏ କୋମଳ ସ୍ପର୍ଶରେ—ସେ ଚମକି ଉଠି ବସିଲା—ଦେଖିଲା ଅଗରେ ଜଣେ ତରୁଣୀ···ପରୁଷ ପୁଣି ଚମକି ପଡ଼ିଲା·· ତା ମନରେ ସନ୍ଦେହ ଜାଗି ଉଠିଲା। ତରୁଣୀଟି ତାହାର ଆଦରର 'ରୋଜପ' ନୁହେ ତ ? ···କିନ୍ତୁ ସାହସ କରି ପାରିନାହିଁ ···ତାକୁ ଯେ ସେ ଦୀର୍ଘ ଦୀଅଂର୍ଷ ହେଲା ଦେଖିନାହିଁ—ତରୁଣୀର ମୁହଁରେ ଗଭିର୍ଯ୍ୟ ଫୁଟିଲା—ଦେହରେ ଗଭିର୍ଯ୍ୟ ଲଗା...କିନ୍ତୁ ତାହାର ମଧ୍ୟରୁ ଦେହର କ୍ଷ୍ୟାଙ୍କତା ଫୁଟି ଉଠୁଥିଲା। ପୁରୁଷ କୌତୂହଳ ହୁଦିନେଇ—ଅନେ କଅଣ ଏକା ଏଅଡ଼ି ଯାତ୍ରୀ କି ?

ମୁଣ୍ଡିଆର ଉତ୍ତର ମନେ ମନେ ଭାବିବା ପୂର୍ବରୁ ପଚାରିଦେଲା—

'ତମେ କିଏ ?'

'ମୁଁ···ମୁଁ ଜଣେ ଭିକାରୀ। ଅଉ ତମେ ?'

'ମୁଁ ମଧ୍ୟ ଜଣେ ଭିକାରୁଣୀ···।'

'ତମେ କାହିଁକି ଏ ଅଳ୍ପ ବୟସରେ, ଏ ବେଶରେ ନିଜକୁ ସଜାଇଛ। ତୁମେ କଅଣ ନିଜ ବୃତ୍ତି···ସହାୟ। ସଂସାରରେ ତୁମରୁ ନିଜର ବୋଲି କହିବାକୁ କଅଣ କେହି ନାହାନ୍ତି।'

'ନା—ନା—ନା—ମୁଁ ଏ ବୃତ୍ତି ଅବଲମ୍ବନ କରିଛି ମୋର ସ୍ୱାର୍ଥ ସିଦ୍ଧି ପାଇଁ··· ସଂସାରରେ ଅନେକ ମୋର ନିଜର ଲୋକ ଅଛନ୍ତି କିନ୍ତୁ ମୁଁ ଯାହାର ତାକୁ ତ ମୁଁ ହରାଇଛି—। ମୁଁ ଯେଉଁଦିନ ଠାରୁ ତାଙ୍କ ଠାରୁ ବିଚ୍ଛିନ୍ନ ହେଲି—ସେହି ଦିନଠାରୁ ମୁଁ ନିୟମ କରିଛି ତାଙ୍କ ସହିତ ପୁଣି ଦେଖା ନ ହେବା ପର୍ଯ୍ୟନ୍ତ ମୋର ଏହି ବେଶ ଥିବ। ତୁମେ କାହିଁକି ନିଜକୁ ଏ ବେଶରେ ଭୁଲୁଛ।'' ତରୁଣୀର ମୁଖଟି କକ୍ଷାରେ ଉଦ୍ଧତ ଅଭକ୍ତ · ପଡ଼ିଗଲା—ଅଖି ଦୁଇଟି ଲୁହ ଧାରରେ ପୋଛିଲା। × ×

ପୁରୁଷ ଗୋଟାଏ ଦୀର୍ଘନିଶ୍ୱାସ ଛାଡ଼ିଲା। ତା' ପରେ ଅଲଗ୍ନ ଦଳି ଗୋଟାଏ ଦୁଃଖ ଭରିତ ସ୍ୱରରେ —ମୋ କଥା ଶୁଣିବ—ସେଗୁଡ଼ାକ ଶୁଣି ତମର ଯେ ଲାଭ ହେବ ନାହିଁ। ତମର ଯେବେ ଇଚ୍ଛା ତେବେ ଅଗ୍ରହ ହେଉଛ ତେବେ ଶୁଣିପାର···।

'ମୁଁ—ମୁଁ ଥିଲି ଗୋଟାଏ ଗରିବ ଲୋକ—କିନ୍ତୁ ମୋ ପରେ ଧନ ଶାଇବାକୁ—ମୁଁ ପିଲାଟିଏ ହୋଇଥିଲି ବାପ ମା ମୋତେ ଛାଡ଼ିଦେଇ ଗୁଲିଗଲେ—ମୁଲ ଲାଗି ମୋ ପେଟ ପୋଷୁଥିଲି ଯେତେବେଳେ ମୋ ବୟସ ଯୌବନର ପ୍ରଥମ ସୋପାନରେ ପାଦ ଥୋଇଲା—ସେତେବେଳେ ମୁଁ ଭଲ ପାଇଲି ଜଣକୁ ସେହି ଜଣକ ପାଇଁ ମୁଁ ପାଗଳ ହୋଇଗଲି—କିପରି ତାକୁ ମୁଁ ପାଇବି ? ···ସେଥିରେ ତାକୁର ମୋ ଜୀବନର ସାଙ୍ଗ କରିଥିଲି।

ତରୁଣୀର ଦେହ ଗୋଟାଏ ଅଜଣା ଶୀତରେ ଶୀଟେଇ ଉଠିଲା।

···ତାହିଁ ତ ?

'ହଁ ! ସେହି ଦିନଠାରୁ ମୁଁ ତାକୁ ଅଧିକ ଭଲ ପାଇଲି—ତାର ଫୁଲ ମୁହଁଟିକୁ ଦେଖି ମୋର ଦୁଃଖି ଜୀବନର ସମସ୍ତ ଦୁଃଖ କଷ୍ଟ ଭୁଲି ଯାଉଥିଲି। ମୁଁ ଯେତେବେଳେ ତାହାର ଲାଲ ଟୁକୁଟୁକୁ ଗାଲ ଦୁଇଟିରେ ଗୋଟିଏ ଚୁମ୍ବନ ଦେଇ ଦେଉଥିଲି ସେ ନିର୍ମିମେଷରେ ହସି ଯାଇ କହୁଥିଲା, 'ସବୁବେଳେ ଖାଲି ସେଇକଥା—ମଣିଷର ଚାମଡ଼ାମ କରିବାକୁ ଦେଇନା —ଦୁଷ୍ଟ···।' ମୁଁ ତାକୁ ଛାତି ଉପରକୁ ଟାଣିଆଣି କହାଇ ଦେଉଥିଲି ଅଜସ୍ର ଚେତେ ଚୁମ୍ବନ।'

ପୁରୁଷ ଏଥିରେ କଅଣଗୁଡ଼ାଏ ଭାବିବାକୁ ଲାଗିଲା। ତରୁଣୀର ଦେହ ଅସହ୍ୟ ବେଦନାରେ ଶିହରି ଉଠିଲା—କିନ୍ତୁ··।

'ହଁ—ହଁ—ତୁମେ ସେପରି କେବେ ନ ଥିଲା ନାହିଁ···ଶୁଣ,—ଅମର ଏ ସୁଖ ଭଗବାନ ସହ୍ୟ କରିପାରିଲେନି—ଦିନେ ସେ ଯାଇଥିଲା ଜଙ୍ଗଲକୁ କାଠ ଅଣିବାକୁ—'

ତରୁଣୀଟି ହଠାତ ଚମକି ଉଠିଲା···ତାହିଁ ତ ? ତା' ଯିବା ପରେ ପରେ ହେଲା ଏକ ଭୀଷଣ ଝଡ଼ —ତାପରେ ମାଡ଼ିଅସିଲା ଗୋଟାଏ ନିର୍ଦ୍ଦୟ ଅନ୍ଧକାର

( ଅବଶିଷ୍ଟ ୯ମ ପୃଷ୍ଠାରେ ଦେଖନ୍ତୁ )

Digitized by srujanika@gmail.com

'ଡଗର'ର ଷଷ୍ଠ ଶୁଭ ଜନ୍ମଦିନ ଉପଲକ୍ଷେ—

# ଆଶୀର୍ବାଣୀ

### କବିବର ଓ କବିଶେଖର ଶ୍ରୀ ଚିନ୍ତାମଣି ମହାନ୍ତି—

"ଡଗର"ର ବର୍ତ୍ତମାନ ଶୈଶବାବସ୍ଥା କିନ୍ତୁ ସେ ପକ୍ୱବୁଦ୍ଧି ପ୍ରୌଢ଼ ପରି କାର୍ଯ୍ୟ କରୁଥିବାର ଦେଖି ମୁଁ ମୁଗ୍ଧ ହୋଇଅଛି। ଏହା ହାସ୍ୟରସାଶ୍ରିତ ପତ୍ର। ହାସ୍ୟରସ ସାହିତ୍ୟର ଗୋଟିଏ ବିଶେଷ ବିଭାଗ। "ଡଗର" ପରିହାସରେ ଉଜ୍ଜ୍ୱଳ ହୋଇ ଉଠୁଅଛି। ନୀତି ଏବଂ ଗାମ୍ଭୀର୍ଯ୍ୟ ପରିହାସର ମହତ୍ତ୍ୱ ଏବଂ ଉଦ୍ଦେଶ୍ୟକୁ ବର୍ଦ୍ଧିତ କରେ। ଶତ ଉପଦେଶ ଯେଉଁଠାରେ ବିଫଳ ହୁଏ, ସେଠି ମାତ୍ର ପରିହାସ ସେଠାରେ କାର୍ଯ୍ୟ ସାଧନ କରେ। ଡଗରର ଗୋଟିଏ ଗୋଟିଏ ସାମାନ୍ୟ ସନ୍ଦର୍ଭରେ ମହତ୍ ଆଦର୍ଶ ଭାସି ଉଠୁଥାଏ। ଏହି ଆଦର୍ଶ ସୃଷ୍ଟି ଡଗରର ବିଶେଷତ୍ୱ। ଅପ୍ରିୟ ସତ୍ୟକଥା, ତୀବ୍ର ଶବ୍ଦ ଏବଂ [illegible] ନିର୍ଭୀକ ସମାଲୋଚନା ତାହାର ସମ୍ପାଦକୀୟ ମହତ୍ତ୍ୱର ଆଦର୍ଶ ପ୍ରଦର୍ଶନ କରେ। ପରିହାସରସିକ "ଡଗର" ବଞ୍ଚି ରହି ସମାଜର ଶୁଦ୍ଧପୂତ ଜୀବନ ଗଠନରେ ସହାୟତା କରୁ। ତାହାପ୍ରତି ଏହା ହିଁ ମୋର ଜୀବନର ସାୟଂକାଳୀନ ଆଶୀର୍ବାଣୀ।

---

### ଓଡ଼ିଆ ଭାଷାକୋଷ ପ୍ରଣେତା ରାୟ ବାହାଦୁର ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ—

'ଡଗର' ତା ଜୀବନର ୫ ବର୍ଷ ଅତିକ୍ରମ କରି ଷଷ୍ଠ ବର୍ଷରେ ପଦାର୍ପଣ କଲା। ଏଥିପାଇଁ ତାକୁ ମୁଁ ଅଭିନନ୍ଦନ କରୁଛି ଓ ଆଶୀର୍ବାଦ କରୁଛି ଯେ ସେ ଦୀର୍ଘଜୀବୀ ହୋଇ ଓଡ଼ିଶାରେ 'ଡଗର' ଫଣ କରୁଥାଉ—ଓଡ଼ିଶାରେ ଓ ଓଡ଼ିଆ ଭାଷାରେ ପତ୍ର ପତ୍ରିକା ଚଳାଇବା କେତେଦୂର କଷ୍ଟସାଧ୍ୟ କଥା, ଏହା ମୁଁ ଗତ ୫୦ ବର୍ଷର ଅନୁଭୂତିରୁ ଜାଣେ। ଏ ପତ୍ରଖଣ୍ଡି ଉତ୍କଳର ସାହିତ୍ୟ କ୍ଷେତ୍ରରେ ଗୋଟିଏ ବିଶିଷ୍ଟ ସ୍ଥାନ ଅଧିକାର କରିଛି, ଏଥିରେ ସନ୍ଦେହ ନାହିଁ। ନାନା ଭାଗ୍ୟ ବିପର୍ଯ୍ୟୟରେ ଏ ବଞ୍ଚିଛି, ଏଥିପାଇଁ ମୋର ଯେତିକି ଆନନ୍ଦ ହେଉଛି, ଭବିଷ୍ୟତରେ ଏ ଦୀର୍ଘଜୀବୀ ହୋଇ ରହିବ, ଏ ଆଶାରେ ମୋର ତା ଅପେକ୍ଷା ବେଶି ଆନନ୍ଦ ହେଉଛି। ଆଶୀର୍ବାଦ କରି ରହିଲି।

---

### ଉତ୍କଳ ସାହିତ୍ୟ ସମାଜ ସମ୍ପାଦକ ଶ୍ରୀ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ବି. ଏ. ବି. ଏଲ୍.—

"ଡଗର" ରସରାଜ୍ୟର ବାର୍ତ୍ତାବହ। ଗତ ପାଞ୍ଚ ବର୍ଷର "ଡଗର"ର ପ୍ରତି ପଂକ୍ତି ମୁଁ ଭୋଗ କରିଛି। "ଡଗର" ସଂପାଦନା ଉପରେ ପ୍ରତିଭାର ସ୍ପଷ୍ଟ ମୁଦ୍ରା ଅଙ୍କିତ ଥାଏ। "ଡଗର" ଅନେକ ସାହିତ୍ୟସେବୀଙ୍କୁ ରସରାଜ୍ୟକୁ ଉନ୍ନୀତ କରିଛି। "ଡଗର"ର ସଂଗଠନ ବୃତ୍ତିକାପି ଚିରସ୍ମରଣୀୟ ଏହା ମୋର ପ୍ରତ୍ୟକ୍ଷ ଅନୁଭୂତ। "ଡଗର"ର ରସମୟୀ ଭାଷା ଓ ମାର୍ଜିତ ରୁଚି ଉତ୍କଳର ସାରସ୍ୱତ ଦରବାରରେ "ଡଗର"କୁ ସମ୍ମାନାସ୍ପଦ ଉଚ୍ଚସ୍ଥାନ ପ୍ରଦାନ କରିଛି। "ଡଗର"ର ପଟାନ୍ତର ଏହା "ଡଗର"। ଉତ୍କଳର ଆବାଳବୃଦ୍ଧବନିତାଙ୍କ ନିକଟରେ "ଡଗର" ଯେ କେତେଦୂର ପ୍ରିୟ ଓ କେତେ ଆଦରଣୀୟ ମୁଁ ଯଥାଯଥ ଭାବରେ ତାହା ବର୍ଣ୍ଣନା କରିପାରୁ ନାହିଁ। "ଡଗର"ର ସୂତ୍ରଧର ସୁଜନପ୍ରିୟ କାନ୍ତକବି ଶ୍ରଦ୍ଧେୟ ଲକ୍ଷ୍ମୀକାନ୍ତ ଓ ବର୍ତ୍ତମାନ କାର୍ଯ୍ୟବାହୀ ସଂପାଦକ ଶ୍ରଦ୍ଧେୟ ଶ୍ରୀମାନ୍ ନିତ୍ୟାନନ୍ଦ ଅନବଦ୍ୟଂ [illegible] ଯେ ଉତ୍କଳରେ ଯୁଗେ ଯୁଗେ ପୂଜା ପାଇବେ। ପିତା ପୁତ୍ର ଉଭୟଙ୍କ ପ୍ରତିଭା ଅନେକଙ୍କର ଈର୍ଷିତ ହେଲେ ସୁଦ୍ଧା କାହାରି ପକ୍ଷରେ ସହଜ ଲଭ୍ୟ ନୁହେଁ। ଉତ୍କଳ ଜନନୀର ଜଣେ ଅଧମ ପୁତ୍ର ରୂପେ ମୁଁ ଉଭୟଙ୍କ ପ୍ରତିଭା ଯେଉଁ ଯଥାର୍ଥ ଗୌରବ ଅନୁଭବ କରୁଅଛି। ପ୍ରଭୁ ଉଭୟଙ୍କୁ ଦୀର୍ଘଜୀବନ ପ୍ରଦାନ କରନ୍ତୁ ଓ ଉଭୟଙ୍କ ଲେଖନୀକୁ ବଜ୍ର କରନ୍ତୁ ଏହା ପ୍ରତ୍ୟେକ ଉତ୍କଳୀୟ ଆନ୍ତରିକ ପ୍ରାର୍ଥନା। ଦୁହିଙ୍କ ପ୍ରତିଭାର ପ୍ରତୀକ ରୂପେ "ଡଗର" ଉତ୍କଳରେ ଅମରତ୍ୱ ପାଇ ଚିରଜୀବୀ ହୋଇଥାଉ ଜଗନ୍ନିୟନ୍ତାଙ୍କ ନିକଟରେ ମୋର ଏହା ମାତ୍ର ଜଣାଣି।

---

### ପ୍ରବୀଣ ସାହିତ୍ୟିକ ଶ୍ରୀ କାଳିନ୍ଦୀଚରଣ ପାଣିଗ୍ରାହୀ ବି. ଏ. ଲେଖନ୍ତି—

"ଡଗର"ର ପାଞ୍ଚ ବର୍ଷ ପୂରିଲାରୁ ତାକୁ ଉତ୍ସାହ ଦେବା ନିମନ୍ତେ କିଛି [illegible] ଇଚ୍ଛା ହୁଏ ନାହିଁ। ଏହାର ପହିଲି କାରଣ, ମୋ ଲେଖାରେ ଏତେଗୁଡ଼ାଏ ଉତ୍ସାହବାଣୀ [illegible] ଆଉ [illegible] ପଢ଼ିବାକୁ [illegible] ପାଇଁ ଥୋଡ଼େ ବାକି ରହିବ। ଦ୍ୱିତୀୟ କାରଣ, କାହାର ଉତ୍ସାହକୁ କି ଅପେକ୍ଷା "ଡଗର" ଅନେକଙ୍କୁ ଉତ୍ସାହିତ କରିଛି—କାହାକୁ କୁତୁକୁତୁ କରି, କାହାକୁ [illegible], କାହାକୁ ଚିମୁଟି ଦେଇ, ଆଉ କାହା [illegible]। ତାହାର [illegible] ନାମଜାଦା ଓଡ଼ିଆ ରାଜା ମହାରାଜାମାନେ ନିଜେ "ଡଗର"କୁ ସାଦର [illegible] କରିବାର ମୋ କାନ ଶୁଣିଛି। [illegible] ପିଲାଙ୍କ ହାତରେ "ଡଗର" ଧରା ହୋଇ ଥିବାର ମୋ ଆଖି ଦେଖିଛି। ଏଥିରେ [illegible] ଉତ୍ସାହ ପାଇଲେ "ଡଗର" ଆଉ ବାକି ରଖିବଟି? ତେବେ ନିହାତି ଦରକାର ହେଲେ କହିବି। "ଡଗର [illegible] ହେଲା!"

Digitized by srujanika@gmail.com

'ଡଗର'ର ୬ଷ୍ଠ ଶୁଭ ଜନ୍ମଦିନ ଉପଲକ୍ଷେ —

# ଆଶୀର୍ବାଣୀ

**କବିବର ଓ କବିଶେଖର ଶ୍ରୀ ଚିନ୍ତାମଣି ମହାନ୍ତି —**

"ଡଗର"ର ବର୍ତ୍ତମାନ ଶୈଶବାବସ୍ଥା କିନ୍ତୁ ସେ ଯଥେଷ୍ଟ ପ୍ରୌଢ଼ ପରି କାର୍ଯ୍ୟ କରୁଥିବାର ଦେଖି ମୁଁ ମୁଗ୍ଧ ହୋଇଅଛି । ଏହା ହାସ୍ୟରସାଶ୍ରିତ ପତ୍ର । ହାସ୍ୟରସ ସାହିତ୍ୟର ଗୋଟିଏ ବିଶେଷ ବିଭାଗ । "ଡଗର" ପରିହାସରେ ବୋଲି ହୋଇ ଯାଉଛି । ନୀତି ଏବଂ ଗାମ୍ଭୀର୍ଯ୍ୟ ପରିହାସର ମହତ୍ତ୍ୱ ଏବଂ ଉପାଦେୟତା ବଢ଼ାଇଦିଏ । ଶତ ଉପଦେଶ ଯେଉଁଠାରେ ବିଫଳ ହୁଏ, ସେଠି ମାତ୍ର ପରିହାସ ସେଠାରେ କାର୍ଯ୍ୟ ସାଧନ କରେ । ଡଗରର ଗୋଟିଏ ଗୋଟିଏ ସାମାନ୍ୟ ସନ୍ଦର୍ଭରେ ମହତ୍ର ଆଦର୍ଶ ଆଭାସି ଉଠୁଥାଏ । ଏହି ଆଦର୍ଶ ସୃଷ୍ଟି ଡଗରର ବିଶେଷତ୍ୱ । ଅପ୍ରିୟ ସତ୍ୟକଥା, ସରସ ଶବ୍ଦ ଏବଂ ସୁଚିନ୍ତିତ ନିର୍ଭୀକ ସମାଲୋଚନା ତାହାର ସମ୍ପାଦକୀୟ ମହତ୍ତ୍ୱର ଆଦର୍ଶ ପ୍ରଦର୍ଶନ କରେ । ପରିହାସରସିକ "ଡଗର" ବଞ୍ଚି ରହି ସମାଜର ଶୁଦ୍ଧିମୂଳ ଜୀବନ ଗଠନରେ ସହାୟତା କରୁ । ତାହାପ୍ରତି ଏହା ହିଁ ମୋର ଜୀବନର ସାୟଂକାଳୀନ ଆଶୀର୍ବାଣୀ ।

---

**ଓଡ଼ିଆ ଭାଷାକୋଷ ପ୍ରଣେତା ରାଏ ବାହାଦୁର ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ —**

'ଡଗର' ତା ଜୀବନର ୫ ବର୍ଷ ଅତିକ୍ରମ କରି ଷଷ୍ଠ ବର୍ଷରେ ପଦାର୍ପଣ କଲା । ଏଥିପାଇଁ ତାକୁ ମୁଁ ଅଭିନନ୍ଦନ କରୁଛି ଓ ଆଶୀର୍ବାଦ କରୁଛି ଯେ ସେ ଦୀର୍ଘଜୀବୀ ହୋଇ ଓଡ଼ିଶାରେ 'ଡଗର' ପଣ କରୁଥାଉ—ଓଡ଼ିଶାରେ ଓ ଓଡ଼ିଆ ଭାଷାରେ ପତ୍ର ପତ୍ରିକା ଚଳାଇବା କେତେଦୂର କଷ୍ଟସାଧ୍ୟ କଥା, ଏହା ମୁଁ ଗତ ୫୦ ବର୍ଷର ଅନୁଭୂତିରୁ ଜାଣେ । ଏ ପତ୍ରଖଣ୍ଡି ଉତ୍କଳର ସାହିତ୍ୟ କ୍ଷେତ୍ରରେ ଗୋଟିଏ ବିଶିଷ୍ଟ ସ୍ଥାନ ଅଧିକାର କରିଛି, ଏଥିରେ ସନ୍ଦେହ ନାହିଁ । ନାନା ଭାଗ୍ୟ ବିପର୍ଯ୍ୟୟରେ ଏ ବଞ୍ଚିଛି, ଏଥିପାଇଁ ମୋର ଯେତିକି ଆନନ୍ଦ ହେଉଛି, ଭବିଷ୍ୟତରେ ଏ ଦୀର୍ଘଜୀବୀ ହୋଇ ରହିବ, ଏ ଆଶାରେ ମୋର ତା ଅପେକ୍ଷା ବେଶି ଆନନ୍ଦ ହେଉଛି । ଆଶୀର୍ବାଦ କରି ରହିଲି ।

---

**ଉତ୍କଳ ସାହିତ୍ୟ ସମାଜ ସମ୍ପାଦକ ଶ୍ରୀ ବିଛନ୍ଦ ଚରଣ ପଟ୍ଟନାୟକ ବି. ଏ. ବି. ଏଲ୍. —**

"ଡଗର" ରସରାଜ୍ୟର ବାର୍ତ୍ତାବହ । ଗତ ପାଞ୍ଚ ବର୍ଷର "ଡଗର"ର ପ୍ରତି ପଂକ୍ତି ମୁଁ ଉପଭୋଗ କରିଛି । "ଡଗର" ସମ୍ପାଦନା ଉପରେ ପ୍ରତିଭାର ସ୍ପଷ୍ଟ ମୁଦ୍ରା ଅଙ୍କିତ ଥାଏ । "ଡଗର" ଅନେକ ସାହିତ୍ୟସେବୀଙ୍କୁ ରସରାଜ୍ୟକୁ ଦୀକ୍ଷିତ କରିଛି । "ଡଗର"ର ସଂସର୍ଗରେ ବୃଦ୍ଧୋପି ତରୁଣାୟତେ ଏହା ମୋର ପ୍ରତ୍ୟକ୍ଷ ଅନୁଭୂତି । "ଡଗର"ର ରସମୟୀ ଭାଷା ଓ ମାର୍ଜିତ ରୁଚି ଉତ୍କଳର ସାରସ୍ୱତ ଦରବାରରେ "ଡଗର"କୁ ସମ୍ମାନାସ୍ପଦ ଉଚ୍ଚସ୍ଥାନ ପ୍ରଦାନ କରିଛି । "ଡଗର"ର ପଟାନ୍ତର ଏକା "ଡଗର" । ଉତ୍କଳର ଆବାଳବୃଦ୍ଧବନିତାଙ୍କ ନିକଟରେ "ଡଗର" ଯେ କେତେଦୂର ପ୍ରିୟ ଓ କେତେ ଆଦରଣୀୟ ମୁଁ ଯଥାଯଥ ଭାବରେ ତାହା ବର୍ଣ୍ଣନା କରିପାରୁ ନାହିଁ । "ଡଗର"ର ସୂତ୍ରଧର ସ୍ୱନାମଧନ୍ୟ କାନ୍ତକବି ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ଓ ବର୍ତ୍ତମାନ କାରାବାସୀ ସମ୍ପାଦକ ଶ୍ରଦ୍ଧେୟ ଶ୍ରୀମାନ୍ ନିତ୍ୟାନନ୍ଦ ଅନବଦ୍ୟ ଚରିତ୍ରୋତ୍କର୍ଷ ଯେ ଉତ୍କଳରେ ଯୁଗେ ଯୁଗେ ପୂଜା ପାଇବେ । ପିତା ପୁତ୍ର ଉଭୟଙ୍କ ପ୍ରତିଭା ଅନେକଙ୍କର ଈର୍ଷିତ ଥିଲେ ସୁଦ୍ଧା ତାହାରି ପକ୍ଷରେ ସହଜ ଲଭ୍ୟ ନୁହେଁ । ଉତ୍କଳ ଜନନୀର ଜଣେ ଅଧମ ପୁତ୍ର ରୂପେ ମୁଁ ଉଭୟଙ୍କ ପ୍ରତିଭା ଯେପରି ଯଥାର୍ଥ ଭାବେ ଅନୁଭବ କରିଥାଏ । ପ୍ରଭୁ ଉଭୟଙ୍କୁ ଦୀର୍ଘଜୀବନ ପ୍ରଦାନ କରନ୍ତୁ ଓ ଉଭୟଙ୍କ ଲେଖଣୀକୁ ଜୟଯୁକ୍ତ କରନ୍ତୁ ଏହା ପ୍ରତ୍ୟେକ ଉତ୍କଳୀୟ ଅନ୍ତରର ପ୍ରାର୍ଥନା । ଦୁହିଙ୍କ ପ୍ରଚ୍ଛଦର ପ୍ରତୀକ ରୂପେ "ଡଗର" ଉତ୍କଳରେ ଅମରତ୍ୱ ପାଇଁ ଚିରଜୀବୀ ହୋଇଥାଉ ଜଗନ୍ନିୟନ୍ତାଙ୍କ ନିକଟରେ ମୋର ଏହି ମାତ୍ର ଜଣାଣ ।

---

**ପ୍ରବୀଣ ସାହିତ୍ୟିକ ଶ୍ରୀ କାଳିନ୍ଦୀଚରଣ ପାଣିଗ୍ରାହୀ ବି. ଏ. ଲେଖନ୍ତି —**

"ଡଗର"ର ପାଞ୍ଚ ବର୍ଷ ପୂରିଲାରୁ ତାକୁ ଉତ୍ସାହ ଦେବା ଆମ ନିକଟ ବେଶିକା ଇଚ୍ଛା ନୁହେଁ । ଏହାର ପହିଲି କାରଣ, ସେ କୁଆଡ଼େ ଏତେଗୁଡ଼ାଏ ଉତ୍ସାହବାଣୀ ପାଇ ସାରିଲାଣି ଯେ ନୂତନ ସଂଖ୍ୟାରେ ଆଉ ... ପଶିବାକୁ ଜାଗା ଥୋଇ ବାକି ରହିନି । ଦ୍ୱିତୀୟ କାରଣ, ତାହାର ଉତ୍ସାହକୁ ମୁଁ ଦେଖେ "ଡଗର" ଅନେକଙ୍କୁ ଉତ୍ସାହିତ କରିଛି—କାହାକୁ କୁତୁକୁତୁ କରି, କାହାକୁ ଖତେଇ ହୁଟୁପୁଟେଇ, କାହାରିକୁ ଚିମୁଟି ଦେଇ, ଆଉ କାହା ପିଠିରେ ମୁଥ ବୋଲା ମାରି ଦେଇ । ତାହାର ବଳ-ବିକ୍ରମର ଯେମିତି ଗାପ ଶୁଣି ଅଛି, ରାମାୟଣ ହନୁମନ୍ତଙ୍କ ଠାରୁ ଯେମିତି ... ପାଇଛି । ନାମଜାଦା ଓଡ଼ିଆ ରାଜା ମହାରାଜାମାନେ ନିଜକଣ୍ଠରେ "ଡଗର"କୁ ସାବାସ୍ କହିବାର ମୋ କାନ ଶୁଣିଛି । ମଫସଲ ମଝିଆ ପିଲାଙ୍କ ହାତରେ "ଡଗର" ଧରା ହୋଇ ଥିବାର ମୋ ଆଖି ଦେଖିଛି । ଏଥିରେ ମୁଁ ମୋ ହାତରୁ ଉପରୁ ଉତ୍ସାହ ପାଇଲେ "ଡଗର" ଆଉ ବାକି ରଖିବଟି ? ତେବେ ନିହାତି ଦରକାର ହେଲେ କହିବି । "ଡଗରର ମୁଣ୍ଡ କୁ-ମୁଣ୍ଡ ହେଉ ।"

Digitized by srujanika@gmail.com




## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଶିଶୁମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଉପରର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

( ୮ ବର୍ଷରୁ ୧୬ଶ ବାଳକ ବାଳିକାମାନଙ୍କ ପାଇଁ )

## ଫିଲିପାଇନ ।

ସୁଦୂର ପ୍ରଶାନ୍ତ ମହାସାଗରରେ ଜାଭା ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପର ଉତ୍ତର ପୂର୍ବ ଦିଗରେ ଫିଲିପାଇନ ଦ୍ୱୀପପୁଞ୍ଜ ଅବସ୍ଥିତ । ପ୍ରାକୃତିକ ସମ୍ପଦରେ ଏହା ପରିପୂର୍ଣ୍ଣ । ଫିଲିପାଇନ ଦ୍ୱୀପର ସଂଖ୍ୟା ଅନେକ । ଛୋଟ ବଡ଼ ମିଶି ସାତ ହଜାରରୁ ଉପର । କିନ୍ତୁ ଏସବୁ ଦ୍ୱୀପର ତିନି ଭାଗରୁ ଦୁଇଭାଗ ମାତ୍ର ଜନବସତି ଅଛି । ଏମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ଦ୍ୱୀପ ହେଉଅଛି ଲୁଜନ ଓ ମିଣ୍ଡାନୋ ।

ଲୁଜନର ଆୟତନ ହେଉଛି ୪୦,୮୧୪ ବର୍ଗ ମାଇଲ ଓ ମିଣ୍ଡାନୋ ହେଉଛି ୩୬,୯୦୬ ବର୍ଗ ମାଇଲ । ଆଉ ବାକି ସବୁ ଦ୍ୱୀପ ଗୁଡ଼ିକ କେହି ଏକ ବର୍ଗ ମାଇଲରୁ ବେଶୀ ନୁହେଁ ।

ଫିଲିପାଇନ ଦ୍ୱୀପ ପୁଞ୍ଜର ଜଳବାୟୁର ବୈଷମ୍ୟତା ଦେଖାଯାଏ । ଲୁଜନର ପାର୍ବତ୍ୟ ଅଞ୍ଚଳରେ ରାତିରେ ବରଫ ପଡ଼େ ଅଥଚ ମିଣ୍ଡାନୋର ତାର ଠିକ ଓଲଟା । ସେଠାରେ ସବୁ ସମୟରେ ଖୁବ୍ ଗରମ ହୁଏ, ପ୍ରବଳ ବର୍ଷା ମଧ୍ୟ ହୁଏ । ସେଠାରେ ଟାଇଫୁନ ନାମକ ପ୍ରବଳ ଝଞ୍ଜା ମଧ୍ୟ ବହେ । ଏ ଦ୍ୱୀପ ଗୁଡ଼ିକ ଭିତରୁ କେତେକ ଗୁଡ଼ିଏ ସନ୍ତସନ୍ତିଆ ଓ ମେଲେରିଆର ଜନ୍ମସ୍ଥଳୀ ଓ ଅନ୍ୟ ଗୁଡ଼ିକର ଜଳବାୟୁ ବେଶ ସ୍ୱାସ୍ଥ୍ୟକର । ଏହି ଦ୍ୱୀପପୁଞ୍ଜର ପ୍ରାକୃତିକ ଦୃଶ୍ୟାବଳୀ ନୟନମନ ମୁଗ୍ଧ କରେ । ପ୍ରକୃତି ଦେବୀ ତାଙ୍କର ସୌନ୍ଦର୍ଯ୍ୟର ପସରା ଏଠାରେ ଅଜାଡ଼ି ଦେଇଛନ୍ତି । ସୌନ୍ଦର୍ଯ୍ୟ ପିପାସୁ ଆମେରିକାନ ଧନିକମାନେ ବର୍ଷର ଅଧିକାଂଶ ସମୟ ଏଠାରେ କଟାନ୍ତି ।

ଏହି ଦ୍ୱୀପ ଗୁଡ଼ିକର ପ୍ରଧାନ ଉତ୍ପନ୍ନ ଦ୍ରବ୍ୟ ହେଉଛି ଧାନ, ଶିମ୍ବ, ମକା, ଧୂଆଁପତ୍ର, ନଡ଼ିଆ ଗଛର ପ୍ରଭୃତି ।

ଲୁଜନସ୍ଥ ମାନିଲା ସହରଟି ଏହି ଦ୍ୱୀପମାଳାର ରାଜଧାନୀ । ମାନିଲା ଆଧୁନିକ ରୁଚି ସମ୍ପର୍ଣ୍ଣ ନଗର ଓ ନୌବନ୍ଦର । ଆମେରିକାନ ଧନି ବ୍ୟବସାୟୀମାନଙ୍କର ବୃହତ ପ୍ରାସାଦ ଶ୍ରେଣୀରେ ସହରଟି ପୂର୍ଣ୍ଣ ହୋଇ ରହିଛି । ମାନିଲା ଚୁରୁଟ (ଧୂଆଁପତ୍ର) ଓ ଚୁରୁଟ ଖୁବ୍ ଦାମୀ ଓ ପୃଥିବୀ ବିଖ୍ୟାତ ।

୧୯୩୨ ସାଲର ସେନ୍‌ସସ୍ ରିପୋର୍ଟ ଅନୁସାରେ ଏହି ଦ୍ୱୀପର ଲୋକ ସଂଖ୍ୟା ହେଉଛି ଏକ କୋଟି ଦଶଲକ୍ଷ । ତନ୍ମଧ୍ୟରୁ ଚିନା ୭୫୦୦୦ରୁ ଉପର ଜାପାନୀ ୧୯୦୦୦ ଆମେରିକାନ୍ ୭୦୦୦, ସ୍ପେନୀୟ ୫୦୦୦ ଅନ୍ୟ ସମସ୍ତ ଆଦିମ ଅଧିବାସୀ । ଏହି ଦ୍ୱୀପର ଶତକଡ଼ା ୯୦ ଜଣ ଲୋକ ଖ୍ରୀଷ୍ଟିୟାନ ।

ଫିଲିପାଇନର ପ୍ରାକୃତିକ ସମ୍ପଦ ଛଡ଼ା ସାମରିକ ଘାଟି ହିସାବରେ ଗୁରୁତ୍ୱ କମ ନୁହେଁ । ପ୍ରଶାନ୍ତ ମହାସାଗରରେ ଓ ସୁଦୂର ପୂର୍ବ ଅଞ୍ଚଳରେ ବାଣିଜ୍ୟ ଅକ୍ଷୁର୍ଣ୍ଣ ରଖିବା ନିମିତ୍ତ ଆମେରିକା ଫିଲିପାଇନରେ ନୌଘାଟି ଓ ସାମରିକ ଘାଟିମାନ ସ୍ଥାପନ କରିଥିଲା ।

ଫିଲିପାଇନ ଦ୍ୱୀପ ପ୍ରଥମେ ସ୍ପେନ ଅଧିକାରରେ ଥିଲା । ସ୍ପେନୀୟମାନଙ୍କ ଦ୍ୱାରା ଏଠାରେ ଖ୍ରୀଷ୍ଟଧର୍ମ ପ୍ରବର୍ତ୍ତିତ ହୋଇଥିଲା । ସ୍ପେନୀୟମାନଙ୍କ ସଭ୍ୟତା ଏଠାକାର ଆଦିମବାସୀଙ୍କ ଉପରେ ପ୍ରଭାବ ବିସ୍ତାର କରିବାର ଜଣାପଡ଼େ । ୧୮୯୯ ସାଲରେ ସ୍ପେନ ବିରୁଦ୍ଧରେ ଯୁକ୍ତରାଷ୍ଟ୍ର ଆମେରିକାର ଯୁଦ୍ଧ ଘୋଷଣା କରେ ଏବଂ ପ୍ରଥମେ ଫିଲିପାଇନ ଦ୍ୱୀପପୁଞ୍ଜ ଆକ୍ରମଣ କରେ । ସେହି ଦିନରୁ ଯୁକ୍ତରାଷ୍ଟ୍ରର ଅଧିନରେ ଥିଲା । ତେବେ କେତେବର୍ଷ ଧରି ଫିଲିପାଇନରେ ରାଜନୈତିକ ଆନ୍ଦୋଳନ ଖୁବ୍ ଜୋର ଯୋରରେ ଚାଲିଥିଲା । ଫଳରେ ଯୁକ୍ତରାଷ୍ଟ୍ର ଆମେରିକା ୧୯୩୪ ସାଲରେ 'ଟାଇଡିଂସ୍ ମାକ୍‌ଡଫି ବିଲ୍' ଦ୍ୱାରା ଏକ ପ୍ରକାର ପରୀକ୍ଷା ମୂଳକ ସ୍ୱାୟତ୍ତ ଶାସନ ଘୋଷଣା କଲା । ଏହା ଦ୍ୱାରା ଫିଲିପାଇନ ଆଂଶିକ ସ୍ୱାୟତ୍ତ ଶାସନ ପାଇଲା । ସେ ବିଲରେ ଏହି ସର୍ତ୍ତ ଥିଲା ଯେ ୧୯୪୬ରେ ସମ୍ପୂର୍ଣ୍ଣ ଭାବରେ ସ୍ୱାୟତ୍ତ ଶାସନ ମିଳିବ ଓ ଆମେରିକା ତାର ସମସ୍ତ ନୌଘାଟି ଓ ସାମରିକ ଘାଟିମାନ ଉଠାଇ ନେବ ।

କିନ୍ତୁ କାଳର ଗତି ଏପରି ଯେ ୧୯୪୬ ନ ପୁରୁଣୁ ଫିଲିପାଇନ ଅଧିବାସୀ ଯେଉଁ ଟିକିକ ସ୍ୱାଧିନତା ଆସ୍ୱାଦ କରିଥିଲେ ତାହା ମଧ୍ୟ ଆଜି ହରାଇଲେ—ଜାପାନ ଆଜି ସମଗ୍ର ଫିଲିପାଇନକୁ ଗ୍ରାସ କଲାଣି । ଏ ଜାତି ଭାଗ୍ୟାକାଶରେ ପୁଣି କେବେ ସ୍ୱାଧିନତା ଉଦୟ ହେବ କେଜାଣି ?

ଶ୍ରୀ ଲକ୍ଷ୍ମୀଚନ୍ଦ୍ର ମୋହନ ଦାସ ।

Digitized by srujanika@gmail.com

## ପ୍ରଶ୍ନ—ଉତ୍ତର

୫ମ ବର୍ଷ ୨୯ଶ ସଂଖ୍ୟାରେ ଦିଆଯାଇ ଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ନିମ୍ନରେ ଦିଆଗଲେ ।

୧ । ପୃଥିବୀରେ ଫରାସି ଭାଷା (French-Language) ଖୁବ୍ ଶୀଘ୍ରତାର ସହିତ କୁହାଯାଇ ପାରେ ।

୨ । ପୃଥିବୀରେ ୩୦୨୪ଟି ଭାଷାର ପ୍ରଚଳନ ଅଛି ।

୩ । ରୁଷ ରାଜଧାନୀ ମସ୍କୋ ସହରରେ ପୃଥିବୀର ବୃହତ୍ତମ ଘଣ୍ଟା ଅଛି । ଏହାର ନାମ ହେଉଛି "ଆଇସାର-କୋଲୋକୋଲ (Isar Kolokol) ଏହାର ଓଜନ ହେଉଛି ୧୮୦ ଟନ ।

୪ । ପୃଥିବୀର ସବୁଠାରୁ ବଡ଼ ଚିତ୍ର ପ୍ରଦର୍ଶନୀ ଗୃହ (cinema house) ଆମେରିକାର ନିଉୟର୍କ ନଗରରେ ଅଛି । ଏହାର ନାମ ହେଉଛି ରକ୍ସି (Roxy) ଏଥିରେ ଏକାବେଳକେ ୬୦୦୦ ହଜାର ଦର୍ଶକ ବସି ସିନେମା ଦେଖି ପାରିବେ ।

୫ । "His Majesty" ଶବ୍ଦ ଟି ସର୍ବ ପ୍ରଥମେ ଇଂଲଣ୍ଡର ରାଜା ପ୍ରଥମ ଜେମସଙ୍କ (King James I) ସମୟରେ ବ୍ୟବହୃତ ହୋଇଥିଲା ।

୬ । ଇଂରାଜୀର ଯେପରି 'Mister' ଫରାସି ଭାଷାର "Monsieur" ଜର୍ମାନ୍ ଭାଷାରେ Herr' ଡଚ ଭାଷାରେ 'Mynheer' ସ୍ପେନୀୟ ଭାଷାରେ 'Senor' ଓ ଇଟାଲି ଭାଷାରେ 'Signor' ବ୍ୟବହୃତ ବ୍ୟବହାର ହୁଏ ।

—ଃ—

## ନୂଆ ନାଗଙ୍କ ନାମ

୩୭୧—ଶ୍ରୀ ବନମାଳୀ ପାଣିଗ୍ରାହୀ । ବଲାଙ୍ଗୀର ହାଇସ୍କୁଲ । ଅଷ୍ଟମ ଶ୍ରେଣୀ ।

୩୭୨—ସେକ୍ ଜମିରୁଦ୍ଦିନ ଅହମ୍ମଦ ନାରାୟଣ ଦେବ ହାଇସ୍କୁଲ, ଭଦ୍ରକ ।

୩୭୩—ଶ୍ରୀ ନାରାୟଣ ପ୍ରସାଦ ଦେ । Class IX. B. ବାରିପଦା । ହା-ସ୍କୁଲ

୬୩୪—ଶ୍ରୀ ଜଗଦୀଶ ପ୍ରସାଦ ମହାନ୍ତି । ୮ନଂ ଚନ୍ଦ୍ରାବାଡ଼ି । T. R. Type. ଜାମଶେଦପୁର ।

୩୭୫—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ସାଃ ପାରିକୁଲ । ପୋଃ ଜିଃ ବାଲେଶ୍ୱର ।

୩୭୬—ଶ୍ରୀ ରାମଚନ୍ଦ୍ର ସେନାପତି । ସାଃ ବାଲିପାଳ । ପୋ: ଜିଃ ବାଲେଶ୍ୱର ।

୩୭୭—ଶ୍ରୀମତୀ ଶୋଭାମଞ୍ଜରୀ ମହାପାତ୍ର ଗ୍ରାମ ପାରିକୁଲ, ପୋ: ଜିଃ ବାଲେଶ୍ୱର ।

(କ୍ରମାନ୍ୱୟେ ବାହାରିବ)

---

( କାହାଣୀ ୭ ପୃଷ୍ଠା ପରଠାରୁ )

ଯିବି—ସେ ଆଉ ଫେରିଲେନି...ସେ ଝଡ଼ରାତି ମୋ ଭାଗ୍ୟ ଉପରେ ଦେଇ ବହିଗଲା । ସେ ଆଉ ଫେରିଲେ ନାହିଁ—ସେହି ଦିନଠାରୁ ତା' ଓ ମୋ ମଧ୍ୟରେ ପଡ଼ିଲା । ବଞ୍ଚେଇବା ଏକ ବଡ଼ ପରଦା... ତରୁଣୀର ଦେହ ଥରିବାକୁ ଲାଗିଲା—ହୃଦୟ ଫାଟିବାକୁ ଲାଗିଲା ...କାହିଁକି ?

'ମୋ ଘର ପାଖରେ ତାକୁ ଅପେକ୍ଷା କରୁଥିଲି—ଜୀବନ ଯୌବନ ପାଇଁ—କିନ୍ତୁ ସେ ଯେ ଆଉ ଫେରିଲା ନାହିଁ । ମୁଁ ତାହାର ପଥର ଯାତ୍ରୀ ହୋଇ ବାହାରି ଆସିଲି ।

ପୁରୁଷ ପାଖରୁ ନୂଆ ଝରଝର ହୋଇ ନିର୍ଗତ ଆସିଲା—ତରୁଣୀର ମନରେ ସନ୍ଦେହ ଜାଗି ଉଠିଲା—ଭାବିଲା ..ତେବେ ଏ କଅଣ ସେହି... ।

ତରୁଣୀ ସନ୍ଦେହ କମ୍ପିତ ସ୍ୱରରେ ପଚାରିଲା, 'ତାର ବଂଶୀ ଉପହାର କିପରି ତମ ପାଖରେ ଅଛି କି ?"

ପୁରୁଷ ଟିକେ କରି କହି ପକାଇଲା—ହଁ—ହଁ—ଆଜି ତାକୁ ଅଛି ଆଦରରେ ରଖିଛି । ମୋର ତା ସହିତ ଯେଉଁଦିନ ପ୍ରଥମ ମିଳନ ହୁଏ—ମୋର ଉଦ୍ଭାବନ୍ ସହିତ ଅର୍ଥରେ ତଥର କରିବା ମୁଁ ଶିଖାଇ ଦେଲାବେଳେ—ସେ ମୋତେ ଏହି ବଂଶୀ ଉପହାର ଦେଇଥିଲା—ମୁଁ ଭଲ ବଂଶୀ ବଜାଇ ପାରୁଥିଲି ବୋଲି ।

ତରୁଣୀ ଆଉ ବହିବାକୁ ଦେଲାନାହିଁ—ଗୋଡ଼ ଲୁହରା ଧରି ପଚାରି କହିଲା—ମୁଁ ତୁମର ସେହି ଗୋଲାପ ।

ପୁରୁଷ ଚିତ୍କାର କରି ଉଠିଲା—ଗୋଲାପ—ଗୋଲାପ ମୋର ପାଖରେ ... ... । × ×

ହଠାତ ଗୋଟିଏ ଶବ୍ଦରେ ଏମାନଙ୍କର ଚେତା ଆସିଲା । ପାଖରେ ସ୍ୱାମୀ ଜ୍ୟୋତ୍ସ୍ନା ପ୍ଲାବିତ ରାତିରେ... ।

+ × +

ଅନେକ ଦିନ ବିତିଯାଇଛି—ବର୍ତ୍ତମାନ ସେମାନେ ପରସ୍ପର ଭିତରେ କରି ରହିଅଛନ୍ତି । ଭଗବାନ ତାଙ୍କ ହୃଦୟରେ ଦାମ୍ପତ୍ୟ ପ୍ରେମର ଗଙ୍ଗା ପ୍ରବାହିତ କରିଦେଇଛନ୍ତି । ତା ନାହିଁ ଅଳ୍ପ ଅବସରରେ ସେଇ ବଂଶୀ 'ବଂଶୀ' ବର୍ତ୍ତମାନ ସେମାନଙ୍କର କର୍ମକ୍ଳାନ୍ତ ଜୀବନରେ ସୁଖ ଆଣିଛ ସେ ।

+ × +

ଶକ୍ତି ନାହିଁ କିଏ ବାହାର ଜଗତେ,
ଜନ୍ମ ଭ ଦେବ ନିଜ ଇଚ୍ଛାମତେ ।

—ଃ—

---

**WANTED**

Agents to sell "Dagaro" in unrepresented areas. For terms apply to—

Manager, "Dagaro"
P. O. Bhadrak.
Dt. Balasore.

Digitized by srujanika@gmail.com

REG. NO. P. 441 THE DAGARO—16-6-1942.


# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିଃ

ପ୍ରତ୍ୟେକ ଗୃହସ୍ଥ ନିଜ ପରିବାରବର୍ଗଙ୍କ ସନ୍ତାନ ପାଇଁ ବୀମା କରିବା ନିତାନ୍ତ ଅବଶ୍ୟକ ।

ଅନ୍ତର୍ଜାତିକ ପରିସ୍ଥିତି କ୍ରମେ ଜଟିଳ ହୋଇ ଉଠିଥିବା ସମୟରେ ସର୍ବାଧିକ ନିରାପଦ ଭାବରେ ଟଙ୍କା ଲଗାଇବାର ଉତ୍କୃଷ୍ଟ ଉପାୟ ହେଉଛି ଗୋଟିଏ ସୁଦୃଢ଼ ବୀମା ପ୍ରତିଷ୍ଠାନରେ ବୀମା କରିବା ।

ହିନ୍ଦୁସ୍ଥାନ ଗତ ୩୫ ବର୍ଷ ହେଲା ଭାରତବର୍ଷ ଏବଂ ବାହାରେ ପ୍ରତି ପଲିସିରେ କୋଟି କୋଟି ଟଙ୍କାର ଦାବୀ ପୂରଣ କରି ଏବଂ କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ଯଥେଷ୍ଟ ସୁଦୃଢ଼ତାର ପରିଚୟ ଦେଉଛି ।

୧୯୪୦ ରେ ନୂତନ ବୀମାର ପରିମାଣ ପ୍ରାୟ ୯ କୋଟି    ୧୯୪୦ ରେ ଚାଲିତ ବୀମାର ପରିମାଣ ପ୍ରାୟ ୪୦ କୋଟି

ବୀମା ପାଣ୍ଠି ଛଅକୋଟି ୫୫ ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ସାତ କୋଟି ପାଞ୍ଚଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ପରିଶୋଧ ଦାବୀର ପରିମାଣ ଦୁଇ କୋଟି ପଚାଶ ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା ।

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର
ଭଦ୍ରକ ।


---




ବହୁ ଉଚ୍ଚ ଅଭିମତ ସମ୍ବଳିତ ବିଖ୍ୟାତ କବିତା ବହି

## ସଂଘର୍ଷ

[ଚାରିଅଣା]

କାନ୍ତକବି ଲକ୍ଷ୍ମୀକାନ୍ତ କହନ୍ତି—ଆମ ସାହିତ୍ୟରେ କିଛି ଗୋଟାଏ ନୂତନ ପ୍ରେରଣା ଆଣି ପାରିଛନ୍ତି ବୋଲି ମୋର ଧାରଣା ।

ସତ୍ୟବ୍ରତ କହନ୍ତି—ଏଭଳି ବଳିଷ୍ଠ ଲେଖା ଏ ଯୁଗରେ ଯେତେ ପ୍ରକାଶିତ ହେବ, ସେତେ ଏ ଦେଶର ମାନସିକ ସ୍ୱାସ୍ଥ୍ୟ ପକ୍ଷେ ମଙ୍ଗଳ ।

ଲକ୍ଷ୍ମୀନାରାୟଣ ସାହୁ ( ଭାରତ ସେବକ ସମିତି ସଦସ୍ୟ ) କହନ୍ତି—ମୁଁ ଏହି ଜାତୀୟ କବିତାକୁ ମନର ସ୍ୱାଧୀନ ସୃଷ୍ଟିର ରଚନା ବୋଲି ସମାଦର କରିପାରେଁ ।

ଦ୍ୱିତୀୟ ଅବଦାନ **'ନୈବେଦ୍ୟ'**—( ଅଠ ଅଣା )

କାନ୍ତସ୍ନିଗ୍ଧ ସରଳ ଅଭିନବ ଲହରୀମାଳା—ଭୂମିକାରେ **ସୁସାହିତ୍ୟିକ** ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତିଙ୍କର ମନ୍ତବ୍ୟ ପଢ଼ନ୍ତୁ । ଯୁବକ ଯୁବତୀଙ୍କର ପରମ ଆଦରର ସମ୍ପଦ—ପ୍ରେମର ଅତୃପ୍ତ ଅର୍ଘ୍ୟ—ବାତ୍ସଲ୍ୟ ସ୍ନେହ ଭକ୍ତିର ଅପୂର୍ବ ଅମୃତ ଉତ୍ସ—**ଅବସର** ବିନୋଦ **ପାଇଁ ଖଣ୍ଡିଏ** ମାଗି ନିଅନ୍ତୁ ।

ମାତ୍ର ଏକଟଙ୍କା ଦେଇ ସଭ୍ୟ ହେଲେ, ସମିତିର ପ୍ରକାଶନ ଗୁଡ଼ିକ ଅର୍ଦ୍ଧ ମୂଲ୍ୟରେ ପାଇ ପାରିବେ ।

ପରବର୍ତ୍ତୀ ଅବଦାନ—**ମାୟାପୁରୀ**—( ତଦନ୍ତ କାହାଣୀ )

ଟଙ୍କା ଓ ପତ୍ର ପଠାଇବାର ଠିକଣା—ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତି, ଭଦ୍ରକ ।


Printed & published at the Gopinath Press, Bhadrak. by. G. C. Mahapatra and issued from Dagaro Office Bhadrak.

Digitized by srujanika@gmail.com




ସମ୍ପାଦକ:— ଶ୍ରୀଲକ୍ଷ୍ମୀକାନ୍ତ ମହାପାତ୍ର

ଏଥର ପଢ଼ିବେ


ବିଲୁ ଆବିଷ୍କାର

କାହାଣୀ — ପାଷାଣ ଦେବତା

ମଜାକଥା .. ଡାକ୍ତର

ମଜାକବିତା ... ଗପଡ଼ା ଯୀବଛି ପଥ

ଲୁଟୁଲୁଟୁ ..

ଚାଗବଚା ... ପୂଜ୍ୟପାଦ ଆଗ୍ଚର୍ଯ୍ୟ

ହରିହର ଦାସ


ଟଙ୍କା ଦେଇ ବର୍ଷେ କାଳ ଘରେ ବସ

**ଡଗର** ପଢ଼ନ୍ତୁ ।


୬ଷ୍ଠ ବର୍ଷ — ୩ୟ ସଂଖ୍ୟା — ଆଷାଢ଼ ପ୍ରଥମାର୍ଦ୍ଧ


Digitized by srujanika@gmail.com

# ଓଡ଼ିଶାର ପୂର୍ବ ଖ୍ୟାତି ପୂର୍ବ ଗୌରବ

ଫେରି ଆସିଛି

ଦିନେ ଯେଉଁ ଓଡ଼ିଶାର ନୌବାଣିଜ୍ୟ ସ୍ୱଦେଶ ବିଦେଶରେ ଶୀର୍ଷସ୍ଥାନ ଲାଭ କରିଥିଲା

ସେହି ଓଡ଼ିଶାକୁ ବିଦେଶୀମାନେ ଲୁଟି କରିଛନ୍ତି

ଆପଣମାନେ ଲୁପ୍ତ ଅନୁଭବ କରୁଛନ୍ତି ।

**ଆଜି ଅଦମ୍ୟ ସାହସ ଓ ଅପର୍ବ ଉତ୍ସାହ ନେଇ ଓଡ଼ିଶା ବାସୀଙ୍କ ମୂଳଧନରେ**

# ଦି ଓଡ଼ିଶା କମର୍ସ ଓ ନେଭିଗେସନ୍ କମ୍ପାନୀ ଲିମିଟେଡ୍

ଗଠିତ ହୋଇଛି -- ସେହି ଲୁପ୍ତ ରତ୍ନର ଉଦ୍ଧାର ପାଇଁ

ଏହି କମ୍ପାନୀ ଓଡ଼ିଶା ସରକାରଙ୍କ ଠାରୁ କାରବାର ଆରମ୍ଭର

ଅନୁମତି ଓ Incorporation Certificate ହାସଲ କରିଛି ।

ଗରିବ କୃଷୀ ଓ ମୂଲିଆ ଭାଇଙ୍କ ଠାରୁ ଆରମ୍ଭ କରି ରାଜାମହାରାଜାଙ୍କ ପକ୍ଷରେ

## ଅପୂର୍ବ ସୁଯୋଗ

କମ୍ପାନୀର ଅଂଶ କିଣି ଜାହାଜ ମାନଙ୍କ ମାଲିକ ହେବାକୁ ଓଡ଼ିଶାବାସୀ ଚାହାନ୍ତି ? ସେହି ସୁବିଧାକୁ ଅଧିକ ହାସଲ କରିବା ପାଇଁ ପ୍ରତ୍ୟେକ ଅଂଶ ଧନକୁ (share) ୫୧୦୯ ରେ ରଖାଯାଇଛି । ଏକାଧିକ ଅଂଶ କିଣିବାର ସୁଯୋଗ ଛାଡ଼ନ୍ତୁ ନାହିଁ - ଅନୁତାପ କରିବେ । ସେୟାର ଏଲଟ୍‌ମେଣ୍ଟ ଦ୍ରୁତଗତିରେ ଚାଲିଛି ।

ବିଶେଷ ବିବରଣୀ ପାଇଁ ଅନୁଗ୍ରହ କରି ନିମ୍ନ ଠିକଣାକୁ ପତ୍ର ଲେଖନ୍ତୁ ।

**କଟକ ଅଫିସ --**
**ରାଣୀହାଟ, କଟକ ।**

ଭଦ୍ରକ -
ଡ଼ାଗର ଅଫିସରେ
ଶେଅର କିଣିବାକୁ ମିଳେ ।

The Managing Direcotr.
The Orissa Commerce & Navigation Co. Ltd.
CHANDBALI.

---

## ସସ୍ତା, ସୁନ୍ଦର ଓ ସୁବିଧାରେ

ପ୍ରିୟ ଜନଙ୍କର ସ୍ମୃତି ରକ୍ଷା ଓ ସୌନ୍ଦର୍ଯ୍ୟର ବୃଦ୍ଧି ପାଇଁ ଆପଣ ଶୀଘ୍ର ଓଡ଼ିଆଙ୍କ

ଦ୍ୱାରା ପରିଚାଳିତ କଲିକତାରେ ଏକମାତ୍ର ପ୍ରତିଷ୍ଠାନ ।

# ଫୋଟୋ ଓ ସାଇନ କ୍ରାଫ୍ଟ

ନଂ ୬ । ଏ ଡେଉରିଙ୍ଗି ପ୍ଲେସ କଲିକତା

ଠାରୁ

ଆପଣଙ୍କର ଆବଶ୍ୟକ ମଗାଇ ନିଅନ୍ତୁ ।

**ଏଠାରେ ପୁରୁଣା ଛବିରୁ ନୂଆ ଓ ବଡ଼ ଆକାର ପାଶ ପୋର୍ଟ ଫଟୋ, ସବୁ ସାଇଜର ଫଟୋ, ରଙ୍ଗିନ ଛବି, ତୈଳ ଚିତ୍ର ଏବଂ ଓଡ଼ିଆଙ୍କ ନିଜ ନିଜର ସୁନ୍ଦର ଭାବରେ ତିଆରି ହୁଏ । ଭଲ କେମେରା, ଫିଲ୍ମ ଛବି ଫ୍ରେମ ଇତ୍ୟାଦି ଫଟୋଗ୍ରାଫ ସମ୍ପର୍କୀୟ ତାବତୀୟ ସରଞ୍ଜାମ ଖୁବ ସସ୍ତାରେ ମିଳି ପାରିବ । ପରୀକ୍ଷା ପ୍ରାର୍ଥନୀୟ ।**

Digitized by srujanika@gmail.com



ସୁଭାଷ ବୋଷ ଯେତେବେଳେ ଭାରତରୁ ଉଭାନ ହୁ ମାରିଥିଲେ ତାଙ୍କ ଗଢ଼ିଥିବା ଫରୱାର୍ଡ ବ୍ଲକର 'ଫରୱାର୍ଡ' ଟିକୁ ନେଇ ଚାଲିଗଲେ । ଏଠି ରହିଗଲା ଖାଲି 'ବ୍ଲକ' । ଏବେ ଏହି ବ୍ଲକ ଭିତରେ ଦୁଇଅଡ଼ୁ ବସିଲା ମାଡ଼ । ଏଣେ ଟାଣ ବାଲାଙ୍କର ତ ତେଣୁ ସରକାରଙ୍କର । ଦୁଇଅଡ଼ୁ ଚାପା ଖାଇ ବ୍ଲକଟି ଏବେ ଚେପା ହୋଇ ପଡ଼ିଛି । ତେଣେ ସୁଭାଷ ହିଟଲରଙ୍କ ପିଛା ଧରି 'ଅଡମାନ୍ୟ ଭାରତ ଫିହରର' ପଦ ଧରି ବସିଲେ, ଏଣେ ବ୍ଲକବାଲାଗୁଡ଼ାକ ମାଡ଼ ଖାଇ ଖାଇ ମଲେ । ବାହିସବୁ ନେତୃ ନିପାତ ହେଲାପରେ କଂଗ୍ରେସର ବି ପ୍ରଧାନ ନେତୃ ନିକାଶ ହୋଇଗଲେ ।

ନିଜେ ବଡ଼ଲୋକ ହୋଇଥିବ ହେଉ, ନୋହିଲେ ବଡ଼ଲୋକ ପଛରେ ଥିବୁ ବୋଲି ଯାହା ପୁରୁଣା କଥା ଅଛି, ସୁଭାଷ-ଚନ୍ଦ୍ର ଏବେ ସେହିଆ ହେଲେ ପରା !

× + ×

ଦାସ ପଣ୍ଡିତେ ଏବେ ପଣ୍ଡିତଗିରି ଛାଡ଼ ପଲ୍‌ଟନ ଗିରିରେ ନାମୁଦ ହୋଇଛନ୍ତି । ହରିଜ ଆପତ୍ତି ଅଭିଯୋଗ ସତ୍ତ୍ୱେ ସେ ଗଜପତିଙ୍କ ପାଠ ମାହୁନ୍ତ ହୋଇ ମୁଲକ ଫେରି କରିବେ ଓ ଲଢ଼େଇ ଅଡା (war front) ପାଇଁ ଲୋକଙ୍କୁ ପ୍ରସ୍ତୁତ କରିବେ । ଏ କାମ ନିମନ୍ତେ ରଣ କୌଶଳ ଯେତିକି ଲୋଡ଼ା ପଣ୍ଡିତପଣିଆ ବା ତହିଁ ଊଣା ଲୋଡ଼ା ନୁହେଁ । ତେଣୁ ଦାସ ପଣ୍ଡିତଙ୍କୁ ଏ କାମରେ ବାହାଲ କରି ମନ୍ତ୍ରୀମଣ୍ଡଳ ଦୂରଦର୍ଶିତାର ଭଲ କାମ କରିଛନ୍ତି । ଜାମ୍ବୁବାନ ଯଦି ରାମଚନ୍ଦ୍ର ମହାପ୍ରଭୁଙ୍କ ସେନାପତି ହୋଇ ଲଙ୍କା ଜିଣି ପାରିଥିଲେ, ପଣ୍ଡିତେ ବା ନ ପାରିବେ କାହିଁ ? ତାଙ୍କର ଅଉ ଅଧିକା କେତେ କଣ ଥିଲା କି ?

+ + +

ବଡ଼ ଦୁଃଖର କଥା ଯେ ଉତ୍ତର ଆଫ୍ରିକାରେ ଇଂରେଜଙ୍କ ପ୍ରଧାନ ଘାଟି ଟୋବ୍ରୁକ ଜର୍ମାନ ହାତରେ ପଡ଼ିଗଲା । ଏହାଦ୍ୱାରା ଭୂଅଜେ ସମୁଦ୍ରର ମିଶର ଅଡ଼କୁ ମାଡ଼ିବାର ସୁବିଧା ହୋଇଗଲା । ଏଥିପାଇଁ ଇଂଲଣ୍ଡର ସବୁ କାଗଜ ଏକ ବାକ୍ୟରେ ଇନ୍‌କ୍ୱାରି ହେଉ ବୋଲି ରଡ଼ି ଛାଡ଼ିଛନ୍ତି । ଗୋଟାଏ ଦୁର୍ଘଟଣା ଘଟିଗଲେ ଇନ୍‌କ୍ୱାରି କରିବାଟା ବ୍ରିଟିଶ ଶାସନର ଗୋଟାଏ ଅଙ୍ଗ ବା ନୀତି ଏ ନୀତି କଂଗ୍ରେସ ବି ଭଲକରି ମାନନ୍ତି । ଏହିପରି ଇନକ୍ୱାରି ମାଲୟ ଓ ସିଂହାପୁର ବେଳକୁ ହୋଇଥିଲା । ତେଣୁ ଆଶା ହୁଏ ଏ ଇନକ୍ୱାରି ଫଳରେ ସବୁ ଚଳିତ ସୁଧୁରି ଯିବ ଓ ଏଣିକି ଅଉ ଏପରି ଘଟି ପାରିବ ନାହିଁ । ତେବେ କଥା ହେଉଛି—ଲୋକେଲ ଇନ୍‌କ୍ୱାରି ହବ ନା ଜୁଡ଼ିସିଅଲ ହବ ? ପକ୍ଷମାନେ ଉପସ୍ଥିତ ଥିବେଟି ?

× × ×

ସବୁ ଜିନିଷ ପତ୍ରର ଦର ହୁହୁ ବଢ଼ୁଥିବାରୁ ଗରିବଙ୍କ ଅଡ଼କ ପଡ଼ିଛି । ଲୋକଙ୍କୁ ବାଧୁଛି ମଧ୍ୟ । କିନ୍ତୁ କଣ ଜାଣନ୍ତି ସଭ୍ୟ civilised ଓ ସଂସ୍କୃତ (cultured) ଲୋକଙ୍କୁ ଯେତେ ବାଧୁଛି ଗରିବଗୁରୁବା ମଜୁରିଆଙ୍କୁ ସେତେ ନୁହେଁ । ତାଙ୍କର ପ୍ରକୃତ ବାଧିବା ଆରମ୍ଭ ହୋଇନାହିଁ । ଯେତେ ବେଦରକାର ଶଳକୁ ଦରକାରରେ ମନ୍ତ୍ରଣିତ କରିପାରିବାର ନାମ ସଭ୍ୟତା । ସେଇ ସଭ୍ୟ ହେବାରୁ ଆମର ମୋଟ ଦୁଃଖ, ଅଭାବ । ପ୍ରକୃତରେ ଦେଖିବାକୁ ଗଲେ ଖଣ୍ଡିଏ ଦାନା ଓ ଖଣ୍ଡିଏ କନା ହେଲେ ଯଦି ଚଳିବ ଅକାରଣେ ଅଭାବକୁ ଡାକି ଆଣି ଦୁଃଖ ପାଇବାର ପ୍ରୟୋଜନ କଣ ? ମାତ୍ର କଥାଟା କହିବା ! ଯେତେ ସହଜ ମନକୁ ମାନିବା ତାହା ନୁହେ ।

+ × +

ରାଜାଜୀ କଂଗ୍ରେସ ଭିତରେ ସବୁଠାରୁ ଚଲାଖ ଓ ଦକ୍ଷ ଲୋକ ବୋଲି ଖ୍ୟାତ । କଂଗ୍ରେସ ମହଲରେ ତାଙ୍କ ଆସନଟା ଗାନ୍ଧିଜୀଙ୍କ ଉପରକୁ ନ ହେଲେ ମଧ୍ୟ ଅଉ କାହାରି ତଳକୁ ନୁହେଁ । ଏଭଳି ଯେଉଁ ରାଜାଜୀ, ମାନ୍ଦ୍ରାଜର ପ୍ରଧାନ ମନ୍ତ୍ରୀ, କଂଗ୍ରେସର ବଡ଼ଯନ୍ତ୍ରୀ, ଗାନ୍ଧିଜୀଙ୍କ ସମଧୀ ରାଜାଜୀ—ସାମାନ୍ୟ ଗୋଟାଏ ବେହେଲ୍ପବ ହେତୁ ତାଙ୍କ ବାହବାହୋର ଟପକୁ ଶୁଖୁଆ ପୋଡ଼ାରେ ଦେଇ ବସିଲେ ।

Digitized by srujanika@gmail.com

ନ ହୁଷଣରେ ବହିଗଲ ନେକାଣି—ଆମମାନଙ୍କ ପାର୍ଲାମେଣ୍ଟ ବାହୁବଳ ମାନଙ୍କଠୁ ଯାଇ ଦେଖ, ଏହା-ବନ୍ଦରେ ତାଙ୍କର ଅଙ୍ଗରେ ତ୍ୟାଗ ଓ ସାଧନା ଉଚିତ ପ୍ରଶଂସା ଏକାବେଳକେ ବାଧ୍ୟାଦିତ ବମ୍ବାରମ୍ବରେ ଧୂଳିସାତ୍ ହୋଇଗଲା ! ଆଉ ଏହାଠାରୁ ଅବଶୋଷର କଥା ଆଉ କଣ ହୋଇ ପାରେ !

\+ + +

ମାଓ ଚୁଡନ୍ ଦ୍ରବଣ ବସ୍ୱନ୍ ମହାତ୍ମାଙ୍କ ସମ୍ମୁଖ ପ୍ରୀତ ଏହାଦ୍ୱାରା ପାଣି ପାଇ ନାହିଁ, ଏତିକି ରକ୍ଷା ! ସେ ଜଣି ଜଣି କହିଛନ୍ତି—ଏଥର ଆମର ସରୋଜ ବନ୍ଧ, ସବୁ ସବୁ ଫଏସଲ ହେବ। କିନ୍ତୁ ରାଜାଙ୍କ ବନ୍ଦୀକର ଏକ ସଙ୍ଗରେ ବନ୍ଧୁତା ବେଳ-ବେଳେ ତାଙ୍କ ଉପରକୁ ଯେଉଁ ଅନ୍ଧତରା ମାଡ଼ ହେଲ, ସେଥିପାଇଁ ଦାୟୀ କିଏ ? ନଚେତ୍ ମହାତ୍ମା ନା ତାଙ୍କ ଅହିଂସାବାଦ ନେଇବନ୍ଦ ?

ରାଜାଜି କହିଲେ "ଭାରତ ଅଖଣ୍ଡ ହୋଇ ପରାଧୀନ ରହିବାଠାରୁ ଖଣ୍ଡ ଖଣ୍ଡ ହୋଇ ସ୍ୱାଧୀନ ହେବା ଭଲ।" ଏହାର ମାନେ କଣ ଯେ ତାଙ୍କ ବିପକ୍ଷମାନେ କହୁଛନ୍ତି—ଭାରତ ପରାଧୀନ ରହୁ ପଛକେ, ଅଖଣ୍ଡ ହୋଇଥାଉ ?

× + +

ଦାସ ଚନ୍ଦ୍ରରେ ଜାତୀୟ ଯୁଦ୍ଧ ଫ୍ରଣ୍ଟ (National war front ଗଠିତ ହୋଇ ଯାହାକୁ ଅନୁଷ୍ଠାନରେ ବାଲେଶ୍ୱର ଜିଲ୍ଲା ଭଦ୍ରକ ସମାଜରେ ବାହାରିଛି। ବଇଭାଇ ସଙ୍ଗରେ ବ୍ୟଥିତ ହେଲେ ତାଙ୍କୁ ସହିଲେ ନାହିଁ। ତାପରେ ତାଙ୍କର ହୋଇ ଯେ ବିପଦ କହି ବସିଲେ, ତାଙ୍କୁ ଶୁଣିଲେ ନାହିଁ। ଏହା ଯାହା ସତ ହୋଇ-ଥାଏ ତେବେ "ଅବେ ସଇଁ, ଅପଣା ମହତ ଅପେ ରଖି" ମତ ସେ ଶାସ୍ତ୍ର ଧରି ପକାନ୍ତୁ; ନୋହିଲେ କଂଗ୍ରେସବାଲା ଯେଉଁ—।

× + ×

ସାର ଷ୍ଟାଫୋର୍ଡ କ୍ରିପସ ଆମର ଶତ୍ରୁ ପରିଚିତ ଓ ବନ୍ଧୁ ଜନ। ଏହା ଆମର ବାହିଁତ, ଦୁଃସ୍ଥ, ଦୁର୍ବଳ ଦୁଃଖୀ ଲୋକଙ୍କର ବନ୍ଧୁ ବୋଲି ସେ ଖ୍ୟାତ। ଚୀନର ଏ ବିପଦ ବେଳରେ ତାଙ୍କ ଭଳି ବ୍ୟକ୍ତିଙ୍କ ଠାରୁ କଥା ପଦକର କମ ଦାମ ନୁହେଁ। ସେ ଅଭୟ ଦେଇ ଚୀନକୁ କହିଛନ୍ତି ଯେ—ଯୁଦ୍ଧ ପରେ ତୁମ୍ଭର ଭଲ, ଦେଖିବା ସବୁ ବଦଳି ଯିବ।" ସ୍ୱାର୍ଥ ଶାଳ ପୃଥ୍ୱୀ ଜର୍ଜର ଭଦ୍ରତା ଆଉ କଣ ହୋଇପାରେ ? ହୁଡ଼ବକ୍ ଭାରତବାସୀ ଚିନ୍ତା ତାଙ୍କୁ ଚିହ୍ନିଲେ ନାହିଁ—ବୁଦ୍ଧିଏ ଚୀନା ଅଦମୀ ନିଶ୍ଚେ ଚିହ୍ନିବେ।

× + ×

ବଙ୍ଗଳା ... ପରେ ଓ ତଳ ସବୁ ଦୁଇ ଘଣ୍ଟାର ଅମ୍ଳ ଦୁଷ୍ଟି କାର୍ଯ୍ୟ କରାଇ ଧଷ୍ଟ ହୋଇଛି। ଅତଏବ କହୁଥିବା ଜମାଇବା ଖୋଲା ପୁରୁଷଙ୍କ ହାତର କଥା। ଏଥରକୁ ନଗର ଚଉଳିଶ ସଭ୍ୟ କ୍ଷମତାର ଅସ୍ତ୍ର ସ୍ୱରୂପ ବଢ଼ିଲା। ପୁଣି ବଳରେ ଅଧ୍ୟୁ ଦେବ ବୋଲି ଆମ ଶାସ୍ତ୍ରରେ ଅଛି। କଂଗ୍ରେସବାଲାଙ୍କ ଅନୁପ୍ରାଣିତ ହେବୁ ସେ ସଭ୍ୟମାନଙ୍କରେ ବାଦବିବାଦ ଓ ତାତ୍‌ତଣ୍ଡା ଭଳି ଚଢ଼ିଥିବାରୁ ଯେଉଁ ପୁଣ୍ୟ ଅର୍ଜନ ହେଉଛି, ତାହାର ବଳରେ ଏ ଅସ୍ତ୍ର ବୃଦ୍ଧି ହୋଇ ଯାଉଛି ପରା। ଯାହା ହେଉ, ଏ ବେଳରେ ଆମ ଭିତରେ ଏକତା ଯେପରି ଲୋଡ଼ା, ଜୋଟ ଯୁଦ୍ଧ ଲାଗିଗଲେ ସେଥିକୁ ବାଧା ଘଟି ଥାନ୍ତା। ସରକାର ସେ ଯୁଦ୍ଧରୁ ଆମକୁ ରକ୍ଷା କରି ମୁଦ୍ଧବେଢ଼ନାର କାର୍ଯ୍ୟ କରିଛନ୍ତି। ଓଡ଼ିଶା ପ୍ରତିନିଧି ତିନି ଦାସ (ଲବା ଦାସ, ବଣ୍ଡ ଦାସ, ଓ ମୁଦୁଦାସ) ଙ୍କ ମୁଣ୍ଡରେ ବୁଣ୍ଡରେ ହେବକୁ ହେବ ଯିବା ଛଣ୍ଡ ଥାଇ ଏଥିପରି।

\+ + +

ଖବର ବାହାରିଛି ଯେ ରୁଷ ରାଜଦୂତ ଦୁଇଜଣ ଭାଷ ସଦଳବଳେ ଅନ୍ତର ହୋଇଗଲେ। ଦୁଇଙ୍କୁ ଆମେ କରପେଞ୍ଚ ଦେଶ ବୋଲି ଓ ମିତ୍ର ପକ୍ଷଙ୍କ ଅଭିନ୍ନ ସହାନୁଭୂତି ସଂପନ୍ନ ବୋଲି ଆମେ ଜାଣୁ। ଜର୍ମାନ ମିସର ଆକ୍ରମଣ କରୁଥିବା ଓ ସିବାଷ୍ଟପୋଲ ଅସ୍ଥିରତା ବେଳରେ ଏପରି ଗୋଟାଏ ଖବର ଆମକୁ ବଡ଼ ଅଡୁଆରେ ପକାଇ ଦେଉଛି। ବାମାଲ ପାଞ୍ଚାଙ୍କ ଦୁଇଜୀ ଜାତ କଣ ବୁଝା ଦ୍ୱନ୍ଦ୍ୱରେ ହୁଣ୍ଡିହେଲେ !

× + ×

ଓଡ଼ିଶା ଅସେମ୍ବ୍ଲିରେ ଦୁଇଜଣ ମେମ୍ବରଙ୍କ ମରଣଂ ସ୍ଥିତି ଦୁରଣରଣଂ ଦ୍ୱାରା ଯେଉଁ ଦୁଇଟା ଭଲଗି ଫାଙ୍କା ପଡ଼ିଛି, ତାକୁ ପୂରଣ କରିବା ପାଇଁ ଜୋଟ କରା ଯାଉ ଯାଉ ବୋଲି କଂଗ୍ରେସ ଦଳ ବହିଷ୍କାର କରି ଆସୁଥିଲେ ମଧ୍ୟ, ମନ୍ତ୍ରୀ ସରକାର ତହିଁରେ ଫଳ ଦୃଷ୍ଟି ଦେଇ ଯିବା। ନୀତି ଅନୁସରଣ କରୁଛନ୍ତି ବୋଲି କଂଗ୍ରେସ ମନ୍ତ୍ରୀଙ୍କ ଦୋଷ ଦେଉ-ଥିଲେ। ଏପରି ରଣରଙ୍ଗ ( challenge ) କୁ ସହ ବୀର କେତେକ ସହି ପାରେ ! ତେଣୁ ଏଥର ଭିତ୍ତି ହୋଇ ବାହାରିଛି ଯେ ଆସନ୍ତା ଅଗଷ୍ଟ ମାସରେ ଏ ଜୋଟ ଯୁଦ୍ଧ ଲାଗିବ।

× + ×

ଦୁଇଟା ଯାକ ଯୁଦ୍ଧ କରୁଥିବା ବେଳେ ଓଡ଼ିଆ ଜାତି ଶୋଇ ରହି ପାରୁ ନାହିଁ। ଶତ୍ରୁ ଆସିଥିଲେ ତ ଆମେ ନିଶ୍ଚେ ଲଢ଼ି ଥାଆନ୍ତୁ, ମାତ୍ର ଶତ୍ରୁ ଯେତେ-ବେଳେ ନିକଟରେ ଆସୁ ନାହିଁ ଆମର ଚଗ ମଗ ହୋଇ ଫୁଟୁଥିବା ବୀର ରକ୍ତ ସମ୍ଭାଳ ହେବ କିପରି ! ଗୋଟାଏ କିଛି ହେଲେ ଆପଣା ଭିତରେ ସୃଷ୍ଟି କରିବା ଦରକାର ପୁଣି ! ଗାନ୍ଧିଜି ଏତେ କହି କହି କିଛି କଲେ ନାହିଁ। ତେବେ ଚୁପ ବାଗ ଓଡ଼ିଆ ଜାଗ ଜାଗ,—ଲଗ ଲଗ,—ବାନ୍ଧ ପାଗ—ଦୁଅ ଅଗ—ଏଇ ଜୋଟ ରଣରେ ଜାତିର ଲୁପ୍ତ ଶୌର୍ଯ୍ୟ, ବୀର୍ଯ୍ୟ ପ୍ରକଟିତ କରି ଜଗତକୁ ଦେଖାଇ ଦିଅ—ଓଡ଼ିଆର ବୀରତ୍ୱ।

\+ + ×

ଏଥର ସିମିତ ବରଷା ପଞ୍ଜିକାର ଫଳାଫଳ ଅଗଷ୍ଟ ମାସ ବେଳକୁ ଧମା ଧମ ମେଘ, ପାଣି, ଝଡ଼, ବଢ଼ି ଲାଗିବାର ସମ୍ଭାବନା। ଯଦି ଅଞ୍ଚଳରେ ଜୋଟ ରଣ ଲାଗିବ ସେ ସବୁ କପଟ ମଫସଲ ଜେଗା ରଣ ଭୂମି ଯେ କାଦୁଅ ପଚ ପଚ ହୋଇଥିବ ଏଥିରେ ସନ୍ଦେହ ନାହିଁ। ଲବ୍ଧ ଲବ୍ଧ ଯଦ୍ଧ ରଥୀ ମହାରଥୀ, ରଣ ସମରାଙ୍ଗଣରେ ଗୋଡ଼ ଖସିତ ହରଦମ ବେଙ୍ଗା ଖାଆନ୍ତି— ତେବେ ?

ଏଣୁ, ଏହି 'ଯଥେଷ୍ଟ କାରଣ' ସକାଶୁ ଏ ଜୋଟ ରଣକୁ ଆଉ କିଛି କାଳ ମହଲତ ରଖି ଦେଲେ କ୍ଷତିଟା କଣ ? ତଦ୍ୱାରା ବରଂ ଆପଣା ଆପଣା ହାତ ହତିୟାର ସଜାଡ଼ି ନେବା ପାଇଁ ଯୋଦ୍ଧାବୃନ୍ଦଙ୍କୁ ଫୁରସଦ୍ ମିଳିଯିବ। ସେଥିରେ ଯେ ଲଢ଼େଇଟା ଜମିବ ଭଲ।

× × ×

ଦୁଇ ସର ମାତବ୍ବର ସାରା ଗଜପତିଙ୍କ ଅନୁରୋଧକୁ ଅବଜ୍ଞା କରିବା ପଛେ ମଛେ ଆଉ ଗୋଟିଏ ବୁଣ୍ଡୁଣୀ ହାଟିବ ଦଳ ଛଡ଼ା ହେବାର ଉପକ୍ରମ କରୁଥିବାର ଶୁଣା ଗଲାଣି। ଏହିପରି ଯଦି ଗୋଟିକ ପଛକୁ ଗୋଟିଏ କରି ମୁଁଅ ଲାଗେ, ତେବେ ହୁଏତ ଦିନେ ଗଜପତିଙ୍କ ଗୁହାଳ ଟେଙ୍ଗ ଫାଙ୍କ ହୋଇଯିବ। ଏଣୁ ବେଳ ସେ ଖୋଦା ବସାଇ ନୂଆ ଗଛ ଧରିବାର ତଦ୍‌ବୀର କରନ୍ତୁ, ଅଥବା ପୁରୁଣାଙ୍କୁ ପେଟପୂରା ଖୋରାକ ଯୋଗାନ୍ତୁ, ନୋହିଲେ ସେସବୁ ତାଙ୍କୁ ଭାଗ୍ ଲାଙ୍ଗୁଡ଼ ଜାବୁଡ଼ି ଧରି ରହିବା ଛଡ଼ା ଅନ୍ୟ ଉପାୟ ରହିବ ନାହିଁ !


## WANTED

Agents to sell "Dagaro" in unrepresented areas. For terms apply to—

Manager, "Dagaro"
P. O. Bhadrak.
Dt. Balasore.


Digitized by srujanika@gmail.com



# ପାଷାଣ ଦେବତା

ଲେଖକ—ଶ୍ରୀ ରାମଚନ୍ଦ୍ର ସେନାପତି

ଦିନେ......।

ଜୀବନର ଅନ୍ତରଙ୍ଗ ସୀମାରେ ଚାଲିଥିଲେ ....

'ନିଷ୍ଠୁରର କ୍ରୂର ପରିହାସ... ।'

ନୀରବ ପଲ୍ଲୀପ୍ରାନ୍ତ ଅର୍ଣ୍ଣ ଫେରି ଦେଖେ ମଣିଷ, ଛାଡ଼ି ଯାଉଥିବା ଗତ ଜୀବନର 'ସ୍ମୃତି'।...

ପୂର୍ବ ଆକାଶ ଶେଷ ଭାଗରେ ମେଘୁଆର ନିଷ୍ପ୍ରଭ ସୂର୍ଯ୍ୟ ମେଲିଛି ଦୁଇ ତାର କିରଣ...। ଦିନ ଯାଏ... ରାତି ଆସେ। ଅନ୍ଧାର ମାଡ଼ିଯାଏ ପୃଥିବୀ ବୁକରେ ନେଇକି ଓଢ଼ଣୀ ଟାଣି।

ଛନଛନିଆ ବଥିଲ ଘରର ପବନ ଅଟିଏ। ଭଙ୍ଗା ଚାଳଘରଟି। ନଇଁ ଟିଏ ହୋଇ ଯାଇଛି ତାର ଅଗ ଦେଇ। କାଥବେଏ ଦାଣ୍ଡଅର ଛଡ଼ାଇଲେ ଖଣ୍ଡ ଭଙ୍ଗା ପୁରୁଣା ଧୋଇଲା ଠିଆ ହୋଇଛି ତାର ସେଇ ଜୀର୍ଣ୍ଣ ଶୀର୍ଣ୍ଣ ଶରୀରଟିକି ନେଇ।

ସେଇ ଭଙ୍ଗା ଚାଳଘରେ ଥାନ୍ତି ଦୁଇଟି ପ୍ରାଣୀ। ଅନ୍ଧ ସ୍ୱାମୀ ଯାଇଛି ନଈ ଅରପାର ଗାଁକୁ ମୂଲ ଲାଗି। ନଗଲେ ଯେ ବଞ୍ଚିବାକୁ ପଡ଼ିବ ଉପାସ। ଦୁଇଦିନ ଖାଇଖାଇ ଉପାସ ପରେ ଅନ୍ଧ ଯାଇଛି ମୂଲ ଲାଗି। ଦେହରେ ଅବଶ୍ୟ ଜର। ସଞ୍ଜ ହୋଇଗଲାଣି। ଧନସାର ସ୍ୱାମୀର ଅପେକ୍ଷା କରି ବ୍ରୁନ୍ଦି ବୁହି ଅଧିକୁ ପାଣି ମରିଲାଣି। ସବୁବେଳେ ତାଙ୍କର ଅଳନ୍ଧ ମନଟାରେ ଅମଙ୍ଗଳ ଚିନ୍ତା କରେଇଦେଉଛି। ହୃଦସ୍ପନ୍ଦ ଉଠୁଛି ପଡ଼ୁଛି ସେହି ଏ ଅଜଣା ବିପଦ ଭୟରେ।

ଧନସାର ଦେହପରି ଖଣ୍ଡି ଖଣ୍ଡି ଘରକୁ ଫେରିଲା ବେଳେ ମହାଜନଙ୍କୁ ମାଗିଲା ମୂଲ। ମନାକଲେ ମହାଜନ। ଅନ୍ଧ ଠାନ ବାହାରି-ବନ ଅମାରରୁ। ବହୁତ ଅନୁନୟ ବିନୟ କଲା...ଫଳରେ ପାଇଲା ଅଜସ୍ର ଅକଥାକଥା ଗାଳି ମାଡ। ଏତେ ମାଡ଼ ଖାଇ ସ୍ୱଭାବ ଗୋଡ଼ ଧରିପକାଇଲା ମହାଜନର। ବାବୁ ମୋତେ ମାରନ୍ତୁ, ଅନ୍ଧକୁ ଦୁଇଦିନ ହେଲା ଉପାସ ରହିଛି ଦୁହେଁ, ତାପରେ ଜର ହୋଇ ଦେହର ପଞ୍ଜରା ଗଣ୍ଡିକ ଭାଙ୍ଗି ଦେଇଛି। 'ପାଷାଣ ତରଳି ଯାଇଥାନ୍ତା! ଏ କାତର ଗୁହାରି ଶୁଣି...କିନ୍ତୁ ଶୁଣିଲାନି ମଣିଷ। ଈଶ୍ୱରଙ୍କର ଶ୍ରେଷ୍ଠ ସୃଷ୍ଟି ମଣିଷ। ମହାଜନ ରାଗରେ କହିଲେ, ଅରେ କାଏ ଅଛୁରେ, ଅନ୍ଧ ଟାକୁ ବାହାରି କରିଦେଇ ବାହାର କରି ଦେଉଛ?' ସେ କହିଲା ଯଦି ଅପେ ମୁଁ, ଏତେ ଗୁହାରି କରି ମୋତେ ମାରି ଦେଇନ୍ତୁ ନା। ଉପାସ ରହି ପାରିବ ଅନ୍ଧଟି ପଛେ କିନ୍ତୁ...।

ନୟନର ଅଶ୍ରୁ ଛାଡ଼ି କୋହ ଗୁମୁରି ଫେରି ଆସିଲା ଘରକୁ। ଧନସାର ହାଡ଼-ଭଙ୍ଗା ପରିଶ୍ରମ। ଦେହରେ ହଂସା ଉଡ଼ୁଛି। ଖାଲି ହାତରେ ଯାଇ ସେ ପହଞ୍ଚିଲା। ସ୍ତ୍ରୀ ତାର ଦଉଡ଼ି ଆସିଲା। କିନ୍ତୁ ତାପରେ.. ହୃଦୟ ତାପରେ ଯା ଘଟିଲା ସେ ସବୁ ଗରିବ ଜୀବନର ବୁକୁଫଟା କରୁଣ ଦୃଶ୍ୟ।

ସ୍ୱାମୀ ତାର ଉଦାସ ନୟନରେ ସ୍ତ୍ରୀକୁ ଚାହିଁ କହିଲା 'ଏଇ ଧନସାରି ଅଟ ଗତର ସମ୍ବଳ।'

ଏବେ ବୁଝିବ ତାର ଏ ଦୁଃଖ, ତାହାର ବା କହିବ ସେ...ନଗଣ୍ୟ ଅସହ୍ୟ ମୂକବ.. ଅତ୍ୟାଚାର କୌଣସି ଅଂଶରେ, ଅଧିକାର ନାହିଁ ତାର।

ମନେ ପଡ଼ିଲା ସ୍ତ୍ରୀର ତାର। ପାଖରେ ତ ଦେବତା ମନ୍ଦିର ଅଛି। ସେ ତ ଏଇ ଦୁଃଖ କଥା ବୁଝିବେ? ସେ ଯେ ଦେବତା...ଏ ଦେବତା ଅଛି ପୂଜାର କରୁଛନ୍ତି ତାଙ୍କ ପାଖରେ। ଏବେ ପୂଜାର ସେ ନିଶ୍ଚୟ ଶୁଣିବେ।

ଝଡ଼ ରଜନୀ ଶିପ୍ର ପଦରେ ଦଉଡ଼ ଯାଇ ଦେବତା-ଙ୍କୁ ଗୁହାରି ଧରି କହିଲା—'ହେ ଦେବତା! ସେମାନେ ଦଉଡ଼ିଲେ ମୋର ଅନ୍ଧକୁ ମାରିବେ, ମାରିଦେବେ? ଅନ୍ଧର ହାଡ଼ ମାଂସ ସବୁ ଚୂର୍ଣ୍ଣ ହେବ? ତେଣୁ କହିଲା ସେ, ସେତେ ତାହାର ଅନୁନୟ ବିନୟ ବ୍ୟର୍ଥ ହେଲା। ତାର ସେ ପୂଜାର ଦେବତା ତ ଶୁଣିଲେନି।

ତାର ପଥଚାରୀ ସେଠି ଦେଲଲା ଯାଉ-ଥିଲା, କିନ୍ତୁ ଦେବତା ଶୁଣିଲେନି ତାର କାତରତା ଅବୁଝତା।

ଅନାଇ ଦେଖିଲା ତାର ସ୍ୱାମୀ ଛଟପଟ ହେଉଛନ୍ତି ତାର ପାଖରେ। ସବୁ ଦୁଃଖ ଭୁଲିଗଲା କେବଳ ମରିଗଲେ ତାର। ସ୍ୱାମୀ ତା ହାତ ଧରି କହିଲେ ପଳାଇଯାଅ, ଦେବତା ଯେ ଆମ କଥା ଶୁଣିବେନି, ସେମାନେ ଯେ ଥାନ୍ତି ସ୍ୱର୍ଗପୁରରେ। ଆଜ ଆମେ ରହୁ ଏଇ ନରକର ମଞ୍ଚର ତଳରେ।

ସେମାନେ ଦେବତା, ଆମେ ମାନବ, ସେମାନେ ବାସ କରନ୍ତି ମୃଣ୍ମୟ ଅଟ୍ଟାଳିକାରେ, ଆଉ ଆମେ ତାଙ୍କରି ପଦତଳେ ଭଙ୍ଗା ଘରରେ। ସେମାନେ ଅଭ ପାରିବ କେବଳ ଆମେ ଏପାରିଏ—। ସେମାନେ ଆମକୁ ଦୟା ଦେଖାନ୍ତି ନେହାତ ଅସ୍ପୃଶ୍ୟ ଭଳି ପରେ। ଆମକୁ ସବୁ ସହିବାକୁ ହେବ। ଆମେ ନ ସହିଲେ ଆଉ ସହିବ କିଏ? ଏମାନେ ଯେ ପାଷାଣ—ପଥରରେ ଗଢ଼ା ଦେବତା!—ଆଉ ଆମେ ଯେ ଗରିବ ମୂଳଥ—

—୦—

Digitized by srujanika@gmail.com



ଡାକ୍ତର ! ବୁଢ଼ା ଡାକ୍ତର—ଛାଃ—ମୁଁ ଡାକ୍ତର ନୁହେଁ ? ଅପଣ ହସେଇଲେ ଦେଖିବା ବେଶ ଦାନ୍ତଟାଏ ହସେଇଲେ···ଅପଣ ବୁଝି ପାରିଲେ ନାହିଁ ବୋଧହୁଏ—ଏ ଯେଉଁ Black out ରଜନୀ—ସେଥିରେ ଅପଣ ମୋତେ ଚିହ୍ନିଲେ କିପରି ଯେ ନାହିଁ କରୁଚନ୍ତି—ଅଁ ? ପୁଣି ଦିନରେ ମୋତେ ପଦାକୁ ନିକଳିଲେ ନା—ତାହେଲେ Air raid ହବ ! ······ମୋର ତ ପୁଣି ଝିଅବାର ସକ୍ ଅଛି । ତା ପରେ ଅନେକ ଅସୁବିଧା ବି ଅଛି—ହେଉ ଦେଖନ୍ତୁ ମୋର ଦାଢ଼ୀ ଗୁଡ଼ା ଏତେ ଲମ୍ବା ଯେ ତଳେ ଛୁଇଁଲାଣି ହେଲାଣି । ଅଉ ନିଶ ଗୁଡ଼ା ଏତେ ଦୂର ଲମ୍ବି ଗଲାଣି ଯେ ମୋ ଘରେ ଅପଣ ଗୋଟିଏ ବୋତଲ ବୁଢ଼ୀଅଣୀ ଜାଲ ଦେଖି ପାରିବେ ନାହିଁ··· ସେଇଟା ସେଇମିତି ଝୁଲିଲେ 'ଗୁହଳା'—। ଏକଦମ୍ ବୁଢ଼ା-ଡାକ୍ତର + + +

## ଡାକ୍ତର

ଲେଖକ—ଶ୍ରୀ ନାରାୟଣ ପ୍ରସାଦ ମହାନ୍ତି

ମୁଁ ତା ଦେଖସରେ ପେଟେଣ୍ଟ ମେଡିସିନ୍ ଦୋକାନରେ ବୁଲୁ ଥିଲି··· ··· ଦିନେ ଗୋଟିଏ ଫାଇଲ ବେଳେ ଗୁଡ଼ାଏ ଲୋକ ଭିଡ଼ ବୁଲି ଚାଲି ଚାଲୁ 'ହିଟ୍' ହିଟ୍ ମାରି ମେ ଛେଦ ଥାପଡ଼ ମାରି ଛଡ଼ାଇ ନେଇଗଲି । ଗଲି ଯେ ଯାଉଛି ଅଜ ଦେଖା ଦର୍ଶନ ନାହିଁ । ଏଇ ଅଜ ତା' ପାଖରୁ ଜାଣିଲି—ସେ ସେଇ ଗୋଟିଏ ଫାଇଲ ବ୍ୟବହାର କରି ଆରୋଗ୍ୟ ହୋଇ ଯାଇଛି······ବହୁତ ପ୍ରଶଂସା କରୁଛି—

ଦିନେ ସିମିତି 'ଚାଉଳ' ଫର କରି ରୋଗ ଖଣ୍ଡେ ଲେଖି ଦେବାରୁ ଫାଡ଼ ମୋ ହାତକୁ ବଢ଼ାଇ ଦେଲି···ମୁଁ ଗୋଟିଏ ବଡ଼ ଫାଇଲ ତା'କୁ ଛାଡ଼ିଲେଣି କଲି·· ସପ୍ତାହକ ମଧ୍ୟରେ ସେ ଅରୋଗୀ···ଅଜ ମୋ ପାଖକୁ ପ୍ରଶଂସା ପତ୍ର ଅବଲମ୍ବନ କରି ଆସିଲି···

ବୁଝି ସେଦିନ ଗୋଟିଏ ପ୍ରେସକ୍ରିପସନ ଦେଇ ଔଷଧ ନେଇଛି ଅଜ ଭଲ ନିଶ୍ଚୟ ହୋଇଗଲେ ।

ଆମ ବୁଢ଼ାକୁ ଅପଣ ନିଶ୍ଚୟ ଜାଣିଥିବେ··· ସେ ବି ଦିନେ ଦାନ୍ତ ନେପି ମୋତେ ଔଷଧ ମାଗିଥିଲା···ମୁଁ ପୁରୁଣା ଫାଇଲ ଗୋଟେ ତାକୁ ଦେଇଥିଲି । କଣ ଅଜ ଅଜ କହିବ—ସେ ବିଲକୁଲ ଅସମ ହୋଇଗଲା । ମୋତେ ଗୋଟେ କାଠର ଟେଲଣା ସେ ପୁରସ୍କାର ଦେଲା···କଣ କରିବ, ପେଟ ଭିତରେ ହାତ ଗେଞ୍ଜିଦେଲି—ମୁଁ ହେଲେ ଟେକିବ ଏଇ ଅଣାରେ ।

ଆମର 'ଇନ୍ଦ' ସେଦିନ ମୋ ଠାରୁ ଔଷଧ ନେଇ ବର୍ତ୍ତମାନ ବେଶ ଶାନ୍ତିରେ ଅଛି ।

ଲେଖି ବସିଲେ ଗ୍ରନ୍ଥ ହେବ···ଅପଣ ଏଇ କେତୋଟି ଜାଣି ନିଶ୍ଚୟ କହିବେ— ମୁଁ ଡାକ୍ତର—ଅଜ ଖବର ନେଲେ ଜାଣି ପାରିବେ କୋଟି କୋଟି ଲୋକ ନିତି ମୋ ଔଷଧ ବ୍ୟବହାର କରୁଛନ୍ତି । Advice ନେଉଛନ୍ତି । ଅଜ ଅପଣ ମୋର advice ନ ନେଲେ ଏ ସଂସାର ଭିତରେ କେବେ-ହେଲେ ଚଳି ପାରିବେ ନାହିଁ—କିଛି ଭୟ କରିବାର ନାହିଁ—ଲାଜ ସରମର 'ବାଡ଼' ବି ନୁହେ । ଦେହ ଥିଲେ ରୋଗ ଅଛି, ଦେଖିବାରେ ପୁଣି ଲାଜ କାହିଁକି ? ଅପନ୍ତୁ

ମୋର ଯେ କୌଣସି ଏଜେଣ୍ଟ ସହିତ consult କରି ଔଷଧ ନେଇ ଯାଆନ୍ତୁ—ବିନା ମୂଲ୍ୟରେ ଦେଉଣ ହେଉଛି—ଅସିବେ ନାହିଁ···ଅପଣ କି ବେଶରେ ଅଶାନ୍ତ—ବହିବାକୁ ଚିନ୍ତା କରୁଛନ୍ତି ? ତେବେ ଶୁଣନ୍ତୁ—ମୋର ଈଶ୍ୱରଦତ୍ତ ଶକ୍ତି ଥିବାରୁ ଅପଣଙ୍କ ରୋଗ ମୁଁ ଜାଣି ପାରିଲିଣି—କାହିଁକି ? କହିବି ?

ଅପଣ ବଡ଼ ରୋଗରେ ଅଶାନ୍ତ···ଭସ୍ମ କରିଲେ କି ? ଦୁଃଖ କଲେ କି ? ପୁଣି ଥରେ ହସେଇଲେ । 'ବଡ଼ ରୋଗ' କଣ ବୁଝି ପାରିଲେନାହିଁ । ଘରର ତଳ ପଇଦାରେ ମେସ-କଳା patch ସୃଷ୍ଟି ହେଲେ ମୋର ଡାକ୍ତରି ବହିରେ ତାକୁ 'ବଡ଼ରୋଗ' ବୋଲି ଲେଖାଅଛି । ଏହାର ଅନେକ ଲକ୍ଷଣ ଅଛି 'ବଡ଼ରୋଗ' ଚିହ୍ନିବା ପାଇଁ ଯଥା—

ମନଟା ସବୁବେଳେ ବାହାରକୁ ହବ···ରାତିରେ ନିଦ ହେବନି···ଅଖିରୁ ପାଣି ବୋହିବ···ଅଡ଼ମୁଡ଼ି ହେବ···ଏକୁଟିଆ ରହିବାକୁ ଇଚ୍ଛା ହେବ ଅଥଚ ଦୁଃଖ ହେଉଥିବ···ସବୁବେଳେ ଖାମଖିଆଲ ମେଜାଜ···ପରାଜିତ ବୋଲି ସବୁବେଳେ ଧାରଣା ହବ— ଛାତିରେ ଗୋଟିଏ ବଡ଼ ପଥର ଚାପିକି ବସି ରହିଲା ପରି ଲାଗିବ···ଦୀର୍ଘଶ୍ୱାସ ଉଠୁଥିବ··· କବିତା, ଗଳ୍ପ ଓ କଥା ପ୍ରତି ବେଶି ଝୁଙ୍କ ହବ— ଗାୟକ—ବାଦକ—କବି—ସବୁ ହବାକୁ ଇଚ୍ଛା ହବ ନିଜକୁ ପାଇଁ ଦେଖାଇବ Jack of all trade··· none ପୁଣି ଦୀର୍ଘଶ୍ୱାସ···ଗୋଲାପ ଫୁଲ ହାତ ଏବଂ କଣ୍ଠ ଗନ୍ଧଟା ବ ଦୂରଗ ହବ···ବୋଗଳଥା କହିବାକୁ ଇଚ୍ଛା ହଉଥିବ ନିଜ ପର ମୂର୍ଚ୍ଛାରେ ନିଶ୍ୱାସ ଟାଏ ପକାଇ ରହିଯିବାକୁ ମୁଖ ଲାଗିବ···ଦୁନିଆର ସବୁଥିରେ ସେଇ ରୋଗଟା ଦୂର ଯମ-କଳା ରଙ୍ଗ ଦେଖିବ···ଛିଃ ହବ 'ହାଏ—ହାଏ' । ମନହବ ନାହିଁ···ନାହିଁ । ଦେହ ହବ—ଦ-ସ୍-ମସ୍ । ଏପରି କ୍ଷେତ୍ରରେ advice ନ ନେଲେ ଚଳିବ କିମିତି ? —ଯାହାହେଉ ଏ ଗଳ୍ପ ଦେଖିବା ପୁରୁଷା ପୁରୁଷା ଲକ୍ଷଣ 'ବଡ଼ରୋଗ'ର—ଯାହାକୁ ଇଣ୍ଡିପେଣ୍ଡେଣ୍ଟ ଡାକ୍ତରମାନେ ଅନ ଅବଧି ଧରି ନେଇ ପାରି ନାହାନ୍ତି ସେଥିପାଇଁ ସେମାନେ ଏ ଅକାଳ ଡାକ୍ତରର ସ୍ୱାସ୍ଥ୍ୟ ବାଣୀ ମୋହ ହେଇ ମୂଳ ସବୁ ଲକ୍ଷଣ ଚିହ୍ନିପାରୁ ନାହାନ୍ତି—

ତାପରେ ଔଷଧ—ଦୁନିଆ ସାରା ବୁଲି ଦୁନିଆର

( ଅବଶିଷ୍ଟ ସପ୍ତମ ପୃଷ୍ଠାରେ ପାଇବେ )

Digitized by srujanika@gmail.com



ସ୍ତ୍ରୀ—ତମେ ସତ କୁହ ମୋ ବୋଉ ରନ୍ଧା ଖେଳ ଖେଳୁ, ମୋତେ ବାହାହେବା ଆଗରୁ ତମେ ଅନ୍ତତଃ ସପ୍ତାହରେ ୨ ଥର ଖାଇବା ଲାଗି ଦୌଡ଼ୁଥିଲ ?

ସ୍ୱାମୀ—ହଁ, ସେତେଥର ଯାଇଛି ବୋଲି ଏବେ ଖାଇବାକୁ ପାଉଛି ।

× × ×

୧ମ ମହିଳା—ଅନେକଦିନ ଯାଏ ମୁଁ ଜାଣି ନ ଥିଲି ମୋର ସ୍ୱାମୀ ରାତିରେ ରାତି ୧୦ଟା ପର୍ଯ୍ୟନ୍ତ କେଉଁଠି କଟାଉ ଥିଲେ ।

୨ୟ ମହିଳା—କେମିତି ଜାଣିଲ-

୧ମ ମହିଳା—ଦିନେ ସଞ୍ଜବେଳେ ଘରକୁ ଯାଇ ଦେଖିଲି ଯେ ସେ ଅଛନ୍ତି ।

× × ×

ରମେଶ—ସବିତା ! ତମ ପାଖରେ ଗୋଟେ କଥା ନ କହି ମୁଁ ଅପରାଧ କରିଛି ।

ସବିତା—କଣ ?

ରମେଶ—ମୁଁ ବିବାହିତ—

ସବିତା—ତମେ ମୋତେ ଡରେଇ ଦେଇ ଥିଲ, ମୁଁ ଭାବିଥିଲି ଯେ ଏ ପଟରଟା ତମର ନୁହେଁ ।

\+ × +

ବନ୍ଧୁ—ପ୍ରମଥଙ୍କ ପରିବାର ସହିତ ତମର ଦୂର ସମ୍ବନ୍ଧ ଅଛି ପରା ?

ଜଣା—ହଁ, ଆମ କୁକୁର ତାଙ୍କ କୁକୁରର ବୈମାତୃକ ଭାଇ ।

\+ × +

ଖବର କାଗଜବାଲା—(ଜଣେ ଭଦ୍ରଲୋକଙ୍କୁ) ଆଜ୍ଞା ଖଣ୍ଡେ କାଗଜ ନିଅନ୍ତୁ । ତାଜା ଖବର ଅଛି ।

ଭଦ୍ରଲୋକ—ମୋର ଦରକାର ନାହିଁ । ଖବର ସବୁ ମୁଁ ରେଡ଼ିଓ ରୁ ଶୁଣେ ।

ଖବର କାଗଜ ବାଲା—ଆଜ୍ଞା ରେଡ଼ିଓରେ ଅଜ ଚୂଲି ନଟଗଛଚା ହୋଇ ପାରିବ ନାହିଁ ।

× × ×

ଯୁବକ—(ମହିଳା ନେତ୍ରୀଙ୍କୁ) ତମେ କଣ ଭାବୁଛ ମୁଁ ତମକୁ ବାହାହେବା କଥା କହିଲେ ତମ ବାପା ମନା କରିବେ ।

ମହିଳା ନେ—ମୁଁ କହି ପାରିବି ନାହିଁ । ସେ ଯଦି ମୋପରି ହୋଇ ଥିବେ ତ ନିଶ୍ଚୟ ମନା କରିବେ ।

× × ×

ରାମ—ମୁଁ ଭାବୁଛି ମୋର ସଂସାରରେ ଜଣେ ହେଲେ କେହି ବନ୍ଧୁ ନାହାନ୍ତି

ଶ୍ୟାମ—ଭାଇ ଗୋଟେ କଥା—କିଛି ଗୋଟେ କହିପାର...ମୁଁ ତମର ବନ୍ଧୁ ହେଲି ।

ରାମ—ତାହାହେଲେ ମୋତେ ଟଙ୍କା ଦଶଟା ଧାର ଦିଅଟି ।

× × ×

ଝୁଲୁ—ବୋଉ, ଦାଣ୍ଡରେ ଗରିବ ଲୋକଟିଏ ପାଟି କରୁଛି—ଗୋଟେ ପଇସା ଦବୁଟି ତାକୁ ଦବା ।

ବୋଉ—(ପଇସାଟିଏ ଦେଇ ସାରି) କହିଲୁ ଝିଅ ସେ—କଣ ପାଟି କରୁଛି ।

ଝୁଲୁ—କହୁଛି । ଚନ୍ଦ, ଗୁଲଗୁଲ ଖାଇଗଲି, ପିଅଲି ।

× × ×

ଦାଦା—ଚୁଲ୍ ବାହାଁର ହାତରୁ ଦେ—

ଚୁଲୁ—ବୁଢ଼ା ମୋତେ ଗୁମ୍ପଡେ ମାରିଲା ।

ଦାଦା—ତୁ ତାକୁ ଓଲଟି ଗୁମ୍ପଡେ ପକେଇଲୁ ନାହିଁ ।

ଚୁଲୁ—ମୁଁ ମାରି ପାରିଲି ପରେ ଯେ ଫେର ତା ପାଳି ପଡ଼ିବ ?

× + ×

ଶିକ୍ଷକ—କେହି କହି ପାରିବ ସମୁଦ୍ରରେ କେତେ ପାଣି ଅଛି ? ରାମ ତୋ-ଫୁଏ ତମେ କହି ପାରିବ ନାହିଁ ?

ରାମ—ହଁ ସାର କହିବି, ଢକାରେ ଚୋଟି ଟନ ।

ଶିକ୍ଷକ—ତମକୁ କିଏ କହିଲା ?

ରାମ—ସାର, ଆପଣଙ୍କର ଯଦି ସନ୍ଦେହ ହେଉଛି ତାହାହେଲେ ଓଜନ କରନ୍ତୁ ।

× + ×

ଜଣେ ଅଧିକାରୀ ତାଙ୍କର ପିଲାଟିକୁ ନେଇ ଡାକ୍ତର ପାଖକୁ ଗଲେ । ଡାକ୍ତର ପିଲାଟିକୁ ପରୀକ୍ଷା କରି ସାରି କହିଲେ "ମଝିରେ ମଝିରେ ପିଲାଙ୍କୁ କାଷ୍ଟର ଅଏଲ (Castor oil) ଦେଲେ ଦେହର କୌଣସି ଗୋଳମାଳ ହେବାର ଆଶଙ୍କା ନଥାଏ ।"

"ଦେଖନ୍ତୁ ଡାକ୍ତର ବାବୁ କାଷ୍ଟର ଅଏଲ ଦେବାଟା ପୁରୁଣା କାଳର କଥା ଆଜି କାଲି ନୁହଁ—"

"ଆପଣ ଭୁଲ କରୁଛନ୍ତି ଯେ ଝିଅ ଜନ୍ମ କରିବାଟା ମଧ୍ୟ ପୁରୁଣା କାଳର କଥା ।"

\+ + +

Digitized by srujanika@gmail.com



# ଖସଡ଼ା ପୀରତି ପଥ

ଲେଖକ—ଶ୍ରୀ ବୀଣାଧର ଦାଶ

ସେହି କାଠଯୋଡ଼ କୂଳେ
କେତେ ଚନ୍ଦ୍ର ସଖୀ କଟାଇଲି ବସି
ଅଭିଳାଷ ହେଲେ ଥରେ ।
ସେଦିନ କହିଲ ସହକାର ତଳେ—
ବସିଥିବ, ନିଶ୍ଚେ ଯିବ ସଞ୍ଜବେଳେ —
କେତେ ବଇଗୋଲି, ପାନଭୁଅ କଣି
ରଖିଥିଲି ତୁମ୍ଭ ପାଇଁ
ସଞ୍ଜ ଯାଇ ରାତି ହେଲା ଦୁଇଦଣ୍ଡ
(କାନ୍ତ) ତୁମ୍ଭ ଦରଶନ ନାହିଁ ?

× × ×

ବାଜିଗଲା ଘଡ଼ି ବାର
ଜାଣିଲି ଅଟେ ଏ ଠକାମି ପଣିଆ
ଏବଟାର ଚୋରଙ୍କର
ନିରାଶେ ଫେରିଲି ଘର ଅଭିମୁଖେ
ତୁମ୍ଭ କଥା ଭାବି ଅତି ମନ ଦୁଃଖେ ।
ବାଟରେ ପଡ଼ିଲି ଚୋରଙ୍କ ହାତୁଡ଼େ
ଯାହା ଥିଲା ସବୁ ଦେଲି
ପୀରତି ପଥଟି ଖସଡ଼ା ବୋଲି ମୁଁ
କେତେ ଅନୁତାପ କଲି ।

× × ×

ଥରେ ଗଲି ଗୋଡ଼ ଖସି
କଥାରେ ଅଛି ତ 'ବାରମ୍ବାର ଚେଷ୍ଟା'
ଭାବି କଲି ମନ କସି
ତହିଁ ପରଦିନ ଯେବେ ସଞ୍ଜ ହେଲା
ଫେର ମନ ମୋର ତହିଁ କହିଦେଲା
କୋଠା ମଚ୍ ମଚ୍ କରି ବାହାରିଲି
ସେହି କାଠ ଯୋଡ଼ କୂଳେ
ଭାବିଥିଲି ତୁମେ ତହିଁ ବସିଥିବ
ମୋତେ ସହକାର ମୂଳେ ।

× × ×

ଘୋଟିଗଲା ଅନ୍ଧକାର
ଦିଶିଲାନି ଆଉ ରାସ୍ତା ଘାଟ କିଛି
ନଦୀ ନାଳ ଘର ଦ୍ୱାର ।
ତହିଁ ବସିଥିଲ ସେହି ପଥ ଦେଇ
ଭଦ୍ର ମହିଳାଟି ଯାଉଥିଲେ ନାହିଁ ।
ତୁମେ ଭାବି ତାଙ୍କ ପିଛା ଧରିଲିରୁ
ମୁଣ୍ଡରୁ ବହିଲା ରକ୍ତ ।
ଖଡ଼ମୁଣ୍ଡା ଖାଇ ବୁଝିଲି ବୁଝିଲି
ଖସଡ଼ା ପୀରତି ପଥ ।



Digitized by srujanika@gmail.com




ଅଫ୍ରିକାର ନେଟାଲରେ ଗୋଟିଏ ପାର୍କ ଅଛି ଯେଉଁଠାରେ କି ବିଭିନ୍ନ ପ୍ରକାର ସାପ ଦେଖା ଯାଉଛି । ସେହି ହେତୁରୁ ସେ ପାର୍କର ନାମ Snake-Park । ସେହି ପାର୍କରେ ୧୯ଫୁଟ ଲମ୍ବର ଗୋଟିଏ ଅଜଗର ସାପ ଅଛି ଯେ କି ୧୯ ମାସ ପର୍ଯ୍ୟନ୍ତ କୌଣସି ପ୍ରକାର ଖାଦ୍ୟ ଛୁଇଁ ନ ଥିଲା । ନ ଖାଇବା ଦ୍ୱାରା ତାର ସ୍ୱାସ୍ଥ୍ୟର ହାନି ଘଟି ନ ଥିଲା ।

+ + +

କାଉପୁର୍ଦ୍ଦ ମିଉଜିଅମରେ ଗୋଟିଏ ଅଣ୍ଡା ଅଛି ଯାହାକି ପୃଥିବୀର ସବୁଠାରୁ ବୃହତ ଅଣ୍ଡା । ଏହି ଅଣ୍ଡାଟି ମାଡାଗାସ୍କର ଦ୍ୱୀପରୁ ମିଳିଥିଲା । ଏହି ଅଣ୍ଡାର ପରିମିତ ହେଉଛି ୩୦ ଇଞ୍ଚ ଏବଂ ଏଥିରେ ୧୪ ପାଇଣ୍ଟ ଜଳ ଧରିବ ।

+ + +

ଗଲା ଶହେ ବର୍ଷ ଭିତରେ ନାଏଗ୍ରା ଜଳ ପ୍ରପାତ ପ୍ରାୟ ୧୦୦ ଫୁଟ ପଛକୁ ଘୁଞ୍ଚି ଯାଇଛି ଓ ଅଦ୍ଭୁତ ଘଟୁଛି । ପାଣି ପଡିବା ଦ୍ୱାରା ପ୍ରତିବର୍ଷ ୩ଫୁଟ ଲେଖା କ୍ଷୟ ହୁଏ ।

× × ×

ବେଲଜିଅମରେ ଗୋଟିଏ ଶିଶୁ ଅଳକୁ ୨୦ ବର୍ଷ ହେଲା ଝିଲ୍ଲିଣା ଛୁଇଁ ନାହିଁ ଓ କେବଳ ଦୁଧ ଖାଇ ଅଛି । ଚିଲଡ୍ରେନ ଗିଲ୍ଡ ହେବା ସମୟରେ ସାଧାରଣ ପିଲା ପରି ଥିଲା । କିଛି ଦିନ ପରେ ଝିଅଟିକୁ ପକ୍ଷାଘାତ ଧରିବ ମାନସିକ ଓ ଶାରୀରିକ ଉନ୍ନତିରେ ବାଧା ଘଟିଲା । ସେ ବର୍ତ୍ତମାନ ନା ଫୁଟ ଉଚ୍ଚ କଥା କହି ପାରୁ ନାହିଁ ଓ ଭଲ କରି ଶୁଣି ପାରେ ନାହିଁ ।

× × ×

ସାଧାରଣତଃ ମସ୍ତିଷ୍କ ହୃତ୍‌ପିଣ୍ଡର କ୍ରିୟା ବନ୍ଦ ହେଲେ ମୃତ୍ୟୁ ଘଟେ । କିନ୍ତୁ ଡାକ୍ତରମାନେ ଗବେଷଣା ଦ୍ୱାରା ସ୍ଥିର କରିଛନ୍ତି ଯେ ଯଦିଓ ହୃତ୍‌ପିଣ୍ଡର କ୍ରିୟା ବନ୍ଦ ହୋଇଗଲେ ମୃତ୍ୟୁ ଘଟେ ବୋଲି କୁହାଯାଏ କିନ୍ତୁ ମନୁଷ୍ୟର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଜୀବିତ ଥାଏ । ମଣିଷ ମରିଗଲା ପରେ ତାର ଅଙ୍ଗ ପ୍ରତ୍ୟଙ୍ଗ କାଟି ଦରକାର ଅନୁଯାୟୀ ଅନ୍ୟ ରୋଗୀର ଦେହରେ ଲଗାଯାଇ ପାରେ । ମୃତ୍ୟୁ ପରେ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ଜୀବନୀ ଶକ୍ତି କେତେ ସମୟ ଥାଏ ତା'ର ବିବରଣୀ—

ମସ୍ତିଷ୍କ ୧୦ ମିନିଟ, ହୃଦୟର ପେଶୀ (Heart muscles) ୨୦ ମିନିଟ, ଚକ୍ଷୁ ୩୦ ମିନିଟ, କିଡ୍ନି ୧ ଘଣ୍ଟା, ହାତ ଓ ଗୋଡ଼ର ପେଶୀ ସମୂହ ୪ ଘଣ୍ଟା, ରକ୍ତନଳୀ ୧୮ ଘଣ୍ଟା; ହାଡ ୩ ଦିନ ଓ ଚର୍ମ ୫ ଦିନ ।

× × ×

( ମଜାକଥା ୩ୟ ପୃଷ୍ଠା ଉତ୍ତାରୁ )

ଉପରୁ ଏକାଠି କରି ଗୋଟିଏ ମାତ୍ର ପେଟେଣ୍ଟ ମେଡ଼ିସିନ୍‌ ତିଆରି କରିବା—ରେମେଡ଼ି ଅନ୍ତ ଅବଧି ହେଲାକ କରୁ ବାହାର କମ ନୁହେଁ । ଅନ୍ଧାର ମୂଳ-କର ଖବର ସମସ୍ତେ ଜାଣନ୍ତି କାହାରିକୁ ଅଛପା ନୁହେଁ । ଡମ୍ପ ଥଳ ଅଟରେ ସମସ୍ତେ ଯୋଡ଼ି ସ୍ୱାନ୍ତ...ବହୁତ ମଜାର ପର ।

ଔଷଧ ତିଆରିର ଚାହାଳୁସ ଦେବଳ ଗୋଟିଏ ଯାଗାରେ ଅଛି । ସେଠାକୁ ମୋ ବ୍ୟତିତ କେହି କରି ପାରିବେ ନାହିଁ । ଏହା ଗୋପ କରି ରଖିଛି । ସେଥିପାଇଁ ମୁଁ ବୁଢ଼ା ଡାକ୍ତର...ଏକଦମ ପୁରୁଣା କହିବ ସେ ଯାଗାଟା କେଉଁଠି...ଯେଉଁଠି କେଉଁଠି ଔଷଧ ଯୋଗାଯାଏ—ଝିଏ ପାରୁ ସିଏ ଯୋଗ ଦେବ କିନ୍ତୁ ଭଗମାପ ମୋ ପରି କାହାରିକୁ ମାଲୁମ ନାହିଁ । ସବୁ ଭଗମାନ୍ୟ ନବକୁରେ ତଉକ ପେଟେଣ୍ଟ ମେଡ଼ିସିନ୍‌ ତିଆରି ହୁଏ । ତା'-ନା' ରଖେ କ'ଣ ? ନବାବ—ବା ଏକ ବିବରଣ । ଅଳ୍ପ ଓ ଅନାଥ ଇତ୍ୟାଦି ସ୍ଥାନରେ—ଔଷଧ ସପ୍ତାହକୁ ଧରେ । କିନ୍ତୁ ଜଣେ ଜଣେ ମାତାଲ ଥାନ୍ତି ତାଙ୍କୁ ମୋଟେ ବାଟେ ନା—ତାଙ୍କ ପାଇଁ ଅନ୍ୟ ବାଟ ପିଠାଉ ଦଶହେଉଛି ନିଉରାଲ ଗ୍ଲାଣ୍ଡ—ଡ୍ୟାସ୍—ଡ୍ୟାଇ୍—ଅବଶ୍ୟ ଔଷଧ ସେବନ ପରେ ।

ମୁଁ ବେକ୍ତ ଧ୍ୟାନ କରି ସାଦର୍ଶୀ—କିନ୍ତୁ କୋଟି କୋଟି ବର୍ଷର ଅଭିଜ୍ଞତା ବାଟେ ଦ୍ୱାର ମାନସିକ ସେଥିପାଇଁ କଷ୍ଟିତ । ହୃଦୟର ହାଲସ୍ଥଳ ଦେଖି ସନ୍ଦେହ ହେଲାକୁ ହେଲା ସନ୍ଦୂତ ହେଉନାହିଁ । ଅରେ ଅପରେଣ, ଔଷଧ ଖାଇଲେ ଔଷଧ ଧରିଲା—ମାଣ୍ଡ ଛ ବର୍ଷ ମୁହୂର୍ତ୍ତରେ ବଦଳିଲା—ପୁଣି ସେଇ -ଲକ୍ଷଣ ଉଙ୍କି ମାରୁଛି । କଏ ଛଙ୍କୁଣୀ ତ କଏ ବୋଉଡ଼ା ଧରିଲା—କଏ ମଦ ଟୋକେଇ ତ କଏ ବେଶ୍ୟା ହେଲା—କଏ ପଶି ଠାଉଲତ କଏ ବାଡ଼ ଡେଇଁଲ...କଏ ବାର୍ଥକନ୍ଟ୍ରୋଲ ଶିଖିଲତ କଏ ଉଦର ସ୍ୱତନ୍ତ୍ର ଉତ୍ସବ କଲା...କଏ କେବଳ କଥାକୁ ଦେଲାଖ କଏ ବେଲ ଉପରେ ଶୋଇଲା...ଉଏ ପୁଣି କଣ ? ପୁଣି ମୋ ପୁଅରେ ହାଜର । ଘରେ ବାବୁ ବ୍ୟସ୍ତ ହବାର କଛ ଜାଣି—ବୋଝଘା ମେଡସିନ୍ ବର୍ଷ-ମାନ ତିଆରି ସରିକାଣି । ସବୁର କଟଳ ଖବର-କାଗଜରେ ନିବେଦନ ହବ—ଅବ୍ୟର୍ଥ 'ମହୌଷଧ—'ଦେଖନ୍ତୁ ଫଳ ପାଇବେ'...ଉପକୃତ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । ଜଣକୁ କୋଇ ପ୍ରମାଣିତ ହେଲେ ୫୦୦ ଟଙ୍କା ପୁରସ୍କାର ଦିଆଯିବ—ଅରେ ମାତ୍ର ପଇସା ପ୍ରାର୍ଥନୀୟ—ବର୍ତ୍ତମାନ ଅର୍ଡ଼ର ଦିଅନ୍ତୁ—"ପ୍ରେମ-ସୁଧା"...ସେବନ କଲେ ସନ୍ୟାସ ଧର୍ମ ପ୍ରତି ଆଦର ବଢ଼ିବ...ଶୂନ୍ୟରେ ଉଡ଼ିବା ପାଇଁ ମନ ଉଡ଼ ହୁଏ । ମୃତା ବାଟକାରୁ କଟିଶ ପଣ ଉଠିବା ହେବ...କିନ୍ତୁ ଆପଣମାନେ ଟିକିଏ ସତର୍କତା ବାମ କରିବେ...ଏଇ ସବୁ ଔଷଧର କଭରରେ ଲିପିବଦ୍ଧ ହବ...ଅନ୍ଧାର ଡାକ୍ତର—

ବିଶେଷ ଦ୍ରଷ୍ଟବ୍ୟ—କଟକ, ପୁରୀ, ଭୁବନେଶ୍ୱର, ରାଉର, ସମ୍ବଲପୁର, ଅନୁଗୋଳ, ଗଞ୍ଜାମ...ସ୍ଥାନରେ ଆମର ଏଜେଣ୍ଟ ଅଛନ୍ତି...କନ୍‌ସେସନ ରେଟରେ ଔଷଧ ମିଳିବ । ଯେଉଁମାନେ 'ମନୋ-ବିଜ୍ଞାନ'ର ଛାତ୍ରବୃନ୍ଦ—ଆମ ଡାଏରୀ ଡାକ୍ତରଙ୍କୁ ଜଣାଇବେ—ଇତି ।

ପରିକଳ୍ପ—



Digitized by srujanika@gmail.com



## ଉଦ୍ଦେଶ୍ୟ

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା।

୨। ଡଗରର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା।

୩। ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା।

୪। ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

( ୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ )

**ପୂଜ୍ୟପାଦ**

## ଆଚାର୍ଯ୍ୟ ହରିହର ଦାସ

ତ୍ୟାଗ ଓ କର୍ମପାଶେ
ଭୁଲି ଜୀବନେ,
କରିଛ ସ୍ୱଚ୍ଛନ୍ଦେ—
ଜନ୍ମ ମରଣେ
ନ ମାନି ଗରିମାର
ଝଡ଼ ବରଷା
ଦେଇଛ ଦାନବନ୍ଧୁ, ଦୀନେ ଭରସା
ଉତ୍କଳ ମାଟି ପ୍ରାଣ ଅସୀମ ବ୍ୟଥା
ହରିବା ଜୀବନରେ କରିଛ କଥା—
ମହତ ପ୍ରାଣ ପାଶେ ମାନିଛୁ ହାର
ଲେଖି ଓ ହାଂସାର ଯେ କୁଟି ବେଭାର।
ଉତ୍କଳ ଜନନୀର ଯୋଗ୍ୟ ସନ୍ତାନ
ନାହିଁ ତ ତବ ପ୍ରାଣେ ଯଶଃ ଅଭିମାନ
ସରଳ ବ୍ୟବହାର, ମଧୁର ଭାଷ
ମର୍ତ୍ତ୍ୟରେ ଦିଏ ଆଣି ସ୍ୱର୍ଗୀୟ ହାସ।

ଅଜ୍ଞାନ ଅନ୍ଧକାରେ ଭରି ମୋ' ପ୍ରାଣ
ନ ଜାଣେ ଜଗତରେ ତ ଦେବ ସମ୍ମାନ।
ନ ଜାଣେ କହି କଥା—ନ ଜାଣେ କିଛି
ଭକ୍ତିର ଫୁଲ ମନ ନ ପାରେ ବାଛି।
କ୍ଷମିବ ପୂଜନୀୟ, ଦୀନା ବାଳିକା
କରଇ କରଯୋଡ଼ି ଅଶେଷ ଭିକ୍ଷା।
ଜନନୀ ଜନ୍ମଭୂମି କଳିଙ୍ଗ ମୋର
ଅସୀମ ଦୁଃଖ ଭାର ଦୁର୍ଦ୍ଦଶା ଘୋର
ତା' ଦୁଃଖ ବିନାଶନେ ଯାଉ ଏ ପ୍ରାଣ
ଦିଅନ୍ତୁ ଆଶୀର୍ବାଦ ହେ ଋଷି-ପ୍ରାଣ।
କ୍ଷମିବ ଦୋଷ ମୋର ଅଜ୍ଞାନା ଅତି
ନମଇ ପଦେ ତବ, କରେ ମିନତି।

—ଶୈଳବାଳା



## କୁମାରୀ ମହାବିଦ୍ୟା ଦେବୀ

ସ୍ନେହର ନାତି ନାତୁଣୀଏ,

ତମେମାନେ କୁମାରୀ ମହାବିଦ୍ୟାଙ୍କୁ ଚିହ୍ନିଥିବ। ସେ ଜଣେ ଆମ ନାଗ ଘରର ମେମ୍ବର ଓ 'ଡଗର'ର ଲେଖିକା। ପ୍ରତିଯୋଗିତାରେ ଅନେକ ଥର ପୁରସ୍କାର ପାଇଛନ୍ତି। ସେ ଏ ବର୍ଷ ବାଲେଶ୍ୱର ମିଶନ ବାଳିକା ଉଚ୍ଚ ଇଂରାଜୀ ସ୍କୁଲରୁ କୃତିତ୍ୱର ସହିତ ମାଟ୍ରିକୁଲେସନ ପାଶ କରି ସମଗ୍ର ଓଡ଼ିଶାରେ ବାଳିକାମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ବାଳିକାମାନଙ୍କ ଭିତରେ ପ୍ରଥମ ହୋଇ ଥିବାରୁ ଟ ୨୦ ବୃତ୍ତି ପାଇବେ। ମୁଁ 'ଡଗର' ନାଗ ଘର ତରଫରୁ ତାଙ୍କୁ ଅଭିନନ୍ଦନ କରୁଛି। କୁମାରୀ ମହାବିଦ୍ୟା ହେଉଛନ୍ତି ବାଲେଶ୍ୱର ନିବାସୀ ସମନ୍ତ ରାଧାରଞ୍ଜନ ଦାସଙ୍କର ମଧ୍ୟମା କନ୍ୟା। ରାଧାରଞ୍ଜନ ବାବୁ ତାଙ୍କର କନ୍ୟାମାନଙ୍କୁ ଉଚ୍ଚ ଶିକ୍ଷା ଦେବାରେ ଆଗ୍ରହୀ। ତାଙ୍କର ଜ୍ୟେଷ୍ଠା କନ୍ୟା କୁମାରୀ ମୃଗବିଦ୍ୟା ବର୍ତ୍ତମାନ କଟକ ମେଡ଼ିକାଲ ସ୍କୁଲର ତୃତୀୟ ବାର୍ଷିକ ଶ୍ରେଣୀର ଛାତ୍ରୀ।

କୁମାରୀ ମହାବିଦ୍ୟାଙ୍କର ବୟସ ବର୍ତ୍ତମାନ ୧୬ ବର୍ଷ। ସେ ଭାରି ଛୁଆ। ସେହି ହେତୁରୁ ତାଙ୍କ ପିତା ମାତା ତାଙ୍କୁ ଆଇ. ଏସ୍‌ସି. ନ ପଢ଼ାଇ ଆଇ. ଏ. ପଢ଼ାଇବେ ବୋଲି ମନସ୍ଥ କରିଛନ୍ତି। ମହାବିଦ୍ୟାଙ୍କର ପ୍ରତିଭା ପିଲାଟି ଦିନରୁ ଜଣା ଯାଇଥିଲା। ସେ ଅପର ପ୍ରାଇମେରୀ ଓ ଏମ୍. ଇ. ରେ ବୃତ୍ତି ପାଇ ଆସିଥିଲେ ଏବଂ କ୍ଲାସରେ ବରାବର ପ୍ରଥମ ସ୍ଥାନ ଅଧିକାର କରୁଥିଲେ। ଆମେ ତାଙ୍କ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରୁଁ। ଇତି।

—ଅଜା—

Digitized by srujanika@gmail.com

ଜଗତ୍ ବିଖ୍ୟାତ

# ପାଇରୋଲା

ଯେ କୌଣସି ପ୍ରକାର ପାଳିଜ୍ୱର ଘଣ୍ଟାରେ ଆରୋଗ୍ୟ ହୁଏ ।
ଅତଡ଼ାପ୍ସ, ଶକ୍ତ ପ୍ଲୀହା, ଯକୃତ୍, ମ୍ୟାଲେରିଆ ଓ ସବପ୍ରକାର ଜ୍ୱର ବିନା ଇନ୍‌ଜେକ୍‌ସନରେ ଆରୋଗ୍ୟ କରିବାକୁ ଏହା ଅଧୁନାତନ ଯୁଗରେ ଅଦ୍ୱିତୀୟ ।

ମେସାର୍ସ ବହୁବଜାର ଫାର୍ମାସୀ
ନଂ ୧୧୫ ନୂଆ ବହୁବଜାର ଷ୍ଟ୍ରିଟ, କଲିକତା ।

ସୋଲ ଏଜେଣ୍ଟ—ମହମ୍ମଦ ଇସମାଇଲ ଖାଁ
ଶ୍ରୀ ଶରତଚନ୍ଦ୍ର ଚୌଧୁରୀ—ଚଉଧୁରୀ ବଜାର, କଟକ (ଉତ୍ତର ଗଡ଼ଜାତ ଓ ଜାଜପୁର ଏଜେଣ୍ଟ)

---

ବାତରକ୍ତ ଓ କୁଷ୍ଠର

# ଭ୍ରାମରୀ ରସାୟନ

ଅବ୍ୟର୍ଥ ମହୌଷଧ

ଏହା ପୁରାତନ ରସାୟନର ଫର୍ମୁଲା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଦାଗ, ଦାଗଙ୍କର ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବିକାର ବେଦନା ଅଜୀର୍ଣ୍ଣ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିଯିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫।୮୦ **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଶୀଘ୍ର ଆରୋଗ୍ୟ ହୁଏ । ଏକଶିଶି ୫।୦ଙ୍କା ନାହିଁ ୫।୦ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ
ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ
ଆଲମଚାନ୍ଦ ବଜାର, କଟକ ।

---

## ଝିଅଙ୍କ ହାତରେ

ଦେବା ଭଳି ବହି ।

# 'ସୁନା ଭଉଣୀ

ସଂଗ୍ରାହକ— ଶ୍ରୀ ଘନଶ୍ୟାମ ମହାପାତ୍ର
ମୂଲ୍ୟ— ୫୦/ ଅଣା ।
ପ୍ରାପ୍ତିସ୍ଥାନ:—କଟକ ପବ୍‌ଲିଶିଂ ହାଉସ୍
ନୟାସଡ଼କ—କଟକ ।

## ଭଲ ମଞ୍ଜିରୁ ଭଲ ଗଛ

ବିଶ୍ୱସ୍ତ ପ୍ରତିଷ୍ଠାନରୁ ମଞ୍ଜି କିଣି ଠକିବାର ଆଶଙ୍କା ନାହିଁ । ମୂଲ୍ୟ ବହୁତ ସୁଲଭ ସସ୍ତା । ପରୀକ୍ଷା ପ୍ରାର୍ଥନୀୟ ।

ଟଙ୍କାକରୁ କମ୍ ଅର୍ଡର ଭି: ପି: ରେ ପଠାହୁଏ ନାହିଁ । ଦଶଟଙ୍କା ବା ଅଧିକ ମୂଲ୍ୟର ପାର୍ସଲରେ ଡାକମାସୁଲ ପଡ଼ିବ ନାହିଁ ।

ଏଜେଣ୍ଟ ନଂ ୩୦୪ ନୂଆ
ବାଲିସିଡ୍ ଷ୍ଟୋର
ପୋଃ ଅଃ ବାଲି ( Bally )
ଜିଲ୍ଲା—ହାଓଡ଼ା

# ମରମ

କବି - ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ନବ ଯୁଗର ନବୀନ ଭାବୋଚ୍ଛ୍ୱାସ

ପଢ଼ିଲେ ମୁଗ୍ଧ ହେବେ

ମୂଲ୍ୟ:—୫୦୵ ଅଣା

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲି:

ପ୍ରତ୍ୟେକ ଗୃହସ୍ଥ ନିଜ ପରିବାରବର୍ଗଙ୍କ ସଂସ୍ଥାନ ପାଇଁ ବୀମା କରିବା ନିତାନ୍ତ ଆବଶ୍ୟକ ।

ଅନିର୍ଦ୍ଧାରିତ ପରିସ୍ଥିତି ସମୟେ କହିଲ ହୋଇ ନ ଥିବା ମଫସ୍ୱଲର ସ୍ୱଳ୍ପ ଧନୀ ନିରାପଦ ଭାବରେ ଟଙ୍କା ଲଗାଇବାର ଉତ୍କୃଷ୍ଟ ଉପାୟ ହେଉଛି ଗୋଟିଏ ସୁଦୃଢ଼ ବୀମା କମ୍ପାନୀରେ ବୀମା କରିବା ।

ହିନ୍ଦୁସ୍ଥାନ ଗତ ୩୫ ବର୍ଷ ହେଲା ଭାରତବର୍ଷ ଏବଂ ବାହାରେ ପ୍ରବାସୀଙ୍କର କୋଟି କୋଟି ଟଙ୍କାର ଦାବୀ ପୂରଣ କରି ଏବଂ କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ଯଥେଷ୍ଟ ସୁଦୃଢ଼ତାର ପରିଚୟ ଦେଉଛି ।

୧୯୪୦ ରେ ନୂତନ ବୀମାର ପରିମାଣ ପ୍ରାୟ ତିନିକୋଟି ୧୯୩୦ ରେ ଯେତିକି ଅଧିକ ପରିମାଣ ପ୍ରାୟ ଏକ କୋଟି

ବୀମା ପାଣ୍ଠି ଛଅକୋଟି ୫୫ ଲକ୍ଷରୁ ଉର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ସାତ କୋଟି ପାଞ୍ଚଲକ୍ଷରୁ ଉର୍ଦ୍ଧ୍ୱ ।

ମୋଟ ପରିଶୋଧ ଦାବୀର ପରିମାଣ ଦୁଇ କୋଟି ପଚାଶ ଲକ୍ଷରୁ ଉର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଂସ୍, କଲିକତା ।

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର
ଭଦ୍ରକ ।





### ବହୁ ଉଚ୍ଚ ଅଭିମତ ସମ୍ବଳିତ ବିଖ୍ୟାତ କବିତା ବହି
# ସଂଘର୍ଷ
[ଦୁଇଅଣା]

କାନ୍ତକବି ଲକ୍ଷ୍ମୀକାନ୍ତ କହନ୍ତି—ଆମ ସାହିତ୍ୟରେ କବି ଗୋଟାଏ ନୂତନ ପ୍ରେରଣା ଆଣି ପାରିଛନ୍ତି ବୋଲି ମୋର ଧାରଣା ।

ସରହ୍ରିଜତବ କହନ୍ତି—ଏଭଳି ବଳିଷ୍ଠ ଲେଖା ଏ ଯୁଗରେ ଯେତେ ପ୍ରକାଶିତ ହେବ, ସେତେ ଏ ଦେଶର ମାନସିକ ସ୍ୱାସ୍ଥ୍ୟ ପକ୍ଷେ ମଙ୍ଗଳ ।

ଲକ୍ଷ୍ମୀନାରାୟଣ ସାହୁ ( ଭାରତ ସେବକ ସମିତି ସଦସ୍ୟ ) କହନ୍ତି—ମୁଁ ଏହି ଜାତୀୟ କବିତାକୁ ମନର ସ୍ୱାଧୀନ ସୃଷ୍ଟିର ରଚନା ବୋଲି ସମାଦର କରିପାରେଁ ।

ଦ୍ୱିତୀୟ ଅବଦାନ 'ନୈବେଦ୍ୟ'—( ଅଠ ଅଣା )

କାନ୍ତସ୍ନିଗ୍ଧ ସରଳ ଅଭିନବ କବିତାମାଳା—ଭୂମିକାରେ ସୁସାହିତ୍ୟିକ ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତିଙ୍କର ମନ୍ତବ୍ୟ ପଢ଼ନ୍ତୁ । ଯୁବକ ଯୁବତୀଙ୍କର ପରମ ଆଦରର ସମ୍ପଦ—ପ୍ରେମର ଅଶ୍ରୁପ୍ତ ଅର୍ଘ୍ୟ—ବାତ୍ସଲ୍ୟ ସ୍ନେହ ଭକ୍ତିର ଅପୂର୍ବ ଅମୃତ ଉତ୍ସ—ଅବସର ବିନୋଦ ପାଇଁ ଖଣ୍ଡିଏ ମାଗି ନିଅନ୍ତୁ ।

ମାତ୍ର ଏକଟଙ୍କା ଦେଇ ସଭ୍ୟ ହେଲେ, ସମିତିର ପ୍ରକାଶନ ଗୁଡ଼ିକ ଅର୍ଦ୍ଧ ମୂଲ୍ୟରେ ପାଇ ପାରିବେ

ପରବର୍ତ୍ତୀ ଅବଦାନ—**ମାୟାପୁରୀ**—( ଉଦନ୍ତ କାହାଣୀ )

ଟଙ୍କା ଓ ପତ୍ର ପଠାଇବାର ଠିକଣା—ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତି, ଭଦ୍ରକ ।


Printed & published at the Gopinath Press, Bhadrak. by. G. C. Mahapatra and issued from Dagaro Office Bhadrak.

Digitized by srujanika@gmail.com

# ଡଗର



ସମ୍ପାଦକ:—— ଶ୍ରୀଲକ୍ଷ୍ମୀକାନ୍ତ ମହାପାତ୍ର

ଆଷାଢ଼ ଦ୍ୱିତୀୟାର୍ଦ୍ଧ

ଏଥର ପଢ଼ିବେ


ବିଲୁ ଆବିଷ୍କାର

କାହାଣୀ    କ-କା

ମଜାକଥା ··  ହଜି-ମୁନ୍

ମଜାକବିତା ··· ଦୁଇ ବଉଳ

କୁତୁକୁତୁ ··

ନାଗବଢ଼ା ··ନୀରବ ସାଧକ ପାଣ୍ଡୁର


ଟ୨ଙ୍କା ଦେଇ ବର୍ଷେ କାଳ ଘରେ ବସି

**ଡଗର ପଢ଼ନ୍ତୁ ।**

୬ଷ୍ଠ ବର୍ଷ    1 ANNA    ୪ର୍ଥ ସଂଖ୍ୟା

Digitized by srujanika@gmail.com

## ଜଗତ୍ ବିଖ୍ୟାତ

# ପାଇରୋଲା

ଯେ କୌଣସି ପ୍ରକାର ପାଳଜ୍ୱର ତାହାଠାରେ ଆରୋଗ୍ୟ ହୁଏ ।
ଅନ୍ତାଦାୟୁ, ଶକ୍ତ ପ୍ଲୀହା, ଯକୃତ୍, ମ୍ୟାଲେରିଆ ଓ ସକଳପ୍ରକାର ଜ୍ୱର ବିନା କୁଇନାଇନରେ ଆରୋଗ୍ୟ କରିବାକୁ ଏହା ଅଦ୍ୱିତୀୟ ଔଷଧ ।
ମେସାର୍ସ ହେଡ଼ କାର ଏଣ୍ଡ କୋଂ
ନଂ ୧୧୫ ନୂଆ ଚାଇନାବଜାର ଷ୍ଟ୍ରିଟ, କଲିକତା ।

ସୋଲ ଏଜେଣ୍ଟ—ମହମ୍ମଦ ଇସମାଇଲ ଖାଁ
ଶ୍ରୀ ବୀରଭଦ୍ର ଚୌଧୁରୀ—ଚରମ୍ପା ବଜାର, ଭଦ୍ରକ (ଭଦ୍ରକ ଗୁଡ଼ବାଲା ଓ ଜାଜପୁର ଏଜେଣ୍ଟ)

---

ବାତରକ୍ତ ଓ କୁଷ୍ଠର **ଭ୍ରାମରୀ ରସାୟନ** ଅବ୍ୟର୍ଥ ମହୌଷଧ

ଏହା ପ୍ରାଚୀନ ରସାୟନର ପଦ୍ଧତି ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ... ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଳି ବା ଅଦ୍ଭୁତ ଦାଗ, ହାତ... ଜ୍ୱାଳା ଶାରୀରିକ ଅବସାଦ, ଚର୍ମରେ ବେଦନା ଅଭାବ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ ରୋମ୍ବଲତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣ ପାଇଁ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିଯିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୦ **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଳି ପ୍ରଭୃତି ଶୀଘ୍ର ଆରୋଗ୍ୟ ହୁଏ । ଏକଶିଶି ୫୦ଟଙ୍କା ମାତ୍ର ୫ ୨ ଟଙ୍କା ମାତ୍ର ।

**କାଶ୍ୟପ ଔଷଧାଳୟ**
ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ
ଆଲମଚାନ୍ଦ ବଜାର, କଟକ ।

---

## ଦୁଇ ଅଙ୍କ ହାତରେ

ଦେଖିବା ଭଲ ବହି ।

# ସୁନା ଭଉଣୀ

ସଂଗ୍ରାହକ— ଶ୍ରୀ ଦନଗାମ ମହାପାତ୍ର
ମୂଲ୍ୟ— ୫୦ ଅଣା ।
ପ୍ରାପ୍ତିସ୍ଥାନ:—କଟକ ପବ୍ଲିଶିଂ ହାଉସ୍
ନୟାସଡ଼କ—କଟକ ।

## ଭଲ ମଞ୍ଜିରୁ ଭଲଗଛ

ବିଶ୍ୱସ୍ତ ପ୍ରତିଷ୍ଠାନରୁ ମନୋନୀତ ମଞ୍ଜି କିଣିଲେ ଠକିବାର ଆଶଙ୍କା ନାହିଁ । ମୂଲ୍ୟ ତାଲିକା ଦରଖାସ୍ତ କରନ୍ତୁ । ପରୀକ୍ଷା ପ୍ରାର୍ଥନୀୟ ।

୫ ଟଙ୍କାରୁ କମ୍ ଅର୍ଡର ଭି: ପି: ରେ ପଠାହୁଏ ନାହିଁ । ଦଶଟଙ୍କା ବା ଅଧିକ ମୂଲ୍ୟର ପାର୍ସଲରେ ଡାକମାସୁଲ ପଡ଼ିବ ନାହିଁ ।

ଏଜେନ୍ସି ନଂ ୩୦୪ ନୂଆ
ଭାରତୀ ସିଡ୍ ଷ୍ଟୋର
ପୋଃ ଅଃ ବାଲି ( Bally )
ଜିଲ୍ଲା—ହାୱଡ଼ା

# ମରମ

କବି ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ନବ ଯୁଗର ନବୀନ ଗୀତିକାବ୍ୟ
ପଢ଼ିଲେ ମୁଗ୍ଧ ହେବେ
ମୂଲ୍ୟ:—୫୦ ଅଣା


Digitized by srujanika@gmail.com



ଝାରସୁଗୁଡ଼ା ଟେଷ୍ଟ ରଣରେ କଂଗ୍ରେସ ପକ୍ଷର ପାଞ୍ଚ ଛତା ଉଡ଼ିଗଲା । ପବନ ଝଡ଼ମାନେ ସେ ଛତାକୁ ଫୁଟାଇ ଦେବାର ଉଦ୍ୟମ ଲାଗିଗଲେଣି । ଯଦି କଦା ଝାଣ୍ଟ ହୋଇଥିବ ଟେକିଯିବ—ପୋକର, ଇପିଅ ହୋଇଥିଲେ ପାଞ୍ଚ ପର ପର ହୋଇଯିବ । ନିର୍ବାଚନ ଅବୈଧ ହୋଇଛି ବୋଲି ଗୋଟାଏ ନିର୍ବାଚନ ମକଦ୍ଦମା ଦାଏର ହୋଇଗଲାଣି । ଫଳ କେତେ ତାହା ଶୁଣିବ ସେଥିଲାଗି ଅପେକ୍ଷା କରିବାର । ତେବେ ଇଂଲଣ୍ଡ ଜର୍ମାନ, ଫ୍ରାନ୍ସ, ଜାପାନ ଠାରୁ ଓଡ଼ିଶା ଯେ କେଉଁ କମ ଲଜ୍ଜା ନାହିଁ, ଏତିକି ଆମର ଅଶି ମୁଲକ !

× + ×

ଆମ ଦେଶ ସମ୍ବନ୍ଧରେ ସେଦିନ ଦାସ-ବଂଶ (Slave Dyunsty) ବିଷୟରେ କଥା ପଡ଼ିଲା । ଜଣେ ସଭ୍ୟ କହିଲେ କି;—

"ଉତ୍କଳ ଦେଶ ଦାସ-ବଂଶର ଜନ୍ମସ୍ଥାନ" । ଏ କଥାରେ ସମସ୍ତେ ପ୍ରତିବାଦ ସୂଚକ ଧ୍ୱନି କରି ଚୋବାଇ ଉଠିଲେ । ତେଣୁ ବକ୍ତା ନିମ୍ନଲିଖିତ ରୂପ କାରଣ ଦର୍ଶାଇ ତାଙ୍କ ଉକ୍ତିର ସାର୍ଥକତା ପ୍ରମାଣ କଲେ । ସେ କହିଲେ କି- ଉତ୍କଳ ଦେଶରେ ପୁରୁଣା ପ୍ରଧାନକବି ଓ ଧର୍ମବେତ୍ତା ହେଉଛନ୍ତି 'ଦାସ' । ଯଥା—ଶାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ ପ୍ରଭୃତି ।

ଏ ଯୁଗର ମଧ୍ୟ ନବ ଓଡ଼ିଶାର ବିଧାତା—୮ବିଚିଧାନନ୍ଦ ଦାସ । ତାପରେ ମଧୁସୂଦନ ଦାସ । ତାଙ୍କ ପରେ ବାହାରିଲେ ଗୋପବନ୍ଧୁ ଦାସ ।

ତାପରେ ଏକ କଥା ଦେଖନ୍ତୁ । ଓଡ଼ିଶାର ପ୍ରଥମ ପ୍ରଧାନ ମନ୍ତ୍ରୀ ଓ ବର୍ତ୍ତମାନ କଂଗ୍ରେସର କର୍ତ୍ତା ବିଶ୍ୱନାଥ ଦାସ । କାଉନସିଲ ସଭାରେ ଦୁଇଜଣ ଓଡ଼ିଆ ଅଛନ୍ତି; ସେମାନେ ଦୁହେଁଯାକ ଦାସ; ନୀଳକଣ୍ଠ ଦାସ ଓ ଭୁବନାନନ୍ଦ ଦାସ । ଷ୍ଟେଟ କାଉନସିଲର ଏକମାତ୍ର ଓଡ଼ିଆ ମେମ୍ବର, ନନ୍ଦକିଶୋର ଦାସ । ଓଡ଼ିଆ ଅସେମ୍ବ୍ଲି ସଭାପତି, ମୁକୁନ୍ଦପ୍ରସାଦ ଦାସ । ଏହା ପରେ ଆଉ କିଏ ନଧିଦାସ ?

× + ×

ଏକଥାରେ ସମସ୍ତେ ଚୁପଚାପ ହୋଇଗଲେ । କିଛିକ୍ଷଣ ପରେ ନୀରବତା ଭଙ୍ଗ କରି ଜଣେ ଗଦଗଦ-ଧାର ତରୁଣ କଳ୍ପ ଆପତ୍ତି କରି ଉଠିଲେ କି— ଏ ଯୁକ୍ତି କଳ୍ପ ଖଣ୍ଡି ଯାଉଛି । ବର୍ତ୍ତମାନ ଦାସଙ୍କୁ ଶତା କାଳ ଓଡ଼ିଶାର ଲଗାମ ଯେ ହାତରେ ଧରିଛନ୍ତି ସେ ପଟ୍ଟ-ପଟ୍ଟ ବଂଶ ।'

ଏ କଥାରେ ପୁଣି ଗଣ୍ଡଗୋଳ ଉଠିଲା । ସମସ୍ତେ ଆନନ୍ଦରେ 'ହବ୍ବା ହବ୍ବା ହବ୍ବା ହବ୍ବା' ଗୋଳ କରି ଉଠିଲେ । ପ୍ରଥମ ବକ୍ତା ମନଦୁଃଖ ହୋଇ ମୁଣ୍ଡ ତଳକୁ ପୋତିଲେ ।

ସମସ୍ତେ ଏ ବିଷୟରେ ସଭାପତିଙ୍କ ଶେଷ ନିଷ୍ପତ୍ତି ଚାହିଁଲେ, ସେ ଗମ୍ଭୀର ଭାବରେ ମୁଣ୍ଡ ଝୁଙ୍କାଇ ଦୁଇପାଦ ଧରଣୀରେ ଓ ଦୁଇପାଦ ଟେବୁଲ ଉପରେ ସ୍ଥାପନ କରି ଏମନ୍ତ କହିଲେ—

'ପ୍ରଥମ ବକ୍ତା ଯାହା କହିଲେ ଯଥାର୍ଥ, ଏବଂ ଦ୍ୱିତୀୟ ବକ୍ତାଙ୍କ ଉକ୍ତି ମଧ୍ୟ ଏକଦମ ଯଥାର୍ଥ ନୁହେଁ ବୋଲି କହା ଯାଇ ନ ପାରେ । ତେବେ ତାହା ଆଂଶିକ ଭାବରେ ସତ୍ୟ । କଥା ଏହି ଯେ ବର୍ତ୍ତମାନ ପଟ୍ଟନାୟକ ବଂଶର ପ୍ରାଦୁର୍ଭାବ ଥାଇ ମଧ୍ୟ ତହିଁ ଉପରେ ଦାସ ବଂଶର ପ୍ରଭାବ ପରୋକ୍ଷ ଭାବରେ ଯଥେଷ୍ଟ ରହିଛି ବୋଲି ଶୁଣାଯାଏ—କାରଣ ତାଙ୍କ ଦୁର୍ଜନଙ୍କ ମୁଖରୁ ଏହା ପ୍ରମାଣ ।'

ଅତଏବ ମୂଳ ପ୍ରସ୍ତାବ ନିର୍ବାଧରେ ଓ ସର୍ବ-ସମ୍ମତି କ୍ରମେ ପାଶ ହୋଇ କାଏମ କରାଗଲା ।

\+ + +

ବିଶ୍ୱନାଥ ସରକାର ଯେଉଁ ମାନ୍ଦ୍ରାଜ ଜମି-ଆଇନ ରଚନା କରି ଅସେମ୍ବ୍ଲି ସଭାରେ ଉପସ୍ଥାପନ କରି ସାରିଥିଲେ, କାଉନସିଲ ତହିଁରେ ଉପନ୍ୟାସ ନ କରିବାରୁ ତାହା ଅନୁମୋଦିତ ହୋଇ ରହିଗଲା । ଏଥର ପାରଲା ସରକାର ପୁଣି ଗୋଟିଏ ମାନ୍ଦ୍ରାଜ ଆଇନ କରିବାର ବନ୍ଦୋବସ୍ତ କରୁଛନ୍ତି ଓ ବିଶ୍ୱନାଥୀ ଦଳର କେତେଜଣଙ୍କୁ ମଧ୍ୟ କାରବାର କମିଟିରେ ରଖାଇଛନ୍ତି । ମାତ୍ର ସରକାରଙ୍କ ଏ ଉଦାରତାକୁ ଘୋର ଅପମାନ ମଣି ବିଶ୍ୱନାଥ ଦାସେ ଆପଣେ ଏ ପଦକୁ ପ୍ରତ୍ୟାଖ୍ୟାନ କଲେଣି । ଏଇଟା କଣ ନିଷ୍କ୍ରିୟ ଅସହଯୋଗ ନା ଅହଂକାର ପ୍ରତିରୋଧ ?

× + ×

ମନ୍ତ୍ରୀ ଗୋଦାବରୀଶ ମୁଣ୍ଡାରୁ ହିସାବ ବାହାର କରି ଦେଖାଇ ଦେଇଛନ୍ତି ଯେ କଂଗ୍ରେସ ଅସେମ୍ବ୍ଲି ସଚଳ ହୋଇଥିଲେ ପ୍ରଧାନମନ୍ତ୍ରୀ ଦାସଙ୍କର ବର୍ଷକୁ ଆଠ ହଜାର ଟଙ୍କା ଅଧିକା ଲାଭ ହୋଇଥାନ୍ତା । ତେବେ କଣ ସେ ଲାଭ ବାଟରେ କଣ୍ଟା ପଡ଼ିଲା ବୋଲି ଦାସେ ଆପଣେ ତଳ ଅପ୍ରସନ୍ନତାରେ ତହିଁରେ ଯୋଗ କରିଦେବେ ? ଅଥବା ମେମ୍ବରଙ୍କ ଲାଭ ହୋଇଯିବ ଭାବି ଦେଇ ସହା ପଡ଼ୁନି ନାହିଁ ? ଦୁଃଖ, ଏଭଳି ତଳୁ ପାଇ ଯୋଗାଯୋଗ ପରିଷଦ, ଶାସ୍ତ୍ରର ଟିକିଏ ତଳ କାନ୍ଥରେ ରହିଲା ! ଉଠେ ନୁହେଁ କି ?

× + ×

ସଂଗ୍ରାମର ଡାମାଡୋଳ ଅନନ୍ତ ଯୋଗର ଥିଲା ସେହିପରି ଅଛି । ମାତ୍ର ତା ପାଇଁ ସରକାରଙ୍କର ଯେତେ ମୁଣ୍ଡବଥା ଓଡ଼ିଶା ପ୍ରଜାଙ୍କୁ ଅନ୍ନ ପାଇଁ ତାହିଁ ସେପରି କେହି ଦେଖା ଯାଉନାହିଁ । କଂଗ୍ରେସ ସରକାର ଓଡ଼ିଶା ପ୍ରଜାସତ୍ତ୍ୱ ଆଇନର ସଂଶୋଧନ କରି ଓଡ଼ିଶାର କୃଷକ ତଳୁମୂଳରେ ଖସ ଲଗାଇଦେଇ ଗଲେ—ଯାହାର ପରିଣାମରେ ଠିକ୍ ଏକାବେଳେକେ କୁମ୍ଭଘାତ ହେବା ଉପରେ । ଏଥିପ୍ରତି ଆମ ସଂଗ୍ରାମୀ ପାଟନାୟକଙ୍କର ନଜର ନ ପଡ଼ିବା ଆଶ୍ଚର୍ଯ୍ୟ !

\+ + ×

ଏ ବର୍ଷର ଗୁଣ୍ଡିଚାର ମହୋତ୍ସବ ବେଳରେ ଟିକିଏ ମନ ଫୁର୍ତ୍ତି କରିବା ଭଳି ଉପଯୋଗୀ ମାଲ ମସଲା ମିଳିଯିବା ବଡ଼ ଦୁଃଖର କଥା । ଛତ୍ରଖିଆ ସନ୍ନ୍ୟାସୀ ମକଦ୍ଦମାର ହାଇକୋର୍ଟ ରାୟ ବିରୁଦ୍ଧରେ ଧର ଆଉ କଥା ଭାଣା ବଢ଼ାଇ ପ୍ରିଭି କାଉନସିଲ ଅପିଲ କରିବା ପାଇଁ ଦରଖାସ୍ତ କରିଥିଲେ । ସେ ଦରଖାସ୍ତ ନାମଞ୍ଜୁର ହୋଇଗଲା । ଏ ମକଦ୍ଦମା ଚଳୁଥିଲା ବେଳେ କେତେ ବସ୍ତବାଳ ବନ୍ଧୁ ଆନନ୍ଦ ଓ ମଜା ନେଉଛନ୍ତି, ମଧ୍ୟ ଖବରକାଗଜବାଲା ବହୁତ ଆହାର ପାଉଛନ୍ତି । ପ୍ରିଭି କାଉନସିଲରେ ପହଞ୍ଚିଲେ ଆଉରି ଦିନ ଅଧିକା ମିଳିଥାନ୍ତା । ମାତ୍ର ସେ ଆଶାରେ ବାଜ ପଡ଼ିଲା । ଅପିଲଟା ବିଲାତ ଯାଇଁ ଯାଉ ବାଟରେ ଖୋମାମାଡ଼ ଖାଇ ଫାଟିଯିବା ଉପରେ ସ୍ଥଗିତ ହୋଇ ଭକ୍ତମାନେ ଏହା କରି ଦେଉଛନ୍ତି ପରା ।

\+ + +

ଶୁଣାଯାଏ ଦକ୍ଷିଣରେ ବଙ୍ଗାଳ ଧର୍ମଘଟ ପାଳା ଶୁଭ ହୋଇଯାଉଥିବାରେ ସ୍ୱରାଜ । ସେଠା କଲେଜ ମାନଙ୍କରେ ଯେଉଁ ବଙ୍ଗାଳୀ ପ୍ରିନ୍ସିପାଲ ଓ ପ୍ରଫେସର

Digitized by srujanika@gmail.com

ବେଳେ ସେ ପଣ୍ଡିତ୍ ଜ୍ୱାଳା ପ୍ରସାଦ ଦେବାକୁ ବସି ଥିଲେ । ସମସ୍ତେ ଜାଣନ୍ତି, ଖଣ୍ଡିତ ହୋଇ ଏହାର କାରଣ ପରିବର୍ତ୍ତନ । କେହି କହୁଛନ୍ତି—ଏଥର ଜଣ ପ୍ରଧାନ ପ୍ରତିନିଧିଙ୍କ ବକ୍ତୃତାରେ ଏକ ଅଭିଯୋଗ ହୋଇ ଏହା କଲେ । କେହି କେହି କହୁଛନ୍ତି ଦଳିତ ଜନ୍ମଭୂମି ନେତା ଜଗନ୍ନାଥଙ୍କ ଗୁଣର କଥାର ସମାନ ପାଇବେ ନାହିଁ । କଥା ନ ଜାଣିଲେ ଅଦଳ ବେଳ କାହାର ? ଏ ସବୁ କଥା ଯାହା ହେଉ ମୋଟ କଥା ଜଣାଇ ଯେ ମୁକ୍ତି ଆସୁ !

× + +

ୟୁରୋପରେ ଦ୍ୱିତୀୟ ରଣକ୍ଷେତ୍ର (war front) ରଚନା କରିବା ପାଇଁ ମିଳିତ ଦେଶମାନେ ଲୋକଙ୍କ ମତ । ବିଶେଷତଃ ରୁଷ ଏଥିପାଇଁ ବ୍ୟସ୍ତ । ଆମେରିକା ବି ଏହା ଖୋଲିବା ପାଇଁ ପୁରା ଦମରେ ଲାଗିଛନ୍ତି । ଏଥର ହୋଇଗଲେ ଜର୍ମାନ କାବୁ ହୋଇ ପଡ଼ିବ ବୋଲି ସମସ୍ତଙ୍କର ଆଶା ।

କିନ୍ତୁ ଏ ଇଂଲଣ୍ଡ ତାର ଅନୁକୂଳ ବେଳ ଖୋଜୁଛି ନାହିଁ ଏ ଯାଏ । ହିଟଲର ନାକବୁଡ଼ା ଠିକ୍ ପଡ଼ିଲେ ଇଂଲଣ୍ଡ ସେ ବଳ ବାହାର କରି ଏକାଥରକେ ମୁଣ୍ଡି ଦବ । ଏ ସୁଯୋଗ ପାଇଁ ବୋଧହୁଏ ଇଂଲଣ୍ଡ ଅପେକ୍ଷା କରୁଛି । ମାତ୍ର ଏହି ଭିତରେ ଆମେରିକାରେ ଯେତେ ଯେତେ ଅସ୍ତ୍ର ଶସ୍ତ୍ର ପ୍ରସ୍ତୁତ ହୋଇ ଚାଲିଛି ଓ କାରଖାନାରେ ଜମିଛି ସେ ସବୁର କାମରେ ନ ଲଗାଇଲେ ବଳକି ଲାଗି ବେକାମ ହୋଇଯିବ । ବିଶେଷତଃ ଆମେରିକାର ଅପରିମିତ ସେନା ଘରେ ମଧ୍ୟରେ ଅସମ୍ଭାଳ ହୋଇ ଉଠିଲେଣି । କେବଳ ଏ ସବୁ ହୃଦୟରେ ଦେଖି ଅସହ୍ୟ ହେଲେ । ଏଥର ବୋଧ ହୁଏ ଇଂଲଣ୍ଡକୁ ୟୁରୋପ ଉପରକୁ ବଡ଼ ଅଭିଯାନ ଆରମ୍ଭ ହୋଇଯିବ । ହିଟଲର ସାବଧାନ !

+ × +

ଷ୍ଟାଲିନ୍‌ଗ୍ରାଡ଼ର ପତନ ହୋଇଗଲେ ବୋଲି ଘୋଷଣା କରିଥିଲା ଜର୍ମାନ ବାର୍ତ୍ତାରୁ । ଷ୍ଟାଲିନ୍‌ଗ୍ରା-ଡ଼ର ପତନ ନିଶ୍ଚିନ୍ତ ପରେ ଗୋଟିଏ ଗୁରୁ-ତର ଘଟଣା । ମାତ୍ର ପରେ ଜଣାଗଲା ରୁଷ ସେନା ହାର ମାନି ନାହାନ୍ତି—ସଫଳ ମୁକାବିଲା କରୁଛନ୍ତି । ଅତଏବ ଏଥି 'ମୃତ୍ୟୁ ଓ ପତନ' ଉଭୟ ନାଟକୀୟ ପତନ । ହିଟଲର ଏପରି ନର୍ତ୍ତକ ଗାଳି ମାର-କାରେ ଅଭ୍ୟସ୍ତ । ସେ ତାଙ୍କର 'ଦଳ ସ୍ୱର୍ଗ' କଥା ବୁଝାଇ ବାଦଶାହ ପଢ଼ିଲା ପରି ଅପବାଦ କହି ପକାନ୍ତି । ଅତଏବ ଇଂରେଜ ବାର୍ତ୍ତାରୁ ନ ଶୁଣିବା ଯାଏ ଆମର ଏଥିକୁ ବିଶ୍ୱାସ କରିବାର ଅଧିକାର ନାହିଁ ।

× + ×

ଗାନ୍ଧିଜୀ ଜାପାନକୁ ଭାରତ ଛାଡ଼ି ମୁକାବିଲାରେ ସ୍ୱାଧୀନ ହେବା ପାଇଁ ଚାଲ୍ ଭାରତେ ଉପଦେଶ ଦେଇ ଥିଲେ । ସେଥିରେ ଜଣେ ପଶ୍ଚିମ ପ୍ରେରକ ପତ୍ରରେ ଯେ ଇଂରେଜ ସ୍ୱାଧୀନତାର ଜାପାନର ଅଭିଯୋଗରେ ଭାରତ ମାଡ଼ିବସିବ । ଗାନ୍ଧିଜୀ ତାର ଉତ୍ତରରେ କହିଛନ୍ତି ଯେ ଆମେ ଅହିଂସା ସମର କରି ଜାପାନକୁ ତଡ଼ିବୁ । ଆଉ ଯଦି ମିତ୍ରପକ୍ଷ ସୈନ୍ୟବାହିନୀ ଭାରତରେ ରହିବାକୁ ଚାହାନ୍ତି, ତେବେ ସେ ଅନ ସାହାଯ୍ୟରେ ରହିପାରିବେ ।

ଅଚ୍ଛା, ସେମାନେ ଗାନ୍ଧି ଢଙ୍ଗ ନେଇ ଅହିଂସା ସମର ଚଳାଇବେ ନା ହାଣକାଟ ଲଢ଼େଇ କରିବେ ସେକଥା ମହାତ୍ମା ଖୋଲି କହି ନାହାନ୍ତି ।

ଆମ ମନେ ହେଉଛି ଏପରି ପାଦେ ପାଦେ ଅଗେଇ ଶେଷରେ ଗାନ୍ଧି ମହାତ୍ମା ବି ବ୍ରିଟେନର ବନ୍ଧୁକ ଧରି ଅଟକ ଚଢ ଧରି ଛାଉଣୀ ହୋଇ ପଡ଼ିବେ କହନ୍ତି ।

+ × ×

ଗାନ୍ଧି ମହାତ୍ମା ପ୍ରେମ ଧର୍ମର ପ୍ରଧାନ ପୂଜାରୀ ବୋଲି ଖ୍ୟାତ । ଯଦି ସେ ଅକ୍ରମଣକାରୀ ଜାପାନ ସାଙ୍ଗେ ଯୁଦ୍ଧ କରନ୍ତି ହିଂସାଯୁକ୍ତ କେବେ କରି ପାରିବେ ନାହିଁ । ତାଙ୍କ ପ୍ରେମ ଯୁଦ୍ଧ କରିବାକୁ ପଡ଼ିବ । ସେଥିରେ ବାଣ ହେବ—କଟାକ୍ଷବାଣ, ଆଉ ଶର ହେବ—ମନଶର ! ତେବେ ଏତିକି କଥା, ଜାପାନ ଯଦି ସେହିପରି ରସିକ ହୋଇ ଗେଇଶାଗାର୍ଲ (gaisha girl) ଫୌଜ ଧରି ଭାରତ ଆକ୍ରମଣ କରେ !

+ × ×

ହଠାତ୍ ଭାରତୀୟ ଜନତାର ସହିତ ଭୋଟରେ କଂଗ୍ରେସ ବୋଲି ଜଣା ଥିଲେ ମଧ୍ୟ, ଅସଲ କଂଗ୍ରେ-ସର ଯେ ଗୋଟିଏ ଭିତର ଦଳ ଅଛି ତାହା କାହା-ରିକୁ ଅଜଣା ନୁହେଁ । ମହାତ୍ମା ଗାନ୍ଧି ଏହାର କେନ୍ଦ୍ରସ୍ଥିତ ସୂର୍ଯ୍ୟ ଓ ଆଉ କେତେଜଣ ଗ୍ରହ ଉପ-ଗ୍ରହ । ଗୋଟିଏ ମାଧ୍ୟାକର୍ଷଣ ବଳରେ ଏମାନେ ଟାଣିହୋଇ ଘୂରନ୍ତି । ଦରକାର ପଡ଼ିଲେ ଗାନ୍ଧିଜୀ ଗୋଟିଏ ଗୋଟିଏ ଉପଗ୍ରହ ସୃଷ୍ଟି କରି ପକାନ୍ତି, ଆଉ ଦରକାର ପଡ଼ିଲେ, କାହାରି କାହା-ରିକୁ ଭସ୍ମ ବି କରି ଦିଅନ୍ତି । ଏହା ଭିତରେ ଏପରି କେତୋଟି ଗ୍ରହ ଅଛନ୍ତି ଯେ କରାବର ସନ୍ତମାର୍ଗର ବାହାରକୁ ଛିଟିକି ଯିବା ପାଇଁ ଉନ୍ମୁଖ ! ମହାତ୍ମାଙ୍କୁ ଗାନ୍ଧିଜୀ ସବୁବେଳେ ଟାଣିଧରି ରଖନ୍ତି । ଆଉ କେତେକ ଅଛନ୍ତି ଯେ ଆପେ ଆପେ ନିଜ ମାର୍ଗରେ ଶାନ୍ତଶିଷ୍ଟ ହୋଇ ଘୂରୁଥାନ୍ତି ।

ଏହି ପ୍ରଥମ ଶ୍ରେଣୀର ଗ୍ରହମାନଙ୍କ ମଧ୍ୟରୁ ଗାନ୍ଧିଜୀଙ୍କ ସମୃଦ୍ଧ ଶ୍ରୀ ରାଜଗୋପାଳାଚାରୀ ଜଣେ ମହାଗ୍ରହ । ଏହି ସାମାନ୍ୟ ମତାନ୍ତର (ମନାନ୍ତର ନୁହେଁ !) ହେତୁ ସେ କକ୍ଷଚ୍ୟୁତ ହୋଇ ଉଠି-ଛନ୍ତି । ଏ ଗ୍ରହର ଉଠିବାଟା ଏତେଦୂର ଗଭୀର ବୋଲି କେହି ଭାବି ନ ଥିଲେ । ବର୍ଷେ ତଳର ବୁଢ଼ା ଗୁଣ୍ଡିଆର ବାଗ୍‌ମୀ ବଳରେ ତାଙ୍କୁ ବଶ କରିନେବେ ବୋଲି ସମସ୍ତେ ଆଶା କରୁଥିଲେ । ଏଥର ବୁଢ଼ା ବଳୁ ହଟିଗଲେ । ତାହାଙ୍କ ଚିନ୍ତା ଏହା ବେଳେବେଳେ ଫିକା ଯାଉଛନ୍ତି । ସେ କଂଗ୍ରେସର ସବୁ ସଂପର୍କ ଛାଡ଼ିଦେଇ ବର୍ତ୍ତମାନ—ମୁକ୍ତ ମାନବ ।

ଆପଣା ଅଣ୍ଟାରେ ବଳ ଥିଲାରୁ ସିନା ସେ ଏହା କରି ପାରିଲେ । ଆଉ ଉପଗ୍ରହଙ୍କ ଭଳି ନାପକ ହୋଇ ନ ରହି ସ୍ୱକୀୟ ଶକ୍ତିରେ ଏକପ୍ରକାର ସ୍ୱାଧୀନ ହୋଇ ଘୂରିଗଲେ । ସାବାସ୍ !

× + +

ପ୍ରେମ ଉଦନାଦ ହୋଇ ପଣ୍ଡିତଙ୍କ ଉତ୍କଳର ଚକ୍ରବର୍ତ୍ତୀ ବାଲେଶ୍ୱର ଜିଲାର କଲେକ୍ଟର ହୋଇ ଯିବେ । ଏଥିରେ ତାଙ୍କ ସରପଞ୍ଚ ଓ କର ସଭା ମାନେ ଉତ୍ଫୁଲ୍ଲ ହୋଇ ପଡ଼ିଲେ ବିଦାୟ ସଂବର୍ଦ୍ଧନା ସଭାରେ ତାଙ୍କର ଭକ୍ତି ଅର୍ଘ୍ୟ ଅଜାଡ଼ିବାର ସୁବିଧା ମିଳିବ ବୋଲି । ବର୍ତ୍ତମାନ ଏ ପ୍ରସ୍ତାବ ଷ୍ଟିକ୍‌ରେ 'ଲକ ଡାଉନ' ହୋଇ ଉଠିବାରୁ ଉତ୍କଳ ବଦଳ ହୋଇବହୁଛନ୍ତି । ସ୍ୱୟଂ କର୍ତ୍ତାଙ୍କର ତ ଏଥିରେ ଦୁଃଖ କରିବାର କଥା ନାହିଁ, କାରଣ ତାଙ୍କର ଉଦାରତା ଅତୁଳ । କିନ୍ତୁ ହତାଶ ଭକ୍ତ ବୃନ୍ଦ (disappointed) ଙ୍କ ପାଇଁ ଓ ଆମେ ଏତିକି ସାନ୍ତ୍ୱନା ଦେଉଛୁ ଯେ ସେମାନେ ଏକ ଶୋକ ସଭାର ଉଦ୍‌ଯୋଗ କରନ୍ତୁ ।

+ × +

"କେହି କାହା ନାହିଁ ରହିବ ରହିବ ନାହିଁ..." ସ୍ୱୟଂ କହକର କହିଯାଉଛନ୍ତି, ଉତ୍କଳର ବଡ଼ ବର୍ତ୍ତା-କର ଅଭିନୟର ଶେଷ ଦୃଶ୍ୟ ପହଞ୍ଚି ଗଲାଣି । ଏହିବେଳେ ସେ ଗୋଟିଏ ନାଟକୀୟ ଦୃଶ୍ୟ (dramatic—hit) ସୃଷ୍ଟି କରି ଗଲେ ତାଙ୍କର ସ୍ମୃତି ଅକ୍ଷୟ ହୋଇ ରହନ୍ତା ଓ ତାଙ୍କର ତୋଷା-ମୋଦୀ ବନ୍ଧୁ-ବାନ୍ଧବମାନେ ତାଙ୍କର ପୂଜା କରନ୍ତେ । ଆମେ ଆଶା କରୁ ତାଙ୍କର ପରିଜନ ବାତ୍ସଲ୍ୟ ଓ ଲୋକ ପ୍ରିୟତାର ପୁରସ୍କାର ସ୍ୱରୂପ ଲୋକ ପ୍ରତିନିଧି ସଭାର ତାଙ୍କୁ ନିଜ ବୋଲି ଟାଣି ନେଇଯିବେ ।

Digitized by srujanika@gmail.com

# କା — କା ।

କା—ଯେତେ ଭାବୁଛି ମୋତେ, ତୁମର ଆମର ଜୀବନ କ'ଣ ଏହିପରି ଯିବ, ଅସ୍ତେ ଅସ୍ତେ ସରିଯିବ ? ଏହିପରି ପବନ ବୋହୁଥିବ, ଅନ୍ଧାର ହେଉଥିବ, ଖରା ଚାନ୍ଦର ପଡୁଥିବ, ବେଶୀ ଦୁଃଖ, କମ ସୁଖ, ବେଶୀ ବିରହ, କମ ମିଳନ !—ଏହିପରି ଜୀବନ ଚାଲୁଥିବ ?

ତୁମର ଆମର ଜୀବନ ଛଡ଼ା ଆଉ ଦଶଜଣଙ୍କର ଜୀବନ ଅଛି । ସେମାନଙ୍କ ସଙ୍ଗରେ ଆମର ଯୋଗାଯୋଗ ରହିଥିବ । ଦେଶ ବୋଲି ଗୋଟିଏ ଜିନିଷ ଅଛି, ଗ୍ରାମ ବୋଲି ଗୋଟିଏ ଜିନିଷ ଅଛି, ତାହା ସହିତରେ ଏହି ଜୀବନ ଦୋରୀ ମଧ୍ୟ ଗ୍ରଥିତ ହୋଇ ରହିଥିବ, ସୂତ୍ର ଲାଗିଥିବ, ସମ୍ବନ୍ଧ ଲାଗିଥିବ । କାହିଁକି ଏପରି ହୁଏ ?

ଲେଖକ—ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ।
ଭାରତ ସେବକ ସମିତିର ସଦସ୍ୟ ।

ହିମାଳୟର ପାହାଡ଼ିଆ ଲୋକଙ୍କର ସହିତରେ ମୋର ସେବା କାହିଁକି ? ଗିର ଜୀଅର ସହିତରେ ମୋର ଯୋଗସୂତ୍ର କାହିଁକି ? ତେଲୁଗୁ କାନଡ଼ା, ତାମିଲ, ସଙ୍ଗରେ ଏ ଅପୂର୍ବ ସଂଯୋଗ କାହିଁକି ? ମୁସଲମାନ, ଖ୍ରୀଷ୍ଟିଆନ ସହିତରେ ମଧ୍ୟ ସଂଯୋଗ କାହିଁକି ? ଏ ବିସ୍ତୃତି କ'ଣ ପାଇଁ ? ଚିରନ୍ତନ, ଶାଶ୍ୱତର ସନ୍ଧାନରେ ଏହି ସବୁ ହୁଏ କି ? ଚିରନ୍ତନ, ଶାଶ୍ୱତ, ultimate truth ବା ଶେଷ ସତ୍ୟ ଜୀବନରେ ମିଳିବ କି ?

ଜୀବନ କ'ଣ ? ଜଗତ କ'ଣ ? ତୁମେ ମୁଁ ବା କିଏ ? ଏହି ସବୁ ଭିତରେ ବ୍ୟକ୍ତିଗତ ଜୀବନର ବିରହ ବେଦନା, ମିଳନ ମାଧୁରୀ ଅପୂର୍ବ, ଅନ୍ତର୍ଗଜନାଦ ନୁହେଁ କି ? କେତେ ପ୍ରିୟ, ପ୍ରିୟତମ ବନ୍ଧୁବାନ୍ଧବ ଚାଲିଗଲେ, ଆମେ ରହିଅଛୁ । ଆମେ ଚାଲିଯିବୁ, ଆଉ ଆଉ ରହିବେ, ସେମାନେ ବି ଯିବେ, ଆଉ ଆଉ ଆସିବେ । ନୂତନ ଜନ୍ମ, ନୂତନ ବିଧାନ । ପୁରାତନ ଯାଉଛି, ନୂତନ ଆସୁଛି । ଏହା ଭିତରେ ଆମେ ହିଁ ନୂତନ ପୁଣି ଆମେହିଁ ପୁରାତନ ହୋଇ ଲୋପ ପାଉଛୁଁ ॥

କା—ଅନେକ କଥା କହିଲ ତୁମେ । ଏଥର ଚୁପ ରୁହ । ଏସବୁ କଥା ବୁଝି ବା କ'ଣ ହେବ ? ନ ବୁଝି ବା କ'ଣ ହେବ ? ମୋର ତ ଅଛି ସେବା । ଏକମାତ୍ର ସେବା । ତୁମର ସିନା ଜ୍ଞାନ, ନାନାକଥା, ନାନା ଚିନ୍ତା । ମୁଁ ଜାଣେ ଗୋଟିଏ ଛୋଟିଆ କଥା । ସେଇ-ଥିରେ ମୋ ଜୀବନ ବନ୍ଧା ।'

କ— ଠିକ କହିଲ । ତେବେ ନର ନାରୀର ସୃଷ୍ଟି କାହିଁକି ? ଏ ମାଧୁର୍ଯ୍ୟ କାହିଁକି ? ଏ ବୈପରୀତ୍ୟ ବା କାହିଁକି ? ଏ ଦୁହିଁ ଯୋଗୁଁ ଏତେ ମିଳନ ଓ ଦ୍ୱନ୍ଦ୍ୱ କାହିଁକି ? ଏତେ ବିରହ ଓ ବେଦନା ଅବା କାହିଁକି ?

କା— ଏତେ କଥା ମୁଁ ଜାଣେନାହିଁ । ମୁଁ ଜାଣେ ନିଆଁ ଜଳେ, ଭାତ ଫୁଟେ; ମୁଁ ରାନ୍ଧେ, ତୁମେ ଖାଅ । ମୁଁ ଜାଣେ ତୁମେ ଦିନସାରା କାମଦାମ କର, ପଇସା ଅଣ, ମୁଁ ଘରେ ରହେଁ, ତୁମର ଦେହପା ଜଗେଁ, ପିଲାଙ୍କ ଦେହପା ଜଗେଁ ଆଉ ବିଶ୍ରାମ ଟିକିଏ କରେଁ ।

କ— ଠିକ କହିଛ ! ତୁମର ସେବା ଅମର ଧର୍ମ । ତୁମର ଭକ୍ତି ଅମର ଜ୍ଞାନ । ତୁମର ସରଳତା, ଅମର ବୁଦ୍ଧିମତ୍ତାର ଐଶ୍ୱର୍ଯ୍ୟ, ତୁମର ସେବା, ଅମର ଅଭିମୁଖ । ତେବେ ଆଉ ଗୋଟିଏ କଥା । ମୁଁ ସେଥିରେ ଛିଡ଼ା ମନ୍ଦ ହୁଏ କାହିଁକି ? ତୁମକୁ ନ ପାଇଲେ ଅନ୍ଧାର ଦିଶେ କାହିଁକି ? ମେଘ ଡରଘେ ଯେତେବେଳେ ଝିପି ଝିପି—ଅନ୍ଧାର ମାଡ଼ି ଆସେ ଯେତେବେଳେ ଘରଅଡ଼େ—କେହି ଯେବେ ପ୍ରିୟ ପାଖରେ ନ ଥାନ୍ତି—ଶୂନ୍ୟ ଲାଗେ କାହିଁକି ମନ ? ବଉଦ୍ଧରେ ଜଳିଉଠେ କାହିଁକି ମନ ? ଅଭିମନ୍ୟା କରେ କାହିଁକି ମନ । ଏତ ବଡ଼ ବିଷମ ! ବଡ଼ ଭୟଙ୍କର, ଜାଣେ ।

କା— ମୁଁ ଥାଏଁ ଯେତେବେଳେ ଦୂରରେ ସେବା କରୁଥାଏଁ ଅପରର, ତୁମେ ଥାଅ ମୋଠାରୁ ଦୂରରେ, ମନ ମୋର ହେଲେ ଛନ ଛନ—ମନ କଥା ମନେ ମାରି ରହେ ମୁହିଁ—ନ ଜାଣେ ଏତେ ଲେଖାପଢ଼ା, ଏତେ ଲମ୍ଫ ସ୍ୱର୍ଗ ଅନ୍ଧାର ଯେପରି ମୋର ସାକ୍ଷୀ, ସେହି ମୋର ସହାୟ—ରାତିରେ ମେଘ ଉଠେ—କେବେ ସ୍ୱପ୍ନ ଦେଖେଁ ।

କ— ଏଥିରୁ ତ ହେଲା । ପୁଣି ଭାବେ ଚାଲିଏ ତୁମକୁ ମୋତେ ଏତେ ଜୋର କରି, ଏତେ ଦୃଢ଼ କରି ? ସେ ତ ପୁଣ୍ୟ କନ୍ୟା । ସେହି ଯେ ଅମର ସତ୍ୟ, ସେହି ଯେ ଅମର ନାରାୟଣ, ସେହି ଯେ ଅମର ସର୍ବସ୍ୱ । ଆହା ! ଆହା ! କି ମୋହ । କି ସୁନ୍ଦର କଥା !

କା—ସେଇଥିରେ ମୁଁ ବଞ୍ଚେ । ପୁଣ୍ୟକନ୍ୟାତ ମୋର ବାସ୍ତବ ସତ୍ୟ । ତୁମେତ ସେତେବେଳେ ଦୂରରେ । ନକ୍ଷତ୍ରବର୍ତ୍ତୀ ହୁଏ ମୋର ଶିଶୁ—ମୋର ବକ୍ଷରେ ନେଇ ଉଠେ ପୟଃ—ପାନ କରେ ତୁମର ଅଙ୍ଗଜ— ମାର ମଧ୍ୟ । ମିଶ୍ରିତ, ଯୁଗ୍ମ ଜୀବନର ଡାକୁଣୀ ନାର ମିଶ୍ରିତ ଧାରା—କଳକଲ୍ଲୋଳ ମହୋଚ୍ଚ ତରଙ୍ଗ ।

କ—ବଡ଼ ବିଚିତ୍ର ଜିନା ଏହା । ସାଗରର ଊର୍ମି, ବସନ୍ତର ମଳୟ, କୋଇଲିର ପଞ୍ଚମ ତାନ, ସବୁ ବିଚିତ୍ର, ସବୁ ସୁନ୍ଦର, ମଧୁର । କିନ୍ତୁ ବଡ଼ ବିଚିତ୍ର ନୁହେଁ କି ଏହା ? ବଡ଼ ସୁନ୍ଦର ନୁହେଁ କି ଏହା ? ଏହି ଯେ ମୋର ପ୍ରାଣପ୍ରିୟା ସେ ଯେ ରହିଛି ମୋର ସମ୍ମୁଖରେ, ମୋର ଅନାହୂତ

( ଶେଷ ପୃଷ୍ଠା କଳ୍ପ ସ୍ତମ୍ଭ ଦେଖନ୍ତୁ

Digitized by srujanika@gmail.com




ଟେଛର ଗଭର୍ଣ୍ଣମେଣ୍ଟ ପ୍ଲିଡର ରାଏସାହେବ ନରହରି ମହାନ୍ତିଙ୍କ କନ୍ୟା— ମିସ୍ ସୁପ୍ରଭା ମହାନ୍ତି—ଶିକ୍ଷିତା ସୁନ୍ଦରୀ ସମ୍ପନ୍ନା, ମୁଦ୍ରାଙ୍କୁ ସାଥୀ ରୂପେ ପାଇ ନିଜକୁ ଭାଗ୍ୟବାନ ମନେ କରୁ ନ ଥିଲି ଏହା ନୁହେଁ...। ମୁଁ ତାହାଙ୍କର ପୂର୍ବରୁ ସୁପ୍ରଭାଙ୍କ ସହିତ ଯାଇଛି ଅନେକ ଥର ଓ ମିଳାମିଶା କରିବାର ସୁଯୋଗ ମଧ୍ୟ ପାଇଛି ଯଥେଷ୍ଟ—କିନ୍ତୁ ଆମର ପ୍ରକୃତ ପରିଚୟଟା ହେଲା ବିବାହର ବାସର ଘରେ—ସାଧାରଣତଃ ଯେଉଁପରି ହାଡ଼େ ଅନେକଙ୍କର ଜଣେ ସ୍ୱାମୀ ସ୍ତ୍ରୀ ଭିତରେ ତାହା ହୋଇଥାଏ। କିନ୍ତୁ ଏ ପରିଚୟ ଭିତରେ ଥିଲା ଟିକିଏ ବୈଚିତ୍ର—ଯାହା କି ସୁପ୍ରଭା ମୋଟେ ଆଶା କରି ନ ଥିଲା।

× × ×

# ହନି-ମୁନ୍

ଲେଖକ— ଚନ୍ଦ୍ରଶ୍ରୀ।

Honey moon-night (ମଧୁଶଯ୍ୟା ରାତି)—ଘରେ ଶୁଆଇ ଦିଆ ହେଉଥିଲେ—ଯାଉଥିଲି—ଫ୍ରେଣ୍ଡମାନଙ୍କ ଠାରୁ ବିଦାୟ ନେଇ ଶୋଇବାକୁ ଆସିଲି ବେଳେ ରମେଶ କହିଲା "ଦେଖ, first meeting ରେ ଯଦି impress କରି ନ ପାରୁ ତାହାହେଲେ ଫେଲ ମାରିବୁ—ସେତେବେଳେ ଗୋଟେ ବୁଦ୍ଧୁ ବୋଲି ଠକି-ଦେବ ନେଇ—ଅଚ୍ଛା ଗୁଡ୍ ନାଇଟ୍—wish you luck."

ମୁଁ କହିଲି "ଭୟ ନାହିଁ—old acquaintance."

× + × ×

ମୋ ବେଡ୍ ରୁମ ଭିତର ଚେୟାରଟାରେ ବସି ପଡ଼ିଲି—ଟେବୁଲ ଲ୍ୟାମ୍ପଟା ମିଟିମିଟି ଜଳୁଥାଏ—କ୍ଲାନ୍ତ ହେବାରୁ ନିଦରେ ମାଡ଼ି ଆସୁଥାଏ—କିନ୍ତୁ ଶୋଇଲେ ତ ଆଉ ଚଳିବ ନାହିଁ—ଯଦି ସେ ଆସି ଦେଖେ ମୁଁ ଶୋଇ ପଡ଼ିଛି କିମ୍ବା ଢୁଳାଉଛି ତାହା ହେଲେ ତା'ର first impressionଟା ଖରାପ ହୋଇଯିବ—ମୁଁ ଲ୍ୟାମ୍ପଟାକୁ ତେଜି ଦେଲି—।

ଟେବୁଲ ଉପରୁ ରମେଶ ପ୍ରେଜେଣ୍ଟ ଦେଇଥିବା 'ଓମାର ଖୈୟାମ' ଙ୍କର କବିତା ବହି ଖଣ୍ଡିକ ଆଣି ଆଖି ପକାଉଥାଏ। ମୁଁ ଅନେକ ଥର ଆଗରୁ ପଢ଼ିଛି ଓ ଆଉ ଏଥର ପ୍ରତ୍ୟେକ ଲାଇନ ମୋତେ ଯେପରି ନୂଆ ମନେ ହେଉଥାଏ ନୂଆ ଓ ମାଦକତା ପୂର୍ଣ୍ଣ—

× × ×

'ଏହି ନିଅ ତମ ରସିଦ'—ଏହା କହି କହି ନୂଆବୋଉ ସୁପ୍ରଭାକୁ ନେଇ ମୋ ରୁମ-ରେ ହାଜର—ମୁଁ କହିଲି 'ଧନ୍ୟବାଦ'।

ଖାଲି ମୁହଁରେ ଧନ୍ୟବାଦ ନା ଆଉ କିଛି?'

'ଅଚ୍ଛା ନିଅ' କହି ଟେବୁଲ ଉପରୁ ଖଣ୍ଡେ ସ୍ଲିପ ଟାଣି ଆଣି 'Received Mrs. Suprava Patnaik with thanks.' ଲେଖି ନୂଆବୋଉଙ୍କ ହାତକୁ ବଢ଼ାଇଦେଲି।

'ଏବେ କଣ।'

ତମ ପାଖରୁ ମୋର ସ୍ତ୍ରୀ ଶ୍ରୀମତୀ ସୁପ୍ରଭା ପଟ୍ଟନାୟକଙ୍କୁ ଧନ୍ୟବାଦର ସହ ବୁଝିପାଇଲି, ତାର ରସିଦ।'

'ହଁଉ, ଭେରି ଗୁଡ୍, ଗାଲ ଦଉଛ—ଟୁଁ ଟାଁ କରିବ ନାହିଁ—ମୁଁ ଯାଉଛି'—କହି କହି ନୂଆବୋଉ କବାଟ ଆଉଜେଇ ଦେଇ ଚାଲିଗଲେ।

ସୁପ୍ରଭା ସେତେବେଳକୁ ଘଡ଼ି ବାଡ଼ାକୁ ଧରି ମୋ ଆଡ଼କୁ ପଛ କରି ଠିଆ ହୋଇଥାଏ।

ଟେବୁଲରୁ ଉଠ ପଡ଼ରେ ଖୁବ୍ ଖୁବ୍ ଭାବୁଥାଏ କଣ କହି ପ୍ରଥମେ ତାକୁ impress କରିବି—ମନେ ପଡ଼ି ଯାଉଥାଏ ମଧ୍ୟ ରମେଶର warning

ସବୁ କଥା ଶିଖିକି ସବୁ କଲି—ବଡ଼ ଗରମ ହେଉଥାଏ—ମିଛାମିଛି ଗରମ—କିନ୍ତୁ ସୁପ୍ରଭାକୁ କଣ କହିବି—ଝରକାଗୁଡ଼ାକ ଯାଇ ଖୋଲି-ଦେଲି ଝରକା ପାଖରେ ଏ ମାଂସ ଜହ୍ନ ଜଳି ଉଠିଲେ ନୂଆ ଜହ୍ନ ଯେତେବେଳେ—କବାଟ ଖୋଲି ଦେବାର କିନ୍ତୁ ଅର୍ଥ ବୋଲି ଯାଇ ଶିଖି ଶିଖି ହୋଇ ବସି ପଡ଼ିଛନ୍ତି। ବୁଝିହେଲା ସହଣା କଣ—। କବାଟ ବନ୍ଦ କରି ଘର ଭିତରକୁ ଆସି—ସୁପ୍ରଭାର ଅଲଗୁଆଟା ଦେଖି-ଗଲି—ଯାଇ ଡାକିଲି 'ସୁପ୍ରଭା...

ସୁପ୍ରଭା ଜବାବ ଦେଲା ତା'ର ଦେହର ମୃଦୁ ହଲୋଳରେ।

"Well Suprava, now be a good girl and take your seat. କହି ହାତ ଧରି ଆଣି ଚେୟାରରେ ବସାଇ ଦେଲି। ନିଜେ ଉଠି ଚେୟାରରେ ବସି ପଡ଼ିଲି।

ସେତେବେଳକୁ ସୁପ୍ରଭାର shyness ପୂରା ନାଶ ହୋଇ ନ ଥାଏ—ଯେତେବେଳେ ତ ସେ ଏ ଘରର ବୋହୂ।

ମୋର ପ୍ରଥମ ପ୍ରଶ୍ନ ହେଲା, "ସୁପ୍ରଭା, ତମେ ମିଉଜିକ୍ (music) ଜାଣ?"

ସେ ଏ ପ୍ରଶ୍ନର କଣ ଜବାବ ଦେବ କିଛି ଠିକ କରି ପାରି ନ ଥିଲା। ସେ ହୁଏତ ଏପରି ପ୍ରଶ୍ନ ଆଶା କରି ନ ଥିଲା କାହିଁକି ନା ସେ ମୋତେ ଅନେକ ଥର ଗୀତ ଶୁଣାଇଛି।

"Music ମୋଟେ ଅଟ୍, ଆମ ଦେଶରେ ତାର କଦର ହେବା ଦରକାର—ଜାଣ, ସେକ୍ସପିଅର କହିଛନ୍ତି—ଯେ ମିଉଜିକ ନ ଜାଣେ ତାର ହୃଦୟ ପଥର ଠୁଁ ବଳି କଠିନ। ତାକୁ ସେପରି ଲୋକ—ସେ ମଧ୍ୟ ଅବସ୍ଥାରେ ଆନାୟାସରେ କରିପାରେ।

Digitized by srujanika@gmail.com

ହଁ, ସାଏନ୍ସ ହିସାବରେ ମଧ୍ୟ ମିତବ୍ୟୟର ପରିକଳ୍ପନା ହେବା ଦରକାର। ଆଉ ତମେମାନେ ସେଥିରେ ଲିଡ୍ ନେବା ଉଚିତ।"

ମୁକ୍ତା ଜାଣିଛି--ହଁ ତମ ସ୍କୁଲରେ ତ (Domestic science) ଗୃହବିଜ୍ଞାନ ପଢ଼ାହୁଏ। ଆଉ ତମେ Economics (ଅର୍ଥନୀତି) କିଛି ଜାଣ କି? ନା ବୋଧହୁଏ। ଲୋକେ ଆଜିକାଲି ସିଗାରେଟ ଛାଡ଼ି କେତେ ଧରିଲେଣି। ଏଇ ସାମାନ୍ୟ କଥାଟା କାହିଁକି ସହଜ ଭାବ କାରଣ କେହି କହିପାରିବେ କି? ନା, ଫଳରେ, 'କହିବେ ପଇସାର ଅଭାବ'—। ଆରେ ପଇସାଟା ଅଭାବ ପଡ଼ିଲା କାହିଁକି? ଏତେଦିନ ହେଲା ମିଳୁଥିଲା। ଆଜି ହଠାତ ଅଭାବ ପଡ଼ିଲା। ତା' ମୂଳରେ ବଡ଼ ଅର୍ଥନୀତିର ତତ୍ତ୍ୱ ଅଛି।

ହଁ ଆଉ ଗୋଟେ ସାଧାରଣ କଥା ଦେଖ—ଆଜି କାଲି ଯେ ଯୁଦ୍ଧରେ ଧନର କୋଟି କୋଟି ଟଙ୍କା ଖରଚ ହେଉଛି ଅମୁକ ଲୁଟିଛି? ଲୋକଙ୍କୁ ପଚାର କହିବେ ଏପରିକି ଅଧିକାଂଶ ପାଠୁଆ ଲୋକଙ୍କ ମୁହଁରୁ ଶୁଣିଛି ଯେ ସରକାରଙ୍କର କାଗଜର ଅଭାବ ନାହିଁ। ଛାପି ଦେଇ ନୋଟ କରି ଚଳାଇ ଦେଉଛନ୍ତି। ଲୋକେ ଯଦି ଅର୍ଥନୀତି ଟିକିଏ ଜାଣିଥାନ୍ତେ ଏମିତି କେବେ କହନ୍ତେ ନାହିଁ।

ହଁ ତମେ ମୁକ୍ତା ଟିକିଏ ଅର୍ଥ ବିଜ୍ଞାନ ମୋ ପାଖରୁ ଶିଖ—ପ୍ରତ୍ୟେକ ବାଳିକାର ଜାଣିବା ଦରକାର—ବିଶେଷତଃ ତମର—ତମେ ମୋର ସ୍ତ୍ରୀ... ତମେ ତ ମୋର ଅର୍ଥାତ ଘରର ନିୟନ୍ତ୍ରଣ କରିବ।

ମୁକ୍ତା ସେତେବେଳକୁ ମୁହଁରେ ଲଜ୍ଜା ଦେଇ ହସୁଥାଏ। ସେ ବୋଧହୁଏ ଭାବିଲା ମୋର ମୁଣ୍ଡ ଖରାପ ହୋଇଛି Economics ରେ ଏମ୍, ଏ, ପାସ କରି।

× + +

ଆଚ୍ଛା କହିପାରିବ ଆଜିକାଲି ଯେ ଦେଶରେ 'ଅଧିକା ଖାଦ୍ୟ ଉତ୍ପାଦନ କର' (Grow more food) ଏହି ଆନ୍ଦୋଳନ ହେଉଛି କାହିଁକି? ସୁଜଳା, ସୁଫଳା, ଶସ୍ୟ ଶ୍ୟାମଳା ଉତ୍କଳ ଜନନୀର ସନ୍ତାନ ହୋଇ ଏହି ସାମାନ୍ୟ କଥାଟା ଜାଣନାହିଁ? ଆଜି କାଲି ଦେଶର ପରିସ୍ଥିତି, ରାଜନୀତି ପ୍ରଭୃତି ସବୁ ପତ୍ରିକାର ଖବର ରଖିବା ଉଚିତ। ତା ନ ହେଲେ ତମେ all round ହୋଇ ପାରିବ ନାହିଁ। ବଡ଼ ବଡ଼ ମନୀଷୀମାନେ କହିଛନ୍ତି 'A good wife is an asset.' ତମେ ଇଣ୍ଟେଲିଜେଣ୍ଟ ଗାର୍ଲ। ସବୁ ଜିନିଷ ସହଜରେ pick up କରିପାରିବ। ମୁଁ ଚାହେଁ ତମେ ସବୁ ବିଷୟ କିଛି ଜାଣିବା ପାଇଁ ଚେଷ୍ଟା କରିବ। ମୁଁ ଚାହେଁନା ଯେ ତମେ ଗୋଟେ ପୁତଳା କମ୍ବେର ଭଳିଆ ସଜ ହୋଇ ବସିଥିବ ଆଉ ମୁଁ ତମକୁ "ଅଗୋ ମାନସ ସୁଖି" କହି ପ୍ରେମ ନିବେଦନ କରିବି।

ଓ୍ୱାଲ କ୍ଲକ ଟାରେ ଢଂ ଢଂ କରି ଦୁଇଟା ବାଜିଲା। ସବୁଆଡ଼େ ନିସ୍ତବ୍ଧ। ମୁକ୍ତା ସେତେବେଳକୁ ନିର୍ଜୀବ କାଠପିତୁଳାଟି ଭଳିଆ ବସିଥାଏ। ଏପରିକି ପ୍ରତିବେଦନ ପଢ଼ୁଥିବ। ମୁକ୍ତାର ଏ ଆକସ୍ମିକ ପରିବର୍ତ୍ତନ ଦେଖି ମୁଁ ମନେ ମନେ ହସୁଥାଏ। ଆଉ ବେଶୀଦୂର ଅଗ୍ରସର ହେବେ ଫଳ ବିପରୀତ ହୋଇପାରେ ଭାବି ମୁକ୍ତାର ହାତ ଧରି କହିଲି "come with me" ତମର ଟିକିଏ fresh air ଦରକାର—

ସେ ଓ ମୁଁ ଦୁହେଁ ବାହାରକୁ ଆସିଲୁ। କବାଟ ଖୋଲିଲାରୁ ନୂଆବର ଦୁଆର ପାଖରେ ଚୂଳିଉଠିଲେ ବାହାରେ ମୁଣ୍ଡ ବାଢ଼େଇ ହୋଇ ଟେକଡ଼ ପଡ଼ିଲେ।

'ଅହା— କୋଠରେ ବାଜିଲା କି? ଆଉ ସବୁ ଟେମ ଦଳର କୁଆଡ଼େ ଗଲେ କି? ସବୁଆଡ଼େ ତ ଚୁପ୍ ଚାପ୍। ତମକୁ ଆଉ ନୂଆଁଲଗାକୁ ଭାଷା ମିଳିଲା ନାହିଁ ପରା" ?

ନୂଆବୋଉ ଆଉ କିଛି ନ କହି ଉଠି ଚାଲିଗଲେ। ମୁଁ ଓ ମୁକ୍ତା ଘର ଭିତରକୁ ଆସିଲୁ।

"ମୁକ୍ତା ! ମୋ କଥାବାର୍ତ୍ତାରୁ ତମେ ବୋଧହୁଏ ଭାବୁଥିବ ମୋର ମୁଣ୍ଡ ଖରାପ ହୋଇଛି ବେଶୀ ବହି ପାଠ ପଢ଼ି। ତମ ଚେହେରାରୁ ସ୍ପଷ୍ଟ ବୁଝା ଯାଉଥିଲା ଯେ ତମେ ଭାବୁଥିଲ disappointed। ଆଉ ଯଦି କିଛି ସମୟ ମୁଁ ଗପିଥାନ୍ତି ତାହେଲେ ତମେ ଟେବୁଲରୁ ପଡ଼ି ମୂର୍ଚ୍ଛା ଯାଇଥାନ୍ତ। କିନ୍ତୁ ମୁକ୍ତା—ଏତେଦିନଙ୍କେ ଲୋକ କେତେ କଷ୍ଟ ସହି ଆମର କଥାବାର୍ତ୍ତା ଶୁଣିବା ପାଇଁ ଉଦ୍ଗ୍ରୀବ ଥିଲେ। ତାଙ୍କ ପାଇଁ ତ କିଛି କହିବା ଦରକାର। ବର୍ତ୍ତମାନ ଆଉ ତମେ ମୋତେ ପାଗଳ ବୋଲି କହିପାରିବ ନାହିଁ"— ଏହା କହି ମୁକ୍ତାକୁ ଟାଣି ଆଣି ତାର ଗୋଲାପି ଗଣ୍ଡରେ ଗୋଟିଏ ସୂକ୍ଷ୍ମ ଚୁମ୍ବନ ରେଖା ଆଙ୍କି ଦେଲି—

ମୁକ୍ତା ଉତ୍ତର ଦେଲା "ହଁ, ତମେ ଭାରି ଦୁଷ୍ଟ।"

⟶⟵

(କାହାଣୀ ନୂଆ ପତ୍ରାବଳୀରୁ)

କେବେ, ମୋର ମୂଳାଧାରରେ ମୋର ସହସ୍ରାରେ ଝିଁ ଝିଁ କରି ବାଜୁଥା ହୁଏ—ମୁଁ ସ୍ତବ୍ଧ, ମୂକ ହୋଇ ରହିଥାଏ। ଆଜି ଅଛ ମୋର ସଖା, ମୋର ପ୍ରାଣ ପ୍ରିୟ, ମୋର ଦେବତା—ଆଉ କେହି ନାହିଁ, କୁଆଡ଼େ। ସବୁ ଯେଉଁଠି ଦୂରରେ ଦୂରରେ।

କା— ଠିକ ସେହି ସମୟରେ ମନ ହୁଏ ମୋର ଉଡ଼ିକି, ତୁମ ପାଖକୁ ଆସିବା ପାଇଁ। ପଲଙ୍କ ଡେରିଯାଏ, ମୁଁ ବସିଥାଏଁ, ଝଡ଼ ଉଡୁଥାଏ, ମୁଁ ଯାଇ ନ ପାରେଁ। ପଙ୍କଦରେ ପକ୍ଷୀପକ୍ଷୀଙ୍କ ପଲଙ୍କ ଯେ ଯାହାର ସାଧ୍ୟ ଅନୁସାରେ ମୁଣ୍ଡ ଗାଡ଼ି ସ୍ଥିର ହୋଇ ସବୁ ରହୁଥାନ୍ତି—ମୁଁ ମଧ୍ୟ ସହେଁ।

କ— କିନ୍ତୁ ମୁଁ ଯେ ଉଛନ୍ନ ହୁଏ। କେହି ନ ଆସିଲେ, କାହାରି ପାଖକୁ ଯାଇ ନ ପାରିଲେ, ଅନ୍ତରରେ ଯେ ବ୍ୟଥା ହୁଏ, ଯେ ବେଦନା ହୁଏ, ତାହା ଅବ୍ୟକ୍ତ, ତାହା ଅନୁଭବଗମ୍ୟ, ମାତ୍ର ତାହା ଅପ୍ରକାଶନୀୟ।

କା— ଥାଉ ଏସବୁ। ଅନ୍ୟ କାହିଁକି ଏତେ କଥା। ସରଳ ସହଜ ମୂକ ଜୀବନ ମୋର—ତୁମେ ପଣ୍ଡିତ, ଜ୍ଞାନୀ, ତୁମ ଭାବର ଗଭୀରତା ଅନୁଭବତାକୁ ମୁଁ ଛୁଇଁ ପାରୁନାହିଁ।

କ— ତୁମେ ପଣ୍ଡିତା ନ ହେଲେ ମଧ୍ୟ ଭାବର ଗଭୀରତା ତୁମର ବେଶୀ, ଗମ୍ଭୀରତା ତୁମର ବେଶୀ। ମୁଁ କେବଳ ବାକ୍ୟ ପ୍ରୟୋଗ କରି ଉପରକୁ ଉଠିଛି, ଭିତରକୁ ଡୁବି ପାରୁନାହିଁ। ବାସ୍ତବରେ ତୁମେ ବିଶାଳା, ଗମ୍ଭୀରା, ମୁଁ ଚଞ୍ଚଳ, ଅଗଭୀର।

କା— ନା, ନା, ତାହା ନୁହେଁ। ନଈ, ନଦ ନାଳର ସନ୍ନିକଟରେ. ଯେପରି କି ନାଳ ମଧ୍ୟ ନାଳ ନଦୀର ସନ୍ନିକଟେ। ଉଭୟ-ପ୍ରୋତଃ ଭାବରେ ନୂଆ ଜୀବନ ମିଳିଛି। ମାତ୍ର ଏକଥା ସତ୍ୟ ନାଳ ସହେ, ନାରୀ ପାପିୟସୀ ହେଲେ ମଧ୍ୟ ସଞ୍ଚରା। ନର ସାଧାରଣତଃ ଅଭି-ଜ୍ଞ—ଏକକ। ସେଥି ନାରୀ ହେବାକୁ ଚାହେଁ। ନାସ ଚାହେଁ ଝଡ଼ା ହେବ।

କ— ତୁମେ ଢେର ଅନେକ ପକାଇଲ ମୋର ଜୀବନରେ। ମୁଁ କିଛି ପକାଇ ପାରିଲି ନାହିଁ।

କା ନା, ନା, ତୁମେ ଯେ ସୂର୍ଯ୍ୟ, ପ୍ରଖର ତେଜସ୍ୱୀ। ମୁଁ ତୁମର କିରଣରେ ପ୍ରସାଦମୟୀ, ମୁଗ୍ଧିତ।

......❋......

Digitized by srujanika@gmail.com



# ଧୂଳି ବଉଳ

ଲେଖକ—ଶ୍ରୀ ନାରାୟଣ ପ୍ରସାଦ ମହାନ୍ତି ।

''ଦେଖିଲେ ତ ଭେଳି 'ହାଇହିଲ୍' ଯୋଡ଼ା
 ନେଇଅଛୁ ସାତ ଟଙ୍କା—
ଅଣିଛୁ ଅଦର ଅଡ଼ମ୍ବର ପାଇଁ
 ବାପାଙ୍କୁ ବନେଇ ବୋକା ।
ଯୁଦ୍ଧ ବଜାରରେ ଦର ଟାଣିହୁଣୁ
 ଅଖି ବୁଜ ଦେଲ କିଣି,
ପାଣ୍ଡି ସହରର 'ଟଏଲେଟ୍' ନାଇଁ
 କି ଭେଳା ଖୋଜିବ ପୁଣି !"
"ଭାବନା ବଜେ ନ, ଯୁଦ୍ଧ ପରେ ଅମ
 ଯୁଜୁଡ଼ ଅସିବ ଅପେ
ଅମ ଦର ଘାଟେ ଭି ଯୋନୋ ପାଉଡ଼ର
 ଭେଟିବେ ଶହ ମିଶିପେ ।
କଟକଣା ହେଲେ ଅଲୁଅ କଟକେ
 ଛାଲି ଗୋଟି ସବୁ ଏକ,
ଶୋଇଥିବ ଦିନେ ମୁହିଁ ମଡ଼ି ଜର
 ଯେତେବେଳେ ଜର୍ ସୁଖ—"
"ନାହିଁ ଲୋ ଭୁଲ ଶୋଇବା କମିଛି
 ଇସିକୁଲ୍ ବଦ ନାଇଁ
ବାଛଟେଟେ ଏହ ଅକାର ଯହରେ
 ପାଇବ କି ଭୁଲ୍ ମୁଁ ଭି !"
"ହଁ—ଲୋ ବଉଳ ପଡ଼ିଗଲା ମନେ
 ଚଳିହାର କଥା ଏକ—
'ହାଇହିଲ୍' ଯେତେ ଅଛି ପାଦ ମୂଳେ
 ଏତେ ପୁଣି କାହିଁ ଶୋକ ?
ପଡ଼ି ଝୁଲୁଥିବ ଅଗ ନାଚୁଥିବ
 ଠକ ଠକ ଚାଲିଗଲେ
ତୋ ମୁହିଁ ନ ଦେଖି ଦେଖୁଥିବେ ତତେ
 ବେଣୀ ତୋ ଦୋହଲୁଥିଲେ —
ଏଇ ମୁହିଁ ତୋର ବିନା ସଜ ବାଜେ
 ହେବସ୍ତେ ଅଣିଚ ଛୁଟି,
ଡାହାଣି ଠୋକାଏ ଅଖି ମାରୁଥିବେ
 ପାଲୁ ପାଲୁ କରି ପାଟି ।
ବାହା ହବୁ ନାଇ ମୋ ସୁନା-ବଉଳ
 ଓଡ଼ଣାରେ ନାଇଁ ସୁଖ
କୁମାରୀ ରହିଲେ ମିଶିପ ମହଲେ
 ଶରଦନ ଥିବ ଟେକ ।।"


**ଚିଡ଼ିଆଖାନା**
ରଙ୍ଗିନ ଛବି ଓ କୌତୁକିଆ ଗୀତରେ ଭରା
ପିଲାଏ ପାଇଲେ ଗିଳିପିବେ ।
ମୂଲ୍ୟ—ଚ୦।/.

**ସୁନାପୁଅ**
ପିଲାଙ୍କ ହାତରେ ଦେବା ପାଇଁ ଅତି
ସୁନ୍ଦର ଗୀତ ବହି ।
ମୂଲ୍ୟ—ଚ୦୮ ଅଣା

**କୁମାରୀ**
ସୁନ୍ଦର ଛବି ଓ ମଧୁର ଗୀତ ବହି
ଝିଅ ହାତରେ ଦିଅନ୍ତୁ ।
ମୂଲ୍ୟ—ଚ୦୮ ଅଣା




Digitized by srujanika@gmail.com




ଜଣେ ନେତା ବକ୍ତୃତା ଦେଉଥିଲେ । ସେ କହିଲେ, "ପିଲାଙ୍କୁ ମାଡ଼ ଦେଲେ, ପିଲା ବିଗିଡ଼ି ଯାଆନ୍ତି ଓ ଜୀବନରେ ଉନ୍ନତି କରି ପାରନ୍ତି ନାହିଁ । ମୁଁ ମୋ ଜୀବନରେ ପିଲାଦିନେ କେମା ଥରେ ମାଡ଼ ଖାଇଥିଲି ।

ଜଣେ ଶ୍ରୋତା—ଓଃ, ସେଥିପାଇଁ ବିଗିଡ଼ି ଯାଇଛ ଏତେ ଅଧିକ !

× × ×

ମୁନି—ମା, ଗୋଟିଏ ଛୁଆ ହାତୀ ଦୁଧ ଖାଇ ତାର ଓଜନ କେତେ ହେଲା ଜାଣ ?

ମା—କଣ ହେଲା ?

ମୁନି—ମାସକ ଭିତରେ ତାର ଓଜନ ସେତେର ବଢ଼ିଗଲା ।

ମା—ଅଁ ! କାହା ଛୁଆ ସେ ?

ମୁନି—ହାତୀ ଛୁଆ ପରା ।

\+ + +

ଶିକ୍ଷକ—ଅରେ କାହିଁକି କାନ୍ଦୁଛୁ ?

ଛାତ୍ର—ବାପା ମା'ଙ୍କୁ ଶାଗୁଣା ବୋଲି କହିଲେ, ଆଉ ମା ବାପାଙ୍କୁ ଘୁଷୁରି ବୋଲି କହିଲେ ।

ଶିକ୍ଷକ—ସେଥିରେ ତୁ କାହିଁକି କାନ୍ଦୁଛୁ ?

ଛାତ୍ର—ମୁଁ ସାଇ ତେବେ ହେଲି କଣ ?

\+ + +

ଶିକ୍ଷକ—ତୋର ଉତ୍ତରଟା ଠିକ୍ ଶ୍ୟାମ ଉତ୍ତର ସାଙ୍ଗରେ ମିଳି ଯାଉଛି । କାରଣ କଣ ?

ଛାତ୍ର—ହଉ, ମୋର ଉତ୍ତର ଠିକ୍ ହୋଇଛି ତ ?

ଶିକ୍ଷକ—ତା ହୋଇଛି ମାତ୍ର......

ଛାତ୍ର—ତେବେ ଶ୍ୟାମର ଉତ୍ତର ବି ଠିକ । ଏଥା ପ୍ରଶ୍ନର ଦୁଇ ରକମ ଉତ୍ତର ହେବ କିପରି ?

\+ × +

ସ୍ୱାମୀ—ତୁମେ ଯଦି ସେଇପରି ମିଠା ଗୃହିଣୀଟିଏ ମୋତେ ଦିଅନ୍ତ ରହିବ—ମୋର ଡର ହେଉଛି ମୁଁ ତମକୁ ...ଚୁମ୍ବନ କରି ପକେଇବି ।

ରଜନୀ—ଯାହା କରିବାର ଚଞ୍ଚଳ କରି ପକାଉ ନା । ମୁଁ ଅଉ ବେଶିବେଳ ପାଇଁ ସିମିତି ଗୃହିଣୀ କହି ପାରିବି ନାହିଁ ।

× × ×

ଟୁଲୁ—ଉଃ—ଉଃ ମ !

ମା—କଣ କଲେ ?

ଟୁଲୁ - ତୁ ପରା କହୁଥିଲୁ ଆମ ଫୁଲଦାନଟା ଥରେ ବଂଶରେ ତେତେ ପୁରୁଷ ହେଲା ରହି ଆସିଛି ?

ମା—ହଁ, କଣ ହେଲା ?

ଟୁଲୁ—ଏହି ପୁରୁଷ ତାକୁ କଚ୍ଛଡ଼ ଭାଙ୍ଗି ଦେଇଛି ।

× × ×

"ତମେ କାହିଁକି ଭାବୁଛ ଯେ ତମ ସ୍ତ୍ରୀ ତମକୁ ଭଲ ପାଆନ୍ତି ନାହିଁ ।"

"ଦିନେ ମୋତେ କହିଲେ ତାଙ୍କ ମତରେ ପ୍ରତ୍ୟେକ ଘରେ ଜଣେ ଲେଖାଏଁ ମୂର୍ଖ ଥାଆନ୍ତି ।"

ଜଣେ ଲେଖାଏଁ ମୂର୍ଖ ଥାଆନ୍ତି କାହିଁକି ?

ତା ଠିକ୍ ଏ ଅଗରୁ ମୁଁ ତାଙ୍କୁ ଗାଳି ଦେଇ ପୁଣି ଖୋସାମଦ କରି କହୁଥିଲି ଯେ ମୁଁ ପିଲାଟାଏ ମୋ କଥା ଧରିବ ନାହିଁ ।

\+ × +

ପିତା—କେତେକ ପ୍ରାଣୀ ଖାଦ୍ୟକୁ ନ ଚୋବାଇ ଗିଳି ପକାନ୍ତି ଓ ଅଣ୍ଡା ଦିଅନ୍ତି ।

ପୁଅ—ଯାହି ଅମ ସାଆନ୍ତ ତାପା ତ ଅଣ୍ଡା ଦିଅନ୍ତି ନାହିଁ—ତାଙ୍କର ମୋଟେ ଦାନ୍ତ ନାହିଁ ।

\+ × +

ଦୁଇଜଣ ଯୁବକ ଓ ଯୁବତୀ ଗୋଟିଏ ନିର୍ଜନ ପ୍ରାନ୍ତରରେ ବୁଲି ବୁଲି ଯୁବକ ଯୁବତୀକୁ ଧରି ଚୁମ୍ବନ ଦେବାକୁ ଉଦ୍ୟତ ହେବାରୁ ଯୁବତୀ କହିଲେ, "ମୋ ପ୍ରତି ବଳ ପ୍ରୟୋଗ କଲେ ମୁଁ ଚିତ୍କାର କରିବି"

ଯୁବକ—ଜାଣ, ଏଟା ନିର୍ଜନ ଜାଗା, ପାଟି କଲେ କେହି ଶୁଣିବେ ନାହିଁ ।

ଯୁବତୀ - କେହି ନ ଶୁଣନ୍ତୁ ପଛେ—ମୁଁ ପାଟି କରିଛି ବୋଲି ମୋ ମନକୁ ତ ସାନ୍ତ୍ୱନା ଦେବ ।

× × ×

ଜଣେ ଧନୀଙ୍କର ଅତ୍ୟାଚାରୀ ସ୍ତ୍ରୀ ତାଙ୍କ ମହିଳା ବନ୍ଧୁମାନଙ୍କର ସାଙ୍ଗରେ ବସି କଥା ବାର୍ତ୍ତା କରୁଥିଲେ ବେଳେ କହିଲେ "ମୋ ଲୁଗାପଟା ମଇଳା ହେଲେ ମୁଁ ପାଉଡ଼ରରୁ ଧୁଲେଇ କରି ଆଣେ ।"

ଜଣେ ମହିଳା ବନ୍ଧୁ କହିଲେ "ମୋର ଲୁଗାପଟା ଥରେ ଅପରିଷ୍କାର ହେଲେ ମୁଁ ତାକୁ ଫୋପାଡି ଦିଏ ।"

× × ×

Digitized by srujanika@gmail.com




## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଶରୀର ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଡଗରର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

( ୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ )

## ଜୀବବସାଧକ ପାସ୍ତୁର

ପୃଥିବୀର ପ୍ରତ୍ୟେକ ଶିକ୍ଷିତ ଏବଂ ଡାକ୍ତରମାନେ ପାସ୍ତୁରଙ୍କୁ ଚିହ୍ନନ୍ତି । ଯଦି ନ ଚିହ୍ନି ଥାଆନ୍ତି ତଥାପି ତାଙ୍କ ଦ୍ୱାରା ଉପକୃତ ହେଉଅଛନ୍ତି । ପାସ୍ତୁର ଜଣେ ଜୀବବସାଧକ ଥିଲେ । ସେ ଯେତେବେଳେ ଫ୍ରାନ୍ସର ରସାୟନଶାଳାରେ କାର୍ଯ୍ୟ କରି କାଳାତିପାତ କରୁଥିଲେ ସେଠାରେ ସେ ପରୀକ୍ଷା କରି ଏକ ନୂତନ ତଥ୍ୟ ପାଇଲେ ଯେ ଜଳୀୟପଦାର୍ଥରେ ଅସଂଖ୍ୟ ଜୀବାଣୁ ବିଦ୍ୟମାନ । ଏହା ଯଶ ଚାରିଆଡ଼େ ତାଙ୍କର ପ୍ରଚାରିତ ହେଲା । ଅନେକ ଭାବିଲେ ସେ ଜଣେ ଡାକ୍ତର, ଅନେକ କହିଲେ ସେ ଜଣେ ମହାପୁରୁଷ ଏବଂ ଅନେକଙ୍କ ମୁଖରୁ ମଧ୍ୟ ଶୁଣାଗଲା ସେ ଜଣେ ଯାଦୁକର ।

ଦିନେ ଫ୍ରାନ୍ସର ମଦ୍ୟପ୍ରସ୍ତୁତକାରୀଗଣ ପାସ୍ତୁରଙ୍କ ପାଖକୁ ଆସିଲେ ତାଙ୍କର ମଦ କାହିଁକି ଖଟା ହୋଇ ଯାଉଛି ତାହାର ପ୍ରତିକାର ପାଇଁ । ନାନା ପରୀକ୍ଷା ଏବଂ ଅନୁସନ୍ଧାନ କରି ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ପାସ୍ତୁର ମଦ ପରୀକ୍ଷା କରି ଦେଖିଲେ ଯେ ବାୟୁରେ ଥିବା ଅଦୃଶ୍ୟ ଜୀବାଣୁମାନଙ୍କ ଯୋଗୁଁ ମଦ ଖଟା କି ଖରାପ ହୋଇ-ଯାଉଛି । ତେଣୁ ତାର ପ୍ରତିକାର ପାଇଁ ଯାହା କରିବା ବ୍ୟବସ୍ଥା ତାହା ସେ ମଦ୍ୟ-ପ୍ରସ୍ତୁତକାରୀମାନଙ୍କୁ କହିଦେଇ ଦେଇ ଥିଲେ । ଏହା ୧୮୬୦ ଖ୍ରୀଷ୍ଟାବ୍ଦର କଥା ପାସ୍ତୁରଙ୍କ ଯଶ କ୍ରମଶଃ ବର୍ଦ୍ଧିତ ହେଲା । ଏହାପରେ ରେଶମକୀଟଙ୍କୁ ଏକପ୍ରକାର ରୋଗ ଧରୁଥିବାରୁ ସେମାନେ ମରିଯାଉ-ଥିଲେ । ପାସ୍ତୁର ନାନା ପରୀକ୍ଷା ଦ୍ୱାରା କୃତକାର୍ଯ୍ୟ ହୋଇ ରେଶମ କୀଟମାନଙ୍କୁ ରୋଗମୁକ୍ତ କଲେ । ତାପରେ **Anthrax** ନାମକ ରୋଗରେ ଗୋରୁ ଗାଈ, ମେଣ୍ଢା, ଛେଳି ଓ ଘୋଡ଼ାସବୁ ନଷ୍ଟ ହୋଇଯାଉ ଥାଆନ୍ତି । ଏହାର ପ୍ରତିକାର ପାଇଁ କୃଷକ-ମାନେ ପାସ୍ତୁରଙ୍କୁ ଅନୁରୋଧ କଲେ । ଅନେକ ପରୀକ୍ଷା ପରେ ପାସ୍ତୁର ଏହାର ପ୍ରତିକାର କରିପାରି ଜନସାଧାରଣ ଏବଂ ଡାକ୍ତରମାନଙ୍କର ବିଶ୍ୱାସଭାଜନ ଓ ପ୍ରିୟ ହୋଇଥିଲେ । ସମସ୍ତେ ତାଙ୍କୁ ମହା-ସାଦରରେ ଅଭିବାଦନ କଲେ । କ୍ରମେ ତାଙ୍କର ଯଶ ଫ୍ରାନ୍ସ ଏବଂ ସମଗ୍ର ଇଉ-ରୋପରେ ପ୍ରଚାରିତ ହେଲା । ପାସ୍ତୁରଙ୍କର ଏପରି ଅସାଧାରଣ କାର୍ଯ୍ୟରେ ଆନନ୍ଦ ହୋଇ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମ-ଚାରୀ ତାଙ୍କୁ ଟେଲିଗ୍ରାମ ଦ୍ୱାରା ଜଣାଇ ଥିଲେ "ବିଜ୍ଞାନ, ବିଶେଷତଃ ଚିକିତ୍ସା ବିଦ୍ୟାର ଇତିହାସରେ ଆପଣ ଏକ ନୂତନ ତଥ୍ୟ ଲିପିବଦ୍ଧ କରି ଏକ ନୂଆ ଯୁଗ ଉଦ୍ଘାଟନ କରିଅଛନ୍ତି ।" ଏହାପରେ କୁକୁର ଓ ଶୃଗାଳ କାମୁଡ଼ିଲେ ତାହାର ପ୍ରତିକାର ପାଇଁ ସେ ମଧ୍ୟ ଉପାୟ ଉଦ୍ଭା-ବନ କରିଥିଲେ । ପରୀକ୍ଷା ସ୍ୱରୂପ ସେ ଜଣେ କୁକୁର କାମୁଡ଼ା ପିଲାକୁ ଭଲ କରିଥିଲେ । ଏଥିଲାଗି ଜଣେ ଲେଖକ ଲେଖିଅଛନ୍ତି, "ଏହି ପିଲାଟିର ରୋଗମୁକ୍ତି ପାସ୍ତୁରଙ୍କର ସମସ୍ତ ସାଧନାର ଶ୍ରେଷ୍ଠ ପୁରସ୍କାର ।

ପୃଥିବୀର ଚିକିତ୍ସା ବିଜ୍ଞାନକୁ ତାଙ୍କର ଦାନ ମହତ୍ ଓ ଅତୁଳନୀୟ । ଆମ୍ଭେମାନେ ତାଙ୍କଠାରେ ଚିରଋଣୀ । ସେ ଗବେଷଣା ଦ୍ୱାରା "ଜୀବାଣୁତତ୍ତ୍ୱ" ସ୍ଥିର କରି ଯାଇଛନ୍ତି ବୋଲି ଆଜି ମହାମାରୀ, ପ୍ଲେଗ, ଯକ୍ଷ୍ମା ପ୍ରଭୃତି ଅସାଧ୍ୟ ରୋଗରେ କବଳରୁ ମୁକ୍ତି ପାଇବା ସମ୍ଭବ ହୋଇ ପାରିଛି ।

ଯେଉଁ ଦୁନିଆର ଦୁଃଖ ଯନ୍ତ୍ରଣା ଦୂର କରିବା ପାଇଁ ପାସ୍ତୁର ଏତେ ସାଧନା ଏବଂ କଷ୍ଟ କରିଥିଲେ ସେହି ଦୁଃଖ ଯନ୍ତ୍ରଣା ପ୍ରପୀଡ଼ିତ ସଂସାରରୁ ୭୩ ବର୍ଷ ବୟସରେ ପାସ୍ତୁର ବିଦାୟ ନେଇ ଚିରଦିନପାଇଁ ଆଖି ବୁଜିଲେ । ସମଗ୍ର ଫ୍ରାନ୍ସ ଏକମତ ହୋଇ ତାଙ୍କୁ "ଜନ୍ମଭୂମିର ଶ୍ରେଷ୍ଠ ସନ୍ତାନ" ବୋଲି ଭେଟି ଦେଇଥିଲା । ସେହି ପାସ୍ତୁର ଆଜି ନାହାନ୍ତି । ତଥାପି ସ୍ମୃତିରକ୍ଷା ପାଇଁ ପୃଥିବୀର ସହସ୍ର ସହସ୍ର ସ୍ଥାନରେ "ପାସ୍ତୁର ଇନ୍‌ଷ୍ଟିଚ୍ୟୁଟ" ତାଙ୍କ ନାମକୁ ଅମର କରି ରଖିଅଛି ଓ ରଖିଥିବ ।

କୁମାର ଶ୍ରୀ ଅନନ୍ତନାରାୟଣ

**WANTED**

Agents to sell "Dagaro" in unrepresented areas. For terms apply to—

Manager, "Dagaro"
P. O. Bhadrak.
Dt. Balasore.

Digitized by srujanika@gmail.com

# ଓଡ଼ିଶାର ପୂର୍ବ ଖ୍ୟାତି ପୂର୍ବ ଗୌରବ

ଫେରି ଆସିଛି

ଦିନେ ଯେଉ ଓଡ଼ିଶାର ନୌବାଣିଜ୍ୟ ସ୍ୱଦେଶ ବିଦେଶରେ ଶୀର୍ଷସ୍ଥାନ ଲାଭ କରିଥିଲା

ସେହି ଓଡ଼ିଶାକୁ ବିଦେଶୀମାନେ ଲୁଟି କରିଛନ୍ତି

ଆପଣମାନେ ଦୁଃଖ ଅନୁଭବ କରୁଛନ୍ତି ।

**ଆଜି ଅଦମ୍ୟ ସାହସ ଓ ଅପୂର୍ବ ଉତ୍ସାହ ନେଇ ଓଡ଼ିଶା ବାସୀଙ୍କ ମୂଳଧନରେ**

# ଦି ଓଡ଼ିଶା କମର୍ସ ଓ ନେଭିଗେସନ୍ କମ୍ପାନୀ ଲିମିଟେଡ୍

ଗଠିତ ହୋଇଛି -- ସେହି ଲୁପ୍ତ ଗୌରବର ଉଦ୍ଧାର ପାଇଁ

ଏହି କମ୍ପାନୀ ଓଡ଼ିଶା ସରକାରଙ୍କ ଠାରୁ କାରବାର ଆରମ୍ଭର

ଅନୁମତି ଓ Incorporation Certificate ହାସଲ କରିଛି ।

**ଗରିବ କୃଷୀ ଓ ମୂଲିଆ ଭାଇଙ୍କ ଠାରୁ ଆରମ୍ଭ କରି ରାଜାମହାରାଜାଙ୍କ ପକ୍ଷରେ**

## ଅପୂର୍ବ ସୁଯୋଗ

କମ୍ପାନୀର ଅଂଶ କିଣି ଏହି କମ୍ପାନୀର ମାଲିକ ହେବାକୁ ଓଡ଼ିଶାବାସୀ ଚାହାନ୍ତି ? ସେହି ସୁବିଧାକୁ **ଆପଣଙ୍କ** ହାତରେ ଦେବା ପାଇଁ ପ୍ରତ୍ୟେକ ଅଂଶ ଧନକୁ (share) ୧୦୦୲ ରେ ରଖାଯାଇଛି । ଏକାଧିକ ଅଂଶ **କିଣିବାର ସୁଯୋଗ ଛାଡ଼ନ୍ତୁ** ନାହିଁ - ଅନୁତାପ କରିବେ । ସେୟାର ଏଲଟ୍‌ମେଣ୍ଟ ଦ୍ରୁତଗତିରେ ଚାଲିଛି ।

ବିଶେଷ ବିବରଣୀ ପାଇଁ ଅନୁଗ୍ରହ କରି ନିମ୍ନ ଠିକଣାକୁ ପତ୍ର ଲେଖନ୍ତୁ ।

**କଟକ ଅଫିସ—**
ଚୁଣିହାଟ, କଟକ ।

**ଭଦ୍ରକ —**
ଡଗର ଅଫିସରେ
ଶେୟର କିଣିବାକୁ ମିଳେ ।

The Managing Direcotr.
The Orissa Commerce & Navigation Co. Ltd.
CHANDBALI.

---

## ସସ୍ତା, ସୁନ୍ଦର ଓ ସୁବିଧାରେ

ପ୍ରିୟ ଜନଙ୍କର ସ୍ମୃତି ରକ୍ଷା ଓ ସୌନ୍ଦର୍ଯ୍ୟର ବୃଦ୍ଧି ପାଇଁ ଆପଣ ଶୀଘ୍ର ଓଡ଼ିଆଙ୍କ

ଦ୍ୱାରା ପରିଚାଳିତ କଲିକତାରେ ଏକମାତ୍ର ପ୍ରତିଷ୍ଠାନ ।

# ଫୋଟୋ ଓ ସାଇନ କ୍ରାଫ୍ଟ

ନଂ ୬ । ଏ ରଉରିଙ୍ଗ ପ୍ଲେସ କଲିକତା

ଠାରୁ

## ଆପଣଙ୍କର ଆବଶ୍ୟକ ମଗାଇ ନିଅନ୍ତୁ ।

**ଏଠାରେ ପୁରୁଣା ଛବିରୁ ନୂଆ** ଓ ବଡ଼ ଆକାର ପାଶ ପୋର୍ଟ ଫଟୋ, ବକ୍ସ ସାଇଜର ଫଟୋ, ରଙ୍ଗିନ ଛବି, **ତୈଳ ଚିତ୍ର** ଅଙ୍କନ ଓ ରଙ୍ଗିନ ଚିତ୍ର ସୁନ୍ଦର ଭାବରେ କରି ଦିଆ ହୁଏ । ଜଲ ପେପର, ଫିଲ୍ମ, ଛବି ଫ୍ରେମ ଇତ୍ୟାଦି ଫଟୋଗ୍ରାଫ ସମ୍ପର୍କୀୟ ଯାବତୀୟ ସରଞ୍ଜାମ ଶସ୍ତା ଦରରେ ମିଳି ପାରିବ । ପରୀକ୍ଷା ପ୍ରାର୍ଥନୀୟ ।

Digitized by srujanika@gmail.com

REG. NO. P. 441

THE DAGARO—16-7-1942.


# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲି:

ପ୍ରତ୍ୟେକ ଗୃହସ୍ଥ ନିଜ ପରିବାରବର୍ଗଙ୍କ ସଂସ୍ଥାନ ପାଇଁ ବୀମା କରିବା ନିତାନ୍ତ ଆବଶ୍ୟକ ।

ଅନ୍ତର୍ଜାତିକ ପରିସ୍ଥିତି କ୍ରମେ ଜଟିଳ ହୋଇ ଉଠୁଥିବା ସମୟରେ ସର୍ବାଧିକ ନିରାପଦ ଭାବରେ ଟଙ୍କା ଲଗାଇବାର ଉତ୍କୃଷ୍ଟ ଉପାୟ ହେଉଛି ଗୋଟିଏ ସୁଦୃଢ଼ ବୀମା କଂପାନୀରେ ବୀମା କରିବା ।

ହିନ୍ଦୁସ୍ଥାନ ଗତ ୩୫ ବର୍ଷ ହେଲା ଭାରତବର୍ଷ ଏବଂ ବାହାରେ ପ୍ରତି ପଲ୍ଲୀରେ କୋଟି କୋଟି ଟଙ୍କାର ଦାବୀ ପୂରଣ କରି ଏବଂ କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ଯଥେଷ୍ଟ ସୁଦୃଢ଼ତାର ପରିଚୟ ଦେଇଛି ।

୧୯୪୦ ରେ ନୂତନ ବୀମାର ପରିମାଣ ପ୍ରାୟ ତିନିକୋଟି    ୧୯୦୦ ରେ ଚାଳିତ ଅସୁର ପରିମାଣ ପ୍ରାୟ ଏଠ କୋଟି

ବୀମା ପାଣ୍ଠି ତିନିକୋଟି ୫୫ ଲକ୍ଷରୁ ଉର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ପାଞ୍ଚଲକ୍ଷରୁ ଉର୍ଦ୍ଧ୍ୱ ।

ମୋଟ ପରିଶୋଧ ଦାବୀର ପରିମାଣ ଦୁଇ କୋଟି ପଚଶ ଲକ୍ଷରୁ ଉର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା ।

ନଟରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର
ଧ:ଢ ।





## ବହୁ ଉଚ୍ଚ ଅଭିମତ ସମ୍ବଳିତ ବିଖ୍ୟାତ କବିତା ବହି
# ସଂଘର୍ଷ
[ଗୃହଅଣା]

ଡାକ୍ତର ଲକ୍ଷୀକାନ୍ତ କହନ୍ତି—ଆମ ସାହିତ୍ୟରେ କବି ଗୋଟାଏ ନୂତନ ପ୍ରେରଣା ଆଣି ପାରିଛନ୍ତି ବୋଲି ମୋର ଧାରଣା ।

ସଚ୍ଚିଦାନନ୍ଦ କହନ୍ତି — ଏଭଳି ବଳିଷ୍ଠ ଲେଖା ଏ ଯୁଗରେ ଯେତେ ପ୍ରକାଶିତ ହେବ, ସେତେ ଏ ଦେଶର ମାନସିକ ସ୍ୱାସ୍ଥ୍ୟ ପକ୍ଷେ ମଙ୍ଗଳ ।

ଲକ୍ଷ୍ମୀନାରାୟଣ ସାହୁ ( ଭାରତ ସେବକ ସମିତି ସଦସ୍ୟ ) କହନ୍ତି — ମୁଁ ଏହି ଜାତୀୟ କବିତାକୁ ମନର ସ୍ୱାଧୀନ ସୃଷ୍ଟିର ରଚନା ବୋଲି ସମାଦର କରିପାରେଁ ।

ଦ୍ୱିତୀୟ ଅବଦାନ 'ନୈବେଦ୍ୟ'--( ଆଠ ଅଣା )

କାନ୍ତସ୍ନିଗ୍ଧ ସରଳ ଅଭିନବ ନିବନ୍ଧମାଳା—ଭୂମିକାରେ ସୁସାହିତ୍ୟିକ ଶ୍ରଦ୍ଧେୟ ଗୋପୀନାଥ ମହାନ୍ତିଙ୍କର ମନ୍ତବ୍ୟ ପଢ଼ନ୍ତୁ । ଯୁବକ ଯୁବତୀଙ୍କର ପରମ ଆଦରର ସମ୍ପଦ—ପ୍ରେମର ଅତୃପ୍ତ ଅର୍ଘ୍ୟ—ବାତ୍ସଲ୍ୟ ସ୍ନେହ ଭକ୍ତିର ଅପୂର୍ବ ଅମୃତ ଉତ୍ସ—ଅବସର ବିନୋଦ ପାଇଁ ଗୋଟିଏ ମାତ୍ର ନିଅନ୍ତୁ ।

ମାତ୍ର ଏକ ଟଙ୍କା ଦେଇ ସଭ୍ୟ ହେଲେ, ସମିତିର ପ୍ରକାଶନ ପୁସ୍ତକ ଅର୍ଦ୍ଧ ମୂଲ୍ୟରେ ପାଇ ପାରିବେ

ପରବର୍ତ୍ତୀ ଅର୍ପଣ—**ମାୟାପୁରୀ**—( ଉପନ୍ୟାସ କାହାଣୀ )

ଟଙ୍କା ଓ ପତ୍ର ପଠାଇବାର ଠିକଣା--ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତି, ଭଦ୍ରକ ।


Printed & published at the Gopinath Press, Bhadrak, by. G. C. Mahapatra and issued from Dagaro Office Bhadrak,

Digitized by srujanika@gmail.com

ଶ୍ରାବଣ ପ୍ରଥମାର୍ଦ୍ଧ




ସମ୍ପାଦକ:— ଶ୍ରୀଲକ୍ଷ୍ମୀକାନ୍ତ ମହାପାତ୍ର

**ଏଥର ପଢ଼ିବେ**

ବିଲୁ ଆବିଷ୍କାର

| | |
|---|---|
| କାହାଣୀ | ଆଶାୟୀ |
| ମଜାକଥା | ଲଭ ସିକ୍‌ନେସ୍ |
| ମଜାକବିତା | ସଚ୍ଚିଦାନନ୍ଦ ଯୁଗ |
| କୁଢୁକୁଢୁ | |
| କାଗବଗା | ଜୋସେଫ ଷ୍ଟାଲିନ୍ |
| ଅଜବ୍ ଦୁନିଆ .. | |

ଟଙ୍କା ଦେଇ ବର୍ଷେ କାଳ ଘରେ ବସି

**ଡଗର ପଢ଼ନ୍ତୁ ।**

( ୬ଷ୍ଠ ବର୍ଷ, ୫ମ ସଂଖ୍ୟା )

**August 1, 1942.**

Digitized by srujanika@gmail.com

## ଜଗତ୍ ବିଖ୍ୟାତ

# ପାଇରୋଲା

ଯେ କୌଣସି ପ୍ରକାର ପାଳିଜ୍ୱର ତା'କ୍ଷଣାତେ
ଆରୋଗ୍ୟ ହୁଏ
ଅଜୀର୍ଣ୍ଣ, ଶକ୍ତ ପ୍ଲୀହା, ଯକୃତ୍, ମ୍ୟାଲେରିଆ ଓ
ସର୍ବବିଧ ଜ୍ୱର ବିନା ଇନ୍‌ଜେକ୍‌ସନରେ
ଆରୋଗ୍ୟ କରିବାକୁ ଏହା ଅଧୁନାତ
ଯୁଗରେ ଅଦ୍ୱିତୀୟ ।
ମେସାର୍ସ ହେମ୍ବୋର ଫାର୍ମାସୀ
ନ ୧୧୫ ମ୍ବର ହେମ୍ବୋର ଷ୍ଟ୍ରିଟ, କଲିକତା ।

ପୁରୀରେ ଏଜେଣ୍ଟ—ମହମ୍ମଦ ଇସମାଇଲ ଖାଁ
ଶ୍ରୀ ବୀରଭଦ୍ର ଚୌଧୁରୀ—ଚରମ୍ପା ବଜାର, ଭଦ୍ରକ (ଭଦ୍ରକ ଗଡ଼ଜାତ ଓ ଜାଜପୁର ଏଜେଣ୍ଟ )

---

ବାତରକ୍ତ ଓ କୁଷ୍ଠର **ଭ୍ରାମରୀ ରସାୟନ** ଅବ୍ୟର୍ଥ ମହୌଷଧ

ଏହା ପ୍ରବଚନ ରସାୟନର ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚକ୍ଷୁ, ହାତଗୋଡ଼ ଜ୍ୱାଳା ଶାରୀରିକ ଅବସାଦ, ହୃତ୍‌ପିଣ୍ଡର ବେଦନା ଅଜୀର୍ଣ୍ଣ, ଅବସନ୍ନତା, ନାସିକା ଓ କଣ୍ଠର ଶୀତଳତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକଶିଶି ୧୯ଙ୍କା ମାତ୍ର ୨ ୯ଙ୍କା ମାତ୍ର ।

ଭାସ୍କର ଔଷଧାଳୟ
ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ
ଅଲମଚାନ୍ଦ ବଜାର, କଟକ ।

---

**ଝିଅଙ୍କ ହାତରେ**
ଦେବା ଭଳି ବହି ।
# ସୁନା ଭଉଣୀ
ସଂଗ୍ରାହକ— ଶ୍ରୀ ଘନଶ୍ୟାମ ମହାପାତ୍ର
ମୂଲ୍ୟ— ୧୦/ ଅଣା ।
ପ୍ରାପ୍ତିସ୍ଥାନ:—କଟକ ପବ୍ଲିସିଂ ହାଉସ୍
ନୟାସଡ଼କ—କଟକ ।

**ଭଲ ମଞ୍ଜିରୁ ଭଲ ଗଛ**
ବିଶ୍ୱସ୍ତ ପ୍ରତିଷ୍ଠାନରୁ ସୁପରୀକ୍ଷିତ ମଞ୍ଜି କିଣିଲେ ଠକିବାର ଆଶଙ୍କା ନାହିଁ । ମୂଲ୍ୟ ବହୁତ ଦସ୍ତୁର ସସ୍ତା । ପତ୍ରଦ୍ୱାରା ପ୍ରାର୍ଥନୀୟ ।
୫ଙ୍କାରୁ କମ୍ ଅର୍ଡର ଭି: ପି: ରେ ପଠାହୁଏ ନାହିଁ । ଦଶଟଙ୍କା ବା ଅଧିକ ମୂଲ୍ୟର ପାର୍ସଲରେ ଡାକମାଶୁଲ ପଡ଼ିବ ନାହିଁ ।
ଏଜେଣ୍ଟ ନ ୩୦୮ ମ୍ବର
ବାଲିସିଡ୍ ଷ୍ଟୋର
ପୋଃ ଅଃ ବାଲି ( Bally )
ଜିଲ୍ଲା—ହାୱଡ଼ା

# ମରମ
କବି— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ନବ ଯୁଗର ନବୀନ ଉପନ୍ୟାସ
ପଢ଼ିଲେ ମୁଗ୍ଧ ହେବେ
ମୂଲ୍ୟ:—୫୦୨ ଅଣା


Digitized by srujanika@gmail.com



ଜଣେ ଇଂରେଜ ଗଣତନ୍ତ୍ରବାଦୀ ଥରେ ଗୋଟାଏ ଖାସି ମାରିବାକୁ ନେଉଥିଲେ। ବାଟରେ ଖାସି ତାଙ୍କୁ କହିଲା—ଦେଖନ୍ତୁ ବାବୁ, ମତେ ଯେ ଅଣ ଦଣ୍ଡଟାରେ ମାରିବାକୁ ନେଉଛ, ଏଥିରେ ତୁମର ଘୋର ପାପ ହେବ ନାହିଁ ତ?

ବାବୁ କହିଲେ—ସେ କଥା ମୁଁ ବହୁତ ଭାବି ଚିନ୍ତା କରୁଛି ତାହା ଜାଣୁ? ତୁ ଗୋଟାଏ ମହାପାପୀ, ସେଥିପାଇଁ ଖାସି ଜନ୍ମ ହେଇଛୁ। ଏଥରକ ପବିତ୍ର ଜନ୍ମରେ ତୁ ମଲେ ତୋର ଦୁର୍ଗତିର ଅନ୍ତ। ଏଣୁ—ପରୋପକାରାର୍ଥ ଦୁର୍ଗତି...।

ଖାସି—ମାତ୍ର ତୁମେ ତ ନରକରେ ପଡ଼ିବ।

ବାବୁ ହସି କହିଲେ—ଠିକ କଥା। ସାଧାରଣ ହିସାବରେ ମୋର ନରକରେ ପଡ଼ିବାର କଥା। କିନ୍ତୁ ଜଗତର ମଙ୍ଗଳ ନିମନ୍ତେ ମୋର ଏଇ ଯଜ୍ଞ ତ୍ୟାଗ, ଏହାର ପୁଣ୍ୟ ବଳରେ ମୋର ନରକ ଭୋଗ କଟିଯାଇ ଏକାବେଳେ ହେଇଯିବ ପରାମୁକ୍ତି। ଉଭୟ ମିଳି—ତୋର ବି ମୁକ୍ତି ମୋର ବି ମୁକ୍ତି।

\+ + ×

ଗାନ୍ଧିଜୀ ଜବାବ ଦେଉଥିଲେ କି ଏ ବିପଦ ବେଳରେ ଆନ୍ଦୋଳନ କରି ବ୍ରିଟିଶ ସରକାରଙ୍କୁ ସେ ସଙ୍କଟରେ 'ଅସୁବିଧା' (embarrass) କରିବେ ନାହିଁ। ବିପଦ ବେଳରେ ଶତ୍ରୁକୁ ପୁଣି ବ୍ୟସ୍ତ କରିବାଟା ଅହିଂସା ଧର୍ମର ବିରୁଦ୍ଧ।

ମାତ୍ର ଏଥରକ କଂଗ୍ରେସ ଯେ ଅସହଯୋଗ ଆନ୍ଦୋଳନ କରିବାର ସ୍ଥିର କରୁଛନ୍ତି ସେଥିରେ ଗୋଟାଏ ମଜାର ଯୁକ୍ତି ଦିଆ ହୋଇଛି। କଂଗ୍ରେସ କହୁଛନ୍ତି କି ଆମେ ଯେ ଏହା କରୁଚୁ, ଯାହାକୁ ତାହା ଅହିଂସା ଓ ସାର୍ବଜନୀନ ମଙ୍ଗଳ ଓ ଶାନ୍ତି ଉଦ୍ଦେଶ୍ୟରେ। ଜଗତର ଶାନ୍ତି ଓ ମୁକ୍ତି ଯଦି ତୁମର ଉଦ୍ଦେଶ୍ୟ ହେଲେ ମଧ୍ୟ ତୁମେ (ବ୍ରିଟିଶ) ସାମ୍ରାଜ୍ୟ ମାର୍ଗରେ ଭୁଲ କରୁଛ। ଆମେ ଯାହା କରୁଛୁ ତାହା ତୁମର ହିତ ପାଇଁ। ଭାରତ ମୁକ୍ତ ହେବେ ତୁମର ଶତ୍ରୁଙ୍କୁ ଧ୍ୱଂସ କରିବ। ଅତଏବ...ଇତ୍ୟାଦି।

ଏ ଯୁକ୍ତିଟା ଠିକ ଖାସି ଓ ବାବୁଙ୍କର ନ୍ୟାୟ ନୁହେଁ କି?

\+ × +

"ଏମିତି ବେଳେ ପାହି ପଡ଼ିଲା, ଆମେ ପାହି ଛାଡ଼ିବୁ ନାହିଁ" ଏହି ସନ୍ଧିପତ୍ରଟା କଥାଟା ନ କହି ଏବେ ସୁଭାଷ ବ୍ଲଗବଡ ଯୋଗ ଦେବାର ଧର୍ମକୁ ଅଡିଠାର ନ ମାରିଲେ ଚଳନ୍ତା ନାହିଁ? ଏଭଳି କଥା ଆଉ କାହା ମୁଣ୍ଡରୁ ବାହାରିବ ତାକୁ ସୁବୋଧ (diplomacy) ବୋଲି କୁହାଯାଏ ନିଶ୍ଚୟ। ମାତ୍ର ମହାତ୍ମାଙ୍କ କହୁଛନ୍ତି ଯେତେବେଳେ, ତାହା ଜଗତରେ ଚାଲ ଉଠିବ, ସେକଥା କହିବ। × · ×

"ଭାରତ ଛାଡ଼ ମୁକ୍ତିରେ ବୋ 'ହୋଇ ଯା'" ବୋଲି ଗାନ୍ଧିଜୀ ବ୍ରିଟିଶ ସରକାରଙ୍କୁ କହି ଦେଇଥିଲେ ଯେ ଚୀନ, ଆମେରିକା ଓ ଇଂଲଣ୍ଡର ଲୋକମାନେ କଥାଟାକୁ ଲୁଚାଇଲେ। ସେଥିପାଇଁ ସେ କଥାଟାର ବିଶଦ ବ୍ୟାଖ୍ୟା କରି ବୁଝାଇ ଦେଇଥିଲେ କି ଏହାଦ୍ୱାରା ଭାରତ ମିତ୍ରପକ୍ଷଙ୍କୁ ସାହାଯ୍ୟ କରି ଜର୍ମାନ ଜାପାନଙ୍କୁ ପରାସ୍ତ କରିଦେବ। ମାତ୍ର ଫଳ ଫଳିଗଲା ଓଲଟା। ଭାରତର ଯେତେ ବିଦେଶୀ ବନ୍ଧୁ, ସମସ୍ତେ ଏକ ସ୍ୱରରେ ଏ ଉକ୍ତିର ନିନ୍ଦା କରୁଛନ୍ତି। "ହାୟ, ସେ କଣ କରୁଛନ୍ତି ତାହା ଜାଣି ପାରୁନାହାନ୍ତି—ଅତଏବ ହେ ପରମ ପିତା ଏ ନିର୍ବୋଧମାନଙ୍କୁ କ୍ଷମା କର।" ଅନ୍ୟବିଧ ରହସ୍ୟ ନିବେଦନଂ—।

× × +

ଗାନ୍ଧିଜୀଙ୍କ ଅନେକ ଥର ହେଉ ବା ଅନେକ ଥର ହେଉ ବା ପରାମର୍ଶ ହେଉ—ସତ ସ୍ପଷ୍ଟତା କଥା କହିଛି ବ୍ରିଟିଶ କଣ ଯଥେଷ୍ଟ ନାହିଁ କି। ଗାଲି ଅଭିଯୋଗ କରୁଛି ତାକୁ ଗୋଟାଏ କଥା। ସେମାନେ ଯେ ଧଳା ଲୋକଙ୍କ ବୋଝ (white man's burden) କାନ୍ଧରେ ବହିଛନ୍ତି, ତାକୁ କିଏ ଦେଉଛି ବୋଝ ମୁଣ୍ଡରେ? ଗାନ୍ଧିଜୀ ଥରେ ଦେଶରେ ଶିଖୋଇ କହିଲେଣି କି ସେ ହିନ୍ଦୁ, ମୁସଲମାନ, ପାର୍ସୀ ଖ୍ରୀଷ୍ଟାନ ସମସ୍ତ ଭାରତୀୟଙ୍କ ମନୋଭାବର ପ୍ରତୀକ! ଅତଏବ...ଆଉ ଅଭିଯୋଗ ରହିଲା କେଉଁଠି?

\+ × ×

ଏକଥା ବ୍ରିଟିଶ ମାନିବାକୁ ମନା କରନ୍ତି—ଜିନ୍ନା, ନେତା ମୁସଲିମ, ଅମ୍ବେଦକର—ଏମାନେ କିଏ ମାନିବେ କି? ଏହାଛଡ଼ା ଯେଉଁ ରାଜାମହାରାଜା ଜନଜାତିମାନେ ରହିଛନ୍ତି, ତାଙ୍କ କଥା ରହିଲା ପଛକୁ। ଏପରି ଅବସ୍ଥାରେ ଏଭଳି କଥା କହିବାର ଅର୍ଥ କଣ ତାହା ଗାନ୍ଧିଜୀଙ୍କ ଏବା ମାଲୁମ! କହି ହେବା ଆଉ କହିବା ଯେତେ ଦୋଷ ହେଉ ନା କେବଳ ଭୁଲ ବେଳେବେଳେ କାମରେ ଲାଗେ। ଯଦି ଏହି କଥାଟି ଯୋଗରେ କଂଗ୍ରେସର ଲକ୍ଷ୍ୟ ସମ୍ମାନ ଯେଉଁ ଅସଫଳ ହେବ ହୋଇଯାଏ ତେବେ ଗାନ୍ଧିଜୀଙ୍କ ବୁଦ୍ଧି ଓ ତାହାଙ୍କର ଅଭିଜ୍ଞତା।

\+ + +

ଏହି ଦୁଃସମୟ ବା ବିଶୃଙ୍ଖଳାପୂର୍ଣ୍ଣ ଦୁର୍ଦ୍ଦଶା ପରିସ୍ଥିତିରେ ଶାସକଙ୍କ ପ୍ରତି ଶାସିତଙ୍କର ଆସ୍ଥା, ବିଶ୍ୱାସ ଓ ସ୍ନେହ, ପ୍ରୀତି ଯେ ଅଟଳିତ ହେବା ଦେଶର ସ୍ୱାସ୍ଥ୍ୟକର ତାହା କେହି ଅସ୍ୱୀକାର କରିବ ନାହିଁ। ମାତ୍ର ଓଡ଼ିଶାର ବେଡ଼ିତର ସ୍ଥାନରେ ଯେପରି ସୋଲଙ୍କି ଦରବାରର ମନଇଚ୍ଛା ଶାସନ ଚାଲିଛି, ସେଥିରେ ସେ ସଂଘର୍ଷ ତଥାପି ରହିବ। ସବୁବେଳେ କଠିନ ହୋଇ ପଡ଼ିବା ଅସମ୍ଭବ ନୁହେଁ। ସେଥିପାଇଁ ଆମ ମନ୍ତ୍ରୀଗଣ ବଡ଼ବଡ଼ ରାଜନୀତିରୁ ଦୃଷ୍ଟି ଫେରାଇ ଘର ଭିତର ଅବସ୍ଥାକୁ ସଜାଡ଼ି ଅଳ୍ପ ନଜର ଦେବାର ଫୁରସତ୍ କରିନେଲେ ଲାଭ ଛଡ଼ା କ୍ଷତି ଅଛି କି?

× + ×

ଏଥର ପୃଥ୍ୱୀ ଉପରେ କେନ ମହାତ୍ମାଙ୍କ ଉପରେ ଗୋଟାଏ ବଡ଼ ବା ବୁଡ଼ି ଦୃଷ୍ଟି ପଡ଼ିଛି ଯେ ବଡ଼ବଡ଼ ଲଢ଼ୁଆ ଜାତିଙ୍କ କଥା ଛାଡ଼ ଦଅନ୍ତୁ—ଶାନ୍ତି ଓ ଅହିଂସାର ଯୁଗାବତାର ଦ୍ୱନ୍ଦ୍ୱ ଗାନ୍ଧି ମହାତ୍ମା ବି ରଣ ମଇଦାନରେ ମାତି ଉଠିଲେଣି। ରାମା ଶ୍ୟାମାଙ୍କ କଥା କିଏ ବା ପଚାରେ! ନିହାତି 'ସୋସିଆଲି' ଲୋକ ବି ମଧ୍ୟ ଲଢ଼ୁଆ ମନ ବୃତ୍ତିରେ ସ୍ୱୀକାର କରୁଛନ୍ତି ଓ କଥାରେ କଥାରେ ଅସ୍ତ୍ର ଉଠାଉ ଦେଉଛନ୍ତି। ଏ ରାଉଟା ଯଦି ଯାଇ ଏପରି ମିଛଟାର ପାଲଟେ ତେବେ ଆଉ ବାହାରିକ କଷ୍ଟ କରି ରଣକ୍ଷେତ୍ରକୁ ଯିବାକୁ ପଡ଼ିବ ନାହିଁ। ଘରେ ଘରେ ହୈ—ହୈ ରୈ ରୈ—ଲଢ଼ୁଇ × ହୋଇଯିବ!

× + ×

ବିଦେଶୀ ଆକ୍ରମଣକାରୀ ବା ବିଦେଶୀ ଶତ୍ରୁ ଉତ୍ପାତରୁ ଦେଶକୁ ରକ୍ଷା କରିବା ପାଇଁ ଆମର ସରକାର ହେବା କଥାରେ ଓଡ଼ିଶା ସରକାର ତାହା କହିବା ବଳ କରି ଦେଇଛନ୍ତି ବୋଲି ଏଥିରେ କେହି କେହି ନେତା ଦୁର୍ବୋଧ୍ୟ ହୋଇ ପଡ଼ିବାର ଜଣା ଯାଉଛି। ମାତ୍ର ଠିକ ବୁଝିବା ଉଚିତ ଯେ ଅନ୍ୟାନ୍ୟ ପ୍ରାଦେଶିକ ସରକାର ଦେଶ ରକ୍ଷାର ଦେଖାଇବା ଠିକେ ଆମ ସରକାରର ଯେ ବାଟରେ

Digitized by srujanika@gmail.com

କଣ୍ଡା ପରୁଡାଃ। ଏମ ସରକାରଙ୍କ ପକ୍ଷରେ ଗୌରବର କଥା ନୁହେଁ କି ? ଅର୍ଥାତ୍ ଅନ୍ୟାନ୍ୟ ସରକାର ନିଜର ଶୀତ ଦୁର୍ବଳ ମଣୁଥିବା ବେଳେ ଏମ ସରକାର ବେପରୁଆ ଅଛନ୍ତି। ସେ ସବୁ ସରକାରର ମୁଣ୍ଡରେ ତ ଆଉ ଗାଈ-କଂଟାର ନାହାନ୍ତି। ତାଙ୍କ ଚାଷ୍ଟଚ୍ୟା ତଳେ ଗାଈ ଏମର ବଡ଼ା ବା ଜଦ୍‌ବେକର ଏହ କାରଣ ଅଛ କି ?

× + ×

ଚେଲବ୍ଚେଲ ଦେଶ ତେଲର ଦାମ ଯେତକ ବଢ଼ି ସ୍ୱରଚ, ସରକାର ସେତକ ଦାମ କମାଇବାରେ ବଂବଣା କରୁଛନ୍ତି—ପୁଣି ସରକାର ଯେତକ ବଂବଣା କରୁଛନ୍ତି, ଦାମ କ ସେତକ ବଢ଼ିଯାଉଛ। ଏପର ପ୍ରଗତଶୀଳ ଅବସ୍ଥାର ଶେଷ ଯେ କେଉଁଠି ତାହା କିଏ ଜାଣେ ! କେଉଁଠି ଲୁଅଡ଼େ ଏକରାଜନ ହେଲ ଯେ, ଯେଉଁଠି ମୁନାସେର ଟଙ୍କାଏ ତ ନୁହ ସେର ଟଙ୍କାଏ, ଚିଅ ସେର ଟଙ୍କାଏ ତ ଖାଣିସେର ଟଙ୍କାଏ। ଏମ ମନ୍ତ୍ରୀ ସରକାର ଯାଦ ସବୁ ପଦାର୍ଥର ସେଇପର ଦୋଃଟାଏ ଷ୍ଟାଣ୍ଡାର୍ଡ (standard) କର ଠିକ କର ଦଅନ୍ତେ, ତେବେ ବେପାରମାନେ ଆଉ ଚକେର ପାଇନ୍ତେ ନାହିଁ ଓ ଲୋକେ କ ହଇରାଣ ହୁଅନ୍ତେ ନାହିଁ। କର [ ଫାଇଦା (profiteering ବନ୍ଦ ହୋଇବନେ, ଦୁର୍ଭିକ୍ଷସନ ଗଲଚ ବ ଅପେ ଅପେ ବନ୍ଦ ହୋଇଯାନ୍ତା।

ସବୁ ପଦାର୍ଥର ଦର ସମାନ ହେଲେ ଦେଶ ଅପେ ଅପେ ସାମ୍ୟବାଦ ହୋଇଗଲନ୍ତା ଓ ଦୁଃଖୀ ଗରୀବ ଦରବସ୍ତ ସର ଯାଥନ୍ତା। ସମସ୍ତେ ମୁଗ୍ଧା ଲୁଗା ଗ.ଡ ଓ ଦୁଧ ଚିଅ ପିଇ ବଳ ବପୁ ବଢ଼ାନ୍ତେ। ସେତେବେଳକୁ ଶତ୍ରୁ ଆସି ଗୋଡ଼ ଦେଲକ୍ଷଣି ମୁଥା ମାଇ ତାକୁ ତଡ଼ ଦଅନ୍ତେ। ଏ ଅବସ୍ଥା ଦେଖିଲେ ଶତ୍ରୁ ଆସିବାର ଭଇସନ୍ତା ବା କାହିଁକି ? ଦେଶ ରକ୍ଷାର ଏତେ ମୁଦର ମୁକର ଉପାୟ ଥାଉଁ ଥାଉଁ ସରକାର ବୃଥା ଲୁହକାରେ ପଡ଼ିର ଅନ ଅନ ଟଙ୍କା ଓ ମାଟିଅ ମାଟିଅ ତେଲ ସାରୁଛନ୍ତି କ ଦୁଃଖରେ !

\+ × +

ବାଲେଶ୍ୱରର କଲା କଲେକ୍ଟର ଶ୍ରୀଯୁକ୍ତ ରାମନାଥନଙ୍କୁ ପ୍ରାର୍ଥୀପାଇଁ ବିଦାୟ ସମ୍ବର୍ଦ୍ଧନା ଭଦ୍ରକ ସବଡିଭିଜନାଲ ଅଫିସରଙ୍କ ଘରେ ଘରୋଇ ଭାବରେ ହୋଇଗଲା। ସମ୍ବର୍ଦ୍ଧନାର ପ୍ରଧାନ ଉପକରଣ ‘ସ’ ଓ ‘ସନ୍ଧ’ ହେଲା ସେ କଥାଟିରେ କାହାର କାହ.ଣ ସନ୍ଦେହ ରହିଲେ ମଧ୍ୟ ଉଭୟ ଦ୍ରାକ୍ଷ ଏକ ଜାତୀୟ ପଦାର୍ଥ ହେବାରୁ ସେ କଥା ଧର୍ତ୍ତବ୍ୟ ମଧ୍ୟରେ ନୁହେଁ ବୋଲି ବୈୟାକରଣୀଙ୍କ ମତ। ଯେଉଁ ଭଦ୍ରମାନେ ଅନୁପସ୍ଥିତ ହୋଇଥିଲେ ସେମାନଙ୍କୁ ଉଷ୍ମ ବଧାଇ (Warm congratulation) ଦେବା ସଙ୍ଗେ ସଙ୍ଗେ ବଞ୍ଚିତ ଅଭାଗାମାନଙ୍କୁ ଅବଶୋଷରେ ହାର୍ଦ୍ଦିକ ସହାନୁଭୂତି hearty sympathy ଜ୍ଞାପନ କରୁଛୁଁ। ଆଶା ଯେ ନୂତନ କଲେକ୍ଟରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ବେଳକୁ ଏହି ଭଦ୍ରଲୋକମାନଙ୍କ ପାଳ ପଡ଼ିବ।

✓ + ×

ଜନାବ ଜୋବାସାହେବ ହଠାତ୍ କେଉଁଠି ଉଠି ତାଙ୍କ ଜାତଭାଇମାନଙ୍କ ଚେତ ଦେଉଛନ୍ତି—କେହି କଂଗ୍ରେସ ପାଖରେ ଘେଁଷ ନାହିଁଟି ! ଜାଣି ଶୁଣି କେହି ବେବେ ପାଖରେ ପଡ଼ିବାକୁ ଯାଏ ନାହିଁ। ଜନା ସାହେବ ପାଖକୁ ଏତେ ଡରିବାରୁ ଜଣାଯାଉଛି ପାନ୍ଥଃ ବଡ଼ ଜବର ଓ ବ୍ୟାପକ। ଏଥିରୁ ଉଦ୍ଧାର ପାଇବା ଉପାୟ ହେଉଛି ବାମ୍ବଡ ଅଜମ ସାହେବ ଏ ଉପଦେଶକୁ ଗ୍ଲାନରୁ ଅବଲମ୍ବନରେ ହୁଅନ୍ତୁ ପାକିସ୍ତାନକୁ ଦୌଡ଼ୁଆନ୍ତୁ ହୋଇଯାଆନ୍ତୁ। ସେଠି ସ୍ୱର୍ଗ ନାହିଁ କି ପାପ ନାହିଁ।

× + ×

ଏ, ଅର, ପି, ନାମ ଶୁଣି ଯୋଗୁଁ ସମ୍ପ୍ରତି ମାଲମହଲ୍ଲା ନାମରେ କେତେକ ଗଡ଼ତ ଚଡ଼ତ ହେଉଛି ବୋଲି ଅନେକେ କହୁଛନ୍ତି। ଗୋଳମାଳଅ କଟତରେ ଟଙ୍କାଏ ଅଧ ଅନୁଚିତ ସହି ନେବାକୁ ପଡ଼େ। ଆମର କଚ୍ଛାଅ ସାଙ୍ଗଭାଇମାନେ ତ ପୁଣି ଦେଶରକ୍ଷା ପାଇଁ କେତେ କେତେ ଦୁର୍ଦ୍ଦଶା ହଇରାଣରେ ଅନାହାରରେ ମୁଣ୍ଡପାତ ସହି ନେଉଛନ୍ତି। ଆମେ ଯଦି ଟଙ୍କାଏ ଅଧେ ଗଡ଼ତ ଚଡ଼ତ ସହି ନ ପାରିବା ତେବେ ଆମେ ତାଙ୍କର ସମକକ୍ଷ ହେବା କିପରି, ଆଉ ଆମର ସ୍ୱଦେଶ ପ୍ରୀତି ବା କେଉଁଠିକ ରହିବ ? ବିଶେଷତଃ ଏଇ ସମାବେଶଅ କର୍ଣ୍ଣ ପାଖରେ ଟଙ୍କାଏ ଗଡ଼ାଇ ପଡ଼ାଇ ହେବାର ସୁଯୋଗ ମିଳେ କେତେବେ !

\+ + ×

ଜଣେ ପଣ ବ୍ରଜବ ପଗ୍ରରୁଛନ୍ତି—“ଆମକୁ କେବେକି ଅଟକ ଏତେ ପାରୁଛ କାହିଁକି ?”

କଥାଟା ଯେ କଷ୍ଟସତ, ଏଥିରେ ସନ୍ଦେହ ନାହିଁ। କେବେକି phobia ଯେପରି ଅଜାଣ ଧାରଣ କଲଣି ଓ କେବେକି ଦୁର୍ଭିକ୍ଷ ଯେପରି ବାଧିଲଣି ଅମକୁ, ତା ଆଗରେ ଭୂତ, ଡାଲ, ନୁଣ, କ୍ଷଣ ନହ ନୁହେଁ। ଆମ ମନେ ହେଉଛି ଏହି ବୋମା ମାଡ଼ରେ ଆମେ ମରିବାକୁ ଭୟ କରୁନା—କାରଣ ଆମେ ଜୀଇ ଜାତି। ଉପାସ ରହି ମରିବାକୁ ଆମର ଡର ନାହିଁ—କାରଣ ଆମର ମୂଳ ଭୂମିର ଦେଶ, ବାର ତେରର ଦେଶ। କନ୍ତୁ ମରିବା ବେଳେ ମୁହଁ ନ ସ୍ୱାହିଁ ମର ଆମେ କେବେ ହେଲେ ପାରିବୁ ନାହିଁ। ଏଇ ଯେ ମୁହଁ ଚୁହିଁ ଚୁହିଁର ସ୍ପୃହା (urge) ତାର ଏକମାତ୍ର ସନ୍ତାନ୍ତିକ ହେଉଛି, କେବେକି ତେଲ। ସେଇଥିପାଇଁ ଅଚେତନରେ ଆମେ ଏତେ କରାଶିନ ଲକ୍ଷ। କରାଶିନ ଗଲେ ଆଉ ରହିଲା କଣ ? ଅନ୍ତତଃ ଯାହା, କାଃ ହେବ କିପରି ? ଆମର ଯେ କାଃ ତାମସାର ଦେଶ। ଅତଏବ ବୋହାର ବାବା ସରକାର, ଆମର ଡୋମିନିଅନ ଷ୍ଟାଟସ୍ ଦରକାର ନାହିଁ, ସ୍ୱାଧୀନତା ଦରକାର ନାହିଁ, ଭାତ, ଲୁଗା, ନୁଣ ଦରକାର ନାହିଁ—ଏ ସବୁ ଦଅ ବା ନ ଦଅ, ଡଲିଭର—ଏକା କରାଶିନ ଟୋପେ କରୁ ବଞ୍ଚିତ କର ନାହିଁ। ନୋହିଲେ ମୁହଁ ସ୍ୱାହିଁବୁ କିପରି ?

\+ + +

ଜଣେ ସ୍କୁଲ ହେଡ଼ମାଷ୍ଟର ତାଙ୍କ ସହରର ଏ, ଅର, ପି, ନାମରେ ଅନାହୂତ ପ୍ରଧାନ ପହରାଦାର (Chief Warden) ନିଯୁକ୍ତ ହୋଇ ମନ-ପ୍ରାଣ ଦେଇ ଲଗିଲେ। ତାଙ୍କର ଇଚ୍ଛା ଥିଲା ରାତିରେ ଗସ୍ତ କରି ସାଧାରଣ ଉପଦେଶମାନଙ୍କ କାମ ଦେଖିବା। ଦିନେ ରାତିଯାକ ଉଜାଗର ହୋଇ ଗସ୍ତ ଶେଷ କଲେ। ତହିଁ ଆରଦିନ କ୍ଲାସରେ ତାଙ୍କୁ ଘୁମ ଲାଗିଲା। ତଥାପି ସେ ପାଠ ପଢ଼ ଦେଉ ଦେଉ ତା ରାତିର ଅଭିଜ୍ଞତାରେ ତାଙ୍କର ଅଭିଯାନର ଶ୍ରମ ଓ ଅଭିଜ୍ଞତା ବର୍ଣ୍ଣନ କରି ଗୋଟିଏ ଲେକ୍ଚର ଦେଲେ। ଶେଷରେ ଅନ୍ତେ ମାଷ୍ଟର ପିଲାଙ୍କୁ ଅଭ୍ୟାସ କଥାଟା ପଚାରିଲେ—

“ତମେ ସବୁ ବୁଝିଲ ?”

ପିଲେ କହିଲେ “ଆଜ୍ଞା ହଁ।”

“ଅଚ୍ଛା ତେବେ କହିଲ ଆଗେ A. R. P. ମାନେ କଣ ?”

ଜଣେ ଚଲାଖ ପିଲା ଟପାଟପ ଉତ୍ତର ଦେଲା—“ସାର୍, A. R. P. ମାନେ, ଅନ୍ଧାର—ରାତି—ପ୍ରହସନ।”

**WANTED**

Agents to sell “Dagaro” in unrepresented areas. For terms apply to—

Manager, “Dagaro”
P. O. Bhadrak.
Dt. Balasore.

Digitized by srujanika@gmail.com



# ଲଭ୍ ସିକ୍‌ନେସ୍

ଲେଖକ—Comrade

ଆପଣଙ୍କ ରୋଗର ଯେଉଁସବୁ ଲକ୍ଷଣ ଶୁଣିଲି ସେଥିରୁ ମୋର ମନେ ହୁଏ ଅପଣଙ୍କୁ ଲଭ୍ ସିକ୍‌ନେସ୍ ହୋଇଛି ।

'ଏଁ, ଲଭ୍ ସିକ୍‌ନେସ ? ସେ ପୁଣି କଣ ?'

'ଭୟ କଲେ କି ? ରୋଗଟା କିଛି ନୁହେ । ହାର୍ଟ weak ହୋଇ ମନେ ହୁଏ ହୃଦୟର ଗଳ ପଦ୍ଦାରେ ଗୋଟାଏ ନା ଗୋଟାଏ କିଛି ରୋଗ ହୋଇଛି...ମନର ବିକାର ମାତ୍ର । ଅଚ୍ଛା, ଅପଣ ଏ ରୋଗ ପାଇଁ ଅଗରୁ କି କି ମେଡ଼ିସିନ ବ୍ୟବହାର କରିଛନ୍ତି ।'

'ଅଜ୍ଞା, ଅନେକ ଡ଼ାକ୍ତରଙ୍କ 'ବୋତଲ' ପେଟେଣ୍ଟ ମେଡିସିନ୍ ଟା,—ଅଲ୍ପଦିନ ତଳେ 'ଡଗର'ରେ ଯାହାର ବିଜ୍ଞାପନ ବାହାରିଥିଲା ।'

'ଅପଣ ଅଗରୁ ଯେଉଁସବୁ ଅପଣଙ୍କ ରୋଗର ଲକ୍ଷଣ କହିଲେ, ଏଇ ଧରନ୍ତୁ ନା.. ରାତି ନ ହେବା, କଲିଜ ମନଟା ବାହୁନି ରହେ ପୂର୍ବପର ନିଦ ଲାଗିବା, ଗୁମ୍ଫ ସୁଖ ଲାଗିବା', ଉଠିବା, ଅଖିରେ ହଠାତ୍ ଭରି ପଟଳ ପଡ଼ିଯିବା, ଦୁନିଆଟା ଅଖିକୁ ଅନ୍ଧାରିଆ ଦେଖାଯିବା, ପାଗଳା କୁକୁର ପରି କାମୁଡ଼ି ଗୋଡ଼ାଇବା ପ୍ରବୃତ୍ତି ଜାଗିବା ମୁହୁର୍ମୁହୁ ଦୀର୍ଘଶ୍ୱାସ ଉଠିବା, ଏସବୁ nervous debilityର ଲକ୍ଷଣ । ଷ୍ଟେଥସ୍କୋପ୍ ଦେଇ ମୁଁ ମଧ୍ୟ ଦେଖିଲି ଯେ ଅପଣଙ୍କର heart ର ବିଟିଙ୍ଗ୍ ଖୁବ ବେଶୀ, Pure nervous debility । ମୋର ମନେ ହୁଏ ଅପଣ ଯେଉଁ ଫାଇଲଟି ବ୍ୟବହାର କରିଛନ୍ତି, ସେଥିରେ 'ମନୋବିଜ୍ଞାନ' ରସର ମାତ୍ରା ଖୁବ୍ କମ ଥିଲା ।'

'ଅଜ୍ଞା, ତେବେ କ'ଣ ମୁଁ ପୁରୁଣା ଫାଇଲଟିଏ କିଣି ଅଣିଲି ?'

'ନା, ପୁରୁଣା ନୁହେ । ମୁଁ ଥାରମୋମିଟର ଦେଇ ଅପଣଙ୍କ ଯାହା ଲଭ୍ ଟେମ୍ପରେଚର ଦେଖିଲି ତାହା below normal । ମନେହୁଏ love fever ଟା ଖୁବ ବେଶି temperature ଥିବା ବେଳେ 'ବୋତଲ' ମେଡିସିନ୍ ଟା ବ୍ୟବହାର କରିଛନ୍ତି—speedy remission ହେବା ଫଳରେ love collapse କରିଯିବାର tendendy ଦେଖା ଦେଇଛି ।...Collapse ର ଲକ୍ଷଣ ହେଲା ଅପଣଙ୍କର ଏ ଅର୍ଥହୀନ ପ୍ରଲାପ, ଏ ଲଭ ମିଲନର ମଧ୍ୟ ଏ ଗୋଟାଏ ଲକ୍ଷଣ । ଅଚ୍ଛା, କୁହନ୍ତୁ ତ ଅପଣ ଯାହାଙ୍କୁ ଲଭ୍ କରି ରୋଗୀ ହୋଇଛନ୍ତି, ତାଙ୍କୁ ବିଭା ପୂର୍ବରୁ କେବେ ଦେଖିଥିଲେ ?'

'ଅଜ୍ଞେ: ନା ।'——

'ତେବେ ଅଜଣା, ଅଚିହ୍ନା ସୁନ୍ଦରୀଙ୍କୁ କେନ୍ଦ୍ର କରି ଲଭ୍ କରିବାର ଏ ମାତଲାମି ଝୁଙ୍କ୍ ମୁଣ୍ଡରେ ପଶିଲା କାହିଁକି ?

'ତାଙ୍କର ରୂପ ଓ ଗୁଣର ପ୍ରଶଂସା ପର ମୁହଁରୁ ଶୁଣି କାହିଁକି କେଜାଣି ମନଟା.. । ଦୀର୍ଘନିଶ୍ୱାସ ପକାଇ କହିଲେ 'ସେ ତ ପ୍ରକୃତରେ ଜଣେ ଅଧୁନିକା ଓ ଶିକ୍ଷିତା ।'

'ଓଃ, I see; ତେବେ ତ ସାରିଛନ୍ତି । ଅପଣଙ୍କ ମନର ମେଳ ତାଙ୍କ ସଙ୍ଗେ ହେବା ବଡ଼ କଠିନ । କାରଣ ଅପଣଙ୍କ ରିଲେସନ୍ Idiotic tendency ଅର୍ଥାତ ବୋକା ବୋକା ଭାବ ଟିକିଏ ଥିଲା । ମଝିରେ ଯେତେବେଳେ ଅପଣଙ୍କୁ ସେ ବଡ଼ ବେଶୀ ଧରି ପକାଇଲି ଅର୍ଥାତ ଏଣୁ ଅପଣଙ୍କ ଭିତର ଗଳ ପଦ୍ଦାରେ ଯେତେବେଳେ ଭଣକ ପାଇଁ 'ହାଏ, ହାଏ ! କାହିଁ ? ...ନାହିଁ ।' ଉଠିଲା ସେତେବେଳେ ସେ idiotic tendency ଏକଦମ୍ ହୋଇ ଗଲା ।ପ୍ରେମ ମସ୍ତିଷ୍କରୁ ବୋକା କଲେ ! ତାହା କ୍ରମେ ବଢ଼ି ଲଭ୍ ସିକ୍‌ନେସ୍‌ରେ ପରିଣତ ହୋଇଛି । ଫଳରେ ନିଜ ଉପରୁ ବିଶ୍ୱାସ କମି ଯାଉଛି, ନିଜର ସ୍ତ୍ରୀକୁ ସନ୍ଦେହ କରୁଛନ୍ତି, କନ୍ଫ୍ୟୁଜ୍ ହେଉଛନ୍ତି .. ନିଜର ଦୁର୍ବଳତା ନିଜ ଅଖିରେ ଅତି ସନ୍ଦେହର କଳା ପରଦା ଟାଣିଛି, ତାହା ନିଜେ ଭାବ ପାରୁନାହାନ୍ତି ଯେହେତୁ କେମାଉଟା ଏକଦମ୍ । ଅପଣଙ୍କ ଉଚିତ ଅଳି ଗାଇଁଲି ଅଁସ୍ତି ଚିଡ ଛିଞ୍ଚିକିଏ, ହାତେ ଦେଖା ଭିତରେ ରହି ଯେ ଦୁନିଆ ଦେଖିନ୍ତୁ, ସେପରି ଗୋଟିଏ ଝିଅ ବିଭା ହେବା ।''

ରୋଗୀ ଯୁବକଟି ଖଡ଼ଲୁ ନିର୍ଭ୍ରିତ ବୋଧକଲେ । ଜନ୍ମତ ସ୍ୱରରେ ପୁଣି ପ୍ରଶ୍ନ କଲେ 'ଡାକ୍ତର ବାବୁ, ତେବେ କ'ଣ ମୋ ରୋଗ ପାଇଁ କିଛି ଔଷଧ ନାହିଁ ?'

"ଅରେ ବାଃ, ଅମ ଡାକ୍ତରଙ୍କ କୌଣସି ରୋଗ ପାଖରେ ହାର ମାନି ନ ।" କହିଏ କମ୍ପାଉଣ୍ଡର ଡାକ୍ତର ବାବୁ ପ୍ରେସ୍କ୍ରିପ୍ସନ୍ ଲେଖିଲେ ।

'ଦେହ ପଦପଙ୍କିତ ମଧାଇଂ' ।

ଯୁବକଟି ହାତରୁ ପ୍ରେସକ୍ରିପ୍‌ସନଟି ନେଇ ଦେଇ ଡାକ୍ତର ବାବୁ ମୁରୁକି ହସି କହିଲେ । ଯୁବକ ସେଇଟି ପଢ଼ି ନିଜ ଅନିଷା ବାମରେ ହାତ ମାରିଲେ ଓ କପାଳ କୁଞ୍ଚିତ କରି କହିଲେ 'ଦେଖନ୍ତୁ ଯଦି ଏଥିରେ ମୋର ରୋଗ ଭଲ ନ ହୁଏ ?'

'ନିଶ୍ଚୟ ହେବ, ଅବଶ୍ୟ 'ବୋତଲ' ପେଟେଣ୍ଟ ମେଡ଼ିସିନଟା ଯେଉଁଠି ପେଲ୍ ମାରେ, ସେମାନଙ୍କ ପାଇଁ...କବୋଲି ଥ୍ରାଟ...ବ୍ୟାସ୍—କ୍ୟାଇ୍—ର ବ୍ୟବସ୍ଥା ଅଛି । କିନ୍ତୁ ସାବଧାନ କରୁ, ଅଧୁନିକା ହେଲେ ବୋଇଡ଼ା, ମଫସଲ ହେଲେ ଖଣ୍ଡୁଣୀ, !

( ୬୩ ପୃଷ୍ଠା ୨ୟ ସ୍ତମ୍ଭ ଦେଖନ୍ତୁ )

Digitized by srujanika@gmail.com




(ଦୃଶ୍ୟ—ଅପରାହ୍ଣର ଢଳଙ୍ଗ ବାଜୟୁ ପଡ଼େ ।)

(ପ୍ରଶାନ୍ତ ବନାନୀ—ସ୍ରୋତସ୍ୱିନୀର ତୀର ପ୍ରଶସ୍ତ ବୃକ୍ଷ ଉପରେ ସ୍ରୋତସ୍ୱିନୀ ତାର 'କୁଳୁ କୁଳୁ' ଗାନ ମେଲି ଦେଉଛି । କୂଳରେ ଖଣ୍ଡେ ପଥର ଉପରେ ବସିଛି ଝରଣା—ଅଳ୍ପ କିଛିବାଟ ଦୂରକୁ ଖଣ୍ଡେ ପଥର ଉପରେ ବସିଛି ଜଣେ ଯୁବକ । ଗୋଟିଏ ବଉଳ ଗଛର ଛାଇ ତା' ଉପରେ ଲୋଟି ପଡ଼ୁଛି । ତାର ପ୍ରକୃତି ବଡ଼ ନିଷ୍ଠୁର ପରି ଜଣାଯାଏ । ସବୁଜ ପ୍ରକୃତିର ମାଧୁର୍ଯ୍ୟ ସାଥେ ଗୋଧୂଳିର ସୁନା ଆଲୋକ ହସୁଛି । ବେଳେ ବେଳେ ଫୁରୁଫୁରୁ ସମୀରଣ ସାଥେ ବନଫୁଲର ମହକ ଭାସି ଆସୁଛି ।)

ଝରଣା—"ମୋର ଅଶା ଏସ ନିଶ୍ଚେ ଫେରି ଆସିବେ । ଗୋଧୂଳିର ସୁନା କିରଣ ଭିତରେ ଝରଣାର ସୁନ୍ଦର ମୂର୍ତ୍ତି ଅପୂର୍ବ ସୁନ୍ଦର ଦିଶୁଥିଲା । ତାର ବେଣୀରେ ଖୋସା ହୋଇଥିବା ଲାଲ କଅଁଳିଆ ପତ୍ର, ଫୁଲ, ତାକୁ ଭାରି ମାନୁଥିଲା । ତାର ଅଳକ ରାଶି ସମୀରର ଆଘାତରେ ଥରୁଥିଲା । ମୁଗ୍ଧ ଦୃଷ୍ଟିରେ ରଞ୍ଜନ ତାକୁ ଚାହିଁ କହିଲା—

**ଆଶାୟୀ**

ଲେଖିକା—କୁମାରୀ ଶୈଳବାଳା ।

'ତୁମର ଏତେ ଚିନ୍ତା କାହିଁକି ଝରଣା—ରଞ୍ଜନ ଥାଉଁ ଥାଉଁ ? ସେ ଅ ସ,—ନ ସୂ· ନାହିଁ । ଏ କି ଉଦବାସୀ ଧାରରେ ...(କୋଷରୁ ତର-ଦାସୀ ବାହାର କଥା) (ରଞ୍ଜନର ପାଟି ଶୁଣି ଧରି) ଝରଣା—'ନା—ନା—ତା' କୁହନା ରଞ୍ଜନ—ଏ ଉଦବାସୀ ସାଲନ୍ଦ ଗର୍ଭକୁ ଫିଙ୍ଗି ଦିଅ—ଅଜ, ମୋର ଦେହକୁ ଛୁଇଁବ ନାହିଁ ମୋ ଭଳ—ମନ୍ଦିରର ବାହୁ ଛାଡ଼ କରବନ ।

ରଞ୍ଜନ—(ତରବାରି ଦୂରକୁ ଫିଙ୍ଗି ଦେଇ) ତୁମର ଦେହକୁ ଛୁଇଁ କହୁଛି ଝରଣା—ମୁଁ ତାର କିଛି ଅନିଷ୍ଟ କରିବିନି—ସେ ଯଦି ମୋର ହୃଦ—ମୋର ପଥରେ ବାଧା ନ ଦିଏ । ମୁଁ ତାହାର ଅନୁଗ୍ରହ ଚାହେଁନା—ନିଜର ଶକ୍ତି ଦ୍ୱାରା ମୋର କାମନା ପୂରଣ କରିପାରେ,—ଏତେବେଳ, ତୁମେ ଯଦି ମୋ' ପଥର ଅନ୍ତରାୟ ହୁଅ ତୁମକୁ ମଧ୍ୟ ଏ ତରବାରୀକୁ...... ।

'ଝରଣା—'ନିଷ୍ଠୁର'

ରଞ୍ଜନ—'ହଁ ଝରଣା ନିଷ୍ଠୁର ମୁଁ ! ମୁଁ ବି ତାପରି ନିର୍ଦ୍ଦୟ ହେଲି । ଏଇ ହାତରେ ...ଙ୍କ ଶତ ମଣିଷଙ୍କୁ ଯମପୁରକୁ ପଠାଇଛି—ସଦା ଏ ... ଉପରେ ଥାଏଁ ଛି—ମୋର ତୋଡ଼ ଅସନା । ଆଉ ମୋର ନିଜର ମୁଖସ୍ୱାଚ୍ଛନ୍ଦ୍ୟ ପାଇଁ ହୁଏ ସ୍ୱଗଣଙ୍କୁ ସେହିଦଶା ଦେବାକୁ ମୋର ହାତ ଅଟକ ନାହିଁ କି ? ଅଚ୍ଛା, ଯାଉ ସେ କଥା । ସେ ଦେଖିବାକୁ ଚମିତ ?

ଝରଣା—ବାସ୍ତୁ ଗୋଡ଼ ପାତିଲା ।

ରଞ୍ଜନ—ସତକୁହ ଝରଣା, ତୁମେ ମତେ ଘୃଣା ନା ତାଲୁ:....?

ଝରଣା—'ଘୃ—ଣା—କି ।' (ତାର କଣ୍ଠ ଥରି ଉଠିଲା) ।

ରଞ୍ଜନ ଝରଣାର ଅପୂର୍ବ ମୁଖଚ୍ଛବି ଲକ୍ଷ୍ୟ କରି—ତାର କଅଁଳ ହାତଟିକୁ ନିଜେ ଟାଣି ଧରି କହିଲା—'ଝରଣା, ଅଚ୍ଛା, ଆମେ ଏଠୁ ପଳାଇବା—ଦୂର—ଦୂର ଦୂରକୁ । ଯଉଁଠି ଏ ସମାଜ—ଏ ଜାତି ନ ଥିବ । ଆମର ସ୍ୱପ୍ନ—ସ୍ୱର୍ଗ ନଟରିଳରେ ରଚିବା ।'

ଝରଣାର ବୁକୁ ଥରି ଉଠିଲା । (ଓଃ, ରଞ୍ଜନ ତାକୁ ଅଧିକ କେତେ ଦୂରକୁ ନେଇଯିବାକୁ ଚାହେଁ ? ଉଦବାସର ରମ୍ୟ ଦେଶରୁ—ତାର ପ୍ରାଣର ଦେବତା ମନ୍ଦିରର ପ୍ରାଣେଶ୍ୱର ଦେଶରୁ ସେ ତାକୁ ନେଇ ଦୂରକୁ ଯିବାକୁ ଚାହୁଁଛି । ଆଉ କେତେ ? ଆଉ କେତେ ? ହେ, ଭଗବାନ !) ହାତଯୋଡ଼ି କହିଲା—'ନାଁ ରଞ୍ଜନ,—ନାଁ,—ଏଇଟି ଶେଷ ।'

"ଏ ମୋର ମନପ୍ରାଣ
ତୋହର ପଦତଳେ—
ସଜଗ ସଜରର
ଦେବେଶ ମୁଁ ମର ପୁରେ !
ତୋହର ପାଇଁ ସଖି ।
ସାଳନ୍ଦୀ ବୁକେ ଥାଏଁ
ସ୍ରୋତ ଟୋ ଗାଉ ଗୀତ
ତୋହର ପ୍ରାଣ ପାଶେ
ଥାଏଁ ଏ ମୋର ଚିତ୍ତ ।
କି କଥା କାହିଁ ଥାଅ
ଦଉଡ଼େ ବନ ବନ ?
କରବୁ ମନେ ତାର
ମୋ' କାନେ କୁହ ସଖି ।

'ଏଇଯେ—' କହି ଝରଣା ଦୂରକୁ ଚାହିଁ ରହିଲା । (ତତ୍କ୍ଷଣାତ୍ ତରବାରିଟି ଝୋଲାଇ ନେଇ ରଞ୍ଜନ ଗୋଟାଏ ଲଦା ଝାଡ଼ାଭିତରେ ଲୁଚିଗଲା ।)

ଦୁଇ ଜଣ ସୈନିକ ନିକଟରୁ ନିକଟତର ହୋଇ ଆସିଲେ । ଯୁବକଟି ଝରଣାର ନିକଟକୁ ଆସି କହିଲା—ଝରଣା, କ'ଣ ଚିହ୍ନି ପାରୁନା ? ମୁଁ ହିଁ ସେ କୁମାର । ତୁମର ପ୍ରାର୍ଥନାରୁ ମୁଁ ବିଜୟର ଟିକା ନେଇ ରଣକ୍ଷେତ୍ରରୁ ଫେରି ଆସିଛି । ଏ କ'ଣ ? ଏତେ ବିମର୍ଷ କାହିଁକି ? ତୁମେ ଯେ ଏଠି (ଛାତିରେ ହାତ ଦେଇ) ସୂର୍ଯ୍ୟ ପରି ଆଲୋକ ଦେଇ ଆସିଛ—ଆଜ ଏହି ଶୁଭଦିନରେ—ଗୋଧୂଳିର ଏଇ ସୁନା ଆଲୋକରେ;—କି ସୁନ୍ଦର ସେ ଝରଣା ? କିନ୍ତୁ ତମେ ଏତେ ବଦଳା—କାହିଁକି ଝରଣା ?

ଅଧୈର୍ଯ୍ୟ ରଞ୍ଜନ ଶାଣିତ ତରବାରି ହସ୍ତରେ ସାମନାକୁ ଆସି କହିଲା—'କିଏ କହିଲା ?

(୬ମ ପୃଷ୍ଠା ଅନ୍ୟ ସ୍ତମ୍ଭ ଦେଖନ୍ତୁ)

Digitized by srujanika@gmail.com



ଜଣେ ଲୋକ ନିଜର ସ୍ତ୍ରୀକୁ ପ୍ରଥମେ ଗାଡିରେ ବସାଇ ଦେଇ ଅସିଥିଲା । ଗୋଟିଏ ପୁଲିସ୍ ତାକୁ ଦେଖି ପଚାରିଲା, 'ତୋ ନାମ କ'ଣ ?

ଲୋକଟା ଡର ଡର କହିଲା, 'ଅଜ୍ଞା, କାହିଁକି ?'

"ପାଞ୍ଚ ଅଇନରେ ଦେଶ । ଉପର ଗାଇଡିଙ୍ଗ୍ ଯାଉଛୁ । ତୁ କ'ଣ ଜାଣିନାହୁଁ ଯେ କଟକରେ ଡବଲ ରାଇଡିଙ୍ଗ୍ ଧରା ହେଉଛି ବୋଲି । (କ୍ରମ)

× × ×

ବିବାହ ପରେ ନବ ଦମ୍ପତି ଯାଇ ମଫସଲରେ ରହିଲାରୁ ସେମାନେ ତାଙ୍କର ବନ୍ଧୁ ବାନ୍ଧବଙ୍କ ଠାରୁ ଅନେକ ଉପହାର ପାଇଲେ । ଥରେ ଡାକରେ ଖଣ୍ଡିଏ ଚିଠି ପାଇଲେ—ତା ଭିତରେ ୨ ଖଣ୍ଡି ଥିଏଟର ଟିକେଟ୍ ଥିଲା ଓ ଚିଠିରେ କେବଳ ଏତିକି ଲେଖାଥିଲା—"କହିଲ ଦେଖି କିଏ ସ୍ତ୍ରୀ'କୁ ପଠାଉଛି" ସ୍ୱାମୀ ଓ ସ୍ତ୍ରୀ ଦୁହେଁ ଯାଇ ପ୍ରେରକ କିଏ କିଛି ଠିକ୍ କରି ନ ପାରି ରାତିରେ ଥିଏଟର ଦେଖିବାକୁ ଗଲେ । ଥିଏଟରରୁ ଫେରି ଦେଖିଲେ ଯେ ତାଙ୍କର ସମସ୍ତ ମୂଲ୍ୟବାନ ଜିନିଷ ଚୋରି ହୋଇ ଯାଇଛି ଏବଂ ଡ୍ରେସିଂ ଟେବୁଲ ଉପରେ ଖଣ୍ଡିଏ କାଗଜରେ ଲେଖା ହୋଇ ପଡ଼ିଛି "ବର୍ତ୍ତମାନ ଜାଣି ପାରିଲ ତ କିଏ ପଠାଇଥିଲା ।"

× × ×

ରୋଗୀ—ଆପଣ ଯେଉଁ ଅସୀମ ଦୟା ମୋ ପ୍ରତି ଦେଖାଇ ଅଛନ୍ତି ତାହା ମୁଁ କିପରି ପରିଶୋଧ କରିବି ?

ଡାକ୍ତର—କାହିଁକି ! ଆପଣ, ଚେକ, ପୋଷ୍ଟାଲ ଅର୍ଡର ନଚେତ ନଗଦ ଟଙ୍କା ଦେଇ ପାରନ୍ତି ।

\+ × +

ସ୍ୱାମୀ—ତମେ ସେ କୁକୁର କୁ କେତେ ବଶ କରାଇ ପାରିବ ନାହିଁ ।

ସ୍ତ୍ରୀ—ଓଃ ଭାରି ଗୋଟେ କଥା ତ, ଟିକିଏ ଧୈର୍ଯ୍ୟ ଦରକାର । ସେ ତ ଗୋଟାଏ ଛୋଟ ପଶୁ । ତମେ ତ ମୋତେ ଦେଖିଲ ନାହିଁ, ଯଦିଓ ପ୍ରଥମେ ପ୍ରଥମେ ମୋତେ ଅଡ଼ୁଆରେ ପକେଇଥିଲ ।

× + ×

"ତମେ ଗତ ଆଠ ଦିନରେ କଲିକତା ସହରର କଣ ଦେଖିଲ ମ ?"

"ଓ ଗୁଡ୍ ଭଲ ଭଲ ଥିଏଟରଗୁଡ଼ିକ ସାରା ସବୁ ବୁଲି ଦେଖିଛୁ । ମୋର ସ୍ତ୍ରୀ କେବଳ ସିନେମା, ଥିଏଟର ଦେଖୁଥିଲେ ଓ ଦୋକାନ ପସରା ବୁଲି ଜିନିଷ କିଣୁଥିଲେ, ମୋର ପୁଅଟି ଚିଡ଼ିଆଖାନା, ମିଉଜିୟମ ପ୍ରଭୃତି ବୁଲି ଦେଖୁଥିଲା । ଅଉ ମୁଁ ସହରରେ ଯେଉଁ ଭଲ ଭଲ ରେଷ୍ଟୋରାଁ ଓ ବାର ( Restaurent & Bar ) ଅଛି ସବୁଥିରେ ମୁହଁ ମାରି ଦେଇ ଅସିଛି ।

× + ×

( ମଜାକଥା ନମ୍ବ ପୃଷ୍ଠା ଉତ୍ତରରୁ )

ବେଶ୍ୟା ହେଲେ ଲକ୍ଷ୍ମୀ, ଏଥିରୁ ଘୋଡ଼ା ସାମୟିକ ଉପଶମ କରେ କିନ୍ତୁ ମୂଳରୁ ମାରି ପାରେନା ।"

'ତେବେ ?' ଉଦ୍ବିଗ୍ନ ହେବେ ଯୁବକ ମୁଖ ବନ୍ଦ କରି କହି ଉଠିଲେ ।

"ତେବେ ଉପାୟ ନାହିଁ, କହ ରାମଦାସଙ୍କ ଠାରୁ ଦୀକ୍ଷା ନେଇ ସନ୍ୟାସ ହେବେ ଓ ଗତ କର୍ମ ପାଇଁ ଅନୁତାପ କରିବେ । I can't help. Good bye କରନ୍ତୁ । ମୋର ଅଉ ପେସେଣ୍ଟ ଅଛନ୍ତି । ଡାକ୍ତରଙ୍କ ପାଖରେ ସମୟର ମୂଲ୍ୟ ବହୁତ ବେଶୀ, ସେମାନେ ଆପଣଙ୍କ ପରି ପ୍ରେମ ପାଗଳା ନୁହନ୍ତି ।"

ଡାକ୍ତର ବାବୁ ଉଠି ପଡ଼ିଲେ ।

ଯୁବକ ହତାଶ ହେବେ କହିଲେ 'ଅଜ୍ଞ, ଅଜ୍ଞାସ ଡାକ୍ତରଙ୍କ 'ପ୍ରେମ-ସୁଧା' ! !

ଡାକ୍ତର ବାବୁ ଫେରି ପଡ଼ି ଗମ୍ଭୀର ସ୍ୱରରେ କହିଗଲେ 'ସାବଧାନ' ବନ୍ଧୁ, ସେ ବି ନକଲି' ।

—※—

( ଜାହ୍ନାଶୀ ୩ୟ ପୃଷ୍ଠା ଉତ୍ତରରୁ )

ହରେଣ ? ରଞ୍ଜନ ଆଉ ଆଉ କେହି ତାର କେଶାଗ୍ର ମୁଦ୍ଧା ସ୍ପର୍ଶ କରିପାରିବେନି । (ନିହାର ପାଗଳ ଅବସର ହେଉଥିବା ବେଳେ ହରେଣ ନିହାର ସାମନାକୁ ଆସିଗଲା,— ଓଃ ତାର ବୁକୁ ଚିରି ରକ୍ତ ବାହାର ହେବ କଣ ।)

ରଞ୍ଜନ ତାକୁ କୋଳକୁ ଉଠାଇ ନେଲା ।

× × +

(ଦୁଇଟି ଯୁବକ ହରେଣା ପାଇଁ ଉନ୍ମତ୍ତ ହୋଇ ଉଠନ୍ତି । କିନ୍ତୁ ହରେଣାର ହୃଦୟ ଦୁଇ ନିହାର ପାଇଁ । ଏହି ସମୟରେ ଯୁଦ୍ଧ ଭାରତ ଆସେ । ଦୁହେଁ ଯୁଦ୍ଧକୁ ଯାଆନ୍ତି । ଯୁଦ୍ଧରୁ ଫେରି ଶକ୍ତିଶାଳୀ ରଞ୍ଜନ ପ୍ରତିଜ୍ଞା କରେ—ହରେଣାକୁ ଯଦି ନ ପାଏ—ନିହାରକୁ ନିଶ୍ଚୟ ହତ୍ୟା କରିବ । —ଏହା ଭାବି ହରେଣା ରଞ୍ଜନର ଅଧୀନା ହୁଏ ।)

ଶେଷଥର ପାଇଁ ଅଶ୍ରୁ ମେଲି—ଅଟେ ନିହାରକୁ ସ୍ପର୍ଶ ହରେଣା କହିଲା—"ଏ ପ୍ରାଣ ଯେଉଁଠି ଥାଉ ନିହାରର । କିନ୍ତୁ ଏ ଶରୀର ଯାଉ ତାର ପ୍ରାଣ ପଣ୍ଡର ନରପଶୁତା ପାଇଁ ।

ନିର୍ବୋଧ ରଞ୍ଜନ ତଥାପି ବୁଝି ପାରିଲା ନାହିଁ ! ସେ ନିହାରକୁ ଦୂରକୁ ଠେଲି ଦେଇ କହିଲା "ଇଡଲ୍ ଶୟତାନ୍ ।"

ସେ ଗାଲ ଦୁହିଲା—ହରେଣା ତାର । ତା' କୋଳରେ ଶୋଇଥିବା ଅର୍ଦ୍ଧମୃତା ହରେଣାକୁ ସ୍ପର୍ଶ ସେ ନିଜକୁ ବିଜୟୀ ମନେ କଲା ।

—※—



# ସଚ୍ଚି ରାଉତରା ଯୁଗ

ଲେଖକ—ଶ୍ରୀ ବଂଶୀଧର ହୃଦୟକ ।

ଓଡ଼ିଶାରେ ଆଜ ଦେଖାଉ ଦେଲଣି
ଏଇଟି ସଚ୍ଚିତରା ଯୁଗ ,
ଭଦ୍ରୋଲୋକେ ଧରିଲଣି ଆସି
ଗଦ୍ୟ-କବିତା ରୋଗ ।
'ସହକାର', 'ନବଭାରତ', 'ଅରତି'
ଗଦ୍ୟ-କବିତା ଛାପୁଛନ୍ତି ବାନ୍ତି ।
ବଣା ଛୁଆ ଏବେ ମାଆ ସରସ୍ୱତୀ
ଝଇଲେଣି ହାଥ ଅଗ । ୧

ବିନୋଦ, ରଞ୍ଜନା, ଜପେନ୍ ସାମଲ
ଯହିଁ ଦେଖି ତହିଁ ହେଲେ ଦଳଦଳ ।
ହାଉନ ଦଳରେ ଭଜିଲା ହେରୁଲ
'ବଚ୍ଛୁଣ' ଭଜିଲଣି ରାଗ । ୨

ଚୁହଚ୍ଛେ ତେଣେ ସ୍ୱଦେଶନ୍ତ୍ର ନାସ
'ଅଗତି' ଛୁଡନ୍ତି ଅବତରେ ଶ୍ୱାସ ।
ଚାଲିବେଣୁ ହେକି ଧୋବ ଦାଢ଼ି-ଫଣା
ବୃହନ୍ତି ଚନ୍ଦ୍ର ଯଥା ନାଗ । ୩

ଅହଙ୍କାର ଦୂଲ ବାର ମାନସିକ
ମାହୁଛନ୍ତି ବାଇ, ଗୁଣ ରଣ କ୍ରୋଧ ।
ସବରେ ଚେପ ଚଲେ 'ଅଭିଯାନ' ଏବେ
ପୂଜା-ଧୂପ ହେଲା ସାଙ୍ଗ । ୪

ପ୍ରେମ ଗୀତ ଛାଡ଼ି ଇନ୍କ୍ଲାବ୍ ଧ୍ୱନି
ପ୍ରିୟା ପ୍ରୀତ ଭଲେ, ନ ଜାଣନ୍ତି ବେଦନା !
ଫୁଲଝାଡ଼ ତେଜି ତରୁଣ ତରୁଣୀ
ମନ୍ମଥର ଭଲେ ଭୋଗ । ୫

ଅଧା ଛାଡ଼ ସୁରା ପିନ୍ଧିଲେ ଖଦି
ହନୁ କୁଞ୍ଚା ଧୋତି ଛାଡ଼ ପାମ୍ୟଚାପ୍ରି
ଢିଲା ପାଇଜାମା ପିନ୍ଧି ହେଲେ ସଜ
ବଦଳିଲା ପାଣି ପାଗ । ୬

ଗୃଷୀ ମୂଲିଆ ନ ମାନିଲେ ବାବୁ
ସାହୁ, ଜମୀଦାର ସବୁ ହେଲେ କାବୁ ।
କଲେଜ ଛାଡ଼ି ଯେ କଲେଜ ପିଲାଏ
ଟେକିଲେ କିଷାନ୍-ଝଣ୍ଡା । ୭

ଟେକିଏ ଛାଡ଼ିଲେ ପୁରାଣ ପଠନ,
ଛଟାହ ବାଧିକୁ କଲେ ଯେ ଶରତ
କମ୍ରେଡ଼ସିପ୍ ତବ ମୂଲ ମନ୍ତ୍ର
ଦଶା ସଖୀ ହେଲେ ଯୋଗ । ୮

ଧରମ ବିଧାନ ନ ମାନିଲେ କେହୁ,
ସବୁ ଶୋଷଣର ମୂଳ ହେଲା ସେହୁ
ଭଗବାନ ପୂଜା ଅଫିମ ସେବନ,
ଲେନିନଙ୍କ ଏହ ମାଗ । ୯

ଉଡ଼େ ଲାଲ୍ ଝଣ୍ଡା, ଟାଙ୍ଗିଛ ବାଷଣ
ଦୁନିଆରେ ଗୁଞ୍ଜେ ଲାଲ୍ ପଲ୍ଟଣ ।
ରୁଷିଅ ପାଲିଟି ଗଲା "ଓଡ଼ିଆ ଦେଶ"
କାଲ ହେଲା ମହାରଗ । ୧୦

ଓଡ଼ିଶାରେ ଆଜି ଦେଖା ତ ଦେଲଣି
ଏଇଟି ସଉତରା ଯୁଗ !!

Digitized by srujanika@gmail.com

# ବହିପତ୍ର



**ସୋମନାଥ ଗ୍ରନ୍ଥାବଳୀ**—ସାରସ୍ୱତ ପ୍ରେସରେ ଛପା—⅛ ଡି: ଡେ: ୧୫୦ ପୃଷ୍ଠା ମୂଲ୍ୟ— ଦୁଇଟଙ୍କା ।

ଶ୍ରୀ ସୋମନାଥ ହୋତୃଶର୍ମ୍ମା ସୁପରିଚିତ କବି । ତାଙ୍କର କେତେଗୁଡ଼ିଏ ନୂଆ ପ୍ରକାଶିତ କବିତା ପ୍ରସ୍ତକ ସୁଧୀମଣ୍ଡଳୀର ପ୍ରଶଂସା ଲାଭ କରିଥିଲା । କବିଙ୍କ ଚରିତ ସମସ୍ତ ଖଣ୍ଡ କବିତା ସଂଗୃହୀତ ହୋଇ ଗ୍ରନ୍ଥାବଳୀ ଆକାରରେ ପ୍ରକାଶିତ ହେବାର ଦେଖି ଆମ୍ଭେମାନେ ସୁଖୀ ହେଲୁଁ । ଏହା ଉପାଦେୟ ହେଲେ ନିଶ୍ଚିତ ଆମ ସାରସ୍ୱତ ଭଣ୍ଡାରର ଶ୍ରୀବୃଦ୍ଧି କରିବ ।

**ଜୀବ୍‌କୁତେଲ**— ଶ୍ରୀ ଖଗେଶ୍ୱର ସାହୁ । ନବଭାରତ ପ୍ରେସରେ ମୁଦ୍ରିତ—କାଞ୍ଚନ ଅଠ ପେଜି ପୃଷ୍ଠା— ମୂଲ୍ୟ—ଦୁଇଅଣା ।

ଚାରି ଅଙ୍କରେ ନିବଦ୍ଧ ଏକ ନାଟକ ପୁସ୍ତକ । ଜୀବ ନଦର ଟଣ୍ଡିନା ଦାଙ୍ଗରେ ଚରିତ୍ର ମୁଣ୍ଡ ଭ୍ରାତାର ସ୍ୱାର୍ଥ ତର୍ପଣ । ଚରିତ୍ର ଚିତ୍ରଣ ଗୁଡ଼ିକ ଜୀବନ୍ତ । ଭାଷା ପ୍ରାଞ୍ଜଳ ଓ ମଧୁର । ମୂଳରୁ ଶେଷ ଯାଏ ଲେଖକଙ୍କ ଲେଖା ପ୍ରସାଦଗୁଣ ସମ୍ପନ୍ନ । ଲେଖକଙ୍କୁ ଅଭିନନ୍ଦନ ଜଣାଉଛୁଁ ।

**ସହକାର-ଦ୍ୱିତୀୟ ସଂଖ୍ୟା-ଜ୍ୟେଷ୍ଠ**

ହିନ୍ଦି ସାହିତ୍ୟର ଇତିହାସ—ଲକ୍ଷ୍ମୀନାରାୟଣ ବାବୁ ଏଥି ସଙ୍ଗରେ ହିନ୍ଦି ସାହିତ୍ୟର ଚିତ୍ରଟିଏ ଭଲ ପରିଚୟ ଦେଇଥିଲେ ଓଡ଼ିଆ ପାଠକମାନଙ୍କୁ ହିନ୍ଦି ସାହିତ୍ୟ ପ୍ରତି ଅନୁରକ୍ତ କରି ପାରନ୍ତା । ଭାରତର ଅନ୍ୟାନ୍ୟ ସାହିତ୍ୟର କିଛି କିଛି ପରିଚୟ ଦେବା ନିମନ୍ତେ ଲକ୍ଷ୍ମୀନାରାୟଣ ବାବୁ ଏହା ଯୋଗ୍ୟ ।

**ମାଟି**—କବିତା—ଶ୍ରୀ ରଜନୀକାନ୍ତ ଦାସ । ରଜନୀକାନ୍ତଙ୍କ କବିତା ସବୁରି ଧରଣ ଗୋଟାଏ ନୂଆ ରକମର। ଯେପରି ବନ୍ଧ୍ୟାର ଜଠରେ ଜନ୍ମିତ୍ୱ ସେହିପରି ନବୀନତାରେ ପ୍ରକାଶନ୍ତି ।

କୋଶଳ ସାହିତ୍ୟ ସମ୍ମିଳନୀ ସଭାପତିଙ୍କ ଅଭିଭାଷଣ । ଶ୍ରୀ ଶ୍ରୀ ଶ୍ରୀ ରାଜେନ୍ଦ୍ର, ନାରାୟଣ ସିଂହ ଦେଓ ଏ: ଏ: । ଗମ୍ଭୀର ଚିନ୍ତାଶୀଳ ଲେଖକ । କଳ୍ପନା ଜଗତରୁ କେବଳ ସୌନ୍ଦର୍ଯ୍ୟ ମୂର୍ତ୍ତି ଦିଗରୁ ଛାଡ଼ି ଅଣି ପ୍ରକୃତ କର୍ମକ୍ଷେତ୍ରରେ ନିଯୋଜିତ କରିବା ପାଇଁ ସାହିତ୍ୟିକମାନଙ୍କୁ ଉପଦେଶ ଦେଇଛନ୍ତି । ଏହା ଭଲେ ସାହିତ୍ୟିକମାନେ ଜାତିକୁ ପ୍ରକୃତ ପଥରେ ନେଇ ପାରିବେ ନିଶ୍ଚୟ ।

ଶ୍ରୀମାନ ରବୀନ୍ଦ୍ରନାଥ ଦାସଙ୍କ ଶବ-ଲେଖା ଗଳ୍ପ ଖୁବ୍ ଭଲ ଲାଗିଲା । ଗଳ୍ପ ଧାରାର ଚଳାଇବା ପ୍ରବାହ ଭେଳି ସେ ନୂଆ ବାଟ ର ଚଲା ସୃଷ୍ଟି କରି ପାରିଛନ୍ତି ।

ଶ୍ରୀ କଳାକର ଗୋବର୍ଦ୍ଧନଙ୍କ 'ନୃତ୍ୟ-କଳା' ବିଷୟରେ କ୍ରମପ୍ରକାଶିତ ପ୍ରବନ୍ଧ ମନୋରମ ହୋଇଛି । ଆଜକାଲି ଯେପରି ଚତୁର୍ଦ୍ଦିଗ ନାଚ ଲାଗିଛି ସେ ନାଚର ଗୋବର୍ଦ୍ଧନ ବ ଢୋବାରୁଛନ୍ତି ବଢ଼ିଛ । ଡିଟ ପକାଇ ନାଚ ନ ପାରିଲେ ଓଡ଼ିଆ ପଛକୁ ହେଉ ଯିବଟି ! ନାଚ—ନାଚ —ଅଭ୍ରର ନାଚ ।

ଶ୍ରୀ ଲକ୍ଷ୍ମଣ ସିଂହଙ୍କ 'ଚାଲିଚଳାହ' ଚିନ୍ତାମୂଳକ ଲେଖା ।

ଶ୍ରୀ ଜୀବାନନ୍ଦ ଆଚାର୍ଯ୍ୟଙ୍କ 'ନୂତନ କବି' କବିଭାଷାରେ କବିମାନଙ୍କୁ ଉପଦେଶ । ଭଲ ହୋଇଛି । କିନ୍ତୁ କବିମାନ ଖାଲି ଯେ ଲେଖନ୍ତି—ପଢ଼ନ୍ତି ନାହିଁ ।

ବ୍ରଜକିଶୋର ବାବୁଙ୍କ 'ଯାତ୍ରାମଙ୍ଗଳ' ସାଦା ସିଧା କ୍ଷୁଦ୍ର ଗଳ୍ପ ।

ଶ୍ରୀ ରଘୁନାଥ ଦାସଙ୍କ 'ବିଦାୟ' କବିତା । ଏଥର । କବିତାରେ ଯାହା ଥାଏ ସେସବୁ ସବୁ ରହିଛି—ଜୀବନ-ଧାରା, ଜୀବନଯାତ୍ରା, ମୃତ୍ୟୁ, ଦଣ୍ଡାଳ ।

**ଶିକ୍ଷାପୂଜା-୪ର୍ଥ ଭାଗ ୧ମ ସଂଖ୍ୟା**

ଏହା ସାଲେପୁର ଉଚ୍ଚ ଇଂରାଜୀ ବିଦ୍ୟାଳୟର ମୁଖପତ୍ର । ଜଣାଯାଏ ସ୍କୁଲ ପରିଚାଳକମାନେ ଆଧୁନିକ ଉନ୍ନତ ଆଦର୍ଶରେ ପିଲାଙ୍କ ତାଲିମ ଦେଉଛନ୍ତି ଓ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ବିଧାନ କରିବା ଦିଗରେ ଯତ୍ନବାନ୍ ଅଛନ୍ତି ।

ଏ ସଂଖ୍ୟାରେ ପ୍ରକାଶିତ ଇଂରାଜୀ ଲେଖାଗୁଡ଼ିକ ଛାତ୍ରମାନଙ୍କ ଇଂରାଜୀ ଭାଷାରେ ପାରଦର୍ଶିତାର ଯଥେଷ୍ଟ ପରିଚୟ ଦେଉଛି । ଓଡ଼ିଆ ଗଦ୍ୟ ଲେଖାଗୁଡ଼ିକ ମଧ୍ୟ ମନ୍ଦ ନୁହେଁ । କବିତା ମଧ୍ୟରେ "କାନନିକା" ନାମକ କବିତାଟି ସୁନ୍ଦର ହୋଇଛି । ଏ ସଂଖ୍ୟାରେ ଗୋଟିଏ ଗୀତର ସ୍ୱରଲିପି ଦେଖି ଆନନ୍ଦିତ ହେଲୁ । ଏହାଦ୍ୱାରା ସଙ୍ଗୀତ ଆଡ଼କୁ ପିଲାଙ୍କ ମନ ଢଳିବ । ମନ ଓଡ଼ିଆ ଗୀତର ସ୍ୱରଲିପି ଦେଇଥିଲେ ଭଲ ହୁଅନ୍ତା ନାହିଁକି ?

---

## କୁମାରୀ

ସୁନ୍ଦର ଛବି ଓ ମଧୁର ଗୀତ ବହି

ଝିଅ ହାତରେ ଦିଅନ୍ତୁ ।

ମୂଲ୍ୟ—ଚାରି ଅଣା

## ସୁନାପୁଅ

ପିଲାଙ୍କ ପାଇଁ ଛବି ଅଛି

ପର ଗୀତ ବହି ।

ମୂଲ୍ୟ—ଚାରି ଅଣା



Digitized by srujanika@gmail.com




## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଶିଶୁମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ନଗରର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

( ୧୮ ବର୍ଷରୁ ନ୍ୟୂନ ବାଳକ ବାଳିକାମାନଙ୍କ ପାଇଁ )

## ଜୋସେଫ ଷ୍ଟାଲିନ୍

ସ୍ନେହର ନାଗ ଭାଇ ଭଉଣୀଏ, ପ୍ରଣାମ । ଯେଉଁ ମହାପୁରୁଷଙ୍କ ନେତୃତ୍ୱରେ ଓ ପ୍ରେରଣାରେ ସମଗ୍ର ରୁଷ ଜାତି ଆଜି ଏକ ମହା ସଂଗ୍ରାମର ସମ୍ମୁଖୀନ ହୋଇ ପ୍ରବଳ ଜର୍ମାନ ଆକ୍ରମଣକୁ ବାଧା ଦେବାରେ ସକ୍ଷମ ହୋଇପାରିଛି, ସେ ହେଉଛନ୍ତି **ଜୋସେଫ ଷ୍ଟାଲିନ୍ ।** ସେ ୧୮୮୯ ଖ୍ରୀଷ୍ଟାବ୍ଦରେ ଜର୍ଜିଆସ୍ଥ ଟିଫ୍ଲିସ୍ ନାମକ ସ୍ଥାନରେ ଗୋଟିଏ ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଷ୍ଟାଲିନ୍‌ଙ୍କ ପିତା ଜାତିରେ ମୁଚି ଥିଲେ ଓ ଜୋତା ବ୍ୟବସାୟ କରି ବହୁ କଷ୍ଟରେ ଦିନ କାଟୁଥିଲେ । କିନ୍ତୁ ତାଙ୍କ ମା ଅସାଧାରଣ ବୁଦ୍ଧିମତୀ ଓ ଅଧ୍ୟବସାୟୀ ଥିଲେ । ନିଜ ପରିଶ୍ରମ ଦ୍ୱାରା [illegible] ଲୁଗା ସଫା କରି ସେ ଯାହା ଉପାର୍ଜନ କରୁଥିଲେ [illegible]ରେ ଷ୍ଟାଲିନ୍‌ଙ୍କୁ ପାଠ ପଢ଼ାଉଥିଲେ ଓ [illegible] ମଧ୍ୟ ସାହାଯ୍ୟ କରୁଥିଲେ ।

ଷ୍ଟାଲିନ ଯେତେବେଳେ ଜନ୍ମ [illegible] ତାଙ୍କର ଗୋଟିଏ ହାତ ପାରାଲିସିସ୍ ହୋଇ ଆଂଶିକ ଭାବରେ ଅଚଳ ହୋଇଥିଲା ଓ ଗୋଟିଏ ଗୋଡ଼ରେ ଛଅଟି ଅଙ୍ଗୁଳି ଥିଲା । ତାଙ୍କ ପିତାଙ୍କର ଇଚ୍ଛା ଥିଲା ଯେ ଷ୍ଟାଲିନ ନିଜର ବଂଶାନୁଗତ ବ୍ୟବସାୟ ଅନୁସରଣ କରନ୍ତୁ । କିନ୍ତୁ ତାଙ୍କ ମା ସେଥିରେ ବାଧା ଦେଇ ତାଙ୍କୁ ସ୍କୁଲରେ ପାଠ ପଢ଼ାଇଥିଲେ ଓ ତାଙ୍କର ଇଚ୍ଛା ଯେ ସେ ଜଣେ ଧର୍ମଯାଜକ ହୁଅନ୍ତୁ । କିନ୍ତୁ ଦୈବର ବିଧାନ ଯେ ଭିନ୍ନ । ସେ ଯେ ଦିନେ ସମଗ୍ର ରୁଷର ଏକଛତ୍ର ଶାସକ ହେବେ । ସ୍କୁଲରେ ଷ୍ଟାଲିନ ପ୍ରତିଭାସମ୍ପନ୍ନ ଛାତ୍ର ନ ଥିଲେ । କିନ୍ତୁ ଭାରି ପରିଶ୍ରମୀ ଓ କଷ୍ଟ ସହିଷ୍ଣୁ ଥିଲେ । ରାଜନୀତି ଚର୍ଚ୍ଚା କରିବା ଓ ସେଥିରେ ଯୋଗ ଦେବାରେ ତାଙ୍କର ସ୍ପୃହା ଓ ଆଗ୍ରହ ଦେଖା ଯାଉଥିଲା । ୧୭ ବର୍ଷ ବୟସରେ ସେ ରୁଷିଆର ସୋସିଏଲ ଡେମୋକ୍ରାଟ ପାର୍ଟି ( Social Democrats ) ରେ ଯୋଗ ଦେଇ ଜର୍ଜିଆରେ ପ୍ରଥମେ ବିଦ୍ରୋହ (Revolution) ଆରମ୍ଭ କରିଥିଲେ । ସନ ୧୯୦୨ ସାଲଠାରୁ ସନ ୧୯୧୨ ସାଲ ଭିତରେ ସେ ୫ ଥର ବିଦ୍ରୋହୀ ହୋଇ କାରାବାସୀ ହୋଇଥିଲେ କିନ୍ତୁ ପ୍ରତିଥର ଯାକ ସେ କାରାଗାରରୁ ପଳାଇ ଆସିଥିଲେ । ଶେଷଥର ବିପ୍ଳବ ଅବସାନ ପରେ ସେ କାରାମୁକ୍ତ ହୋଇ ଦେଶର ତତ୍‌କାଳୀନ ରାଜନୀତିରେ ଯୋଗ ଦେଇଥିଲେ । ୧୯୧୩ ମସିହାରେ ସେ "ପ୍ରାଭ୍ଦା" (Pravda) ନାମକ ଖବର କାଗଜର ସମ୍ପାଦକତ୍ୱ ଗ୍ରହଣ କରିଥିଲେ । ସେହି ଦିନରୁ "Pravda" ( ପ୍ରାଭଦା ) ପ୍ରତି ତାଙ୍କର ଏତେ ଆତ୍ମୀୟତା ଜନ୍ମିଯାଇଛି ଯେ ଆଜି ପର୍ଯ୍ୟନ୍ତ ସୁଦ୍ଧା ସେ ପ୍ରତିଦିନ **ଆମୂଳଚୂଳ** ପାଠ କରନ୍ତି । ୧୯୧୩ ସାଲରେ ସେ ବଲସେଭିକ ଆନ୍ଦୋଳନରେ କର୍ମକର୍ତ୍ତା ରୂପେ ନିଯୁକ୍ତ ହୋଇଥିଲେ । ମହାତ୍ମା ଲେନିନ ଯେତେବେଳେ ସମଗ୍ର ରୁଷିଆର ଡିକ୍ଟେଟର ( Dictator ) ବା ଏକଛତ୍ର ଶାସକ ଥିଲେ, ଲେନିନ ତାଙ୍କୁ ୧୯୧୭ ସାଲରେ ରୁଷିଆର କମ୍ୟୁନିଷ୍ଟ ପାର୍ଟିର (Russian Communist Party) ସେଣ୍ଟ୍ରାଲ କମିଟିର ଜେନେରାଲ ସେକ୍ରେଟାରୀ ରୂପେ ନିଯୁକ୍ତ କଲେ । କିନ୍ତୁ ଲେନିନ୍ ତାଙ୍କୁ ନିଜର ଉତ୍ତରାଧିକାରୀ ରୂପେ ମନୋନୀତ କରି ନ ଥିଲେ । ଷ୍ଟାଲିନ ତାଙ୍କର ନିଜର ଅଧ୍ୟବସାୟ, ଏକାଗ୍ରତା ଓ କଠୋର ପରିଶ୍ରମ ଦ୍ୱାରା ନିଜକୁ ଉପଯୁକ୍ତ କରି ପାରିଥିଲେ । ୧୯୨୪ ସାଲରେ ଲେନିନଙ୍କ ମୃତ୍ୟୁ ପରେ ସେ ସମଗ୍ର ରୁଷର ଡିକ୍ଟେଟର ରୂପେ ଲେନିନଙ୍କ ଶୂନ୍ୟ ସ୍ଥାନ ପୂରଣ କଲେ । ଆଜି ପର୍ଯ୍ୟନ୍ତ ସେ ସେହି ସ୍ଥାନ ଅଧିକାର କରି ସମଗ୍ର ରୁଷିଆକୁ ଏକାଏକା ଶାସନ କରୁଛନ୍ତି ।

ଷ୍ଟାଲିନ୍ ମାସକୁ ଏକହଜାର ରୁବଲ ଅର୍ଥାତ୍ ୬ ପାଉଣ୍ଡ ୧୫ ଶିଲିଂ କରି ଦରମା ପାଆନ୍ତି । ଏହାହିଁ ହେଉଛି ରୁଷିଆର ଡିକ୍ଟେଟରଙ୍କ ଦରମା । କିନ୍ତୁ ଷ୍ଟାଲିନ୍ ନିଜେ ଧନ ପ୍ରତି **ଆସକ୍ତ** ନୁହନ୍ତି ଓ ଟଙ୍କା ପଇସା ପ୍ରତି ତାଙ୍କର ଧ୍ୟାନ ନ ଥାଏ । ତାଙ୍କର ପୋଷାକ ପରିଚ୍ଛଦରେ ମଧ୍ୟ ସେ ଖୁବ୍ ସାଦାସିଧା । ସେ ବ୍ରିଚେସ୍ ବୁଟ୍ ଓ ସବୁଜରଙ୍ଗର ଗଳାବନ୍ଦ କୋଟ ସବୁବେଳେ ପିନ୍ଧନ୍ତି ଓ ବାହାରକୁ ଗଲେ ମୁଣ୍ଡରେ ଟୋପି ଦିଅନ୍ତି । ସେ ଦିନେ ପେଟ୍ରୋଗ୍ରାଡ଼ରେ ସୈନ୍ୟମାନଙ୍କର ପେରେଡ଼ ପରିଦର୍ଶନ କରୁଥିଲେ । ସୈନ୍ୟମାନଙ୍କ ଭିତରୁ ଜଣେ ସୈନ୍ୟ ତାଙ୍କୁ ସମ୍ମାନ ଦେଖାଇ ସାଲ୍ୟୁଟ୍ କଲନାହିଁ । ତାର କାରଣ ପଚରାଯିବାରୁ ସୈନ୍ୟଟି କହିଲା ଯେ ଷ୍ଟାଲିନ୍ ଭଲ ବୁଟ ପିନ୍ଧିଛନ୍ତି ଓ ସେ ନିଜେ ଛିଣ୍ଡା ଜୋତା ପିନ୍ଧିଛି । ଷ୍ଟାଲିନ୍ ତତ୍‌କ୍ଷଣାତ୍ ନିଜ ଗୋଡ଼ରୁ ଜୋତା ବାହାର କରି ସୈନ୍ୟଟିକୁ ପିନ୍ଧିବାକୁ



Digitized by srujanika@gmail.com




କାଲିଫର୍ଣ୍ଣିଆର ଶିଶୁ ମଙ୍ଗଳ ସମିତି (Institute of child welfare) ଗବେଷଣା ଦ୍ୱାରା ସ୍ଥିର କରିଛନ୍ତି ଯେ, ସାଧାରଣତଃ ପିଲାମାନଙ୍କର ଶୀତ ଦିନରେ ଦୁଇଗୁଣ କ୍ରେ ଖରାଦିନ ଅପେକ୍ଷା ବଢ଼େ। ପରୀକ୍ଷା କରି ଦେଖା ଯାଇଛି ଯେ ନଭେମ୍ବର, ଡିସେମ୍ବର ଓ ଜାନୁୟାରୀ ମାସରେ ପିଲାମାନଙ୍କର ସ୍ଫୁଟକ୍ରେ ମେ, ଜୁନ ଓ ଜୁଲାଇ ମାସ ଅପେକ୍ଷା ତିନିଗୁଣ ବଢ଼େ।

× × ×

ବର୍ମିଂଘାମ୍‌ର ଜଣେ ୭୮ ବର୍ଷୀୟା ବୃଦ୍ଧା ପ୍ରତିଜ୍ଞା କରି ଗଲା ୩୦ ବର୍ଷ ହେଲା ତାଙ୍କ ଭଉଣୀଙ୍କ ପାଖକୁ ପ୍ରେମ ଚିଠି ଲେଖୁଥିଲେ। ସେ ମୋଟ ୬୨,୯୮୦ ଖଣ୍ଡ ଚିଠି ଲେଖିଛନ୍ତି ସେ ଚିଠିରେ ସେ ୧୪,୫୯୬,୦୦୦ଟି ଶବ୍ଦ ବ୍ୟବହାର କରି-ଛନ୍ତି ଓ ୧୦୧୪ ଟୋପିଲ କାଳି ଓ ପୋଷ୍ଟେଜ ଷ୍ଟାମ୍ପ ପାଇଁ ତାଙ୍କର ୪୨୯ ପାଉଣ୍ଡ ୭ ସିଲିଂ ୭ ପେନ୍ସ ଖର୍ଚ୍ଚ ହୋଇଛି।

× + ×

ପୃଥିବୀରେ ନ୍ୟୁଜିଲାଣ୍ଡରେ ନର-ନାରୀ ଦୀର୍ଘଦାୟୀ ବେଶିଦିନ ବଞ୍ଚନ୍ତି—ପୁରୁଷଙ୍କର ଆୟୁ ୬୫ ବର୍ଷ ଓ ସ୍ତ୍ରୀ ଲୋକ-ଙ୍କର ଆୟୁ ୬୮ ବର୍ଷ।

× + ×

## ପୃଥିବୀର ବୃହତ୍ତମ, ଦୀର୍ଘତମ, ଉଚ୍ଚତମ ଓ ଗଭୀରତମ।

ପର୍ବତ—ମାଉଣ୍ଟ ଏଭେରେଷ୍ଟ (୨୯୦୦୨ ଫୁଟ)

ଲାଇବ୍ରେରୀ—ନାଶନେଲ ଲାଇବ୍ରେରୀ (ସୋଭିଏଟ ରୁଷିଆ)

ମରୁଭୂମି—ସାହାରା (ଅଫ୍ରିକା)

ଅଟ୍ଟାଳିକା—ସୋଭିଏଟ୍ ପାଲେସ (୧୩୦୦ ଫୁଟ, ରୁଷିଆ)

ବୃହତ୍ତମ ପ୍ରାସାଦ—ଭଟିକାନ୍ (ରୋମ)

ଜାହାଜ—କୁଇନ୍ ଏଲିଜାବେଥ (୮୫,୦୦୦ ଫୁଟ, ବ୍ରିଟିଶ)

ମର୍ମର ମୂର୍ତ୍ତି—ସ୍ୱାଧୀନତାର ମର୍ମର ମୂର୍ତ୍ତି (୧୫୧ ଫିଟ, ନ୍ୟୁୟର୍କ)

ବୃହତ୍ତମ ଓ ଗଭୀରତମ ସମୁଦ୍ର—ପ୍ରଶାନ୍ତ ମହାସାଗର।

ଦୀର୍ଘତମ କରିଡୋର—ଦକ୍ଷିଣ ଭାରତର ରାମେଶ୍ୱର ମନ୍ଦିରର କରିଡୋର (ବାରଣ୍ଡା ୪୦୦୦ ଫୁଟ ଲମ୍ବା)

ଦୀର୍ଘତମ ପ୍ଲାଟଫର୍ମ—ସୋନପୁର (ବିହାର)

ବୃହତ୍ତମ ଉଦ୍ୟାନ—ୟେଲୋଷ୍ଟୋନ ନାଶନାଲ ପାର୍କ

---

(ନାଗବଂଶ ପୂର୍ବପୃଷ୍ଠା ଉତ୍ତାରୁ)

ଦେଲେ ଓ ନିଜେ ଅଣି ତାର ଜୋତା ପିନ୍ଧିଲେ।

ଷ୍ଟାଲିନ ହିଟଲର ଓ ମୁସୋଲିନିଙ୍କ ଭଳିଆ ବଡ଼ିଗାର୍ଡ଼ (ଅମୃରକ୍ଷୀ) ସାଙ୍ଗରେ ନେବା ଭଲପାଅ ଖୁବ୍ କମ୍ ଦେଖାଯାଏ। ସେ କ୍ରିମେଲିନ୍ (ରୁଷ ଗଭର୍ଣ୍ଣମେଣ୍ଟଙ୍କ ଅଫିସ) କୁ ଅଧିକାଂଶ ସମୟରେ ପଦବ୍ରଜରେ ଯାଆନ୍ତି।

ସେ ତାଙ୍କର ଶତ୍ରୁମାନଙ୍କ ପ୍ରତି ଭୟାନକ ପ୍ରତିହିଂସା ପରାୟଣ। ଏପରି ସମୟ ଥିଲା ଯେ ସେ ତାଙ୍କର ଶତ୍ରୁମାନଙ୍କୁ ନୃଶଂସ-ଭାବରେ ହତ୍ୟା କରିବାକୁ କୁଣ୍ଠିତ ହେଉ ନ ଥିଲେ। କିନ୍ତୁ ଅଧୁନା ତାଙ୍କର ଏହି ପ୍ରକୃତିର ପରିବର୍ତ୍ତନ ଘଟିଛି।

ଷ୍ଟାଲିନଙ୍କର ସାହିତ୍ୟ ଓ ସଙ୍ଗୀତ ପ୍ରତି ବିଶେଷ ଅନୁରାଗ ଦେଖାଯାଏ। ସେ ଅଧି-କାଂଶ ସମୟରେ ସେକ୍ସପିୟର ଓ ଗୋଥେ ଗ୍ରନ୍ଥାବଳୀ ଓ ଆଧୁନିକ ସାହିତ୍ୟ ପଢ଼ନ୍ତି। ତାଙ୍କୁ ଗ୍ରାମ୍ୟ ଜୀବନ ଭଲ ଲାଗେ। ସେ ସପ୍ତାହରେ ୭।୮ ଦିନ ରହି ଖୁବ୍ କଠିନ ପରିଶ୍ରମ କରି ତାଙ୍କ ନିଜ ଗ୍ରାମକୁ ଯାଇ ୨।୩ ଦିନ ବିଶ୍ରାମ ନିଅନ୍ତି।

ଷ୍ଟାଲିନଙ୍କ ଘରୋଇ ଜୀବନ ସୁଖମୟ ନୁହେଁ। ସେ ଦୁଇଥର ବିବାହ କରିଥିଲେ। ତାଙ୍କର ପ୍ରଥମ ସ୍ତ୍ରୀ ନିମୋନିଆରେ ମାରା ପଡ଼ିବାରୁ ୨ୟ ଥର ବିବାହ କଲେ କିନ୍ତୁ ସେ ମଧ୍ୟ ଏପେଣ୍ଡିସାଇଟିସ୍ ରୋଗରେ ମାରା ପଡ଼ିଲେ। ୨ୟ ସ୍ତ୍ରୀଙ୍କର ଗୋଟିଏ କନ୍ୟା ଓ ଗୋଟିଏ ପୁତ୍ର ଓ ୧ମ ସ୍ତ୍ରୀଙ୍କର ଗୋଟିଏ ପୁତ୍ର। ତାଙ୍କର ଜ୍ୟେଷ୍ଠ ପୁତ୍ର ବର୍ତ୍ତମାନ ଜର୍ମାନରେ ସାମରିକ ବନ୍ଦୀ ହୋଇଛନ୍ତି।

ଷ୍ଟାଲିନଙ୍କର ମନର ଜୋର ଖୁବ୍ ବେଶୀ। ସେ ଯାହା କରିବାକୁ ମନସ୍ଥ କରନ୍ତି ତାହା ନ କରିବା ଯାଏ ସେ ସ୍ଥିର ହୋଇ ରହି ପାରନ୍ତି ନାହିଁ। ତାହା ନ ହେଲେ ସେ ଆଜି ସମଗ୍ର ରୁଷ ଜାତିକୁ ଜର୍ମାନ ବିରୁଦ୍ଧରେ ଅସ୍ତ୍ର ଧାରଣ କରିବାକୁ ପ୍ରବର୍ତ୍ତାଇ ପାରି ନ ଥାନ୍ତେ। ଶେଷରେ ଏହି ମହା-ପୁରୁଷଙ୍କର ଦୀର୍ଘ ଜୀବନ କାମନା କରି ରହିଲି। ଇତି।

—ହିମାଂଶୁ କିଶୋର ମହାପାତ୍ର।

## ନୂଆ ନାତିଙ୍କ ନାମ

୩୭୮। ଶ୍ରୀ ମନୋରଞ୍ଜନ ଦାସ, । ଗ୍ରା। କଇଁଅରାଜି, ପୋ: ରେମୁଣା, ଜି: ବାଲେଶ୍ୱର। ୩୭୯। ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଦେବୀ, ପୋ: ଓ ଗାଁ: କେଉଁଝର ଗଡ଼, କେଉଁଝର ଷ୍ଟେଟ। ୩୮୦। ଶ୍ରୀ ଜୟକୃଷ୍ଣ ପାଢ଼ୀ, ଅଡ଼ାଲପଙ୍କ ଏମ: ଇ: ସ୍କୁଲ୍, ପୋ: ଅଡ଼ାଲପଙ୍କ, ଜି: ବାଲେଶ୍ୱର। ୩୮୧। ଶ୍ରୀ ଈଶ୍ୱରଚନ୍ଦ୍ର ଦାସ, ଅଡ଼ାଲପଙ୍କ ଏମ: ଇ: ସ୍କୁଲ୍, ପୋ: ଅଡ଼ାଲ-ପଙ୍କ, ଜି. ବାଲେଶ୍ୱର। ୩୮୨। ଶ୍ରୀ ରାମଚନ୍ଦ୍ର, ପଣ୍ଡା, ବାରିପଦା ହାଇସ୍କୁଲ୍ Class IX B. ପୋ. ବାରିପଦା।

(କ୍ରମାନ୍ୱୟେ ବାହାରିବ)

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

ପ୍ରତ୍ୟେକ ଗୃହସ୍ଥ ନିଜ ପରିବାରବର୍ଗଙ୍କ ସଂସ୍ଥାନ ପାଇଁ ବୀମା କରିବା ନିତାନ୍ତ ଆବଶ୍ୟକ ।

ଅନ୍ତର୍ଜାତିକ ପରିସ୍ଥିତି କ୍ରମେ ଜଟିଳ ହୋଇ ଉଠୁଥିବା ସମୟରେ ସର୍ବାଧିକ ନିରାପଦ ଭାବରେ ଟଙ୍କା ଲଗାଇବାର ଉତ୍କୃଷ୍ଟ ଉପାୟ ହେଉଛି ଗୋଟିଏ ସୁଦୃଢ଼ ବୀମା ସଂସ୍ଥାନରେ ବୀମା କରିବା ।

ହିନ୍ଦୁସ୍ଥାନ ଗତ ୩୫ ବର୍ଷ ହେଲା ଭାରତବର୍ଷ ଏବଂ ବାହାରେ ପ୍ରତି ପଲ୍ଲୀରେ କୋଟି କୋଟି ଟଙ୍କାର ଦାବୀ ପୂରଣ କରି ଏବଂ କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ଯଥେଷ୍ଟ ସୁଦୃଢ଼ତାର ପରିଚୟ ଦେଉଛି ।

୧୯୪୦ ରେ ନୂତନ ବୀମାର ପରିମାଣ ପ୍ରାପ୍ତ ତିନିକୋଟି ୧୯୪୦ ରେ ବାର୍ଷିକ ଆୟର ପରିମାଣ ପ୍ରାୟ ଏକ କୋଟି

ବୀମା ପାଣ୍ଠି ତିନିକୋଟି ୫୫ ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ପାଞ୍ଚଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ପରିଶୋଧ ଦାବୀର ପରିମାଣ ଦୁଇ କୋଟି ପଚାଶ ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

| | |
|---|---|
| ଏନ୍ ଦତ୍ତ | ନରେନ୍ଦ୍ର ପ୍ରସାଦ ଦାସ |
| ସେକ୍ରେଟେରୀ | ଅର୍ଗେନାଇଜର |
| ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା । | କଟକ । |



# ମାତ୍ର ଟ ୧୲ ରେ ୩ ଟି ଘଡ଼ି ଓ ୪୭୫ ପ୍ରକାର ଉପହାର



ଯେ କେହି ଆମର ୭ ଶିଶି 'ଅଟୋରେଜ' କିମ୍ବା ୭ ଡିବା ଯାଦୁ ମଲମ ଟ ୧୲ ( ଦେଢ଼ ଟଙ୍କା ) ରେ କିଣିବେ ସେ ନିମ୍ନ ଲିଖିତ ଉପହାର ଗୁଡ଼ିକ ବିନା ମୂଲ୍ୟରେ ପାଇ ପାରିବେ । ଦୁଇଟି ସୁନା ରୋଲ୍ଡ କରା ଡ୍ରମି ଘଡ଼ି, ଗୋଟିଏ ଘଡ଼ି ବ୍ୟାଣ୍ଡ, ଗୋଟିଏ ଡମି ବ ଟାଇମ ପିସ, ଗୋଟିଏ ସେଫଟି ଚାଇନା, ଖଣ୍ଡିଏ କ୍ଷୌର ହେବା ସାବୁନ, ଗୋଟିଏ କ୍ଷୌର ହେବା ବ୍ରସ, ଏକ ପାକେଟ ପାଉଡ଼ର, ଗୋଟିଏ ଚିରୁଣି, ଖଣ୍ଡିଏ ସାବୁନ, ଏକ ସେଟ ବୋତାମ, ଖଣ୍ଡିଏ ଛୁରି, ଗୋଟିଏ ଫାଉଣ୍ଟେନ-ପେନ, ଗୋଟିଏ ବହି ଯାହାର ଅନେକ ୫୦୦ ପୃଷ୍ଠା ପର୍ଯ୍ୟନ୍ତ ଯାଏ ଓ ଆହୁରି ଅନେକ ସୁନ୍ଦର ଉପହାର ମାନ ପାଇବେ । କିମ୍ବା ଏହି ସବୁ ଉପହାର ପରିବର୍ତ୍ତେ ଗୋଟିଏ ଲିଭର ପକେଟ ଘଡ଼ି ଯାହାକି ଥରେ ଦମ ଦେଲେ ୩୬ ଘଣ୍ଟା କାଳ ଚଳେ, ଉପହାର ପାଇ ପାରିବେ । ଏହି ଘଡ଼ି ୧୦ ବର୍ଷ ସକାଶେ ଗ୍ୟାରେଣ୍ଟି ଦିଆଯାଏ । ପ୍ୟାକିଙ୍ଗ୍ ଓ ପୋଷ୍ଟେଜ ଖର୍ଚ୍ଚ— ଟ୦୲ ।

THE AMERICAN COMMERCIAL STORES. POST BOX NO. 12213. CALCUTTA.


Printed & published at the Gopinath Press, Bhadrak, by. G. C. Mahapatra and issued from Dagaro Office Bhadrak.

Digitized by srujanika@gmail.com




ଶ୍ରାବଣ ଦ୍ୱିତୀୟାର୍ଦ୍ଧ

## ଏଥର ପଢ଼ିବେ

ବିଲୁ ଆବିଷ୍କର

କାହାଣୀ — ସଜଳ ଆଖି

ମଜାକଥା — ମହା କୁରୁକ୍ଷେତ୍ର

ମଜାକବିତା ... ବୁଝିପାରୁନାହିଁ

ଡାଗବଡା — ଆମେ ଆଉ ସେ

କୁତୁକୁତୁ

( ୬ଷ୍ଠ ବର୍ଷ, ୬ଷ୍ଠ ସଂଖ୍ୟା )
August 16, 1942.

ANNA 1

Digitized by srujanika@gmail.com

ଜଗତ୍ ବିଖ୍ୟାତ

# ପାଇରୋଲା

ଯେ କୌଣସି ପ୍ରକାର ପାଳଜ୍ୱର ଘଂଣ୍ଟାରେ ଆରୋଗ୍ୟ ହୁଏ ।

ଅଜୀର୍ଣ୍ଣ, ଶକ୍ତି ମ୍ଳୀହା, ଯକୃତ୍, ମ୍ୟାଲେରିଆ ଓ ସବପ୍ରକାର ଜ୍ୱର ଏମାନ୍ତ ଇନ୍‌ଜେକ୍‌ସନରେ ଆରୋଗ୍ୟ କରନ୍ତୁ ଏହା ଅତ୍ୟଧିକ ସ୍ୱଳ୍ପ ମୂଲ୍ୟରେ ଅଦ୍ୱିତୀୟ ।

ମେସର୍ସ ହେମ୍‌ଚନ୍ଦ୍ର ଫାର୍ମାସି

ନ ୧୧୫ ନମ୍ବର ହେମ୍‌ଚନ୍ଦ୍ର ଷ୍ଟ୍ରିଟ୍, କଲିକତା ।

ପୋଷ୍ଟ ଏଜେଣ୍ଟ—ମହମ୍ମଦ ଇସମାଇଲ ଖାଁ

ଶ୍ରୀ ଶରତଚନ୍ଦ୍ର ଚୌଧୁରୀ—ଚରମ୍ପା ବଜାର, ଭଦ୍ରକ (ଭଦ୍ରକ ସବଡିଭିଜନ ଓ ଜାଜପୁର ଏଜେଣ୍ଟ)

---

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରାଚୀନ ରସାୟନଶାସ୍ତ୍ର ପ୍ରଣାଳୀ ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚର୍ମ, ହାତଗୋଡ଼ ଜ୍ୱାଳା ଶରୀରର ଅବସାଦ, ମୂତ୍ରନିର୍ଗତ ବେଦନା ଅଲସ୍ୟ, ଅନିଦ୍ରା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ଜାଣିପାରିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅତିରେ ଆରୋଗ୍ୟ ହୁଏ । ଏକଶିଶି ୫୯ଟଙ୍କା ମାତ୍ର ୫ ୬ ଟଙ୍କା ମାତ୍ର ।

**କାଯ୍ୟାଳୟ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ**

ଆଲମଚାନ୍ଦ ବଜାର, କଟକ ।

---

## ଛୋଟ ଅଙ୍କ ଆକାରରେ

ଦେଖିବା ଭଳି ବହି ।

# ସୁନା ଭଉଣୀ

ସମ୍ପାଦକ— ଶ୍ରୀ ଚନ୍ଦ୍ରଶେଖର ମହାନ୍ତି

ମୂଲ୍ୟ— ୫୦/ ଅଣା ।

ପ୍ରାପ୍ତି ସ୍ଥାନ:—କଟକ ପବ୍ଲିଶିଂ ହାଉସ୍

ନୟାସଡ଼କ—କଟକ ।

---

## ଭଲ ମଞ୍ଜିରୁ ଭଲଗଛ

ଦେଶ ବିଦେଶରୁ ସଂଗୃହୀତ ମଞ୍ଜି କିଣିଲେ ଠକିବାର ଆଶଙ୍କା ନାହିଁ । ମୂଲ୍ୟ ଅଧିକ ଦାମ୍ ସସ୍ତା । ତାଲିକା ପ୍ରାର୍ଥନୀୟ ।

ଟଙ୍କାରୁ କମ୍ ଅର୍ଡର ଭି: ପି: ରେ ପଠାହୁଏ ନାହିଁ । ଦଶଟଙ୍କା ବା ଅଧିକ ମୂଲ୍ୟର ପାର୍ଶେଲରେ ଡାକମାସୁଲ ପଡ଼ିବ ନାହିଁ ।

ଏଜେଣ୍ଟ ନ ୩୦୪ ନମ୍ବର

ବାଲ୍ଲିସିଡ଼୍ ଷ୍ଟୋର

ପୋ: ଅ: ବାଲି (Bally)

ଜିଲ୍ଲା—ହାଓଡ଼ା

---

# ମରମ

**କବି - ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

ନବ ଯୁଗର ନବୀନ ଭାବେ ଲ୍ଲାସ

ପଢ଼ିଲେ ମୁଗ୍ଧ ହେବେ

ମୂଲ୍ୟ:—୫୦ ଅଣା

Digitized by srujanika@gmail.com



# କ'ଣ ଆଉ ଲେଖିବୁଁ !

ନଗରର ଅବ-ବାହୁତ ମନ୍ତ୍ରୀ-ଭଦ୍ରକର ନେହତ ପିତା (City father) ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ମାସୁଏରେ ଲମ୍ବା ଅଠମାସ ବାହୁତ ବର ଅଭ ଫେରିଛନ୍ତି । ସେ କେତେଦିନ ମନ୍ତ୍ରୀ ବା ଚନ୍ତ୍ରୀ ହୋଇ ପାରିବେ କି ନାହିଁ ତାହା ମାମୁ ମାନଙ୍କୁ ମାଲୁମ । ଆମେ ଆମ ଘରର ତାତଲ (warm) ପ୍ରୀତିଧାରାରେ ବାନ୍ତ କରୁଛୁଁ ।

Digitized by srujanika@gmail.com

# ଜେଲ ବାହୁଡ଼ା ସଂପାଦକଙ୍କୁ ପ୍ରଶ୍ନ

## ଓ

# ସଂପାଦକଙ୍କ ଉତ୍ତର

ପ୍ରଶ୍ନ—ଆପଣ କ'ଣ ଜଣେ ଗାନ୍ଧିବାଦୀ ?

ଉତ୍ତର—ଗାନ୍ଧିଜୀଙ୍କ ସହିତ ମୋର କୌଣସି ବାଦ ନାହିଁ ।

ପ୍ର—ଆପଣ ଗାନ୍ଧିପନ୍ଥା ଅନୁସରଣ କରନ୍ତି କି ?

ଉ—ଓଲଟା ଅଛି କେବଳ । ଗାନ୍ଧିଜୀ ୩୦ବର୍ଷ ଯାଏଁ ଗାର୍ହସ୍ଥ୍ୟ କରି ତାପରେ ବ୍ରହ୍ମଚର୍ଯ୍ୟ କରିଥିଲେ । ମୁଁ ପଚାଶବର୍ଷ ଯାଏଁ ବ୍ରହ୍ମଚର୍ଯ୍ୟ ରହି ଶେଷରେ ଗାର୍ହସ୍ଥ୍ୟ କରିବାକୁ ସ୍ଥିର କରିଛି ।

ପ୍ର—ଭାରତର ଗୋଟିଏ ଦଳ ଅକ୍ଷଶକ୍ତି (Axis) ଏବଂ ମିତ୍ରଶକ୍ତି ଉଭୟଙ୍କ ବିରୁଦ୍ଧରେ ଲଢ଼ିବାକୁ ଚାହୁଁଛନ୍ତି ଏବଂ ଅନ୍ୟ ଏକଦଳ କେବଳ ଅକ୍ଷଶକ୍ତି ବିରୁଦ୍ଧରେ ଲଢ଼ିବାକୁ ଚାହାନ୍ତି, ଏ ଦୁହିଙ୍କ ଭିତରୁ କିଏ ଠିକ୍ ?

ଉ—ଯେ ଉଭୟଙ୍କୁ ଶତ୍ରୁ କରେ ଜଣଙ୍କ ମୁଣ୍ଡରୁ ଘସି ଗଲେ ବି ଆଉ ଜଣକ ମୁଣ୍ଡରେ ପଡ଼ିଯାଏ, ତେଣୁ ସେ ମୂର୍ଖ ।

ପ୍ରଶ୍ନ—ସାମ୍ୟବାଦ ଆପଣ ପସନ୍ଦ କରନ୍ତି ?

ଉତ୍ତର—ମୁଁ ସାମ୍ୟ ସର୍ବେ ଉଦ୍ଦେଶ୍ୟ, କିନ୍ତୁ ଅନେକ ସାମ୍ୟବାଦୀଙ୍କ ଭଳି ସାମ୍ୟହେତୁ ଭାଗ ନେବାକୁ ରାଜି ନାହିଁ ।

ପ୍ର—ଆପଣ ଶ୍ରେଣୀହୀନ ସମାଜରେ ବିଶ୍ୱାସ କରନ୍ତି ?

ଉ—ଶ୍ରେଣୀହୀନ ନୁହେଁ, ଶ୍ରେଣୀଶୂନ୍ୟ ସମାଜରେ ବିଶ୍ୱାସ କରେ ।

ପ୍ର—ସାର ଷ୍ଟାଫୋର୍ଡଙ୍କ ପ୍ରସ୍ତାବ କଂଗ୍ରେସ କାହିଁକି ଗ୍ରହଣ ନ କଲେ ।

ଉ—ଷ୍ଟାଫୋର୍ଡ଼ ସାର (ମଧୁରକଥା କହିବା) ଦେଇ ଦେଲେ ଆଉ କଂଗ୍ରେସ ସେଥିରେ କେବଳ ଅର୍ଥ ଦେଖି ଦେଲେ ।

ପ୍ର—ଇଂରେଜ ସରକାର ଭାରତରୁ ହଟିବାକୁ ନାରାଜ କାହିଁକି ?

ଉ—ଭାରତର ସନ୍ତାନ ନଷ୍ଟ ହୋଇଛନ୍ତି ଯେ ।

ପ୍ର—ଇଂରାଜ ଜାତି ବହୁସ୍ଥାନ ପ୍ରେମ ବଦଳରେ ଅସ୍ତ୍ର ଧରିଲେ କିପରି ?

ଉ—ତାଙ୍କର କଥା ଛାଡ଼, ଇଂରାଜ ମହିଳାଙ୍କ ଗାଲରେ କେହି ଯଦି ଚୁମ୍ବନ ଦିଏ, ତେବେ ବାଳେ ତାଙ୍କୁ ଅନ୍ୟ ଗାଲଟା ଦେଖାଇ ଦେବାକୁ ପଡ଼େ ।

ପ୍ର—ଆପଣଙ୍କୁ କାହିଁକି କାରାଦଣ୍ଡ ହୋଇଥିଲା ?

ଉ—ନେପ୍‌ଚୁଅର ତୋପ ଭଳିଅର ସମୁଦ୍ର ସଙ୍ଗେ ୭ମାସ ତଳେ ତୁଳନା କରିଥିଲା ପରା !

ପ୍ର—ବେଶୀ କମ ନ ହୋଇ ୬ମାସ ଦଣ୍ଡ ଆପଣଙ୍କୁ ହେଲା କାହିଁକି ?

ଉ—୬ ମୋର ପକ୍ଷରେ lucky number ହୋଇଥିବ ।

ପ୍ର—ଆପଣଙ୍କୁ 'ଗ' ଶ୍ରେଣୀରେ ରଖା ଯାଇଥିଲା କାହିଁକି ?

ଉ—ବୋଧହୁଏ 'କ' ଶ୍ରେଣୀର ମାଜିଷ୍ଟ୍ରେଟ ନଥିଲେ ବୋଲି ।

ପ୍ର—ଆପଣଙ୍କୁ କୋରାପୁଟ ଜେଲରେ ରଖାଗଲା କାହିଁକି ?

ଉ—ଅସଭ୍ୟ କରିଦେବା ପାଇଁ ।

ପ୍ର- କେଦାରନାଥ ଦାସଙ୍କ ଦଣ୍ଡ ସମ୍ବନ୍ଧରେ ଆପଣଙ୍କ ମତ କ'ଣ ?

ଉ—ମାନ୍ଦ୍ରାଜୀପୋଲିସ୍ ରହସ୍ୟ ପ୍ରମାଣିତ କଲେ ।

ପ୍ର—ଆମେରିକା ସୈନ୍ୟ ଭାରତକୁ ଆସିଛନ୍ତି କାହିଁକି ?

ଉ—ଆମ ସରକାର ନିମନ୍ତ୍ରଣନାମା ଦେଇଥିବାରୁ ।

ପ୍ର—ଆମେରିକା ଠାରୁ ଆମେ କିଛି ପାଇବାର ଆଶା ରଖି ପାରୁ କି ?

ଉ—ନିଶ୍ଚୟ । ଛଡ଼ ମାଗିଲେ ଦାନ୍ତ ଦେଇପାରନ୍ତି । ମଦ ମାଗିଲେ ସେ ଅଧ ବୋତଲ ହ୍ୱିସ୍କି ଦେଇ ପାରନ୍ତି ।

ପ୍ର—କଂଗ୍ରେସ ନେତାମାନଙ୍କୁ ଗିରଫ କରିବାର ଅର୍ଥ କ'ଣ ?

ଉ—ନାଗ ଚନ୍ଦ୍ରା ବନ୍ଧ ।

ପ୍ର—ଏ ଗିରପ୍ରାଣରେ ୫ଟିଆ ମନ୍ତ୍ରୀ କ'ଣ କରୁଥିବେ ?

ଉ—ମହାପ୍ରଭୁ ପଡ଼ି ମାନୁ ମଣା, ମୋତେ ତ କରକ ଛଡ଼ିଲା ।

ପ୍ର—ସାର ଷ୍ଟାଫୋର୍ଡ କିପରି କଂଗ୍ରେସକୁ ଗାଳି ଦେଉଛନ୍ତି କାହିଁକି ?

ଉ—ହୁ ମୋତେ କହୁ ସର୍ବେ ଭାତ—ହୁକ୍କାର ଛତ୍ରର କେମନ୍ତ ?

ପ୍ର—ଆଜାଦ୍ କହିଥିଲେ ଯେ ଇଂରାଜ ଆମକୁ ସମ୍ମାନ ସହିତ ବଞ୍ଚିବାକୁ ଦେଉନାହିଁ କି ମରିବାକୁ ଦେଉନାହିଁ । ଆପଣଙ୍କ ମତ କଣ ?

ଉ—ଆଜାଦ୍ ମିଆଁ ବୋଧହୁଏ ମୁକ୍ତି ପାଇ ନାହାନ୍ତି । ନୋହିଲେ ଏକଥା କହନ୍ତେ ନାହିଁ ।

ପ୍ର—ସାର ଷ୍ଟାଫୋର୍ଡ଼ କଂଗ୍ରେସ ବିରୁଦ୍ଧରେ ଆମେରିକାର ସାହାଯ୍ୟ ଆବେଦନ କରିଥିଲେ କାହିଁକି ?

ଉ—ଭକ୍ତ ନ ଭଜୁ ସେ ଜାଣଇ<br>
ତା ବିନୁ ଅନ୍ୟ ଗତି ନାହିଁ ।

ପ୍ର—କଂଗ୍ରେସ ନେତାଙ୍କୁ ଜେଲରେ ପୁରାଇ ଭାରତ ସରକାର ପୁଣି ସହଯୋଗ କରୁଛନ୍ତି କିଆଁ ?

ଉ—ଗଛ ଭଲକରି ମାଡ଼—ସାଇତ ଜାଣିଲା ପଡ଼ିଶା ଜାଣିଲେ ଆଉ କାହିଁପାଇଁ ଲାଜ ?

ପ୍ର—ସରକାର ଭୁଲ କରୁଛନ୍ତି ଶୁଣିଛନ୍ତି ?

ଉ—ଠିକ ଜାଣିନାହିଁ ହିଂସା କି ଅହିଂସା ଭୁଲ ।

ପ୍ର—ଆପଣଙ୍କ କହିବା ଅନୁସାରେ ବର୍ତ୍ତମାନ ଭାରତରେ ଭଲ ଅବସ୍ଥା ଆସି ପାରେ କି ?

ଉ—ପଇଟା ମୃଦଙ୍ଗ ବଜାଉଥିବ,<br>
ତହିଁ ବାଣୀଦାସ ନାଚୁଛି,<br>
ଭଲ ହେଲା କି ମନ୍ଦ ହେଲା<br>
ଅଣୁ ଅଣୁ ସବୁ ଦଣ୍ଡଛି ।

ପ୍ର—ଗାନ୍ଧିଜୀଙ୍କୁ ଅନ୍ଧାରରେ ରଖାଗଲା କାହିଁକି ?

ଉ—Black out ହେଲ ପରା !

ପ୍ର—ଦେଶରେ ଗଣ୍ଡଗୋଳ ସବୁ ଜବଦ ହେବାର କାରଣ କଣ ?

ଉ—ସରକାର ଆମକୁ ସେନ ଲଙ୍କା ଜେଲକୁ ନିବେ ବୋଧହୁଏ ।

—

**WANTED**

Agents to sell "Dagaro" in unrepresented areas, For terms apply to—

Manager, "Dagaro"
P. O. Bhadrak.
Dt. Balasore.

Digitized by srujanika@gmail.com




## ସଜଳ ଆଖି

ଲେଖକ—ଶ୍ରୀ ଗୌରଚନ୍ଦ୍ର ମହାପାତ୍ର ।

ମୋ ହାତ ଘା ଶୁଖିଗଲା । ବାପା ଓ ମୁଁ ଘରକୁ ଆସିଲୁ । ମନେ ଅଛି, ଆସିବାବେଳେ ଗୀତାର କଅଁଳ ମୁହଁଟିର ଛୋଟ ଆଖି ଦୁଇଟି ଛଳ ଛଳ ହୋଇ ଯାଇଥିଲା ଲୁହରେ ।

ତା' ପରେ ମୁଁ ଯେତେଥର ପୂଜାଛୁଟି ବା ବଡ଼ଦିନ ଛୁଟିରେ ମାମୁଁଙ୍କ ପାଖକୁ ଯାଉଛି, ଗୀତାର ଅଯାଚିତ ସ୍ନେହ ମୁଁ ପ୍ରାଣେ ପ୍ରାଣେ ଅନୁଭବ କରୁଛି । ତେଣୁ ସ୍ୱତଃ ମୁଁ ଆକୃଷ୍ଟ ହୋଇ ପଡ଼ୁଛି ଗୀତା ପ୍ରତି । କେତେଥର ଗୀତା ଓ ମୁଁ ମାମୁଙ୍କ ସାଙ୍ଗରେ ସିନେମା ଦେଖି ଯାଇଛୁ । କେତେଦିନ କେତେ ରାତି ଗୀତାର ଓ ମୋର କଟି ଯାଇଛି ଏକା ସଙ୍ଗରେ ପଢ଼ିବାରେ ଖେଳିବାରେ । କିନ୍ତୁ ସେଥର ମୁଁ ଗୀତା ସାଙ୍ଗରେ ମିଶିବାକୁ ପାଇଲି ଗୋଟାଏ ପରୀକ୍ଷା ପ୍ରତିବନ୍ଧ । ତେଣୁ ତାର ମୋର ଦେଖା ଦେଖି ବି ଘନେ ଘନେ ହୋଇ ପାରେ ନାହିଁ ।

ଉଭୟ ତା'ର କାରଣ ବେଶ୍ ବୁଝି ପାରିଲି । ଯେବେ ଦେଖା ହୁଏ, ମନେ ହୁଏ ଏକ ପ୍ରତିବନ୍ଧ ବିଷୟରେ ଆଲୋଚନା କରିବାକୁ । କିନ୍ତୁ କରିପାରେ ନାହିଁ । ମୁଁ ଲକ୍ଷ୍ୟ କରୁଥାଏଁ, ଗୀତା ମନ ଭିତରେ ମଧ୍ୟ କ'ଣ ଗୋଟାଏ ଗୋଳେଇ ଘାଣ୍ଟି ହେଉଥାଏ । କଲିକତା ଛାଡ଼ିବାକୁ ଆଉ ଦୁଇ ତିନି ଦିନ ଥାଏ, ମୁଁ ସାହସ ବାନ୍ଧି ପ୍ରଥମେ ବିଷୟଟିର ଏହିପରି ଅବତାରଣା କଲି । କହିଲି,

"ଗୀତା ! ତୋର ମୋର ଦେଖା ହ୍ରାସ ହେଉଛି ।"

"ସେ କହିଲା, କାହିଁକି ?" —"ଏଥରକୁ ସିନା ଛୁଟି ସୁଦ୍ଧା ମୁଁ ପ୍ରତି ଛୁଟିରେ କଲିକତା ଚାଲି ଆସୁଥିଲି ? କିନ୍ତୁ ମୁଁ ତ ଏଣିକି ଦାଦାଙ୍କ ପାଖରେ ରହି ପାଟନା କଲେଜରେ ପଢ଼ିବି । ସେ ବଡ଼ Strict । ପ୍ରତି ଛୁଟିରେ ଛାଡ଼ିବେ ନାହିଁ । ତା' ପରେ ଆସିବାର ଆବଶ୍ୟକତା ମୁଁ ବି ବିଶେଷ କିଛି ଦେଖୁ ନାହିଁ ।"

—ହଁ, ଆଉ କାହିଁକି ଆସିବ । ପାଣି-ଛଳ ଆଖି ବଡ଼ ହୋଇ ଗଲା ।

'—ତୋ'ର ଖାଲି ସବୁ ଦିନେ ଏଇ ଅଭିମାନ । କଥାଟା ତୁ ଠିକ୍ ଭିତରେଇ କି ଦେଖୁ ନାହିଁ । ମନେ, ତୋର ମୋର ଯେ ଦେଖା ସାକ୍ଷାତ୍ କମେ କମି ଯାଉଛି ସେଥିରେ କାହାର ଦୋଷ ନାହିଁ । ଦୋଷ ହେଉଛି କେବଳ ବୟସର । ପିଲାଟି ଦିନର ସବୁ ସ୍ନେହ ସରଧାର ସୁଅ ମୁହଁରେ ବନ୍ଧ ପକାଇ ଦେଲା ଆମର ବୟସ । ସେଥିପାଇଁ ଦୁଃଖ କଲେ କଣ ହେବ ? ଭାଗ୍ୟରେ ଥିଲେ ମୋର ତୋ ସଙ୍ଗରେ ଜୀବନ କଟାଇବାକୁ ହେବ, ନୋହିଲେ ହୁଏତ ପିଲାଟି ବେଳର ସବୁ ମଧୁର ସ୍ମୃତିକୁ ଜଳାଞ୍ଜଳି ଦେଇ ତୋ ଠାରୁ ମୋତେ ଚିରଦିନ ପାଇଁ ବିଦାୟ ନେବାକୁ ହେବ ।"

ଗୀତା ନିରୁତ୍ତର ହେଲା । ଲଜ୍ଜାରେ ହେଉ ବା ଦୁଃଖରେ ହେଉ ତା' ମୁହଁ ତଳକୁ ପଡ଼ିଗଲା । ସେ ଲୁଗା କାନିରେ ଅଶ୍ରୁ ପୋଛିବାକୁ ଲାଗିଲା ।

\+ × +

ଦୀର୍ଘ ପାଞ୍ଚବର୍ଷ ଗୋଟାଏ ଯୁଗ ପରେ ଆଜି ପୁଣି ମୁଁ କଲିକତା ଯାଉଛି । ଗାଡ଼ିର ଝରକା ପାଖରେ ଗୋଟାଏ ବେଞ୍ଚ ଉପରେ ଶୋଇଛି । ଟ୍ରେନ ମୋତେ ବୋହି ନେଉଥାଏ ସେହି ଗୀତାର କଲିକତାକୁ । ଅତୀତର ସବୁ ସ୍ମୃତି ଗୋଟି ଗୋଟି ଆସି ମୋର ହୃଦୟକୁ ଉଦ୍ବେଳିତ କରିବାକୁ ଲାଗିଲେ । —ଗୀତା ସହିତ ପିଲାଟି ବେଳର ପ୍ରଥମ ଦେଖା ଓ ପ୍ରଥମ ବିଦାୟ ବେଳର ତା'ର ଛଳ ଛଳ ଆଖି —ପାଟନାକୁ ଆସିବା ବେଳେ ତା'ର ବିଦାୟ ପିଲାଙ୍କ ପରି ବେଦନା—ତା'ର ଚିଠି, ଯହିରେ ଲେଖା ଥିଲା —"ମୁଁ ଏ ଚିଠି ବୁକୁର ରକ୍ତରେ ଲେଖୁଛି, କାଳିରେ ନୁହେଁ ।" ଏମିତି କେତେ କଥା । ସର୍ବୋପରି ଗୀତାର କରୁଣ ମୁଖର ଲୋତକ ଭରା ଆଖି । ଏତିକିବେଳେ ହଠାତ୍ ମୋ ଦେହ ଥାଇରେ ହାତ ଦେଇ ରେଖା (ମୋ ସ୍ତ୍ରୀ) ମୋତେ ହଲେଇ ଦେଲା । କହିଲା ଶୁଣୁ ନାହିଁ କି—ବାବୁ ଡାକୁଛନ୍ତି ନା ?

—"ଏଁ ଗୋଟା କ'ଣ ସପନ ଦେଖିଲି ।"

× + ×

କଲିକତାରେ ରହିବାର ଦଶ ଦିନ ପରର କଥା । ମାଉସୀ ମାଉସୀଙ୍କ (ଯେ କି ମାଉସୀଙ୍କର ଏକମାତ୍ର ଝିଅ ସଙ୍ଗିନୀ) କହିଲେ "ଅପା ତୁମ ଝିଅ ସରକୁ ଯିବାପାଇଁ ବହୁତ ଜିଦ୍ କରୁଛି । ଚଳ ଯାଇ ଦେଖିବା । —ହଉ ଯିବା, ଏଏ ମନା କରୁଛି । ଗୀତା ତ ଘରେ ଥିବ ।" ଦେଖିବି ବୋଲି ବାହ୍ୟାଣୀ ପରି ହଉଥିଲି ।

ତା' ପରଦିନ ଆମେ ସମସ୍ତେ ଗଲୁ ଗୀତା ଘରକୁ । ଯିବାବେଳେ ମୁଁ ଭାବୁଥାଏଁ, ଗୀତା ଆଉ ସେ ଗୀତା ନଥିବ । ତା'ର ଯୋଗ୍ୟ ସ୍ୱାମୀ ଓ ଦୁଇଟି ସନ୍ତାନଙ୍କୁ ନେଇ ସେ ସୁଖରେ ଦିନ କାଟୁଥିବ । ଅତୀତର ସ୍ମୃତିକୁ ମନରେ ସ୍ଥାନ ଦେବାକୁ ତା'ର ଅବସର ନ ଥିବ । ମୁଁ ଆଉ ତା'ର ଚିଠିର ଭାଷାରେ "ପ୍ରାଣର ଦେବତା", 'ହୃଦୟର ରାଜା' ହୋଇ ନ ଥିବି—ଏମିତି କେତେ କଥା ।

ମୋଟର ଆସି ଯଥା ସ୍ଥାନରେ ଠିଆ ହେଲା । ଘର ଭିତରୁ ଗୀତା ଓ ତା'ର ସ୍ୱାମୀ ବାହାରି ଆସିଲେ ।

[ଅବଶିଷ୍ଟ ଚତୁର୍ଥ ସଂଖ୍ୟାରେ ପାଇବେ]

Digitized by srujanika@gmail.com



ରାଜା ଜନ୍ମେଜୟ ଙ୍ଗପୁରରେ ଦିନେ ଖଣ୍ଡିସ ାଲୁ ଉଠିଲା ମାତ୍ରେ ତାଙ୍କ ପଡ଼ାଇଲେ । ସ୍ତ୍ରଭ ଅଶଙ୍କା କରି ସେ ଋଷି ବୈଶମ୍ପାୟନଙ୍କୁ ଡକାଇ କାରଣ ପୁଚ୍ଛନ୍ତେ, ବୈଶମ୍ପାୟ ଏମନ୍ତ ଭାଷିଲେ—

ହେଲେ ରାଜା ଶୁ —"ଭଗବାନ ସଂସାରର ହାଲଚାଲ ବୁଝିବାକୁ ନ କରି ଅପଣା ମନକରେ ବୈ ଣ୍ଠରେ ରହିବାରୁ ଓ ଗା ନରାଜଣା, ଅପ୍ସରା ନାଚ ଉତ୍ସବରେ ମସଗୁଲ ଥିବାରୁ ସଂ ାରର ଲୋକେ ତାଙ୍କୁ ଆଉ ପଚାରିଲେ ନାହିଁ । ଭୋଗ ରାଗ, ନୈବେଦ୍ୟ ଅଭାବ ପଡ଼ିଲା । ଦିନେ ଲକ୍ଷ୍ମୀ କହିଲେ—"ତୁମେ ତ ଏମିତି ବସି ରହିଲ, ଖାଇବା କ ? ମୁଁ ଆଉ କେତେ ଖୁଦ ମଳୁଆ ଟୋପାଏ ଟୋପାଏ ଆଣି କୁଟୁମ୍ବ ଚଳେଇବି ।"

# ମହା କୁରୁକ୍ଷେତ୍ର

ଲେଖକ—ଶ୍ରୀ ଯତୀନ୍ଦ୍ରନାଥ ମୁଖର୍ଜି

ଭଗବାନଙ୍କର ହୁସ ପଶିଲା । ସେ ହାଲ ଚାଲ ବୁଝିବା ପାଇଁ ଚନ୍ଦ୍ରଙ୍କୁ ବାହାରିଲେ । ଗରୁଡ଼ କହିଲା, "ମୁଁ ଯିବି ନାହିଁ । ପେଟ୍ରୋଲ ପାଣିଟାକୁ ମାପ୍ସା ନାହିଁ କାହାର ?" ତହୁଁ ଭଗବାନ ତାଙ୍କ ହେଡ଼ କାଲିଙ୍କ ଠିଆଥିବା ପୁଷ୍ପକ ବିମାନ ନାମକ ସେକାଳିଆ ଏରୋପ୍ଲେନରେ ଚଢ଼ି ବାହାରି ପଡ଼ିଲେ ।

ସେଦିନ ବ୍ଲାକ୍ ଆଉଟ୍ ରାତି । ଏରୋପ୍ଲେନର ଘୋଁ ଘୋଁ ଶବ୍ଦ ଶୁଣି ପୃଥିବୀରୁ ସର୍ଚ୍ଚ ଲାଇଟ୍ ପଡ଼ିଲା । ସାଙ୍ଗେ ସାଙ୍ଗେ ଶତ ଆଣ୍ଟି-ଏୟାର-କ୍ରାଫ୍ଟ ଗନ ଛୁଟିଲା । ଏରୋପ୍ଲେନରେ ଗୋଟାଏ ଗୁଳି ବାଜିବାରୁ ତାହା ଗଡ଼ି ତଳେ ପଡ଼ି । ଭାଗ୍ୟେ ଭଗବାନ ପାରାସୁଟ୍ ଧରି ଡେଇଁ ପଡ଼ିବାରୁ ଜୀବନଟା ରହିଗଲା—ମାତ୍ର ଗୋଡ଼ ଟିକିଏ ଜଖମ ।

ରେଡ୍ କ୍ରସ୍ ବାଲା ଯାଇ ତାଙ୍କୁ ଷ୍ଟ୍ରେଚରରେ ପକାଇ ମୂର୍ଚ୍ଛିତ ଭଗବାନଙ୍କୁ ହସପିଟାଲକୁ ନେଇ ଆସିଲେ । ସେ ସେ ବନ୍ଦୀ ହୋଇ ବିଳ ସ୍ୱାଧୀନ ରହିଲେ

ଜନ୍ମେଜୟ , କହିଲେ, "ତେଣିକି କଣ ହେଲା ମହର୍ଷେ ?"

ଋଷି କହିଲେ, "ତେଣିକି ଯାହା ହେଲା ଆମର କହିବାର ପ୍ରୟୋଜନ ନାହିଁ , ସ୍ୱୟଂ ଦର୍ଶନ କର ।"

ଜନ୍ମେଜୟ କହିଲେ, "କଣ ସବାକ ସିନେମାର ଦର୍ଶକ ପର୍ଦ୍ଦାରେ ?"

ଋଷି ାହିଁ ନାହିଁ, ସିନେମାଟା ଜନ୍ତୁ- ଧାଟଣା ଦେଖିବାକୁ କଷ୍ଟକର ଅଛି । ଆମ୍ଭେ ତୁମ୍ଭଙ୍କୁ ଟେଲିଭିଜନ (television) ନାମକ ଦିବ୍ୟଚକ୍ଷୁ ଯନ୍ତ୍ର ଦେଉଛୁଁ —ଏହାଦ୍ୱାରା ସବୁ ଦେଖି ଓ ଶୁଣି ପାରିବ ।

ଜନ୍ମେଜୟ ତହୁଁ ଦେଖିଲେ—

(ମିଲିଟାରି ହସପିଟାଲର Emergency Ward: ଗୋଟିଏ ବେଡ୍‌ରେ ଭଗବାନ ଶୋଇଛନ୍ତି । ଦେହଯାକ ବେଣ୍ଡେଜ କରା । ନର୍ସ ପାଖରେ ବସି thermometer ଦେଇ ଦେଖୁଛି । ଭଗବାନ ଟିକିଏ ବୁଲିଲେ ।)

ଭଗ—ହେ-କ ।

ନର୍ସ—କଣ ଖାଇବାକୁ ଇଚ୍ଛା ହେଉଛି ?

ଭଗ—ପଞ୍ଚାମୃତ ।

ନର୍ସ—କଣ କଦଳୀ ଚକଟା ? ଦେହ ଖରାପ ହବ ଯେ । ଅଚ୍ଛା ମୁଁ ଆଣି ଦଉଚି ।

(ଉଠିଯାଇ ଗ୍ଲାସରେ ଆଣିଲେ ।)

ଭଗ—କଣ ସିଏ ?

ନର୍ସ—ଚିକେନ ବ୍ରଥ ଆଉ ବ୍ରାଣ୍ଡି ।

ଭଗ—ଅସ୍ପୃଶ୍ୟ ଅମେଧ୍ୟ କଣ ହୁଏଟି ?

ନର୍ସ—ନା, ଏହି କାଲର ପ୍ରଧାନ ଖାଦ୍ୟ । ଭିଟାମିନ ଅଛି । ଆଉ ଦେହରେ ଉତ୍ତାପ ଦ ଆଣିବ ।

ଭଗ—ଉତ୍ତାପ ! ହଁ, ଭଲ ଭଲ । କଣ୍ଠକାଲ କ୍ଷୀରୋଦ-ସାଗରର ପାଣିରେ ଶୋଇ ଶୋଇ ଦେହଟା ସର୍ଦ୍ଦି ଧାରିଛି ବୋଧହୁଏ । ଦିଅ, ଦିଅ ।

(ପାନ କଲେ)

ବାଃ—ବଡ଼ ମୁଖପ ତ ! କିଛିନା ଗୁଡ଼ ପାଣିଲା କଦଳୀ ଚକଟା ମୋ ପାଖରେ ପଡ଼ିବ ନାହିଁ । ତମେ ମ୍ୟାଜିକ ହାତରେ ତିଆରି କରିଚ ! ନିଜ

ନର୍ସ—ହିଁ,

ଭଗ—ଏମ ଅମୃତ ମନୋହର ଏ ପଦାର୍ଥ ବଡ଼ ଉଲ୍ଲାସ-ଦାୟକ ଅଛି, ତୁମେ ଏମ ଘରଅଡ଼େ ମ୍ୟାଜିକ ଶିଖେଇ ଦେଇ ପାରିବ ? ଲକ୍ଷ୍ମୀ ବୁଢ଼ୀ କୁଣ୍ଡା ପିଠା କରି ଜାଣନ୍ତି—ଅତି ମଇଳାଟିଆଣୀ.....,

ନର୍ସ—ଆପଣ ବେଶୀ କଥା କହିବେ ନାହିଁ; weak ହୋଇ ପଡ଼ିବେ—ଆଉ... ...

ଭଗ—ଛାତିଟାରେ କଣ ଭାରି ବଥା ଲାଗୁଛି ।

ନର୍ସ—ସତେ ! ଆଚ୍ଛା ଦେଖେଁ,

(ବେଣ୍ଡେଜ ଫିଟାଇଲେ)

ଭଗ—ଅସ୍ତେ ଅସ୍ତେ—ବଡ଼ ବଥା—

ନର୍ସ—(ଚମକି ପଡ଼ି) ଅ ! ଏ କଣ ! ଗୋଟାଏ ଚରଣ foot step ! କାହାର ଗୋଡ଼ ପଡ଼ି ଯାଇ ଏକଦମ permanant ଚିହ୍ନ ରହି ଯାଇଚି ! fracture ! ମୁଁ ବଡ଼ ଡାକ୍ତରଙ୍କୁ ଡାକେଁ ।

(ଦ୍ରୁତ ପ୍ରସ୍ଥାନ)

ଭଗ—କଣ ଖାଇବାକୁ ଦେଲା ମ ! କିମିତି ମୁଖପ ଲାଗିଲା, ସିମିତି ଫୁର୍ତ୍ତି ବି ଲାଗୁଚି । ଚଞ୍ଚଳ ଭଲ ହେଉଛି ! ଯିମିତି ମିଠା ଚେହେରା, ସିମିତି ମିଠା କଥା ! ଦେବତଙ୍କ ଉପଯୋଗ୍ୟ ପୁଣି ! ଏ ସ୍ୱର୍ଗରେ ଅମ ଲକ୍ଷ୍ମୀ—ରାଧା—ସ୍ତ୍ରୀ ହାତ ଅଙ୍ଗୁଠି କି ସରି ହେବେ ନା !

(ବଡ଼ ଡାକ୍ତର, ଛୋଟ ଦେଶୀ ଡାକ୍ତ. ନର୍ସ ଓ କଂମାଣ୍ଡରଙ୍କ ପ୍ରବେଶ୍ ହେଉଛି )

Digitized by srujanika@gmail.com

ବଡ଼ ଡାକ୍ତର stethoscope ଲଗାଇଲେ,
ଦେଖା ଡାକ୍ତର ହାତ ମାରି ଦେଇଥିଲ ।

ବଡ଼ ଡା:—କେତୋଟି stich ଦେଇଛ ଏ ଦେଖ . . ଅଛ ।

ସାନ ଡା—ନାଇଁ Sir, ଠିକ ଅଛି,

ବଡ଼ ଡା—ନର୍ସ ଯେ କହୁଛି, dilirium ଅବସ୍ଥା... ସେପଟକୁ ଢଳିଲ ନ ଅଛ ।

ସାନ ଡା—କହି ତ ଜଣା ପଡ଼ୁ ନାହିଁ ... ...

ବଡ଼ ଡା—ଅଛି ସେ foot fall wound ଟା ?

ସାନ ଡା—ହଁ ଦେଖୁଛି । ...Sir, Sir, ଏଟା ନୂଆ wound ନୁହେଁ—ଚକ୍ଷୁତ ଦନକା ପୁରୁଣା ପାଦ ଚିହ୍ନ ।

ବଡ଼ ଡା—you surprise me.

ସାନ ଡା—ଏପରି ଚିହ୍ନ ଶୁଣାଯାଏ କେବଳ ଆମ ଭଗବାନଙ୍କର ଅଛି । ଯାହା କହନ୍ତି ଏ କଳ୍ପିତ ଭଗବାନ । ମୁଁ ବିଳପ କରି କହୁଛି

ବଡ଼ ଡା—Your Bhagaban ! You Hindu people are mysterious. ...All right, let us see. କମ୍ପାଉଣ୍ଡର ତୁମେ ଯାଅ ଜଳଦି ପୁଲିସରେ ଖବର ଦିଅ । At once.

( କମ୍ପାଉଣ୍ଡରର ପ୍ରସ୍ଥାନ )

ଅଚ୍ଛା bandage କରି ଦିଅ ଏବେ ।

( ବ୍ୟାଣ୍ଡେଜ୍ କଲେ )

ସାନ ଡା—ଆପଣ କଣ ଠିକ ଭଗବାନ ?

ବଡ଼ ଡା—You silly chap, ଆମର ପଚାରିବାର ଅଧିକାର ନାହିଁ ଜଣ । ପୁଲିସ ଆସୁ ।

ସାନ ଡା—ନା Sir, ଭଗବାନ ବି ଠିକ ଭଗବାନଙ୍କ ଭଳି—କଳା କଳା azure blue.

ବଡ଼ ଡା—Stop please—

( ପୋଲିସ ସାହେବ ଓ କନେଷ୍ଟବଳ କେତେ ଜଣ ପ୍ରବେଶ କଲେ )

ପୋ ସା—କାହିଁ, ଆପଣଙ୍କର ଆସାମୀ ? ଓଃ, ଏଇ କି ?

ଡା ସା—Good morning—ଏଇ... ... କିଛି ମନେ କରିବେ ନାହିଁ—

ପୋ ସା—ଆପଣଙ୍କୁ ଅରେଷ୍ଟ କଲୁ । ( ରୋଗୀଙ୍କୁ )

ଭଗ—ଅଁ—ଅରେଷ୍ଟ ! ଯାହା ପରେ ପାଇଲଣି, ଯା ଉପରେ ପୁଣି କି ଅରେଷ୍ଟ କାହା ?

ପୋ ସା—ଆପଣ ବନ୍ଦୀ—ରାଜବନ୍ଦୀ ।

ଭଗବାନ—ହଉ, ତମର ଯାହା ଇଚ୍ଛା କର ।

( ଭଗବାନଙ୍କୁ ଗିରଫ କରି ନେଇ ଯିବାକୁ ବାହାରିଲେ । )

( ପଟପତନ )

—*—

## ୨ୟ ଅଙ୍କ

( ଅନ୍ତର୍ଜାତୀୟ ବିଚାର କୋର୍ଟ । ପ୍ରଧାନ ଆସନରେ ପ୍ରଧାନ ବିଚାରପତି ଓ ପାଖରେ ସଙ୍ଘ-ଜାତୀୟ ଜୁରିଗଣ ଉପବିଷ୍ଟ । ଭଗବାନ ଆସାମୀ ରୂପେ ଦଣ୍ଡାୟମାନ । )

ପବ୍ଲିକ ପ୍ରସିକ୍ୟୁଟର—ହଜୁର ଏ ଆସାମୀ ବିରୁଦ୍ଧରେ ଅନେକ ଗୁରୁତର ଅଭିଯୋଗ ଅଛି । ଏ ଜଣେ fifth columnist.

ବିଚାରକ—ସାକ୍ଷୀ ହାଜର କର ।

( ପ୍ରଥମ ସାକ୍ଷୀ ଜଣେ ସନ୍ନ୍ୟାସୀ )

ସା—ହଜୁର ଆମେ ପ୍ରମାଣ ଦ୍ୱାରା ଜାଣିଛୁ ଏ ଲୋକ-ଜଣକ ନିଜେ ଭଗବାନ । "ସମ୍ଭବାମି ଯୁଗେ ଯୁଗେ" ବୋଲି କଥା ଦେଇ ଥିଲେ, ମାତ୍ର ସେ କଥା ପାଳିଆରୁ ନେଇ breach of contract କରି ଆମକୁ ମହା ବିପଦରେ ପକାଇଛନ୍ତି ।

( ଦ୍ୱିତୀୟ ସାକ୍ଷୀ ଜଣେ ଅନ୍ତର୍ଜାତୀୟ ନାଗରିକ )

ନା—ହଜୁର, ଏ ଭଗବାନ ସଂସାରକୁ ଅପଯାତ କରିବାର କାର ନେଇ ବର୍ତ୍ତମାନ ପ୍ରେମପ୍ରୀତି ମୂଳରୁ ସୃଷ୍ଟି ନ କରିବାରୁ ସବୁଆଡ଼େ ଖାଲି ଅଶାନ୍ତି, ଅଶାନ୍ତି, ଅନ୍ନ ସଂକଟ । ବାସ୍ତବିକ ଏଣୁ ଇଏ breach of trustର ଦୋଷୀ ।

( ୩ୟ ସାକ୍ଷୀ ଜଣେ ନାସ୍ତିକ )

ନାସ୍ତିକ—ହଜୁର, ଏ ଭଗବାନ ନିଜ ନିଜ ଭକ୍ତଙ୍କୁ ସୃଷ୍ଟି କରି ଅଛନ୍ତି, ଅଥଚ ସମସ୍ତଙ୍କୁ ସମଦୃଷ୍ଟି ଦେବାର କଥା । ମାତ୍ର ସେ ନିଜେ ପୁରୁଷ ଥିବାରୁ ସୃଷ୍ଟି କଲବେଳେ ମଧ୍ୟ ନାରୀକୁ ଅନେକ ଶାରୀରିକ ଅସୁବିଧା ଓ ଅସାମଞ୍ଜସ୍ୟର ଅଧୀନ କରିଛନ୍ତି ଏବଂ ପିଲା ହୋଇ ପୁରୁଷଙ୍କ ପ୍ରତି ତାଙ୍କର special favour କରି ଆସୁଛନ୍ତି । ଏହି partiality ଓ nepotism ପାଇଁ ସେ ଭଗବାନ ହୋଇ ରହିବାର ଅଯୋଗ୍ୟ ।

( ୪ର୍ଥ ସାକ୍ଷୀ ଜଣେ ସମାଜ ସେବୀ ଆସିଲେ । )

ସ—ହଜୁର, ଏଇ ଦେଖନ୍ତୁ ଏଇ ଭଗବାନ uniformity ରଖିବାର କଥା, ମାତ୍ର ଦେଖା ଯାଉଛି ମଣିଷର ଭିତରେ କେତେ ଅସାମ୍ୟ, ଅନୈକ୍ୟ, ଅସ୍ୱାଧୀନତା । ଜଣେ ଗରିବ ଭିକାରି ଆଉ ଜଣେ ଧନୀ ରଜା, ଜଣେ ଦୁର୍ବଳ ପଙ୍ଗୁ, ଆଉ ଜଣେ ବଳବାନ ଅସୁର, କେଉଁଠି ମୋଟ ଜଣେ ସବୁ ସମ୍ପଦ ଉପଭୋଗ । କେଉଁଠି କେହି କାହାର ସଙ୍ଗରେ ସମାନ ନୁହେଁ, କାହାର ସାଙ୍ଗରେ କାହାର ମେଳ ନାହିଁ । ଏ ସବୁ କାମରେ ଭଗବାନ ଦାୟୀ ଏହା ।

( ୫ମ ସାକ୍ଷୀ ବୈଜ୍ଞାନିକ )

ବୈ—ହଜୁର, ଆମେ ଗବେଷଣା କରି ଜାଣି ସାରିଲୁଣି ଯେ ଭଗବାନ ଯାହା କିଛି ସୃଷ୍ଟି କରିଛନ୍ତି ତାର ବିନାଶ ବା ଧ୍ୱଂସ ସକାଶେ ଉପକରଣ ବି ଦେଇଛନ୍ତି । ସେଥିପାଇଁ ଜଗତରେ ପ୍ରବଳ ମୂଳରେ ଉଠାପଡ଼ା ହୋଇଛି । ଏପରିକି ଏହି ବିଶ୍ୱ ଦିନେ ସୂର୍ଯ୍ୟ ରଶ୍ମିରେ ହେଉ ବା ଗ୍ରହ ସଂଘର୍ଷରେ ହେଉ ହଠାତ୍ ଧ୍ୱଂସ ହୋଇ ଯିବ । ଆମର ଏତେ ସାଧନା, ସଂସ୍କୃତି, ଶିଳ୍ପ, ସାହିତ୍ୟ... ...

ବିଚାରକ—ଆଉ ଥାଉ । ଆଉ ସାକ୍ଷୀ ଦରକାର ନାହିଁ । Charge frame କରିବା ପାଇଁ ଯଥେଷ୍ଟ ହେଲାଣି । ବର୍ତ୍ତମାନ ତୁମେ କହ ଭଗବାନ୍ guilty କି not guilty.

ଭଗବାନ—ମୁଁ ସବୁ ସ୍ୱୀକାର କରୁଛି—

ବିଚାରକ—ଅଚ୍ଛା । ଆଉ କହିବାର ନାହିଁ ।

( କେତେଜଣ ଜୁରୀର ମାନଙ୍କ ସହିତ ଗୁପ୍ତ ପରାମର୍ଶ ହୋଇ ରାୟ ଦେଲେ )

ଭଗବାନ—ମୋତେ ପ୍ରକୃତିର ଡାକ ( call of nature ) ହେଉଛି ।

ବିଚାରକ—ରାୟଟା ଶୁଣି ଯାଅ—

ତୁମ୍ଭ ନାମରେ ଯେଉଁ ସବୁ ଅଭିଯୋଗ ହେଲା ତାହା ତୁମ୍ଭେ ସ୍ୱୀକାର କରି ଯାଇଛ । ଅତଏବ ପ୍ରମାଣ ନିଷ୍ପ୍ରୟୋଜନ । ଏଥିପାଇଁ ଲଘୁ ଦଣ୍ଡ ( light punishment ) ଦିଆ ଯାଉଛି । ତୁମ୍ଭେ ଏଣିକି ଆଉ ଭଗବାନ ଗିରି କରି ପାରିବ ନାହିଁ । ସେ post ରୁ ବରଖାସ୍ତ କରାଗଲା ।

ପବ୍ଲିକ ପ୍ରସିକ୍ୟୁଟର—ହଜୁର ଏ ଜଣେ ମାନ୍ୟଗଣ୍ୟ ବ୍ୟକ୍ତି—ଯାହାକୁ ଏପରି ignobly dismiss ନ କରି resignation ଦାଖଲ କରିବାର ସୁବିଧା ଦିଅ ଯାଉ ।

ବିଚାରକ—ଅଚ୍ଛା, ତାହାହିଁ ହେଉ ।

ଭଗ—ମୁଁ ଛାଡ଼ିବାରୁ ମୋତେ warning ଦେଇ ଛାଡ଼ି ଦିଅ ଦିବ । ମାତ୍ର... ( ରାଗରେ ଥରଥର ହେଲେ । ) ଅଚ୍ଛା ହେଉ, ପ୍ରାକୃତିକ ପ୍ରଳୟ ଫଳରୁ ଆମ୍ଭର ସାରା ସୃଷ୍ଟି, ତୁମ୍ଭର ଏ ଶିଳ୍ପ, ସଂସ୍କୃତି, ସଭ୍ୟତା ବିଜ୍ଞାନ ସମସ୍ତ ତୁମର ଏଟମ ବୋମା, ବିଷ ବାଷ୍ପ, ମାରକ, ଟର୍ପିଡୋ, ହାଇଡ୍ରୋଜେନ ଦ୍ୱାରା ଧ୍ୱଂସ ହୋଇ ଯିବ ।

ପବ୍ଲିକ ପ୍ରସିକ୍ୟୁଟର—your Lordship, ଏ ସାରା sheer Contempt of Court.

Digitized by srujanika@gmail.com

ସବଲେ—ନିଶ୍ଚୟ ନିଶ୍ଚୟ ।

ବିଚାରକ—ତୁମକୁ ବର୍ତ୍ତମାନ ଅଜ୍ଞାତ କାଳ ପର୍ଯ୍ୟନ୍ତ intern (ଅନ୍ତରଣ) କରାଗଲା । ତୁମେ concentration camp ରେ ରହିବ ।

ଭଗ—ହେଉ, ମାଲିକେ । ମାତ୍ର ମୋର ଏକମାତ୍ର ଶେଷ ଇଚ୍ଛା ପୂରଣ କରାଯାଉ ବୋଲି ଆପତ୍ତି ଅଛି । ତାହା ପୂରଣ କରାଯାଉ ।

ବିଚା—କଣ କହ ।

ଭଗ—ଅମେ ବର୍ତ୍ତମାନ ଅବୃତ, ପୀଡ଼ିତ ଏବଂ ଜରାଗ୍ରସ୍ତ । ଅମ୍ଭର ସେବା ଶୁଶ୍ରୂଷା ସକାଶେ ଏହି ମୋଟାସୋଟା ନର୍ସଟିକୁ ଛାଡ଼ି ଦିଆଯାଉ ।

ନର୍ସ—ହଜୁର, ଏ blackie niggar ପାଖରେ ମୁଁ ରହିବାକୁ ନାରାଜ । ବିଶେଷତଃ ତାର ଭାବ ଭଙ୍ଗୀ ବଡ଼ ସନ୍ଦେହଜନକ ଓ ଅଶ୍ଳୀଳ ।

ଭଗ—ମୁଁ ଏହାପରେ legal marriage କରିବାକୁ ପ୍ରସ୍ତୁତ । କାରଣ ଅମ ଲକ୍ଷ୍ମୀ ବଡ଼ old and antiquated, ନୂଆ ଧରଣର cuisine ଜାଣନ୍ତି ନାହିଁ । ଏହାଛଡ଼ା ରାଧା ବି ସେଇ ପୁରୁଣା ଢାଞ୍ଚା ନାଚ folk dance ନାଚନ୍ତି । ନାଚର modern technique ସେ ଜାଣିନାହାନ୍ତି । ଏ ମହିଳାଙ୍କୁ ପାଇଲେ ଏବା ଅଭାବ ଏ ଦୁଃଖ ଅଭାବ ଦୂର ହେବ ।

ନର୍ସ—My lord ! ସ୍ୱାମୀର ପୁଣି ଏତେ wife.! Polygamy ! ମୁଁ କେବେ ଶିଖିନାହିଁ ।

ଭଗ—ମୁଁ divorce, ଛାଡ଼ପତ୍ର ଖୋରାକି ସବୁ ଦେବାକୁ ପ୍ରସ୍ତୁତ ସେମାନଙ୍କୁ ।

ନର୍ସ—No, never...your Lordship's protection !

ବିଚାରକ—I can't help Mr. Bhagaban when the party is unwilling.

( ପଟ ପତନ )

—

## ତୃତୀୟ ଅଙ୍କ

'ହେଗ'ର ଅନ୍ତର୍ଜାତିକ ସଭା ।

(ବ୍ରିଟେନ, ଫ୍ରାନ୍ସ, ଋଷ, ଜର୍ମାନ, ଅମେରିକା, ଭାରତବର୍ଷର ପ୍ରତିନିଧିଗଣ ଆସୀନ । ଉଚ୍ଚ ଆସନରେ ସଭାପତିଙ୍କ ଆସନ ।)

ସଭାପତି—ଆପଣମାନେ ସମସ୍ତେ ଜାଣନ୍ତି ଅମର ଦୁର୍ଭାଗ୍ୟ ଜଗତବାସୀଙ୍କର ଶାନ୍ତି ନିମନ୍ତେ ହୋଇ ପଡ଼ିଅଛି । ବର୍ତ୍ତମାନ ଦେଶ ମାନବ ଜାତି ନିମନ୍ତେ ଶାନ୍ତି ନିମନ୍ତେ ଆସନକୁ ସୃଷ୍ଟି କରିବେ ତାହା ଅତି ଏହି ଅନ୍ତର୍ଜାତିକ ମହାସଭା ତାହା ସ୍ଥିର କରି କରନ୍ତୁ ।

ଜର୍ମାନ—ହେଇଲ ହିଟଲର ! ଖାଣ୍ଟି ଆର୍ଯ୍ୟବଂଶୋଦ୍ଭବ ମହାମାନବ 'ପୁରୁଷସିଂହ' ହିଟଲରଙ୍କ ଦାବୀ ସର୍ବାଗ୍ରେ ଗ୍ରାହ୍ୟ । ଅମେ ଉପନିବେଶ ଚାହୁଁ । ଅମର ଯୁଦ୍ଧବାହିନୀ, ହିମଲେରଙ୍କ ଗେଷ୍ଟାପୋ ଦଳ, ଗୁଏବେଲସଙ୍କ ପ୍ରୋପାଗେଣ୍ଡା, ହିଟଲରଙ୍କ ନାଜିବାଦ ଏହି ଚତୁରଙ୍ଗ ବାହିନୀରେ ପୃଥିବୀ ଚିରଶାନ୍ତି ଲାଭ କରିବ ଅଥବା ସେ ନିଦ୍ରାରେ ଶୋଇବ । ଅମେ ଜଗତରେ New Order ଆଣିବୁ ।

ଜାପାନ—ଅମ୍ଭେ ଏଥିରେ ଏକମତ । ଜର୍ମାନୀ ଆଣିବ New Order in Europe ମହାଦେଶରେ ଅମେ ଆଣିବୁ ସର୍ବ-ସୂର୍ଯ୍ୟ Asia ମହାଦେଶରେ । ଅମର ସମ୍ରାଟ ସୂର୍ଯ୍ୟ ଦେବାଂଶୀ ! ଯୁଦ୍ଧରେ ନୃଶଂସ ହତ୍ୟା କଲେ ମଧ୍ୟ ଅମେ ନରମାଂସ ଖାଉନା । ମାତ୍ର ମାଛ ଭାତ ଖାଇ ଅମେ ତୃପ୍ତି କରାନିପ୍ରାଣୀ । ଅମର ଦାବୀ କିଛି କମ ନୁହେଁ ।

ଫ୍ରାନ୍ସ—ବିଳାସ ଓ ଫେସନର ଜନକ ଅମେ । ପୃଥିବୀର ସାମ୍ୟର ଅଧିକାରୀ ନିଆଁଭିଳା ପ୍ରଥମେ ଅମେ । ଅମଠାରୁ କାହାର ଦାବୀ ବଡ଼ ହୋଇ ପାରେ ନା— ।

ବ୍ରିଟେନ—ଗଳିତ ଗଳ୍ପ କଥାରେ ସଙ୍ଗାତ ! ତୁମେ Morale ଭ୍ରଷ୍ଟ ଦମ୍ଭଯୁକ୍ତ ଜାତି । ବର୍ତ୍ତମାନ ଅର୍ଦ୍ଧ ପୃଥିବୀ ଅମର Dominion Status ରୂପ ମହାମନ୍ତ୍ରରେ ଦୀକ୍ଷା ନେଲେ ମୁକ୍ତିପ୍ରାପ୍ତ ଅର୍ଦ୍ଧ ପୃଥିବୀର ମାନବ ମଙ୍ଗଳ-ଚିନ୍ତା ଅମର ମଥାକୁ ଘାରୁ ଦେଉଛି । ଏପରି ନିଃସ୍ୱାର୍ଥ ଗଣ-ଶାସନର ପ୍ରତୀକ ଅମେ ଥାଉଁ ଥାଉଁ ଅନ୍ୟ କାହାର ଦାବୀ ଗ୍ରହଣୀୟ ହୋଇ ନ ପାରେ ।

ଅମେରିକା—ତୁମେ ତ ସାମ୍ରାଜ୍ୟବାଦର ଛାତ୍ର । Democracy ଅମର ଏକଚାଟିଆ ଯେ !

ବ୍ରିଟେନ—ଜାତ ନା' ଧରି ଗାଳି ଦିଅନା । ବନ୍ଧୁ-ଦବଉ, ମୁହଁ ସମ୍ଭାଳି କଥା କହ ।

ଋଷ—Capitalist ବାତ ବ୍ୟାଧିଗ୍ରସ୍ତ ପୃଥିବୀର ବେଦନା ଦୂର କରିବାକୁ ହେଲେ ଅବଶ୍ୟକ Marks brand ବଟିକା ସାମ୍ୟବାଦ-ମାଲିସ । Proletariate ଡାକ୍ତରମାନେ ପ୍ରତ୍ୟେକ ବ୍ୟାଧିଗ୍ରସ୍ତ ଦେଶର ଅଙ୍ଗରେ ଏହି ମାଲିସ ପ୍ରୟୋଗ ନ କଲେ ଜରାଗ୍ରସ୍ତ ପୃଥିବୀର ମୃତ୍ୟୁ ନିକଟ ହେବ । ଅଗ ଅସମାନ ଉଁଚା ନିଚକୁ ସମାନ କରିବାକୁ ଅମର ଅଭିପ୍ରେତ asphalt ଢାଳ Proletariuty steam Rollerର ଦ୍ୱାରା ଅନ୍ତ ଅବଶ୍ୟଂଭାବୀ । ଏଥିରୁ ବଡ଼ କାହାର ଦାବୀ ଅଛି ?

ଭାରତ—ପୀଡ଼ିତା ବସୁମତୀର ବେଦନା, ଦୁଃଖ କେହି ଅନୁମାନ କରି ପାରିବେ ନାହିଁ । ଫେସିଷ୍ଟବାଦ ନୁହେଁ, ସାମ୍ରାଜ୍ୟବାଦ ନୁହେଁ, ନାଜିବାଦ ନୁହେଁ, ଉପନିବେଶବାଦ ନୁହେଁ, ସାମ୍ୟବାଦ ନୁହେଁ । ଯଦି କେହି ଏ ବେଦନା ଲାଘବ କରି ପାରେ ତେବେ—'ପ୍ରେମ, ସତ୍ୟ ଓ ଅହିଂସା ।'

( ସମସ୍ତେ ହସି ଉଠିଲେ । )

ବ୍ରିଟେନ—ଏ ବୁଢ଼ା ଫେଙ୍ଗ, ଓ ଦଗାବାଜ । ହାସ୍ୟକର ।

ସଭାପତି—ବଡ଼ ବିଷମ ସମସ୍ୟା । ଉପାୟ କଣ ?

("ଅମେ", "ମୁଁ", "ଦାମ" ଇତ୍ୟାଦି ଶବ୍ଦରେ ସଭା ମଣ୍ଡପ ଫାଟି ଉଠିଲା । ଭୟଙ୍କର ଗୋଳମାଳ ହେଲା ।)

ସଭାପତି—Order Order—ବର୍ତ୍ତମାନ ଏ ସମସ୍ୟା ଏଠି ନିଷ୍ପତ୍ତି ହୋଇ ପାରିବ ନାହିଁ । ଯାଅ ସମସ୍ତେ, ପୃଥିବୀବ୍ୟାପୀ ମହା କୁରୁକ୍ଷେତ୍ରରେ ତୁମ୍ଭେମାନେ ନିଜ ନିଜର ନ୍ୟାଯ୍ୟ ଦାବୀ ସାବ୍ୟସ୍ତ କର । (ଗୋଳମାଳ ଭିତରେ ସଭା ଭାଙ୍ଗିଲା) *

( ପଟ ପତନ )

—o—

( କାହାଣୀ ପୂର୍ବପୃଷ୍ଠା ଉତ୍ତରୁ )

ଗୀତା ସମସ୍ତଙ୍କ ସାଙ୍ଗରେ ମୋଟେ ବି କଥା ହେଲା, ବେଶୀ ଅଭିମାନ କଲା । ତା'ପରେ ପଇସାର ମଧ୍ୟରେ ଚାଲିଲା ମାମୁଲି ଧରଣର ବାକ୍ୟାଳାପ । ଇତ୍ୟବସରରେ ମୁଁ ଗୀତାକୁ ପଚାରିଲି—ଗୀତା, ଏ ଘରର ପ୍ରଥମ ଦିନ କଥା ତୋର ମନେ ପଡ଼େ ? ... ...

କାହିଁକି ମନେ ପଡ଼ିବାରୁ, ବଡ଼ ଲୋକ ହେଲଣି, ବଡ଼ ମନ ହୋଇଗଲା, ବଡ଼ ମନରେ ।

ଗୀତା ତା'ର ଉତ୍ତର ଦେଲା କଥାରେ ନୁହେଁ ଆଖିରେ । କ'ଣ କହି ଆସୁଥିଲା କହି ପାରିଲା ନାହିଁ । କେବଳ ଯୁଗର ଅବହେଳିତା ବ୍ୟଥା ଓ ବିଚ୍ଛେଦକୁ ଗୀତା ତା'ର ଉଦାସ ଆଖିରେ ରୂପ ଦେଇ ନୀରବ ରହିଲା ।

—o—

* ବଙ୍ଗଳାରୁ ନାଟ୍ୟାକାରରେ କଳିତ ।

Digitized by srujanika@gmail.com



## —ବୁଝିପାରୁ ନାହିଁ—

ଲେଖକ— ଶ୍ରୀ ବୃନ୍ଦାବନ ପାଣି ।

ରଙ୍ଗପାଟି ଅମ୍ବର ଗୋ ! ପ୍ରଥମ ଦର୍ଶନେ
ଶିକ୍ଷଦେଲ ପଦ୍ମିଣୀକୁ ସାଦରେ ସଜନେ ।
"ଭଲ ଅଛ" ପୁଛିବାର ସେ ମୋହନ ଭଙ୍ଗି
ଚପଳ ପର ମୋ ହୃଦେ ଅଛୁ ଏବେ ଲଗି ।
ରସଗୋଲ୍ଲା ଶିଖିଥାଲୁ ତୁମର ବଚନ,
ହେବ ଗୋ ମଧୁରତର ଭବଲେ ଏକନ ।
କେତେ ଧନ କେତେ ରତ୍ନ ଅଙ୍କି ରୂପ ଛବି,
ଭାବ ଭାବ ହେଲଣି ମୁଁ ଜାଣ ଗୋଟେ କବି ।
ମୁଖ ସଙ୍ଗେ ତୁଳିବାକୁ ଜୁଟେନା ଉପମା,
ଚନ୍ଦ୍ର ପଦ୍ମ ଏ ତ ସବୁ ପୁରୁଣା କଳ୍ପନା
ପ୍ରତ୍ୟକ୍ଷ ଧାରଣୀ ଅହା ! ସ୍ୱପ୍ନେ ଉଦ୍ଭାସିତା,
ଚମତ୍କାର ସାଜେ ଗୋ ଡ଼େ ହାଇହିଲ୍ ଯୋତା ।
ନାରୀ ସ୍ୱାଧୀନତା ନାମେ ଦଅ ଯେ ବକ୍ତୃତା,
ମନେ ହୁଏ ବଳେ ହେଲ ରଣଚଣ୍ଡୀ ମାତା ।

ଇଂରେଜି ସଙ୍ଗେ ଓଡ଼ିଆ ମିଶା କଥା ସୂତ୍ର,
ଲଭିବାକୁ ସମର୍ଥ ନାହିଁ ଭାଷା ମୁଖ ?
ସାଉଥେଲ୍ ଅଟୋହ୍ୱଣି ନଦୀପୂର ନାର,
ଜଲଜେଟ ସୁଶୋଭିତା ଅଟଗା ଉଅପାର,
ସିଗାରେଟ ଗ୍ରେଷିଣି ଗୋ ! ହଂସିଣୀ ଗମନା,
ନଭେଲ ପଠନ ରତା ମୋ ମନ ମୋହନା ।
ପ୍ରେମପତ୍ର ରଚୟିତ୍ରି କିଳ୍କିଲା ପ୍ରେମିକା,
ଅଧର ଭଣ୍ଡାର ମଧୁ ଦାନେ ନୁହଁ ଶଙ୍କା ।
ସପ୍ତମ ନବୀଣି ଅଗୋ ! ଅଣ୍ଡ୍ରିଭା ଗର୍ବିଣି,
ସର୍ବଗୁଣ ହାଣ୍ଡି ତୁମେ ସୁଭାଷର ଖଣି ।
ଶତ ପ୍ରେମିକ ହୃଦୟ ବିଦାରଣି ବାଣୀ,
ଶତ ଶତ ମନୋରଥ ପୂରଣ କାରଣୀ ।
ତବ ଉପରାସି କେତେ କନ୍ଦର୍ପ କମାଇଁ—
ହେଜଉ ମୋପରେ ସଖି **ବୁଝିପାରୁ ନାହିଁ** ।


## ଟିକିଆ ଖାନା

ରଙ୍ଗିନ ଛବି ଓ କୌତୁକିଆ ଗୀତରେ ଭର୍ତ୍ତି
ପିଲାଏ ପାଇଲେ ଗିଳିପିବେ ।
ମୂଲ୍ୟ—।୦।/

## କୁମାରୀ

ସୁନ୍ଦର ଛବି ଓ ମଧୁର ଗୀତ ହେ
ଝିଅ ହାତରେ ଦିଅନ୍ତୁ ।
ମୂଲ୍ୟ—।୦/ ଅଣା

## ସୁନାପୁଅ

ପିଲାଙ୍କ ହାତେ ଦବା ପାଇଁ ଅତି
ସୁନ୍ଦର ଗୀତ ବହି ।
ମୂଲ୍ୟ—।୦/ ଅଣା




Digitized by srujanika@gmail.com




## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ସେମାନଙ୍କର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଭାରତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

( ୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ )

## —ଆମେ ଆଉ ସେ—

ସେ ଝିଅମାନେ ରେଳ ଚଳାନ୍ତି, ଉଡ଼ାଜାହାଜ ଉଡ଼ାନ୍ତି, କାରଖାନା ବୁଲନ୍ତି— ଅଫିସ କାମ କରନ୍ତି—ବଡ଼ଯତ୍ନରେ ଘରଧନ୍ଦା ବି ବୁଝନ୍ତି । ନିଜର ଦେଶକୁ ଓ ଦେଶବାସୀ ଭାଇମାନଙ୍କୁ ଘରେ ବାହାରେ ସବୁଠି ସାହାଯ୍ୟ କରନ୍ତି ।

ଆଉ ଆମେ—ଆମ ଦେଶର ଝିଅ—ପରିସ୍ଥିତି ସାଥେ ପାଦ ମେଳାଇ ଚାଲିବାକୁ ବଳ ତାଙ୍କର କାହିଁ ? ପ୍ରକୃତରେ କହିବାକୁ ଗଲେ, କୋଡ଼ିଏ ବା ଅନେକଙ୍କୁ ଉତ୍ତମରୂପେ ଆସେନା । ............... ଯେତେବେଳେ ଆମେ ତାସ ପଶା ଖେଳରେ ଜିତିବାର ଚେଷ୍ଟା କରୁଁ ଥାଉଁ--ସେତେବେଳେ ସେ ଦେଶର ଝିଅ ହୁଏତ ଭାବୁଥାଏ—କେମିତି ସେ ପାର୍ଲିଆମେଣ୍ଟ ହୋଇ ତା' ମାତୃ ସାହିତ୍ୟ-ପୀଠରେ ପ୍ରାଣ ବଳି ଦେବ—ବା କୁମାରୀ ନାଇଟିଙ୍ଗେଲ ହୋଇ ନର ନାରୀଙ୍କୁ ତାର ସେବା ଦୟା ଦେଇ ଅମର କରିବ—ମ୍ୟାଡ଼ାମକ୍ୟୁରୀ ପରି ଆବିଷ୍କାରକ ହୋଇ ଜଗତର କଲ୍ୟାଣ ସାଧିବ ।

କି ସୁନ୍ଦର କଳ୍ପନା !! ସ୍ୱର୍ଗର ଦେବୀ ଯେମିତି !!! ଦେଶ ଆଉ ଦଶର ହିତରେ ପ୍ରାଣ ବଳି ଦବାକୁ ଧର୍ମ ବୋଲି ସେମାନେ ମଣନ୍ତି । ଧନ୍ୟ ତାଙ୍କର ଶିକ୍ଷା—ଧନ୍ୟ ତାଙ୍କର ଦେଶ—ଧନ୍ୟ ସେ !!

ସମାଜର ଅର୍ଦ୍ଧାଙ୍ଗ ପୁରୁଷ ଓ ଅର୍ଦ୍ଧାଙ୍ଗ ନାରୀ । ସମାଜ ଯଦି ଉଭୟଙ୍କର ସାହାଯ୍ୟ ନ ପାଏ—ତେବେ ଉନ୍ନତିର ଆଲୋକରେ ସେ ଉଦ୍ଭାସିତ ହେବ କିପରି ? ଆମେ ପୃଥିବୀର ଯେ କୌଣସି ଉନ୍ନତ ଦେଶର ଇତିହାସ ଦେଖିଲେ ଦେଖିବା—ଶିକ୍ଷା ହେଉଛି ପ୍ରଧାନ ସୁବିଧା । ଆମ ଦେଶରେ ଯେ ଯାଏ ଶିକ୍ଷାର ଆଲୋକ ଜଳି ଉଠିନାହିଁ—ନାରୀ ସବୁ କାମରେ ନିଜକୁ ଦୁର୍ବଳ ଭାବୁଛି—ସେ ଯାଏ ଏ ଦେଶ ଅବନତିର ଅତଳ ଗର୍ଭକୁ ଯାଉଥିବ ପଛେ,—ଉନ୍ନତିର ଶିଖରରେ ମଥା ଟେକି ଛିଡ଼ା ହୋଇ ପାରିବନି ବୋଲି ମୋର ମନେ ହୁଏ ।

କିନ୍ତୁ— ଆମର ଉଜ୍ଜ୍ୱଳ ଅତୀତ—ହଜିନାହିଁ--କୁସୁମ କୁମାରୀ, ପଦ୍ମିନୀ, ଦୁର୍ଗାବତୀ ଏ ଜାତିର ବୁକୁରେ ଏବେ ବି ଅମର ହୋଇ ଅଛନ୍ତି । ଏ ଜାତିର ଉଜ୍ଜ୍ୱଳ ଇତିହାସ କଳାଙ୍ଗୀ ଲେଖିଛି—ସେ ହଜିବ ନାହିଁ—ଲିଭିବ ନାହିଁ—ଭୁଲିବ ନାହିଁ—

× × ×

କିନ୍ତୁ ଆଜି ସେ ଖାଲି ମଳିନ ପଡ଼ିଛି ସିନା !

କୁମାରୀ ଶୈଳବାଳା (୧୬ ନମ୍ବର)

---

## ପିତା-ମାତା

ଧରି ନବ ବାଳ ବେଶ
ଆସିଲି ମୁଁ ଯେବେ ଧରାଧାମେ
କିଏ ମୋର ପିତା ମାତା
ଜାଣେନି ମୁଁ ବାସ୍ତବ ଅଜ୍ଞାନେ
କେ ମୋତେ ପାଳଣ କୋଲେ
ରଖିଲେ ଆନନ୍ଦ ଭୋଳେ
ବାନ୍ଧିଣ ମମତା ଡୋରେ
କଲେ ମୋତେ ସଂସାରେ ସଂସାରୀ
ସେହୁ ମୋର ପିତାମାତା
ଜୀବନରେ ମହା ଉପକାରୀ ।
ତାଙ୍କଠାରେ ଋଣୀ ମୁହିଁ
ହୋଇଥିବି ଶତଦିନ ପାଇଁ
ତେଜିବି ଏ ଧରାଧାମ
ତାଙ୍କ ଗୁଣ ମୁଖେ ଗାଇ ଗାଇ
ସ୍ୱର୍ଗର ନନ୍ଦନ ବାରି
ଦେବି ତାଙ୍କ ପଦେ ଢାଳି
ଜନମ ଦେଇଛ ଯେବେ
ପିତା ମାତା ମୋତେ ଏ ସଂସାରେ
କି ଦେଇ ପୁଜିବି ତବ
ଚରଣରେ ଆଜି ଭକ୍ତିଭରେ ?

ଶ୍ରୀ ବାଣାକର ଦାସ (୩୬୮ ନ.ଗ)

---

## —ହେ ଦାତା—

କର୍ମ ସ୍ରୋତେ ଭାସି ଚାଲେଁ
କାହିଁ କେଉଁ ଅଜଣା ଦେଶକୁ
ଶତ ଶତ ବାଧା ବିଘ୍ନ,
କେହି ଖାରି ପରିଣେ ନ ବାଜେ ।
ଚାଲିଛି କେବଳ ସେହୁ
ଶେଷ ଆଶା ହୃଦୟରେ ଧରି,
ଭାସି ଯାଉଁ ଯାଉଁ ବନେ
ଫେରିବ ହେ ଭଷା ଶେଷ କରି ।
କଠୋର ସାଧନା ସେହୁ
ଅଳ୍ପେ ସଳ୍ପେ ହେଉ ତା ସାଧନ,
ଏହାହିଁ ତା ସାଧନାର
ସିଦ୍ଧି ପାଇଁ ତୋହଠି କଣାଣ ।
ଅଯାଚତେ ପାଏ କିନ୍ତୁ
ସେ କର୍ମଠ ଆଶାତୀତ ଦାନ,
ତୁମ୍ଭେ ନିଜେ ଦିଅ ପ୍ରଭୁ
ଦାତା-ଶ୍ରେଷ୍ଠ କରୁଣା ନିଦାନ ।
ପୁନରପି ଭାସେ ଯେବେ
ସେହି ସ୍ରୋତେ ସେ ବିଜୟୀ ବୀର
ଏକଇ ଅବସ୍ଥା ଦେଖି
ତବ ପଦେ ନତ କରି ଶିର,
ଦେଖିଲେହିଁ ତବ ପଦେ
ପୂର୍ବାପେକ୍ଷା ଅଧିକ ଭକତ,
ପୂରିବ କୃତଜ୍ଞେ ତାକୁ
ଦେଖିବ ହେ ଟେକି ହିତ-ପଥ !

ଶ୍ରୀ ନାରାୟଣ ପ୍ରସାଦ ଚନ୍ଦ ।

Digitized by srujanika@gmail.com

## ନୂଆ ନାଗଙ୍କ ନାମ ।

୩୮୮—ଶ୍ରୀ ଦାମୋଦର ନାରାୟଣ ମହାପାତ୍ର । ରେମୁଣା ଏମ୍. ଇ. ସ୍କୁଲ । ପୋ: ଅ: ରେମୁଣା, ବାଲେଶ୍ୱର ।

୩୮୦—ଶ୍ରୀ ପ୍ରସନ୍ନ କୁମାର ଦାସ । ବାଲେଶ୍ୱର ଜିଲ୍ଲାସ୍କୁଲ Class XI.

୩୮୪—ଶ୍ରୀ ଚିତ୍ତରଞ୍ଜନ ପଟ୍ଟନାୟକ । ବାଲେଶ୍ୱର । ଜିଲ୍ଲାସ୍କୁଲ Class X.

୩୮୨—ଶ୍ରୀ ଦୁର୍ଗା ପ୍ରସାଦ ନାୟକ । C/o. ଉଗ୍ରସେନ ନାୟକ ।

୩୮୭—ଶ୍ରୀ ଭୀମସେନ ଦାସ C/o G. Artherton Co. Ltd. 4. Mission Row, Calcutta.

## ଅଜାଙ୍କ ଜବାବ

ଶ୍ରୀମାନ ଭସ୍କରଚନ୍ଦ୍ର [ଅଡ଼ାଳପଙ୍କ ଏମ: ଇ: ସ୍କୁଲ]

ପ୍ରଣାମ ଅର୍ଥ ନମ୍ରତା ପ୍ରକାଶ କରିବା; ଦଣ୍ଡବତ ନୁହେଁ । ପ୍ରଣାମ ଦ୍ୱାରା ମନୁଷ୍ୟର ଭଦ୍ରତା ବୁଝାଏ । ଏଥି ଅମ ଭାରତୀୟ ସଭ୍ୟତାର ଏକ ଅଙ୍ଗ ହୋଇଛି । ଅବଶ୍ୟ ଏ କଥା ଠିକ ଯେ ଛୋଟ ମାନେ ପ୍ରଣାମ କରନ୍ତି ନାହିଁ କିନ୍ତୁ ସମ ବୟସ୍କ ସମ ବୟସ୍କଙ୍କୁ ପ୍ରଣାମ କରେ । ନାଗ ସଂଘର ସଭ୍ୟମାନେ ଏକ ଭ୍ରାତୃତ୍ୱ (Brother-hood) ବନ୍ଧନରେ ବନ୍ଧା । ଅତଏବ ସେମାନଙ୍କ ମଧ୍ୟରେ ପ୍ରଣାମ ଅଦାନ ପ୍ରଦାନ ଅବାଧ୍ୟ ନୁହେଁ ।

---

## ପ୍ରଶ୍ନ

ନାଗ ଭାଇ ଓ ଭଉଣୀମାନେ ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅନ୍ତୁ ।

ଶ୍ରୀମତୀ ରେଣୁକା ମହାନ୍ତି—(୧୦ ନଂ ନାଗ)

୧ । ଭାରତବର୍ଷରେ ପ୍ରଥମେ ଟ୍ରାମ ଗାଡ଼ି (Train car) କେବେ ଓ କେଉଁଠି ଚଳା ଯାଇଥିଲା ।

୨ । ପୃଥିବୀର ସବୁଠାରୁ ଅଧିକ (in size) ବଡ଼ ବନ୍ଦର ନାମ କଣ କେଉଁଠାରେ ଅଛି ?

୩ । ପୃଥିବୀର ସବୁଠାରୁ ବଡ଼ ରେଲୱେ ଟନେଲ (Railway tunnel) କେଉଁଠାରେ ଅବସ୍ଥିତ ?

ଶ୍ରୀ ରାମଚନ୍ଦ୍ର ସେନାପତି । (୩୭୨ ନଂ ନାଗ)

୧ । ପିତା କାହିଁକି କନ୍ୟାକୁ ଭଲ ପାଏ ଓ ମା କାହିଁକି ପୁଅକୁ ଭଲ ପାଏ ?

୨ । ଅଚ୍ଚୁଟ ଜିନିଷ କେଉଁଠି ଅଛି ଓ କେଉଁ ଗଛରୁ ହୁଏ ?

୩ । ସ୍ୱର୍ଣ୍ଣ ମୁଦ୍ରାର ପ୍ରଥମ ପ୍ରଚଳନ ହୁଏ କେଉଁ ଦେଶରେ ଓ କେବେ ଖ୍ରୀଷ୍ଟାବ୍ଦ

୪ । ପୃଥିବୀର ବଡ଼ ରେଲଷ୍ଟେସନ କେଉଁଠା ?

(ଉତ୍ତର ପର ସଂଖ୍ୟାରେ ଦିଅ)

—ସ୍ମାରକ

---

—ଚରଷାତି

## କୁତ୍କୁତୁ

ଶିକ୍ଷକ—ହେଲ୍ଲ ବାବୁ ସବୁବେଳେ ଯେଉଁ ରଚନା ଟି ଲେଖିଛ ତମ ଭାଇ ଲେଖା ସାଙ୍ଗରେ ମିଳି ଯାଉଛି ।

ହେଲ୍—ସାର୍-ଆମ ଘରେ ଗୋଟେ ବାପାଙ୍କ ଅଛି—ମୁଁ କଣ କରିବି ।

\+ + +

ଭୁଲୁ—ଦାଦା ! Fortification ମାନେ କଣ ?

ଦାଦା—Fortification ମାନେ ଜାଣ ନାହିଁ ନା ? Fortification ହେଉଛି 20 fication + 20 fication = 40 fication.

\+ × +

ଜଜ୍—(ଅସାମୀକୁ) ତମେ ଜଣେ ଭଦ୍ର ଯୁବକ, ତମକୁ କେଉଁଠି ଦେଖିଲି ପରି ମନେ ହେଉଛି ।

ଅସାମୀ—ଭୁଲି ଗଲେଣି ସାର୍—ମୁଁ ତନୁ ଆପଣଙ୍କ ଝିଅକୁ ଗୀତ ଶେଖାଉ ଥିଲି—

ଜଜ୍—ତମ ବର୍ଷ ସଶ୍ରମ କାରାଦଣ୍ଡ ।

× × ×

ରେସ୍ତୋରାଁରେ ଖାଉଥିଲି ବେଳେ 'ମେନୁ' ପଅର ଦାମ ଯେ ଚପ ଗାର ଥିଲି । ଅଜି କାହିଁକି ସେ ରକମ ନାହୁଁ ନାହିଁ । "ଅଜି ସେଇ ପଅର ଦାମକା ଚତ" ।

× + ×

ପାଗଳାଖାନାର ଡାକ୍ତର ଜଣେ ନୂଆ ପାଗଳକୁ ଚିଠି ଲେଖୁ ଥିବାର ଦେଖି ପଚାରିଲେ "ଏ ତୁ କାହା ଲେଖୁଛୁ ।"

ପାଗଳା—"ମୋ ନିଜ ପାଇଁ ଲେଖୁଛି ।"

ଡାକ୍ତର—କଣ ଲେଖୁଛୁ ?

ପାଗଳ—ଅରେ ଏହା ଏବେ ଜାଣି ପାରିବ ନାହିଁ ଡାକରେ ନ ପାଇଛି ପର୍ଯ୍ୟନ୍ତ କେମିତି ଜାଣିବ ଯେ ସେ ଚିଠିରେ କଣ ଲେଖା ଅଛି ।

\+ × +

"ଏ ଗାଁରେ କେହି ବଡ଼ ମଣିଷ ଜନ୍ମ ଗ୍ରହଣ କରିଛନ୍ତି ?"

"ନା ଏଠି ସବୁବେଳେ ଶିଶୁ ହୁଅନ୍ତି ।"

—ବିଜୟ

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

ପ୍ରତ୍ୟେକ ଗୃହସ୍ଥ ନିଜ ପରିବାରବର୍ଗଙ୍କ ସ୍ଥାନ ପାଇଁ ବୀମା କରିବା ନିତାନ୍ତ ଆବଶ୍ୟକ ।

ଅନିର୍ଦ୍ଧାରିତ ପରିସ୍ଥିତି କ୍ରମେ ଜଟିଳ ହୋଇ ଉଠିଥିବା ସମୟରେ ସର୍ବାଧିକ ନିରାପଦ ଭାବରେ ଟଙ୍କା ଲଗାଇବାର ଉତ୍କୃଷ୍ଟ ଉପାୟ ହେଉଛି ଗୋଟିଏ ସୁଦୃଢ଼ ବୀମା କମ୍ପାନୀରେ ବୀମା କରିବା ।

ହିନ୍ଦୁସ୍ଥାନ ଗତ ୩୫ ବର୍ଷ ହେଲା ଭାରତବର୍ଷ ଏବଂ ବାହାରେ ପ୍ରତି ପଲ୍ଲୀରେ କୋଟି କୋଟି ଟଙ୍କାର ଦାବୀ ପୂରଣ କରି ଏବଂ କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ଯଥେଷ୍ଟ ସୁଦୃଢ଼ତାର ପରିଚୟ ଦେଉଛି ।

୧୯୪୦ ରେ ନୂତନ ବୀମାର ପରିମାଣ ପ୍ରାୟ ତିନିକୋଟି　　୧୯୦୦ ରେ ବାର୍ଷିକ ଆୟର ପରିମାଣ ପ୍ରାୟ ଏକ କୋଟି

ବୀମା ଫାଣ୍ଡ ତିନିକୋଟି ୫୫ ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ପାଞ୍ଚଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ପରିଶୋଧ ଦାବୀର ପରିମାଣ ଦୁଇ କୋଟି ପଚିଶ ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

| | |
|---|---|
| **ଏନ୍ ଦତ୍ତ**<br>ସେକ୍ରେଟେରୀ<br>ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍, କଲିକତା । | **ନରେନ୍ଦ୍ର ପ୍ରସାଦ ଦାସ**<br>ଅର୍ଗେନାଇଜର<br>ଭଦ୍ରକ । |

# ମାତ୍ର ଟ ୧।୰ ରେ ୩ ଟି ଘଡ଼ି

# ଓ

# ୪୭୫ ପ୍ରକାର ଉପହାର



ଯେ କେହି ଆମର ୭ ଶିଶି 'ଅଟୋରୋଜ' କିମ୍ବା ୭ ଡବା ଯାଦୁ ମଲମ ଟ ୧।୰ (ଦେଢ଼ ଟଙ୍କା) ଦେଇ କିଣିବେ ସେ ନିମ୍ନ ଲିଖିତ ଉପହାର ଗୁଡ଼ିକ ବିନା ମୂଲ୍ୟରେ ପାଇ ପାରିବେ । ଦୁଇଟି ସୁନା ଗିଲ୍ଟି କରା ଜର୍ମନି ଘଡ଼ି, ଗୋଟିଏ ଘଡ଼ି ବ୍ୟାଣ୍ଡ, ଗୋଟିଏ ଜର୍ମନି ଟାଇମ ପିସ, ଗୋଟିଏ ସେଫଟି ରେଜର, ଖଣ୍ଡିଏ ଘର ଧୋଇବା ସାବୁନ, ଗୋଟିଏ କ୍ଷୌର ହେବା ବ୍ରସ, ଏକ ପାକେଟ ପାଉଡ଼ର, ଗୋଟିଏ ଚିରୁଣି, ଖଣ୍ଡିଏ ସାବୁନ, ଏକ ସେଟ ବୋତାମ, ଖଣ୍ଡିଏ ଛୁରି; ଗୋଟିଏ ଫାଉଣ୍ଟେନ-ପେନ, ଗୋଟିଏ ଚଷମା ନାମ୍ବର ଅଲେଖ ୫୦୦ ପୃଷ୍ଠା ପର୍ଯ୍ୟନ୍ତ ଯାଏ ଓ ଅଧିକ ଅନେକ ସୁନ୍ଦର ଉପହାର ମାନ ପାଇବେ । କିମ୍ବା ଏହିସବୁ ଉପହାର ପରିବର୍ତ୍ତେ ଗୋଟିଏ ଲିଭର ପକେଟ ଘଡ଼ି ଯାହାକି ଥରେ ଦମ ଦେଲେ ୩୬ ଘଣ୍ଟା କାଳ ରହେ, ଉପହାର ସ୍ୱରୂପ ପାଇ ପାରିବେ । ଏହି ଘଡ଼ି ୧୦ ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯାଏ । ପ୍ୟାକିଙ୍ଗ ଓ ପୋଷ୍ଟେଜ ଖର୍ଚ୍ଚ— ଟ୦୵୳ ।

THE AMERICAN COMMERCIAL STORES. POST BOX NO. 12213. CALCUTTA.


Printed & published at the Gopinath Press, Bhadrak. by. G. C. Mahapatra and issued from Dagaro Office Bhadrak,

Digitized by srujanika@gmail.com




ସମ୍ପାଦକ:- ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

ଭାଦ୍ର ପ୍ରଥମାର୍ଦ୍ଧ

ଏଥର ପଢ଼ିବେ

ବିଲୁ ଆବିଷ୍କାର

କାହାଣୀ — ଛଡ଼ପିଣ୍ଡ

ମଜାକଥା — ଆକୁଳି ମାଷ୍ଟରଙ୍କ ବରଷାତି

ମଜାକବିତା ... ମଠ

ଜାଗବଜା ... 'ଗ୍'ର ବିଶ୍ୱ-ବିଜୟ

କୁତୁକୁତୁ

ଟ୨ଙ୍କା ଦେଇ ବର୍ଷେ କାଳ ଘରେ ବସି

**ଡଗର ପଢ଼ନ୍ତୁ ।**

( ୬ଷ୍ଠ ବର୍ଷ, ୭ ମ ସଂଖ୍ୟା )

**September. 1, 1942.**



ଜଗତ୍ ବିଖ୍ୟାତ

# ପାଇରୋଲା

ଯେ କୌଣସି ପ୍ରକାର ପାଳିଜ୍ୱର ଘଣ୍ଟାରେ ଆରୋଗ୍ୟ ହୁଏ । ଅରୁଚି, ଶକ୍ତ ପ୍ଳୀହା, ଯକୃତ୍, ମ୍ୟାଲେରିଆ ଓ ସର୍ବପ୍ରକାର ଜ୍ୱର ବିନା ଇଞ୍ଜେକ୍‌ସନରେ ଆରୋଗ୍ୟ କରିବାକୁ ଏହା ଅଧୁନାତନ ସମୟରେ ଅଦ୍ୱିତୀୟ ।

ମେସର୍ସ ହେମଙ୍ଗାର ଫାର୍ମାସୀ

ନ ୧୧୫ ନମ୍ବର ହେଞ୍ଜୋର ଷ୍ଟ୍ରିଟ, କଲିକତା ।

ଡେପୋ ଏଜେଣ୍ଟ—ମହମ୍ମଦ ଇସମାଇଲ ଖାଁ

ଶ୍ରୀ ବଳଭଦ୍ର ଚୌଧୁରୀ—ଚରମା ବଜାର, ଭଦ୍ରକ (ଭଦ୍ରକ ଗୁଡ଼ବାଲ ଓ ଜାଜପୁର ଏଜେଣ୍ଟ)

---

ଗଳିତକୁଷ୍ଠ ଓ କୁଷ୍ଠର **ଭ୍ରାମରୀ ରସାୟନ** ଅବ୍ୟର୍ଥ ମହୌଷଧ

ଏହା ପ୍ରବୀଣ ରସାୟନିକ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ଗଳିତକୁଷ୍ଠ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବହୁତ ଚକ୍ର, ହାତ,ଗୋଡ଼ ଜ୍ୱାଳା ଶାରୀରିକ ଅବସାଦ, ସ୍ନାୟବିକ ବେଦନା ଅଜୀର୍ଣ୍ଣ, ଅବସନ୍ନତା, ନାସିକା ଓ କଣ୍ଠର ଶୀତଳତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫।୮୦ **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଶୀଘ୍ର ଆରୋଗ୍ୟ ହୁଏ । ଏକଶିଶି ୫।୯ଙ୍କା ମାତ୍ର ୫ ।୯ଙ୍କା ମାତ୍ର ।

କାର୍ଯ୍ୟାଳୟ ଔଷଧାଳୟ

ବୈଦ୍ୟରାଜ:— **ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ**

ଆଲାମଚାନ୍ଦ ବଜାର, କଟକ ।

---

ଦୁଇ ଅଙ୍କ ନାଟକରେ

ଦେଖିବା ଭଳି ବହି ।

## ସୁନା ଭଉଣୀ

ପ୍ରକାଶକ— ଶ୍ରୀ ଘନଶ୍ୟାମ ମହାପାତ୍ର

ମୂଲ୍ୟ— ୧୦୵ ଅଣା ।

ପ୍ରାପ୍ତି ସ୍ଥାନ:—କଟକ ପବ୍ଲିଶିଂ ହାଉସ୍

ନୟାସଡ଼କ—କଟକ ।

**ଭଲ ମଞ୍ଜିରୁ ଭଲଗଛ**

ପ୍ରସିଦ୍ଧ ପ୍ରତିଷ୍ଠାନରୁ ସୁପରୀକ୍ଷିତ ମଞ୍ଜି କିଣିଲେ ଠକିବାର ଆଶଙ୍କା ନାହିଁ । ମୂଲ୍ୟ ବାବଦ ଦପଇସା ସସ୍ତା । ପରୀକ୍ଷା ପ୍ରାର୍ଥନୀୟ ।

ଟଙ୍କାରୁ କମ୍ ଅର୍ଡ଼ର ଭି: ପି: ରେ ପଠାଯାଏ ନାହିଁ । ଦଶଟଙ୍କା ବା ଅଧିକ ମୂଲ୍ୟର ପାର୍ସଲରେ ଡାକମାସୁଲ ପଡ଼ିବ ନାହିଁ ।

ଏଜେନ୍ସି ନ ୬୦୪ ମହଲ

ବାଲ୍ଲିସିଡ୍ ଷ୍ଟୋର

ପୋଃ ଅଃ ବାଲି ( Bally )

ଜିଲ୍ଲା—ହାଓଡ଼ା

## ମରମ

**କବି – ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

ନବ ଯୁଗର ନବୀନ ଭାବୋଲ୍ଲାସ

ପଢ଼ିଲେ ମୁଗ୍ଧ ହେବେ

ମୂଲ୍ୟ:—୧୦୵ ଅଣା


Digitized by srujanika@gmail.com

—ଜଗର—

୬ଷ୍ଠ ବର୍ଷ
—୭ମ-ସଂଖ୍ୟା—
ଭାଦ୍ର ପ୍ରଥମାଙ୍କ
ତା ୧।୯।୪୨ ସାଲ।

# ହୁକା ହୁକା ହୁଆ

[ ବିଲୁଆ ବିଗୁର ]

—ମୂଲ୍ୟ—
ବାର୍ଷିକ—୪।୯
ପ୍ରତିସଂଖ୍ୟା—୫୦/
ବିଦେଶ ୫ ୩ ୯
ଷାଣ୍ମାସିକ ୫ ୫ ୯

ବର୍ତ୍ତମାନ ଦେଶର ସ୍ୱରାଜ୍ୟ ଯେଉଁ ଖବର ଆସୁଛି ସେଥିରୁ ଜଣାଯାଏ ଯେ ସରକାରଙ୍କ ଯୁଦ୍ଧ ଉଦ୍ୟମଟା ବେଶ୍ ସନ୍ତୋଷଜନକ। ଶତ୍ରୁ ଯଦି ଭାରତ ଆକ୍ରମଣ କରେ ତେବେ ଏ ଦେଶର ମାଟିରୁ ଲକ୍ଷ ଲକ୍ଷ ରକ୍ତବୀର୍ଯ୍ୟ ସନ୍ତାନ ସରକାରଙ୍କ ପାଇଁ ପ୍ରାଣ ଦେବାକୁ ଢଳ ଢଳ ହେବେ। ସରକାର ଏ କଥାଟା ନିଶ୍ଚୟ ବୁଝି ପାରୁଥିବେ। ଏହିଭଳି ଯୁଦ୍ଧ ଉଦ୍ୟମ ଆଉ ବେଶୀଦିନ ଚାଲିଲେ ଆମ ଚର୍ଚ୍ଚିଲ ଦାଦା ସିମଳା ପାହାଡ଼ରେ ବସି ଶଙ୍କରଭେଦ ଭଜନ ବୋଲିବେ—

ଭୁଲ ମନରେ ବୁଝ ହୋଇଲୁ କାହିଁ,
ଯେତେ ବୁଝାଇଲେ ବୁଝିଲୁ ନାହିଁ।
ଏ ମାୟା ସଂସାର କେହି ନୁହେଁ କାହାର
ତାତ ଦାର ସୁତ ଭଗିନୀ ଭ୍ରାତ।
ଭୁଲ ମନରେ— ।

\+ × +

ଏଥର ଦେଖୁଛି ବେତାର ନୂଆ ଶବ୍ଦ ନୂଆ କୀର୍ତ୍ତିମ ସୃଷ୍ଟି କରି ପକାଉଛି। ମଝି ଦେଇ ଖାଲି କଥା ଅର୍ଜ୍ଜନ କରୁଛି। ତା' ଭିତରୁ ପଞ୍ଚମ ବାହିନୀ ବା ଫିଫ୍ଥ କଲମିଷ୍ଟ ବୋଲି ଗୋଟିଏ କଥା ସମସ୍ତେ ଶୁଣିଥିବେ। ଏ ଦେଶରେ ଏ ପଞ୍ଚମ ବାହିନୀ ଉପରକୁ ଆଉ ଏକ ହାତ ବଢ଼ିଯାଇ ଆମ ଚର୍ଚ୍ଚିଲ ଏମେରି ବୋ ଏକ ଷଷ୍ଠ ବାହିନୀ ସୃଷ୍ଟି କରିଛନ୍ତି ବୋଲି ମନେହେବେ ଗୁଜବ ରଟୁଛନ୍ତି। ଏ ଧୂର୍ତ୍ତବାହିନୀ ଜାତିରେ ନାପିତ। ଜାପାନ ଜର୍ମାନିକୁ ଦୂତ ପଠାଇବା ଏ ବାହିନୀର କାମ ବୋଲି ଶୁଣାଯାଉଛି। ଜାପାନ ଜର୍ମାନୀ ଛଟେଲେ ଧ୍ୱସ୍ତ ଇଂଲଣ୍ଡରେ ଓ ନଷ୍ଟେଷିତ ଭାରତରେ ଏମାନଙ୍କର ପୁଷ୍ଟି ଜଗ ଭଳ ଭେଣ୍ଡା ବାଣ୍ଟି ଯିବ। ତେଣୁ ଏମାନେ ବର୍ତ୍ତମାନ ଭାରତରେ ଏକ ନୂଆ ନାଟକେ କାମ ସୃଷ୍ଟି କଲେଣି।

× × +

ଦେଶରେ ଜାପାନ ପକ୍ଷରେ ଯେଉଁ ମନୋଭାବ ସୃଷ୍ଟି ହେଉଛି, ଏଥିପାଇଁ ଦାୟୀ କିଏ? ଆମେରି ନା ସାର୍ ଷ୍ଟାଫୋର୍ଡ? ଚର୍ଚ୍ଚିଲ୍ ନା ତାଙ୍କ ଏକଜିକ୍ୟୁଟିଭ୍ ସଭ୍ୟ? ଗାନ୍ଧି ନା [illegible]? ପାଣି ଭିତରେ ବୁଡ଼ି ଏକାଦଶୀ ଫଳାହାର କଲେ ପାପ ହୁଏ ନାହିଁ ବା ଅଣ୍ଡି ବୁଡ଼ି ଦୁଧ ପିଇଲେ ବିଲେଇକୁ କେହି ଦେଖିପାରେ ନାହିଁ। ସରକାରଙ୍କର ଦୋଷ କିଏ ଦେବ?

\+ × +

ଏକ ରଜାପୁଅ ପାରିଧି ଗଲେ। ରଜାପୁଅଙ୍କ ହାତଟା ଏତେ ଠିକ ଯେ ସବୁ ଜନ୍ତୁଙ୍କଠି ବାଣ ଲଗିଲା କିନ୍ତୁ କେହି ଆଉ ପାଇଲେ ହେଲେ ନାହିଁ। ରଜାପୁଅଙ୍କ ଏ ବଡ଼ ଅପମାନ ହେଲା। ତାଙ୍କ ନିଶାଣ ଠିକ ହେଲେ ବି ପ୍ରମାଣ କେବା ମାନୁଛି କିଏ? ରଜାପୁଅଙ୍କ ସାଙ୍ଗ ଶିକାରୀମାନେ ଡରିଲେ। ରଜାପୁଅ ଯଦି ରାଗନ୍ତି ତ ସମସ୍ତଙ୍କ ମୁଣ୍ଡ କାଟ ହେବ। ତେଣୁ ରଜାପୁଅଙ୍କ ପେହ୍ଲଗୀମାନେ ଏକ ବୁଦ୍ଧି କଲେ। ଗୋଟିଏ ଫିଙ୍ଗା ଚଢ଼େଇକୁ ଗୋଟାଏ ଗଛରେ ବାନ୍ଧି ଦେଇ ରଜାପୁଅଙ୍କୁ ଦେଖେଇ କହିଲେ "ମହିମା! ହୁଜୁର!"

ରଜାପୁଅ ଏଥର ଫିଙ୍ଗ ଦର୍ପରେ ଗର୍ଜି ଉଠି ଏକା ଷ୍ଟ୍ରୋକରେ ପ୍ରାଣ ପକ୍ଷୀ ଫିଙ୍ଗ ଦେହରୁ ଉଡ଼ାଇ ଦେଲେ। ଧନ୍ୟ ଧନ୍ୟ ପଡ଼ିଗଲା। ଚଉ-ତାଳି ପଡ଼ି ଗଲା। ରଜାପୁଅ ହେଲେ ଶିକାରୀ।

## ମହାଦେବ ଦେଶାଇଙ୍କ ମହାପ୍ରୟାଣ।

ଗାନ୍ଧିଜୀଙ୍କର ଦକ୍ଷିଣ ହସ୍ତ ଦେଶର ଜଣେ ନିସ୍ୱାର୍ଥପର ସେବକ ଶ୍ରୀଯୁକ୍ତ ମହାଦେବ ଦେଶାଇ ଅକାଳରେ ସାମ୍ରାଜ୍ୟବାଦର ନିଗଡ଼ ମଧ୍ୟରେ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଭାରତ ଦେଶମାତୃକାର ପୁଣ୍ୟ ପୀଠରେ ଏହି ମୂଲ୍ୟବାନ ଉଦ୍ଦେଶ୍ୟରେ ଶିର ନତ କରୁଛୁ।

× × +

ଇଂରାଜ ସରକାରଙ୍କର ଅକ୍ଷଶକ୍ତି ଠାରେ ସାମୟିକ ପରାଜୟ ହୋଇଥିଲେ ମଧ୍ୟ, ଭାରତରେ ଯେଉଁ ନିରସ୍ତ୍ର ଲୋକଙ୍କର ବିଦ୍ରୋହ ହୋଇଛି ତାକୁ ଦବାଇ ଦେବାରେ ସେ ଖୁବ୍ ବୀରତ୍ୱ ଦେଖାଉଛନ୍ତି ଶୁଣି ଆମ୍ଭେମାନେ ସରକାରଙ୍କୁ ଅଭିନନ୍ଦନ ଜଣାଉଛୁ। ସରକାର ଏ ଅରାଜକତା ଦୂର ନ କଲେ ଆମ୍ଭେମାନେ ଯେତେ ମାଇକନଅଙ୍କ ଭଳି ହନସ୍ତା ହେଉଥିଲା। ମୂର୍ଖ ଲୋକଙ୍କର ଏ ଯେଉଁ କାଣ୍ଡ ଲଗିଛି, ଏ ଯଜ୍ଞ ଧ୍ୱଂସ ଲୀଳା ଦେଖିଦେଖି ଦଣ୍ଡ ଲଗାଉଛନ୍ତି ସ୍ୱରାଜ୍ୟରେ ତାକୁ ଯଦି ସରକାର ଦାବି ନ ରଖନ୍ତି ତେବେ ଆମର ଧନଜନ ଏ ସବୁ ଯେ ନଷ୍ଟ ହେଉ ଥିବ। ଯୁଦ୍ଧ ଶେଷରେ ଆଉ ସରକାରଙ୍କ ପର୍ଣ୍ଣ ରହିବ କ'ଣ? ଯେବେ ଜାପାନ ଆକ୍ରମଣ କରେ ତାକୁ ରଣକ୍ଷେତ୍ରରେ ରୋକିବାକୁ ରହିବ କିଏ?

× + +

( ଲାହୋର ଖବରରୁ ଶୁଣାଯାଏ ଯେ ଦେବେତ ଉତ୍ତରୁଡ଼ି ଗାନ୍ଧିଙ୍କ ଆଖିରୁ ଫୁଲଶର ବର୍ଷିତ ହୋଇ ମହାଦେବଙ୍କ ଦେହକୁ ଜର୍ଜ୍ଜର କରୁଥିଲା। ତେଣୁ ମହାଦେବ ଏହା ଦେଖି ଗାନ୍ଧି ଚକ୍ଷୁରୁ ଲୁହଧାର ବର୍ଷଣ କଲେ। ଫଳରେ ଫୁଲଶର ଜଳିଗଲା। ଭକ୍ତମାନେ ପ୍ରାଣ ହରାଇଲେ। ) ଏଣେ ଇଂରେଜ ସରକାରଙ୍କର ବ୍ରହ୍ମଚର୍ଯ୍ୟ ନଷ୍ଟ ହେବାର ଭୟ ମଧ୍ୟ ରହିଯାଇଛି।

\+ + +

କଂଗ୍ରେସ ନେତାମାନଙ୍କୁ ବନ୍ଦୀ କରିବା ଫଳରେ ଯେଉଁ କାଣ୍ଡ ଘଟୁଛି ସେ ସମ୍ବନ୍ଧରେ ଏହା କହିଲେ ରାଜଦଣ୍ଡରେ ଦଣ୍ଡିତ ହେବାକୁ ହେବ। ତେଣୁ ଆମେ ଅଧିକ କିଛି କହୁଁ ନାହିଁ। କଂଗ୍ରେସ ହରତାଳ କରିବୁ ନାହିଁ କିନ୍ତୁ କଂଗ୍ରେସ ନଂଗା ବୋଲି କହିବା କ'ଣ ପାପ? ଗାନ୍ଧି ବୋଲି କହିଲେ ବି ଦୋଷ, ଜଗା ବୋଲି କହିଲେ ବି ଦୋଷ। ଏଥିରୁ ଆଉ ସ୍ୱରାଜ କଣ।

\+ + +

ଏମିତି କାହାଣୀ ଯୋଗୁ ଭାରତରେ ବନ୍ଧୁତ ଜାତ୍ୟବାଦ ବାଦନ ସପା ବନ୍ଦ କରି ଦେଲେ। ସରକାର ତ ଧରି ନେବେ ତ ଦ୍ୱନ୍ଦ୍ୱି, ସରକାର … ପକ୍ଷର କାହାଣୀ ଯୋଗୁ ଯାହାକୁ … ମାନେ ବାହାର କରୁଥିଲେ ସେଥିରେ ସରକାରଙ୍କ ଇଜ୍ଜତଟା ଅନ୍ତତଃ ରହିଥିଲା। ଏବେ ସରକାରଙ୍କ ବାହାର ଉପର ସବୁ ନଷ୍ଟ। କିନ୍ତୁ କେହି … ମାନିବ ଅଭ୍ୟାସରେ କହୁଛନ୍ତି—

…—ଘୋଡ଼ା ଦଉଡ଼ ହୁଅ।

× + ×

ସାର ଷ୍ଟାଫୋର୍ଡ କ୍ରିପ୍ସଙ୍କ ସମସ୍ତେ ଚିହ୍ନି ଥିବେ। ସେ ଜଣେ ସାମ୍ୟବାଦୀ—ରୁଷିଆ ଦେଶର ସାମ୍ୟବାଦ ଦଳ। ଏବେ ଯୁଦ୍ଧ କାଳରେ

( ଅବଶିଷ୍ଟ ପ୍ରଥମ ପତ୍ରରେ ପାଇବେ। )

Digitized by srujanika@gmail.com

ଛୋଟିଏ କହୁଁ

# ଜଡ଼ପିଣ୍ଡ

ଲେଖକ—

[ କାହାଣୀ ]

ରାଧା-କୃଷ୍ଣଙ୍କର ଅମର ପ୍ରେମକୁ କେନ୍ଦ୍ର କରି ସୃଜିତ ସ୍ୱର୍ଣ୍ଣ-ମୃଗ ନୀଳ ଗଗନରେ ଅଙ୍କିତ ହେଲା । କେଉଁ ଦୂର ପାହାଡ଼ର କୋଣରୁ ବଂଶୀର ସ୍ୱରଟି ମୂର୍ଚ୍ଛନାଟିଏ ଭାସିଆସି ମୋର ପ୍ରତି ଶିରା ପ୍ରଶିରାରେ ନୂତନ ଲହରୀ ଅନାସ୍ୱାଦିତ ମାଦକତା ଭରପୂର କରିଦେଲା । ମୁଁ ପାଷାଣର ଜଡ଼ ଅଧରରେ ଗୋଲାପର ସ୍ୱପ୍ନ ଦେଖିଲି । ତାର ପଥର ତନୁରେ ପ୍ରିୟା ତନୁର ଉଷ୍ଣତା କଳ୍ପନା କଲି... ତାର ପଥରୁଆ ଆଖି ଯୋଡ଼ିକରେ ମାନସିକ ନୀରବ ଭାଷା ସୃଷ୍ଟି କଲି ... ଆନନ୍ଦରେ ଗଦ୍‌ଗଦ ହୋଇ ଉଠିଲି... ଗଳାଟା ମୋର ଉଚ୍ଛୁଳି ଉଠିଲା... ମନଟା ମୋର ଦୁନିଆର ପରିସର ଠାରୁ ଦୂରରେ ଗଲା... ଦେହଟା ମୋର ଫୁଲି ଫୁଲି ଉଠିଲା ... ଦୀର୍ଘଶ୍ୱାସର ଗରମ ଝଞ୍ଜା ବସନ୍ତର ସ୍ନେହ ମଳୟ ବହନ କରି ଆଣିଲା... ତାପରେ ଝଣ ହେଲା ଝଟଣକି... ଶୁଣିଲି କାନର କଅଁଳ ପରଦା ମୋର କମ୍ପି ଉଠିଲା... ମୁଁ ପାଗଳ... ଉନ୍ମତ୍ତ ନୁହେଁ... ପା—ଗ—ଳ— ।

ନିଜକୁ ନିଜେ ପଚାରିଲି...ପାଗଳ ? ନା, ମୁଁ ତ ପାଗଳ ନୁହେଁ । ପାଗଳ ହେବି କାହିଁକି ? ପାଷାଣକୁ ପୂଜା କରିବାଟା କଣ ପାଗଳାମି ? ଜଣକୁ ଭଲ ପାଇବାଟା କଣ ପାଗଳାମି ? ଜଣକ ହୃଦୟରେ ନିଜର ଛବି ଦେଖିବାଟା କଣ ପାଗଳାମି ? ତେବେ ପାଷାଣ ଆଜି ଦେବତା କାହିଁକି ? ତାକୁ ଲୋକ ଭଲ ପାଏ କାହିଁକି ? ତାକୁ ନେଇ ଏତେ କାହିଁକି ? ମନଟା ବାରମ୍ବାର ହୋଇ ଉଠିଲା—ସୃଷ୍ଟି ହେଲା ପା—ଗ—ଳ !! ଆଖି ଦୁଇଟି ଆକାଶ ଆଡ଼କୁ ଅନେଇଲି । ଚନ୍ଦ୍ର ଉପରେ ଛୋଟ ବଡ଼ ମେଘ ଖଣ୍ଡ ହାଣି ହୋଇ ଯାଉଥାଏ, ମଝିରେ ଜୋଛନା ଦୁନିଆଟାକୁ ଘେରି ବସିଥାଏ— କେବେ ବେଳରେ ତାରାଟିଏ ମିଟି ମିଟି କରୁଥାଏ...ଚନ୍ଦ୍ରକିରଣ ଅନ୍ଧାରକୁ ଦୃଷ୍ଟି ଦେଉଥାଏ... ଆସିଲି...ଆଖି ଆଗରେ ଅନ୍ଧାରୁଆ ଗଛ ମୂଳରେ ମୋର ନଜର ଆଖି ଦୁ'ଟା କଣ ଖୋଜିବାରେ ଲାଗିପଡ଼ିଲା...ଗାଢ଼ ଅନ୍ଧକାର ଭିତରେ ଧନ୍ଦି ହୋଇ ...ହଠାତ୍ ଆଖି ଯୋଡ଼ିକ ଥମକି ଠିଆ ହେଲା...ସେଇ ଅନ୍ଧକାର ତଳେ ଦେଖିଲି ଗୋଟାଏ ଛବି—ଜଣେ ନାରୀର କମନୀୟ ମୂର୍ତ୍ତି । ମନଟା ମୋର ଉନ୍ମୁଖ ହୋଇ ଉଠିଲା...ପ୍ରିୟାର ?

ନା—ନା—ପ୍ରିୟା ଯେ ମରିଛି । ସେ ପୁଣି ମୋ ପାଖରେ ଅବିକଳ ପାଷାଣ ହୋଇ ପରା । ସେ କେମିତି ଆସିବ ! ତଥାପି—ତଥାପି ଛାତିଟା ମୋର ଓସାରିଆ ହୋଇ ପାରିଲା ନା । ମଥାଟା ଥିର ହୋଇ ପାରିଲା ନା—ଆସିବ ନାହିଁ କେମିତି ? ମୁଁ ପରା ତାକୁ ସୋହାଗିନୀ କରିବ ବୋଲି ଭାବୁଛି । ସୋହାଗିନୀ ମୋର ସ୍ତ୍ରୀ ହୋଇ ପାରିବ । ତାରିପାଇଁ ତ ମୋର ମନ୍ଦିରେ ପ୍ରବାଣ ପାଇବ । ତାଙ୍କପାଇଁ ତ ମୁଁ ଆଜି 'ପାଗଳ' ଭାବ ଶୁଣୁଛି – ଆଜି ଜଡ଼ ହୋଇ ଯାଉଛି...ପୂଜକ ହେଉଛି...ସାଧକ ହେଉଛି...ପ୍ରିୟା ଆସିଥିବ ନିଶ୍ଚୟ...ମୁଁ ଆଜି ନିଶ୍ଚୟ ଏଇ ମର୍ତ୍ତ୍ୟରେ ସ୍ୱର୍ଗ ତିଆରି କରିବି । ନିଶ୍ଚୟ ପ୍ରିୟାକୁ ବକ୍ଷତଳେ ଚାପି ରଖି କହିବି—ତମେ ମୋର ସବୁ—ତମେ ତମେ ମୋର 'ରାଣୀ' । ତା'ପରେ କ'ଣ କହିବ ? କ'ଣ କହିବ ?? କହିତ କହି ପାରିବ ନାହିଁ । କହି ବି କହିବ ନାହିଁ । କେବଳ ତାର ନରମ ଓଠ ତଳେ ଆଖି ରଖି ଯୁଗର ଶେଷ ପର୍ଯ୍ୟନ୍ତ ନିରୀକ୍ଷଣ କରିବ । ସୋହାଗିନୀ ତାର ଲଜ୍ଜା ତଳେ ଲୋଟିପଡ଼ି ତାକୁ ନିଜ ସହିତ ମୋହିଏ କରିଦେବ । ତାକୁ ବି କହିବ ସେ ମୋତେ କିମିତି ତାର କରିନେଇ । ତାର 'ରାଜା' ବୋଲି ତାକୁ ମୋର ପ୍ରେମର ଫଲ୍ଗୁଧାରା ବୁହାଇ ଦେଇ । ନିଶ୍ଚୟ ମୋର ପ୍ରିୟା ସେଇ ଗଛ ତଳେ ଠିଆ ହୋଇଛି ମୋ ପାଇଁ । ଏକୁଟିଆ ଆଜି ଏଇ ପୂନେଇର ମଝିରେ ସ୍ପନ୍ଦନରେ...

ଧୀରେ ଧୀରେ ବଡ଼ ମୋଡି ଉଠିଲି । ସେଇ ଗଛ ପାଖକୁ କେମିତି ଗଲି ଜାଣେନା । କନ୍ତୁ ଯାଇ ପହଞ୍ଚିଲି—ଦେଖିଲି ଗୋଟାଏ ପାଷାଣୀ—ଅବିକଳ ମୋର ପରିଚିତା—ମୋର ପ୍ରିୟା...ପଥର-ତଥାପି ପୁଣି ମଣିଷର ଉଷ୍ଣତା ପାଇଲା କେମିତି ? ସେ: ମୋତେ ଚିରଦିନ ପାଇଁ ପଥର ଦାନ୍ତ ସେ ପୁଣି ମୋ ଉଦ୍ଦେଶ୍ୟରେ ପଦାକୁ ଗୋଡ଼ କାଢ଼ିଲା କେମିତି ?- ସତେ କଣ ପ୍ରିୟା ମୋର ମୋତେ ତାର ପ୍ରିୟ ବୋଲି କରିନେବାକୁ ଏଇ ଗୋପନ ମନ୍ଦିରକୁ ଆସିଛି ଏଇ ଅଧ-ନିଶା ରାତି ତଳକୁ ଦଉଡ଼ି ଆସିଛି । ମୋର ଅଯୋଗ୍ୟତାକୁ ଦୁର୍ବଳ ଯୋଗ୍ୟତାରେ ଦାନ କରିଛି । ଚିରନାରୀର ଚିରନ୍ତନରେ ମିଳନ ଆକାଂକ୍ଷା ପଣତ କାନରେ ବାନ୍ଧି ଆସିଛି । ମଥାର ସିନ୍ଦୂର ଆଲୁଅରେ ମୋର ଘର ଦେଖି ପାରୁଛି । ହାତର ଶଙ୍ଖାରେ ମୋର ଅପୂର୍ବ କଥା କଳ୍ପନା କରିପାରୁଛି । ମୁହୂର୍ତ୍ତକ ପାଇଁ ମୁଁ ସବୁ ଭୁଲି ଗଲି...ଭବଚାର କରାମତି ଦୂରେଇ ବସିଲି । ଜଡ଼ ଦେହଟା ମୋର ଥରି ଉଠିଲା...ଉନ୍ମାଦଗ୍ରସ୍ତ ହେଲି । × ×

ପଟାଏ ହେଲେ କଥା ପ୍ରିୟାକୁ କହି ପାରିଲି ନାହିଁ... ତାକୁ ଅନେଇ ରହିଲି । ତାର କୋମଳତାର ଲଜ୍ଜାନ୍ୱିତ ଭଙ୍ଗୀ ମୋର ସମସ୍ତ ଜଡ଼ତାକୁ ପ୍ରାଣଦାନ କଲା । ସେ କିମିତି ଠିଆ ହୋଇଥାଏ...ନିଶ୍ଚଳ ନିଷ୍ପନ୍ଦ । ଅନ୍ଧାରରେ ଦେଖିଲି ସେ ମୋ ଆଡ଼କୁ ଏକ ଲୟରେ ଅନେଇଛି । ଓଠ ଦିଓଟି ତାର ଥରଥର ପ୍ରେମର ଅବ୍ୟକ୍ତ ବାଣୀର ନିଦର୍ଶନ...ଆଖି ଯୋଡ଼ିକ ତାର ଠିକ୍ ମୋ ଆଖି ଉପରେ ନିବଦ୍ଧ । ତା' ଓଠ ଯୋଡ଼ିକ ଗୋଲାପର କଅଁଳ ପାଖୁଡ଼ା ପରି ଥରି ଉଠିଲା...ତାର ବକ୍ଷ ଉପରେ ଟେଳା ଶାଢ଼ୀ ତଳକୁ ଓହ୍ଲାଇ ପଡ଼ିଲା । ପ୍ରିୟାର ଛବି ସାରା ବ୍ରହ୍ମାଣ୍ଡକୁ ଗ୍ରାସ କରିଗଲା । ହାବଭାବର ଛବି ତାର ଅନ୍ତରାଳରେ ଛପିଗଲା । ମୁଁ କେଉଁଠି ଠାବ ପାଇଲି ନାହିଁ କେତେ ଠିଆ ହେବି...ତାର ଉଲଗ୍ନ ମୂର୍ତ୍ତି ହୃଦୟରେ ମିଶିଯିବା ପାଇଁ ଦଉଡ଼ିଗଲି । ତାର ଉନ୍ମୁକ୍ତ ବାହୁଯୋଡ଼ା ତଳେ ଶରଣ ପଶିବ ବୋଲି କେବଳ ହୋଇ ପଡ଼ିଲି...ତାର ଅଧର ସୁଧା ମୋର ଅଧର ପିପାସା ମେଣ୍ଟାଇବା ପାଇଁ ଡାକି ଉଠିଲା । ମୁଁ ଦଉଡ଼ିଲି...ଶିଥିଳ ବାହୁ ମୋର ପ୍ରିୟାକୁ ବେଷ୍ଟନୀବଦ୍ଧ କରିବା ପାଇଁ କମ୍ପି ଉଠିଲା...ବକ୍ଷ ପୁରୁ ହାଣୁଆ ହୋଇ ଉଠିଲା । ଉଲଗ୍ନ ପ୍ରିୟାକୁ ସୋହାଗିନୀ ଛାତିରେ ଭିଡ଼ି ଧରିଲି...ମୋର ଦେହରେ ତା ଦେହ ସୋହାଗିନୀ ମିଶିଗଲା । ତାର ଉଷ୍ଣତା ଅନୁଭବ କଲି । ପାଷାଣର ଜଡ଼ ଦେହରେ ପ୍ରିୟାର ମୂର୍ତ୍ତି ସୃଷ୍ଟି କରିଥିଲି...ତାକୁ ପୂଜା କରୁଥିଲି...ଆଜି ଆଜି ମୋର ସାଧନା ସିଦ୍ଧ ହେଲା ।

ଆନନ୍ଦରେ ଆତ୍ମହରା ହୋଇ ଉଠିଲି । ପ୍ରିୟାକୁ ଭଲ ପାଇଥିଲି ବୋଲି ତାକୁ ସୋହାଗିନୀ କରି ଦେହରେ ମିଶାଇ ନେଇ ପାରିଲି । କାହିଁକି ଏହା କଲି ? ପଥରକୁ ପୂଜା କାହିଁକି କଲି ? ସାଧନା ମୋର କେମିତି ବା ସିଦ୍ଧ ହେଲା ? କହି ବୁଝିଲି ନାହିଁ କେବଳ ଏତିକି ଜାଣିଲି ପ୍ରିୟା ମୋତେ ଭଲପାଏ

( ସପ୍ତମ ପୃଷ୍ଠା ଶେଷ ସ୍ତମ୍ଭ ଦେଖନ୍ତୁ )

Digitized by srujanika@gmail.com

ବିଲେଇ ହାତରେ

# ଆକୁଳି ମାଷ୍ଟରଙ୍କ ବରଷାତି

[ ମଜାକଥା ]

ଆକୁଳି ମାଷ୍ଟରଙ୍କର ଗର୍ବ ଯେ ସେ ଜଣେ ଭଲ ସ୍ୱାସ୍ଥ୍ୟବାନ, ବଳବାନ, ବୀର୍ଯ୍ୟବାନ ବ୍ୟକ୍ତି । ଆଜିକାଲିକାର ଇଂରେଜି ପଢ଼ା ଲୋକଙ୍କ ଆଗରେ ସେ ନିଜର ଉଦାହରଣ ଦେଖାଇ କହନ୍ତି—ସ୍ୱାସ୍ଥ୍ୟ ହରାଇବାଟା ଇଂରେଜି ସ୍କୁଲ କଲେଜର ଦୋଷ ବୋଲି ଯେ କୁହାଯାଏ, ସେଟା ବିଲକୁଲ ଭୁଲ । ଏଇ ଆମେ ତ ପୁଣି ଇସ୍କୁଲ କଲେଜରେ ପଢ଼ି ପଢ଼େଇ ଦେହଟା ମାଟିଲୁ—ଆମକୁ କଣ ଦେଖୁଛ ?"

ଏ କଥା କହିଲା ସାଙ୍ଗେ ସାଙ୍ଗେ ତାଙ୍କ ଛାତିର ମସଲ ଫୁଲି ଉଠେ ଆଉ ହାତ ମୁଠା ହୋଇଯାଏ ।

କ୍ଲାସରେ ପଢ଼ାଇବା ବେଳେ ମଝିରେ ମଝିରେ ତାଙ୍କର ସ୍ୱାସ୍ଥ୍ୟ କଥା ମନେ ପଡ଼ିଗଲେ ସେ ବହି ଥୋଇ ଦେଇ health culture ବିଷୟରେ ଗୁରୁପଦ ନ କହି ଛାଡ଼ନ୍ତି ନାହିଁ । ଏଇଟା ତାଙ୍କର ଅଭ୍ୟାସ ପଡ଼ିଯାଇଛି । ତାଙ୍କ ଛାତି ଫୁଲା, ହାତମୁଠା ଓ ମସ୍‌ଲ ଦେଖି ଦେଖି ପିଲେ ହଇରାଣ ହେଇଗଲେଣି ।

ସେ କହନ୍ତି, "Boys, ପାଠ କଣ ପଢ଼ୁଛ—ଆଗେ ସ୍ୱାସ୍ଥ୍ୟକୁ ଯତ୍ନ କର । ଶରୀର ମାଦ୍ୟଂ.... । Exercise କର, ବଳ ବଢ଼ାଅ । ବଳ ଥିଲେ ସବୁ ଅଛି, ସାହସ, ଦମ୍ଭ, ପରିଶ୍ରମ, ଚରିତ୍ର, ଜ୍ଞାନ, ବିଦ୍ୟା, ଧର୍ମ ସବୁ ଏଇ ସ୍ୱାସ୍ଥ୍ୟ ଠାରୁ ଆସେ" ଇତ୍ୟାଦି ।

ଏ ବୁଢ଼ା ବୟସରେ ମଧ୍ୟ ରୋଜ ପାହାନ୍ତି ଉଠି ସକାଳେ ସଣ୍ଡେଜ୍ଜ ଦଣ୍ଡ, ବୈଠକ ନ କରି ପାଣି ପିଅନ୍ତି ନାହିଁ । 'Keep fit' ତାଙ୍କର ମୂଳ ମନ୍ତ୍ର ।

କ୍ଲାସରେ ଯଦି କୌଣସି ପିଲା ପାଠ କହି ନ ପାରିଲା, ସାଙ୍ଗେ ସାଙ୍ଗେ ମାଷ୍ଟର ତାକୁ କହିବେ—ଆଉ ତୁ ଏକ୍‌ସରସାଇଜ୍ କରୁନାହୁଁ । ଯଦି କେହି ଚୋରେଇଲା, ତାକୁ କହିବେ—ତୁ ଏକ୍‌ସରସାଇଜ ଛାଡ଼ିଲୁଣି । ଯେବେ କେହି କିଛି କଲା ବା ଦୁଷ୍ଟାମି କଲା, ତାର ବି କାରଣ ଏକ୍‌ସରସାଇଜରେ ଶୈଥିଲ୍ୟ । ବ୍ୟାୟାମ ହୀନତା ସବୁ ଅନର୍ଥର ମୂଳ ବୋଲି ଆକୁଳି ମାଷ୍ଟରଙ୍କ ଦୃଢ଼ମତ ।

ଯୁଦ୍ଧ ଉଦ୍ୟମ ଭିତରେ ସବୁ ସହରରେ ଏ, ଆର, ପି, କାମ ଲାଗିଗଲା । ଶିକ୍ଷକବର୍ଗର କେତେ ବୟସ ହୋଇଥିବା ଲୋକଙ୍କୁ ଉହିଁରେ ପଶିବାପାଇଁ କେହି ନେଉତିଲେ ନାହିଁ । ତାହା ଦେଖି ମାଷ୍ଟରଙ୍କ ମନ ଭାରି ଅସନ୍ତୋଷ । କହିବୁଲନ୍ତି ଆଉ ଏହି ମଲା ଲୋକଗୁଡ଼ାକ ଏ, ଆ, ପି, କାମ କରିବେ ! ସେମାନଙ୍କର stamina କାହିଁ ? ଛ୍ୟା—ଛ୍ୟା ।

କଥାଟା ସ୍କୁଲଅଡ଼େ ପର୍ଯ୍ୟନ୍ତ ରାଷ୍ଟ୍ର ହେଲା, ଉପରେ ଏ, ଆର, ପି ର ମାଲିକ ମାଷ୍ଟରଙ୍କୁ ଡାକି କହିଲେ—"ତୁମକୁ ଏ, ଆର, ପି, ରେ ନିଆଗଲା, ସ୍ପେସିଏଲ କେସ୍ ରୂପେ, କାରଣ ଯଦିଓ ତୁମର over age ହେଲାଣି, କେବଳ ତୁମ ability, agility—ଆଉ—ଆଉ !"

ମାଷ୍ଟର ସାହେବ ବାଧା ଦେଇ କହିଲେ—Acidity ! ମାତ୍ର ସେକଥା ସେ ଏତେ କମେଇ ଛଡ଼ା ପରଅଡ଼େ ଅଣ୍ଡା ନେଲାଣି ।

"ଯେତେ ହେଉ, acidity ବଦଳରେ ଆପଣଙ୍କର acidity ବଢ଼ିଛି ବୋଲି ଧରିଯାଉ—କଣ କହୁଛ ?"

ମାଷ୍ଟରେ ତତ୍‌କ୍ଷଣାତ 'ହଁ' ଭରିଦେଲେ ; କାରଣ ତାଙ୍କ activity ର ପ୍ରମାଣ ଦେଖାଇବାର ଏପରି ସୁବିଧା ସହଜରେ ମିଳେ କେଉଁଠି ?

ସେଦିନ ମାଷ୍ଟର ସାହେବଙ୍କୁ ୧୨ ଓ୍ୱାର୍ଡ଼ର ପଦ ଦିଆଗଲା । ମାଷ୍ଟ ସାହେବ ବି ଭାରି ଜୋରରେ କାମରେ ଲାଗିଗଲେ । ଏଠି ଅଗଣାର ବେଳିକି ଲୁଚିକି କାମର ସୀମା ନାହିଁ, ଯାହାରେ ହିସାବ ଅଛି, ଘାସ ଚୋରୁ ଅଛନ୍ତି, ତାହା ବଣିଗ୍ ଅଛି, ଦୁଇ ଦିନ ଅଛନ୍ତି· ପରନ୍ତୁ ଘରେ ଘରେ acidity ର ପୋଲ ମାଳ ହେଉ ନେଇ ଘୋର ଉତ୍ପାତ ତାହାର ଅଶ୍ରୁଳାଅଣ୍ଡା ବାମ ରହିଛି, । ତାପରେ—ଛଡ଼ ।

ମାଷ୍ଟର ମନ ମୂନ ଏକ ଏକାଠି କରି ଦୃଢ଼ କାମରେ ଲାଗିଲେ । ଅଭ ସବୁ କାମର ସବୁଦିନେ ଲାଗିଛି, ଲାଗୁଛି, ଲାଗିଥିବ । ଏଥର ଗୋଟିଏ ଧାରେ ଶତ କାମ ମିଳିବା ସହଜ ନୁହେଁ ।

ଦେଶରକ୍ଷା, ସହର ରକ୍ଷା, ହଜାର ହଜାର ଶିଶୁ, ନାରୀ, ବୃଦ୍ଧ, ଯୁବାର ଧନ, ମାନ, ପ୍ରାଣ ରକ୍ଷାର ଭାର ତାଙ୍କରି ଉପରେ । ଗଫଲତି ହେଲେ ହାକିମଙ୍କ ଆଗରେ ଦେଖ ତା ନ ଦେଲେ, ହାକିମଙ୍କ ଆଗରେ ତାଙ୍କୁହିଁ ଜବାବ ଦେବାକୁ ପଡ଼ିବ । ସେ ସେଥିପାଇଁ ଦାୟୀ ।

କର୍ତ୍ତବ୍ୟ—ଜ୍ୱଳନ୍ତ, ଜଳନ୍ତ କର୍ତ୍ତବ୍ୟ । କଠୋର, ନିର୍ମମ, ନିର୍ଭୁଲ କର୍ତ୍ତବ୍ୟ । କର୍ତ୍ତବ୍ୟନିଷ୍ଠ ମାଷ୍ଟର ସାହେବ ତାଙ୍କ ସବୁ କର୍ତ୍ତବ୍ୟକୁ ପଛକୁ ପକାଇ ଏହି ଅଭିନବ ଓ ସମ୍ମାନ କର୍ତ୍ତବ୍ୟକୁ ଉପରେ ଟେକି ଲାଇଟ କରି ଧରି ରଖିବାକୁ ଲାଗିଲେ । ଶୟନେ, ସପନେ ଜାଗରଣେ,—ଘରେ, ବାହାରେ ଶୟନେ ଭୋଜନେ, ପାଇଖାନାରେ ସୁଦ୍ଧା କେବଳ ସେହି ଏକ ଚିନ୍ତା—ଏ, ଆର, ପି, ।

ଶ୍ରାବଣ ମାସ । ସକାଳୁ ଦିନେ ବର୍ଷା ଆରମ୍ଭ ହେଲା । ମାଷ୍ଟରଙ୍କ ମନେ ପଡ଼ିଲା ତାଙ୍କ ବରଷାତି କଥା । ଦୁଇବର୍ଷ ହେଲା ମୂଲ୍ୟ ଟଙ୍କା ଦେଇ ବର-ଷାତିଟା କିଣିଲେଣି, ମାତ୍ର ଏତେବର ଦିନେ ତାକୁ ଦେହରେ ଦେବାର ସୁବିଧା ମିଳିଲା ନାହିଁ । ଆଉ କିମିତିବା ପାଇ ହେଉଥିଲା ଯେ ନିଶ୍ଚୟ ବରଷାତି ପୋଟଳିଆ ହୋଇ ସମସ୍ତଙ୍କୁ ସେ ଝରଝରଟା ଦେଖାଇ ଦେଇ ଥାଆନ୍ତେ । ଏବା ଦଶାଦଶ ରବି-ବାରଟା' ସବୁ ମାଟିକଲା । ତ ଅବାଲ କଥା । ରବିବାର, ଅର୍ଥାତ ସୂର୍ଯ୍ୟଙ୍କ ବାର, ଏଥିରେ ଟିକା ନ ହୋଇ ବର୍ଷା ହେଉଛି । ଏ ଏବା କିମିତି ତାଙ୍କର ଉପରେ ଅବଜ୍ଞା ସାଧିବା ପାଇଁ ଭଗବାନଙ୍କର ଘୋଟାଏ ଅବାରିତ ପଦ !

ମନମରା ହୋଇ ମାଷ୍ଟରେ ରହିଲେ ଘରେ । ସେଦିନ ମନଟା ବି ଭଲ ନ ଥାଏ । ସାଧାରଣ ବୋଧହୁଏ ଘଟେ ବର୍ଷା ମଧ୍ୟ ସେହି ଦୁର୍ବଳତା ମନକୁ ଟିକା ବଢ଼ି ଦେଉଥାଏ । ଏକାବେଳେ ପୋଷାକ ଅଧ୍ୟା ଶେଷ ହୋଇଗଲା ମାତ୍ର ତା ଭିତରେ ସେଦିନ ମନ ପଶିଲା ନାହିଁ । ଖାଇବାବେଳେ ଜଣାଗଲା ଡାଲି ଶାଗ ସବୁ ଫିକା । ଘରଣୀଙ୍କ ଉପରେ

Digitized by srujanika@gmail.com

ବନ୍ଦେ ରାଗିଲେ। ଗାଇବାଟା ବ ଭଲ ହେଲ-ନାହିଁ। ହେଲେହେଲେ ତଡ଼ ଅତି ଦୋଷିଅଗିଲ ନ ନାହିଁ ଟୋଟାଏ ଭଡ଼ଭଡ଼, ଧଡ଼ଧଡ଼ ହେ ଶୁଭିଲା। ମାଷ୍ଟରେ ଚିହ୍ନି ପଡ ବୋବାଇ ଉଠିଲେ—ଏରୋ-ପ୍ଲେନ !

ସେତେବେଳେ ଅନ୍ଧାରରେ ଆଉ ଉଡନ୍ତ ଗର୍ଜ୍ଜି ଏରୋପ୍ଲେନ ଗଲେ ଉଡ଼ି। ମାଷ୍ଟରଙ୍କ ମନରେ ପଡ଼ି-ଗଲା ଏ ଯଦି ଏଇସବୁଙ୍କ ଘରେ ଛୁଏ ଏରୋ-ପ୍ଲେନ ହୋଇଥାଏ—ତେବେ ? ତାଙ୍କ ମଗଜ ଭିତରେ ବଡ଼ ଜୋରରେ ଉଦ୍‌ଘର୍ଷି ଉଠିଲା ସେଇଟା ଅକ୍ଷର—A. R. P. ତା ସାଙ୍ଗେ ସାଙ୍ଗେ ଭୁଲ ମନରେ ଆସିଲେଣ ବାତ ଉଠିଲା—ଓଁ... ।

ମାଷ୍ଟର ଧଡ଼ପଡ଼ ହୋଇ ଉଠି ମିଲିଟାରି କାଇଦା-ରେ ଛିଡ଼ାହୋଇ ପଡ଼ିଲେ। ତାଙ୍କର ପଡ଼ିବା ଉଚିତ। ମିଲିଟାରି କାମର ଅଦ୍ଭୁତ ହେଉଛି emergency ବେଳେ alacrity ଆଉ promp-titude: ଡୋଲାଚଳର ଚିନ୍ତାର ବେଳ ନାହିଁ। କାହାରିକୁ କଥା କହିବାର ଫୁରସତ ନାହିଁ। ସେ ଏକ ନିଆଁରେ helmet ଟୋପିଟା ମୁଣ୍ଡରେ ଗଳେଇ ଦେଇ ବାହାରି ପଡ଼ିଲେ। ଦ୍ଵାର ମଝିରେ ଦର ଏ; ଅଇ, ଓଁ ଅନ୍ଧାରରେ ଯାଉ ଦାଉଧ। ସେଠି ଯାଉ ଦେଖନ୍ତି କେହି ଉଦ୍‌ବେଗ ନାହିଁ, ବ୍ୟସ୍ତତା ନାହିଁ। ସମସ୍ତେ ବେଶ ଆରାମରେ ଅପଣା ଅପଣା ଜାଗାରେ ବସିଛନ୍ତି।

ମାଷ୍ଟରଙ୍କୁ ଝଡ଼ିକା ବେଗରେ ଆସିବାର ଦେଖି ସମସ୍ତେ ଚମକି ପଡ଼ିଲେ। ମାଷ୍ଟର ବେଦମ ହୋଇ ପଚାରିଲେ—danger signal ଦିଆ ହେଉଛି ?

ଜଗନ୍ନାଥ ମାଷ୍ଟରଙ୍କ ପୁରୁଣା ଛାତ୍ର। ଚେୟାରରୁ ଉଠିପଡ଼ି ହେଉ କୋନ ପଚାରିଲେ,—କ ସିଗ୍‌ନେଲ ସାର ?

ମାଷ୍ଟରଙ୍କର ହୁସ ଫେରିଲା। ସେ ବୁଝି ପାରିଲେ ନିଜର ଭୁଲଟା ଏତେବେଳେ। ମନେ ମନେ କହିଲେ, "nervous excitement !" କଥାଟା-କୁ ଢାଙ୍କିଦେଇ ଉତ୍ତର ଦେଲେ, "ନାଇଁ, ମୁଁ କହୁଥିଲି, ଏ...ଏ... ଏଇମାନେ—ମାନେ—ଯଦି—(ହଠାତ୍ ବାଟ ମିଳିଗଲା) ଦେଖୁନା, ଅନ୍ଧାର ଘୋର ବର୍ଷା ! ଏଥିରେ ନଈବଢ଼ି ଆସିବା ଖୁବ ସମ୍ଭବ; ମାନେ high flood—ଏହିଭଳି situa-tion ଟା ଭାରି ଭୟଙ୍କର—so much expos-ed to danger—ତାର କଣ precaution ନିଆ ହେଉଛି ?

"ଆମେ ଶିକ୍ଷକର ସାର—ସେଇଟା P. W. D. ର କାମ।

"ଯାଃ, ସେଇ old ideas—ଆରେ broad outlook, broad—vision ଦେ ଦେଖ—ଦେଖିବ ସବୁ ଏକ। ଏଠିଇ ତ ଦରକାର co-ordination—co-laboration—co-operation ? A. R. P. ମାନେ କଣ ବୁଝିଛ ?

"Air Raid Precaution ତଡ଼ା ସାର୍ ?"

"ସେତିକି ଖାଲି ଜାଣିଲେ ଚଳିବ ? ଏ, ଆର, ପି, ର broad ମାନେ ହେଉଛି All round—ଚୌଦିଗ precaution ଲୋଡ଼ା, preservation ଲୋଡ଼ା preparation ଲୋଡ଼ା ବା premonition ଲୋଡ଼ା—ସେ ଏକା କଥା, ବୁଝିଲ। ଯାହାଦେଇ ଆମର ସବୁ ଦେଶଟାକୁ ଦରକାର। Safety first—safety to life and property: କେବଳ emergency ନିମିତ୍ତ ଦେଶର ଆମର ସବୁଅଛି ଅଧିକାରେ। ସବୁ ଆମର ଉପରେ depend କରୁଛି। ବୁଝିଲ ?

ମାଷ୍ଟରଙ୍କର ସବୁ କଥା ଶେଷରେ ଗୋଟାଏ "ବୁଝିଲ" କହିବା ଯେପରି ମୁଦ୍ରା ଦୋଷ, ଛାତ୍ରଙ୍କର ବି automatically "ହଁ ସାର୍" କହିବା ସେହିପରି ଅଭ୍ୟାସଗତ।

"ଅଚ୍ଛା ତେବେ, ମୁଁ ଯାଉଛି, ନଈ ବନ୍ଧର ଅବସ୍ଥାଟା ଥରେ ଦେଖିଆସେ ?"

ଏଇକି କହି ମାଷ୍ଟର ବାହାରିଲେ। ଜଗନ୍ନାଥ କହିଲେ, "ସାର୍ ବର୍ଷାଟା ପୁଣି ପଡ଼ିଲାଣି ହୋଇଲେ।"

ମାଷ୍ଟରଙ୍କର ବର୍ଷାର କଥା ମନେ ପଡ଼ିଗଲା। ତାହା ଛାଡ଼ି ଦେଲେ ଆଉ ମିଛିବା ମଦ୍ଦ ନ ହେବ। ସେ ଜୋରରେ କହିଲେ, "ଏସବୁ କାମରେ ବର୍ଷାକୁ ଡରିଲେ ଚଳିବ ? ତମେମାନେ young men ? ସବୁ ଅକର୍ମା—।"

ଏତିକି କହି ମାଷ୍ଟର ଯାନ୍ତ୍ରିକ ଅଫିସ ଚପରାଶି-କୁ ଡାକି କହିଲେ, "ତୁ ଜଲଦି ଯାଆ ତ, ଆମ ଘରୁ ଛତାଟା ନେଇ ଆସିବୁ—ମୁଁ ଯାଉଛି ଅଗ ଅଗ ଦେଖି ଆସିବୁ, ଏଁ ବୁଝିଲୁ ?"

ଚପରାଶି କହିଲା, "ଅଜ୍ଞା।"

ମାଷ୍ଟର—କଣ ବୁଝିଲୁ କହିଲୁ ?

ଚପରାଶି ଅଗେଇ ହେଲା।

ମାଷ୍ଟର ହସି କହିଲେ,—"ମୁଁ କହୁଥିଲି ପରା ଏ ଲୋକଗୁଡ଼ାକ ଏକଦମ fool, idiot—ଦେଖିଲ ମୁଁ ଠିକ ବୁଝିପାରିଛି—ଗୋଟାଏ ମାତ୍ର କଥା ଆମେ—ଏତିକି ଆଉ ବୁଝିବା ନାହିଁ। ଦେଁ...ଦେଁ ଦେଁ...।"

ଏମେ ହସି ସାରି ମାଷ୍ଟରେ ତାଙ୍କ ପୁରୁଣା ଛାତ୍ର ଜଗନ୍ନାଥଙ୍କୁ ଚାହିଁ କହିଲେ, "ଅଚ୍ଛା ତୁମେ କହିଲ ଦେଖି, ଜଗନ୍ନାଥ ଇଂରେଜି କଣ ?"

ଜଗନ୍ନାଥ ହେଲେ ଛାତ୍ର ନ ହେଲା, ହଠାତ ଉତ୍ତର ଦେଇ ନ ପାରି ଚିନ୍ତା କଲେ। ତେଣୁ ମାଷ୍ଟରେ ହୋ...ହୋ କରି ହସି ଉଠିଲେ, ଆଉ କହିଲେ, "ମୁଁ ଠିକ୍ ଜାଣେ—କେଏ କହିପାରିବ ଆଉ କେଏ କହି ନ ପାରିବ, ମୁଁ ଦେଖି ଆମେ ବୁଝି ନେବୁ—ସେତୁ କଥା ଜାଣିଛି। ହେଁ, ଏତେ ବର୍ଷର experience ର ଫଳ—ଇଂରେଜରେ କହନ୍ତି Water Proof ସ୍ମାର୍ଟ। ଏ ସ୍ଵଭାବ କରି ପାଠ ସବୁ ପୋଡ଼ି ଖାଇଲଣି।"

ପୁଣି ଚପରାଶିକୁ ଚାହିଁ କହିଲେ, "ହିରୁ କ—ଯାଉ ମୋ—ମାନେ, ଆମ ଘରଅଛି କହିବୁ କ ବାବୁଙ୍କ ବଡ଼ କମ୍ବା ଜାମାଟା ବାକସରୁ ବାହାର କରି ଦେବେ—ଏବେ ହେଲା ?"

"ଅଜ୍ଞା"।

"ଅଚ୍ଛା ମୁଁ ଏବେ ଯାଏଁ—time is so valuable... waste not a minute"

ଏତିକି କହି ମାଷ୍ଟରେ ସେଇରେ ହେଲ୍‌ମେଟ ଶିରାଲଗ ହୋଇ ଟିପିଟିପି ବର୍ଷାରେ ବାହାରି ପଡ଼ିଲେ। କୋଳକାବୁଙ୍କ ଭଦ୍ରତା କରି ଦୌଡ଼ିଯାଇ ଛତା ଖଣ୍ଡିଏ ଦେଇ ଦେଲା। କହିଲା, "ନେଇ ଯାଆନ୍ତୁ ସାର୍, ବର୍ଷା ପଡ଼ୁଛି।"

ମାଷ୍ଟରେ ହେଲ୍‌ମେଟ୍‌ଟା ତାଙ୍କରି ହାତ ହସଟିଏ ହସି ଦେଇ ଛତାଟା ଗ୍ରହଣ କଲେ। ମାଷ୍ଟରେ ତରାଉଣ କରୁଁ କରୁଁ ଏଣ୍ଟଥ ନଈ ବନ୍ଧ ବନ୍ଧ ଅନେକ ଦୂର ଗ୍ଲଲିଗଲେ। ପଛକୁ ଫେରିଆସନ୍ତ ଦରକାର ନେଇ ଚପରାଶି ଆସୁ ନ ନାହିଁ। ନଈଟା ପୁଲଠାରେ ବଢ଼ୁଛି। ବୋଧହୁଏ ପାହାଡ଼-ରେ ଜୋର ବର୍ଷା ହେଉଛି। ନଈ ଅଧିକ ବଢ଼ିବାର ସମ୍ଭାବନା। ରାତିରେ ଯଦି ପାଣି ବେଶି ହୁଏ,—ଯଦି ବନ୍ଧ ଡେଇଁ ପାଣି ପଶେ—ଯଦି ବନ୍ଧ ଭାଙ୍ଗି-ଯାଏ—ଇତ୍ୟାଦି ନାନା କଥା ଭାବୁଁ ଭାବୁଁ ମାଷ୍ଟରେ ଚାଲିଛନ୍ତି।

ହଠାତ ଘଡ଼ଘଡ଼ିଟା ବ ବଢ଼ି ଉଠିଲା, ତା ସାଙ୍ଗେ ସାଙ୍ଗେ ବର୍ଷା ବ ହେଲା ଜୋରରେ। ପାଣିଛିଟା ମାରି ମାଷ୍ଟରଙ୍କ ଲୁଗା ଓ କମିଜର ତଳପାଖ ଓଦା ହୋଇଗଲା। ତେବେ ବି ଚପରାଶିଟା ଦେଖାଯାଉ ନ ଥିଲା ନାହିଁ। ଓ ବୁଲବଲ୍ ! ଓଃ ! Responsibility ବୋଲି କିଛିବି zero। ଏହି ଲୋକଗୁଡ଼ାକୁ ନେଇ ଦେଶ ଚାଲିଛି ..।

ମାଷ୍ଟରେ ବଡ଼ ବ୍ୟସ୍ତ ହୋଇ ଉଠିଲେ। ଏତେ ବଡ଼ ଦରକାର ବେଳରେ ବ ଏତେ ସାଧାରଣ କଥା-ଟା ଚିନ୍ତା ପାରିଲେ ନାହିଁ।

ବେଶ୍ ଚେରୋଇ ଧାଇଁ ଧାଇଁ ଆସି ପହଞ୍ଚିଲା। ମାସ୍ଟରେ ରାଗି ନିଅଁଣ ! "ବୁ—ହୁମ୍ ଛେ...

କାମକା ନେଇଁ—ତୋର ପର ଭଲ୍‌ବା କହାକୁ ନେଇ A. R. P. କାମ ଚଳେ !’’

‘‘ତମର ମୁଁ ବନ୍ଧରେ ଭଲଟା ଅତ୍ତରୁ ସ୍ୱଳପଲ ।’’

‘‘ଏତିକି କମନ୍ ସେନ୍ସ ନାଇଁ—ଧରନେଇ ପାରିଲ୍ ନାଇଁ ମୁଁ ବୁଝିଭ୍ଲୁ ଯାଉଥିବ ? ଟିକିଏ foresight, ଟିକିଏ imagination ଥିଲେ...ଅଚ୍ଛା ବେ ।’’

ବୋଟଟା ଚପରାସି ବଢ଼ାଇଦେଲା । ଦେଖିଲା ବେଳକୁ ସେଟା ବରଫାଚ୍ଛ ନୁହେଁ—ଉଲର କୋଟ !

‘‘ଅରେ ଏଟା ଆଣିବାକୁ କହିଥିଲି ?’’

‘‘ଲମ୍ବା କୋଟ ବୋଲି ଏଇଟାତ ଦେଲେ ।’’

‘‘ସବୁ ବୋକାଯାକ ଏଇଠି ଯୁଟିଛନ୍ତି ।’’

ମାଷ୍ଟରେ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ିଲେ । ବରଫାଚ୍ଛ ଜିନିଷ ଆଉ ତାଙ୍କର ହୋଇପାରିଲା ନାହିଁ ।

ତଥାପି ସେ ଭାବିଲେ ମନେ ମନେ—ବୋଧହୁଏ ଭଗବାନଙ୍କର ଇଚ୍ଛା, ଯେ ଆଜି ବରଫାଚ୍ଛ ବଦଳରେ ଉଲରକୋଟ ମୁଁ ପୋଷିବ । କାରଣଟା ସେ ଜାଣନ୍ତି । ...’’

ତାଙ୍କର philosophy ଚିନ୍ତା ଓ analytic brain ରେ ଚିନ୍ତା ଉପରେ ଚିନ୍ତା ଖେଳିବାକୁ ଲାଗିଲା । ସେ ଭାବିଲେ—ଉପର ପରନଟା ଝିର ଜୋର କରିବ । ଶୀତ ଲାଗିଲାଣି । ବୋଧହୁଏ ଏ ବେଳରେ ବରଫାଚ୍ଛ ଠାରୁ ଉଲର କୋଟର ପ୍ରୟୋଜନ ବେଶି । ସେଇଥିପାଇଁ...... ।

‘‘ଅଚ୍ଛା । ମ୍ୟାକୁ ସୋଢ଼ଲେ ଯେ ଦେଖିବ ସେ ହସିବ ନାହିଁତ ? ଯଦି ଭୁଲ ଧରିଲେ ଦେଖନ୍ତି ।’’

‘‘ଛତ କଣ ? ବିଲାତରେ ତ ଲୋକେ snow storm ରେ ଉଲର କୋଟ ପିନ୍ଧନ୍ତି । ତାଲତାକୁବା ପଶମ ଲୁଗାରେ snow flake ପଡ଼ିଲେ, ପୁଣି ଝାଡ଼ି-ଦେଲେ ଖସିଯାଏ । ସ୍ନୋ ତ ଏକ ପ୍ରକାର ପାଣି କହିଲେ ଚଳେ । ଏଠି ନୋହିଲେ କଟକ ପାଣି । ପାଣିର ପଡ଼ିବ ନାହିଁ—ଯାହା ପଡ଼ିବ—spray (ପାଣିଛିଟ) । ତାକୁ ଝାଡ଼ି ଦେଲେ ବି ଖସିବ ।’’

‘‘ଏ, ଭୁ ସ୍ୱଳପା, ମୁଁ ପରେ ଯାଉଛି ।’’

ଚପରାସି ବାହାରି ଗଲାରୁ ମାଷ୍ଟରେ ଏଣିକି ତେଣିକି ଚାହିଁ ଉଲରକୋଟଟି ଭଲକରି ପିନ୍ଧି ବୋତାମ ଓ କମରବନ୍ଧ ଲଗାଇଦେଲେ । ତାପରେ ମନ ଫୁର୍ତ୍ତିରେ ବୁଲିବାକୁ ଆରମ୍ଭ କଲେ ନଈକୂଳେ କୂଳେ ।

ଉଡ଼ୁ, ଉଡ଼ୁ, ଉଡ଼ୁ—ମାଷ୍ଟରେ ଚମକିଦେଲେ—ଗୋଟାଏ ଭଡ଼ାଭାଡ଼ି । A. R. P. ର ସଙ୍କେତ ତାଙ୍କର ମନେ ପଡ଼ିଗଲା । ଯଦି ଏଟା ନେ ପଶ୍ଚର ହୋଇଥାଏ ! ସେ ଯଥାସ୍ ଜନା ଲୁଇଁରେ ପେଟରେ ଶୋଇ ପଡ଼ିଲେ ନିଶ୍ୱାସ ବନ୍ଦ କରି । ଏରୋପ୍ଲେନ ଉପରେ ଟମଟ ଟେଣ୍ଟ ଶୁଣାଗଲା ଟିମ୍‌ଟା ସେଇଆଡ଼େ ଝୁଣ ସ୍ଥଳ ପର । ଆଉ କଥିଁ ମାଡ଼ିବ । ମାଷ୍ଟରେ of ready wit ବଳରେ ଜୀବନଯୁଦ୍ଧରୁ ଖସିପଡ଼ିଲେ । ସେମ୍ ବାହାର ଗଲା ।

ତାପରେ କଏ ଦେଖି ପକାଇବ ବୋଲି ତରତର କରି ଉଠିଲେ ।

ଖାଡ଼ିଏ ହାତ ଉପାୟ ନାହିଁ ଭୁଲ ଉଠାଇଥ ଚଢ଼ି ପିନ୍ଧି; ତା ସାଙ୍ଗେ ସାଙ୍ଗେ ଗଜ ଭଜ ହୋଇ ଚରଣ ବାଜୁଛି । ହେଲମେଟ ପଡ଼ିଛି ଗଙ୍ଗା କାଦରେ, ଛତାଟା ଉଡ଼ିଗଲାଣି ଅନ୍ଧାର ଦୂରକୁ । ସବୁ ଠାରୁ ବେଶି ହେଲା ଉଲରକୋଟ । ଏବେ ଅଙ୍ଗରେ କହଲର ମୋଟା ପଶମ କଳା । ତହିଁରେ ବେଶି ଠାରୁ ଗୋଡ଼ ଯାଏ ଲମ୍ବିଛି । ସେଥିରେ ପାଣି ଓ ବାଲିଆ ଲଟପଟ ହୋଇ ତାର ଓଜନ ହୋଇଗଲାଣି ମହଣେ ସରିକି । ଏ ବୁଡ଼ାନ ଚର୍ଚ୍ଚା ଭିତରେ ତାକୁ ଦେହରୁ କାଢ଼ିବାର ଉପାୟ ନାହିଁ । ତେଣେ ଦେଖିଲା ବେଳକୁ ଗଲାଣି ଅଣ୍ଟା ଖସି । ଅଣ୍ଟି ଶିରଦା ଅସମ୍ଭବ । ଉଲର କୋଟ ଗୋଲରେ ତ ଯାଉ ଅଣ୍ଟି ନାରବେ ।

ମାଷ୍ଟର ସାହେବଙ୍କର presence of mind ଭାରି ବେଶି । ହଠାତ ନୂତନ ପରିସ୍ଥିତି ସହିତ ନିଜକୁ adapt କରିନେବା ଶକ୍ତି ତାଙ୍କର ଅସୀମ । ସେ କମେଣ୍ଟ ମଧ୍ୟରେ ତାଙ୍କର କର୍ତ୍ତବ୍ୟ ସ୍ଥିର କରି ନେଲେ ।

ଛତା ଉଦ୍ଧାର ପାଇଁ ଆଉ ଚେଷ୍ଟା କରାଗଲା ନାହିଁ । ହେଲମେଟଟା ଆଣି ମୁଣ୍ଡରେ ଦେଲେ । ଅଣ୍ଟିରୁ ଖସି ଯାଉଥିବା ଲୁଗାକୁ ଉଲରକୋଟ ସମେତ ଦୁଇ ହାତରେ ସମ୍ଭାଳି ଧରି ଫେରିଲେ ।

ବାଟରେ କମଳାବାବୁଙ୍କ ବସା । ଏ ଦୁର୍ଦ୍ଦିନରେ ତାଙ୍କର କବାଟ ଖୋଲା, ମାଷ୍ଟରେ ପ୍ରାଣକବଳରେ ପ୍ରବେଶ କଲେ । କବାଟରେ ଧକ୍କା ମାରିବାର ଆହା ନାହିଁ, ଦୁଇହାତ ବନ୍ଦ । ଦୁଇଥର ଗୋଇଠା କସିବା ପରେ କବାଟ ଖୋଲିଲା । କମଳାବାବୁ ବନ୍ଧୁଙ୍କ ଏ ଅବସ୍ଥା ଦେଖି ଚାଟକା ହେଲେ । ମାଷ୍ଟରେ କହିଲେ, ‘‘ମୋତେ ଆଉ କିଛି ପଚାର ନା; ଅନେକ ଦ୍ରୁତିଲା ଲୁଗା ଖଣ୍ଡେ ଆଣ—ମୁଁ ଗୋଟାମତେ ଲଗାଏ ।’’

କମଳାବାବୁ ଚୁଟିଲା ଦଶ୍ଚ ଖଣ୍ଡେ ଧୋତି ଆଣି ପାରିଲେ ନାହିଁ । କେଦେନ ହେଲା ନିବର୍ଣ୍ଣରେ ଲୁଗା ଛିଡ଼ିନାହିଁ । ସେଥିପାଇଁ ଆଉ ଲୁଗା ଆହାର କରିବାର ଆବଶ୍ୟକ ନାହିଁ । ତାଙ୍କ ଘରଣୀ ଯାଇ-ଛନ୍ତି ବାହାର ସାଇକୁ । ସ୍ୱପ ଲେଖା ତାଙ୍କ ହାତରେ । ଦୁଃଖୀବାବୁ ସ୍ୱକରକୁ ଡାକ ପଠାଇ ଦେଲେ ସାଆନ୍ତାଣୀଙ୍କ ଖବର ନେବା ପାଇଁ ।

ଏଣେ ମାଷ୍ଟରେ ଥରୁଥାଆନ୍ତି । ଏହା ଦେଖି କମଳାବାବୁ କହିଲେ—‘‘ସେ ଆସିବା ଯାଏଁ ଟିକେ ଅପେକ୍ଷା କରିବାକୁ ପଡ଼ିବ ଏବା—ନା ହେଲେ ଭୁଲିବ

ମା—ଅରେ ନାହିଁ ମ—ଏଇ ଲୁଗାଟା ଦିଅ ।

କ—ଶାଢ଼ୀଟା ?

ମା—ହେଲା କଣ ହେଲା, ଦେଖିଲ ?

କ—ମାନେ...ଶାଢ଼ୀଟାକୁ...।

ମ—ହଃ ଶାଢ଼ୀ ମାରୁଛି ! ଆଣିବଟ ଅଳ—ମୁଁ ପାଳଟି ପକାଏଁ ।

କମଳା ବାବୁ ମନ ମନ ହୋଇ ତାଙ୍କ ସ୍ତ୍ରୀର ଶାଢ଼ୀଟାକୁ ବଢ଼େଇ ଦେଲେ । ମାଷ୍ଟରେ ସବୁ ଲୁଗା ପଟା ଦେହରୁ ଫୋଲି, ଯୋଉଥାଉହେଉ ଶାଢ଼ୀଟା ପିନ୍ଧିଲେ ।

କମଳା ବାବୁ କହିଲେ ‘‘ଏବେ ମୁଣ୍ଡ ହେଲ ଟିକିଏ ବସ । ସେ ଆସନ୍ତୁ, ସବୁ କରିଦେବେ । ଏ ବେଳରେ ଗରମ ଚା ଟୋପାଏ କଡ଼ା [illegible] ଅସିବ ।’’

ମାଷ୍ଟରେ କହିଲେ, ‘‘ନାଇଁ ମ—ମୁଁ ଆଉ ରହି ପାରିବ ନାହିଁ—ଆମ ଘର କଥା ଜାଣିନା ? ପୁଣି ଦେଖେ କଥା ବାହାରିବ । କେତେ କୈଫିୟତ ଦେଢ଼ା ହେବ ।’’

ଦୁଇବନ୍ଧୁ ହସିଲେ ।

ମାଷ୍ଟରେ କହିଲେ, ‘‘ ତେବେ ମୁଁ ଯାଉଛି—ମୋ ଲୁଗାପଟାଗୁଡ଼ାକ ରହିଲା ।

କମଳା—ଶାଢ଼ୀଟା ପିନ୍ଧି ବାଟରେ ଯିବ କେମିତି ମ ? ଆଉ କଏ ଦେଖିଲେ ଦେଖନ୍ତୁ, ଉନ୍ଦ୍ରି ଚିହ୍ନିଲ ଦେଖିବେ ତ—’’

ମା—ଆମର ତହିଁର କଣ ଭୁକ୍ଷି ନାହିଁ—ଏହା କହି ପିନ୍ଧିଥିବା ଶାଢ଼ୀରୁ ମାଲକଛ ମାରି ଚପ ଭଉଳେ-ଇ ଟେକ ଦେଲେ, ଆଉ ଧଡ଼ିକୁ ମୋଡ଼ି ଲୁହଡ଼ ଦେଇ ବାହାଦୁରର ହସଟାଏ ହସି ବାହାରି ପଡ଼ିଲେ । କମଳାବାବୁ କହିଲେ, ‘‘ଛତାଟା ନେଇ ଯାଆନ୍ତୁ ବାଟରେ କାଟଲ ବର୍ଷା ହବ ।’’

ମା—‘‘ନାହିଁ ଛତା ଆଉ—ଛତା ଥରେ ନେଇ ଯଉ ଭଲ ହେଉଛି ।’’

\+ \+ \+

Digitized by srujanika@gmail.com

ସାରା ପଢ଼ିବା ବେଳରୁ ମାଷ୍ଟରାଣୀ ହାସ୍ତିଶାଳ ଚିନ୍ତାରେ ବସି ପଢ଼ିବା ଯୋଗାଡ଼୍ କରନ୍ତି । ମାଷ୍ଟରେ ସବୁ ଉଠାଇଲୁ ପଢ଼ିଗଲା ବେଳକୁ ତାଙ୍କର ଦୃଷ୍ଟି ଦରଜା ତାଙ୍କର ଉପରେ ପଡ଼ିଗଲା । ମାଷ୍ଟରେ ଦରବର ହୋଇ ଲୁଗା ପାଇଁ ପଚାରନ୍ତେ ଓ ସ୍ୱାମୀକୁ ଭାତ ଦା' ହାତରେ ଶାଢ଼ୀଟା ଦେଇ କମଳାବାବୁଙ୍କ ସରେ ଛଅ ଅଣିଦେବା ଲୁଗାପଟା ଅଣିବାକୁ ପଠାଇ ଦେଲେ । ସ୍ୱାମୀ ଶାଢ଼ୀ ନେଇ ଗଲବେଳେ ମାଷ୍ଟରାଣୀଙ୍କ ଶ୍ୟେନଦୃଷ୍ଟି କନ୍ତୁ ଏଡ଼ାଇ ପାରିଲନାହିଁ ।

ତାପରେ ମାଷ୍ଟରେ ଧୀରେ ଧୀରେ ଆସି ମାଷ୍ଟରାଣୀଙ୍କ ପାଖରେ ବସିଗଲେ । ଭାବୁଥିଲେ ଗୃହିଣୀ ତାଙ୍କ ମସ୍ତକରେ ଓ ଯେ ତାଙ୍କ ସନ୍ତନା ସତ୍ତ୍ୱ କପାଳ କଷ ତାଙ୍କ ଚମକାଇ ଦେବେ । ମାତ୍ର ମାଷ୍ଟରାଣୀ ତାଙ୍କ ଆଡ଼କୁ ନ ଚାହିଁ ଆପଣା କାମ କରୁଥିଲେ । ମାଷ୍ଟରେ ନରାଶ ହୋଇ ଆପେ କଥା ପଚାରିଲେ ।

'ଓହୋ, ଶୁଣିଲ—ଆଜ କଣ ହେଲା ?

ଚୋର୍ଖିବ ଚାହିଁ ସେ ଉତ୍ତର ଦେଲେ—କଣ ତାର-ତବର ଦେଖିଲ କି, ଶୁଣିଲ ?'

ଗୃହିଣୀଙ୍କ ଥମଥମ ମୁହଁ ଦେଖି ମାଷ୍ଟରଙ୍କ ଅକଲ ଗୁଡ଼ୁମ । କ୍ୱା ଉପରେ ଅସ୍ତ୍ର ଦେଖାଯାଇ ପେ ବଢ଼ଉ ଅଛ !

କର୍ଥିଲେର କହିଲେ—'ନାହିଁ ... ଅଜ ପଟ୍ଟ ଚାଲିଗଲ ଶୁନ୍ ।'

"ଯାଉଲେ ପାଇଲ, ମୋତେ ... ଶ ହେଲ ?"

"ଶୁଣନ୍ତ, ଚତୁମହାତ '

"ମଜା ମାରିବା ବୁଝ ... ଜାଣିଚ—"

"ହେଉ—ରାଗୁଚ କାହିଁକି, ଶୁଣ ମ ।"

ଶାଢ଼ୀ ଚିନ୍ତା ଦେଖି ମାଷ୍ଟରାଣୀ ଡାରୋମିଟର ... ଜିତିରେ ହେଲିଣି । ରାଗରେ ସେ ଥର-ଥର କରି ଉଠିବା ବାଟ ଖୋଜିଲେ । କହିଲେ—

"ହିଁ । ମୁଁ ଶୁଣିଚ—ଜାଣିଚ—ସବୁ—ଜେତେ ଗଲେଇ ହଉଚ ମ !"

ଶେଷକଥାର ତାଳ ଧରିବା ବେଳକୁ ବାଇଗଣଟା ଇମିତ ଦେଲେ ଠେଲି ଯେ ପନଷିରେ ଅଙ୍ଗୁଳ କଟ-ଗଲା ଉନ୍ଦୁକର । ଲହୁ ଛପଛପ ହେଇ ବହିପଡ଼ିଲା । ମାଷ୍ଟରାଣୀ ଗୋଡ଼ିରେ ପଡ଼ିବା ପାଇଁ ଯୋଗାଡ଼ ଦେଇ ଉଠି ଚାଲିଗଲେ । ମାଷ୍ଟରେ ବେଗରକ ହୋଇ ମଶା ଘୁଞ୍ଚାଇ ଘରେ ଯାଇ ବିଛଣାରେ ମୁହଁ ମାଡ଼ି ପଡ଼ିଗଲେ ।

× × +

ଦୁଇଦିନ ଅଜି କଥାବାର୍ତ୍ତା ନାହିଁ । ରାତିରେ ସ୍ୱାମୀଙ୍କୁ ଜହ୍ନାଡ଼ିକୁ ଡାକ ଯାଆନ୍ତାଣୀ ଚୁପ୍ ଚୁପ୍ ପଚାରିଲେ—

"କହରେ, ଶାଢ଼ୀ କେଉଁଠି ଦେଇ ଅଇଲୁ ?"

"କମଳାବାବୁଙ୍କ ସରେ ।"

"ବାବୁଙ୍କ ଲୁଗାପଟା କେଉଁଠୁ ଅଣିଲୁ ।"

"କମଳା ବାବୁଙ୍କ ସରୁ ।"

"ତୁ ମିଛ କହୁଚୁ ।"

"ନାହିଁ ମା, ସତ କହୁଛି ।"

"ତୋ ବାବୁ ତତେ ଶିଖେଇ ଦେଇଛି ।"

"ନାହିଁ, ମୋ ରାଣ ମତେ ।"

"ତୋ ଅଣି ଛୁଇଲୁ ।"

"ଅଣି ଛୁଇଁଚ ।"

+ × +

ସେଦିନ ରାତିଯାକ ବ କଥାବୃଷ୍ଟା ବନ୍ଦ । ତହିଁ ଆରଦିନ ସକାଳେ ବ ସେଇପରି ମାଷ୍ଟରେ ଯେତେ ଚେଷ୍ଟା କରୁଥିଲେ, ଯାଆନ୍ତାଣୀ ସେତିକି ତାଙ୍କଣିଆ ମାରି ମୁହଁ ମୋଡ଼ୁଥିଲେ । ମାଷ୍ଟରେ ଏତେ ପଥ ଚିନ୍ତାରେ ପୋଡ଼ା ହେଉଥିଲେ, କିନ୍ତୁ ଅଜ ସେ ଫେଲ ମାରିଲେ ଏକଦମ୍ । ଅନ୍ତିକାର problem ଟା solve କରିବା ତାଙ୍କର ସାଧ୍ୟାତୀତ ହେଲା । ସ୍କୁଲ ମନରେ ଦୁଃଖ ଗଲେ । ସ୍କୁଲରେ ସେଦିନ ତାଙ୍କର ମିଜାଜ ଦେଖି ପିଲାମାନେ ପ୍ରମାଦ ଗଣିଲେ ।

ମାଷ୍ଟରାଣୀଙ୍କ ମନର ଏବେଣ ସାଣ୍ଟିଦେବା ହଉଛି ଦେବଦମ୍ । ଶାଢ଼ୀର ରହସ୍ୟ ତାଙ୍କୁ ସାରି ଦେଇ ସାରିଲଣି । ସେ ଅଜ ରହିପାରିଲେ ନାହିଁ । ଦି'ପହ-ରେ ତେଣକ୍ଷଣ ହୋଇ-ବାହାରି ପଡ଼ିଲେ ସିଧା କମଳା ବାବୁଙ୍କ ଘରକୁ । କମଳାବାବୁ ସ୍ତ୍ରୀ ଉମା ତାଙ୍କର ସାଙ୍ଗ । ସେଇଠି କଥା ମଞ୍ଜିବ ।

ଦେଖା ହେଲା । ମ୍ୟାଗର, ଡାଗର, ସାତ ରାଇଜ କଥା ପଡ଼ିଲା । କିନ୍ତୁ ଆସଲ କଥାଟା ତ ପଡ଼ୁନାହିଁ । କେମିତି ବା ପଚାରିବେ, କଣ ବୋଲି ପଚାରିବେ ? ମାଷ୍ଟରାଣୀ ବ୍ୟସ୍ତ ହୋଇ ଉଠିଲେ ।

ସେତିକି ବେଳେ ସ୍ୱାମୀ ଧୋବାରୁ ଲୁଗା ଧୋଇ ଘରକୁ ଆଣିଲା । ମାଷ୍ଟରାଣୀ ଚାହିଁ ଦେଇ ଜାଣିଲେ ସେଇ ତାଙ୍କର ଶାଢ଼ୀ । ତଥାପି ମନର ସନ୍ଦେହ ଯାଉ ନ ଥାଏ । ଶାଢ଼ୀ ଦେଖି ଉମାଙ୍କର ବ ମନେପଡ଼ିଗଲା । ସେ 'ହୋ ହୋ' କରି ହସିଉଠିଲେ । ମାଷ୍ଟରାଣୀ ପଚାରିଲେ "ହସିଲ କାହିଁକି ?"

"ଏଇ ଶାଢ଼ୀ କଥା ।"

"ଶାଢ଼ୀ କଥା କଣ ?"

"କଣ ଜାଣିନା ପରା ! କାଲି ତମ ବାବୁଙ୍କ କଥା ! ହଉ ମଜାର କଥା ଏବା ?"

ସେ ପୁଣି ହସି ହସି ଗଡ଼ିଗଲେ ।

ମାଷ୍ଟରାଣୀ ·ଡେଲିକା ·ମାଇଲା ପରି ବସି ଥାଆନ୍ତି । ଉମା କହିଲେ, "କଣ' ତମେ କାଲିକା କଥା କଣ ଜାଣି ନାହାଁ ନା କଣ ?

"ସତ କହୁଚ ମୁଁ କଣ ଜାଣେ ନା । କଣ କହିଲ ।"

"ବାବୁ କଣ କହି ନାହାନ୍ତି ?"

"ନା ।"

"ମଲା ମ !—ଏତେ କଥା, ତମକୁ ସେ କଣ କହିଲେ ନାହିଁ, କ ମିଶିପ କ ସିଏ ?"

ମାଷ୍ଟରାଣୀ ନଜର ଭୁଲ ଜାଣି ରୁହିଁ ପାରି ଲଜ୍ଜିତ ହେଲେ ।

ଉମା କହିଲେ "କାଲି ତମ ବାବୁ ଯାହା କରିଛନ୍ତି – ଏତକ କହ ପୁଣି କହେ ହସି ସାରି କାଲିକାର ଘଟଣା ସବୁ କହିଲେ ।

ଶେଷରେ କହିଲେ, "ତାଙ୍କ ବେଶଟା ଯାହା ମୁଁ ଦେଖି ପାରିଲି ନାହିଁ ।"

ମାଷ୍ଟରାଣୀ – "କଉଁ ବେଶ ? କଉପାଡ଼ ପିନ୍ଧା ନା ଶାଢ଼ୀ ପିନ୍ଧା ?

ଉମା – ଉଦୁଆ । ବେଶଟା କମ କ ?

+ × ×

ମାଷ୍ଟରେ କପାଳୁ ଫେରିବା ମାତ୍ରେ ଗୃହିଣୀ ସେ-ଅଡ଼ୁ ବେଜୁ୍ଲ ଚହଟାଇ ଅସି କହିଲେ, "ତମେ କାଲି ଏତେ ଅବସ୍ଥା ହେଲ କିଆଁ ?"

"ତମର ଦୟାରୁ ।"

"କେମିତି, ମୋର କଣ ସବୁଥିରେ ଦୋଷ ?

"ଅଉ ? କଉପାଡ଼ ନଦେଇ, ଦେଲ କ'ଣ ନା— ଓଇର ବୋଟ ।"

"ସେ ଲୋକଟା କଣ ତା କହିଲ ! ସେ କହିଲ ଲମ୍ୱା ଜାମା ।"

"ହଉ, ତମ ବୁଦ୍ଧି ଏତିକ ?"

"ହିଁ, ତମର ବୁଦ୍ଧିଟା ଏକା ସରସ ।"

ଯୋଷା ମନ କଥା ମନେ ମନେ ·ରହିଗଲା ।

ଲେଖକ—ଶ—

---

**WANTED**

Agents to sell "Dagaro" in unrepresented areas. For terms apply to—

Manager, "Dagaro"

P. O. Bhadrak.

Dt. Balasore.

Digitized by srujanika@gmail.com

# —ମଠ—

( ମଜାକବିତା )  ଲେଖକ—ଶ୍ରୀ ଭୁବନ ଦଳାଇ ।

ସକଳ ଜ୍ଞାନର ସବୁ ବିଜ୍ଞାନର ପବିତ୍ର ପୀଠ
ଦୂର ବିଦେଶର ଅପଣା ଦେଶର ସବୁ ବିଚାର
ଭିଟା ଏ ମଠ ।

ସଂଯମ ସାଧନ ହୁଏ ଏଠି ଚମ୍ପି ନାସ୍ତି ଚିତ୍ତର,
ଜପ-ତପ ମିଳେ କାଟି ମାତା ଦୁଃଖ ପାପିନୀ-ସାଥ ।

ଶାନ୍ତି ମିଳେ ଭଲେ ଝଗଡ଼ା ନପୃଷ୍ଠ ଗୃହାନ୍ତ-ସାଥେ ।
ପୂଣି ଫୁଟିଅସେ ଯୁବତୀ ମାତାଙ୍କ ଜୁଟିଲେ ଏଥେ ।

ସାଧୁମା ଚଢ଼ଇ ଗ୍ରେସ କର, ନିତ ଠାକୁର-ଭକ୍ତି,
ମହନ୍ତ-ମାତା ତ ଘୋଷା ଦୁଷ୍ଟ, ଦେଖି ପୁଣ୍ୟ ବଢ଼ୁଥ ।

ସଙ୍ଗୀତ ଶିକ୍ଷାର ଉତ୍ତମ ବ୍ୟବସ୍ଥା ଘଣ୍ଟ ଶବଦେ,
ବସି ବସି ହୁଏ ଭଲା ଶିକ୍ଷା ମାତା ମହନ୍ତ ପାଦେ ।

ହାତ ଟାଣି ହୁଏ ମହନ୍ତ ମାତାଙ୍କ ପାନ ମସଲା
ସାଧୁଏ ଅଗଲୁ ସେବେ ଈ ପାଞ୍ଚଗା ମାଲପା ଚୋଲା ।

+ × +  × + ×

ମେଢାନିକ ପଢ଼ା ଶିକ୍ଷା ମିଳେ ଏଥି ମଠର ପେଟ୍ଟ,
ଭୋଗ-ଶାସ୍ତ୍ର ବଢ଼େ ନିପୁଣତା ନିତ ମାତାଙ୍କ ବାନ୍ଧ ।

ଭାବତ ବଢ଼ଇ ସେବା କର ସୁଖେ ଠାକୁର ଭୋଗ,
'ଦୋଅଡସିଁ' ଭାଷା ମହନ୍ତଙ୍କ ଗ୍ରୀଷ୍ମ ଛଡ଼ାଏ ରୋଗ ।

ବିଜୁଳି ଅଲୁଅ ବିଜୁଳି ପଙ୍ଖାରେ ସଜ୍ଜିତ ମଠ,
ସକଳ ଜ୍ଞାନର ସବୁ ବିଜ୍ଞାନର

ଦୂର ବିଦେଶର ଅପଣା ଦେଶର
ସବୁ ବିଚାରର ପବିତ୍ର-ପୀଠ ।

---

( ବର୍ଷଅବସ୍ଥର ୧ମ ପୃଷ୍ଠା ଉତ୍ତାରୁ )

ବାହାର ପାଇଁ ଟେଣ୍ଡର ଭାଗ୍ୟ ଷ୍ଟ୍ରେଞ୍ଜ ମାର୍କେଟରେ ନାମ ଚଳାଉଛନ୍ତି । ସେ ଜଣେ ବଡ଼ ଲୋକ, ଅର୍ଥାତ୍ ବୁର୍ଜୁଆ-ଅର୍ଥାତ ଧନୀକ--ଅର୍ଥାତ ରକ୍ଷିତ ସ୍ୱାର୍ଥ । ଅଥଚ ପ୍ରୋଲେଟାରିଏଟ୍ ବନ୍ଧୁ । ଅର୍ଥାତ ଦରିଦ୍ରସଖା । ତେଣୁ ସେ ବଡ଼ଲୋକ ହୋଇ ମଧ୍ୟ ଦରିଦ୍ରଙ୍କ ପାଇଁ ଅନୁଶୋଚନା କରନ୍ତି । ଇଂରେଜ ହୋଇ ମଧ୍ୟ ଭାରତୀୟଙ୍କ ପାଇଁ ଲେମ୍ବୁରସ ଟପୁଡ଼ି ପାରନ୍ତି । ଓଃ ହୋଇ ମଧ୍ୟ କ୍ରୁଶ୍ଚିଆଣ ଭିତରେ ଗଳିଯାଇ ପାରନ୍ତି । ସତ୍ୟବାଦୀ ହୋଇ ମଧ୍ୟ ମିଛର ଆଶ୍ରୟ ନେଇପାରନ୍ତି । ସେ ଜଣେ ଓକିଲ । ଓକିଲ ହୋଇ ମଧ୍ୟ ବିନା ଫିସରେ ସେ ଭାରତ ପାଇଁ ଲଢ଼ି ପାରନ୍ତି । ସେ କହନ୍ତି ଭାରତରୁ ବ୍ରିଟିସ ସୈନ୍ୟଗଲେ ଅରାଜକତା ହୋଇଯିବ । ଅହା ହା ! ଆମ ଗ୍ରାମ ଦେବତୀ ଦରେ ଛେନା ପଣା ପିଇ ଏମିତି ଦୁଃଖ କରିଥିଲେ ଆମ ପାଇଁ । ସେଥିପାଇଁ ଗ୍ରାମଦେବତୀଙ୍କ ପାଖରେ ଛାଗ ବଳିର ଯୋଗ ହୋଇଥିଲା । ସାର ଷ୍ଟାଫୋର୍ଡ଼ ଭାରତ ଆସିଲେ ତାଙ୍କର ଏ ଦୟା ପାଇଁ ଆମେ ବୁଢ଼ା ବଳିର ଯୋଗାଡ଼ କରିବୁ । ଭଲ ପାଉଲ କର ଆଶାରେ ସାର ଷ୍ଟାଫୋର୍ଡ଼ଙ୍କର ଭଲ ବାକ୍ସ୍ରୀ ହେବ ବୋଲି ଆଶାକରୁଁ । ଯେ ନବାମିଶାଣୀ ତୋର ଅଟମ ଭାଣୁ । କେବୁ ଭାରତ କୃଷିପ୍ରଧାନ ଦେଶ, ଏଣୁ ଏଠୋ ବୁଢ଼ୀ ଗୁଡ଼ାକ ଗାଈ ଭେଜିଟେବୁଲ । ଏଠି ପିଇଥ ଭେଜିଟେବୁଲ—ଲାଇକ ଷ୍ଟ୍ରି ଭେଜିଟେବୁଲ । ସେଥିପାଇଁ ପରା ନନ୍ ଭେଜିଟେରିଅନ୍ ବା ଆମିଷାଶୀ ଦେଶ ଇଂଲଣ୍ଡ ପକ୍ଷରେ ଯେଉଁ ଯେଉଁ ଜନ୍ତୁ ଖାଦ୍ୟ, ସେ ଜନ୍ତୁ ଏଠିତ ଥମୁଁ ଥମୁଁ ଭେଜିଟେବୁଲ ହୋଇ ଯାଉଛି ।

× × ×

ସାର ଷ୍ଟାଫୋର୍ଡ଼ ଆମେରିକାର ଏକ ସଂବାଦ ପତ୍ରରେ ଲେଖିଛନ୍ତି ଓ ଅନ୍ୟସ୍ଥାନରେ ଅନେକଥର କହିଲେଣି ଯେ-ଯୁଦ୍ଧ ପରେ ଭାରତ ନିଶ୍ଚୟ ସ୍ୱାଧୀନତା ପାଇବ—ଯଦି ସେମାନେ ଏକମେଳ ହୋଇ ପାରନ୍ତି! ନହେଲେ ପୁଣି ଅରାଜକତାରୁ ରକ୍ଷା କରିବ କିଏ ? ଯଦି ଏକମେଳ ନହୁଅନ୍ତି ତେବେ—
ଚର୍ଚ୍ଚିଲଂ ଚର୍ଚ୍ଚିଲଂ ଚର୍ଚ୍ଚିଲଂ ଚର୍ଚ୍ଚିଲଂ
ଚର୍ଚ୍ଚିଲଂ ଭଜ ମୂଢ଼ ମତେ !
ଜମ୍ମା କହିବେ—କର କରାଇ ଆଉ କିଛି
ତୋ ବନ୍ଧୁ ଆନସଠ ନାହିଁ ।

× + ×

( ବାହାଣୀ ୬ମ ପୃଷ୍ଠା ଉତ୍ତାରୁ )

ନା ବୋଲି...ସେ ଘର ବୋଲି, ତାର ମସ୍ତିଷ୍କ ସ୍ଥିର ନାହିଁ ବୋଲି ମୋ ଠାରେ ବିରୋଧ ପାଇଁ କଥା ହେବ ଉଚିତ ପଥର ହେଉ । କିନ୍ତୁ ମୁଁ ତାର ହେଇ ପାରିବି ନାହିଁ । 'ତାର ପଥର ସ୍ଥିର ପାଖରେ ମୋର ମସ୍ତିଷ୍କ ହଜ ଯିବା ପାଇଁ ଦୂରରେ ରହିଗଲି ।

ସେଇ ଅନ୍ଧାରୁଆ ଗଛ ମୂଳରେ ଠିକ ହେଇ ପ୍ରିୟାର ସ୍ୱପ୍ନ ଦେଖିଲି । ତାର ବାସ୍ତବ ଛବି ଭଞ୍ଜାର କଲି । ସେ କିନ୍ତୁ କେଉଁ ଦୂରରେ ଥାଇ ମୋପାଇଁ ଝୋଟିଏ ଲୁହ ଢାଳି ପାରିଲା ନାହିଁ । ଉପରନ୍ତୁ ସାଥିରେ ତା'ର ଭାବ ମଧ୍ୟ ମିଶିଗଲା । ସେ ତ କହିଲା ପାଗଳ—ଶାଳ ପାଗଳ କହିଲା ନାହିଁ ଅଭିନବ ନାଇ କହିଲା । କାହିଁକି ନା ପ୍ରିୟା ବୁଝେ ସେ ମସ୍ତିଷ୍କ ଥିଲ ମୁଁ ଅମସ୍ତିଷ୍କ ।

କିନ୍ତୁ ପ୍ରିୟାର ଛବି ମୋ ଆଖି ଆଗରେ ଠିକ ପାଷାଣ ମୂର୍ତ୍ତି ବଉଂ ବୋଟିଏ ଭଲ ଚିତ୍ର ପରି । ଅଭି ମୂଲ୍ୟବାନ କହିବେ ଚଳେ । ମୁଁ ପ୍ରିୟା ଆଖି ଆଗରେ ଡା' କି ଦୂରେ—।

—※—

Digitized by srujanika@gmail.com

# ହରିକି ଗୋବିନ୍ଦ ବନମାଳି
## ( ନାଗାବଛା )
## * ଚାହାର ବିଶ୍ୱ-ବିଜୟ

ଲେଖକ — ଶ୍ରୀ ପାର୍ଥସାରଥୀ ମହାପାତ୍ର ।

ସାମାନ୍ୟ ଚା' — କିନ୍ତୁ ସେ ବିଶ୍ୱ-ବିଜୟୀ । ଶୁଣିବେ ?

ଆଧୁନିକ ଜୀବନ ତାହାର କେତେ ଅଭି-ନବ ଆବିଷ୍କାର ଦ୍ୱାରା ଭୂଭାଗକୁ ସହଜ କରି-ଥିଲେ ମଧ୍ୟ ଏବେ ପର୍ଯ୍ୟନ୍ତ ଜଗତର ସବୁସ୍ଥାନ ଜୟ କରି ପାରିନାହିଁ । ଆଜି ବି ଜଗତରେ ଏପରି ସ୍ଥାନ ଅଛି ଯେଉଁଠି ଲୋକମାନଙ୍କ ପକ୍ଷରେ ମୋଟର କେବଳ କଳ୍ପନାର ବସ୍ତୁ ଏବଂ ରେଳ-ଷ୍ଟିମର ଟେଲିଫୋନ ପ୍ରଭୃତି କେବଳ ନାମରେ ଶୁଣିଛନ୍ତି ମାତ୍ର । କିନ୍ତୁ ସେହି ଅଞ୍ଚଳର ଅଧିବାସୀମାନଙ୍କୁ ଯଦି ଚା' କଥା ପଚାର ସେମାନେ ସହାସ୍ୟ ବଦନରେ ଉତ୍ତର ଦେବେ । ଏହି ବିଚ୍ଛିନ୍ନ ଅଞ୍ଚଳରେ ସୁଦ୍ଧା ତାହା ପ୍ରବେଶ କରି ଜନମନ ହରଣ କରି ପାରିଛି । ତାହାର ଏହି ବିଶ୍ୱବିଜୟ ଅଭିଯାନ ଦିନ-କର କଥା ନୁହେଁ—ବହୁଯୁଗର ସାଧନା । ତାହାର ଏହି ଅଭି-ଯାନର ଗତି ଚେଙ୍ଗ-ହ୍ୱାଙ୍ଗ ସଙ୍କଳିତ ଛନ୍ଦୋମୟ । ତାହା ଠିକ୍ — ଅତି ପୁରୁଣା ଟିକିଏ ଗୋଟିଏ କରି ଦେଶବାସୀଙ୍କର ଚେତନା ମଧ୍ୟ କରିଦେଇ କ୍ରମେ ବିସ୍ତୃତ ଭାବରେ ବର୍ଣ୍ଣୀଭୂତ କରି ସବୁ ଦେଶରେ ସମଗ୍ର ଦେଶକୁ ବଶୀଭୂତ କରିଛି । ଚାହାର ଏହି ବିଷୟ ବିବେଚନା କରିବା ଯାହା ।

କେଉଁ ଅଦ୍ଭୁତ ଅତୀତରେ ଚାହାର ଏହି ଅଭିଯାନ ଆରମ୍ଭ ହୋଇଥିଲା ତାହା କେହି ଜାଣି ପାରିନାହିଁ । ସମ୍ଭବତଃ ଚୀନ, ଜାପାନ ଓ ଭାରତବର୍ଷରେ ଏକ ସମୟରେ ଚାହାର ବ୍ୟବହାର ଆରମ୍ଭ ହୋଇଥିଲା । କିମ୍ବଦନ୍ତୀ ଓ ପ୍ରାଚୀନ ପୋଥି ପତ୍ରରେ ଏ ବିଷୟରେ କେତେକ ଅଭାସ ମିଳେ । ସେ ଯାହା ହେଉ, "ଚା'" ନାଁଟା ଯେ ଚୀନର ଶବ୍ଦ ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ । ଇଂରାଜୀ "ଟି" ଶବ୍ଦ ମଧ୍ୟ "ଥ୍ୟାଙ୍ଗ"ଣୀ" ଚୀନା ଭାଷାରେ ଯେ "ଚା" ହେବ ଏଥିରେ ବା ସନ୍ଦେହ କ'ଣ ଅଛି ? ଚୀନାମାନଙ୍କ ମତରେ ଖ୍ରୀଷ୍ଟପୂର୍ବ ୨୭୩୭ ଅବ୍ଦରେ ଚୀନ ସମ୍ରାଟ ସେଙ୍ଗ୍-ନୁଂ ପାନୀୟ ହିସାବରେ ପ୍ରଥମେ ଚାହା ଆବିଷ୍କାର କରିଥିଲେ ।

କିମ୍ବଦନ୍ତୀ ବା ପ୍ରବାଦ କଥା ଛାଡ଼ିଦେଲୁ । ବର୍ମା-ଚୀନ ସୀମାନ୍ତଅଧିବାସୀ ସାନ ସମ୍ପ୍ରଦାୟ ମଧ୍ୟରେ ଏବଂ ବର୍ମା-ଆସାମ ସୀମାନ୍ତ-ସ୍ଥିତ ପାର୍ବତ୍ୟ ଅଞ୍ଚଳ ଅଧିବାସୀ ନାଗାମାନଙ୍କ ମଧ୍ୟରେ ବହୁଦିନ ପୂର୍ବରୁ ଚା'ର ବ୍ୟବହାର ପ୍ରଚଳିତ ଥିଲା । କାରଣ

### ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜୀବନ ଗଠନର ସହାୟତା କରି ଉତ୍କଳର ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଉତ୍କଳର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

( ୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ )

ଏହି ଅଞ୍ଚଳର ଜଙ୍ଗଲମାନଙ୍କରେ ସ୍ୱାଭାବିକ ଭାବରେ ଚା' ଗଛ ଦେଖାଯାଏ ।

ସାଧାରଣ ପାନୀୟ ହିସାବରେ ଚା' ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ଚୀନ ଦେଶରେ ପ୍ରଚଳନ ହୋଇଥିଲା । ଯେଉଁ ଦେଶର ସମ୍ରାଟ ଚା'ର ଆବିଷ୍କର୍ତ୍ତା ଓ ପୃଷ୍ଠପୋଷକ ସେ ଦେଶରେ ବା ଚା'ର ପ୍ରଚଳନ ପ୍ରଥମେ କାହିଁକି ନ ହେବ ? ଚା'ର ପ୍ରଚଳନ ହେଉଁ ହେଉଁ ଚୀନରେ ଚାହାର ବ୍ୟବସାୟ ଚାଲିଲା । ପୁଣି ବ୍ୟବସାୟ ଭଲରୂପେ ଚଳାଇବା ପାଇଁ ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟର ପ୍ରଚାର ତଥା ପ୍ରସାରର ପ୍ରୟୋଜନୀୟତା ଉପଲବ୍ଧି କଲେ । "ଚା-ଚିଂ" ନାମକ ଗୋଟିଏ ପୁସ୍ତକରୁ ଆମ୍ଭେମାନେ ଏହାର ଆଭାସ ପାଉଁ । ଖ୍ରୀଷ୍ଟୀୟ ୭୮୦ ଅବ୍ଦରେ ଚା' ବ୍ୟବସାୟୀ-ମାନେ ସମ୍ମିଳିତ ହୋଇ ଲୁ-ୟୁ ନାମକ ଜଣେକ ଲେଖକଙ୍କୁ ଚା' ବିଷୟରେ ଗୋଟିଏ ପୁସ୍ତକ ଲେଖିବା ପାଇଁ ନିଯୁକ୍ତ କଲେ । "ଚା-ଚିଂ" ତାଙ୍କର ଲିଖିତ ପୁସ୍ତକ । ଅଧୁ-ନାତନ ମଧ୍ୟ ଚାହାର ପ୍ରଚାର ପାଇଁ କୋଟି କୋଟି ଟଙ୍କା ବ୍ୟୟିତ ହେଉଛି । ହେଲେହେଁ ତହିଁରେ କିଛି ଅଭିନବତ୍ୱ ନାହିଁ ।

ଯେଉଁ ସମୟ ତଥା ବୁଦ୍ଧାଗଲ ଏହାର ମଧ୍ୟରେ ଚା' ପାନ୍ସ ସମଗ୍ର ଚୀନକୁ ଟାର ଦଖଲରେ ଆଣି ସାରିଥିଲା । ତହୁଁ ତାର ପ୍ରାଚ୍ୟ ଅଭିଯାନ ସଙ୍ଗେ ସଙ୍ଗେ ପାଶ୍ଚାତ୍ୟ ଅଭିଯାନ ମଧ୍ୟ ଚାଲିଲା । ସେ ବହୁଦିନ ତଳର କଥା । ଅନ୍ତତଃ ଶହ ବର୍ଷରୁ କମ ହେବ ନାହିଁ । ଚା'ର ଏହି ବିଜୟ ଅଭିଯାନର ଇତିହାସ ଅତି ଚମକପ୍ରଦ । ବ୍ୟକ୍ତିଗତ ହିସାବରେ କୌଣସି ପାଶ୍ଚାତ୍ୟ ବ୍ୟବସାୟୀ ସମ୍ଭବତଃ ଏହି ଅଭିଯାନରେ ସହାୟତା କରିଛନ୍ତି—ଅବଶ୍ୟ ପଞ୍ଚମ ବାହିନୀ ହିସାବରେ ନୁହେଁ ।

ସେତେବେଳେ ୟୁରୋପୀୟ ଜାତିମାନଙ୍କର ରାଜନୈତିକ ଦିଗ୍‌ବିଜୟର ସମୟ । ବାଣିଜ୍ୟ ଓ ସାମ୍ରାଜ୍ୟର ଉଦ୍ଦେଶ୍ୟରେ ସେମାନେ ପୃଥିବୀସାରା ବୁଲୁଥିଲେ । ପାୟ ଖ୍ରୀଷ୍ଟୀୟ ୧୬୧୦ ଅବ୍ଦରେ ହଲାଣ୍ଡର କୌଣସି ଜାହାଜ ବ୍ୟବସାୟୀ ଦୁଇ ଓ ଜଣେ ଚା'ର ଗୁଣରେ ମୁଗ୍ଧ ହୋଇ ଚୀନରୁ ହଲାଣ୍ଡକୁ ବିକ୍ରୟ ପାଇଁ କିଛି ଚା' ପଠାଇଥିଲେ । ଚାହାର ଏହି ଚା' ଅଭିଯାନଟି ହୋଇଥିଲା—ଜଳପଥରେ । ଏହାର କିଛିଦିନ ପରେ ୧୬୧୮ ଖ୍ରୀଷ୍ଟାବ୍ଦରେ ସ୍ଥଳ ପଥରେ ରୁଷିଆକୁ ଚା' ପ୍ରେରିତ ହେଲା । ଚା'ର ଏହି ଜଳସ୍ଥଳ ଅଭିଯାନ ୟୁରୋପ ପ୍ରତିରୋଧ କରିପାରିଲା ନାହିଁ । ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରେ ସମଗ୍ର ୟୁରୋପ ଚା'ର ବଶ୍ୟତା ସ୍ୱୀକାର କଲା । ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରେ ଲଣ୍ଡନର ଟମାସ୍ ଗ୍ୟାରୱେ ନାମକ ଜଣେ ବ୍ୟକ୍ତି ତାଙ୍କର କଫିଖାନାରୁ ଚା' ଆଣି-ଥିଲେ । ୧୬୬୦ରେ ସାମୁଏଲ ପେପିସ୍ ନାମକ ଆଉ ଏକ ବ୍ୟକ୍ତି ଚା'କୁ ପାନୀୟ ହିସାବରେ ପ୍ରଥମେ ଲଣ୍ଡନରେ ବିକ୍ରୟ କରି-ଥିଲେ ବୋଲି ଅନୁମାନ କରାଯାଏ ।

* ସଗୃହୀତ ।

Digitized by srujanika@gmail.com

ଡମରେ ୧୭୮୨ ଖ୍ରୀଷ୍ଟାବ୍ଦରେ ଇଷ୍ଟଇଣ୍ଡିଆ କମ୍ପାନୀ ଡଙ୍କର ଚୀନ ସ୍ଥିତ ଏଜେଣ୍ଟଙ୍କୁ କସ୍ତମିତ ଭାବରେ ଇଂଲଣ୍ଡକୁ ଚା' ପଠାଇବା ପାଇଁ ଅର୍ଡର ଦେଲେ । ସେତେବେଳେ ଲଣ୍ଡନରେ ଏକ ପାଉଣ୍ଡ ଚା' ର ମୂଲ୍ୟ ୧୨।୧୩ ଶିଲିଂ ଦରରେ ବିକ୍ରୟ ହେଉଥିଲା ।

---

## ନାଗଭାଇଭଉଣୀଙ୍କୁ ନିବେଦନ

କେନ୍ଦୁଝରର ନାଗ ଶ୍ରୀମାନ ଚନ୍ଦ୍ରମୋହନ ତାଙ୍କ ନାଗଭାଇ ଭଉଣୀମାନଙ୍କୁ ନିମ୍ନଲିଖିତ ନିବେଦନଟି ଜଣାଇଛନ୍ତି:—

ଆପଣଙ୍କୁ ପାଠାଗାର (Library) ର ଉପକାରିତା ବିଷୟରେ ଲେଖିବା ଅଧିକ ପ୍ରୟୋଜନ ମନେ କରେନାହିଁ । କେନ୍ଦୁଝରରେ ଆମେ କେତେଜଣ ଛାତ୍ରଭାଇ ଗୋଟିଏ ପାଠାଗାର ଗଢ଼ି ତାକୁ ଲୋକଙ୍କ ଆଗରେ ଥୋଇଛୁ । ତାର ତ ଉନ୍ନତି ଦରକାର । ସେ ପାଠାଗାର ଉନ୍ନତିରେ ଆମ୍ଭମାନେ ଯଦି ସାହାଯ୍ୟ ନ କରିବା ତେବେ ସାହାଯ୍ୟ କରିବ କିଏ ?

ତେଣୁ ଆମେ ସମସ୍ତ ନାଗଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରୁ ସେମାନେ କିଛି ନା କିଛି ସାହାଯ୍ୟ (ବହି ବା ପଇସା) ଯଦି ନିମ୍ନଲିଖିତ ଠିକଣାରେ ପଠାନ୍ତେ ତେବେ ଆମେ ତାଙ୍କ ଦ୍ୱାରା କେନ୍ଦୁଝରର ଲୋକ-ସାଧାରଣ ସେମାନଙ୍କ ନିକଟରେ ଚିରଋଣୀ ହୋଇ ରହନ୍ତେ । ଇତି ।

ସେକ୍ରେଟେରୀ, ଛାତ୍ର ପବ୍ଲିକ୍ ଲାଇବ୍ରେରୀ
ପୋଃ କେନ୍ଦୁଝର ଗଡ଼, କେନ୍ଦୁଝର ଷ୍ଟେଟ ।

---

## ଅଜାଙ୍କ ଜବାବ

**ଶ୍ରୀମାନ ଦୁର୍ଗାପ୍ରସାଦ—(୩୮୦ ନାଗ)**

ଶୁଣି ଖୁସି ହେଲି ଯେ ତମେ କରଞ୍ଜିଆ-ରେ "ସେବାପଲ୍ଲୀ ସାହିତ୍ୟ ସମିତି" ଗଢ଼ିବାରେ ଖୁବ ଉଦ୍ୟମ କରିଛ । ମୂଳଦୁଆ ଠିକ କରି ଦେଇଛ ତ ନା ଅକାଳରେ ଗଡ଼ି ପଡ଼ିବ ? ଆଶାକରେ ତମେ ନାଗ ଭାଇ ଓ ଭଉଣୀମାନଙ୍କର ଉତ୍ସାହ ପାଇବ ଓ ଅଧିକ ଦ୍ୱିଗୁଣ ଉଦ୍ୟମରେ କାମରେ ଲାଗିଯିବ । କରଞ୍ଜିଆରେ ନାଗ ସଙ୍ଘ ନାହିଁ । ସେ ଦିଗରେ କିଛି ଚେଷ୍ଟା କରିବ କି ?

**ଶ୍ରୀମାନ ମହେନ୍ଦ୍ର—**

ତମ ଚିଠି ପାଇଛୁ । ସତ୍ୟ ଓ ଅହିଂସାକୁ ମୂଳମନ୍ତ୍ର କରି ତମେ ଯେତେଦୂର ଆଗେଇ ପାର ।

**ଶ୍ରୀମାନ ଭାସ୍କରଚନ୍ଦ୍ର—(୩୮୧ ନାଗ)**

ତମ ଅଜବଠିଁ ଦପଦ ମିଠାକଥା ଶୁଣିବାକୁ ଚାହିଁ । ତାଙ୍କ ମିଠାକଥାଗୁଡ଼ାକ କାନକୁ ଠିକ ଲାଗେନାହିଁ କାହିଁକି । ମୁଁ ସେ କଥା ଶୁଣିଲେ ଚୈତନ୍ୟ ଅପ୍ରସ୍ତୁତ ହୁଏ । ତମେ ସହିପାରିବ ତ ?

---

## ନୂଆ ନାଗଙ୍କ ନାମ ।

୩୮୮—ଶ୍ରୀ କେଶବଚରଣ ପ୍ରଧାନ }
୩୮୯—ଶ୍ରୀ ଦ୍ୱାରକାନାଥ ବେହେରା } — ପଞ୍ଚୁଳାଏକଗଡ଼ା ହାଇସ୍କୁଲ ପୋ: ସମ୍ବଲପୁର ଯଥାକ୍ରମେ ୮ମ ଓ ୯ମ ଶ୍ରେଣୀ ।

ଏଡ଼ୱାର୍ଡ଼ ଏମ: ଇ: ସ୍କୁଲ ୭ମ ଶ୍ରେଣୀ ପୋ: ଏଡ଼ୱାର୍ଡ଼ ଜି: ବାଲେଶ୍ୱରର ନାଗବଚ୍ଛା-ମାନଙ୍କର ନାମ:—

୩୯୦—ଶ୍ରୀ ମାନଗୋବିନ୍ଦ ବେହେରା, ୩୯୧—ଶ୍ରୀ ନନ୍ଦକିଶୋର ଲେଙ୍କା, ୩୯୨—ଶ୍ରୀ ବନମାଳି ନାୟକ, ୩୯୩—ଶ୍ରୀ ଗୌରହରି ଲେଙ୍କା; ୩୯୪—ଶ୍ରୀ ଜଳଧର ଓଝା, ୩୯୫ ଶ୍ରୀ ପୀତବାସ ମହାନ୍ତି । (କ୍ରମଶଃ)

—୦—

---

## କୁତକୁତ

ସ୍ୱାମୀ—ଏଠିକି ଟିକିଏ ଆସନା,—ଜରୁରୀ ଦରକାର ଅଛି ।

ସ୍ତ୍ରୀ—ନା, ଯିବିନାହିଁ, ଗଲେ ତୁମେ ଚୁମା ଖାଇବ !

ସ୍ୱାମୀ—ନା, ସତ କହୁଛି, ଚୁମା ଖାଇବି ନାହିଁ ।

ସ୍ତ୍ରୀ—ତାହା ହେଲେ ଯିବ କାହିଁକି ?

\+ + +

ସ୍ତ୍ରୀ—ଶୁଣୁଛ ଗୋ, ତୁମ ଶରୀରର ଅବସ୍ଥା ତ ଦିନକୁଦିନ ଖରାପ ଅଡ଼କୁ ଗତି କରୁଛି ।

ସ୍ୱାମୀ—ହଁ, ତାହାତ ସତ ତୁମ, କହିପାର ତ'ଣ କରିବା ଏ ?

ସ୍ତ୍ରୀ ଗୋଟାଏ ଜୀବନ ବୀମା ।

× × ×

ଅଲବାର୍ଟ—ଡାର୍ଲିଂ, ତୁମେ ମୋ ପାଇଁ ଯେଉଁ ଜାମାଟା ଆଣିଛ ତାହା ମୋ ଦେହକୁ କସ ହେଉଛି । ଖଣ୍ଡେ ଢେ଼ ଅଉ ଢିଲା ଜାମା ଆଣିଲ ନାହିଁ ?

ମାର୍ଗୋରେଟ୍—ମୁଁ ଦୋକାନୀକୁ କହିବାକୁ ଚାହେଁ ନାହିଁ ଯେ ମୋର ସ୍ୱାମୀ ଗୋଟାଏ ହାତୀ । (ରସାନନ୍ଦ)

\+ × +

ପୁଅ—ମା ବରଫ ଖାଇବି, ଗୋଟିଏ ପଇସା ଦେ ।

ମା—ଶୀତଦିନ, ଭାରି ଶୀତ କରୁଛି ବରଫ ଖାଇବୁ କ'ଣ ସେ ?

ପୁଅ ଗରମ କୋଟଟା ପିନ୍ଧି ଖାଇବି ଯେ ?

× + ×

ଶିକ୍ଷକ—ରିନସ୍ ସ୍ପେଲିଙ୍ଗ କର ।

ଛାତ୍ର—ସର୍, ଆର୍ ୟୁ ଏନ୍ ଏସ୍ ?

(ଜଗନ୍ନାଥ)

—୦—

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲି:

ପ୍ରତ୍ୟେକ ଗୃହସ୍ଥ ନିଜ ପରିବାରବର୍ଗଙ୍କ ସଂସ୍ଥାନ ପାଇଁ ବୀମା କରିବା ନିତାନ୍ତ ଆବଶ୍ୟକ ।

ଅନ୍ତର୍ଜାତିକ ପରିସ୍ଥିତି କ୍ରମେ ଜଟିଳ ହୋଇ ଉଠୁଥିବା ସମୟରେ ସର୍ବାଧିକ ନିରାପଦ ଭାବରେ ଟଙ୍କା ଲଗାଇବାର ଉତ୍କୃଷ୍ଟ ଉପାୟ ହେଉଛି ଗୋଟିଏ ସୁଦୃଢ଼ ବୀମା କମ୍ପାନୀରେ ବୀମା କରିବା ।

ହିନ୍ଦୁସ୍ଥାନ ଗତ ୩୫ ବର୍ଷ ହେଲା ଭାରତବର୍ଷେ ଏବଂ ବାହାରେ ପ୍ରତି ପଲ୍ଲୀରେ କୋଟି କୋଟି ଟଙ୍କାର ଦାବୀ ପୂରଣ କରି ଏବଂ କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ଯଥେଷ୍ଟ ସୁଦୃଢ଼ତାର ପରିଚୟ ଦେଉଛି ।

୧୯୪୦ ରେ ନୂତନ ବୀମାର ପରିମାଣ ପ୍ରାୟ ତିନିକୋଟି  ୧୯୦୦ ରେ ବାର୍ଷିକ ଆୟର ପରିମାଣ ପ୍ରାୟ ଏକ କୋଟି

ବୀମା ପାଣ୍ଠି ଛଅକୋଟି ୫୫ ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ପାଞ୍ଚଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ପରିଶୋଧ ଦାବୀର ପରିମାଣ ଦୁଇ କୋଟି ପଚିଶ ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା ।

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗାନାଇଜର
କଟକ ।






ବହୁ ଉଚ୍ଚ ଅଭିମତ ସମ୍ବଳିତ ବିଖ୍ୟାତ କବିତା ବହି

## ସଂଘର୍ଷ

[ଚାରିଅଣା]

କାନ୍ତକବି ଲକ୍ଷ୍ମୀକାନ୍ତ କହନ୍ତି—ଆମ ସାହିତ୍ୟରେ କବି ଗୋଟାଏ ନୂତନ ପ୍ରେରଣା ଆଣି ପାରିଛନ୍ତି ବୋଲି ମୋର ଧାରଣା ।

ସବ୍‌ଜଜ୍ କର କହନ୍ତି— ଏଭଳି ବଳିଷ୍ଠ ଲେଖା ଏ ଯୁଗରେ ଯେତେ ପ୍ରକାଶିତ ହେବ, ସେତେ ଏ ଦେଶର ମାନସିକ ସ୍ୱାସ୍ଥ୍ୟ ପକ୍ଷେ ମଙ୍ଗଳ ।

ଲକ୍ଷ୍ମୀନାରାୟଣ ସାହୁ ( ଭାରତ ସେବକ ସମିତି ସଦସ୍ୟ ) କହନ୍ତି — ମୁଁ ଏହି ଜାତୀୟ କବିତାକୁ ମନର ସ୍ୱାଧୀନ ସୃଷ୍ଟିର ରଚନା ବୋଲି ସମାଦର କରିପାରେଁ ।

ଦ୍ୱିତୀୟ ଅବଦାନ '**ନୈବେଦ୍ୟ**'—( ଆଠ ଅଣା )

କାନ୍ତସ୍ନିଗ୍ଧ ସରଳ ଅଭିନବ କବିତାମାଳା— ଭୂମିକାରେ ସୁସାହିତ୍ୟିକ ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତିଙ୍କର ମନ୍ତବ୍ୟ ପଢ଼ନ୍ତୁ । ଯୁବକ ଯୁବତୀଙ୍କର ପ୍ରେମ ଅଭିସାରର ସମ୍ପଦ—ପ୍ରେମର ଅତୃପ୍ତ ଅର୍ଘ୍ୟ—ବାତ୍ସଲ୍ୟ ସ୍ନେହ ଭକ୍ତିର ଅପୂର୍ବ ଅମୃତ ଭଣ୍ଡ—ଅବସର ବିନୋଦ ପାଇଁ ଖଣ୍ଡିଏ ମାଗି ନିଅନ୍ତୁ ।

ମାତ୍ର ଏକଟଙ୍କା ଦେଇ ସଭ୍ୟ ହେଲେ, ସମିତିର ପ୍ରକାଶନ ପୁସ୍ତକ ଅର୍ଦ୍ଧ ମୂଲ୍ୟରେ ପାଇ ପାରିବେ

ପରବର୍ତ୍ତୀ ଆକର୍ଷଣ— **ମାୟାପୁରୀ** —( ତଦନ୍ତ କାହାଣୀ )

ଟଙ୍କା ଓ ପତ୍ର ପଠାଇବାର ଠିକଣା— ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତି, ଭଦ୍ରକ ।


rinted & published at the Gopinath Press, Bhadrak. by. G. C. Mahapatra and issued from Dagaro Office Bhadrak.

Digitized by srujanika@gmail.com




ସମ୍ପାଦକ:- ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

ଭାଦ୍ର ଦ୍ୱିତୀୟାଙ୍କ

ଏଥର ପଢ଼ିବେ

ବିଲ୍ଲୁ ଆବିଗ୍ରର

| | |
|---|---|
| କାହାଣୀ | ଆବର୍ତ୍ତନ |
| ମଜାକଥା | ଦୁଇବନ୍ଧୁ |
| ମଜାକବିତା ... | ଅଣ୍ଡିରାଙ୍କ ଦୁଃଖ |
| ଜାଗବଜା | ମହାଦେବଙ୍କ ଦେହାନ୍ତ |

ଲୁଡୁଲୁଡ଼ି

( ୬ଷ୍ଠ ବର୍ଷ, ୮ ମ ସଂଖ୍ୟା )

**September. 16, 1942.**

୮୨ଙ୍କା ଦେଇ ବର୍ଷେ କାଳ ଘରେ ବସି

**ଡଗର ପଢ଼ନ୍ତୁ ।**

Digitized by srujanika@gmail.com

ଜଗତ୍ ବିଖ୍ୟାତ

# ପାଇରୋଲା

ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ
ଆରୋଗ୍ୟ ହୁଏ ।
ଅତିସାର, ଶକ୍ତ ପ୍ଲୀହା, ଯକୃତ୍, ମ୍ୟାଲେରିଆ ଓ
ସବୁପ୍ରକାର ଜ୍ୱର ବିନା ଇନ୍‌ଜେକ୍‌ସନରେ
ଆରୋଗ୍ୟ କରିବାକୁ ଏହା ଅତୁଳନୀୟ
ଯଥେଷ୍ଟ ଅଦ୍ୱିତୀୟ ।
ମେସାର୍ସ ହେଂଜୋର ଫାର୍ମାସୀ
ନଂ ୧୧୫ ମୁର ହେଂଜୋର ଷ୍ଟ୍ରିଟ, କଲିକତା ।

ପୋରେ ଏଜେଣ୍ଟ—ମହମ୍ମଦ ଇସମାଇଲ ଖାଁ

ଶ୍ରୀ ବାରଭଦ୍ର ଗୌଡ଼—ଚରମ୍ଭା ବଜାର, ଭଦ୍ରକ (ଭଦ୍ରକ ଗୁଦବାଲ୍ ଓ ଜାଜପୁର ଏଜେଣ୍ଟ )

---

ବାତରକ୍ତ ଓ କୁଷ୍ଠର **ଭ୍ରାମରୀ ରସାୟନ** ଅବ୍ୟର୍ଥ ମହୌଷଧ

ଏହା ପ୍ରାଚୀନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଜ ବା ଚକ୍ରତ ଚଷ୍ଠ, ହଟାଙ୍ଗିର ଜ୍ୱାଳା ଶାଖାଙ୍କର ଅବସାଦ, ସୂଚିବିଦ୍ଧବତ୍ ବେଦନା ଅରୁଚି, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତ ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିଯିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮ **ଭ୍ରାମରୀ ତୈଳ** ଏହା ଦେହରେ ମର୍ଦ୍ଦନ କଲେ ଦେହର ଛଜ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକଶିଶି ୬୮ଙ୍କା ମାତ୍ର ୫ ୨ ଟଙ୍କା ମାତ୍ର ।

କାର୍ଯ୍ୟକର୍ତ୍ତା ଔଷଧାଳୟ
ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ
ଯଲାମୁନ୍ଦ ବଜାର, କଟକ ।

---

ହିଁ ଅଙ୍କ ହାତରେ
ଦେବା ଭଳି ବହି ।

## ସୁନା ଭଉଣୀ

ସମ୍ପାଦକ— ଶ୍ରୀ ଧନଶ୍ୟାମ ମହାନ୍ତି
ମୂଲ୍ୟ— ।୦ ଅଣା ।
ପ୍ରାପ୍ତି ସ୍ଥାନ:—କଟକ ପବ୍ଲିସିଂ ହାଉସ୍
ନୟାସଡ଼କ—କଟକ ।

### ଭଲ ମଞ୍ଜିରୁ ଭଲଗଛ

ବିଭିନ୍ନ ପ୍ରସିଦ୍ଧ ସ୍ଥାନରୁ ସଂଗୃହୀତ ମଞ୍ଜି ଦର୍ଶିଲେ ପରୀକ୍ଷା କରନ୍ତୁ । ମୂଲ୍ୟ ଖୁବ୍ ସୁଲଭ । ତାଲିକା ପ୍ରାର୍ଥନୀୟ ।

ଟଙ୍କାଠାରୁ କମ୍ ଅର୍ଡର ଭି: ପି: ରେ ପଠାଯିବ ନାହିଁ । ଦଶ ଟଙ୍କା ବା ଅଧିକ ମୂଲ୍ୟର ପାର୍ସଲରେ ଡାକମାସୁଲ ପଡ଼ିବ ନାହିଁ ।

ଏଜେଣ୍ଟ ନଂ ୩୦୪ ମୂର
ବାଲୀସିଡ୍ ଷ୍ଟୋର
ପୋଃ ଅଃ ବାଲୀ ( Bally )
ଜିଲ୍ଲା—ହାଓଡ଼ା

## ମରମ

କବି—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ନବ ଯୁଗର ନବୀନ ଭାବୋଚ୍ଛ୍ୱାସ
ପଢ଼ିଲେ ମୁଗ୍ଧ ହେବେ
ମୂଲ୍ୟ:—୫୦ ଅଣା


Digitized by srujanika@gmail.com

ଡଗର

୬ଷ୍ଠ ବର୍ଷ
—୮ମ-ସଂଖ୍ୟା—
ଭାଦ୍ର ଦ୍ୱିତୀୟାର୍ଦ୍ଧ
ତା ୧୬।୯।୪୨ ଖ୍ରୀ।

# ହୁକା ହୁକା ହୁଆ

[ ବିଲୁଆ ବିଗୁର ]

—ଚାନ୍ଦା—
ବାର୍ଷିକ—୫୯
ଷାଣ୍ମାସିକ—୫୦/
ବିଦେଶ ୫ ୩ ୯
ପ୍ରତିସଂଖ୍ୟା ୫ ୪ ୯

ଦୁବଅଁଟାରେ ଖୁଟେଇ ପ୍ରଚାର କେତେ ଅଛନ୍ତି ବୋଲି ଆମ ପଣ୍ଡିତମାନେ ଛାପା ବହିଯାଉଛନ୍ତି—ତପା, ଜପା, ବେଙ୍ଗପା ଗେପା—ତାଙ୍କ ଦେହ ପାଠ ନୁହେଁ କେ ଚାପା ! ଆମ ଚର୍ଚ୍ଚିଲ ଟୋ ପ୍ରଥମ ଦଳ ଶ୍ରେଣୀର ଅଟନ୍ତି କ ନାହିଁ ସେକଥା ତାଙ୍କ ପୁରୁଣା ଶିଷ୍ୟ ଅମେରି ବମ୍ୟା ନୂଆ ଟେଲ ଚିପନ୍ ଚାହଁତେ । କିନ୍ତୁ ଭେଟପନି ଆଉ ଗେପାମାନେ ଚର୍ଚ୍ଚିଲ ଯେ ଜଣେ ଧୂରନ୍ଧର 'ଡ୍ରାମ୍ ନଚେଇଙ୍ଗେ, ସିଡ଼ପଇ ଦେଖିଲେ ଖୋ ପଡ଼େଙ୍ଗେ' ଯୋଦ୍ଧା ଏ କଥା ତାଙ୍କ ଛତ୍ରର ଶ୍ରେଷ୍ଠ ଅଭ ଟେପର ମୋଟ ଉରମ୍ଭ ନିର୍ଘୃଣ ସାକ୍ଷୀ ଦେବେ ।

\+ × +

ଗଲ ୧୦ ତାରିଖରେ ପାର୍ଲିଅମେଣ୍ଟରେ ଆମ ଟୋ କଲଇ କଂଗ୍ରେସ ଉପରକୁ ଚଢ଼ାଉ ମଇଲା ଟେକିଛନ୍ତି ମୁହଁରୁ । ପହିଲ ନମ୍ବର ଡେଇଁ, କଂଗ୍ରେସ ଭାରତର ପ୍ରତିନିଧି ନୁହନ୍ତି ଓ ଅଧିକାଂଶ ଭାରତୀୟଙ୍କର ମୁଖପାତ୍ର ନୁହଁନ୍ତି—ଏପରିକି ହିନ୍ଦୁମାନଙ୍କର ଯଜମାନ ମଧ୍ୟ ନୁହନ୍ତି । ହିସାବ କରିକ କର ଦେଖେଇ ଦେଉଛନ୍ତି । ୯ କୋଟି ମୁସଲମାନ, ୫ କୋଟି ଅଛୁଆଁ ଓ ଗଲେ ବାଟେ ବାଟେ । ଏମାନଙ୍କୁ କଂଗ୍ରେସ ଗଳ୍ପାଏ । ଆଉ ତାଙ୍କ ମଧ୍ୟର ସବୁ ସଂଟର୍ଣ୍ଣ ଗଡ଼ଜାତ ରାଜାମାନଙ୍କର ଅତ୍ୟନ୍ତ ବାଧ୍ୟ ପ୍ରଜା ସାଢ଼େ ୯ କୋଟି ଚର୍ଚ୍ଚିଲଙ୍କୁ ସବୁବେଳେ ଅପଣା ଅପଣା ମାମୁଙ୍କଠାରୁ ବ ବେଶୀ ଆଦର କରନ୍ତି । ଏମିତି ସଲେ ବାକିର ସାଢ଼େ ୬୩ କୋଟି । ତାକ ଭି ସବୁ କରସ୍ଥାନ ହିନ୍ଦୁ ଶିଖ ସମସ୍ତେ କଂଗ୍ରେସ ବିରୋଧୀ । ଅତଏବ କଂଗ୍ରେସ ନରାବାର ।

ଏ କଥାର ଜବାବ ଆମେ କରୁ ନାହିଁ । ଏବେ ଯେଉଁ ଯାଜପୁର ଆଉ ଧଉଁକରେ ଭେଟ ହେଲ ସେ ଖବରଟା ଚର୍ଚ୍ଚିଲଙ୍କୁ ଧରମପୁଏ ଦେଇ ନ ଥିବେ ପର । କିନ୍ତୁ ତାଙ୍କୁ ପଚାରୁ, କଂଗ୍ରେସ ଯେବେ କିଛି ନୁହଁ, ସ୍ୱର୍ ଷ୍ଟାଫୋର୍ଡଙ୍କୁ ସେ କାହା ପାଖକୁ ପଠେଇ ଥିଲେ । ସେ ଖାଲି ବ୍ରାଡଲୁ ଖାଇ ଶୋଭା ଅସରେ ବଇଠିଥିଲେ ! ତାଙ୍କର ଏ ମୂର୍ଖ ଅରକ୍ଷିତ ଘିଠି ନରେନ୍ଦ୍ର ବୁଦ୍ଧ ଆଉ ବେଦବ୍ୟାସ ସ୍ୱଭାବ ? ତୁଳସୀ ଦାସେ ସତ ଲେଖିଥିଲେ—

ମନକା ଫେର୍ ମେ ଜନମ ଗଇ ଗଇନ ମନ୍‌କା ଫେର୍ ।

\+ + +

ଚର୍ଚ୍ଚିଲ ଟୋ ପୁଣି ଏକ ନୂଆ କଥା କହି ପକେଇଛନ୍ତି ଯେ କଂଗ୍ରେସଟା ହିନ୍ଦୁ ଅନୁଷ୍ଠାନ । ଦର୍ଶନ ଶାସ୍ତ୍ରରେ ଆମ୍ଭେମାନେ ଦେଖିଥିଲୁ ଭଗବାନ ତ୍ରିମୂର୍ତ୍ତି ଅଟଣା—ଏଣେ ନ ଢେଣେ ନୁହଁ—double faced entity—Juno । ସେ ନିଶ୍ଚିତ ମାନିଛି ଉଭୟେ । ସେ ଅକାର ବ ଅକାଅ ବ । ସେ ସାକାର ବ ନରାକାର ବ—ଅଛି ପୁଣି ନାହିଁ । ସେ ସବୁ କରି ପାରନ୍ତି । ପୂର୍ଣ୍ଣ ହୋଇ ମଧ୍ୟ ଗର୍ଭ ଧାରଣ କରି ପାରନ୍ତି—ଅକାଳରେ ବାଟ କାଢ଼ି ପାରନ୍ତି—ଭଗବାନ ଭଅ କରି ପାରନ୍ତି । ଆମ ଚର୍ଚ୍ଚିଲ ଟୋଙ୍କ ପରି କଂଗ୍ରେସ ହିନ୍ଦୁମାନଙ୍କର ନୁହେଁ ବୋଲି କହି ପୁଣି କଂଗ୍ରେସକୁ ହିନ୍ଦୁ କଂଗ୍ରେସ ବୋଲି ଏକାଥରକେ ଦୁଇ କଥା ସେଇ କେବଳ କହି ପାରନ୍ତି । ଅତଏବ ଆମ ଚର୍ଚ୍ଚିଲ ଟୋ ହେଉଛନ୍ତି ଭଗବାନ । ତେଣୁ ଆମ ସ୍ତୋତ୍ର ପଢ଼ୁଛୁ—

ହେ ନାଥ ପରମ ଦୟାଳୁ,
ତୁମେ ବାଘ ତ ଚୂଡ଼ାଆଳୁ ।

× + +

କଂଗ୍ରେସଟା ଦେବେଠେଣେ ଚଲାବାଲା ଓ ଚଣ୍ଡିଅଙ୍କ ଗହଳରେ ଖେଳ ବୋଲି ଚର୍ଚ୍ଚିଲ ହେଜାର କରିଛନ୍ତି । କଂଗ୍ରେସ କେମନ୍ତେ ଜାପାନ ସାହାଯ୍ୟରେ ଏ ଦେଶ ଲୁଣ୍ଠି କରିବ । ଆମେ କେତେ ସର-କାରଙ୍କ ପୂର୍ବ ପେଡ଼ ସବୁ ଜଣୁ । ବ୍ରିଟିଶର ଘରଣ୍ଟି କରି ଯେତେବେ ସାମ୍ପ୍ରତିକତା ଦେଶରେ ଚେକେ ବ ବୁଢ଼ା ଗାନ୍ଧୀ ଜାଣୁ ପରି ଦୁର୍ବଳ କେବେ ନୁହେଁ ବ ହରଡଲେବେ କେବେ ଦୁର୍ବଳ ନାହିଁ । ଏ ଜର୍ମାନଙ୍କୁ ମୁହଁ ଦେଲ କଏ ? ଏ ଯୁଦ୍ଧ ଏତେଦୂର ଯାଏ ହେଲ କାହାଲାଗି ? ରକ୍ଷରାପରେ ଆଇଯାଏ ଦ୍ୱିତୀୟ ଲଣ୍ଡନ ଖୋଲ ଯାଉନାହିଁ କାହିଁକି ? ଆମେରିକା ତ ସାଙ୍ଗରେ ଶୂନ୍ୟସାକ୍ଷୀ କୁତ୍ତା—ନଟେଇମା ଯୋଗିଣୀ ନଟେମା ଖଇବୁଣୀ । ସାକ୍ଷୀ ଓ ବଡ଼ ବଡ଼ ନେତାଙ୍କୁ ବାନ୍ଧି ନେଇ ଯେଉଁ ଗୋଳମାଳ ଦେଶରେ ଚର୍ଚ୍ଚିଲ ଖେଳେଇ ଦେଲେ ଏଇଟା ତ ଅଧା ସଫା ଜାପାନ ହାତରେ ଦେଶ ଦେଇ ଆମ ଧନ୍ଦିତ କହେଇ ଦେବା ପରି ହେଲା । ଯେଉଁ

ମନେ ମନେ ଗାଉଛନ୍ତି ଯେ ତାଙ୍କ ପରି ତାଙ୍କ ଦେଶର ପୁଞ୍ଜିପତି ପରୀବାରମାନଙ୍କ ସ୍ୱାର୍ଥ ପ୍ରାଚୀନ ଭାରତରେ କେବେ କ୍ଷୁର୍ଣ୍ଣ ରହିବ ନାହିଁ; ତେଣୁ ଭାରତ ସ୍ୱାଧୀନ ହେବାଠୁଁ ଜାପାନ ହାତକୁ ଦିଆ ଗଲ ? ତାହେଲେ ଜାପାନ ସାଙ୍ଗରେ ଚୋରାଏ ବାଣିଜ୍ୟ ସନ୍ଧି କରି ଅନ୍ତତଃ ଭାରତରେ କିଛିକରା ମୂଳଧନଟା ହେବ ଛହିଚି । ନିଜେ ଜଣେ ବ୍ୟବସାୟୀ ପୁଞ୍ଜିପତିଙ୍କର ପୁଅ ବୋଲି, ସେ କଂଗ୍ରେସକୁ ଅଡ ଏକଥା କହୁଛନ୍ତି କି ? ତାହାକ ଚୋରୀ ଦୁନିଆକୁ ଦେଖାଏ ଦେବେ । କାଲେ କହନ୍ତି—ଅପେ ରାଣ୍ଡ ତ ସାହି ପଡ଼ିଆ ଗୋଟେଇ ରାଣ୍ଡ ।

\+ × +

ଅମୁକ ଚର୍ଚ୍ଚିଲ କହିଛନ୍ତି—ଗାନ୍ଧି ଗାଲ ମୁହଁରେ ଯେଉଁ ଅହିଂସା କଥା କହୁଥିଲେ କଂଗ୍ରେସ ଆଉ ତାହା ମାନିଲ ନାହିଁ । ଥାଉ ତା, ଓ ପାପ କଲ କଂଗ୍ରେସ ସତ ! ଚର୍ଚ୍ଚିଲ ଆଉ ତାଙ୍କ ଉନ୍ନତାଙ୍କର ପିନ୍ଧା ପ୍ରୀତିଙ୍କଠାରୁ ରୋଗଅ ଅହିଂସା ଟିକେ ହିଁ ଆସି ପାରିଲ ନାହିଁ ? ଚର୍ଚ୍ଚିଲଙ୍କ ଗୋଷ୍ଠୀ ବଡ଼ଲାଟ ସଙ୍ଗରେ ଦିବା ପେଟ କଳକ ଦେଶର ଦେଶୀ ନେତାର୍ଯ୍ୟ (ଏକ୍‌ଜେକ୍ୟୁଟିଭ୍ କାଉନ୍ସିଲର୍) ମାନେ ଓ ଦେଶର ନମକ ସଚ୍ଚା ଅମଲା ଅମଲି ସବୁ ମୋଟେ ପଞ୍ଚାଶ ପ୍ରାଣୀଙ୍କ ଟିକେ ଟିକେ ପ୍ରେମ ଦିହୁଙ୍କ ପ୍ରେମ ଦେଇ ପାରୁ ଅ କଂଗ୍ରେସବାଲାଙ୍କ ମୁଣ୍ଡାମିରୁ ଦଳେଇ ଦେଲେ । ସେ ପ୍ରେମରୁ କଂଗ୍ରେସ ଟିକେ ଭରେଣ୍ଡ ହାସଲ କରିଥିଲେ ବୋଧହୁଏ ଚର୍ଚ୍ଚିଲ ଚିନ୍ତା ଅକ ଏମିତି ଗାଳି ଦେଇ ନ ଥାନ୍ତେ । ବେହିଆ କଂଗ୍ରେସବାଲା ସ୍ୱଭାବ !

\+ × +

ଯାହାହେଉ ଚର୍ଚ୍ଚିଲ ନିଜ ମୁହଁରେ ପ୍ରଶଂସା କରିଛନ୍ତି ଅପଣାର ଯେ ଗାନ୍ଧି ଓଡ଼ଙ୍କର କେତେଙ୍କୁ ସେ ମଜା ଅନ୍ଧାରରେ ରଖିଛନ୍ତି । ଗାଳବାକୁ କେତେ ଦେଇଛନ୍ତି, ଦଉଡ଼ିବାକୁ ଟୋକର ଦେଇଛନ୍ତି ଓ ସ୍ତ୍ରୀବଦାକୁ ଛପର ପେଟ ମନୁଷ ଦେଇଛନ୍ତି; ଆଉରି ଦେବେ କ'ଣ ! ଖାଲି ଯାହା ତାଙ୍କ ସ୍ୱାଧୀନତା ଟିକକ ବାଡ଼ି ନଥ ଯାଉଛି । ଗୋଳମାଳ ଶାନ୍ତିରେ ସେ ଦନ୍ଧା କରି ପୁଣି ସଉଦେବେ । କିନ୍ତୁ ଗୋଳମାଳ ଯୋଉଁ ସେମାନଙ୍କୁ ଧରା ଯାଉଛନ୍ତି ସେମାନଙ୍କ

Digitized by srujanika@gmail.com

ଯଉଠା ଯୋଉଁ ଗୋଳମାଳ ହେଲା । ବୋଧହୁଏ ଚର୍ଚ୍ଚିଲ ମୀମାଂସା କରିବେ—ଗଛରୁ ମଞ୍ଜି ନା ମଞ୍ଜିରୁ ଗଛ ? କିଏ କହିବ !

× × +

ଆମ ଅନେକ ସାହେବ କହିଛନ୍ତି ଯେ, କଂଗ୍ରେସ ନେତାଙ୍କ ଧରାଧରିରେ ଭାରତର ନୂଆପଦରେ ବସି-ଥାଆନ୍ତି । ଆମେ ବି ସେ କଥା ଶୁଣିଥିଲୁଁ । ଆମଠୁଁ ବେଶୀ ଭଲ ବୁଝୁଥିବେ ଗୋରା ସାହେବଙ୍କ ଖାନସାମା ଆଉ ବେହେରା । ଗୋରା ସାହେବ ଏମାନଙ୍କୁ ବଡ଼ ନୂଆପଦରେ ବସି ଥାଆନ୍ତି—ତାହାହେଲେ ବେଶୀ ଆପଦ ପଡ଼ିବାର ଜାଣିଲେ—ତାହାଙ୍କ ନୂଆପଦରେ ଚଉଦନ ବସିଥାନ୍ତି ।

× + +

ଚର୍ଚ୍ଚିଲ ବଡ଼ ଖୋଲା ଲୋକ; ଖୋଲା କଥା କହନ୍ତି ବୋଲି ଅନେକେ ପ୍ରଶଂସା କରୁଛନ୍ତି । ସତ ଏବା ତାଙ୍କର ସବୁ ଖୋଲା । ଚଣ୍ଡି ଖୋଲା, ଅଣ୍ଡି ଖୋଲା, ପୁଣି ଖୋଲ ଆଉ ଚଟ୍ଟ ବି ଖୋଲା । ସେ ସବୁବେଳେ ଅସତ୍ୟ କଥା କହନ୍ତି ଅପ୍ରିୟ ମଧ୍ୟ କହନ୍ତି କିନ୍ତୁ ଅସତ୍ୟ ପ୍ରିୟ କେବେ କହନ୍ତି ନାହିଁ । ଅସତ୍ୟ ଅପ୍ରିୟ କହୁଁ ନ ଚାଲେ ମାତ୍ର ସ୍ନାହୁ ।

+ × +

ଗୋଟାଏ ତାର ଖବରରୁ ଜଣାଯାଇଛି ଯେ ଜାପାନସେନା ଭାରି ଜମାଏତବନ୍ତ ହୋଇ ସାଇବେ-ରିଅ ଧଡ଼କୁ ମୁହେଁଇଲେଣି । ଅତଏବ ଆଉ ଦକ୍ଷିଣ ମୁହାଁ ହବାର ସମ୍ଭାବନା ନାହିଁ ଏଇକ୍ଷଣି ।

ଏ କଥା ଶୁଣି ଆମର ସାହା ପଡ଼ିଲ ଯାହା ହେଇ । ସତରେ ଯଦି ଜାପାନ ଆସି ଥାଆନ୍ତା ଆମର ଏ ରାମରାଜ୍ୟର ମୁଖଶାନ୍ତି ରହନ୍ତା କାହିଁ । ହାତମୁଠା ଭିତରେ ଆମେ ଏବରକମ ଆମ ସ୍ୱରାଜ ପାଇ ସାରିଲେଣି । ସ୍ୱରାଜର ପକ୍କା ଜବାବ ଯେତେ-ବେଳେ ପାଇସାରିଲୁ ଆଉ ତହିଁରେ ସନ୍ଦେହ କରି-ବାର ଅଛି କଣ ? ଜବାବ ଦେଇ ହାରି ନା... ।'' ତାପରେ ଏଥା ବାଇପଣ ସରିକ ସ୍ୱାସ୍ତ୍ୟ ଶାସନ ଆମଠୁ ବଳନାହିଁ ବ—ଅନ୍ତତଃ ଆମ ଘର ଭିତରେ ? ସମଜଦାର ଲୋକ ଯେ ବୁଝି ପାରିବ ?

× × +

ବୃଟିସ ଶ୍ରମିକ ସଙ୍ଘ ବରାବର ଭାରତକୁ ସ୍ୱାଧୀନତା ଦେବା ପକ୍ଷରେ ଓ ଭାରତୀୟଙ୍କ ବନ୍ଧୁ ବୋଲି ପରିଚିତ । ଯେତେବେଳେ ଭାରତ ନେଇ କୌଣସି ଅଲ୍ପ ଅସନ୍ତୋଷ ବାହାରେ, ବା ଭାରତ-ର କୌଣସି ବିପଦ ଆପଦ ପଡ଼ିଯାଏ, ଏହି ଶ୍ରମିକ ଦଳଙ୍କ ମାନେ ଅସ୍ଥିର ହୋଇ ଛିଡ଼ା ହୋଇ ଯାଆନ୍ତି ଓ ଅଫଳ ଅଥଚ ହେଲେ ବୁଝିବା, ମନ ଦେବା କଥା କହି ଦେବାମ୍ ବା ବେହୁଏ ଭାରତବାସୀଙ୍କ ଦମ୍ ବା ଦୁଃଖ ଦେବାରେ କୁଣ୍ଠିତ ହୁଅନ୍ତି ନାହିଁ ।

ଭାରତର ବର୍ତ୍ତମାନ ଅଶାନ୍ତିରେ ସେମାନେ ସ୍ୱଭାବତଃ ବିଚଳିତ ଓ ବିକ୍ଷୁବ୍ଧ ହୋଇ ପଡ଼ିଛନ୍ତି । ଶ୍ରମିକ ସଙ୍ଘ ଭାରତକୁ ମୁଁହେଁର ମୁଁହେଁର ଉପଦେଶ ଦେଉଛନ୍ତି କି,—ହେ ଭାରତବାସୀ, ଗାନ୍ଧିଜୀ ଓ ତୁମ ନେତାମାନଙ୍କୁ ଧରି ନେଇ ଜେଲଖାନା ସ୍ଥାନ-ରେ ରଖାଗଲା ବୋଲି ତୁମେ କିଛି ମନେ କରନା । କାରଣ ଏହା ତୁମରି ଭଲ ପାଇଁ କରା ଯାଇଛି । ସେମାନେ ବାହାରେ ଥିଲେ ଗୋଳମାଳ କରି ଥାଆନ୍ତେ, ତାହା ଦ୍ୱାରା ତୁମର ସ୍ୱାଧୀନତା ପାଇବା ବାଟରେ କଣ୍ଟା ପଡ଼ି ଯାଆନ୍ତା । ଏବେ ସେମାନେ ତାହା କରି ନ ପାରିବାରୁ ତୁମର ସ୍ୱାଧୀନତା ପାଇ-ବାଟ ସହଜ ଓ ନିଶ୍ଚିତ ହୋଇଗଲା ।

ସତରେ ଭାରତୀୟ କଳା ମୁଣ୍ଡିଆଗୁଡ଼ାକ ଏମିତି ନିର୍ବୋଧ ଯେ ଆପଣାର ଭଲ ଅତି ସହଜ ପରି ନାହାନ୍ତି । ହାୟ, ଆଜ ଭାରତରେ ଶ୍ରମିକନେତା ମ୍ୟାକଡୋନାଲ୍ଡ ନାହାନ୍ତି—ଥିଲେ ସେ ଅନ୍ତର କେତେ ବ୍ୟସ୍ତ ହେଉଥାଆନ୍ତେ ।

× × +

ଯୁଦ୍ଧ ସମାବେଶରେ ଲେଖକଙ୍କ ମଥା ଓ ମତଲବ ଇମିତ ଗୋଳମାଳିଆ ଧରି ଯାଇଛି ଯେ ଆପଣାର ଭଲ ମନ୍ଦ ତର୍କ୍‌ବିଚାର, ବିଚାର କରିବାର କ୍ଷମତା କାହାରି ନାହିଁ । ଗାନ୍ଧି ମହାତ୍ମାଙ୍କ ସେଇଥିପାଇଁ ଇଂରେଜଙ୍କ ଦୁଃଖରେ ଦୁଃଖୀ ହୋଇ କହିଥିଲେ କି—''ହେ ଇଂରେଜ ତମେ ଭାରତ ଛାଡ଼ି ଚାଲିଯା, ଏହା କଲେ ଏ ଯୁଦ୍ଧରେ ତମେ ନିଶ୍ଚେ ଜିତିବ । ଆମେ ନିଃସ୍ୱାର୍ଥ ଭାବରେ କେବଳ ତୁମରି ଭଲ ପାଇଁ ଏକଥା କହୁଛୁଁ ।''

ମାତ୍ର ଇଂରେଜ ମହାତ୍ମାଙ୍କ ଧର୍ମବାଣୀ ତ ଶୁଣିଲେ ନାହିଁ । ଭବିଷ୍ୟତ୍‌ଗଣ ଶ୍ରମିକ ସଙ୍ଘର ମର୍ମବାଣୀ ଶୁଣିବେ ନାହିଁ କି ?

× × ×

''ଗୋଇଲି ପୁଅର ଦେଶ ନାହିଁ'' ବୋଲି ଯଉଁ ପ୍ରବାଦଟା ମାନଯାତା ଆମଳରୁ ପଢ଼ିଆସିଛି 'ତଗ-ତମାଳି' ଯାକେ କଥାରେ ଓ ଲେଖାରେ ତାର ଅସି-ଛି, ତାର ଗୋଟାଏ ଅଶି ଦରକାର ଥିଲା ପ୍ରମାଣ ମିଳିଛି ଏତେଦିନକେ ।

ଆମ ଗଲ ବୋଟ ରାଜାବାହାଦୁର ଦର୍ଶ୍ଚି ଯାଇବା ପାଇଁ ରେଳଗାଡ଼ିରେ ଗୋଟିଏ ଲମ୍ବାସନ (ବାର୍ଥ) ଆଗରୁଆ ଭଡ଼ା ଦେଇ ସଂରକ୍ଷିତ କରି ପାରି (ରିଜର୍ଭ) ରଖିଥିଲେ । ମାତ୍ର ଷ୍ଟେସନ୍ ପାଖ ଯାଇ ଖୁବ୍ ଖୁସି ଆସି ଦେଖନ୍ତି ତ ତାଙ୍କ ବୋଝମରା ଆସନ ବେଦ-ଖଲ ହୋଇଯାଇଛି । ନେକଣ ଗୋରା ସେଥିରେ ତାଙ୍କ ଉପରେ ଡେରା ଜମାଇ ଦେଇଛନ୍ତି । ହାଇ ସୁବାର ଯତ୍ନ ବିଫଳ ହେଲା, ତହୁଁ ଅର୍ଜି, ଫେରାଦ କରିବାକୁ ପଡ଼ିଲା । ଷ୍ଟେସନ ମାଷ୍ଟର ଆସି ବହୁ ଯତ୍ନ କରିବା ଫଳରେ ଗୌରାଙ୍ଗଲୋକ ଉପର ବାର୍ଥ (ଝୁଲଣାସନ) ଗୋଟିଏ ଛାଡ଼ି ଦେବାକୁ ରାଜିହେଲେ । ଏହିଠି କେବେ କଥା ମେଣ୍ଟି ଗଲତ ?—ନା—

+ + +

ତା ହେଲେତ ପାଇଟ ସରି ଯାଇ ଥାଆନ୍ତା । ଏଥିପାଇଁ ଏତେ କଷ୍ଟର ପଢ଼ିବାର ଅବସର ବା ମିଳନ୍ତା କାହିଁ ?

ତହୁଁ କଣ ହେଲା କି—ଷ୍ଟ୍ରାପ ଯାଇ ସେ ବୋଲା ରେ ଚଢ଼ିବା ବେଳକୁ ଦୋଳାଚଳ ଚିତ୍ତବୃତ୍ତି ହେବାକୁ ଲାଗିଲେ । ସେଠାକୁ ହାଇଜଂପ କରି ଉଠିବାର କୌଶଳ ପାଇବା ସବୁ କାଳୁ ପକ୍ଷରେ ତ ସମ୍ଭବ ନୁହେଁ । ଆଉ ମଧ୍ୟ ସବୁ ଜାନୁଅରର ଭାର ବହନ କରିବାର ଶକ୍ତି ସବୁ ଦୋଳାର ଥିବା ସହଜ ନୁହେଁ । ଯାହାହେଉ ଷ୍ଟ୍ରାପ ବ୍ୟର୍ଥ ମନୋରଥରେ ତାସ୍ତୁଡ଼ା କଟେଇ କଲେ । ଏଭଳି ବର୍ଣ୍ଣ ପାରରେ ମୂଦୁଇ ଯାମାର ସୌଭାଗ୍ୟ ଆଉ ଷ୍ଟ୍ରାପଙ୍କୁ ଯୁଟିଲ ନାହିଁ । କପାଳ ତ୍ରିଶୂଳ ନାଗରା କଣା ହୋଇଗଲା ।

× × +

Oppertunity comes not twice—ଥରେ ପାଇ ହରାଇଲ ଆଉ ପୁଣି ମିଳିବା କାଠିକର ପାଠ । ଦର୍ଶ୍ଚି ବା ନଣ୍ଡ ରୋମନ୍ଥନ କରିବାର ଏଇ ଯେ ସୁଯୋଗଟା ଗଲା, ଏହା ପୁଣି କେବେ ଫେରିବ କିଏ ଜାଣେ ! ମାନ ମାରିଲେ ସେ ମାନ ଭଞ୍ଜନ କରିବା ସହଜ, କିନ୍ତୁ...ଆମେ ଅବଶ୍ୟ ଏଥିପାଇଁ ଷ୍ଟ୍ରାପଙ୍କୁ ଆମର ଉପଯୁକ୍ତ ସମବେଦନା ଜଣାଉଛୁଁ ଓ ତାଙ୍କର ବାଇମ୍ବାଇ ଦର୍ଶ୍ଚି ଛୁଟିଯାଇବା ସବାରେ ବାଳିଆ ସାଥିଙ୍କୁ ଶୁଭାଶିଷ ଜଣାଉଛୁଁ ।

× + ×

ଅସ୍ଥି ଦୁର୍ଗାଧୀଶର ଯେ ଏଥର ତାଙ୍କ ନିର୍ଦ୍ଦିଷ୍ଟ ଆସନ ହରାଇ ଦୁଃଖଟାରେ ପଡ଼ିଲେ ତାହା ନୁହେଁ । ଅସ୍ଥିର ଥରେ ମଧ୍ୟ ସେ ପାଗ ବାନ୍ଧି ବାନ୍ଧି କରେ ବଗଡ଼ାସ୍ତ ହୋଇ ଯାଇଛି । ସେ ଅଧିକଟା କିନ୍ତୁ ରେଳ-ବାଇ ଅସନ ଠାରୁ ବେଶି ଷ୍ଟ୍ରାପଣୀୟ ଓ ଗ୍ରହଣୀୟ । ଯେତେବେଳେ ସେ ବଗଡ଼ବେଳରେ ପହଞ୍ଚିଯାଇ ଥିଲେ ହୁଏତ ଓଡ଼ିଶାର ରାଜନୀତିକ ଅବାଶ ଅନ୍ୟ ଅକାର ଧାରଣ କରି ଥାଆନ୍ତା ଓ ଅନ୍ୟ ସଙ୍ଗଠନ ଉନ୍ନତ ପରିବର୍ତ୍ତେ ମର୍ଦ୍ଦିଆଳ ଓଡ଼ିଶାର ଅଗ୍ରଦୂତ ପାଇ ଓଡ଼ିଶା ଭାଇଏ ଧନ୍ୟ ହେଉଥାଆନ୍ତେ; ପରନ୍ତୁ ଏତେ ବାଦ, ବିତଣ୍ଡା, ବିଦ୍ରୋହର ଲେଖା ପଡ଼ ନ ଥାନ୍ତା ।

Digitized by srujanika@gmail.com

ନଅଟିଏ କହ୍ନୁଁ

# ଆବର୍ତ୍ତନ

ଲେଖକ—ଶ୍ରୀ ରମେଶଚନ୍ଦ୍ର ନାୟକ ।

[ କାହାଣୀ ]

ଚାରିଆଡ଼େ ଝଟିଝଟିଆ ଅନ୍ଧାର । ଗାଁର ସବୁ ଘରେ ଭଗାଃ ପଞ୍ଚଲକ୍ଷ୍ମୀ । କେବଳ ବର୍ଷାର ଝରଝର ଶବ୍ଦ ସଙ୍ଗରେ ଝିଙ୍କାରି ଧ୍ୱନି ମିଶି ଗାଢ଼ ଅନ୍ଧାରକୁ ମୁଖର କରିଦେଉଛି । ମଝିରେ ମଝିରେ ସାଁ ସାଁ ହୋଇ ପବନ ବହିଯାଉଛି ହଜାର ହଜାର ସାପର ଏକ ସଙ୍ଗରେ କ୍ରୋଧ ଗର୍ଜ୍ଜନ ପରି । କେତେ ଗଛ ନଇଁ ପଡ଼ୁଛି, କେତେ ଡାଳ ଭାଙ୍ଗି ଯାଉଛି, କେତେ କୋମଳ ଲଟା ମାଟି ସଙ୍ଗରେ ମିଶି ଯାଉଛି; କିନ୍ତୁ ଅନ୍ଧାରରେ କିଛି ଜଣା ପଡ଼ୁନାହିଁ । ପ୍ରକୃତିର ଆବର୍ତ୍ତନରେ ପତ୍ର ଫୁଲ, ଫଳ, କଣ୍ଟା, ପଥର, ଡାଳ ସବୁ ଏକସଙ୍ଗରେ ମିଶି ଯାଉଛନ୍ତି । ନିର୍ମମ ଝଞ୍ଜା ତାଡ଼ନାରେ କାହାର କେଉଁଠି ସ୍ଥିର ହୋଇ ରହିବାର ଅବସର କିମ୍ବା ଶକ୍ତି ନାହିଁ । ଏହି ଦୁର୍ଯୋଗରେ ଗମ୍ଭୀର ରାତିରେ ବି ମହାପାତ୍ରଙ୍କ ଘରେ ଗୋଟିଏ କକ୍ଷରେ ଜାଗ୍ରତ ଲାବଣ୍ୟ ଝରକାପାଖରେ ନୀରବରେ ବସି ଅନ୍ଧାର ଭିତରେ ପ୍ରକୃତିର ଏହି ତାଣ୍ଡବ ଆବର୍ତ୍ତନକୁ ନିର୍ନିମେଷ ନୟନରେ ଚାହିଁ ରହିଛି । ଏହି ରାତିଟି ପରି ତା ଅନ୍ତରରେ ବି ଆବର୍ତ୍ତନର ଲୀଳା । ସେଠାରେ ବି ଆଶା ନିରାଶାର ଦ୍ୱନ୍ଦ, ଅନିଶ୍ଚିତ ଅଜ ସମସ୍ୟାର ଆଲୋଡ଼ନ, ଝଡ଼ ଶେଷ ହେଲେ ପ୍ରକୃତି ଫେର୍ ପୂର୍ବ ଅବସ୍ଥା ଫେରି ପାଇବ— ସୂର୍ଯ୍ୟ ଉଦୟ ହେଲେ ତାହାର ନବ ଅବଯୁକ୍ତ ପ୍ରାଣ ଆଜି ପୀଡ଼ିତ ସ୍ପର୍ଶରେ ହୋଇଉଠିବ ଉଜ୍ଜ୍ୱଳ, କିନ୍ତୁ ତା ଅବସ୍ଥା ? ତା ଭବିଷ୍ୟତ ? ଆଲୋଡ଼ନ ସେଠାରେ ଧ୍ୱଂସ ସମ୍ଭବ ! ଲାବଣ୍ୟ ଆଜ ନିଜକୁ ସମ୍ଭାଳି ପାରିଲା ନାହିଁ । ଝରକାପାଖ ପରେ ତା ଆଖି ଦୁଇଟିରୁ ଲୁହ ଝରିପଡ଼ିଲା । ସେ ତାକୁ ପୋଛିବାକୁ ଚେଷ୍ଟା ନ କରି ଅପଲକ ଦୃଷ୍ଟିରେ ବାହାରକୁ ଚାହିଁ ସ୍ତବ୍ଧ ହୋଇ ବସି ରହିଲା ।

ସେ ଭାବୁଥିଲା—ଅବିବାହିତା ତରୁଣୀ ସେ, କିନ୍ତୁ ଗର୍ଭରେ ତାର ସନ୍ତାନ । ବିପରୀତ ମନ୍ଥନ କରି ଯାହା ଦେହରେ ସରଳ ବୋଲି ଯେତେବେଳେ ସେ ଅକଣ୍ଠ ଚିତ୍ତ ପ୍ରେମଦାନ କରିଥାଇବ, ଯୌବନର ମତ୍ତ ଫେନିଲ ତରଙ୍ଗ ଆଘାତରେ ଯେତେବେଳେ ସେ ବଳିଷ୍ଠ ପ୍ରାଣ, ଦଧି ସାଗରରେ ବିନ୍ଦୁଏ ଅମୃତ ପରି—ତାହାର ମାତୃତ୍ୱ ସମ୍ଭାବନା ତାହାର ସମସ୍ତ ଜ୍ଞାନ ଆଉ ଚରିତ୍ରକୁ ଅପୂର୍ବ ଭାବରେ ରଞ୍ଜିତ କରି ଦେଇଛି । ମନୁଷ୍ୟ ସମାଜରେ ଅସମ୍ମାନର ଅଙ୍କନ ବ୍ୟତୀତ ଯାହାର ଏହି ଦୁନିଆରେ ଆଉ କୌଣସି ସମ୍ବଳ ନାହିଁ, ସମାଜ ବିଷୟରେ ଗୋଟିଏ ବିଷବ୍ରଣ ପରି ଯେ ପ୍ରତୀୟମାନ ହେବ, ତାହାର ସେହି ଅନାଗତ ଶିଶୁଟି ସଦେହ ତାକୁ ସବୁ ବେଳେ ଡାକ ଦେଉଛି, ‘ମା—ମା—ମା, ତୁ ମୋର ମା ।’ ଲାବଣ୍ୟ ଦିନ ରାତିରେ ବେଢ଼ିଥାଏ ଯେ ନିଜର ଦୁଃଖ, ବେଦନା, ନିଜର ଭବିଷ୍ୟତ ବିସ୍ମୃତ ହୋଇ ଅନାଗତ ସନ୍ତାନର ଭାବି ଜୀବନଯାତ୍ରା ସମସ୍ୟାରେ ତନ୍ମୟ ହୋଇଯାଏ. ତା ଗର୍ଭର ବାହାରେ ସମାଜର କିଏ ତା ଜାଣିବ କେଉଁପରି ! ସେହି ଅନାଗତ ଶିଶୁର ଆଗମନକୁ ଅଭିନନ୍ଦନ କରିବା ପାଇଁ ଏହି ଦୁନିଆରେ ତାଛଡ଼ା ପରା ଆଉ କେହି ଜଣେ ହେଲେ ବି ନାହିଁ । ଆଉ ଯେଉଁ ଜଣକର କର୍ତ୍ତବ୍ୟ ଥିଲା— । ଆଉ ତା କଥା— । ବିଶ୍ୱାସଘାତକ ତାର ସର୍ବ ସମ୍ଭାବନା ଜାଣିପାରିବା ପରଠୁଁ ଉଦେନହେଲେବି ତା ପାଖକୁ ଆଉ ଆସିନି । ଅଧିକନ୍ତୁ ଲାବଣ୍ୟ ସଙ୍ଗରେ ତା କଥା ସମସ୍ତେ ଜାଣିପାରିବେ ।

ଗର୍ଭରେ ଯେଉଁ ଦୁଇଟି ଲାଞ୍ଛନାର ଜୀବ ତାକୁ ଦେଖି ଥିଲା, ଲାବଣ୍ୟ ସେ ହୃଦୟର ଗଭୀରତମ ପ୍ରାର୍ଥନା ଜଣାଇ ପରି ବାରମ୍ବାର ଅନୁରୋଧ କରିଥିଲା; ସେହି ବାଳୁତକୁ ମଧ୍ୟ ସେତେବେଳେ ନିଜର ନାରୀତ୍ୱ ତାକୁ ତାକୁ ସେ ସ୍ୱେଚ୍ଛାରେ ପର ହୋଇଯାଇଛି । ସ୍ତ୍ରୀ ଲାବଣ୍ୟର ସାରା ଦେହ ସଂକୁଚିତ ହୋଇଉଠିଲା । ଛି—ଛି, ସେହି ବିଶ୍ୱାସଘାତକ ନୀଚ ପାଷଣ୍ଡର ସନ୍ତାନ ତା' ଗର୍ଭରେ— । ଏହି ନିର୍ମମ ସତ୍ୟଟାକୁ ସେ କିପରି ନେବ ସତେ— ! କେଉଁ ଶକ୍ତିକୁ ସମ୍ବଳ କରି ସେ ତାହାର ସ୍ୱାର୍ଥ ସଙ୍ଗରେ ବିରୋଧ କରି ନିଜର ଆଉ ସନ୍ତାନର ଭବିଷ୍ୟତ ଜୀବନର ପଥ ନିର୍ମାଣ କରିବ । ପ୍ରତ୍ୟାଘାତ କେବଳ ତାକୁ ପ୍ରତାରିତ ଲାଞ୍ଛିତ କରି ନିସ୍ତାର ଦେଇନି, ତାର ସନ୍ତାନକୁ ମଧ୍ୟ ବିପନ୍ନ କରି ଦେଇଛି ସେ । ତା' ସନ୍ତାନ ଜଗତ ଆଗରେ ନିଜର ପରିଚୟ ଦେବା ପାଇଁ କେଉଁ ସମ୍ପଦ ପାଇବ ତାଠୁଁ !

କିନ୍ତୁ ନିଜ ସନ୍ତାନର ସମ୍ମାନରେ ହତ୍ୟା ବି ସେ କରିପାରିବ ନାହିଁ । ଗର୍ଭଲକ୍ଷଣ ଜାଣିପାରିବା ପରେ ଆଇ, ଏ, ପଢ଼ା ବନ୍ଦ କରିଦେଇ ସେ ହଷ୍ଟେଲରୁ ମାମୁ ଘରକୁ ଚାଲିଆସିବାକୁ ବାଧ୍ୟ ହେବା ପରଠୁଁ ଅନୁକ୍ଷଣ କେତେ ଯନ୍ତ୍ରଣା ତାକୁ ସହିବାକୁ ହେଉଛି ମାମୁ ଆଉ ମାଇଁଙ୍କ ଠାରୁ । ମାମୁ ମାଇଁଙ୍କର ଦିନ ରାତି ପରାମର୍ଶ, ଉପଦେଶ ଆଉ ଧମକ ଚାଲିଛି— ଗର୍ଭସ୍ଥ ସନ୍ତାନକୁ ଗୋପନରେ ହତ୍ୟା କରିବାକୁ ହେବ । ଏହି କେତେଦିନ ପୂର୍ବେ ମଧ୍ୟ ମାଇଁ ଗୋଟାଏ ଧାଈକୁ ସଙ୍ଗରେ ଆଣି ବହୁତ ସମୟ ତାର ସନ୍ତାନକୁ ନଷ୍ଟ କରିଦେବା ପାଇଁ ଅନୁନୟ ଅନୁରୋଧ କରି କୃତକାର୍ଯ୍ୟ ହୋଇ ନ ପାରି ଶେଷରେ ତା ଉପରେ ବଳପ୍ରୟୋଗର ଚେଷ୍ଟା ମଧ୍ୟ କରିଥିଲେ । ସେମାନଙ୍କର ଅଭିଯୋଗ—ଯେତେବେଳେ ସମସ୍ତେ ଜାଣିପାରିବେ ସମାଜରେ ସେମାନେ ମୁହଁ ଦେଖାଇବେ କେଉଁପରି ! ଧର୍ମ ରକ୍ଷା କରିବା ମଧ୍ୟ ସେମାନଙ୍କ ପକ୍ଷରେ ହେବ ଅସମ୍ଭବ । ତାକୁ ହତ୍ୟା କରିବାକୁ ହେବ ଏହି ଅନାକାଂକ୍ଷୀ ଶିଶୁକୁ, ନହେଲେ ଏ ସ୍ଥାନ ଛାଡ଼ି ଅନ୍ୟତ୍ର ଯିବାକୁ ହେବ ।

ଲାବଣ୍ୟ ନିର୍ବୋଧ ନୁହେଁ, ସମସ୍ତ ବୁଝିଛି । ପର ଗୃହରେ ସେ ଆଶ୍ରିତା । ସେମାନଙ୍କ କୃପା ଉପରେ ନିର୍ଭର କରୁଛି ତାହାର ଭରଣ ପୋଷଣ । ଏତେ ଦିନ ପର୍ଯ୍ୟନ୍ତ ଯେଉଁମାନେ ଦୟା ପରବଶ ହୋଇ ତାକୁ ଲାଳନ ପାଳନ କରିଅଛନ୍ତି, ଶିକ୍ଷା ଦେଇଅଛନ୍ତି ସେମାନଙ୍କ ନିକଟରେ ଅକୃତଜ୍ଞ ହେବାକୁ ତାର ଇଚ୍ଛା ନାହିଁ । କିନ୍ତୁ— । ଏହି ଚିନ୍ତା ହୋଇଛି ତା' ଜୀବନର କାଳ । ହତ୍ୟା—ଏହି ଶବ୍ଦଟା ତା' ମନରେ ଭାବିବାମାତ୍ରେ ସେ ଥରି ଥରି ଉଠେ । ଏମାନଙ୍କ ଆଶ୍ରୟ ଛାଡ଼ି ଚାଲିଗଲେ ବା ନିଜର ଉଦରର ସନ୍ତାନ ରକ୍ଷା କରିପାରନ୍ତା ସେ । କିନ୍ତୁ ସେ ପକ୍ଷରେ ମଧ୍ୟ

Digitized by srujanika@gmail.com

ପ୍ରତିରୋଧ ସୃଷ୍ଟି କରୁଛି ତାହାର ବର୍ତ୍ତମାନ ଅବସ୍ଥା । ଯୌବନରେ କିଏ କଣ ବା ନ କରନ୍ତି । କେତେ ଭଲ ସେ ଯେ ଶୁଣିଛି ତାର ଠିକ ନାହିଁ । କେତେ ଯୌବନ ପ୍ରୀତିର ଉପହାସ ସେ କଲେ ବି ଜାଣେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରାୟ ସମସ୍ତେ ଭ୍ରୂଣ ହତ୍ୟା କରି ସମାଜରେ ସୁଖରେ ଅଛନ୍ତି । କିନ୍ତୁ ସେ ସେହି ହତ୍ୟାର ପନ୍ଥା ଗ୍ରହଣ କରିବାକୁ ଅନିଚ୍ଛୁକ ହୋଇ ପ୍ରକୃତ ପକ୍ଷରେ ତାର ଏହି ଲାଞ୍ଛିତ ଦୁର୍ଗତ ଅବସ୍ଥା । ମିଥ୍ୟାରୁ ସେ ମଥା ନତ କରି ସ୍ୱୀକାର କରୁନାହିଁ ବୋଲି ଆଜି ତା ଜୀବନର ସମସ୍ତ ପଥ ଅବରୁଦ୍ଧ । ଆଜି ତାହାର ଏହି ନିରୁପାୟ ଅବସ୍ଥାକୁ କେହି ବୁଝିବ । କେହି କରିବ ତାକୁ ସାହାଯ୍ୟ । କିଏ ସମବେଦନା ବା ସେ ପାଇବ କାହାଠୁଁ ? ସେ ନିଜେ ତ ପର । ଏହାକୁ କୌଣସି ରୂପ ଦେଇ ପାରୁନାହିଁ ।

ଅନନ୍ତରେ ବଞ୍ଚିବାର ଆଶା କିମ୍ବା ଉଦ୍‌ବେଗ ତାହାର ଅନ୍ୟ କାହା ଅପେକ୍ଷା କମ ନୁହେଁ । ସମାଜର ଅନୁକୂଳ ବ୍ୟକ୍ତି ମାତ୍ର ବୁଝନ୍ତି ଯେ କ'ଣ ଅଛି ବା ତା ନିକଟରେ ଅଜଣା । ଏପରି ପ୍ରତାରିତ ଅବସ୍ଥାର ସନ୍ତାନ ତା ନିକଟରେ ଯେ ଗର୍ବର କିମ୍ବା ଆନନ୍ଦର ନୁହେଁ ଏକଥା ମଧ୍ୟ ସତ୍ୟ । ବରଂ କେବେ କେବେ ଏହି ଅନାଗତ ସନ୍ତାନ ପ୍ରତି ତାର ଜାଗିଉଠେ ଗୋଟାଏ କୋମଳ ଘୃଣା । କିନ୍ତୁ ଏହି କୋମଳ ଘୃଣା ଭିତରେ ବି କଣ ଗୋଟାଏ ଯେ ମମତାରେ ମନରେ ତା ଭିତ୍ତି ଅଳଙ୍କୃତ କରିଦିଏ ତା ଲାବଣ୍ୟ ବୁଝି ପାରେ ନା । ସେ ଆଉ ଭାବି ପାରିଲ ନାହିଁ, ସ୍ତବ୍ଧ ହୋଇ ଅନ୍ଧାରରେ ପ୍ରହର ପର୍ଯ୍ୟନ୍ତ ଅଢ଼ୁଆ ସ୍ଥିର ବସିରହିଲ ।

'ତାର ସମସ୍ତ କ୍ରୋଧ ନିବୃତ୍ତି କରି ଏଥର ତା' ମନ ଭିତରେ କେବଳ ଗୋଟାଏ କଥା ଅଳଙ୍କୃତ ହୋଇ ଉଠିଲା—ତାକୁ ମରିବାକୁ ହେବ । ଯାହା ଅଗରେ ଅରୁଣର ପ୍ରଥମ ରଶ୍ମି ରାଗ ବୋଳା ହେଲା ପରି ତାରୁଣ୍ୟ ତା' ଦେହକୁ ସ୍ପର୍ଶ କରିଛି ମାତ୍ର । ଅନ୍ତର ଭିତରେ ଜୀବନର ଅବାରିତ ଝଡ ବାଜଣା ବେଳେ ବୋଧହୁଏ ଏହି ଯେଉଁ କରୁଣ ନାଟକ ତାକୁ ଅଦୃଷ୍ଟ-ମୂର୍ଚ୍ଛିତ-ପ୍ରାୟ କରି ତାକୁ ସ୍ତବ୍ଧ କରି ଦେଉଛି ତାକୁ ସେ ଜୀବନର ଦାନ ବୋଲି ଅଭିନନ୍ଦନ କରିବ କେଉଁପରି । ଆତ୍ମହତ୍ୟାର ଚିନ୍ତା ତା' ମନ ଭିତରେ ସ୍ପଷ୍ଟ ହୋଇ ଫୁଟି ପାରୁନାହିଁ । ଯେତେ ଚେଷ୍ଟା କଲେ ବି ମନଟା ସେହି ଦିଗରୁ ଘୂରି ଫେରିଆସୁଛି, ସତେ ସେଟା ଯେ ନୁହେଁ ଗୋଟାଏ କାଳେକଥା—ଭୁଲି ଯିବାଁ ଭଲ ।

କ'ଣ କରିବ ଲାବଣ୍ୟ କିଛି ବୁଝି ପାରିଲନାହିଁ । ତାକୁ ଜଣାଗଲା ଯେପରି କିଏ ତା ମୁଣ୍ଡ ଭିତରେ ସବୁ ଶିରା-ପ୍ରଶିରା ସୂତାକୁ ଟାଣିଟାଣି ଛିଣ୍ଡେଇ ନେଇ ଯାଉଛି । ତା ମୁଣ୍ଡ ଭିତରେ ନିଆଁ ଜଳି ଦେଲାଣି କିଏ । ସେ ଉନ୍ମାଦ ହୋଇଯିବ ନାହିଁ ତ ? ଉନ୍ମାଦରେ ଲାବଣ୍ୟ ଝଟ୍ ବୋଲି ଚିତ୍କାର କରି ଉଠିବା ସଙ୍ଗେ ସଙ୍ଗେ ଅତି ଦୁଃଖ ଦେଇ ମାଟିରେ ମୁହଁ ମାଡିଦେଲା । ଚେତନା ହେଲା ପର୍ଯ୍ୟନ୍ତ ଯେ ସେ ସେହି ଅବସ୍ଥାରେ ପଡ଼ିଥିଲା ତା ଲାବଣ୍ୟ ଜାଣିପାରିଲ ନାହିଁ । ହଠାତ ଗୋଟିଏ ସ୍ପର୍ଶ ଅନୁଭବ କରି ମୁହଁ ଟେକି ସହିବାମାତ୍ର ଲାବଣ୍ୟ ଦେଖିଲା କବରୀ ନିକଟ ଅନ୍ଧାର ଭିତରେ କିଏ ଜଣେ ତା ନିକଟରେ ଠିଆ ହୋଇଛି । ଭୟରେ ତା କଣ୍ଠରୁ ଗୋଟାଏ ଅସ୍ଫୁଟ ଆର୍ତ୍ତନାଦ ବାହାରି ଆସିଲା । କିନ୍ତୁ ସେହି ସମୟରେ ବିଦ୍ୟୁତ ସ୍ଫୁରଣ ହେବାରୁ ସେହି କ୍ଷଣିକ ଆଲୋକରେ ଲାବଣ୍ୟ ଦେଖିଲା ତାର ମାଉସୀ ପୁଅ ଭାଇ ମୁରଲୀଧର ତାର ପାଖରେ ଠିଆହୋଇଛି ।

× + ×

ଲାବଣ୍ୟ ପରି ମୁରଲୀଧର ମଧ୍ୟ ମାଉସୀଙ୍କ ଉପରେ ନିର୍ଭର କରି ନେଇ ପଢ଼ା ଶିଖୁଥିଲା । ପାଟନା କଲେଜ ହଷ୍ଟେଲରେ ମାଉସୀଙ୍କ ଚିଠିରୁ ଲାବଣ୍ୟର ଅବସ୍ଥା ଜାଣିପାରି ବାହାରିଲ୍ କୌଣସି ଖବର ନ ଦେଇ ସେଦିନ ସଞ୍ଜ ବେଳେ ସେ ଆସି ମାଉସୀଘର ପହଞ୍ଚିଲା । ନିଜ ଚିନ୍ତାରେ ଲାବଣ୍ୟ ସେତେବେଳେ ଏତେ ବିବ୍ରତ ହୋଇ ପଡ଼ିଥିଲା ଯେ ସଂସାରରେ ଏହି ଏକମାତ୍ର ବନ୍ଧୁ କଥା ତା ମନରେ ନଥିଲା କିମ୍ବା ତାହାର ଆଗମନ ସମ୍ବାଦ ମଧ୍ୟ ସେ ଜାଣିପାରି ନଥିଲା । ବାହାରକୁ ଗଲେ ଲାବଣ୍ୟ ଏହି ମୁରଲୀଧର ହାତରେ ଥିଲା । ତାହାର ସ୍ନେହ ତାହାର ସହଯୋଗରେ ସେ ଅନୁପ୍ରାଣିତ । ମୁରଲୀଧର ବଡ଼ ହେଲେ ବି ମାଉସୀଙ୍କର ଅଦରର ପାତ୍ର ଥିଲା । ଭଉଣୀ ନ ଥିଲେ ବି କେବଳ ତାହାର ଏକାନ୍ତ ଅନୁରାଗରୁ ଏତ ନ ପାରି ମହାପାତ୍ର ଲାବଣ୍ୟକୁ ଉତ୍କଣ୍ଠା ଦେଉଥିଲେ । ନ ହେଲେ ପଲ୍ଲୀ ସମାଜରେ କେତେଟା ପରାନପାଳିତା ଲାବଣ୍ୟ ପରି ଦରିଦ୍ରର ଝିଅ ଶିକ୍ଷାରେ କୌଣସି ଉପାୟ ନଥିଲା ।

ଏପରି ଅବସ୍ଥାରେ ସଦ୍ୟପ୍ରତ୍ୟାଗତ ମୁରଲୀଧରକୁ ଦେଖି ଲାବଣ୍ୟ ଯେ କ'ଣ ଅନୁଭବ କଲା ସେ ନିଜେ ବୁଝି ପାରିଲା ନାହିଁ । ସେହି ଅନ୍ଧାର ଭିତରେ ଅପଲକ ଦୃଷ୍ଟିରେ ସେ ମୁରଲୀଧରକୁ ଅନାଇ କେଉଁପରି ଏକ ସେହି ଅବସ୍ଥାରେହିଁ ରହିଲା । ତା ଆଖିରେ ଆଉ ଅଶ୍ରୁ ନ ଥିଲା, କେବଳ ସେ ଅନୁଭବ କରୁଥିଲା ଆଖି, ମୁହଁ, କାନ ସବୁଆଡ଼େ ଗୋଟାଏ ଅସହ୍ୟ ପ୍ରଦାହ । ତାର ବସ୍ତ୍ର ଅସଂଯତ ଭାବରେ ଲାଗି ନାହିଁ । ଯାହା ଥିଲା ମାଉସୀଙ୍କ ସଙ୍ଗରେ ଝୋଟାଝୋଟି କଲାବେଳେ ବହୁତ ଫାଟି ଯାଇଥିଲା, ସେଥିକୁ ସେ ଆଉ ସଜାଡ଼ି ନାହିଁ । ତୈଳ-ହୀନ ରୁକ୍ଷ କେଶଗୁଚ୍ଛ କପାଳ ମୁହଁ କାନ୍ଧ ସବୁ ଆଡ଼େ ବିକ୍ଷିପ୍ତ ହୋଇ ପଡ଼ିଛି । ବିଦ୍ୟୁତର କ୍ଷଣିକ ଆଲୋକରେ ମୁରଲୀଧର ଲାବଣ୍ୟକୁ ଯେତିକି ଦେଖି ପାରିଲା ସେତିକିରେ ତାକୁ ଜଣାଗଲା, ସତେ ଯେପରି ପ୍ରସ୍ତର ଖୋଦିତ ନାରୀମୂର୍ତ୍ତିଟିଏ ମାଟି ଉପରେ ଢଳି ପଡ଼ିଛି । ତାହାର ମୁଗ୍ଧ ସପ୍ରଶଂସ ମନ କହିଉଠିଲା, ଏହି ଅପୂର୍ବ ସୌନ୍ଦର୍ଯ୍ୟ ନର୍ଦ୍ଦମାରେ ସବୁ ଗୋଡାଇଛି ।

କିନ୍ତୁ ମୁହୂର୍ତ୍ତକ ମଧ୍ୟରେ ନିଜକୁ ସଂଯତ କରି ନେଇ କୌଣସି ଭୂମିକା ନ କରି କହିଲା, ମୁଁ ସବୁ ଜାଣେ ଲାବଣ୍ୟ, ମାଉସୀ ସବୁ ତୋର ସମସ୍ତ ଲାଞ୍ଛନା ମୁଁ ଶୁଣିଛି । ତୁ କ'ଣ ସ୍ଥିର କଲୁ ? —ଆତ୍ମହତ୍ୟା !

ତା' ନ ହେଲେ— ! କଥାଟାକୁ ଶେଷ ନ କରି ଲାବଣ୍ୟ ଅନ୍ଧାର ଭିତରେହିଁ କ୍ଷୀଣ ଦୃଷ୍ଟିରେ ମୁରଲୀଧରକୁ ଚାହିଁ ରହିଲା ।

ତା' ନ ହେଲେ ଏହି ସମସ୍ୟାର ସମାଧାନ ହୋଇ ପାରିବ ନାହିଁ,—ଏହାହିଁ ତୋର ମତ । କିନ୍ତୁ ଜୀବନର ଆତ୍ମହତ୍ୟା ନୁହେଁ ଲାବଣ୍ୟ—ଆତ୍ମପ୍ରତିଷ୍ଠା ।

କେଉଁ ସମ୍ବଳ ନେଇ ମୁଁ ଆତ୍ମପ୍ରତିଷ୍ଠା କରିବି ଭାଇ ? ଲାବଣ୍ୟର କଥାଗୁଡ଼ିକ ଅତ୍ୟନ୍ତ ଅଭିମାନ ପରି ମୁରଲୀଧରକୁ ଲାଗିଲା । କିନ୍ତୁ ସେ ସ୍ଥିର ଭାବରେହିଁ ଉତ୍ତର ଦେଲା ଚଳମାନ ଦୁନିଆରେ ଯେତେବେଳେ ଯାହା ଆସି ଆଗରେ ଠିଆହୁଏ ତାକୁ ବରଣ କରି ନ ପାରିଲେ, ତା ସଙ୍ଗରେ ସାମଞ୍ଜସ୍ୟ ରକ୍ଷା କରି ଅଗ୍ରସରକୁ ପାଣି ଭିତରେ ପହଁରିଲା ପରି ମୁହାଁଇ ନ ପାରିଲେ ଜୀବନର ଦେଖା କେହି ପାଇବେ ନାହିଁ ଲାବଣ୍ୟ— । ଜୀବନ ପାଇଁ ହେଉ ବା କ୍ଷଣିକ ପାଇଁ ହେଉ ଧରଣୀର ଜୀବନର ଯେଉଁ ଶ୍ରେଷ୍ଠ ଅବଦାନକୁ ଗ୍ରହଣ କରିଛୁ ବୋଲି ଅନୁଭବ କରିଥିଲୁ ସେହିଦିନ ଆଜି ତୋ ଅନ୍ତରରେ । ତା' ପରେ—ତାପରେ ଯା ଘଟିଛି କିମ୍ବା ଘଟୁଛି ସେଥିରେ ଆଉ ଅନ୍ତର ଅନୁଭୂତି ନୁହେଁ, ସେଥି ହେଉଛି ସମାଜର ବେଷ୍ଟନ ବା ମତ । ତାପାଇଁ ତୁ ନିଜର ଏତେ ବଡ଼ ପ୍ରାପ୍ତିକୁ ଅସ୍ୱୀକାର କରି ନିଜକୁ ନିଜେ ହୀନ କରୁଛୁ କାହିଁକି ?

ଲାବଣ୍ୟ ଉତ୍ତେଜିତ ହୋଇ କହିଲା, ସେ ପଥ ଠାରୁ ଫେରି ପାରିବି— ! ନା—ନା—ନା—, ତୁ ଦୂର ହୁଅ, ଘୃଣାରେ ମୋ ଦେହ ମଧ୍ୟ ଶଙ୍କିତ ହୋଇ ଉଠୁଛି । କ'ଣ କହିବି ମୁଁ ପ୍ରତାରକର

Digitized by srujanika@gmail.com

ଛଳନାରେ ଭୁଲି ନିଜକୁ ମୁଁ କରୁଛି ଅପମାନ । ଏହି ଗ୍ଲାନି ହାତରୁ ମୁଁ ରକ୍ଷା ପାଇବି କିପରି ? ଉ— । ସତେକି ତାର ସମସ୍ତ ସ୍ନାୟୁକୁ ଆଲୋଡ଼ିତ କରି ଯେଉଁ ଉଦ୍‌ଗାର ଉଠି ଆସୁଛି ତାକୁ ରୋଧ କରିବାକୁ ଚେଷ୍ଟା କରି ଲାବଣ୍ୟ କଥା କହିପାରୁନାହିଁ ।

ତା ପାଖରେ ବସି ମୁରେଶ୍ୱର ଟିକେ ପରେ ଶାନ୍ତ ଭାବରେ କହିଲା, କାହାରି କାଠାରୁ କିଛି କ'ଣ ପାଇନୁ, କେଉଁଠାରେ ତୋର କ'ଣ ବ୍ୟର୍ଥ ବା ପ୍ରତାରିତ ହେଲା ସେ କଥା ମୁଁ କହୁନି ଲାବଣ୍ୟ । କାହାରି ଉପାଦାନକୁ ଅବଲମ୍ବନ କରି ତୋର ଦେହ ମନ ତୋର ଅନ୍ତର ରାଜ୍ୟକୁ ଯେଉଁ ପୁଲକ ସ୍ପର୍ଶରେ ସଞ୍ଜୀବିତ କରିଦେଲା ମୁଁ କହୁଛି ତାହାରି କଥା । ଏଥର ଲାବଣ୍ୟ କରୁଣ କଣ୍ଠରେ କହିଲା କିନ୍ତୁ ତାହାତ ମିଥ୍ୟା । ମିଥ୍ୟାକୁ ଅବଲମ୍ବନ କରି ବଞ୍ଚିବି ମୁଁ କିପରି ?

ଉତ୍ତରରେ ମୁରେଶ୍ୱର ଟିକେ ଉତ୍ତେଜିତ ହୋଇ କହିଲା, ଯେ ତୋତେ ପ୍ରତାରଣା କରିଛି ତା' ନିକଟରେ ଏହା ମିଥ୍ୟା ହେଲେ ହୋଇପାରେ ! କିନ୍ତୁ ତୁ ଏହାକୁ ଗ୍ରହଣ କରିଛୁ ଜୀବନର ପରମ ଦାନ ବୋଲି ଅନୁଭବ କରି; ଏହି ଅନୁଭୂତିହିଁ ତୋର ସତ୍ୟ । ତୁ ଯେତେବେଳେ ଯାଏ ନିଜକୁ ପ୍ରତାରିତ ନ କରିଛୁ ଲଜ୍ଜା ପାଇବା ପରି ସଂସାରରେ ତୋର କେହି ନାହିଁ ।

କିନ୍ତୁ ସେପରି ଭୁଲ କଣ ହୋଇଯାଇଛି ? ପ୍ରଶ୍ନଟି ପରର ଉତ୍ତର ଶୁଣିବା ପାଇଁ ଲାବଣ୍ୟ ଉତ୍‌କଣ୍ଠିତ ହୋଇ ମୁରେଶ୍ୱରକୁ ଅନାଇ ରହିଲା ।

ଅଳ୍ପ ଟିକିଏ ହସି ଦେଇ ମୁରେଶ୍ୱର କହିଲା, ଭୁଲ ଯା' କିଛି ହୋଇଥାଏ ତାହା ସାମାଜିକ । ସମାଜ ସେହି ଭୁଲ ପ୍ରତି ଆଙ୍ଗୁଳି ଦେଖାଇ ଯେଉଁ ପଥ ଦେଖାଇଛି ସେ ପଥ ଅବଲମ୍ବନ କରିବାକୁ ପ୍ରବୃତ୍ତି ଜଡ଼ିତ ହେଉଛି ସମାଜ ଠାରୁ ଦୂରକୁ ଘୁଞ୍ଚିଯାଇ ନିଜକୁ ରକ୍ଷା କରିବା ।

ଲାବଣ୍ୟ ପୁନର୍ବାର ଉତ୍ତେଜିତ ହୋଇ ଉଠି ବସି କହିଲା, ମୁଁ ନିଜର ଜୀବନ ପାଇଁ ଟିକିଏ ଭାବୁନାହିଁ ମୁରେଶ୍ୱର, ପିଲାଟିର ଅଭିରକ୍ଷା କରିବା କଥା ଅନ୍ତତଃ ତମ ଠାରୁ ଶୁଣି ହୋଇ ମୋର ଅଛି ଅଭିମାନ । ଏହା ଅପେକ୍ଷା ଆତ୍ମହତ୍ୟା ବରଂ ଭଲ । ଏପରି ଅଭିରକ୍ଷାର ପରିଣାମ କ'ଣ !

ତା ପାଖକୁ ଘୁଞ୍ଚି ଆସି ତାରି ଅପର୍ଯ୍ୟସ୍ତ କେଶ-ଗୁଚ୍ଛକ ସଜାଡ଼ି ସଜାଡ଼ି ମୁରେଶ୍ୱର କହିଲା, ଭୀରୁ ପରି ପଳାଇବାକୁ ମୁଁ ତୋତେ କେବେହେଲେ ପରାମର୍ଶ ଦେବି ନି ଲାବଣ୍ୟ । ଏଥିରେ ଅଛି ଗ୍ଲାନି, ଆଉ ଅଛି ଦେହର ମଳ ପରିଷ୍କାର କରିବା ପାଇଁ ପଙ୍କ ପାଣିରେ ବୁଡ଼ିବା ପରି ଲଜ୍ଜିତ ପରିଣାମ । ମୁଁ କହୁଛି ଯେଉଁ ପାଷଣ୍ଡଙ୍କ ସମାଜନୀତିରେ ତୋର ମୁଖାପାଶ ଆଜି ତନ୍ତ୍ର ବନ୍ଧରେ ପରିଣତ ହୋଇଛି ଦୂରକୁ ଠେଲି ଯାଇ ସେହି ନୀତିକୁ ଆଘାତ କରିବା ପାଇଁ ପ୍ରସ୍ତୁତ ହୋଇ ପୁନର୍ବାର ଫେରି ଆସିବା କଥା । ଘୁଞ୍ଚିଯାଇ ନିଜକୁ ପ୍ରସ୍ତୁତ କରିବା ଆଉ ପଳାଇବା ଏକା କଥା ନୁହେଁ ।

କିନ୍ତୁ କେଉଁ ଉପାୟରେ ଫେରି ମୁଁ ସମାଜକୁ ଫେରି ଆସିବି ଭାଇ ? କଥାଟା କହି ଲାବଣ୍ୟ ଏପରି ଭାବରେ ମୁରେଶ୍ୱର ଅଡ଼କୁ ଚାହିଁଲା ସତେକି ଏହା ପରେ ଯାହା ଶୁଣିବ ତାରି ଉପରେ ନିର୍ଭର କରୁଛି ତାର ଜୀବନ-ମରଣ ତାର ଭବିଷ୍ୟତ ।

ମୁରେଶ୍ୱର ତା' ମୁଣ୍ଡ ଆଉଁସି ଦେଇ କହିଲା ଦୁଃଖକୁ ସହିଯାଇ ତୁ ବୋଝ ବହନ୍ତୁ, ବୋଝ ବହି ତୋର ଗର୍ଭସ୍ଥ ଏହି ସନ୍ତାନକୁ ସଙ୍ଗରେ ନେଇ ତୁ ଫେରି ଆସିବୁ ଏହି ସମାଜକୁ । ଏହାହିଁ ହେବ ତୋର ଦୁର୍ବଳିତ ସମାଜ ନୀତିକୁ ପରାସ୍ତ କରିବାର ପ୍ରମାଣ ଆଉ ପଥ ।

ବୋଝ— ! ବିସ୍ମୟରେ ଲାବଣ୍ୟ ମୁହଁରୁ ଆଉ କଥା ବାହାରିଲା ନାହିଁ । ଏଥର ମୁରେଶ୍ୱର ଦୃଢ଼ କଣ୍ଠରେ କହିଲା—ହଁ ବୋଝ । କିନ୍ତୁ ତୋର ଏହି ସାମାଜିକ ବୋଝ ନୁହେଁ । ଯେଉଁ ବୋଝର ଅର୍ଥ ହେଉଛି ଅନ୍ତର ସଙ୍ଗରେ ଅନ୍ତରର ପରିଚୟ ଜୀବନର ସଙ୍ଗୀ ବା ସହଯାତ୍ରୀ ଲାଗି ମୁଁ କହୁଛି ସେହି ବୋଝ କଥା । ବୋଧହୁଏ ତୁ ଭାବୁଛୁ ଜୀବନରେ ଆଉ କାହାକୁ କେବେ ପାଇ ପାରିବୁନି ତୁ ? କିନ୍ତୁ ଦେହ ଆଉ ମନର ପ୍ରୟୋଜନ ତୋର ଏତିକିରେ ଅବସାନ ହୋଇଯାଇନି । ଦେହର ପିପାସାର ତାଡ଼ନା ପ୍ରେମ ଅଟେ ଅନ୍ତରର ଅସଲ ମୁହୂର୍ତ୍ତକୁ କରିବାକୁ । ବର୍ଷା ପାଣିରେ ଶୀତଳ ଶିରୀ ନଏ ପରି ଯୌବନ ସୃଜନ ପ୍ରେରଣାର ଉନ୍ମାଦ । କେତେ ବାଧାକୁ ସେ ଭାଙ୍ଗି ଦେବ, କେତେ ମାଳଭୂମିକୁ ଦେବ ସେ ଧୋଇ । କେତେ ମରୁଭୂମି ସେ ସୃଜନ କରିବ । ଏହି ପ୍ରକୃତିହିଁ ହେଉଛି ନାରୀଙ୍କ ହୃଦୟର ପ୍ରୀତି । ଦେହ ମନରେ ଯେଉଁ ଅପୂର୍ବ ସୌନ୍ଦର୍ଯ୍ୟ ସମ୍ଭାର ତୋର ସଞ୍ଚିତ ଅଛି ତାକୁ ତୁ ବ୍ୟର୍ଥ କରିଦେନା ଲାବଣ୍ୟ ।

ଲାବଣ୍ୟ ଅଧରରେ ଏଥର ପରି କରୁଣ ହସଟିଏ ଫୁଟି ଉଠିଲା । ସେ କହିଲା ସବୁଦିନେ ତମର ସବୁକଥା ମୁଁ ମାନି ଆସିଛି । ଏତ ମଧ୍ୟ ନ ମାନିବାର ଶକ୍ତି ମୋର ନାହିଁ । ବୋଧହୁଏ ତମ କଥାରେ ଅଛି ମୋତେ ସମ୍ମୋହନ କରିବାର ଶକ୍ତି । କିନ୍ତୁ ମୁଁ ବାହା ହେବାକୁ ରାଜି ହେଲେ ବି ମୋତେ ବାହା ହେବ ନା କେହି ?

ମୁରେଶ୍ୱର ଟିକିଏ ବ୍ୟସ୍ତ ହୋଇ କହିଲା, ଯାଉ. ତାକୁ ବାହା ହେବାକୁ ମୁଁ ତୋତେ କହୁନି । ତୁ ଯାକୁ ଅନ୍ତର ଦେଇ ଭଲ ପାଇବୁ ଆଉ ଯିଏ ତୋର ସବୁ କଥା ଜାଣିକି ତୋତେ ଭଲ ପାଇବ ତୁ ବାହା ହେବୁ ତାକୁ ।

କିନ୍ତୁ ଏମିତି ଲୋକଟା ମିଳିବ କେଉଁଠି ? ଲାବଣ୍ୟର ଅନ୍ତରରେ ପୁନର୍ବାର ନିରାଶା ଜାଗ୍ରତ ହୋଇ ଆସିଲା ।

ତା ମୁଣ୍ଡଟି କାନ୍ଧ ଉପରକୁ ଟାଣିନେଇ ଶାନ୍ତ୍ୱନା ଦେବା ପରି ତାକୁ ଆଉଁସି ଦେଇ ମୁରେଶ୍ୱର କହିଲା ମୁଁ ତୋତେ ଦିନେ କହିଥିଲି ପ୍ରୟୋଜନ ହେଲେ ପ୍ରକୃତ ବନ୍ଧୁର ଦେଖା ପାଇବୁ । ତୋର ବୋଧହୁଏ ସେ କଥା ମନରେ ନାହିଁ ଲାବଣ୍ୟ; କିନ୍ତୁ ମୁଁ ଭୁଲିନି ।

ତା କଥା ଶୁଣି ଲାବଣ୍ୟର ଆଖି ଦୁଇଟି ଭରି ଆସିଲା, ସେ କେତେବେଳଯାଏ ନୀରବରେ ମୁରେଶ୍ୱର କାନ୍ଧରେ ମଥାଟି ରଖି ବସି ରହିବା ପରେ ପୁନର୍ବାର କଅଁଳ ହାତରେ ତା' ଗଣ୍ଡ ମାଡ଼ିତ ହୋଇଗଲା । ମୁରେଶ୍ୱର କେତେବେଳ ପର୍ଯ୍ୟନ୍ତ ନୀରବରେ ବସି ତା ଦେହ, ମଥା, ପିଠି ସବୁଆଡ଼େ ହାତ ବୁଲେଇ ଦେଇ କହିଲା, ତୁହାଇ ମୋର ବାସନା, ତୋର ସମସ୍ତ ବୋଝ ବହିବାର ଅଧିକାର ମୋତେ ତୁ ଦେ ଅଛି ।

ଏତେ ଭଲ ପରେ ହଠାତ ଲାବଣ୍ୟ ଅନୁଭବ କଲା, ତାର ବସନ ଅପସୃତ । ସେ ଲଜ୍ଜିତ ହୋଇ ବସ୍ତ୍ର ସଯତ୍ନ କରି ଠିକ୍ ହେବା ପରେ ପୁନର୍ବାର ଟିକିଏ ମଥାଟି ମୁରେଶ୍ୱର କୋଳ ଦୁଇଟି ଉପରେ ରଖି କହିଲା, ଏତେଦିନଯାଏଁ ଜୀବନର ସ୍ୱପ୍ନ ବୋଲି ଯାହାକୁ ମନେମନେ ପୂଜା କରି ଆସିଛି ଆଜି ସେ ଆସି ମୋତେ ଫେରି ନିର୍ଜନରେ ଦେଉଛ । କିନ୍ତୁ ମୁଁ କଣ ଜାଣେନା, ଯେଉଁ ଚୋର ନାମ ଆଜି ନିଜ ଉଦ୍ଦେଶ୍ୟରେ ବାନ୍ଧିକୁ ନେଇ ତାର ନିର୍ମିତ ସବୁ ଯତନ କରି ତମକୁ । ତାକୁ ଜଣାଗଲା ଯେପରି ତା ଉପସ୍ଥିତି କେଉଁଆଡ଼େ ଉଡ଼ିଗଲାଣି । ପ୍ରତି ମୁହୂର୍ତ୍ତରେ ତାର ଜୀବନର ଅଲୋଡ଼ନ—ଅଜଣା ଅଙ୍ଗରେ ଅପୂର୍ବ ଅନୁଭୂତ । ମୁରେଶ୍ୱର ତାକୁ ଭୂଇଁରୁ ଉଠାଇ ଛାତିକୁ ଟାଣି ନେଲା । ତା କଣ୍ଠରେ ଲାବଣ୍ୟର ଅନ୍ତର ଧ୍ୱନିରେ ଉଚ୍ଚ ଭାବରେ ଓ ଝର ହେଉଥିଲା— ଜୀବନର ଦାନକୁ ଅଭିନନ୍ଦନ କର ଲାବଣ୍ୟ—।

× × +

ପୂର୍ବେ ମିଳି ଏକ ସଙ୍ଗରେ ଯେତେବେଳେ ଆସି ପଥ ଉପରେ ଠିଆ ହେଲେ ସେତେବେଳେ ପର୍ଯ୍ୟନ୍ତ ବି ପ୍ରକୃତିର ବିପର୍ଯ୍ୟସ୍ତ ଅବସ୍ଥାର ଅବସାନ ହୋଇନାହିଁ, କିନ୍ତୁ ମେଘର ଆବରଣ ଧୀରେ ଧୀରେ ତା ଦେହରୁ ଖସି ଆସୁଛି । ଗ୍ରାମ ବାଟ ଦେଇ ଆସି ପିଚ୍ଛିଳ ପଥ ଉପରେ ଲାବଣ୍ୟ ମୁରେଶ୍ୱରର ହାତ ଧରି ଅନ୍ଧାର ଭିତରେ ରେଲ୍ ଷ୍ଟେସନ ଅଡ଼କୁ ଅଗ୍ରସର ହେଲା— ।

—୦—

Digitized by srujanika@gmail.com

# —ଅଣ୍ଡିରାଙ୍କ ଦୁଃଖ—

ଲେଖକ—ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି

( ମଜାଳ କବିତା )

ହାଃ ଚଇତର ଗରମ ଗ୍ରୀଷ୍ମ, ଚଢ଼ ଦେଖ୍ ଭାଇ,
ଶ୍ରୀଙ୍ଗିଅଙ୍କ ଗ୍ରାମଲଣୀ ପଢ଼େ, "କରିବା କିସ ଆଜ" !
ଘରବାହୁଡ଼ା ଅନ୍ଧାର ହେଲା, ଭୂତ ଦେଲେ ଝଲ୍‌ବଲ୍,
ଗ୍ରୀଷ୍ମ ଚୋଟାଙ୍କ ଦାଉ ମନ୍ଥାଳି ଦେଖିବା ମୁସକିଲ !
ଗୁହା ପିଇବା ଭାଣ୍ଡିଏ ଟାଠ ସପତା ହେଲା ଛନା.
ଗୃଅ ଦେହରଭ ଛନା ଅଣାରୁ ହେଲଣି ଚୋକା ଛନା !
ଯଜ୍ଞି ପୁଛୁ ଦୋକାନୀ କହେ, "ମାଲ୍ ତ ନାହିଁ ବାବୁ,
ରେଲ୍ ଡବାର ମିଳ୍‌ନି ଅଜ, ସର୍ବେ ହେଲୁ କାବୁ !
"ଯାହା ଥିଲା, ସରକାରଥ ଦର-ନିଅନ୍ତା ପନ୍ଥୀ,
"ଅବ୍ରୁହାମଟା କୋଲ୍ଲି ଧେଡ଼ିଲ ପ୍ରଅଳତ୍ରିଶ୍ୱା ମନ୍ତ୍ରୀ !
"ମଣିଷ ଦୁଃଖ ବୁଝିବ କିଏ ?—କାଗଜ୍, କଲମ୍, କାଳି
"ହାକିମଙ୍କର ନିଅଣ୍ଟ କିସ ?—ହୁକୁମ୍ ଦେଲେ ଗାଳି !
"ଅନେକ ପରା କିଏସେ ପର ଶପିଲେ ତ୍ରମ ଡଣ୍ଡି,
"ଛଟେଫନ୍ଦ ଏକ୍ ଘାନ୍ତୁଚି ଏବେ, ଫିଟି ଚଢ଼ୁ ଅଣ୍ଡି !"
ଶସ୍ତର ପିଏ ଭାଗ କି ଯାଏ ?—ଭାବନା ନାହିଁ ତାର୍,
ବଡ଼ ଲୋକଙ୍କ ଅଗାଧ ଧନ, ତେଣୁ ସେ ନିର୍ବିକାର୍,
ଧୋବ ଧଉଳା ଯେତକ ଅଟେ ହାନସ୍ତା ହେଲୁ ସିନା,
"ମଣ୍ଡି ମଣ୍ଡିଭା କୁଣ୍ଡ ନଗ୍ନ"—ପୋଥିରେ ଅଛୁ କି ନା ?
ନାଦରେ ମାର ପିଠଇ ପାଣି, ମୁହଁରେ ଟେର ହସ,
ଛୁଇଁବାକୁ କେତେ ମାରିବା ଲାଗି ? ଭିତରେ ନାହିଁ ଶସ !
ଏତକ ନୁହେ, ଅଦ୍ଭୁତ ଅଛି, ଗୁଣ୍ଡେ ପଡ଼େ ଶୃଙ୍ଗ,
ଉପର ଆଃ ବନାସ୍ତୁ ଯେତେ ଭିତର ଖାଏ ଘଣ୍ଟି !
ପଦାକୁ ଗଲ ଭାବନା ଦାଳ, ଘାନ୍ତ ପେଟେ ଦୁଃଖ,
ଘର ଭିତରେ ଅଛୁ କି ଶାନ୍ତି—ମାଲେ କି ତହିଁ ସୁଖ ?
ଗୃହଳ ନାହିଁ ପରବା ନାହିଁ, ନାହିଁଟି କୁଞ୍ଜବନା,
ତାହିଁକି ପୁଣି ଘରଣୀଙ୍କର ଫରମାସୀ-କାନ୍ଦଣା !
ସ୍ନୋ, ପାଉଡ଼ର୍, ଉଇଲ ଡଗ, ମନ ମାଫିକ୍ ଶାଢ଼ୀ,
ପାଉଡ଼ର ଭାନ୍ଥୁ ? ଅଣ୍ଟା କିଏ ? ଷ୍ଟାଣ୍ଡାର୍ଡ କ୍ଲଥ୍ ଗାଡ଼ି !
ଅସ ଫେରଦ ଶୁଣିବେ କିଏଁ ? ମୁହଁଟା ଦଲେ ଭ୍ରମ,
ସେଇଠି ହଦ ମାନିଲ ହାର୍, ହୁକୁମ୍ ହେଲ ଜାରୀ—
"ଦେଶକୁ ମୋର ମହବ ମାଲ ଜରୁର ଲୋଡ଼ା ଜଣ,
"ଏତେ ବଡ଼ପ ଭାନ୍ତ କୋଲର ମୋ ଅଙ୍ଗ ଉପରେ ଟାଣ ?
"ଅଟେ କି ଚୋହୁଁ ମଣିଷ ଲେଖା ? ମର୍ଦ୍ଦଥିବ ଯେବେ,
"କହିଲ ଭଲ ମୋ ଦେହ ଛୁଇଁ ଗଢ଼େଇ ଦେଇ ଦେବେ ?"
ସୁନା ଭରିକି ଷାଠିଏ ଟଙ୍କା, ଛନ୍‌ଣ ଟଙ୍କାର କଥା,
ଅଖିରେ ଦେଶେ ନୂଆରଷ ଫୁଲ, ଗୋଲେଇ ପାଏ ମଥା !
ତେପୁସୀଙ୍କର ଗୁମାନ ଦେଖେ, ଗହଣା ଗଣ୍ଡ ପାଇଁ
ଅଣ୍ଟାରେ ନାହିଁ ଗୃହ ଚଳନ, କରନ୍ତି ହାଇଁ ଫାଇଁ !
ଚଳ ଏ ସବୁ ହଜନି ରେ— କି ବରୁନି ମଣ୍ଡି ଶେଷ୍,
ହାଡ ମାଉଁସ ଡେଲେଇ ଖାଏ, ଦଢ଼େ ନ ଯାଏ ଦେଶ !
ରକ୍ତ ଭଲିଆ ଅଲେ ଘୋଷି କାହିଁ ଏ ଦୁଃଖଲର୍,
ସବୁର ସୁତେ ହେଜଣ କଣ୍ଟା, ବୁହାଇ ରକ୍ତ ଧାର !
ତାହାର ଚୋମା ଫାଟିଲେ ହୁଏ ଦେଶଟା ଛାରଖାର୍,
ଭିତର ଦୋଗା ଅଣ୍ଡିଙ୍ଗ ଶିଙ୍ଗ କରୁଛି ଚୁରମାର୍ !
କାହିଁ ଅଛ ହୋ ବଡ ଠାକୁରେ, ଦେଖିଟା ଖାସାବେଳ,
ଦେଖାଅ ତୁମ ବଡ଼ ପଣିଆ, କରାମତିର ଖେଳ !
ଅଣ୍ଡିରପୁଏ ବୁଝିପିଟେଛି କୋହିଳ ଯଦ ସାହା,
ଟଡ଼ ମୁହଁଟା ରହିବ ତାହିଁ ମହତ ଗଲେ ଅହା !
ରଙ୍ଗ ଗୁଛରୁ ଯୋଡ଼ କରତେ ବରିଡ଼ା ପର ଥର,
ଶାହ ଭର ଦେ, ଗଲଣି ଅଟେ ଅଗ୍ନିର ଭୂଲେ ଭର !



Digitized by srujanika@gmail.com

# ଦୁଇ ବନ୍ଧୁ

ଲେଖକ - ଶ୍ରୀ ନିଃ ମଃ ।

[ ମଜା କଥା ]

ମିଷ୍ଟର ପରେରା । ଅସିଷ୍ଟେଣ୍ଟ ସେକ୍ରେଟେରୀ,—ଆପଣ ଗୋଟାଏ 'ଜାଇଣ୍ଟ' ସେକ୍ରେଟେରୀଏଟ୍‌ରେ ବାହ୍ମଣ ପରସେଣ୍ଟେଜ ହେଉଛି ତାଙ୍କର ଇନ୍‌ଫେକସନ୍‌ରୁ । ଡେପୁଟି ମାର୍କ-ଷ୍ଟଙ୍କ ଜାଗରେ । କିନ୍ତୁ ଯେତେ ଡେପୁଟି ମାର୍କ-ଷ୍ଟଙ୍କ ଚାକିରି ତାଙ୍କ ବୁଢ଼ା ଅଙ୍ଗୁଠି ଓ କଣି ଅଙ୍ଗୁଠି ଟିପ ମଝିରେ ସ୍ଥାନ ପାଇଥିବାରୁ ତାଙ୍କ ଦମାକ ଅଜ ଟିକିଏ ଉଚ୍ଚ ଧରଣର ।

ତାଙ୍କ ସାଙ୍ଗ, ପଢ଼ା ସାଙ୍ଗ, ଲେଖାସାଙ୍ଗ, ଦୋଖାସାଙ୍ଗ, ଗୃହବସି ସାଙ୍ଗ ଓ ବନ୍ଧୁ ସଙ୍ଗ ହେଉଛନ୍ତି ମିଷ୍ଟର କଲମ୍ ଇତ୍ୟାଦି ଇତ୍ୟାଦି । ବାହ୍ମଣ ଦେଖିଲେ ଦାନ୍ତ ଜଡ଼ମଡ଼ କରନ୍ତି । ସେଥିର କାରଣ ତପଛାପି ଦେଖିବ ସବୁ ତାଙ୍କର ଗୁଣ କୀର୍ତ୍ତନ କରନ୍ତି ।

ମିଷ୍ଟର କଲମ୍ ବର୍ଣ୍ଣରେ ଟିକିଏ ଉଣା । କିନ୍ତୁ ବାହାରେ ତାଙ୍କର ବଡ଼ ଠିକଣା ଆଗରେ । କଲକତାବାଲା - ଖୁବ୍ ଫରୁଆଡ଼ । ସେଥିପାଇଁ ମିଷ୍ଟର ପରେରା କଲମଙ୍କୁ ଟିକିଏ ହିଂସା ଆଖିରେ ଦେଖନ୍ତି । କାରଣ ତାଙ୍କ ସ୍ତ୍ରୀ ବଡ଼ ବ୍ୟାକ୍‌ୱାଡ଼ । ଷ୍ଟେସନ୍ ଯନ୍ତ୍ରରେ ମାର୍କ ଟାଇମ୍ ପର୍ଯ୍ୟନ୍ତ ଅସିଛନ୍ତି କିନ୍ତୁ ଏବେ ଲୋକଙ୍କ ଫରୁଆର୍ଡ ମାଇଁ ସମ୍ଭବ ହେଉନାହିଁ ।

ମିଷ୍ଟର କଲମ ମଧ୍ୟ ମିଷ୍ଟର ପରେରାଙ୍କୁ ହିଂସା କରନ୍ତି । ତାଙ୍କ ଖୋସାମଦ ଗୁଣଟା ହାସଲ କରିବା କଲମଙ୍କ ପକ୍ଷରେ ସମ୍ଭବ ହେଉନାହିଁ । ତେଣୁ ମିଷ୍ଟର ପରେରା ସୁନ୍ଦରରେ ଯେଉଁ ସବୁ ମୂଢଧା ପାଇଲେ ମିଷ୍ଟର କଲମଙ୍କ ଭାଗ୍ୟରେ ସେ ସୁଯୋଗ ଘଟିଲା ନାହିଁ । ଅତଏବ ଉଭୟଙ୍କ ଭିତରେ ଭିତରେ ଗୋଟାଏ ପ୍ରତିଯୋଗିତା ଲାଗିଥାଏ । ମିଷ୍ଟର ପରେରା ରହିଥାନ୍ତି ଯେମିତି ମିଷ୍ଟର କଲମଙ୍କ ପାଖ କ୍ୱାର୍ଟରରେ ଗୋଟାଏ ଅଶାନ୍ତ ସହ ଓ ମିଷ୍ଟର କଲମ ରହିଥାନ୍ତି ଯେମିତି ମିଷ୍ଟର ପରେରାଙ୍କ ସ୍ୱଦେଶରେ ଗୋଟାଏ ଅଡୁଆ କୁଟୁ ।

ମିଷ୍ଟର ପରେରା ରହିଥାନ୍ତି ପାଠପଢ଼ି ଅଛନ୍ତି ସୁଭାଷ ଉପରେ ପଡ ଖାଇବାଙ୍କ ସାଙ୍ଗରେ ଚଳନ୍ତି; ତେଣୁ ସେ ଅନ୍ତରରେ ସେଇ ଧନକୁ ସବୁ ରଖିଥାନ୍ତି ଯେଉଁ ଧନ ମିଷ୍ଟର ଓ ମିସେସ କଲମ୍ ବେଶ ହାତାହାତି ଲାଗିଯିବେ ।

ମିଷ୍ଟର କଲମ୍ ରହିଥାନ୍ତି ଯାହାର ସ୍ତ୍ରୀ ଅଯୋଗ୍ୟା ସେ କେବେବି ସ୍ୱଦେଶରେ ଉନ୍ନତି କରିପାରେ ନା । ଯାହା ହେଉ ଯାଉଛି ସେଥା ହେଉଛି । ପୁଣି ଅଜ୍ଞ-ଛିତା ମାଇପ ପାଇଁ ମିଷ୍ଟର ପରେରାଙ୍କର ହୃଦୟ ନା ହେବେ ସ୍ୱଦେଶରେ କଳାଦାଗ ବା black mark ପଡ଼ିଯିବ ।

କିନ୍ତୁ ଉଭୟଙ୍କ ଆଶା ସଫଳ ହେଲା । ବର୍ଷ ପରେ ବର୍ଷ ବିତିଗଲା । ଅଧିକନ୍ତୁ କଳହ କରିବାର ଦେଖାଗଲା ନାହିଁ ବା ମସ୍ତିଷ୍କଶୀ ସ୍ତ୍ରୀମାନଙ୍କ ସ୍ୱଦେଶରେ ଏକ ଅମଙ୍ଗଳ ସଞ୍ଚାର ମାରିଲେ ନାହିଁ ।

ଶେଷରେ ମିଷ୍ଟର ପରେରା ଗୋଟାଏ ସ୍ଥାନ ବା ମନ୍ତ୍ରୀ କଲେ । ମିଷ୍ଟର କଲମ୍ ଏକ ପ୍ରେମ ପତ୍ର ଲେଖିବେ 'ମିସ୍ ଯେ କୌଣସିଙ୍କ' ପାଖକୁ । ଅବଶ୍ୟ ତଳେ ମିଷ୍ଟର କଲମ୍‌ଙ୍କ ନାମ ନଥିବ । ନାମ ଦେଇ କେହି ପ୍ରେମ ପତ୍ର ଲେଖନ୍ତି ନାହିଁ । ତେଣୁ ମିସେସ୍ କଲମ୍ ସନ୍ଦେହ କରିପାରନ୍ତି । କେବଳ ମିସ୍ ଯେକୌଣସି ଗୋଟାଏ ରହିବ । ଯଥା ପ୍ରାଣର ପୁତୁଳି, ବା ହୃଦୟର ଦେବତା କମ୍ବା ଜୀବନର ସାଥୀ ଅନ୍ଧିକା ମୋର, ଏମିତି ଗୋଟାଏ କିଛି । ତାପରେ ପ୍ରେମପତ୍ର । ମୋର ସ୍ତ୍ରୀଟା ଅଯୋଗ୍ୟ । ମୁଁ ତାକୁ ଡାଇଭୋର୍ସ ବା ଛାଡ଼ପତ୍ର ଦେବାକୁ ଚାହେଁ, ତମେ ପଛ ତମେ ଅଗ୍ରସ ଇତ୍ୟାଦି ଇତ୍ୟାଦି; କୌଣସି କୌଶଳରେ ମିଷ୍ଟର କଲମ୍‌ଙ୍କ ପାଖରେ ପକାଇ ଦେବାକୁ ହେବ, ମିସେସ୍ କଲମ୍ ସେଥିକୁ ଦେଖିବେ ।

ତା' ପରେ—ବାପ୍—କି ମଜା ।

ମିଷ୍ଟର କଲମ୍‌ଙ୍କ ତାଙ୍କ ବୁଦ୍ଧିରେ ଏକ ଗୋଟାଏ ମନ୍ତ୍ରୀ ହେଲା । ମିଷ୍ଟର ପରେରାଙ୍କ ସେକ୍ରେଟେରୀ ମିଃ ବନାର୍ଜି କମ୍ କହି ସନ୍ଦେହ ଲୋକ । ସେ ତାଙ୍କ ନାଁରେ ଖଣ୍ଡିଏ ଚିଠି ଲେଖିବାକୁ ସ୍ଥିର କଲେ । ଟେଲିଫୋନ ନମ୍ବର ଦେଇଥିବ ସେକ୍ରେଟେରୀ । ଲେଖିବା ତଳେ କେବେଣୀକୁ ବୁଝିବାକୁ ମହିଳା । ଚିଠିରୁ ଜଣାପଡ଼ିବ ଯେମିତି ମିଷ୍ଟର ପରେରା ସେ କେବେଣୀକୁ ମହିଳାଙ୍କୁ ସେକ୍ରେଟେରୀ ବୋଲି ପରିଚୟ ଦେଇଛନ୍ତି । ମିଷ୍ଟର ବନାର୍ଜି କମ୍ ସେକ୍ରେଟେରୀ ହୁଏତ ସେ ଚିଠି ପାଇବେ । ଚିଠି ପଢ଼ିଲେ ମିଃ ପରେରାଙ୍କ ଚରିତ୍ର ଉପରେ ତାଙ୍କର ସନ୍ଦେହ ହେବ । ତାପରେ ଉଦ୍ଦେଶ୍ୟ ସିଦ୍ଧି ।

ଯଥାସମୟରେ ଦୁଇଖଣ୍ଡି ସୁନ୍ଦରକାଗଜ ଚିଠି ଲେଖାହେଲା । ମିଷ୍ଟର ପରେରା ଲେଖିଲେ—

ଅକୁଳ ପ୍ରାଣର ଏକମାତ୍ର ଭରସା, ହୃଦୟ ରାଜ୍ୟର ରାଣୀ, ଶରତ ଗଗନର ଶଶୀ, ଅନ୍ଧାର ରଜନୀର ତାରକା, ମେଘଶ୍ୟାମ ରାତିର ବିଜୁଳି, ଶୀତ କାଳର ଝିମିଲି ଫୁଲ, ଶରତ ଋତୁର ଜାଈଫୁଲ, ବସନ୍ତର ବକୁଳ, ନଦୀର ଉପକୂଳର ଝରଣା ପାଣିରେ ଭାସୁଥିବା ନେଳିଫୁଲ, ଶ୍ରେୟସୀ ମଧ୍ୟ ଦୈତ୍ୟ ଭିତରେ ଲକ୍ଷ୍ମୀ ମୋର—

ଶେଷରେ ତମର ଦାସାନୁଦାସ, ଏକାନ୍ତ ଆଜ୍ଞାକାରୀ ସେବକ ଦାସ ମୁଁ ।

ଯେଉଁଠି ମିଷ୍ଟର କଲମ୍ ଚିଠି ଲେଖିଲେ—

ଇଂରେଜୀରେ ଯାହାର ଇଂରେଜୀ ସାର ଅନୁବାଦ ହେବ—

ପ୍ରିୟତମ ମିଷ୍ଟର ପରେରା ମୋର,

ତମ ପଥ ଚାହିଁ ଚାହିଁ ଆଖି ପାଣି ଶୁଖିଗଲାଣି । ଅବଶ୍ୟ ତମେ ଏକାଠି ରାଜ୍ୟର ଏତେ ବଡ଼ ବଡ଼ ସେକ୍ରେଟେରୀ, ତମକୁ ସମୟ ହେଉ ନ ଥିବ । ମୁଁ ତମକୁ ବେଶୀ ସ୍ୱାର୍ଥୀ ନାହିଁ—ଥରେ —ମାତ୍ର ଶେଷ ଥରକ ଏଥିରେ ମୁଁ ତୁମ ଠାରୁ ତମକୁ ସ୍ୱାର୍ଥ କରିଛି । ତମେ ପ୍ରେମ କରୁଥିବା ଯେତେବେଳେ ଅପବାଦ । ଏଥର ନ ଆସିଲେ ମୁଁ ଭାବିବି—ଜୀବନ ବୃଥାରେ ଗଲା । ତମେ ମତେ ଟେଙ୍ଗା ବୋଲି ପରିଚୟ ଦେଲେ ମଧ୍ୟ ମୋତେ ତମେ ଟେଙ୍ଗା ପରି ଜଣା ଯାଉନାହିଁ । ଟେଙ୍ଗାମାନେ ବଡ଼ ବେଙ୍ଗିଚ । ତମ ରୋଗା ଦେହ ତମ ସୁନ୍ଦର ରୂପ ଏକ ନିଷ୍ଠୁର ହୃଦୟ ଅନ୍ଧକାର ଓଡ଼ିଆଙ୍କ ଲକ୍ଷଣ । ମୋର ଟେଙ୍ଗା ବନ୍ଧୁ, ଓଡ଼ିଆ ବନ୍ଧୁ ଏବଂ ବଙ୍ଗାଳୀ ବନ୍ଧୁ ଅଛନ୍ତି ! ମୋତେ ଓଡ଼ିଆଙ୍କୁ ବେଶୀ ଭଲ ଲାଗେ । କିନ୍ତୁ ତାଙ୍କର ସେଇ ନିଷ୍ଠୁରତା ନ ଥାନ୍ତା କି । ଆପଣଙ୍କୁ ମୁଁ ଭଲ ପାଏ, ଆପଣଙ୍କୁ ଓଡ଼ିଆ ବୋଲି ଭାବି ଏବଂ ଆପଣଙ୍କ ଠାରୁ ଟେଙ୍ଗାର ସ୍ୱଭାବ ଆଶା କରି । ଆପଣଙ୍କ ଠାରୁ ମୁଁ ଓଡ଼ିଆର ରୂପ ଓ ଟେଙ୍ଗା ହୃଦୟର ସମ୍ମିଳନ ଆଶା କରେଁ । ଅନ୍ତତଃ ଦେଖା ମୋର

(ଅବଶିଷ୍ଟ ୧୩ ପୃଷ୍ଠା ୨ୟ ସ୍ତମ୍ଭରେ ପାଇବେ)

Digitized by srujanika@gmail.com

# —ନାଗବଳା—

ଉଦ୍ଦେଶ୍ୟ—

୧ । ଉତ୍କଳର ଦରିଦ୍ର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ପତ୍ରର ମଧ୍ୟସ୍ଥତାରେ ପତ୍ର ବନ୍ଧୁତା ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ମାତୃଭୂମି ପ୍ରତି ଦରିଦ୍ର କିଶୋରଙ୍କର ଅନୁରାଗ ବଢ଼ାଇବା ।

୪ । ଜନ ସେବା, ସାହିତ୍ୟ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

( ୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ )

## ମହାଦେବ ଦେଶାଇ ।

ସ୍ନେହର ଭାଇ ଓ ଭଉଣୀମାନେ,

ନମସ୍କାର । ଆଜି ତୁମମାନଙ୍କୁ ଗୋଟିଏ ଦୁଃଖଦ ଖବର ଦେଉଛି । ସେ ହେଉଛନ୍ତି ମହାପ୍ରାଣ ମହାଦେବ ଦେଶାଇ । ଯେଉଁମାନେ ମହାତ୍ମା ଗାନ୍ଧିଙ୍କ କଥା ଜାଣନ୍ତି ସେମାନେ ଏହି ମହାପୁରୁଷଙ୍କ ନାମ ନିଶ୍ଚୟ ଶୁଣିଥିବେ । ସେ ମହାତ୍ମାଙ୍କ ଦକ୍ଷିଣ ହସ୍ତ ସ୍ୱରୂପ ଥିଲେ । ତାଙ୍କୁ ହରାଇ ମହାତ୍ମା ଆଜି ଯେଉଁ ଅଭାବ ଅନୁଭବ କରୁଛନ୍ତି ତାହା ଅପୂରଣୀୟ ଓ ସମଗ୍ର ଦେଶ ମଧ୍ୟ ତାଙ୍କର ଅକାଳ ବିୟୋଗ ଦୁଃଖ ଅନୁଭବ କରୁଛି ।

ମହାଦେବ ଦେଶାଇ ସୁରଟ ଜିଲ୍ଲାର ସରସ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ଗୁଜୁରାଟ ବ୍ରାହ୍ମଣ ବଂଶର । ତାଙ୍କ ପିତାଙ୍କର ନାମ ହରିଭାଇ ଦେଶାଇ । ପ୍ରଥମେ ସେ ସ୍କୁଲ ଶିକ୍ଷକ କାର୍ଯ୍ୟ କରୁଥିଲେ; ପରେ ସ୍କୁଲ ଡେପୁଟି ଇନ୍‌ସ୍‌ପେକ୍ଟରର ପଦରେ ନିଯୁକ୍ତ ହେଲେ । ସେ ଶିକ୍ଷା ବିଭାଗରେ ଥାଇ ମହାଦେବଙ୍କୁ ଉଚ୍ଚ ଶିକ୍ଷା ଦେଇ ପାରିଥିଲେ ।

ମହାଦେବ ଦେଶାଇ ୧୯୧୦ ସାଲରେ ବି. ଏ. ପାଶ୍ କରିଥିଲେ ଏବଂ ଦୁଇ ବର୍ଷରେ ଆଇନ ପାଶ କରି ଓକିଲତି ବ୍ୟବସାୟ ଆରମ୍ଭ କଲେ । କିନ୍ତୁ ଓକିଲତି ଅଳ୍ପ ଦିନ ପରେ ଛାଡ଼ି ଗଭର୍ଣ୍ଣମେଣ୍ଟଙ୍କ କୋଅପରେଟିଭ ଡିପାର୍ଟମେଣ୍ଟ (Co-operative Department) ରେ ଚାକିରି ଗ୍ରହଣ କରିଥିଲେ । ତାଙ୍କ ଚାକିରି ଜୀବନ ମଧ୍ୟ ଅଳ୍ପଦିନସ୍ଥାୟୀ । ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରିବା ପରେ ମହାଦେବ ଦେଶାଇ ତାଙ୍କ ସଙ୍ଗେ ପରିଚିତ ହେଲେ । ସେ ଚାକିରି ଛାଡ଼ି ଗାନ୍ଧୀଜୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । ସେହି ଦିନରୁ ମହାତ୍ମାଙ୍କ ସହିତ ତାଙ୍କର ଅନ୍ତରଙ୍ଗତା କ୍ରମେ କ୍ରମେ ବଢ଼ିଲା ଓ ସେ ମହାତ୍ମାଙ୍କର ସେକ୍ରେଟାରୀ ରୂପେ ନିଯୁକ୍ତ ହେଲେ ।

ସେ ଦ୍ୱିତୀୟ ଗୋଲ ଟେବୁଲ ବୈଠକ ସମୟରେ ମହାତ୍ମା ଗାନ୍ଧୀଙ୍କର ସେକ୍ରେଟାରୀ ହୋଇ ଲଣ୍ଡନ ଯାଇଥିଲେ । ୧୯୩୦ ସାଲରେ ଯେତେବେଳେ ଅସହଯୋଗ ଆନ୍ଦୋଳନ ହୁଏ ସେତେବେଳେ ସେ ନିଖିଳ ଭାରତ କଂଗ୍ରେସର ଜେନେରେଲ ସେକ୍ରେଟାରୀ ଥିଲେ ।

ଦେଶାଇ ଜଣେ ଗୁଜରାଟି ସାହିତ୍ୟିକ ଓ ଲେଖକ ଥିଲେ । ସେ ଇଂରାଜୀ ଓ ବଙ୍ଗଳାରୁ କବିବର ରବୀନ୍ଦ୍ରନାଥ ଓ ଶରତଚନ୍ଦ୍ରଙ୍କ ଭଲ ଭଲ କାବ୍ୟ ଓ ଲେଖା ଅନୁବାଦ କରି ଗୁଜରାଟି ସାହିତ୍ୟକୁ ଦାନ କରିଛନ୍ତି । ମହାତ୍ମାଙ୍କ ଆତ୍ମଚରିତର କୌଣସି କଥା ଶୁଣିବାକୁ ମନ କଲେ ସେ ଦେଶାଇଙ୍କୁ କହନ୍ତି । ଦେଶାଇ ତାହା ଗୁଜରାଟିରେ ତର୍ଜମା କରି ତାଙ୍କୁ ଶୁଣାନ୍ତି । ସେ ମଧ୍ୟ ଇଂରାଜୀ ଓ ତାଙ୍କ ମାତୃଭାଷାରେ ଅନେକ ଭଲ ଭଲ ବହି ଲେଖି ଯାଇଛନ୍ତି, ତାହା ହେଉଛି "The history of Bardoli Satyagraha." "Life of Maulana Abul Kalam Azad." "Two servants of God" ( lives of Frontir Gandhi & brother Dr. Khan Sahib.)

ଦେଶାଇ ମଧ୍ୟ ଜଣେ ଉଚ୍ଚସ୍ତରର ସାମ୍ବାଦିକ (Journalist) ଥିଲେ । ସେ 'ୟଂ ଇଣ୍ଡିଆ' (young india.) ଓ "ନବଜୀବନ" (Nava Jivan) ପତ୍ରିକାର ସହକାରୀ ସମ୍ପାଦକ ଥିଲେ । ସେ କିଛିକାଳ ପାଇଁ ମଧ୍ୟ ଏଲାହାବାଦର "Independent" କାଗଜର ସମ୍ପାଦକ ଥିଲେ ଓ 'ହରିଜନ' ମଧ୍ୟ କିଛି ଦିନ ପାଇଁ ସମ୍ପାଦନା କରିଥିଲେ । ସେ ଦିଲ୍ଲିରେ ସାମ୍ବାଦିକ ସମ୍ମିଳନୀରେ ଯେଉଁ ବକ୍ତୃତା ଦେଇଥିଲେ ତାହା ହୃଦୟସ୍ପର୍ଶୀ ହୋଇଥିଲା । ସେ ସବୁବେଳେ ଦେଶୀ ସମ୍ବାଦ ପତ୍ର ମାନଙ୍କର ସ୍ୱାଧୀନତା କ୍ଷେତ୍ରରେ ଗଭର୍ଣ୍ଣମେଣ୍ଟଙ୍କୁ ତୀବ୍ର ସମାଲୋଚନା କରୁଥିଲେ ।

ସେ ୧୯୨୧ ସାଲରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ କାରାବରଣ କରନ୍ତି । ଏହା ହେଉଛି ତାଙ୍କ ଜୀବନର ପ୍ରଥମ । ପୁଣି ୧୯୩୦ ସାଲରେ ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେଇ ପୁଣି ଜେଲ ଗଲେ । ୧୯୩୨ ସାଲରେ ମଧ୍ୟ ଖଣ୍ଡେ ବହି ଲେଖି ଜେଲ ଗଲେ । ଶେଷରେ ତାଙ୍କୁ ଗଲା ଅଗଷ୍ଟ ୯ ତାରିଖରେ ମହାତ୍ମା ଗାନ୍ଧୀ ଓ ଦେଶର ଅନ୍ୟାନ୍ୟ ନେତାମାନଙ୍କ ସହିତ ବମ୍ବେ ଠାରେ ଭାରତରକ୍ଷା ଆଇନ ଅନୁସାରେ ଗିରଫ କରାଗଲା ।

ଅଗଷ୍ଟ ୧୫ ତାରିଖ ସକାଳ ୮ଘଣ୍ଟା ୪୦ ମିନିଟ ସମୟରେ ତାଙ୍କ ମୃତ୍ୟୁ ଘଟିଲା । ଯେଉଁ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଲା ତାହା ଅତ୍ୟନ୍ତ ଶୋଚନୀୟ । ୧୫ ତାରିଖ ଅଗଷ୍ଟ ସକାଳେ ସେ ବୋମ୍ବେର ଇନ୍‌ସ୍‌ପେକ୍ଟର ଜେନେରାଲ ଅଫ୍ ପ୍ରିଜନ୍ସ କର୍ଣ୍ଣେଲ ଭଣ୍ଡାରୀଙ୍କ ସଙ୍ଗେ କଥାବାର୍ତ୍ତା କରୁଥିବା ସମୟରେ ଅସୁସ୍ଥତା ବୋଧ କଲେ ।



Digitized by srujanika@gmail.com

କର୍ଣ୍ଣେଲ ସେଣ୍ଡର ଲେଖିଛନ୍ତି ଯେ ତାଙ୍କର ନାଡ଼ୀର ଗତି ଖୁବ୍ କ୍ଷୀଣ; ସେ ତାଙ୍କୁ ଶୋଇବାକୁ ଉପଦେଶ ଦେଲେ । ଅନ୍ୟ କେହି ଡାକ୍ତର ପାଖରେ ନ ଥିବାରୁ ଡାକ୍ତର ଶ୍ରୀମତୀ ସୁଶୀଳା ନାୟାର୍ ଯେକି ତାଙ୍କ ସାଙ୍ଗରେ ବନ୍ଦୀ ହୋଇଥିଲେ ସେ ଆସି ତାଙ୍କ ଶୁଶ୍ରୂଷା କରିଥିଲେ । ଜଣେ ଆଇ: ଏମ୍: ଏସ୍: ଅଫିସର ତାଙ୍କୁ ଇନ୍‌ଜେକ୍‌ସନ ଦେଲେ । ତାଙ୍କ ଦେହ ଖରାପ ହେବାର କୋଡ଼ିଏ ମିନିଟ ଭିତରେ ତାଙ୍କ ପ୍ରାଣ ବାୟୁ ଉଡ଼ିଗଲା । ତାଙ୍କର ଶବ ସତ୍କାର ସମୟରେ ମହାତ୍ମା ଗାନ୍ଧୀ ଉପସ୍ଥିତ ଥିଲେ ।

ମୃତ୍ୟୁ ସମୟରେ ତାଙ୍କୁ ମୋଟେ ୫୨ବର୍ଷ ବୟସ ହୋଇଥିଲା । ତାଙ୍କର ସ୍ତ୍ରୀ ଏକମାତ୍ର ପୁତ୍ର ଓ କନ୍ୟା ବର୍ତ୍ତମାନ । ଦେଶାଇଙ୍କ ପରି ତ୍ୟାଗପର କଂଗ୍ରେସ କର୍ମୀ ବିରଳ । ସେ ତାଙ୍କର ଅଭୂତତ୍ୟାଗ ଦ୍ୱାରା ଦେଶର ମୁଖ ଉଜ୍ଜ୍ୱଳ କରି ଯାଇଛନ୍ତି । ଦେଶବାସୀ ତାଙ୍କର ମହତ ଆଦର୍ଶରେ ଅନୁପ୍ରାଣିତ ହେଉନ୍ତୁ ମୋର ଏତିକି ପ୍ରାର୍ଥନା । ଇତି ।

ଶ୍ରୀମାନ ଲଲ୍ଲବଲ୍ଲ ।

## ନୂଆ ଜାଗଙ୍କ ନାମ ।

ଏରତାଳ ଏମ୍: ଇଂ: ସ୍କୁଲ ପୋ: ଏରତାଳ; ଜି: ବାଲେଶ୍ୱର ଜାଗଙ୍କର ନାମ:—

୩୯୬ ଶ୍ରୀ ଲକ୍ଷ୍ମୀଧର ଦାସ ୭ମ ଶ୍ରେଣୀ

୩୯୭ – ଶ୍ରୀ ଅଶ୍ୱିନୀକୁମାର କୁଣ୍ଡୁ ୬ଷ୍ଠ ଶ୍ରେଣୀ,

୩୯୮—ଶ୍ରୀ ବଂଶୀଧର ମହାପାତ୍ର ୬ଷ୍ଠ ଶ୍ରେଣୀ

୩୯୯—ଶ୍ରୀ ଚନ୍ଦ୍ରଶେଖର ଦାସ ୬ଷ୍ଠ ଶ୍ରେଣୀ,

୪୦୦—ଶ୍ରୀ ଗୋପାଳ ... Secretary, Court of Honour, Ertal M. E. School.

୪୦୧—ଶ୍ରୀ ପୂର୍ଣ୍ଣଚନ୍ଦ୍ର ବୈଧୁରୀ, ବାରିପଦା ହାଇସ୍କୁଲ ୧୦ମ ଶ୍ରେଣୀ, କଲେଜ ହୋଷ୍ଟେଲ ପୋ: ବାରିପଦା । ୪୦୨—ଶ୍ରୀ ସଚ୍ଚିଦାନନ୍ଦ ଦାସ (ଅଭାବକ ସଭ୍ୟ) C/o ଶ୍ରୀ ବୃନ୍ଦାବନ ଆଚାର୍ଯ୍ୟ ବାଣପୁର ଏମ: ଇ ସ୍କୁଲ ପୋ: ବାଣପୁର ଜି: ପୁରୀ ।

—୦—

(ମହାକଥା 'ମହୁଆ ଉତ୍ତରୁ)

ଖବରର ବୋଝ ଯଦି ହୋଇ ରହିବ । ପୁଣି କେବେ ଆସିବେ ? ଉଭୟ ସ୍ଥଳେ କେତେବେଳେ ଆପଣ ବାଲେ ଏଥିରେ ଆଉ ମନ-ବୃତ୍ତି କରିଥିବେ ପରା । ଇତ୍ୟାଦି ।

ଶେଷରେ ଆପଣଙ୍କ ଅବରର ମିସ୍ ଏରବେଲ୍ ।

ମିଷ୍ଟର କଲମ୍ ଚିଠିଟାକୁ ଅନ୍ୟଲୋକ ହାତରେ ଲେଖାଇ, ଆଉ ସ୍ୱର୍ଗିତ୍ୱପାଦ ଇଚ୍ଛେନ୍ତି ଏହି ସମୟରେ ଫୋନରେ ଡାକ ଆସିଲା । ଫୋନଟାକୁ କାନ ପାଖକୁ ନେଇ କଥାବାର୍ତ୍ତା କରୁଛନ୍ତି ମିସେସ୍ କଲମ୍ ହଠାତ୍ ଆସି ପହଞ୍ଚିଗଲେ । ଫୋନରେ ବଡ଼ ହାକିମ ଡାକୁଛନ୍ତି ବୋଲି ସେ ତରତରରେ ବାହାରି ଗଲେ । ଚିଠି ଖଣ୍ଡ ଟେବୁଲ ଉପରେ ପଡ଼ିଥିଲା । ମିସେସ୍ କଲମଙ୍କ ଆଖିକୁ ସେ ପଡ଼ି ଦେଇ ପାରିଲା ନାହିଁ ।

କେତେଣ ମିଷ୍ଟର ପରିଡ଼ା ଫେଶନ ନିକେ ଲେପି ଲଫାପା ଭିତରେ ପୂରାଉଛନ୍ତି ଟେଲିଫୋନଟା ଆସି ପହଞ୍ଚିଲା । ସେ ଖବର ହୋଇ ଫୋନକୁ ଗାଳିଦେଲେ ଏବଂ ମାଧବଯାବ ବାମ ହାତକୁ ଘାରିବାକୁ ହୁକୁମ ଦେଲେ; ଫୋନ ଉଠାଇ ଘୋଡ଼ାଇ ଗୋଟାଏ ଚିଠି ଖଣ୍ଡିଏ ବ ଗୋଟାଇ ନେଲା । ଭାଗରେ ଆଜ ମିଷ୍ଟର ପରିଡ଼ା ଯେତେବେଳେ ଚିଠି କଥା ଭୁଲିଯାଇ ଥିଲେ । ଚିଠିଟା ଦୈବାତ ସେକ୍ରେଟେରୀଙ୍କ ପାଇଲ ଭିତରେ ପଶିଗଲା । ସେକ୍ରେଟେରୀଙ୍କ ଝିଅ ନାଁ ଲକ୍ଷ୍ମୀ । ସେଣ୍ ଲକ୍ଷ୍ମୀ ପାଖକୁ ପ୍ରେମ ଚିଠି ଆସିଛି କଣ୍ଣ ସେକ୍ରେଟେରୀ ଲେଖିଛନ୍ତି ବୋଲି ସେ ଖପା ହୋଇଗଲେ ।

ଏ ଘଟଣାର କେତେଦିନ ପରେ କଟକ ଟାଉନ ହଲରେ ବରଣ ଓ ବାଜ୍ଞ୍ଚଣ ଭିତର ମିଷ୍ଟର କଲମ୍ ଓ ମିଷ୍ଟର ପରିଡ଼ାଙ୍କର ଭେଟ ହେଲା ।

ମିଷ୍ଟର ପରିଡ଼ା—ମୋର ଦୁଃଖ କହିଲେ ନ ସରେ । ମୁଁ ଭାରି ପୁନର୍ମୂଷିକ ହେଲି । ମୋତେ ଗୋଟାଏ ଯବତ୍ରୂଜନରେ ସେକ୍ରେଟେରୀ ଅଫିସର ହେବାକୁ ହେବ ।

ମିଷ୍ଟର କଲମ୍—ମୋର ଦୁଃଖ କହିଲେ ନ ସରେ—ମୋର ସ୍ତ୍ରୀ ମୋତେ ଛାଡ଼ପତ୍ର ଦେବାକୁ କହିଛନ୍ତି ଏ ବୁଢ଼ା କାଳରେ । ମୋତେ ଏ ବର୍ଷେ ଉଦନଟା ସଙ୍ଗୀହିନ ଭାବରେ କଟାଇବାକୁ ହେବ ।

—୦—

## କୁତୁକୁତୁ

ଲେଖକ – ସମ୍ପାଦକ ମହାଶୟ, ମୋ ଲେଖାଟି କାହିଁ ଏଥର 'ଡଗର'ରେ ବାହାରିଲା ନାହିଁ । ଆପଣଙ୍କ ମନକୁ ବୋଧହୁଏ ପାଇ ନ ଥିବ ।

ସମ୍ପାଦକ – ନା ନା, ଆପଣଙ୍କ ଲେଖାଟାକୁ waste paper basket ରେ ଯତ୍ନରେ ରଖାହୋଇଛି ।

\+ × +

ପୂର୍ଣ୍ଣିକାନ୍ତ—ମୁଁ ତ ଆପଣଙ୍କୁ ଦେଖିଲା ପରି ଲାଗୁଛି ।

ଲଳିତା—ନା, impossible, ଆସ୍ଥ କେବେ କହୁଛ ତ ।

ପୂର୍ଣ୍ଣ—ପୂର୍ବ ଜନ୍ମରେ ।

ଲଳିତା Oh, yes ଠିକ କହୁଛେ; ଆପଣ ଓ ମୁଁ ପୂର୍ବ ଜନ୍ମରେ husband ଓ wife ଥିଲୁ ।

(ଦେବେଶ୍ରୀକାନ୍ତ)

ଭଦ୍ରଲୋକ—କହୋ, ଜଗନ୍ନାଥ ତମେ ଯେ ପାସ୍ ହେବ ବୋଲି କହୁଥିଲ; ଏବେ ଫେଲ୍ ହେଲ କିପରି ?

ବାଳକ—ଆଜ୍ଞା ମୁଁ କଣ ଫେଲ ହୋଇଛି ?

ଭଦ୍ରଲୋକ—ତାହେଲେ—

ବାଳକ—ଏକ୍‌ଜାମିନର ମୋର ଭଲ ଲେଖା ଦେଖି ପରି ମୋତେ "ଏନ୍‌କୋର ପ୍ଲିଜ୍" କହିଛନ୍ତି ।

(ଜଗନ୍ନାଥ)

× + ×

ସ୍ୱାମୀ—ଉମା, ସତ କହିଲ, ତୁମେ ମତେ ବାହାହେବା ପୂର୍ବରୁ କେତେଜଣଙ୍କ ସହିତ ପ୍ରେମ କରିଛ ?

ସ୍ତ୍ରୀ—ମଞ୍ଚ, ମୋର କ'ଣ ମନେ ଅଛି ?

(ରସାନନ୍ଦ)

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲି:

ପ୍ରତ୍ୟେକ ଗୃହସ୍ଥ ନିଜ ପରିବାରବର୍ଗଙ୍କ ସଂସ୍ଥାନ ପାଇଁ ବୀମା କରିବା ନିତାନ୍ତ ଆବଶ୍ୟକ ।

ଅନିଶ୍ଚିତ ପରିସ୍ଥିତି ସମୟ ଜଟିଳ ହୋଇ ଉଠୁଥିବା ସମୟରେ ସର୍ବାଧିକ ନିରାପଦ ଭାବରେ ଟଙ୍କା ଲଗାଇବାର ଉତ୍କୃଷ୍ଟ ଉପାୟ ହେଉଛି ଗୋଟିଏ ସୁଦୃଢ଼ ବୀମା କମ୍ପାନୀରେ ବୀମା କରିବା ।

ହିନ୍ଦୁସ୍ଥାନ ଗତ ୩୫ ବର୍ଷ ହେଲା ଭାରତବର୍ଷ ଏବଂ ବାହାରେ ପ୍ରତି ଶ୍ରେଣୀରେ କୋଟି କୋଟି ଟଙ୍କାର ଦାବି ପୂରଣ କରି ଏବଂ କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ଯଥେଷ୍ଟ ସୁଦୃଢ଼ତାର ପରିଚୟ ଦେଇଛି ।

୧୯୪୦ ରେ ନୂତନ ବୀମାର ପରିମାଣ ପ୍ରାୟ ତିନିକୋଟି　　୧୯୪୦ ରେ ବାର୍ଷିକ ଆୟର ପରିମାଣ ପ୍ରାୟ ଏକ କୋଟି

ବୀମା ପାଣ୍ଠି ଛଅକୋଟି ୫୫ ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ସାତ କୋଟି ପାଞ୍ଚଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ପରିଶୋଧ ଦାବୀର ପରିମାଣ ଦୁଇ କୋଟି ପଚିଶ ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଂସ୍, କଲିକତା ।

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗାନାଇଜର
କଟକ ।

---

ବହୁ ଉଚ୍ଚ ଅଭିମତ ସମ୍ବଳିତ ବିଖ୍ୟାତ କବିତା ବହି

## ସଂଘର୍ଷ

[ଗୃହପଣା]

କାନ୍ତକବି ଲକ୍ଷ୍ମୀକାନ୍ତ କହନ୍ତି—ଆମ ସାହିତ୍ୟରେ କବି ଗୋଟିଏ ନୂତନ ପ୍ରେରଣା ଆଣି ପାରିଛନ୍ତି ବୋଲି ମୋର ଧାରଣା ।

ସଚ୍ଚିଜରର କହନ୍ତି—ଏଭଳି କବିତା ବେଶୀ ଏ ଯୁଗରେ ଯେତେ ପ୍ରକାଶିତ ହେବ, ସେତେ ଏ ଦେଶର ମାନସିକ ସ୍ୱାସ୍ଥ୍ୟ ପକ୍ଷେ ମଙ୍ଗଳ ।

ଲକ୍ଷ୍ମୀନାରାୟଣ ସାହୁ ( ଭାରତ ସେବକ ସମିତି ସଦସ୍ୟ ) କହନ୍ତି—ମୁଁ ଏହି ଜାତୀୟ କବିତାକୁ ମନର ସ୍ୱାଧୀନ ସୃଷ୍ଟିର ରଚନା ବୋଲି ସମାଦର କରିପାରେଁ ।

ଦ୍ୱିତୀୟ ଅବଦାନ **'ନୈବେଦ୍ୟ'**—( ଅଠ ଅଣା )

କାନ୍ତସ୍ନିଗ୍ଧ ସରଳ ଅଭିନବ କବିତାମାଳା—ଭୂମିକାରେ ସୁସାହିତ୍ୟିକ ସୁଯୁକ୍ତ ଗୋପୀନାଥ ମହାନ୍ତିଙ୍କର ମନ୍ତବ୍ୟ ପଢ଼ନ୍ତୁ । ଯୁବକ ଯୁବତୀଙ୍କର ପରମ ଆଦରର ସମ୍ପଦ—ପ୍ରେମର ଅତୃପ୍ତ ଅର୍ଘ୍ୟ—ବାତ୍ସଲ୍ୟ ସ୍ନେହ ଭକ୍ତିର ଅପୂର୍ବ ଅମୃତ ଉତ୍ସ—ଅବସର ବିନୋଦ ପାଇଁ ଖଣ୍ଡିଏ ମାଗି ନିଅନ୍ତୁ ।

ମାତ୍ର ଏକଟଙ୍କା ଦେଇ ସଭ୍ୟ ହେଲେ, ସମିତିର ପ୍ରକାଶନ ପୁସ୍ତକ ଅର୍ଦ୍ଧ ମୂଲ୍ୟରେ ପାଇ ପାରିବେ

ପରବର୍ତ୍ତୀ ଆକର୍ଷଣ—**ମାୟାପୁରୀ**—( ଛଦନ୍ତ କାହାଣୀ )

ଟଙ୍କା ଓ ପତ୍ର ପଠାଇବାର ଠିକଣା—ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତି, ଭଦ୍ରକ ।


Printed & published at the Gopinath Press, Bhadrak, by. G. C. Mahapatra and issued from Dagaro Office Bhadrak.

Digitized by srujanika@gmail.com

ଆଶ୍ୱିନ ପ୍ରଥମାର୍ଦ୍ଧ




ସମ୍ପାଦକ:— [illegible]

ଏଥର ପଢ଼ିବେ

ବିଲୁଆବିଗ୍ରହ

କାହାଣୀ — ସଖିସେନା

ମଜାକଥା — ମଡର୍ଣ୍ଣ ଗାର୍ଲ

ମଜାକବିତା ··· ନୂଆବୋହୂର ଭଉଣୀ

ଜାଗରଣ ··· ଫ୍ରାଙ୍କଲିନ ରୁଜ୍‌ଭେଲ୍ଟ

ବହିପତ୍ର

କୁତୁକୁତୁ

( ୬ଷ୍ଠ ବର୍ଷ, ୯ ମ ସଂଖ୍ୟା )

October. 1, 1942.

ଟ୨ଙ୍କା ଦେଇ ବର୍ଷେ କାଳ ଘରେ ବସି

ଡଗର ପଢ଼ନ୍ତୁ ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର **ଭ୍ରାମରୀ ରସାୟନ** ଅବ୍ୟର୍ଥ ମହୌଷଧ

ଏହା ପ୍ରାଚୀନ ଋଷିମାନଙ୍କ ପ୍ରଣାଳୀ ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ରୋଗ, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚିହ୍ନ, ଅଙ୍ଗରେ [illegible] ଶାରୀରିକ ଅବସାଦ, [illegible] ବେଦନା, [illegible], ଦାଗ ଓ କଣ୍ଠର [illegible] ଓ କୋଷ୍ଠବଦ୍ଧତା [illegible] ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର [illegible] ମହୌଷଧ । ଏହା [illegible] ସେବନ କଲେ ଏହାର ଉପକାରିତା ଜାଣି [illegible] ଭ୍ରାମରୀ [illegible] ଏହା ଦେହରେ ମାଲିସ୍ କଲେ ଦେହର [illegible] ଟଙ୍କା ମାତ୍ର [illegible]

ଆୟୁର୍ବେଦ ଔଷଧାଳୟ
ଚିକିତ୍ସକ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ [illegible]
[illegible] ବଜାର, କଟକ ।

---

**ଛୁଆଙ୍କ ହାତରେ**
ଦେବା ଭଳି ବହି ।
# ସୁନା ଭଉଣୀ
ସଂଗ୍ରାହକ— ଶ୍ରୀ [illegible]
ମୂଲ୍ୟ— [illegible] ଅଣା ।
ପ୍ରାପ୍ତିସ୍ଥାନ:—[illegible] ପବ୍ଲିଶିଂ ହାଉସ୍
[illegible]— [illegible] ।

**ଭଲ ମଞ୍ଜିରୁ ଭଲଗଛ**
ବିଶ୍ୱସ୍ତ ପ୍ରତିଷ୍ଠାନରୁ ସଂଗୃହୀତ ମଞ୍ଜି କିଣିଲେ ଠକିବାର ଆଶଙ୍କା ନାହିଁ । ମୂଲ୍ୟ-ତାଲିକା ପାଇଁ ଲେଖନ୍ତୁ । [illegible] ।
[illegible] ପଠାଯାଏ ନାହିଁ । [illegible] ମୂଲ୍ୟରେ [illegible] ପାଇବେ । [illegible] ନାହିଁ ।
[illegible]
[illegible] ରୋଡ
ପୋଃ [illegible] ( Bally )
ଜିଲ୍ଲା—[illegible]

# ମରମ
କବି— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ନବ ଯୁଗର ନବୀନ ଭାବୋଚ୍ଛ୍ୱାସ
ପଢ଼ିଲେ ମୁଗ୍ଧ ହେବେ
ମୂଲ୍ୟ:—[illegible] ଅଣା

---

**ଜିଜିଆ [illegible]**
ରଙ୍ଗିନ ଛବି ଓ [illegible] ଗୀତରେ ଭରା
ପିଲାଏ ପାଇଲେ ଖେଳିଯିବେ ।
ମୂଲ୍ୟ— [illegible]

**କୁମାରୀ**
ସୁନ୍ଦର ଛବି ଓ ମଧୁର ଗୀତ ଦେଖି
ଝିଅ ହାତରେ ଦିଅନ୍ତୁ ।
ମୂଲ୍ୟ— [illegible] ଅଣା

**ସୁନାପୁଅ**
ପିଲାଙ୍କ ହାତରେ ଦେବା ପାଇଁ ଅତି
ସୁନ୍ଦର ଗୀତ ବହି ।
ମୂଲ୍ୟ— [illegible] ଅଣା


Digitized by srujanika@gmail.com

ଓଗାଉ

୬ଷ୍ଠ ବର୍ଷ
---୯ମ-ସଂଖ୍ୟା —
ଆଶ୍ୱିନ ପ୍ରଥମାଙ୍କ
ତା ୧ । ୧୦ । ୪୨ ଖ୍ରୀ ।

# ହୁକା ହୁକା ହୁଆ

[ ବିଲୁଆ ବିଗୁର ]

—ମୂଲ୍ୟ—
ବାର୍ଷିକ—୨।୦
ପ୍ରତିସଂଖ୍ୟା—୨୦/
ବିଦେଶ ୨।୩
ଭିକ୍ଷାନ୍ନ ପ୍ରାର୍ଥୀ ୨।୫

ଉପାସ ବୋଲି, ଧାରଣା ନେଇ ଅନାହାର ନେତାଙ୍କ ଠି ଜବଦ କରି ତାଙ୍କଠାରୁ ଜର ଅଣା-ଯାଏ । ଆମ ଘରୋଇ ଝଗଡାରେ ବି ଉପାସ ମାହାତ୍ମ୍ୟ ଜଣା ପଡ଼େ । ଉପାସ ରହିବା ଦୂରେ ଥାଉ, ଉପାସର ଧମକରେ ମଧ୍ୟ କେତେ ଗୃହିଣୀ ଅନେକ ଗୃହସ୍ଥଙ୍କ ଠାରୁ ମୋଡ଼ ଶାଢ଼ୀ ଅଳଙ୍କାର ଆଦାୟ କରିବାର ଶୁଣା ଅଛି । ଏହା ଜାଣି ଶୁଣି ମହାତ୍ମା ଗାନ୍ଧି ତାଙ୍କ ସମର ସମ୍ଭାରରେ ଉପବାସ ଅସ୍ତ୍ରକୁ ପ୍ରଧାନ ବା ବ୍ରହ୍ମ ଅସ୍ତ୍ର ବୋଲି ଘୋଷଣା କରିଛନ୍ତି ।

ଏବେ ସେ ଅସ୍ତ୍ରର ଏକ ଅଦ୍ଭୁତ ପ୍ରୟୋଗର ସଂବାଦ ଆମ ପାଠକଙ୍କ ଗୋଚରରେ ନିବେଦନ କରୁଛୁ ।

ସିନ୍ଧୁ ପ୍ରଦେଶରେ ଜଣେକ ପିଲେ ପିକେଟିଂ କଲେ । ତାଙ୍କୁ ସେଥିରୁ ନିବର୍ତ୍ତାଇ ନ ପାରି ସେଠା ପ୍ରଫେସର କଲେ ଆମରଣ ଉପବାସ । ତହିଁ ତାଙ୍କୁ ପୁଣି ଉପବାସରୁ ନିବର୍ତ୍ତାଇବା ପାଇଁ ଛାତ୍ର କଲେ ପାଲଟା ଉପାସ । ଉପାସକୁ ଉପାସ କଟାକଟି ହୋଇଗଲା— ଯେପରି ବଳ୍ମୀକରେ ବାନ୍ଧିଏ ପାଣ୍ଡବ ଶର । ଦେଖିକି ହୋଇଗଲା—ଉପା ।

ଏ ସୁବିଧା ଉପାସ୍ତ୍ର ଏ ଯାବେ କଣ ଆମ ପରଜା ସାହେବଙ୍କ ଆଖିରେ ପଡ଼-ନାହିଁ । ନ ପଡ଼ିଥିଲେ ସରଅନ୍ତୁ ଶିଖି ଆସି ପାରନ୍ତେ ପରା !

× + ×

ଶ୍ରୀଯୁକ୍ତ ଅନେ ଜଣେ ଦେଶହିତୈଷୀ ବଡ଼ ନେତା ବୋଲି ଖ୍ୟାତ । ଶ୍ରୀଯୁକ୍ତ ମାଲବ୍ୟ ଓ ଲୋକମାନ୍ୟ ତିଳକ ତାଙ୍କ ଦୀକ୍ଷା ଗୁରୁ । ପୁଣି ଥରେ ସେ କଂଗ୍ରେସର ସର୍ବମୟ କର୍ତ୍ତା ( dictator ) ହୋଇ ଅହିଂସାଯୁଦ୍ଧ ବି ଚଳାଇ ଥିଲେ । ଏମନ୍ତ ଯେ ଅନେ, ସେ ଯେତେବେଳେ ବଡ଼ଲାଟ ଶାସନ ସଭାର ମେମ୍ବର ନିଯୁକ୍ତ ହେଲେ, ଲୋକେ ତାଟକା ହୋଇ ଗଲେ ସତ୍ୟ, ମାତ୍ର ଅନେକ କଲେ ଯେ ଅନେ ଯେତେ ଦିନ ସେଠି ଥିବେ ସରକାରଙ୍କୁ କେବେ

ଅଡ଼ାଇବେ ନିରାଶ କରିବେ ନାହିଁ ବା ଅଡ଼ାଇବେ ଝିଙ୍କାର ଦେଖିଲେ ନୀରବ ବସି ରହିବେ ନାହିଁ ।

ସେହି ଅନେ ଏବେ ମାନିଛନ୍ତି ଯେ ତାଙ୍କ ମତରେ ଗାନ୍ଧିଙ୍କ ପନ୍ଥା ଧରା ହୋଇଛନ୍ତି ଓ ବର୍ତ୍ତମାନ ଜେଲ୍ ରେ ଅଛନ୍ତି ।

ଏଥିରୁ ଦେଖି ଆମ ସତ୍ୟବାଦୀଆ ପଣ୍ଡିତଙ୍କ କଣ

ଓଗାଳର ସମ୍ପାଦକ ଶ୍ରୀମାନ ନିତ୍ୟାନନ୍ଦ ମହାପାତ୍ରଙ୍କୁ ମାସ ମଣିଙ୍କ ଅସରନ୍ତି ଶରଧା ନାଉ ରହି ଯୋଗ ଦବାକୁ ନାହିଁ । ସେ ଆସି ଓଗାଳ ଅଫିସରେ ଗୋଡ଼ ଦେଇଛନ୍ତି କି ନାହିଁ, ତଳପା ଗାଡ଼ିର ଟଳଘାଟରେ ଶୁଖିବା ପୂର୍ବରୁ ପୁଣି ତାଙ୍କ ଯିବାକୁ ପଡ଼ିଲା ବାଟେ ବାଟେ ପାଣ୍ଠି ।

ସେ ଭଦାଳ ଇଉନିଅନ ବୋର୍ଡ଼ର ଅଫିସ କାମ କରି ଭଦ୍ରକ ହସପାତାଳର ଅଫିସ କାମ କରୁଥିବା ବେଳରେ ନିମଧା ଡାକରେ ପହଞ୍ଚିଗଲା ଓ ସେଠୁଁ ତାଙ୍କୁ ଛୁଟିଆସନ୍ତେ ସିଧା ଜେଲ ଭୁଲ ଓଠାର ଘେନିଗଲେ ସେପ୍ଟେମ୍ବର ୨୫ ତାରିଖ ଦିନ ।

ଏ ଦଇଗଣିଆ ଟାହାଗଞ୍ଜିଆ ବେଳରେ ଛେକକୁଛେକ ଅକାଳ ଚଢ଼ାକୁ ମୁଣ୍ଡ ପାତିଲା 'ଓଗାଳ' ଜୀଇ ରହିଛି ଓ ଚାଲିଛି, କେବଳ ଯେ ତାର ଗ୍ରାହକ, ପାଠକ, ଅନୁଗ୍ରାହକ ମୃତ୍ୟୁ-ପୋଷକମାନଙ୍କ ସହାନୁଭୂତିରେ, ସେତିକି ନୁହେଁ—ଉତ୍କଳର ଦୋଟି ସଂଖ୍ୟା ଦେଶପ୍ରେମୀ, ଜାତି ପ୍ରେମୀ, ସାହିତ୍ୟ ପ୍ରେମୀ, ସ୍ୱରଚିତ ତରୁଣ, ବୃଦ୍ଧ ନେତାଙ୍କ ଅପାର ସ୍ନେହ, ଅଯାଚିତ ଶ୍ରଦ୍ଧା ଓ ଅମାପ ସହାନୁଭୂତି ବଳରେ ଓ ସର୍ବୋପରି କର୍ତ୍ତବ୍ୟ ଓ ଭଗବାନଙ୍କ ଉପରେ ନିର୍ଭର କରି ।

ଆମର ମୂର୍ତ୍ତି ବିଶ୍ୱାସ ସେଥିରୁ କଣାଏ ହେଲେ ବେଶି-ଅଡ଼ୁ ଉଣା ପଡ଼ିବ ନାହିଁ ।

କହିବା ! ସର୍ବାର ବୁଝି କରି ଯଦି ଗାନ୍ଧିଙ୍କ ଅଳ ତାଙ୍କ ତଳଅ କେତେଜଣଙ୍କୁ ନମକ ହଳାଏ ହଳାଏ ଦିଅର ଦେଇ ପାରିଥାଆନ୍ତେ; ଅଳ ତାଙ୍କୁ ଏତେ ମୁଣ୍ଡ କଚାଇବାକୁ ପଡ଼ ନ ଥାନ୍ତା ।

× + ×

ଚର୍ଚ୍ଚିଲ ସାହେବ କହିଲେ କି ବାଇଶ କୋଟି ହିନ୍ଦୁ ହିନ୍ଦୁ-ମହାସଭାର, ନ କୋଟି ମୁସଲମାନ

ମୁସଲିମ୍ ଲିଗର । ଦଶକୋଟି ଅନ୍ତତ ଅସ୍ପୃଶ୍ୟ ଜାତି-ଙ୍କର । ମାଛଡ଼ା ପାର୍ଶି, ଖ୍ରୀଷ୍ଟାନ ତ ଅଛନ୍ତି । ତେବେ କଂଗ୍ରେସର ବୋଲି ଆଉ କିଏ ରହିଲେ ? ଏହା ଉତ୍ତରରେ ଲୁହାସାର ପାତରେ କି କଂଗ୍ରେସଟା ଯାହା ଧାର୍ଯ୍ୟ ଓ ତାର ବୋଲି କେହି ନାହିଁ । ତାସ୍ତ ନିୟମ ଦୁରମ ଏଠ ଅନ୍ଧ ଗୁରୁକନ ବୁଝା ନାହିଁଟା ପଛିରେ ଚୋଡ଼ାଇଲା ବୋଲି ମନା ପେଲ୍ ମାରି ଫେରିଲ ! ଛଣର ନିଘାକାର, ଅର୍ଥାତ୍ କିଛି ଆକାର ନାହିଁ ଅଥବା ସବୁ ଆକାର ଅଛି ? ଏ ଜଟିଳ କିଏ ବୁଝିବ ?

\+ + +

ଜେପୁର ନଗର ମହାରାଜକୁମାର କାଶ ନାମଜାଦା ପେଲୁଆନ୍ତ ଓ ଜାତିରେ ଦେଶୀ । ସେ କୁଅଁରେ କହିଛନ୍ତି କି ପାଇକାର ମହାରାଜା ମଧ୍ୟ ଦେଶୀ ଅଟନ୍ତି ।

ଫିଲ୍ଡ ମେଲର ଓସ୍ତାଦ ବୋଲି ଅନେ ତାଙ୍କୁ ଜାଣିଥିଲୁ; ସେ ଏବେ ଜାତି ବିଜ୍ଞାନ (ethnology) ଓ ନର ବିଜ୍ଞାନ (eugenics) ବିଦ୍ୟା ଚର୍ଚ୍ଚାର ଓ ଗବେଷଣା କରେଣି ଦେଖି ଆମ୍ଭେ ଖୁସି ହେଲୁଁ ।

ଶୁଣାଅଛି ଘଟଣାଟିର ପୂର୍ବ ପୁରୁଷ ଦେଶୀ ଦେଶରୁ ଆସିଥିଲେ । ସେ ଇତିହାସର କଥା । ଏ କଥାର ଉତ୍ତର ପାଇକାର ମହାରାଜା ଏହା ଦେଇ ପାରିବେ । କିନ୍ତୁ ଓଡ଼ିଶାର ଅଭିନବ 'ଗଡ଼' ଜାତି ତାଙ୍କ ଏକମାତ୍ର 'ଦେଶୀ' ଙ୍କର ଏ ଗଡ଼ଙ୍କୁ ମୋର ଅପମାନ ବୋଲି ମନେ କରିବେ, ଏଥିରେ ସନ୍ଦେହ ନାହିଁ ! ଏଥିପାଇଁ ପ୍ରତିବାଦ ସଭା (protest) ଓ ପ୍ରାୟୋପ-ବେଶନ (hunger strike) କରିଯିବା ଉଚିତ ।

\+ × +

ଅନେକ ଦିନ ବିତିଗଲା—ଜାପାନର କଲିଜି ଆକ୍ରମଣର ଆଉ ସେପରି କିଛି ଶୁଣାଶୁଣି ନାହିଁ । ଏଥିରୁ ଅନେକେ ଭାବୁଛନ୍ତି କି ବୋଧହୁଏ ତାର ଝରାମଠ ପାଣି ଯାଇଥିଲା । ଅର୍ଥାତ ଯେତିକି ଖାଇ ଥିଲା, ତାକୁ ପରକୁ ଯିବାକୁ ତାର କଷ୍ଟ ହେଉଛି ।

Digitized by srujanika@gmail.com

ଏଣୁ କେହି କେହି ଭାବୁଛନ୍ତି କି—ଯେ ଜାପାନ ସୁଏଜ ଖାଲ ପାର କରିବ। ଗୋଟାଏ ଗନ୍ତ ପାଇବେ ଝାଂପ ମାରିବ। ଏଥିରୁ କହଁ କଥାଟି ତା ମା ଗଙ୍ଗାକୁ ମାଲୁମ। କିନ୍ତୁ ଏ ସମ୍ବନ୍ଧରେ ମୁଣ୍ଡ ଘଷିଥିବା- ବାର ବଡ଼ ଦରକାର ଅଛି ବୋଲି ଜଣା ପଡ଼ୁନାହିଁ। କାରଣ ଆମେ ତ ମାନୁଛେ ଯାଇଁ, ମୁଣ୍ଡ ଝାଳ ବୁଝିବୁଁ କାହିଁକି?

× + ×

ଦ୍ୱିତୀୟ ରଣକ୍ଷେତ୍ର ଖୋଲିବା କଥା ଅନେକ ଦିନରୁ ଶୁଣାଯାଉଛି। ମାତ୍ର ଦ୍ୱିତୀୟ ରଣକ୍ଷେତ୍ରର ଅର୍ଥଟା ଯେ କଣ, ତାହା ଆମ ମଗଜରେ ପଶୁନାହିଁ। ଆମ ବିଶ୍ୱରେ ଯେଉଁ ଭଳିଆ ଲଢ଼େଇ ଲାଗିଛି, ସେଥିରେ ସାରା ପୃଥିବୀଟା ଯାକ ରଣକ୍ଷେତ୍ର। ଏଥିରେ ପ୍ରଥମ, ଦ୍ୱିତୀୟ, ତୃତୀୟର ହିସାବ କପରି ଧରିବେ?

ଯଦି ଫ୍ରାନ୍ସ ବା ବେଲଜିଅମରୁ ଆକ୍ରମଣ କରିବାର ଅର୍ଥ ଦ୍ୱିତୀୟ ରଣକ୍ଷେତ୍ର ବୋଲି ବୁଝା ଯାଉଥାଏ; ତେବେ ବ୍ରିଟିଶମାନେ ତ ସେଥିପାଇଁ ସବୁବେଳେ ତିଆରି ଅଛନ୍ତି। କେବଳ ଗୋଟାଏ ବଡ଼ ବ୍ରିଟିଶ ସେନାବାହିନୀ ଧରିବା ଭଳି ପାଣି ବୋଧ ହୁଏ ସେ ଦେଶରେ ମିଳୁ ନ ଥିବାରୁ ସେଇଟା ନିର୍ଗତ କରିବା ପାଇଁ ହିସାବ ଡେରି ହେଉଛି ମାତ୍ର। ସେଥିପାଇଁ ଏତେ ବ୍ୟସ୍ତ ନ ହୋଇ Wait and see (ସବୁର କରି ଦେଖ କଣ ହେଉଛି) ନୀତି ଧରି ବସିବାଟା ମନ୍ଦ କଣ? କଥାରେ ଅଛି—ସବୁରିକା ଝାଡ଼ରେ ମେଓ୍ୱା ଫଳଇ। × ×

ଭଦ୍ରକ ସହରରେ ବିମାନ ଆକ୍ରମଣ ହେଲେ କଣ କରିବ—ବୋଲି ଗୋଟିଏ ଉପଦେଶାବଳୀପୂର୍ଣ୍ଣ ସଂକେତ ପୁସ୍ତିକା ଛପା ହୋଇଛି। ଏ ବିପଦ ବେଳରେ ଏଭଳି ଉପଦେଶ-ଦାତାଙ୍କୁ ସରକାର ପ୍ରକୃତ ବନ୍ଧୁର କାର୍ଯ୍ୟ କରିଛନ୍ତି। ଏ ବହି ପଢ଼ି ସେଇ ମୁତାବକ କାମ କଲେ ମରିବା ଦୂରରେ ଥାଉ ଦେହରେ କଣ୍ଟା ଫୋଡ଼ିବାର ଆଶଙ୍କା ନାହିଁ। ଆମେ ଭଦ୍ରକ ବାସୀଙ୍କୁ ପରାମର୍ଶ ଦେଉଛୁଁ କି ଏମାନେ ଏଥିରୁ ଗୋଟିଏ ଗୋଟିଏ ୫ ପଇସା ଦେଇ କିଣି ଶୁଅନ୍ତୁ ଓ ବେକରେ ବାନ୍ଧି ଦିନବେଳେ ବାହାରନ୍ତୁ, ରକ୍ଷା କବଚ ଭଳି।

ଦେଶରେ ଲେଖାଅଛି ଯେ ବିମାନ ଆକ୍ରମଣ ବେଳେ ଖାଦ୍ୟାଭାବ ସଙ୍କଟରେ ମ୍ୟୁନିସିପାଲ ଦୋକାନ-ଯାକ ଖୋଲି ଦିଆଯିବ। ଭଦ୍ରକରେ ମ୍ୟୁନିସି-ପାଲିଟି ତ ନାହିଁ। ତେବେ ଯେଉଁ ଇଉନିୟନ ବୋର୍ଡ଼ ଅଛି ତାର ଦୋକାନ କେଉଁଠି ତାହା ବି ଆମକୁ ଜଣା ନାହିଁ। ଏବା ଭଦ୍ରକରେ ବୋର୍ଡ଼ର କେତେଗୁଡ଼ିଏ ପାଇଖାନା ଅଛି। ତେବେ କଣ......?

× × +

ଓଡ଼ିଶାରେ ଯେତେବେଳେ ପଣ୍ଡିତ ନୀଳକଣ୍ଠଙ୍କ ପୌରହିତ୍ୟ ବା ସେନାପତିତ୍ୱରେ ଜାତୀୟ ସମର ସାହାଯ୍ୟ (National War Front) ଗଠିତ ହେଲା, ଆମେ ବଡ଼ ଆଶା କରିଥିଲୁଁ କି ଏଥର ରଣୋନ୍ମାଦୀ ଅମିତ ବିକ୍ରମୀ ମଣ୍ଡ ବାହିନୀ ଶତ୍ରୁ ଦୋର ଅସୁର ସଂହାର କରିବେ; ପର୍ଶୁରାମ ବା ଦ୍ରୋଣାଚାର୍ଯ୍ୟ ଯାହା କରି ପାରିଥିଲେ—ପଣ୍ଡିତେ ତାଙ୍କଠୁଁ ବଳି ଯିବେ ରଣରେ ଦେଖା ଯେ ! ମାତ୍ର ଏ ଯାଏ ସେ ସଭାର ଢିଣ୍ଡିମ ଶୁଭୁ ନ ପାରି ବଡ଼ ବ୍ୟସ୍ତ ଲାଗୁଛି କି 'ସାହାଯ୍ୟ' ଛଡ଼ା 'ପାଣ୍ଡିତ୍ୟ' ଚର୍ଚ୍ଚାରେ ସେ ଅଭ ଉଦ ହୋଇ ରହିଲେ କି?

+ × +

ଚର୍ଚ୍ଚିଲ ସାହେବ ଶେଷ କଥା କହିଛନ୍ତି କି ସାର ଷ୍ଟାଫୋର୍ଡ଼ କ୍ରିପ୍ସ ଯେଉଁ ଦାନ ପ୍ରସ୍ତାବ କରି-ଥିଲେ ତାହା ଅଖଣ୍ଡ ଓ ଅବିଚ୍ଛେଦ୍ୟ। ତାକୁ କେହି କମାଇ ପାରିବ ନାହିଁ କି ବଢ଼ାଇ ପାରିବ ନାହିଁ। ଅର୍ଥାତ ତାହା ଯେପରି "ନିତ୍ୟ ସର୍ବଗତଃ ସ୍ଥାଣୁର-ଚଳୋହୟଂ ସନାତନଃ।" ନ୍ୟା ଉପରେ ଆଉ କଥା ରହିଲା କଣ? ଭାରତ ବାସୀ ଏଣିକି ଅନାଶକ୍ତି ଯୋଗ ଅଭ୍ୟାସ କରନ୍ତୁ।

+ × +

ସିନ୍ଧୁ ପ୍ରଦେଶର ପ୍ରଧାନ ମନ୍ତ୍ରୀ ଖାଁ ବାହାଦୁର ଅଲ୍ଲାବକସ୍ ଓ, ବି, ଇ, ତାଙ୍କ ଉପାଧି ସବୁ ଆପଣା ଇଚ୍ଛାରେ ଛାଡ଼ି ଦେଇଛନ୍ତି। ଏଣିକି ସେ ଖାଲି 'ଅଲ୍ଲାବକ୍ସ' ବୋଲି ଅଭିହିତ ହେବେ।

ଏହି ଉପାଧି ଛାଡ଼ିବା ବେଳେ ସେ ବଡ଼ଲାଟଙ୍କ ପାଖକୁ ଯେଉଁ ଚିଠି ଲେଖିଛନ୍ତି ସେଥିରେ ସେ କହି-ଛନ୍ତି କି ଜାତିବାଦ ଓ ସାମ୍ରାଜ୍ୟବାଦ ସହିତ ଲଢ଼ିବା ମୋର ଜନ୍ମଗତ ଅଧିକାର। ତେଣୁ ଏ ଉପାଧିତକ ଲଗାଇଲେ ବାନ୍ଧି ମୁଁ ସାମ୍ରାଜ୍ୟବାଦ ସାଙ୍ଗରେ ଲଢ଼ି ପାରିବି ନାହିଁ ବୋଲି ଛାଡ଼ୁଛି।

ଅଲ୍ଲାବକସ ମିଆଁଙ୍କର ଆଗରେ ଗୋଟାଏ ଓ ପଛରେ ଗୋଟାଏ ଉପାଧି ଥାଇ ତାଙ୍କର ଶିଙ୍ଗ ଓ ଲାଙ୍ଗୁଡ଼ର କାମ କରୁଥିବ ବୋଲି ଆମେ ଭାବିଥିଲୁଁ ଓ ମଣିଥିଲୁଁ। ଲଢ଼ିବା ବେଳେ ଏଗୁଡ଼ାକ କାମ ଦେବ ବୋଲି। ମାତ୍ର ସେ ଯେ ଏଗୁଡ଼ିକ ଥିଲେ ଅଡ଼ୁଆ ହେବ ବୋଲି ଶିଙ୍ଗ ଦେଇ ଲାଙ୍ଗୁଡ଼ କାଟିଛନ୍ତି, ସେଥିରୁ ମନେ ହେଉଛି ଅଲ୍ଲା ମିଆଁ ଖାଲି ହାତରେ ଅହିଂସା ଲଢ଼େଇ କରିବେ ପରା!

× + +

ଅଲ୍ଲାବକସ ମିଆଁ ଉପାଧି ଛାଡ଼ିଲେ ସିନା—ମାତ୍ର ସିନ୍ଧୁର ପ୍ରଧାନ ମନ୍ତ୍ରୀତ୍ୱ ଛାଡ଼ି ନାହାନ୍ତି। ଯାହାର ମହତ ଖାଲି ଅଛି ସେ ଉପାଧି ବା ସାଇବେଲକୁ ସହଜରେ ଛାଡ଼ିଦେଇ ପାରେ। ଗୋଟିଏ ଲେଖକଙ୍କର ହୁର୍ଦ୍ଦ ଝର୍ଦ୍ଦ ଓ ମାଲିକ ଅଲ୍ଲାବକସଙ୍କର ସାମାନ୍ୟ ଖାନ୍ ବାହାଦୁର ଭଳି ଉପାଧି ଗୁଡ଼ାକରେ ବିଶେଷ ତଫାତ ଅଛି ବୋଲି ମନେ ହେଉ ନ ଥିଲେ ମଧ୍ୟ ସେ ଯେଉଁ ତେଜ ଦେଖାଇଛନ୍ତି ତାହା ପ୍ରଶଂସାର କଥା ସନ୍ଦେହ ନାହିଁ। ଯାହାଙ୍କର ଅଭ ଦେଖ ନାହିଁ ଓ ଉପାଧିଟାକୁ ସମ୍ବଳ କରି ଧନ୍ଦା କରି ଧରି ବସିଛନ୍ତି (ଆପଣାର ବା ଚାପରାଶୀଙ୍କ ନାଁ ନ ଥିଲେ ଲୋକ ଯେପରି ଶତ୍ରୁର ଘର ନାଁରେ ଡାକେ ସେପରି) ସେ ଯଦି ଉପାଧି ନ ଛାଡ଼ନ୍ତି, ତାଙ୍କୁ ଦୋଷ ଦେଇ ହେବ ନାହିଁ। ଅତଏବ ହେ ଉପାଧିଧାରୀଗଣ, ଅଲ୍ଲାବକସ୍ ମିଆଁଙ୍କ ଦେଖାଦେଖି କେହି ଯେପରି ଭୁଲରେ ଉପାଧି ନ ଛାଡ଼। ଖବରଦାର !!

× × +

ଖାଲି ବ.ଗଜରେ ସମ୍ବାଦ ଛାପିବା ସମ୍ବନ୍ଧରେ ଯେପରି ଯଥେଷ୍ଟ କଡ଼ା କଟକଣା ହୋଇଥିଲା, ଖବର ଆସିଛି ଭାରତ ସରକାର ସୀମାନ୍ତ ପ୍ରଦେଶ ଓ ମାନ୍ଦ୍ରାଜର ଖବରକାଗଜମାନଙ୍କ ଉପରୁ ସେ କଟକଣା ଉଠା କରି ଦେଇଛନ୍ତି। ଏହି କଟକଣା ଯୋଗୁଁ ଖବରକାଗଜବାଲାମାନେ ଯେଉଁ ଅଡ଼ୁଆ ଅସୁବିଧାରେ ପଡ଼ିଛନ୍ତି ଓ ପାଠକେ ଯେଉଁଭଳି ବାହୁଲ ଜେଲ ଦେଉଛନ୍ତି ତାହା ଭଗବାନ ଜାଣନ୍ତି। ଏଥି ଦ୍ୱାରା ପୃଥ୍ୱୀ କହୁଡ଼ିର ସୃଜନର ଯେପରି ନବାଧ ପ୍ରସାର ମେଳ ଚାହାନ୍ତି ମଙ୍ଗଳ କର ନ ହେ। ଏଥିରୁ ଦୃଷ୍ଟିରୁ ଅତି ନିଅଛୁଣା ଓଡ଼ିଶା ଦେଶରୁ ଏ କଟକଣା ଉଠାଇ ନେଲେ ସରକାରଙ୍କର କେତେ କଣ ଯାଉ ଯାଆନ୍ତା !

× + ×

**WANTED**

Sole agents to sell 'Dagaro' for Cuttack and Puri towns. For terms apply to—

Manager, "Dagaro"
P. O. Bhadrak.

Digitized by srujanika@gmail.com

ବିଲେଇ ହାତରେ

# ମଡର୍ଣ୍ଣ ଗାର୍ଲ

ଲେଖକ—ଚନ୍ଦ୍ର ।

[ ମ ଜା କ ଥା ]

"କିରେ ବଣ୍ଟୁସ, rehearsal ଟା କପରି ଚାଲିଛି ?"

"ଅରେ, ସେଇଟାତ ଆଜି rehearsal ନୁହେଁ ନୀହାର; ସେଇଟା ଯେ ମୋର ଭବିଷ୍ୟତ ପ୍ରେମାନୁର ପ୍ରଥମ ସ୍ତର ।"

ଓ, ତାହାହେଲେ ପାଲିଟା ବେଶ୍ ଜମେଇଛୁ ଦେଖୁଛି, କିନ୍ତୁ ଜାଣିଥା ତାକୁ 'Juliet' କରି ପାଇବାଟା ସେତେ ସହଜ ନୁହେଁ—"ଅନ୍ୟ ନାମ ତାର ଅଘ୍ରାଣ କୁସୁମ" ବୁଝିଲୁ ?"

ଦେଖ୍ ନୀହାର, twentieth century ର ଯୁବକ ତୁ । ତୋ ପକ୍ଷରେ ସେଇ ମଉହୁଡି ଅମଳର ପ୍ରଘୁଣା ପୋଥି ଅଣି ବାଢ଼ିବା ବଡ଼ ଅସୁନ୍ଦର କଥା । ଅଘ୍ରାଣ କୁସୁମ ! ସରଯୂକୁ ପାଇବାର ଅଗରୁ ଅଜି ଅଘ୍ରାଣ କୁସୁମ ହୋଇ ନାହିଁ । ଧରେ ଦିନା ସେ ଥିଲା Shy, ଅଜ ତ ଅଜ ତା' ନାହିଁ । ଅଜ ସେ 'ଅଧୁନାତ ନାରୀ' ବ upto-date 'ସ-ବ-ତା' ଅଜ ମୁଁ ଖୋଦ୍ hero ସାଜି ଧନ ଅସିବ ସେତେବେଳେ ସବିଜୁର ଜନ୍ମମାତ୍ର ଦେହ ଲତାଟି ଉପରେ ଅସିବ ମୋ'ର ସମ୍ପୂର୍ଣ୍ଣ ଅଧିକାର । ସେତେବେଳେ ନୀହାର, ତୁ ବୁଝିବୁ ବିଂଶ ଶତାବ୍ଦୀର କଲେଜୀ ଝିଅ ଯୁବକ ପକ୍ଷରେ 'ଅଘ୍ରାଣ କୁସୁମ' ତୋଳିବାଟା କିଛି କଠିନ ନୁହେ—ସେତେବେଳେ ତୁ ହୃଦୟରେ ଅନୁଭବ କରିବୁ ବିଶ୍ୱ ବିଜୟୀ ନେପୋଲିୟନଙ୍କର ବାଣୀ—"Impossibility is a word which is found in the dictionary of fools.

ମୁନ୍ ମୁଲିଅ ଦକ୍ଷିଣା ପବନ ବହୁଛି, ବାଠଯୋଡ଼ୀ ବନ୍ଧ ଉପରେ ବଣ୍ଟୁସ ଓ ନୀହାର ଦୁହେଁ କଥାବାର୍ତ୍ତା ହୋଇ ଚାଲିଛନ୍ତି । କଥା କଥାକେ ବଣ୍ଟୁସ ହାତ ହାତ ହଲାଇ ଲମ୍ବା ଲମ୍ବା କଳ୍ପନା ଝାଡ଼ୁଛି । ନୀହାରକୁ ଅଉ ଏ ସବୁ କଥା ଶୁଣିବାକୁ ଭଲ ଲାଗିଲା ନାହିଁ, କହିଲା, 'ହଉ ବଣ୍ଟୁସ, ଦେଖ ମାତୃବା ତୋ' ଠାରୁ ବହୁତ ବଡ଼ ଅଶା କରୁଛି । ହଁ, ଥା ମୋ'ର ଟିକିଏ ଜରୁରି କାମ ଅଛି । ମୁଁ ଆସୁଛି । Bye, Bye.

ନୀହାର ଚାଲିଗଲା ପରେ ବଣ୍ଟୁସ ତାକୁ ଲକ୍ଷ୍ୟ କରି କହିଲା, Haggard ! ଅଟରଲ' ବା'ଷ୍ଟ ! ତା' ପରେ ପକେଟ୍‌ରୁ ରୁମାଲଟା କାଢ଼ି ମୁହଁଟା ପୋଛି ଦେଲା ଓ କ୍ୟାପଷ୍ଟେନ୍‌ରୁ ଗୋଟେ ଲଗାଇ ଗୋଟିଏ ସିମେଣ୍ଟ ଚେୟାର ଉପରେ ବସି ଗୁଣୁ ଗୁଣୁ ଶବ୍ଦ କରି ଗୀତ ଗାଇବାକୁ ଆରମ୍ଭ କଲା ।

\+ × +

ବଣ୍ଟୁସ ଅଜ ତା'ର ସେଇ ପ୍ରଥମ ବାରର ବେଠେକ ଅଂଶ ଟିକ୍ Success fully ହାସଲ କରିଛି । 'ମଡର୍ଣ୍ଣ ଗାର୍ଲ' ଏଇ ସମାଜିକ ଅଭିନୟରେ ସେ 'ରାଜ କିଶୋର' ଓ ସରଯୂ 'ସବିତା' ଭୂମିକାରେ ଯଥାକ୍ରମେ ନାୟକ ନାୟିକା ରୂପେ ଅଭିନୟ କରି ଦର୍ଶକ ବୃନ୍ଦଙ୍କୁ ଚମତ୍କୃତ କରି ଦେଇ ଅଛନ୍ତି । ଦର୍ଶକ ମଣ୍ଡଳୀ, ଡ୍ରାମାଟିକ୍ କ୍ଲବର ସଭ୍ୟପତି ପ୍ରଭୃତି ସମସ୍ତଙ୍କ ମୁହଁରୁ ସରିତା ଅଉ ବଣ୍ଟୁସ ଏ ଦୁହିଙ୍କ ଅଭିନୟର ପ୍ରଶଂସା । ସ୍ୱତଃ ଏ ଅଜସ୍ର ପ୍ରଶଂସା ବାଣୀ ବର୍ଷଣରେ ଭିଜି ଭିଜି ହୋଇ ବଣ୍ଟୁସ ଓ ସରଯୂ ନିଜ ନିଜକୁ ବଡ଼ ଗୌରବାନ୍ୱିତ ମନେ କଲେ । ଅଭିନୟ ପରେ ଯେ ଯାହା ଘରକୁ ବାହାରିଲେ । ବଣ୍ଟୁସ ଗଲାବେଳେ ସରଯୂ ନିକଟକୁ ଯାଇଁ କହିଲା "Hearty congratulation Miss. Saraju Devi" ସରଯୂ ଅଉ ଲାଜ କୋହ ବଣ୍ଟୁସ ଅଡ଼କୁ ନେତ୍ର ପ୍ରାନ୍ତରେ ଟିକିଏ ଚାହିଁ ଅଧର କୋଣରେ ଟିକିଏ ହସି ଚାଲିଗଲା । ଉପରେ ଶେଷ ଦୃଶ୍ୟ ଟିକିଏ ପାତ୍ର ଦେଖିବାର Hand-bag ଟି ଦୋଳାଇ ଚାଲିଗଲା ।

ସରଯୂ ଅଉ ବଣ୍ଟୁରାଣୀ ମଧ୍ୟରେ ସେଇ ମୁହୂର୍ତ୍ତରେ ହି ଦୃଷ୍ଟି ବିନିମୟ ହୋଇଗଲା । ବଣ୍ଟୁରାଣୀ ହୃଦୟରେ ଗୋଟାଏ ଛପ । ସରଯୂର ନୟନ ଚାହାଣି ଓ ଅଧର ତଳର ଗୋପନ ହସ ଆଣି ଥାଇ ଯାଇ ବଣ୍ଟୁରାଣୀ ହୃଦୟରେ ପ୍ରତିଧ୍ୱନିତ ହେଉଥାଏ । ସେ ଭାବୁଥାଏ ଏ ମୁନର ତଳ ତଳ ତା'ର ସେ ଚାହାଣିଟା ଅଉ ସେଥିରେ ଅଛି ତା'ର ଗୋଟାଏ ବ ପ୍ରାଣ ହିଲା ଭୁକ ଅବେଶ—ଏ ଗୋଟାଏ ଅପୂର୍ବ ମାଦକତା । ଏତେ-ଦିନ ପରେ ସେ ପାଇଛି ସରଯୂ ଠାରୁ ତା'ର ପ୍ରେମର ଉପଯୁକ୍ତ ପ୍ରତିଦାନ ଯାହାକୁ ନେଇ ସେ ତା'ର ଜୀବନରେ ରଚିବ ଗୋଟାଏ ପ୍ରକାଣ୍ଡ ଅଟ୍ଟାଳିକା ।

ଦିନ ଯେତିକି ଗଡ଼ୁ ଗଡ଼ୁ ଯାଉଛି ବଣ୍ଟୁରାଣୀର ହୃଦୟ ଗୋଟାଏ ଅସୀମ ମୁକ୍ତ ଅଶାରେ ସେତିକି ଦୃପ୍ତ ହେଉଛି । ଭୂବ୍ ନିକଟରେ ସେ ପ୍ରେମର ବଜାୟ ଟୀକା ହାସଲ କରିବ ତା'ର ଉଦ୍ଭିନ୍ନ ରୂପସୀ ସରଯୂର ଯୌବନ କୁଞ୍ଜରେ—ଏଇ କଥା ଭାବିଲାବେଳେ ବଣ୍ଟୁରାଣୀର ଅନନ୍ଦ ସାଗର ଉଦ୍‌ବେଳ ହୋଇ ଉଠୁଛି । ଦିନେ ବଣ୍ଟୁରାଣୀ ତା' Drawing roomରେ ଏକୁଟିଆ ବସିଛି । ମୁଖ ଗାମ୍ଭୀର୍ଯ୍ୟ ବ୍ୟଞ୍ଜକ । ବୋଧହୁଏ କୌଣସି ଗଭୀର ଚିନ୍ତାରେ ନିମଗ୍ନ । ପଛଆଡ଼୍ ନୀହାର ଅସି ତା' ପିଠିରେ ଜୋରଟା ଚାପୁଡ଼ାଟିଏ ମାରି କହିଲା, କଣ ଚୁଡ଼ାଏ ସବୁବେଳେ ବସି ଭାବୁଛୁ, 'ପ୍ରଭାତ' ସିନେମାକୁ, 'ହିନ୍ଦ୍ରା' ଅସିଛି ଚାଲ୍ ଦେଖି ଅସିବା । ବଣ୍ଟୁରାଣୀ କହିଲା 'ନା ଭାଇ ବହୁତ କାମ ଅଛି ଅଜ ତୁ ଏକୁଟିଆ' ଯା' ମତେ ମାଫକର । ନୀହାର କହିଲା, 'ହଉ, 'ଗୁଲ୍‌ଟା ସେତିକି ଥାଉ; ଭାଷଣଟିକୁ ଫେଷ୍ଟ ମଞ୍ଜୁରୀ ଶିଖାଇବାକୁ ଦରକାର ପଡ଼ିବ ନାହିଁ । ତୋ'ର ଯେଉଁ ଜରୁରି କାମ ଅଛି ମୁଁ ସେଇଟା ଜାଣେ । ଅରେ ଓଲୁ, ଦେଖି ଚୁଡ଼ାଏ ଭଲରେ ଗୋଟାଏ ପ୍ରେମ ପାଗଳ ବନିଗଲୁ । କାମ ଟିକା ଚିନ୍ତା ଟିକ୍ କର ବାହାରି ପଡ଼ । ସିନେମାରୁ ଫେରି ମାନସୀ କଥା ଭାବିବୁ, ଚାଲ୍ । ବଣ୍ଟୁରାଣୀ ନୀହାର ବାଧ୍ୟ ହୋଇ ଗଲା ।

ବଣ୍ଟୁରାଣୀ ଓ ନୀହାର ଦୁହେଁ Picture ଦେଖି ଫେରୁଛନ୍ତି ତାଙ୍କ ଭିତରୁ ଜଣେ ଜଣେ କହିଲା "ବଣ୍ଟୁରାଣୀ-ବାବୁ ନମସ୍କାର ।" ବଣ୍ଟୁରାଣୀ ଫେରିପଡ଼ି ଚାହିଁ ଦେଖେତ ସରଯୂ ଅଳ୍ପ ଅଳ୍ପ ହସୁଛି । ବଣ୍ଟୁରାଣୀର ପେଟ ଭିତରଟା କ'ଣ ହୋଇଗଲା କିନ୍ତୁ ସେ ବାହାରକୁ ଅଉ ତା'ର ଦୁର୍ବଳତା ନ ଦେଖାଇ କହିଲା 'ଏଇ Miss Saraju, Devi ନମସ୍କାର ।

ସରଯୂ ଚାଲିଗଲା ପରେ ବଣ୍ଟୁରାଣୀର ଅନ୍ତରରେ ଗୋଟାଏ ବିଦ୍ରୋହର ଝଡ଼ ଉଠିଲା । ମନେ ମନେ ଭାବିଲା 'ଏ ସେଇ 4th. year ର ବାନରେକ ନା ଯେ ସେଦିନ Drama-

(୫୩ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

ନଅଟିଏ କହ୍ନୁ

# ସଖିସେନା

ଲେଖକ—ଶ୍ରୀ ଦେବ ଦାସ ।

[ କାହାଣୀ ]

## ( ଏକ )

ବସ୍ତୁ-ବହୁଳ ସଂସାରରେ, ମାତ୍ର ଗୋଟିଏ କୋଣରେ, ସଖିସେନା, ରୂପ ହୋଇ ପଡ଼ି ରହିଥାଏ । ମାଟରଲିଙ୍କ୍ଙ୍କ ଅଳସ ଦିନ ଗୁଡ଼ାକ ବହି ପଢ଼ି କଟାଇ ଦିଏ । କ'ଣ କରିବ ? ତା' ଭାଗ୍ୟରେ ତ ଶ୍ରେଣୀ ଦୂର ହେବା ହେଲାନି, ଅଧିକାଂଶ ସ୍ତ୍ରୀ, ଯେପରି ଟେକ୍ନିକ୍ ଟର୍ଣ୍ଣଂନ୍ତ ନ ଜାଣନ୍ତି, ପ୍ରେମକ ବିବାହ କିମ୍ବା ବିବାହର ପ୍ରେମ କର ମନ୍ତ୍ର, ସଖିସେନା ନିମିତ୍ତ ଗୋଟିଏ ବିବାହ କରି ପାରିଲେ କିନ୍ତୁ ସେଥି ବିବାହକ କିମ୍ବା ପ୍ରେମକ ନୁହେଁ,—କେବଳ ବିବାହ ମାତ୍ର । ତୁଭଉଂ କୌଣସି ଉଚ୍ଚ ଶ୍ରେଣୀର ପ୍ରେମ ପଢ଼ିବାର ଇଚ୍ଛା ନାହିଁ, ସାଧାରଣ ପ୍ରେମ ପୁଣି ମହାଭାରତରୁ ଅଧିକ କଥା, ହାଲକା ଧରଣର ଉତ୍କଳ ଜଣାଣ ଉପନ୍ୟାସ ଟେଁ ।ନା ତ'ବ ଦାଉଡ଼ ।

ମୃଚନଇ ପାଟାପାଖି ହେବ । ଖୋଲ ଝିଉଙ୍କ ଦେଇ ଦକ୍ଷିଣ ଅଲ୍ଲଅ ଧାର ଭିତର ଟାଇ ଉନ୍ନତ ହୋଇ ପଡ଼ୁଛି । ସଖିସେନା ଅନମନା ହୋଇ ତାହାକୁ ଅନାଇ ରହିଥାଏ । ଅତି ଧୀରେ ତା'ର ବୁକୁ ଚିରି ଗୋଟିଏ ଗୋଟିଏ ନିଃଶ୍ୱାସ ବାହାରି ଆସିଲା । ଝିଉଙ୍କ ଟା ବନ୍ଦ କରି ଦେଇ, ଗାଧ ଉପରେ ଖୋଲ ହୋଇ ଶେଣ୍ଡା ଟାଣିନେଇ, ମନ ନ ଲାଗିଲେ ମୁଦ୍ଧା, ଜୋର କରି ପଢ଼ିବାକୁ ଲାଗିଲା । ଧୀରେ ଧୀରେ ଅନୁଷ୍ଟ ହୋଇ ପଢ଼ିଲା ନାୟିକାର ଗୌରବ ଟେଥାନରେ । ସେ ପଢ଼ି ଚାଲିଲା······ତାହାର ଲେଖ ତୁଏଇ ଯେଉଁଥା ବୁଝି ପାରିବେ ନାହିଁ । ଯେମାନେ ତ ଭୁଲି ବୁଝିବେ, ଅନୁଭବ ବିନା ବୁଝିବ ପ୍ରୋଷିତ ଭର୍ତ୍ତୃକାର ବେଦନା କେଉଁଠି ?······ସଖିସେନା ପଢ଼ି ପାରିଲାନି । ତା'ର ଦୁଇ ଆଖି ଲୁହରେ ଲୁପି ଉଠିଲା । ଯେଉଁ ଜିନିଷ ନେଇଣ ସେ, ଏତେବେଳେ ଯାଏ ଭୁଲିବାକୁ ପ୍ରାଣ ପଣେ ଚେଷ୍ଟା କରୁଥିଲା, ସେ ସେ ପୁଣି ଦୁଇ ଗୁଣ ହୋଇ ଦେଖା ଦେଲା ।

ସବ ଅଛି କେବଳ ନାହିଁ । ଅବୁ ଜଳ ଯୋଉ ଟଙ୍କ ହୋଇ ଗଲାଣି । ତଥାପି ସଖିସେନା କ୍ଷତ ଦିନର କାହାଣୀକୁ ମନେ ମନେ ଟେନ୍ଦ୍ରଣ କରି ଦେଖିଲା । ଅଡ ସେ ଯୁବତୀ । ଯୌବନର ଉମ୍ନ ଅଛି ମୁକ୍ତ ଉଦ୍ଦାମ । ତେବେ କାହିଁକି ? କାହିଁକି, ସେ ଅଜ ଉପେକ୍ଷିତା । ପ୍ରିୟତମଙ୍କ ସେ ଅଟେ ତା' ପ୍ରତି ବିମୁଖ ? ତା'ର କେଉଁ ଗୁହାଣୀ, କେଉଁଠି ବାଧା ଥିବ ଅବ ମେଣ୍ଟି ନିଷ୍ଫଳ ? ବୁଝି ନାହିଁଁଠି ? ଅମଟପ୍ରନ ଜାଣନ୍ତି, ବିବାହତ୍ ତାଙ୍କୁ ପ୍ରଥମ ଦର୍ଶନରେ ଭଲ ପାଇ ବିବାହ କରିଥିଲା । କିନ୍ତୁ ସେ ? ବିବାହିତ୍ତକୁ ଭଲ ପାଇ ପାରିନ ? ତା'ର କଣ୍ଠପାଇ ଦିଅତ ପୁଣି ନିଜର ସ୍ୱାମୀମାନଙ୍କୁ ଅନ୍ତରର ଜମନ୍ତ୍ର ପ୍ରେମ ଦେଇ ପୂଜା କରୁଛନ୍ତି, ସେ ପାରିବନି କାହିଁକି ? ଏ କ'ଣ ତାର ପୂର୍ବ ଜନ୍ମର କର୍ମଫଳ ନା ଅଉ କିଛି !

ନିଜ ଦାମ୍ପତ୍ୟ-ଜୀବନରେ ଅଦୃଷ୍ଟ ସପତ୍ନୀଙ୍କୁ କଳ୍ପନା କରି ସେ ରାଗରେ ଜଳି ଉଠିଲା । ତାର ଘୃଣା ହେଲା ବିବାହ ଉପରେ । ବିବାହ ଯେଉଁ କ୍ଷୁଧାର ତାଡ଼ନାରେ ପୁଣି ଗୋଟିଏ ବିବାହ କରି ତାକୁ ବଞ୍ଚିତ କରିବ, ସେ ଯଦି ସେମିତି ଅଉ ଜଣଙ୍କୁ ବିବାହ କରେ ? ବିବାହ କ'ଣ ତାହା ନଗରରେ ସହି ପାରିବ ନା ସମାଜ ତାହା ଅନୁମୋଦନ କରି ପାରିବ ? ତା ବାପା ବୋଉ ତାକୁ କ୍ଷମା କରି ପାରିବେ ତ ? ତା ତା ବାପା ଓ ବୋଉ ତଥା ସମାଜ ଯୌନ କ୍ଷୁଧାର ଉତ୍ତେଜକର ଯଉଁ ନିର୍ଦ୍ଦିଷ୍ଟ ସମସ୍ତ ନିର୍ଦ୍ଧାରଣ କରିଛନ୍ତି, ତାଁର କ'ଣ ବ୍ୟତିକ୍ରମ ହୁଏ ନ ତା ହେବନି ? ତାହାହେଲେ ତା'ର ପ୍ରତିକାର କ'ଣ ? ଖାଲି ତା'ର ପର ମାଟିରେ ଜଳ ଗୋଡ଼ ମାରିବା ? ତା'ର ସମସ୍ତ ହୃଦୟ ପ୍ରତ୍ୟେକ ମଣିଷ ଉପରେ ବିଦ୍ରୋହ ହୋଇ ଉଠିଲା ।

## ( ଦୁଇ )

ସଖିସେନା ସଙ୍ଗରେ ବିବାହର ବିବାହ—ଗୋଟିଏ ସଂକ୍ଷିପ୍ତ ଇତିହାସ । ବାପା ବୋଉ ଯେତେବେଳେ ବିବାହକୁ ଜଦ୍ କଲେ ବିବାହ କରିବାକୁ, ବିବାହ ଏକଦମ ଜିଦ୍ ଧରି ବସିଲା ଯେ ଚିର-କୁମାର ହୋଇ ରହିବ । ବୋଉ ତାଙ୍କ ହୋଇ ବିବାହର ବନ୍ଧୁଙ୍କୁ ଯାଇ ଅନୁରୋଧ କଲେ ବିବାହକୁ ରାଜି କରାଇବାକୁ । ବନ୍ଧୁ ଯାଇ ଅନୁରୋଧ କଲାରୁ, ବିବାହ ଗମ୍ଭୀର ହୋଇ କହିଲା, ମୁଁ ବୁ ଅସିଛୁ ଭଲ କରିଛୁ । ମୁଁ ଭାବୁଥିଲି ତୋ' ପାଖକୁ ନିଜେ ଯାଇ ସବୁ କହିବି । ବାପା ବୋଉ ତ ମୋ କଥା ମୋଟେ ବୁଝିବେନି ! ସୁତରାଂ ତାଙ୍କୁ କହି କିଛି ଲାଭ ନାହିଁ । ତୁ ତାଙ୍କୁ ଟିକିଏ ବୁଝାଇ କହିବୁ । ବିବାହ କରିବାକୁ ମୋଟେ ଆପତ୍ତି ନାହିଁ, ଯଦି ଗୋଟିଏ ଦୁଇଟା ସର୍ତ୍ତ ମୋ'ର ପୂରଣ ହୋଇ ପାରେ । ମୁଁ ଯାହା କହୁଛି, ତା ପ୍ରତ୍ୟେକ ଶିକ୍ଷିତ ଯୁବକର ବିବାହ କରିବା ପୂର୍ବରୁ ଭାବିବା ଉଚିତ । ପ୍ରଥମ ସର୍ତ୍ତ ହେଉଛି, ମୁଁ ଅର୍ଥ ଉପାର୍ଜନ ନ କଲେ ବିବାହ କରିବି ନାହିଁ । ଅର୍ଥ ଉପାର୍ଜନ ମାନେ, ଯଥେଷ୍ଟ ପରିମାଣରେ, ଯାହାଦ୍ୱାରା ମୁଁ ମୋର ଭାବି ପତ୍ନୀର ଭରଣ ପୋଷଣ ଓ ସନ୍ତାନର ଉପଯୁକ୍ତ ଶିକ୍ଷା ସହଜରେ ଦେଇ ପାରିବି । ମୋ'ର ଉଚିତ ଅର୍ଥ ଉପାର୍ଜନ କରିବାକୁ ହେଲେ, ଯଥେଷ୍ଟ ସମୟର ଦରକାର, ଅନ୍ତତଃ କମରେ ପାଞ୍ଚ ବର୍ଷ । ବର୍ତ୍ତମାନ ମୋର ବୟସ, ପାଞ୍ଚ ବର୍ଷ ପରେ ହେବ ତିରିଶ, ସେତେବେଳେ ମୁଁ ଯଦି ଗୋଟିଏ ଷୋଡ଼ଶୀକୁ ବିବାହ କରେଁ, ତାହାହେଲେ କ'ଣ ହେବ ଜାଣିଛୁ ? ତା'ର ବୟୋବୃଦ୍ଧି ସହିତ ଯୌନ କ୍ଷୁଧା ସଂଗରେ ମୋର ପରିଣତ ବୟସର ଉଚିତ ଯୌନ କ୍ଷୁଧା ଖାପ୍ ଖାଇବ ନାହିଁ । ସୁତରାଂ ଏଇଠି ଅନର୍ଥ ହେବ ଆରମ୍ଭ । ଏଇଥି ପାଇଁ ଅଜି ଘରେ ଘରେ ଅଶାନ୍ତି, ମନୋ-ମାଳିନ୍ୟ । ବିବାହିତ ଜୀବନ ଅତି ତିକ୍ତ ବୋଝ । ସୁତରାଂ ଉଚ୍ଛାହେଲେ ମଧ୍ୟ ମୁଁ ବିବାହ କରି ପାରିବି ନାହିଁ । ତୁ କହି ପାରୁ ମୋ ବାପାଙ୍କର ଯଥେଷ୍ଟ ଅର୍ଥ ଅଛି । ହଁ, ମୁଁ ସେ କଥା ସ୍ୱୀକାର କରୁଛି କିନ୍ତୁ ସେ ଅର୍ଥ ଦ୍ୱାରା ମୁଁ ମୋର ଭାବୀ ପ୍ରିୟାର ପ୍ରସାଧନ ବା ପୂଜା କିଛି ହେଲେ କରି ପାରିବି ନାହିଁ । ମୋ ଅତ୍ମ ସମ୍ମାନରେ ଅଘାତ ଲାଗିବ । ଯୌବନ କ୍ଷୁଧାର ନିବୃତ୍ତି ପାଇଁ ମୁଁ ମୋର ସାରା ଜୀବନ ଓ ଅଦର୍ଶ ନଷ୍ଟ କରି ପାରିବନି । ତା' ଛଡ଼ା ଅଉ ଗୋଟିଏ କଥା ଅଛି । ଭାବୀ ପ୍ରିୟାର ପ୍ରେମ ପାଇବାକୁ ହେଲେ ସ୍ୱାମୀର ଅର୍ଥ ଉପାର୍ଜନ ଓ ସନ୍ତାନ ଉତ୍ପାଦନ ଶକ୍ତି ଥିବା ଦରକାର । ଅନ୍ତତଃ ଏଇ କଥା ପ୍ରାଚ୍ୟ ଓ

Digitized by srujanika@gmail.com

ପାଶ୍ଚାତ୍ୟ ଯୌନ-ବିଜ୍ଞାନ-ବିଶାରଦ ମନୀଷୀ ମାନେ କହନ୍ତି ସୁତରାଂ ତୁ ଏ ସବୁ କଥା ବୁଝାଇ କହନୁ। ତୁ ତ ନିଜେ ବୁଝୁଚୁ ମୋର ଅବସ୍ଥାଟା କ'ଣ !

ବାପାଙ୍କୁ ଅଭିଜ୍ଞ କହିବାକୁ ପଡ଼ିଲା—ସେ ପାଖ ଘରେ ଆଉ କନ୍ୟାଟା ବେଶ ମନ ଦେଇ ଶୁଣୁଥିଲେ।

ତିନି ମାସର ପରେ ବିଶ୍ୱଜିତ୍ ଯାଇ କନ୍ୟାଙ୍କ ପାଖରେ ଉପସ୍ଥିତ। ବେଶ ଦୃଷ୍ଟି ଦେଇ ପଡ଼ି ଥିବା ହତାଶ ପ୍ରେମିକଙ୍କ ପରି, ଯୌନ ବିଜ୍ଞାନ ନେଇ ସଞ୍ଚିତ୍ର କନ୍ୟାଟା ପରେ ସକଳ ଦ୍ୱାର ଓ ଦ୍ୱାପାରେ ବିଶ୍ୱଜିତ ଜଣାଇଲା ଯେ ସେ ହଠାତ୍ ପ୍ରେମରେ ପଡ଼ିଛି ପ୍ରଥମ ଦର୍ଶନରେ। ଯଦି ସେଠି ବିବାହ ନ ହୁଏ, ଆତ୍ମହତ୍ୟା କିମ୍ବା ଗୃହତ୍ୟାଗ, ଏ ଦୁଇଟାରୁ ଗୋଟାଏ କିଛି ସେ ନିଶ୍ଚୟ କରିବ। ସୁତରାଂ ବାପା ବୋଉଙ୍କୁ ଧାର କରାଇ ବୋହୂଟା ଦେଖିବା ଉଚିତ। ବନ୍ଧୁର ଅନୁରୋଧରେ ବାପା ଟୋକା ସଜ୍ଜନଙ୍କ ରାଜି ହେଲେ ଓ ବୋହୂଟା ହୋଇ ଗଲା ଶଶିସେନା ସଙ୍ଗରେ।

—:o:—

( ତିନି )

ତେର ଯାଇ ଚଉଦ ପୂରିବା ଉପରେ, କିନ୍ତୁ ତେବେ ମଧ୍ୟ ଶଶିସେନା ଠିକ୍ ମିଳନ ପରି ଦୁରନ୍ତ। କେବଳ ଦିନ ରାତି ଚର୍ଚ୍ଚା ମାରି ବୁଲିବା ଓ ଦୁଇ ହିବା ଛଡ଼ା ତା'ର କିଛି କାମ ନ ଥିଲା। ଅସମ୍ପୂର୍ଣ୍ଣ ବାଦନ ହିସାବରେ ତାର ନାମ-ଚେଷ୍ଟା ଥିଲା। ଘରେ ତାକୁ କେହି କିଛି କହନ୍ତି ନାହିଁ। ସେ ଏକ ବନିଷ୍ଠ ସନ୍ତାନ। ତାହାରେ ତାକୁ ସମସ୍ତେ ସ୍ନେହ କରନ୍ତି, ତା'ର ପ୍ରକୃତି ସରଳ ଓ ସୁନ୍ଦର। ତା'ର ସମୟସ୍କ ଝିଅ ମାନଙ୍କର ଯେଉଁ କଥା ସବୁ ଜଣା ଥିଲା, ସେ ତାକୁ ମୋଟେ କଳ୍ପନା କରି ନ ଥିଲା।

ଠିକ୍ ଏମିତି ସମୟରେ ସେ ଦିନେ ସ୍କୁଲରୁ ଫେରି ଶୁଣିଲା ବିଶ୍ୱଜିତ୍ ସଙ୍ଗରେ ତା'ର ବିବାହ ସ୍ଥିର ହୋଇଛି। ବିଶ୍ୱଜିତ୍ କାଲେ ତାକୁ ପ୍ରଥମ ଦର୍ଶନରେ ଭଲ ପାଇଛି। ଶଶିସେନା କଥାଟାକୁ ବୁଝି ପାରିଲନି। ହଁ ସେ ଦିନ ସେ ତା'ର ପ୍ରିୟ ସଖି ଘରେ ଜଣେ ସୁଦର୍ଶନ ଯୁବକଙ୍କୁ ଦେଖିଥିଲା। ନାମ ମଧ୍ୟ ଶୁଣିଥିଲା ବିଶ୍ୱଜିତ୍ ବୋଲି। କିନ୍ତୁ ସେ କାହିଁକି ଶଶିସେନାକୁ ବିବାହ କରିବାକୁ ପାଗଳ ? ସଖିମାନେ କହିଲେ ବିଶ୍ୱଜିତ୍'ର ଏଇଟା ପୂର୍ବ ରାଗ। ପୂର୍ବରାଗ କଥାଟା ସେ ଅନେକଥର ପଢ଼ି-ଶୁଣିଛି, କିନ୍ତୁ ଅଳ୍ପ ଯାକେ ସେଇଟା ଜାଣିବା ସୁଯୋଗ କମ୍ ସୁବିଧା ହୋଇନି। ଶଶିସେନା ଭାବିଲା ବିଶ୍ୱଜିତର ସେଇଟା ପୂର୍ବରାଗ ହେଉ ବା ଅନୁରାଗ ହେଉ ସେଥିରେ ତା'ର ଯାଏ ଆସେ କେତେ ?

କିନ୍ତୁ ସପ୍ତାହ ଶେଷ ନ ହେଉଣୁ ସଠିକ୍ ସଠ ବିଶ୍ୱଜିତ୍ ସଂଗରେ ଶଶିସେନାର ବିବାହ ହୋଇଗଲା। ବିବାହ ପୂର୍ବରୁ ସେ ଯଥେଷ୍ଟ ଆପତ୍ତି କରିଥିଲା। କିନ୍ତୁ ସେଇଟା ଲଜ୍ଜାର ଲକ୍ଷଣ ବୋଲି ସମସ୍ତେ ଧରିନେଲେ।

ସମସ୍ତ ଦିନର ଶ୍ରାନ୍ତି ନେଇ ଶଶିସେନା ଯେତେବେଳେ, ମଧୁଶଯ୍ୟା ରାତିରେ ନବୋଢ଼ା ବେଶରେ ଶୋଇଛି, ବିଶ୍ୱଜିତ୍ ତାର ସ୍ୱପ୍ନ ପ୍ରିୟାକୁ ଉଠାଇବାର ବ୍ୟର୍ଥ ପ୍ରୟାସ କରି ଶ୍ରାନ୍ତ-କ୍ଳାନ୍ତ। ପୁଣି ଥରେ ଚେଷ୍ଟା କରି ସେ ଘଟଦ୍ୟାଟିତା ଶଶିସେନାକୁ ନିଜ କୋଳକୁ ଟାଣିନେଇ ମୁହଁରେ ମୁହଁ ଦେଇ ପ୍ରଥମ-ମଧୁ-ମିଳନରେ ସଂକେତ ଦେଲା ବେଳକୁ ଶଶିସେନା ଯେଉଁ ପ୍ରତିସଂକେତ ଦେଲା ଓ ବିଛଣା ମୁନର ଅଲଗାକଲା, ବିଶ୍ୱଜିତ୍ ଗାଲ ଫୁଲି ଉଠିଲା ତାହା ନୁହେଁ, ରାଗ ଓ ଯନ୍ତ୍ରଣାରେ ଚିତ୍କାର କରି ଘରୁ ଛାଡ଼ି ପଳାଇଲା। ହଠାତ୍ ଶଶିସେନାର ନିଦର ମୋହ ଭାଙ୍ଗିଗଲା। ସେ ଯେ କଣ କରିଛି ତା' ବୁଝିଣ କରି ଭୟରେ ଥରିବାକୁ ଲାଗିଲା। ସେତେବେଳକୁ ଘରର ସମସ୍ତେ ବିଶ୍ୱଜିତ୍‌କୁ ଘେରି ତା' କ୍ଷତ ପରିଦର୍ଶନ ଓ ଶୁଶ୍ରୂଷାରେ ଲାଗି ପଡ଼ିଛନ୍ତି।

ପରଦିନ ସକାଳେ, ଶଶିସେନା ଗୋଟା ଓ ବୋଉଙ୍କୁ ଛାଡ଼ି କରି ସମସ୍ତ ଜିନିଷ ସଂଗରେ ନେଇ ଘରେ ଉପସ୍ଥିତ। ବିଶ୍ୱଜିତର ବାପା ସାଙ୍ଗରେ ଆସିଥିଲେ। ଆସିଲା ବେଳେ ସେ ଯାହା କହି ଆସିଲେ, ସମସ୍ତେ ତାକୁ ଲଜ୍ଜା, ରାଗ, ଦୁଃଖରେ ନୀରବ ହୋଇ ରହିଲେ।

ତା ପରଦିନ ପରେ ବିଶ୍ୱଜିତ୍‌ର ଅନ୍ୟତ୍ର ବିବାହ।

+ × ×

ବନ୍ଧୁମାନେ ମଝିରେ ମଝିରେ ବିଶ୍ୱଜିତ୍‌କୁ ହଠାତ୍ ପଚାରି ବସନ୍ତି, 'ହଉରେ, ସେ ଚୁମ୍ବନ ଓ ଆଲିଙ୍ଗନକୁ ତୋର ଯୌନ ବିଶାରଦ-ମନୀଷୀମାନେ କେଉଁ ଶ୍ରେଣୀଭୁକ୍ତ ବୋଲି କହନ୍ତି ? ଅଥ ଜାଣିଥିଲୁ ନା ଧ୍ୟାନ କରିଥିଲୁ ? ବିଶ୍ୱଜିତ୍ କଥାଟାକୁ ଦବି ଉଡ଼େଇ ଦେବାକୁ ଚେଷ୍ଟା କରେ—କିନ୍ତୁ ଅନ୍ତର ତାର କାନ୍ଦି ଉଠେ। ସେ କ'ଣ ଶଶିସେନା ପାଇଁ ?......*

—:o:—

# କୁତ୍କୁତି

ସ୍ୱାମୀ—ତାଙ୍କ ଘରର ବଡ଼ପୁଅ ରମେଶକୁ ତୁମେ ଏତେ ଅନାଅ କାହିଁକି ?

ସ୍ତ୍ରୀ—ବାଃରେ, ମୁଁ ତାହାଙ୍କୁ ତାଙ୍କ ଅନାଇବି ? ସେ ମତେ ଅନାନ୍ତି ନା ?

+ + +

ସ୍ତ୍ରୀ - ଦେଖ, ପ୍ରେମ ଜିନିଷଟା କ'ଣ ତମ ଠିକ୍ କରି ତାକୁ ଅଳ୍ପ ମତେ ଟିକିଏ ଦେଇ ଗଲ।

ସ୍ୱାମୀ - ହଁ, ମୁଁ ଯଦି ସେଇଥା ଶିଖିବାକୁ ସବୁଦିନେ ତାଙ୍କ ସ୍ତ୍ରୀଙ୍କ ପାଖକୁ ଯାଏ।

× + ×

ସ୍ୱାମୀ—ମୁଁ ଅଫିସରୁ ଆସିଲା ବେଳେ ତୁମେ କାହା ସଙ୍ଗତ ଗପ କରୁଥିଲ ?

ସ୍ତ୍ରୀ—ସେ ପରା ମୋ ମାଉସୀ ପୁଅ ଭାଇ ଅଚ୍ୟୁତ।

ସ୍ୱାମୀ—ତାହାହେଲେ ବେଳେ ମୋର ତ କେହି ଶଳା ନ ଥିଲେ ?

ସ୍ତ୍ରୀ—ଶଳା ନ ଥିଲେ ତୁମେ ଭିଣୋଇ ହୋଇ ପାରିବ ନାହିଁ। ତେଣୁ ତୁମର ଗୋଟା ଦୁଇଟା ଶଳା ଦରକାର। ( ଶମାନନ୍ଦ )

( ମଙ୍ଗଳକଥା ପ୍ରଥମ ପୃଷ୍ଠା ଉତ୍ତରୁ )

ସେ ଟେଣ୍ଡିଙ୍ଗ କର୍ଣ୍ଣଲା। ସଂଯୁକ୍ତା ଏତେଦୂର ? ତା' ପରମୁହୂର୍ତ୍ତରେ ତାକୁ ଜଣାଗଲା ଯେପରି ତାକୁ କିଏ କହୁଛି "ବାସ୍ତବିକ ତୋ'ର ଜୀବନର ଶୋଭାରୁ ପୂର୍ବ ରାଗ ହୋଇ ଅନୁରାଗ ହେଲା ? କାହାର ମୁହୂର୍ତ୍ତ ମୁହୂର୍ତ୍ତ ଭଙ୍ଗ ପସରିଲା ଏରେ କିଂଶୁ ଶତାବ୍ଦୀର ଦୁର୍ବଳଶୀଳ ଯୁବକ ଏହି ତୋ'ର ସେଇ upto date ଯ-କି-ତା ନା ?

"—, a poor player
That struts and frets his hour
upon this stage,
And is heard no more;—"

—:o:—

* ବି: ଦ୍ର: ଶଶିସେନା ଗୋଟିଏ ସଗର ଚରିତ୍ରରୁ କଳ୍ପିତ ବା ଅଙ୍କିତ।

Digitized by srujanika@gmail.com

ସଜନା ଗଛ ମୂଳେ

# ନୂଆ ବୋହୂର ଭଉଣୀ

[ ସମ ଅକ୍ଷର ମୁକ୍ତ କବିତା, ଛନ୍ଦ-ମାତ୍ରା ବୃତ୍ତ ]

ଲେଖକ—ଶ୍ରୀ ବିନୋଦ ଚନ୍ଦ୍ର ନାୟକ ବି. ଏ.

( ମଜା କବିତା )

( ୧ )

ନୂଆ ବୋହୂର ଅଛି ଅଜ ଭଉଣୀ କି ନା'
ସଖା କହିବ ପାର !
ଯାର କଜଳ ରେଖେ ଖେଳେ ଅସ୍ତ୍ର ଅଭ୍ର
ଦେହ—ଗନ୍ଧ ଲୋଭେ ଛୁଟେ ମଧୁ ବ୍ରତ
ଅଖି ଅନ୍ଧ କରେ ଗଲେ ମଦ୍ୟଗୃହି-
—ତା'ର ଅଙ୍ଗ ଶୋଭା,
ସଖା କହିବ ପାର !
ନୂଆ-ବୋହୂର ଅଛି ଅଜ ଭଉଣୀ କିନା
ମାନେ, ମାନସ ଲୋଭା ।

( ୨ )

ତାର ବୟସ ଯଦ ନାହିଁ ହେଲା ଷୋହଳ
ତହିଁ କ୍ଷତ ବା କଣ !
ଯଦ ବଂଶ ଠାରୁ ହୁଏ ହଂଶ ଯାଏ
ମାନେ, ଛନ୍ଦ ହବ ଶତେ ଦ୍ୱନ୍ଦ ଭରା
ତାର ରୂପଟି ହୁଏ ଯଦ କାଳମା ବୋଳା
ତହିଁ କ୍ଷତ ବା କଣ !
ମନ ବ୍ୟସ୍ତ କସ
ଯଦ ଚନ୍ୟ,ବାହ ଜପଙ୍କୁଳର ସମ
ଦେହେ ଜୁଆର ଛୁଟେ ।

( ୩ )

ସଖା ! ଏପର ଥାଏ ଯଦ ତରୁଣୀ ଅଜ
ମାନେ, କଛି ନ ହେଲେ
ଖାଲି ଇଚ୍ଛା ହୁଏ ପ୍ରେମ ପଦ୍ୟ ଲେଖି......
ଧର ଏମନ୍ତ କଛି, ଅହା ମନ କଥା ! !
ଲିଲ୍-ଲେଲ୍ଟପ ଗାଲେ ତାର ଦୁଲ୍‌ଟି ଦୋଳେ
ତାର ପଣତ ରେଖା ଟିକେ ଶିଥିଳୀକୃତ,
ସଖା ଲାଲସା ଜାଗେ ଭର ତନ ଓ ମନ
ନୁହେଁ ମିଥ୍ୟା କେବେ ।

( ୪ )

ନୂଆ ବୋହୂର ଯଦ ସଖା ! ଭଉଣୀ ଏକା
କହ ମିନତ ମୋର,
ଧର ଗେଟିଏ ଘୁଡ଼ ହେଲେ ଦଉଟି ପଦ
ତେବେ ମନ କଣ ! ମାନେ, ତାଙ୍କ ଥିଲେ,
ତାର ସନ୍ଦେଶରେ ନାଚେ ଉଚ୍ଛଳ ହୋଇ
ବୁକେ ରକ୍ତ ମୋର,
ମାନେ ଭଉଣୀ ଥିଲେ,
ମାନେ ଇଚ୍ଛା ଜାଗେ କେବେ ଦେଖା ହେବ କି
ଧର ଅକସ୍ମାତ୍ !



Digitized by srujanika@gmail.com

ମୂକଂ କରୋତି ବାଚାଳଃ

# ବହିପତ୍ର

## ପୁଷ୍ପମାଲ୍ୟ

ଫୁଲ୍‌ସ୍କେପ ୧/୮ ଅ ପୃ ୬୬ ପୃଷ୍ଠା, ମୂଲ୍ୟ ।୦/ । ଲେଖକ ୰ ଶାନ୍ତିଲାଲ ଯୋଷୀ ।

ଏହି ପୁସ୍ତିକାରେ ସାନ ବଡ଼ ହୋଇ ଦଶଗୋଟି କବିତା ଅଛି । ତହିଁ ମଧ୍ୟରୁ 'ମୃତ୍ୟୁଯନ୍ତ୍ରା' ନାମକ କବିତାଟି ଗମ୍ଭୀର ଭାବପୂର୍ଣ୍ଣ । ଓଡ଼ିଆ ଭାଷା ତାଙ୍କର ମାତୃଭାଷା ନ ହୋଇ ସୁଦ୍ଧା, ଓଡ଼ିଆରେ ଏପରି ସୁନ୍ଦର କବିତା ଲେଖିବାରେ ଯୁବକ କବିଙ୍କର ଯଥେଷ୍ଟ ବାହାଦୁରୀ ଅଛି । ଅଳ୍ପ ବୟସରେ ତାଙ୍କର ମୃତ୍ୟୁ ହୋଇ ଯାଇଛି । ଦୁଃଖର କଥା । ବଞ୍ଚି ରହିଥିଲେ ସେ ଓଡ଼ିଆ ସାହିତ୍ୟରେ ସୁନାମ କରି ପାରି ଥାଆନ୍ତେ ।

## ଝରଣା

ତେରଗୋଟି କ୍ଷୁଦ୍ର କବିତା ସମ୍ବଳିତ ପୁସ୍ତିକା, ୧/୧୮ ଅ, ବାଲେଶ୍ୱର ନିଜ ଜେଲ ପ୍ରେସରେ ମୁଦ୍ରିତ, ମୂଲ୍ୟ ଛଅଣା ! ଲେଖକ—ଶ୍ରୀ ଯୋଗେଶ ଚନ୍ଦ୍ର ଜେନା ବି, ଏ, ।

କବିଙ୍କର ରଚନା ଭଙ୍ଗୀ ସୁରୁଚି ସମ୍ପନ୍ନ ଓ ଭାଷା ମଧୁର । ସ୍ଥାନେ ସ୍ଥାନେ କବିତ୍ୱ ସୁନ୍ଦର ଫୁଟିଉଠିଛି ।

ଯାତ୍ରୀ ଓ ଜୀବନ ସବୁ କବିତାମଧ୍ୟ ସବୁଠାରୁ ଭଲ ହୋଇଛି ।

"ଯିବି ଯିବି ସେହି ପଥେ,
ମରଣ ଯେ ପଥେ ଜୀବନ ଅଶେଷ
ଶିବ ମଙ୍ଗଳ ରଥେ ।"

× + ×

ଜୀବନ ଜାଣିଥ ମନ ମାନେନେ ଅଛି,
ମରଣ ଗାଣ୍ଠି ତାର ଉଠାଇ ରାଖି ।

ଆଶାକରୁଁ କବି ଉତ୍ତର ସାଧନା ଅକ୍ଷୁନ୍ନ ରଖି ପାରିଲେ ଦିନେ ସାହିତ୍ୟର ମୁଖ ଉଜ୍ଜ୍ୱଳ କରିପାରିବେ ।

## ସହକାର—ଆଷାଢ଼

ଅଧ୍ୟାପକ ଶଶିନ ଶତପଥୀଙ୍କର "ଅନୁଷ୍ଠାନ" ମୌଳିକ ଓ ଚିନ୍ତାଶୀଳ ପ୍ରବନ୍ଧ ।

କବି ବିନୋଦଚନ୍ଦ୍ରଙ୍କର ମୁକ୍ତ କବିତା "ସେଲମର ସ୍ୱପ୍ନ" ବେଶ ସୁନ୍ଦର । ନୂଆ ଛନ୍ଦରେ ରଚନା ହୋଇଥିବାରୁ ମର୍ମସ୍ପର୍ଶୀ ହୋଇଛି ଓ ବନ୍ଧନ ମୁକ୍ତ ଥିବାରୁ ପ୍ରାଣ ଉତ୍ତାଳ କରୁଛି ।

ସାମ୍ୟ, ସ୍ୱାତନ୍ତ୍ର୍ୟ ଓ ସଂସ୍କୃତି—ଶ୍ରୀ ସୁଧାଂଶୁଶେଖର ରାୟ ।

ଏହି ପ୍ରବନ୍ଧରେ ଲେଖକ ସାମ୍ୟବାଦର ପ୍ରଶଂସା କରି ଅଛନ୍ତି ।

ଛିନ୍ଦିବ ମୃତ୍ୟୁ ପ୍ରସଙ୍ଗରେ ଶ୍ରୀ ଚନ୍ଦ୍ରଭେଦୁ ହୋତା ଓଡ଼ିଆ ଲେଖକମାନଙ୍କୁ ପରାମର୍ଶ ଦେଇଛନ୍ତି କି ସେମାନେ ଏକଜୋଟ ହୋଇ ସାହିତ୍ୟ ସାଧନା କରନ୍ତୁ । କଥାଟା ଭଲ—ମାତ୍ର ଶୁଣୁଛୁ କିଏ—ଅଜ୍ଞ କହୁଛନ୍ତି କେତେକଣ !

'ହିସାବ ନିକାଶ ନିସାପ୍'—ଶ୍ରୀ ବୈକୁଣ୍ଠ ନାଥ ପଟ୍ଟନାୟକ ।

କବି ମାୟାଧର ମାନସିଂହ କିଛିଦିନ ତଳେ ସହକାରରେ 'ହିସାବ ନିକାଶ' ନାମ ଦେଇ ଗୋଟିଏ କବିତା ଲେଖିଥିଲେ । ଏ କବିତାଟି ତାର ଉତ୍ତର ।

ଯୌବନର ମଦର ରୂପ-ଗନ୍ଧ-ବିମୁଗ୍ଧ କବି ଏକେଦିନରେ ଯୌବନ ସୁଲଭ ପଟ-କାସ୍ମା ପ୍ରତିରେ ହିସାବ ନିକାଶ କରିବା ଛଳରେ ଅନୁତାପ ନୁହେଁ, ଅଶ୍ରୁ ବିସର୍ଜନ କରିବାର ଚେଷ୍ଟା କରି ପ୍ରେୟସୀ ନାମରେ ଦୋଷାରୋପ କରି ଥିଲେ । ବୈକୁଣ୍ଠ ବାବୁ କବି ପ୍ରେୟସୀଙ୍କ ଅପମୃତ୍ୟୁର ହୋଇ କୋଡ଼ିକି ଉତ୍ତର ଦେଇଛନ୍ତି । ଏହା ଠିକ ନିସାପ୍ ନୁହେ—ଗାଳି ଗୁଲଜ଼ା ।

ଆଉ କେତେର ଦେଖିବା କାହିଁ ବା ହିସାବ କାହିଁ ଯେ ନିକାଶର ଦରକାର ହେବ ତା ନିସାପର ଲୋଡ଼ା ପଡ଼ିବ ? ଏ ସବୁ ନୈସର୍ଗିକ ଘଟଣାରେ ହିସାବ କିତାପ ନ ଥାଏ କିମ୍ବା ନ୍ୟାୟ ନିସପତ୍ତିର ଲୋଡ଼ା ପଡ଼େ ନାହିଁ ।

ଶ୍ରୀ ରାଜକିଶୋର ରାୟଙ୍କ "ପାଲଟା ଡେଞ୍ଜ ଲେ ପଢ଼ି ସଖୀ ହେଲି" ଭାବାଭୂତ ଜୀବନର ଅନ୍ତରଅ ବାହାରେ କେତେ ଯେ ଦରଦୀ ଛାପ ଥାଏ ତାର କଳନା ନାହିଁ । ସେଥିରୁ ଗୋଟିଏ ହାହାକାର ଚିତ୍ରକୁ ସାଙ୍ଗ କରିପାରିଛନ୍ତି !

ଶ୍ରୀ ଦକ୍ଷେଶ୍ୱର ଢୋଲଙ୍କ କବିତା "ପ୍ରଶସ୍ତି" ବେଶି ସଫଳ । କବି ପଞ୍ଚମ ସ୍ୱପ୍ନହିଁ ସତ୍ୟ । ତହୁଁ ଅଧିକା କଛ ଖୋଜେ ନା ।

ଶ୍ରୀ ଅନନ୍ତପ୍ରସାଦ ପଣ୍ଡାଙ୍କ 'ଶଙ୍କହୁଳି' ଭଲ ଗଳ୍ପ । ଗଳ୍ପରେ ଯେପରି ବାସ୍ତବତାର ଛାପ ରହିବ ସେପରି ରଖିଛି । ଏଥର ସଂଖ୍ୟାରେ ସମ୍ପାଦକଙ୍କ ଟିପ୍ପଣୀ ଅଭାବ ।

Digitized by srujanika@gmail.com

ହରିକି ଗୋବିନ୍ଦ ବନମାଳି

# —ନାଗବଛା—

ଉଦ୍ଦେଶ୍ୟ —

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା।

୨। ଉତ୍କଳର ମଧ୍ୟସ୍ଥିତରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ ବଢ଼ାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

( ୧୮ ବର୍ଷରୁ ନିମ୍ନ ବାଳକ ବାଳିକାମାନଙ୍କ ପାଇଁ )

## ଫ୍ରାଙ୍କଲିନ ରୁଜ୍‌ଭେଲ୍‌ଟ

ଫ୍ରାଙ୍କଲିନ ରୁଜଭେଲ୍‌ଟ ଆମେରିକାର ଏକ ଧନୀ ଗୃହରେ ୧୮୮୨ ମସିହା ଜାନୁଆରୀ ତା ୩୦ ରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ଘରେ ଶିକ୍ଷକ ପାଖରେ ୧୪ ବର୍ଷ ପର୍ଯ୍ୟନ୍ତ ଶିକ୍ଷା ପାଉଥିଲେ। ଏହି ସମୟରେ ସେ ଟେନେସ୍ ଖେଳିବାକୁ, ଘୋଡ଼ା ଚଢ଼ିବାକୁ ଓ ସନ୍ତରଣ କରିବାକୁ ଭଲ ପାଉଥିଲେ। ୧୪ ବର୍ଷ ବେଳେ ସେ ଗ୍ରୋଟନରୁ ଏକ ସ୍କୁଲକୁ ପଢ଼ିବା ପାଇଁ ଯାଇଥିଲେ ଏବଂ ସେଠାରେ ଶିକ୍ଷକ ଲୋକମାନଙ୍କର ପ୍ରିୟଭାଜନ ହୋଇ ପାରିଥିଲେ। ଏହି ସମୟରେ ନୈତିକ ଜୀବନ ଯାପନ କରିବାକୁ ତାଙ୍କର ବଡ଼ ଇଚ୍ଛା ଥିଲା। ଗ୍ରୋଟନରେ ତାଙ୍କର ପଢ଼ା ଶେଷ କରି ଉଚ୍ଚ ଶିକ୍ଷା ପାଇଁ ହାର୍ଭାର୍ଡ ବିଶ୍ୱ-ବିଦ୍ୟାଳୟରେ ଭର୍ତ୍ତି ହେଲେ। ସେ ଭଲ ଗୀତ ଗାଇ ପାରୁଥିଲେ, ତେଣୁ ସେ "କଲେଜ ସଙ୍ଗୀତ ସୋସାଇଟି" ର ସଭ୍ୟପଦ ହୋଇଥିଲେ। ଏହାଛଡ଼ା "The Harvard Crimson" ନାମକ କଲେଜ ମେଗାଜିନ୍‌ରେ ସମ୍ପାଦକ ମଧ୍ୟ ହୋଇଥିଲେ।

ହାର୍ଭାର୍ଡ ବିଶ୍ୱ-ବିଦ୍ୟାଳୟରେ ଶିକ୍ଷା ଶେଷ କରି ଆଇନ ପଢ଼ିବା ପାଇଁ କଲମ୍ବିଅ ବିଶ୍ୱ ବିଦ୍ୟାଳୟକୁ ଯାଇଥିଲେ। ୨୨ ବର୍ଷ ବୟସରେ ସେ "ଏଲେନର ରୁଜ୍‌ଭେଲ୍‌ଟଙ୍କୁ" ବିବାହ କରିଥିଲେ। ବିବାହ ହେବାର ଏକ ବର୍ଷ ପରେ ତାଙ୍କର କନ୍ୟା ସନ୍ତାନଟିଏ ଜନ୍ମ ହୋଇଥିଲା। ୨୬ ବର୍ଷ ବୟସରେ Bar-at-law ପାଶ କରି ୧୯୧୦ ମସିହାରେ ନ୍ୟୁୟର୍କ ଷ୍ଟେଟରେ Democratic Senatorial ଭୋଟ ପାଇଁ ପ୍ରାର୍ଥୀ ହୋଇଥିଲେ ଏବଂ ତାହା ମଧ୍ୟ ତାଙ୍କୁ ମିଳିଥିଲା। ୧୯୧୩ ରେ ସେ ଏହି ଚାକିରୀ ଛାଡ଼ିଦେଇ ନୌ ବିଭାଗର Assistant Secretary କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ। ତାଙ୍କ ଦେହ ଅସୁସ୍ଥ ହେବାରୁ ସେ ସେହି କାମ ଛାଡ଼ିଦେଇ ୩୮ ବର୍ଷ ବୟସରେ ଓକିଲାତି ବ୍ୟବସାୟ ଆରମ୍ଭ କଲେ। ଏହି ସମୟରେ paralysis ରୋଗ ତାଙ୍କୁ ଭୀଷଣ ଭାବରେ ଆକ୍ରମଣ କଲା। ସେ ତାଙ୍କ ମା ଓ ସ୍ତ୍ରୀଙ୍କ ସହ ନ୍ୟୁୟର୍କ ଡାକ୍ତରଖାନାରେ ଆସି ଉପସ୍ଥିତ ହେଲେ। ଯାହାହେଉ ତାଙ୍କର ବନ୍ଧୁ Louis Mchenry Howe ଙ୍କ ଯତ୍ନରେ ସେ ରୋଗ ମୁକ୍ତ ହୋଇଥିଲେ। ଏହା ପରେ ସେ Boy Scout ସଙ୍ଘର ସଭାପତି ହେଲେ। ୧୯୨୯ ରେ ସେ ନ୍ୟୁୟର୍କ ଷ୍ଟେଟର ଗଭର୍ଣ୍ଣର ହୋଇଥିଲେ। ଏହି ସମୟରେ ଗରିବ ଲୋକମାନେ ତାଙ୍କ ଦ୍ୱାରା ବଡ଼ ଉପକୃତ ହୋଇଥିଲେ ଓ ଦେଶରେ ଶାନ୍ତି ଶୃଙ୍ଖଳା ଫେରିଥିଲା। ତତ୍ପରେ ସେ ୧୯୩୨ ମସିହା ନଭେମ୍ବର ତା ୮ ରିଖରେ ଆମେରିକାର ଯୁକ୍ତରାଷ୍ଟ୍ରର ସଭାପତି ପଦରେ ନିର୍ବାଚିତ ହୋଇ ଥିଲେ।

୧୯୩୩ ମସିହା ମାର୍ଚ୍ଚ ତାରିଖରେ ସେ ସଭାପତି କାର୍ଯ୍ୟମାନ ନିଜ ହାତକୁ ନେଇଥିଲେ। ଏହି ସମୟରେ ଆମେରିକାର ଆର୍ଥିକ ଅବସ୍ଥା ଅତି ଶୋଚନୀୟ ପରିସ୍ଥିତିରେ ପହଞ୍ଚି ଥିଲା। ଲୋକମାନେ ଦୁଃଖରେ ଜୀବନ ଅତିବାହିତ କରୁଥିଲେ। କିନ୍ତୁ ରୁଜ୍‌ଭେଲ୍‌ଟଙ୍କ ଦ୍ୱାରା ଦେଶର ଆର୍ଥିକ ଅବସ୍ଥାର ଉନ୍ନତି ହୋଇ ଥିଲା ଓ ଲୋକମାନଙ୍କର ଆର୍ଥିକ ଅବସ୍ଥାର ପରିବର୍ତ୍ତନ ହେଲା। କୃଷି ଓ ବାଣିଜ୍ୟର ଉନ୍ନତି ପାଇଁ ସେ ବହୁତ ଯତ୍ନ ଓ ଚେଷ୍ଟା କରିଥିଲେ। ପିଲା ଅସିବାର ସୁବିଧା ପାଇଁ ସଡ଼କ, ପୋଲମାନ ତିଆରି ହେଲା। ସର୍ବସାଧାରଣଙ୍କର ଉପକାର ପାଇଁ ଡାକ୍ତରଖାନା, ସ୍କୁଲ ଏବଂ ସାଧାରଣ ଭୋଜନାଗାରମାନ ତିଆରି ହେଲା। ଏଥିପାଇଁ ରୁଜଭେଲ୍‌ଟ ଦେଶ ଲୋକଙ୍କ ଆଖିରେ ପ୍ରିୟଭାଜନ ହୋଇ ପାରିଥିଲେ। କ୍ରମେ କ୍ରମେ ଦେଶର ବେକାର ସମସ୍ୟା କମିଗଲା। ଦେଶ ଉନ୍ନତି ପଥରେ ଅଗ୍ରସର ହେଲା। ସେ ଅନେକ ଆନ୍ତର୍ଜାତିକ ଗୁରୁତର ପ୍ରଶ୍ନର ସମାଧାନ କରିଥିଲେ। ଯେଉଁ ଦେଶ ସବୁ ତାଙ୍କ ଦେଶରୁ ଯୁଦ୍ଧ ଋଣ ନେଇ ଥିଲେ ସେମାନଙ୍କ ବିପତ୍ତିରେ ଆପୋଷରେ କୌଣସି ବନ୍ଦୋବସ୍ତ କରିବାକୁ ଚାହିଁଥିଲେ।

ଦେଶର ଲୋକେ ରୁଜ୍‌ଭେଲ୍‌ଟଙ୍କ ଅମଳରେ ଶାନ୍ତି ଏବଂ ସମ୍ପଦରେ ଅଛନ୍ତି ଦେଖି ତୃତୀୟଥର ପାଇଁ ରୁଜ୍‌ଭେଲ୍‌ଟଙ୍କୁ ସଭାପତି ପଦରେ ପୁଣି ବରଣ କଲେ। ସେ ସର୍ବଦା ଦୁଃଖୀ ଏବଂ ପ୍ରପୀଡ଼ିତ ଲୋକମାନଙ୍କର ସାଥୀ। କାରଣ ସେ ଭାବନ୍ତି ଏମାନଙ୍କର ଯେ ଯେତେ ଦୁଃଖ ନିଶ୍ଚିନ୍ତ ତାହା ହେଲେ ସେ ସହାନୁଭୂତିର ଭାଗୀ ହେବେ। ତେଣୁ ଦେଶର ହିତ ପାଇଁ ସର୍ବଦା ତତ୍ପର। ଏହି ସବୁ କାର୍ଯ୍ୟରେ ତାଙ୍କର ସ୍ତ୍ରୀ ତାଙ୍କୁ ବହୁ ସାହାଯ୍ୟ କରନ୍ତି। ଶାନ୍ତି ତାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ। କୌଣସି ଗଣ୍ଡଗୋଳ ସୃଷ୍ଟି କରିବା ତାଙ୍କର ଇଚ୍ଛା ନୁହେଁ। ସବୁ ଦେଶ ସଙ୍ଗେ ବନ୍ଧୁ ଭାବରେ ରହିବା ତାଙ୍କ ଜୀବନର ଚରମ ଲକ୍ଷ୍ୟ ଅଟେ। ଯେଉଁ ଶାନ୍ତି ସେବକ ରୁଜ୍‌ଭେଲ୍‌ଟ ଆମେରିକାକୁ ଉନ୍ନତି ପଥରେ ଅଗ୍ରସର କରାଇ ପାରିଛନ୍ତି ଆଜି ସେହି ବ୍ୟକ୍ତି ଆମେରିକାର ଭାଗ୍ୟବିଧାତା। ଭଗବାନ ତାଙ୍କୁ ଦୀର୍ଘଜୀବୀ କରନ୍ତୁ



Digitized by srujanika@gmail.com

ଏବଂ ତାଙ୍କ ଦ୍ୱାରା ଜଗତରେ ଯେପରି ଶାନ୍ତି ପ୍ରତିଷ୍ଠା ହେଉ ଏହାହିଁ ମୋର କାମନା ।

କୁମାର ଶ୍ରୀ ଅନନ୍ତ ନାରାୟଣ ।

## ପ୍ରଶ୍ନ–ଉତ୍ତର ।

୬ଷ୍ଠ ସଂଖ୍ୟା 'ଜଗର' ରେ ବାହାରିଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର କାହାଁରି ଠାରୁ ନ ମିଳିବାରୁ "ଅଜା" ନିଜେ ଉତ୍ତର ଦେଲେ ।

ଶ୍ରୀମତୀ ରେଣୁକା ମହାନ୍ତି (୪୦ ନଂ ନାତି) ପ୍ରଶ୍ନର ଉତ୍ତର—

୧ । ଭାରତ ବର୍ଷରେ ଟ୍ରାମ ଗାଡ଼ି ପ୍ରଥମେ କଲିକତାରେ ପ୍ରଚଳନ ହୋଇଥିଲା ୧୮୮୨ ଖ୍ରୀଷ୍ଟାବ୍ଦରେ । ସେତେବେଳେ ବୈଦ୍ୟୁତିକ ଶକ୍ତିର (Elcctriciy) ବ୍ୟବହାର ନ ଥିବାରୁ ଟ୍ରାମ ଗୁଡ଼ିକ ଘୋଡ଼ା ଦ୍ୱାରା ଟଣା ଯାଉଥିଲା ।

୨ । ପୃଥିବୀର ସବୁଠାରୁ ଆକାରରେ ବଡ଼ ବହିର ନାମ ହେଉଛି "The Gazetter & Atlas" ଯାହାକି ବ୍ରିଟିଶ ମିଉଜିଅମ୍‌ରେ ରଖା ଯାଇଛି । ଏହାର ଆକାର ହେଉଛି ୭ ଫୁଟ ଲମ୍ବା ଓ ୪ ଫୁଟ ଓସାର ଓ ୭ଇଞ୍ଚ ମୋଟ । ଏହା ଆମଷ୍ଟାରଡାମରେ ସନ ୧୫୬୭ ସାଲରେ ଛପା ଯାଇଥିଲା ।

୩ । ପୃଥିବୀର ବଡ଼ ରେଲଓ୍ୱେ ଟନେଲ (Railway tunnel) ହେଉଛି ଇଟାଲିର ସିମ୍ପଲନ ଟନେଲ (Simplon tunnel) ଯାହାର ଦୈର୍ଘ୍ୟ ହେଉଛି ୧୨ମାଇଲ ୨୬୨ ଗଜ । ଏହି ଟନେଲ ଇଟାଲି ଓ ସୁଇଜରଲାଣ୍ଡକୁ ସଂଯୁକ୍ତ କରୁଅଛି ।

ଶ୍ରୀ ରାମଚନ୍ଦ୍ର ସେନାପତି (୩୭୬ ନଂ ନାତି)ଙ୍କ ପ୍ରଶ୍ନର ଉତ୍ତର—

୧ । "ପିତା ବାହିକି କନ୍ୟାକୁ ଭଲ ପାଏ ଓ ମାତା କାହିଁକି ପୁଅକୁ ଭଲ ପାଏ" ଏହି ପ୍ରଶ୍ନର ଉତ୍ତର ଦେବା କଠିନ । କାରଣ ଏହି ପ୍ରଶ୍ନର ସଠିକ ଉତ୍ତର ସମ୍ବନ୍ଧରେ ଅନେକଙ୍କର ମତ ବୈଷମ୍ୟ ଦେଖା ଯାଏ । ଜର୍ମାନ ମନୀଷୀ ଓ ମନସ୍ତତ୍ତ୍ୱବିତ୍ "ଫ୍ରୟେଡ଼"ଙ୍କ ମତରେ ପୁଅଠାରେ ପିତାର ଗୁଣ ଓ ଚେହେରାର ସାମଞ୍ଜସ୍ୟ ଥାଏ ବୋଲି ମାତା ତାକୁ ଭଲ ପାଏ ଓ କନ୍ୟା ଠାରେ ମାତାର ଗୁଣ ଓ ଚେହେରାର ସାମଞ୍ଜସ୍ୟ ଥାଏ ବୋଲି ପିତା ତାକୁ ଭଲ ପାଏ ।

୨ । "ଆରାରୁଟ" 'ବାର୍ଲି ଜାତୀୟ ଜିନିଷ' ଏହା ଅନେକ ପ୍ରକାର ଜାତୀୟ ଗଛରୁ ଆହରଣ କରାଯାଏ । କିନ୍ତୁ ଠିକ ଆରାରୁଟ "ଓ୍ୱେଷ୍ଟ ଇଣ୍ଡିଜ୍ (West Indies)"ରେ ଚାଷ କରାଯାଏ । ଏ ଗୁଡ଼ିକ ଛୋଟ ଛୋଟ ବୁଦା ଜାତୀୟ ଗଛ ନାମ ହେଉଛି "Maranta aruudinacea." ଭିନ୍ନ ଭିନ୍ନ ଦେଶରେ ଉପାଦାନରୁ ଆରାରୁଟ ହୁଏ । ବଜାରରେ ଅନ୍ୟରୁ ଆରାରୁଟ ତିଆରି କରନ୍ତି ।

୩ । ସର୍ବ ପ୍ରଥମେ ଗ୍ରୀକମାନଙ୍କ ସମୟରେ ସ୍ୱର୍ଣ୍ଣ, ରୌପ୍ୟ ଓ ତାମ୍ର ମୁଦ୍ରାର ପ୍ରଚଳନ ହୁଏ ବୋଲି ଐତିହାସିକ ମାନଙ୍କର ମତ । କିନ୍ତୁ ପ୍ରଚଳନର ସମୟ ଠିକ ଜଣା ନାହିଁ । ତା ପରେ ରୋମରେ ରୋମାନମାନେ ଖ୍ରୀଷ୍ଟ ପୂର୍ବ ୨୬୯ ସାଲରେ ରୌପ୍ୟ ମୁଦ୍ରାର ପ୍ରଚଳନ କରନ୍ତି ।

୪ । ଇଂଲଣ୍ଡର ଭିକ୍ଟୋରିଆ ଟରମିନସ୍ ହେଉଛି ପୃଥିବୀର ସବୁଠାରୁ ବଡ଼ ରେଲ୍‌ୱେ ଷ୍ଟେସନ ।

--:୦:--

## ନୂଆ ନାତିଙ୍କ ନାମ ।

୪୦୩—ଶ୍ରୀ ଦଗମ୍ବର ରାଉତରାୟ । ଜଙ୍କିଆ ଗଡ଼ ସାହି ପୋ: କଣାସ ଜି: ପୁରୀ ।

୪୦୪—କୁମାର ଶ୍ରୀ ଶ୍ୟାମସୁନ୍ଦର ପଣ୍ଡା । ଅନୁଗୁଳ ହାଇ ସ୍କୁଲ୍ । ପୋ: ଅନୁଗୁଳ ।

୪୦୫—ଶ୍ରୀମତୀ ପଙ୍କଜାକ୍ଷୀ ଦେଈ । ଗ୍ରାମ କୁଆଁସ । ପୋ: ଭଦ୍ରକ । ଜି: ବାଲେଶ୍ୱର ।

—:*:—

## କୁତୁକୁତୁ

ଡାକ୍ତର—ଆପଣ ତ ନିଜେ ଜ୍ୟୋତିଷ ବିଦ୍ୟା ଜାଣନ୍ତି ଗଣନା କରି କହନ୍ତୁ ଆପଣଙ୍କର ରୋଗଟା ଖୁବ୍ ଗୁରୁତର କି ନୁହେଁ ।

ରୋଗୀ—କିନ୍ତୁ ଗଣନାର ଫିସ ଦେବ କିଏ ।

\+ + +

ସୁବୋଧ—କି ସୁଧିର ! ମିନତିକୁ ବାହାହେବାକୁ ମନା କଲୁ କାହିଁକି ?

ସୁଧିର—କ'ଣ କରିବି ଭାଇ ରୋଜଗାର ତ କିଛି ନାହିଁ - କେଣେ କରିବି ?

ସୁବୋଧ—କାହିଁକି ଶଶୁର ଉପରୁ –

ସୁଧିର– ଶଶୁର ଯେ ତାଙ୍କ ଶଶୁର ଉପରେ ଚଳନ୍ତି ।

× + ×

ଡାକ୍ତର—ମୁଁ ତମ ସ୍ୱାମୀଙ୍କୁ X'Rayରେ ପରୀକ୍ଷା କରି ଦେଖିବି ।

ସ୍ତ୍ରୀ—ନା ଦରକାର ନାହିଁ । ମୁଁ ତାଙ୍କ ଭିତର ବାହାର ସବୁ ଜାଣେ ।

( ଦୁର୍ଗା ପ୍ରସାଦ )

### କୁପନ୍

ଅଜା,

ମୁଁ ଜଣେ ନାତିନାତୁଣୀ ହେବାକୁ ଚାହେଁ ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ, ସାହସ ସେବା ଓ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାତିନାତୁଣୀ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ୧୦/୧୦ ର ଡାକ ଟିକଟ ପଠାଇଲି ।

ତୁମ ସ୍ନେହର ନାତିନାତୁଣୀ

ଶ୍ରୀ ______________

ଠିକଣା ______________

ତାରିଖ

Digitized by srujanika@gmail.com

REG. NO. P. 441 THE DAGARO—1-10-1942.


# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିଃ

ପ୍ରତ୍ୟେକ ଗୃହସ୍ଥ ନିଜ ପରିବାରବର୍ଗଙ୍କ ସ୍ୱାର୍ଥ ପାଇଁ ବୀମା କରିବା ନିତାନ୍ତ ଆବଶ୍ୟକ ।

ଅନ୍ତର୍ଜାତିକ ପରିସ୍ଥିତି କ୍ରମେ ଜଟିଳ ହୋଇ ଉଠୁଥିବା ସମୟରେ ସର୍ବାଧିକ ନିରାପଦ ଭାବରେ ଟଙ୍କା ଲଗାଇବାର ଉତ୍କୃଷ୍ଟ ଉପାୟ ହେଉଛି ଗୋଟିଏ ସୁଦୃଢ଼ ବୀମା କମ୍ପାନୀରେ ବୀମା କରିବା ।

ହିନ୍ଦୁସ୍ଥାନ ଗତ ୩୫ ବର୍ଷ ହେଲା ଭାରତବର୍ଷ ଏବଂ ବାହାରେ ପୂର୍ବ ଦେଶରେ କୋଟି କୋଟି ଟଙ୍କାର ଦାବୀ ପୂରଣ କରି ଏବଂ କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ଯଥେଷ୍ଟ ସୁଦୃଢ଼ତାର ପରିଚୟ ଦେଉଛି ।

୧୯୪୦ ରେ ନୂତନ ବୀମାର ପରିମାଣ ପ୍ରାୟ ତିନିକୋଟି    ୧୯୦୦ ରେ ବାର୍ଷିକ ଆୟର ପରିମାଣ ପ୍ରାୟ ଏକ କୋଟି

ବୀମା ପାଣ୍ଠି ଛଅକୋଟି ୫୫ ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ନବ କୋଟି ପାଞ୍ଚଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ପରିଶୋଧ ଦାବୀର ପରିମାଣ ଦୁଇ କୋଟି ପଚିଶ ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା ।

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର
ଭଦ୍ରକ ।

---

# ମାତ୍ର ଟ ୧॥ ରେ ୩ ଟି ଘଡ଼ି ଓ ୪୭୫ ପ୍ରକାର ଉପହାର



ଯେ କେହି ଆମର ୬ ଶିଶି 'ଅଟୋଟୋନିକ' କିମ୍ବା ୬ ଡିବା ଦାଦ୍ ମଲମ ଟ ୧॥ ( ଦେଢ଼ ଟଙ୍କା ) ଦେଇ କିଣିବେ ସେ ନିମ୍ନ ଲିଖିତ ଉପହାର ଗୁଡ଼ିକ ବିନା ମୂଲ୍ୟରେ ପାଇ ପାରିବେ । ଦୁଇଟି ସୁନା ଗିଲ୍ଟି କରା ଜର୍ମାନ ଘଡ଼ି, ଗୋଟିଏ [illegible], ଗୋଟିଏ ଜର୍ମାନ ଟାଇମ ପିସ, ଗୋଟିଏ ସେଫଟି ରେଜର, ଗୋଟିଏ ଖଳ କାଟିବା ଯନ୍ତ୍ର, ଗୋଟିଏ କ୍ଷୌର ହେବା ବ୍ରସ, ଏକ ପାକେଟ ପାଉଡ଼ର, ଗୋଟିଏ ଚିରୁଣୀ, ଗୋଟିଏ ମାକୁନି, ଏକ ସେଟ ବୋତାମ, ଗୋଟିଏ ଛୁରି, ଗୋଟିଏ ଫାଉଣ୍ଟେନ-ପେନ, ଗୋଟିଏ ଓଲ୍ଡ ଯାହାର ଅଲୋକ ୫୦୦ ପୃଷ୍ଠ ପର୍ଯ୍ୟନ୍ତ ଯାଏ ଓ ଆହୁରି ଅନେକ ସୁନ୍ଦର ଉପହାର ମାନ ପାଇବେ । କିମ୍ବା ଏହିସବୁ ଉପହାର ପରିବର୍ତ୍ତେ ଗୋଟିଏ ଲିଭର ପକେଟ ଘଡ଼ି ଯାହାକି ଥରେ ଦମ ଦେଲେ ୩୬ ଘଣ୍ଟା କାଳ ଚଳେ, ଉପହାର ପାଇ ପାରିବେ । ଏହି ଘଡ଼ି ୧୦ ବର୍ଷ ସକାଶେ ଗ୍ୟାରେଣ୍ଟି ଦିଆଯାଏ । ପ୍ୟାକିଙ୍ଗ୍ ଓ ପୋଷ୍ଟେଜ ଖର୍ଚ୍ଚ— ଟ୦।୵ ।

THE AMERICAN COMMERCIAL STORES. POST BOX NO. 12213. CALCUTTA.


Printed & published at the Gopinath Press, Bhadrak, by. G. C. Mahapatra and issued from Dagaro Office Bhadrak.

Digitized by srujanika@gmail.com

ଆଶ୍ୱିନ ଦ୍ୱିତୀୟାର୍ଦ୍ଧ




ସମ୍ପାଦକ:—ଶ୍ରୀଲକ୍ଷ୍ମୀକାନ୍ତ ମହାପାତ୍ର

ଏଥର ପଢ଼ିବେ

ବିଲୁଆବିଗ୍ରହ

କାହାଣୀ — ନିୟତି

ମଜାକଥା — ବ୍ୟାଧି

ମଜାକବିତା — ହିଟଲରି ଯୁଗ

ନାଗବଚା — ନାଗଙ୍କ କଲମରୁ କବିତା

ବହିପତ୍ର

କୁଡ଼ୁକୁଡ଼ୁ

( ୭ମ ବର୍ଷ, ୧୦ ମ ସଂଖ୍ୟା )

October. 16, 1942.

ଦିଆଲି ସଂଖ୍ୟା 'ଡଗର'କୁ
ଚାକି ରହନ୍ତୁ ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର

# ଭ୍ରାମରୀ ରସାୟନ

ଅବ୍ୟର୍ଥ ମହୌଷଧ

ଏହା ପ୍ରକୃତ ରସାୟନର ଉଦ୍ଭିଦ ଦ୍ୱାରା ପ୍ରସ୍ତୁତ ହୋଇଅଛି । ଗଳିତ କୁଷ୍ଠ ଓ କୃଷ୍ଣ ପ୍ରାପ୍ତ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଦେହରେ ପ୍ରକାଶ ହେବା ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ଶ୍ୱେତ ଦାଗ, ଦେହରେ ନାନା ଶାରୀରିକ ଅବସାଦ, ମୂତ୍ରାଶୟରେ ଚେତନା ଅଭାବ, ଅବସନ୍ନତା, ନାଡ଼ୀ ଓ କଣ୍ଠର ଶୀତଳତା ଓ କୋଷ୍ଠବଦ୍ଧତା ପ୍ରଭୃତ ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ଜାଣି ପାରିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅତି ଶୀଘ୍ର ଆରୋଗ୍ୟ ହୁଏ । ଏକଶିଶି ୫୨୯ଙ୍କା ମାତ୍ର ୫ ୨ ଟଙ୍କା ମାତ୍ର ।

ଆୟୁର୍ବେଦ ଔଷଧାଳୟ
ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ
ଅଳମ୍ବୁଦ ବାଟି, କଟକ ।

---

## ପିଲାଙ୍କ ହାତରେ

ଦେବା ଭଳି ବହି ।

# ସୁନା ଭଉଣୀ

ସଂଗ୍ରାହକ— ଶ୍ରୀ ଜଗନ୍ନାଥ ମହାନ୍ତି
ମୂଲ୍ୟ— ୦।୵ ଅଣା ।
ପ୍ରାପ୍ତିସ୍ଥାନ:—କଟକ ପବ୍ଲିଶିଂ ହାଉସ୍
ନୟାସଡ଼କ—କଟକ ।

## ଭଲ ମଞ୍ଜିରୁ ଭଲ ଗଛ

ବିଶ୍ୱସ୍ତ ପ୍ରତିଷ୍ଠାନରୁ ସୁପରୀକ୍ଷିତ ମଞ୍ଜି କିଣିଲେ ଠକିବାର ଆଶଙ୍କା ନାହିଁ । ମୂଲ୍ୟ ତାଲିକା ବିନାପଇସା ଯାଏ । ପତ୍ରଦ୍ୱାରା ପ୍ରାର୍ଥନୀୟ ।

୫ଟଙ୍କାରୁ କମ୍ ଅର୍ଡ଼ର ଭି: ପି: ରେ ପଠାଯାଏ ନାହିଁ । ଦଶଟଙ୍କା ବା ଅଧିକ ମୂଲ୍ୟର ପାର୍ସଲରେ ଡାକମାସୁଲ ପଡ଼େ ନାହିଁ ।

ଏଜେଣ୍ଟ ନ କାଂଟ ମୂଲ
ବାଲିସିଡ୍ ଷ୍ଟୋର
ପୋ: ଅ: ବାଲି ( Bally )
ଜିଲ୍ଲା—ହାୱଡ଼ା

# ମରମ

କବି— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ନବ ଯୁଗର ନବୀନ ଭାବୋଚ୍ଛ୍ୱାସ

ପଢ଼ିଲେ ମୁଗ୍ଧ ହେବେ

ମୂଲ୍ୟ:—୦।୵ ଅଣା

---

## ଚିଡ଼ିଆଖାନା

ଜନ୍ତୁଙ୍କ ଛବି ଓ କୌତୁକିଆ ଗୀତରେ ଭରା

ପିଲାଏ ପାଇଲେ ଉଲ୍ଲସିବେ ।

ମୂଲ୍ୟ—୦।/

## କୁମାରୀ

ସୁନ୍ଦର ଛବି ଓ ମଧୁର ଗୀତ ବହି

ଝିଅ ହାତରେ ଦିଅନ୍ତୁ ।

ମୂଲ୍ୟ – ୦।୵ ଅଣା

## ସୁନାପୁଅ

ପିଲାଙ୍କ ହାତରେ ଦେବା ପାଇଁ ଅତି

ସୁନ୍ଦର ଗୀତ ବହି ।

ମୂଲ୍ୟ—୦।୵ ଅଣା

Digitized by srujanika@gmail.com

ଓଁ ଗ ପ

୬ଷ୍ଠ ବର୍ଷ
—୧୦ମ-ସଂଖ୍ୟା—
ଆଶ୍ୱିନ ଦ୍ୱିତୀୟାଙ୍କ
ତା ୧୬।୧୦।୪୨ ଖ୍ରୀ।

# ହୁକା ହୁକା ହୁଆ

[ ବିଲୁଆ ବିଗୁର ]

—ପାକ୍ଷିକ—
ବାର୍ଷିକ—୪୲
ପ୍ରତିସଂଖ୍ୟା—୫୦/
ବିଦେଶ ୫୲
ଭିଜିଟ୍‌ଫେରନ୍ତ ୫୲

ସ୍ୱଶତ୍ୟ ଭାଷନ୍ତି—ଦ୍ୱେଷ୍ୟ ଚେତନଂ ଗ୍ରାହ୍ୟ ମାପଦ୍ଭବାଳେଷ୍ୱପଣ୍ଡିତେ । ଅର୍ଥାତ୍ ବ ନା—ଅପଦ ପଡ଼ିଲେ ଦୁଷ୍ଟ ଲୋକର ଚେତନ ଶୁଝିବ । ସେଥିପାଇଁ ଆମ ଦୁଷ୍ଟ ପଣ୍ଡିତ ନୀଳକଣ୍ଠ ( ପଣ୍ଡିତଶ୍ରେଣୀ ମାଫ କରିବେ ) ତାଙ୍କର 'ଚେତ୍' ପଦ ଶୁଣାଉଛନ୍ତି । ସେ କହନ୍ତି "କ ମେଜରିଟି ଦଳ ଯେତେବେଳେ ହାତରେ ମନ୍ତ୍ରୀତ୍ୱ ନେବାକୁ ଅମଙ୍ଗ, ମାତ୍ର ନିଷ୍ଠେ ଦେଲା କେବଳ ପ୍ରତିନିଧିମାନଙ୍କୁ ନେଇ ତାହାରେ କମେଇ ଦେଲେ ସବୁ ଗୋଳମାଳ ଏଡ଼ାଇବେ ଅର୍ଥ ଗଣ୍ଡିବ ।"

ଅମେରିକ କଥା ଶୁଣି ଯାହାଁମାନେ ତୃପ୍ତ ହୋଇଥିବେ, ପଣ୍ଡିତଙ୍କ କଥାରେ ତାଙ୍କର ସାହା ପଣ୍ଡିତ ସନ୍ଦେହ ନାହିଁ । ପଣ୍ଡିତେ କେବେ ଅସଙ୍ଗତ କଥା କହନ୍ତି ନାହିଁ । ଏଥର ସେ ଯାହା କହୁଛନ୍ତି ତାହା ଅନେକ ବୁଝିବା କଥା । ଓଡ଼ିଶାରେ ଏଥପରିକା କେବଳ ପ୍ରତିନିଧି ମନ୍ତ୍ରୀ ଥିଲେ ବୋଲି ଗିନା କ୍ଷତିର ସ୍ୱର ଅଛି ନାହିଁ କଥିବାକୁ ଦେଲେ, ଓଡ଼ିଶା ମୁଲକରେ ଯାହାକୁ ଏମିତି ଶାନ୍ତି, ଶୃଙ୍ଖଳା; ନିରୁପଦ୍ରବ, ନିଷ୍କ୍ରିୟତା ବିରାଜ କରୁଛି ଆମ ଅଞ୍ଚଳରେ ! ବ୍ରିଟିଶ ସରକାର ଏହା ବିଷୟ ନ ଦେଇ ଏହା ସଂଶୋଧନ କରନ୍ତୁ ।

\+ × ×

ପରିଚୟ ଖବର କାଗଜରୁ ପଢ଼ି ଜାଣିଲୁଁ ଯେ ବାସୁଦେବପୁର ମଧ୍ୟସ୍ଥ ଭଦ୍ରମଠରେ ଜନତା ପୁଲିସ ଥାନା ଆକ୍ରମଣ କରିବାକୁ ଚେଷ୍ଟା କରୁଥିବାରୁ ତାଙ୍କ ଉପରେ ଗୁଳି ଚାଳନା ହୋଇଛି । ଉକ୍ତ ଜାଗା ଭୂଗୋଳ ପାଠ ଭୁଲି ଯାଇ ଥିବାରୁ ପଚାରି ବାକୁ ପଡ଼ୁଛି ଯେ ଭଦ୍ରକ ଥାନାଟା ବାସୁଦେବପୁରରେ କି ବାସୁଦେବପୁର ଥାନାଟା ଭଦ୍ରକରେ ? ସରକାରୀ ସଂବାଦ ଛଡ଼ା ଜାଣିବାର ଉପାୟ ଏବେ ନ ଥିବାରୁ ଦୟାକରି ସରକାର ଏ ସମ୍ବନ୍ଧରେ ଆମର ସନ୍ଦେହ ଦୂର କରିବେ କି ?

\+ × +

ଜନତା ଓ ପଥଭ୍ରାନ୍ତ ଜନତାକୁ ଶାସନ କରିବା ଓ ଶିକ୍ଷା ଦେବା ସରକାରଙ୍କ କାମ । ଉପରନ୍ତୁ କ୍ଷିପ୍ର ଜନତାକୁ ଉଚିତ ଶିକ୍ଷା (moral impression) ଦେଇ ଶାନ୍ତ କରିବାରେ ତାଙ୍କର କର୍ତ୍ତବ୍ୟ କରୁଛନ୍ତି । ମାତ୍ର ଏତକରେ ପାଠ ସରିଗଲା ? ସେମାନେ ପୁଣି ଯେପରି ଅବାଧ୍ୟ ନ ହୁଅନ୍ତି ସେଥିପାଇଁ ବୁଝିବାର ଦାୟିତ୍ୱ ସରକାରଙ୍କର ଅଛି ବୋଲି ମନେ ହୁଏ । ବିଶେଷତଃ ଆମର ନିଜର ଅନ୍ତ ଭାରତ ଲୋକପ୍ରତିନିଧି ମନ୍ତ୍ରୀ ସରକାର ଆଉ ଆଉ ଏଠା କେଣି ମନେ ହେବାର କଥା ! ମନ୍ତ୍ରୀ ବା ତାଙ୍କର ବିଶ୍ୱାସ ଭଜନ କେହି ନେତା ତାହାର ପର ଏହି ଘଟଣାର ଅଣି ଗୋଳର ଦେଇ ସେହି ଦାୟିତ୍ୱ ପାଳନ କରନ୍ତୁ ଓ ଭବିଷ୍ୟତରେ ଲୋକେ ଯେପରି ଆଉ ନ ସ୍ୱତନ୍ତ୍ର ତାର ବଂଚଣା କରନ୍ତୁ ।

× + ×

ବନ୍ଦୀ ସଭାରେ ଲୋକଙ୍କ ପ୍ରବେଶ କରିବା ଦେଖଣ ବୋଲି ଘୋଷଣା ହୋଇଥିଲା । କେବେ ଦେଖାଗଲା ଯେ ରାସ୍ତାରେ ଅଧିକ ପ୍ରବେଶ ହେଉଛି । ପଥମାନଙ୍କୁ ବୋଧହୁଏ ଲୋକଙ୍କ ଉପଦ୍ରବମା ବୋଲି ମନେ କରି ପୁଲିସ ସେ ପଥଗୁଡ଼ିକୁ ଅବରୋଧ କରିଦେଲେ । ଏପରି ଶିକ୍ଷାର ମୂଳରେ କଣ ଅଛି ତାହା ଚିନ୍ତା କରି ନ ହେଲେ ମଧ୍ୟ ଏତିକି ବେଶ୍ ବୁଝାଯାଉଛି ଯେ ପଥମାନେ ମଣିଷ ନୁହନ୍ତି—ଅସଭ୍ୟ ଓ ନିର୍ବୋଧ ପଥ; ତାଙ୍କୁ ଯେପରି କେହି ବଡ଼ଲୋକ ସହିତ ଏକାଭିମୁଖ ଦଳ ସହିତ ଗୋଳମାଳ କରି ନ ଦିଅନ୍ତି—କାରଣ ସେମାନେ ଜଣେ ଦଙ୍ଗା ଓ ଦଳ ମାନିବ, ପଥ ନୁହନ୍ତି କହିବାକୁ ଲେ । ସ୍ୱାଭାବରେ ଉଚିତ କି ଏ ? ଅବରୋଧ ନା ପ୍ରବେଶ ବାଧ ?

× × +

ବର୍ତ୍ତମାନ ଭାରତରେ ଅଦ୍ଭୁତ ମାର୍କିନବାସୀ ଘଟିଛନ୍ତି । ଆମେରିକା ଇଂଲଣ୍ଡର ମିତ୍ର ଥିବାରୁ ସୈନ୍ୟଗଣ ମିତ୍ରର ସାହାଯ୍ୟ ସକାଶେ ଆସିଛନ୍ତି । ଶୁଣାଯାଉଛି ଏମାନଙ୍କ ପ୍ରତି ଭାଇ ଦେଶରୁ ହୁକୁମ ଆସିଛି କି ଏମାନେ ଗାନ୍ଧି ଟୋପି ପିନ୍ଧିବେ । ଗାନ୍ଧି ଟୋପି ପିନ୍ଧିବାର ଦେଖିଲେ ଭାରତବାସୀ ତାଙ୍କୁ ନିଜ ମଣି ସ୍ନେହ ଚକ୍ଷୁରେ ଦେଖିବେ ବୋଲି

ତାଙ୍କର ବିଶ୍ୱାସ । ଏଥିରୁ ଗୁପ୍ତ ଭଲ କଥା ସନ୍ଦେହ ନାହିଁ; ମାତ୍ର ଆମର ଆଉ ଗୋଟାଏ କଥାରେ ଭୟ ଲାଗେ । ଗାନ୍ଧି ଟୋପି ପିନ୍ଧି ଏହି ସୈନ୍ୟଗଣ ଯେ 'ଅହିଂସା' କରି ଅଭିନୟ କରନ୍ତୁ !—ତେବେ ତ ସର୍ବନାଶ !

× + ×

ଧରିବାର ଉଦ୍ଦିଷ୍ଟ ହାରରେ ବଢ଼ାଯାଉଛି ଭାରତରେ ଅଧିକ ମୁଦ୍ରାବୃଦ୍ଧି ହେତୁ ସରକାରଙ୍କର ଚିନ୍ତାର ପ୍ରକାଶ ହୋଇଛି । ଓଡ଼ିଶା ସରକାର ଯେତେବେଳେ ଆମର ପ୍ରତିନିଧି ସରକାର, ଏଥିପ୍ରତି ତାଙ୍କର ନଜର ପଡ଼ିବା ଦରକାର । ଆମର ଏଠା ଶସ୍ତ କଂଗ୍ରେସ ସରକାର ଭଳି ଏ ନିକଟା କେବଳ 'ଟଙ୍କା' କରୁଁ କରୁଁ ସରି ନ ଯାଉ ।

*ଓଡ଼ିଶା ଦିନରେ ଉଦୟ ସପ୍ତବଳକର ଏ* ମୁଣ୍ଡରୁ ସେ ମୁଣ୍ଡ ଯାକେ ବାହିଁ ଏତେ ଗୋଳମାଳ ଅଶାନ୍ତି ଓ ଉପଦ୍ରବ ଏପରି ବ୍ୟାପକ ଭାବରେ ଲାଗିଲା ଓ ଲାଗୁଛି ସେଥିର ମୂଳକାରଣ ପ୍ରତି ସରକାରଙ୍କ ନଜର ପଡ଼ିଛି କି ?

Is ther something rotten in the state of Denmark.

× + +

ମାନ୍ୟବର ମୁସଲମାନରୁ ଏ ବିଷୟରେ ମନ୍ତ୍ରୀମାନଙ୍କ ସହିତ କଥାବାର୍ତ୍ତା ହେବା ସମ୍ବାଦ ଶୁଣାଯାଉଥିବାରୁ ଅନେକେ ଆଶା କରୁଛନ୍ତି କି ଏ ସମ୍ବନ୍ଧେ ଗୋଟାଏ ଉଚିତ ନ୍ୟାୟ ହୋଇପାରେ । ବ୍ରିଟିଶ ନ୍ୟାୟ ବିଷୟର ବ୍ରିଟିଶ ଶାସନର ମୂଳ ଭିତ୍ତି । ସେହି ଭିତ୍ତିକୁ ଦୃଢ଼ କରିବା ପାଇଁ ଏହିପରି ନିରପେକ୍ଷ ତଦନ୍ତ ଯେ ପ୍ରୟୋଜନ ଏଥିରେ ସନ୍ଦେହ ନାହିଁ । ଶାନ୍ତି ଯାହା ହେବାର ହୋଇଗଲା । ବର୍ତ୍ତମାନ ଲୋକେ ଯେପରି ଭୟ, ଧର୍ମ, ନିୟମାନଙ୍କ ମନରେ ଅଛି ତ ବିଶ୍ୱାସ ଜାତ କରାଇ ଶାନ୍ତି ସ୍ଥାପନ କରିବା ସରକାରଙ୍କର ପ୍ରଥମ କର୍ତ୍ତବ୍ୟ ।

\+ × +

ଉତ୍କଳ ଅତି ... ... ଯେ କରି ... ଖବର ଆସିଅଛି, ତାର କାରଣ ଆମ ଭୂଭାଗ

କ ଷ୍ଟାଲିନଗ୍ରାଡ଼ରେ ହୁଲମାଲ ଲାଗି ହେବାରୁ ସେଠିକି କାହାରି ନଜର ପଡ଼ୁନାହିଁ । ମାତ୍ର ଏବେ ଜଣାଯାଉଛି, ତାହା ନୁହେଁ—ସେଠିକାର ଜର୍ମାନ ସେନାପତି ଲୋକମାନଙ୍କର ଗାଲୁଅ ଧରିଥିବାରୁ ସେ ବର୍ଲିନ ଯାଉଛନ୍ତି; ଅତଏବ ଅଫ୍ରିକାରେ ମାଡ଼ ପଡ଼ୁଛି ।

ବର୍ତ୍ତମାନ ପ୍ରଶ୍ନ ହେଉଛି—ଲୋକମାନେ କାହିଁକି ବର୍ଲିନ ଗଲେ ? ବର୍ଲିନ ଗଲେ କଣ ଗାଲୁଅ ଭଲ ହେବ ?

ଆମେ କହୁଁ—ଅଲବତ ହେବ । କାରଣ ବର୍ଲିନରେ ଗାଲୁଅର ଓସ୍ତାଦ (expert) ଡାଃ ଗୋଏବଲସ୍ ସ୍ୱୟଂ ରହିଛନ୍ତି । ସୁତରାଂ ଗାଲୁଅ ବାଲା ଯେ ଯେଉଁଠି ଅଛି ସବୁ ବର୍ଲିନ୍ ଚାଲି ଯାଆନ୍ତୁ ବୁଝନ୍ତୁ ।

\+ × +

ଡାଃ ଶ୍ୟାମା ପ୍ରସାଦ ମୁଖାର୍ଜି ବଙ୍ଗଦେଶର ଜଣେ ମାତବର ମନ୍ତ୍ରୀ ଓ ଏବେ ପୂର୍ଣ୍ଣ ହିନ୍ଦୁ ମହାସଭାର କାର୍ଯ୍ୟକାରୀ ସଭାପତି । ଦେଶର ଅଚଳ ଅବସ୍ଥା ସମାଧାନ କରିବା ପାଇଁ ମହାସଭା ତରଫରୁ ସେ ଜେଲ ପାଖରେ ସେ ମହାତ୍ମା ଗାନ୍ଧିଙ୍କ ସଙ୍ଗେ କଥାବାର୍ତ୍ତା କରିବା ନିମନ୍ତେ ଜେଲରେ ଦେଖା କରିବାକୁ ହୁକୁମ ମାଗିଲେ । ମାତ୍ର ବଡ଼ଲାଟ ତାହା ମଞ୍ଜୁର କଲେ ନାହିଁ । ଏବେ ପୁଣି ସରକାର କହୁଛନ୍ତି କି ତମେ ସମସ୍ତେ ଏକମତ ହୋଇ ଗୋଟାଏ ସମାଧାନ କରାଅ ।

ଶ୍ୟାମାପ୍ରସାଦ ଏବେ କେନ୍ଦ୍ର ପାର୍ଲିଆମେଣ୍ଟର ଜଣେ ସଭ୍ୟଙ୍କଠାରେ ଯେପରି ହୋଇଛନ୍ତି ଏ ସମ୍ବନ୍ଧରେ । ଦେଖାଯାଉ ଏ ବୁଦ୍ଧିର ଫଳ ।

× ×

ବଙ୍ଗ ମନ୍ତ୍ରୀ ହକ ସାହେବ ଠକ୍ ଠକ୍ କଥା କହନ୍ତି । ଏବେ ଜଣେ ଆସେମ୍ବ୍ଲି ମେମ୍ବର ତାଙ୍କୁ ସଭାରେ ପ୍ରଶ୍ନ କଲେ—ରାଣାଘାଟଠାରେ ଉଡ଼ାଜାହାଜରୁ ଯେଉଁ ମେସିନଗନ ଗୁଳି ହୋଇଥିଲା ତାହା କଣ ସରକାରର ଇଚ୍ଛାରେ ହୋଇଥିଲା ତ ? ଏବଂ ସେଥିର ଦାୟିତ୍ୱ ଆପଣ ନେବେ ତ ?

ହକ ସାହେବ ଉତ୍ତର ଦେଲେ—ହଁ ରାଣାଘାଟରେ ଭୁଲ କ୍ରମେ ଗୁଳି ହୋଇଥିଲା, ମାତ୍ର କେହି ଖୁନ୍ ହୋଇ ନାହାନ୍ତି । ସେ ଖବର ତମେ କିପରି ଶୁଣିଛ, ଆମେ ତ କିଛି ଶୁଣିନୁ । ଏସବୁ ମାମଲାରେ ଆମେ ନିରୀହ ଓ ନିରାମିଷ—ଏ ସବୁ ବ୍ୟାପାର ଆମ କ୍ଷମତା ଓ ଦାୟିତ୍ୱର ବାହାରେ ।

ଏହା ଦେଖି ବଙ୍ଗର ଏକାଦଶ ମନ୍ତ୍ରୀଙ୍କ ଉପରେ ଦୟା (pity) ହେଉଛି ଓ ମନେ ହେଉଛି—ସତରେ କେହି ନୁହେଁ—ପିଞ୍ଜରାର ଶୁଆ କେବଳ ଦଉନାହିଁ—ବୋଲି ଯେଉଁ କଥାଟା ଅଛି, ସେଟା ନିର୍ଭୁଲ ଠିକ ।

× + ×

ଆମ ମହାରାଜା-ମନ୍ତ୍ରୀ ଦିଲ୍ଲୀ ଗସ୍ତ କରୁଛନ୍ତି ବୋଲି ଖବର ବାହାରିଛି । ସେ ସେଠି ତାଙ୍କ ପୁରୁଣା ବନ୍ଧୁ ଲର୍ଡ଼ ଲିନ୍‌ଲିଥଗୋଙ୍କର ସଙ୍ଗେ ମୁଲାକାତ କରିବେ ଓ ଦେଶନେତାମାନଙ୍କ ବୈଠକରେ ଯୋଗ ଦେବେ । ଅର୍ଥାତ୍ କଳା, ରଥ ବି ଦେଖିବେ, କଦଳୀ ବି ବିକିବେ ।

ଆମ ମହାରାଜା ଯେ ଖାଲି ହାତରେ ଫେରିବେ, ସେପରି ବ୍ୟକ୍ତି ସେ ନୁହନ୍ତି । କିଛି ହେଲେ କଣ୍ଟ୍ରାକ୍ଟ ହାସଲ କରି ଆସି ଆମର ନଶ୍ୟାଧ ରଖିବେ ବୋଲି ସମସ୍ତଙ୍କର ବିଶ୍ୱାସ । ଦେଶନେତୃତ୍ୱଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଯାଏ ଅନେକ ଅମୃତର କଥା ରହିଛି । କିନ୍ତୁ ଆଉ ଯାହା ଅଣନ୍ତୁ ବା ନ ଅଣନ୍ତୁ ଦିଲ୍ଲୀ ଯାଉଛନ୍ତି ଯେତେବେଳେ, ସେଠି ଯଦି ଅପୂର୍ବ ଲଡୁ ମିଳେ, ସେଇଥିରୁ ପୁଞ୍ଜାଏ ଏଥର ଆଣିବେ କିମିତି ଓଡ଼ିଆଙ୍କ ପାଇଁ !

× + ×

କଏ ଚର ସେଇ— ଚରନ୍ତି, ଗାଈ ବଅସ ବୁଢ଼େଇ ମରନ୍ତି ?

ସରକାରଙ୍କର ସମ୍ବାଦ କଟକଣାକୁ ନାପସନ୍ଦ କରି ଆମର ଅନେକ ଖବର କାଗଜ ମାଲିକମାନେ ଅନିର୍ଦ୍ଦିଷ୍ଟ ଧରି କାଗଜ ବନ୍ଦ କରିଦେଲେ । ସ୍ୱେଚ୍ଛାରେ ମାନ ମାରି ଖପରରେ ଖାଇବା ଠାରୁ ସେଇଟା ଭଲ ବୋଲି ଭାବି, ପୁଣି ବାହାରି ପଡ଼ିଲେ । ଯେ ତା ପତ୍ରକୁ ଫେଡ଼ି ଯାଇଥିଲେ, ସେ ମଧ୍ୟ "ହାଇ ଦେଖି ତାଇ ଦେଖି, ଫରକ ଉଠଇ ଡାହାଣ ଆଖି" ନ୍ୟାୟରେ ପତ୍ରକୁ ବନ୍ଦ କରିଦେଲେ । ଏତେଦିନ ପାଇଁ ବନ୍ଦ ନ କଲେ ଲୁଚିଲେ ଲୋକ ଜଣା ହେବ ବୋଲି better late than never ଭାବିଲା ମନ୍ଦ ନୁହେଁ ତ !

\+ + +

ସରକାରଙ୍କଠାରେ ଆପଣାର ଦୁଃଖ ଗୁହାରି ଜଣାଇବା ପାଇଁ ବମ୍ବେଠାରେ ଭାରତୀୟ ସଂପାଦକ ମଣ୍ଡଳୀର ଏକ ସଭା ହୋଇଥିଲା । ସେ ସଭାରେ ମିଃ ହର୍ଣ୍ଣିମାନ ନାମକ ଜଣେ ଶ୍ୱେତାଙ୍ଗ ସଂପାଦକ କହିଲେ କି ସରକାର ଆମ ସହିତ ଯେଉଁ ବ୍ୟବହାର କରୁଛନ୍ତି, ଅର୍ଥାତ୍ ବିନା ମଞ୍ଜୁରୀରେ ଆମେ କୌଣସି ସଂବାଦ ଛପାଇବୁ ନାହିଁ, ଆମେ ବି ତାର ଉତ୍ତର ଦେଇ ପାରିବା କୌଣସି ସରକାରୀ ଖବର ପ୍ରକାଶ ନ କରି ।

ସତରେ ଯଦି ଏଇଆ ହୁଏ, ତେବେ ଖବର ନ ପାଇ ଲୋକେ କେବଳ ମିଛ ଗୁଜବ ଉପରେ ନିର୍ଭର କରିବେ ଓ ତଦ୍ୱାରା ଅଶାନ୍ତି ଅସନ୍ତୋଷ ଅଧିକ ବଢ଼ିବ ।

ସ୍ୱାଧୀନ ଗଣତାନ୍ତ୍ରିକ ଦେଶମାନଙ୍କରେ ଖବର କାଗଜର ଅସୀମ ଶକ୍ତି ଓ ପ୍ରଭାବ । ସେ କଥା କଣ ଏ ଦେଶରେ ସମ୍ଭବ ? ଏ ସବୁ ହେବା ବୁଦ୍ଧିଭ୍ରଂଶ ପତ୍ରିକା ଗିନା ! + + ×

ଅନେକେ କହନ୍ତି ଚୀନ ସାଙ୍ଗରେ ଲଢ଼େଇ କରି ଜାପାନ ଗୋଟାଏ ହାତରେ ବେକାମ୍ ଲାଭ ହୋଇଛି । ସେଟା ହେଉଛି, ଜାପାନ ସେନାଙ୍କର ମଶା ମାରିବାରେ ହାତ କସରତ ।

× + ×

ଶୁଣାଯାଉଛି ଭାରତକୁ ସ୍ୱାଧୀନତା ଦିଆଯିବ ବୋଲି ବିଲାତ ପାର୍ଲିମେଣ୍ଟର କେତେକ ସଭ୍ୟ ଲାଗି ପଡ଼ିଛନ୍ତି । ପୁଣି ଆମେରିକାର ଅନେକ ବଡ଼ ମଣିଷ ଏକ ଆବେଦନ କରିଛନ୍ତି କି ରୁଜଭେଲ୍ଟ ଓ ଚିଆଙ୍ଗକାଇସେକ ମଧ୍ୟସ୍ଥ ହୋଇ ଭାରତକୁ ସ୍ୱାଧୀନତା ଦିଆଇ ଦିଅନ୍ତୁ । ଏ ସବୁ ଦେଖି ଆମ ଭିତରୁ ଅନେକ ଲୋକ ଭାରି ଖୁସି ହୋଇ ସାରିଲେଣି । ଆପେ ମାଳ ଜପୁଁ ଜପୁଁ ଯଦି ସାର ପଡ଼ିଶା ଆସି ଆମ ଘର ଝାଡ଼ି ଦିଅନ୍ତି, ତାହାକୁ ଖୁସି ନ ଲାଗେ ? ପର କଳିରେ ଯଦି ଅଣ୍ଟା ମୂଷା ମାରି ଦେଇଯିବ, କଏ ସେଥିରେ ଆନନ୍ଦ ନ ହୁଏ ? ସତେ ଠାକୁରେ ଏ କର୍ମବୋଧିଅ . ଭାରତବାସୀଙ୍କୁ ମୁକ୍ତି ଦେବ କହିବେ—ଆମେ ଘର କଣରେ ଘୁଙ୍ଗୁଡ଼ି ମାରୁଥିବୁ—ଆଉ ଆସି ଛପର ଫାଡ଼ି ଆମକୁ ଦିଲ୍ଲୀର ଲଡୁ ଦେଇ ଯିବେ ! ସେ ଭାଗ୍ୟ କଣ ଆମର ଅଛି ?

\+ + +

ବଡ଼ଲାଟ କାଉନସିଲର ଏଗାରଜଣିଆ ମନ୍ତ୍ରୀ ଦଳର ଅନ୍ୟତମ ସଭ୍ୟ ସାର ମହମ୍ମଦ ଓସମାନ ସେଦିନ କେଉଁ ସଭାରେ କହିପକାଇଲେ କି—ଆମର ପରାମର୍ଶ ବଡ଼ଲାଟ ନେଇ ଦିଅନ୍ତି ନାହିଁ, ମାତ୍ର ସେ ଆମକୁ ନ ପଚାରିଲେ ଆମେ କିଛି କହୁନାହୁଁ । ଖାସା କଥା । ନୋହିଲେ କି ମନ୍ତ୍ରୀ ! ବଡ଼ ଲୋକର ପୁଅ ନାତି ହୋଇ ଆପଣା ମାନ ରଖି ଚଳିବା ଉଚିତ । ଅତଏବ କେହି ନ ପଚାରିଲେ ଉପରେ ପଡ଼ି କହିବାଟା ବେମହତ କଥା ! କେନ୍ଦ୍ର ମନ୍ତ୍ରୀଙ୍କର ତ ଏଇ କଥା, ପ୍ରାଦେଶିକ ମନ୍ତ୍ରୀଙ୍କ କଣ କହିବା ? 'ପ୍ରାଦେଶିକ' ହେଲେ ବୋଲି ତାଙ୍କ ମାନ ଗଉଣ କିଛି କଣା ନୁହେଁ ତ !

—୦—

Digitized by srujanika@gmail.com

ବିଲେଇ ହାତରେ

# ବ୍ୟାଧି

ଲେଖକ — ଡମରୁଧର୍

[ ମଜା କଥା ]

ଏ ହେଲା ସଭା ସମିତିର ଯୁଗ । ଗଣ୍ଡା ଗଣ୍ଡା ଦଳ, ପଣ୍ଡା ପଣ ସମିତି, ଶହ ଶହ ନେତା—କଟକରେ କଂଗ୍ରେସ ସଭା ବସିଲା ତ ଭଦ୍ରକରେ ଓଡ଼ିଆ ଚଢ଼ୁଆଳ ଲୋକଙ୍କ ସଭା ହେଲା, ଦିଲ୍ଲୀରେ ମୁସ୍‌ଲିମ ଲିଗ୍‌ର ସଭା ତ ଲାହୋରରେ ହିନ୍ଦୁ ମହାସଭାର ସଭା ଆଜି ହରିଜନଙ୍କ ସଭା ତ କାଲି ସନାତନୀଙ୍କ ସଭା । ଖାଲି ସଭା ସଭା, ସଭା । ଶୁଣି ଶୁଣି କାନ ଦୋହଲି ଗଲାଣି । ଏ ସବୁ କଥା ଶୁଣି କେତେ ପ୍ରେମୀ ମାନେ ଭାବୁଥିବେ ଆମର ଗୋଟିଏ ସଭା କରନ୍ତେ । ପ୍ରେମିକମାନେ ଭାବୁଥିଲେ ଆମେ ଗୋଟାଏ ସଭା କରନ୍ତୁ ନା । ବିରହୀମାନେ କହୁଥିବେ ଆମର ଗୋଟାଏ କନ୍‌ଫାରେନ୍‌ସ ହେଉନ୍ତୁ ନା । ଅନୁଷ୍ଠାନର ତ ଅଭାବ ନାହିଁ । ଯେତେ ମତ ସେତେ ଅନୁଷ୍ଠାନ—ସେଥିରେ ଆପତ୍ତି କ'ଣ ଅଛି ? କରନ୍ତୁ ନା । ଯୁଗର ରୀତି ଚାଲିଥିବାବେଳେ ବାଧା ଦେବା କାହିଁକି ? ସାଧାରଣ ସଭା ଛାଡ଼ି ଦେଲେ, ହଜାର ହଜାର ଘରୋଇ ବୈଠକ ବି ହେଉଛି ନିତି । ସେଥିରେ କିନ୍ତୁ ସମସ୍ତଙ୍କର ପ୍ରବେଶ ନ ଥାଏ, କାରଣ ଗୁପ୍ ଗୁପ୍ ମାମଲା ଗୁପ୍ ଗୁପ୍ ହେଉଠି ଆଲୋଚନା ହୁଏ ।

କଟକ କଲେଜ ହଷ୍ଟେଲର ନଂ ୧୦ ରୁମର କୋଠରି । ନାନା ସଞ୍ଜବେଳେ ସେଠି ଗପ୍ପ ଫେଷ୍ଟ ଧରଣର ସଭା ବସେ... ଘରୋଇ ବୈଠକ କହିଲେ ଚଳେ । ରମୁ, ଗୀର, ବନ, ଶ୍ୟାମ, ଛଚ ଓ ନାରଣ ଏଇ ଛ' ଜଣଙ୍କୁ ନେଇ ସେ ବୈଠକଟି ଗଠନ ହୋଇ ଛନ୍ତି । ନାରୀ ଓ ପ୍ରେମକୁ କେନ୍ଦ୍ର କରି ଅନେକ ମାଦକତାଭରା ଆଲୋଚନା ଚାଲେ । ଢଙ୍ଗ ଅଧିକ ସମସ୍ତେ ପ୍ରେମିକ ଓ ରସିକ, ହିଦ ପ୍ରବଣ । ରମୁ ଅଭ୍ୟାସ କରେ—ମୁଁ ପ୍ରଭା ଦେବୀଙ୍କ ସଙ୍ଗେ ସେ କଲେଜ ପାଠ୍ୟ ପ୍ରଣୟ ଘଟଣା କରେ, କଳ୍ପିତ ଭାବରେ ସେ କଲେଜ ତା ଠାରୁ ପ୍ରେମ ଚିଠି ପାଏ । ଗୀର କହେ କାଠଯୋଡ଼ି କୂଳରେ ମିସ୍ ନାଇଡୁଙ୍କ ସଙ୍ଗେ ହଠାତ୍ କଲେଜ ଠାରୁ ସ୍ୱରଅଛି ହୁଏ—Love at the first sight ଜନ୍ମି ଉଠିଲା ସେଇଠୁ । ବନ ତାର କାହାଣୀ ଆରମ୍ଭ କରେ । ତାର ପ୍ରେମଟା କଲେଜ ସବୁଠାରୁ ବେଶୀ ରୋମାଣ୍ଟିକ୍, ନିତି ନିତି ଯାଇ ସେ କଲେଜ କାନ୍ଥ ସଙ୍ଗେ ପ୍ରେମାଳାପ କରେ; ତାଙ୍କର ଝରକା ଫୁଲ ଟବ ରଖିଥାଏ । ଶ୍ୟାମ କହେ ତାର ଘର କଲେଜ ଅପୋଜିଟ୍, ମୁଗାମ୍ବିକା ମୁକ୍ତ ପିନ୍ଧା ଇତ୍ୟାଦି । ଛଚ ଚଟ କରି କହିପକାଏ ତାର ଜେଣ୍ଟ ଅଧିକନା ନୁହେଁ, ଗାଈଁଲ ଝିଅ ସେ । ତାର ପ୍ରେମଟା ସେତେ expressive ନ ହେଲେ ମଧ୍ୟ ଅନ୍ୟମାନଙ୍କ ଠାରୁ ଖୁବ ଉଚ୍ଚରେ । ସେ ଅନ୍ୟମାନଙ୍କୁ ପସନ୍ଦ କରେ ନାହିଁ କାରଣ ସେମାନେ ଛଳନାର ଘନ ଜାଲ ରଚନାରେ ପଡ଼ି । କାରଣ ଜଣେ ବହି ପାରେ ନା । ମୁଁ ଶୁଣୁଥାଏ ଅନ୍ୟମନସ୍କ ହେବେ ବସି ରହେ । ତାର ମନ ଆଜ ଯାଇ ସ୍ୱର୍ଗ, ଯାକୁ ଅପଣାର କରି ନେବାକୁ ତାର ମନ ଆଜ ଚାହୁଁଛି ଉଠେ, ସେ ଯେ ମୁହଁ ଫେରାଇ ତା' ଆଡ଼େ ଚାହେଁ ନା—'ତରେ'ରେ ଲେଖି ଲେଖି ତାର ହାତ ଅବଶ ହୋଇଯାଏ... । ସମସ୍ତେ ଶେଷରେ ଟିକିଏ ରସନ୍ତୁ ନାରଣର କଥା ଶୁଣିବା ପାଇଁ ! ରମୁ ଅଟ୍ଟହାସ କରି ଉଠେ, କହେ ନ ସ୍ୱ ନା ଭଲ—ମୁଁ ଯେ ତୋର କଥା ଦେଖୁଛି ବାରଣୀ ରାଧା ତୋର ଦୂରରେ ...ଅନ୍ତ ଦୂରରେ ଗବାକ୍ଷ ପାର୍ଶ୍ୱରେ ବସି ଅଦାଜର ପତାସରେ ତାର ହୃଦୟ ବ୍ୟଥାର କରୁଣ ସଙ୍ଗୀତ ଗାଇ ଦେଉଛି ଆଉ ତୁ ଏଠି କଣ୍ଟକ ହୋଇ ବସି କେବଳ ଘର ଖର୍ଚ୍ଚ କରୁଛୁ ।" ତୋ ତୋ ହସରେ କୋଠରୀଟି ଭରି ଉଠେ । ବନ ତା ପରେ 'ମନୋଲୋଚନ, ବୁଝାଇ ବସେ । ଅବଶ୍ୟ ସର୍ବ ସାଧାରଣ କାହାରି ପଢ଼ା ନାରଣର ଝଙ୍କାରରୀ ଭୁଲିଯାଏ । ତାର ଆଖି ଯୋଡ଼ିକ ଆଶାରେ ଜଳି ଉଠେ । ...Soundthiryର ସ୍ୱପ୍ନ ତାକୁ ଘେରେ ସେ ଦିନ ପାଇଁ ଆଲୋଚନାରେ ଯବନିକା ପଡ଼େ ।

ମୁଁ ପ୍ରଭା ଦେବୀ ଅନ୍ୟ ଜଣକୁ ବିଭା ହୋଇଗଲେ । ରମୁର ମୁଣ୍ଡ ବିଗିଡ଼ି ଗଲା । ସେ କଟକରେ ରହିବା ଛାଡ଼ିଲା । ମିସ୍ ନାଇଡୁ ପାଟଣା କଲେଜରେ ଯାଇ ନାମ ଲେଖାଇଲେ । ସାଙ୍ଗକୁ ଡାକି ନେଲେ ନୂଆ ପ୍ରେମିକ ରଜେଶ ସେଠି । ଗୀର ଚିନ୍ତାରେ ଭାଙ୍ଗି ପଡ଼ିଲା ଆଉ ପ୍ରଥମ ଥର ବୁଝିଲା ପ୍ରେମର ରହସ୍ୟ । ବନ କଥା ଯେବେ ଦେଖା କରିବାକୁ ନାକ କରିବାରେ ପଶି ଯେଉଁଦିନ ମାଉମାନଙ୍କ ହାତରୁ ଟାଙ୍ଗେ ହେଲା ଖାଇଛି, ସେଇ ଦିନ୍ ତାର ପ୍ରେମ ନିଶା ଛୁଟିଯାଇଛି । କାନ ଧରି ଦେହ ମୋଡ଼ି ହୋଇ ପ୍ରେମର ରାସ୍ତା ପଥକୁ ଚାଲି ଯାଇଛି । ଅଧିକ ତାରେ ମା ହେବାର ଲକ୍ଷଣ ଦେଖାଗଲା, ଅପବାଦ ଭୟରେ ସେ ଦେଶ ଛାଡ଼ିଲା । ଶ୍ୟାମର ପଡ଼ିଶା ଘରେ ଶ୍ୟାମର କଥା ଦେବାକୁ ନାରାଜ ହେଲେ । ହତାଶ ହୋଇ ଶ୍ୟାମ କଂଗ୍ରେସ କର୍ମୀ ହୋଇ ଦେଶ ସେବାରେ ମନ ଦେଲା । ଛଚ ମଧ୍ୟ ତାର lady love କୁ ହରାଇ ହତାଶ ହେଲା । ...ଯୁଦ୍ଧକୁ ଯିବା ତା ପାଇଁ ଶ୍ରେୟ । କେବଳ ନାରଣ ହେଲା lucky । ଯେଉଁ ରାଣୀ ଦେବୀଙ୍କୁ କେନ୍ଦ୍ର କରି ସେ ପ୍ରେମର ଜାଲ ମନେ ମନେ ବୁଣିଥିଲା ତାଙ୍କୁ ବିଭା ହୋଇ ମୁକ୍ତ ହେଲା । ରାଣୀ ହେଲା ଚପଳା, ସେ ହେଲା ମେଘ—ସେ ହେଲା ବଉଳ, ରାଣୀ ହେଲା ମୂର୍ଚ୍ଛନା । ମୂନାର ସଂସାର ଗଢ଼ିଲେ ସେ ଦୁହେଁ । କେଣା ଦିନେ ହେଲା ମୁରଲେଶ— ମୁରଲେଶ ଏ ଧରା ପୃଷ୍ଠ ଛାଡ଼ି ପାଇ ଅନ୍ତର୍ଦ୍ଧାନ ହେଲା । କାନ୍ଦି ସବୁ କରେ । ନାରଣ ମୁରଲେଶ ସଙ୍ଗେ ରାଣୀର ସୁପ୍ତ ପ୍ରଣୟ ଧରା ପଡ଼ିଗଲା ରାଣୀକୁ ଘୃଣା କଲା । ମୂନାର ସଂସାରର ସ୍ୱପ୍ନ ତାର ମିଳାଇ ଗଲା । ଚିନ୍ତାରେ ସେ ବଡ଼ ପାଗଳ ପାଲଟି ଗଲା । ରାଣୀ ପାଗଳା ଗାରଦରେ ହାଇ ଭାପାଇଁ ଗୋଇଲଗଲା । ରାଣୀ ମୁରଲେଶ ଓ ନିଜ ସ୍ୱାମୀକୁ ହରାଇ ଏବେ ନୂତନ ପଥର ଯାତ୍ରୀ ହେଲା 'ସେବିକା ସଂଘ'ରେ ନାମ ଲେଖାଇ ।

ରମୁ, ଗୀର, ବନ, ଶ୍ୟାମ ଓ ଛଚ ଏଇ ପାଞ୍ଚଜଣ ଙ୍କର ଦିନେ ହଠାତ ଦେଖା ହୋଇଗଲା କାଠଯୋଡ଼ି କୂଳ ମୁକ୍ତ ପାଗରେ ସର୍ବ ଦର୍ଶୀ ଆଗେ । ପ୍ରଣୟ-ଝାଲା ସ୍ମୃତିରେ ଓଲଟ ପାଲଟ ହୋଇଯାଉଛି । କଟକର ଜନତାର ସରସତା ଆଉ ସେମାନଙ୍କ ଠାରେ ନାହିଁ । ହତାଶ ପ୍ରେମିକ ସେମାନେ । ସମସ୍ତେ ଏକ ସ୍ୱରରେ କହି ଉଠିଲେ 'ହେଲ୍ଲୋ' ! ଦରମର୍ଦ୍ଦନ ପରେ ବସି ପଡ଼ିଲେ ଗପ୍ପ ଥୋଇ ଦେଇ ଉପରେ । ସେଇ ସଜନର ଘଟଣାର ପୃଷ୍ଠା ଓଲଟାଇ ଗଲେ ସମସ୍ତେ । ସମସ୍ତେ ଉପଲବ୍ଧି କଲେ ପ୍ରେମଟା ଯୁବକ ପ୍ରାଣର ଗୋଟାଏ ବ୍ୟାଧି ମାତ୍ର । ଯୁବ ମହଲରୁ ଏ ବ୍ୟାଧିକୁ ଦୂର କରିବା ପାଇଁ ସେମାନେ ଅଣ୍ଟା ଭିଡ଼ିଲେ ।

ତହିଁ ଆରଦିନ ଖବର କାଗଜରେ ବଡ଼ ବଡ଼ ଅକ୍ଷରରେ ବାହାରି ପଡ଼ିଲା ।

## ଯୁବକମାନଙ୍କ ନିବେଦନ

ଯୁବ ମହଲରେ ପ୍ରେମ କରିବାର ଯେଉଁ ପ୍ରବଳ ବ୍ୟାଧି ପଶିଛି, ତହିଁରୁ ଅବ୍ୟାହତି ପାଇବା ପାଇଁ, ଯୁବକମାନଙ୍କୁ ସବିନୟ ଅନୁରୋଧ କରୁଁ, ବ୍ୟାଧିର ଔଷଧ 'ହେଲ୍ଲୋ' ନମ୍ବର ଛଅ ଠିକଣାରେ ପତ୍ର ଲେଖି ବିନା ମୂଲ୍ୟରେ ନିଅନ୍ତୁ ।"

କଲେଜ ସଭ ଅଫିସ, ମାଲଗୋଦାମ ବଜାର, କଟକ ।

Digitized by srujanika@gmail.com

ନଅଟି ଏକାଙ୍କୀ

# ନିୟତି

ଲେଖିକା—ଶ୍ରୀ କୁମାରୀ ଶୈଳବାଳା ।

[ କାହାଣୀ ]

ପଶ୍ଚିମର ଦୂର ଦିଗ୍‌ବଳୟ କୋଳରେ ସୁନ୍ଦର ଦେବତା ଢଳି ପଡ଼ିଥିଲେ । ଦିନ ଶେଷର ମ୍ଳାନ ଆଲୋକ ଟିକି ଟିକିରେ ଲିଭି ଲିଭି ଯାଉଥିଲା । ଧୂସର ଗଗନରେ ସ୍ୱଚ୍ଛନ୍ଦ ବିହଙ୍ଗ ଦୁର୍ବୃତ୍ତ ମାଥର ମଥାମଣି ପରି ଶାକ ଶଙ୍କା କରୁଥିଲା । ଅଜାଣ ଭଳେ କାଉ ଫେରନ୍ତା ପକ୍ଷୀଗୁଡ଼ାକ ଅବୁଝା ଭାଷାରେ କଅଣ କଥାଭାଷା ହୋଇ ଉଡ଼ି ଯାଉଥିଲେ ।

ରାମମୋହନ ସାମନା ପର୍ବତଟାକୁ ଦେଖି ଚମକି ଉଠିଲା । ଏଁ, ସେ କେତେଗୁଡ଼ାଏ ବାଟ ଚାଲି ଆସିଛି—ଏ ଯେ ସହରର ଶେଷ ସୀମା । ରାତି ହୋଇ ଆସୁଛି । ଭାବନାରେ ଆଜି ସେ ଏତେ ଅନ୍ୟମନସ୍କ ଥିଲା ଯେ,—ଟିକିଏ ସାନ୍ଧ୍ୟ ଭ୍ରମଣକୁ ଆସି, କେତେଗୁଡ଼ାଏ ବାଟ ଯେ ଚାଲି ଆସିଲାଣି,—ସେଥିକି ତା'ର ଖିଆଲ ନାହିଁ ।

ଘରକୁ ଫେରିବା ବାଟ କମ ହେବନି । ଏ ସ୍ଥାନଟି ଭଲ । ଏକୁଟିଆ ଯିବାକୁ ଭୟ ହେଲା । ଏଠି କଅଣ ଚାହା ଘର ଦୁଆର ଅଛି ଯେ,—ରାତିକ ବିତେଇବ । ଦ୍ରୁତ ଚରଣରେ ସେ ଫେରିଲା,—ଏହି ସମୟରେ ପାହାଡ଼ ପଛରୁ ଶବ୍ଦଟିଏ ପାଇ ଟିକିଏ ଅଶ୍ୱସ୍ତ ହେଲା ।

—କଠିନ କର ସ୍ପର୍ଶରେ ସେ ଚମକି ପଡ଼ିଲା । କିନ୍ତୁ ତାକୁ ଦେଖିବାକୁ ଅବସର ନ ଦେଇ କିଏ ଜଣେ ତାର ଆଖି କନାରେ ବାନ୍ଧି ଦେଲା । ଆଉ କିଏ ତାର ଗୋଡ଼ ହାତ ବାନ୍ଧିବାକୁ ଲାଗିଲା । ଭୟରେ ରାମମୋହନ ଚିତ୍କାର କରି ଉଠିଲା । ଜଣେ ତାର ପିଠିରେ ଧକ୍କା ଦେଇ କହିଲା—“ଚୁପ୍ କର—ପାଟି କରିବୁ ତ ଏଇଠି ଟିକି ଟିକି କରି ହାଣି ପକାଇବୁଁ ଜାଣିଥା—।”

ଏହି ଲୋକଗୁଡ଼ାକ କେଉଁଠୁ ଆସିଲେ । ଏମାନେ ଲୋକ ହୋଇ ଏମାନେ ମଣିଷ ହୋଇ ନ ଥିବେ । ତାଙ୍କର କଟମଟ ଚପୁ—ନିର୍ମମ ବ୍ୟବହାରରୁ ପୂର୍ବ କାଳର ରାକ୍ଷସ ବୋଲି ପ୍ରତ୍ୟୟ ହେଉଥିଲା । ରାମମୋହନକୁ କାନ୍ଧରେ ବୋହି ସେହି ରାକ୍ଷସ ଗୁଡ଼ାକ ତାକୁ ରାସ୍ତାରେ ଟାଣିଆଣି ନେଇଗଲେ ।

“ଉଃ, କି ଯନ୍ତ୍ରଣା । ତାର ପାଟି ଫିଟୁ ନ ଥିଲା । କିନ୍ତୁ ତାର ହୃଦୟ ବ୍ୟଥାରେ ଶିହରି ଉଠୁଥିଲା । ପ୍ରାଣ ଭୟରେ ତାର ଅନ୍ତରାତ୍ମା ଛଟପଟ କରୁଥିଲା । ସେ କହିପାରୁ ନ ଥିଲା—ମୃତ୍ୟୁ ଯନ୍ତ୍ରଣା ଏହା ଠାରୁ ବେଶୀ କି କଷ୍ଟକର ହୋଇପାରେ !

ସେମାନେ ତାକୁ ସେଠାରେ ଟାଣି ଟାଣି ନେଲେ । ରାମମୋହନର ମନେ ହେଉଥାଏ—ସତେକି ଯମ ଦୂତମାନେ ତାକୁ ଟାଣି ଟାଣି ନେଉଛନ୍ତି—ତପ୍ତ ବୈତରଣୀରେ ନିକ୍ଷେପ କରିବେ ।

ପର୍ବତର ନିବିଡ଼ ଅରଣ୍ୟ ଭିତରେ ଗୋଟାଏ ଗୁପ୍ତଗୁହା । ସେଇଠି ସେମାନେ ରାମମୋହନକୁ ବନ୍ଦୀ କଲେ । ସେଇଠି ତାକୁ ବନ୍ଧନମୁକ୍ତ କରାଗଲା । ତାର ଚକ୍ଷୁ ଖୋଲିଦିଆଗଲା । ତାର ସର୍ବାଙ୍ଗ କ୍ଷତ ବିକ୍ଷତ, ରକ୍ତାକ୍ତ ବ୍ୟଥା ହେଉଥାଏ ।

ସେଠାରେ ସେମାନେ ପରସ୍ପର କଥା ଭାଷା ହେଉଥିଲେ । ଜଣେ କହୁଥିଲା—“ହେ ଭଲ, ଦେଖିଲୁନା, ସେ କମ୍ପୁଥାଏ ଏ ନୂଆ ।”

“କିନ୍ତୁ ଯେ ଭଲ ସେ ଯେତେବେଳେ ଆମର ଏ ସ୍ଥାନର ସନ୍ଧାନ ପାଇଲଣି—।”

ତା'ପରେ ସମସ୍ତେ ମିଶି ରହି କଅଣ କିମିତି ଚେଷ୍ଟା କରିବାକୁ ଲାଗିଲେ ।

ଅକାଶରେ ଜହ୍ନ ହସୁଥିଲା—କେତେ ଛୋଟ ଗୁମ୍ଫା ଭିତରକୁ ଉଙ୍କି ମାରି କଅଣ ସତେକି ଖୋଜୁଥିଲା । ସମୀରଣର ଶୀତଳ ସ୍ପର୍ଶରେ ରାମମୋହନର ପ୍ରାଣ ଚଞ୍ଚଳ ହୋଇ ଉଠିଲା । ସେ ଦୀର୍ଘ ନିଶ୍ୱାସ ଛାଡ଼ି କହିଲା—“ଭଗବାନ, କି ଅପରାଧ ପାଇଁ ଏତେ ଦଣ୍ଡ ।”

ସେଇ ନିସ୍ତବ୍ଧତା । ସେମାନଙ୍କର ଅନ୍ତରରେ ଶୋଇ ପଡ଼ି ନାହିଁ । ସେମାନେ କେବେ କୁଆଡ଼େ ଗଲେ ? ଗୁମ୍ଫା ଦୁଆର ଉହାଡ଼ରେ ରାମମୋହନ ଲୁଚି ଲୁଚି ଯାଇ ଦେଖିଲା,—ଜଣେ ଲୋକ ଗୁମ୍ଫା ଦ୍ୱାରରେ ବସିଛି । ହାତରେ ତାର ବନ୍ଧୁକଟା ।

ଦୁଆରେ ଉପରେ ସେତେବେଳକୁ ରାମମୋହନ ଅସ୍ଥିର ହୋଇ ପଡ଼ିଲାଣି ! ଏଣେ ପ୍ରାଣର ଆଶଙ୍କା । ଖଡ଼ଖଡ଼ ଶବ୍ଦ । ସେ ଦେଖିଲା, ସେହି ଲୋକଟି ଛଡ଼ା ଆଉ କେହି ନାହିଁ । ଅଦ୍ଭୁତ କଣ୍ଠରେ ଡାକିଲା—“କେ, ଭଲ ।”

ଚୁପ୍ କର,—କେହି ଦେଖି ଧର କରିବ ତ ଜାଣିଥା—ସାବଧାନ୍ ।

ବର୍ଷାର ଝୁମ୍ଝୁମ୍ ସରଳ ସଙ୍ଗୀତ ସାଥେ, ବଜ୍ର ଗର୍ଜି ଉଠିଲା ପରି ସେହି ପାଷଣ୍ଡଟା ଗର୍ଜି ଉଠିଲା ।

ରାମମୋହନ ସେହି ରକମ ପଡ଼ି ରହିଲା । ଗୁମ୍ଫା ଭିତରୁ ଯିବାକୁ ବାଟ ନାହିଁ । ତାର ମନ ପାଗଳ ହୋଇ ଉଠିଲା । ଝିଅର କଥା ପରି ମନେ ପଡ଼ିଲା । ଘରେ ତାର ସ୍ତ୍ରୀ ମନ କଅଣ କରୁଥିବ ? ଏତେ ରାତିଯାଏ ସ୍ୱାମୀଙ୍କୁ ନ ଫେରିବାର ଦେଖି ସରଳ ମନଟି ତାର ନାନା ଆଶଙ୍କାରେ ଆକୁଳ ହୋଇ ଉଠୁଥିବ । କିନ୍ତୁ ଉପାୟ । ଉପାୟ କଅଣ ? ସେ ଯେ ଦସ୍ୟୁ ହାତରେ ବନ୍ଦୀ—। ତାର ଆଖି ଅଶ୍ରୁରେ ଭରି ଉଠିଲା । ସେ ଦୂର ଆକାଶକୁ ଚାହିଁ ଆଖି ପୋଛିଲା । ତାର ପ୍ରାଣ କାନ୍ଦି ଉଠିଲା—ଭଗବାନ, ଭଗବାନ, ତୁମେ ଅପାର କରୁଣା ତଳେ ଦୁର୍ଦ୍ଦଶାଗ୍ରସ୍ତ ଏତେ ଅଧ୍ୟାଗ୍ୟର ଦେଖି କିପରି ସ୍ଥିର ହୋଇ ରହିଛ ! ରକ୍ଷା କର ।”

ଏ ରାତି ଗଲା—ଆଉ ରାତି ଆସିଲା । ଏମିତି ଦିନଗୁଡ଼ିଏ ହୋଇ ବିତିବାକୁ ଲାଗିଲା । ରାମମୋହନ ତାର ମୁକ୍ତିର କୌଣସି ବାଟ ଦେଖି ପାରିଲା ନାହିଁ । ତା'ପରେ ସେହି ନିର୍ଯ୍ୟାତନ—ସେ ଦିନେ ହେଲେ ଭୁଲ ହେଲାନାହିଁ । ସେମାନେ ଆପଣା ଆପଣା ଭିତରେ କଅଣ ଫୁସ୍‌ଫାସ୍ ହୁଅନ୍ତି । ତାପରେ ସେମାନେ କୁଆଡ଼େ ଯାଆନ୍ତି—କଉଦିନ ଭାତ ମୁଠାଏ ତା ଆଗରେ ପକାଇ ଦେଇ—କେଉଁଦିନ ନାହିଁ । ଜଣେ

Digitized by srujanika@gmail.com

ମୁକ୍ତା ହାରେ ଶୃଙ୍ଖଳିତ ହାତରେ ଝଣି ଆଏ।

ତା ସାଙ୍ଗେ ଆଳାପ କରିବାକୁ ରାମମୋହନ କେତେ ଚେଷ୍ଟା କଲେ। କିନ୍ତୁ ସେ ପାଷାଣର ପାଷାଣ ମୂର୍ତ୍ତିରେ ଅଶ୍ରୁପାତ କରୁଣ ମିନତି ଖଟିଲା ନାହିଁ।

ଆକାଶରେ ତାରା ଝକମକ—ଧରଣୀରେ ଜ୍ୟୋତ୍ସ୍ନାପ୍ଲାବନ। ଅଭାଗା ରାମମୋହନର ସରସ ହୃଦୟ ଏତେ ଭାଙ୍ଗି ପଡ଼ିଲା। ତାର ଶରୀର କ୍ଷୀଣରୁ କ୍ଷୀଣତର ହୋଇଗଲା। ମନ୍ଦିର ପାଖରେ ସିନା ମନ୍ଦିର ଅଛି, କିନ୍ତୁ ତାପସର ଏ ନିର୍ଦ୍ଦୟତା ଏ କଳ୍ପନା ଭିତରେ ରାମମୋହନର ପରମାୟୁ କେତେ ଦିନ!

+ × +

ମନ୍, ଶୁଣ ତୁ ମୋର ଭଉଣୀ, ପୂର୍ଣ୍ଣ ସତ୍ୟ କହୁଛି—କେବଳ ତୋ ପାଖରେ ଏହି ପ୍ରଥମ ଓ ଶେଷ ଥର ପାଇଁ ଏ କଥା ପ୍ରକାଶ କଲି। ଆଶା କରେ ବିଶ୍ୱାସରେ ନେଇ ଦେବୁନି। ଏ ଖାଣେ ସ୍ଥାନରୁ ନାଶ କଥା ବହିବ ଥାଉ—ଅନ୍ୟ କେହି ନର ମଧ୍ୟ ସନ୍ଦେହ କରିପାରୁ ନ ଥିଲେ। ଯେ ବା ଦୂରରେ ଏ ସୁପ୍ରଭାତ ଦେଖୁଥିଲେ—ତାକୁ ସାଙ୍ଗେ ସାଙ୍ଗେ ମୁକ୍ତ କରି ଦେଉଥିଲେ।

ଲକ୍ଷ୍ମଣନାଥ ନାମକ ଜଣେ ଧନୀକୁ ଅତିମ ଶୋଭା ଥିଲେ। ରାମ ଚେହେରା ସହିତ ତାର ଅନେକ ସାମଞ୍ଜସ୍ୟ ଥିଲା! କିନ୍ତୁ ପରେ ତୁହି ପାଇଲ। ତଥାପି ମୁକ୍ତି ଦବାର କିଛି ବାଟ ଦେଖିଲି ନାହିଁ। ସେ ଅମର ସନ୍ତାନ ବାହାରକୁ ନ କହିବାକୁ 'ପ୍ରତିଜ୍ଞା କଲେ ମଧ୍ୟ 'ସେଥିରେ ସର୍ଦ୍ଦାର ବିଶ୍ୱାସ କଲେନାହିଁ। ଅତିମ ତାକୁ ଗୁଳିରେ ମାରିଲି।

ଏ କଥଣ, ଏ ମନ୍; ଏତେ ଅଧୀର ହୁଅନା। ଶୁଣ, ତୁ ଜନ୍ମସ୍ଥ ତା'ର ମୃତ୍ୟୁ ବିଷୟରେ ସ୍ପଷ୍ଟ ସିଦ୍ଧାନ୍ତରେ ପହଞ୍ଚି ପାରିବୁ। ବାସ୍ତବିକ ତାର ମୃତ୍ୟୁ ହୋଇଛି। ସେତେବେଳେ ମୁଁ ଏହି ପେଟଟାକୁ ସର୍ବାପେକ୍ଷା ବଡ଼ ମନେ କରୁଥିଲି। ଦସ୍ୟୁ ଦଳ ବିପକ୍ଷର ସମସ୍ତେ ସଂସାରର ନିତାନ୍ତ ଘୃଣିତ କାର୍ଯ୍ୟ ମଧ୍ୟ ଅବଲୀଳାରେ କରୁଥିଲେ।

ଅକସ୍ମାତ ମାଝିଙ୍କୁ ଡାକି ଡାକ୍ତର ଆସି କହିଲା। "ଏଇ ରାମ' ଶୁଣ ମନ୍, ଏହାର—ଏହାର ନିଷ୍ଠାରେ କେବଳ ଅମର ସର୍ବନାଶ ହେଲା। ଏ ସୁପ୍ତ ଦାୟିତ୍ୱରୁ ସନ୍ତାନ ପୁରସ ପାଇଲା। ମୋର ସହିତରେ ସମସ୍ତେ ମୃତ୍ୟୁ ଦଣ୍ଡରେ ଦଣ୍ଡିତ ହେଲେ।

ଅଉ କୁ? ମୁଁ ଏ ପଞ୍ଚବର୍ଷ ଧରି ଏଇ ସୁପ୍ତ ବେଶରେ ବାଟେ ଘାଟେ ବୁଲୁଛି। ଏହିପରି ଏ ଜୀବନଟା କଟିବ ମନ୍,—ଜାଣନା, ହୃଦ—।

ସେଦିନ ତାଙ୍କ ମୃତ୍ୟୁ ମଣ୍ଡଳ ଚଟ୍ଟାଣ ଶୋଭାରେ ଧର୍ମ ଦେବତା ବସି ଯାଉଥିଲେ। ଅମାବାସ୍ୟାର ଘନ ଅନ୍ଧକାର ଜମାଟ ବାନ୍ଧି ବାନ୍ଧି ଆସୁଥିଲା।

ମନ୍ ଅଶ୍ରୁରେ ଲିଭି ଯାଉ ଥିଲା। କିନ୍ତୁ ତାର ଅନ୍ତର ଯେ ଅବ୍ୟକ୍ତ ବେଦନାରେ ଭାଙ୍ଗିଯାଉଥିଲା—ତା କିଏ ଜାଣିବ? ସେ କହୁଥିଲା "ଭଗବାନ, ତୁମ ନ୍ୟାୟ ସୃଷ୍ଟିରେ ତୁମ ପବିତ୍ର ଧାମରେ—ତୁମର ଶ୍ରେଷ୍ଠ ସୃଷ୍ଟି ମନୁଷ୍ୟ ଭିତରେ ଏ କି ଦୈନ୍ୟ? ଧନ୍ୟ ତୁମ ନାମ। ଓ ଜନ୍ମ—ନିର୍ମମ ତୁମେ!

———୦———

ନାଟକ ଲେଖକ ଥିଏଟର ଦେଖି ସେ ନାଟକ ବିଷୟରେ ମେଧୁର ଭାବ କ'ଣ କହୁଥିଲେ?

କିଏ, ସେ କହୁଥିଲେ ତାଙ୍କ ପଇସା ଖର୍ଚ୍ଚ ହେଇନି ପାଇଁ ଦୁଃଖ କରୁଛନ୍ତି।

ନାଟକ ଲେଖକ—ଅଜି କିଛି କହୁଥିଲେ

କେ—ଓଃ, ହଁ, ଥିଏଟର ମ୍ୟାନେଜର ଫ୍ରି ପାସ (free pass) ଦେଇ ଦେଉଥିଲେ ସେଥିପାଇଁ ସେ ଧନ୍ୟବାଦ ଜଣାଉଛନ୍ତି।

+ + +

"ତୁ କେବେ ଘର ଭିତରେ ସ୍ଥାନ-ଅଭାବ ଅନୁଭବ କରିଛୁ?"

ଶୁଣି ସେ ବେଳେ କହିଲି।

"ପାଇନି—"

"ଗତ ଦିନେ ମୁଁ ଜଣେ ଭାଷାବିଙ୍କ ସଙ୍ଗରେ ନେଇ ସିନେମା ଦେଖିବାକୁ ଯାଇଥିଲି। ଫେରିଲା ବେଳେ ବାଟରେ ସିଗାରେଟ ଲଗାଇବାକୁ ଦିଆସିଲି କାଠି ମାରି ଦେଖିଲି ଯେ ମୁଁ ଯାହା ହାତ ଧରିଛି ସେ ଜଣେ ବଙ୍ଗାଳି ଭଦ୍ରଲୋକ।"

+ + +

## କୁଟ୍‌କାଟ୍

ରମେଶ—ସୁଶାନ୍ତ! କହିଲୁ, ଆଧୁନିକାମାନେ କାହିଁକି ପାଦରେ ନୂପୁର ଓ ହାତରେ ଚୁଡ଼ି ପିନ୍ଧିବାକୁ ମନା କରନ୍ତି?

ସୁଶାନ୍ତ—ବଡ଼ ଗୁରୁଜନର ଶବ୍ଦ ଶୁଣି ପାରିବ ନାହିଁ।

ଜନପଣ—ଏତିକି ବୁଝିଲୁ ନା। ତୃତୀୟ ଶ୍ରେଣୀର ଅଭିଧାନ 'ଲଣ୍ଡାରେ ଚୋ—ମାରିଛି ଯିବ।

× × ×

ସ୍ତ୍ରୀ—(ବିରକ୍ତ ହୋଇ) ସ୍ତ୍ରୀ ଲୋକ ଭାଗ୍ୟରେ ଯେତେ କିଛି ବିପଦ ଘଟେ ଏଇମିତି କିଛି ନାହିଁ ଯାହା ମୋ ଭାଗ୍ୟରେ ନ ଘଟିଛି।

ସ୍ୱାମୀ—ଭୁଲ, ତମେ ତ ଏପର୍ଯ୍ୟନ୍ତ ବିଧବା ହୋଇ ନାହଁ।

ସ୍ତ୍ରୀ—ମୁଁ କହୁଛି "ବିପଦ—" ତମେ କଣ ବୁଝିଲ!

× × ×

ସେଠୀ—ଡାକ୍ତର ବାବୁ, ମୋର କାହିଁକି ନର୍ଭସନେସ ହୋଇଛି—ସାମାନ୍ୟ ଟିକେ ଶୁଣିଲେ ଚମକି ପଡ଼ୁଛି, ଗୋଡ଼ ହାତ ସମସ୍ତେ ଥରି ଥରି ହୁଏ—ଦରଜା ଖିଲ୍ କରେ।

ଡାକ୍ତର—ମୋର ମଧ୍ୟ ସମୟ ସମୟରେ ହେଉ ଥାଏ। ଆପଣଙ୍କ ସ୍ତ୍ରୀ ବୋଧହୁଏ ମଡର୍ଣ୍ଣ ଗାର୍ଲ।

+ + +

Digitized by srujanika@gmail.com

ସଜନା ଗଛ ମୂଳେ

# ହିଟଲରି ଯୁଗ

ଲେଖକ—ଶ୍ରୀ ଗଦାଧର ପାଢ଼ୀ

( ମଜା କବିତା )

ଏମିତି ବେଳରେ କ୍ରୁଅଡ୍ ଅଏଲ୍ ଭଲ ହିଟଲରୀ ଯୁଗ,
ହାଟ ବଜାରର କଣ୍ଟ୍ରୋଲ ଦରରେ ଲାଗିଛି ମହଙ୍ଗା ରୋଗ ।
ବଜାରେ ନ ମିଳେ ହଳଦ, ମାଲ୍ପା ନଉଛନ୍ତି ଫିଟା ରମ୍.
ପଥା କଣ୍ଡା ଦାଲ ଶୁଣିଲ ବେଳକୁ ଝାଳ ବହେ ଗମଗମ ।
ମେଞ୍ଜି ଗୋଡ଼ି ଟୁଲ ହେବେଳେ ଘରରେ ମୁଣ୍ଡାଙ୍କା ନାଅ ସିଙ୍ଗା
ମୁଣ୍ଡ ଅଇଲରୁ ଗାନ୍ଧିଗୁଣ୍ଡି ଦରେ ବଜାରର ହେଉଛି ଟଙ୍କା ।
ଭାତ ଭାରୋଗନା ହୋଇଲାଣି ଚୂନା ଦାଳ ହୋଇଲାଣି ବସ୍ତ୍ର,
ଅଚ୍ଛା ହିଟଲର ଗାଡ଼ିରୁ ଚାହର ସଞ୍ଜିକି ଦେବ ଭାଣ୍ଡ ।
ମହତେ ଏଡ଼ିକି ବେଦ ଦାଉ ରଖ ପ୍ରଶେ ନ ମଣନ୍ତି ଆଜ୍ଞା,
ଛଟକ ଛଳନା ହେଉଅଛୁ ତ ନା ଯଜନନ ଥାଉଁ ଥାଉଁ ।
ଦନ୍ଦ ପୋଷ୍ଟ ଖତ୍ର ନ ମିଳେ ଲୋକେ ଦୋକାନୀ ଚନ୍ଦାଇ ଦୁଃଖେ
'କ୍ଷଣ୍ଡର ତ ଚାରୁ କ୍ଷମତା ଲଢ଼େଇ ଲାଗିଛି ଘରେ ଯାଉ ?
କ୍ରୁଅଡ୍ ଅଯିତ ବିଦେଶୀ ଦରର ଟୋମା ପାଉଡ଼ି ଯାଏ ପୋଡ଼ି
ହଁ ଦେଇଲାଣି ତ ଦେହ ନ ଶୁଣିବେ ସବୁଠି ଲଢ଼େଇ ଲଢ଼ି ।"
ଅନ୍ଧ ମା ଅମଳ ମୁରଗନ ନାଳ ଟେଙ୍ଗି ଯେ ଥିଲ ପଣ
ଗଙ୍ଗେ ଦେଖିଣ ଦୋକାନ ବାପୁଡ଼ା ଭାଡ଼ିଅଣେ ଧୂଳା ଝଣ ।
ସଜାଇ ରାଜଦେ ଭଲା ମୁଣ୍ଡ କୁ ଚଢ଼ାଇ ବହଇ ହର୍ଷ
ଦର ଲେଖି ଦେଲେ ଲାଗି ଦାମ ପରେ ଦଏ ଅତଗୁଣ ବସି ।
ଚଢ଼ା ଦାମ ଶୁଣି ଗରିବ ଭଳରୁ ଅଶ୍ରୁ ଲୁଅ ଭୁଅଇ ଅଶ୍ରୁ
କ ଟେଟା ବୋଲି ହୁଲୁ ହୁଲୁ ତାର ଶୁଣି ଯାଉଛ ଭଣ୍ଡି ।

ସଉ ଦେବା ପାଇଁ ନ ମିଳେ ବଜାରେ ଫେନ୍‌ସି କଣ୍ଟ୍ରୋଲ ଲାଗୁ
ନାକ୍ସ ମହଲରେ ଗୋଟା ମାଡ଼ ଭଲ ଗହଳ ପଡ଼ୁଛି ଜାଣୁ ।
ବେଲ ବାଲ ଦେଖି ଉରଲ ଅଲବା ବଜାରୁ ହେଲାଣି ବାଦା
ହିନ୍ଦୁ ଟିପଇ ଦର ଦାମ ପୁଚ୍ଛି ଗରିବ ଫେରୁଛି ସିଧା ।
ଅଇନା ବେଙ୍କରେ ଅପାଲ ହେଲ ସାବୁନ ବଜାରେ ନାହିଁ—
ଲାଗିଲେ ଭଲ ଦର ଚଢ଼ିଗଲା—, ଏମିତି ହୋଇଲା କାହିଁ ?!
ଏଭଳି ବେଳରେ ମାଇକିନା ସବୁ ଫେଭିଦ ବଜାର ପାଉ
ଦେଖଇ ଅପ୍ପୁଲ, ବ୍ରେକ ପାଉଡ଼ାର, ହେଜଲିନ୍ ସ୍ନୋ ପାଇଁ ।
ଯାହାକୁ ତହିଁରୁ ଜଇତ ଦୋକାନେ ଅଜନ୍ତା ଦୁଇଟା ଗୋଟେ,
ସେ ସବୁ କଣ୍ଟ୍ରୋଲ କଣି ବା ବେଳକୁ ପଇସା ନ ଅଣ୍ଟେ ମୋଟେ ।
ପରଜା ପଡ଼ୁଅ ଲୋଣ କାଟିବାକୁ ବଜାରେ ହଜିଲା କ୍ଷୁର
ଟେଲ ବାଲ ଜଣ୍ଡି ବଢ଼ିଗଲା ସବୁ ଭଣ୍ଡାରମାନଙ୍କ ଦର ।
ସେଭିଂ ଷ୍ଟିକ୍ ବ୍ଲେଡ୍ ମିଳାର ଦୋକାନେ ନାହିଁ ସଉ
ଦାଢ଼ି ଘଞ୍ଚ ବାରୁ ଗରିବ ହୋଇଲେ ବଜାରେ ବୁଲନ୍ତି ଘରୁ ।
ସୋଡ଼ା ନ ମିଳିଲା, ବ ବାବରେ ଚୋଗା, ଲୁଗା ହୋଇଗଲା ମଳା,
ସନ୍‌ଲାଇଟ୍ ଅଜ ବଜାରରେ ନାହିଁ ଭାଡ଼ାଠ କହରୁ ଅଳା ?
ଗୁଅ ଖଇରରେ ଚଢ଼ିଲ ପଇଲା, ପାନଖିଆଙ୍କର ଦଶା,
ରାତିରେ ଅଖିରେ ନିଦ ନ ଆସିଲା, ଧଇଣ୍ଡ ହୁଅନ୍ତି ମଶା ।
ଏଭଳି ବେଳରେ ପଇସାବାଲାଏ ହୋଇଗଲେଣି ତାଗ
କାହିଁ ଲାଗା ଭଲ କ୍ରୁଅଡ୍ ଅଏଲ ଏଇ ହିଟଲରୀ ଯୁଗ ।



Digitized by srujanika@gmail.com

ମୂକଂ କରୋତି ବାଚାଳଂ

# ବହିପତ୍ର

## ଜନ୍ମଭୂମି—୫ମ ସଂଖ୍ୟା

ଏ ସଂଖ୍ୟାରେ ଛଅଗୋଟି ସୁପାଠ୍ୟ ପ୍ରବନ୍ଧ ରହିଛି । ବିଚ୍ଛିନ୍ନ ଅଂଶମାନଙ୍କର ମିଶ୍ରଣ ଓ ସମଗ୍ର ଭାବରେ ଜାତୀୟ ଉନ୍ନତି ସାଧନ ଜନ୍ମଭୂମିର ଲକ୍ଷ୍ୟ । ସେ ଲକ୍ଷ୍ୟ ଆଡ଼କୁ ଜନ୍ମଭୂମି ଯେ ଅଗ୍ରସର ହେଉଛି ଏଥିରେ ସନ୍ଦେହ ନାହିଁ । ଜନ୍ମଭୂମିର ବହୁଳ ପ୍ରଚାର ଆମ୍ଭେମାନେ କାମନା କରୁ ।

## ସରଳ ଭାଷାତତ୍ତ୍ୱ

ଅଧ୍ୟାପକ ଗିରିଜା ଶଙ୍କର ରାୟ । ଡିମାଇ ଯେ ୮ ଜା ମୃ ୧୦୫ ପୃ । ଉତ୍କଳ ସାହିତ୍ୟ ପ୍ରେସରେ ମୁଦ୍ରିତ । ମୂଲ୍ୟ ଏକଟଙ୍କା ।

ଗିରିଜାବାବୁ ଓଡ଼ିଆରେ ଭାଷାତତ୍ତ୍ୱ ଲେଖି ଓଡ଼ିଆ ସାହିତ୍ୟର ଯେଉଁ ଲାଭ କରାଇଲେ ତାର ମୂଲ୍ୟ ଅସୀମ । ଭାଷାତତ୍ତ୍ୱ ଗୋଟାଏ ଗଭୀର ଓ ଜଟିଳ ବିଷୟ । ଆଲୋଚ୍ୟ ପୁସ୍ତକଟି 'ଅବତରଣିକା' ହେଲେହେଁ ଏଥିରେ ଯେଉଁ ଗଭୀର ଗବେଷଣା ଓ ସୂକ୍ଷ୍ମ ବିଚାରର ପ୍ରମାଣ ରହିଛି ତାହା କେବଳ ଗିରିଜାବାବୁଙ୍କ ପରି ଜ୍ଞାନୀ ଓ ତୀକ୍ଷ୍ଣବୁଦ୍ଧି ସମ୍ପନ୍ନ ବ୍ୟକ୍ତି ପକ୍ଷରେ ସମ୍ଭବ । ସେ ଏହାଦ୍ୱାରା ତାଙ୍କର ପ୍ରତିଭାର ଗୌରବ ଅକ୍ଷୁଣ୍ଣ ରଖିଛନ୍ତି । ଓଡ଼ିଆ ଶବ୍ଦମାନଙ୍କର ଉତ୍ପତ୍ତି, ପ୍ରସାର ଓ ବୈଶିଷ୍ଟ୍ୟ ବିଷୟରେ ସେ ଅତି କୁଶଳତାର ସହିତ ବିଚାର ଓ ବିଶ୍ଳେଷଣ କରିଅଛନ୍ତି । ପୁସ୍ତକର ଭାଷା ସ୍ୱଚ୍ଛ, ସରଳ ଓ ସୁବୋଧ୍ୟ । ପ୍ରତ୍ୟେକ ଶିକ୍ଷିତ ଓଡ଼ିଆଭାଷୀ ତଥା ଶିକ୍ଷକ ଶିକ୍ଷାର୍ଥୀଃ ସାହିତ୍ୟିକଙ୍କ ହାତରେ ଏଥିରୁ ଗୋଟିଏ ରହିବା ଉଚିତ । ଏପରି ଉପାଦେୟ ପୁସ୍ତକ ଅଧିକ ଉନ୍ନତ ଧରଣରେ ଛପା ହୋଇଥିଲେ ଭଲ ହୋଇଥାନ୍ତା ।

ଗିରିଜାବାବୁ ଓଡ଼ିଆ ଭାଷା ବିଷୟ ବିଶଦ ଭାବରେ ଲେଖିଅଛନ୍ତି । ତାର ନମୁନା ଆମ୍ଭେମାନେ ପତ୍ର ପତ୍ରିକାମାନଙ୍କରୁ ପାଇ ସେ ଉତ୍ତରର ଅଗ୍ର ପ୍ରକାଶ କାମନାରେ ଆଗ୍ରହୀ ହୋଇ ରହିଛୁଁ ।

## ଭଞ୍ଜପ୍ରଦୀପ-୧୨ଶ ବର୍ଷ ୧ମ ସଂଖ୍ୟା

ତହବିଲ ଆପଣଙ୍କର 'ଦୂଳିଅ ଗୀତ' ବେଶ ସରସ ହୋଇ ଯାଇଛି ।

ଶ୍ରୀ ଚନ୍ଦ୍ର ନିହାଲ ସିଂହଙ୍କ ଚାଷବହୁଳ ପ୍ରବନ୍ଧ ଉତ୍କଳର ପାରମ୍ପରିକ ସଂସ୍କୃତି । ଗବେଷଣାମାନଙ୍କୁ ଯାହା ଅନୁମିତ ହୁଏ, ସେପରି କିଛି ନାହିଁ । କେବଳ ଉତ୍କଳର ଭେଦଭାବ ସ୍ଥାପତ୍ୟ ଶିଳ୍ପର ଉଲ୍ଲେଖ ସଙ୍ଗେ ତାହା ରକ୍ଷା କରିବାର ଉପଦେଶ ।

ଶଶିବାବୁଙ୍କର "ପାଶ୍ଚାତ୍ୟ ଜଗତର ସାମୟିକ ପତ୍ର" ଲେଖାରେ ଆମର ଜାଣିବାର କଥା ବହୁତ ଅଛି । କିନ୍ତୁ ଖାଲି ଜାଣିବାନ୍ତି ସାର; କରିବାର ସାମର୍ଥ୍ୟ କାହିଁ ଏ ଦେଶରେ ?

"ପ୍ରତିଭାସ୍ତବ"—ଶ୍ରୀ ମନୋହରର ନାଟ୍ୟକ ଧରିଗଲ୍ପ . ଗୋବିନ୍ଦଙ୍କର ପ୍ରଶସ୍ତି, "ଓଡ଼ିଆ ନାଟକରେ ନାଟକୀୟ ଛଟା", ପ୍ରବନ୍ଧ, ଅଧ୍ୟାପକ ଗିରିଜାଶଙ୍କର ରାୟ ।

ବୈଦେହୀଶ ବିଳାସ ଓଡ଼ିଆ ନାଟକର ସାମାନ୍ୟ ସମାଲୋଚନା । ନାଟ୍ୟକଳା ବିଷୟରେ ପ୍ରତ୍ୟକ୍ଷ ପ୍ରବେଶ ନ ଥିଲେ ଲେଖିବା ସମାଲୋଚନାର ନୁହେଁ ।

ଗୀତା ଓ ଯଜ୍ଞ—ଶ୍ରୀ କାଳିଅ ପାଣିଗ୍ରାହୀଙ୍କ ଆଧ୍ୟାତ୍ମିକ ପ୍ରବନ୍ଧ ।

## Mayurbhanj Chronicle
## October, 1942.

ଏହି ଇଂରାଜୀ ପତ୍ରିକାର ଉଲ୍ଲିଖିତ ସଂଖ୍ୟାରେ, ଅନେକଗୁଡ଼ିଏ ସଚିତ୍ର ଓ ସୁଖପାଠ୍ୟ ପ୍ରବନ୍ଧ ଓ ଗଳ୍ପ ଅଛି । ତିନି ଖଣ୍ଡରେ ପତ୍ରିକାଟି ପୂର୍ଣ୍ଣ । ଏହାର ପତ୍ରଗୁଡ଼ିକ ଭଲ ଏଣ୍ଟିକ୍‌ କାଗଜ, ମୁଦ୍ରାକଳା ମଧ୍ୟ ଉପଯୋଗୀ ସୁନ୍ଦର ଓ ଉନ୍ନତ ।

—o

**WANTED**

Sole agents to sell 'Dagaro' for Cuttack and Puri towns. For terms apply to—

Manager, "Dagaro"
P. O. Bhadrak.

Digitized by srujanika@gmail.com

ହରିକି ଗୋବିନ୍ଦ ବନମାଳି

# —ନାଗବଚ୍ଛା—

( ୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ )

**ଉଦ୍ଦେଶ୍ୟ—**

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ତନମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା।

୨। ପତ୍ରର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

## ସୁଖ ଦୁଃଖ

ଦିନ ଅନ୍ତେ ଆସେ ରଜନୀ
—କହିଁ ହେ ପାରି ଦୁହିଁ,
ଆଲୋକ ଓ ଛାୟା ପରିବ
ଚିର ଦୁଃଖ ଓ ସୁଖ।
ଦୁଃଖ ପାଇଁ ସିନା ଜଗତର
ସୁଖ ବେଶୀ ଉଜ୍ଜ୍ୱଳ,
ଅନ୍ଧାରୀ ଜହ୍ନର ଜୋଛନା
କେତେ ଯା’ ଲାଗେ ମଞ୍ଜୁଳ।
ଯେଉଁ ହୃଦର ବଧାନେ
ଦିଅଁ ନଥର ନର,
ଚେତନ ରଜା ଈଶ୍ୱର
ଧରୁ ତାଙ୍କ ହୃଦର।
ସେ ଶୁଭ୍ର ପଦରେ ଏ ନର
ତର ନିବେଦ ଚିତ୍ତ,
ସୁଖେ ଦୁଃଖେ ଯଦ ରଖନ୍ତା
ନାହି ଭେଦ ହୃଦ୍‌ଗତ।
ଦୁଃଖ ତ ହୁଅନ୍ତା ସୁଖରୁ
କେଳ ମଧୁରତର,
ଜଗତର ରଜା ଈଶ୍ୱର
ସତ୍ୟ ତାଙ୍କ ହୃଦର।

କୁମାରୀ ଶୈଳବାଳା—
୧୭ ନମ୍ବର ନାଗବଚ୍ଛା।

—✿✿—

## ଜାଗରଣ।

ଅନ୍ତରେ ଅସୁ ଝଞ୍ଜା ବାଅ
ଗାଉଣ ତାର ଉର୍ଦ୍ଧ୍ୱ ଗୀତ,
ହୃଦୟ ଅଗ୍ନି ଜଳାଇ ଦେଇ
ଶୂନ୍ୟେ ଯାଉ ଜଗତ କତ।
ଜଠରେ ଉଠ ହିନ୍ଦୁ ହୃଦୀ
ଖାଲି ପାଇବ ଅଗ୍ନି ପ୍ରାଣ,
ଦେଶ କ୍ଲେଶ ନିଭାଇ ଦେବା
ବୁଦ୍ଧିର ଅସି ଖଣର ଝନ।
ସହିବା ସବୁ ବେଦନା ଦାଉ
ଦେଶର ପାଇଁ ପରାଣ ଛାଡ଼ି,
କମ୍ପିଦେଲା ଗାଉଛି ଆଜ
ଆମେ ତ ବୀର ଓଡ଼ିଆ ଜାତି।
ଅମର ଭାଇ ଦିନେ ତ ଥିଲେ
ଓଡ଼ିଆ ପଣେ ଜଗତ ଜିତ,
ଦୁଃଖୀ ଦେଶ ଭେଟିଲ ଗାଏ
ଅତୀତ ତାଙ୍କ ମହିମା ଗୀତ।
ଜାଗରେ ଜାଗ ଓଡ଼ିଆ ସୁତ
ଅଛନ୍ତି ଅଣ୍ଡ ଯାଗର କଣି,
ଦେଖାଇ ଦିଅ ହିନ୍ଦୁ ବଳ
ଏକଲୁ ଏକ ସର୍ବ ଶ୍ରେଷ୍ଠମଣି।
ଚମକୁ ଧରା ଓଡ଼ିଆ ଦର୍ପେ
କହୁ ଦିନରେ ଅଳରେ ଥରେ,
ଶିହରି କେତେ ହେଉରେ ତାରା
ଉଡ଼ୀ ବାଣୀ ନେଇ ପରେ।

ଶ୍ରୀ ଗୋପୀନାଥ ବେହେରା।
୬୨୭ ନମ୍ବର ନାଗବଚ୍ଛା

—✿✿—

## ହେବାକୁ ହେବ।

ସତ୍ୟ ଅଲୋ ଜଳାଅ ହୃଦେ
ମିଥ୍ୟା କର କ୍ଷୟ।
କର୍ତ୍ତବ୍ୟ ପଥେ ଆଗେଇ ଚାଲ
(ତାଡ଼ି) ଝଞ୍ଜା କର ଜୟ।
ନୂଆ କରେ ଗଢ଼ ତମେ
ଜାତିର ଇତିହାସ।
ଛିଡ଼ାଇ ଦିଅ ବୀର ପଣ
ଅଧୀନତାର ପାଶ
ଦୁଃଖ ଦୈନ୍ୟ ଆସିଲେ ଆଜି
ପଡ଼ାଇ ଦିଅ ଦୂର।
ହେ ମୋର ବୀର କିଶୋର ଭାଇ
ତମେ ଯେ ନାଗ ହୁଅ!

ଶ୍ରୀ ରାମଚନ୍ଦ୍ର ସେନାପତି।
ନଂ ୨୬ ନାଗ

—✿—

## ପାପ—ପୁଣ୍ୟ

କେତେ ଦେଖିଛ ସଂସାରେ କେତେ
ପାପ-ପୁଣ୍ୟ କଥା ଜାଣେନି କିଛି,
ଫିଟ ନୟନ ଖୋଲିଅଛି ମୋର
ଆଜି ଦେଖିବା ତୁମର ସୃଷ୍ଟି।
ହସାଇ, କନ୍ଦାଇ, ଖେଳାଇ, ନଚାଇ,
ଶିଖାଇଲ ସବୁ ଜଗତ ପିତା,
ସଂସାରବନ୍ଧରେ ବୁଡ଼ି ରହି ଦିନେ
କେବେ ପାଇନି ଭୂତର ଚିନ୍ତା।
ଦୁଃଖବେଳେ ଡାକେଁ "ହରି ହରି" କହି
ସୁଖବେଳେ ସବୁ ଭୁଲିଣ ଯାଏଁ,
ଶ୍ରୀଚରଣେ ତବ ଲାଗି ମୋର ଧ୍ୟାନ
ସବୁ ଭରେ ଦିନେ ନାମ ନ ଗାଏଁ।
ପଠାଇଥିଲ ଏ ଧରାଧାମେ ମୋତେ-
ଯେଉଁ ଉଦ୍ଦେଶ୍ୟରେ ଭୁଲିଲି ତାହା,
ମୋହ, ମାୟା, ହିଂସା କପଟତା ପଥେ
ମେଲି ଦେଲି ମୋର ଜୀବନ ନାଆ।
ବଡ଼ ଅଜ୍ଞାନ ମୁଁ ଏ ମାୟା ଫାନ୍ଦରେ
ଧନ, ଦାରା, ସୁତ, ବୁଝେଁ ତାହାର,
ଅସିଛି ଯେପରି ଯିବ ସେହିପରି
ତଥାପି ଛାଡ଼ୁନି ମମତା ଛଡ଼ା।



Digitized by srujanika@gmail.com

ଯାହାକୁ କହୁଛ ମୋହର ମୋହର
    ଗଲାବେଳେ ସଙ୍ଗେ ଯିବନି କେହୁ,
ପାପ-ପୁଣ୍ୟ ଯାହା କରିଛ ଅର୍ଜନ
    ସେତିକି ହିଁ ଯିବ ସଙ୍ଗରେ ନେଇ ।

ଶ୍ରୀ ଦିବାକର ଦାସ
( ନ ୩୬୮ ନାଗ )

—✻—

## 'କୋଣାର୍କ'

[ ୧ ]

ଉତ୍କଳ ଗୌରବ କୋଣାର୍କ ଦେଉଳ,
ଥିଲା ଦିନେ ଯାହା ପ୍ରସିଦ୍ଧ ଜଗତେ;
ନାହିଁ ସେ ଗୌରବ ନାହିଁ ତାର ଚୂଳ,
କାଳଗର୍ଭେ ଲୀନ ତାହା ଏ ମରତେ ।

[ ୨ ]

ମାନବ ସୃଷ୍ଟିର କି ଘୋର ପ୍ରଳୟ,
ଯୁଗଯୁଗ ସ୍ମୃତି ଜଡ଼ିତ ଭୁବନ;
ପଡ଼ିଛି ଶୂନ୍ୟ ଏକା ଭଗ୍ନ ଦେବାଳୟ,
ବିଷାଦ-ସାଗରେ ପରାଣ ମଗନ ।

[ ୩ ]

ଗଙ୍ଗ ବଂଶର ସେ ବିପୁଳ ଗୌରବ,
ବିଳାସ କଳାର ଶିଳ୍ପ ଚାତୁରୀର;
ମ୍ଳାନ ମ୍ରିୟମାଣ ସେ ତେଜ ବୈଭବ,
ଥିଲା ଦିନେ ଯାହା ପରମ ସୁନ୍ଦର ।

[ ୪ ]

କୀର୍ତ୍ତିପଟଙ୍କ ଶୈବାଳାଚ୍ଛନ୍ନ,
ଯାତ୍ରୀପଦ କେବେ ନ ପଡ଼େ ସେଠାରେ;
ପ୍ରସ୍ତର ମୂର୍ତ୍ତିର ସୁଷମା ଶ୍ମଶାନ,
ସ୍ଥାୟୀ ନୁହେଁ କିଛି ଏ ମର ସଂସାରେ ।

[ ୫ ]

ନାହାନ୍ତି ନିର୍ମାତା ସେ ବୀର ପୁଙ୍ଗବ,
ସ୍ଥୂଳ କଳେବର ନୁହେଁ ତ ଅମର ।
ରହୁ ନାହିଁ ତେଣୁ ବାସ୍ତବ ବୈଭବ,
କିନ୍ତୁ ଯଶୋଦେହେ ସେ ରହିଲା ଅମର ।

[ ୬ ]

ଅନେକ ନୃପତି ରତ୍ନ-ସିଂହାସନେ,
ମସ୍ତ ଶତଶତ ସୁ-ଅଡ଼ମ୍ବରେ;
ହୁଅନ୍ତି ସଜ୍ଜିତ ଅମର ଭୂଷଣ,
କିନ୍ତୁ ଯଶୋ ଦେହ ନୁହନ୍ତି ସଂସାରେ ।

[ ୭ ]

ସୁକୀର୍ତ୍ତି ସାଧନ କରିଗଲେ ଯେତେ,
ଯାର ଭଗ୍ନପୁଞ୍ଜ ସୁକୀର୍ତ୍ତି ରହିଛନ୍ତି;
କାଳ ଗର୍ଭେ ତାଙ୍କ ନାମଟି ଅମର,
ଅମ୍ଳାନ ହେବ ନଶ୍ୱର ସଂସାରେ ।

କୁମାର ଶ୍ରୀ ଅନନ୍ତନାରାୟଣ ।

✻

## କୌତୁକ ପ୍ରଶ୍ନ

ବ୍ରଜଗୋପାଳ ଅଗ୍ରୱାଲ ବାରିପଦା, ହାଇ-ସ୍କୁଲ ଉପରୋକ୍ତ ପ୍ରଶ୍ନଟି ତାଙ୍କ ନାଗଭାଇ ଓ ଭଉଣୀଙ୍କୁ ପଚାରିଛନ୍ତି ।

ଚାରୋଟି ଅକ୍ଷରେ ମୋହର ନାମ,
ସିନେମା ଏକ୍ଟିଂ ମୋହର କାମ ।
ପ୍ରଥମ ଅକ୍ଷର କାଟିଲେ ଲୋପ,
ଦେଖିଣ ପାଇବ ପକ୍ଷୀର ରୂପ ।
ସବୁଠାରୁ ବେଗ ଏହାର ଗତି,
ହିମ ଗିରି ଶୃଙ୍ଗେ ତାର ବସତି ।
ପ୍ରଥମ ଦୁଇକୁ ଲୋପ କରିଲେ,
ପ୍ରାଚୀନ ମନ୍ତ୍ର ବୁଝାଏ ଭଲେ ।
୧ମ ୩ୟ ଛାଡ଼ିଲେ ଯେତେ,
ପଖାଳ ସାଙ୍ଗକୁ ସେ ରବବେଗ ।
କହି ପାରିବ କି, କି ନାମ ମୋର ?
ବେ କହିବ କହି ଦିଅ ସତ୍ୱର ।

—✻—

## ଅଜାଙ୍କ ଜବାବ

ଶ୍ରୀମାନ ଭାସ୍କରଚନ୍ଦ୍ର,—(୩୮୧ ନ ନାଗ)

ଶୁଣି ଖୁସି ହେଲି ଯେ 'ସତ୍ୟ ସେବା ଓ ସାହସ' ସାଧନ କରୁଛ । ତମ ବୟସ ଏତେ କମ ଯେ ତମେ କୌଣସି ଆନ୍ଦୋଳନରେ ଯୋଗ ଦେବା ଉଚିତ ନୁହେଁ । ତମେ ତମ ନାଗ ଭାଇ ଓ ଭଉଣୀଙ୍କ ଭିତରେ ଓ ତମ ସମ ବୟସ୍କ ପିଲାମାନଙ୍କ ମଧ୍ୟରେ 'ସତ୍ୟ, ଓ ଅହିଂସା' ର ପ୍ରଚାର କର ।

ହଁ, ତମ ମାମୁ ତମ ଉପରେ ରାଗିଛନ୍ତି । କାହିଁକି ରାଗିଛନ୍ତି ଜାଣି ପାରିଲି ନାହିଁ । କ୍ଷମା ମାଗ । ସେ ସବୁ ଭୁଲି ଯିବେ ।

—✻—

## ନୂଆ ନାଗଙ୍କ ନାମ

୪୦୬—ଶ୍ରୀ ପ୍ରତାପଚନ୍ଦ୍ର ପଟ୍ଟନାୟକ, ବାରିପଦା ହାଇସ୍କୁଲ । ନବମ ଶ୍ରେଣୀ (ଖ) ପୋ: ବାରିପଦା ।

୪୦୭—ଶ୍ରୀ ବ୍ରଜଗୋପାଳ ଅଗ୍ରୱାଲ ବାରିପଦା ହାଇସ୍କୁଲ Class X A. ପୋ: ବାରିପଦା ।

୪୦୮—ଶ୍ରୀହରି ମହାନ୍ତି ବାରିପଦା ହାଇସ୍କୁଲ, କୁର୍ମି ଙ୍କହିଦ୍ୟ ମେସ୍ ପୋ: ବାରିପଦା

—✻—

### କୁପନ୍

ଅଜା,

ମୁଁ ଜଣେ ନାଗନାଗୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗନାଗୁଣୀ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହିତ ୧୦/ ୧୦୫ ର ଡାକ ଟିକଟ ପଠାଇଲି ।

ତୁମ ସ୍ନେହର ନାଗନାଗୁଣୀ

ଶ୍ରୀ ________________

ଠିକଣା ________________

ତାରିଖ

## ନୋଟିସ ।

ଏଜେଣ୍ଟମାନଙ୍କୁ ସବିଶେଷ ଅନୁରୋଧ ଯେ ସେମାନେ "ଦିଆଲି ସଂଖ୍ୟା" ଉପର ପଠି ତା ୫-୧୧-୪୨ ରିଖ ପୂର୍ବରୁ ସେମାନଙ୍କର ଯେତେଖଣ୍ଡ "ଡଗର" ଦରକାର ତାହା 'ଡଗର' ଅଫିସକୁ ଜଣାଇବେ । ଦିଆଲି ସଂଖ୍ୟା 'ଡଗର' କଳେବର ବୃଦ୍ଧି କରାଯାଇଛି ଓ ଦାମ ମଧ୍ୟ ବୃଦ୍ଧି କରାଯାଇଛି ।

Manager, 'Dagaro'
P. O. Bhadrak.

—✻—

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିଃ

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼ **ଭାରତୀୟ ବୀମା କମ୍ପାନୀ**

**"ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ [illegible] ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି ।

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ଗତ ୩୭ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

**ସୁଦୃଢ଼ତାର ପରିଚୟ—**

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୧ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଛଅକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଛଅ କୋଟି ତେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସବୁ ପ୍ରଭାବଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା ।

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗାନାଇଜର
କଟକ ।

---

# ମାତ୍ର ଟ ୧॥ ରେ ୩ ଟି ଘଡ଼ି
# ଓ
# ୪୭୫ ପ୍ରକାର ଉପହାର



ଯେ କେହି ଆମର ୭ ଟିଣି 'ଅନେଠାଟିଭିଜ' କିମ୍ବା ୭ ଡିବା ଯାଦୁ ମଲମ ଟ ୧॥ ( ଦେଢ଼ ଟଙ୍କା ) ରେ କିଣିବେ ସେ ନିମ୍ନ ଲିଖିତ ଉପହାର ଗୁଡ଼ିକ ବିନା ମୂଲ୍ୟରେ ପାଇ ପାରିବେ । ଦୁଇଟି ସୁନା [illegible] ଘଡ଼ି, ଗୋଟିଏ [illegible], ଗୋଟିଏ ଜର୍ମାନ ଟାଇମ ପିସ, ଗୋଟିଏ ସେଫଟି [illegible], ଗୋଟିଏ [illegible] ସାବୁନ, ଗୋଟିଏ ଦାନ୍ତ ଘଷିବା ବ୍ରସ, ଏକ ପାକେଟ ପାଉଡ଼ର, [illegible], ଗୋଟିଏ ସାବୁନ, [illegible] ବୋତାମ, ଗୋଟିଏ ଛୁରି, ଗୋଟିଏ ଫାଉଣ୍ଟେନ-ପେନ, [illegible] ୫୦୦ [illegible] ଓ ଆହୁରି ଅନେକ ସୁନ୍ଦର ଉପହାର ମାନ ପାଇବେ । କିମ୍ବା ଏହିସବୁ ଉପହାର ପରିବର୍ତ୍ତେ ଗୋଟିଏ ଲିଭର ପକେଟ ଘଡ଼ି ଯାହାକି ଥରେ ଦମ ଦେଲେ ୩୭ ଘଣ୍ଟା କାଲ ଚଳେ, ଉପହାର ପାଇ ପାରିବେ । ଏହି ଘଡ଼ି ୧୦ ବର୍ଷ [illegible] । ପ୍ୟାକିଂ ଓ ଡାକମାସୁଲ ଖର୍ଚ୍ଚ— ଟ୦।୵ ।

**THE AMERICAN COMMERCIAL STORES. POST BOX NO. 12213. CALCUTTA.**


Printed & published at the Gopinath Press, Bhadrak. by. G. C. Mahapatra and issued from Dagaro Office Bhadrak.

Digitized by srujanika@gmail.com

ଦିଆଲି ସଂଖ୍ୟା

କାର୍ତ୍ତିକ ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ





"ଦିଆଲି ଆସିଛି ଆଜି ପ୍ରଳୟ ତାଣ୍ଡବେ
ନାଚି ରକ୍ତ ଆବର୍ତ୍ତର ହୁହୁଙ୍କାର ରବେ ।
ଜୀବନ ପ୍ରଦୀପେ ମୋର ରକ୍ତଧାର୍ ଢାଳି,
ଅନ୍ଧାର ଶ୍ମଶାନେ ଦେବି ଦୀପାବଳୀ ଜାଳି ।"

୧୧ଶ ଓ ୧୨ଶ ସଂଖ୍ୟା
November. 16, 1942.

ମୂଲ୍ୟ ଦୁଇଅଣା ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର

# ଭ୍ରାମରୀ ରସାୟନ

ଅବ୍ୟର୍ଥ ମହୌଷଧ

ଏହା ପ୍ରବଳେ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଚର୍ମ ବା ରକ୍ତର ଚିହ୍ନ, ହାତ,ଗୋଡ଼ ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରାଶୟରେ ବେଦନା ଅରୁଚି, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ଜଣେ ଜଣେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଚର୍ମ ପ୍ରଭୃତି ଅତିରେ ଆରୋଗ୍ୟ ହୁଏ । ଏକଶିଶି ୫୨୯ଙ୍କା ମାତ୍ର ୫ ୨ ୯ଙ୍କା ମାତ୍ର ।

କାମାକ୍ଷ୍ୟ ଔଷଧାଳୟ
**ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ**
ଆଲମଚାନ୍ଦ ବଜାର, କଟକ ।

---

## ଝିଅଙ୍କ ହାତରେ

ଦେବା ଭଳି ବହି ।

## ସୁନା ଭଉଣୀ

ସଂଗ୍ରାହକ— ଶ୍ରୀ ଘନଶ୍ୟାମ ମହାନ୍ତି
ମୂଲ୍ୟ— ୫୦/୮ ଅଣା ।
ପ୍ରାପ୍ତି ସ୍ଥାନ:—କଟକ ପବ୍ଲିଶିଂ ହାଉସ୍
ନୟାସଡ଼କ—କଟକ ।

---

### ଭଲ ମଞ୍ଜିରୁ ଭଲଗଛ

ବିଶ୍ୱସ୍ତ ପ୍ରତିଷ୍ଠାନରୁ ସୁପରୀକ୍ଷିତ ମଞ୍ଜି କିଣିଲେ ଠକିବାର ଆଶଙ୍କା ନାହିଁ । ମୂଲ୍ୟ ବରଂ ଦରଦସ୍ତୁର ଶସ୍ତା । ପରୀକ୍ଷା ପ୍ରାର୍ଥନୀୟ ।

୫ଙ୍କାରରୁ କମ୍ ଅର୍ଡ଼ର ଭି: ପି: ରେ ପଠାହୁଏ ନାହିଁ । ଦଶଟଙ୍କା ବା ଅଧିକ ମୂଲ୍ୟର ପାର୍ସଲରେ ଡାକମାସୁଲ ପଡ଼ିବ ନାହିଁ ।

ଏଜେଣ୍ଟ ନ ୩୦୪ ମୂର
ବାଲିସିଡ଼୍ ଷ୍ଟୋର
ପୋଃ ଅଃ ବାଲି ( Bally )
ଜିଲ୍ଲା—ହାଓଡ଼ା

---

## ମରମ

**କବି— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

ନବ ଯୁଗର ନବୀନ ଭାବୋଚ୍ଛ୍ୱାସ
ପଢ଼ିଲେ ମୁଗ୍ଧ ହେବେ
ମୂଲ୍ୟ:—୫୦୨ ଅଣା

---

## ଚିଡ଼ିଆଖାନା

ରଙ୍ଗିନ ଛବି ଓ କୌତୁକଥା ଗୀତରେ ଭରା
ପିଲାଏ ପାଇଲେ ଖେଳିଯିବେ ।
ମୂଲ୍ୟ—୫୦।/

## କୁମାରୀ

ସୁନ୍ଦର ଛବି ଓ ମଧୁର ଗୀତ ବହି
ଝିଅ ହାତରେ ଦିଅନ୍ତୁ ।
ମୂଲ୍ୟ—୫୦/୮ ଅଣା

## ସୁନାପୁଅ

ପିଲାଙ୍କ ହାତରେ ଦେବା ପାଇଁ ଅତି
ସୁନ୍ଦର ଗୀତ ବହି ।
ମୂଲ୍ୟ—୫୦/୮ ଅଣା

ସମ୍ପାଦକ—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।**

Digitized by srujanika@gmail.com

ଓଁ ଗଣପ

୭ମ ବର୍ଷ
୧୧ଶ ୧୨ଶ-ସଂଖ୍ୟା
କାର୍ତ୍ତିକ ୧ମ ଓ ୨ୟାଙ୍କ
ତା ୧୭।୧୧।୪୨ ଖ୍ରୀ।

# ହୁକା ହୁକା ହୁଆ

[ ବିଲୁଆ ବିଗୁର ]

—ପାକ୍ଷିକ—
ବାର୍ଷିକ—୫୲
ଏକସଂଖ୍ୟା—୫୦/
ବିଦେଶ ୫୩୲
ରାଜସମ୍ଭ୍ରଣ ୫୫୲

ଷଷ୍ଠଜର୍ଜ ମାର୍କା ପୁମୁଣା ରୁପା ଟଙ୍କା ଏଣିକି ଅଚଳ ହେବା ହୁକୁମ ଜାରି ହେବାରୁ ଶୁଣିବା ଲୋକେ ନାନା ପ୍ରକାର କଳ୍ପନା ଜଳ୍ପନାରେ ଅସ୍ଥିର କରିଦେବା ସ୍ୱାଭାବିକ। କଏ କହୁଛି ଏଣିକି ତମ୍ବାର ଟଙ୍କା ଚାଲୁହେବ, କଏ କହୁଛି ଷ୍ଟାମ୍ପଟାରେ ହେଲେ ଭଲ ହେବ, କଏ କହୁଛି ଚିନାମାଟିରେ ହେବ ଇତ୍ୟାଦି।

ଆମ ବିଚାରରେ ଯାହିଁଥିରେ ଚଳନ୍ତି ମୁଦ୍ରା ହେଉ କିଛି କ୍ଷତି ନାହିଁ। କାଗଜରେ ତ ପୁଣି ସେ କାମ ଚଳୁଛି। ନୋଟ ବା ଟଙ୍କା ମୁଦ୍ରାର ନିଜର ମୂଲ୍ୟ କିଛି ନାହିଁ। ସରକାରଙ୍କ ପଟ୍ଟଅକ୍ଷର ମୂଲ୍ୟ ସେଥିରେ ଥାଏ। କାରଣ କାଗଜ ଖଣ୍ଡିକର ମୂଲ୍ୟ ଏକଟଙ୍କା ହୋଇପାରେ ଏକହଜାର ବି ହୋଇପାରେ। ବାସ୍ତବ ସୁନା ରୁପା ପ୍ରଭୃତି ବ୍ୟବହାର୍ଯ୍ୟ ଧାତୁ ପଦାର୍ଥକୁ ମୁଦ୍ରାରେ ପକାଇ ବୋକାମି କରି ରଖିବା ଠାରୁ କେବଳ କାଗଜରେ ଚଳାଇବା ସବୁଠାରୁ ଭଲ। ଆଉ ଅଣ୍ଟିରେ ଖୋସିବା ପାଇଁ ସୁବିଧା ସକାଶେ ମାଟି ବା ଖପରାରେ କଲେ ବି କ୍ଷତି ନାହିଁ। ଦକ୍ଷିଣର କର୍ଣ୍ଣ ପଠାଣ ବାଦସା ଖପରାରେ ଟଙ୍କା ଚଳାଇ ଥିଲେ ଯେତେବେଳେ କରିପାରିଲେ, ଏକାଳର ବାଦସାଙ୍କ କଣ କ୍ଷମତା କମ ଅଛି ଯେ ତାହା କରି ନ ପାରିବେ! ହୁଏତ ପତ୍ରଅରା ଉପରେ ସବୁ ହୋଇପାରେ। କଳିଅଛି ନାହିଁ ଶୁଣିଲେ ଯାଏ ପରା!

\+ × +

୮ କଂଗ୍ରେସ ମନ୍ତ୍ରୀମଣ୍ଡଳ ଯେତେବେଳେ କାମ କରୁଥିଲେ, ସେହି ଭିତରେ ଓଡ଼ିଶା ପ୍ରଜାସତ୍ତ୍ୱ ଆଇନର ସଂଶୋଧନ କରି—ଅର୍ଥାତ ଦାଖଲ ଖାରଜ ରୋସମ ଉଠାଇ ଦେଇ ଏକାଥରକେ ଜମି ବିକ୍ରିତାର ବନ୍ଦି ମାଡ଼ କରିଦେଇଥିଲେ। ଖବରକାଗଜ ଯେଉଁ ଧନ୍ୟ ଧନ୍ୟ ରବ ଉଠିଲା, ସେଥିରେ ତାଙ୍କର ସବୁ ଅଧର୍ମ, ଅପକର୍ମ ଯୋଡ଼ିହୋଇ ଯାଇଥିଲା। ନାଆଁ କାର୍ଯ୍ୟଭାର ଏହି ସୁବିଧା ଉପାୟ ଥାଉ ଥାଉ ଆମ ମିଶ୍ର ମନ୍ତ୍ରୀମଣ୍ଡଳ ତା ଛାଡ଼ିବେ କାହିଁ? ସେ ସକାଶେ ସେମାନେ ବି ଏ ପ୍ରଜାସତ୍ତ୍ୱ ସଂଶୋଧନ ଆଇନ ପାଶ କରିବାର ଯୋଗାଡ଼ କଲେଣି। ସେଥିରେ କଂଗ୍ରେସବାଲା ଯାହା କରି ନ ଥିଲେ ତା କାର ରଖିଥିଲେ ସେତକ ପୂରଣ କରିଦେଇ 'ଜମିଦାର' ନାମଟା ପାଞ୍ଜିରୁ ପୋଛି ଦେଇଛନ୍ତି। ଅର୍ଥାତ୍ ଜମିଦାରଙ୍କର କୌଣସି ସମ୍ପତ୍ତିପରେ ଖଜଣା ଗଣ୍ଡାକ ଅଦାୟ କରିବା ଛଡ଼ା ଆଉ କୌଣସି ପ୍ରକାର ଅଧିକାର ରହିବ ନାହିଁ। କେବଳ ନାମମାତ୍ର ପ୍ରୋପ୍ରାଇଟର ବା ଲ୍ୟାଣ୍ଡଲର୍ଡ ହୋଇ ରହିବେ ସେ। ସେତକ କାଗଜପତ୍ରରୁ ଉଠାଇଦେଇ ଅଧିକ ପୁରୁଣା ମାଲଗୁଜାର ନାମଟା ଦେଲେ ଭଲ ହୁଅନ୍ତା ନାହିଁ କି?

## କ୍ଷମାଭିକ୍ଷା

କିଛିଦିନ ତଳେ 'ଡଗର' ସମ୍ପାଦକ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଭାରତ ରକ୍ଷା ଆଇନରେ ଧୃତ ହୋଇ ବ୍ରହ୍ମପୁର ଜେଲରେ ଅଟକ ବନ୍ଦୀ ରୂପେ ରହିଛନ୍ତି।

ପୁଣି ଏବେ 'ଡଗର'ର ମୁଦ୍ରାକର ଶ୍ରୀ ଗୌରଚନ୍ଦ୍ର ମହାପାତ୍ର ଧରା ହୋଇଛନ୍ତି। ତାଙ୍କ ମୋକଦ୍ଦମା ବର୍ତ୍ତମାନ ବିଚାରାଧୀନ।

ଏହା ଭିତରେ 'ଡଗର' ଅଫିସ ଓ ପ୍ରେସ ମଧ୍ୟ ଖାନତଲାସ ହୋଇଯାଇଛି। ସୌଭାଗ୍ୟ କ୍ରମେ କୌଣସି ଆପତ୍ତିଜନକ କିଛି ମିଳିନାହିଁ। ଏ ସବୁ ଅବସ୍ଥାରେ ସମୟରେ ନ ହୋଇ 'ଡଗର' ବାହାରିବାରେ ବିଳମ୍ବ ଘଟିଲା। ସର୍ବୋପରି ବିଶେଷ ଅସୁବିଧା ହେଉଛି କାଗଜର ଦୁର୍ମୂଲ୍ୟତା ଓ ଦୁଷ୍ପ୍ରାପ୍ୟତା। ଦାମ ଦେଇ ମଧ୍ୟ କାଗଜ ପାଇବା କାଠିକର ପାଠ। ଯାହା ବି ମିଳୁଛି ତ ତାହା ଖୁବ୍ କମ୍ ଓ ବାହାରେ ଅଣିବାକୁ ବହୁତ ବିଳମ୍ବ ଘଟୁଛି। ଅତଏବ ଆମ୍ଭମାନଙ୍କର ସହୃଦୟ ଗ୍ରାହକ, ଗ୍ରାହିକା, ଓ ପାଠକପାଠିକାମାନେ କ୍ଷମା କରିବେ।

'ପରିଚାଳନା'।

ଏପରି ସବୁ କାମ କରିଦେଲେ ମିଶ୍ରମନ୍ତ୍ରୀମଣ୍ଡଳର ସୁନାମ ଓ ଜନପ୍ରିୟତା କଂଗ୍ରେସର ଟପି ଯାଆନ୍ତା ନିଶ୍ଚୟ।

× × +

ବର୍ତ୍ତମାନର ଗଜପତି ମନ୍ତ୍ରୀମଣ୍ଡଳର ଗୋଟାଏ ବଦନାମ ରହିଛି ଜମିଦାର ପକ୍ଷ ବୋଲି। ଏ ଆଇନଟା ପ୍ରସ୍ତାବ କରିବା ଦ୍ୱାରା ସେ ଦୁର୍ନାମ ସଫା ହୋଇଯିବ ବୋଲି ଆଶା ଓ ବିଶ୍ୱାସ ହେବା ସ୍ୱାଭାବିକ। କିନ୍ତୁ ସେ କଥା ଯଦି ପ୍ରକୃତ ଉଦ୍ଦେଶ୍ୟ ଥାଏ, ତେବେ ମନ୍ତ୍ରୀମଣ୍ଡଳର ଉଚିତ 'ହୋଲଡିଂ ଜମିଦାର' ଜାତଟାକୁ ଏପରି ଦରଦଣ୍ଡ କରି ନ ମାରି ଏକାବେଳକେ ଲୋପ କରିଦେବା। ଅର୍ଥାତ୍ ଏକାଷ୍ଟେଟରେ ମୁଣ୍ଡକାଟ କରି ମାରିଦେବା। କାରଣ ହେଲ କି ସେଇଆ ସ୍ପଷ୍ଟ। ବାରମ୍ବାର ସଂଶୋଧନ ନ କରି ଏକାଥରକେ ସଂଶୋଧନ କରିଦେଇ କାମ ସଫା କରିବା ଉଚିତ ନୁହେଁ କି?

କେନ୍ଦ୍ର ପ୍ରଜାସତ୍ତ୍ୱ ଆଇନ ଏକାବେଳେ ନାକଚ ହୋଇଯାଉ ଓ ଗୋଟିଏ ମାତ୍ର ଆଇନ ହେଉ ଯେ ଆଜିଠାରୁ ପଟ୍ଟି ଓ ବଟି ସମସ୍ତ ଜମିଦାର ସତ୍ତ୍ୱ ଲୋପ ପାଇଲା। ଅସନ୍ତା ଜନ୍ମଅର ପୂର୍ବରୁ ଯେଉଁ ଜମିଦାରମାନେ ଆପେ ଆପେ ସତ୍ତ୍ୱ ପ୍ରତ୍ୟର୍ପଣ (surrender) କରିବେ ସେମାନଙ୍କୁ କିଛିକିଛି ପେନସନ ଦିଆଯିବ ଓ ତାହାପରେ ବାକିଅଛନ୍ତି ସତ୍ତ୍ୱ ଧ୍ୱଂସ ହୋଇଯିବ। ଏପରି କରି ଗଜପତିରାଜ ଅମର କୀର୍ତ୍ତି ରଖିଯାଆନ୍ତୁ ଓ କଟକ ଅଯୋଧ୍ୟା ଭଳି ଜଗତରେ ଏକ ଜ୍ୱଳନ୍ତ, ଝଟନ୍ତ, ଜୀବନ୍ତ ଆଦର୍ଶ ଦେଖାଇ ଦିଅନ୍ତୁ।

× + ×

ବାଲେଶ୍ୱର ଲୋକାଲବୋର୍ଡ ଅପଣାକୁ ମନ୍ଦ ବାଳକ (bad boys) ବୋଲି ଦେଖାଇ ହେବାରୁ ସରକାର ସେ ବୋର୍ଡ ବାତିଲ କରି ଶାସନ ଭାର ନିଜ ହାତକୁ ନେଲେ ଓ ଲୋକାଲବୋର୍ଡ ପରିଚାଳନା ପାଇଁ ଜଣେ ସରକାରୀ ଭାଇସଚେୟାରମ୍ୟାନ ଓ ଲୋକେଲ ବୋର୍ଡ ଚଳାଇବା ପାଇଁ ଦୁଇଜଣ ବେସରକାରୀ ପରାମର୍ଶଦାତା ନିଯୁକ୍ତ କରି ଲୋକାଲବୋର୍ଡକୁ 'ହସ୍ତିଘୁଞ୍ଚ' କରି ଦେଇଛନ୍ତି। ସଦର ଓ ଭଦ୍ରକ ଲୋକେଲ ବୋର୍ଡ ମଧ୍ୟରେ ତୁଳନା ହେବାପାଇଁ ଯେତେ ଦକ୍ଷ ଓ ବିଶ୍ୱାସୀ ଲୋକ ବ୍ୟକ୍ତି ମିଳି ପାରିଲେ, ଲୋକାଲବୋର୍ଡ ମନ୍ଦରୁ ରକ୍ଷା ହେବାରେ ଯୋଗ୍ୟ କେହି କଣ ହେଉ ନ ଥିଲେ? ବାଲେଶ୍ୱର ସହରରେ ସେହିଭଳି ବେସରକାରୀ ପୁରୁଣା ରାୟସାହେବଙ୍କ ଅଭାବ ନ ଥିଲା ବୋଲି ଆମର ବିଶ୍ୱାସ। ଏଥିରେ ଲାଭ ଛଡ଼ା କ୍ଷତି ନ ଥିଲା ପରି—ଅନ୍ତତଃ ଦରମାଟା ଅନ୍ୟମାନଙ୍କରେ ଚଳି ଯାଇ ପାରନ୍ତା।

\+ × +

Digitized by srujanika@gmail.com

ସାର ଷ୍ଟାଫୋର୍ଡ଼ କ୍ରିପ୍ସ ଯେଉଁ ମିଳାମିଶା ପ୍ରସ୍ତାବର ଝୁଲି ନେଇ ଭାରତକୁ ଆସିଥିଲେ ତାହା ଯେପରି ଅଲୋଚନା ହେଉଛି, ତେଣିକି ଲୋକମାନଙ୍କ ଯଥାବିଚାର ଦେଖାଯାଉଛି । ଅଧିକ ଉଚ୍ଚାକାଂକ୍ଷୀ ଭାରତୀୟ ପୂର୍ଣ୍ଣାଙ୍ଗ ଯେ ତାକୁ କେହି ଠିକ ଧରି ପାରୁ ନ ଥିଲେ । ନବଜନଗଣର ଜାମଧାରେବ; ଯେବେ ଏବେ ସରକାର ପରାମର୍ଶଦାତା ହୋଇ ବସିତ ଯାଉଛନ୍ତି, ସେ ବହୁସଂଖ୍ୟା ପ୍ରକାଶ କରି ଦେଉଛନ୍ତି ।

ଜାମ ସାହେବ କହୁଛନ୍ତି ଯେ—କଂଗ୍ରେସ ନେତାଗଣ କ୍ରିପ୍ସ ପ୍ରସ୍ତାବକୁ ଯୋଜନା କରି ଅଣ୍ଟୁଥିବା ବେଳେ ଭାରତର ପୂର୍ବପଟ୍ଟ ଜାପାନ ଅକ୍ରମଣର ଅଗ୍ରସ ମିଳିଲା । ନେତାମାନେ ଭାବିଲେ ଯେ ଜାପାନ ଭାରତ ଅକ୍ରମଣ କରି ଯଦି ପଶି ଆସେ ତେବେ ଅଟେମ କ୍ରିପ୍ସ କଥାରେ ପଡ଼ିଲେ ତାର ଶତ୍ରୁ ହୋଇ ପଡ଼ିବା । ଯଦି ଟାଳି ମଟାଳି ରହିଦିବା ତେବେ ଜାପାନ ଅଗରେ ଭଲେଇ ହୋଇ ପାରିବା । ଏଇ ମତଲବରେ ସେମାନେ ଟାଳି ଦେଇ ରହିଲେ ଓ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କଲେ । ଏଇ ଭିତର କଥାଟା ଯେପରି ମୌଳିକ ସେହିପରି ଚମତ୍କାର । ଅମର ଭାଗ ହେଉଛି ଏଥିରେ ବଡ଼ ମଜେଦାର କଥା ଜାମ ସାହେବ ଗଣ୍ଡମାଗଣ୍ଡ ବାଡ଼ି ଥିଲେ ସିନା ତାର ଭିତର କଥା ଥାଆନ୍ତା । ସେ ଏତେଦିନ ପରେ ଭିତରୁ ବାହାରି ଯାଇ, ସେଠି କହିବାରୁ ବାସିଶିଅ ଧରି ପାଣି ପାଇବାରୁ ଉଭୟ ପାଇଲ ଜଣୁଛି ।

\+ + ×

ଅଟେମ୍ପି କଂଗ୍ରେସ ଦଳର ସ୍ଥାୟୀ ସ୍ୱାମୀ କାଶୀନାଥ ବନବାସ ଯାଇ ସ୍ୱାମୀ ବିବେକାନନ୍ଦଙ୍କ ବୃଥା ଟେକ ଦେଉଛନ୍ତି । ସ୍ୱାମୀଜୀ ଏତେଦିନ ଗାଲି ନାମଦା ସ୍ୱାମୀ ଥିଲେ; ଏଥର ତାଙ୍କୁ ନାମଦା ସ୍ୱାମୀ ହବାର ଦେଖି ଅମେ ଖୁସି ହୋଇ କହିଥିଲୁ ଦେଖିଲୁ । ସେ ସେଦିନ ଦ୍ୱାରକାରଣ ପରିବାର ଗହଣରେ ସଭାସ୍ଥଳରେ ଉପନୀତ ହୋଇଲେ ଓ ସ୍ୱଦେଶାନ୍ତ ନାଟକୀୟ ଛନ୍ଦରେ ଭୂତ ନସ୍ତ୍ରାନ୍ତ ହୋଇ ଅଛିଲେ ।

ଲୋକପ୍ରତିନିଧି ମନ୍ତ୍ରୀମଣ୍ଡଳର ଅଭିଯାନରେ ବାଧା ଦେବାକୁ ଗଲେ ମାତ୍ର ଦେଖ ମୂର୍ଖଙ୍କ—ସେ ପୂର୍ଣ୍ଣ ସ୍ୱାଧୀନ ଦ୍ୱାରକାନ ! ସ୍ୱାମୀଜୀ ସ୍ୱେଚ୍ଛା ମାନ ମାରି... ! ଜୟ ଡିମୋକ୍ରେସିର ଜୟ !!

× +

ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଭାଷଣରୁ ଜାଣି ଅନନ୍ଦିତ ହେଲୁଁ ଯେ "ଓଡ଼ିଶା ମୁଲକରେ ଯାହାକି ସଙ୍ଗୋଜ ଓ ସୁଜମାଡ଼ ହୋଇଛି ତାହା ଭାରତର ଅନ୍ୟାନ୍ୟ ପ୍ରଦେଶ ତୁଳନାରେ ବହୁତ ଦୂର ।"

ଏହାର କାରଣ ଓଡ଼ିଆ ଲୋକଙ୍କର ଶାନ୍ତିପ୍ରିୟତା କିମ୍ବା ଲୋକପ୍ରିୟ ମନ୍ତ୍ରୀମଣ୍ଡଳର ସୁଶାସନ ଅଥବା ଉଭୟ ହୋଇପାରେ । ଯାହା ହୋଇଥାଉ ଏଥିପାଇଁ ସାଧୁବାଦଟା ଅମର ହକ୍ ପ୍ରାପ୍ୟ ଏଥିରେ ସନ୍ଦେହ ନାହିଁ । କେବଳ ଭରମର ଗୁଜବାଣ୍ଡଟା ଯେ ଭାରତରେ ଅନ୍ୟ ଯେ କୌଣସି ସ୍ଥାନର ହତାହତ ସଂଖ୍ୟାକୁ ଟପି ଯାଇଛି ବୋଲି ଶୁଣାଯାଉଥିଲା ତାହା ଯେ ମିଛ ଏହା ମୁଖର କଥା । ଠାକୁରେ କଥାକୁ ବଡ଼ ପ୍ରସିଦ୍ଧ ରାଜନୀତି ଗୀର ଓଡ଼ିଆ ଜାତି ଏହି ଦୃଢ଼ତା ଧରି ଗଡ଼ଜାତଙ୍କ ବାହୁଛାୟା ତଳେ ଜଗି ରହିଥାଉ କହିବାଲ ।

× + ×

ଶ୍ରୀ ମୁକୁନ୍ଦ ବୋଷ ଓ ତାଙ୍କ ପଦଓଂଯାଣ୍ଡ଼ ବ୍ଲକ ଜଙ୍କଟ ଭାଇକୋନ୍ଦାହ ବୋଲି ବ୍ରିଟିଶ ସରକାରଙ୍କ ଦ୍ୱାରା ଘୋଷିତ, ନବଭାରତ ପ୍ରେସର କର୍ମୀଗଣ ସେହି ବ୍ଲକ ସହିତ ସମ୍ପୃକ୍ତ ଥିବା କଥା ଅଗରୁ ଶୁଣା ଯାଇ ଥିବାରୁ ପଟିକ ଖବର ଜାଣିବା ସବାସେଶ ଗଲ୍‌ବେଟ ଏବ ପ୍ରଶ୍ନ ପଗ୍ରଣ ଥିଲେ । ସରକାର ତାହିଁରେ ଶୃଙ୍ଖଳମୂଳ ଜବାବ ଦେଇ ସମସ୍ତଙ୍କ ମନରୁ ସନ୍ଦେହ ଦୂର କରି ଦେଇଛନ୍ତି । ସରକାର ଉତ୍ତରରେ କହିଛନ୍ତି କି ନବଭାରତ ପ୍ରେସର କର୍ମଚାରୀଙ୍କର ଅଗରୁ ଫରୱାର୍ଡ଼ ବ୍ଲକ ସହିତ ସମ୍ବନ୍ଧ ଥିଲା, ମାତ୍ର ଏବେ ତାହା ନାହିଁ । କେଉଁ Ward ଏବେ ହୋଇଛନ୍ତି ଓ କେବେଠାରୁ ହୋଇଛନ୍ତି ତାହା ଗୋଲ ନାହାନ୍ତି । Forward ଟା Front ପାଲଟି ଗଲାକୁ କି ?

\+ × ×

ଭାରତୀୟ ଅଚଳ ଅବସ୍ଥାର ସମାଧାନ ନିମନ୍ତେ କଂଗ୍ରେସି ନେତାଙ୍କ ସହ କଥାବାର୍ତ୍ତାର ଯେଉଁ ପ୍ରସ୍ତାବ ଉଠୁଛି, ସେ ସମ୍ବନ୍ଧ ବାଦେ ଅପଣେ ବଡ଼ ସୁନ୍ଦର ଯୁକ୍ତିଟିଏ ବାଢ଼ିଛନ୍ତି । ସେ କହିଛନ୍ତି ଯେ କଂଗ୍ରେସ ନେତାଗଣ ଜେଲ ଭିତରେ ଥାଇ କଥାବାର୍ତ୍ତା କରିବାକୁ ମଙ୍ଗି ନ ପାରନ୍ତି । ପୁଣି ଜେଲ ବାହାରକୁ ଆସିଲେ ସେମାନେ ଯେ ପୁଣି ଜେଲରେ ନ ପଶିବେ ( ଅର୍ଥାତ୍ କୁକର୍ମ କରି ) ତାହା କିଏ କହିବ ! ସେଥିପାଇଁ ଦାୟୀ ହବ କିଏ ? ଅତଏବ କଂଗ୍ରେସିଙ୍କୁ ନ ପଚାରି ଅନ ଯେଉଁମାନେ ( ଅକଂଗ୍ରେସିଆ ) ସ୍ୱାଧୀନ ଅଛନ୍ତି, ସେହିମାନଙ୍କୁ ନେଇ ପୂର୍ଣ୍ଣ ଜାତୀୟ ( ଅର୍ଥାତ୍ ସ୍ୱରାଜ ) ସରକାର ଗଢ଼ା ହେବା ଦରକାର ।

ଏହା ଯେ ପଣ୍ଡିତଙ୍କର ଖୁବ୍ ପାଣ୍ଡିତ୍ୟପୂର୍ଣ୍ଣ ଯୁକ୍ତି ଏହା ନିଃସନ୍ଦେହ । ଏକା କଥା ହେଉଚି, ଏଇ ପୂର୍ଣ୍ଣ-ସରକାରରେ ଓଡ଼ିଶାର ଅଂଶ ରହିବ କେତେ ଖିକ, ଓ ସେ ଭାଗ ମୁକ୍ତେଶ୍ୱର କିଏ ? ପଣ୍ଡିତଜୀ ରାଜି ତ? ତାହା ନ ହେଲେ ଅମେ ଓଡ଼ିଆ ତ ରାଜି ହେବୁ-ନାହିଁ କେବେ !

\+ × +

ପଣ୍ଡିତ × ପଣ୍ଡିତଙ୍କ କଳି ଦେଖିବାକୁ ଲୋକଙ୍କ ପାଲ ପଡ଼ି ମଜା ଲଗେ । ଏବେ ସମାଜ ଓ ନବଭାରତ ଭିତରେ ଯେଉଁ ବଚନିକା ଓ ଝଗଡ଼ା ହୋଇଥାଏ ଅରମ୍ଭ ହୋଇଛି ସେଥିରେ ବୋଧହୁଏ ପକ୍ଷର ସ୍ୱୟଂ ପଣ୍ଡିତେ ମାମୁଲର ଯାଉଥିବାରୁ ତାଙ୍କର ତେଲ ଚଢ଼ି ଟେକି ଛଡ଼ା ହୋଇଛନ୍ତି ।

ସମାଜ ନବଭାରତଙ୍କୁ "ଚୋଙ୍ଗା—" ବୋଲି କହିଥିଲେ । ନବଭାରତ ବି ସମାଜଙ୍କୁ "ଚୋଙ୍ଗା—" କହି ମାଡ଼ ଫେରାଇ ଦେଇଛନ୍ତି । ଏଣୁ—"ତୁ ତ ମୂର୍ଖ ମୁଁ ତ ମୂର୍ଖ ଦୋଷ କାହିଁପାଇଁ ଦେଉଛ !'

"ଚୋଙ୍ଗା"କୁ ଚୋଙ୍ଗା ବୋଲି କହିଲେ ସହି ହୋଇପାରେ, ମାତ୍ର ଚୋଦାକୁ ଗାଈ, ଘୋଡ଼ାକୁ ଅବ୍‌ଡ଼ା କହିବା ବା ଷଣ୍ଢକୁ ବଳଦ କହିବା ସହିବା କଥା ନୁହେଁ । ଏବେ ସମାଜ ନବଭାରତଙ୍କୁ 'ବଳଦ' ବୋଲି କହି ପକାଇଛନ୍ତି । ବଳଦ ଅନେକ ପ୍ରକାର ହୋଇ ପାରନ୍ତି; ଯଥାଃ—ତେଲି ବୁଢ଼ା, ଶଗଡ଼ ଟଣା, ହଳିଆ, ଘଣାବୁଲା । ଏଥିମଧ୍ୟରୁ କେଉଁ ପର୍ଯ୍ୟାୟଭୁକ୍ତ କରି ନବଭାରତଙ୍କୁ ବଳଦ ଅଖ୍ୟା ଦିଆ ହୋଇଛି ତାର କୌଣସି ନିର୍ଦ୍ଦେଶ ନ ଥିବାରୁ ବ୍ୟାପକ ଅର୍ଥରେ ନିଆ ଯାଇପାରେ । ନବଭାରତ ଏଥିପାଇଁ ଖପ୍‌ପା ନ ହେଉଥିଲେ ପଛେ ମ୍ଲାନ ହୋଇ ଯିବାର କଥା । ମାତ୍ର ସମାଜଙ୍କ ଏଭଳି ଅସଙ୍ଗତ ଦୁର୍ନାମ ରଟନାରେ କେହି ବିଶ୍ୱାସ କରିବେ ନାହିଁ ଯେତେବେଳେ, ନବଭାରତର ଷଣ୍ଢର ଭୟ କରିବାର ବା ହେ ଉଠିବାର କିଛି କାରଣ ନାହିଁ ଅମ ମତରେ । କାରଣ ସମସ୍ତେ ଜାଣନ୍ତି ଗାଈଏ କେବେ ବାଢ଼ି ବଢ଼େ ନାହିଁ ।

\+ × +

---

WANTED

Sole agents to sell 'Dagaro' for Cuttack and Puri towns. For terms apply to—

Manager, "Dagaro".
P. O. Bhadrak.

Digitized by srujanika@gmail.com

ବିଲେଇ ହାତରେ

# ଗୋଟାଏ କିଛି ନୂଆ

ଲେଖକ — ଶ୍ରୀ ବୈଷ୍ଣବଦେବ ନାୟକ ।

[ ମଜା କଥା ]

ଶୌର୍ଯ୍ୟସୁନ୍ଦର ନାୟକଙ୍କ ଓକିଲ। ଖାଲି ସେହି ସହରର କୃତୀ— ଯାହା ଦେଶର କହିଲେ ଚଳେ। ନାମ ସଙ୍ଗରେ ମନୁଷ୍ୟର ସାଦୃଶ୍ୟ ଲକ୍ଷ ହୋଇଥାଏ, କିମ୍ବା ଯେଉଁ ଜଗଦାନଗୁଣର ନାଁକୁ ହୋଇଥାଏ ସେ ସମସ୍ତ ତାଙ୍କର ଅଛି— ଶୌର୍ଯ୍ୟ, ସୌନ୍ଦର୍ଯ୍ୟ, ବିଳାସିତା ଇତ୍ୟାଦି। ଶୌର୍ଯ୍ୟ ନାଁଟି ତାଙ୍କୁ ମନୋଜ୍ଞ ଥିଲା କିନ୍ତୁ ସୁନ୍ଦର ହୋଇ ନାଁର ସମ୍ପୂର୍ଣ୍ଣ ମର୍ଯ୍ୟାଦା ରକ୍ଷା କରିବା ଯେ କେତେ ପ୍ରୟୋଜନ ତା ତାଙ୍କୁ ବୁଝାଇ ଦେଇଥିଲେ ତାଙ୍କର ବିବାହିତ ପତ୍ନୀ ଶ୍ରୀମତୀ କ୍ଷେତ୍ରଭା ଦେବୀ। କେବଳ ସେତେବେଳେ ତାଙ୍କର ମନ୍ତ୍ରଣାର ଅଭାବ ପଡ଼ିଲା ଯିବାର ଉଦ୍ବେଗ କରୁଛୁ ଅଜ ଯେ ହୋଇସାରିଲେଣି ବୁଢ଼ିଟି ଏବଂ ଅଜ ବୁଢ଼ାଟି ପୁଅର ନିନ୍ଦା, ସେହି ସମୟରେ ତାଙ୍କର ସ୍ତ୍ରୀ ବିୟୋଗ ହେଲା। ପର ସମାଚାର ହେଉଛି କରିବା ପାଇଁ ହେଉ ବା ତାଙ୍କର ନିଃସଙ୍ଗ ଜୀବନର ତିକ୍ତତା ରସ ସଙ୍ଗୀତ ନବରଙ୍ଗୀଙ୍କୁ ନେଇ ସେ ଗୋଟିଏ ଶାଳପାଂଶୁଯୁକ୍ତା, କୃଷ୍ଣକୁନ୍ତଳା ଚନ୍ଦ୍ରବଦନା ଷୋଡ଼ଶବର୍ଷୀୟା ତରୁଣୀକୁ ଘରଣୀ କରି ଆଣିଲେ ଘରକୁ। ତରୁଣୀଙ୍କର ପିତୃଦତ୍ତ ନାମ ଯାହା ଥାଉ ପଛକେ ଶୌର୍ଯ୍ୟସୁନ୍ଦର ତାଙ୍କର ନାମ ରଖିଲେ ଶ୍ରୀମତୀ କ୍ଷେତ୍ରଭା। କ୍ଷେତ୍ରଭାଙ୍କର ସମ୍ପର୍କରେ ସଂସାରରେ ଥିବା ରହିଲା ନାହିଁ ସମସ୍ତ ଶୌର୍ଯ୍ୟସୁନ୍ଦରଙ୍କ ଲୁଚାଇ ରଖିଲେ ତାଙ୍କଠାରୁ।

ଶ୍ରୀମତୀ କ୍ଷେତ୍ରଭା ଦରିଦ୍ର ଘରକନ୍ୟା ହେଲେ ବି ଶିକ୍ଷିତ, ସୌନ୍ଦର୍ଯ୍ୟର ଉପାସିକା ଏବଂ ଧାରଣା ଥିଲା ଯଥେଷ୍ଟ। ଏହି ଯୁଗର ଅସ୍ବଚ୍ଛନ୍ଦ ଦୁର୍ଦ୍ଦିନ ହେତୁ ହୋଇ ଉଠିଲ ସହରର ନୂଆ ଫେସନ ଲାଗି। ସେହି ଫେସନ ସହରର ଘରେ ଘରେ ନାରୀ ସ୍ବାଧୀନତା ବନାମ ରମଣୀ ଲୋକର ବିଳାସିତା ଶୋଭନ ପଟେ ଅତି ପରିଷ୍କୃତ ମାତ୍ର। କିନ୍ତୁ ଦୁର୍ଭାଗ୍ୟତଃ ସ୍ବାଭାବିକ ଏହି ବିଳାସିତା ଦେଖା ଦେଲା ଟଙ୍କାରେ ଭରପୂର ଅର୍ଥ ସମ୍ବଳ; ସ୍ବାମୀଙ୍କର ଅର୍ଥ ଅଛି ଅଧିକ ହେବା ଇଚ୍ଛା ହେଲା ତାଙ୍କର ଦେହ ପ୍ରସାଧନରେ ସହାୟ। ଫଳରେ ଉଦାହରଣ ସ୍ନୋ, ପାଉଡର କ୍ରିମ୍ ଠାରୁ ଆରମ୍ଭ କରି ରୁଜ୍, ଲିପଷ୍ଟିକ, ଫେସ୍‌ପ୍ୟାକ୍, ସାବୁନ, ଇତର, କୋଲଗେଟ୍ ଇତ୍ୟାଦି ଏବଂ ଦାମିକା ଗହଣା ପର୍ଯ୍ୟନ୍ତ ମୂଲ୍ୟବାନ ଇତ୍ୟାଦି ଆଧୁନିକତାର ଉପକରଣ ଯେ କେବଳ ତାଙ୍କର ଉନ୍ନତିର ଚରମ ଲକ୍ଷ୍ୟ କଲ ଏପରି ନୁହେଁ। ସ୍ବାମୀଙ୍କ ତାଙ୍କର ଉପଦେଶର ମଧ୍ୟ ସୀମା ରହିଲା ନାହିଁ।

୨୬ ବର୍ଷରୁ ପଚାଶ ମହିଳା ସମାଜ ରକ୍ଷା କରିବା ପାଇଁ ବୁଢ଼ା ବୟସରେ ଶୌର୍ଯ୍ୟସୁନ୍ଦର ପ୍ରକୃତରେ ସୌନ୍ଦର୍ଯ୍ୟ ସାଧନାର ଚରମକୁ ଉଠିଛନ୍ତି, ମୁଖରେ ହେମନ୍ତ ଭାବ ମାରି ଥିବା ବେଶକୁ ଢାଳିବାରେ ପରିଣତ କରିବାର ପ୍ରଚେଷ୍ଟା ଯାହା।

ସେଇ କୋଣରେ ବସି ଶ୍ରୀମତୀ କ୍ଷେତ୍ରଭାଙ୍କର ସ୍ବାଧୀନତା ସ୍ପୃହାର ମହାଜନ ଓ କାଠଯୋଡ଼ ଲୋକରେ କେବଳ ମୁକ୍ତ ପବନ ସେବନ କରି କ୍ଷାନ୍ତ ହେଲ ନାହିଁ। ଆଧୁନିକତାରେ ଭୂଷିତ ତାଙ୍କର ଚେତ୍-ନାରୁ ଅତିକ୍ରମ କରି ହାଉସ ପାର୍ଟି, ସାହିତ୍ୟ ସଭା ଇତ୍ୟାଦି ସ୍ଥାନରେ, ସହରର ପ୍ରାୟ ସମସ୍ତ ସଭା ସମିତିରେ। ଦେଶ ବିଦେଶର ସାହିତ୍ୟ ଚ ଦୂରର କଥା ଦେଶୀ ସାହିତ୍ୟରେ ତାଙ୍କର ଦୃଷ୍ଟି ପରିଚୟ ମାତ୍ର— ତାହାର ଉପରେ ହୋଇ-ଥିଲେ ବି ସେ ଶର୍ତ୍ତ ଧର୍ମ ହୃଦୟ ପଢ଼ିଲେ ସାହି-ତ୍ୟର ସଭାରେ। ବୈଦିକ, ସାପ୍ତାହିକ, ମାସିକ ପତ୍ରିକାମାନଙ୍କର ବହୁ ସ୍ଥାନିତ ହେଲା ତାଙ୍କ ନାମ ସ୍ବାକ୍ଷରିତ ରଚନା ଲେଖାରେ। ସମାଲୋଚକ ମଧ୍ୟ ହେଲେ ଯେଉଁପରି ସବୁବେଳେ କେତେବେଳେ

ସ୍ବରୂପ ମାତ୍ରେ ପୁସ୍ତକ ଲେଖାଯାଏ ସେହିପରି ତାଙ୍କ ସ୍ମରଣରେ ମୁଗ୍ଧ ହୋଇ ସ୍ବାଧୀନତାର ଦୁନିଆର କେତେ ପୁରୁଷଙ୍କ ବା ନାରୀ ସୁନ୍ଦରୀ। କିନ୍ତୁ ତାଙ୍କର ବୁଦ୍ଧିର ପର୍ଯ୍ୟନ୍ତ ତ ଅନ୍ତର ହୋଇ ନାହିଁ। ଏହା କ୍ଷେତ୍ରଭା ଦେଖାଇଲ ଲୋକଙ୍କ ଗୋଟାଏ ରହସ୍ୟ। ତାହାକୁ ସେ ପୁରୁଷଙ୍କ ଭିତରେ ଚାପି ଏବଂ ଦୃଢ଼ କରିଲେ ତାହା ବାହାରର ଲୋକ ବୁଝି ପାରନ୍ତି ନାହିଁ। ତାଙ୍କ ପ୍ରେମ, କବିତା, କାମନା ଇତ୍ୟାଦି ପରି ଗୋଟାଏ ସେ ଏପରି କଥା ଯେ— ଯାହା ପୁରୁଷଙ୍କୁ ଦେଖାଯାଏ ସବୁ। କିନ୍ତୁ ସ୍ବାଧୀନତା ନାରୀର ବେଶଭୂଷା ଦେଖି ପ୍ରଶଂସା ହେଲ ତାଙ୍କ ସ୍ବାଧୀନତାର ଉତ୍ସାହ କେତେକମାନଙ୍କର ଗୋଟାଏ ସମସ୍ୟା। ତାଙ୍କ ତାଙ୍କର ଉଗ୍ରପନ୍ଥୀ ଭୋଗ ନେଇ ସୋଚନା କରନ୍ତି। ଅର୍ଥାତ ଉଗ୍ରପନ୍ଥୀ ବା aggressive part ସେ ଗ୍ରହଣ କରିଥାନ୍ତି କେବଳ ସବୁ ବିଷୟରେ। ତାଙ୍କ ଆଗରେ ସେହି ସମ୍ମାନ ଅଧିକ ଅଧିକ ହେଲ କ୍ଷେତ୍ରଭା ଦେଖାଇ ଦର୍ଶନରେ। ଶ୍ରୀମତୀ କ୍ଷେତ୍ରଭା ଦେଖାଇଲେ ଯାହା କିଛି ସୌନ୍ଦର୍ଯ୍ୟରେ ତାଙ୍କ ସ୍ବାମୀଙ୍କର ଓ ବୟସ ଅଳ୍ପ ଥିଲେ, ଏବଂ ତାଙ୍କର ଶୌର୍ଯ୍ୟ ଏବଂ ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ନୂଆ ପତିଙ୍କର ସ୍ବଭାବ ପ୍ରସାଧନର ଶୌଚ୍ୟ। କିନ୍ତୁ ଏସବୁ ତ ପୁରୁଣା କଥା। ତାଙ୍କର ବୟସର ଅସ୍ବାଭାବିକ ଯୌବନ ଓ ସୌନ୍ଦର୍ଯ୍ୟ ସବୁଦିନ ଦେଉ ହେଲେ ବ ଏକାନ୍ତ ତାଙ୍କ କଥାରେ ପରିଣତ। ଏସବୁକୁ ଦୃଢ଼ କରି ଦେବେଶରଙ୍କ ମଧ୍ୟ ଆମ୍ଭମାନଙ୍କ ଗଳ୍ପର ଉଦ୍ଦେଶ୍ୟ ନୁହେଁ— ଗଳ୍ପ ସୃଷ୍ଟିର ପୃଷ୍ଠଭୂମି ପରି ବ୍ୟବହାର କରିବାକୁ ବାଧ୍ୟ ହେଉ ମାତ୍ର। ଏଥର ପରେହିଁ ଗଳ୍ପର ଆରମ୍ଭ।

ଏପରି ଯେଉଁ ସ୍ବଭାବ ଶୌର୍ଯ୍ୟସୁନ୍ଦର ତାଙ୍କର ପୁରୁଷ ହିଁ ମଧ୍ୟରୁ ଗୋଟିଏ କଥା ଅନେକ ଦିନରୁ ହୋଇ ଯାଉଥିଲା। ଏହା ଗୋଟାଏ ଚିନ୍ତା ଦେଖା ଦେଇ ତାଙ୍କ ସ୍ବଭାବରେ ଅନେକ ମନରେ ବ ଅତି ଉପସ୍ଥିତ ହେଲ ଦେଖି ଶୌର୍ଯ୍ୟସୁନ୍ଦର ନିଜେ ଚିନ୍ତିତ ହେଲେ। କିନ୍ତୁ ନିଜେ ବୁଢ଼ା, ତା ଲାଗି ଏବଂ ନିଜର ମର୍ଯ୍ୟାଦାର ଉପଯୁକ୍ତ କରିବାକୁ। ତାଙ୍କର କ୍ରୋଧ ଆଉ ତାଙ୍କର ବିଚାର ପଥର ସ୍ଥାନ ଅଛିରେ ନ ପଡ଼ି ଉଛିବ ସ୍ତ୍ରୀ ର ଶ୍ରୀମତୀଙ୍କ ଅଭିରୁଚି ଦେଇ ପାରିଲେ ନାହିଁ। କିନ୍ତୁ ମନ ତାଙ୍କ ସେହି ଅବସ୍ଥାରେ ରହିବାକୁ ଦେଲ ନାହିଁ। କେବଳ କ୍ରୋଧର ଯେ ତାଙ୍କର ସୌନ୍ଦର୍ଯ୍ୟ ସ୍ଥାନ ଦେବ ଏହି ରହସ୍ୟ। ତାହା ଗୋଟାଏ ନୂଆ ଯେ କରିବାକୁ ହେବ ଏକଥା ସେ ନିଜେ ସେମାନଙ୍କର ଚାଲୁଥିବାରେ। ସବୁଦିନେ ସବୁ ତାହାଙ୍କ ପ୍ରଥା ନଥିଲେ ପୁରୁଷର ବର୍ତ୍ତମାନରେ ସମସ୍ତ ସ୍ବଭାବ ଇତ୍ୟାଦି ସାମାଜିକ ହିସାବ। କିନ୍ତୁ

Digitized by srujanika@gmail.com

ଏମାନେ ଏଥର ନୂଆ ଅବର୍ଣ୍ଣ ଜାତି ଓ ଦେଶ ଅତି-କ୍ରମ କରିବା ପାଇଁ କନ୍ୟା ଜୋତିଷ ସମସ୍ତ କାମ ନେଲେ ନିଜ ଅଧୀନରେ । ବେଷଦେବ ସବୁଦିନ ପଥ ଗାମିନୀ ଶ୍ରୀମତୀ କଲ୍ପନା-ବାଳିକା ଏବଂ ଝିଅଟିଏ ବି ଉଠିଲେ ମାତି । ବର ଯୋଗାଡ଼ ହେଲା । ତାହାର ଶ୍ରଦ୍ଧାଳୁ ଓ ମିଳନ । ନୂଆ ପଦରେ ପ୍ରବର୍ତ୍ତନ କରିବା ପାଇଁ ଯଶୀ ଦୁଇବନ୍ଧୁ ଇଚ୍ଛା ଅନୁସାରେ ବିବାହ ପୂର୍ବରୁ ବର କନ୍ୟା ମନରେ ପୂର୍ବ ରାଗ ସଂଚାରର ନୂତନ ପଦ୍ଧତି ମଧ୍ୟ ଅବଲମ୍ବିତ ହେଲା । ବର ଗର୍ତ୍ତିଏ ବଡ଼ ସୁବିଧା ପାଇବା ଆଶାରେ କନ୍ୟାକୁ ନ ଦେଖି କି ବା' ହେବାକୁ ରାଜି ହେବା ପରେ ସେମାନେ ସ୍ଥିର କଲେ ତାକୁ ଦେବାକୁ ହେବ ଶୌର୍ଯ୍ୟମନ୍ଦିରଙ୍କର କୋଠାଏ କିଣି ଗଣ୍ଡିଏ କୋଠାରେ । ବରର ଗଜ ଅଟାଳି ବଡ଼ ଭୁଲିହେଲା ନାହିଁ ତାହାର ମଧ୍ୟର କୌଣସି ମୂଲ୍ୟ ଥିଲା ନାହିଁ କୋଲ । କିନ୍ତୁ ତାହାର ଜଳ ସୁନ୍ଦର, ସେଥିତ ପାଇ ସେ ସନ୍ତୁଷ୍ଟ ।

ଶୌର୍ଯ୍ୟମନ୍ଦିରଙ୍କର ଘରକୁ କିଣି ଗଣ୍ଡିଏ କୋଠା ଭଡ଼ା ହେଲା । ସେଥିରେ ରହିଲେ ଶ୍ରୀ ଜାମାତା । ତାପରେ ସ୍ୱକୀୟ ପୂର୍ବ ରାଗ ସଞ୍ଚାର ଚିନ୍ତା କରାଗଲା । ସେହି ଭାବରୁ ବର କନ୍ୟାଙ୍କ ହୃଦୟ ମଧ୍ୟ କରିବା ପାଇଁ ଶ୍ରୀମତୀ କଳ୍ପନା ରାଣୀ ଦେବୀ ଏବଂ ତାଙ୍କ ସଖୀ ପ୍ରଗତିର ନବମିତ ଭାବରେ ଅଧୁନାତନ ତରୁଣୀ ଗର୍ବଗଞ୍ଜନ ବେଶଭୂଷା-ରେ ସଜ୍ଜିତ ହୋଇ ନିତି ଓ ଶ୍ରୀ ଯାମାତାଙ୍କ ସଙ୍ଗ-ରେ ନେଇ ବାହାରିଲେ ମଟର ବିହାରକୁ କାଠଯୋଡ଼ି ନଦୀ ମହାନଦୀ କୂଳକୁ । ଦିନ ଚାଲିଗଲା କଟିଗଲା ଏହିପରି । ଏଣେ କି ସେମାନଙ୍କର ଗୋଟିଏ ହେଲେ ନୂଆ କରିବାର କାମନା ପରିପୂର୍ଣ୍ଣ ହେଲା ନାହିଁ; ଶେଷ ଦିନ ସ୍ଥିର ହୋଇ ନ ହେଲେ ବି ଅଶାନ୍ତ ହୋଇ ଉଠିଲେ । କ'ଣ କରିବାକୁ ହେବ ଭାବୁ ଭାବୁ ଦିନେ ସକାଳେ ହଠାତ ଶ୍ରୀମତୀଙ୍କ ମନରେ ପଡ଼ିଗଲା, ବର ମନରେ ପୂର୍ବ ରାଗର ରସ କେଉଁପରି ସଞ୍ଚାରିତ ହୋଇ ଅଛି ତାହା ପରୀକ୍ଷା କରିବାକୁ ହେବ । ଶ୍ରୀମତୀଙ୍କ ମନରେ କିନ୍ତୁ ଜାଗ୍ରତ ହେବାମାତ୍ର vibration ପ୍ରକ୍ରିୟା ଦ୍ୱାରା କଳ୍ପନା ଦେବୀଙ୍କୁ ତାହା ଅଜ୍ଞାତ ରହିଲା ନାହିଁ । ଉତ୍ତେଜନାରେ ସେ ଦୁହିଙ୍କର ଶାନ୍ତି ହେଲା ନଷ୍ଟ, ମନ ହେଲା ଅସ୍ଥିର—କେବେ କେତେବେଳେ ପରୀକ୍ଷା ନେବ, କେତେବେଳେ ହେବ ଭୁଲ କିବା ଦେଖା । ସହରେ ସୁନ୍ଦରୀ ଡାକିବା ମାତ୍ରେ ସେଦିନ ସେମାନଙ୍କର ଅନୁମତି ହେଲା ପ୍ରସ୍ତୁତ । ଦୁହିଙ୍କ ମୁହଁରେ କ୍ରିମ୍ ଉପରେ ପାଉଡର ତା' ଉପରେ ରୁଜ୍, ଓଠରେ ଲିପଷ୍ଟିକ୍ ନାଲି ବେଶ ଲିପ୍‌ଷ୍ଟିକ୍,

ନଗରରେ ନେଲନ୍ତ୍ରୁପ କଲେକ୍ଟର; ଅତି ଅଳ୍ପମାତ୍ର ଦେଶ ସୁନ୍ଦରେ କଲମ୍ ଛୁରି, ସେଣ୍ଟ ଇତ୍ୟାଦି ସୁଗନ୍ଧ ଦ୍ରବ୍ୟ ସଂଯୋଗ ଏବଂ ଶିଥିଳ କବରୀ ରଚନାର ପ୍ରଯତ୍ନ । ଅଣିରେ ସରୁ ସୁରମା ରେଖା । ଦେହରେ ଶୋଭା ପାଉଛି ରଙ୍ଗ ସଙ୍ଗରେ ରଙ୍ଗର ମ୍ୟାଚ କରାଇ ପିନ୍ଧା ପିନ୍ଧିଥିବା ଜର୍ଜେଟ ଶାଢ଼ୀ, ତା' ତଳକୁ ଦେହ ଦେଖାଯିବା ଭଳି ନେଟର ବ୍ଲାଉଜ୍ । ହାତରେ ଚୁଡ଼ି ପାଖରେ ସହ, ଅଲକ୍ତ ରାଗ ରଞ୍ଜିତ ପାଦରେ ଶିସିଅନ ସ୍ଲିପର୍ । ଚାଲିଲେ ଯାକ ଦେଖାଯିବ ଚେକ୍ ଚେକ୍ ଟକ୍ ଟକ୍ ।

ବହୁ ଏକ ସ୍ପୋର୍ଟସ୍‌ମ୍ୟାନଙ୍କର ନାଡ଼ି ନକ୍ଷତ୍ର ଅନୁକ୍ରାନ୍ତ ତେଣୁ ମାନ ମ । ଯିବାବେଳେ ସେପ୍ଟ ୨୦୦୦ ଫୁଟ ହାଇଟରେ ଯେଉଁ ଦର୍ଶକ ଗୃହାଣୀ ଦ୍ୱାରା କାଳିଷ୍ଟିକ୍ ରଞ୍ଜିତ ଓଠରେ ମୃଦୁ ହାସ୍ୟ ଝଲ-ସାଇ ଦେଇଗଲା, ତା ଜଣେ ଏ ଯୁଗର ଅବିବାହିତ ଯୁବକ ମନରେ ଝଡ଼ ସୃଷ୍ଟି କରିବାକୁ କେତେଦୂର ? ହିମାଳୟ ତତ୍‌କ୍ଷଣାତ୍ ତରଳ ଗଙ୍ଗା ରୂପରେ ବହିଗଲା । କି ରକମ ଗୋଟାଏ ଉଦ୍ଭଟ ଅନୁଭବ କଲା ମଟର୍ଭେର । ମନ ତା'ର ଅଳସ ହୋଇ ଉଠିଲା । ଛିଡ଼ାର ହେବନା ଯେମିତି ଦୂରକୁ ଉଡ଼ି ଦେବାକୁ ବସିଲା, ସେ ସେତେ କୋରରେ ମନରେ ତା'ର ଅସ୍ଥାନ ପାତ ରଚିଲା । ଅବଶେଷରେ ନିଜେ ଅଗରେ ସପେର ହେଲେ—nothing venture, nothing gain. ଥରେ ଚେଷ୍ଟା କରି ଦେଖାଯାଉ ନା । ସାବଧାନ ହୋଇ proceed କଲେ କ୍ଷତି କଣ?

ପ୍ରତିବନ୍ଧକ ଅତିକ୍ରମ କରିବାକୁ ନାହିଁ ଦେଖି ନ । ସନ୍ଧ୍ୟାବାଳାର ଦୈର୍ଘ୍ୟ ପନ୍ଥାରେ ଅନ୍ଧ-କାରେ ପରିଚୟଟା ଉଠେ । ଜମାଟବାନ୍ଧି । 'ଦୁର୍ଗତି' ଅବସାନ ହେବାର ଅନେକ ଅଗରୁ ବି ଯାହାକୁ ନେଇ ଅସଂଖ୍ୟ ଉପନ୍ୟାସର ପରିକଳ୍ପନା ସମ୍ଭବ ହୋଇଛି, ସେହି କାଠଯୋଡ଼ି କୂଳରେ ଏଠିକି ଭଦ୍ରଙ୍କର ରୋଗ 'ଅବସ୍ଥା' ସାକ୍ଷାତ ହୋଇଯାଏ । ମଟର୍ଭୁଣ୍ଡର ଅଞ୍ଚ ସିପ୍ରା ଖୋଲି ମନରେ ଖୋଲି ପବନ ସେବନ କରି ହୃଦୟରେ ସାନ୍ଧ୍ୟ ଭ୍ରମଣ କରନ୍ତି ।

କଥାକଥାକେ ଛନ୍ଦୋମୟୀ ଉଦ୍ଦାମ କଳହାସ୍ୟରେ ଭରେ ଦୋହଲିଯାଏ । ମଟର୍ଭୁଣ୍ଡର ଅନେକ ଚାନ୍ଦରେ ଦେଖେ—ତା'ର ବକ୍ଷରେ ମୁଖରେ ଶୁଭ୍ର ଟେଣରେ ହାସ୍ୟ ବୋଟାଏ ଝଦୁଁଛି । ବେହେଡ଼ା ପବନଟାର ଜୋରରେ ସିପ୍ରାର 'ଚିର ଚଞ୍ଚଳ ଚଳ ଚଳ ଚଞ୍ଚଳ' ଦେହରେ ବାଜିଗଲେ ମଟର୍ଭୁଣ୍ଡର ଶିହରି ଉଠେ । କିଏ ଜାଣେ, ମଟର୍ଭୁଣ୍ଡର ସିଲ୍କ ପଞ୍ଜାବି କି 'ଗୌର-ଶଙ୍କର' ଲୁଗା କାହାର ସ୍ପର୍ଶ ପାଇ ସିପ୍ରାର ରୋମାଞ୍ଚ ହୁଏ କି ନା ?

ପବନ ହିଲ୍ଲୋଳରେ ଦୂରରୁ କେଉଁ ଦୂରରୁ ଭାସି ଆସେ ଖୁବ୍ ଅସ୍ପଷ୍ଟ ଭାବରେ—"ମନ ବାନ୍ଧୁଛି ରେ... ଏ...ଏ, ପୀରତି ପଥକୁ ଚେଇଁ" । ଶିପ୍ରା ମଟର୍ଭୁଣ୍ଡର ମୁହଁକୁ ଚାହିଁ ହସେ । ଲୀଳାମୟୀର ଲୀଳାମ୍ବିତ ପଦକ୍ଷେପରେ ପଥ ସଙ୍ଗୀତମୟ ହୋଇ ଉଠେ ।

ଏଠିକି ସ୍କୁଲର ଉପହାରର ଅବାନ୍ତରବାନ—ଚହି...ପେନ୍...ଓ୍ୱାଚ୍...ରିଙ୍ଗ ...। ଘନିଷ୍ଠତା କ୍ରମେ ସାନ୍ଦ୍ର ନିବିଡ଼ ହୋଇ ଆସିଲା । ଭିତରେ ଯୋଗାଡ଼-ରେ ସିପ୍ରା ସହିତ ମଟର୍ଭୁଣ୍ଡର ଦୋଳ ପ୍ରସ୍ତାବ ଉଠିଲା । ମନ ତା'ର ଆନନ୍ଦରେ କୁଣ୍ଠିତ ଉଠେ । ଅଉ କେତେଟା ଦିନ ଭିତରେ ତା'ର ଯୁଗଯୁଗା-ନ୍ତରର ପ୍ରିୟା, ଜନ୍ମଜନ୍ମାନ୍ତରର ମାନସୀ ହେବ ବାସ୍ତବକ୍ଷେତ୍ରରେ ତା'ର ସହଧର୍ମିଣୀ ।

ହଠାତ୍‌ରେ ଦିନେ ଦିନେ ସିପ୍ରା ଆସି ନ ପାରିଲେ ସେ ଏକା ଏକା ସାନ୍ଧ୍ୟ ଭ୍ରମଣ କରେ ସତ—ମନ କାହିଁ ପଡ଼ିରହେ ତା'ର ପାଖରେ । ଅଳିକୁ ଦିନ ଦୁଇ ହେଲା । ବାହାରି କେଜାଣି ହଠାତ୍ ଆସି ପାରି ନାହିଁ । ଘନ ଘନ ଚୁକୁ ଚୋରା ଗୁପ୍ତ ଦୀର୍ଘନିଃଶ୍ୱାସ ଛାଡ଼ି ମଟର୍ଭୁଣ୍ଡର ଏକୁଟିଆ ହଜାଣ ଏବଂ କ୍ଳାନ୍ତ ଭାବରେ ଚାଲିଛି । ଦୃଷ୍ଟି ଅନିଶ୍ଚିତ—ଫାଙ୍କା । ଯୋଡ଼ି ଯୋଡ଼ି କାହାକୁ ବୁଲିବାର ଦେଖିଲେ ହାସ୍ୟ-ମୟୀର ମୁଖ ଆଖି ଆଗରେ ନାଚି ଯାଉଛି । ଅଭିମାନ କରିନାହିଁ ତ ? କିଛି ଅରାମ ବେଆରାମ ହେଲାକି ? ନା ବିବାହ ପ୍ରସ୍ତାବଟା ଉଠିବାକୁ ଲଜ୍ଜାରେ ?

ମନରେ ଅଜସ୍ର ଭାବନା—ସବୁ ଭାବନାର କେନ୍ଦ୍ର ସେହି ସିପ୍ରା । "ସୀତାକାନ୍ତ ବଡ଼େ, ସିଦ୍ଧାର ଘନିଷ୍ଠତା ଦିଲ ରଣକରୁ ସାଗରେ । ଅବେ ଦେହି,

Digitized by srujanika@gmail.com

ମା'ର ଗୁଲ୍ । ଦେଇ rustic ଟା ତେର ଜାଣେ courtship ! ନିରାଟ ମିଥ୍ୟା । ତା ଛଡ଼ା ଶିପ୍ରା ମନରେ ଚିରସ୍ଥାୟୀ ଆସନ ପାଇବାକୁ ଭଲ ତାର ଅଛି କଣ ?………ଯୋଗୀନ୍ଦ୍ର କଥା ଅବଶ୍ୟ ଟିକିଏ ସନ୍ଦେହ ଜନକ । ତେବେ ମୋ ସଙ୍ଗେ 'କମ୍ପିଟ୍' କରି ପାରିବ ନାହିଁ । ମତେ ପାଇ ତାକୁ ଶିପ୍ରା ନିଶ୍ଚୟ ଭୁଲିଯାଇଛି । କୁମାରୀ ଯୌବନରେ ସେ ଦୁର୍ବଳତା କାହାର ନ ଥାଏ ? ତା ବୋଲି ଏତେ 'କନ୍‌ଜରଭେଟିଭ୍' ହେଲେ ଚଳେ ?

“କାଲି ରାତିରେ ଫେରିଲାବେଳେ ଫିଲିପ୍ ସାଙ୍ଗରେ ଶିପ୍ରା ଭଳି କିଏ ଜଣେ ଚାଲୁଥିବା ପରି ଦେଖାଗଲା । 'ବ୍ଲାକ୍ ଆଉଟ'ରେ ଭଲ କରି ଚିହ୍ନି ନ ଥିବାରୁ ମନରେ ଟିକିଏ ଧୋକା ହୋଇଥିଲା । ତେବେ ତା ଗୋଡ଼ରେ ନିଶ୍ଚୟ high hill ନ ଥିଲା । ସନ୍ଦେହ ବୋଧହୁଏ ଅମୂଳକ ।”

ଏମିତି କେତେ କ'ଣ ସେ ଭାବି ଚାଲିଲା । ତଳ ରାସ୍ତାରେ ଘର୍ଘର ଶବ୍ଦ କରି ଚାଲିଗଲା ଗୋଟାଏ କାର୍ । ଉଦାସ ଆଖି ଉଦ୍ଦେଶ୍ୟ ବିହୀନ ଭାବରେ ପଡ଼ିଗଲା ତା'ର ଉପରେ । ଉଭୟ ପାର୍ଶ୍ୱର ଦରଜା ଖୋଲା । ଭିତରେ ବସନ୍ତ ଅଛ………।

ମହେଶ୍ୱର ଉପରେ ଗଜ୍ଜ ପଡ଼ିଲା ଯେପରି high explosive ଟିଏ । ଆଖି ଝାପସା ହୋଇଗଲା । ହୃଦୟ କରଛ ହୋଇଗଲା । ଗରମ ମିଜାଜ ଅବଶ ଶରୀର ଟାଣି ଓଟାରି ନେଇ ବାଟଯାକ ଝୁଣ୍ଟି, କାହା ସଙ୍ଗେ ଧକ୍କା ଖାଇ କୌଣସିମତେ ଉଠିଲା ବସାରେ ।

ତା ପରଦିନ । ଦିନଯାକ ବସି ବସି ପ୍ଲାନ୍ କଲା—କିପରି ତା ଅପହୃତ ଧନ ଫେରି ପାଇବ । fundamental right ପ୍ରତିଷ୍ଠିତ କରିବ ।

ରାସ୍ତା ଚକ ସ୍ତମ୍ଭରେ 'ସେଡ଼' ଦିଆ ଲାଇଟ୍ କେତେବେଳୁଁ ଜଳି ଉଠି ଜ୍ୟୋତିଷ୍କଗଣଙ୍କୁ ବିନିନ୍ଦା କଲାଣି । ଦୁଇ ଘଣ୍ଟାର ଅଧୀର ପ୍ରତୀକ୍ଷା ପରେ ମହେଶ୍ୱରର ଯେତେବେଳେ ହତାଶାରେ ଏକାବେଳକେ ଭାଙ୍ଗି ପଡ଼ୁଛି, ଅବତୀର୍ଣ୍ଣ ହେଲା ଲୀଳାମୟୀଙ୍କର । ନିତ୍ୟ ନୈମିତ୍ତିକ ହସ ଖୁସି ଚାଲିଲା । ମହେଶ୍ୱର ଖାଲି ପାଙ୍କ୍ ଖୋଜି ବୁଲିଲା କଥାର ସୂତ୍ର ବାହାର କରିବାକୁ । ଶେଷରେ ଗଲା ସପ୍ତା କଞ୍ଚିନେଲ ଅମିତ ସାହସ ସଞ୍ଚୟ କରି ଅତି ଚନ୍ଦ୍ରର୍ପଣତର ଧ୍ୟାୟ ଦାବୀ ତକ ଉତ୍ଥାପନ କଲା, ମାନେ…କଣ କି… ଏଇ……ମାନେ.. ……ବସନ୍ତଟା ସାଙ୍ଗରେ ଏତେ ମିଳା ମିଶା ନ କଲେ ଭଲ ହୁଅନ୍ତା ନାହିଁ କି ? ମାନେ……ସେମାନଙ୍କ ଉଦ୍ଦେଶ୍ୟ……।”

ଯାଃ, ସର୍ବନାଶ……ପ୍ରଳୟ ।

“ମହେଶ୍ୱର ବାବୁ, ଆପଣଙ୍କଠାରୁ କିଛି ଉଦାରତା ଆଶା କରିଥିଲି, କିନ୍ତୁ ଆପଣ ଏତେ mean minded ! Alright, ନମସ୍କାର ।” ଗଲା ସିଡ଼ିମଡ ଚଢ଼ା ।

ଭୀତ ସନ୍ତ୍ରସ୍ତ ବିମୂଢ଼ ମୁଖ ଟେକି ମହେଶ୍ୱର ଦେଖିଲା—ଶିପ୍ରା ପଶ୍ଚିମର ଟମ୍ଭରେ ଅଦୃଶ୍ୟ ହୋଇର ବହ୍ନି ଝୁଲିଗ ଝୁକ୍ ଝୁକ୍ । ସତେଯେପରି ତା'କୁ ପେଡ଼ ଭସ୍ମ କରିଦେବ । ପାଦ ଦି'ଟା ତଳେ ଜୋର କରି ଅଶ୍ରୁ ନିରୁଦ୍ଧ ଅପରାଧୀଟି ପରି ନିଜକୁ ସେ କୌଣସି ମତେ ସମ୍ଭାଳି ନେଲା । ମନ ଭିତରୁ କିଏ ଯେପରି ଚେତାଇ ଦେଲା, “ବାସ୍ତବିକ୍, ତୋର ଭୁଲ । ସେ ସାର୍ବଜନୀନ ପ୍ରେମ କଣ ଏକା ତୋ'ର ଗିରିମାଳ ?”

ଦୂରରୁ ଖଞ୍ଜଣୀ ନାଦ ସହିତ ଭାସି ଆସିଲା— “ମନ କିଣୁଛି ରେ……ଏ…ଏ… ……।”

---

(କାହାଣୀ ୫ମ ପୃଷ୍ଠା ଉତ୍ତାରୁ)

ଅଦରର ମଇନା ମୋ'ର ଶ୍ରୃଙ୍ଖଳଟାଏ ପରି ଲେଟି ପଡ଼ିଛି ପଲଙ୍କ ଉପରେ । କାନ୍ଥରେ ଲ୍ୟାମ୍ପଟିଏ ମିଞ୍ଜି ମିଞ୍ଜି ହୋଇ ଜଳୁଥାଏ । 'ମଇନା' ପାଟିରୁ ବାହାରି ପଡ଼ିଲା— ମଇନା ଚମକି ଉଠି ବସିଲା । ଆଖି ମଳି ଝରକା ଆଡ଼କୁ ତରାଟି ଚାହିଁଲା । 'ମୁଁ ତୋ'ର ଗୁରୁ ଭାଇ, ମଇନା !' ଫାଟି ମୋ'ର ଗଳା ବାଜିଗଲା । ବିଦ୍ୟୁତ ପରି ଝରକା ପାଖକୁ ସେ ଉଠି ଆସି କହିଲା 'ଏ ତୁମର ମଇନା ନୁହେଁ—ତୁମର ମଇନା ମରିଛି—କବି ଆଜି ମଇନା ଦେହରେ ବାଉଲର ପ୍ରାଣ ପ୍ରତିଷ୍ଠା କରିଛି ।” ବଡ଼ ରୁକ୍ଷ ତାର ସ୍ୱର । ମୋ ମୁଣ୍ଡରେ ସତେ ଯେପରି ବଜ୍ର ପଡ଼ିଗଲା—ନିସ୍ପନ୍ଦ ନିର୍ବାକ ହୋଇ ପଲକହୀନ ଆଖିରେ ଚାହିଁ ରହିଲି ତାକୁ । ଧଡ଼ କରି ଝରକାର ଦରଜା ମୋ ମୁହଁ ଉପରେ ବନ୍ଦ ହୋଇଗଲା ମଇନା ଓ ମୋର ମଧ୍ୟରେ ଚିର-ବିଚ୍ଛେଦର କଳା ପରଦା ଟାଣି ଦେଇ ।

Digitized by srujanika@gmail.com

## —କାଳିଆ ବଳଦ ଗଲ୍ ଗଲ୍—

କୌଣସି ଭଦ୍ରଲୋକ—ଭାଲା ଯେଉଁ ଲୁଗା ଖଣ୍ଡିକ କିଣି ନେଇ ଗଲି ଅପଣ କହିଲେ ଦେଶୀ ଲୁଗା ବୋଲି--କିନ୍ତୁ ସେଥିରେ ଲେଖା ଅଛି Made in England.

ଦୋକାନୀ—କହିବ କୁ ଗଲେ ଏହାର ଜନ୍ମ ଦେଶୀ—୧୦ ବର୍ଷ ହେଲା ଆମ ଦୋକାନରେ ପଡ଼ି ପଡ଼ି domiciled ହୋଇ ଯାଇଛି ।

× + ×

ପୁଅ—ବାପା, ମୁଁ ଏ ସ୍କୁଲରେ ପଢ଼ିବି ନାହିଁ ।

ପିତା—କ'ରେ କ'ଣ ହେଲକି ? ମାଷ୍ଟ୍ରେ କ'ଣ ପଢ଼ାଉ ନାହାନ୍ତି ?

ପୁଅ—ମାଷ୍ଟରେ ଗୁଡ଼ାକ କିଛି ଜାଣନ୍ତି ନାହିଁ ।

ପିତା—କିମିତି ।

ପୁଅ—କାଲି ପଢ଼ାଇଲାବେଳେ ମାଷ୍ଟ୍ରେ କହିଲେ ୩ ଅଙ୍କ ୫ ମିଶାଇଲେ ୮ ହେବ । ଆଜି ପୁଣି କହିଲେ ୫ ଅଙ୍କ ୩ ମିଶାଇଲେ ୮ ହେବ ।

× × ×

“ତମ ସ୍ତ୍ରୀ ତମକୁ ସବୁ କଥା କହନ୍ତି ?”

“ସେ ଯଦି ବେଶୀଦିନ ବଞ୍ଚିବେ ତ ସବୁ କଥା କହିବେ ?” + +

ସ୍ୱାମୀ—ତମେ ତାଙ୍କ ଘର ଡ଼େଉଁଅ ସ୍ତ୍ରୀଟିକୁ ଏତେ ଅନାଅ କାହିଁକି ?

ସ୍ତ୍ରୀ—ତମେ ପରା କହୁଥିଲ “ପ୍ରତ୍ୟେକ ଲୋକଙ୍କୁ ଭଲ କରି Study କରିବା ଦରକାର ।

× × ×

ସାନ୍ତାଣୀ—(ଗୁଜରକୁ) କରେ, ବୁଢ଼ା କାହିଁକି କାନ୍ଦୁଛି । କ'ଣ ମାଗୁଛି ଦେ ।

ଗୁଜର—ଯାହା ମାଗୁଥିଲେ ଦେଇଛି ।

ସାନ୍ତାଣୀ—କ'ଣ ଦେଇଛୁ ।

ଗୁଜର—ଗୋଟେ ବିଛୁଣା ।

+ + +

ଭଦ୍ରଲୋକ—(ରେସ୍ତୋରାଁରେ ଖାଉଥିଲାବେଳେ “ବୟ”କୁ) ଆରେ ଏଠାରେ ‘ଫାଉଲ କରି’ ଦେଇଛୁ ସେଥିରେ ‘ଫାଉଲ’ କାହିଁ ?

ବୟ—ଆଜ୍ଞା ଅପଣ ଯେ ‘ଡଗ ବିସ୍କୁଟ’ କିଣନ୍ତି ସେଥିରେ କ'ଣ ‘ଡଗ’ ଥାଏ ?

+ + +

ଜ୍ୟୋତିଷୀ—ଅପଣଙ୍କର ୫୦ ବର୍ଷ ପର୍ଯ୍ୟନ୍ତ ଦୁଃଖ ଓ ଅଭାବରେ କଟିବ ।

ଭଦ୍ରଲୋକ—ତେଣିକି ।

ଜ୍ୟୋତିଷ—ତେଣିକି ଅପଣଙ୍କର ଅଭ୍ୟାସ ପଡ଼ିଯିବ ଯେ ବୋଲି ।

Digitized by srujanika@gmail.com

## ନାଗବନ୍ଧୁ

(୧୮ ବର୍ଷରୁ ନ୍ୟୂନ ବାଳକ ବାଳିକାମାନଙ୍କ ପାଇଁ)

ଉଦ୍ଦେଶ୍ୟ —

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଭିତର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

### କାଠପୋଷାକ

ଆଜି ସହରରେ ଆମେ ଯେତେ ଲୋକ ଦେଖୁ ତାଭିତରୁ ଅଧିକାଂଶ କାଠର ପୋଷାକ ପିନ୍ଧନ୍ତି। ଏ କଥା ଶୁଣି ହୁଏତ ଅନେକେ ହସରେ ଉଡ଼େଇ ଦେବେ। କିନ୍ତୁ ଯାହା-ହେଉ ଏ କଥାଟା ଖାଣ୍ଟି ସତ।

ଗଲା ୨୦ ବର୍ଷ ଭିତରେ ବିଶେଷତଃ ବିଗତ ମହାସମର ପରେ ଆମ ଭିତରେ କାଠ ପୋଷାକର ବ୍ୟବହାର ବହୁଳ ହୋଇ ଉଠିଛି। ଅନେକ ସ୍ୱୀକାର କରିବେ ଯେ ଆଜିକାଲି ଆମେ ଯାହାକୁ 'ଗୃଇନା ସିଲ୍କ'' ବା 'ନକଲି ରେଶମ' ବୋଲି କହୁଛେ ତାର ପ୍ରାଧାନ୍ୟ ଆମକୁ ଆସ୍ତେ ୨ ଭୁଲାଇ ରଖୁଛି। ସଭ୍ୟ ସମାଜରେ ଏହାର ବହୁଳ ପ୍ରଚଳନ ଦେଖିଲେ ବୋଧହୁଏ ଅନେକେ ଆଶ୍ଚର୍ଯ୍ୟ ହେବେ। ଅନେକ ଆଧୁନିକା ଭଦ୍ରମହିଳା ଅଛନ୍ତି ଯେ କି ଏ ସିଲ୍କ ଛଡ଼ା ଅନ୍ୟ କୌଣସି କନାର ମୋଟା ପିନ୍ଧିବାକୁ ଘୃଣା କରନ୍ତି। ଆଜିକାଲି ଏହି କନାରେ ବ୍ଲାଉଜ, ସାର୍ଟ, ରୁମାଲ, ନାଇଟ୍ ଡ୍ରେସ (Night dress) ଘର ପରଦା, ଛେଣା ବେଡ, ଓ ଲୁଙ୍ଗୀ ଇତ୍ୟାଦି ତିଆରି ହେଉଛି ଓ ଆମେ ମଧ୍ୟ ସୂତା ଜିନିଷ ଅପେକ୍ଷା ସେ ସବୁକୁ ବେଶୀ ପସନ୍ଦ କରୁଛେ। ଖାଲି ଯେ ଆମ ପିନ୍ଧିବା ପୋଷାକ ଏଥିରେ ତିଆରି ହେଉଛି, ତା ନୁହେଁ, ପ୍ରକାରାନ୍ତରେ କହିବାକୁ ଗଲେ ଆଧୁନିକ ଜଗତର ବ୍ୟବହାର୍ଯ୍ୟ ଜିନିଷ ଏପରି କିଛି ନାହିଁ, ଯାହାକି ଏଥିରୁ ପ୍ରସ୍ତୁତ ହେଉନାହିଁ। ଆପେ ବର୍ତ୍ତମାନ ଏହାର କମ୍ବଳ, ଲାଇଟ୍ ସେଡ୍ (Light shed) ଚୌକି ଗୁଦର (Chair cover) ଏପରିକି ଗାମୁଛା ପର୍ଯ୍ୟନ୍ତ ବି ବ୍ୟବହାର କରିବାକୁ ପସନ୍ଦ କଲେଣି।

ପାଶ୍ଚାତ୍ୟ ଖଣ୍ଡରେ ବର୍ତ୍ତମାନ ସମସ୍ତେ ଏହି ସିଲ୍କର ପୋଷାକ ବିଶେଷ ଭାବରେ ବ୍ୟବହାର କରନ୍ତି। ଏପରିକି ରାସ୍ତାରେ ଯାଉଥିଲାବେଳେ ଦୁଇ ଭଦ୍ରଲୋକଙ୍କ ଭିତରେ କଥା ଭାଷା ହୁଏ—ଜଣେ ହୁଏତ କହନ୍ତି—"ଆଜି ଆପଣଙ୍କୁ ଏ ମେହାଗନି ସୁଟ୍‌ଟା ଖୁବ୍ ମାନୁଛି।" ଅନ୍ୟଜଣକ ଉତ୍ତରରେ କହନ୍ତି, "ଆପଣଙ୍କ ଦେହରେ ଏ ସେଟଲ୍ଫେନ୍ ଗାଉନଟା ତ କମ ସୁନ୍ଦର ଦେଖାଯାଉ ନାହିଁ। ବଜାରକୁ ଯାଇ କେ କପର କନା ବାଛେ ତ କିଏ ଦେବଦାରୁ (dcdar) କନା ପସନ୍ଦ କରେ। ପୁଣି କେହି ଜର୍ମାନ ଲୋକ ଦୋକାନକୁ କନା ଖରିଦ କରିବାକୁ ଯାଏ ଦୋକାନୀ ତାକୁ ପଚାରେ—"ଆପଣଙ୍କୁ କୋଉ ଗଛ ଭଲ ଲାଗୁଛି?"

ଆମେ ଯାହାକୁ ନକଲି ରେଶମ ବୋଲି ନାମ ଦେଇଛେ ପ୍ରକୃତରେ ତାହା ନକଲି ନୁହେଁ ଅଥବା ରେଶମ ନୁହେଁ। ତାହାର ପ୍ରକୃତ ନାମ 'ରେୟନ' (Rayon) ତାହା

Digitized by srujanika@gmail.com

କାଠରୁ ତିଆରି ହେଉଛି ବୋଲି ଏଥିପାଇଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଏକର ଜଙ୍ଗଲ କାଟି ଦିଆଯାଉଛି । ବର୍ତ୍ତମାନ ପୃଥିବୀରେ ପ୍ରାୟ ୫କୋଟି ପାଉଣ୍ଡ ଓଜନର ରେୟନ ପ୍ରତିବର୍ଷ ପ୍ରସ୍ତୁତ ହେଉଛି । ରେୟନର ବ୍ୟୟ ଦିନକୁଦିନ ଏତେ ବଢ଼ି ଚାଲିଛି ଯେ ବର୍ତ୍ତମାନ ପୃଥିବୀରେ ଯେତେ ସୂତା ଓ ରେଶମ ପ୍ରସ୍ତୁତ ହେଉଛି ତାର ଚାରିଗୁଣଠାରୁ ବେଶୀ ରେୟନ୍ ପ୍ରସ୍ତୁତ ହୁଏ ।

ରେୟନ ଶିଳ୍ପ ବର୍ତ୍ତମାନ ସବୁଠାରୁ ବିଶେଷ ଲାଭଜନକ ବ୍ୟବସାୟ ହୋଇ ଉଠିଛି । ପୃଥିବୀବ୍ୟାପୀ ମହାସମର ପରେ ପରେ କ୍ଷୁଦ୍ର ବୃହତ୍ ଅନେକ ରେୟନ ଶିଳ୍ପ ପ୍ରତିଷ୍ଠାନ ଗଢ଼ିଉଠେ ଦେଖାଗଲା । ଏହାର କାରଣ କଞ୍ଚାମାଲର ପ୍ରାଚୁର୍ଯ୍ୟ । ଯୁଦ୍ଧ ସମୟରେ କାଠ ଗୁଣ୍ଡାରୁ ଏକପ୍ରକାର ବମ୍ବର ମସଲା ତିଆରି ହେଉଥିଲା । ଯୁଦ୍ଧ ପରେ ପରେ ଏତେ କାଠ ଗୁଣ୍ଡା ବଳି ପଡ଼ିଥିଲା ଯେ ପୁଞ୍ଜିପତିମାନେ ସୁଯୋଗ ପାଇ ଗଢ଼ିଉଠେ ରେୟନ ପ୍ରସ୍ତୁତ କରିବାର କାରଖାନା ପ୍ରତିଷ୍ଠା କଲେ ।

ଏହି ବିଶ୍ୱବିଖ୍ୟାତ ରେୟନର ଜନ୍ମ ଯେପରି ଚମକପ୍ରଦ ସେହିପରି ରହସ୍ୟମୟ । ଅନେକ ଆଗରୁ ରେୟନ ବିଷୟରେ ଲୋକମାନଙ୍କର ଧାରଣା ଥିବାର ଜଣାଯାଏ । ଶୁଣାଅଛି ୧୬୬୪ ଖ୍ରୀ: ଅ:ରେ ଅର୍ଥାତ ୨ୟ ଚାର୍ଲସଙ୍କ ସମୟରେ ରୟେଲ ସୋସାଇଟିର ଜଣେ ସଭ୍ୟ ରବର୍ଟ ହୁକ୍ କୌଣସି ବିଷୟରେ ଗବେଷଣା କରୁ କରୁ ହଠାତ୍ ରେୟନର ଜନ୍ମ ସୂତ୍ର ଆବିଷ୍କାର କରିଥିଲେ । ତା ପରେ ସେ ରେୟନ ପ୍ରସ୍ତୁତ କରିବା ପାଇଁ ଅନେକ ଚେଷ୍ଟା କରି ବିଫଳ ହୋଇଥିଲେ । ଏହାପରେ ଅନେକ ଦିନ କଟିଗଲା । କିନ୍ତୁ ରେୟନ ସୂତା କାଟିବାର ପ୍ରକୃତ ପ୍ରଣାଳୀ କେହି ବାହାର କରି ପାରିଲେ ନାହିଁ । ଶେଷରେ ବିଖ୍ୟାତ ବିଦ୍ୟୁତ୍‌ବେତ୍ତା (Electrical Engineer) ଓ Physist ସାର ଯୋସେଫ୍ ଉଇଲସନ ସ୍ୱାନ ୧୮୮୩ ଖ୍ରୀ: ଅ:ରେ ଦ୍ରବ ସବୁ ରେୟନ ସୂତା ବାହାର କରିବାର ପ୍ରଣାଳୀ ଆବିଷ୍କାର କରିଥିଲେ ଏବଂ ୧୮୮୫ ଖ୍ରୀ: ଅ: ରେ ଗୋଟିଏ ପ୍ରଦର୍ଶନୀରେ ତାକୁ ଦେଖାଇଥିଲେ କିନ୍ତୁ ତାଙ୍କ ଆବିଷ୍କୃତ ପ୍ରଣାଳୀ ସୁଫଳପ୍ରଦ ହୋଇ ପାରି ନଥିଲା ।

ରେୟନ ପ୍ରସ୍ତୁତ ପ୍ରଣାଳୀର ପିତା ବା ଆବିଷ୍କର୍ତ୍ତା କହିବାକୁ ଗଲେ ଫ୍ରାନ୍ସର ଜଣେ ବୈଜ୍ଞାନିକ ଚାରଡୋନେଟ (Chardonet) । କଥାଅଛି ଯେ ତାଙ୍କୁ ଏହି ଆବିଷ୍କାରରେ ପ୍ରକୃତି ସାହାଯ୍ୟ କରିଥିଲା । ଦିନେ ସେ ଗୋଟିଏ ରେଶମ ପୋକର (Silk worm) ଗତି ଲକ୍ଷ କରୁଥିଲେ । ସେ ଦେଖିଲେ ଯେ ପୋକଟି ଗଛ ପତ୍ର ଖାଇ ତାକୁ ଉପରେ ବୁଲୁଛି ଓ ତା ଗତି ସଙ୍ଗେ ସାଙ୍ଗେ ତା ପଛରୁ ଦୁଇଟି ସୂକ୍ଷ୍ମ ଆଠାଳିଆ ସୂତା ବାହାରି ଚାଲିଛି ଓ ପବନ ବାଜି ତା ସାଙ୍ଗେ ସାଙ୍ଗେ ଶୁଖି ଯାଉଛି । ସେ ଗୋଟିଏ ଗଛପତ୍ର ଆଣି ଗବେଷଣା ଦ୍ୱାରା ଦେଖିଲେ ଯେ ତା ଦେହରେ ସେଲୁଲୋଜ (Cellulose) ନାମକ ଏକ ଉପାଦାନ ରହିଛି । ତତ୍‌ପରଠାରୁ ସେ କେତେକ ଗଛପତ୍ର ଓ ଗଣ୍ଡି ଚୂନାକରି ତାକୁ ଏସିଡ଼ରେ ଗୋଳି ଗରମ ହାଓ୍ୱା ଦେଇ ଶୁଖାଇଦେଲେ । ଦୁଇଟି ସୂକ୍ଷ୍ମ ଛିଦ୍ର ଦେଇ ସେ ସେହି ମିଶ୍ରଣରୁ ସୂତା ବାହାର କରିବାକୁ ଲାଗିଲେ ଏବଂ ଥଣ୍ଡା ପବନ ଦେଇ ସୂତାଗୁଡ଼ିକୁ ସାଙ୍ଗେ ସାଙ୍ଗେ ଶୁଖାଇ ଦେଲେ ।

ଚାରଡୋନେଟ ଯେଉଁ ସୂତା ପ୍ରସ୍ତୁତ କଲେ ତାହା ଖୁବ୍ ମଜଭୁତ୍ ଓ ସୁନ୍ଦର ହେଲା କିନ୍ତୁ ଏ ପ୍ରଣାଳୀ ଦ୍ୱାରା ଦେଖାଗଲା ଯେ ପ୍ରକୃତ ରେଶମର ସୂତା ଅପେକ୍ଷା ଏଥିରେ ବେଶୀ ଖର୍ଚ୍ଚ ପଡ଼ୁଛି ମଧ୍ୟ ଏହାର ଶୀଘ୍ର ଜଳିଯିବାର ସମ୍ଭାବନା ରହିଛି ।

Digitized by srujanika@gmail.com

୧୮୮୪ ଖ୍ରୀ: ଅ: ରେ ନିଜେ ଅନ୍ୟତ୍ର ଫ୍ରାନ୍ସର ବେଶାଙ୍କନଠାରେ ରେୟନ ପ୍ରସ୍ତୁତ କରିବା ପାଇଁ ଗୋଟିଏ କାରଖାନା ବସାଇଲେ୍। କିନ୍ତୁ ତାଙ୍କ ବର୍ଣ୍ଣିତ ପ୍ରଣାଳୀରେ ଯେଉଁ ସବୁ ଦୋଷ ଥିଲା ତାହା ଦୂର କରିବାକୁ ତାଙ୍କ ପ୍ରାୟ ସାତବର୍ଷ ଲାଗିଲା। ଏଥିପାଇଁ ଫରାସି ସରକାର ତାଙ୍କୁ ରେୟନ ପ୍ରସ୍ତୁତ କରିବାକୁ କିଛିଦିନ ସକାଶେ ବାରଣ କରିଥିଲେ୍। ଅବଶେଷରେ କଠୋର ଅଧ୍ୟବସାୟ ଓ ନିଷ୍ଠା ଫଳରେ ଗୃରଡୋନେଟ ଭୁଲା ସୂତା ପରି ରେୟନ ସୂତାକୁ ନିରାପଦ ଓ ଦୋଷରହିତ କଲେ୍ ଏବଂ ୧୮୮୯ ଖ୍ରୀ: ଅଃରେ ହେଉଥିବା ପାରିସ୍ ପ୍ରଦର୍ଶନୀରେ ଅପରିସୀମ ଧୈର୍ଯ୍ୟର ଫଳ ସ୍ୱରୂପ ତାଙ୍କର ଏହି ମହତ୍ ଆବିଷ୍କାର ଜନସାଧାରଣରେ ପ୍ରକାଶ କଲେ୍। ଏତଦ୍ୱାରା ତାଙ୍କର ଏତେଦୂର ଯଶ ହେଲା ଯେ ଦେଶର ସମସ୍ତ ପୁଞ୍ଜିପତି ତାଙ୍କୁ ତାଙ୍କ ଅନୁଷ୍ଠାନର ସୁରୁଖୁରୁ ନିଯନ୍ତ୍ରଣ ପାଇଁ ପ୍ରଚୁର ଅର୍ଥ ଦାନ କରିଥିଲେ୍। ଗୃରଡୋନେଟ୍ ଏତେ ଉତ୍ସାହିତ ହୋଇ ପଡ଼ିଥିଲେ୍ ଯେ ଠିକ୍ ଦୁଇବର୍ଷ ପରେ ୧୮୯୧ ଖ୍ରୀ: ଅ: ରେ ସେ ଦୈନିକ ୬୦ ବା ୭୦ ହଜାର ପାଉଣ୍ଡର ରେୟନ ପ୍ରସ୍ତୁତ କରୁଥିଲେ୍। ୧୮୯୫ ଖ୍ରୀ: ଅ: ରେ ତାଙ୍କ କାରଖାନା ଏତେଦୂର ଅଗ୍ରସର କରିଥିଲେ ଯେ ସେ ବାର୍ଷିକ ବହୁଗୁଣ ଲାଭ କରିବାକୁ ଲାଗିଲେ୍।

ଏହାପରେ ୧୮୯୨ ଖ୍ରୀ: ଅ: ରେ କ୍ରସ ଓ ବେଭାନ ନାମକ ଦୁଇଜଣ ଇଂରେଜ କାଠ-ଗୁଣ୍ଡରୁ କାରବନ୍ ବାଇ ସଲଫାଇଡ୍ (Carbon bi-sulphide) ପ୍ରକ୍ରିୟା ଦ୍ୱାରା "ଭିସକୋଶ" ( viscose ) ନାମକ ଏକ ପ୍ରକାର ଅଠା ପ୍ରସ୍ତୁତ କଲେ୍ ଏବଂ ସେହି ଅଠା ଦେହରୁ ସୂତା କାଟିବାର ଏକ ନୂତନ ପ୍ରଣାଳୀ ଆବିଷ୍କାର କଲେ୍। ଏଥିରେ ଗୃରଡୋନେଟ ଓ ଅନ୍ୟାନ୍ୟ ସମସ୍ତଙ୍କ ପ୍ରଣାଳୀ ଅପେକ୍ଷା ଖୁବ୍ କମ ଖର୍ଚ୍ଚ ହେଉଥିଲା। ସୁତରାଂ ଏହି ପ୍ରଣାଳୀକୁ ଅନୁସରଣ କରି ଟୋଫାମ ( Topham ) ନାମକ ଜଣେ ଇଂରେଜ ଗୋଟିଏ କାରଖାନା ଖୋଲିଲେ୍। କିନ୍ତୁ ଦୁର୍ଭାଗ୍ୟବଶତଃ ଅତି ଅଳ୍ପ ସମୟ ମଧ୍ୟରେ ମୂଳଧନ ସମସ୍ତ ଶେଷ ହୋଇ କାରଖାନା ଲୋପ ହୋଇଯିବାକୁ ବସିଲା କିନ୍ତୁ ଚତୁର ଟୋଫାମ ଧ୍ୱଂସ ମୁଖରୁ ନିଜ କାରଖାନା ରକ୍ଷା କଲେ।

ଏହି ସମୟରେ ୧୯୦୦ ଖ୍ରୀ: ଅଃରେ ସେ ରେୟନ ସୂତା କାଟିବାର ଗୋଟିଏ କଳ (Topham Centrifugal Spinning Box) ଆବିଷ୍କାର କଲେ। ଏହି ଯନ୍ତ୍ର ତିଆରି କରିବାକୁ ସେ ଖଣ୍ଡେ ତାର, ଗୋଟିଏ ଟିଣ ଡବା ଓ ତାକୁ ଘୂରାଇବାପାଇଁ ଗୋଟିଏ ଲୁଗା ସିଲାଇ ଯନ୍ତ୍ରର ( Sewing machine) ଟ୍ରେଡ଼ଲ (Treadle) ବ୍ୟବହାର କରିଥିଲେ। ଏହି ନୂତନ ଯନ୍ତ୍ର ସାହାଯ୍ୟରେ ସୂତା ଖୁବ୍ ଚଞ୍ଚଳ ଓ ସୁନ୍ଦର ଭାବରେ କଟାଯାଇ ପାରୁଥିଲା। ସୁତରାଂ ଅଳ୍ପ ସମୟ ମଧ୍ୟରେ ଏହାର ବହୁଳ ପ୍ରଚାର ହେଲା ଏବଂ ପ୍ରାପ୍ତ ଧନରେ ଟୋଫାମ ତାଙ୍କ କାରଖାନାର ପୁନରୁଦ୍ଧାର କଲେ। ତାଙ୍କ ଆବିଷ୍କୃତ ପ୍ରଣାଳୀ ଏତେ ସଫଳ ହୋଇ ପଡ଼ିଲା ଯେ ଏଇ ୩୦ ବର୍ଷ ଭିତରେ ସର୍ବତ୍ର ତାଙ୍କ ଯନ୍ତ୍ରର ବ୍ୟବହାର ଚାଲିଛି। ଏପରିକି ପ୍ରତିବର୍ଷ ପୃଥିବୀରେ ଯେତେ ରେୟନ ପ୍ରସ୍ତୁତ ହେଉଛି ତାର ଶତକଡ଼ା ଅଶୀ ଭାଗ "ଭିସକୋଶ ରେୟନ" (Viscose Rayon)

ବର୍ତ୍ତମାନ କାରଖାନାମାନଙ୍କରେ ଚାରି ପ୍ରକାର ଭିନ୍ନ ଭିନ୍ନ ପ୍ରଣାଳୀ ଦ୍ୱାରା ରେୟନ ପ୍ରସ୍ତୁତ ହୁଏ। ଯଥା:—୧। ଗୃରଡୋନେଟ୍

Digitized by srujanika@gmail.com

ପ୍ରଣାଳୀ । ୨ । ୧୮୮୦ ଖ୍ରୀ: ଅ: ରେ ଫ୍ରାନ୍ସର ଡେପସେସ ( Depsisses )ଙ୍କ ଆବିଷ୍କୃତ କୁପ୍ରାମୋନିୟମ୍ ରେଶମ ପ୍ରଣାଳୀ (Cupra-mmonium Silk Process ) ୩— ୧୮୯୪ରେ କ୍ରସ ଓ ବେଭାନ୍‌ଙ୍କ ଅବିଷ୍କୃତ ଅସିଟେଟ୍ ପ୍ରଣାଳୀ (Acetate Process) ଏହି ତିନି ପ୍ରଣାଳୀ ଦ୍ୱାରା ଖୁବ୍ ସୁନ୍ଦର ଓ ଦାମୀ ରେୟନ ପ୍ରସ୍ତୁତ କରାଯାଏ । ୪ । 'ଭିସ-କୋଜ' ପ୍ରଣାଳୀ ଦ୍ୱାରା ଅନ୍ୟାନ୍ୟ ସମସ୍ତ ପ୍ରଣାଳୀ ଅପେକ୍ଷା ଖୁବ୍ ଶସ୍ତାରେ ରେୟନ ପ୍ରସ୍ତୁତ ହୁଏ । ସୁତରାଂ ବଜାରରେ ଆମେ ପ୍ରାୟ ଭିସକୋଜ ରେୟନ ଦେଖିବାକୁ ପାଉଁ । ଏହି ପ୍ରଣାଳୀ ଦ୍ୱାରା ଯେଉଁ ରେୟନ ପ୍ରସ୍ତୁତ କରାଯାଏ ତାହା କାଠଗୁଣ୍ଡାରୁ ହୋଇଥାଏ । ଆଗେ ସ୍କାଣ୍ଡିନାଭିଅ ରେୟନ ପ୍ରସ୍ତୁତ ପାଇଁ କାଠ ଯୋଗାଉଥିଲା କିନ୍ତୁ ବର୍ତ୍ତମାନ କାନେଡା ଏଥିପାଇଁ ସମସ୍ତ କାଠ ଯୋଗାଉଛି ।

କାଠକୁ ମଣିଷର ଲୁଗା କରି ଗଢ଼ିବା, ପ୍ରକୃତିର ଦାନକୁ ନିଜର ବ୍ୟବହାରରେ ଲଗାଇବା ବାସ୍ତବରେ ମଣିଷର ତୀକ୍ଷ୍ଣ ବୁଦ୍ଧି ଓ ପାଣ୍ଡିତ୍ୟର ପରିଚୟ ଦିଏ ।

ଶ୍ରୀ ଜଗଦୀଶ ପ୍ରସାଦ ମହାନ୍ତି ।
୩୭୪ ନଂ ନାଗବନ୍ଧୁ

---

## ଅଜାଙ୍କ ଅଳି ।

ତୁଫାନ ବିଧ୍ୱସ୍ତ ଅଞ୍ଚଳରେ ସାହାଯ୍ୟ ଦେବା ପାଇଁ ମୁଁ ନାଗବନ୍ଧୁଙ୍କୁ ଯେଉଁ ଆବେଦନ କରିଥିଲି ତାହାର ଫଳରେ କେତୋଟି କେତେଜଣ ନାତି ନାତୁଣୀ କିଛି କିଛି ଟଙ୍କା ପଠାଇଛନ୍ତି । ଏ ଦାନ ଯେତେ ଅଳ୍ପ ହେଲେହେଁ, ଦାନ, ଦାନ, ଧାନ ହିସାବରେ ଅତି ମହାନ । ମୁଁ ସେମାନଙ୍କୁ ମୋର ଓ ... ଅନ୍ତରର ହିତାଳ ସହିତ ସୁବାସିତ ସୁକଲ୍ୟାଣ ଜଣାଉଛି । ଆଶାକରେଁ ଅନ୍ୟ ନାତି ନାତୁଣୀମାନେ ଏଥିରୁ ବଞ୍ଚିତ ରହିବେ ନାହିଁ । ଇତି ।

ଅଜା

### ଦାତାଙ୍କ ନାମ

୧ । ଶ୍ରୀମତୀ ବାସନ୍ତୀ ଦେବୀ, ଜାମସେଦ-ପୁର । ଟ ୪୯
୨ । ଶ୍ରୀ ମାୟାଧର ବେହେରା, କଲିକତା ଟ୧୯
୩ । ଶ୍ରୀ ଦୁର୍ଗାପ୍ରସାଦ ନାୟକ, ସମ୍ବଲପୁର । ଟ ୦ / ୨

---

### କୁପନ୍

ଅଜା,

ମୁଁ ଜଣେ ନାତିନାତୁଣୀ ହେବାକୁ ଚାହେଁ ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବ । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ଟ ୦ / ଟ ୦ ୧ ର ଡାକ ଟିକଟ ପଠାଇଲି ।

ତୁମ ସ୍ନେହର ନାତିନାତୁଣୀ

ଶ୍ରୀ ____________

ଠିକଣା ____________

ତାରିଖ

---

**WANTED**

Sole agents to sell 'Dagaro' for Cuttack, Puri, Khurda and Jajpur. For terms apply to—

Manager, "Dagaro"
P. O. Bhadrak

Digitized by srujanika@gmail.com

REG. NO. P. 441 THE DAGARO—16-12-1942.

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲି:

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼

**ଭାରତୀ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ ସୁଦ୍ଧା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି,

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୭ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରୁଛି ।

### ସୁଦୃଢ଼ତାର ପରିଚୟ—

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଉର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୧ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଉର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଉର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ଛୟଷଠି ଲକ୍ଷରୁ ଉର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସର୍ବତ୍ର ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର
ଧଃଡ ।

Printed & published by G. C. Mahapatra at the Gopinath Press Bhadrak.

Digitized by srujanika@gmail.com

୬ଷ୍ଠ ବର୍ଷ— ପୌଷ

DAGARO
Utkal's most papular Fortnightly
OF
LIGHT, LEAD & LAUGHTER

୧୬ଶ ସଂଖ୍ୟା ପ୍ରଥମାର୍ଦ୍ଧ




ସମ୍ପାଦକ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।

ବାର୍ଷିକ ଦୁଇଟଙ୍କା ପ୍ରତି ସଂଖ୍ୟା ଏକଅଣା

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପ୍ରାଚୀନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚିହ୍ନ, ହାତ ଗୋଡ଼ ଜାଳା ଶାରୀରିକ ଅବସାଦ, ମୂତ୍ରାଶୟରେ ବେଦନା ଅଜୀର୍ଣ୍ଣ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅତିରେ ଆରୋଗ୍ୟ ହୁଏ । ଏକ ଶିଶି ୫୮୯ଙ୍କା ମାତ୍ର ୫ ୨ ଟଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ

ଆଲାମଚାନ୍ଦ ବଜାର, କଟକ ।

---

## ମରମ

କବି – ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ନବ ଯୁଗର ନବୀନ ଭାବୋଚ୍ଛ୍ୱାସ

ପଢ଼ିଲେ ମୁଗ୍ଧ ହେବେ

ମୂଲ୍ୟ:—୫୦୯ ଅଣା

## ଚିଡ଼ିଆଖାନା

ରଙ୍ଗିନ ଛବି ଓ କୌତୁକିଆ ଗୀତରେ ଭରା

ପିଲାଏ ପାଇଲେ ଗଲିଯିବେ ।

ମୂଲ୍ୟ—୫୦।

## ସୁନାପୁଅ

ପିଲାଙ୍କ ହାତରେ ଦେବା ପାଇଁ ଅତି

ସୁନ୍ଦର ଗୀତ ବହି ।

ମୂଲ୍ୟ—୫୦୵ ଅଣା

## କୁମାରୀ

ସୁନ୍ଦର ଛବି ଓ ମଧୁର ଗୀତ ଦେଇ

ଝିଅ ହାତରେ ଦିଅନ୍ତୁ

ମୂଲ୍ୟ—୫୦୵ ଅଣା

---

ସମ୍ପାଦକ—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।**

Digitized by srujanika@gmail.com

ଡଗର

୭ଷ୍ଟ ବର୍ଷ
୧୭ଶ ସଂଖ୍ୟା
ପୌଷ ପ୍ରଥମାର୍ଦ୍ଧ
ତା ୧ । ୧ । ୪୩

— ପାକ୍ଷିକ —
ବାର୍ଷିକ – ଟ ୬।
ପୃଷ୍ଠସଂଖ୍ୟା — ୫୦/
ବିଦେଶ — ୬ ୩୯

# ହୁକା ହୁକା ହୁଆ

## [ ବିଲୁଆ ବିଚାର ]

ଟଙ୍କା— ଟଙ୍କା— ଟଙ୍କା ! ଟଙ୍କାର ଏଭଳିକି ହରତାଳ ଲାଗିଛି । ସବୁ ଜିନିଷର ଦାମ ବହୁଗୁଣ ବଢ଼ି ଯାଇଥିବାରୁ, ଯାହାର ଯେଉଁ ଜିନିଷ ଅଛି, ସେ ତାହା ବିକି ଆଗଠାରୁ ବହୁଗୁଣ ଅଧିକା ପାଇ ଯାଉଛି । ମାତ୍ର ସେ ଟଙ୍କା ତା ହାତରେ ବି ରହୁନାହିଁ । ଅନ୍ୟ ଜିନିଷ ଖରିଦ କଲାବେଳେ ବହୁଗୁଣରେ ବାହାରି ଯାଉଛି । କିନ୍ତୁ ଯାହାଠାରେ ଟଙ୍କା ( ଅର୍ଥାତ୍ କାଗଜ ନୋଟ ହେଲେ ବି ସେଇ ଏକା କଥା ) ଗୁଡ଼ାକ ଦେଶରେ ଉଜବଜ୍ ହେଉଛି ତାଙ୍କ ହାତ ।

ଏଥି ଭିତରେ ଅଡୁଆ ହେଲେ ହେଉପାଟର ସରକାରୀ ଚାକିରିଆ ଓକିଲ ଓ ଜମିଦାରଙ୍କର । କାରଣ ଏମାନେ ବନ୍ଧା ଦାନ୍ତି ନିଅନ୍ତି; ତେଣୁ ଏମାନଙ୍କର ଅସୁବିଧା ଯଥେଷ୍ଟ ।

ହେଉଁଠାକୁ ଗଲେ ସରକାର ଦରମାଖିଆଙ୍କର ବି ଅନେକ ସ୍ଥଳରେ ଭତା ବଢ଼ିଛି, ଓ ଉଚ୍ଚ ଅଧିକ ସ୍ଥଳରେ ଦା'ପଲଗା ହାତ ଉପରର ଅକାର ଅଛି । ଓକିଲଙ୍କ ଅସୁ କମିଥିଲେ ମୁଁ କହ, ଏ ଲଢ଼େଇ ବଜାରରେ ଅମ ଖାଇ ଜାତିର ଲଢ଼େଇ ମାମଲା ମକଦ୍ଦମା ଅଳ୍ପ ବହୁତରେ ଚାଲୁଛି । ତେଣୁ ଏକା ମଲେ ଜମିଦାର । ଜମିଦାରଙ୍କର ଉପୁର ଅଣ୍ଟି ତ ବନ୍ଦ । ତାଙ୍କ ଯାହା ଅଛି, ତା ରଜାଙ୍କ ନିଅଣ୍ଟ । ଏଇ ବଖତରେ ଏ ପୋଲିସିଆ ସଂଶୋଧକ ଜାରିଟା ନିର୍ମୂଳ ହୋଇଯିବେ ପରି ଲାଗୁଛି । ଅର୍ଥ ମନର୍ଥଂ ଭାବୟ ନିତ୍ୟଂ........

\+ + +

କାଗଜ—କାଗଜ—କାଗଜ । ସବୁଆଡ଼େ ହୁରି ପଡ଼ିଛି କାଗଜ କାଗଜ ବୋଲି । ମାତ୍ର କାଗଜ କୋଉଠୁ ଏକାବେଳେ ହଜମ ।

ସତ୍ୟ ଯୁଗରେ କାଗଜ ନଥିଲା । ବେଦ ଗୁଡ଼ାକ ମୁହଁରେ ଶିଖୁଥିଲେ । ସେଥିପାଇଁ ବେଦର ନାମ ଶ୍ରୁତି । ତା ପରେ ଲେଖାଲେଖି ଆରମ୍ଭ ହେଲା ତ୍ରେତା ଦ୍ୱାପରରେ । ସେ ଲେଖା ହେଉଥିଲା ତାଳପତ୍ର ବା ଭୂର୍ଜ ପତ୍ରରେ । ଏବେର କଳିକାଳକୁ ଆଇଲା କାଗଜ । ଘୋର କଳି ଯେତିକି ମାଡ଼ି ଆସିଲା କାଗଜର ହାଉଜାଉ ସେତିକି ବଢ଼ିଲା । ନଭେଲ, ନାଟକ, ବହି, ଖବର କାଗଜ ସବୁ ଯେତେ ମାତ୍ରାରେ ଲୋକେ ସେତିକି ପିଆଇ, କାଉସାଇ ଶିଖିଲେ । ଏଇ କାଗଜ ହେବାରୁ ଦଲିଲ, ଦସ୍ତାବିଜ, ହେଣ୍ଡନୋଟ, ଭଣ୍ଡ ପ୍ରଭୃତି ଦେଶରେ ବଢ଼ିଲା ଯେତେ ଜାଲ, ଜୁଆଚୋରି, ଦଗାବାଜି ମଧ୍ୟ ବଢ଼ିଲା ସେହି ପରିମାଣରେ । ମାମଲାମକଦ୍ଦମାରେ ଅର୍ଜି, ଜବାବ, ରାୟ, ଫଇସଲା ପ୍ରଭୃତି ସବୁ କାଗଜ ସାଙ୍ଗେ ସାଙ୍ଗେ ବଢ଼ିଛି । ସରକାରୀ, ବେସରକାରୀ ଦପ୍ତର ବଢ଼ିଛି । ସୁପ୍ର ଷ୍ଟାମ୍ପ, ଟଙ୍କାର ବଣ୍ଡ, ନିମନ୍ତ୍ରଣପତ୍ର, ଜମାଖର୍ଚ୍ଚ, ନୋଟବହି, ଡାଏରି, ଲଭ ଲେଟର, ସବୁ କାଗଜର ଦୌଲତରୁ । ଏଣୁ ମନେହୁଏ ଏଇ କାଗଜ ଝାଉ କଳିର ବାହନ । କାଗଜ ଯେ ହଜି ଯାଉଛି— ତାର ଅର୍ଥ କାଗୁଡ଼ କଳି ସରି ଆସୁଛି ! ଲୋକେ କହୁଛନ୍ତି ସତ୍ୟଯୁଗ ହେଇ ଆସିଲା ବୋଲି । ଆଉ କେତୋଟା ମାସ । ଅଗଷ୍ଟ ପହିଲି ପରା ? କିନ୍ତୁ ତାର ଦେଖା ମିଳାଣି କାଗଜର ମୂଲ୍ୟ ଦ୍ୱାରା । ସେଥିପାଇଁ ଲୋକେ ଘାବୁରେଇ ହେବା ଅକାରଣ ନୁହେଁ କି ?

× × ×

ଓଡ଼ିଶା ଦେଶରେ ମୁଅଛି ଓ ଯୋଗାଡ଼ିଅ ହେବୁ ଧାନ ଚାଉଳର ଅଭାବ ସତ୍ତ୍ୱେ, ବାହାରକୁ ଧାନ ଚାଉଳ ରପ୍ତାନି ହେଉଥିବା ଖବରରେ ଅସନ୍ତୋଷ ଦୁର୍ଭିକ୍ଷର କରାଳ ଛାୟା ଦେଖି ଅନେକ ବିଚଳିତ ହୋଇ ପଡ଼ିଲେଣି । କେହି ପୁଣି କହୁଛନ୍ତି କି ଦେଶରେ ବହୁତ ମାଲ ମହାଜନମାନେ ଜମେଇ ରଖିଛନ୍ତି । ସେ ଯାହା ହୋଇଥାଉ, ଏଇଥିଶି ପୁଷମାସରେ ଭାଉ ଯାହା ହେଲାଣି ସେଥିରେ ସାଧାରଣ ଲୋକର

Digitized by srujanika@gmail.com

ଉଠିପଡ଼ିବାର କଥା । ଏ ବେଳର ଆମେ ପ୍ରବୋଧ ଦେଉଛୁଁ ଯେ—ହେ ଓଡ଼ିଆ ଭାଇ, ତୁମେ ସବୁଦିନେ ପରାର୍ଥେ ପ୍ରାଣ ଉତ୍ସର୍ଗ କରିବା ଚାଲି ଆସିଛ, ସାମ୍ୟବାଦୀ ଓଡ଼ିଆ ଜାତି । ଏଥର ବେଳେ, ନିଜେ ନଖାଇ ଅଳୁଅ, ଦୁର୍ଭିକ୍ଷ, ପରପାଇଁ ଅନ୍ନ ଦାନ କରି, ଆତ୍ମୋତ୍ସର୍ଗ କରି, ଅକ୍ଷୟ ପୁଣ୍ୟ ଅର୍ଜନ କରି ପାର । ତ୍ୟାଗର ଆଦର୍ଶ ଦେଖାଇ ଜଗତକୁ ଚମତ୍କୃତ କରିଦିଅ । ତାହା ହେଲେ ଦୁର୍ଭିକ୍ଷର ମୌକାଟା ପୁଣି ଫସିଯିବଟି !

\+ + +

ଆମେ ଭାରତବାସୀ ସବୁଦିନେ ପର କଥାରେ ଆମ ମୁଣ୍ଡ ମାରିଦେବା ବୋଲି ଭାବିଥାଉଁ । ବିଲାତର କର୍ତ୍ତା ସାହେବ ପଦେ ମନଲୋଭା କଥା କହିଦେଲେ ବା କେଉଁ ବିଲାତି ଖବର କାଗଜ ଦିପଦ ଶାଣ୍ଡିଲା ଦେଲେ, ଆମେ ଏକ ବେଳେ ତରଳ ଭାସି ଯାଉଁ । 'ଦେହି', 'ଦେହି' କରି କରି ଅନେକ କାଳ ବିତିଲା । 'ଦୟାକର' ବୋଲି କହି କହି ଆଖିରୁ ପାଣି ମଲା । ଏବେ ଇକ୍ରମୁଗ ଆମେରିକା ଓ ଚର୍ଚ୍ଚିଲଙ୍କ ମୁହଁରୁ ଯେପରି କଥା କଥା ନ ଶୁଣିବାରୁ ଅନେକେ ମନେ ମନେ ଆତ୍ମନିର୍ଭରଶୀଳ ହୋଇ ଉଠିଥିଲେ । ମାତ୍ର ସେଇଟା ବୋଧହୁଏ ଅଭିମାନ ଥିଲେ । କାରଣ, ଯେତେବେଳେ ଶୁଣିଲେ ଯେ ଏଥର ଇଂଲଣ୍ଡ ନୁହେଁ, ଆମେରିକାର କେତେ ବଡ଼ ବଡ଼ ଲୋକେ ଭାରତର ଦୁଃଖ ଦୂର କର ବୋଲି କହୁଛନ୍ତି, ଆମ ଛାତି କେତେ ମୋଟ ହୋଇଗଲାଣି । ଏହା ଉପରେ ପୁଣି ଆମେରିକାର ଆନପେଡ଼ ଲୁଇଭେଲଟଙ୍କର ଜଣେ ଖାସ୍ପ୍ରତିନିଧି ଫିଲିପ୍ସ ସାହେବ ଭାରତକୁ ଆସୁଥିବାର ଜାଣି, ସମସ୍ତେ ମାତି ଉଠିଲେଣିକି—ଏଇଥର ଗୋଟାଏ କିଛି ଜାଗିକ ହେଲା । ହାସ୍ୟରେ କପାଳ । "ଗରିବ ମାଇପ ସବୁରି ଟାପରା ହେଲାପରି ଅରକ୍ଷିତକୁ ଖୋଦା ସାହା ।"

× × +

ଆଉ ଗୋଟାଏ ... ଖବର ଯେ ଚୀନବର୍ତ୍ତୀଙ୍କ ଗୃହିଣୀ ମାଦାମ ଚିଆଂକାଇସେକ ଆମେରିକା ଓ ଇଂଲଣ୍ଡ ଯାଇଛନ୍ତି । ସେ ସ୍ୱାମୀ ସ୍ତ୍ରୀ ଦୁହେଁ ଭାରତ ପ୍ରେମିକ ବୋଲି ଜଣା । ଏଥିକି ଦେଖି କେତେ ଆଶାବାଦୀ ମନେ ମନେ ଦୁର୍ଗ ରଚନା କରି ସାରିଲେଣି । କଥା କଣକି, ମାଦାମ ମଜବୁର ନିଶ୍ଚୟ ରୁଜଭେଲ୍ଟ ଓ ଚର୍ଚ୍ଚିଲଙ୍କ ଠାରେ ଆମପାଇଁ ଓକିଲାତି କରି ଭାରତକୁ ସ୍ୱାଧୀନତା ଦାନ ଦିଆଇ ଦେବେ । ମାଦାମ ଚିଆଂ ଅବଶ୍ୟ ଜଣେ ଖେଇ ପନ୍ଥା ବ୍ୟକ୍ତି ଯାହାଙ୍କ କଥାରେ ଓଜନ ଯେତିକି ମୂଲ୍ୟ ବି ସେତିକି । ପୁଣି ସେ ଜଣେ ମହିଳା ଓ ଚୀନର କର୍ତ୍ତ୍ରୀ । ତାଙ୍କ କଥାକୁ କେହି ଏଡ଼ି ପାରିବେ ନାହିଁ । ଚୀନ ପୁଣି ଇଂରେଜ ବନ୍ଧୁ । ମାଦାମ ଭାରତର ସ୍ୱାଧୀନତା ମଧ୍ୟ ଚାହାନ୍ତି । ଅନ୍ୟ କିଏ ଯାହା ଠିକ ମିଳି ଯାଉଛି ଏବାଠାରୁ, ସେଠି ଭାରତୀୟ ମୁକ୍ତିଟା କେତେ ମାସ ! ଅତଏବ ଟିକିଏ ଅପେକ୍ଷା କରି ବାଟରେ ଚାଲି ପକାଇ ବସିଯା ।

× × ×

ଯେ ଯାହାଠି ଥିଲେ ଲଢ଼େଇରେ ଲାଗିଲେ । ଆମେ ଓଡ଼ିଆ ବୀରଜାତି; ଏ ବେଳରେ ଦୁର୍ଗଚରିଙ୍କୁ ଭା ଜମିଛି ! ସୁତରାଂ ଲଢ଼ିବା ଦରକାର । ନୋହିଲେ ମାନ ରହିବ ନାହିଁ ଯେ ! ଲୋକେ ଭୀରୁ କାପୁରୁଷ ବୋଲି କହିବେ ଯେ । ଗୋଟାଏ ଓଡ଼ିଆ ସେନାବାହିନୀ ଗଢ଼ିବାକୁ ଯାଇ ସେନା ଓଡ଼ିଶୀ ଖଣ୍ଡାଏତ ବୀରବୃନ୍ଦ ପଛଘୁଞ୍ଚା ମାରିଲେ । ତାହାଙ୍କ ବାଲକ ଅଭମାନଙ୍କ ଧମନୀରେ ଯେ ବୀର ରକ୍ତ ପ୍ରବାହିତ ହେଉଛି, ତାହା ଥରେ ହାଇ ରହିପାରୁଛି କେତେବେଳେ !

ଯେଉଁପରି ଆମ ସାକ୍ଷୀଗୋପାଳଙ୍କ ନକୁଞ୍ଜକାନନ ଜଙ୍ଗଳ ବନ ସତ୍ୟବାଦୀରେ ଲାଗିଗଲା ପ୍ରଚଣ୍ଡ ସନାତନ ଲଢ଼େଇ ଜଲଚୋର୍ଜ କେତେ ପାଇଁ । ଏ ଲଢ଼େଇରେ ପଞ୍ଚେଳର ବାହାରି ପଡ଼ିଲେ ବଡ଼ ବଡ଼ ଯୋଦ୍ଧା ମହାରଥୀ । କ ଭଣ ସାମାନ୍ୟ ମାସକୁ ପାଞ୍ଚଟଙ୍କିଆ ଚାକିରି ବୋଲି ନୁହେଁ,- ଅଫିସରୀ ମେମ୍ବର ପଦପାଇଁ ନୁହେଁ—ଏହା ଉତ୍କଳପାଇଁ । ତେଣୁ କହିବାକୁ ପଡ଼ୁଛି—ଧନ୍ୟ ଓଡ଼ିଆ ଜାତି, ଧନ୍ୟ ତୁମର ବୀରତ୍ୱ, ନୋହିଲେ କି ତୁମେ ଗଙ୍ଗା ଗୋଦାବରୀ ଜିତା, ଏକାମ୍ର କୋଣାର୍କ ଗଢ଼ା, ରଥପତିଙ୍କ ଦେଶ !

× + ×

ଆଉ ପୁଣି ଏକ ଲଢ଼େଇ ଲାଗିଛି ଦାଶ ମିଶ୍ରଙ୍କ ଭିତରେ । ଏକ ପକ୍ଷରେ ଦ୍ରୋଣାଚାର୍ଯ୍ୟ ପଣ୍ଡିତ ନୀଳକଣ୍ଠ ଅପର ପକ୍ଷ କୃପାଚାର୍ଯ୍ୟ ଜଗନ୍ନାଥ ମିଶ୍ର । ଏଇଟା ଏକା ଦ୍ୱୈରଥ ସମର । ଏ ସମରର ଲକ୍ଷ୍ୟବସ୍ତୁ ସେଇ—ଟଙ୍କା । ପୁରୀର ଏ ସହରଟା କଂଗ୍ରେସ ବୈଠକ ନିମନ୍ତେ ଯେଉଁ ଚାନ୍ଦା ହୋଇଥିଲା ସେଥିରୁ କିଛି ଯାଇ, ଉମାଖାଇ ବାଡ଼ି ଯାହା କଷ୍ଟ ଥିଲା,

Digitized by srujanika@gmail.com

ସେପରି ରହିଛ କୋଷାଧ୍ୟକ୍ଷ ଶ୍ରୀ ଜଗନ୍ନାଥ ମିଶ୍ରଙ୍କ ଠେଇଁ । ସେ କୁଆଡ଼େ ସମ୍ପାଦକ ନୀଳକଣ୍ଠଙ୍କ ବୋଲ ମାନୁ ନାହାନ୍ତି କି ଟଙ୍କା ବାହାର କରୁ ନାହାନ୍ତି । ଏଥିରେ ସମ୍ପାଦକଙ୍କର ଇଜ୍ଜତ ଉପରେ ବାଧା ପଡ଼ିବାର କଥା । ସେଥିପାଇଁ ଉଭୟ ପକ୍ଷରୁ ବାକ୍ୟବାଣ ଅଗ୍ନେୟାସ୍ତ୍ର ତୁଲ୍ୟ ଓ ଅନେକ ଗୋବର ପାଣି, ନଳା ପାଣି ଏପରିକି ଛେପ ସଙ୍ଗାଗୀ ବି ପିଙ୍ଗା ପିଙ୍ଗି ଚାଲିଛି ଏବଂ କେହିବି ହଟିବାକୁ ନାହାନ୍ତି । ଜ୍ୟାକିଇ କହନ୍ତି ବୀରତ୍ୱ ! ସାବ୍‌ବାସ !! × ×

କଲିକତା ସହର ଉପରେ ବୋମା ପଡ଼ିଗଲା । ସହର ମୁଣ୍ଡରେ ପଡ଼ିଲା ନାହିଁ ଯେ— ଓଡ଼ିଆ ବାପୁଡ଼ାଙ୍କ ମୁଣ୍ଡରେ ପଡ଼ିଲା ଏକା । ଓଡ଼ିଆ କୁଲି ଘର ଦ୍ୱାର ଛାଡ଼ି ପେଟ ବିକଳରେ ନଗ୍ନୀ ସହର କଲିକତାରେ ଆଶ୍ରା ନେଇଥିଲେ । ସେଠୁ ପୁଣି ଓଡ଼ିଆଙ୍କୁ ତଡ଼ିବାର ଯାହିଁ ହୁଲ୍ଲା ଲାଗିଛି, ସେଥିରେ ବି ସେ କାନ ମୁଣ୍ଡ ଅଉଁସି ପେଟ ପାଇଁ ରହିଥିଲେ ପଡ଼ି । ଏବେ ଏ ବୋମା ଆତଙ୍କରେ ଜଣାଯାଏ ହାଡ଼ ଯାଇଁ ହୋଇ ପଳେଇ ଆସିବାରେ ଲାଗିଲେଣି । ଓଡ଼ିଆ ତଡ଼ା ଅନ୍ଦୋଳନକାରୀଙ୍କର ମୁରବି ହେଲା ଜାପାନ । ଏଠିର ଭାଇମାନେ ଜୀବନ ବିକଳରେ ଘରକୁ ପଳେଇ ଆସିଲେ । ଏଣେ ଘରେ କୁଳି ଝଣ୍ଟେଇ ଓଗ୍ରା । ଧାନ ନାହିଁ, ରବି ନାହିଁ, ହଳ ବଳଦ ନାହିଁ, ଘର ଦୁଆର ବି ନାହିଁ । ଏଠି ଆସି କର୍ମ ପୋଡ଼ିବା ଦୂରେ ଥାଉ, ଅପଣା ପେଟକୁ ଦାନା ଯୋଗାଇବା ଦୁରାଶା । ଯାହାକୁ କହନ୍ତି— "ପଳେଇ ପଶିଲି ମାଉସୀ ଘରେ, ମାଉସୀ ମାଇଲା ଦନ ଦ' ପଛରେ ।" ଏକମାତ୍ର ଭରସା—ଚିନ୍ତା ବାକ୍ସତଳେ ମୁହଁକୁ ଗୁଞ୍ଜି ଗୁଞ୍ଜି ଅପଣା ଜନମ ଥାନରେ…… ……

\+ × +

କଲିକତା ସହର ଉପରେ ଟିକିଏ ଟିକିଏ ବୋମା ପଡ଼ିବାରୁ ଆମ ବୀର ଭାଇମାନେ ଗୌରବ ଜନକ ଓ କୌଶଳପୂର୍ଣ୍ଣ ପଶ୍ଚାତ୍ ଧାବନ କରି ଚମକ ସୃଷ୍ଟି କରିବା ଦ୍ୱାରା ଗ୍ରାମେ ଗ୍ରାମେ କଥା ଆତଙ୍କ ହୋଇ ବଢ଼ିଉଛନ୍ତି । ମାତ୍ର ସରକାରୀ ଖବର ଯାହା ଆସୁଛି ସେଥିରୁ ଜଣା ଯାଏ ଯେପରି କିଛି ଭୀଷଣ ଆକ୍ରମଣ ହୋଇ ନାହିଁ, ବରଂ କଥାଇ ହବ ବୋଲି ଆଶଙ୍କା ମଧ୍ୟ ନାହିଁ । କାରଣ କଲିକତାରେ ଆମ ସରକାର ତରଫ ଗୁପ୍ତ ଜଗୁଆର ଅଛନ୍ତି ଓ ନୌଜେ ମଧ୍ୟ ତତ୍ପରତାର ସହିତ ରହି-ଛନ୍ତି । ଏଥିରେ କାହାର ବିଚଳିତ ହେବା କିଛି ନାହିଁ ଓ ଭୟ କରିବାର କିଛି ହେତୁ ନାହିଁ; କାରଣ ଆମେ ଯେ ସ୍ୱୟଂ ବଳିଷ୍ଠ ବିଂଶ ଦେଶର ଛାୟା ତଳେ ଆଶ୍ରା ନେଇଛୁଁ । ଅଉ ସରକାରଙ୍କ କଥା କେବେ ମିଛ ହୋଇ ନ ପାରେ । ମନେହୁଏ ଜାପାନ ହାର ଯିବାରୁ କିଛି ଉପାୟ ନ ପାଇ ଦାନ୍ତ ନକୁଟା ମରଣ କାମୁଡ଼ା ଦେଉଛି ମାତ୍ର ।

\+ +

ରାମା, ଶ୍ୟାମା, ମାଧିଆ କେତେ ଜନ୍ତୁ କେତେ ମରୁ-ଛନ୍ତି, ତାର ଖବର କିଏ ନେଉଛି ! ମାତ୍ର କେହି ଜଣେ ଶିରୀନା ଲୋକ ଦୁର୍ଯୋଧନ କଲେ ସମସ୍ତେ ତାଟକା ହୁଅନ୍ତି । ଉତ୍ତର ଆଫ୍ରିକାରେ ଏବେ ଗତି ନାଆଁ କରିଥିବା ଫରାସୀ ଆଡମିରାଲ ଡାରଲାଁଙ୍କୁ କିଏ ଜଣେ ଅଜଣା ଲୋକ ଗୁଳି କରି ମାରି ଦେଇଛି । ଏଥିରେ ଚାରିଆଡ଼େ ହୋହୋ ପଡ଼ି ଯାଇଛି । କିଏ କେତେ ପ୍ରକାର ଭାବୁଛନ୍ତି । ଏକା ଯେ ଯାହା କହନ୍ତୁ ଟେକିଲା ଉ, ଗଲାଙ୍କ ଗଲା ଗଲା ।

× + ×

ଏଣେ ପୁଣି ଆମ ଦେଶର ଜଣେ ସେହିପରିକା ଶିରୀନା ମୁଣ୍ଡ ପଞ୍ଜାବର ପ୍ରଧାନ ମନ୍ତ୍ରୀ ସାର ସିକନ୍ଦର କି ସେହିପରି ରାତି ଅଧରେ ହଠାତ୍ ଲୀଳା ସମ୍ବରଣ କରିଛନ୍ତି । ତାଙ୍କୁ କେହି ମାରି ନାହାନ୍ତି ମୃତ୍ୟୁ ଏପରି ଅକାଳରେ ଅବେଳରେ ତାଙ୍କର ଆମକୁ ଛାଡ଼ି ଯିବାଟା ଷଡ଼ଯନ୍ତ୍ରକ ସନ୍ଦେହ ନାହିଁ, କାରଣ ସେ ମୁସଲମାନ ହୋଇ ମଧ୍ୟ, ଓ ମୁସଲିମ ଲିଗରେ ଥାଇ ମଧ୍ୟ ହିନ୍ଦୁ ମୁସଲମାନ ଏକତାର ସପକ୍ଷରେ ଥିଲେ ଓ ନ୍ୟାୟବାଦୀ ଥିବାରୁ ଲୋକପ୍ରିୟ ହୋଇଥିଲେ । ସରକାରଙ୍କର ତାଙ୍କପ୍ରତି ଯେପରି ଆସ୍ଥା ଥିଲା, ପ୍ରଜା-ଙ୍କର ମଧ୍ୟ ସେହିପରି ବିଶ୍ୱାସ ଥିଲା ତାଙ୍କ ଉପରେ ଏ ସମୟରେ ତାଙ୍କର ଶୂନ୍ୟ ସ୍ଥାନ କେହି ଶୀଘ୍ର ପୂରଣ କରି ଦେଲେ ଦେଶର ସବୁ ପ୍ରକାର ମଙ୍ଗଳ ।

× + ×

ଏଣେ କେବେଠୁଁ ହିନ୍ଦୁ ମହାସଭାର ଜଣେ ଭକ୍ତ ମୁଣ୍ଡିଆଳ ସାର ମନ୍ମଥ ମୁଖାର୍ଜି ବି ଗଲେଣି ଯାଉଛନ୍ତି । ସାର ମନ୍ମଥ ଦେଶ ମଧ୍ୟରେ ଜଣେ ପ୍ରବୀଣ ଓ ମାନ୍ୟଗଣ୍ୟ ବ୍ୟକ୍ତି ଥିଲେ । ତାଙ୍କର ବିୟୋଗରେ ଭାରତ ଉପରେ ଶୋକାଚ୍ଛନ୍ନ ବଡ଼ ବଜ୍ରାଘାତ ପଡ଼ିଲା ପରି ଲାଗୁଛି ।

ସାର ସିକନ୍ଦର ଓ ସାର ମନ୍ମଥଙ୍କ ପାଇଁ ଆମେ ହାୟ ହାୟ ହେଲେ କଣ ହେବ ଶୋକାର୍ତ୍ତ ପରିବାର କିଣ୍ଟା ଦୁରନ୍ତ ଅଛି ଏକା ।

Digitized by srujanika@gmail.com

କଥାଟିଏ କହେଁ...

# ଅଭିମନ୍ୟୁ

ଲେଖକ—Comrade.

କାହାଣୀ

ରହା ରୂପସୀ, ଷୋଡ଼ଶୀ...ସଦ୍ୟ ଫୁଟନ୍ତ ଗୋଲାପଟିଏ ସତେ। ରୂପାଣୀର ଚଞ୍ଚଳତା ସଙ୍ଗେ ଗମ୍ଭୀର ମନ୍ଥରତା ମଧ୍ୟ ଅଛି। କୈଶୋରର ଅସ୍ଥିରତା କମିଛି ସତ..ମନର ଉଚ୍ଛ୍ୱାସ କମେନି, ବଢ଼ିଛି ବରଂ। ବସନ୍ତର ବାଆ ତାର ମନରେ ଯୌବନର ଅଗ୍ନିଶିଖା ଜାଳିଦିଏ...କୋଇଲିର କୁହୁ ତାକୁ ଉନ୍ମତ୍ତ କରେ...ଫୁଲର ସୌରଭ ତାର ଆଖିରୁ ନିଦ ନେଇଯାଇ ଦିଏ...ପ୍ରକୃତିର ସୌନ୍ଦର୍ଯ୍ୟ ତା ଆଖିକୁ ଅଭିନବ ଦୃଶ୍ୟ ଦେଖାଇଦିଏ...ମନକୁ ଦିଏ ଅଭିନବ ଅନୁଭୂତି...ତରୁଣୀର ମନ ତାକୁ ଅସ୍ଥିର କରେ। ପ୍ରେମ କବିତା, ଉପନ୍ୟାସଗୁଡ଼ିକ ସୁଖ ଦିଏ... ଚକ୍ରବାକୀର କରୁଣ ବିରହ ଗାନରେ ସେ ଦୁଃଖ ପାଏ...ଉର୍ମ୍ମିଳାର ବେଦନା ଅନ୍ତରେ ସେ ଆପଣକୁ ଖୋଜିବୁଲେ. ସହାନୁଭୂତିରେ ତାର ଆଖିରୁ ଲୁହ ଝରିଯାଏ, ତାର ଅନ୍ତରରେ...ତାର ଛାତି ଭିତରେ କି ମିଠା କିବା ଲାଗେ ସେ ଠିକ୍ ବୁଝିପାରେନି... କିନ୍ତୁ କୌତୂହଳ ଥିବା ମୂଳ ଏହି ଅନୁଭୂତିକୁ ସେ ଉପଭୋଗ କରେ।...ଏସବୁ ପରିବର୍ତ୍ତନ ମଝିରେ ସେ ଅନୁଭବ ମଧ୍ୟ କରେ ଜଣକର ଅଭାବ—ଦୁର୍ଦ୍ଦମନୀୟ ଅଭାବ।

ଆକସ୍ମିକ ଭାବରେ ଏକ ଶୁଭଲଗ୍ନର ମୃଦୁ ପ୍ରଭାତରେ ଏହି ଅଙ୍କୁରିତ ଯୌବନା ରହାର ସୁରୁ ସଙ୍ଗେ ସାକ୍ଷାତ ହୁଏ...କ୍ଷଣକ ପାଇଁ ରହା ବୁକୁତଳେ ମୃଦୁ ସ୍ପନ୍ଦନ ଅନୁଭବ କରେ...ତାପରେ ପ୍ରେମାଙ୍କୁର। କ୍ରମେ ସୁରୁ ସଙ୍ଗେ ରହାର ପରିଚୟ ଘନେଇ ଆସେ। ପରିଚୟର ଘନିଷ୍ଠତା ମଧ୍ୟରେ ରହା ଅନୁରାଗର ତୀବ୍ର ଆକର୍ଷଣ ପାଇ ମନେ କଲା ପ୍ରଣୟର ପ୍ରଥମ ବୀଜ ବପନ ତା ବୁକୁତଳେ ହୋଇ ସାରିଛି।...ତେବେ ଉପାୟ???...ଯୌବନର ପ୍ରଖର ସୁଅ ମୁହଁରେ ପଡ଼ି ସେ ଥଳକୂଳ ପାଇଲା ନି।

ନିତି ସଞ୍ଜ ବେଳେ ରହା ସୁରୁର ଆସିବା ପଥକୁ ଚାହିଁଥାଏ।...ପ୍ରାଣର ସବୁ ଅକୁହା କଥା ସେ ଆଜି ସୁରୁକୁ କହିବ...ସେ ଯେ ଆଉ ସହିପାରେ ନା...ସେ ଆଜି କହିବ 'ସୁରୁ ଭାଇ, ମୁଁ ତୁମକୁ ଚାହେଁ'। ଉତ୍ତେଜନାରେ ସେ ପଦକୁ ବାର ବାର ପରୀକ୍ଷା-ଚାଲୁ ଲାଗେ...କିନ୍ତୁ ହାୟ! ପରକ୍ଷଣରେ ନାରୀ ପ୍ରାଣ ତା'ର ସଙ୍କୁଚିତ ହୋଇଯାଏ.. ଲଜ୍ଜା ଓ ସଙ୍କୋଚରେ ତାର କପୋଳ ଗାଲ ଦୁଇଟି ରଙ୍ଗା ପଡ଼ିଯାଏ। ସୁରୁ ଆସେ...ପୁଣି ଯାଏ। ରହାର କଥାଟି ସେହିପରି ଅକୁହା ରହିଯାଏ...କି ଯେ ସେ ଯାତନା?... ସୁରୁ ଯେମିତି ବୁଝନ୍ତା!! ଅଭିମାନରେ ରହାର ବୁକୁ ଫାଟି ପଡ଼େ...ଆଖିର କଳା ତୋଳା ଦୁଇଟି ଅଶ୍ରୁରେ ଛଳଛଳ କରି ଉଠେ...କାଲି ସୁରୁଭାଇ ଆସିଲେ ସେ କେବେ କଥା କହିବ ନାହିଁ...କେତେ କଷ୍ଟରେ ସେ...ଆଉ ଭାବିପାରେନି, ରାତିଟି ତାର ଅନିଦ୍ରାରେ କଟେ।

\+ × +

ପୀରତିର ଖସଡ଼ା ପଥରେ ଦୁହେଁ ଖସି ଗଲେ ବହୁତ ଦୂରକୁ। ଅଭିନୟ ନୁହେଁ ସତ!!... ଅବଶ୍ୟ ପଞ୍ଚା ବିପିନଙ୍କ ପ୍ରେମ ରଚନା କରିବାର ୧୨ଟି ନିୟମ ଏଠି ମାନିବାକୁ ପଡ଼ି ନଥିଲା... 'ପ୍ରେମସୁଧା' ବି ସେବନ କରିବାକୁ ହୋଇ ନଥିଲା... 'ରୋକା' ସାଜି ଦାନ୍ତ ଜାକି 'ଦେହି ପଦ ପଲ୍ଲବ ମୁଦାରଂ' ଜପିବାକୁ ପଡ଼ିନଥିଲା।...ଆପେ ଆପେ ତରୁଣ, ତରୁଣୀର ଦୁଇଟି ପ୍ରାଣ 'ରାଧାକୃଷ୍ଣ'ଙ୍କ ଅମର କାହାଣୀକୁ କେନ୍ଦ୍ର କରି ପରସ୍ପର ପରସ୍ପରଙ୍କ ନିଭୃତରେ ଆପଣାର କରି ନେଇ ଥିଲେ।

× + ×

ହଁ, ବିଲ୍‌କୁଲ ହଠାତ୍ ରହାର ବିଭାଘର କୃଷ୍ଣ ସଙ୍ଗେ ସ୍ଥିର ହୋଇଗଲା...ରହା ପ୍ରାଣରେ ଗୁରୁ ଆଘାତ ପାଇଲା ତଥାପି ପିତା ମାତାର ବାଧ୍ୟ ରହା ପିତାମାତାର ନିର୍ମମ ଆଦେଶ ନିକଟରେ ମଥା ନତ କଲା...ନୂତନତ୍ୱ ଯେ ଏଥିରେ ନାହିଁ ସମସ୍ତେ ସ୍ୱୀକାର କରିବେ।

ବିଦାୟର ପୂର୍ବ ଦିନ ରାତିରେ ପ୍ରାୟ ଦିନ ପରେ ରହା ଓ ସୁରୁର ଦୁଇଟି କ୍ଷୁଧାତୁର ପ୍ରାଣ ଆକାଶର ଲକ୍ଷ ତାରକା ତଳେ ଖୋଲା ବଡ଼ ସରେ ମିଳିତ

( ୬ମ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

## କଲେଜର ହାତରେ

# "ଟ୍ରାଜେଡି"

ଲେଖକ — ଶ୍ରୀ ମହେଶ୍ୱର ମହାପାତ୍ର

ପ୍ର - ବ୍ୟା

ବାମଦେବ ବାବୁ ମୁକୁନ୍ଦ ଉଚ୍ଚ ଇଂରାଜୀ ବିଦ୍ୟାଳୟର ସହକାରୀ ହେଡ଼ ପଣ୍ଡିତ। ଏହି ବର୍ଷେ ଦୁଇବର୍ଷ ହେବ ନର୍ମାଲ ଟ୍ରେନିଂ ପାଶ କରି ସ୍କୁଲର ନିଜକରୁ ଟୁକଣ କରିଛନ୍ତି। ବୟସ ଅନ୍ଦାଜ ୨୪, ୨୫ ଭିତରେ। ଦେଖିବାକୁ ଫୁଟବଲ ପରି ଗୋଲଗାଲ; ତାଙ୍କ ମୁଣ୍ଡର ଚଳିଲ ପରି ଦେହରେ ଖଦଡ଼ ପଞ୍ଜାବୀଟିଏ ଲଗାଇ ଦେଲେ ଜଣେ ପକ୍କା କଂଗ୍ରେସ୍ ନେତା ବୋଲି ଜଣାଯାନ୍ତି। ବାମଦେବ ବାବୁଙ୍କର ବ୍ୟବହାର ଅତି ସରଳ ଓ ମଧୁର। ସ୍କୁଲର ପ୍ରଧାନ ଶିକ୍ଷକ ମହୋଦୟ ତାଙ୍କ ବ୍ୟବହାରରେ ମୁଗ୍ଧ ହୋଇ ତାଙ୍କୁ ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟ ପଦଟା ଦେଇଛନ୍ତି। କଥା କଥାକେ ତାଙ୍କ ପାଟିରୁ ଇଂରାଜୀ ବାହାରି ପଡ଼େ। ସ୍କୁଲର ପିଲାମାନେ ତାଙ୍କୁ 'ପଂଡିତେ' 'ପଂଡିତେ' ଡାକନ୍ତି। ପଂଡିତ ମହାଶୟ ଜଣେ ଶ୍ରେଷ୍ଠ ସମାଜ ସଂସ୍କାରକ, ସ୍ୱଦେଶ ପ୍ରେମୀ ଓ ଗାନ୍ଧି ସୈନିକ। ପ୍ରତ୍ୟହ ରାତି ୯ଟା ବେଳେ ପଂଡିତେ ହଷ୍ଟେଲର ପିଲାମାନଙ୍କୁ 'ଅନୁନ୍ନତ ସମାଜର କୁସଂସ୍କାର', 'ଗାନ୍ଧିଙ୍କ ସତ୍ୟାଗ୍ରହ', 'ଅମର ସ୍ୱାଧୀନ ହେବାର ଦାବୀ', 'ନାରୀ ସ୍ୱାଧୀନତା', 'ବିଧବା ବିବାହ' ଇତ୍ୟାଦି ଇତ୍ୟାଦି ବହୁତ ବଡ଼ ବଡ଼ କଥାରେ ଲମ୍ବା ଲମ୍ବା ବକ୍ତୃତା ଦିଅନ୍ତି। ଏହି ଆଦର୍ଶ ଦେଖାଇବାପାଇଁ ଗାଆଁରେ କୌଣସି ସଭା ସମିତି ହେଲେ ସେଥିରେ ଯୋଗ ଦେବାପାଇଁ ପିଲାମାନଙ୍କୁ ଉତ୍ସାହରେ ହଷ୍ଟେଲରୁ ଛୁଟି ଦିଅନ୍ତି। କେବଳ କେହି କଂଗ୍ରେସ ଦଳର ଲୋକ କୌଣସି ସଭାର ବ୍ୟବସ୍ଥା କଲେ ପଂଡିତେ ତାଙ୍କ ପିଲାମାନଙ୍କୁ ଯୋଗଦେବାକୁ ମନା କରିଥାନ୍ତି। ପିଲାମାନେ ଜିଦ୍ କଲେ ସେମାନଙ୍କୁ ବୁଝାଇ କହନ୍ତି, "ଦେଖ ପିଲାଏ, ମୁଁ ତମମାନଙ୍କ ଭଲ ପାଇଁ କହୁଛି। ହେଡ଼ମାଷ୍ଟର ବାବୁ ତମମାନଙ୍କୁ meetingରେ ଦେଖିଲେ ତମ ବିରୁଦ୍ଧରେ disciplinary actien ନେବେ and I cannot tolerate any breach of discipline in my hostel. ପିଲାମାନେ disciplinary action ନାମ ଶୁଣି ଚୁନ୍‌ଚାନ୍ ରହନ୍ତି।

ଜଣେ ଉଚ୍ଚଦରର ସାହିତ୍ୟିକ ହିସାବରେ ମଧ୍ୟ ଅଞ୍ଚଳରେ ବାମଦେବ ବାବୁଙ୍କର ବେଶ୍ ନାମ ଅଛି। ସ୍କୁଲର ପ୍ରତି ଛାତ୍ର ମୁଖରୁ ତାଙ୍କର ଶିକ୍ଷା ପଦ୍ଧତିର ପ୍ରଶଂସା ପ୍ରତ୍ୟହ ଶୁଣାଯାଏ। ସେ ସ୍କୁଲକୁ ଅପିଲବନ୍ତ ସ୍କୁଲ ହିସାବରେ ଅସାଧାରଣ ଉନ୍ନତି କରୁଛି; ବାମଦେବ ବାବୁ ଏଥିପାଇଁ ଆତ୍ମପ୍ରସାଦ ଅନୁଭବ କରନ୍ତି।

× + ×

ସେବର୍ଷ କଣ୍ଡୁରୁ ଆଉ ଶୁଭ୍ରା ଥାନ୍ତି ଏକାଦଶ ଶ୍ରେଣୀରେ। କ୍ଲାସରେ କଣ୍ଡୁରୁ ହିଁ ଏ ପ୍ରଥମ ଓ ଶୁଭ୍ରା ଦ୍ୱିତୀୟ ସ୍ଥାନ ଅଧିକାର କରେ। ମାତ୍ର ସୁନ୍ଦରୀ ହିସାବରେ ଦଶଟା ଗାଁ ଦେଖି। କଣ୍ଡୁରୁ ବହୁ ଚେଷ୍ଟା କରି ମଧ୍ୟ କେବେ ଶୁଭ୍ରାକୁ ହିସାବରେ ଟପି ପାରନାହିଁ। ସେଥିପାଇଁ ବାମଦେବ ବାବୁ ଶୁଭ୍ରା ପ୍ରତି ଭାରି ସନ୍ତୁଷ୍ଟ। କଲ୍ଲ କ୍ଲାସ ପିକଗୁଡାକ ବଡ଼ ଚଗଲ, ତାଙ୍କ ମାଈଁସରେ ପୋକ ଦେଇ ଦେବେ। "ଶୁଭ୍ରା ହିସାବରେ ପ୍ରଥମ ସ୍ଥାନ ଅଧିକାର କରିଛି" ଏକଥା ଶୁଣିଲେ ତାଙ୍କ ଭିତରେ ସୁଖେ କେତେ ତରାତର ଅଭ ମୁକ୍ତ ହସା। ବୋଧହୁଏ ସେମାନେ ବୁଝନ୍ତି ବାମଦେବ ବାବୁଙ୍କର ଶୁଭ୍ରା ପ୍ରତି ଏ ଗୋଟାଏ ପକ୍ଷପାତିତା। ମାତ୍ର ପକ୍ଷପାତିତା କ'ଣ ବାମଦେବ ବାବୁ ଜାଣନ୍ତି ନାହିଁ। କେବଳ ଶୁଭ୍ରା ଥରକୁ ଥରେ ଅନାଇ ଦେଲେ ବାମଦେବ ବାବୁଙ୍କର ବୁକୁ ଭିତରଟା କଣ ହୋଇଯାଏ। ସତ କହନ୍ତି—ଶୁଭ୍ରା ଏକ ଅପରୂପ ରୂପସୀ। ସଜଫୁଟା ପଦ୍ମ ଫୁଲଟି ପରି ତାର ମୁହଁ ଗୋଲ ସୁନ୍ଦର ଆନନ, ଲୋଳ ଲୋଳ ମୃଗ ନୟନ ଦୁଇଟି ତା'ର ନଦୀ ଚଳ ଚଳ ସୁହାଣୀ, ତାର ଘନ ନୀଳ କୁନ୍ତଳ, ତା'ର ଧୀର ମନ୍ଥର ପଦକ୍ଷେପ ଆଉ ତା'ର ସୁନ୍ଦର ସଂଯତ ପ୍ରସାଧନ—ପ୍ରତି କଥାରେ ଅଛି ତା'ର ଗୋଟାଏ ବୈଶିଷ୍ଟ୍ୟ, ଗୋଟାଏ ମାଦକତା। କ୍ଲାସରେ "କଟୋରେ ହୋଜନ ଟଂଫୁ" ହୋଇଲବେଳେ ଶୁଭ୍ରାର ଅଧର କୋଣରେ ଯେଉଁ କ୍ଷୀଣ ହାସ୍ୟ ରେଖା ଫୁଟି ଉଠେ ସେଥିରେ ବାମଦେବ ବାବୁ ଏକାବେଳକେ ଅସ୍ଥିର ହୋଇ ନିଜର 'ମୋହନଭଙ୍ଗୀ' ଦେଖାଇବାକୁ ଚେଷ୍ଟା କରନ୍ତି। ତାଙ୍କର ଏ ଭଙ୍ଗୀ ଦେଖି ପିଲାମାନେ

Digitized by srujanika@gmail.com

ନିଜ ନିଜ ମଧ୍ୟରେ ମୁହଁ ଚୁହାଁଚୁହିଁ ହୋଇ ହସନ୍ତି ମାତ୍ର କାମଦେବ ବାବୁଙ୍କର ସେଥିପ୍ରତି ନଜର ନ ଥାଏ । ସେ ତାଙ୍କର ଅବିରାମ ଗତିରେ ପଢ଼ାଇ ଚାଲିଥାନ୍ତି । କ୍ଲାସ୍ ଶେଷ ହେବା ଘଣ୍ଟାଟା କାମଦେବ ବାବୁଙ୍କୁ ଭାରି ଅନ୍ତୁଆ ଲଗେ । ଘଣ୍ଟା ବାଜିଲେ ସେ ନିହାତି ବାଧ୍ୟ ହୋଇ କ୍ଲାସ ଛାଡ଼ି ଯାଆନ୍ତି; ମାତ୍ର ନୂରା କେବେ ତାଙ୍କ ହୃଦୟରୁ ଅନ୍ତର ହୋଇ ପାରେନା । ସ୍ୱପ୍ନରେ, ଦିବସରେ ବା ଜାଗରୂକତା ଅବସ୍ଥାରେ ସେ ଦେଖନ୍ତି ବୀଣାଟି ଧରି ନୂରାର ନୂର ଅଙ୍ଗ, ଅଉ ଶୁଣନ୍ତି ସେଇ ବୀଣାର ବାକ୍ୟହୀନ ଗାନ ଓ ଶବ୍ଦହୀନ ଭାବ ।

ନୂରା ଟିକିଏ Shy; କୌଣସି ସହପାଠୀ ସଙ୍ଗରେ କିଛି କଥାବାର୍ତ୍ତା କରିବାର କେହି ତାକୁ କେବେ ଦେଖିନାହିଁ । ସମୟ ସମୟରେ କର୍ଣ୍ଣୁର ଓ ନୂରା ଏ ଦୁହିଙ୍କ ମଧ୍ୟରେ ଦୃଷ୍ଟି ବିନିମୟ ହୋଇଯାଏ । ହେଲେ ଏ ଅଭିନୟଟା କାହାର ମୁଣ୍ଡରେ ପଶେନା କାରଣ କର୍ଣ୍ଣୁରର ସଚ୍ଚରିତ୍ରତା ସମ୍ବନ୍ଧରେ କ୍ଲାସଯାକ ସମସ୍ତେ ନିଃସନ୍ଦେହ ।

ନୂରା କ୍ଲାସରେ କିଛି ବୁଝି ନ ପାରିଲେ କାମଦେବ ବାବୁଙ୍କ ନିକଟକୁ ଯାଇ ବୁଝିଆସେ । ସେତେବେଳେ କାମଦେବ ବାବୁଙ୍କର ଆନନ୍ଦ କହିଲେ ନ ସରେ । ନୂରାକୁ ବହୁତ ଆଦର କରି ପାଠ ବୁଝାଇ ଦିଅନ୍ତି । ନୂରା ଫେରି ଆସେ । ନୂରା ଫେରି ଆସିବା ପରେ କାମଦେବ ବାବୁ ଆକାଶ ପାତାଳ କେତେ କ'ଣ କଳ୍ପନା କରିଯାନ୍ତି । ଭାବନ୍ତି ନୂରା ନିଶ୍ଚୟ ତାଙ୍କ ପ୍ରତି ଅନୁରକ୍ତା । ତା ନ ହୋଇଥିଲେ ସେ ତାର କୌଣସି ସହପାଠୀଠାରୁ ପାଠ ନ ବୁଝି ତାଙ୍କ ପାଖକୁ ଏକୁଟିଆ ଆସନ୍ତା କାହିଁକି । ବଡ଼ ଖୁସିଟାଏ ହୋଇ ନୂରାର ସାନ୍ନିଧ୍ୟରେ ନିଜର ସୁଖ ସୌଧ ଗଢ଼ିବାର ମଡେଲ ଚିତ୍ରଟିଏ ମନ ମଧ୍ୟରେ ଅଙ୍କି ଗୁଣୁଗୁଣୁ ହୋଇ "ଶାପମୁକ୍ତି"ରୁ ଗୀତଟିଏ ଅଉଡ଼ାନ୍ତି—

ବନେ ନୟ ମନେ ରଂଗର ଅଗୁନ,
ପାଓନି ଦେଖିତେ ପାଓନି,
ଗାନେ ନୟ ପ୍ରାଣେ ପ୍ରାଣେର କଥା,
ଶୁଣିନି ଶୁନିତେ ଶୁଣିନି ।

\+ + +

ସଂପ୍ରତି କର୍ଣ୍ଣୁର କଲିକତା ବିଦ୍ୟାସାଗର କଲେଜର ଛାତ୍ର ଓ ନୂରା କିଟିକ 'ତାରୁଦ୍‌ସା' ଗାର୍ଲ-ସ୍କୁଲରେ ।

ଦିନେ କାମଦେବବାବୁ ନିଜର ବଡ଼ କୋଠରି-ଟିରେ ବସି ଗୋଟିଏ ବହିର ପନ୍ନ ଲେଉଟାଉଛନ୍ତି । ମୁଖ କାନ୍ତିରେ ଗାମ୍ଭୀର୍ଯ୍ୟ ବ୍ୟଞ୍ଜକ, ମଧ୍ୟେ ମଧ୍ୟେ ଓଷ୍ଠ ପ୍ରାନ୍ତରୁ କ୍ଷୀଣ ହାସ୍ୟ ରେଖା ଫୁଟି ଉଠୁଛି । ବୋଧହୁଏ ଅତୀତର କିଛି ସଂଶାର ସ୍ମୃତି ତାଙ୍କ ହୃଦୟରେ ଜାଗ୍ରତ ହୋଇଛି । ହଠାତ୍ ଡାକପିଅନର ଡାକରେ କାମଦେବ ବାବୁ ଚମକି ପଡ଼ିଲା ପରି ହୋଇ ପଛ ଅଡ଼କୁ ଅନାଇ ଦେଲେ । ଡାକ୍‌ପିଅନ୍ ତାଙ୍କ ହାତକୁ ଚିଠି ଖଣ୍ଡିଏ ବଢ଼ାଇ ଦେଲା । କାମଦେବ ବାବୁ ଭରଭର ହୋଇ ଚିଠି ଖଣ୍ଡି ଖୋଲି ପକାଇ ଉପର ତଳ ପରସ୍ତେ ଅନାଇ ଗଲେ । ଚିଠିରେ ଯାହା ଦେଖିଲେ ସେଥିରେ ତାଙ୍କର ମୁଖ ସମୁଜ୍ଜ୍ୱଳ ହୋଇଗଲା ଓ ସର୍ବାଙ୍ଗ ଆନନ୍ଦରେ ଥରିବାକୁ ଲାଗିଲା ।

ଚିଠିରେ ଲେଖାଥିଲା—

ପ୍ରିୟତମ,

ଆଜକୁ ୬ ମାସରୁ ଊର୍ଦ୍ଧ୍ୱ ହୋଇଗଲା ଆମର ଅଦର୍ଶନ । ତମେ ଜାଣନ୍ତି ଭ୍ରମର ମୃଣ୍ମୟୀ ନ ଦେଖିଲେ କିପରି ବ୍ୟାକୁଳ ହୁଏ । ସେଥିରେ ପୁଣି ତମର ଏ ଦୀର୍ଘ ନୀରବତା ମୋ ହୃଦୟକୁ କିପରି ବ୍ୟଥା ଦେଉଛି ତାହା କ'ଣ ତମେ ଅନୁଭବ କରି ପାରୁନାହିଁ ? ହଉ, ତମର ଇଚ୍ଛା; ମାତ୍ର ଅନୁରୋଧ ତମର ନୂରାକୁ ଭୁଲିବ ନାହିଁ । ଇତି, ନମସ୍କାର ।

ସ୍ନେହର—ନୂରା ।

କାମଦେବ ବାବୁ ଚିଠି ଖଣ୍ଡି ପଢ଼ି ସାରି ମନେ ମନେ ଭାବିଲେ ନୂରା ବାସ୍ତବିକ୍ ତାଙ୍କୁ ପ୍ରାଣ ଦେଇ ଭଲ ପାଏ, ମାତ୍ର ସେ ଏ ଭଲପାଇବାର କ'ଣ ପ୍ରତିଦାନ କରିଅଛନ୍ତି ? ଅଉ ସବୁ କଥା ପରେ ଥାଉ, ସେ ନୂରାର ମନୋରଞ୍ଜନ ପାଇଁ ଉତ୍ତମ ପ୍ରେମ ଚିଠିଟିଏ ବି ଦେଇ ନାହାନ୍ତି । ଏହା ତାଙ୍କର ଗୋଟାଏ ମସ୍ତବଡ଼ 'ହିମାଳୟ' ଭୁଲ୍ । ତାଙ୍କୁ ନିଶ୍ଚୟ ଏ ଅପରାଧର ପ୍ରାୟଶ୍ଚିତ କରିବାକୁ ହେବ—ଏଥର ପ୍ରାୟଶ୍ଚିତ କେବଳ ନୂରାଠାରୁ କ୍ଷମାଭିକ୍ଷା । ନୂରା ଲେଖିଛି "ଭୁଲିବ ନାହିଁ" । ମାତ୍ର ନୂରାକୁ

Digitized by srujanika@gmail.com

ଭୁଲିବା କି କାମଦେବ ବାବୁଙ୍କ ପକ୍ଷରେ ସମ୍ଭବ ! ସେ ବରଂ ନିଜକୁ ଭୁଲିଯାଇ ପାରନ୍ତି ମାତ୍ର ଶୁଭ୍ରାକୁ ଭୁଲିବା !......ଅସମ୍ଭବ !

ତା'ପରେ ଶୁଭ୍ରା ପାଖକୁ କ୍ଷମା ପ୍ରାର୍ଥନା କରି ଖଣ୍ଡିଏ ପତ୍ର ଲେଖିଲେ । ଲେଖିସାରି ତାକୁ ୩ । ୪ ଥର ଓଲଟ ପାଲଟ କରି ପଢ଼ି ପରଦିନ ଡାକରେ ଦେବା ପାଇଁ ରଖିଲେ ।

ସେଦିନ ରାତିରେ ଆଉ କାମଦେବ ବାବୁଙ୍କୁ ନିଦ ହେଲା ନାହିଁ । ବିଛଣାଟି ଉପରେ ପଡ଼ି ଭବି-ଷ୍ୟତର କେତେ ସୁଖମୟ ସ୍ୱପ୍ନ ଦେଖି ଚାଲିଥାନ୍ତି । ଖୁବ୍ ନିକଟରେ ନବଣୀ ପିଣ୍ଡୁଳାଟି ପରି ଶୁଭ୍ରାର ଅଙ୍ଗସଙ୍ଗ ଲଭି—ଏଇ ଭାବନା କାମଦେବ ବାବୁଙ୍କୁ ଏକାବେଳକେ ଅଧୀର କରି ପକାଇଲା । ମାତ୍ର ରଜନୀ ତାଙ୍କର ଭାବ ପ୍ରବାହକୁ ଅପେକ୍ଷା ନ କରି ପ୍ରଭାତ ହେଲା । କାମଦେବ ବାବୁ ସ୍ନାନାଦି ନିତ୍ୟ-କର୍ମ ସାରି ରାଧାନାଥ ଗ୍ରନ୍ଥାବଳୀଟି ଧରି ବସିଲେ ପଢ଼ିବାକୁ । ମାତ୍ର ପଢ଼ି ପାରିଲେ ନାହିଁ । ପୁଣି ସେଇ ଶୁଭ୍ରା ଚିନ୍ତା । ନିଜର ଉଚ୍ଛୃଙ୍ଖଳ ଭାବକୁ ଆୟତ୍ତ କରି ନ ପାରି ଶେଷରେ କମିଜ୍‌ଟି ପିନ୍ଧି ବାହାରିଲେ ଡାକ ଘରକୁ । ଚିଠିଟି ପକାଇବାକୁ ଯାଉଛନ୍ତି ଠିକ୍ ଏଇସମୟରେ ପିଅନ ଆଉ ଖଣ୍ଡିଏ ଚିଠି ଆଣି କାମଦେବ ବାବୁଙ୍କୁ ଦେଲା । କାମଦେବ ବାବୁ ଚିଠି ପକା ବନ୍ଦ କରି ପତ୍ରଟି ଆଣି ଖୋଲି ଦେଖିଲେ ଖାମ୍ ଭିତରେ ଛୋଟ ବଡ଼ ହୋଇ ଦୁଇ-ଖଣ୍ଡ ପତ୍ର । ପ୍ରଥମେ ଛୋଟ ଖଣ୍ଡିକ ପଢ଼ିବାକୁ ଆରମ୍ଭ କଲେ । ଲେଖାଥିଲା—

ପୂଜ୍ୟ ଗୁରୁଦେବ,

ମୋହର ପ୍ରଣାମ ଗ୍ରହଣ କରନ୍ତୁ । ଏ ପତ୍ରଟି ସଙ୍ଗରେ ଯେଉଁ ପତ୍ରଟି ଦେଖୁଛନ୍ତି ସେଇଟି ଶୁଭ୍ରାଙ୍କ ଆପଣଙ୍କ ନିକଟକୁ ପତ୍ର । ମାତ୍ର ଶୁଭ୍ରା ଭ୍ରମରେ ଆପଣଙ୍କ ପତ୍ରଟି ମୋ ନିକଟକୁ ପଠାଇ ଦେଇଛି । ବହୁତ ସମୟରେ ଏପରି ଭ୍ରମ ହୋଇଥାଏ । କ୍ଷମା କରିବେ ।

ଆପଣଙ୍କ ସ୍ନେହର ଛାତ୍ର

କଣ୍ଡୁଗ ।

ଆଉ ଚିଠିରେ ଶୁଭ୍ରା ଲେଖିଥିଲା—

ଶ୍ରୀଚରଣ କମଳେଷୁ—

ଗୁରୁଦେବ,

ଆପଣ ମୋତେ ଓ କଣ୍ଡୁଗ ବାବୁଙ୍କୁ ଭୁଲି ନ ଥିବେ । ସେହି କଣ୍ଡୁଗ ବାବୁ ଆଜି ମୋର ସ୍ୱାମୀ । ଆମର ବୋହ୍ମ ଉତ୍ସବରେ ଆପଣ ଯୋଗ ଦେଇ ପାରି ନାହାନ୍ତି । ସେଥିକୁ ମୋର ଆୟତ୍ତ ନ ଥିଲା । ବର୍ତ୍ତମାନ ଏତିକି ଭିକ୍ଷା ଆପଣ ଆମ ଦୁହିଙ୍କୁ ଆଶୀର୍ବାଦ ଦେବେ । ଇତି ।

ବିନୀତା

ଶୁଭ୍ରା ।

ପତ୍ରଟି ପାଠ କରି କାମଦେବ ବାବୁଙ୍କର ଚକ୍ଷୁ ବିସ୍ଫାରିତ ହୋଇଗଲା, ମୁଣ୍ଡ ଘୂରାଇ ଦେଲା । ସଙ୍ଗେ ସଙ୍ଗେ ବସାକୁ ଫେରି ଆସି ଲଥ୍ କନା ଖଟ ଉପରେ ବସି ପଡ଼ିଲେ । ଗୋଟାଏ ଦୀର୍ଘ ନିଶ୍ୱାସ ତାଙ୍କର ସମସ୍ତ ଶରୀର ଭେଦ କରି ବାହାରିଗଲା । ବଡ଼ ଅସ୍ପଷ୍ଟ ସ୍ୱରରେ କହି ପକାଇଲେ, "ଓ, ଶୁଭ୍ରା ତାହାହେଲେ ବୋହିତା !" ଆଉ କଣ୍ଡୁଗ୍......"A tragic end to my romance of life !"

——•——

(କାହାଣୀ ୪ର୍ଥ ପୃଷ୍ଠା ଉତ୍ତାରୁ)

ହେଲା.........ତା ପରେ ଯାହା ହେଲା, ହୁଏତ ଅନ୍ଧକାରର ଅନନ୍ତ ଗର୍ଭରେ ଚିର ଦିନ ପାଇଁ ସମାଧି ହେଲା ।

\+ × +

ରହୀ ନୂଆ ଜୀବନରେ ପାଦ ଦେବାର ଦୁଇଟି ମାସ ନ ପୂରୁଣୁ ତାର ଅତୀତ କ୍ରଣପୂର କାହାଣୀ ଲୋକ ମୁହଁରେ ପ୍ରଚାରିତ ହେଲା...ଦ୍ରବ୍ୟପ୍ରଳମତା ନାରୀ ନିଜ ସ୍ୱାମୀର ଦୁର୍ଭାଗ୍ୟ ପାଇଁ ଓ ସ୍ୱ ଚରିତ୍ରହୀନତା ପ୍ରତିପନ୍ନ କରାଇବାକୁ ଯାଇ ସ୍ୱରୁର କୁହା ରଟିଲା ନିଜର ସ୍ୱାମୀ ନିକଟରେ. ଯାହା ସତ ନୁହେଁ ତାହାହିଁ କହି । ନବ ଦମ୍ପତିର ସୁନାର ସଂସାର ଭାଙ୍ଗୁ ନ ଭାଙ୍ଗୁ ରହିଗଲା ।

ସବୁ ରହୀର ମଧ୍ୟ ସ୍ୱାମୀଟିକୁ ଜୀବନରେ ପାଥେୟ କରି ସବୁ ଅପବାଦକୁ ମୁଣ୍ଡପାତି ନେଲା......କିନ୍ତୁ ପାରିଲା ନ ସହି ରହୀର ହତାଦର......ସେ ଭାବି ପାରିଲା ନାହିଁ ଯେ 'ଏହା ଅଭିନୟ'' ! !

—(✱)—

Digitized by srujanika@gmail.com

### ମୂକଂ କରୋତି ବାଚାଳଂ

## ବହିପତ୍ର

## ସହକାର — ୪ର୍ଥ ଓ ୫ମ ସଂଖ୍ୟା

ନବୀନ ସାହିତ୍ୟିକ ଶଶୀ ବାବୁ 'ଗୁଣ୍ଡ' ପ୍ରବନ୍ଧରେ ଅତି ସୁନ୍ଦର ଭାବରେ ନାଗର ଜୀବନ ନାଟର ପ୍ରାଧାନ୍ୟ ପ୍ରମାଣ କରିଛନ୍ତି । ଯେପରି ଉପାଦେୟ, ସେହିପରି ଉପଭୋଗ୍ୟ ।

କବି ଗୋଏଥେ—ଶ୍ରୀ ଲକ୍ଷ୍ମୀମୋହନ ମହାନ୍ତି । ସ୍ୱଦେଶ ଜର୍ମାନ ଗୋଏଥେଙ୍କ କବିତାର ଆଲୋଚନା କରି ତାଙ୍କ କବି ପ୍ରତିଭାର ପରାକାଷ୍ଠା ପ୍ରମାଣ କରିଛନ୍ତି । ଏମନ୍ତ ଆଲୋଚନା ଜାତିକୁ ବଳଶାଳୀ କରେ । କିନ୍ତୁ ଓଡ଼ିଆ ଲେଖକବୃନ୍ଦ ଏ ଦିଗରେ ପ୍ରାୟ ଉଦାସୀନ । ଏହା ବ୍ୟାଧିଗ୍ରସ୍ତ ଜାତିର ଲକ୍ଷଣ ।

ଶ୍ରୀ ଲକ୍ଷ୍ମଣ ମିଶ୍ରଙ୍କ "ମାନସିକ ବିକୃତି" ପାଠକଙ୍କୁ ଆନନ୍ଦ ପ୍ରଦାନ କରେ ।

ମୃତମେରୁରେ ସନ୍ଧ୍ୟା— ଶ୍ରୀ ବିନୋଦଚନ୍ଦ୍ର ନାୟକ । ଛନ୍ଦ ବନ୍ଧ ହୀନ ମୁକ୍ତ କଳ୍ପନା ପାଠକଙ୍କୁ ଉଦ୍‌ଭ୍ରାନ୍ତ, ସ୍ତବ୍ଧ, ବ୍ୟସ୍ତ କରିପକାଏ । କବିତାରେ ନୂତନତ୍ୱର ସୃଷ୍ଟି ଯଥେଷ୍ଟ ରହିଛି । ଛାନ୍ଦୋଗତ ଧାରା ସହିତ ବିଦ୍ରୋହ କରି କବି ନୂତନ କଳ୍ପନା ମର୍ତ୍ତ୍ୟ ଚିହ୍ନାଇ ଦେଇଛନ୍ତି ଓ କଳ୍ପନାର ପକ୍ଷ ବିସ୍ତାର କରି ଦେଶ ବିଦେଶ ଏପରି ଅଦେଶରେ ଅଭିଯାନ କରାଇ ଦେଇଛନ୍ତି ।

ରାଜକିଶୋର ବାବୁଙ୍କ "ପୋଡାଶ୍ରାଦ୍ଧ" ଗଳ୍ପ ସୁନ୍ଦର ହୋଇଛି । ମାତ୍ର ମନେହୁଏ ପୋଥି ଯେପରି ପୋଡାଶ୍ରାଦ୍ଧ ଖୋଜେ, ସେହିପରି ପୋଡା-ଶ୍ରାଦ୍ଧ ବି ପୋଥି ଖୋଜେ । ତାହା ନୋହିଲେ ପାଙ୍ଗା ହୋଇଯିବ ଯେ ?

ନବ ଜୀବନ—ଶ୍ରୀ ମନ୍ମଥ ମାନସିଂହ । ଟଳଳାଳ ଭଣ୍ଡି କବି ମାନସିଂହ କି ପଚିଶ ବାବୁଙ୍କ ପରି ଦାଅ ହାତୁଡ଼ି ଧରିଲେ ନା କଣ ?

ଶ୍ରୀ ଜନକବନ୍ଧୁ ରଥଙ୍କ "ସନ୍ଧ୍ୟା" ନୂଆ ଧରଣର ଲେଖା । ଭଲ ହୋଇଛି ।

ନାରୀ ଶିକ୍ଷା ସମ୍ବନ୍ଧରେ ପଦେ ଅଧେ—ଶ୍ରୀ ଭରତ ଚନ୍ଦ୍ର ନାୟକ । ଲେଖି ସମୟ ଓ ଛପି କାଗଜ ବ୍ୟୟ କରିବାର ଦରକାର ନ ଥିଲା ।

କବିତା—ଶ୍ରୀ ସଦାନନ୍ଦ ଆଚାର୍ଯ୍ୟ । ବାସ୍ତବିକ କବିତାଟି ମର୍ମସ୍ପର୍ଶୀ । କବିଙ୍କୁ ହୃଦୟର ଅଭିନନ୍ଦନ ଜଣାଉଛୁଁ ।

ଶ୍ରୀ ଶ୍ୟାମସୁନ୍ଦର ମହାନ୍ତିଙ୍କର 'ପ୍ରଥମ ରାଗ'ରେ ଆବେଗଠାରୁ କସରତ ଅଛି ବେଶି ।

ଶ୍ରୀ ସତ୍ୟାନନ୍ଦ ବେହେରାଙ୍କ "ମୋଟ ଝରକା-ବାଲା" ଗଳ୍ପ ମୋଟାମୋଟି ମନ୍ଦ ନୁହେଁ ।

---

## ଜାଗରଣ — ପୂଜା ସଂଖ୍ୟା

ସଂପାଦକ—ଶ୍ରୀ ଚନ୍ଦ୍ରମଣି ଦାସ ।

ଏ ସଂଖ୍ୟା ଭିନ୍ନ ଭିନ୍ନ ପ୍ରକାରର ପ୍ରବନ୍ଧ, କବିତା ଗଳ୍ପ, ହାସ୍ୟକୌତୁକ ଆଲୋଚନାରେ ପୂର୍ଣ୍ଣ । ତରୁଣ ଲେଖକ ଲେଖିକାମାନଙ୍କର ଉଦ୍ୟମ ମନକୁ ପ୍ରୀତି ଦିଏ । ଏଥିରେ ଥିବା ନିଜେଗୋଟି ଚିତ୍ର ମଧ୍ୟରୁ ଗୋଟିଏ ତିରଙ୍ଗି ରଞ୍ଜିତ । ଏ ଭଳି ବେଳକାଳରେ ଏମନ୍ତ ଗୋଟିଏ ସୁନ୍ଦର ସଂଖ୍ୟା ବାହାର କରିବାରେ କର୍ମକର୍ତ୍ତାମାନଙ୍କର ବାହାଦୁରି ଅଛି । ଯେ କୌଶଳ-ରେ ତେଙ୍କ ସାହିତ୍ୟ ଓ ଦେଶର ସେବା କରି ପାରିଲେ ମଙ୍ଗଳ । ଆଶାକରୁଁ ଜାଗରଣ ଓଡ଼ିଶାର ଘରେ ଘରେ ଆଣି ପ୍ରକୃତ ଜାଗରଣ ଆଣିବ ।

---

ଶ୍ରୀକୃଷ୍ଣ ଅଷ୍ଟୋତ୍ତର ଶତନାମ—ଲେଖିକା ଶ୍ରୀମତୀ ଅନ୍ନପୂର୍ଣ୍ଣା ଦାସ । ଡିମାଇ ୧୬ ପେଜ, ୧୮ ପୃଷ୍ଠା; ମୂଲ୍ୟ ଏକଅଣା ।

ଏଥିରୁ ଖଣ୍ଡିଏ ଉପହାର ପାଇଁ ଲେଖିକାଙ୍କୁ ଧନ୍ୟବାଦ ଦେଉଛୁଁ । ଅଷ୍ଟୋତ୍ତର ଶତନାମ କହିଲେ ବଙ୍ଗଳାରେ ହରି ପ୍ରସଙ୍ଗ ପଦ୍ୟାବଳୀକୁ ବୁଝାଏ, ମାତ୍ର ଲେଖିକା ତାକୁ ଆଶ୍ରା କରି ଓଡ଼ିଆ ପଦ୍ୟରେ ନାମମାଳା ଗୁନ୍ଥି ପ୍ରକାଶ କରିଛନ୍ତି । ଭକ୍ତି ପରାୟଣ ସ୍ତ୍ରୀ ପୁରୁଷଙ୍କଠାରେ ଏହା ଆଦର ଲାଭ କରିବ ବୋଲି ଆଶା କରୁଁ ।

**ସଙ୍ଗୀତ ବିନ୍ଦୁ**— ଶ୍ରୀମତୀ ଅନ୍ନପୂର୍ଣ୍ଣା ଦାସ । କ୍ରାଉନ ଆଠପେଜ ୨୪ ପୃଷ୍ଠା, ମୂଲ୍ୟ ଅଠଅଣା । ଓଡ଼ିଶା ଜର୍ଣ୍ଣାଲ ପ୍ରେସରେ ସୁନ୍ଦର ଭାବରେ ମୁଦ୍ରିତ

Digitized by srujanika@gmail.com

ଓ ଦକ୍ଷିଣ ଓଡ଼ିଶା ସ୍କୁଲ ସମୂହରେ ପ୍ରାଇଜ ଲାଇବ୍ରେରୀର ନିମନ୍ତେ ଅନୁମୋଦିତ ।

ଲେଖିକାଙ୍କୁ ଜଣେ ସାହିତ୍ୟ ରସିକ ବୋଲି ଜାଣିଥିଲୁ, ମାତ୍ର ସେ ଯେ ଜଣେ ଉଚ୍ଚ ଧରଣର ସେବିକା ତାହା ଆଜି ଜାଣି ପାରି ଅତିଶୟ ପ୍ରୀତ ହେଲୁ । ଏହି ପୁସ୍ତିକରେ ଯେଉଁ ଗୀତ ଗୁଡ଼ିକ ଦିଆ ହୋଇଛି ତାର ଭାଷା ସରଳ ଓ ମଧୁର ଏବଂ ଭାବ ମଧ୍ୟ କବିତ୍ୱମୟ । ପ୍ରତି ଗୀତର ମୂଳରେ ରାଗର ସଙ୍କେତ ଥିବାରୁ ଗାୟକଙ୍କ ପକ୍ଷରେ ସୁବିଧା ହୋଇଛି । ଲେଖିକା ଏଇପରି ବିନ୍ଦୁ ବିନ୍ଦୁ କରି ତାଙ୍କର ଅସଲା ସଂଗୀତ ସୁଧା ଦେଖାଇ ଥାଆନ୍ତୁ ଏହି କାମନା ।

## ଉନ୍ତ୍ରବାୟୁ ସର୍ବସ୍ୱ—

ଶ୍ରୀ ମାୟାଧର ବେହେରା ।

ମୂଲ୍ୟ ଦୁଇଅଣା । ଏହି କ୍ଷୁଦ୍ର ପୁସ୍ତିକାରେ ତରୁଣ ଲେଖକ ତାଙ୍କର ଭ୍ରାନ୍ତ ଉନ୍ତ୍ରବାୟୁମାନଙ୍କୁ ଉଦ୍ଧାରବାଣୀ ଶୁଣାଇଛନ୍ତି ଓ ତାଙ୍କର ତଥ୍ୟ କେତେ କେତେ ବଖାଣିଛନ୍ତି । ଏପରି ବିଷୟରେ ଅନେକେ ତଥ୍ୟ ସଂଗ୍ରହ କରାଯାଇ ପାରନ୍ତା ଓ ପ୍ରକାଶ କଲେ କେବଳ ଉନ୍ତ୍ରବାୟୁ କାହିଁକି ସମଗ୍ର ଦେଶବାସୀଙ୍କର ପ୍ରୟୋଜନରେ ଲାଗନ୍ତା । ଏହି ଅର୍ଦ୍ଧମୃତ ଜାତିର ଉଠାଣ ବେଳ ଆସିଛି । ତାଙ୍କର ଉନ୍ନତିରେ ଦେଶର ଉନ୍ନତି । ଏ ଦିଗରେ ଅଧିକତର ପ୍ରୟତ୍ନ କରିବା ପାଇଁ ଲେଖକ ସର୍ବସାଧାରଣଠାରୁ ଉତ୍ସାହ ପାଇବାର ଯୋଗ୍ୟ ।

## ବନବୀଣା—ଷଷ୍ଠ ବର୍ଷ, ଦ୍ୱିତୀୟ ସଂଖ୍ୟା ।

"ସମାଧି" ଗୋଟିଏ ବୀରତ୍ୱପୂର୍ଣ୍ଣ କାହାଣୀର ଅନୁବାଦ । ଏପରି ବିଷୟର ଅନୁବାଦ ବାଞ୍ଛନୀୟ ।

ନବ ବାବୁଙ୍କର 'ହେଜା' କବିତା ମନ୍ଦ ନୁହେଁ । ଶଶି ବାବୁଙ୍କର "ଭକ୍ତ ଓ ତାହାଙ୍କର ନିଶା" ପ୍ରବନ୍ଧରେ ଜାଣିବାର କଥା ବହୁତ ଅଛି ।

ଶ୍ରୀ ସରସ୍ୱତୀ ପଟ୍ଟଙ୍କର "ନଅଂଶୀ ଭଦ୍ର" ତିଳକିଆ ଗଳ୍ପ । ଉପଦେଶ କରିବାର କିଛି ନାହିଁ ।

ଶ୍ରୀ ରବିନନ୍ଦନ ମହାନ୍ତିଙ୍କର "ଆମେ ତ କଣ୍ଟ ପୁଅ" କବିତାରେ ଭାଷାର ଉପଯୋଗିତା ସଙ୍ଗେ ସଙ୍ଗେ କବିତ୍ୱ ଛନ୍ଦେ ଛନ୍ଦେ ଫୁଟିଛି । ପଢ଼ିଲେ ଆନନ୍ଦ ମିଳେ ।

ଶ୍ରୀ ଜଗବନ୍ଧୁ ତ୍ରିପାଠୀଙ୍କର "ଆଧୁନିକ ଭାରତର ଶିଳ୍ପ ଜାଗରଣ" ପ୍ରବନ୍ଧ ବିଷୟ ତୁଳନାରେ ଅତି କ୍ଷୁଦ୍ର ହେଲେ ମଧ୍ୟ ତାହାରେ ଉପାଦେୟତା ଅଛି । ଏ ସମ୍ବନ୍ଧେ ବହୁଳ ଆଲୋଚନା ଓ ଆନ୍ଦୋଳନ ଦରକାର ।

## ରଶ୍ମି—ପଞ୍ଚମ ଭାଗ ପ୍ରଥମ ସଂଖ୍ୟା ।

କଟକ ରେଭେନ୍ସା କଲେଜ ଓଡ଼ିଆ ସାହିତ୍ୟ ସମାଜର ମୁଖପତ୍ର ତ୍ରୈମାସିକ ପତ୍ରିକାଟିର ମୁଦ୍ରଣ ଓ ସଂକଳନରେ ପରିପାଟି ଅଛି ।

ରଶ୍ମିର ସଂପାଦକୀୟ ଆଲୋଚନା ଉନ୍ନତ ଓ ଉପାଦେୟ । ଏଥିରେ ଯେଉଁ କେତେଗୁଡ଼ିଏ ପ୍ରବନ୍ଧ ଓ କବିତା ଅଛି ସେ ସବୁ ଉନ୍ନତ ଧରଣର ।

ଶ୍ରୀ ରାମଚନ୍ଦ୍ର ମିଶ୍ରଙ୍କର "ଅକୁହା କଥା" ମନସ୍ତତ୍ତ୍ୱାଶ୍ରୟୀ କ୍ଷୁଦ୍ର ଗଳ୍ପ, ସୁନ୍ଦର ଫୁଟିଛି ।

ଶ୍ରୀ ରଘୁନାଥ ଦାସଙ୍କ "ଯୁଗ ସାହିତ୍ୟ" ଚିନ୍ତାଶୀଳ ପ୍ରବନ୍ଧ । ଲେଖକ ଯୁଗ ସାହିତ୍ୟକୁ ଚିରନ୍ତନ ସାହିତ୍ୟଠାରୁ ଉଚ୍ଚତର ପଦ ଦେଇଛନ୍ତି । Art for art sake ନ ହୋଇ ବିଶେଷ ଉଦ୍ଦେଶ୍ୟ ରଖି ହେଲେ artର ଅପଳାପ ହେବା ଯେପରି ସମ୍ଭବପର, ଯୁଗର ପ୍ରବାହ ବଳ ହୃଦୟର ଚିରନ୍ତନ artକୁ ଜାଗ୍ରତ କରିବା ସେହିପରି ସ୍ୱାଭାବିକ । ଏ ଦୁଇଙ୍କ ମଧ୍ୟରେ ସମାଧାନ ଆଣିବା କଲ୍ୟାଣକର ନୁହେଁକି ?

---

ଝିଅଙ୍କ ହାତରେ

ଦେବା ଭଳି ବହି ।

# ସୁନା ଭଉଣୀ

ସଂଗ୍ରାହକ— ଶ୍ରୀ ଘନଶ୍ୟାମ ମହାନ୍ତି

ମୂଲ୍ୟ— ୦।୵ ଅଣା ।

ପ୍ରାପ୍ତିସ୍ଥାନ:—କଟକ ଟ୍ରେଡ଼ିଂ ହାଉସ୍

ନୟାସଡ଼କ—କଟକ ।

Digitized by srujanika@gmail.com

# ମଜାକବିତା

## ( ଲଢ଼େଇ ଫ୍ରଣ୍ଟ )

ଆମେ ଲଢ଼େଇ ଫ୍ରଣ୍ଟ ଭାଇରେ
ଆମେ ଲଢ଼େଇ ଫ୍ରଣ୍ଟ,
ଦେଶଉଦ୍ଧାର କରିବୁ ଯେବେ
ବାଡ଼ିରେ ଫୁଲାଇ ଖଣ୍ଟ।
ହିଟ୍‌ଲରକୁ ମାରିବୁଁ ଘୁଷି,
ଜାପାନ ପିଠିରେ ଦେବୁଁ ଭୁସି;
ସ୍ୱରାଜ ଆଣି ଦେବାକୁ ଆମେ
ଦେଇଛୁ ଦେଇଁଛୁଁ କଣ୍ଠ।
ଆମେ ଲଢ଼େଇ ଫ୍ରଣ୍ଟ।

ଯେତେ ଦେଖୁଛ କଂଗ୍ରେସିଆ,
ଫଚୁର ଟୋକା, ବାହାପିଆ;
ଘରପୋଡ଼ିଆ, ଟଡ଼ଟଡ଼ିଆ, ଅଣାଶ୍ୱାସୀ ଷଣ୍ଢ।
ଆମେ ଲଢ଼େଇ ଫ୍ରଣ୍ଟ।

ଭୁଖିଲେ କେତେ ମାରି ଗାଳି,
ଦେଶକୁ କାଳି ଲଗାଳି
ବଖତ ବେଳେ, ଖସଡ଼ା ମାରି
ବୁଲାଇ ଦେଲେ ଟଣ୍ଟ।
ଆମେ ଲଢ଼େଇ ଫ୍ରଣ୍ଟ।

ଡରଯିବାକୁ ଯେତେବେଳେ ଇଚ୍ଛା,
ଧରରେ ଆସି ଆମର ପିଛା;
ହୁଡ଼ିବ ନାହିଁ, ବୁଡ଼ିବ ନାହିଁ, ଶାନ୍ତ ଥିଲେ ଖୁଣ୍ଟ
ଆମେ ଲଢ଼େଇ ଫ୍ରଣ୍ଟ।

ବାରବାଟଳା ବୁଦ୍ଧି ଛାଡ଼,
ଆଶା କର ଅମର ଦାଢ଼ି;
ପାଇବ ଯେବେ ଅଛ ଆଶା
ଛେନା ଗୁଡ଼ରୁ ବାଣ୍ଟ।
ଆମେ ଲଢ଼େଇ ଫ୍ରଣ୍ଟ।

---

# କୁତୁକୁତୁ

ବିଳାସ ବାବୁ ସୁହାସିନୀଙ୍କୁ ବିଭା ହୋଇଥିଲେ। ଦୁହିଁଙ୍କି ଦୁହେଁ ଆଧୁନିକ ଓ ଆଧୁନିକା। ବିଳାସବାବୁ ଅନ୍ୟ ବାନ୍ଧବୀଙ୍କୁ ନେଇ ନିତ୍ୟ ସିନେମା ଦେଖି ଯାଆନ୍ତି। ତେଣେ ସୁହାସିନୀ ବି ଅନ୍ୟ ପୁରୁଷ ବନ୍ଧୁଙ୍କ ସାଙ୍ଗରେ ସିନେମା ଯାଆନ୍ତି। କେହି କାହାରିକୁ କିଛି କହନ୍ତି ନାହିଁ।

ଦିନେ ହଠାତ୍ ସୁହାସିନୀ ସ୍ୱାମୀଙ୍କ ଚରିତ୍ର ଉପରେ ଆକ୍ଷେପ କରି ରାଗି ଉଠିଲେ। ବିଳାସ କହିଲେ, "କାହିଁ, ତୁମେ ତ ପୁଣି ପୁଂ-ବନ୍ଧୁଙ୍କ ସାଙ୍ଗରେ... ମୁଁ କଣ ତ କଣ ମନା କଲି? ତାହାହେଲା କଣଟି?"

ସୁହାସିନୀ—ଆଛା ଫୁଲ୍ ତ! ତଫାତ୍‌ଟା ବୁଝି ପାରୁ ନା? ତମେ ଯେ ଯାଉଚ, ତାକ ପଇସା ଅଧିକା ଖରଚ—ଆଉ ମୁଁ ମୋର ସିନେମା ଖରଚ ବଞ୍ଚାଇ ନେଉଚି।

\+ × +

ଓକିଲ ନରସିଂହ ରାଉ ରଘୁମୋହନ ବାବୁଙ୍କ ବନ୍ଧୁ। ଦୁହେଁ ଦିନେ କଳି ଲାଗିଲେ। ରଘୁବାବୁ କହିଲେ—"ଓକିଲ କେବେ ସତ କଥା କହନ୍ତି!"

ନର—ଅଲବତ୍ କହନ୍ତି।

ରଘୁ—ଆଛା, ଗୋଟାଏ ଉଦାହରଣ ଦେଲ ଭଲା?

ନର—ମୁଁ ଦିନେ କୋର୍ଟରେ ଜମାଦାରବାବୁ ଓକିଲଙ୍କୁ କହିଥିଲି "ତୁମେ ମିଛୁଆ" ବୋଲି।

\+ +

ମିଆଁ ସାହେବ ମୁହଁ ଥମ ଥମ କରି ଆସୁଥିଲେ। ନାତି ଦେଖି କହିଲା, ବଡ଼ ଏତେ ଗରମ କାହିଁକି ମିଆଁ ସାହେବ? ମିଆଁ—"ଦେଖିଲଣି ଏ ବଦମାସ ହାକିମଟାକୁ ମୁଁ ତା' ସାଙ୍ଗରେ ପାଞ୍ଚ ମିନିଟ କଥା ଭଷା ହୋଇଛି କି ନାହିଁ, ସେ ମୋତେ ଉଲୁ, ବୁଡ଼ବକ, ବୋଲି କହିଲା।"

ନାତି—ଏତେ ଡେରି କଲ କାହିଁକି? +

Digitized by srujanika@gmail.com

## ନାଗବନ୍ଧୁ

ଉଦ୍ଦେଶ୍ୟ — ( ୧୮ ବର୍ଷରୁ ନ୍ୟୁନ ବାଳକ ବାଳିକାମାନଙ୍କ ପାଇଁ )

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଦେହମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ( ୩ ) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ( ୪ ) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

### ଆତ୍ମପର ।

—କି ବୋଲି ତୁମେ ତାକୁ ଚିହ୍ନିବ
ସେ ତ ଭିଖାରୁଣୀ ?
ବୁଲି ସେ ଘର ଘର ଗୋଟାଇ
ଖାଏ ତାର ଅଇଁଠା ।
ପୂରେନି ତେବେ ପେଟ ସବୁଦିନ
ତେବେ ଉଦର ବିଥା,
ଥରେଇ ଶୁଣ ତାର କହୁଣୁ—
ଅହା ଦ' ପଦ କଥା ।
ଦେହେ ଯେ ନାହିଁ ବଳ, ନମାରେ
ହଟି ନ ଚଳେ ପାଦ,
ପେଟକୁ ମୁଠେ ଭାତ, ତା' ବିନୁ
—ଆନ ନାହିଁ ତା' ସାଧ ।
ମାଘ ର ହାଡ଼ ଭଙ୍ଗା ଶୀତେ ସେ
ଶୁଏ ସଡ଼କ କରେ,
ସହଇ କେତେ ଦୁଃଖ, ମରମ
କଥା ମରମେ ମରେ ।
ପିନ୍ଧି ସେ ଛିଣ୍ଡା କନା ଗୋଟାଇ
ଅତି ମଳିନ ବେଶ,
ଜୀଅଇ ବିଧି ତାକୁ ଦେଇଛି
ଆଣି ମରଣ କ୍ଲେଶ ।
ଚିହ୍ନିଛ ଯଦି ତୁମେ ତାହାକୁ
ସତେ ମଣିଷ ବୋଲି,
ନୟନେ ତବ ଅଶ୍ରୁ ଧାରଟି
କିଆଁ ନ ଯାଏ ଢୋଳି ?

ଲେଖିକା:—କୁମାରୀ ଶୈଳବାଳା ୧୬ନମ୍ବର

### ଜାଗରଣ ।

ଅରେ ଓଡ଼ିଆ ଘର ଝିଅ,
ଦିନ ଥିଲା ଯେବେ ଦେଶ ବିଦେଶରେ
ପଡ଼ୁଥିଲା ଆମ ନାଆଁ ।
ଆମ ବାପ ଭାଇ ବୋଇତରେ ଚଢ଼ି
ବର୍ଣ୍ଣିଓ, ସୁମାତ୍ରା ଯାନ୍ତି,
ଓଡ଼ିଆ ବଣିକ ଦେଖିଲେ ଯେ ଠିକ
କାଳଗର୍ଭେ ଲୁଚେ ଆପେ ।
ଭାରତ ବିଖ୍ୟାତ ଥିଲା ଏ ଦେଶଟି
ଶୋଭା ସମ୍ପଦର ଖଣି;
ଆମ ବାପ ଅଜା ପ୍ରତାପୀ ଓଡ଼ିଆ
ଥିଲେ ବୀର ଶିରୋମଣି ।
ଦିନେ ଏ ଓଡ଼ିଶା ଶିଳ୍ପ କଳାରେ
ବିଖ୍ୟାତ ଥିଲା ଭାରତେ;
ଏକାମ୍ର, କୋଣାର୍କ, ଶ୍ରୀକ୍ଷେତ୍ର ମନ୍ଦିର
ତାର ପ୍ରମାଣ (ଏ) ମରତେ ।
ଅନଙ୍ଗ, ପ୍ରତାପ ସୁବର୍ଣ୍ଣ ମର୍କତ
ଯୋଗ୍ୟ ସନ୍ତାନ (ଏ) ଭୂଇଁର
ମଧୁ, ଗୋପବନ୍ଧୁ ଭଞ୍ଜ ରାଧାନାଥ
ରଖିଗଲେ ନାଆଁ ମା'ର !
ଜାଗରେ ଓଡ଼ିଆ ଜାଗ ଜାଗ ଆଜି
ଭିଖାରୁଣୀ ଆଜି ମାଆ,
ସ୍ମର ପୂର୍ବ କୀର୍ତ୍ତି ଯାଜ ମନ୍ତ୍ର ସ୍ମୃତି
ଆମେ ସବୁ ସିଂହ ଝିଅ ।
କବି, ଚିତ୍ରକର କୃଷକ, ବଣିକ
ଲଢ଼ୁଆ ପାଇକ ଆମେ,
ଅମର କାହ୍ନୁ କୀର୍ତ୍ତି-କେତନ
ଉଡ଼ିବ ଅମର ନାମେ ।

ଲେଖିକା:—ଶ୍ରୀମତୀ ସରସ୍ୱତୀ ଦେବୀ

Digitized by srujanika@gmail.com

## ( ଗୁହାରି )

ସୁନା ଭାଇ ମୋର ଏ ବେଳରେ ଆଜ
ନଜର ନକର ହେଳା,
କୋଟି ଲୋକଙ୍କର ଦୁଃଖ ପାସୋରିବାରେ
ବୁଡ଼ୁଛି ଜୀବନ ଭେଳା ।
ଭାଇ ଭଉଣୀଙ୍କ ଆତୁର କ୍ରନ୍ଦନ
କାତର ସହିବା ଆଜ,
ଚୌଦିଗ ହେଲାଣି ମଶାଣିର ସରି
ଘେନ କଷ୍ଟ ହାତରେ ଆୟୁ ।
ଶୀତ କାକରରେ ପଡ଼ି ଗଛ ତଳେ
ହେଉଛନ୍ତି କଳବଳ,
ହା ଅନ୍ନ, ହା ଅନ୍ନ, ଶବଦେ ଝରୁଛି
ନୟନୁ ଲୋତକ ଝର ।
ଯାହା ଲାଗି ଆମେ ବଞ୍ଚି ରହୁ ଥିଲେ
ଦୁଇ ଗଣ୍ଡେ ପେଟ ଖାଇ,
ପିନ୍ଧିବାକୁ କନା ଖାଇବାକୁ ଦାନା
ଘର ଖଣ୍ଡେ ତାର ନାହିଁ ।
ଗୋଟିଏ ଦିନରେ ମରିବାନ ଆମେ
ହେଉଗଲେ ଉପବାସ,
ଆମ ଭାଇ ପରା ଗୋଟିଏ ଦିନରେ
କୋଟି କୋଟି ଯିବେ ନାଶ ।
ଆପଣା ପେଟରୁ ଊଣା କର ଗଣ୍ଡେ
ପରା ଭାଇ ତାଙ୍କ ଲାଗି,
ସବଳ ହେଲେ ସେ ଉଠିବେ ସରବେ
ପଡ଼ିଛି କଙ୍କାଳ ଭାଙ୍ଗି ।
ହେ ନାଗ ଭଉଣୀ— ଭାଇମାନେ ମୋର
ଶୁଣ ଏ ଗୁହାର ଅରେ
ଆମର ସାହାଯ୍ୟ ପାଇ କିଛି ହେଲେ
ଦୁଃଖ ଘୁଞ୍ଚୁ ପରେ ଦୂର ।

ଲେ:— ଶ୍ରୀ ଗୋପୀନାଥ ବେହେରା ୩୬୭ ନଗ

## ( ପରପାରେ )

ମାଟିର ମଣିଷ ମୁହିଁ ମିଶିଯିବି
ଦିନେ ଏ ମାଟିରେ,
ଶତ ଶତ ବାଧାବିଘ୍ନ ସହ୍ୟକରି
ଏ ମୋର ଛାତିରେ ।
ଆସିଥିଲି ହସି ହସି ଗଲାବେଳେ
ଯିବି କାନ୍ଦି କାନ୍ଦି,
କଷ୍ଟର ମରଣ ଆହା ନେବ ମୋତେ
କୈଉଁ ଦେଶେ ବାନ୍ଧି ।
ଜୀବନର ଶତ ଶତ ସ୍ମୃତି ମୋର
ପଡ଼ିଥିବ କାହିଁ,
ମୁଣ୍ଡ ପିଟି କାନ୍ଦୁଥିବେ ମୋ ଲାଗି
ପିତା, ମାତା, ଭାଇ ।
ସେ କ୍ରନ୍ଦନ ଶୁଣିବାକୁ ସମୟ ମୋ
ଯାଇଥିବ ଚାଲି,
ପାରିବିନି ଆଉ ଥରେ ଏ ଚାଇଜ
ଦେଖିବାକୁ ଫେରି ।
କେତେ ଆଶା କଳିକା ମୋ ଫୁଟିଥିବ
ହୃଦ କୁଞ୍ଜବନେ,
ଗୁହୁଁ ଗୁହୁଁ ଝଡ଼ିଯିବ ସତେ ଆହା
ପ୍ରଳୟ ପବନେ ।
ଦୁନିଆ ହାଟରୁ ମୋର ସରିଯିବ
ସଉଦା କିଣିବା,
ଯହୁଁ ଆସିଥିଲି ତହୁଁ ଯିବି ପୁଣି
ଥାଉଁ ଥାଉଁ ଦବା ।
କେ ହସିବ କେ କାନ୍ଦିବ 'ଗଲାହେଲା'
ବୋଲିବେ କହିବ,
କାହା ସଙ୍ଗେ ଦୁଃଖଶୋଧ ନେବାକୁ ମୋ
ସମୟ ନଥିବ ।

× × ×

ଜନନୀ ଜନମ ଭୂମି ଆଶ୍ରୟ ଲୋ
ଦେଉଛୁ ତୋ କୋଳେ,

Digitized by srujanika@gmail.com

ପାଇବନି ରଣ ତୋର ସୃଷ୍ଟି ଅଙ୍କେ
ଜନ୍ମ ଜନ୍ମାନ୍ତରେ ।
ଶତ ଶତ ଅର୍ଦ୍ଧଳ ମୋ ସହୁଅଛୁ
ମୁଖେ ହସି ହସି,
ମୂଢ଼ର ନୟନେ ଢାଳେ ସ୍ନେହ ମସି
କୋଳେ ତୋର ବସି ।
ହସିଛୁ କାନ୍ଦିଛୁ କେତେ ଖେଳି ଅଛୁ
ତୋଳି ଧୂଳି ଘର,
ମୋ ଦୁଃଖରେ ଦୁଃଖୀ ହୋଇ ନେଇ ଅଶ୍ରୁ
ଝରିଛୁ ତୋହର ।
ତୋର ଜଳବାୟୁରେ ମା ଏ ଶରୀର
ହୋଇଛି ମୋ ଗଢ଼ା
ପାଇବନି ସହଜରେ ଅଙ୍ଗ ମୋର
ମୂର୍ଣ କଚ କରା ।
ବାଧିବନି ପେଟ କଷ୍ଟ ଭଣ୍ଡାରେ ତୋ
ଶସ୍ୟ ଅଛି ପୂର୍ଣ୍ଣ,
କୋଟି କୋଟି ସୁତଙ୍କର ମହାନନ୍ଦେ
କଟିବ ଜୀବନ ।
ଲାଗିବନି ତୃଷା କେବେ ଉଣ୍ଡିଅଛୁ
ନିର୍ଝରିଣୀ ଜଳ,
ବାଧିବନି ଖରା ଅଙ୍ଗେ କୋମଳ ତୋ
ତରୁ ଲତା ତଳ ।

× × ×

ଜନନୀ ଗୋ କର ଯୋଡ଼ି ପଦେ ତୋର
କରଇ ପ୍ରାର୍ଥନା,
ଅଧମର ଦୋଷାଦୋଷ ଫିଙ୍ଗି ଦୂରେ
ଦେବୁ କି ତ କ୍ଷମା ?
ଏତିକି ମା ଅଟେ ମୋ ମାଗୁଣି
ଚଳିଯିବ "ଜୟପାଡ଼େ" ତୋର ଗୁଣ
ମୁଖେ ଗୁଣି ଗୁଣି ।

ଶ୍ରୀ ବୀଣାକର ଦାଶ (୩୬୮ ନାଗ)

—❀—

## ନୂଆ ନାଗଙ୍କ ନାମ

୪୨୩ । ଶ୍ରୀ ସନାତନ ଷଡ଼ଙ୍ଗୀ C/o ଶ୍ରୀ ଜଗବନ୍ଧୁ ମିଶ୍ର P. W. D. office. Sambalpur P. O. Sambalpur. ୪୨୪ ଶ୍ରୀ ଲଳିତ ମୋହନ ପଣ୍ଡା 1st year. Science. ରେଭେନ୍ସା କଲେଜ କଟକ । ୪୨୫ ଶ୍ରୀ ନାରାୟଣ ଚନ୍ଦ୍ର ନାୟକ C/o ଶ୍ରୀ ହାଡ଼ିବନ୍ଧୁ ଚରଣ ନାୟକ Vill. ବାଲିଆ ପାଟଣା ପୋ: କୋପାର ଜି: ବାଲେଶ୍ୱର । ୪୨୬ ଶ୍ରୀ ପଦ୍ମଲୋଚନ ଦାଶ C/o. ଶ୍ରୀ ଆନନ୍ଦଚନ୍ଦ୍ର ଦାଶ ସା: ବଡ଼ ପଲ୍ଲୀ ପୋ: ପଟାମୁଣ୍ଡାଇ ଜି: କଟକ ୪୨୭ । ଶ୍ରୀ ଗୋବିନ୍ଦଚନ୍ଦ୍ର ଦାଶ ସା: ନମିପୁର ଶାସନ ପୋ: ଅଲଭା ଜି: କଟକ । ୪୨୮ । ଶ୍ରୀ ନନ୍ଦକିଶୋର ଦାଶ C/o. Shaw Wallace Co. 4, Bank shall st. Calcutta.

## ନାଗବଗ୍ର କୁପନ୍

ଅଜା,

ମୁଁ ଜଣେ ନାଗନାଗୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ପଣ କରଇ । ଦୟାକରି ନାଗବଗ୍ର ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ବାର୍ଷିକ ଚନ୍ଦା ୫୦/ / ଆଜୀବନ ଚାନ୍ଦା ୫୦୦ ର ଡାକ ଟିକଟ ପଠାଇଲି ।

ତୁମ ସ୍ନେହର ନାଗନାଗୁଣୀ

ଶ୍ରୀ ________________

ଠିକଣା ________________

ତାରିଖ

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲି:

**ଆଭ୍ୟନ୍ତରୀଣ ବିପ୍ଲବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ଲୋକଙ୍କୁ ଜୀବନର ଦାୟିତ୍ୱ ଗୋଟିଏ ସ୍ୱଦେଶୀ

**ଭାରତୀ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ନେଉଥିବାର ଦୃଷ୍ଟାନ୍ତ ଦେଖାଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ଜନିତ ଝୁଙ୍କି ଅଧିକା ପ୍ରିମିୟମ ନ ନେଇ ହିନ୍ଦୁସ୍ଥାନ ସାଧାରଣ

ଅବସ୍ଥାରେ ଜୀବନ ଦାୟିତ୍ୱ ନେଉଛନ୍ତି

**ସେଥିପାଇଁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ଗତ ୩୭ ବର୍ଷ ଧରି କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା

ଜଗତରେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଛନ୍ତି ।

## ସୁଦୃଢ଼ତାର ପରିଚୟ—

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୧ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ଷାଠିଏ ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସବୁଠୁ ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗେନାଇଜର
ଭଦ୍ରକ ।

Printed & published G. C. Mahapatra at the Gopinath Press Bhadrak.

Digitized by srujanika@gmail.com

୭ମ ବର୍ଷ—
ପୌଷ

DAGARO
Utkal's most papular Fortnightly
OF
LIGHT, LEAD & LAUGHTER

୧୭ଶ ସଂଖ୍ୟା
ଦ୍ୱିତୀୟାର୍ଦ୍ଧ




ସମ୍ପାଦକ
ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।

ବାର୍ଷିକ ଦୁଇଟଙ୍କା    ପ୍ରତି ଗଣ୍ଡ ଏକଅଣା

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ଚକ୍ତ ଚକ୍ତ, ହାତ ଗୋଡ଼ ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବିଦ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୲ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅତିରେ ଅରୋଗ୍ୟ ହୁଏ । ଏକ ଶିଶି ୫୨୲ଙ୍କା ମାତ୍ର ୫୨୲ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ**

ଆଲମଚାନ୍ଦ ବଜାର, କଟକ ।

---

# ଫାନ୍ସି ଲିଭର ହାତବନ୍ଧା ଘଡ଼ି

## ଦାମ ଶସ୍ତା




ଏହା ଠିକ ସମୟ ରଖେ—ଏହାର କଳକବ୍ଜା ଖୁବ୍ ମଜବୁତ୍ ଓ ବହୁଦିନ ସ୍ଥାୟୀ । ଘଡ଼ିଟିର ଆକୃତି ମଧ୍ୟ ଖୁବ୍ ସୁନ୍ଦର । ୧୫ ବର୍ଷ ସକାଶେ ଗ୍ୟାରେଣ୍ଟି ଦିଆଯାଏ । 'Rayco liver' (ରେକୋ ଲିଭର) ଘଡ଼ି ୫୭୲ । ଉତ୍କୃଷ୍ଟ ଧରଣର ଘଡ଼ି ୫୧୨୲ । ସୁନା ଗିଲ୍ଟକରା ଘଡ଼ିର ଦାମ ୫୧୩.୮୵ । ୭ଟି ଜୁଏଲ ଯୁକ୍ତ ରୋଲ୍ଡଗୋଲ୍ଡ ଘଡ଼ିର ଦାମ ୫୧୫୲ ମହିଳାଙ୍କ ସକାଶେ ଲେଡିଜ୍ ୱାଚ ୫୧୭୲ । ଡାକ ଖର୍ଚ୍ଚ ୫୦୲୵ । ଦୁଇଟି ଘଡ଼ି ଏକ ସଙ୍ଗରେ କିଣିଲେ ଡାକ ଖର୍ଚ୍ଚ ପଡ଼େନାହିଁ । ପ୍ରତ୍ୟେକ ଅର୍ଡ଼ର ସହ ଗୋଟିଏ ଫାଉଣ୍ଟେନ ପେନ୍ ଓ ଗୋଟିଏ ଓମି ପକେଟ ଘଡ଼ି ବିନା ମୂଲ୍ୟରେ ଉପହାର ଦିଆଯାଏ ।

THE AMERICAN COMMERCIAL STORE.
Post Box No. 12213 Calcutta (D. G.)

---

ସମ୍ପାଦକ— **ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।**

Digitized by srujanika@gmail.com

# ଡଗର

୬ଷ୍ଠ ବର୍ଷ
୧୬ଶ ସଂଖ୍ୟା
ପୌଷ ଦ୍ୱିତୀୟାର୍ଦ୍ଧ
ତା ୧୬-୧-୪୩

—ପାକ୍ଷିକ—
ବାର୍ଷିକ - ଟ ୬୲
ପ୍ରତିସଂଖ୍ୟା—ଠ ୦/
ବିଦେଶ—ଠ ୩୯


## ହୁକା ହୁକା ହୁଆ

[ ବିଲୁଆ ବିଗୁର ]

ଡଗରର ସ୍ଥାୟୀ ସଂପାଦକ ଶ୍ରୀମାନ୍ ନିତ୍ୟାନନ୍ଦ ମହାପାତ୍ର ଓ ଅଟକବନ୍ଦୀ ଟିହାର ଜେଲଖାନାରେ ମୌରସି ପଟ୍ଟା ହାସଲ କରି ଅଛନ୍ତି ।

ପୁଣି ଡଗର ପ୍ରିଣ୍ଟର ତାଙ୍କ ସାନଭାଇ ଶ୍ରୀମାନ୍ ଗୌରଚନ୍ଦ୍ରଙ୍କୁ ପୋଲିସ ମହାପ୍ରଭୁ ମହାସପ୍ତମୀ ପୂଜା ଦିନ ନିମିତ୍ତ କରି ନେଇ ଯାଇଥିଲେ । ଏବେ ଜଣା ପଡ଼ୁଛି କି ତାଙ୍କ ବିରୁଦ୍ଧରେ କିଛି-ସୂତ୍ର ନ ଥିବାରୁ ତାଙ୍କୁ ବେକ୍ସୁର ଖଲାସ ଦିଆ ଯାଇଛି; ମାତ୍ର universal wrench ରୂପୀ ଭାରତ ରକ୍ଷା ଆଇନର ୧୨୯ ଦଫାରେ ପୁଣି ତାଙ୍କୁ ଅଟକ ରଖା ହୋଇଛି । ଏହି କ୍ଷୁଦ୍ର ସଂବାଦରେ ଡଗରର ହିତାକାମୀବୃନ୍ଦ ମଧ୍ୟ ବେଦନା ଅନୁଭବ କରିବେ ସନ୍ଦେହ ନାହିଁ ।

\+ + +

ପୁରୁଣା ବର୍ଷର ଦଳ ଦଳ, ଛଳନା, ଦହଗଞ୍ଜ, ଭଣ୍ଡା ଉତ୍ପାତରେ ଲୋକେ ପ୍ରାୟ ସରି ଗଲେଣି । ନୂଆ ବର୍ଷର ନୂଆ ସୂର୍ଯ୍ୟ ତାର କଲ୍ୟାଣ କିରଣ ବିଞ୍ଚିନ କରି ଜଗତକୁ ଶାନ୍ତି, ସୁଖ ଓ ଶୃଙ୍ଖଳାର ସୁପଥ ଦେଖାନ୍ତୁ । ମିଥ୍ୟା, ପ୍ରବଞ୍ଚନା, ହିଂସା, ଦ୍ୱେଷ, ବାଦ ବିସମ୍ବାଦର ଅନ୍ଧକାର ବିନାଶ କରି ସତ୍ୟ, ସେବା, ପ୍ରୀତି ଓ ଧର୍ମର ପୁଣ୍ୟ ଆଲୋକରେ ଜଗତକୁ ସୁଧାମୟ କରନ୍ତୁ ।

ଲୋକାଃ ସମସ୍ତାଃ ସୁଖିନଃ ଭବନ୍ତୁ ।

\+ + +

ଗୋଟାଏ ୩୬୫ ଦିନର ଲମ୍ବ ବର୍ଷ ଗଡ଼ ଗଡ଼ ନିଜକୁ ନିଃଶେଷ କରି ଦେଲା । କେତେ କଷ୍ଟ, ମଧୁର ସ୍ମୃତି ପୁରୁଣା ହୋଇଗଲା । ନୂଆ ବର୍ଷର ନୂଆ ଦିନରେ ଆମେ ନୂଆ କିଛିର ଆଶା ଉତ୍ସାହରେ ମସ-ଗୁଲ ହୋଇ ପୁଣି ନୂଆ କରି ଗୋଡ଼ ବଢ଼ାଇ ଦେଉଛୁ । ଏ ଅଭିଯାନରେ ଆମେ ସୁନା ପାହାଡ଼ର ହାବୁଡ଼ ଖାଉଛୁ କି ଅତଳ ଦରିଆରେ ବୁଡ଼ି ମରୁଛୁ ତାହା ମା କାଳୀ ଜାଣନ୍ତି । କିନ୍ତୁ ଆଜ ଯେତେଦିନ ରହିଛି, ଆଶା ଛାଡ଼ିବୁଁ ନାହିଁ, ପଛେଇ ପଡ଼ିବୁ ନାହିଁ; ଭଗବାନଙ୍କ ନିର୍ଭର କରି, ଦେଶବାସୀଙ୍କ ଠେଇଁ ଭରସା ରଖି ନିର୍ଭୟ, ନିର୍ମମ, ନିର୍ଦ୍ୱନ୍ଦ କର୍ତ୍ତବ୍ୟ ପଥରେ ଅଗ୍ରସର ହେଉଥିବୁଁ । ତେଣିକି......

× × +

ଦେଶର ଖବରକାଗଜ ଗୁଡ଼ାକ ସରକାରଙ୍କ ଉପରେ ମାନ ମାରି ଏଥର ନୂଆ ବର୍ଷର ଉପାଧି ତାଲିକା ପ୍ରକାଶ କରି ନାହାନ୍ତି । ତାହା ବୋଲି ଏଥିରୁ ଦାତାଙ୍କର ଏ ଦିଗରେ କୃପଣତା ଅଛି ବୋଲି ଭାବିବାର କୌଣସି କାରଣ ନାହିଁ । ବରଂ ଉଡ଼ା ଶୁଣାରେ ଯେତିକି ଜଣା ଯାଉଛି, ବର୍ଷଣଟା ସର୍ବସ-ଲଟାଣ ନ ହେଲେ ମଧ୍ୟ ଖଣ୍ଡ-ଲଗାଣ ହିସାବରେ ମନ୍ଦ ନୁହେଁ ।

ଦେବତାକର ରୂପୀ ଏହି ଉପାଧି ବର୍ଷଣର ଗୋଟିଏ ବୁନ୍ଦା ଯାହା ମୁଣ୍ଡରେ ପଡ଼ି ଯାଉଛି ସେ ଧନ୍ୟ ହୋଇ ଯାଉଛି । ଦୁଃଖଟା କେବଳ ରହି-ଗଲା, ଖବର କାଗଜରେ ବାହାରି ପାରିଲା ନାହିଁ । ସେତିକରେ ସିନା ଉପାଧିର ସାର୍ଥକତା ! ଲିଷ୍ଟରେ ଥିବା ନାଁଟା ତଳେ ନାଲି ପେନ୍ସିଲ ଦାଗ ଦେଇ ଅନୁସରଣୀୟ କେହି ଯେତେବେଳେ ହସ ହସ ମୁହଁରେ ଖବର କାଗଜ ଖଣ୍ଡିକ ଆଣି ଥାଆନ୍ତା— ଆଃ—ସେ ଯଉଁ ସୁଖ ! ତା' କି ଆଉ ହୋଇ ପାରିଲା ! ଟେବୁଲ ଉପରେ ଥୁଆ ହୋଇ ଥାଆନ୍ତା, କେତେ ବନ୍ଧୁବାନ୍ଧବ ଆସି ଛେକକୁ ଛେକ ନେଉଟେଇ ପଲଟେଇ ଦେଖି ପାଠ କରି ପଢ଼ି ଶୁଣାଉ ଥାଆନ୍ତେ— ସେଇ ଦିନକର ପେଟପୂରା, କଲିଜାଭରା ଯଉଁ ମଉଜଟା—ତାର କଣ ତୁଳନା ଅଛି ! ସେତିକ ତ ! ଆଉ କଣ ଅଛି ? ସେଥିପାଇଁ ଉପାଧି ପାଉଥିବା ସୌଭାଗ୍ୟବନ୍ତ ମାନଙ୍କୁ ଆମେ ପ୍ରାଣର ଉଷ୍ମ ବଧାଇ

Digitized by srujanika@gmail.com

(Congratuations) ଦେବା ସଙ୍ଗେ ସଙ୍ଗେ କଣ୍ଠିତ ସହାନୁଭୂତି ମଧ୍ୟ ପ୍ରକାଶ କରୁଛନ୍ତି ।

ଆଜ ଯେଉଁ ହତଭାଗ୍ୟବୃନ୍ଦ ବର୍ଷେକାଳ ଗୋଟିଏ ପରେ ଗୋଟିଏ ଆଜ ଦିନକୁ ଅପେକ୍ଷା କରି ରହି-ଥିଲେ, ଏବଂ ଟେଲିଗ୍ରାମ ଅଫିସ ପଡ଼ିଆରେ ଦୂତ ଚାଲିଯାଇ ଚାଲିଯାଇ ବାଟ ଚାହାଁଇ ଦେଇଥିଲେ ତାଙ୍କୁ ଆମେ ହୃଦୟର ଶୀତଳ ସମବେଦନା (Condo-lence ?) ଜ୍ଞାପନ କରୁଛୁ । ଦେବଳ ମଧ୍ୟ ହାଲ ନ ଛାଡି ଏ ମହରଗ ବଜାରରେ କଛି ଅଧିକ ମୋଟେଲ ଅଏଲ ଯୋଗାଡ଼ କରିବା ପାଇଁ ତାଙ୍କୁ ପରାମର୍ଶ ଦେଉଛୁ । ନୂଆ ବର୍ଷ ବା ଜନ୍ମଦିନ ପୁଣି ତ ଆସିବ ।

× +

କେତେ ବର୍ଷ ପୂର୍ବେ କଲିକତା ସହରରେ ହିନ୍ଦୁ × ମୁସଲମାନ ଲଢ଼େଇ ଲାଗି ହାଣ କାଟ ହୋଇଥିଲା । ଏ କଥା ସମସ୍ତିଙ୍କର ମନେ ଥିବ । ସେଇ ସମୟର ଗୋଟାଏ କଥା ମନେ ପଡ଼ିଗଲା ।

ଦିନେ ଜଣେ ଓଡ଼ିଆ କୁଲି ଏକୁଟିଆ ବାଟରେ ଚାଲି ଯାଉଥିଲା । ତାକୁ ଦେଖି ଜଣେ ମୁସଲମାନ ଗୁଣ୍ଡା ଧାଇଁ ଆସିଲା ଛୁରିରେ ମୁଣ୍ଡି ମାରିଦେବ ବୋଲି । ଓଡ଼ିଆଟି ବାଜ ପଡ଼ିଲା ପରି ତାର ଗୋଡ଼ ତଳେ ପଡ଼ି ଯାଇ କହିଲା—"ବାବୁ ମୋତେ ମାରନା ।" ଦୁର୍ବୃତ୍ତ-କାରୀ କହିଲା—"ଅରେ ·ତୁ ଯେ ହିନ୍ଦୁ ଅଛୁ ।" ଓଡ଼ିଆ କହିଲା, "ନାଇଁ ମାହାପ୍ରଭୁ, ମୁଁ ଓଡ଼ିଆ ।" ତହିଁ "ଏ ହିନ୍ଦୁ ନେହି—ଉଡ଼ିଆ ହାୟ" ବୋଲି କହି ତାକୁ ଛାଡି ଦେଇଗଲା । × + ×

ନିଖିଳ ଭାରତ ହିନ୍ଦୁ ମହାସଭାର କାର୍ଯ୍ୟକାରୀ କମିଟିରେ ଭାରତର ସବୁ ପ୍ରଦେଶର ଲୋକ ଅଛନ୍ତି, ଏକା ନାହିଁ—ଓଡ଼ିଆ । କାନପୁର ସଭାରେ ମଧ୍ୟ ଓଡ଼ିଆ କେହି ଯୋଗ ଦେଇ ନାହାନ୍ତି । ଏଥିରୁ ଅନେକେ ଓଡ଼ିଆଙ୍କ ପ୍ରତି ଅବିଚାର କରା ହୋଇଛି ବୋଲି ମନ ଦୁଃଖ କରୁଥିବାର ଶୁଣା ଯାଉଛି । ମାତ୍ର ଆମ ମତରେ ମନ ଦୁଃଖ କରିବାର ଆମର କିଛି ହେତୁ ନାହିଁ । କାରଣ ଓଡ଼ିଆ ତ ହିନ୍ଦୁ ନୁହନ୍ତି— ସେ ଯେ କପଟ, କଙ୍କାଳ, କଙ୍ଗାଳ, କଷ୍ଟଂପ, କଦମିଶ୍ର

**ଓଡ଼ିଆ ।** + + ×

ପଣ୍ଡିତ ମଦନମୋହନ ମାଳବ୍ୟ ଯେପରି ସବୁଠୁଁ ପୁରୁଣା ରାଜନୀତିକ ସେହିପରି ଜ୍ଞାନୀ, ପୁଣ୍ୟାତ୍ମା ମହାପୁରୁଷ ବୋଲି ଖ୍ୟାତ । ସେ ଆଜ ଥାଇ ଏବେ ଗୋଟାଏ ଭବିଷ୍ୟତ ବାଣୀ କରିଛନ୍ତି । ସେ କହି-ଛନ୍ତି କି 'ଏ ଯୁଗରେ ଜନମତବାଦର ଜୟ ହେବ ।' ଯୋଗୀ ମହାପୁରୁଷମାନେ ତ୍ରିକାଳ ଦର୍ଶୀ ହୋଇ ଥାଆନ୍ତି । ତେଣୁ ବିଶ୍ୱାସ କରିବାର କଥା । ଆମ ରାଜା ପକ୍ଷର ଜୟ ହେବା କଥା ଶୁଣି ଭାରତବାସୀ ପ୍ରଜାଙ୍କ ଛାତି ଆନନ୍ଦରେ ଫୁଲି ଉଠୁଛି । ମାତ୍ର ସେ ଆଉ ଯଉଁ କଥାଟା ତା ସାଙ୍ଗରେ କହିଛନ୍ତି ସେଥିରେ ଦିନେଲିହ ପାଣି ହେବାକୁ ବସିଲାଣି । ମାଳବ୍ୟଜୀ କହି-ଛନ୍ତି କି—"ଏ ଲଢ଼େଇ ସରିବାକୁ ଆଉରି ଦେଢ଼ ବର୍ଷ ।" ବାପ୍‌ରେ ବାପ୍ ! ଲଢ଼େଇ ଦାଉରେ ବଜାର ଭାଉ ଯଉଁ କାଉକାଉ କଲାଣି, ସେଥିକରେ ତ ଅସମ୍ଭାଳ—ପୁଣି ଅଠର ମାସ କାଳ ରହି ସହି ଦେଇ ଧରିବା କେମିତିକେ ? ସତ୍ୟଯୁଗ ହେବା ମିଆଦଟା ଗଡ ଗଲା, ନା ସତ୍ୟ ଯୁଗରେ ବି ଗଙ୍ଗା-ଜଳପ ସମର ଚାଲିବ ? + + +

ଆମ ଅର୍ଥ ମନ୍ତ୍ରୀ ପଂଡ଼ିତ ଗୋଦାବରୀଶ ମିଶ୍ର ମହାଶୟ ସେଦିନ ଅର୍ଥ ସଭାର ବକ୍ତୃତାରେ କହିଛନ୍ତି କି "ଏ ଅବସ୍ଥାରେ ଓଡ଼ିଆ ଜାତି ଆଉ ଟିକବେ ନାହିଁ; ଅର୍ଥାତ୍ ମୂଳପୋଛ ହୋଇଯିବେ ।" ସତ ଏକା, ଦରପେଟା ନଅ ପାଇଁସ ଖାଇ କଏ କେତେଦିନ ଜୀଇ ପାରେ ! ଓଡ଼ିଆ ଯେ ଏତେଦିନ ଜୀଇଛନ୍ତି, ତାହା କେବଳ ତାଙ୍କ ସହିଶୀ କ୍ଷମତାରୁ । ଦାନା ନାହିଁ, ଦନା ନାହିଁ; ଝଡ଼ ବଢ଼ି ଲାଗି ରହିଛି, ଟିକସ ଖଜଣାର ଦାଉ—୯୦ ଲକ୍ଷ ପେଟକୁ ୭୦ ଲକ୍ଷ ମାଣ ଧାନ ଜମି—ପଇସା ଅର୍ଜିବାର ଆଉ କିଛି ବାଟ ନାହିଁ; ଏକା ଦୂର ବିଦେଶରେ ଗୋଇଠା ଖାଇ କୁଲିଗିରି ଛଡ଼ା ଏ ଜାତି ଜୀଇ ରହିବାଠାରୁ ମରିଯିବା ଭଲ । ଅତଏବ ଯାହାର ମରିବାର କଥା, ତାକୁ ତ ମରିବାକୁ ଦବା ଉଚିତ । ସେଥିପାଇଁ ଏତେ ଭାବନା, ଚିନ୍ତା କାହିଁକି ?

× + ×

ପଂଡିତଙ୍କ ହାତରେ ସରକାର । ସେ ପୁଣି ସବୁ ବୁଝି ଏପରି କଥା କହିଲେଣି । ଏଥିରୁ ପ୍ରତି-କାରର ବାଟ ସେ କଣ କରୁଛନ୍ତି ତାହା ନ କହିଲେ ମୁଁବା ଆମେ ଭାବୁଛୁ ଗୋଟାଏ କିଛି ସେ କରିବେ ପରା !

Digitized by srujanika@gmail.com

ଅଙ୍ଗରେ ଦେଖିଛୁଁ ସେଦିନ କଂଗ୍ରେସ ସରକାର ଏଇପରିକା 'ଚନ୍ଦା' କରୁଁ କରୁଁ ଜମିଦାର ଜାରଣ, ଓ ମହନ୍ତ ମାରଣ କରି ଦେଶ ଓ ଜାତିର ତାରଣ କରି ପକାଇଥିଲେ ! ମାରଣାସ୍ତ୍ର ଧାରଣ କରି ଧ୍ୱଂସ ନ ହେଲେ ନୂଆ ସୃଷ୍ଟି ହୋଇ ପାରେନା । ତେଣୁ ଆମ ଜାତୀୟ ମିଶ୍ର ସରକାରଙ୍କ ମାରଣାସ୍ତ୍ର କାହା ଉପରେ ପଡ଼ିବ ଦେଖାଯାଉ । × + ×

ତାହାଙ୍କ ବୋଝ ଉପରେ ନଳିତା ବିଡ଼ା । ଏବେ ଖାଇବାକୁ ନାହିଁ ଦେଶରେ, ସେଥିରେ ଯେଉଁମାନେ ରୋଜଗାର କରି ଟଙ୍କା କଉଡ଼ି ଯୋଗାଉଥିଲେ, ସେ ଅସି ବେକାର ହୋଇ ରହିଲେଣି ଘରେ । କାର-ଖାନା ବସାଇ, ଶିଳ୍ପ ବଢ଼ାଇ ଯାହା କରାଯିବ କରାଯାଉଥାଉ, ମାତ୍ର ଗଜପତି ସରକାର ଏତିକି-ବେଳେ ଦୁରନ୍ତ ସାହସିକ ପନ୍ଥା ନ ଧରିଲେ ଉପାୟ ନାହିଁ । ନୋହିଲେ ତାଙ୍କୁ ଶଶାନରେ ଭାଜତ୍ୱ କର-ଚାଲୁ ପଡ଼ିବ । କାମଟା ଯେପରି ଅଶୁ ଫଳଦାୟୀ ହେବ, ସେଥିପାଇଁ ଗୃହ ବଢ଼ାଇବା ଓ ଜଳ ସେଚନର ବ୍ୟବସ୍ଥା ପାଇଁ ମୁକ୍ତ ହସ୍ତ ହୁଅନ୍ତୁ । ସେଥିପାଇଁ ଯେ କୌଣସି ତ୍ୟାଗ, ଯେ କୌଣସି ପଣ ବଡ଼ କଥା ନୁହେଁ । ଲୋକେ ବର୍ତ୍ତମାନ ଏ ଦିଗରେ ଉନ୍ମୁଖ । ଦେଶ ହିତ ସଙ୍ଗେ ସଙ୍ଗେ ଜନ ମନ ଜୟ କରିବାର ଏଇ ବେଳ । × +

ଭାରତ ସରକାରଙ୍କ ଟାଙ୍କ ଶାଳରେ ଅଉ କଉଁ ରାଇଜ ପାଇଁ ବରାଦ ହେଲା ଓ ଥରେ ହେଉଛି ବୋଲି ଗୋଟାଏ ଗୁଜବ ଉଠିଛି । ଏଥିରେ ବଡ଼ ବେପାରୀମାନେ ବ୍ୟସ୍ତ ହୋଇ ଆପତ୍ତି ଜଣାଇଛନ୍ତି କୁଆଡ଼େ । ଆମ ବିଶ୍ୱାସରେ ଏ ବେଳରେ ସରକାରଙ୍କ ଠେଇଁ ବାଟେ ଓଜର ଆପତ୍ତି କରି ତାଙ୍କୁ ଅନ୍ୟମନସ୍କ କରିବା ଉଚିତ ନୁହେଁ । ବରଂ ଆପଣାର ଭୁଲ ସହି ପରର ଉପକାର ଯଦି ସରକାର କରୁଥାଆନ୍ତି ତେବେ ସେଇଟା ପ୍ରଶଂସାର କଥା । ପଇସା, ଅଧଲା, ଅଣି, ଦୁଅଣି ଭଳିଆ ରେଜାଲି ଗୁହିଁବାରେ ଷ୍ଟେଟଲେକ ଘଡ଼ି ଆମ ଦେଶର ଲୋକେ ଟଙ୍କା ଟଙ୍କା ଖରଚ କରି ଉଡ଼ାଇବାର ମହତ୍ତ୍ୱଟା ପ୍ରାକ୍‌ଟିସ କରନ୍ତୁ । ଟଙ୍କାକିଆ ନୋଟର ତ ଅଭାବ ନାହିଁ ! + × +

ଟାଙ୍କ ଶାଳର ଯେବେ ଫୁରସତ ନାହିଁ, ତେବେ ଛପାଖାନା ଗୁଡ଼ାକ ତ କାଗଜ ମହଙ୍ଗରୁ ବେକାର ହୋଇ ବସିଛନ୍ତି । ସୁତରାଂ କେହି କେହି ବୁଦ୍ଧିମାନ ପ୍ରସ୍ତାବ କଲେଣି କି ସରକାର କାଗଜ କେତେମାନ କରି ପଇସା, ଦୁପଇସି, ଅଣି ଇତ୍ୟାଦି ଛପାଇ ଚଳାନ୍ତୁ । ଡାକ ଟିକଟ, ରସିଦ ଟିକଟ ଯେତେବେଳେ ଚଳୁଛି, ଟିକଏ ମୋଟା କାର୍ଡ଼ରେ କେତେ ଛପାଇ ଅଣି, ପଇସା ଚଳାଇବାରେ କ୍ଷତି ନାହିଁ । ତଦ୍ୱାରା ବେକାର ଲୋକ ଦାନା ପାଇ ଯାଆନ୍ତେ । ମାତ୍ର ଏଥିଭିତରେ ଯେ ଗୋଟାଏ 'କିନ୍ତୁ' ଅଛି— ସେଇଟାକୁ ତାଙ୍କର ଧଏସ ନାହିଁ ପରା ! ନୋହିଲେ ଏପରି ଅସଙ୍ଗତ ପ୍ରସ୍ତାବ ସରକାରଙ୍କ ଠେଇ ବାଢ଼ି ନଥାନ୍ତେ କେବେ । ଅରେ ବାବୁ, ବୁଝିଛ— ସେଡ଼ାକୁ ଯେ ଦାନା ବହୁତ ପଡ଼ିବ ! ପଇସାଟାଏ ପାଇଁ ଯେତିକି କାଗଜ ଲୋଡ଼ା ତାର ଦାମ ଯେ ପଇସାରୁ ବେଶି ! ଛପା ଖରଚ କଥା ଛାଡ଼ ।

---

### ସ୍ୱଳ୍ପଭାଟିରେ

## ସର୍ଭେ ଶିକ୍ଷା

ଏହି ନବ ଓଡ଼ିଶା କାଡ଼ାଷ୍ଟ୍ରାଲ ସର୍ଭେ ଟ୍ରେନିଂ ସ୍କୁଲଟି ଭଦ୍ରକ ହାଇସ୍କୁଲର ହେଡ୍‌ମାଷ୍ଟର ଶ୍ରୀଯୁକ୍ତ ଗୋକୁଳାନନ୍ଦ ନାୟକ ଏମ୍, ଏ, ପ୍ରଭୃତି କେତେଜଣ ସରକାରୀ କର୍ମଚାରୀମାନଙ୍କ ଉଦ୍ୟମରେ ଚଳି ଆସୁ-ଅଛି । ଏହି ସ୍କୁଲରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରମାନଙ୍କର ପରୀକ୍ଷା ଫଳ ଖବର କାଗଜମାନଙ୍କରୁ ଦେଖିବାକୁ ପାଉଥିବେ । ଓଡ଼ିଶାର ଅନ୍ୟାନ୍ୟ ସର୍ଭେ ସ୍କୁଲମାନଙ୍କ ଅପେକ୍ଷା ଏହି ସର୍ଭେ ସ୍କୁଲରେ ଦରମା ପ୍ରଭୃତି ଖୁବ୍ କମ୍ ଧାର୍ଯ୍ୟ କରାଯାଇଥିବାରୁ ଓ ମଫସଲରେ ସ୍କୁଲଟି ସ୍ଥାପନ କରାଯାଇଥିବା ହେତୁରୁ ଅଳ୍ପ ଖରଚରେ ଛାତ୍ର-ମାନେ ସର୍ଭେ ଶିକ୍ଷା ପାଇ ଆମୀନ୍ କାର୍ଯ୍ୟରେ ବେଶ୍ ରୋଜଗାର କରି ପାରୁଛନ୍ତି । ଏଣୁ ଯେଉଁ ଯୁବକ-ମାନେ ବର୍ତ୍ତମାନ ଅର୍ଥ ସମସ୍ୟା ହେତୁରୁ ନିଜର ବାପ ମାଆଙ୍କୁ ନ୍ୟାଯ୍ୟ ଖରଚ କରାଇ ଏହି ସ୍କୁଲକୁ ଆସି କିମ୍ବା ନିଜ ଘର ପାଖରେ ରହି ବ୍ରାଞ୍ଚରେ ପଢ଼ି ଆମୀନ ହେବାକୁ ଇଚ୍ଛା କରନ୍ତି ସେମାନେ ଏହି ଜାନୁୟାରୀ ମାସ ମଧ୍ୟରେ ଆସି ନାମ ଲେଖାଇବା ପାଇଁ ମୁଁ ଆହ୍ୱାନ କରୁଅଛି । ଶିକ୍ଷାର୍ଥୀମାନେ ଆବେଦନ କଲେ ନିୟମାବଳୀ ପଠାଯିବ ।

ଶ୍ରୀଯୁକ୍ତ ବୈରାଗୀଚରଣ ନାୟକ
ସେକ୍ରେଟେରୀ
ନବ ଓଡ଼ିଶା କାଡ଼ାଷ୍ଟ୍ରାଲ ସର୍ଭେ ଟ୍ରେନିଂ ସ୍କୁଲ
କୋଠାର ରୋଡ଼—ଭଦ୍ରକ ।

Digitized by srujanika@gmail.com

## ବିଲେଇ ହାତରେ

# "ହତ୍ୟାରହସ୍ୟ"

ଲେଖକ—ଶ୍ରୀ ଦେବେନ୍ଦ୍ରନାଥ ପଟ୍ଟନାୟକ
ମକ୍ରା-ଥା

ଘରୋଇ ଡିଟେକ୍ଟିଭ୍ ମି, ବେଦାଙ୍ଗ ବଇଠକ୍ ଖାନାରେ ବସି ଭାବୁଛନ୍ତି, "ମାସେ ହେବ ପ୍ରତ୍ୟେକ ଇଂରାଜି, ଓଡ଼ିଆ, ବଙ୍ଗଳା ପତ୍ରିକାରେ ମୋର ବିଜ୍ଞାପନ ବାହାରିଲାଣି; ତଥାପି ଆଜି ପର୍ଯ୍ୟନ୍ତ ଗୋଟାଏ କେଶ ମୋ ଭାଗ୍ୟରେ ଜୁଟିଲାନି!" ହଠାତ୍ ଏହି ସମୟରେ ବାରଣ୍ଡାରେ କାହାର ପାଦ ଶବ୍ଦ ଶୁଣି ଆଶାନ୍ୱିତ ପ୍ରାଣରେ ବେଦାଙ୍ଗ ସଜାଡ଼ି ହୋଇ ବସିଲେ। ଜଣେ ମଧ୍ୟବୟସ୍କ ଲୋକ ଗୃହ ମଧ୍ୟରେ ପ୍ରବେଶ କଲା। ତା'ର ବାଁ ହାତରେ ଗୋଟିଏ ପୁଟୁଳି। ମି, ବେଦାଙ୍ଗ ଡିଟେକ୍ଟିଭ ସ୍ୱଭାଣୀରେ ତା ଆଡ଼କୁ ଚାହିଁ, ତାର ପୋଷାକ ପତ୍ର ଦେଖି ମନେ କଲେ ଯେ ଲୋକଟା ଜଣେ ସ୍କୁଲ ମାଷ୍ଟର। ଲୋକଟି ତାଙ୍କ ଟେବୁଲ ନିକଟକୁ ଆସି ପକେଟରୁ ଗତ ଶନିବାରର ଖବରକାଗଜ ବାହାର କରି, ମି, ବେଦାଙ୍ଗଙ୍କର ବିଜ୍ଞାପନଟି ଦେଖାଇ କହିଲା—"ଏ କଣ ଆପଣଙ୍କର?" ଡିଟେକ୍ଟିଭ ମଥା ହଲାଇ 'ହିଁ' କହିଲେ। ଆଗନ୍ତୁକ କହିଲା, "ଧନ୍ୟବାଦ। ମୁଁ ଆପଣଙ୍କର ସାହାଯ୍ୟ ଭିକ୍ଷା କରିବାକୁ ଆସିଛି। ମୋ ସ୍ତ୍ରୀକୁ କିଏ ହତ୍ୟା କରିଛି।"

"ହତ୍ୟା କରିଛି?" କହି ଡିଟେକ୍ଟିଭ ନିଜ ଆସନରୁ ଉଠିପଡ଼ି, ଗମ୍ଭୀର ହୋଇ ଭାବି ବସିଲେ। ଲୋକଟି ଦୁଃଖରେ ସମ୍ମତି ଜଣାଇଲା। ନିକଟସ୍ଥ ଚେୟାରକୁ ଦେଖାଇ ଡିଟେକ୍ଟିଭ କହିଲେ—"ବସନ୍ତୁ ମିଃ ଲ-ଏ-ଏ!"

"କରିମ୍ ବକ୍ସ" ନାମଟି କହି ଲୋକଟି ଚେୟାରରେ ବସିଲା। ଡିଟେକ୍ଟିଭ ପକେଟରୁ ନୋଟବୁକ୍ ଓ ପେନ୍‌ସିଲ ବାହାର କରି କହିଲେ, "କଣ ଘଟିଛି ଠିକ୍, ଠିକ୍ କହିଯାନ୍ତୁ ତ!"

କରିମ ଦୁଃଖର ସହିତ ତଳକୁ ଅନାଇ, କିଛି ସମୟ ପରେ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି କହିଲା, "ଆଉ ଅଧିକ କଣ କହିବି? ମୁଁ ଚଟକଳରେ କାମ କରେଁ। କାଲି ସନ୍ଧ୍ୟାବେଳେ ସେଠାରୁ ଫେରି ଦେଖେଁ ମୋ ସ୍ତ୍ରୀ ଶଯ୍ୟାଶାୟୀ। ପ୍ରଥମେ ମୁଁ ଭାବିଲି କୌଣସି ଅସୁସ୍ଥତା ଯୋଗୁଁ ସେ ଶୋଇଛି। କିନ୍ତୁ ପାଖକୁ ଯାଇ ଦେଖେଁ, ବିଛଣା ଦେହରେ ରକ୍ତ ପଡ଼ିଛି। ମୁଁ ଆଶ୍ଚର୍ଯ୍ୟ ହୋଇ ତାର ଶରୀରକୁ ଦେଖି ହତାଶ ହୋଇ ପଡ଼ିଲି। ଦେଖିଲି ତାର ଛାତିରେ ଗୋଟାଏ ବଡ଼ କ୍ଷତ—ରକ୍ତରେ ଲୁଗା ପଟା ସବୁ ତିନ୍ତି ଯାଇଛି।" ଏହା କହି ସେ ଦୁଃଖରେ ଚୁପ୍ ହୋଇ ରହିଲା। ଡିଟେକ୍ଟିଭ କିଛି ସମୟ ଆଖି ବୁଜି ଚୁପ୍ ହୋଇ ବସି ରହିଲେ। ତାଙ୍କର ବସିବା ଭଙ୍ଗୀକୁ ଯେ ଲକ୍ଷ୍ୟ କରିବ, ସେ ଭାବିବ ଯେ ସେ ବଡ଼ ଦୁଃଖର ସହିତ ଚିନ୍ତିତ ଅଛନ୍ତି। କିନ୍ତୁ ପ୍ରକୃତରେ ସେ ମନେ ମନେ ଭାବୁଥିଲେ, "ଭଗବାନଙ୍କ ଦୟାରୁ ପ୍ରଥମେ ମୋ ହାତରେ ଗୋଟାଏ ଖୁନ ମାମଲା ପଡ଼ିଛି। ସାମାନ୍ୟ ଅନୁସନ୍ଧାନ ଫଳରେ ଯଦି ମୁଁ ଏଥିରେ ସଫଳ କାମ ହୁଏ, ତାହାହେଲେ ମୋର ନାମ ଗୃହ-ଅଡ୍ଡେ ରଟିଯିବ। ସେତେବେଳେ ହଜାର ହଜାର କେଶ ମୋ ହାତକୁ ଆସିବ। ଯାହାହେଉ ଏତେ-ଦିନେ ମୋର କପାଳ ଖୋଲିଲା।" ସେ ଆଖି ଖୋଲି, କରିମ ଆଡ଼କୁ ଲକ୍ଷ୍ୟ କରି କହିଲେ, "ତୁମ ଘରୁ କୌଣସି ଜିନିଷ ହଜିଛି କି?"

"ନାଁ ମୋର କୌଣସି ଜିନିଷରେ କେହି ହସ୍ତ-କ୍ଷେପ କରିନାହିଁ।"

"ତାହାହେଲେ ଏ ହତ୍ୟାର ଉଦ୍ଦେଶ୍ୟ ଚୋରି ନୁହେଁ। ଯାହାହେଉ ଭଲ କଥା। ଆଚ୍ଛା, ତୁମ ଦୁଇଜଣଙ୍କ ଛଡ଼ା ଅନ୍ୟ କେହି ସେଠାରେ ବାସ କରନ୍ତି କି?"

"ନାଁ ଆଜ୍ଞା, କେବଳ ଆମେ ଦୁହେଁ ବାସ କରୁଁ।"

"ଆଚ୍ଛା, ତୁମ ଘରକୁ ଅନ୍ୟ କେହି ଆସନ୍ତି କି?"

"ଆଜ୍ଞା ହଁ, ମୋ ଘରକୁ ତିନିଜଣ ପ୍ରାୟ ଯାତାୟାତ କରନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ମୋର ସ୍ତ୍ରୀର ଦୂର ସାବତ ଭାଇ। ଅନ୍ୟ ଜଣକ ଆମ ଘର ପାଖର ଜଣେ ବୁଢ଼ୀ। ସେ ବଡ଼ ଦୁର୍ବଳ। ମୋ ସ୍ତ୍ରୀକୁ ନିଜର ଝିଅଠାରୁ ବଳି ଭଲ ପାଏ।"

ଡିଟେକ୍ଟିଭ ଏ ସବୁ ନିଜର ନୋଟ ବହିରେ ଲେଖି ଲେଖି ପଚାରିଲେ—"ଆଚ୍ଛା, ତୁମ ସ୍ତ୍ରୀର ସହିତ ତାଙ୍କ ସାବତ ଭାଇମାନଙ୍କର ସଦ୍‌ବ୍ୟବହାର ଥିଲା କି?"

Digitized by srujanika@gmail.com

"ମୁଁ ଭାବେଁ—" ସେ ଏତିକି କହି ରହିଗଲା। ତାର ମୁଖ ମଳିନ ହୋଇଗଲା। ଡିଟେକ୍‌ଟିଭ ଏ ସବୁ ଲକ୍ଷ୍ୟ କରି ଉତ୍ସାହରେ ପଚାରିଲେ—"ତୁମେ ମୋର ପ୍ରଶ୍ନର ଉତ୍ତର ଦିଅ।"

"ନାଁ ସେମାନେ ମୋ'ର ସ୍ତ୍ରୀ ସହିତ ଅନେକ ସମୟରେ କଳହ କରନ୍ତି।"

"କାହିଁକି?"

"ଗୋଟିଏ ଶ୍ୱେତ ସୁନ୍ଦର ପକ୍ଷୀ ପାଇଁ।"

"କାହିଁକି ସେମାନେ ତାହାପାଇଁ କଳହ କରୁଥିଲେ?"

"ଗତବର୍ଷ ସେମାନଙ୍କର ବାପା ମରିଗଲେ। ସେ ଏ ପକ୍ଷୀଟିକୁ ବଡ଼ ଆଦର କରୁଥିଲେ। ସେ ମଲାବେଳେ ଏ ପକ୍ଷୀଟିକୁ କାହାକୁ ଦେଇ ଯାଇ ନ ଥିଲେ। କିନ୍ତୁ ମୋର ସ୍ତ୍ରୀ ତାର ଯତ୍ନ ନେଉଥିବାରୁ ପାଖରେ ରଖିଛି। ତେଣୁ ତାର ଭାଇମାନେ ଅନେକ ସମୟରେ ଆସି ସେ ପକ୍ଷୀଟି ଦାବୀ କରି ବସନ୍ତି, କିନ୍ତୁ ମୋର ସ୍ତ୍ରୀ ତାକୁ ଦେବାକୁ ରାଜି ନ ହେବାରୁ ଏ କଳହର ସୂତ୍ରପାତ।"

ଡିଟେକ୍‌ଟିଭ ମନେ ମନେ ବୁଝିନେଲେ ଯେ ହତ୍ୟାର ଏହାହିଁ ପ୍ରଧାନ କାରଣ। ସେ ପାଟିକରି ଉଠିଲେ, "ଖୁବ୍ ସମ୍ଭବ ସେମାନଙ୍କ ମଧ୍ୟରୁ ଜଣେ ନିଶ୍ଚୟ ତୁମ ସ୍ତ୍ରୀଙ୍କୁ ହତ୍ୟା କରିଛି।"

"ସମ୍ଭବ ନୁହେଁ, ନିଶ୍ଚୟ ସେମାନଙ୍କ ମଧ୍ୟରୁ ଜଣେ ମୋର ସ୍ତ୍ରୀକୁ ଛୁରୀରେ ହତ୍ୟା କରିଛି। ତାର ଚିହ୍ନ ମୁଁ ଆଣିଛି।"

"ଚିହ୍ନ।" କହି ଡିଟେକ୍‌ଟିଭ ଚହଲି ଉଠିଲେ।

"ହଁ, ଆଜ୍ଞା ମୁଁ ଏହାକୁ ମୋର ଘରେ ପାଇଲି।" କହି ସେ ହାତରେ ଧରିଥିବା ପୁଟୁଳି ମଧ୍ୟରୁ ପଟେ ପୁରୁଣା ଟୋପି ବାହାର କରି ଡିଟେକ୍‌ଟିଭଙ୍କ ହାତକୁ ବଢ଼ାଇ ଦେଲା। ଡିଟେକ୍‌ଟିଭ ତାହାକୁ ଦେଖି ଭାବିଲେ "ମୁଁ ଅନେକ ବହିରେ ପଢ଼ିଛି ଯେ ଏହିପରି ଜିନିଷ ଦ୍ୱାରା ଅନେକ ହତ୍ୟାକାରୀ ଧରାପଡ଼ି ଯାଇଛନ୍ତି।" ସେ ଅନେକ ସମୟ ଟୋପିଟିକୁ ଚାହିଁ ରହିଲେ। ତାହା କୌଣସି ପୁରୁଷ ଲୋକର ଟୋପି ଏତିକି ମାତ୍ର ବୁଝି ପାରିଲେ।

"ଅଚ୍ଛା, ତୁମେ କହି ପାରିବ ଏହା କାହାର ଟୋପି?"

"ନାଁ ଆଜ୍ଞା; ଠିକ୍ କରି କହି ପାରିବି ନାହିଁ। କାରଣ, ସେମାନେ ଦୁହେଁ ଏହିପରି ଏକ ଢଙ୍ଗ ଓ ମାପର ଟୋପି ପିନ୍ଧନ୍ତି।"

"ଅଚ୍ଛା, ଆଉ କିଛି ପାଇଛ?"

କରିମ୍ ଗୋଟାଏ ଦୁର୍ଗନ୍ଧଯୁକ୍ତ ମଇଳା ରୁମାଲ ଡିଟେକ୍‌ଟିଭଙ୍କ ହାତକୁ ବଢ଼ାଇ ଦେଲା। ଡିଟେକ୍‌ଟିଭ ତାକୁ ପରୀକ୍ଷା କରି ଦେଖିଲେ। ଶେଷରେ ରୁମାଲର ଗୋଟିଏ କୋଣରେ 'ଅ' ଲେଖା ଥିବାର ଦେଖି, କରିମ୍‌କୁ ପଚାରିଲେ, "ସେ ଦୁଇଜଣଙ୍କ ନାମ କଣ?"

"ଅବଦୁଲ୍ ଖାଁ ଓ ଅମିର ଖାଁ।"

ଏଥିରେ ଡିଟେକ୍‌ଟିଭ ହତାଶ ହେଲେ। କିନ୍ତୁ ନିଜ ମନକୁ ସାନ୍ତ୍ୱନା ଦେଇ କରିମକୁ କହିଲେ—"ହତ୍ୟାକାରୀ ଶୀଘ୍ର ଧରା ପଡ଼ିବ। କାରଣ ଏ କେଶ୍ ଯେ ମି, ବେନାର୍ଜିଙ୍କ ହାତରେ ପଡ଼ିଛି। ଏଥିରୁ ମୁକ୍ତ ହେବା ଅସମ୍ଭବ। ଅଚ୍ଛା, ଚାଲ ତ ସେମାନଙ୍କ ନିକଟକୁ ଯାଇ ଅନୁସନ୍ଧାନ କରି ବୁଝିବା ନିଶ୍ଚିତରେ ଏ ଜିନିଷ ଗୁଡ଼ିକ କାହାର।"

"ସେମାନଙ୍କ ପାଖକୁ? ରକ୍ଷା କରନ୍ତୁ ଆଜ୍ଞା! ମୁଁ ଅନ୍ତତଃ ସେମାନଙ୍କ ପାଖକୁ ଏ ପୋଷାକରେ ଯିବି ନାହିଁ। ଏ ସବୁ ମାଟି କରି ଦେବ।"

"କାହିଁକି?"

"ଆଜ୍ଞା, ମୁଁ ଯଦି ଏ ପୋଷାକରେ ଯାଏଁ ତାହାହେଲେ ଯେ ହତ୍ୟା କରିଥିବ, ସେ ମୋତେ ଚିହ୍ନି ପାରିବ ଓ ଭାବିବ ମୁଁ କାହାକୁ ନେଇ ତାକୁ ଧରିବାକୁ ଯାଉଛି। ସେ ନିଜକୁ ରକ୍ଷା କରିବା ନିମନ୍ତେ ନିଶ୍ଚୟ ମୋତେ ଖୁନ କରିବ। ଶେଷରେ ଆଜ୍ଞା, ମୋର ଗରଦନଟି ବି ଯିବ।"

"ହୁଁ" କହି ଡିଟେକ୍‌ଟିଭ ଚିନ୍ତିତ ହେଲେ।

କରିମ କହିଲା—"କିନ୍ତୁ ଆଜ୍ଞା ଗୋଟାଏ କଥା କଲେ ହୁଅନ୍ତା। ଶୁଣନ୍ତୁ—ମୁଁ ଯଦି ମୋର ଏ ଦାଢ଼ି ଖିଅର ହୋଇ ପଡ଼ି, ଆପଣଙ୍କର ଗୋଟାଏ ଭଲ ପୋଷାକ (ସୁଟ୍) ପିନ୍ଧି ଯାଆନ୍ତି, ତାହେଲେ ସେମାନେ ମୋତେ ସହଜରେ ଚିହ୍ନି ପାରନ୍ତେ ନାହିଁ ଏବଂ ଏହାଦ୍ୱାରା ଆମେ କାମଟା ଶୀଘ୍ର ହାସଲ କରି ପକାନ୍ତେ।"

"ଚମତ୍କାର ବୁଦ୍ଧି। ଆସ, ମୋ ସଙ୍ଗରେ ଆସ।" କହି ଡିଟେକ୍‌ଟିଭ କରିମକୁ ଅନ୍ୟ ଗୋଟାଏ କୋଠ

Digitized by srujanika@gmail.com

କୁ ନେଇଗଲେ । କିଛି ସମୟ ପରେ କରମ ଗୋଟାଏ ଦାମିକା ପୋଷାକ ପିନ୍ଧି ଡିଟେକ୍ଟିଭଙ୍କ ସହିତ ବାହାରିଲା । ଡିଟେକ୍ଟିଭ ବୁଝିଥିଲେ ଯେ ଏହି ଲୋକଟି ଉପରେ ତାଙ୍କର ଭବିଷ୍ୟତ ଉନ୍ନତି ନିର୍ଭର କରେ । ତେଣୁ ତାକୁ ତାଙ୍କର ଦାମିକା ପୋଷାକ ପିନ୍ଧିବାକୁ ଦେଇଥିଲେ । ଡିଟେକ୍ଟିଭଙ୍କ ବ୍ୟବସ୍ଥାରେ ଭଡ଼ା ମଟର ବାହାରେ ଅପେକ୍ଷା କରିଥିଲା । ମି, ଚେନାର୍ଜି ଓ କରମ ମଟରରେ ବସିଲାରୁ, କରମ୍ ଡ୍ରାଇଭରକୁ ରାସ୍ତା କହି ଦେଲା । ଯେତେବେଳେ ପୋଷ୍ଟ ଅଫିସ ପାଖରେ ମଟର ପହଞ୍ଚିଲା, କରମ୍ ପକେଟରୁ ଗୋଟାଏ ଲଫାପା ବାହାର କରି ନମ୍ର ଭାବରେ କହିଲା—"ଦୟା କରି ଆପଣ ଏଠାରେ ଟିକିଏ ମଟର ଅପେକ୍ଷା କଲେ ମୁଁ ଏ ଚିଠି ଖଣ୍ଡିକ ପୋଷ୍ଟ ଅଫିସରେ ପକାଇ ଦେଇ ଆସନ୍ତି । ଏ ଖଣ୍ଡିକ ମୋର ପାଟନାରେ ଥିବା ଭାଇଙ୍କ ପାଖକୁ—ଏହି ଦୁଃସମ୍ବାଦ ନେଇ ।"

"ନିଶ୍ଚୟ, ନିଶ୍ଚୟ" କହି ଡିଟେକ୍ଟିଭ ଡ୍ରାଇଭରକୁ ମଟର ଅଟକାଇବାକୁ କହିଲେ । ମଟର ପୋଷ୍ଟ-ଅଫିସ ନିକଟରେ ଠିଆ ହେବାରୁ କରମ୍ ପୋଷ୍ଟ ଅଫିସ ଭିତରକୁ ଗଲା ।

ପାଞ୍ଚ ମିନିଟ୍—ଦଶ ମିନିଟ୍—ପନ୍ଦର ମିନିଟ୍—ଅଧଘଣ୍ଟାଏ ଗଲା । କାହିଁ ? ଲୋକଟି ଏତେବେଳ ଯାଏଁ ଫେରିଲା ନାହିଁ । ଡିଟେକ୍ଟିଭ ବିରକ୍ତ ହୋଇ ମଟରରୁ ଓହ୍ଲାଇ ପୋଷ୍ଟ ଅଫିସରେ ତନ୍ନ ତନ୍ନ କରି ଖୋଜିଲେ । କିନ୍ତୁ କାହିଁ ? ଡିଟେକ୍ଟିଭ କିଛି ଭାବି ପାରିଲେ ନାହିଁ । ଲୋକଟା ଗଲା କୁଆଡ଼େ ? ତାର ହେଲା କଣ ? ଗୋଟିଏ ରହସ୍ୟ ଭେଦ କରିବାକୁ ଯାଇ ଅନ୍ୟ ଗୋଟିଏ ରହସ୍ୟରେ ଉପସ୍ଥିତ । ଡ୍ରାଇଭରକୁ କହିଲେ—"ଘରକୁ ଚାଲ ।" ଡିଟେକ୍ଟିଭ ନାନାଧି ନୈରାଶ୍ୟପୂର୍ଣ୍ଣ ଭାବରେ ଘରେ ପହଞ୍ଚି ଟେବୁଲ ଉପରେ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି ବସି ପଡ଼ିଲେ । ହଠାତ୍ ପୂର୍ବେ କରମ ବସିଥିବା ସ୍ଥାନରେ ଗୋଟାଏ ଲଫାପା ଦେଖି, ତାକୁ ଉଠାଇ ଆଣିଲେ । ସେଥିରେ ଲେଖାଥିଲା—

ମି, ଚେନାର୍ଜି,

ପ୍ରକୃତରେ ମୁଁ ଦୁଃଖିତ ଯେ ମୁଁ ଅନ୍ୟ କୌଣସି ସାମାନ୍ୟ ଲୋକକୁ ଠକାଇ ନାହିଁ, ଠକାଇଛି ଜଣେ ଡିଟେକ୍ଟିଭଙ୍କୁ । କିନ୍ତୁ ମୋର କେତେ ଗୁଡ଼ାଏ ଦାମିକା ପୋଷାକ ଲୋଡ଼ାଥିଲା । ଯେତେବେଳେ ମୁଁ ଖବରକାଗଜରେ ଆପଣଙ୍କର ବିଜ୍ଞାପନ ପଢ଼ିଲି, ସେତେବେଳୁଁ ମୁଁ ଆପଣଙ୍କଠାରୁ କେତେ ଗୁଡ଼ାଏ ଜିନିଷ ଠକାଇ ନେବାର ବାସନା ନିବୃତ୍ତି କରି ପାରିଲି ନାହିଁ । ତେଣୁ ଏହି କାଳ୍ପନିକ ହତ୍ୟାଗଳ୍ପ, ମିଥ୍ୟା ଚିହ୍ନ ଓ ଆପଣଙ୍କ ଆଖିରେ ଧୂଳି ଦେଇ ପୋଷ୍ଟ ଅଫିସର ପଛ ଦ୍ୱାରରେ ପଳାୟନ । ଏ ସବୁ କାର୍ଯ୍ୟ ମୁଁ ଆଗରୁ ମନରେ ଠିକ କରି ଯାଇଥିଲି, କାରଣ ଏହାହିଁ ମୋର ବ୍ୟବସାୟ । ହାଃ, ହାଃ, ହାଃ, ଆପଣ ଇତି ମଧ୍ୟରେ ମନରେ ଗୋଟାଏ ବଡ଼ ଧକ୍କା ପାଇ ଥିବେଣି । ମୁଁ ମନେକରେଁ ଏହାହିଁ ଆପଣଙ୍କର ଲୋଡ଼ାଥିଲା । କାରଣ ଆପଣ ଖବର କାଗଜରେ ମୂର୍ଖ ଭାବରେ ନିଜର ଯେଉଁ ବାହାଦୁରି ଡିଟେକ୍ଟିଭ ଗିରିର ବିଜ୍ଞାପନ ଦେଇଥିଲେ, ତାହାର ଫଳ ଏଇଟା ।

ଆପଣଙ୍କର

ଉମେଶ ଚନ୍ଦ୍ର

ପୁଣି—ହଁ ମୁଁ ମୋର ପୁରୁଣା ଟୋପି ଓ ଅପରିଷ୍କୃତ ରୁମାଲ ଆଉ ଦରକାର କରେ ନାହିଁ । ଆପଣ ରୁମାଲକୁ ବେକରେ ବାନ୍ଧି, ଟୋପିକୁ ଗାଲରେ ପିନ୍ଧି ପାରନ୍ତି ।

—·—

ତୁ ଅଙ୍କ ହାତରେ

ଦେଖିବା ଭଳି ବହି ।

# ସୁନା ଭଉଣୀ

ସଂଗ୍ରାହକ— ଶ୍ରୀ ଘନଶ୍ୟାମ ମହାନ୍ତି
ମୂଲ୍ୟ— ୦।୵ ଅଣା ।

ପ୍ରାପ୍ତି ସ୍ଥାନ:—କଟକ ପବ୍ଲିଶିଂ ହାଉସ
ନୟାସଡ଼କ—କଟକ ।

Digitized by srujanika@gmail.com

## କଥାଟିଏ କହୁଁ...

# କଳ୍ପନା

ଲେଖକ—ଶ୍ରୀ ହରିହର ମହାପାତ୍ର

କାହାଣୀ

ଅଙ୍କାବଙ୍କା ନଦୀ କୂଳରେ—ଯେଉଁଠି ଲକ୍ଷପତିର ଧଳା ସୌଧ ନିତି ନିତି ଗରିବର କୁଡ଼ିଆ-କୁ ବିଦ୍ରୂପ କରେ—ସେଇଠି କିଶୋର କିଶୋରୀ ଦୁହେଁ ବାସ୍ତବ ଜଗତରେ ସବୁଜ ପୁରର କଳ୍ପନା କରନ୍ତି। ଜଣେ ଭାବେ—କଳ୍ପନା ରାଇଜର ମାୟାର କୁହୁକ ଭିତର ଦେଇ ଜଗତକୁ ହସାଇବାକୁ; ଆଉ ଜଣେ କଳ୍ପନା କରେ—ବିରାଟ ସତ୍ୟର ଦାନରେ ଜଗତର ଆନନ୍ଦ।

କଳା ଆଉ ବିଜ୍ଞାନ, ଧନ ଆଉ ଦାରିଦ୍ର୍ୟ—ଏମାନଙ୍କ ଭିତରେ କେତେ ପ୍ରଭେଦ। ତେବେ ବି ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ। ଖାଲି ଭଲ ପାଉ ନ ଥିଲେ—ଭଲ ପାଇବାର ପୂର୍ଣ୍ଣତାକୁ ଅପେକ୍ଷା କରୁଥିଲେ। ଦୁଇଟି ପ୍ରାଣର ସ୍ପନ୍ଦନ ଏକ ଅସ୍ପଷ୍ଟ ସଙ୍କେତ ଦେଇ ଗୁଞ୍ଜୁଥିଲା—ଏକ ହେବାକୁ ଭବିଷ୍ୟତରେ।

ମୁକ୍ତି ଆଉ ବନ୍ଧନ, ବନ୍ଧନ ଆଉ ମୁକ୍ତି—ଜଗତର ନୀତି। ଏମାନଙ୍କ ଭିତରେ ମଣିଷ ଜୀବନର ଗତି। ମୁକ୍ତି ଭିତରେ ବନ୍ଧନ ଆଉ ବନ୍ଧନ ଭିତରେ ମୁକ୍ତିର ଆକାଂକ୍ଷା ସବୁଦିନ ସ୍ଥାନ ଖୋଜେ। ଜଗତର ନୀତି ଅଡୁଆ ସୂତାର ଖିଅ; ସବୁଦିନ ମଣିଷକୁ ଅଡୁଆରେ ପକାଏ। ପ୍ରାଣର କେତେ ପ୍ରିୟ ଦିନ ଅଜାଣତରେ ଗଳିଯାଏ ଭବିଷ୍ୟତ ପାଇଁ—ଅନ୍ତରର ଅନୁଭୂତିକୁ ସଜାଗ କରିବାକୁ।

କୈଶୋର ପରେ ଯୌବନର ସ୍ପନ୍ଦନ। ଯୌବନ ଆସିଲା—ଦୁଇଟି ପ୍ରିୟ ପ୍ରାଣ ଭିତରେ ନିର୍ମମ ଅତୁଳ ଉତ୍ପାତ ନେଇ। କାଲିର କୈଶୋରର ଅଚଞ୍ଚଳ ଶୋଣିତ, ଯୌବନର ପରଶରେ ଆଜି ଚଞ୍ଚଳ ହୋଇ ଉଠିଛି। ତା' ସଙ୍ଗେ ବିରହର କରୁଣତା ମିଶି ଯୁବକର ସ୍ୱାଧୀନ ମନରେ ବନ୍ଧନର ଆକାଂକ୍ଷା ବଢ଼ାଇଛି।

ନିତିଦିନ ପରି ଦୁଃଖର ସୂର୍ଯ୍ୟ ନଇଁ ଯାନ୍ତି—ଦୂର ଦିଗ୍‌ବଧୂର ଗୋଲାପୀ ଅଧର ପାଖେ। ଯୁବକ ଚାହେଁ ତାର କୁଡ଼ିଆ ଦ୍ୱାରରୁ ଦୂର ଦିଗ୍‌ବଳୟକୁ—ଯେଉଁଠି ନୀଳ ଆକାଶ ସବୁଜ ବୃକ୍ଷ ଲତା ଭରା ପଥର ପାହାଡ଼ ସଙ୍ଗେ ମିଶି ଯାଇଛି। ତାପରେ ଦିଗ୍-ବଧୂର ଲଜ୍ଜା ମିଶା ଗୋଲାପୀ ଅଧର ଅନ୍ତରର କେତେ ମୁଗ୍ଧ ସ୍ମୃତି ମନ ଭିତରେ ଚହଲାଇ ଦିଏ। ସେଇ ସ୍ମୃତି ଭିତରେ ଯୁବକ ଆନନ୍ଦ ପାଏ। ପାଗଳ ହୋଇ ଉଠେ ସେ, ସେଇ ରୂପର ମୋହରେ...... ସ୍ୱପ୍ନ ଦେଖେ ବାସ୍ତବ ଭିତରେ କଳ୍ପନାର ସଫଳତା... ଦରଲିଭା ଦିନକର ମୁନା ଆଲୁଅ ଭିତରେ ମାନସୀର ଛବିଟି......କିନ୍ତୁ କଳ୍ପନା ଭିତରେ ବାସ୍ତବତା ଯେ ମନେ ପଡ଼ି ପଡ଼େନା। ମୋହ ଯାଏ—ମନେ ପଡ଼େ—ନା ଏ ତ ମାୟାର କୁହୁକ—କବିର କଳ୍ପନା!

ସ୍ମୃତିର ସେଇ କଳ୍ପନାରେ ଯୁବକ ଆଜି କବି। ଆଉ......କିଶୋରୀ ଦେଖେ—ସମାଜର ନିଗଡ଼ ବନ୍ଧନ। ବନ୍ଧନରୁ ମୁକ୍ତି ଆଜି ବାସ୍ତବ ନୁହେଁ—କେବଳ କଳ୍ପନା। ଦୁଇଟି ପ୍ରାଣର ସ୍ପନ୍ଦନ ଏକ ହୋଇ ପାରିଲାନି। ଦୈନ୍ୟ ଦାରିଦ୍ର୍ୟ ଆଉ ମୁଖ ସଂପଦ—ଏମାନଙ୍କ ଭିତରେ ଆଜି ଦୁଇଟି ନୂତନ ସଂସାରର ସୃଷ୍ଟି! 'ସତ୍ୟ'ର ଆବିଷ୍କାର ଖୋଜୁଁ ଖୋଜୁଁ ସଂସାରର ଜଞ୍ଜାଳ ଭିତରେ ଛପିଗଲା ଚିର-ଦିନ ପାଇଁ। ଜୀର୍ଣ୍ଣ କୁଟୀରର ଆଶା ଆଜି ଦାରିଦ୍ର୍ୟ ଭିତର ଦେଇ ଯେଉଁ ଶାନ୍ତି ଟିକ ପାଇଲା—ମନୋରମ ଅଟ୍ଟାଳିକା ତାହା ପାରିଲାନି ଛୁଇଁ।

ଯୁବକ କବିତା ରଚେ, ଗଳ୍ପ ଲେଖେ। କିନ୍ତୁ କ୍ଷତର ବ୍ୟଥା ଲୁଚି ପାରେନା। ପାଠକର ପ୍ରାଣରେ ଅନୁଭୂତିର ବେଦନା ଆଣେ। ଆଉ ଆଣେ ଅଜଣା ଲୋତକ ମୁକ୍ତା ବିନ୍ଦୁ ଦୁଇଟି। ସେତିକିରେହିଁ କବିର ଆନନ୍ଦ। ସେ ଖୋଜେନା ଅନ୍ୟରସର ସୃଷ୍ଟି!

ପଦ ପଦିକାରେ ମରମୀ କବିର ଦରଦ ସ୍ଫୁଟି ରହି ରହି ବାହାରର ଆଲୋକ ପାଏ। କିନ୍ତୁ ବୁଝନ୍ତିନି କେହି କବି ଜୀବନର ସତ୍ୟ। ସମସ୍ତେ ଭାବନ୍ତି—ଏ ତ କବିର କଳ୍ପନା। କିନ୍ତୁ ଜଣେ ବୁଝେ......ଅତି ପ୍ରିୟ ପରିଚିତ ସେ—କବି ପ୍ରାଣର ଗଭୀର ବ୍ୟଥା।

—✻—

Digitized by srujanika@gmail.com

# ୧୯୪୨

# ବର୍ଷ ଚଉତିଶା

ଶ୍ରୀ ମୂକକବି

କ—କଳା ସାଙ୍ଗେ ସାଙ୍ଗେ ଧଳା ହୋଇଗଲା ପାର୍,
ଖ—ଖଣ୍ଡି ବେପାରୀଙ୍କୁ ଗଲା ପଡ଼ି ପୁଅ ବାର ।

ଗ—ଗୁଅ ଚନା ପାନଖିଆ ହୋଇଲେ ବେଦମ୍,
ଘ—ଘମା ଘଏ ବୋମା ମଡ଼ି ଗଲେ ଧମ ଧମ୍ ।

ଙ—ଙ ପରି ମୁହିଁ ମୋଡ଼ ହିଟଲର ଭ୍ରମେ,
ଚ—ଚର୍ଚ୍ଚିଲ ଚଗିଙ୍କ ସ୍ୱର୍ଗ ଚଢ଼ଇ ଚରମେ ।

ଛ—ଛକ ଛକ ଉଡ଼ି ଜାପ ଛଞ୍ଚାଣର ଝାମ,
ଜ—ଜର୍ମନ ଉଚ୍ଚଡ଼ା ଖାଇ ଡାକେ ବାପ ବାପ ।

ଝ—ଝଟକି ହୁଅନ୍ତି ଝେଟେ ବେହିଆ ସମାନ,
ଞ—'ଞ-ଞ' କରି ଟାଏଁ ଟେକି ନାକ କାନ ।

ଟ—ଟଙ୍କା, ରେଙ୍ଗା ହେଉଗଲା ନୋଟ ହେଲା ସସ୍ତା
ଠ—ଠେକଙ୍କ ଦାନ୍ତରେ ଲୋକେ ହେଉଥିଲେ ହାଳସ୍ତା

ଡ—ଡକେ ଉତ ଗଲେ ମାଟି ନେଲେ ଲୋଟିଲେ ହି
ଢ଼—ଢ଼ୋ-ଢ଼ା ଶବଦରେ ମୁଣ୍ଡି ଗଲା ଫାଟି ।

ଣ—ନମେ ଗମେ ବୋଲି କ୍ରିପ୍ସ୍ ଦେଇ ବାଡ଼ି
ତ—ତଡ଼ିଲାଇ ମଧ୍ୟାରିକୋ ଗଲୋ ଦେଶ ଛାଡ଼ି,

ଥ—ଥାଟୁଡ଼ା ଥାପୁଡ କାମ ହୋଇଗଲା ଜଟା,
ଦ—ଦାମବାଜ ଅମେରି ଯେ ଚଲାଇଲେ ଡଣ୍ଡା

ଧ—ଧର୍ମଘଟର ଧୂମ ଗଲା ଲଗି ଦେଶ ସାରା,
ନ—ନେହେରୁ, ଆଜାଦ, ଗାନ୍ଧି ଅଗ୍ରେ କଲେ କାରା ।

ପ—ପଣ୍ଡିତଙ୍କ ଧଡ଼ି ଗଲା ଅଗ ଅଗ ଛାଡ଼ି,
ଫ—ଫ୍ରଣ୍ଟ ଧାଆଁ ଦଉଡ଼ରେ ହୋଇ ଭଡ଼ା ଭଡ଼ି

ବ—ବିପ୍ଳବ ବରଷା କଲା ଦେଶେ ସର୍ବନାଶ,
ଭ—ଭିଣ୍ଡି ବେପାରୀଙ୍କ ହୋଇଗଲା ପୁଷମାସ ।

ମ—ମମୁଁ ଘର ଗଲେ ସବୁ ନେତା ହେଇ ମେଲ
ମୁହଁ ଗଲେ ଯେ ଥାଙ୍କ ମର ଫାଙ୍କ ତଳ

ଯ—ଯାଚିଲା ମାଲକୁ ଛାଡ଼ି ଅଭିରୁଷା ଦେଇ,
ର—ରହିଲେ କଂଗ୍ରେସ ଶେଷେ ହୋଇ ହାଇ ଫାଇ ।

ଲ—ଲିଡ୍‌ଲେଟାର ଲେଖିବାଟା ହୋଇଲା ବେବାଗ,
ବ—ବେମା ପଡ଼ିଗଲା ମୁଣ୍ଡେ କାଗଜର ଅଗ ।

ଶ—ଶଙ୍କରର ଯୁଗ ପୁଣି ଅଇଲାଣି ଫେରି,
ସ—ସୁଭାଷ ହେଲେ ଲୁଚି ଭୁଲିଛି ମଜା ପାରି ।

ଷ—ଷଣ୍ଡ John ଙ୍କର ହେଲା ପ୍ରତାପ ପ୍ରବଳ ।
ହ—ହିଟଲର କଳବଳ ହେଲା ଟଳମଳ ।

କ୍ଷ—କ୍ଷୁଦ୍ର ନାମିଲଇ—ପୁଣି ପଡ଼ିଲାଣି ଶୀତ,
ଯାଉନାହିଁ, ଏବେ ସବୁ ହୋଇଯା ଫତେ !

Digitized by srujanika@gmail.com

ମଜା କବିତା

# —ଗୃ’—

ଲେଖକ—ଶ୍ରୀ ସୂର୍ଯ୍ୟନାରାୟଣ ପାଢ଼ୀ ବି. ଏ.

ପରାଣର ପିଅରି, ହେ ମୋର ଗୃହା,
ତୁମ ନୂଆ ପରଶ          ତୁମ ଦିଅ ହରଷ
ଏ ଜୀବନେ କ୍ଷଣେ କି ଭୁଲିବ ଆହା,
ମଦ୍ୟର ଝିଅଣ୍ଟି ହେ ମୋର ଗୃହା !

ତୁମ ସାଥେ ଦେଖା ଗୋ ସେହି ସକାଳେ
ପ୍ରଥମ ପ୍ରେୟସୀ          କର ବଢ଼ା କପେ ହେ
ଚଖାଇଲ ପରମ ମଧୁ ଯେ କାଳେ
ସେହି ପ୍ରୀତି ବଢ଼ିଲ ବୋଲା ସକାଳେ ।

ପ୍ରେୟସୀର କୋମଳ କର ପରଶେ
କି ଚକ୍ଷୀର ଗନ୍ଧ          ମୃଦୁ ମଧୁ ଛନ୍ଦ
ତରଳିଲ ତନୁରେ ତବ ତରସେ
ମାନସୀର ମଦର ଧୀର ପରଶେ ।

ଜୀବନେ ସେ ଲେଖିଛି ଅଲିଭା ଦାଗ
ପାଶୋରିବ ଭୁଲିଗୋ ଦେଖେ ଦେଖେ ଭୁଲିଗୋ
ବରନେଲି ତୁମରେ ବହୁ ସରାଗ
ପଡ଼ିଲି ସେ ପ୍ରିୟାର ସତେ କି ଲାଗ ?

ଜୀବନର ଥିଲ ସେ ଏକାକୀ ସଙ୍ଗୀ
ଢାଳି ମାୟା ମନ୍ତ୍ର          ବାନ୍ଧିନେଲ ଅନ୍ତର
ସେ ଦିନର ତୁମେ ତ ରହିଚ ସାକ୍ଷୀ
ସ୍ମୃତି ତୁମେ ରହିଚ, ନାହିଁ ସେ ସାଙ୍ଗୀ ।

ଯାଇଛି ତ ଅତୀତ ନେଇ ଦସ୍ୟୁହେ
ଯାଇଛି ଯେ ଫେରିହେ ତାରେ କିଏଁ ଘେରିହେ
କହ ଗୃହା କାହାଣୀ ଏଇ ବଂଥିତେ
ଯାଇଛିତ ଅତୀତ ନେଇ ଦସ୍ୟୁତେ ।

ଅସିବନି ଫେରି ସେ, ସତ ଯଦି ତା
ମିଳେ ତାରେ ସୁମର          ଦୁଃଖଭରେ ଗୁମର
କି ହେବ ହେ ଜାଣି ତା ବରହଗଥା
ମିଳିବନି ପୁଣି ସେ, ସତ ଯଦି ତା ।

ହେଉ ତେବେ ତୁମର ଶୁଭ ଆଗମ
ମରୁମୟ ହିଅର          ନବଶାର ନିଅଁର
ଭସ୍ମର କ୍ଷୁଧାରେ ତୁମ ଆସନ
ହେଉ ତେବେ ତୁମର ଶୁଭ ଆଗମ ।

ତବ ତନୁ ତୀର୍ଥ ନୀରେ ସୁନ୍ଦର
ପିପାସିତ ଚିତ୍          ଅବଗାହି ନିତ୍ୟ
ଯାଉ ଯେତେ ଚକ୍ଷୁ କ୍ଷତ ଭିତର
ତବ ତନୁ ତୀର୍ଥ-ନୀରେ ସୁନ୍ଦର !

Digitized by srujanika@gmail.com

## ——କାଳିଆ ବଳଦ ଗଳ୍ପ ଗଳ୍ପ——

ଦିନେ ନନ୍ଦ ବାବୁ ଭୂଗୋଳ ପଢ଼ାଉ ପଢ଼ାଉଁ କହିଲେ, "ପିଲେ, ଦକ୍ଷିଣ ଆମେରିକାରେ ଗୋଟିଏ ସ୍ଥାନ ଅଛି ଯେଉଁଠାରେ ଚିର ବସନ୍ତ ବିରାଜି ଥାଏ।"

ତତ୍କ୍ଷଣାତ୍ ରାମ ଉଠିପଡି କହିଲା, "ସାର୍! ତେବେ ତ ସେଠାରେ କେହି ଯୁବକ ଯୁବତୀ ବଞ୍ଚ୍ ନଥିବେ।"

+ × +

ପଣ୍ଡିତେ ଶ୍ରେଣୀ ଭିତରକୁ ହଠାତ୍ ପ୍ରବେଶ କରି ଜଣେ ପିଲାକୁ ପ୍ରଶ୍ନ କଲେ "କହିଲ ଦେଖି କୃପଣ ଓ କୃପାଣ ମଧ୍ୟରେ ପ୍ରଭେଦ କଣ।"

ଜଣେ ଛାତ୍ର ପାଟିକରି ଉତ୍ତର କଲା। ଆଜ୍ଞା ଗୋଟିଏ ବାଡି ପ୍ରଭେଦ।"

+ + +

ଜଣେ ଭଦ୍ରଲୋକ ଜଣେ ଅଚିହ୍ନାଙ୍କୁ ପ୍ରଶ୍ନ କଲେ, "ଆପଣଙ୍କ ଘର କେଉଁଠି ମୁଁ ଜାଣି ପାରେଁ କି?"

ଅଚିହ୍ନା—ନିଶ୍ଚୟ।

ଭଦ୍ରଲୋକ—ତେବେ ଆପଣଙ୍କ ନାମ କଣ ଚ—ପ—ଲା? (ଶ୍ୟାମ)

+ + ×

ଶିକ୍ଷକ—ରୋମନ୍ଥକ ଜନ୍ତୁର ଗୋଟିଏ ଉଦାହରଣ ଦିଅ, ବେଣୁ!

ବେଣୁ—ଆଜ୍ଞା, ମୋ ଅଜା!

ଶିକ୍ଷକ—କିପରି, ସେ କିପରି କଥା?

ବେଣୁ—ଆଜ୍ଞା, ରାତିରେ ଭାତ ଖାଇ ଶୋଇଲେ ତାଙ୍କ ଆଖି ବୁଜି ଥାଏ ସତ ପାକୁଆ ପାଟି କିନ୍ତୁ ପାନ ଚୋବାଇବାରେ ଲାଗିଥାଏ।

× + ×

ଶିକ୍ଷକ—ସେ ୫ ର ଚୂଡ଼ାକୁ ୧ ଦିନରେ ୧୦ ଜଣ ବ୍ରାହ୍ମଣ ଖାଇଲେ ଜଣେ ବ୍ରାହ୍ମଣ ତାକୁ କେତେ ଦିନରେ ଖାଇବ?

ଛାତ୍ର—ସାର୍— ଏ ପ୍ରଶ୍ନର ଉତ୍ତର ମୁଁ ଦେଇ ପାରିବି ନି। କାରଣ ମୁଁ ତ ବ୍ରାହ୍ମଣ ନୁହେଁ!

(ସରସ୍ୱତୀ)

ଥିଏଟର ହେଉଥିଲା। ମହିଳା ଗେଟରେ ଜଣେ ଭଲେଣ୍ଟିଅର ଠିଆ ହୋଇ ଦର୍ଶକମାନଙ୍କୁ ବତାଇ ଦଉଥାଏ— "ଏପାଖ ଫାଷ୍ଟ କ୍ଲାସ—ଆଉ ସେପାଖ ସେକେଣ୍ଡ କ୍ଲାସ।"

ଜଣେ ମହିଳା ଟିକେଟ କାଟି ପ୍ରବେଶ ହେଲେ। ତାଙ୍କ କୋଳରେ ଗୋଟିଏ ପିଲା। ଭଲେଣ୍ଟିଅର ଭଦ୍ରତା କରି ମହିଳାଙ୍କ ପାଖକୁ ଯାଇ ଧୀରେ ପଚାରିଲା— "ଫାଷ୍ଟ ନା ସେକେଣ୍ଡ?"

ମହିଳାଟି ଲାଜରେ ସଢ଼ି ପଡି ଧୀରେ ଉତ୍ତର ଦେଲା—"ଏଁ—ଏଁ—ନା—ଏ ପିଲାଟି ମୋର ନୁହେଁ।" ×

Digitized by srujanika@gmail.com

## ହରିକି ଗୋବିନ୍ଦ ବନମାଳି

# ନାଗବନ୍ଧୁ

**ଉଦ୍ଦେଶ୍ୟ —** ( ୧୮ ବର୍ଷରୁ ନିମ୍ନ ବାଳକ ବାଳିକାମାନଙ୍କ ପାଇଁ )

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଡଗରର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ( ୩ ) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ( ୪ ) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

## ନାଗବନ୍ଧୁଙ୍କ କଲମରୁ

### —ଏଇ ଦେଶେ—

ଏଇ ଭୂଇଁ ଏଇ ଦେଶେ—
ବାର ବରଷର ବାଳିକା ବଳାଙ୍ଗୀ
କରେ ତରବାରି ଧରି,
ନେଇଥିଲା ଯେବେ ସମର ପ୍ରାଙ୍ଗଣେ
ଶତ୍ରୁ ଭାଜିଥିଲେ ଡରି ।
ଏଇ ଭୂଇଁ ଏଇ ଦେଶେ—
ସତ୍ୟ ବଳେ ସତୀ ସାବିତ୍ରୀ ଶମନ
—ମୁଖୁ ଫେରାଇଲେ ପତି,
ସତ୍ୟର ମହିମା ଅମର କୀରତି
ଭବେ ସ୍ଥାପିଲେ ସତୀ ।

ଏଇ ଭୂଇଁ ଏଇ ଦେଶେ—
ଦେଶ ପାଇଁ ହସି କୁସୁମ କୁମାରୀ
ଗରଳ ଭକ୍ଷିଲା ମୁଖେ,
ମଲେ କୁସୁମ କୁସୁମ ଶଯ୍ୟାରେ
ଦେଶ ଲାଭ ପାଇଁ ସୁଖେ । ୩ ।
ଏଇ ଭୂଇଁ ଏଇ ଦେଶେ—
ପ୍ରଭୁ ପୁଅ ପ୍ରାଣ ନିଜ ପୁଅ ପ୍ରାଣ
ବିନିମୟେ ପାନ୍ନା ଦେଇ,
ଯେ ପ୍ରଭୁ ଭକତି ଦେଖାଇଲା ଭବେ
ବିସ୍ମିତ ସରବେ ଦେଖି । ୪ ।
ଏଇ ଭୂଇଁ ଏଇ ଦେଶେ—
ବାଳକ ଧରମା କୋଣାର୍କ ଧାମେ
ସ୍ଥାପିଲା ଯେ କୀର୍ତ୍ତି-ସ୍ତମ୍ଭ,
ବାଳକର ଶିଳ୍ପ କଳା କଉଶଳ
ଭାଙ୍ଗିଲା ଶିଳ୍ପୀର ଦମ୍ଭ ।
ସେହି ସ୍ମୃତି ସମୁଜ୍ଜ୍ୱଳ—
ଏ ଧରା ବକ୍ଷରେ ଅକ୍ଷରେ ଅକ୍ଷରେ
ଅଛି ସେ କାହାଣୀ ଲେଖା,
ଗୌରବ ଅତୀତ ଭବିଷ୍ୟତ ରୂପେ
ସତେ କି ହୋଇବ ଦେଖା ?

କୁମାରୀ ଶୈଳବାଳା । ୧୭ ନଂ ନାଗ

---

## ମୁଁ ଯେ ଚାହିଁଛି—

ତପତ ଜେଠର ତାତି
ବହୁଦିନ ମୁହିଁ ସହିବ,
ସଖା ହେ ! ବସିଛି ଚାହିଁ
କେବେ ମୋତେ ଦେଖା ଦେବ ?
ନୟନ ଅଧୀର ମୋର
ତବ ଆଗମନ ଚାହିଁ,
ସବୁହିବ, ସବୁହରା—
କହ ସଖା ! କାହାପାଇଁ ?
କେତେ ଯେ ବିତିଛି ଦିନ
କିଶୋର ତଳ ବାଟ,
ପାଇଛି କେବଳ ବ୍ୟଥା
ଗତ କଣ୍ଟା ବୁକୁ ଫାଡ଼ି ।
ନାହିଁ ଟୋ ନାହିଁ ଗୋ ମୋର
ସୁନ୍ଦର ସେ ଦିନ ଆଉ,
ବଞ୍ଚିଛି କେବଳ ଯା'ନ୍ତି
ତବ ଗୁଣ ଗାଉ ଗାଉ ।

Digitized by srujanika@gmail.com

ଭଗ୍ନ ମୋର ବୀଣା ଖଣ୍ଡି
ତବ ଲାଗି ନବ୍ଯଣରେ,
ନ ବାଜେ, ଗୋ ନ ବାଜେ ଗୋ
ଦେଖା ଦିଅ ସଖା ! ବାରେ ।
ଅଣର ପ୍ରଦୀପ ମୋର
ଜଳି ଜଳି ଯିବ ଲିଭି,
ତେବେ କାହିଁ ସଖା ତୁମେ
ନ କହୁଛ ପିବ ଯିବ ।
ଆଜ ମୁଁ ଦେଖିବୁ ତବ
ଆଗମନେ ଉପହାର,
ଡାଳିବି ନୟନ୍ତୁ ବାର
ଆନ ନାହିଁ ଉପଚାର ।
କେବଳ ମିନତି ମୋର
ସଖା ହେ ନ ଭୁଲ ମୋତେ,
ଦେଖା ଦିଅ, ଦେଖା ଦିଅ
ଭସିଲି ଅଜାଣ ସ୍ରୋତେ ।
ଗୋପୀନାଥ ବେହେରା ୩୭୭ ନଂ (ନାଗ)

---

**ଦେବତା—**

ହେ ଧ'ଧନିଆ ଦେବତା,
ଆସିଥିଲ ଧରାଧାମେ
ମଣ୍ଡି ଧରା ଉଜ୍ଜ୍ୱଳ ଆଲୋକେ,
ଆମ୍ଭୀୟ ସୋଦର ଛାଡ଼ି
ଗୃହଗଲ ଚକ୍ଷୁର ପଲକେ ।
ଶୁଭେନାହିଁ ଆଜ କଣ୍ଠ
ତବ ସେହୁ ସୁମଧୁର ଭାଷା,
କହ କଥା କହ ବାରେ
ଅନ୍ଧରେ ଫୁଲଇଣ ନାସା ।
ଅସିଥିଲ କହେ ତୁମ୍ଭେ
ଜଗତକୁ ଜନାଇବା ପାଇଁ,
ଏବେ ଯାଇ କେଉଁ ଦେଶ
ଗୌରବରେ ଲୁଚିଗଲ କାହିଁ ?

ଯଦ ପାନ୍ତ ଦେଖା ଥରେ,
ଜୀମିତେଲ ପଇଁ ହେ ଦେବତା ।
ଭକ୍ତ ଅର୍ଘ୍ୟ ଡ଼ାଳି ପଦେ
ନିବେଦନ୍ତ ଅନ୍ତରର ବ୍ୟଥା ।
ସୁବାସିନୀ ଦେବୀ (୪୭୬ ନାଗ).

—❋—

## ଭିକାରୀ

ଭିକାରୀ ନାମଟି ଶୁଣିଣ ଦୁଆରୁ
ଦିଅନା ବିଦାର କରି
ଦାଣ୍ଡର ଭିକାରୀ ବୁଲେ ଯହିଁ ତହିଁ
ବଡ଼ବାବୁଲୋକଙ୍କ ଘରୁ ।
ହୃଦୟର କଥା ମରମେ ଯେ ବ୍ୟଥା
ସରମେ ଦୁଆରେ କହେ,
ଗୌରବ ସେ ମୋର ଗୌରବ ବାସନା
ଗୌରବେ ଅନ୍ତରେ ସହେ ।
ତୁମ ଘର ଧନ ଦଉଲତ ଆଉ
ଥାଅନ୍ତା ପଦ ମୋ ଠେଲ
ତୁମର ଦୁଆରେ ମୁଣ୍ଡ ଗଡ଼ା ହୋଇ
କାହିଁକି ପଡ଼ାନ୍ତି ବେଳ ?
ଲୋଡ଼ା ନାହିଁ ମୋର ଐଶ୍ୱର୍ଯ୍ୟ ସମ୍ପଦ
ଘିଅ, ଦୁଧ, ସର, ଭାତ
ମିଳୁଥାଉ ମତେ କଡ଼ି ବାସି ଫେଲ
ତାହା ସଙ୍ଗେ ବଧା, ଲାତ ।
ଶ୍ରୀ ଚନ୍ଦ୍ର ମୋହନ ମହାରଣା ।

---

## ସେବାବ୍ରତ

ସେବା ମହାବ୍ରତେ ବ୍ରତୀ ହୋଇ ସବେ
ଆସରେ ସରବେ ଆସରେ ଧାଇଁ,
ଏତିକି ବେଳେ ତ ପଡ଼ିଅଛି ବେଳ
ଦେଶ ଭାଇ ସେବା କରିବା ପାଇଁ ।
ଆପଣାର ସ୍ୱାର୍ଥ ଫିଙ୍ଗି ଦେଇ ଦୂରେ
କରିବା ଦେଶର ମଙ୍ଗଳ କାମ,

Digitized by srujanika@gmail.com

ସତ୍ୟ ପୀରତି, ଶାନ୍ତି ସାଗରେ
ଭାସିବ ନିଷ୍ଠୁର ଏ ଧରାଧାମ ।
ମଣିଷର ଯହିଁ ଉପନ୍ତ ଲୋତକ
ବୁକୁ ଫାଟି ଦୁଃଖେ ପଡୁଛି ଝରି'
ଯେ ଜାତି କଙ୍କାଳ ଯୁଗ ଯୁଗ ଧରି
ମୃତ ହୋଇଲାଣି ସ୍ୱପନ ପରି ।
ହିନ୍ଦୁ ମହାଜନ, ସମାଜ ନାୟକ
ଝଙ୍କ, ବଡ଼ି, ବାଡ଼, ନଚୁଙ୍କ ଦାଉ,
ଭେଟେ ଧନ ଭରି ନମସ୍ତ ଏ ଜାତି
ଦୁଃଖ ଦୁର୍ଦ୍ଦଶା ସହିବ ଆଉ ।
ଅଭାବ ଯାହାର ଚିର ସହଚର
ଦୈନ୍ୟ ଆଜି ଯା ସହଜାତ,
ସେହି ଠାରେ ଯାଇ ମାନବ ବନ୍ଧୁ ହେ !
ତା ଦୁଃଖ ହରଣେ ଲଗାଅ ହାତ ।

× × ×

ମାନା ହାନା, ଆଜି ଉତ୍କଳ ଜନନୀ
ନୟନୁ ବହୁଛି ଲୋତକ ଝରି,
ଦେଖି ଦେଖି ଏହି ବୁକୁ ଫଟା ଦୃଶ୍ୟ,
ଦାରୁ ହୋଇଲେଣି ବଡ଼ ଠାକୁର ।
କୋଟିଏ ମାଆର କୋଟିଏ ସନ୍ତାନ
ନବ ଜାଗରଣେ ଉଠିବେ ଚେଇଁ,
ମୁକ୍ତି ପଥର ଯାତ୍ରୀ ଆମେ ରେ
ମରଣ ବରଣେ ଡରିବା କେଇଁ ?

ଶ୍ରୀ ଭାସ୍କର ଦେ, ପଲ୍ଲଇ (୦୧୪ ନାଗ)

—✿—

## ନୂଆ ନାଗଙ୍କ ନାମ

୪୨୯ । ଶ୍ରୀ ହରେକୃଷ୍ଣ ଦାଶ C/o. ଶ୍ରୀ ବୀଣାଧର ଦାଶ ବ୍ରଜବନ୍ଧୁ ନୈଶ ବିଦ୍ୟାଳୟ 6A. Garati Place, Oalcutta. ୪୩୦ । ଶ୍ରୀ ମହେଶ୍ୱର ଦାଶ C/o ଶ୍ରୀ ବୀଣାକର ଦାଶ Show Wallaee & Co. 4.Bauk st. Calcutta. ୪୩୧ । ଶ୍ରୀମତୀ ବାଳା ଦେଈ C/o. ଶ୍ରୀ ଅନନ୍ତଚନ୍ଦ୍ର ଦାଶ ସାଂ ଓ ପୋ: ଚଉଧୁରୀ ବଜାର ପୋ: କଟକ । ୪୩୩ । ଶ୍ରୀ ମଧୁସୂଦନ ଦାଶ C/o ଗୋପୀନାଥ ବେହେରା ବ୍ରଜବନ୍ଧୁ ନୈଶ ବିଦ୍ୟାଳୟ ୬ନଂ ଗରଷ୍ଟିନ ପ୍ଲେସ କଲିକତା । ୪୩୪ ଶ୍ରୀ ହିତଲୋଚନ ମିଶ୍ର ଚନ୍ଦ୍ରପୁର । ୪୩୫ ଶ୍ରୀ ଯତୀନ୍ଦ୍ର, ମୋହନ ଶତପଥୀ, ଖଡ଼ଗପୁର ଗଡ଼ । ୪୩୬ ଶ୍ରୀମତୀ ସୁବାସିନୀ ଦେବୀ, ଚନ୍ଦ୍ରପୁର । ୪୩୭ ଶ୍ରୀ ଚନ୍ଦ୍ରମୋହନ ମହାରଣା C/o. Head Mistress କେନ୍ଦୁଝର ଗଡ଼ (ଅନାବନ) ୪୩୮ ଶ୍ରୀ ଦୁର୍ଗା ଚରଣ ମହାନ୍ତି Mrs. K. M. P. M. High School. Jamshedpur. ୪୩୯ ଶ୍ରୀ ବାନାମ୍ବର ପଣ୍ଡା Mrs. K. M. P. M. High School Jamshedpur. ୪୪୦ Sm. ସ୍ୱର୍ଣ୍ଣପ୍ରଭା ଦେବୀ No.9 Amauth Road P. o.. Jamshedpur.

---

## ପକେଟ ପ୍ରେସ

( ଓଡ଼ିଆ ଓ ଇଂରାଜୀ )



ଘରେ ବସି ନିଜର ଇଚ୍ଛାନୁସାରେ ନିମନ୍ତ୍ରଣପତ୍ର, କାର୍ଡ଼, ଚିଠିଲେଖା କାଗଜ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଛପାଇ ନିଅନ୍ତୁ । ପ୍ରତ୍ୟେକ ବାକ୍ସରେ ଇଂରେଜୀ ଅକ୍ଷର ସମସ୍ତ ସରଞ୍ଜାମ ଥାଏ । ଏଥିରେ ଛପାଇବା ଖୁବ ସହଜ ଓ ଦାମ ମଧ୍ୟ ଶସ୍ତା । ନମୁନାର ମୂଲ୍ୟ ୫୧୫, ଡାକଖର୍ଚ୍ଚ ୫୦୧୫ ।

THE AMERICAN COMMERCIAL STORE Post Box No. 12213 Calcutta. (D. G.)

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲି:

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**
ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼
**ଭାରତୀ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**
ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।
ଯୁଦ୍ଧ ଜନିତ ମୃତ୍ୟୁ ହେଲେ ସୁଦ୍ଧା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ
ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି
**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**
ହିନ୍ଦୁସ୍ଥାନ ବିଗତ ୩୬ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା
ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

### ସୁଦୃଢ଼ତାର ପରିଚୟ—

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବୀମାର ପରିମାଣ ୧୯ କୋଟି ।
ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।
ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ଛେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।
ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।
ଓଡ଼ିଶାରେ ସର୍ବତ୍ର ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା.

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗେନାଇଜର
ଭଦ୍ରକ ।


Printed & published G. C. Mahapatra at the Gopinath Press Bhadrak.

Digitized by srujanika@gmail.com

୭ମ ବର୍ଷ — ମାଘ

DAGARO
Utkal's most papular Fortnightly
OF
LIGHT, LEAD & LAUGHTER

୧୭ଶ ସଂଖ୍ୟା ପ୍ରଥମାର୍ଦ୍ଧ




ସମ୍ପାଦକ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।

ବାର୍ଷିକ ଦୁଇଟଙ୍କା ପ୍ରତି ସଂଖ୍ୟା ଏକ ଅଣା

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛିଦ୍ର ବା ବିକୃତ ଚର୍ମ, ହାତ ଗୋଡ଼ ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବାଧକବତ୍ ବେଦନା ଅଳସ୍ୟ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଟ୮୯ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛିଦ୍ର ପ୍ରଭୃତି ଅତିରେ ଆରୋଗ୍ୟ ହୁଏ । ଏକ ଶିଶି ଟ୨୯ଙ୍କା ମାତ୍ର ଟ ୨ ୯ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:— **ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ

ଆଲମଚାନ୍ଦ ବଜାର, କଟକ ।

---

# ଫାନ୍ସି ଲିଭର ହାତବନ୍ଧା ଘଡ଼ି

## ଦାମ ଟ୭୲




ଏହା ଠିକ ସମୟ ରଖେ—ଏହାର କଳକବ୍ଜା ଖୁବ୍ ମଜବୁତ୍ ଓ ବହୁଦିନ ସ୍ଥାୟୀ । ଘଡ଼ିଟିର ଆକୃତି ମଧ୍ୟ ଖୁବ୍ ସୁନ୍ଦର । ୧୫ ବର୍ଷ ସକାଶେ ଗ୍ୟାରେଣ୍ଟି ଦିଆଯାଏ । 'Rayco liver' (ରାଏକୋ ଲିଭର) ଘଡ଼ି ଟ୭୲ । ଉତ୍କୃଷ୍ଟ ଧରଣର ଘଡ଼ି ଟ୧୨୲ । ସୁନା ଗିଲ୍ଟ କରା ଘଡ଼ିର ଦାମ ଟ୧୩୲୰ । ୭ଟି ଜୁଏଲ ଯୁକ୍ତ ରୋଲ୍ଡଗୋଲ୍ଡ ଘଡ଼ିର ଦାମ ଟ୧୫୲ ମହିଳାଙ୍କ ସକାଶେ ଲେଡିଜ୍ ଓ୍ୱାଚ ଟ୧୭୲ । ଡାକ ଖର୍ଚ୍ଚ ଟ୦।୰ । ଦୁଇଟି ଘଡ଼ି ଏକ ସଙ୍ଗରେ କିଣିଲେ ଡାକ ଖର୍ଚ୍ଚ ଦେବେ ନାହିଁ । ପ୍ରତ୍ୟେକ ଅର୍ଡର ସହ ଗୋଟିଏ ଫାଉଣ୍ଟେନ ପେନ୍ ଓ ଗୋଟିଏ ଜର୍ମାନ ପକେଟ ଘଡ଼ି ବିନା ମୂଲ୍ୟରେ ଉପହାର ଦିଆଯାଏ ।

THE AMERICAN COMMERCIAL STORE.
Post Box No. 12213 Calcutta (D. G.)

---

ସମ୍ପାଦକ—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।**

Digitized by srujanika@gmail.com

୬ଷ୍ଠ ବର୍ଷ
୧୭ଶ ସଂଖ୍ୟା
ମାଘ ପ୍ରଥମ ପକ୍ଷ
ତା ୧-୨-୪୩

# ଡଗର

## ହୁକା ହୁକା ହୁଆ

[ ବିଲୁଆ ବିଗୁର ]

—ପାକ୍ଷିକ—
ବାର୍ଷିକ – ଟ ୨।
ପ୍ରତିସଂଖ୍ୟା—୦/
ବିଦେଶ—୦ ୩/

ବିଜ୍ଞାନମାନେ କାଳକୁ ଚକ୍ର ବୋଲି କହନ୍ତି। ତାର ଅର୍ଥ ଏହି ଯେ ସଂସାରରେ ଯାହା ଥରେ ଘଟେ ତାହା ସ୍ଥିର ହୋଇ ନ ରହି ଚକ ପରି ବୁଲି-ଯାଏଁ ଓ ବେଳ ପଡ଼ିଲେ ବୁଲି ଆସି ସେଇଆ ପୁଣି ଘଟେ।

ଜଣେ କେହି ଯୁଦ୍ଧ ସଂକ୍ରାନ୍ତରେ ଏହି ଚକ ବୁଲିବାର ଗୋଟିଏ ମଜାଦାର ହିସାବ ବାହାର କରି ଅଛନ୍ତି। ଡଗରର ପାଠକମାନଙ୍କୁ ତାହା ଉପହାର ଦିଆଗଲା।

୧୭୮୯ ମସିହାରେ ଫରାସି ବିପ୍ଳବ ଘଟିଥିଲା। ତାର ଠିକ୍ ୧୨୯ ବର୍ଷ ପରେ ଅର୍ଥାତ୍ ୧୯୧୮ ମସିହାରେ ଜର୍ମାନ ବିପ୍ଳବ ଘଟିଲା।

୧୮୦୪ ମସିହାରେ ନେପୋଲିୟନଙ୍କର ଅଭ୍ୟୁଦୟ ହୋଇଥିଲା; ତାର ୧୨୯ ବର୍ଷ ପରେ ୧୯୩୩-ରେ ହିଟଲରଙ୍କ ବିକାଶ।

୧୮୧୨ରେ ନେପୋଲିୟନଙ୍କ ରୁଷ ଅଭିଯାନ; ତାର ୧୨୯ ବର୍ଷ ପରେ ୧୯୪୧ରେ ହିଟଲରଙ୍କ ରୁଷ ଅଭିଯାନ।

୧୮୧୪ରେ ନେପୋଲିୟନଙ୍କ ପତନ; ଅତଏବ ତାର ୧୨୯ ବର୍ଷ ପରେ ଅର୍ଥାତ୍ ୧୯୪୩ ମସିହାରେ ହିଟଲରଙ୍କ ପତନ ଅବଶ୍ୟମ୍ଭାବୀ।

ନେପୋଲିୟନ ୧୦ ବର୍ଷ ରାଜତ୍ୱ କରିଥିଲେ, ତେଣୁ ହିଟଲରଙ୍କ ରାଜତ୍ୱ ବି ୧୦ ବର୍ଷ ଅର୍ଥାତ୍ ୧୯୩୩—୧୯୪୩।

କାଳଚକ୍ର ୧୨୯ ବର୍ଷରେ ଥରେ ଘୂରୁଛି ପରା?

× + ×

ଅଧ୍ୟାପକ ଭାନୁଶାଳୀ ନାମକ ଜଣେ ବିଖ୍ୟାତ ବ୍ୟକ୍ତି ମୃତ୍ୟୁ ପଣ କରି ଉପାସ କରିଥିଲେ। ସରକାରଙ୍କ ସହିତ ତାଙ୍କ ଗୁହାରି ରକ୍ଷା ହୋଇ ଯିବାରୁ ସେ ଉପବାସ ତ୍ୟାଗ କରିଛନ୍ତି। ବମ୍ବରଠାରେ ଘଟିଥିବା କେତେକ ପୁଲିସ ଅତ୍ୟାଚାରର ତଦନ୍ତ ଓ ପ୍ରତିକାର ପାଇଁ ସେ ଜିଦ୍, ତାହା ନ ହେବାରୁ ଭାନୁଶାଳୀ ସାହେବ ଏହି ଉପାୟ ଅସ୍ତ୍ର କରିଥିଲେ। ତାଙ୍କ ଉପାୟଟା ଫଳବତୀ ହେବାରୁ ସମସ୍ତେ ଖୁସି। ଏବା ଏ ଘଟଣାଟି ଅନେକଙ୍କ ମନରେ ନବ ଆଶାର ସଞ୍ଚାର କରିଛି ବୋଲି ଜଣାଯାଏ। × × ×

ପାନରସିକମାନେ ଗୁଆ ଦର ହେତୁ ଯେଉଁ କଷ୍ଟ ପାଉଛନ୍ତି ସେଥିପାଇଁ "ନିଖିଳ ଉତ୍କଳ ତାମ୍ବୁଲ ସେବୀ ସଂଘ" ଏକ ପ୍ରସ୍ତାବ ପାସ କରିଛନ୍ତି କି ସଙ୍ଘର ଆଜୀବନ ପ୍ରେସିଡେଣ୍ଟ ବ୍ରଜସୁନ୍ଦର ବାବୁ ନିଜେ ବ୍ୟକ୍ତିଗତ ସତ୍ୟାଗ୍ରହ ( ଧାରଣା ) କରିବେ ବୋଲି ଶୁଣାଯାଉଛି।

ଚଣ୍ଡୁଆଙ୍କ ପଛେ ପଛେ କରାଟଧାରୀ ସଙ୍ଘ ( ଅଫିମା ) ମଧ୍ୟ ଅଫିମ ଲାଇସେନ୍ସ ବିରୁଦ୍ଧରେ ଗୋଟାଏ କିଛି କଲେ କେମିତି ହୁଅନ୍ତା?

+ + +

ଏ ଯୁଦ୍ଧରେ ଆମେରିକା ଇଂରେଜ ପକ୍ଷ ହୋଇ-ଥିବାରୁ ଅନେକ ଆମେରିକା ସୈନ୍ୟ ସଶସ୍ତ୍ରେ ଇଂଲଣ୍ଡ ଆସିଛନ୍ତି। ମାତ୍ର ଶତ୍ରୁ ସେମାନଙ୍କ ଉପରେ ଅସ୍ତ୍ର ଚାଳନା କରିବା ପୂର୍ବରୁ କନ୍ଦର୍ପ ଦେବତା ତାଙ୍କ ପଞ୍ଚଧନୁ ଫୁଲଶର ସେଘନ ଉହିଁ ହାଜର ହୋଇ ଗଲେଣି ଓ କେତେକ ବିବାହ ମଧ୍ୟ କରି ସାରି-ଲେଣି। ଅର୍ଥାତ୍ କେତେ, ଏହି ସୈନ୍ୟମାନଙ୍କ ମଧ୍ୟରୁ ଅନେକେ ଇଂରେଜ ତରୁଣୀଙ୍କ ପ୍ରେମରେ ପଡ଼ି ବିବାହ କରି ପକାଉଛନ୍ତି। ଏପରି ବିବାହ ଯେ ନଭେଲର ବର୍ଣ୍ଣନା ବିତରେ ପ୍ରାଣର ସହାନୁଭୂତି ଆଣିଦିଏ ଓ ନବ ମାର୍ଜିତ ମନଟରେ ମଧୁ ବର୍ଷଣ କରେ ତାହା ବୁଝିବାର ଶକ୍ତି ସମ୍ପାଦକଙ୍କର ନାହିଁ ହୋଇପାରେ। କାରଣ ଆମେରିକା ସରକାର ଏହି ଖୁମ୍ଭା ବନ୍ଦ କରିବା ପାଇଁ ତାଙ୍କ ସୈନ୍ୟମାନଙ୍କ

Digitized by srujanika@gmail.com

ଦଣ୍ଡ ବିଧାନର ଭୟ ଦେଖାଇ ଦୂରେଇ ଦେଇଛନ୍ତି । ଏପରି ମୂଳରୁ ଅନ୍ତର୍ଜାତିକ ମିଳନରେ ବାଧା ଦେବା ପ୍ରକୃତ ରାଷ୍ଟ୍ରନାୟକଙ୍କ ପକ୍ଷେ ଅଶୋଭନୀୟ ବୋଲି ମନେ ହେଉଛି । ହାୟ, ଯୁଦ୍ଧ ଗଡ଼ାଇବାର କଣ ବାଦ୍ୟ ବନ୍ଦ ହେଲା ପରେ ଲୋପ ପାଇଯିବ ? ରସିକଲାଲ କଣ ଜନ୍ମ ଲଭିବେ ? ହାୟ କପାଳ ! ଏ ଗୁଣ ପୃଥିବୀରେ ଅଛି ଖାଇ ବୁଲିବା କି ମୂଳରେ ?

× + ×

ପୁରୀ ଓ ବାଲେଶ୍ୱରର ଜଲ ବୋର୍ଡ଼ର ପରିଚାଳନା ସରକାର ନିଜ ହାତକୁ ନେଇ ମାଲିକ ସ୍ୱରୂପ ଜଣେ ଜଣେ ଉଚ୍ଚପଦସ୍ଥ କର୍ମଚାରୀ ନିଯୁକ୍ତ କରିଛନ୍ତି । ସରକାର ହାକିମମାନେ ସବ୍‌ଜାନ୍ତା, ସବ୍‌କରିତା, (omnipotent, omniscient) ବୋଲି ଆମ ଧାରଣା ଥିଲା । ଏବେ ଦେଖା ଯାଉଛି ସରକାର ଏମାନଙ୍କ ଶକ୍ତି ଉପରେ ବୋଧହୁଏ ଅନାସ୍ଥାବାନ ହୋଇ ଗୋଟିଏ ଗୋଟିଏ (advisory Council) ପରାମର୍ଶଦାତା ସଭା ବସାଇବାର ପ୍ରସ୍ତାବ କରିଛନ୍ତି । ପ୍ରସ୍ତାବଟିକୁ ଆମ୍ଭେମାନେ ସର୍ବାନ୍ତଃକରଣରେ ସମର୍ଥନ କରୁଛୁ; କାରଣ, ଏହି କଲ୍ୟାଣକର ପ୍ରସ୍ତାବଟି କାର୍ଯ୍ୟରେ ପରିଣତ ହେଲେ ଦେଶର ବେକାର ସମସ୍ୟା ଓ ଅସନ୍ତୋଷ ଅନେକାଂଶରେ ଦୂରୀଭୂତ ହୋଇ ପାରିବ ବୋଲି ଆଶା କରାଯାଏ ।

ଏହି ଦୃଷ୍ଟିରେ T. A. ଟା ନିର୍ଦ୍ଦିଷ୍ଟ କରିବା ପାଇଁ ଦୟାମୟ ସରକାରଙ୍କୁ ଅନୁରୋଧ ଛି !

× + +

ଅଟେମରିକାର ଖାସ ରାଜଦୂତ ଫିଲିପ୍ସ ସାହେବ ପଦାର୍ପଣ କରି ଭାରତ ଭୂମିକୁ ପବିତ୍ର କରି ସାରିଲେଣି । ଶୁଣାଯାଏ ସେ ପରିଭ୍ରମଣ କରି ଦେଶର ଅବସ୍ଥା ପର୍ଯ୍ୟବେକ୍ଷଣ କରିବା ସଙ୍ଗେ ସଙ୍ଗେ ନେତାମାନଙ୍କ ସହ ପର୍ଯ୍ୟାଲୋଚନା କରି ଦେଶର ମନୋଭାବ ପରିଗମ୍ କରିବେ । ଏପରି ଶୁଭ ସଂବାଦରେ ଭାରତବାସୀ ମାତ୍ରେ କୃତାର୍ଥ ହେବେ ସନ୍ଦେହ ନାହିଁ । କେବଳ ମନରେ ଗୋଟିଏ ଧୋକା ରହୁଛି ସାହେବ ମହାତ୍ମାଙ୍କ ସମେତ ବନ୍ଦୀନେତାଙ୍କୁ ଭେଟିବେ । କେଜାଣିବା ତାଙ୍କ ଚକ୍ଷୁ କର୍ଣ୍ଣ ବୋଲିତରେ ଯଦି ସେତକ ହୋଇପାରେ ତେବେ ଆମ ବଡ଼ାବଡ଼ଙ୍କ ପରମ ସୌଭାଗ୍ୟ । + +

ଅମ ଦାନା କନାର ଅଭାବ ମେଣ୍ଟାଇବା ପାଇଁ ସରକାର ଏତେ ଜଗନ୍ତିଅର ଥାଇଁ ଥାଇଁ ଲୋକଗୁଡ଼ାକ ଉପାସ ହୋଇ ପଡ଼ିବାର ଖବର ବେଳେବେଳେ ଶୁଣାଯାଉଛି । କେତେସ୍ଥାନରେ ଖାଦ୍ୟ ଦଙ୍ଗା ହୋଇଗଲାଣି । ନାୟକ ସରକାରରେ ବହୁତ ଦୋକାନ ପାଟ ଲୁଟି ହୋଇ ଯାଇଛି । ଏଥିରୁ ଡର ହେଉଛି, କେଜାଣି ଏହିପରି ଦଙ୍ଗା, ଲୁଟ ଅଡ଼ିକୁ ବ୍ୟାପି ଯାଇପାରେ । ସେଥିପାଇଁ ଅମ୍ଭେ ଅମ ଦେଶ ଭାଇମାନଙ୍କୁ ପରାମର୍ଶ ଦେଉଛୁଁ କି ସେମାନେ କିଛିକାଳ ପାଇଁ ପେଟକୁ ଆରାମ ଦେବା ସକାଶେ ଶିରପ୍ରସିଦ୍ଧ ଉପବାସର ବ୍ୟବସ୍ଥା କରନ୍ତୁ । ଏହା ଯେପରି ସହଜ ସେହିପରି ଅଳ୍ପ ବ୍ୟୟସାଧ୍ୟ ନୁହେଁକି ?

+ + +

ଖାଦ୍ୟ ଦ୍ରବ୍ୟର ଅଭାବ ଅସୁବିଧା ନିବାରଣ ସକାଶେ ସରକାର ଯେତେ ଯେତେ ପନ୍ଥା ନିର୍ଦ୍ଧାରଣ କରୁଛନ୍ତି, ଅବୁଝା ଅମାନିଆ ଲୋକଙ୍କ ଦୋଷରୁ ତାହା ପୂର୍ଣ୍ଣ ଫଳପ୍ରଦ ହୋଇ ପାରୁନାହିଁ । ଏଣୁ ଆମେ କହୁଁ କି ସରକାର ଏଥିପାଇଁ ଏତେ ପରିଶ୍ରମ ଓ ବ୍ୟୟ ନ କରି ଏକାଥରକେ ଯେତେ ବେସରକାରି ଲୋକଙ୍କୁ ଧରି ଅଟକବନ୍ଦୀ କରି ଦିଅନ୍ତୁ । ଏହା କଲେ ଦେଶରୁ ଖାଦ୍ୟାଭାବର ଅସନ୍ତୋଷ ଓ ଏଂନମନ୍ତେ ହାହାକାର ହରକତ ଏକାବେଳକେ ନିର୍ମୂଳ ହୋଇ ଯାଆନ୍ତା ପରା !

× × ×

ଖାଦ୍ୟାଭାବ ଦୂର କରିବା ପାଇଁ ଅମ ଓଡ଼ିଶା ସରକାର ଯେପରି ତତ୍ପର ହୋଇ ପଡ଼ିଛନ୍ତି ସେଥିରୁ ଆଶା ଭରସା ହେଉଛି ଅମର ଅଉ ଦାନା କଷ୍ଟ ରହିବ ନାହିଁ । ଜଣା ଯାଉଛି ସରକାର ଶୀଘ୍ର ସ୍ଥାନେ ସ୍ଥାନେ ଧାନ ଚାଉଳ ଖରିଦ କରିବାର କେନ୍ଦ୍ର ମାନ ଖୋଲିବେ । ଏ ଧାନ ଚାଉଳ ଖରିଦ ହୋଇ କଣ ହେବ ଜଣାଯାଇ ନ ଥିଲେ ମୁଦ୍ଧା, ଏହା ଦ୍ୱାରା ଦେଶରେ ଯେ ଟଙ୍କା ପଇସା ହାଉଜାଉ ହୋଇ ଉଠିବ ସେଥିରେ ସନ୍ଦେହ ନାହିଁ । କାରଣ ଏଜେଣ୍ଟମାନେ ଲାଭବାନ ହେବା ସଙ୍ଗେ ସଙ୍ଗେ ଗରିବ ଚାଷୀମାନେ ତାଙ୍କର ଧାନ ଚାଉଳ ବିକି ବହୁତ ନୋଟ ବା ଟଙ୍କା ଜମା କରିପାରିବେ । ଏହାଦ୍ୱାରା ଦେଶର ଦାରିଦ୍ର୍ୟ ନିବାରଣର ଅଉ ଭଲ ବାଟ କଣ ହୋଇପାରେ ?

Digitized by srujanika@gmail.com

### ବିଲେଇର ଗୁଣ୍ଡରେ

# କଂଗ୍ରେସ କର୍ମୀ

ଲେଖକ—'ନାରଦ'

ମଜା-ଥା

ଏଡ଼ୁକେଏ ଅଛି ହେଲି । ଦନେ ହେଲେ ପରୋପକାର କରିବାର ସୁଯୋଗଟା ପାଇଲି ନାହିଁ । ମୋ ଆଗରେ କେହି ଜଳରେ ବୁଡ଼ି ଗଲନାହିଁ, କାହାକୁ ସାପ କାମୁଡ଼ିଲା ନାହିଁ କିମ୍ବା କାହାର ଘରେ ନିଆଁ ଲାଗିଲା ନାହିଁ । ଯାଉ, ସେ ମୋ ଦୁର୍ଭାଗ୍ୟ ।

ସେଥର କଂଗ୍ରେସ ଆନ୍ଦୋଳନ ନେଇ କଲେଜ ବନ୍ଦ ହୋଇଗଲା । "ଗୁଣ୍ଡାମାନେ" ଲୁଅଁରେ ଭାରି "ଉତ୍ପାତ" ଆରମ୍ଭ କଲେ । 'ଗୁଣ୍ଡାଙ୍କର ନିପାତ' ହେବା ପୂର୍ବରୁ କଲେଜ ପୁନରୋଦ୍‌ଘାଟନର କୌଣସି ଆଶା ନ ଦେଖି ଗ୍ରାମକୁ ପ୍ରତ୍ୟାଗମନ କଲି ।

ଜଗଦୀଶ୍ୱର ମୋର ଅନ୍ତରଙ୍ଗ ବନ୍ଧୁ । ଘର ବସନ୍ତପୁର । ଆମ ଦୁହିଁଙ୍କ ଅନ୍ତରଙ୍ଗତା ଭିତରେ ପାଣି ଗଳେନାହିଁ—କ୍ଷୀର-ନୀର, ଜଗାତେଲ-ମେଣ୍ଢା-ବାଳ ସମ୍ବନ୍ଧ । ଅନେକଦିନ ପରେ ଗ୍ରାମକୁ ଫେରିଥାଏ, ବନ୍ଧୁକୁ ଟିକଏ ଦେଖିଆସିବା ପାଇଁ ମନ ଉଚାଟ ହେଲା । ଯାଇ ଦେଖିଲି ଜଗଦୀଶ୍ୱରର ପରିବର୍ତ୍ତନ ଅସି ଯାଇଛି ଆଶ୍ଚର୍ଯ୍ୟ ରକମର । ଆଗ ପରି ସେପରି ସ୍ଫୂର୍ତ୍ତି ନାହିଁ ଫେସନ ଫାସନରେ । ଟେର ଯାନାଆଁ ସ୍ପର୍ଶ ପାଇନାହିଁ ପ୍ରାୟ ମାସେ ହେବ । ସର୍ବଦା ଅନ୍ୟମନସ୍କ......ଉଦାସିଆ ଭାବ । ମୋ ସଙ୍ଗେ ମିଶିବାକୁ ଆନ୍ତରିକତାରେ ଏ ତୁଟିର ଅବକାଶ ନାହିଁ । ଅଥଚ ସେ ଆନ୍ତରିକତାରେ ଯେପରି ଜୀବନ ନାହିଁ, ସରସତା ନିଶ୍ଚିହ୍ନ ହୋଇଯାଇଛି । ଯାହା କରୁଛି ସବୁ ଯନ୍ତ୍ରଚାଳିତବତ୍, ମ୍ଳାନ ଶୁଷ୍କ ମୁହଁରେ ହସରେଖା ଟାଣିଛି ଚେଷ୍ଟା କରି । ହାବଭାବ ଗୁଲି ଚଳଣ ଆଉ "ଉଦାସୀନ ମନ ଅଟଳ ଗୃହାଣୀ ହୃତ ହୃଦୟର କାହାଣୀ" ସ୍ପଷ୍ଟ କହି ଦେଉଛି । ମୁନା ହେଲା ପରା ଜଣିଆ ।

ଅହାର ଆପ୍ୟାୟନ ପରେ ଉଭୟେ ଅସି ବସିଲୁ 'ମେଲ୍' ଘରେ । ଆରାମ ଲାଳସାରେ ଶ୍ରାନ୍ତ ଶରୀରକୁ ମୁଁ ଖଟ ଉପରେ ଲମ୍ବାଇ ଦେଇ ସୁରବାଡ଼ କରି । ଅଭ୍ୟାସ ବଶତଃ ସେ ଦୁଇ ଟିନଟା ଉଚ୍ଚା ଉପାଦାନ ଟାଣି ନେଇ ଆଉଜି ବସିଲା । ମୁଁ ଲକ୍ଷ କରୁଥାଏ, ତା ଅଧରୋଷ୍ଠରେ ବାରମ୍ବାର ହେଉ ଉଠି ପୁଣି ମିଳାଇ ଯାଉଥାଏ । କ'ଣ କହିବ କହିବ ବୋଲି କହିପାରୁ ନ ଥାଏ । କିଛିକାଳ ଗୁମମାରି ବସି ବଡ଼ ନିଃସହାୟ ନିରାଶ କରୁଣ ସ୍ୱରରେ ଆରମ୍ଭ କଲା, 'ବଡ଼ ବିପଦରେ ପଡ଼ିଛି ଭାଇ ! ତଣ୍ଟିରେ ଗୋଟାଏ କଣ୍ଟା ଫୁଟିଛି ଯେ ଗୋଳିବାର ସାମର୍ଥ୍ୟ ନାହିଁ କି କାଢ଼ି ପକାଇବାର ବି ଉପାୟ ନାହିଁ । ମରଣାନ୍ତକ ଯନ୍ତ୍ରଣା ।''

ମୁଁ ବ୍ୟସ୍ତ ସମସ୍ତ ହୋଇ ପଚାରିଲି, "ଅଃ, କି କଣ୍ଟା ? କେତେ ଦିନ ହେଲା ଫୁଟିଲାଣି ? ତେଣିକି ଡାକ୍ତରଖାନା କେତେବା ଦୂର, ଧରେ ଯାଇ—"

"ନାରେ ଓଲ୍ ନା, ଡାକ୍ତର ସେ କଣ୍ଟାର କ'ଣ କରିବ ? ସେ ଯେ ମରମର ତଣ୍ଟିରେ ଫୁଟିଛି । କାଲି ଭାଇ, ଯାହା ପାଇଁ ଏତେ ଦଶା ସେ ମତେ ବଡ଼ ଅବଜ୍ଞା ହେୟ ଦୃଷ୍ଟିରେ ଦେଖେ । ଖାଲି ଥରେ ଯଦି ସେ ଅବଧାରଣ କରନ୍ତା ଅନ୍ତରର ପରିପୂର୍ଣ୍ଣ ପ୍ରେମ ତା'ର ପାଇଁ ଉଦ୍‌ଗ୍ରୀବ !! ଅଃ ତା'ର ସଜଳ ଜଳଦ କଳା ଡୋଳା......azure eyes...her exquisite beauty......consumate excelleney.........Sweet delicacy......ଛି !"

ଭାବାବେଶରେ ଆଉ ଭାଷା ପାଉନଥିଲା ନାହିଁ । ତନ୍ମୟ ହୋଇ କ୍ଷଣକାଳ ଚକ୍ଷୁ ମୁଦ୍ରିତ କଲା ।

ଅନେକଗୁଡ଼ାଏ ନଭେଲ ପଢ଼ି ପଢ଼ି ଜଗଦୀଶ୍ୱର ଟିକଏ ବେଶି ରକମର novel-minded ଜଣଙ୍କୁ ଦେଖେ ସେ ଉପନ୍ୟାସ ଭାବରେ, ହୋମାନ୍ସ ନେଇ ତାର କାରବାର । କଳ୍ପନାରେ ମେଘଲୋକର ରଙ୍ଗୀନ ସ୍ୱପ୍ନ ଦେଖେ, କଥା କହେ ଉପନ୍ୟାସ ଛନ୍ଦରେ, କଥାର ଅବତାରଣା କରେ ବି ସେମିତିକା ଛଟାରେ । ତା ପରେ ଗଦ୍‌ଗଦ୍ କଣ୍ଠରେ ମରମର କରୁଣ କାହାଣୀ ଯାହା ସବିସ୍ତରେ ବ୍ୟକ୍ତ କଲା ତାହା ଏହି । ତାଙ୍କର ଗ୍ରାମର ଗୋଟିଏ ଅପରୂପ ରୂପସୀ, ଶିକ୍ଷିତା ସରଳା କୁମାରୀ ଦେଖିବାକୁ ସେ ଭଲ ପାଇ ପକାଇଛି ବଡ଼ ଗୁରୁତର ଭାବରେ । ଜଗଦୀଶ୍ୱର ପରି ଜଣେ ଗୁଣଧର ଜାମାତା ପାଇବାକୁ ଦେବାର ଘରେ ଉତ୍କଣ୍ଠିତ ସମସ୍ତେ, କେବଳ ଦେବୀ ବ୍ୟତୀତ । କାହିଁକି କେଜାଣି, ଜଗଦୀଶ୍ୱରକୁ ବିବାହ କରିବା ପାଇଁ ସେଥି ମୋଟେ

Digitized by srujanika@gmail.com

ପସନ୍ଦ କରୁନାହିଁ । ଏଣେ ଜଟେଶ୍ୱରର ଦଷ୍ଟେତ୍ତ୍ୱବଧା । କେତେ ସୀତା ସାବିତ୍ରୀ ତା ଗଳାରେ ମାଲ୍ୟଦାନ ପାଇଁ ଉନ୍ନିଦ୍ର ରଜନୀ ଯାପନ କରୁଥିଲେ ମଧ୍ୟ କେବଳ ସେବାହିଁ ଜଟେଶ୍ୱରର ହୃଦୟର ସର୍ବମୟୀ କର୍ତ୍ତ୍ରୀ, ତାର ଶତ କୃତାଦର, ଅବଜ୍ଞା, ଉପେକ୍ଷା ସତ୍ତ୍ୱେ ବି ଅତ୍ୟାଧ୍ୟାର ଚିତ୍ତାକର୍ଷଣ କଲେ ସେ ପ୍ରଥମେ ପ୍ରଥମେ ଫେସନ ପାସନର ମାତ୍ରା ବଢ଼ାଇ ଦେଇଥିଲା ଚରମ ସୀମା ପର୍ଯ୍ୟନ୍ତ । ରାଶି ରାଶି ଫେସନ ସାମଗ୍ରୀ କିଣି କିଣି ଏତେସବୁ ଖରଚ ହେଲା, ମାତ୍ର ବୈରାଗିଣୀର ମନରେ ରାଗିଣୀର ସ୍ପନ୍ଦନ ଝଙ୍କୃତ କରାଇ ପାରିଲା ନାହିଁ । ବହୁ ଅନୁସନ୍ଧାନରେ ବି ବନ୍ଦ୍ ଦସର୍ଗ ଟେର ମିଳିଲା ନାହିଁ ସେହି ହୃଦୟର ସ୍ଥାନ କେଉଁଠାରେ ।

ହେଲେ, ଅସ୍ତ୍ର ବୈତରଣୀ ନଦୀ । ଅଶେଷ କ୍ଲେଶ ସ୍ୱୀକାର କରି ଫେଟିଂ, ଅକ୍ଟିଂ, ସଂଗୀତ, କାବ୍ୟପ୍ରେମ ଇତ୍ୟାଦି କୁମାରୀ ମନ ବିନୋଦନକାରୀ ସକଳ ଦ୍ୱାର 'କଳା'ର ଯଥାସାଧ୍ୟ କସରତ କଲା । ଏପରିକି ଦୁଇ ତିନିବାର 'ଡଗର'ରେ ଲେଖିଲା ବି । ତଥାପି ବିମଳାକୁ ଉନ୍ମନା କରି ପାରିଲା ନାହିଁ । ଅବଶେଷରେ ଆବିଷ୍କାର କଲା, ସେବାର ଅଭିଳାଷ—ଦେଶମାତୃକା ପାଇଁ ପ୍ରାଣ ବିନିଯୋଗ କରି ସାମ୍ପ୍ରତିକ କଂଗ୍ରେସ ଆନ୍ଦୋଳନରେ ଯେ କର୍ତ୍ତବ୍ୟରେ ଝାଂପ ପ୍ରଦାନ କରିବ ସେହିପରି ଜଣେ ବୀର କଂଗ୍ରେସ କର୍ମୀର ପାଦରେ ସେ ଅର୍ଘ୍ୟ ଢାଳି ଦେବ । କଂଗ୍ରେସ କାର୍ଯ୍ୟରେ ଜୀବନ ପାତ କଲେ, ତାର ଉପାସନା କରି କଠୋର ବୈଧବ୍ୟ ଜୀବନ ଯାପନ କରିବାକୁ ସେବା ଶ୍ରେୟ ମନେ କରିବ ।

ଏଥିକି କଲ୍ପ ଜଟେଶ୍ୱରର ଛାତିର ହେପ କେତେ ? ନିଷ୍କ୍ରିୟ ସତ୍ୟାଗ୍ରହ କାଳ ହେଲେ ବା ହୋଇଥାନ୍ତା ! ଅଛଟେ ପୈତୃକ ଜୀବନଟା ହରେଇବା କଥା । ପିସ୍ତଲର ଗୁଳିଚୋଟ, ଅଗି ବୁଜାଣି ଲାଠି ପ୍ରହାର କେତେବେଳେ ଅସି ଅସ୍ଥାନ ସ୍ଥାନରେ ବସି-ଯିବ ଭାବିଲେ ହୃତ୍କଂପ ହେଉଛି । ନିରୁପାୟ ହୋଇ ଶେଷପରେ ଏହି ଯୋଗୀ ବେଶ—ସେ ଅକଳଙ୍କ ରୂପ ଲାବଣ୍ୟର ନିସ୍ୱାର୍ଥ ଉପାସନା କରି ହେଲେ କିଛି ସାନ୍ତ୍ୱନା ପାଇବ ।

ବଂଧୁର ଖେଦ, ମରମର ବ୍ୟାକୁଳତା ହୃଦୟଙ୍ଗମ କଲି । ସହାନୁଭୂତିମୂଳକ ସଂକ୍ଷିପ୍ତ ଆଶ୍ୱାସନା ଦେଲି "ଅଚ୍ଛା, ଦେଖାଯାଉ ।"

ସନ୍ଧ୍ୟା ହେଲା । ମେଘମେଦୁର ସନ୍ଧ୍ୟା ସେତେ-ବେଳେ ମଧ୍ୟ ଆକାଶର ପ୍ରାନ୍ତେ ପ୍ରାନ୍ତେ ମ୍ଳାନାଭ୍ରମାନ ସୌରରଶ୍ମିର ରେଖା ଲାଗି ରହିଥାଏ ବିକ୍ଷିପ୍ତ ଭାବରେ । ଭ୍ରମଣାର୍ଥେ ନଦୀ ତୀରକୁ ଗଲି । ନିମିଷକେ ସେଠାରେ ସମବୟସୀ ଟୋକାଙ୍କର ଛୋଟିଆ ରକମର ଗୋଟାଏ ସଭା ଜମିଗଲା । ମୁଁ ଗୋଟିଏ "ସ୍କିମ୍" ମନେ ମନେ ସ୍ଥିର କରିଥାଏ । ଯାହା ପାଇଁ ସଭାରେ ଉପସ୍ଥାପିତ କଲି । ପ୍ରସ୍ତାବଟି ସମସ୍ୱରରେ ସମର୍ଥିତ ଏବଂ ନିର୍ବାଧରେ ହୋଇଗଲା ଗୃହୀତ । ସଙ୍ଗେ ସଙ୍ଗେ ପରମ ଉତ୍ସାହ ପୂରା ଦମରେ ଲାଗିଗଲା ଯୋଗାଡ଼ ଯନ୍ତ୍ର—ଜଟେଶ୍ୱର ହେବ କଂଗ୍ରେସକର୍ମୀ । ଗୋଟାଏ ଲମ୍ବା ବକ୍ତୃତା ରଟା ହେଲା । ପରଦିନ ପ୍ରତ୍ୟୁଷରୁ ଦୁଇଜଣ ରୱାନା ହେଲେ ଥାନାକୁ କେତେକ ଡ୍ରେସ୍ ପାଇଁ । ଦୁଇ ତିନି ଜଣ ଚୌକିଦାରଙ୍କୁ ବହନା ବକ୍ସିସ୍ ଦେବାର ବନ୍ଦୋବସ୍ତ ହେଲା । ଅଖପାଖରେ ଅଫିସ କମ୍ପା ସଂବାଦ ବୋଲି 'କଣ୍ଠ'ର ଅଭାବରେ ଅସାତତଃ "ନିରସ୍ତ ପାଦପେ ଦେଶେ ଏରଣ୍ଡୋପି ଦ୍ରୁମାୟତେ" ଲୋକାଲ ବୋର୍ଡ଼ ପରିଚାଳିତ ସ୍ଥାନୀୟ ନିମ୍ନ ପ୍ରାଇମେରୀ ବିଦ୍ୟାଳୟକୁ ନେଇ ଆନ୍ଦୋଳନ ସୁରୁ ହେବାର ସ୍ଥିର ହେଲା । ସବୁ ଠିକ୍ ଠାକ୍ ।

ଅପରାହ୍ଣେ ଦେଖାଗଲା—ଗ୍ରାମର ଟୋକାଦଳ ରାସ୍ତା ମଝିରେ ପୋଷ୍ଟମ୍ୟାନ୍‌ର ବ୍ୟାଗ୍ ଲୁଟି ନେଇ ମାଡ଼ ଦେଉଛନ୍ତି । ଚୌକିଦାରର 'ଇଉନିଫର୍ମ' ଛିନ୍ନଭିନ୍ନ କରି ହେଉଛି । ଦଳର ଅଗ୍ରଣୀ ଜଟେଶ୍ୱର ଗରମା ଗରମ ବକ୍ତୃତା ଝାଡ଼ି ବିକ୍ଷୋଭ ପ୍ରଦର୍ଶନ-କାରୀମାନଙ୍କୁ ଉଦ୍ଦାମ ଉତ୍ତେଜିତ ସଦର୍ପ ଉତ୍ସାହିତ କରୁଛି । ତା'ର ଜ୍ୱାଳାମୟୀ ବକ୍ତୃତାରୁ ଅଗ୍ନି ସ୍ଫୁଲିଙ୍ଗ ଚତୁର୍ଦ୍ଦିଗରେ ବିଚ୍ଛୁରି ପଡ଼ୁଛି । ବିକ୍ଷୁବ୍ଧ ଜନତା ତୀର ବେଗରେ ପ୍ରଧାବିତ ହେଲା ବିଦ୍ୟା-ଳୟାଭିମୁଖେ । ଦଳନେତା ଜଟେଶ୍ୱର ସ୍ୱହସ୍ତରେ ବିଦ୍ୟାଳୟର ଛପରରେ ଅଗ୍ନି ସଂଯୋଗ କଲା ।

ଏତିକିବେଳେ ହଠାତ୍ ଜନତାର ପଶ୍ଚାଦ୍-ଭାଗରେ ପଟକା ଫୁଟି ଉଠିଲା ଦୁଇ ତିନିଥର । ମୁଁ

Digitized by srujanika@gmail.com

ପୁଲିସ ପରିଚ୍ଛଦଧାରଣ ଦୁର୍ଦ୍ଦାନ୍ତ କେତେକ ସଶସ୍ତ୍ର କନେଷ୍ଟବଲ୍‌ ସମାବେଷ୍ଟନରେ ପୁରା ମିଲିଟାରି କାଇଦା'ରେ ପିସ୍ତଲ ଉପରେ ଦୃଢ଼ମୁଷ୍ଟି ସ୍ଥାପନ କରି ଘଟଣା ସ୍ଥଳରେ ହାଜର ହୋଇଗଲେ। ଜନତା ଛତ୍ରଭଙ୍ଗ ହେଲେ। ଜଟେଶ୍ୱରର କିନ୍ତୁ ଭ୍ରୂକ୍ଷେପ ନାହିଁ। କାଞ୍ଜୀଯୁଷ୍ଣ୍ଡାତେଲ ରୁଦ୍ର ମୂର୍ତ୍ତିରେ ଦଣ୍ଡାୟମାନ ହୋଇ ଅବିଚଳିତ ଭାବରେ ଅଗ୍ନିବର୍ଷୀ ଉତ୍ତେଜନା ବାଣୀ ଅନର୍ଗଳ ବର୍ଷଣ କରୁଥାଏ।

ତା'ର ବିପୁଳ ବକ୍ଷ ପ୍ରତି ପିସ୍ତଲ ଉଦ୍ୟତ କରି ମୁଁ ମନ୍ଦ୍ର ଗମ୍ଭୀର ନାଦରେ ଗର୍ଜି ଉଠିଲି, "Now, one word more and I Shoot you."

ନାସା ମଣ୍ଡଳ ଭିତରୁ ଜଣକର ଖଣାକଣା କରି ଉତ୍କ୍ଷିପ୍ତ କଣ୍ଠରୁ ଶୁଭିଲା, "Never, ଶୁଟ୍ କରିବାକୁ ଆପଣଙ୍କର ନ୍ୟାୟସଙ୍ଗତ କୌଣସି କ୍ଷମତା ନାହିଁ। ଆପଣ କେବଳ ଆରେଷ୍ଟ କରିପାରନ୍ତି।"

ଜଟେଶ୍ୱର ଉନ୍ନତ ବକ୍ଷକୁ ଉନ୍ନୀତ କରି ଯଥୋଚିତ ଦର୍ପରେ ଉତ୍ତର ଦେଲା, "ବାହାର ଧମକକୁ ମୁଁ ଗ୍ରାହ୍ୟ କରେ ନାହିଁ। ଧମନୀରେ ଶେଷ ରକ୍ତବିନ୍ଦୁ ପ୍ରବାହିତ ହେବା ପର୍ଯ୍ୟନ୍ତ ମୁଁ ମୁଖ ବନ୍ଦ କରିବି ନାହିଁ କି ପଶ୍ଚାଦପସରଣ କରିବି ନାହିଁ।"

ମୁଁ ପିସ୍ତଲକୁ ପଖେଷା କରୁ କରୁ ତଡ଼ ସ୍ୱର କର୍କଶ ସ୍ୱରରେ କହିଲି—"ଭାରତରକ୍ଷା ଆଇନ ବଳରେ ଏପରି ମାରାତ୍ମକ ଅପରାଧୀମାନଙ୍କୁ 'ଶୁଟ୍' କରିଦେବା ପାଇଁ ସ୍ୱତନ୍ତ୍ର କ୍ଷମତା ଅଛି। ଏ ଉତ୍ପାତଳିକ ବଡ଼ ଉତ୍କଟ ଧରଣର କଂଗ୍ରେସନେତା— ring leader of the mob ଖଦଡ଼ ନ ପିନ୍ଧିଲେ ବି ହାଡ଼େ ହାଡ଼େ କଂଗ୍ରେସକର୍ମୀ, ଛଦ୍ମବାହିନୀର ଶୀର୍ଷଜଣ୍ଣ ସାବୋଟିଅର, ଗୁପ୍ତ ଷଡ଼ଯନ୍ତ୍ର କରି ବିଦ୍ରୋହାଗ୍ନି ପ୍ରସାର କରନ୍ତି।

ଦେଖିଲି ରେବା ଉତ୍କର୍ଣ୍ଣ ହୋଇ ଏ ସବୁ କଥା ଯେପରି ପିଇଯାଉଛି। ତାପରେ ହଠାତ୍ ନରମ ହୋଇ କହିଲା—"ଅଚ୍ଛା, ଯଦି କେହି ଜାମିନ ହେବାକୁ ସମ୍ମତ ହୁଏ ତ, ଏଥର ପାଇଁ କ୍ଷମା କରି ଦିଆଯାଇ ପାରେ।"

ରେବା ଅଦୂରରେ ଦଣ୍ଡାୟମାନ। ତାର ରାଜ୍ଭାଇକୁ ଅନାଇ ଭଙ୍ଗିରେ ଅଶ୍ରୁଳ ଅନୁନୟ କଲା। ତାକୁ ସାମାନ୍ୟ ଇଙ୍ଗିତ କରି ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସମ୍ବୋଧନ କରି କହିଲି, "ଅନୁମତି ମିଳେ ତ ମୁଁ ଜାମିନ—"

ଜଟେଶ୍ୱର ଭୀଷଣ ଆପତ୍ତି ଉଠାଇଲା। ମୁଁ ଅନ୍ୟ କିଛି କଥାରେ କର୍ଣ୍ଣପାତ ନ କରି କନେଷ୍ଟବଲଙ୍କୁ ପଛରେ ଆସିବାକୁ କହି ସାଇକେଲରେ ଉଠି ପଡ଼ିଲି। ସେଇଦିନ ରାତ୍ରକୁ ଫେରି ରେବା ଜଣାଇ ଦେଲା ଯେ ଜଟେଶ୍ୱରକୁ ବିବାହ କରିବାରେ ତାର ମୋଟେ ଆପତ୍ତି ନାହିଁ।

\+ + +

ତା ପରେ--

ଜଟେଶ୍ୱର ରେବା ଆଉ କୁମାର କୁମାରୀ ହୋଇ ନାହାନ୍ତି। ଏଇ ମାର୍ଗଶୀର ମାସରେ ଉଭୟଙ୍କର ହସ୍ତରେ ଗଣ୍ଠି ପଡ଼ିଯାଇଛି ପ୍ରଜାପତି ସୂତ୍ରରେ। ମଧୁଶଯ୍ୟା ଘରେ ଜଟେଶ୍ୱର ଗଳାରେ ନିଜ ବକ୍ଷ ସପ୍ରତିଭ ପ୍ରଗଳ୍ଭ ବାହୁଲତା ବେଷ୍ଟନ କରି ରେବା ଅନୁନୟ କଲା—"ତୁମ ସମ୍ବନ୍ଧରେ ମୁଁ ବଡ଼ ଭୁଲ ଧାରଣା ପୋଷଣ କରିଥିଲି, କ୍ଷମା ଦେବ।" ଜଟେଶ୍ୱର କ୍ଷମା କରିଦେଲା ସାଡେଡାହୁ।

——*——


## ଝିଅଙ୍କ ହାତରେ
ଦେବା ଭଳି ବହି।

# ସୁନା ଭଉଣୀ

ସମ୍ପାଦକ—ଶ୍ରୀ ଘନଶ୍ୟାମ ମହାନ୍ତି
ମୂଲ୍ୟ—ଠ୦।୵ ଅଣା।
ପ୍ରାପ୍ତିସ୍ଥାନ:—କଟକ ପବ୍ଲିସିଂ ହାଉସ୍
ନୟାସଡ଼କ—କଟକ।


Digitized by srujanika@gmail.com

କଥାଟିଏ କହୁଁ...

# ରାଜ-କୁମାରୀ

ଲେଖକ— ଶ୍ରୀ ନାରାୟଣ ପ୍ରସାଦ ମହାନ୍ତି

କାହାଣୀ

ସମାଜ ଯେତେବେଳେ ତଳସ୍ଥ ଅନ୍ଧାର ପୁରୋଧା ହେବାପାଇଁ ଧାବମାନ......ବିଶ୍ୱ ଯେତେବେଳେ ଅଜ୍ଞାତର ସଦାଉତ୍ଫୁଲ୍ଲ ବୁକ ଭିତରେ ଅନ୍ଧକାରର ସନ୍ଧାନ ପାଇଁ ଚେଷ୍ଟିତ......ମାନବ ଯେତେବେଳେ ନିଜତ୍ୱ ବିକାଶ ପାଇଁ ତତ୍ପର...... ମନ୍ଦମାନେ ଯେତେବେଳେ ବୃଦ୍ଧଙ୍କୁ ଅସଂଯତ ପନ୍ଥାରୁ ରକ୍ଷା କରିବା ପାଇଁ ବ୍ୟସ୍ତ......ସେତେବେଳେ ବି ରାଜକୁମାର ମନ-ପବନ-ଘୋଡ଼ା ଚଢ଼ି ବାହାରି ପଡ଼େ ଦୂରଦୂରାନ୍ତ ବନସ୍ଥଳୀ ଅଡ଼େ ଅମାବାସ୍ୟାର କଳକଳିଆ ଅନ୍ଧାର ଭେଦି। ମନରେ ତାର ବିରାଟ ଆଶା...ଦେହରେ ତାର ଅସୀମ ଉତ୍ତେଜନା ...ଆଖିରେ ତାର ଲୋଲୁପ ଦୃଷ୍ଟି......ସେ ଉଡ଼ିଯାଏ ନର୍ଭିକ ବନ-ଭୂଇଁର ବର୍ଣ୍ଣିଳ ରାଜକୁମାରୀ ପାଖକୁ; ତାକୁ ନିଜର କ୍ଷୁଧା ଆଗରେ ଗ୍ରାସ ଦେବାକୁ କହିବା ଆଶାରେ....................ପ୍ରତି ମୁହୂର୍ତ୍ତ ଆଖି ପିଛୁଡ଼ାକେ କଟିଯାଏ......କୋଟି କୋଟି ଯୁଗର ସଭ୍ୟତା...ଶିକ୍ଷା... ଅନୁଭୂତି...ସବୁ... ମନ-ପବନ-ଘୋଡ଼ାର ଟାପୁ ଛୁଇଁ ସର୍ବଂସହା ବସୁନ୍ଧରା ବୁକୁରେ ମୁହଁ ମାଡ଼ି ପଡ଼ିରହେ।

ରାଜକୁମାର ବନ ରାଣୀର ବୁକୁ ଛୁଇଁ ନଜର ମିଳନ୍ତି ଜଣାଏ। ବନ-ରାଣୀ 'ରାଜକୁମାରୀ' ସାଜ ପାରେନା, ବିଚରା ବ୍ୟସ୍ତ ହୋଇପଡ଼େ ପୁରୁଷର ଲୋଲୁପ ଦୃଷ୍ଟି ଆଗରେ...ପୁରୁଷର ଭୀରୁ ଚୁମ୍ବନରେ ରାଜକୁମାରୀ ନିଜକୁ ଦୂର ଛୋଟ ସ୍ତରକୁ ଟାଣିନିଏ... ରାଜକୁମାରୀର ନର୍ଭିକ ଆତ୍ମାରେ ଚୋପନତାର ଆତ୍ମହତ୍ୟା-ଆତ୍ମା ବସବାସ କରି ତାର ସମସ୍ତ ଆଗ୍ରହ-ଉଦ୍ଦାମକୁ ମାଟି ତଳେ ମିଳେଇ ଦିଏ...ସେ କିଛି ଉପାୟ ପାଏନା...ମୁକ୍ତିର କୌଣସି ପନ୍ଥା ଆବିଷ୍କାର କରି ପାରେନା—ପୁରୁଷର ବେଷ୍ଟନୀ ଭିତରେ ରହି ମୂକ ହେବାକୁ ବାଧ୍ୟହୁଏ। ରାଜକୁମାରର ମଉଳା-ମଲ୍ଲୀ-ଫୁଲ ରାଜକୁମାରୀ ଆଖିରେ ଅଦୂତା'ପର ଲୁହ ଢାଳେ। ସେଇ ଲୋତକ ବିନ୍ଦୁ ବିନ୍ଦୁରେ ଚିର କଳ୍ପିତ 'ସାଥି-ରାଜା'ର କଳ୍ପିତ ଅଧର-ମୁଖ ପ୍ରତିବିମ୍ବିତ ହୋଇ ଯା ଟିକିଏ ମୁରୁଝିଏ ସେତିକି... ତଥାପି ରାଜକୁମାରୀ କାନ୍ଦେ—

ପ୍ରସ୍ତରର ଜଡ଼-ଗାତ୍ର ଶିଳ୍ପୀର ଛେନି-କଳା ତଳରେ ସର୍ବଦା ହସିପାରେ......ସର୍ବଦା କାନ୍ଦିପାରେ। କିନ୍ତୁ ରାଜକୁମାରୀ ଜଡ଼ଦେହ ନୁହେଁ...ସେ ମଣିଷ...ସେ ମଣିଷ ପଥର ଜଡ଼ ପଦାର୍ଥ ନୁହେଁ।...ସେ ବି କାନ୍ଦୁ କାନ୍ଦୁ ଦିନେ ଦିନେ ଶିଅଳି-ହସ ହସେ। ରାଜକୁମାର ଏଇ ହସ ଟିକକ ଦେଖି ଅସ୍ଥିରା ହୋଇପଡ଼େ... ନିତି ଅନ୍ଧକାରରେ ଯାଏ......ନିତି ଅନ୍ଧକାରରେ ଆସେ। ସେ ସେଇ ଅନ୍ଧକାରର ମନ୍ଦିର ଗହ୍ୱରରେ 'ନନ୍ଦନକାନନ' କଳ୍ପନା କରେ...... ଅଜ୍ଞାତର ସତ୍ୟତା ଉପଲବ୍ଧି କରେ ଆଉ ପ୍ରେମର ବିରାଟ କୁଞ୍ଜ ରଚନା କରେ........!

ମନ-ପବନ ଘୋଡ଼ା ନିତି ସମାଜର ତଳସ୍ଥ ଅନ୍ଧାର ଉପରେ ଠକ୍ ଠକ୍ କରି ଧାଇଁଯାଏ—ନାରୀର ମାତୃତ୍ୱକୁ ଦୁନିଆର ଆଖି ଉହାଡ଼ରେ ଖେଳଣା କରିବା ପାଇଁ......ମା'ର ସ୍ନେହପୂର୍ଣ୍ଣ ବୁକୁକୁ କଣ୍ଟକିତ କରିବା ଆଶାରେ........

+ + + ଏ ସବୁ ନିଶା ଘୋଳର କାହାଣୀ... ...ଦିନ ତଳର କଥା + + +

× × ×

ଦିନ ଆସିଲା—ଯେଉଁ ଦିନଠାରୁ ରାଜକୁମାରର ରାତି ଅଭିସାର ରାତିର ଅନ୍ଧକାର ଗହ୍ୱରରେ ଧ୍ୱଂସ ପ୍ରାପ୍ତ ହେଲା......ମନପବନ ଘୋଡ଼ା ରାଜକୁମାରକୁ ଅନନ୍ତ-ପ୍ରେମର ପଛପଟେ ପକେଇ ଦେଇ ଆତ୍ମହତ୍ୟା କଲା.........

ପରୀ ରାଇଜର କଳ୍ପିତ ରଜା କାଳିଙ୍ଗ ବୁଲେଇ ନେଲା ବନଭୂଇଁ ଉପରେ......ବନ-ଭୂଇଁ ହସି ଉଠିଲା......ପ୍ରତି ଗଛେ ଲତେ ଶିହରଣ ଖେଳିଗଲା......ରାଜକୁମାରୀ ଆନନ୍ଦରେ ନାଚି ଉଠିଲା... ପ୍ରତି ଫୁଲ ଫଳର କାନେ କାନେ ଗାଇ ବୁଲିଲା— ନାରୀ ନରର ସହଧର୍ମିଣୀ.........ଦୁନିଆର ଆଖି ଉହାଡ଼ର ଖେଳଣା ନୁହେଁ।......ରାଜକୁମାରୀର

Digitized by srujanika@gmail.com

ପ୍ରାଣରେ ମୂର୍ଚ୍ଛିଏ ବାଜ ଉଠେଇ—ସାଥି ତୋର ଅଛି । ରାଜକୁମାରୀର ଟରବଲ୍ଦ ରାଜକୁମାର ତାକୁ ଉଠେଇ ନେଲା ବନଭୂଇଁ ବୋଳରୁ ବାସ୍ତବର ଉଠାପଡ଼ା ଛତ୍ର ଉପରକୁ......। ବନଭୂଇଁ ରାଜକୁମାରୀକୁ ବିଦାୟ ଦେଇଛି ଫୁଲଟିଏ ପୁରସ୍କାର ଦେଇ । ଫୁଲଟିକୁ ଅଗରେ ନେଇ ରାଜକୁମାରୀ ଓ ତାର ଜୀବନ-ସାଥି ଯୁଗ ଯୁଗର ଅନନ୍ତ-କାହାଣୀ ଏକ-ମନରେ ଗପି ପାରିଛନ୍ତି—ସେଇ ଗପ ଭିତରେ ରାଜକୁମାରୀ ତାର ଅତୀତ କାହାଣୀ ଗୋଟି ଗୋଟି କହି ଶାନ୍ତ ପାଉଛି......ତାର ଜୀବନ-ସାଥି ତାର ପ୍ରିୟାର ମଥାର ସିନ୍ଦୂର-ଗାରରେ ବିଧିର ସ୍ୱପ୍ନ ଦେଖି ଅସ୍ଥିରା ହୋଇ ଉଠେ......ଆଲିଙ୍ଗନ କରେ...... ରାଜକୁମାରୀ ତାର ସାଥିର ଛାତିରେ ମଥା ଥୋଇ ହସି ପାରେ ସୃଷ୍ଟିର ଶେଷ ପର୍ଯ୍ୟନ୍ତ......

× + ×

ବନ-ଭୂଇଁ ଆଜ ନାହିଁ...... ରାଜକୁମାରୀକୁ ବିଦାୟ ଦେଇ ସେ ଦେହତ୍ୟାଗ କରେ......ଭସ୍ମ ସ୍ତୂପରେ ପରିଣତ ହୋଇଛି । ସେଇ ଭସ୍ମସ୍ତୂପ ଉପରେ ରାଜକୁମାର ସମାଧିମନ୍ଦିର ତୋଳିଛି ରାଜକୁମାରୀର ସ୍ମୃତିକୁ ବେଦ୍ଧ କରି । ସେଇ ମନ୍ଦିର ଗୁରୁପଟେ ସେ ନାଚେ...ବୁଲେ......ଗୀତ ଗାଏ... କାହିଁ କିନ୍ତୁ ରାଜକୁମାରୀର ବଳିଷ୍ଠ ନାରୀ-ପ୍ରାଣରେ କୌଣସି ପରିବର୍ତ୍ତନ ଆସିପାରେନା......ଅରଣ୍ୟ ରୋଦନ ସାରନ୍ତିଏ !

× × ×

ଝଂପା ଢାଣ୍ଟି ତଟିନୀ ବହିଅସେ ସାଗର ବୁକୁର ଅନନ୍ତ ପ୍ରେମରେ ନିଜକୁ ଭସାଇ ଦବାପାଇଁ...... ଅନ୍ଧାର କାଟି ଅଲୋକ ଦଉଡ଼ ଅସେ ସତ୍ୟତା ଉପଲବ୍‌ଧି କରିବା ପାଇଁ......ଗୁପ୍ତ ମନ୍ଦିରର ଗୋପନ କଥା ଦାହଗଞ୍ଜି ହୋଇ ଖେଳେଇ ହୋଇଯାଏ ଅନନ୍ତର ଅକାଶର ଅଲୋକ ଧାରେ; ସବୁଥିର ସମାପ୍ତିରେ ଥାଏ ଶାନ୍ତି ।......ରାଜକୁମାରୀ ସେଇ ଶାନ୍ତି ମାଉଛି..... ସେଇ ତୃପ୍ତି ପାଉଛି ତା'ର ସାଥି ପାଖରୁ......ତା'ର ସାଥିର ମୃତ୍ୟୁ-ମନରେ ଛାଇଣି ରହି—ଅଉ ଜୀବନସ୍ମୃତିରେ ଦେଇଛି ତା'ର ସର୍ବସ୍ୱ— ନାରୀର ନର୍ତ୍ତକ-ଅସ୍ଥା ଯାହା, ରାଜକୁମାର ପାଇଁ ଜଡ଼ିଥିଲା.........

——❊——

---

ସ୍ୱଳ୍ପ ଭିତରେ

# ସର୍ଭେ ଶିକ୍ଷା

ଅସ୍ଥ ନଉ ଓଡ଼ିଶା କାଡ଼ାଷ୍ଟ୍ରାଲ ସର୍ଭେ ଟ୍ରେନିଂ ସ୍କୁଲ୍‌ଟି ଉଦ୍ଦ୍ରକ ହାଇସ୍କୁଲର ହେଡମାଷ୍ଟର ଶ୍ରୀଯୁକ୍ତ ଗୋକୁଳାନନ୍ଦ ନାୟକ ଏମ୍, ଏ, ତ୍ରୁଟି ବେଟେଜଣ ସରକାରୀ କର୍ମଗୁରୁମାନଙ୍କ ଉଦ୍ୟମରେ ଚଳି ଅସୁ-ଅଛି । ଏହି ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ପରୀକ୍ଷା ଫଳ ଖବର କାଗଜମାନଙ୍କରୁ ଦେଖିବାକୁ ପାଉଥିବେ । ଓଡ଼ିଶାର ଅନ୍ୟାନ୍ୟ ସର୍ଭେ ସ୍କୁଲମାନଙ୍କ ଅପେକ୍ଷା ଏହି ସର୍ଭେ ସ୍କୁଲରେ ଦରମା ତ୍ରୁଟି ଫିସ୍ କମ୍ ଧାର୍ଯ୍ୟ କରାଯାଇଥିବାରୁ ଓ ମଫସଲରେ ସ୍କୁଲଟି ସ୍ଥାପନ କରାଯାଇଥିବା ହେତୁ ଅଳ୍ପ ଖର୍ଚ୍ଚରେ ଛାତ୍ର-ମାନେ ସର୍ଭେ ଶିକ୍ଷା ପାଇ ଅମୀନ୍ କାର୍ଯ୍ୟରେ ବେଶ୍ ରୋଜଗାର କରି ପାରୁଛନ୍ତି । ଏଣୁ ଯେଉଁ ଯୁବକ-ମାନେ ବର୍ତ୍ତମାନ ଅର୍ଥ ସମସ୍ୟା ହେତୁ ନିଜର ବାପ ମାଆଙ୍କୁ ନ୍ୟାଯ୍ୟ ଖର୍ଚ୍ଚ କରାଇ ଏହି ସ୍କୁଲକୁ ଅସି କିମ୍ବା ନିଜ ଘର ପାଖରେ ରହି ବ୍ରାଞ୍ଚରେ ପଢ଼ି ଅମୀନ ହେବାକୁ ଇଚ୍ଛା କରନ୍ତି ସେମାନେ ଏହି ଫେବ୍ରୁଅରୀ ମାସ ମଧ୍ୟରେ ଅସି ନାମ ଲେଖାଇବା ପାଇଁ ମୁଁ ଅହ୍ୱାନ କରୁଅଛି । ଶିକ୍ଷାର୍ଥୀମାନେ ଅବେଦନ କଲେ ନିୟମାବଳୀ ପଠାଯିବ ।

ଶ୍ରୀଯୁକ୍ତ ବୈରାଗୀଚରଣ ନାୟକ
ସେକ୍ରେଟେରୀ
ନଉ ଓଡ଼ିଶା କାଡ଼ାଷ୍ଟ୍ରାଲ ସର୍ଭେ ଟ୍ରେନିଂ ସ୍କୁଲ
ବୋଠାର ରୋଡ଼,
ଉଦ୍ରକ ।

Digitized by srujanika@gmail.com

# ଭାରତୀୟ କଳା ଓ ସାହିତ୍ୟ ସଂଘ

ଭାରତ ଗୋଟିଏ ମହାଦେଶ । ଏଥି ମଧ୍ୟରେ ଭିନ୍ନ ଭିନ୍ନ ଭୂଖଣ୍ଡ ମଧ୍ୟରେ ଯୁଗ ଯୁଗ ଧରି କଳା କୃଷ୍ଟି ଓ ଚିନ୍ତାଧାରାର ବହୁମୁଖୀ ବିକାଶ ହୋଇ ଆସୁଥିଲେହେଁ ମୂଳତଃ ସବୁର ଭିତରେ ଗୋଟାଏ ଏକତାର ଧାରା ବିଦ୍ୟମାନ । ଦୁଃଖର କଥା, ଏମାନଙ୍କ ମଧ୍ୟରେ ପରସ୍ପର ସମ୍ବନ୍ଧ ଓ ସହଯୋଗ ନ ଥିବା ହେତୁ ବହୁତ ମହାର୍ଘ୍ୟ ସମ୍ପଦ ଲୋକ ଚକ୍ଷୁର ଅନ୍ତରାଳରେ ଦିନର ମାଳତୀ ପରି ଦିନରେ ମଉଳି ଯାଉଛି ।

ବର୍ତ୍ତମାନ ଜଗତର ପରିସ୍ଥିତି ଯେପରି ବଦଳି ଗଲଣି ସେଥିରେ ଏହି ସମସ୍ତ ପୃଥକ ଜାତି ଓ ଭାଷାଭାଷୀମାନଙ୍କର କଳା ଓ ସାହିତ୍ୟର ଏକୀକରଣ ନିମନ୍ତେ ସମୂହ ଉଦ୍ୟମ ପ୍ରୟୋଜନ । ଏହାଦ୍ୱାରା ସମସ୍ତେ ସବୁର ସଭ୍ୟତା ଓ ଚିନ୍ତାଧାରା ସହିତ ପରିଚିତ ହୋଇ ପାରିବେ ଏବଂ ଏହି ସମୂହ ଚେଷ୍ଟା ଦ୍ୱାରା ଭାରତୀୟ କଳା ଓ ସାହିତ୍ୟର ସମଗ୍ର ଉତ୍କର୍ଷ ସାଧିତ ହୋଇ ପାରିବ ।

ଏହା ଛଡ଼ା ଭାରତୀୟ ଚିନ୍ତାର ଫଳ ପୃଥିବୀର ଅନ୍ୟାନ୍ୟ ଦେଶମାନଙ୍କରେ ପରିଚୟ ଓ ପ୍ରତିଷ୍ଠା ଲାଭ କରିବ । ଗୁଣି ଭାରତୀୟ କବି, ଓ କଳାକୁଶଳୀମାନେ ଦେଶ ଓ ବିଦେଶରୁ ସମ୍ମାନ ଲାଭ କରି ଯେଉଁ ଉତ୍ସାହ ପାଇବେ, ତାହା ସେମାନଙ୍କ କର୍ମରେ ପ୍ରେରଣା ଦେଇ ଉତ୍ତରୋତ୍ତର ଉନ୍ନତି ଦିଗରେ ଗତି କରାଇବ ।

ଏହି ସମସ୍ତ କାରଣରୁ ଭାରତୀୟ କଳା ଓ ସାହିତ୍ୟ ପରିଷଦ୍ ନାମରେ ଗୋଟିଏ ସଂସ୍ଥାର ପ୍ରୟୋଜନ ବିଗତ ଦେଢ଼ବର୍ଷ ହେଲା ଅନେକଙ୍କ ମନରେ ଉଦୟ ହୋଇଛି । ଦୁଃଖର କଥା ସେପରି ଯତ୍ନ, ନିଷ୍ଠା, ତତ୍ପରତା ଅଭାବରୁ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ପାରି ନାହିଁ । ଏହାର ଅଭାବ ଅନେକେ ଅନୁଭବ କରୁଥିଲେହେଁ, ଏପରି ଗୋଟିଏ ମହନୀୟ ପ୍ରଚେଷ୍ଟାର ସାଫଲ୍ୟ ନିମନ୍ତେ ଦେଶର ଶିଳ୍ପୀ, ସାହିତ୍ୟିକ, ଧନୀ ଓ ଜନସାଧାରଣର ଏଥି ପ୍ରତି ଐକାନ୍ତିକ ସହାନୁଭୂତି ସର୍ବାଗ୍ରେ ଲୋଡ଼ା ।

ଏ ବିଷୟରେ ବିରାଟ ଆନ୍ଦୋଳନ କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରାଇବା ନିମନ୍ତେ କେତେଜଣ କର୍ମୀ ଅଗ୍ରସର ହୋଇଅଛନ୍ତି । ତାହାଙ୍କ ମଧ୍ୟରେ ଭିଜାଗାପଟମ୍ ଜିଲାର ଶ୍ରୀଯୁକ୍ତ ଡି: ବିଶ୍ୱେଶ୍ୱର ରାଓ ପ୍ରଧାନ । ଆମ୍ଭେମାନେ ଆଶାକରୁଁ ଆମ ଦେଶର ସାହିତ୍ୟିକ ଓ ଶିଳ୍ପୀଗଣ ଏହି କଲ୍ୟାଣକର ଆନ୍ଦୋଳନ ପ୍ରତି ଉଦ୍‌ବୋଧାନ୍ ହୋଇ ଏହାକୁ ସାଫଲ୍ୟ ମଣ୍ଡିତ କରିବାରେ ସହଯୋଗ କରିବେ ।

ଏ ସମ୍ବନ୍ଧରେ ଅଧିକ ଜାଣିବାକୁ ହେଲେ ନିମ୍ନଲିଖିତ ଠିକଣାରେ ପତ୍ର ଦେବେ ।

D. Visvesvara Rao.
Ravada, P O. Chittavalsa
Dt. Vizag

Digitized by srujanika@gmail.com

# —କାଳିଆ ବଳଦ ଗଳ୍ପ ଗଳ୍ପ—

ରାସ୍ତା ଉପରେ ମାତାଲାମି କରୁଥିବାରୁ ଜଣେ ଲୋକ ପାଞ୍ଚ ଥର ଜେଲ ଯାଇଥିଲା। ବିଚାର ବେଳେ ଓକିଲ କହିଲେ, "ହଜୁର ଏ ଜଣେ ବିଖ୍ୟାତ ଫୁଟବଲ ଖେଳାଳି— ଆଉଟ (out) ରେ ଖେଳନ୍ତି।"

ହାକିମ—ଓଃ, ତେବେ ତାଙ୍କ ସ୍ଥାନଟା ବଦଳେଇ ଦେଲେ ଚଳିବ। ଏବେ ସେ ଦୁଇ ହପ୍ତା ପର୍ଯ୍ୟନ୍ତ ଇନ୍ (In)ରେ ରହି ଯାଆନ୍ତୁ।

× × ×

ଥିଏଟର ସରିଗଲା। ବେଶ ଘରେ ଦୁଇ ଜଣ ଏକ୍ଟର କଥାବାର୍ତ୍ତା ହେଉଥିଲେ। ପ୍ରଥମ ଏକ୍ଟର କହିଲା, "ଆଜି ମୋର ଗୀତଟା କିମିତିକା Successful ହେଲା ଦେଖିଲ? ମୁ stage ରୁ ବାହାରେ ଆସିବା ବେଳକୁ ଦେଖଣା ହାର ସମସ୍ତେ ପାଟି ଆଁ କରି ରହି ଥାଆନ୍ତି।"

ଦ୍ୱିତୀୟ ଏକ୍ଟର—"ହଁ, ତା ମୁଁ ଦେଖିଛି ସମସ୍ତେ ଏକାବେଳକେ ହାଇ ମାରୁଥିଲେ।"

× + +

ଯୁବତୀ—ଅଚ୍ଛା, ମୁଁ ତମ ସହିତ ଏତେଦିନ ପ୍ରେମ ପୀରତି କଲି, ତା'ର ଉପହାର କଣ ଏଇ ଅଢ଼େଇଟଙ୍କିଆ ଶାଢ଼ୀ ଖଣ୍ଡେ?

ଯୁବକ—ଆଜିକାଲି ଯୁଦ୍ଧର ବଜାର ଜାଣିନ ପରା!

ଯୁବତୀ—ମଲି, ମଲି—ଏଇଥିରେ ତ ମୋ ପେଟ ଭର୍ତ୍ତି ହୋଇଗଲାଣି; ଆଉ କାହାର ଦାମ ପାଞ୍ଚଟଙ୍କାରୁ କମ ନୁହେଁ।

\+ + +

କନ୍ୟା—(ଅତି ଗୁଲ୍ଲିକିରେ) ବାପା, ଏ ବୁଢ଼ାଟାକୁ ଅଦୌ ଗୀତ ଶିଖାଇ ଆସେନା—ସେଇ ଯେ ସୁରେନ୍‌ବାବୁ ଥିଲେ ଭଲ ସୁର ଦେଇ ପାରୁଥିଲେ। ଗଳାଟା ବି ତାଙ୍କର ବଡ଼ ମିଠା।

ପିତା—(ଅଧିକ ଗୁଲ୍ଲିକିରେ) ନା ମା, ଏମାନଙ୍କୁ କାହାରିକି ମୁଁ ପସନ୍ଦ କରେ ନାହିଁ। ଜଣେ କିନ୍ନରୀ ଭଦ୍ରମହିଳାଙ୍କୁ ମୁଁ ଠିକ୍ କରିଛି! ସେଇ ଶିଖାଇବେ କାଲଠୁଁ। ଦେଖିବୁ ତାଙ୍କ ଗଳା ଆହୁରି କେତେ ମିଠା।

× + ×

ଟାଙ୍ଗର ମୁଣ୍ଡିଆ ଡିରେକ୍ଟର ସାହେବ ଗୋଟିଏ ସ୍କୁଲରେ ପିଲାଙ୍କୁ ଲେକଚର ଦେଉଁ ଦେଉଁ କହିଲେ—"ତୁମେ ସମସ୍ତେ ମୋହରି ପରି Self made man ହୁଅ।"

ହଠାତ୍ ତାଙ୍କର ଗୋଟିଏ ସାନ ପିଲା ଉପରେ ନଜର ପଡ଼ିଲା। ସେ ପିଲାଟି ତାଟକା ହେଇ ତାଙ୍କୁ ଚାହୁଁଥିଲା। ଡିରେକ୍ଟର ତାକୁ ପାଖକୁ ଡାକି କଅଁଳେଇ ପଚାରିଲେ ଯେ, "ମୋତେ ଇମିତି କଠେଇ ଚାହୁଁଛ କାହିଁକି କହିଲ?"

ପିଲା—ଆପଣ କହିଲେ ଯେ ଆପଣ Self made man—ସେଇଥି ଦେଖୁଥିଲି।

ଡିରେକ୍ଟର—ସେ କଥା ତ ସତ—ମୁଁ ନିଶ୍ଚୟ Self made man. ଆପଣାକୁ ଆପେ ଆପେ ତିଆରି କରିଛି।

ପିଲା—ତେବେ ଆପଣଙ୍କ ମୁଣ୍ଡରେ ବାଳ କେଇଟା ତିଆରି କରି ପାରି ନାହାନ୍ତି ତ!

Digitized by srujanika@gmail.com

ସଜନୀ ଗଳ୍ପ ମହଲ

ମଜା କବିତା

## —ହତାଶ ପ୍ରେମିକ—

ଲେଖକ— ଶ୍ରୀ ଅନନ୍ତ ପ୍ରସାଦ ପାଳ

ହତାଶ ଜୀବନ      ବୁକୁ ବ୍ୟଥା ଘେନି
    ଯାଉଥିଲି ପଥେ ଧୀରେ
ଜୀବନ ବସନ୍ତ      ଗଲା ମଞ୍ଜିଲ ମୋ
    "ପ୍ରିୟା"ଟିଏ ଖୋଜିବାରେ ।
ଜଗତରେ ଏତେ      ଅଛନ୍ତି କିଶୋରୀ
    ପ୍ରଜାପତି ରୂପ ଘେନି,
ଏବେ ହସି କେହି      ନଚାହିଁଲେ ମୋତେ
    ହସ-ଅପାଙ୍ଗ ଠାଣି ।
ସେଦିନ କେଜାଣି      କାହା ମୁହଁ ଚାହିଁ
    ବାହାରିଥିଲି ମୁଁ ଘରୁ,
ଯୁବତୀ ଏକ ସେ      ଚାହିଁ ହସିଦେଲା
    ଝରକାର ଆରପାରୁ ।
ମନର କଳ୍ପନା      ଜାଗିଲା ନିମିଷେ
    ଭାବିଲି ମୁଁ ମନେ ମନେ,
ହାତେ ମୁହିଁ ସତେ      ପାଇଲି କି ଆଜ
    ସ୍ୱରଗ ନନ୍ଦନ ବନେ ।
ଏତେ ଦିନେ ଆଜି      ଖୋଜି ଖୋଜି ମୁହିଁ
    ପାଇଲି ଗୋଟିଏ ପ୍ରିୟା,
ଜୀବନ ନିଦାଘେ      ମଳୟ ବୁହାଇ
    ଭରି ଦେବ ମୋର ହିଆ ।
ଆଶା ପଲ୍ଲବରେ      କୁସୁମ ଫୁଟାଇ
    ରଚିଗଲି କେତେ ହାର,
ସରଗ ସୋହାଗେ      ପ୍ରେମ ଅନୁରାଗେ
    ଦେବି ବୋଲି ଉପହାର ।

ଜଡ଼ ମୁଖେ ମୋର      ଉଚ୍ଛୁଳି ଉଠିଲା
    ବସନ୍ତ ପ୍ରେମ ଗୀତ,
ଉଠିଲା ମୋ ଶୋଭା      ଫଟା ଅଧରରେ
    ଅପହଣି ହସ ମାତି ।
ଅଭିଧାନ ଖେଳି      ମୁଖସ୍ଥ କଲି ମୁଁ
    "ପ୍ରିୟା" "ପ୍ରେୟସି" "ସୁନ୍ଦରୀ"
ପ୍ରେମ ସମ୍ଭାଷଣେ      ମୋ ପ୍ରିୟା ଆଗରେ
    କହିବାକୁ ପ୍ରାଣ ଭରି ।
ନୁଖୁରା ଚୂଳେ ମୋ      ତେଲ ଢାଳି ଦେଲି
    ନାଛି ଛର ନୂଏଁ ଦାଢ଼ି,
ସରୁ ଲୁଗା ସଙ୍ଗେ      ସିଲ୍କ ପଞ୍ଜାବୀ
    ହାତରେ ବାନ୍ଧିଲି ଘଡ଼ି ।
ସିଗାରେଟ୍ ଟିଣ      ସେଣ୍ଟ ନିଶାଣ !
    ଖାଇଲି ବଜାରୁ କିଣି,
ଅତର ମଖିକେ      ପବନେ ଉଡ଼ିଲା
    ପକେଟେ ରୁମାଲ ଖାନି ।
ରସିକ ସାଜି ମୁଁ      କୁଞ୍ଚ ଧରି ହାତେ
    ଚାଲିଲି "ପ୍ରିୟା"ର ପାଶେ,
ପ୍ରୀତି ସମ୍ଭାଷଣେ      ସରଗ ଚୁମ୍ବନ
    ଲଭିବାକୁ ଗୁରୁ ଆଶେ ।
ଅତି ଆନନ୍ଦରେ      ଚାଲିଗଲି ମୁହିଁ
    "ପ୍ରିୟା"ଙ୍କର ଘର ପାଏ,
ଶୁଭିଲା ସେ ଆଡ଼ୁ      ମଧୁର ସ୍ୱରରେ
    "ନାଲ୍ଲି ତି, ବୋକାଟାଏ" ।

Digitized by srujanika@gmail.com

ହରିକେ ଗୋବିନ୍ଦ ବନମାଳି

# ନାଗବନ୍ଧୁ

( ୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ )

ଉଦ୍ଦେଶ୍ୟ —

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ସେମାନଙ୍କ ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଜଗତର ମଧ୍ୟସ୍ଥତାରେ ପଞ୍ଚ ବନମନ୍ତ୍ର ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ( ୩ ) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। ( ୪ ) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

## ସିଂହଭୂମ

ଉତ୍କଳର ପୂର୍ବ କୀର୍ତ୍ତି ଆଜି ପର୍ଯ୍ୟନ୍ତ ଭଗ୍ନ ସ୍ତୂପ ଆକାରରେ ରହିଅଛି। ପୋଡ଼ାହାଟ ଅର୍ଜ୍ଜୁନ ସିଂହ ଯେତେବେଳେ ସମଗ୍ର ସିଂହଭୂମିର ଅଧିପତି ଥିଲେ, ସେତେବେଳେ ସିଂହଭୂମିରେ ଓଡ଼ିଆ ପ୍ରତାପ ପୂର୍ଣ୍ଣ ମାତ୍ରାରେ ଥିଲା। ଆଜି ସିଂହଭୂମିର ଅର୍ଜ୍ଜୁନ ସିଂହ, ବ୍ରିଟିଶ ସହିତରେ ଯୁଦ୍ଧ କରି ଅବସାନପ୍ରାପ୍ତ ହୋଇ ଅଛନ୍ତି। ଧଳଭୂମିର ଧଳ ରାଜାଙ୍କର ଆଜି ଚରମ ଅବସ୍ଥା। କେବଳ ଦୁଇଟି ପ୍ରଧାନ ଗଡ଼ ଅଛି। ସେ ଦୁଇଟିହିଁ ଉତ୍କଳର ଠେକ ଟିକି ରଖି ପାରିଛି। ସରାଇକଲା ଓ ଖରସୁଆଁ। ସରାଇକଲା 'ସ' ଲେଖିଲି ବୋଲି ପାଠକମାନେ କ୍ଷମା କରିବେ। ସମଗ୍ର ସିଂହଭୂମି ଆଜି ସରାଇକଲା କାହିଁକି ଅଧିକ କାଳିଆ କଳାରେ ପୂର୍ଣ୍ଣ ହୋଇଅଛି। ଆଜି ପଶ୍ଚିମୀ କଲ କାରଖାନା ସେଠାରେ ଅନବରତ କେତେ ଧୂମ ଉଦ୍ଗିରଣ କରୁଅଛି। ସରାଇକଲାକୁ ଏତେବେଳେ 'ଷ' ଦେଇ ଲେଖିଲେ କଣ ସେଠାରୁ ଷରାଇକଲା ଦେଖା ଦେବ? ଅତଏବ 'ସ' ନ ଲେଖି 'ଷ' ଲେଖିବାର କି ପ୍ରୟୋଜନ? ଖରସୁଆଁର ଉନ୍ନତିର ଖରସ୍ରୋତ ନୂତନ ମାର୍ଗରେ ଗଲାଥିଲେ ମଧ୍ୟ ପୂର୍ବର ଶିଢ଼ିବ ନାହିଁ। ସେହି ସିଂହଭୂମିର ସଂଯୋଗ ନଦୀ କୂଳରେ ଦକ୍ଷିଣ ପଟରେ ଗିରିପାଦ ମୂଳରେ ପଶ୍ଚିମର ଅସ୍ତରାଗ ଦେଖି ମୁଗ୍ଧ ହୋଇଥିଲି। ଶରୀରରେ ଶୀତଳ ସ୍ପର୍ଶକରି ଜଳକଣା ବହି, ମଳୟ ମନ୍ଦ ମଧୁର ଭାବରେ ସର୍ବାଙ୍ଗକୁ ସ୍ପର୍ଶ କରିଯାଉଥିଲା। ଦୂରରେ, ଅଳ୍ପ ଦୂରରେ ଗୋଟିଏ ହରିଣୀ ମୁଗ୍ଧ ନୟନରେ ମୋ ଆଡ଼କୁ ଚାହିଁ ରହିଛି। ଦେଖୁଁ ଦେଖୁଁ ହରିଣୀ ଦୂରରୁ ମୋ ନିକଟକୁ ଆସିଲା। ମୁଁ ଯେଉଁଠାରେ ଛିଡ଼ା ହୋଇଥିଲି ତାହାର ଦକ୍ଷିଣରେ ଗିରିମାଳା ଓ ସଂଯୋଗ; ପଶ୍ଚିମରେ ଢେଙ୍ଗା ପାହାଡ଼। ନିକଟରେ ଉତ୍ତରରେ ଚକ୍ରଧରପୁର ହାଇସ୍କୁଲ ଯାହା ଗୋପବନ୍ଧୁ ଗୋଦାବରୀଶ ଅନନ୍ତ ମିଶ୍ର ଝାଳ ରକ୍ତ ମିଶାଇ ଅନେକ ଯତ୍ନରେ ଗଢ଼ିଥିଲେ। ବର୍ତ୍ତମାନ ପୁଣି ଯାହା ଭାଙ୍ଗି ଯାଇ ନୂତନ ତିଆରି ହେଉଛି ଏହାପର ସ୍ଥାନ, ସମୟ, ସନ୍ଧ୍ୟା, କାଳ ବସନ୍ତ ଦୂତ ପ୍ରବାସ, କାହାର କୃଷ୍ଣ କବରୀ ଜଳରୁ ଛଳ ଛଳ ଶବ୍ଦ କରି ବାହାରି ପଡ଼ିଲା। ଆହା, ସିଂହଭୂମିର ଯତ୍ନ ବର୍ଦ୍ଧିତା ଅଥବା ଅଯତ୍ନ ବର୍ଦ୍ଧିତା ଏହି କାମିନୀ ଭାମିନୀ ସୌଦାମିନୀ ପରି ମୋର ଚକ୍ଷୁରେ ହଠାତ୍ ଉଦ୍ଭାସିତା ହୋଇ ଲୟ ପାଇବାର କାରଣ? ଜୀବନ ନାଟକା ପୂର୍ଣ୍ଣ? ଏହି ସଙ୍କେତ ଦେବା ପାଇଁ ସେ ଆସିଥିଲା କାଳି?

ଟାଟାର ଜାମସେଦପୁର ଆଜି ସିଂହଭୂମିରେ ବଡ଼ ସହର ହୋଇଅଛି। ରାତିରେ ବୈଦ୍ୟୁତିକ ଆଲୁଅର କାଟଶ୍ରେଣୀ ଦେଖି, ଏହା ଇନ୍ଦ୍ରଭୁବନ ବୋଲି ମନେ କରିବାକୁ

Digitized by srujanika@gmail.com

ହୁଏ । କିନ୍ତୁ ହଠାତ୍ ଏକଷ୍ଠ ବର୍ଷା ଦେଶରେ ଏ ଧୂଆଁରେ ସେ ଇନ୍ଦ୍ରଭୁବନର କଳ୍ପନାରେ ଗୋଟିଏ ମସ୍ତବଡ଼ ଆଘାତ ଆସେ । ତାହାର ମଧ୍ୟରେ ଅସଂଖ୍ୟ ନରନାରୀ ବାସ କରୁ ଅଛନ୍ତି । 'ହୋ' ରମଣୀ ଦେଖିବାକୁ କୃଷ୍ଣ ବର୍ଣ୍ଣ, କିନ୍ତୁ ଉଜ୍ଜ୍ୱଳ ଚକ୍ଷୁ, ସ୍ମିତଯୁକ୍ତ ମୁଖଶ୍ରୀ ଏବଂ ମନର ଆନନ୍ଦରେ ଗୀତ ଗାଇ ଚାଲିଯାଏ । ଦିନେ ଜ୍ୟୋତ୍ସ୍ନା ବିଧୌତ ରଜନୀରେ ଜାମସେଦପୁରରେ ବସି ୧୨ଟା ବେଳେ ଖରକାଇ ନଦୀ ପାଖରେ ଏକାକୀ ବସିଅଛି । ଜୀବନର ମୂଲ୍ୟ କିଛି ବୁଝି ପାରୁନାହିଁ । ଏହି ସମୟରେ ତର ତର ବାହୁନୀ ଖରକାଇ ନଦୀ ଜଳରୁ ଚପ୍ କରି କିଏ ଉଠି ପଡ଼ିଲା ? କି ରୂପ ତାହାର ! ଅଗାଧ ଉଜ୍ଜ୍ୱଳ ମନୋମୋହକର ସୌନ୍ଦର୍ଯ୍ୟ । ମୁଁ ବିସ୍ମିତ ହେଲି ନଦୀରେ ଅଳ୍ପ ଦୂରରେ ସଂଯୋଗ କୂଳରେ ସେହି ହରିଣୀଙ୍କ ପରି ଦିଶୁଛି । ଏ କି ମାୟା ପୁଣି ? ବସି ବସି ଭାବୁ ଭାବୁ ରାତି ଦୁଇଟା ପ୍ରାୟ । ଶିର୍ ଶିର୍ ଶୀତଳ ପବନ ବହିଲା । ମୁଁ ଟିକେ ନିଦ୍ରାଳସ ହୋଇ ଆସିଲି । ତନ୍ଦ୍ରାଭିଭୂତ ହେଲି, କିନ୍ତୁ ଉଠି ବସିବାକୁ ଚାଲି ଆସିଲି । ଖରକାଇ ନଦୀ ଆଡ଼କୁ ଉଦ୍ଦେଶ୍ୟ କରି ନମସ୍କାର କରୁଛି ହଠାତ୍ ଦଳମା ପାହାଡ଼ରେ (ନଦୀର ଅପର ପାର୍ଶ୍ୱସ୍ଥ ପର୍ବତର ନାମ) ଅପୂର୍ବ ଜ୍ୟୋତିଷ ଦେଖିଲି । ମୋର ସମସ୍ତ ଚକ୍ଷୁ ଝଲସି ଗଲା । ସେ କି ଜ୍ୟୋତି କିଛି ବୁଝି ପାରିଲି ନାହିଁ । କେବଳ ଭାବିଲି ଜୀବନ କଣ ମିଥ୍ୟା, ନା ମିଥ୍ୟା ନୁହେଁ ? ଭୋର ହୋଇ ଆସିଛି, କୋକିଳ କୁହୁ କୁହୁ କରି ଡାକି ଦେଲାଣି । ଜ୍ୟୋତ୍ସ୍ନା ମ୍ଳାନ ହେବା ଉପରେ । ଫେରିଲି-ବେଳେ ସଦ୍ୟ ଚମ୍ପା-ର ଗନ୍ଧ ମୋତେ ଆକୁଳ କଲା । ଏ କଣ ? ଭାବିଲି ଏ କଥା କହିବି ନାହିଁ କାହାକୁ ।

ଖରସୁଆଁର ଗଡ଼ରେ ଆସି ତଳବଦଳ ପରେ କାଳୀ ମାଟିର ଗାଁ ତାଳରେ ବୁଲି ବୁଲି ଖରସୁଆଁରେ ଚନ୍ଦ୍ର ମସୀ ସନ୍ଧ୍ୟାରେ ପହଞ୍ଚିଲି । ମନଟା ଅକୁଳ ବ୍ୟାକୁଳ ଥାଏ । ବଡ଼ ଶୋଷ ଲାଗିଲା । ଜଣକ ପିଣ୍ଡାରେ ବସି ବିଶ୍ରାମ କଲି । ନେତ୍ରଦର୍ଶନ ଅପେକ୍ଷାରେ ରହିଲି । ପାଣି ପିଇ ବସି ରହିଲି । ଗ୍ରାମର ପିଲାପିଲାମାନେ ଖେଳୁଥାନ୍ତି । ବଧୂମାନେ ସନ୍ଧ୍ୟାସ୍ନାନ ସମାପନ କରି ଜଳପୂର୍ଣ୍ଣ କୁମ୍ଭ ଧରି ଫେରୁଥାନ୍ତି । ମୁଁ କ୍ଲାନ୍ତ ହୋଇ ବସି ରହିଥାଏ । ସମସ୍ତେ ଚାଲିଗଲେ ରଜନୀ ପଥ ହେବାକୁ ଲାଗିଲା । ଯୌବନୋଦ୍ଭାସିତା ଏକ କୃଷ୍ଣ ଶୋଭନା ସାଉଁଟଣୀ ମୃଗଲାଞ୍ଛନ ଚକ୍ଷୁ ମେଲି କବାଟ ଦ୍ୱାର ଦେଶରୁ କାହାର ଦୃଷ୍ଟିପଥରେ 'କାହାକୁ ଅନାଇ ଦେଲା ?' ମୋହର ଉପରେ ଏତେ ଅନୁକମ୍ପା କାହିଁକି ? ଏ କି ମାୟା ମରୀଚିକା ? କଳସୀର ବସ୍ତ୍ରଖଣ୍ଡ ଟାଣି ନେଇ ଗୃହକୁ ଚାଲିଗଲା ସେ । ମୁଁ ସେଠାରେ ବସି ରହିଲି ମୁଗ୍ଧ ହୋଇ । ଅନେକ ଭାବିଲି, ସୌନ୍ଦର୍ଯ୍ୟ ଭଣ୍ଡାରରେ ପରିପୂର୍ଣ୍ଣ ସିଂହଭୂମି ଆଜି ଉତ୍କଳ ଜନନୀଠାରୁ ପୃଥକ୍ କାହିଁକି ? କାହାଦ୍ୱାରା ? ଯେଉଁଠାରେ ଏତେ ସୌନ୍ଦର୍ଯ୍ୟର ସମ୍ଭାର—ବାହାର ଓ ଭିତରେ ହୀରା, ସୁବର୍ଣ୍ଣ, ଲୁହା, କୋଇଲା, ତମ୍ବା, ଅଭ୍ର ପ୍ରଭୃତି ନାନା ବହୁ ମୂଲ୍ୟର ଖଣି, ସେହି ସିଂହଭୂମିରେ ଆଜି ଉତ୍କଳର ଚିହ୍ନ ଲୋପ ହେବାକୁ ବସିଲାଣି । ଗୁଆବସାର କରେଣ୍ଟ, ଜାମସେଦପୁରର କାରଖାନା, ଆଉ ଏହିପରି କେତେ ନାନା ଧନ ଦେଶଗର୍ଭ ରଣି - ବିଭୂତିଙ୍କ ଉପାର୍ଜନରେ ଆଜି ସିଂହଭୂମି ସମୃଦ୍ଧିବନ୍ତ । ସେଥିପାଇଁ ସିଂହଭୂମି କନ୍ୟା ଆଜି ତାର ଚୋଖାକାଖର ସନ୍ଧାନରେ ବୁଲୁଅଛି । କିଏ ଅଛ ? ଉତ୍କଳ ଯୁବକ ! ସେହି କନ୍ୟାର ମୂଲ୍ୟଦାନ କରିବ । ତୁଚ୍ଛ

Digitized by srujanika@gmail.com

ପ୍ରେମିକ ହେଲେ ଚଳିବ ନାହିଁ, ସ୍ୱଦେଶ ପ୍ରେମିକ ହେବାକୁ ହେବ। ସେହି ସୌନ୍ଦର୍ଯ୍ୟ ପୂର୍ଣ୍ଣ କନ୍ୟାର ଲାବଣ୍ୟ ଉପଭୋଗ କରିବାକୁ ଇଚ୍ଛା ଥିଲେ ସେବା ବ୍ରତ ଗ୍ରହଣ କରିବାକୁ ହେବ।

ଶ୍ରୀ ଲକ୍ଷ୍ମୀନାରାୟଣ ଦାସ

## ଏଣ୍ଡୁ ତେଲ

ଜର୍ମାନୀରେ ୬ ଫୁଟ ଲମ୍ବା ଓ ୨ ଫୁଟ ମୋଟାରେ ଏକ ପ୍ରକାର ପିକା ଅଣ୍ଡା ହୁଏ।

ଜର୍ମାନୀର ବୈଜ୍ଞାନିକମାନେ ଏଥିରୁ ତେଲ ପ୍ରସ୍ତୁତ କରୁଛନ୍ତି। ଏହା କେବଳ ଖାଦ୍ୟପେ ଯୋଗ୍ୟ। ଏଥିରୁ ବ୍ୟା ବାହାରେ ନାହିଁ।

ପୃଥିବୀର ବାର୍ଷିକ ଚିନି ଖର୍ଚ୍ଚ—୩୮ କୋଟି ମହଣ।

କଲିକତାରେ ଦୈନିକ ଘିଅ ଖର୍ଚ୍ଚ—୧୨୦୦ ମହଣ।

ଗୋଟିଏ ତିମି ମାଛର ଜିଭରୁ ୨୮ ମହଣ ତେଲ ବାହାର ଥାଏ।

## ମନୋରଞ୍ଜ।

ପୃଥିବୀରେ ବୃହତ୍ତମ ରେଲୱେ କେନ୍ଦ୍ରସ୍ଥଳ—ସିକାଗୋ U. S. A.

ପୃଥିବୀରେ ବୃହତ୍ତମ ରେଲୱେ ପ୍ଲାଟଫର୍ମ-ସୋନପୁର (ଭାରତ) ୨୧୧୫ ଫୁଟ।

ପୃଥିବୀରେ ବୃହତ୍ତମ ଉପବନୋଦ୍ୟାନ (Park)—ୟୁଲୋସ୍ଟୋନପାର୍କ U.S.A. ୩୩୫୦ ବର୍ଗ ମାଇଲ।

ପୃଥିବୀରେ ବୃହତ୍ତମ ଟେନିସ୍ କୋର୍ଟ—ବର୍ଲିନ ଟେନିସ୍ କୋର୍ଟ। ୨୦୦୦ରୁ ଅଧିକ ଦର୍ଶକଙ୍କପାଇଁ ସ୍ଥାନର ବନ୍ଦୋବସ୍ତ ଅଛି।

ପୃଥିବୀରେ ଦୀର୍ଘତମ ସେତୁ (Bridge)—ପେଣ୍ଟାଲଙ୍ଗ୍ପନ୍ଟଚାର୍ଟ୍ରେନ U.S.A ୧୨୧୨୨ ଫୁଟ।

ପୃଥିବୀରେ ଉଚ୍ଚତମ କୋଠା—ଏମ୍ପାୟର ଷ୍ଟେଟ ବିଲ୍ଡିଂ (ନିଉୟର୍କ) ୧୦୫ ମହଲା, ୧୫୦୮ ଫୁଟ।

ପୃଥିବୀରେ ଦୀର୍ଘତମ କେନାଲ—ସୁଏଜ କେନାଲ। ୧୦୦ ମାଇଲ ଲମ୍ବ।

ଭାରତରେ ପ୍ରଧାନତମ ଧନୀ—ହାଇଦ୍ରାବାଦ ନିଜାମ, ବାର୍ଷିକ ଆୟ ୭ କୋଟି ୩୯ ଲକ୍ଷ ୧୬ ହଜାର ରୁ ଉର୍ଦ୍ଧ୍ୱ।

## ପୃଥିବୀରେ ଅନ୍ଧ ରହିବେ ନାହିଁ।

କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ବେଙ୍ଗ ଆଖିରୁ ଏକପ୍ରକାର ଦୈବରସ ଯୁକ୍ତ ଦ୍ରବ୍ୟ ଅନ୍ୱେଷଣ କରିଛନ୍ତି। ତଦ୍ୱାରା ସେମାନେ ଅନ୍ଧଙ୍କୁ ଚକ୍ଷୁଦାନ ଦେଇ ପାରିବେ ବୋଲି ଆଶା କରନ୍ତି।

ଶ୍ରୀ ଦିଗମ୍ବର ଭଞ୍ଜଦେବ

## ନାଗରଙ୍ଗ କୁପନ୍

ଅଜା,

ମୁଁ ଜଣେ ନାଗନାଗୁଣୀ ହେବାକୁ ଚାହେଁ। ମୋର ବୟସ ୧୮ ବର୍ଷରୁ କମ୍। ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି। ଦୟାକରି ନାଗରଙ୍ଗ ଦଳରେ ମୋ ନାମ ଲେଖାଇ ଦେବେ। ମୁଁ ଏଥି ସହ ବାର୍ଷିକ ଚାନ୍ଦା ୫୦/ ଆଜୀବନ ଚାନ୍ଦା ୫୦୧ ର ଡାକ ଟିକଟ ପଠାଇଲି।

ତୁମ ସ୍ନେହର ନାଗନାଗୁଣୀ

ଶ୍ରୀ ____________ ______

ଠିକଣା ____________

ତାରିଖ

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିଃ

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ନେଉଥିବା ସ୍ୱଦେଶୀ

**ଭାରତୀ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନିର୍ଭର କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ ସୁଦ୍ଧା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ

ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୭ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା

ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

## ସୁଦୃଢ଼ତାର ପରିଚୟ—

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

- ମୋଟ ବୀମାର ପରିମାଣ ୧୧ କୋଟି ।

ଚାନ୍ଦା ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚଉଦ କୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ସତର କୋଟି ଛଅଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସବୁଠାରୁ ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗସ୍, କଲିକତା

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗାନାଇଜର
ଭଦ୍ରକ ।

Printed & published G. C. Mahapatra at the Gopinath Press Bhadrak.

Digitized by srujanika@gmail.com

୬ଷ୍ଠ ବର୍ଷ— | DAGARO | ୧୮ଶ ସଂଖ୍ୟା

Utkal's most papular Fortnightly
OF
LIGHT, LEAD & LAUGHTER

ମାଘ | | ଦ୍ୱିତୀୟାର୍ଦ୍ଧ




ସମ୍ପାଦକ
ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚର୍ମ, ଅଙ୍ଗରେ ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଅଜୀର୍ଣ୍ଣ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିହେବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଃ୮୲ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ଃ୨୲ଙ୍କା ମାତ୍ର ଃ ୨୲ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ**

ମାଲଗୋଦାମ ରୋଡ଼, କଟକ ।

---

# ଫାଭ୍ରି ଲିଭର ହାତବନ୍ଧା ଘଡ଼ି

## ଦାମ ଃ୭୲



ଏହା ଠିକ ସମୟ ରଖେ—ଏହାର କଳକବ୍ଜା ଖୁବ୍ ମଜବୁତ୍ ଓ ବହୁଦିନ ସ୍ଥାୟୀ । ଘଡ଼ିଟିର ଆକୃତି ମଧ୍ୟ ଖୁବ ସୁନ୍ଦର । ୧୫ ବର୍ଷ ସକାଶେ ଗ୍ୟାରେଣ୍ଟି ଦିଆଯାଏ । 'Rayco liver' (ରେକୋ ଲିଭର) ଘଡ଼ି ଃ୭୲ । ଉତ୍କୃଷ୍ଟ ଧରଣର ଘଡ଼ି ଃ୧୨୲ । ସୁନା ଗିଲ୍ଟ କରା ଘଡ଼ିର ଦାମ ଃ୧୩୲୮ । ୭ଟି ଜୁଏଲ ଯୁକ୍ତ ରୋଲ୍ଡଗୋଲ୍ଡ ଘଡ଼ିର ଦାମ ଃ୧୫୲ ମହିଳାଙ୍କ ସକାଶେ ଲେଡିଜ୍ ଓ୍ୟାଚ ଃ୧୭୲ । ଡାକ ଖର୍ଚ୍ଚ ଃ୦୲୮ । ଦୁଇଟି ଘଡ଼ି ଏକ ସଙ୍ଗରେ କିଣିଲେ ଡାକ ଖର୍ଚ୍ଚ ପଡ଼ିନାହିଁ । ପ୍ରତ୍ୟେକ ଅର୍ଡରର ସହି ଗୋଟିଏ ଫାଉଣ୍ଟେନ ପେନ୍ ଓ ଗୋଟିଏ ଡମି ପକେଟ ଘଡ଼ି ବିନା ମୂଲ୍ୟରେ ଉପହାର ଦିଆଯାଏ ।

THE AMERICAN COMMERCIAL STORE.
Post Box No. 12213 Calcutta (D. G.)


---


ସମ୍ପାଦକ—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।**



Digitized by srujanika@gmail.com

ଡଗର

୬ଷ୍ଠ ବର୍ଷ
୧୮ଶ ସଂଖ୍ୟା
ମାଘ ଦ୍ୱିତୀୟାର୍ଦ୍ଧ
ତା ୧୬-୨-୪୩

—ପାକ୍ଷିକ—
ବାର୍ଷିକ—୮୨ଃ
ପୃଷ୍ଠାସଂଖ୍ୟା—୫୦/
ବିଦେଶ—୨୩୮

# ହୁକା ହୁକା ହୁଆ

## [ ବିଲୁଆ ବିଚାର ]

ମାଇଚପ ଯାହା କହନ୍ତୁ—ଚାଳ ଲୁକ ସମାନ ବୋଲି, ଦେଖା ଯାଉଛି କଥାଟା ମିଛ ନୁହେଁ । ଚଉସ୍ତରି ବର୍ଷର ବୁଢ଼ା ମହାତ୍ମା ଗାନ୍ଧି ପୁଣି ଏକୋଇଶ ଦିନ ଉପାସ କରି ବସିଲେଣି । ଏଭଳିଆ ଅଝଟ ପଣିଆ ପିଲେ କରନ୍ତି, ନୋହିଲେ ବୁଢ଼ା କରନ୍ତି—ଆଉ ପୁଣି ଏପରି ଜିଦ୍ ଧରି ବସନ୍ତି ଯେ କାହାରି କଥା ଶୁଣନ୍ତି ନାହିଁ କି ବୋଲ ମାନନ୍ତି ନାହିଁ ।

ଗାନ୍ଧିଜୀଙ୍କ ପ୍ରିୟ ଓ ପୁରୁଣା ବନ୍ଧୁ ସ୍ୱୟଂ ଲର୍ଡ ଲିନ୍‌ଲିଥଗୋଙ୍କ ଭଳିଆ ବ୍ୟକ୍ତିଙ୍କ କଥା ଯେତେବେଳେ ସେ ପଦାରେ ପକାଇ ନାହାନ୍ତି, ସେ ଅଭଗ୍ନ ହେଲେଣି ବୋଲି ନକହି ଆଉ କହିବା କଣ ? ତେବେ ଏତିକି ରକ୍ଷା ଯେ ଏଥରକା ଉପାସଟା 'ଆମରଣ' ନୁହେଁ—ଏକୋଇଶ ଦିନିଆ ମାତ୍ର ।

\+ \+ \+

ମହାତ୍ମାଜୀଙ୍କ ଜୀବନରକ୍ଷା ପାଇଁ ବ୍ୟାକୁଳ ହୋଇ ଲର୍ଡ ସାହେବ ଅନେକ ସୁବିଧା କରି ଦେଇଛନ୍ତି । ସେଇଟା ପ୍ରକୃତ ବନ୍ଧୁର କାର୍ଯ୍ୟ ଏଥିରେ ସନ୍ଦେହ ନାହିଁ । ଯେ ଅପଣା ହସ୍ତେ ଜିହ୍ୱା ଛେଦ, କେ ତାର ଅଛି ପ୍ରତିବାଦୀ ? ତେବେ ଏତିକି ଭରସା ଯେ ବୁଢ଼ାର ଏଥର ଦେହ ବା ଜୀବନ ପ୍ରତି ଟିକିଏ ମୁଆଁସ ଦେଖା ଯାଉଛି । କାରଣ ଏଥର ସେ କଞ୍ଚା ପାଣି ସାଙ୍ଗରେ ଲେମ୍ବୁରସ ମିଶାଇ ପିଇବେ ବୋଲି କହିଛନ୍ତି । ଅଚ୍ଛା, ଆନଟେଲିଷ୍ଟ ମାନଙ୍କ ଚିତ୍ତ ପାରୁକା କଥା ତାଙ୍କୁ ଜଣା ନାହିଁ ପରା ? ଡାକ୍ତର ବିଧାନ ରାୟ ଯଦି ପାଣି ସାଙ୍ଗରେ ବୈଜ୍ଞାନିକ ସୂକ୍ଷ୍ମ ଖାଦ୍ୟ ( Con-ntrated vitamin ) କିଛି ମିଶାଇ ଦିଅନ୍ତେ ତେବେ ତ କିଛି ହୁଅନ୍ତା ନାହିଁ ।

× × +

ସେ ଯାହା ହେଉ ଏଇ ଉପାସଟା ଯେ ଦେଶ ବିଦେଶର ଶାନ୍ତି ରକ୍ଷାରେ ଗୋଟାଏ ବିହିଳ ଅର୍ପି ଦେବ ଏଥିରେ ସନ୍ଦେହ ନାହିଁ । ଆଉ ଯୁଅଡ଼େ ଯାହା ହେଉ, ସରକାରଙ୍କୁ ଆମର ଏତିକି ଅନୁରୋଧ ଯେ ସଧବାଏ ଜେଲଖାନା ଫାଟକ ଆଡ଼େ ଆସିବା ବନ୍ଦ କରି ଦେଇ ବୁଝନ୍ତୁ ଥରେ । କାରଣ ଏ ଖବର ଯଦି ହାଉଯ୍ୟା ସାଙ୍ଗରେ ଜେଲଖାନା ଭିତରେ ପ୍ରବେଶ କରେ ତେବେ ଯେଉଁ ସାଙ୍ଗ ସାଙ୍ଗ ହଜାର ହଜାର ଗାନ୍ଧି ବାହାରି ପଡ଼ିବାର ଆଶଙ୍କା । ଆଉ ତାହା ଦ୍ୱାରା ସରକାରଙ୍କ ଅଧରାନ୍ତିଆ ମୁଖ ନଦ୍ୱାରେ ଯେ ବହୁତ ବାଧା ବିଘ୍ନ ପଡ଼ିଯିବ ଏହା ବିଭାବିବାର କଥା ।

× + ×

ଭାରତର ବଡ଼ ଲାଟ ... ପରାକାନ୍ତ ବ୍ରିଟିଶ ସମ୍ରାଟଙ୍କ ପ୍ରତିନିଧି । ତାଙ୍କ ଠେଇଁ ଫେରାଦ କରି ଯେତେବେଳେ ପ୍ରତିକାର ନ ମିଳିଲା—ବରଂ ଯାହା ମିଳିଲା ତାହା ନ କହିବାର କଥା—ଗାନ୍ଧିଜୀ ତାଙ୍କ ଉପରେ କୋର୍ଟରେ ଅପିଲ ଦାଏର କରୁଛନ୍ତି ବୋଲି କହିଛନ୍ତି । ଏଭଳିଆ ହାଇକୋର୍ଟ ଅପିଲ ନା ମଞ୍ଜୁର ହେଲେ, ତାର ଫଳ କଣ ତାହା ଅବଶ୍ୟ ଭବିଷ୍ୟରେ ଗାନ୍ଧିଜୀ ଜଣାଇବେ । ତାହା ଜାଣି ଶୁଣି ସେ ଯେତେବେଳେ ଏଡ଼େ ବଡ଼ ଫି ଦେଇ ( ଏ କୋର୍ଟରେ ଅପିଲ ଫିଜ—ଉପାସ ) ଅପିଲ ଦାଏର କରିଛନ୍ତି, ବିଶ୍ୱାସ ହୁଏ ତାଙ୍କର କେସ୍‌ର ବଳବାନ ପଏଣ୍ଟ ରହିଛି । ଫଳ ନ ବାହାରିବା ଯାଏ ଆମେ ବା କଣ କହିବା—ସୁତରାଂ, ନାକଦମ୍ ବନ୍ଦ କରି ସେଇ ଦରବାରର ରାୟକୁ ଚାହିଁ ବସିଲୁଁ । ଦେଖା ଯାଉ ଦୋଷୀ କିଏ ଆଉ ନିର୍ଦ୍ଦୋଷୀ କିଏ ।

× × ×

ଯଦି ପଚରା ହୁଏ—"ଆଜି ଜଗତରେ ସବୁଠାରୁ ସୁଖୀ କିଏ ଓ ସବୁଠାରୁ ଦୁଃଖୀ କିଏ ?"—ତେବେ ବୋଧହୁଏ ଉତ୍ତର ମିଳିବ ଯେ— "ସବୁଠାରୁ ସୁଖୀ ଚର୍ଚ୍ଚିଲ ଓ ସବୁଠାରୁ ଦୁଃଖୀ ହିଟଲର" । କହୋକା ବଡ଼େ ସୁଖୀଟା ବଡ଼ ସୁଖ ନୁହେଁ; ବହୁତ ଦୁଃଖ ପରେ ଯେଉଁ ସୁଖ ଆସେ, ସେଇଟା ପ୍ରକୃତ ସୁଖ । ଚର୍ଚ୍ଚିଲ ଅନେକ ଅନେକ ହଇରାଣ ହଟ ହଟା ହୋଇ ହୋଇ ଆଜି ଯେଉଁ କିଛା ପଟ ନେଇଛନ୍ତି ସେଥିକି ଦେଖି

Digitized by srujanika@gmail.com

ଜଣକ ଭାଗ୍ୟରେ ମିଳେ। ଆଉ ଯାହା ଭାଗ୍ୟରେ ମିଳେ, ସେ ଅସଲ ମୁଗୀ।

ହିଟଲରଙ୍କ କଥା ଦେଖିବାକୁ ଗଲେ, ସେ ଏ ପୁରାମୂର ଭଳି ମୂଳରୁ ଦୁର୍ଦ୍ଦଶା ଜମ୍ଭ କରି କରି ଯଉଁ ମୂର୍ଖ ତକ ଦ୍ୱ ସନ କରିଥିଲେ ଆଜ ଠିକ ସେହି-ପରି ଦୁର୍ଦ୍ଦଶା ପରାଜୟ, ପଳାୟନ ଦେଖି ଦେଖି କ ଦୁଃଖ ପାଉ ନଥିବେ। ଆଉ କେହି ହୋଇଥିଲେ ହୁଏ ପାଗଳ ହୋଇ ଯାଆନ୍ତେଣି କିବା ପ୍ରାଣତ୍ୟାଗ କରନ୍ତେଣି। ମାଁସ ହିଟଲର ତହିଁରୁ କିଛି ଗୋଟାଏ ହେଲେ ଏତେ ବେଳ ଯାକ କରି ନାହାନ୍ତି। ଏଥିରୁ ମନେ ହେଉଛି ତାଙ୍କର ଅଣ୍ଟା ମେରୁଦଣ୍ଡ ହୋଇ ନାହିଁ। ଅଣ୍ଟା ବୈତରଣୀ ନଦୀ ପରି!

\+ × +

ପହିଲ ଚେକ ଭୀମ ହାତରେ—ବୋଲି ଯଉଁ କଥାଟା ଅଛି ତାହା ଏଇ ଲଢେଇରେ ପ୍ରମାଣ ହୋଇଗଲା ଏବେ। ଜର୍ମାନୀ ପହିଲ୍ ପହିଲ୍ ହୁ-ହୁ କରି କିତା ପଟରେ ମାଡ଼ି ଚାଲିଯାଇ ଜଗତକୁ ଚମକାଇ ଦେଲା। ଏବେ ଦେଖାଯାଉଛି ପାହି ଲାଗିଛି। ରୁଷ ଓ ରୁଷିଆରେ ଜର୍ମାନୀ ପଛକୁ ଘୁଞ୍ଚା ମାରି ମାରି ଏବେ ଜୀବନ ବଞ୍ଚାଇବାରେ ଲାଗିଲାଣି। ମୁସୋଲିନୀଙ୍କ ରୋମାନ ସାମ୍ରାଜ୍ୟ ନଷ୍ଟ ଏକାବେଳକେ ନପାହୁ। ଯେପରି ଦେଖାଯାଉଛି, ଆଉ କିଛିଦିନ ଯଦି ଶୀତ ଲାଗିରହେ, ତେବେ ମିତ୍ର ପକ୍ଷ ବେକାଣି ଇଟାଲି ଓ ଜର୍ମାନୀ ଭିତରକୁ ମାଡ଼ିଯିବେ।

ତଡ଼ିଘନିଆ କାମର ଯେ କଡ଼ାକର ମୂଲ୍ୟ ନାହି ବୋଲି କହନ୍ତି ତାହା ଠିକ୍। ଧୀର ପାଣି ଯେ ପଥର କାଟେ ତାହା ବିଲକୁଲ ସତ। ଇଂରେଜ ପକ୍ଷ ଧୀରେ ଧୀରେ ମାଡ଼ି ଜାକି ରହି ରହି, ମାଡ଼ ଧୂମ ସହି ସହି ଘାଟ ଭାଙ୍ଗି ବସିଥିଲାକୁ ଏତେ ଦିନରେ କଥି ପାରିଲା ପରି ଜଣା ଗଲାଣି। ବାକି ରହିଲା ଜାପାନ କଥା। ଜାପାନ ବି ସେହିପରି ହୁଡ଼ମୁଡ଼ିଆ ଝାମ୍ପ ମାରି ନେଇ ଯାଇ ଥିଲା ଥୋକାଏ। ଏବେ ତା ଦଶା ଯାହା ହେବ ତାହା ଜଣା କଥା ସିନା। ଅତଏବ ଆଉ ଡର ନାହିଁ।

ଏ ପ୍ରଗତିଶୀଳ ଯୁଗରେ ଯେତେ ଯେତେ ନୂଆ କଥା ଆମ ଦେଶରେ ହୋଇଛି, ତାହା ଭିତରେ 'ବିଧବା ବିବାହ' ଗୋଟିଏ ପ୍ରଧାନ। ପ୍ରଥମେ ବାଲ୍ୟ ବିଧବା, ତା ପରେ ପ୍ରୌଢ଼ ବିଧବା ତଦନ୍ତର ସନ୍ତାନ ବତୀ ବିଧବା ବିବାହ ହେଉଁ ହେଉଁ ଶେଷକୁ ସଧବା-ବିଧବାଙ୍କ ପାଳି ପଡ଼ିଲା! ବିଧବା ବିବାହ ହୋଇ ପଣି ନ ହେଲେ ସମାଜର ପ୍ରଗତି ପୋଲ କଳାରେ ପୂର୍ତ୍ତି ହେଲା ନାହିଁ ବୋଲି ଯେଉଁ ସଂସ୍କାରକମାନଙ୍କ ମତ, ସେମିପରି ଥୋକାଏ ଲକ୍ଷ୍ମୀ ସହରରେ ଏକ ସଭା କରି ସ୍ଥିର କରିଛନ୍ତି କି ଏଣିକି ଯେତେ ବର ବିବାହ କରିବେ ସମସ୍ତେ ଯେପରି ବିଧବା କନ୍ୟା ବିବାହ କରନ୍ତି। ବୈଧବ୍ୟ ଯେ କନ୍ୟା ହେବାର ଯୋଗ୍ୟତା (Qualification) ବୋଲି ଧରା ଯାଏ ତେବେ ଦେଶର କୁମାରୀ ଗୁଡ଼ିକ କଣ କରିବେ ଏହା ବଡ଼ ଭାବନାର ବିଷୟ। ତେଣୁ ସେମାନଙ୍କ ସଦ୍‌ଗତି ପାଇଁ ଆମେ ଗୋଟାଏ ଉପାୟ ପାଇଁ ବାକୁ ପ୍ରସ୍ତୁତ। ତାହା ଏହିକି—କୁମାରୀଗଣ ଯେ କୌଣସି ଉପାୟରେ ଥରେ ବିଧବା ହୋଇ ପଡ଼ନ୍ତୁ; ଆଉ ବିବାହରେ କୌଣସି ବାଧା ରହିବ ନାହିଁ।

× +




ବକ୍ସ କାମେରା    ମୂଲ୍ୟ—ଟ ୨୷୶

ନୂଆ ଶିକ୍ଷାର୍ଥୀମାନେ ଏଥିରେ ବେଶ ଫଟୋ ଉଠାଇବା ଶିଖି ପାରିବେ। ଏହାର ଲେନ୍ସ କାଚ ଖୁବ୍ ମଜବୁତ୍। ଏଥିରେ ଫଟୋ ଉଠାଇବା ଭାରି ସହଜ ଓ ଯେ କୌଣସି ଲୋକ ମାସକୁ ଟ ୧୫୦ ଟଙ୍କା ରୋଜଗାର କରି ପାରେ। ଏହି କାମେରା ସାଙ୍ଗରେ ଆବଶ୍ୟକୀୟ ମସଲା, ଫିଲ୍ମ କାର୍ଡ ଓ ବ୍ୟବହାରର ପ୍ରଣାଳୀ ବିନା ମୂଲ୍ୟରେ ଦିଆଯାଇଥାଏ।

ମୂଲ୍ୟ—ବକ୍ସ କାମେରା ଟ ୨।, ଡବ୍ଲୁକ୍ସ ପଟେଲ ଟ ୩ ୷; ଡାକ୍ଖର୍ଚ୍ଚ, ପ୍ୟାକିଂ ଖର୍ଚ୍ଚ ୦।୶

ମେଟପେଗ ସହିତ ଦେ ଟିଏ ଡଜନ ଷ୍ଟାମ୍ପ୍ୟାଡ ବିନା ମୂଲ୍ୟରେ ଦିଆଯାଏ।

THE AMERICAN COMMERCIAL STORE.

Post Box 12213. Calcutta.


Digitized by srujanika@gmail.com

## ବିଚଳର ହାତରେ

# ‘ପ୍ରତିବାଦ’

ଲେଖକ—ଶ୍ରୀ ମହେଶ୍ୱର ମହାପାତ୍ର

ମଜା - ଥା

‘‘କମ କଥା ନୁହେଁ ଏ । ଜଣେ ନୁହଁ, ନାରୀଜାତିର ଅପମାନ ଏଇଟା, ନାରୀତ୍ୱର ...ity ର ଭୀଷଣ ପଦାଘାତ ! ଆଜିକାଲିକା ...କମାନଙ୍କର ଏ ଗୋଟାଏ ଅଦ୍ଭୁତ ବାତିକ ଗୁଲିଛି, ...ଟାଏ ଲଗେଇଛନ୍ତି ନାଟ । ଆଉ ଏହାର ପ୍ରତିକାର ...କିତ୍ସା, ରୋଗର ଔଷଧ ଦରକାର । Rustic, Backdate, ପାଟିରୁ ନାଲ ଛଡ଼ା ନ ଥିବ, ଯାଙ୍କ ଗୁହ ବଗାଣି ବସିଲେ ବେଳ ଅଣ୍ଟିବ ନ, ଯାଙ୍କ ଜରରେ ହାଡ଼ ହୋଇଚି ସେ ପୁଣି କରିବେ ଆମର Criticism ! ମତେ ଯାର ଗୋଟାଏ କଡ଼ା କଡ଼ା ଜବାବ ଦେବାକୁ ହେବ...... ...ଇମିତି ଗୋଟାଏ lesson ଶିଖେଇବାକୁ ପଡ଼ିବ ଯେପରି ପିଲାଟାର ଖୋଇ ଛଡ଼ି ଯିବ । ଆଉ ଦିନେ ମନ କରିବ ନାହିଁ ‘ନାରୀ’ ଏଇ ନାଁ ଟାକୁ ଧରିବାକୁ’’

‘‘କିରେ ମଞ୍ଜୁ, ଆଜିତ କ’ଣ ଭାରି ଗରମ ଜଣା ପଡ଼ୁଚୁ, କ’ଣ ହୋଇଚି କି ତୋ’ର ?’’

‘ମଂଜୁ’ ଉତ୍କଳ ‘ନାରୀ ମଂଗଳ ସମିତି’ ର କର୍ମକର୍ତ୍ତ୍ରୀ । ସମାଜରେ ନାରୀମାନଙ୍କର ସମ୍ମାନ ବଜାୟ ରଖିବା ନିମିତ୍ତ ମଞ୍ଜୁର ଅକ୍ଲାନ୍ତ ଚେଷ୍ଟା, ଆଉ ଏଇ ଅଦମ୍ୟ ଚେଷ୍ଟାରେ କି ସେ ନାରୀମାନଙ୍କୁ ଅଧିକାରର ବହୁ ଦୂରକୁ ଆଗେଇ ଆଣିଛି । ସେଇ ନାରୀମାନଙ୍କ ପ୍ରତି ବିଦ୍ରୂପ ‘ସାର୍ବଜନୀନ ପ୍ରେମ’ ଏଇ ଗପଟା ‘ଭ୍ରମର’ରୁ ପଢ଼ି ମଞ୍ଜୁ ଏକବାର ରାଗି ଚୂର —ଆଖିରୁ ନିଆଁ ନିକୁଥିଲା ପରି ତାହାର ଯାଉଚି, ଲେଖକ ଉପରେ ଖାଲି ଉଚିତ ଶୁଣାଇ ଦେବେଇଲା ପରି ହଉଚି । ବିଚରା ଆଖି ଆଗରେ ପଡ଼ିଥିଲେ ଆଜି ବର୍ତ୍ତିଥାନ୍ତା କି ନା ସନ୍ଦେହ । ଲତା ପହଞ୍ଚୁ ପହଞ୍ଚୁ ତା’ ହାତକୁ ‘ଭ୍ରମର’ ଖଣ୍ଡି ବଢ଼ାଇ ଦେଇ କହିଲା, ‘କ’ଣ ହୋଇଚି, ଏଇ ଦେଖ ।’

ଲତା ଗପଟା ମୂଳରୁ ଶେଷଯାଏ ପଢ଼ି ପଚାରିଲା, ‘‘ତାଏ ସେ ମ ଏ କିଛିଟା ?’’

‘‘Typical—ଲତା,—Tyyical,—moral wretch ‘ଟିନ’ ‘ନାନୁ’ ଇତ୍ୟାଦି Peculiar ନାମର ଯୋଡ଼ଣୀ ଗଢ଼ି ନିଜ ନିଜର ମନୋଭାବକୁ ଲୁଚେଇ ରଖିବା—ଏ କି ଆଜିକାଲିକାର ଗୋଟାଏ ଢଙ୍ଗ । ତାଏ ଗୋଟାଏ ରାମା, ଶାମା, ଗୋବିନ୍ଦା କି ଗୋପାଳିଆ ହୋଇଥିବ । Opely ସମାଲୋଚନା କରିବାର ସାହସ ନାହିଁ ! ବାସ୍ତବିକ ଏଇପରି ଗୋଟିଏ ଗୋଟିଏ ଗବର୍ଣ୍ଣୀ ଆମମାନଙ୍କ ଅଗ୍ରଗତି ପଥରେ ଧୂମକେତୁ—ଆମମାନଙ୍କ aspiration ର setback— ......ଏଥିପାଇଁ ଆମକୁ କିଛି ପ୍ରତିବିଧାନ କରିବାକୁ ହେବ । କ’ଣ କହୁଚୁ ଲତା ?’’

ଲତାକି ମଞ୍ଜୁ କଥାରେ ଜୁଆ ଦେଲା । ସାବ୍ୟସ୍ତ ହେଲା ଗପଟିର ପ୍ରତିବାଦ କରିବାକୁ ହେବ । ପତ୍ର ପତ୍ରିକାରେ ପ୍ରତିବାଦ ପତ୍ର ବାହାରିଲା—

‘ସାର୍ବଜନୀନ ପ୍ରେମ’—ଲେଖକଃ— ‘ନାନୁ’

ଏଇ ଅଗ୍ରଗତିଶୀଳ ଯୁଗରେ ଲେଖକଙ୍କର ଏଇ ଗଳ୍ପଟି କୌଣସି ଜାତିପ୍ରେମୀ ପକ୍ଷରେ ସହଣୀୟ ହୋଇ ନ ପାରେ । ଲେଖକ ତାଙ୍କ ଲେଖାରେ ଯେଉଁ ସଙ୍କୀର୍ଣ୍ଣ ମନୋଭାବର ପରିଚୟ ଦେଇଛନ୍ତି ତାହା ସମସ୍ତ ଜାତୀୟ ଆନ୍ଦୋଳନକୁ ପଙ୍ଗୁ କରିଦେବ ବିଶେଷତଃ ନାରୀ ପ୍ରଗତି ପଥରେ ଲେଖାଟି ବିଶେଷ ଅନ୍ତରାୟ । ମୁଁ, ନିଖିଳ ଉତ୍କଳ ନାରୀ ମଙ୍ଗଳ ସମିତି’ ତରଫରୁ ଏହାର ପ୍ରତିବାଦ କରୁଛି ।

ସ୍ୱାଃ—କୁମାରୀ ମଞ୍ଜୁ ଦେବୀ

ସଂପାଦିକା ନିଖିଳ ଉତ୍କଳ ନାରୀ ମଙ୍ଗଳ ସମିତି ?

‘ହାତିକି ଦାନ୍ତ, ମରଦ୍ କା ବାତ୍’ । ନାନୁ ବାବୁ ପ୍ରତିବାଦ ପତ୍ରଟି ପାଠ କଲେ;. ମାତ୍ର ସାମାନ୍ୟ ନାରୀ ତାଙ୍କ କଥାକୁ ନାକଚ୍ କରିବ, ... ଏହା କଦାପି ହୋଇ ନପାରେ...ଚାଲିଲା ବାଦ୍ ପ୍ରତିବାଦ ।

\+ × +

‘Love at first sight Cupid s activity’ କଥାଟା ନାନୁ ବାବୁ ଶୁଣିଛନ୍ତି ଅନେକ ଥର । ଲେଖାରେ ତାଙ୍କର ମଧ୍ୟ ଅନେକତେ ବ୍ୟବହାର କରିଛନ୍ତି ମାତ୍ର ବାସ୍ତବ କ୍ଷେତ୍ରରେ ତାଙ୍କ ଜୀବନରେ ଏପରି ଗୋଟାଏ ଅନୁଭୂତି ନୂତନ । ଅବଶ୍ୟ ଚେଷ୍ଟାକଲେ କଥାଟା ଯେ ବଦଳେଇ ଯାନ୍ତା ତା ନୁହେଁ । କିନ୍ତୁ ଜାଣିଶୁଣି ନାନୁ ବାବୁ ସେ ଦିଗକୁ ମନ ଦିଅନ୍ତି ନାହିଁ । ‘ଟାନୁ’ ଗୋଟାଏ ଏକଦ

Digitized by srujanika@gmail.com

rotten elment ହୋଇ ସେ ହେବ 'Aryans' ର captain, ଆଉ ନାନୁବାବୁ ରହିବେ ତା' ଅଧୀନରେ Vice captain—ଏଇଟା ନାନୁବାବୁଙ୍କ Prestige ରେ ଗୋଟାଏ ବଡ଼ କଥା ମାତ୍ର………ଏଇଥିପାଇଁ ନାନୁବାବୁ ଆଉ ସେ 'କାମିନୀକାଞ୍ଚନ' କଥା ମନରେ ନ ଭାବି ତାଙ୍କର କର୍ତ୍ତବ୍ୟ କରି ଚାଲିଛନ୍ତି । ଗୋଟାଏ କିଛି extraordinary କାମ ଦେଖାଇ ପାରିଲେ ମାରିବେ ଏକ୍ ଚୋପା captain ପଦଟାକୁ । ………ମତଲବ୍ଟା କହୁଛି ମନନ୍ତୁହିଁ ମାଏ କହିବାଠାରୁ କରିବା 'ଜମିନ୍ କ ଅସ୍ମାନ ଫରକ' । ଯା' ହେଉ ଚେଷ୍ଟାରେ ତାଙ୍କର ଗଲ୍ତି ନାହିଁ ।

ସେ ଦିନ 'ଉତ୍କଳ ସାହିତ୍ୟ ସମାଜ' ର ସାମ୍ବତ୍ସରିକ ଉତ୍ସବରେ ଓଡ଼ିଶାର ବହୁ ମାନ୍ୟ ଗଣ୍ୟ ସାହିତ୍ୟ ସେବୀ ଭଦ୍ରବ୍ୟକ୍ତି, ଭଦ୍ରମହିଳାଙ୍କ ମଧ୍ୟରେ ନାନୁବାବୁ ଆଉ ମଞ୍ଜୁ ମଧ୍ୟ ନିମନ୍ତ୍ରିତ ହୋଇ ଆସିଥିଲେ । ସ୍ତ୍ରୀ' ଭୋଜିର ବ୍ୟବସ୍ଥାଟା ବି ହୋଇଥିଲା ଯୋଗକୁ 'ନାନୁବାବୁ' ଆଉ 'ମଞ୍ଜୁ' ଏ ଦୁଇଜଣଙ୍କର ପଡ଼ିଗଲା ଗୋଟାଏ Common table. 'ଈଶ୍ୱରର ଇଚ୍ଛା ଯୋଉଁଠି ସେଇଠି ସଞ୍ଜ' । ନାନୁବାବୁଙ୍କ ମନଟା ଗୋଟାଏ କମିତି କମିତି ଲାଗିଲା । ହେଲେ, ତାଙ୍କୁ ଅଟଳ ଓ ଅଚଳ ରହିବାକୁ ହେବ । ମନେ ପଡ଼ିଗଲା ତାଙ୍କର ଭୀଷ୍ମ ପ୍ରତିଜ୍ଞା 'ନିଜର କର୍ତ୍ତବ୍ୟ କରିବାକୁଇ ହେବ ! କାନ୍ଥ କିଅଁ କଟରେ ଜଉ, ଲୁହା ପାଖରେ ଚୁମ୍ବକ ରହିବ କେତେବେ ! ଏଥର କାନ୍ଥ ମଞ୍ଜୁକୁ ନାଡ଼ ଦେଖିବାକୁ ପଡ଼ିଲା ନାହିଁ—'ନାନୁ' ବାବୁଙ୍କ ନାଡ଼ିଟା ଛବିଁ ଛବିଁ ଗୋଳମାଳ ହୋଇଗଲା…… ମନରେ ଜାତ ହେଲା ସେଇ 'Lov at first sight କାନ୍ଥ ଭଦ୍ରମହିଳାଙ୍କ ସଙ୍ଗରେ ତ ଚିହ୍ନା ପରିଚୟ ନାହିଁ ।……ସେଥିରେ ଯାଏ ଆସେ କେତେ । ମା' ପେଟରୁ ତ କାହାର ସଙ୍ଗରେ କା'ର ଚିହ୍ନା ପରିଚୟ ନ ଥାଏ । ଦୋସ୍ତିଟା ଇମିତି ଜମାଇ ନେବାକୁ ହୁଏ । ତା ପରେ ନାନୁବାବୁଙ୍କର ତ ଆଗରୁ Passport ଅଛି । କଥା ବାର୍ତ୍ତାରୁ ପରେ ଜଣାଗଲା ନାନୁବାବୁ ସେଇ 'ସାଙ୍ଗ କଳଙ୍କ ପ୍ରେମ' ର ଲେଖକ ଖୋଦ୍ 'କଣ୍ଡୁରୀ ବାବୁ' ଆଉ ମହିଳା ତାଙ୍କର ସ୍ୱୟଂ ପ୍ରତିବାଦିକା 'ମଞ୍ଜୁ ଦେବୀ' । ବାବୁ ! ବାଦ ପ୍ରତିବାଦ ଯିଏ କରୁଥିଲେ କଲମ ଆଉ କାଳି—ଏଠିତ ରକ୍ତ ପିଣ୍ଡଙ୍କର ପ୍ରକାଶର କଟାକ୍ଷ ଛୁଟେ ମଞ୍ଜୁ ଆଉ 'କଣ୍ଡୁରୀ ବାବୁ' ପରସ୍ପରକୁ ଦେଖୁଛନ୍ତି ଏଠି, ଆଉ ସେ କଲମ, କାଳିର କାଢ଼ କୁଆଡ଼େ ଅସିବ ! ଯିବ ତପୀ କୃଷ୍ଣାଙ୍କର ଇନ୍ଦ୍ର ସଭାରେ ବି ଥରେ ଏଇ ଦୁର୍ବଳତା ଆସିଥିଲା । କଣ୍ଡୁରୀ ବାବୁ ତ ସାମାନ୍ୟ ମନୁଷ୍ୟ । ପୁଣି ମଞ୍ଜୁର ଟେଢ଼ୁଳା ଚିବୁକ, ପାଉଡ଼ରର ବୋଳା ନଟୋଳି ମୁହଁ, ଘୂମନ୍ତ ନୟନ, lip stick ଘଷା ଗୋଲାପି ଅଧର, ଯାହାକୁ ଦେଖିଲେ ବ୍ରହ୍ମା ବଣ ମନ୍ଦ'ବ୍ରହ୍ମା ବି ଟଳି ପଡ଼ିବେ । ଶେଷରେ 'ନେଶ ଯୁଗେ ଯୁବା ପିଅନ୍ତି ଯେଉଁ ରୂପ ଅମୃତ' ସେଇ ଅମୃତ କଳସୀ ନିକଟରେ କର୍ତ୍ତବ୍ୟକୁ ବଳି ଦେବାକୁ ପଡ଼ିଲା । କଣ୍ଡୁରୀ ବାବୁ ସ୍ଥିର କରିନେଲେ "ଡୁବି ଡୁବି ପାଣି ପିଇଲେ ମହାଦେବ ତ ମହାଦେବ ତାଙ୍କ ବୋପା ଚୌଦପୁରୁଷରବ ଜାଣିବାର କ୍ଷ ନାହିଁ, ସୁଯୋଗଟା ଛାଡ଼ୁ ଚ କିଏ ?"

'ଅଙ୍ଗୁଳି ପ୍ରବେଶାତ୍ ବାହୁ ପ୍ରବେଶଃ' । ତା ପରେ ଚାଲିଲା ସେଇ ନିତ୍ୟ ନୈମିତ୍ତିକ ବ୍ୟାପାର… 'କାଠଯୋଡ଼ି ବନ୍ଧ'……ମ୍ୟାଚ୍……ରିଙ୍ଗ୍……ପେନ୍…… *'billet doux'* ଇତ୍ୟାଦି ଇତ୍ୟାଦି । ଏଣିକି ନାନୁବାବୁ ଆଉ ମଞ୍ଜୁର ସେଇ କାଠଯୋଡ଼ି କୂଳରେ ପ୍ରାୟ ପ୍ରତ୍ୟେକ ଦେଖା ହୁଏ । ନିର୍ମଳ ଚନ୍ଦ୍ର ଜୋଛନା ଯେତେବେଳେ କାଠଯୋଡ଼ିର ମୁକ୍ତେଲି ବାଲି ଉପରେ ବିଛୁରି ହୋଇ ପଡି ଝଲମଲ କରୁଥାଏ ……ସୁଶୀତଳ ମଳୟ ପବନ ଯେତେବେଳେ ଧୀରେ ଧୀରେ ବହି ପଥଶ୍ରାନ୍ତ ପଥିକର ମନ ପ୍ରାଣ ଶୀତଳ କରୁଥାଏ ନାନୁବାବୁ ଆଉ ମଞ୍ଜୁ କାଠଯୋଡ଼ି କୂଳ ଚଉକିଟାଏ ଉପରେ ବସି ସେଇ ଚନ୍ଦ୍ର ଜୋଛନା ଆଉ ମଳୟ ପବନକୁ ପ୍ରାଣ ଭରି ପାନ କରୁଥାନ୍ତି । ନାନୁବାବୁ କହି ଉଠନ୍ତି 'ସତେ ମଞ୍ଜୁ ଏଇ ପୁନେଅଁ ଜହ୍ନଠୁଁ ତମ ମୁହଁଟି ଅଧିକ ଗୋରା………ଏଇ ନିର୍ମଳ ଚନ୍ଦ୍ରିକାଠୁଁ ତମ ଶରୀରର କାନ୍ତି ଅଧିକ ତୋଫା……ଏଇ ମଳୟ

( ମଜାକଥା ୭ମ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

କଥାଟିଏ କହୁଁ...

# ଗଟିବ

ଲେଖିକା— କୁମାରୀ ଶୈଳବାଳା

କାହାଣୀ

ଚଲିବାକୁ ଗୋଡ଼ ଥରେ—ଆଖିକୁ ଝାପସା ଦିଶେ । ଶିଥିଳ ଚମ—ଶୁଭ୍ର ଭ୍ରୂ । ଖୋଷ ପର ତାର କେଶରାଶି । କଥା କହେ—ସ୍ୱର ଧୀର । ଶାନ୍ତ ନମ୍ର । ବୁଢ଼ାକୁ ବୟସ ୮୦ରୁ କମ ହେବନି । ମେରୁଦଣ୍ଡ ତାର ନଇଁ ପଡ଼ିଲଣି । କଙ୍କାଳ ଦିଶି ଗଲଣି ।

ଆମର ଦୁଆର ବାଟ ଦେଇ ନିତି ସେ ଯାଏ । ଡାକେ—"ଚ—ନା—ବା—ଦା—ମ ।" ମୁଣ୍ଡରେ ତାର ଗୋଟିଏ ବଡ଼ ଡାଲିରେ ଦଶ ବାର ସେର ଚନାବାଦାମ୍ । ସେଇ କ୍ଷୁଦ୍ର ବୋଝଟି ତାର ଦୁର୍ବଳ ଅଙ୍ଗକୁ ନୋଇଁ ଦିଏ ।

ଧିର୍ ଧିର୍ ଯାଏ । ମୁଁ ଭାବେ—ଯାର କଅଣ କେହି ଅଛି ନାହାନ୍ତି ? ଅହା. କେଡ଼େ ବୁଢ଼ା— ଦୁର୍ବଳ ଅଙ୍ଗରେ ପେଟ ପାଇଁ କେତେ କଷ୍ଟ କରିବାକୁ ପଡ଼ୁଛି ।

ସେଦିନ ମୁଁ ତାକୁ ଡାକିଲି । ବୁଢ଼ା ମୋ' ଉପରେ ତାର ନମ୍ରତାପୂର୍ଣ୍ଣ କରୁଣ ଚାହାଣୀଟି ଢାଳି ଦେଇ କହିଲା—"କେତେକର ନେବ ?"

ମୁଁ ତା ହାତକୁ ଚାରିପଇସା ବଢ଼ାଇ ଦେଲି । ବୁଢ଼ା ଚନାବାଦାମ ଦେଲା । ମୁଁ କହିଲି, "ବୁଢ଼ା, ତୁମେ କଅଣ ଏଇ ଚନାବାଦାମ ବିକି ପେଟ ପୋଷ ?"

ରୁଦ୍ଧ ସଲିଳ ରାଶି ଯିମିତି ଟିକିଏ ଛିଦ୍ର ପାଇଲେ ପ୍ରବଳ ବେଗରେ ଯେଇଠି ଗନ୍ତପଥ ଖୋଜେ— ମୋର ଏଇ ସହାନୁଭୂତି ଭରା କଥାରେ ବୁଢ଼ାର ବ୍ୟଥିତ ଅନ୍ତର ଉଚ୍ଛୁଳି ହୋଇ ଉଠିଲା ସେମିତି । ସତେ, ମଣିଷର ଏ ଗୋଟାଏ ସାନ୍ତ୍ୱନା । ଅନ୍ୟ ଆଗରେ ତାର ବ୍ୟଥିତ ଅନ୍ତର ଖୋଲିଦେଇ ସେ ଯିମିତି ଟିକିଏ ଶାନ୍ତି ପାଏ ।

ବୁଢ଼ା କହିଲା "ହଁ ମା' ଏଇ ମୋର ବେଉସା ।' ତା ଆଖିରେ ଲୁହ ଦେଖାଗଲା । ଗୋଟିଏ ପ୍ରଶ୍ନ— ଅତି କ୍ଷୁଦ୍ର ଅତି ସାଧାରଣ । ତା' ଆଖିର ଲୁହ ମୋ ମସ୍ତିଷ୍କରେ ଗୋଟାଏ ବଡ଼ ରହସ୍ୟ ହୋଇ ଛିଡ଼ା ହେଲା । ମୁଁ ଅସ୍ଥିର ହୋଇ ଉଠିଲି ।— ସେହି ରହସ୍ୟଜାଲ ଭେଦ କରିବା ପାଇଁ । ପ୍ରାଣକୁ ସେତିକି ନ ବାଧିଲେ ଆଖିକି ସହଜେ ଲୁହ ଆସେନି ।

ମୁଁ କହିଲି—"ବୁଢ଼ାଦିନେ ପେଟପାଇଁ କେତେ କଷ୍ଟ କରୁଛ । କେତେ ରାଇଜ ଧୂରୁଛ ? କଅଣ ଅଉ କେହି ନାହିଁ ତମର ?"

ରୁଦ୍ଧ କଣ୍ଠରେ ବୁଢ଼ା କହିଲା—"ଏତେ କଷ୍ଟ କରିବ ଗୁରାଟଙ୍କା କଅଣ ଏକାଠି କେତେବେଳେ ମିଳୁଛି ମା' ?"

"କାହିଁକି ?" ମୁଁ ତାର ବ୍ୟଥିତ ଅନ୍ତରର ପରଦାଟାକୁ ଖୋଲି ଦେବାକୁ ଯାଇ କହିଲି ।

ବୁଢ଼ା ଆରମ୍ଭ କଲା । ଅଙ୍ଗୁଠି ଗଣି କହିଲା— "ମୋ ଭିଖା ମରିବାର ଅନେକ ଆଠବର୍ଷ ହେଲା— ଅଉ ମୁଁ ପର ଦେଶକୁ ଅନେକ ଅଠବର୍ଷ ହେଲା ଆସିଲି । ସେ ଯେଉଁ ବନ୍ୟା ଦୁର୍ଭିକ୍ଷ, ତୁମେ କଅଣ ଜାଣି ନ ଥିବ ? ଆମ ଗୁଜରାଟରେ ସେ ବନ୍ୟା ପ୍ରଳୟର ଦୃଶ୍ୟ ଆଣି ଦେଇଥିଲା । ଏତେ ଲୋକ ଏତେ ଗାଈ ଗୋରୁ, ପଶୁପକ୍ଷୀ ବୁଡ଼ିଗଲେ ଯେ ତାର ଗଣନା କରି ହେଲାନି । କେତେ ଘର ମା ଗଙ୍ଗାଙ୍କ ଗର୍ଭରେ ବିଲୀନ ହୋଇଗଲା । ଧାନ ଫସଲସବୁ ଧୋଇଗଲା । ହାତରେ ପଇସା ଥାଇବି ପେଟକୁ ମୁଠାଏ ଭାତ ମିଳିଲାନି । ଅଉ ଆମର ଗରିବ ସଂସାର କଥା ଛାଡ଼ । ଘର ଦିନରେ ବି ଥରେ ଚୁଲି ଜଳେନା । ଭିଖା ମୋର ଖାଲି ଏଇ ଅଭାବରେ ସତେ ମରିଗଲା ମା !!

ବୁଢ଼ା ହାତ ପିଠିରେ ଲୁହ ପୋଛି କହିଲା— "ଅଉ ଛୋଟ ପିଲା ଦୁଇଟି ଯେତେବେଳେ 'ଖାଇବାକୁ ଦେ" ବୋଲି ଅଳି କଲେ—ତାଙ୍କର ସେ ବିକଳ ଦେଖି ପଥର ମୁଣ୍ଡ ପାଣି ହୋଇଯିବ । ମୁଁ ତ ମଣିଷ । କିଛି ଉପାୟ କରିବା ଆଶାରେ ଏଠିକି ଆସିଲି । ଭିଖା ମା' ମୁଣ୍ଡପିଟି କାନ୍ଦିଲା ।

ହାତରେ ଯଉ ଟଙ୍କା ଗୁଟେଟି ସମ୍ବଳ କରି ଆଣିଥିଲି, ସେଇଥିରେ ଏ ବିରାଟ ସହରରେ ମୋର ଏ କ୍ଷୁଦ୍ର ବ୍ୟବସାୟଟି ଆରମ୍ଭ କରିଦେଲି । ଗାଁରୁ

Digitized by srujanika@gmail.com

ଆସିବାର ବରଷକେ ଭିଖାମା' ପାଖକୁ ଥରେ ଦୁଇଟି ଟଙ୍କା ପଠାଇଦେଲି ।

ଆଜି ସେମାନେ କେମିତି ଅଛନ୍ତି—କିଏ କହିବ । ଭିଖା ମା' ମାଇପି ଲୋକ—କଅଣ କେମିତି କରୁଥିବ କେଜାଣି । ଦୁଇ ଦୁଇଟା ଝିଅ । ମୁଁ ବା ଯାନ୍ତି—କିନ୍ତୁ ଗାଡ଼ିଭଡ଼ାଟା ବାରଟଙ୍କା ଏକାଠି ପାଇଲେ ସିନା ।

ଏବା ମୋର ଏ ନଷ୍ଟଚୁଣା ଜୀବନଟା ପାଇଁ ବା ଏ ପେଟଟା ପାଇଁ ତ କଥା ପଡ଼ିନା । ସେମାନେ ଯଦି ବଞ୍ଚିକରି ରହିଲେ—ଉପଚୁ ପାଇଲେ—ତେବେ ଏ ବ୍ୟବସାୟରେ କି ଲାଭ ମା'—?

ଦୁଃଖର ଜଳଧାରା ଆବେଗରେ ବୁଢ଼ା କାନ୍ଦି ଉଠିଲା ବାଁ ବାଁ ହୋଇ ।—

ଶୂନ୍ୟ ଆକାଶକୁ ମୁଁ ଖାଲି ନିସ୍ତବ୍ଧରେ ଚାହିଁ ରହିଲି । କେତେ କଥା ଜଡ଼ି ଆଗକୁ ଆସି ଲେଉଟି ଗଲା ।

\+ × +

ଆଜିକାଲି ବି ବୁଢ଼ା ଆମର ଦୁଆର ସାମନାର ସେଇ ରାସ୍ତାଟି ଉପରେ ନଡ଼ି ଯାଏ—ଡାକି ଡାକି "ଚି—ନା—ବା—ଦା—ମ ।" ମୁଣ୍ଡରେ ତାର ଚିନାବାଦାମ ପସରା । ଡାଲାଟି ଭଙ୍ଗି ଭଙ୍ଗି ଗଲାଣି ।

ବୁଢ଼ାର ଥର ଥର କଣ୍ଠ—

ଗାଡ଼ା ଉଠେଇ କନମ ହାତରୁ କେତେବେଳେ ପଡ଼ିଯାଏ ଜାଣି ପାରେନା । ଭୁଲିଯାଏ ଗଳିର ମୁଣ୍ଡ । ହେବେ—

"ହୁଏତ ଦେଶରେ ବୁଢ଼ାର ଛୋଟ ଘରଖଣ୍ଡିକ ଭଙ୍ଗି ପଡ଼ିବଣି ।—ଅଛମର, ଅଯତ୍ନରେ । ସେଇ ଭଙ୍ଗା କାନ୍ଥକୁ ଆଉଜି ଶୂନ୍ୟ ଆକାଶକୁ ଚାହିଁ ହୁଏତ ବୁଢ଼ୀ ଏଇନା ଭାବୁଥିବ—"ଆଜି ରାତି ଗାଡ଼ିରେ ବୁଢ଼ା ଆସିବେ ପରା । କେତେଦିନ ହେବ ଗଲେଣି.................।"

——*——

( ମନକଥା ୪ର୍ଥ ପୃଷ୍ଠା ଉତ୍ତାରୁ)

ପବନଠୁଁ ତମ ପରଶଟି ଅଧିକ ଉନ୍ମାଦ ଭରା......
ଏଇ ନଈର ପାଣିଠୁଁ ତମ ହୃଦୟଟି ଅଧିକ ନିର୍ମଳ ।'

ଜାନୁବାବୁଙ୍କର ମୁଗ୍ଧକର କଥାରେ ମଞ୍ଜୁର ହୃଦୟରେ କେତେ ମଞ୍ଜୁଳ ସୁଖ ଆଶା ଜଗାଇ ଉଠେ । ଥର ଥରିଆ କଣ୍ଠରେ କହେ ସେ, 'ଜାନୁ ବାବୁ, ତମେ ସେଇ 'ସାର୍ବଜନୀନ ପ୍ରେମ' ର ଲେଖକ କସ୍ତୁରୀ ବାବୁ ନା ! ଏବେ କହିତ ଦେଖି ଦୋଷଟା କଣ ଖାଲି ମୋହରି ?' କସ୍ତୁରୀ ବାବୁ କହନ୍ତି 'ଅ,—ତା ହେଲେ କସୁରଟା ମତେ ମାନିବାକୁ ହେବ, କିନ୍ତୁ ତମେ ସେଇ ଲେଖାର ପ୍ରତିବାଦିକା ମଞ୍ଜୁଦେବୀ ନା !'......କସ୍ତୁରୀ ବାବୁଙ୍କ ମୁହଁଟା ମଞ୍ଜୁର ମୁହଁ ପାଖକୁ ଲାଗି ଯାଏ.. ...ବ୍ରୀଡ଼ା, ଅନୁରାଗ ଭୋଳା ହସଟିଏ ହସି ମଞ୍ଜୁ କହି ଉଠେ, 'ଇଁ ତମେ ଭାରି ଦୁଷ୍ଟ !'

—*—


# ପକେଟ ପ୍ରେସ

( ଓଡ଼ିଆ ଓ ଇଂରାଜୀ )




ଘରେ ବସି ନିଜର ଇଚ୍ଛାନୁସାରେ ନିମନ୍ତ୍ରଣପତ୍ର, କାର୍ଡ଼, ଚିଠିଲେଖା କାଗଜ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଛପାଇ ନିଅନ୍ତୁ । ପ୍ରତ୍ୟେକ ବାକ୍ସରେ କମ୍ପୋଜିଂ କରିବାର ସମସ୍ତ ସରଞ୍ଜାମ ଥାଏ । ଏଥିରେ ଛପାଇବା ଖୁବ ସହଜ ଓ ଦାମ ମଧ୍ୟ ଶସ୍ତା । ନମ୍ବର ର ମୂଲ୍ୟ ଟ୧୫, ଡାକଖର୍ଚ୍ଚ ଟ୦୫୯ ।

THE AMERICAN COMMERCIAL STORE Post Box No. 12213 Calcutta. (D, G.)


Digitized by srujanika@gmail.com

## ସଜନା ଗଛ ମୂଳେ

ମଜା କବିତା.——

### —ଛାଡ଼ପତ୍ର ।—

ଲେଖକ—ଶ୍ରୀ ଗୋପୀନାଥ ବେହେରା ।

ଯୁଦ୍ଧ ବଜାରରେ ଖବରି ଭରମ୍ଭ ପାଆଁଶ କୋଡ଼ି ଭାଉ,
ବାଘ ଧୋଇଥିଲା କନକ ଠୋକଟି ମୁନାଫେବଣ ନାଇ ଦେଇ ।

ଚେଡ଼ିତେ ଟେଁଟେ ବାଣ କଟଛ ସହରେ ଉଡ଼ ଯାଉଥିଲା ପୋର,
ନବୀନା ପ୍ରେଅସୀ ମାଛିବାକୁ ବନ୍ଧୁଦାନ୍ତ ଛୁଟିଥିଲା ଧୋର ।

ପାଇଲା ନବୀନା ପ୍ରେୟସୀ ଯେ ଦାନ୍ତ ତା ଭାବ ଭଙ୍ଗିରେ ମୁହିଁ,
ବଢ଼ ଢେଲାଣି କରଣି ଗୃକସ୍ଥ ଗୋଟି ଛାଡ଼ି ଦେବା ପାଇଁ ।

ମାଡ ଜଡ ରଡ ନ ପାହୁଁ ଆସଇ ହୁକୁମ ଉପରେ ପାସ୍ତ,
ଟିକେ ନ ଶୁଣିଲେ ଗାଳି ଧାଇଁ ଅସେ ମଗଜ ଢୋର ତ ଭାସ୍ତ ।

ସେଥି ପାଇଁ ପୁଣି ନ ଚିନ୍ତି ନ ଖାଇ ଭୁରୁଙ୍ଗାଠା ଭଳି ମୁହଁ,
ବସି ଚିନ୍ତୁଥିବ ଦାନ ହିଡ ହଦା ଅଖିରୁ ଗଡ଼ାଇ ଲୁହ ।

ଚେତେବା ସନ୍ଧ୍ୟା ଅନ୍ଧାକାଳକାର ଠୋକ ଗୋଟାଭର ଧାଜ,
ଯୁଦ୍ଧ ଜୋଗଁଠେ ଦାଉର କାମାଷ ସବୁତ ହେଲାଣି ଭାଉ ।

ଆଗର ଓଡ଼ିଶା ଲାଟ କରନ୍ତେ ଯେବେ ଓଡ଼ିଶାରେ ଜାସ୍ତି,
‘‘ଯୁଦ୍ଧ ଜୋଗାଡରେ କଷ୍ଟ ଦାନ ପାଇଁ ଦିଅ ନିଜ ସ୍ତ୍ରୀଙ୍କୁ ଛାଡ଼ ।’’

(ତେବେ) ମୁଁ ଢରଣ ଠକିଅ କରଣି ଦାଅନ୍ତୁ ପ୍ରଥମେ ଛାଡ଼,
ଯୁଦ୍ଧ ସେଣ୍ଟିଗଲେ ଫେରାଇ ଅଣନ୍ତୁ କଷ୍ଟିଙ୍କା ନବୀନା ମୋର ।

Digitized by srujanika@gmail.com

## ନାଗବନ୍ଧୁ

ଉଦ୍ଦେଶ୍ୟ — ( ୧୮ ବର୍ଷରୁ ନ୍ୟୁନ ବାଳକ ବାଳିକାମାନଙ୍କ ପାଇଁ )

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଡାକଘର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ( ୩ ) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ( ୪ ) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

## ମାଦାମ୍ ଚିୟାଂ କାଇସେକ୍

ଗଲ କେତେବର୍ଷ ହେଲା ଚୀନ ଜାପାନ ବିରୁଦ୍ଧରେ ଯେଉଁ ସ୍ୱାଧୀନତା ସଂଗ୍ରାମ ଚଳାଇ ଆସିଛି, ୪୫ କୋଟି ମୁକ୍ତି କାମୀ ଚୀନବାସୀ ଯେଉଁ ସାହସ ଓ ଦମ୍ଭ ନେଇ ଶତ୍ରୁର ଆକ୍ରମଣ ପ୍ରତିରୋଧ କରିବାକୁ ସମର୍ଥ ହୋଇ ପାରିଛନ୍ତି, ଓ ମାତୃଭୂମିକୁ ଶୃଙ୍ଖଳାମୁକ୍ତ କରିବା ଲାଗି ଜୀବନ ଦେବାକୁ ଦୃଢ଼ସଙ୍କଳ୍ପ ହୋଇ ଯେଉଁ ଯୁଦ୍ଧ— କରୁଛନ୍ତି, ସେହି ସ୍ୱାଧୀନତା ସଂଗ୍ରାମର ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି ମହାବୀର (ମାର୍ଶାଲ) ଚିୟାଙ୍ଗ୍ କାଇସେକ ଓ ତାଙ୍କର ସହଧର୍ମିଣୀ ମାଦାମ୍ ଚିୟାଙ୍ଗ କାଇସେକ୍ । ମାଦାମ୍ ଚିୟାଙ୍ଗ କେବଳ ମହାବୀର ଚିୟାଙ୍ଗଙ୍କର ଉପଯୁକ୍ତା ସହଧର୍ମିଣୀ ନୁହନ୍ତି ସେ ଆଜି ସମଗ୍ର ପୃଥିବୀର ସର୍ବ ଶ୍ରେଷ୍ଠା ନାରୀ ହିସାବରେ ପରିଗଣିତ ଓ ନାରୀ ଜାତିର ଗର୍ବ ।

ଚୀନରେ ଯେତେବେଳେ ବିପ୍ଳବର ବାତ୍ୟା ବହୁଥିଲା, ସେତେବେଳେ ମାଦମ୍ ଚିୟାଙ୍ଗ ଲୋକଙ୍କ ଭିତରେ ଅବିଶ୍ରାନ୍ତ ଭାବରେ କାମକରି ଲୋକଙ୍କୁ ସାହସ ଓ ଆଶ୍ୱାସନା ବାଣୀ ଶୁଣାଇ ଥିଲେ ଓ ଏକତା ବଦ୍ଧ ହୋଇ ଶତ୍ରୁର ସମ୍ମୁଖୀନ ହେବାକୁ ସମଗ୍ର ଜାତି ମଧ୍ୟରେ ପ୍ରେରଣା ଜାଗରିତ କରାଇଥିଲେ । ଆଜି ସେ ସମଗ୍ର ଜାତିର ଆଦରଣୀୟା । ଚୀନାମାନେ ଭାବନ୍ତି ଯେ ସେ ଜେନେରାଲି- ସିମୋ ଚିୟାଙ୍ଗଙ୍କ ଶକ୍ତି, ଓ ବୁଦ୍ଧି, ("She the power behind the throne and brains behind Generalissimo")

ମାଦାମ ଚିୟାଙ୍ଗ୍ ପୃଥିବୀର ଆଦର୍ଶ ନାରୀମାନଙ୍କ ମଧ୍ୟରେ ଅନ୍ୟତମ । ସେ ସର୍ବଦା [illegible] ଭିଡ଼ ଭିତରେ—ସେ ବିବାହର ସାତବର୍ଷ ପୂର୍ବରୁ ଯୁବକ ଚିୟାଙ୍ଗଙ୍କ ସହିତ ପ୍ରଣୟସୂତ୍ରରେ ଆବଦ୍ଧ ହୋଇଥିଲେ କିନ୍ତୁ ସେତେବେଳେ ତାଙ୍କର ଲୌକିକ ବିବାହ ହୋଇ ପାରି ନଥିଲା ଓ ମାଦାମ ଚିୟାଙ୍ଗ୍ ( ସେତେବେଳର ମିସ୍ ମେ ଲିଂ ସୁଂ ) ଙ୍କର ମାତା ଏ ବିବାହରେ ସମ୍ମତି ଦେଇ ନ ଥିଲେ କାରଣ ଯୁବକ ଚିୟାଙ୍ଗ୍ ଚୀନର ଅଧମ ଧର୍ମାବଲମ୍ବୀ (Heathen) ଥିଲେ । ୧୯୨୭ ସାଲରେ ଜେନେରେଲ ଚିୟାଙ୍ଗ୍ ଖ୍ରୀଷ୍ଟଧର୍ମ ଗ୍ରହଣ କରି ସଦାଇ ଠାରେ ମିସ୍ ମେ ଲିଙ୍ଗ୍ ସୁଙ୍କୁ ବିବାହ କଲେ । ସେହି ଦିନରୁ ମାଦାମ୍ ଚିୟାଙ୍ଗ ଅଳ୍ପ ସୁଖ ଓ ଗାର୍ହସ୍ଥ୍ୟ ଜୀବନର ସୁଖ ଶାନ୍ତି କ'ଣ ଜାଣନ୍ତି ନାହିଁ । ସେତେବେଳେ ଯୁବକ ଚିୟାଙ୍ଗଙ୍କୁ ତିନୋଟି କର୍ତ୍ତବ୍ୟର ସମ୍ମୁଖୀନ ହେବାକୁ ପଡ଼ିଥିଲା— ପ୍ରଥମରେ ଦେଶର ଆଭ୍ୟନ୍ତରୀଣ ବିପ୍ଳବର ଦମନ, ଦ୍ୱିତୀୟରେ ଦେଶର ବିଭିନ୍ନ ମତବାଦୀ ରାଜନୈତିକ ଦଳର ଏକତ୍ରୀ କରଣ, ଓ ତୃତୀୟରେ ବାହ୍ୟ ଶତ୍ରୁର ଆକ୍ରମଣକୁ ପ୍ରତି-

Digitized by srujanika@gmail.com

ରୋଧ । ଉପଯୁକ୍ତ ସୈନିକର ଉପଯୁକ୍ତା ସ୍ତ୍ରୀ ଏହି ମାଦାମ୍ ଚିୟାଙ୍ଗ୍—ସେହି ଦିନଠାରୁ ଆଜି ଯାଏ ତାଙ୍କର ସ୍ୱାମୀଙ୍କର ଅନୁଗାମିନୀ ହୋଇ ତାଙ୍କ ଦୁଃଖ କଷ୍ଟର ଭାର ବହନ କରି ଆସୁଛନ୍ତି । ସେ ତାଙ୍କ ସ୍ୱାମୀଙ୍କ ସହିତ ଏରୋପ୍ଲେନ୍‌ରେ ବୁଲି ବିଭିନ୍ନ ଯାଗା ପରିଦର୍ଶନ କରନ୍ତି ଓ ସୈନ୍ୟମାନଙ୍କୁ ଉତ୍ସାହ ବାଣୀ ଶୁଣାନ୍ତି । କେତେବେଳ ତାଙ୍କୁ ସ୍ୱାମୀ ସହ ସାମାନ୍ୟ ଖଣ୍ଡେ ତମ୍ବୁରେ ରହି ଜୀବନ ଯାପନ କରିବାକୁ ହୁଏ କେତେବେଳେ ବା ବୋମା ପଡ଼ିବା ସମୟରେ ସ୍ୱାମୀସହ ଟ୍ରେଞ୍ଚ ଭିତରେ ରହି ଆତ୍ମରକ୍ଷା କରିବାକୁ ହୁଏ । ଗୋଟିଏ କଥାରେ କହିବାକୁ ଗଲେ ସେ ତାଙ୍କର ସ୍ୱାମୀଙ୍କର ଉପଯୁକ୍ତ ସାଥୀ—ବିପଦ ବେଳେ ସେ ତାଙ୍କୁ ସାହସ ଦିଅନ୍ତି ଧୈର୍ଯ୍ୟ ଧରି କାମ କରିବାକୁ ଉତ୍ସାହ କରନ୍ତି । ମାର୍ଶାଲ ଚିୟାଙ୍ଗ୍ ମଧ୍ୟ ମାଦାମ ଚିୟାଙ୍ଗ ସହିତ ପରାମର୍ଶ ନକରି କୌଣସି କାମ କରନ୍ତି ନାହିଁ । ଏପରିକି ଦେଶର ଗୂଢ଼ କୂଟ ନୀତି ଓ ରାଜ ନୀତି ର କୌଣସି ସିଦ୍ଧାନ୍ତ କରିବାକୁ ହେଲେ ସେ ତାଙ୍କ ସହିତ ପରାମର୍ଶ ନେଉଛନ୍ତି । ମାର୍ଶାଲ ଚିୟାଙ୍ଗ ମାଦାମ ଚିୟାଙ୍ଗଙ୍କୁ ଏତେ ଭଲ ପାଆନ୍ତି ଯେ ପୃଥିବୀରେ ବୋଧହୁଏ ଏପରି ଦୃଷ୍ଟାନ୍ତ ଖୁବ୍ କମ । ଦିନେ ଜଣେ ସାମ୍ବାଦିକ ମାଦାମ ଚିୟାଙ୍ଗଙ୍କୁ ଆମେରିକାକୁ ଆମନ୍ତ୍ରଣ କରିବାକୁ ଯାଇ କହିଲେ "She would be worth a division to you there," Chiang replied "Ah, but She is worth 10 divisions to me here, by my side in China." ("ଯଦି ମାଦାମ୍ ଚିୟାଙ୍ଗ ଆମେରିକା ଯାଆନ୍ତେ ତାହା ହେଲେ ସେ ଗୋଟେ ଡିଭିଜନ ସୈନ୍ୟଙ୍କର କାମ ଏକା କରି ପାରନ୍ତେ ।"—ମାର୍ଶାଲ ଚିୟାଙ୍ଗ ଉତ୍ତର ଦେବାକୁ ଯାଇ କହିଲେ, "ସେ ଏଠି ଚୀନରେ ମୋ ପାଖରେ ଥିଲେ ୧୦ ଡିଭିଜନ ସୈନ୍ୟଙ୍କର ବଳପରି ମନେ ହୁଅନ୍ତି"), ସାଥୀ ଓ ସହଧର୍ମିଣୀ ହିସାବରେ ମାଦାମ ଚିୟାଙ୍ଗ୍ ତାଙ୍କୁ ଉପଦେଶ ଦିଅନ୍ତି କିନ୍ତୁ ଆଦେଶ କରନ୍ତି ନାହିଁ—ନିଜର ମତ ବ୍ୟକ୍ତ କରନ୍ତି କିନ୍ତୁ ନିଜର ମତ ଗ୍ରହଣ କରିବାକୁ ଜୋର ଧରନ୍ତି ନାହିଁ । ସେ ଏତେ ସ୍ୱାମୀ ଅନୁଗତ ପ୍ରାଣା ଯେ ସେ ଭାବନ୍ତି ଯେ ମାର୍ଶାଲ ଚିୟାଙ୍ଗ ନଥିଲେ ଚୀନ ଏତେ ବେଳକୁ ଜାପାନ ଅଧିକୃତ ଦେଶ ହୋଇ ସାରଥାନ୍ତା ।

ମାଦାମ ଚିୟାଙ୍ଗଙ୍କର ଯଦିଓ ନିଜର କୌଣସି ସନ୍ତାନ ସନ୍ତତି ନାହାନ୍ତି ତାଙ୍କ ହୃଦୟ ମାତୃତ୍ୱ ଭାବରେ ପରିପୂର୍ଣ୍ଣ । ସେ ନିଜେ ଚାଳିଶ ହଜାର ଯୁଦ୍ଧ ପ୍ରପୀଡ଼ିତ ଓ ପିତୃ-ମାତୃ ହୀନ ଶିଶୁଙ୍କର ଲାଳନ ପାଳନ ଓ ଶିକ୍ଷାର ଭାର ଗ୍ରହଣ କରିଛନ୍ତି । ସେ ସେମାନଙ୍କର ମା' କହିଲେ ଚଳେ । ସମୟ ସମୟରେ ଯାଇ ଏହି ଶିଶୁମାନଙ୍କୁ ଖୁଆନ୍ତି ଭଲ ଭଲ ଲୁଗା ଖେଳନା ଦିଅନ୍ତି ଓ ସେମାନଙ୍କ ସଙ୍ଗରେ ଖେଳନ୍ତି ଓ ଗୀତ ଗାଆନ୍ତି ଓ ଶିକ୍ଷା ଦିଅନ୍ତି ।

ମାଦାମ ଚିୟାଙ୍ଗ କେତେକ ଗୁଡିଏ ଆନ୍ଦୋଳନର ପ୍ରାଣ ପ୍ରତିଷ୍ଠା କରିଛନ୍ତି ଓ ଅନେକ ଗୁଡିଏ ଅନୁଷ୍ଠାନର ମୂଳଭିତ୍ତି ସ୍ଥାପନ କରିଛନ୍ତି ତନ୍ମଧ୍ୟରୁ ଉଲ୍ଲେଖ ଯୋଗ୍ୟ ହେଉଛି ଚୀନର "New life Movement" ଓ "Chinese Red Cross Society" ସେ ଯେତେବେଳେ "New life Movement"ର ଉଦ୍ଦେଶ୍ୟ ଦେଶମୟ ବ୍ୟାପକ ଭାବରେ ପ୍ରଚାର କରନ୍ତି ସେତେବେଳେ ଦେଶର ଚିନ୍ତାଶୀଳ ସଂପ୍ରଦାୟ

Digitized by srujanika@gmail.com

ତାଙ୍କର ଏହି ଉଦ୍ୟମକୁ ହସି ଉଡ଼ାଇ ଦେଇ ଥିଲେ । ଏହି ଆନ୍ଦୋଳନର ପ୍ରଧାନ ଉଦ୍ଦେଶ୍ୟ ହେଉଛି—"ପରିଷ୍କାର ଓ ପରିଚ୍ଛନ୍ନ ଭାବରେ ଜୀବନ ଯାପନ କରିବା"—ଏହି ଆନ୍ଦୋଳନ କ୍ଷିପ୍ରଗତିରେ ଦେଶସାରା ବ୍ୟାପି ଯାଇଥିଲା ଓ ତାର ପ୍ରଭାବ ବିସ୍ତାର କରି ପାରିଥିଲା । ସେ ଚୀନର "Red Cross Society" ର ଅଭୂତପୂର୍ବ ପରିବର୍ତ୍ତନ ଆଣି ପାରିଥିଲେ । ସେ ଦେଶର ଭିନ୍ନ ଭିନ୍ନ ଯାଗାମାନଙ୍କରେ ଏହାର ଶାଖା ଅନୁଷ୍ଠାନମାନ ଖୋଲି ଚୀନର ସ୍ତ୍ରୀମାନଙ୍କୁ ନର୍ସ ଟ୍ରେନିଂ ଦେଉଥିଲେ । ଏହା ପୂର୍ବରୁ ଚୀନରେ ରକ୍ଷଣଶୀଳ ସମ୍ପ୍ରଦାୟ ମଧ୍ୟରେ ଏପରି ଏକ ଅନ୍ଧ ବିଶ୍ୱାସ ଥିଲା ଯେ ଗରିବ ବା ନୀଚ ଜାତିର ରୋଗୀମାନଙ୍କୁ ଶୁଶ୍ରୂଷା କଲେ ଆତ୍ମ ମର୍ଯ୍ୟାଦାର ହାନି ଘଟେ । ମଦାମ୍ ଚିୟାଙ୍ଗ ଦେଶରୁ ଏହି ଧାରଣାକୁ ଦୂର କରିବାଲାଗି ନିଜେ ଉଦାହରଣ ସ୍ୱରୂପ ସାଧାରଣ ସୈନିକ ମାନଙ୍କର ସେବା ଶୁଶ୍ରୂଷା କରନ୍ତି—ସେମାନଙ୍କର ଘା ଧୋଇ ଦିଅନ୍ତି ଓ ବେଣ୍ଡେଜ ପ୍ରଭୃତି ନିଜେ ବାନ୍ଧନ୍ତି । ଏହି ଉଦାହରଣ ଦ୍ୱାରା ଚୀନର ରକ୍ଷଣଶୀଳ ସଂପ୍ରଦାୟ ପ୍ରଭାବିତ ହୋଇ ଚୀନର ରେଡ଼କ୍ରସ୍ ସୋସାଇଟି ରେ ସହଯୋଗ କରିଛନ୍ତି । ଜନ ସାଧାରଣ ମାଦାମ ଚିୟାଂଙ୍କର ସେବା ଶୁଶ୍ରୂଷାରେ ଏତେ ମୁଗ୍ଧ ଯେ ସେମାନେ ତାଙ୍କୁ ଏ ଯୁଗର 'ଫ୍ଲୋରେନ୍ସନାଇଟିଂଗେଲ' ବୋଲି ଭାବନ୍ତି ।

ମାଦାମ ଚିୟାଂଙ୍କୁ "Joan of Arc" ବା ରାଣୀ ଦୁର୍ଗାବତୀ ପ୍ରଭୃତି ବୀରାଂଗନାଙ୍କ ସହିତ ତୁଳନା କରାଯାଇ ପାରେ । ସେ ପ୍ରଥମ କେତେକଜଣଙ୍କ ମଧ୍ୟରୁ ଜଣେ ଯେ କି ବ୍ୟୋମଯାନ ବାହିନୀର ଅବଶ୍ୟକତା ଆଧୁନିକ ଯୁଦ୍ଧରେ ଉପଲବ୍ଧି କରି ପାରିଥିଲେ । ସେ ଅନେକ ଦିନ ଧରି ଚୀନ ବ୍ୟୋମଯାନ ବାହିନୀର (Chief of China's Air Force) ଥିଲେ କର୍ତ୍ତୃତ୍ୱ ଭାର ଗ୍ରହଣ କରି ଥିଲେ । ଅନ୍ୟ କଥାରେ କହିବାକୁ ଗଲେ ସେ ଚୀନ ବ୍ୟୋମଯାନ ବାହିନୀର ଜନ୍ମଦାତ୍ରୀ (Mother of Chinas Air Force) ସେ ଅନେକ ସମୟରେ ତାଙ୍କର ଆକାଶ ବିଭାଗୀୟ ସେନାପତି ମାନଙ୍କ ସହିତରେ ବସି କିପରି ଆକ୍ରମଣ କରିବାକୁ ହେବ ତାର ପରିକଳ୍ପନା କରନ୍ତି ।

ଖ୍ରୀଷ୍ଟଧର୍ମ ପ୍ରଚାରକ ବା ମିସନାରି ହିସାବରେ ମାଦାମ ଚିୟାଂଙ୍କର କ୍ଷମତା କମ ବୋଲି କୁହାଯାଇ ପାରେ ନାହିଁ । ସେ ମାର୍ଶାଲ୍ ଚିୟାଙ୍ଗଙ୍କୁ ସ୍ୱଧର୍ମରେ ଦୀକ୍ଷିତ କରାଇବାକୁ ସକ୍ଷମ ହୋଇ ପାରିଥିଲେ । ତାଙ୍କର ଏହି ଦକ୍ଷତାର ପରିଚୟ ପାଇ ଚୀନର ଅନ୍ୟ କେତେ ଜଣ ନେତୃସ୍ଥାନୀୟ ଓ ଚୀନର ରକ୍ଷଣଶୀଳ ସମ୍ପ୍ରଦାୟ ଭିତରୁ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଛନ୍ତି ।

ଶିକ୍ଷା ଓ ସାହିତ୍ୟରେ ମଧ୍ୟ ମାଦାମ ଚିୟାଙ୍କର ସ୍ଥାନ ନୀଚରେ ନୁହେଁ । ସେ ୧୯୧୭ ମସିହାରେ ଆମେରିକାର Wellesly Collegeରୁ ବି: ଏ: ପାଶ କରିଛନ୍ତି । ଚୀନ ଓ ଇଂରାଜି ଭାଷା କହିବା ଓ ଲେଖିବାରେ ତାଙ୍କର ଖୁବ୍ ଦକ୍ଷତା ଅଛି । ସେ ଚୀନଭାଷାର କେତେକ ଭଲ ଭଲ କବିତାକୁ ଇଂରାଜିରେ ଅନୁବାଦ କରିଛନ୍ତି । ସେ ଓ ମାର୍ଶାଲ୍ ଚିୟାଂ ଯେତେବେଳେ ଆମ ଦେଶକୁ ଆସିଥିଲେ ସେ ତାଙ୍କର ସ୍ୱାମୀଙ୍କର interpreter କାର୍ଯ୍ୟ ସମସ୍ତ ସମୟରେ ଚଳାଉଥିଲେ । କାରଣ ମାର୍ଶାଲ୍ ଚିୟାଂ ଇଂରାଜି ଭାଷା ଜାଣନ୍ତି ନାହିଁ । କେବଳ ଇଂରାଜିରେ ଗୋଟିଏ ଶବ୍ଦ ଜାଣନ୍ତି ତାହା ହେଉଛି "Darling"—ଯେଉଁ ନାମରେ କି ମାଦାମ୍ ଚିୟାଂଙ୍କୁ ଡାକନ୍ତି । ମାଦାମ୍ ଚିୟାଂ ତାଙ୍କର ବକ୍ତୃତା, ଲେଖା ଓ

Digitized by srujanika@gmail.com

ବେତାର ବାର୍ତ୍ତା ଦ୍ୱାରା ଦେଶ ବିଦେଶରେ ବେଶ ପ୍ରଭାବ ବିସ୍ତାର କରି ପାରିଛନ୍ତି ।

ରାଜନୀତି ଓ କୂଟନୀତିରେ ମାଦାମ ଶିଆଂଙ୍କର ପ୍ରବେଶ ଯଥେଷ୍ଟ ଅଛି । ଯେତେବେଳେ ଚୀନ ଜାପାନ ସଂଗରେ ଏକୁଟିଆ ଯୁଦ୍ଧ କରୁଥିଲା ସେତେବେଳେ ମାଦାମ ଶିଆଂ ସବୁବେଳେ ତାଙ୍କର ସ୍ୱାମୀଙ୍କୁ ଉପଦେଶ ଦେଉଥିଲେ ରୁଷିଆ ସଂଗରେ ବନ୍ଧୁତା ରଖିବାକୁ, ଯଦିଓ ତାଙ୍କର ସ୍ୱାମୀ ନିଜେ ବ୍ୟକ୍ତିଗତ ଭାବରେ କମ୍ୟୁନିଷ୍ଟ ବିରୁଦ୍ଧ ଭାବାପନ୍ନ ଥିଲେ । ତା ଛଡ଼ା ଆମେରିକା ସହିତ ମଧ୍ୟ ବନ୍ଧୁତା ରଖିବାକୁ ଉପଦେଶ ଦେଉଥିଲେ ସାହାଯ୍ୟ କରୁଥିଲେ ।

ଶାରୀରିକ ଗଠନ ସୌନ୍ଦର୍ଯ୍ୟରେ ମଧ୍ୟ ମାଦାମ ଶିଆଂ ଉଣା ନୁହନ୍ତି । Clare Boothe କହିଛନ୍ତି "She is one of the worlds most beautiful & charming & human woman."

ଚୀନ ଜନ ସାଧାରଣଙ୍କ ଉପରେ ମାଦାମ ଶିଆଂଙ୍କର ପ୍ରଭାବ ଅସାଧାରଣ । ଚୀନବାସୀମାନେ ଜାଣନ୍ତି ଯେ ସେ ମାର୍ଶାଲ ଚିଆଂ ଭଳି ଚୀନ ଗଗନରେ ଚନ୍ଦ୍ର ସୂର୍ଯ୍ୟ ରୂପେ ଦେଦୀପ୍ୟମାନ । ମାଦାମ ଶିଆଂଙ୍କଠାରେ ଏତେ ଗୁଡ଼ିଏ ସଦ୍‌ଗୁଣ ସମନ୍ୱିତ ଯେ ତାଙ୍କୁ ପୃଥିବୀର ଆଜି ସବୁ ଶ୍ରେଷ୍ଠ ନାରୀ ବୋଲି କୁହାଯାଉଛି । ସେ ସମଗ୍ର ନାରୀ ଜାତିର ଆଦର୍ଶ ଓ ନମସ୍ୟ - ଏହି ମହୀୟସୀଙ୍କର ଦୀର୍ଘ ଜୀବନ କାମନା କରି ରହିଲି—ଇତି । ✽

**ଶ୍ରୀମାନ ଲଲାଟେନ୍ଦୁ**

---

✽ଏହି ଜୀବନୀଟି "Illustrated Weekly of India" ରୁ ସଂଗୃହିତ ।

---

## ନୂଆ ନାଗଙ୍କ ନାମ

୪୪୧ । କୁମାର ଗଣେଶ ପ୍ରସାଦ ମହାନ୍ତି ସାଃ ବାଳିଆପାଳ, ପ୍ରାଣକୃଷ୍ଣ ଭବନ P. O. Balikhand, Dt. Balasore. ।୪୪୨। କୁମାରୀ ଚନ୍ଦ୍ରମଣି ଦେବୀ, ସାଃ ବାଳିଆପାଳ ପ୍ରାଣକୃଷ୍ଣ ଭବନ, P. O. Balikhand, Dt. Balasore. ।୪୪୩। ରାଜକୁମାର ଶ୍ରୀ ଶ୍ରୀ ନରସିଂହ ଦେବ, ରାଜେନ୍ଦ୍ର ଭବନ, ନବରଙ୍ଗପୁର, କୋରାପୁଟ (ଆଜୀବନ ସଭ୍ୟ) ୪୪୪ । ଶ୍ରୀ ପରମାନନ୍ଦ ମହାରଣା, ମହାରଣା କୁଟୀର; ପୋ: କେନ୍ଦୁଝରପୁର, ଜି: ମୟୂରଭଞ୍ଜ । ୪୪୫ । କୁମାରୀ କଳିକା ପାଣିଗ୍ରାହୀ ୮ମ ଶ୍ରେଣୀ ରେଭେନ୍ସା ବାଳିକା ବିଦ୍ୟାଳୟ, କଟକ । ୪୪୬ । ଶ୍ରୀ ହରିବନ୍ଧୁ ନାୟକ, ୮ମ ଶ୍ରେଣୀ, ଭଦ୍ରକ ହାଇସ୍କୁଲ, ପୋ: ଭଦ୍ରକ; ଜି: ବାଲେଶ୍ୱର । ୪୪୭ । ଶ୍ରୀ ପରମେଶ୍ୱର ପଣ୍ଡା C/o ନିର୍ମଳ ଚନ୍ଦ୍ର ନାଥ. ସା. ବିଷ୍ଣୁପୁର ବଡ଼ା, ପୋ: ଗୁଜଦରଙ୍ଗା, ଜି: ବାଲେଶ୍ୱର ।

---

ଅଜା, **ନାଗବଳୀ କୁପନ୍**

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗବଳୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସଙ୍ଗେ ବାର୍ଷିକ ଚାନ୍ଦା ୫ ୦ /
ଆଜୀବନ ଚାନ୍ଦା ୫ ୦ ୧ ର ଡାକ ଟିକଟ ପଠାଇଲି ।

ତୁମ ସ୍ନେହର ନାତି/ନାତୁଣୀ

ଶ୍ରୀ ______

ଠିକଣା ______

ତାରିଖ

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସ୍ୱଦେଶୀ

**ଭାରତୀ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ସ୍ୱଳ୍ପ କାଳରେ ମୃତ୍ୟୁ ହେଲେ ସୁଦ୍ଧା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୭ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

## ସୁଦୃଢ଼ତାର ପରିଚୟ—

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୯ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ଛେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସର୍ବତ୍ର ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗାନାଇଜର
ଭଦ୍ରକ ।

Printed & published G. C. Mahapatra at the Gopinath Press Bhadrak.

Digitized by srujanika@gmail.com

୭ମ ବର୍ଷ—

# DAGARO

Utkal's most papular Fortnightly

OF

LIGHT, LEAD & LAUGHTER

୧୯ଶ ସଂଖ୍ୟା

ଫାଲ୍‌ଗୁନ

ପ୍ରଥମାର୍ଦ୍ଧ




ସମ୍ପାଦକ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।

ବାର୍ଷିକ ଦୁଇଟଙ୍କା

ପ୍ରତି ଖଣ୍ଡ ଏକଅଣା

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନକ ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚର୍ମ, ଅଙ୍ଗାଙ୍ଗିକ ଜ୍ୱାଳା ଶରୀରରକ ଅବସାଦ, ମୂତ୍ରବାହକରେ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ଜାଣି ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ । ଭ୍ରାମରୀ ତୈଳ ଏହା ଦେହରେ ମାଲିସ୍ କଲେ ଦେହ ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକ ଶିଶି ୫୧୯ଙ୍କା ମାତ୍ର ୫।୯ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ

ଆଲମଚାନ୍ଦ ବଜାର, କଟକ ।

---

# ଫାନ୍ସି ଲିଭର୍ ହାତକଣ୍ଠା ଘଡ଼ି

## ଦାମ ୫୭୫



ଏହା ଠିକ୍ ସମୟ ରଖେ—ଏହାର କଳକବ୍ଜା ଖୁବ୍ ମଜବୁତ୍ ଓ ବହୁଦିନ ସ୍ଥାୟୀ । ଘଡ଼ିଟିର ଆକୃତି ମଧ୍ୟ ଖୁବ୍ ସୁନ୍ଦର । ୧୫ ବର୍ଷ ସକାଶେ ଗ୍ୟାରେଣ୍ଟି ଦିଆଯାଏ । 'Rayco liver' (ରାଏକୋ ଲିଭର) ଘଡ଼ି ୫୭୫ । ଉତ୍କୃଷ୍ଟ ଧରଣର ଘଡ଼ି ୮୧୨୫ । ସୁନା ଗିଲ୍‌ଟି କରା ଘଡ଼ିର ଦାମ ୮୧୩୮୯ । ୭ଟି ଜୁଏଲ ଯୁକ୍ତ ରୋଲ୍‌ଗୋଲ୍ଡ ଘଡ଼ିର ଦାମ ୫୧୫୫ । ମହିଳାଙ୍କ ସକାଶେ ଲେଡିଜ୍ ୱାଚ ୫୧୭୫ । ଡାକ ଖର୍ଚ୍ଚ ୫୦୧୯ । ଦୁଇଟି ଘଡ଼ି ଏକ ସଙ୍ଗରେ କିଣିଲେ ଡାକ ଖର୍ଚ୍ଚ ପଡ଼େନାହିଁ । ପ୍ରତ୍ୟେକ ଅର୍ଡର ସହ ଗୋଟିଏ ଫାଉଣ୍ଟେନ ପେନ୍ ଓ ଗୋଟିଏ ଡମି ପକେଟ ଘଡ଼ି ବିନା ମୂଲ୍ୟରେ ଉପହାର ଦିଆଯାଏ ।

THE AMERICAN COMMERCIAL STORE.
Post Box No. 12213 Calcutta (D. G.)

---

ସମ୍ପାଦକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।

Digitized by srujanika@gmail.com

# ଡଗର

୬ଷ୍ଠ ବର୍ଷ
୧୯ଶ ସଂଖ୍ୟା
ଫାଲ୍‌ଗୁନ ପ୍ରଥମାର୍ଦ୍ଧ
ତା ୧-୩-୪୩

—ପାକ୍ଷିକ—
ବାର୍ଷିକ—ଟ ୨୲
ପ୍ରତିସଂଖ୍ୟା—୵୦/
ବିଦେଶ—୨ ୩୲


## ହୁକା ହୁକା ହୁଆ

[ ବିଲୁଆ ବିଗୁର ]

ବେଙ୍କ (BANK) ବୋଇଲେ ଟଙ୍କା କଉଡ଼ି କାରବାର କରୁଥିବା ଧନ ଭଣ୍ଡାର ବୋଲି ଆମେ ବୁଝୁଥିଲୁ । ଏବେ BLOOD BANK ବା 'ରକ୍ତ-ଭଣ୍ଡାର' ବୋଲି ଗୋଟାଏ କଥା ବାହାରିଲାଣି । ଏଣିକି ଏ ବେଙ୍କରେ ରକ୍ତ ଜମା ହୋଇ ରହିବ ଓ ସେହି ରକ୍ତର ଦେଣ ନେଣ କାରବାର ଚାଲିବ ।

ଲୋକଙ୍କର ଅଭାବ ପଡ଼ିଲେ ବେଙ୍କରୁ ଧାର ଉଧାର କରନ୍ତି । ଏଣୁ ରକ୍ତ ବେଙ୍କର ନାଆଁ ଶୁଣି ଏ ଦାନା ନ ଅଣ୍ଟୁ ଜଗତରେ ହୁଏତ କେହି କେହି ଖାଇବା ପାଇଁ ବେଙ୍କରୁ ରକ୍ତ କରଜ କରିବା ପାଇଁ ମନ କରି ଥାଉନ୍ତି । ମାତ୍ର କଥାଟା ତାହା ନୁହେଁ । ଯଦି କେବେ ଶତ୍ରୁ ବୋମା ମାଡ଼ରେ ଲୋକେ ଘାଇଲା ହୁଅନ୍ତି, ଓ ତଦ୍ୱାରା ତାଙ୍କର ରକ୍ତାଭାବ ଘଟେ ତେବେ ଏହି ବେଙ୍କରେ ଜମାଥିବା ରକ୍ତରୁ ତାହା ପୂରଣ କରାଯିବ । ଟଙ୍କା ବେଙ୍କରେ ଯେପରି ଧନଶାଳୀ ଲୋକେ ଟଙ୍କା ଜମା ରଖନ୍ତି, ସେହିପରି ରକ୍ତଶାଳୀ ଲୋକେ ଏ ରକ୍ତ ବେଙ୍କରେ ରକ୍ତ ଜମା ଦେବେ । ଅବଶ୍ୟ ଏଠି ସୁଧର ବ୍ୟବସ୍ଥା ନାହିଁ । ନିଃସ୍ୱାର୍ଥ, ସାତ୍ତ୍ୱିକ ଦାନ ଉପରେ ମାମଲତ ଚାଲିବ । ଯେଉଁମାନେ ନେବେ ତାଙ୍କ ଉପରେ ବି ଦେଣ ସୁଝିବାର କୌଣସି ବିଧିଗତ ଦାୟିତ୍ୱ ରହିବ ନାହିଁ ।

ଏପରି ଗୋଟାଏ ବେଙ୍କ ଆମ ଓଡ଼ିଶାରେ ଖୋଲି ଗଲାଣି ବୋଲି ଶୁଣିଲୁ । ସ୍ୱୟଂ ପ୍ରଧାନ ମନ୍ତ୍ରୀ ପାରଳାଧୀଶ୍ୱର ପ୍ରଥମ ରକ୍ତଦାତା ବୋଲି ଜଣା ଯାଇଛି । ଡାକ୍ତର ବନବିହାରୀ ପଟ୍ଟନାୟକଙ୍କୁ ବେଙ୍କର କରା ଯାଇଛି । ସେ ମହାଶୟଙ୍କ ରକ୍ତାଧାର ସୁ-ବିଶାଳ ଥିବାରୁ ଏହି ନିଯୁକ୍ତି ଯେ ସୁବିବେଚନାର କାର୍ଯ୍ୟ ହୋଇଛି ଏଥିରେ ସନ୍ଦେହ ନାହିଁ ।

\+ × +

ଏଇଥିପାଇଁ ବନବାବୁ ଯେଉଁ ବିରାଟ କର୍ମର ଭାର ନେଇଛନ୍ତି ତାହା ସମ୍ୟକ ରୂପେ ଇନ୍ତଜାମ କରିବା ଯେ କେତେଦୂର ବିଷମ ବ୍ୟାପାର ତାହା କହି ହେବ ନାହିଁ ଏବଂ ସେ ନିଜେ ମଧ୍ୟ ଏଥିପାଇଁ ଚିନ୍ତାନ୍ୱିତ ଥିବେ । ଏଣୁ ବନ୍ଧୁ ଭାବରେ ଆମେ ତାଙ୍କୁ କେତୋଟି ସୁପରାମର୍ଶ (advice gratis) ବାଢ଼ିବାକୁ ମନ ବଳାଇଛୁ ।

ପ୍ରଥମ କଥା, ଏ ବ୍ଲଡ଼ ବେଙ୍କରେ ବ୍ଲଡ଼ ଜମା ଦେବାକୁ ଜମାକାରୀ ମିଳିବା ଏ ଦୁର୍ଭିକ୍ଷ ପୀଡ଼ିତ ଓଡ଼ିଶା ମୁଲକରେ ମୁସ୍କିଲ । ଏଥିପାଇଁ ବନବିହାରୀ ବାବୁ ଆଗ କରି ବଛା ବଛା ପ୍ରଥମ ଶ୍ରେଣୀର କେତେ ରକ୍ତଭଣ୍ଡାରୀ ମାନଙ୍କ ଭଣ୍ଡାର tap କରନ୍ତୁ—ଯଥା ଇମାର, ଖଲିକୋଟ, କନିକା, ବ୍ରଜବାବୁ ଓଗେର । ତା'ପରେ ଦ୍ୱିତୀୟ ଶ୍ରେଣୀ । ଶେଷକୁ ସର୍ବସାଧାରଣ । ମାତ୍ର ଗୋଟିଏ ଅସୁବିଧା ଏହି ଯେ ସାଧାରଣ ଲୋକେ କଷ୍ଟ ଅର୍ଜିତ ରକ୍ତର ମାୟା ଛାଡ଼ିବାକୁ ନାରାଜ ହୋଇ ପାରନ୍ତି । ସେଥିପାଇଁ କୌଶଳରେ ସେ କାର୍ଯ୍ୟ ହାସଲ କରିବା ଦରକାର । ଅତଏବ ବନବାବୁ ତାଙ୍କ ଲେବୋରାଟୋରିରେ ଓଡ଼ଶ ଓ ମଶା ଗୁଣ୍ଡ (Culture) କରିବା ଉଚିତ । ଏହିରୂପ ତାଲିମ (trained) ଜୀବଗୁଡ଼ିକୁ ଛାଡ଼ିଦେଲେ ସେମାନେ ନେମାକ୍‌ମ ଭାବରେ ଗ୍ରାମେ ଗ୍ରାମେ ବୁଲି ବାଞ୍ଛିତ ରକ୍ତ ସଂଗ୍ରହ କରି ପାରିବେ ଓ ତାଙ୍କ ବେଙ୍କକୁ ଭରପୂର କରାଇ ଦେବେ । ତାଙ୍କୁ ନିଜେ କଷ୍ଟ କରିବାକୁ ପଡ଼ିବ ନାହିଁ ଓ ପିଟିବାର ଛୁଞ୍ଚିର ଲୋଡ଼ା ହେବନାହିଁ । ସବୁ କାମ ଅଳ୍ପ ଖରଚ ଓ ସୁରଖୁରରେ ସମ୍ପୂର୍ଣ୍ଣ ହୋଇଯିବ ।

× + ×

Digitized by srujanika@gmail.com

ସରକାରଙ୍କ ହିସାବରେ ଦେଶରେ ବହୁତ ଧାନ ଚାଉଳ ମହଜୁତ ଅଛି, ମାତ୍ର ବେପାରୀ ଲୋକେ ସେସବୁ ଲାଭ ଆଶାରେ ଲୁଚାଇ ଜମା ରଖିଥିବାରୁ ଖାଦ୍ୟଶସ୍ୟର ଅଭାବ ଘଟୁଛି, ଏ କାରଣ ସରକାର ପ୍ରସ୍ତାବ କରୁଛନ୍ତି କି ନିଜର ଲୋକ ଲଗାଇ ମଫସଲର ଧାନ ସବୁ ଖରିଦ କରି ନେବେ ଓ ସେହି ଭଣ୍ଡାରରୁ ଖାଉଟିମାନେ ପାଇ ପାରିବେ । ମାତ୍ର ଯେଉଁମାନେ ଜାତୀୟ ପାପ ଅନ୍ୟାୟ କାମରେ ରଖିଛନ୍ତି ସେମାନେ ଯେ ସହଜରେ ସରକାରଙ୍କ ଧାର୍ଯ୍ୟଦାମରେ ମୂଲ ଧାନ ଚାଉଳ ଯୋଗାଇବେ ତାହା ବିଶ୍ୱାସ ହେଉନାହିଁ । ଏଣେ ଦାନା ଗଣ୍ଡାକ ପାଇଁ ଲୋକେ ବାଉଳା ହେଲେ ହେଉଥିବାବେଳେ ସରକାର ଏଭଳି ପତି ଅହିଂସା ନୀତି ଧରିଲେ ଚଳିବ କିପରି ? ତେଣୁ ସରକାର ନିଜରୂପ ଦେଖାଇ ଜରୁରୀ ଅଇନ ବଳରେ ସବୁ ଧାନ ଭଣ୍ଡାର ଜବତ କରି ନିଅନ୍ତୁ ଓ ଜଣପିଛା ଖୋରାକ ପଡ଼ି ଲଗାଣ କରନ୍ତୁ । ଏ ସାଧାରଣ କର୍ମ କରିବା ସକାଶେ ନିଃସ୍ୱାର୍ଥ କର୍ମୀଙ୍କର ଅଭାବ ହେବନାହିଁ । କପଡ଼ା କଟକଣାରେ ଯେପରି ହୋଇଛି, ଧାନ ଚାଉଳ କଟକଣାରେ ମଧ୍ୟ ତାହିଁ କରି ହୋଇ ପାରିବ ଓ ତାହାହେଲେ ଦେଶର ବେକାର ସମସ୍ୟା ବହୁଳ ପରିମାଣରେ ଉପଶମ ହୋଇଯିବ ।

\+ × +

ଓଡିଶା ସରକାରର ପାଠ ମାଳରେ ଯେ କେବଳ ବଡ଼ ପାଠ୍ୟ ସେତିକି ନୁହେଁ, ଯେପରି ଲେଖିବ ସେହିପରି ବୀର (Chivalrous) ପଥ୍ୟ । ଅଟାଳିଭୁବନତା, ବିଶେଷତଃ ଯୁବକ ଯୁବତୀ ଭଲ୍ଲ ମିଶ୍ରୁ କ୍ଷି ପ୍ରିୟି ହେବେ ଯେ ଶୋଭାଦେବୀଙ୍କର ନାରୀ ପ୍ରଗତିର ପରୁପତିଅ ଯେମିତି ହାଉସ୍ଥା ଭିତରେ ଲଳିତ ଘାଟିଣୀ ଝଙ୍କାର ଉଠିବ । ସହରମାନଙ୍କରେ କୁମାରୀମାନଙ୍କ ପାଇଁ ଖାସ ହାଇସ୍କୁଲ ଓ ମାଇନର ସ୍କୁଲମାନ ଖୋଲା ହେଉଛି । ମାତ୍ର ପ୍ରାଇମେରୀ ଶିକ୍ଷା ପାଇଁ ଖାସ ବାଳିକା ସ୍କୁଲ ନ ରହି ବାଳିକାମାନେ ମିଶ୍ରବିଦ୍ୟାଳୟ ମାନଙ୍କରେ ବାଳକମାନଙ୍କ ସହିତ ସହ-ଶିକ୍ଷା ପାଇବାର ବ୍ୟବସ୍ଥା ହେଉଛି । ତେଣେ ଉଚ୍ଚ ଶିକ୍ଷା କଲେଜରେ ସହଶିକ୍ଷାର ପ୍ରଚଳନ ରହିଛି । ତଳେ କପାଳଟି, ଉପରେ କପାଳଟି—କେବଳ ମଝିଟାରେ ଯେ କାହିଁକି ଛଡ଼ାଛଡ଼ି ରହିଲା, ତାର ତାତ୍ପର୍ଯ୍ୟ ବୁଝି ହେଲା ନାହିଁ । ଏଇ ମଝିମଝିକଥା ଭେଦ ନାଁଟା ନ ଉଠାଇବାର ଦୁର୍ବଳତା ରହିଲା କେଉଁଠି ?

× + ×

ଏହା ଭିତରେ ସବୁଠାରୁ ମଧୁର ଓ ମଜାର ରହସ୍ୟ ରହିଛି ଶିକ୍ଷକଙ୍କ ସମ୍ବନ୍ଧରେ । କଥା ହେଲାଣି ଯେ ଯେଉଁସବୁ ମାଇପି ମାଷ୍ଟର ଏଯାଏ ଅଛନ୍ତି ସେମାନେ ସିଧା ଚାଲିଯାଇ ବାଳକ ସ୍କୁଲରେ ରହିବେ ଓ ସେଠାରେ ଥିବା ମିଶିପ ମାଷ୍ଟରଙ୍କ ସହଯୋଗ କରିବେ, ଆଉ ପୁଣି ଯଦି କେଉଁଠି ଖାସ ବାଳିକା ସ୍କୁଲ ରହିଯାଏ, ତେବେ ସେଠି ମାଇପି ମାଷ୍ଟର ନ ରହି ମିଶିପ ମାଷ୍ଟର ରହିବେ । ଏହା କରିବା ଦ୍ୱାରା ଦେଶର ମରଦଙ୍କ ମଧ୍ୟରେ ଥିବା ଭେଦଭାବ ଯେ ଦୂର ହୋଇଯିବ ଏଥିରେ ସନ୍ଦେହ ନାହିଁ ଓ ସ୍ତ୍ରୀ ପୁରୁଷଙ୍କ ଭିତରେ ମାୟା, ମମତା, ସ୍ନେହ, ପ୍ରୀତି ସହୃଦୟତା ବଢ଼ି କ୍ରମେ ମହାଭାରତୀୟ ଐକ୍ୟ ଭାବରେ ପଥ ପରିଷ୍କାର ହୋଇଯିବ । ଆଉ ମଧ୍ୟ ମାଷ୍ଟର ମାଷ୍ଟରଣୀବୃନ୍ଦ ଯେଉଁ ନିଃସଙ୍ଗ ଓ ନୀରସ ଜୀବନ ଅତିବାହିତ କରୁଛନ୍ତି, ତଥି ଉପରେ ପୁଷ୍ପବୃଷ୍ଟି ହୋଇ ତାକୁ ମଧୁମୟ କରିଦେବ । ସାଧୁ, ସାଧୁ !

\+ × ×

---


ଛୁଆଙ୍କ ହାତରେ

ଦେବା ଭଳି ବହି ।

# ସୁନା ଭଉଣୀ

ସମ୍ପାଦକ—ଶ୍ରୀ ଘନଶ୍ୟାମ ମହାନ୍ତି

ମୂଲ୍ୟ—୦୵୦ ଅଣା ।

ପ୍ରାପ୍ତିସ୍ଥାନ:—କଟକ ପବ୍ଲିଶିଂ ହାଉସ୍

ନୟାସଡ଼କ—କଟକ ।


Digitized by srujanika@gmail.com

# କଥାଟିଏ କହୁଁ...

## —ତୃଷ୍ଣା—

ଲେଖକ—ଶ୍ରୀ ଗୁଣାକର ରଞ୍ଜ

କାହାଣୀ

ଫରେଷ୍ଟର ବାବୁ ଯେତେବେଳେ ବୋହୁରେଇ, ତେବେହେଲେହି ସେଇକଥାକୁ ଥର ଥର କରି ବୁଝାଇ ଦେଲେ, ସେତେବେଳେ ନାଇକ ବୁଢ଼ାର ଚିଲ୍ଲ ଅଖିପତା ତଳାଇ ଦୁଇଟୋପା ଲୁହ ଠପ୍ ଠପ୍ କରି ଗଡ଼ି ପଡ଼ିଲା। ସିଝା ପଞ୍ଜରାହାଡ଼ ଚପୁଡ଼ି ହୋଇ, ଶିଥିଳ ଅଙ୍ଗ ପ୍ରତ୍ୟଙ୍ଗର ପ୍ରତ୍ୟେକ ଅଣୁକଣାରେ ଗୋଟାଏ ଉତ୍କଟ ବେଦନା ଖେଳାଇ ଯେପରି ସେ ଦୁଇଟୋପା ପାଣି ଜୋର କରି ବାହାରି ଆସିଲା ବୁଢ଼ାର ନହାତି ଅନିଚ୍ଛା ସତ୍ତ୍ୱେ। କାରଣ—ସେ ଛଳେ ମାତ୍ର ବୁଝିଲା ନାହିଁ, ଛତିଶ ବର୍ଷର ଜୀବନବ୍ୟାପୀ ସାଧନା—ଯଉଁ ସାଧନାରେ ପଡ଼ିଲା କଳଙ୍କ ଏତେ ବଡ଼ କରିଛି......କଣ୍ଠା ହାଡ଼କୁ ଛିଲ ଛିଲ କରି ପଶୁଇଛି......ସବୁ ମାଂସପେଶୀ ସ୍ନାୟୁ ସହିତ ଦନବଛି ନଢ଼ି ତଳକୁ ଓହଳାଇ ଦେଇଛି—କପରି ଏଇ ଦୁଇବନ୍ଦୁ ଲୁଣିଆ ଓ ତତଲା ପାଣି ଦେଇ ବହି ଯାଇପାରେ ? କପରି ତାକୁ ସେ ସହ୍ୟ କରିବ ? ଛେକକୁ ଛେକ ନଥିଁ ପିଣ୍ଡୁଳା ଅଖିରୁ ତା'ର ଖସିବାକୁ ଲାଗିଲା।... ଜୀବନଟା ଗୋଟାଏ ଅନୁଭୂତି—ଲକ୍ଷ ବିସ୍ମାନ ପ୍ରବାହ, ଏହା ସେ ବୁଝି ବୁଝି ପାରିଲା ନାହିଁ।

× × କାହାର ଏତେ ବହପ ରଳ ! କୂଅରୁ ପାଣି ଟେକ ? ବୁଢ଼ାର ହାଡ଼ ବସି ଯାଇଛି—ପଞ୍ଜା ଟାଣି ଟାଣି ଅଣ୍ଟୁଠିଗୁଡ଼ାକରେ ଢିଣ୍ଡି ବସି ଯାଇଛି—ଘରେ, ବାହାରେ ବାଠି, ଲୁଟା କେବେ କେବେ କେହି ଖୋଜ ପାଇବ ନାହିଁ—ବୁଢ଼ା ବଙ୍ଗଳାରେ ଗୋଡ଼ି ଦେଲା ଦିନଠୁ ତୁଚ୍ଛି ଅଣୀ ବସା ବାନ୍ଧିନି ତା ଉପରେ। ବଙ୍ଗଳା ହତାରେ ଗୋଟିଏ କ ଲେଖକଟିଏ ଚରୁଥିବାର ଦେଖିବାନ କେହି, ସେଇଥିପାଇଁ ଟଂଗା ପୂଲରେ ବଙ୍ଗଳା ଗୃହପାଶ ମହକ ଉଠୁଛି ଅଜ—ସାଲକୁ ସାଲ ଭରି ଭରି ଅଯ୍ୟ ବୁଢ଼ା ତୋହନଏ ସାନବାଲୁ ସରକୁ—ବୁଢ଼ା ଅଛି ତ ବଙ୍ଗଳାର ମହତ ଅଛି, ତା ନ ହେଲେ ଏ ଯଉଁ ତାଗା,—କାଠ ଖଣ୍ଡେ ମିଳିବନ ଏଟି—ମହା ମହା ବାବୁ ଅସି କେବଳରେ ଶୁଅନ୍ତି—ବୁଢ଼ା ଅଛି ବୋଲି ସ୍ତା ଓଳ, ତା' ଓଳ ହୋଇ କାଠ ଦୁଇଟା ମାଗି ଯାଏ ଅଣେ ବୋଲି ବଙ୍ଗଳା ଚୁଲିରେ ନଥିଁ ଜଳେ......ଅଭ ଅଜ ତାର ଏ ଦଶା ହେଲା ! + +

× × ଖୁଡ଼ା ଗଟିବ କେତେକାଳ ତଳର କଥା। ଗାଁର ସେ ସବୁ ନାଳିଟା ପରା ତାରି ନୁଥ ବେଳେ ବଳ ସେପାରି ଦେଇ ବନ୍ଧୁଥିଲା; ହୋଇ ଦୂର ପାହାଡ଼ ତଳୁ ହାତୀ ଓହ୍ଲାଇ ଅସୁଥିଲେ ସିଧା ସଳଖ ସେଇ ନାଳ କଡ଼ରେ ତେଜି ଖାଇବା ପାଇଁ। ଗାଁର ପୋଖରୀ ହୁଡ଼ାକୁ ଲଗି ବୁଦା ଜଙ୍ଗଲ ଭିଡ଼ ରହିଥିଲା। ତାକୁ ସବୁ ସେ, ଗାଁର ପଧାନ ବୁଢ଼ାର ବାପା ସହିତ ମିଶି ନିଜ ହାତରେ ସଫା କରିଛି। ଅଜ ସେଟା ସ୍କୁଲର ଖେଳ ପଡ଼ିଆ ହୋଇଛି। + + କଉଦିନ ଭଲି ହାବୁଡ଼ରେ ପଡ଼ିଥିଲା--କଉଦିନ ମହାକାଳ ହାତରୁ ମୁକୁଳି ଅସିଛି......ତା'ର ଆଖି ଆଗରେ ସ୍କୁଲଘର ତିଆରି ହେଲା—ଡାକ୍ତରଖାନା, ଥାନା—ପି, ଡବ୍ଲ୍ୟୁ ବଙ୍ଗଳା—ସବୁ ଏକକାଳେ କଥା ପରି ବୁଢ଼ା ଗୋଟି ଗୋଟି କରି କହିଦିବ......ତାଁର ପଧାନ ବୁଢ଼ାକୁ ମଣିଷ କରିଛି—ହେଡ଼ମାଷ୍ଟ୍ର ଉଚିତ୍ରୁ ମାଡ଼ଗୁଡ଼ାଏ ଦେଇ ଲେଖାପଢ଼ା ଶିଖାଇଛି। ଆମାନା ଅମୃତୋଟାର ବାରପଣ ଗଛ ତାର ହାତର...... ଇମିତି ଗୋଟି ଗୋଟି କରି...... × × ×

ନୂଆ P. W. D. ବଙ୍ଗଳା ତିଆରି ହୋଇଥାଏ। ଇଞ୍ଜିନିୟର ସାହେବ ଇଲାକାରେ ଅସିଥିଲେ। ବଙ୍ଗଳାରେ ଚୌକିଦାର ରଖିବା ପାଇଁ ଲୋକ ପଡ଼ିଲା। ଦେଖିଣି ସୁଅନ୍ ଟୋକା ହରି ନାଏକ ବାହାରି ପଡ଼ିଲା—ବାସ୍ତବରେ ତାକତ୍ ଥିଲା—କଥା କହିବାର ହିମତ୍ ଥିଲା—ଛାତି ଫୁଲାଇ କହିଲା, "ସାବ୍, ମୁଁ ଏ କାମ କରି ପାରିବି।"...ସେ କାମ ସେ କରି ପାରିଲା, ଦିନେ ଅଧେ ନୁହେଁ—ଗଣି ଗଣି ଛତିଶ ବର୍ଷ। ଯାହା ମୁଣ୍ଡରୁ ଗୋଡ଼ଯାଏ ଚମ ତାର ଓହଳି ପଡ଼ିଛି, ଅଖି ବୁଜି ଖଟରେ ହାତ ବୁଲାଇ ଅଣିଲେ ପଞ୍ଜରାଗୁଡ଼ାକ ସୁନ୍ଦର ଗଣି ହେବ—ମୁଣ୍ଡର ବାଳ ପାଚି ପାଉଁଶିଆ ହୋଇ ଯାଇଛି। ତଥାପି ସେଇ ଶୁଖିଲା ହାଡ଼ରେ କମ ବଳ ନ ଥିଲା ତା'ର। ହାତର ଶିରା ଗୁଡ଼ାକ ଫଡ଼ା ଫଡ଼ା ବାହାରିକି ଦିଶୁଥିଲେ ବି ବାଲଟି ବାଲଟି ପାଣି ଟେକି ପାରୁଥିଲା। ନଷ୍ଟର ଭୋଳା ଦୁଇଟା କୋଟରାଗତ ହେଲେ ବି ବଡ଼ବାବୁମାନେ ବଙ୍ଗଳାଝାଡ଼ାରେ ଲିଙ୍କ୍ ଦୁହାଙ୍କ

Digitized by srujanika@gmail.com

ଦ୍ୟୁଝଡ଼ କର ଗଲେ କ ନାହିଁ, ଦେଖି ପାରୁଥିଲା । ବାବୁମାନଙ୍କର ଗାଳି ଶୁଣି ଶୁଣି କାନ ତାର ଅଉଡ଼ା ପଡ଼ି ଯାଇଥିଲା, କର୍ମକ୍ଳାନ୍ତ ଜୀବନର ଗୋଡ଼ ଦୁଇଟା ଅବଶ ହୋଇ ଅବସର ଖୋଜୁଥିଲା । ତଥାପି ସେ ବଡ଼ ହାକିମମାନଙ୍କର ମଟର ଶବ୍ଦ ଅଧମାଇଲ ଦୂରରୁ ବେଶ୍ ଶୁଣି ପାରୁଥିଲା—ଠିକ୍ ସମୟରେ ଦଉଡ଼ି ଯାଇ ଫାଟକ ଖୋଲି ଦେଉଥିଲା, ଅଭ ଗୋଲାମିର ମହତ୍ତ୍ୱ ବଜାୟ ରଖିବା ପାଇଁ, ଉପର ହାକିମଙ୍କର ଚଢ଼ିଲା ମେଜାଜକୁ ଅନ୍ତର ତେଲିଆ କରିଦେବା ପାଇଁ ଗଣ୍ଠି ଓ ଶିରାଯୁକ୍ତ ତାଳିମରା ହାତଟିକୁ ଉଠାଇ କପାଳରେ ଲଗାଇ ପାରୁଥିଲା । ଅଜି ତା' ମୁଣ୍ଡରେ ବଜ୍ର ପଡ଼ିଛି । ଦୀର୍ଘ ଛତିଶ ବର୍ଷର ବିରାଟ ସୌଧ, ଯାହାକୁ ସେ ପ୍ରାଣର ପ୍ରତ୍ୟେକ ଚକ୍ରବନ୍ଦ ଦେଇ ଗଢ଼ିଥିଲା, ଅଜି ସ୍ତୂପୀକୃତ ଭସ୍ମରେ ପରିଣତ ହୋଇଛି । ତା'ର ଯୁଗାନ୍ତ ଇତିହାସ, ଯାହାର ପ୍ରତ୍ୟେକ ପୃଷ୍ଠା ଅପଣାର ଉଷ୍ଣ ଅଶ୍ରୁ ଦ୍ୱାରା ଲିପିବଦ୍ଧ କରିଥିଲା, ପୋଡ଼ି ଛାର ଖାର ହୋଇ ଯାଇଛି !!

+ + +

ଫରେଷ୍ଟରବାବୁ ହାତରୁ ନରବୁଢ଼ା କାଗଜଟିକୁ ନେଇ ବଙ୍ଗଳା ପିଣ୍ଡାରୁ ତଳକୁ ଓହ୍ଲାଇଲା—ପାଞ୍ଚ ଫୁଟ ଦୂରରେ କୁଡ଼ିଆଟା ପାଞ୍ଚ ମାଇଲ ଦୂରରେ ଠିଆ ହେଲା ପରି ଜଣା ପଡ଼ୁଥିଲା ତା'କୁ । ଗୋଡ଼ ତା'ର ଅଜି ଚାଲି ମାନୁନି । ପାଦେ ଅଗେଇଲା ବେଳକୁ ଦୁଇପାଦ ପଛକୁ କିଏ ଯେପରି ତାକୁ ଟାଣି ନେଉଚି । ଦଂଶା, ଅମ୍ବ ଗଛର ପାଚିଲା ପତ୍ର ଗୁଡ଼ାକ ଘୂରା ପବନରେ ଉଡ଼ି ଖେଳି ତାକୁ ବାଟ ଓଗାଳୁ ଥିଲେ । ଫାଟକର ଅମାନିଆ ହୁଗୁଳା କବାଟଟା ଖୋଲିଲା-ବେଳେ ଅଜି ବଡ଼ ଜୋରରେ କେଁ କରି ଉଠିଲା—ଯେପରି ବିଦାୟ ପାଇଁ ଅନୁଶୋଚନାର ଚିହ୍ନ ପ୍ରକାଶ କରି ପକାଇଲା । ସାମନା ପଡ଼ିଆରେ ଛିଣ୍ଡା କାଗଜ ଗୁଡ଼ାକ ତଳୁ ହାଉଆରେ ଉଡ଼ି ଉଡ଼ି ନୀଳ ଅକାଶରେ ମିଶି ଯାଉଥିଲେ—ବୁଢ଼ା ଅଖି କାଢ଼ି ଦେଖୁଥିଲା, ଯେମିତି କିଏ ତା'ର ବିରାଟ ଇତିହାସର ଛିନ୍ନ ପୃଷ୍ଠା ଗୁଡ଼ାକ ଗୋଟି ଗୋଟି କରି ଅତି ନିର୍ଦ୍ଦୟ ଭାବରେ ଉଡ଼ାଇ ଦେଉଚି । ପଛପାଖ ଶିମିଳି ବଣର ବୁଢ଼ା ଫୁଲଗୁଡ଼ାକ ଉଡ଼ ଅସି ନିର ଗୋଡ଼ରେ ପିଟି ହୋଇ ଯାଉଥିଲା—ତାକୁ କଲୁ ମାଲୁମ ହଉଥିଲା ସତେ ଯିମିତି ତା'ର ନିର୍ମିତ ସୌଧରୁ ଇଟାଗୁଡ଼ାକ କାଳର କ୍ରୂର ପୀଡ଼ନରେ ଖସି ଅଜି ତା'ର ଗୋଡ଼ତଳେ ଗୁହାରି କରୁଛନ୍ତି......

ବୁଢ଼ା ନିଜ ପିଣ୍ଡାରେ ଅସି ଗୋଡ଼ଦେଲାକୁ ସାନ ବଡ଼ କରି ପାଞ୍ଚଟା ପ୍ରାଣୀ ଧାଇଁ ଅସିଲେ । ଦୁଆ ପନଶିଟାରେ ବୁଢ଼ୀ ବସି ଶାଗ କାଟୁଥିଲା—ଅଶାଭରା ମୁହଁରେ ଝପଟ ଅସି ଚହଟି ଉଠିଲା, "କି, ଅଜି ଅସିଛ ଦରମା—ଏଥର ଏତେ ଡେରି ହେଲା କିସ ଲାଗି ?" ବୁଢ଼ା ଧୀରେ ଧୀରେ ଶିଥିଳ ହାତଟିକୁ ଅଣ୍ଟାପାଖକୁ ନେଲା; ବୁଢ଼ୀର ଡାହାଣୀଆ ଅଖି ଦୁଇଟା ଅନ୍ଧାର ମେଳା ହୋଇଗଲା—ହବାର କଥା, ଏଟା ନୂଆ କିଛି ନୁହେଁ । ପ୍ରତି ମାସ ପହିଲାରେ ବୁଢ଼ା ଯେତେବେଳେ ବୁଢ଼ା ହାତରୁ ଅଠଟ ମୁଦ୍ରା ନେଇ ଥର ୨ କରି ହାତ ଶଙ୍ଖାରେ ଠନ୍ ୨ କରି ବଜାଏ, କୁଡ଼ିଆଟିରେ ହର୍ଷର ଭୂମିକଂପ ହୁଏ—ଅନନ୍ଦ କୋଳାହଳର ଅଗ୍ନ୍ୟୁତ୍ପାତ ହୁଏ—ଟଙ୍କା ଅଠଟା ଘରେ ତଳେ ବର୍ଷି ହୋଇ ପଡ଼େ । ବୁଢ଼ା ବୁଢ଼ୀ ଦଣ୍ଡେ କାଳ ତା'ର ଉପରକୁ ନିହାରି ଅନାନ୍ତି । ଛୁଅ ପାଞ୍ଚଟା ହାଟରୁ ଉଖୁରା ଉକାନଡ଼ ଖାଇବେ ବୋଲି ବାପା ମା' ଗୁରିପାଖେ ତାଳି ମାରି ନାଚନ୍ତି । ଜଣା ପଡ଼େ ଯିମିତି ସେଇ ଅଠଟା ଗୋଲ ୨ ପଦାର୍ଥ ଉପରେ ଦୁନିଆର ସବୁ ସୁଖ ଉଜାଡ ହୋଇପଡ଼େ ଅସାଢ଼ିଆ ଉଚୁଲା ନଇ ପରି । ସେଥିପାଇଁ ବୁଢ଼ା ଅଣ୍ଟି କଟକ ହାତ ନେଲାରୁ ବୁଢ଼ୀ ମୁହଁରୁ ସେଇ ପୁରୁଣା ହସଟିଏ ବାହାରି ପଡ଼ିଲା । ବୁଢ଼ା ଅଣ୍ଟିରୁ କାଗଜଟି କାଢ଼ି ବୁଢ଼ୀ ହାତକୁ ବଢ଼ାଇ ଦେଲାରୁ ବୁଢ଼ୀ ପୁଣି ଚହକା ଗଳାରେ କହିଲା, "ଏଟା କିସ ? ନୂଟ୍ ନା ପୂଟ୍—ଅଚ୍ଛା ଯୁଧ ଲାଗିଲା......" ବୁଢ଼ୀର ପାଟି ହଠାତ୍ ବନ୍ଦ ହୋଇଗଲା, ଯେତେବେଳେ ଦେଖିଲା ବୁଢ଼ାର ଅଖି ଛଳ ଛଳ ହୋଇ ଅସୁଛି । ବୁଢ଼ାର ପାଟି ଖନ ମାରିଗଲା । ଜିଭଟା ଅଠା ଅଠା ହୋଇଗଲା । ତଣ୍ଟିଟା ଯେପରି କିଏ ଚିପି ଦେଉଚି ଅଗରୁ । ଦଣ୍ଡକ ପରେ ଅତି କଷ୍ଟରେ ବୁଢ଼ାର ପାଟି ମେଲା ହେଲା—"ଫ୍...ଫ୍...ଫ୍ଟ୍ । ମୋତେ ଚାକିରିରୁ କାଢ଼ି ଦିଆ ଯାଇଚି, ମୁଁ ସରକାର କାମରେ ହେଳା କରିଛି; ଉପ୍ରେସର ବାବୁ ମୋ

Digitized by srujanika@gmail.com

ନାମରେ ରିପୋର୍ଟ କରିଥିଲେ । ବଙ୍ଗଳା ମେଲ ଉଣି ଦେଇ ହାଟକୁ ଯାଇଥିଲି ସେଦିନ, ସେଇ ଯେ ଜ୍ୱରରେ ଶୋଇଥିଲି...ସେଇଦିନ । ବଙ୍ଗଳାର ଗୁଡ଼ ଓ ଖାତା ମୋତେ ଶୀଘ୍ର ଓଭରସିୟର ବାବୁ ଙ୍କଠାରେ ଗଛାଇ ଦବାକୁ ହବ । ବଡ ସାହେବର ଏଇ ବାଙ୍ଗ-ରେ ଅଡ଼ର ଅଛି...ଫରେଷ୍ଟର ବାବୁଙ୍କୁ ପଚାରିବାରୁ ପଢ଼ି ବୁଝାଇଦେଲେ ।"

\+ + +

ବର୍ତ୍ତମାନ ପ୍ରଶ୍ନଟାର ସମାଧାନ ହେବ କିପରି ? ଜଣେ ମରୁ ପଛକେ ବାକୀ ଛଅଟା ପ୍ରାଣୀ ଜୀଇବେ କିମିତି ? ଶାଗ ଖରଡ଼ା, ଶୁଖୁଆ ପୋଡ଼ାରେ ଗୋଟିଏ ଯୁଗରୁ ଦିନଟିଏ ବି ଚାଲି ଯାଇନି, ଆଜି ଦେଢ଼ଦିନ ହେଲା ଚୁଲିରୁ ପାଉଁଶ ଅଲଗା ଯାଇଛି । ଜୀବନର ଶେଷ ଅଙ୍କ ନ ସରୁଣୁ ପରଦାର ଦଉଡ଼ିଟା ଅକସ୍ମାତ୍ ଏମିତି ଛିଡ଼ିଯିବ ବୋଲି ସେ କେବେ ହେଲେ ଆଶଙ୍କା କରି ନଥିଲା । ନୂଆ ଦଉଡ଼ି ବଳିବାକୁ ତାର କଣ ବଳ ପାଇବ ଆଉ ! ମନୁଷ୍ୟର ଭବିଷ୍ୟତଟା ଯଦି ଏତେ ଅନିଶ୍ଚିତ କଉ ଅଂଶରେ ସେ ତାର ରକ୍ତ ଟୋପା-ଟୋପା କରି ବଳିଦିଏ । ତେବେ କଣ ତା'ର ପାଞ୍ଚଟା ଲଙ୍ଗଳା ଛୁଆଙ୍କୁ 'ବାବୁ ନିଳିଯାଉ ମୁଠିଏ' କରିବାକୁ ପଠାଇବ ? ଛି, ଛି, ଅତି ନିକୃଷ୍ଟ ଉତ୍ତର; ଏତ୍ତା ବିଷମ ପରୀକ୍ଷାରୁ ସଫଳକାମ ହେବାର ପନ୍ଥା ନାହିଁ । ବୁଢ଼ା ଧଡ଼ପଡ଼ ହୋଇ ଖଟରୁ ଉଠିଗଲା । ଅଙ୍ଗୁଳିର ଶିରଗୁଡ଼ାକ ଫୁଲି ଫୁଲି ଉଠିଲା । "କାହିଁ ଗଲୁ, ଦେ ସେ କୋଦାଳଟା ଆଣି ଦେ..."

ବୁଢ଼ୀ ନରମ ଗଳାରେ ପଚାରିଲା, "କଣ ?"

"ସଡ଼କ କାମ କରିଯିବି, ଜାଣିନୁ ମାଟି ଟେକା ଅଠଅଣା ହେଲାଣି—" ବାହୁର ଶିରାଗୁଡ଼ାକ ଅଧିକ ଫୁଲି ଫୁଲି ଉଠିଲା ବୁଢ଼ାର ।

"ଏଇ ଜରଦେହ...ଜରଦେହ..." ବୁଢ଼ୀ ବୁଢ଼ାର ଝାଳ ପୋଛି ଦେଇ କହିଲା ।

"ତେବେ କଣ ଛୁଆଗୁଡ଼ା ଭୋକରେ ମରିବେ— ଶୁଖିଲା ଚୁଡ଼ା ଆଉ କେଇଦିନ ଖୁଆଇବେ ?"

ବୁଢ଼ୀ ମାନିଲା ନାହିଁ, ଜୋର କରି ବୁଢ଼ାକୁ ଶୁଆଇ ଦେଲା । ମଣିଷ ଜୀଇବ, ଜୀଇବାପାଇଁ ଜନ୍ମିଛି ସେ, ମରିବାପାଇଁ ନୁହେଁ ।

× × ବଡ଼ ସକାଳୁ ବୁଢ଼ୀ ବୋଲା ପିଲଙ୍କୁ ଡାକି କରି ବାହାରି ପଡ଼ିଲା—ଅଠେଇଶ ଚାଟ, ଲମ୍ବା ଜାଲି ସଡ଼କଟା ଉପରେ ଅଣନିଶ୍ୱାସରେ ଝପଟି ଚାଲିଛି ।...ବାବୁ ଅଫିସରେ ବସିଥିବେ, ବୁଢ଼ୀ ଅତି ନମ୍ର ହୋଇ ଗୋଡ଼ତଳେ ପଡ଼ିଗଲା । କହିଲା, "ବାବୁ ଏଇ ଥରକ ମାଫ କର—ଏଇ ଥରକ— ଚାରିଦିନ ହେଲା ଚୁଲି ଜଳିନି..." ନିଶ୍ୱାସ ତାର ବନ୍ଦ ହୋଇ ଆସିଲା—କାଖର ପିଲାଟା ମା ଆଖିରେ ଲୁହ ଦେଖି କେଁ କରି ଉଠିଲା । ଷାଠିଏ ଟଙ୍କା ଦରମା ମୁହଁଟାକୁ ଅଁ କରି ବାବୁ କହିଲେ, "ମୁଁ ଠିକ୍ କରିଛି । ବୁଢ଼ା ଦୋଷ କଲା, ଦଣ୍ଡ ପାଇଲା । ବୁଝିନୁ ପରା ଏଟା ସରକାର ! ଯାଃ ଫେରିଯା—କାମ ହବନି ଆଉ ।" ସତ କଥା ତ—ଏଟା ଯେ ସରକାର । + + + + ବୁଢ଼ୀ ଫେରି ଆସିଲା ନିରାଶାର କୁହେଳିକା ଭିତରେ ଦେଇ । କାନ୍ଦିତ ଆଶା ତାର ଚୂରମାର ହୋଇଗଲା । ବୁଢ଼ା ସବୁ ଶୁଣିଲା—କହିଲା, "ନା ଆଉ ହବନି, ମୋ'ର ଭୁଲ ହୋଇଛି ।"

\+ × +

ବଙ୍ଗଳା ପିଣ୍ଡାରେ ଗୋବର ଗଦା ଗଦା— ପାଟକରୁ ଗୋଟେ ଫାଳ କବାଟ ତଳେ ଖସି ପଡ଼ିଛି— ପଛ ଚାଳରୁ ଗୋଟେ ଗୋଟେ ଏକାବେଳକେ କୁଟା ଟାଣିବାରେ ଲାଗିଛନ୍ତି—ସତେ ତ ଧାଡ଼ ଧାଡ଼ ହୋଇ ...ଘର ଯେ ଫାଙ୍କ ହୋଇଯିବ ! ଅରେ, କେତେକ ସିଙ୍ଗାଣିଆ ଗାଈ — ପଛ ଗୋଡ଼ ଦୁଇଟାରେ ଲମ୍ବେ ଲମ୍ବେ ଠିଆ ହୋଇ କେତେ ଉପରକୁ ଉଞ୍ଚି ଉଠୁଛନ୍ତି । ମଲା, ମଲା—ଟୁଇ ଉପରକୁ ବି ଦେବ ପାଇ ଯାଉଛି କେମନ୍ତେ । ସଇଲି, ସଇଲି... ଅରେ ହେ...ଇଁ...ମୁଁ ଯେ ତାକୁ ବାନ୍ଧି ଦେଇଛି— ଦେଖେଁ... ...ଅରେ ବୁଢ଼ା ତୁ ଏ କ'ଣ କରୁଛୁ ? ଏ ଗାଡ଼ ସାତଟା ଖୋଳିଛୁ କାହିଁକି ? ଅବକେଳ ମଣିଷ ଛଞ୍ଚ ଭଳିଆ । କଣ ପାଗଳ ହେଲୁଣି କିରେ ? ସ୍କୁଲ ଅମ ଘରେ କାମ କରିବୁ; ଖାଇ, ତିନି ପାଞ୍ଚ ଟଙ୍କା ଦେବ ।...ସେ ଛୁଆଗୁଡ଼ାକୁ ଗୋଟି ଗୋଟି କରି ଟେକ ଗାଡ଼ ଭିତରେ ଶୁଆଇ ଦଉଛୁ କାହିଁକି ? ବଦମାସିଆ ଛୁଆଗୁଡ଼ାକ ବି କମିଛି ଇଁ, ଚୁଁ କରୁ ନାହାନ୍ତି ଦେଖ ! ଅରେ ବୁଢ଼ୀକୁ ବି ! ବାଦ ଗୋଟାକରେ ବୁଢ଼ା କଣ ନଜେ ପଶିବ ! ମଲି, ମଲି—ସଭିଙ୍କ

Digitized by srujanika@gmail.com

ଉପରେ ବ'ଠ ଜମା କଲଣି ! ହେଉ, ଦେଲ, ଦେଲ—ନିଅଁ । ଅରେ ଜଳିଗଲାରେ......ପାଣି, ପାଣି—" ଶେଷ ପଦକ ବାବୁ ଜୋର କରି କହି ଉଠିବାରୁ ପୂଝାରିଟୋକା କହିଲା, "କେତେବେଳୁଁ ପାଣି ଦେଇ ସାରିଛି ।" ଧଡ଼ପଡ଼ ହୋଇ ବାବୁ ବିଛଣାରୁ ଉଠି ଫାଟ କରି ଉଠିଲେ, "ମଲ ଯା, କେତେବେଳଯାଏ ଶୋଇପଡ଼ିଲି...ହେଁ, ଅଠଟା ହେଲଣି । ଦେ, ଦେ ସୁ ପାଣି ଶୀଘ୍ର କରିଦେ—ଚଳିବ ଦେଇ...ହେଲା......" ଝଟ୍‌କିନା ଦାନ୍ତ-ଘଷାଟା ସାରି ଦି ଢୋକରେ ସୁ ଚିଅଲ୍ଟାକୁ ଖତମ କରିଦେଲେ । ମୁଣ୍ଡବେଶରୁ ପାଞ୍ଚଖଣ୍ଡ ଦଶଟଙ୍କିଆ ନୋଟ ପକେଟରେ ଗୁଞ୍ଜି ସାଇକେଲ ଧରି ବାହାରି ପଡ଼ିଲେ । ପୂଝାରିଟୋକା ଡରି ଡରି ହୋଇ କହିଲା, "କେତେବେଳେ ଫେରିବେ ବାବୁ...ସେଇ ଝୋଟିଆ ମୁର୍ଗୀଟା......" ଚିଅନ କାନ ଅଙ୍କି ଅଙ୍କି କହିଲା, "ଚିଟପଟା ଧରି ଦିବନା ସାଙ୍ଗରେ ?" ମଗନଲାଲ ଠିକାଦାର ବଡ଼ସବାବୁ ଅସି ଜଗିଥିଲା......ଗଳା ଚିପି ଚିପି କହିଲା, "ତବ୍ ୟେ ବାବୁ ହାମର ମାପ୍ ଅଜ୍ ନେହିଁ କରେଙ୍ଗେ ?" ବାବୁ ସେତେବେଳକୁ ଫାଟକ ଖୋଲି ରାସ୍ତା ଉପରେ ହାଜର ହୋଇ ସାଇଥିଲେ ।

ଏବା ନଖାସରେ ସାଇକେଲ ଛୁଟୁଛନ୍ତି । ସଡ଼କ ପ୍ରତି ଲକ୍ଷ ନାହିଁ । ସାତଟା ବୁଭୁକ୍ଷୁ ପ୍ରାଣୀର ଅସହ୍ୟ ଯନ୍ତ୍ରଣା ଅଖି ଆଗରେ ତାଙ୍କର ଦେଖା ହେବାକୁ ଲାଗିଲା ଭିନ୍ନ ଭିନ୍ନ ରୂପ ଦେଇ । ଦୁଃଖୀର ସେଇ କାତର ଚାହାଣୀ, କ୍ଷୁଧାତୁର ବାଳକଟିର କରୁଣ ଆର୍ତ୍ତନାଦର ଛବି ସୂର୍ଯ୍ୟକିରଣ ପ୍ରତିଫଳିତ ମରିଚିକା ଦେହରେ ପ୍ରତିବିମ୍ବିତ ହେବାକୁ ଲାଗିଲା ।......... ସଚିବାଳୟ ଟାଣୁଆ ଖରାଟା ବଡ଼ ଜୋରରେ ଚିଡ଼ି-ଥାଏ । ବାବୁ ଟୋଟାମତେ ଝାଳରେ ବୁଡ଼ି ଗଲେଣି.. ବଡ଼ ଶୋଷ ମାଡ଼ିଲା—ତୃଷ୍ଣାକୁ ବାବୁ ସେତେବେଳେ ମାଛିବାଟିଆ ନାଳ କଟକ ପହଞ୍ଚି ଯାଇଥିଲେ । ପୋଲର ପକା ବାଡ଼ରେ ସାଇକେଲଟାକୁ ଡେରି ଦେଇ ତରବରରେ ତଳକୁ ଗଲେ ଅମୂଚନ୍ଦ୍ର ନଇ ଅରପାର ଧୋବ ଫରଫର ବାଲି ଉପରେ ଦେଖିଲେ ଲୋକଟିଏ ଶୋଇଛି । ଏତେବେଳେ ଖରାରେ...ଅରେ— ଏ ଯେ ନଟବୁଢ଼ା ! ପାଖକୁ ଦଉଡ଼ିଯାଇ ବାବୁ ଡାକିଲେ । ବୁଢ଼ା ଶୁଣିଲା ନାହିଁ, କାରଣ ସେ ସେଠି ସବୁଦିନପାଇଁ ଶୋଇ ପଡ଼ିଥିଲା । ହାତଟିଏ ହାତରେ ବଙ୍ଗଳା ଖାତାଟାକୁ ଜାବୁଡ଼ି ଧରିଛି—ଅନ୍ୟ ହାତ ମୁଠାଟି ବାବୁ ଖୋଲି ଦେଖିଲେ ଗୁଡ଼ ପୁଳାଏ । ବୁଢ଼ାକୁ ବୋଧେ ଶୋଷ ମାଡ଼ିବାରୁ ତଳକୁ ଓହ୍ଲାଇ ଅସିଥିଲା.........।

—*—


# ମରମ

କବି—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ନବ ଯୁଗର ନବୀନ ଉଚ୍ଛ୍ୱାସ

ପଢ଼ିଲେ ମୁଗ୍ଧ ହେବେ

ମୂଲ୍ୟ:—ଟ ୦୵ ଅଣା

# ଚିଡ଼ିଆଖାନା

ରଙ୍ଗିନ ଛବି ଓ କୌତୁକିଆ ଗୀତରେ ଭି

ପିଲାଏ ପାଇଲେ ନାଚିପିବେ ।

ମୂଲ୍ୟ—ଟ ୦।/

# ସୁନାମୁଁଆ

ପିଲାଙ୍କ ହାତରେ ଦେବା ପାଇଁ ଅତି

ସୁନ୍ଦର ଗୀତ ବହି ।

ମୂଲ୍ୟ—ଟ ୦୵ ଅଣା

# କୁମାରୀ

ସୁନ୍ଦର ଛବି ଓ ମଧୁର ଗୀତ ବହି

ଝିଅ ହାତରେ ଦିଅନ୍ତୁ

ମୂଲ୍ୟ—ଟ ୦୵ ଅଣା


Digitized by srujanika@gmail.com

ସଜନା ଗଛ ମୂଳେ

ନୂଆ କବିତା——

## —ପ୍ରିୟାର ପ୍ରସ୍ତାବ—

ଲେଖକ—ଶ୍ରୀ ଅନୁକୂଳଚନ୍ଦ୍ର ନାୟକ

ଯାଉଛି ଶେଷେ ଅଷାଢ଼ ମାସ ଆସନ ପାଲି ବସିବା ଦୁହେଁ,
ଝୁଲୁର ଧାରେ ଜଡ଼ାଇ ଧରି ଘାଲିବା ତୁମ ତୁମରି ମୁହେଁ;
ଭଣିବି ତହୁଁ ଏ ଗାଲ ଦେଇ,
“ଏ ତହିଁ ଦିଅ ଚୁମ୍ବ ଲେଖି”
ଚୁମ ଖେଳାଇ ବନ୍ଧୁ ମେଲାଇ ଧରିବ ତୁମେ, ପଡ଼ିବି ମୁଁ ହେ !
ଅଧର ମେଲି ବସିବା ଦୁହେଁ ।

ବରଷା ଝଡ଼ି ଆସିବ ମାଡ଼ି ଗରଜି ବାୟୁ ବହିବ ଜୋରେ,
ପୃଥ୍ୱୀ ସବୁ ଉଲଟି ଯିବ ପାଲଟି ଯିବ ବତାସ ଘୋରେ;
ଝରକା ବାଟେ ଛୁଟିବ ପାଣି,
ଝଟକ ଦେବ ସେ ବିଜୁଳି ରାଣୀ;
“ଜଳା କବାଟି ଲଗାଇ ଦିଅ” ଚମକି ଯାଇ କହିବ ମୋତେ,
ତୋର ପଦ ବନ୍ଧିବ ଜୋରେ ।

ବରଷା ପରେ ଶରଦ ଘରେ ଦେଖିବି ବନ୍ଧୁ ଶୁଣିବ ସୁତେଣ,
ବୁଝେଇ ଦେବ ବତେଇ ଦେବ ଚେପିଛ ସବୁ ମନରେ ଭୃଙ୍ଗ;
ପଢ଼ା ସରିଲେ କହିବି, “ଆଉ,
କହେ ଏବେ ଦିଅ ବୁଝାଇ”
ପ୍ରଣୟ ଲେଖେ ହାଲୁଇ ବେଣୀ ମନରେ ବଣା ଭିଡ଼ିବ ମୁଣେ,
ସରୋଜନେ ଶୁଣିବ ସୁରେଣ ।

ହରଷ ଭରେ ହସି ଉଠିବ ଗୋଲାପ ଫୁଲ ନୀରବ ଝାଡ଼ି,
କଳା ଜଉଁରେ ଝାଳିବ ପାଣେ ଅଡ଼ ନୟନେ ଅଲୁଲେ ଠାରି;
ନାହିଁ ଶୁଣିଲେ କହିବ ଯାଇ,
“ଶୁଣ ତ ଟିକେ, ଅପନା ଭାଇ,
ତୁମ ଅସନ ଲାଗି ମୁଁ ଦେଖ ରଖିଛି ଏ ମୋ କୋଳ ସଜାଡ଼ି,
ଗୁନ୍ଥିଛି ପଥ ପ୍ରଣୟ କାଢ଼ି ।”

Digitized by srujanika@gmail.com

ହସ୍ତାକ୍ଷର ଖାତାର ପତ୍ରେ ଲେଖିବ ଲେଖା ମୁକ୍ତାପର,
ଜାଣିନ ନାହିଁ ଯାହା ମୁଁ ଭଲ ଲେଖାଇ ଦେବ ହାତ ମୋ ଧର;
ସକଳେ ଲେଖା ଛପାଳେ ତୁମ,
ଜାଗିବ ଏକ କଳମ ମୁନ;
ପରମ ତୋଷେ ଗୁହାଁବ ତୁମେ, ଗୁହାଁବ ମୁହିଁ ସରମ ଭର,
ଲେଖା ମୋ ଦେଖି ମୁକ୍ତାପର ।

ଉଠିବ ଭରୁ ବେଗେ ଘର ବିବାହ ବେଳ ସମସ୍ତ ଜାଣି,
ଘରର ଝିଅ ପର ପୁଅକୁ ଆପଣା କର ନେବ ଯେ ଟାଣି;
"ସୁନ୍ଦର ହେ ତୁମର ହେବି,
ଭାଟିବ ଧନ ତୁମକୁ ସେବି ।"
ତରୁଣୀ ବାଣୀ ଶୁଣି ତରୁଣ କହିବ, "ତୁମେ ହେଲ ମୋ ରାଣୀ ।"
ବିବାହ ବେଳ ସମସ୍ତ ଜାଣି ।

ଅଙ୍କ ପାଠ ଚକ୍ଷୁଣୀ ମୁଁ କହିବ ତହିଁ କହିବ ଜଡ଼,
ସକଳ ଯେବେ ଲେଖା ଓ ପଢ଼ା ବସିବା ଧର ସିଲଟ, ଖଡ଼ି ।
କହିବ, "ଭାଇ, ଶରଧା ବଢ଼ି,
ହେଜିଛି ହେବ ଧାଉଁନା କହି ।"
ଶିଖି ସାରି ମୁଁ କ୍ଲାନ୍ତ ସମ ତୁମର କୋଳେ ପଡ଼ିବି ଢଳି,
କହିବ ତହିଁ କହିବି ଜଡ଼ ।

ସଜାଡ଼ି ଦେବ ବେଣୀ ମୋ ତହୁଁ ଅପନ ଠେଲି ଉଠିବା ବୁହେଁ,
ଚୁଳୁର ଧାରେ ଜଡ଼ାଇ ଧର ଚାଳିବି ଚୂମ ତୁମର ମୁହେଁ ।
କହିବ ତହୁଁ ମୋ ଗାଲ ଠେକା,
"ଏ ତହିଁ ଦାଉ ଚୁମଟି ଲେଖି ।"
ହଲଇ ବେଣୀ ଚେହଲା'ଇ କେତେ ମୁଲମି ହାସ ହସିବ ମୁଁ ହେ,
ଯେ ଯାହା ପଥେ ଚଳିବା ବୁହେଁ ।

Digitized by srujanika@gmail.com

# କାଳିଆ ବଳଦ ଗଳ୍ପ ଗଳ୍ପ

ତୁହୁକରୁ

ପ୍ରେମଚନ୍ଦ୍ରବାବୁ ଜୀବନବୀମା ଏଜେଣ୍ଟ। ଦିନେ ସେ ଗୋଟାଏ ଇନ୍‌ସିଓର କେସ୍ ପାଇ ଘରକୁ ଧାଇଁ ୨ ଆସି ଅତି ବ୍ୟସ୍ତରେ କାଗଜ ପତ୍ର ଘାଣ୍ଟିବାକୁ ଲାଗିଲେ। ତାହା ଦେଖି ତାଙ୍କ ଘରଣୀ ପଚାରିଲେ— "ହଇହୋ, ତମେ ଇମିତି ପାଗଳ ପରିକା କଣ ଦରାଣ୍ଡୁଛ କି?"

ପ୍ରେମ—ଏଇ ଗୋଟାଏ କେସ୍ ପାଇଛି ଆଜି। ମସ୍ତ ବଡ଼ କେସ୍।

ସ୍ତ୍ରୀ—ତେବେ ତ ଭଲ କଥା, ଇମିତି ହଉଚ କାହିଁକି?

ପ୍ରେମ—କଣକି—ଯଉଁ କମ୍ପାନୀର ଏଜେଣ୍ଟ ମୁଁ, ସେ କମ୍ପାନୀର ନାଆଁଟା ଆଉ ଠିକଣାଟା ଭୁଲି ଯାଇଚି।

× + ×

ଦିନେ ଅନ୍ଧାର ରାତିରେ ଜଣେ ଲୋକ ଆଉ ଜଣକୁ ଗଡ଼େଇ ପଡ଼େଇ ମାଡ଼ ଦଉଥାଏ, ଆଉ ମାଡ଼ ଖାଉଥିବା ଲୋକଟି ହାଉଳି ମାଉଳି ହେଉଥାଏ। ଏତିକିବେଳେ ସେବାଟେ ଦେଇ ଫାରୁମିଆଁ ଯାଉଥିଲେ। ଏହା ଦେଖି ମିଆଁ ସାହେବ ଧାଇଁ ଯାଇ ମାରୁଥିବା ଲୋକଟା ପିଠିରେ ଦୁଇ ବିଧା କସି ଧକା ମାରି ତାକୁ ବାହାର କରିଦେଲେ। ତହୁଁ ଅଉ ଲୋକଟି ଝାଡ଼ି ଝୁଡ଼ି ହୋଇ ଉଠି କହିଲା, "ସଲାମ୍ ମିଆଁ ସାହେବ। ଆପଣ ଆଜି ମୋ ଜୀବନ ରକ୍ଷା କଲେ। ଆପଣଙ୍କୁ ସହସ୍ର ଧନ୍ୟବାଦ।"

ମିଆଁ—ଧନ୍ୟବାଦର ଦରକାର ନାହିଁ। ଅତ୍ୟାଚାରିତ ଦୁର୍ବଳକୁ ସାହାଯ୍ୟ କରିବା ମନୁଷ୍ୟର କର୍ତ୍ତବ୍ୟ।

ଲୋକ—ତେବେ ମୁଁ ଅଉ ଲୋକଟାର ପକେଟ କାଟି ଯଉଁ ଦଶଟଙ୍କିଆ ନୋଟ ଖଣ୍ଡେ ପାଇଛି, ସେଥିରେ ଆପଣଙ୍କର ଅଧେ ଭାଗ ପାଉଛି।

+ + ×

ବାନାମ୍ବରବାବୁ—ଗୋକୁଳାନନ୍ଦ ବାବୁ, ତମ ବିପଦରେ ମୁଁ ମୋର ସହାନୁଭୂତି ଜଣାଉଛି।

ଗୋକୁଳାନନ୍ଦବାବୁ—ତମ କଥା ତ ମୁଁ କିଛି ବୁଝି ପାରୁନାହିଁ।

ବାନାମ୍ବରବାବୁ—ଜାଣିନାହଁ ପରା! ମୋ ସ୍ତ୍ରୀ ଖଣ୍ଡେ ନୂଆ ଫେସନର ଶାଢ଼ୀ କିଣିଛନ୍ତି; ଆଜି ତାକୁ ପିନ୍ଧି ସେ ଆଜି ସନ୍ଧ୍ୟାବେଳେ ତମ ଘରଆଡ଼େ ବୁଲି-ବାକୁ ଯିବେ।

+ + +

ପଦୁବାବୁ—କିରେ ତୁ କାହିଁକି ହସୁଥିଲୁ କି ମୋ ଆଡ଼କୁ ଚାହିଁ?

ପିଲା ଚାକର—କେତେବେଳେ ହଜୁର?

ବାବୁ—ଯେତେବେଳେ ହରିବାବୁ ଆଉ ମୁଁ ଏକାଠି ବସି କଥାଭାଷା ହଉଥିଲୁଁ।

ପିଲା ଚାକର—ମୁଁ ତ ଆପଣଙ୍କୁ ହସିନାହିଁ— ସେ ବାବୁଙ୍କୁ ହସୁଥିଲି।

ବାବୁ—କାହିଁକି?

ପିଲା—କଣକି, ସେ ଠିକ୍ ଆପଣଙ୍କ ଭଳିଆ ଖଣେଇ ଖଣେଇ କଥା କହନ୍ତି।

Digitized by srujanika@gmail.com

# ନାଗବନ୍ଧୁ

ଉଦ୍ଦେଶ୍ୟ— ( ୧୮ ବର୍ଷରୁ ୮ଣା ବାଳକ ବାଳିକାମାନଙ୍କ ପାଇଁ )

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଦେହମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ( ୩ ) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ( ୪ ) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

## କବି ଲଂଫେଲୋ ।

ପ୍ରିୟ ନାଗ ଭାଇ ଓ ଭଉଣିମାନେ !

ଆଜକୁ ଶହେ ପଚିଶି ବର୍ଷ ତଳର କଥା । ସୁଦୂର ଆମେରିକା ଯୁକ୍ତ ରାଷ୍ଟ୍ରର ପୋର୍ଟଲଣ୍ଡ ସହରରେ କବି ଲଂଫେଲୋ ଏକ ଶୁଭ ମୁହୂର୍ତ୍ତରେ ଜନ୍ମଗ୍ରହଣ କରି ଥିଲେ । ତାଙ୍କର ପୁରାନାମ "ହେନ୍‌ରି ୱାର୍ଡ୍‌ସୱାର୍ଥ ଲଂଫେଲୋ" ତାଙ୍କର ପିତା ଥିଲେ ଜଣେ ସୁଦକ୍ଷ ଓକିଲ । ପୋର୍ଟଲଣ୍ଡ ଏକାଡେମିର ପଢ଼ା ଶେଷ କରି ହେନ୍‌ରି ବୋଡ଼ୁଇନ୍ କଲେଜରେ ଭର୍ତ୍ତି ହେଲେ । ଛାତ୍ର ହିସାବରେ ତାଙ୍କର ସୁଖ୍ୟାତି ଲୋକ ମୁହଁରେ ଶୁଣାଗଲା । ଓକିଲ୍ ପିତା ପୁତ୍ରର ଭବିଷ୍ୟ ଉନ୍ନତି କାମନା କରି ଆଶାର କୁସୁମଚୟନ କରିବାକୁ ଲାଗିଲେ । ତାଙ୍କର ଇଚ୍ଛା, ହେନ୍‌ରି ତାଙ୍କରି ପରି ଜଣେ ଓକିଲ ହୋଇ ଦୁନିଆରେ ତାଙ୍କର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବ । କିନ୍ତୁ ତାଙ୍କର ଏ ଆଶା ଫେଲ ହେଲା । ହେନ୍‌ରି ସଂପୂର୍ଣ୍ଣ ନାରାଜ ସେ ଓକିଲ ହେବେ ନାହିଁ । ହେନ୍‌ରି ଧିରେ ତାଙ୍କର ପିତାଙ୍କୁ ଚିଠି ଲେଖି କହିଲେ—ପିତା, "ମୋତେ ସେ ପୋଷାକ ସାଜିବ ନାହିଁ ।" Father I do not imagine that such a coat would suit me.

ଯାହା ହେଉ, ପାଶ କରି ସାରିଲା ପରେ ଲଂଫେଲୋ ଦୀର୍ଘ ଚାରିବର୍ଷଧରି ନିଜର ସହିଷ୍ଣୁତା ଓ ଅଧ୍ୟବସାୟ ଦ୍ୱାରା ଇଉରୋପର ନାନା ସ୍ଥାନରେ ରହି ବିଦ୍ୟା ଅର୍ଜନ କରି ସନ ୧୮୩୦ ସାଲରେ ବୋଡ଼ୁଇନ୍ କଲେଜର ଅଧ୍ୟାପକ ପଦରେ ନିଯୁକ୍ତ ହେଲେ । ତା' ପରେ ତାଙ୍କର ଶାନ୍ତ, ସରଳ, ନିରୁଦ୍ବେଗ କବି ଜୀବନ ଆରମ୍ଭ ହୁଏ । ପ୍ରଥମେ ତାଙ୍କର ଗୋଟିଏ କବିତା ପୋର୍ଟଲଣ୍ଡ ଗେଜେଟରେ ପ୍ରକାଶିତ ହୁଏ । କବିତାର ନିମ୍ନରେ କେବଳ ଲେଖାଥିଲା 'ହେନ୍‌ରି' ପୁରା ନାମ ବି ନୁହେଁ ।

କିଶୋର କବି ହେନ୍‌ରି ଆନନ୍ଦରେ ଅଧୀର ହୋଇ କବିତାର ପଂକ୍ତି ଗୁଡ଼ିକ ବାର ବାର ପଢ଼ିବାକୁ ଲାଗିଲେ । ସେ ମନେ ମନେ ଭାବିଲେ ପୃଥିବୀର ଶ୍ରେଷ୍ଠ କବିମାନଙ୍କ ମଧ୍ୟରେ ତାଙ୍କରି ଆସନ ଥିଆ । କିନ୍ତୁ ତାଙ୍କର ଏ ସୁଖ ସ୍ୱପ୍ନ ଅଳ୍ପ କ୍ଷଣ ସ୍ଥାୟୀ ହେଲା । ଦିନେରେ ହେନ୍‌ରିଙ୍କ ବାସସ୍ଥାନ ନିକଟସ୍ଥ ଅନ୍ୟ ଜଣେ ପଡ଼ୋଶୀ ଘରେ ଦୁଇଜଣ ଲୋକ ପରସ୍ପରରେ ତାଙ୍କର କବିତା ବିଷୟରେ କଥା ବାର୍ତ୍ତା ହେଉ ଥିବାର ହେନ୍‌ରି ଶୁଣିବାକୁ ପାଇଲେ । ଆଜିର ଗେଜେଟରେ ଯେଉଁ କବିତାଟି ପ୍ରକାଶ ପାଇଛି ତାହା ବଡ଼ ବାଜେ ଓ ଅସୁନ୍ଦର । କିନ୍ତୁ ସମ୍ପୂର୍ଣ୍ଣ ଚୋରି କରାହୋଇଛି ।

ଏଥିରେ ଲଂଫେଲୋଙ୍କ ପ୍ରାଣରେ ଧକ୍କା ଲାଗିଲା । ସେ ଗୃହ ଛାଡ଼ି ଚାଲି ଗଲେ; ଦୂରରେ ସେହି ସୀମାହୀନ ସମୁଦ୍ର ତୀରକୁ । ହୃଦୟ ତାଙ୍କର ଚିର ଆନନ୍ଦ ସଙ୍ଗୀତରେ ଭରି । ତା' ପରେ ଧୀରେ ଧୀରେ ତାଙ୍କର ଚିନ୍ତା ଦୃଢ଼ିକା

Digitized by srujanika@gmail.com

ପ୍ରକାଶିତ ହୁଏ । ଯଥା—Voice of the night, Hyperion, Poems on slavery, Hiawatha, Ballads and Poems In the Harbour. ପ୍ରଭୃତି ।

ଇଉରୋପର ଗୃହରେ କେ ଲଂଫେଲୋଙ୍କର ଖ୍ୟାତି ବହୁବ୍ୟାପ୍ତ ହେବାକୁ ଲାଗିଲା । ତେବେ ଂରେଜ ଲେଖକ "ଗ୍ରୀଲସ ଡ଼ିକେନ୍ସଙ୍କ ଂରେ ତାଙ୍କର କେନ୍ଦ୍ର ହୁଏ ଓ ଦେଶର ଦିଗରୁ ତାଙ୍କର ପ୍ରଶଂସା ଏବଂ ପ୍ରଖ୍ୟାତ ସୂଚକ ଉପହାରମାନ ଆସିଲା । ଖାଲି ଏତିକି ନୁହେଁ, କବି ଲଂଫେଲୋ ଶିଶୁମାନଙ୍କ ପ୍ରାଣରେ ଆନନ୍ଦ ଜଗାଇବା ପାଇଁ ଅନେକ ଲେଖା ମଧ୍ୟ ଲେଖି ଯାଇଛନ୍ତି । Tales of wayside inn, The wreck of the Schooner Hesperus, Pegasus in Pound, The three kings, The Childernis hour. ଏବଂ ଏହି ପରି ଅନ୍ୟାନ୍ୟ ଅନେକ ଉପାଦେୟ ପୁସ୍ତକ ମଧ୍ୟ । ଏଥିପାଇଁ ସେ "ଶିଶୁ କବି" (Childrerns poet) ହିସାବରେ ଦେଶ ବାସୀଙ୍କ ଠାରୁ ଗୋଟିଏ ସୁନ୍ଦର ଚେୟାର ( Chair ) ପୁରସ୍କୃତ ହୋଇଥିଲେ ।

ଏ ଚେୟାରଟିର ବିଶେଷତ୍ୱ ଏହିଯେ କବି ତାଙ୍କର "Village Black smith" କବିତାଟି ଯେଉଁ ବାଦାମ ଗଛମୂଳେ ରଚନା କରିଥିଲେ, ସେହି ବାଦାମ ଗଛ ଦ୍ୱାରା ଏ ଚେୟାରଟି ରଚିତ । ତେଣୁ ଏହା କବିଙ୍କ ପକ୍ଷେ ବଡ଼ ଆନନ୍ଦ ଦାୟକ ହୋଇଥିଲା । ସୁତରାଂ କବି ଲଂଫେଲୋଙ୍କର ଯେଉଁ ସମସ୍ତ କବିତା ଆମେରିକାର ଜାତୀୟ ସାହିତ୍ୟ ଗର୍ବ ଓ ତଥା ବହୁ ଆକାର ରେ ପ୍ରକାଶିତ ହୋଇଛି, ତାହା ଗରିବ ଦେଶବାସୀ ତଥା କୃଷି ମଜୁରିଆଙ୍କ ପ୍ରାଣରେ ଗଭୀର ରେଖା ପାତ କରିଛି । ତେଣୁ ଲଂଫେଲୋଙ୍କର ଆଜନ ଆଜି ସେହି କୃଷି ମଜୁରିଆଙ୍କ ପାଖରେ ବହୁତ ଉଚ୍ଚସ୍ଥାନ ଅଧିକାର କରି ପାରିଛି ।

ପ୍ରବାଦ ଅଛି, କବି ଲଂଫେଲୋ ଏକଦା ଗୋଟିଏ ସୁସଜ୍ଜିତ ଘୋଡା ଗାଡ଼ିଦ୍ୱାରା ଲଣ୍ଡନର ରାଜ ପଥରେ କୌଣସି ସ୍ଥାନକୁ ଯାଉଥିଲେ । ହଠାତ୍ ତାଙ୍କର ସମ୍ମୁଖରେ ଜଣେ ମଜୁରିଆ ଆସି ବିନୟରେ ପ୍ରଶ୍ନ କଲା । ଆପଣ କଣ "The psalm of life" ର କବି ? କବି ଲଂଫେଲୋ ଇଙ୍ଗିତ୍ ହସି ମୁଣ୍ଡ ହଲାଇଲେ । ମଜୁରିଆଟି ସଙ୍କୋଚରେ ତାଙ୍କ ଆଡ଼କୁ ହାତ ବଢ଼ାଇ କହିଲେ— ଆପଣଙ୍କ ସଙ୍ଗରେ କରମର୍ଦ୍ଦନର ସୌଭାଗ୍ୟ ମୋର ଜୁଟିବକି ? ଲଂଫେଲୋ ସାଦରେ ନିଜ ହାତଟିକୁ ଶ୍ରମିକ ହାତ ପାଖକୁ ବଢ଼ାଇ ଦେଲେ । ସେହି ଦିନଠାରୁ ଲଂଫେଲୋ ନିଜକୁ ନିଜେ "ମୁଁ ଧନ୍ୟ" ମନେ କଲେ ଅନ୍ତ ଭକ୍ତ ମଜୁରିଆ ମଧ୍ୟ ।

ତା ହେଲେ ଏଥିରୁ ସ୍ପଷ୍ଟ ଜଣା ପଡ଼େ କବି ଲଂଫେଲୋ କେତେଦୂର ଲୋକ ପ୍ରିୟ ଓ ଉଦାର ହୃଦୟ ଲୋକ ଥିଲେ । ୧୮୮୨ ସାଲ ମାର୍ଚ୍ଚ ମାସ ତା ୨୦ ରେ ମାର୍କିନ କବି ଲଂଫେଲୋ ଇହଲୀଳା ସାଙ୍ଗ କଲେ । ତାଙ୍କର ମୃତ୍ୟୁ କାଳୀନ ବୟସ ପଚସ୍ତୋର ( ୭୫ ) ବର୍ଷ ହୋଇଥିଲା ।

ଓଏଷ୍ଟ ମିନଷ୍ଟର ଏବିର "କବି ବିଶ୍ରାମ" ନାମକ ଗୃହରେ ଅଦ୍ୟାପି ତାଙ୍କର ସୁନ୍ଦର ମର୍ମର ମୂର୍ତ୍ତି ବିରାଜୁଛି । ଇତି ।

ଶ୍ରୀ ନରସିଂହ ଚନ୍ଦ୍ର ଦାସ ନଂ ୩୨୭

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିଃ

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼

**ଭାରତୀ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ ସୁଦ୍ଧା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୭ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରୁଛି ।

### ସୁଦୃଢ଼ତାର ପରିଚୟ—

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୧ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ଛେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସର୍ବତ୍ର ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗେନାଇଜର
ଭଦ୍ରକ ।

Printed & published G. C. Mahapatra at the Gopinath Press Bhadrak.

Digitized by srujanika@gmail.com

୬ଷ୍ଠ ବର୍ଷ—
ଫାଲ୍‌ଗୁନ

DAGARO
Utkal's most papular Fortnightly
OF
LIGHT, LEAD & LAUGHTER

୨୦ଶ ସଂଖ୍ୟା
ଦ୍ୱିତୀୟାର୍ଦ୍ଧ




ସମ୍ପାଦକ
ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।

ବାର୍ଷିକ ଦୁଇଟଙ୍କା
ପ୍ରତି ଖଣ୍ଡ ଏକଅଣା

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚର୍ମ, ଚମଗୋଡ଼ା ଜ୍ୱାଳା ଶାରୀରିକ ଅବସାଦ, ହୃତ୍‌ପିଣ୍ଡରେ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଟ୮। । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଳ୍ପରେ ଆରୋଗ୍ୟ ହୁଏ । ଏକ ଶିଶି ଟ୨।ଙ୍କା ମାତ୍ର ଟ୨।ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ

ଆଲମଚାନ୍ଦ ବଜାର, କଟକ ।

---

# ଫାନ୍ସି ଲିଭର ହାତଘଣ୍ଟା ଘଡ଼ି

## ଦାମ ଟ୬୷



ଏହା ଠିକ ସମୟ ରଖେ—ଏହାର କଳକବ୍ଜା ଖୁବ୍ ମଜବୁତ୍ ଓ ବହୁଦିନ ସ୍ଥାୟୀ । ଘଡ଼ିଟିର ଆକୃତି ମଧ୍ୟ ଖୁବ୍ ସୁନ୍ଦର । ୧୫ ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯାଏ । 'Rayco liver' (ରାଏକୋ ଲିଭର) ଘଡ଼ି ଟ୬୷ । ଉତ୍କୃଷ୍ଟ ଧରଣର ଘଡ଼ି ଟ୧୨୷ । ସୁନା ଗିଲ୍‌ଟ କରା ଘଡ଼ିର ଦାମ ଟ୧୩୷୮ ୭ଟି ଜୁଏଲ ଯୁକ୍ତ ରୋଲ୍‌ଡଗୋଲ୍ଡ ଘଡ଼ିର ଦାମ ଟ୧୫୷ ମହିଳାଙ୍କ ମଣିବନ୍ଧ ଲେଡିଜ୍ ଓ୍ୱାଚ ଟ୧୬୷ । ଡାକ ଖର୍ଚ୍ଚ ଟ୦୷୮ । ଦୁଇଟି ଘଡ଼ି ଏକ ସଙ୍ଗରେ କିଣିଲେ ଡାକ ଖର୍ଚ୍ଚ ପଡ଼େନାହିଁ । ପ୍ରତ୍ୟେକ ଅର୍ଡର ସହ ଗୋଟିଏ ଫାଉଣ୍ଟେନ ପେନ୍ ଓ ଗୋଟିଏ ଜର୍ମାନ ପକେଟ ଘଡ଼ି ବିନା ମୂଲ୍ୟରେ ଉପହାର ଦିଆଯାଏ ।

THE AMERICAN COMMERCIAL STORE.
Post Box No. 12213 Calcutta (D. G.)


---


ପରିଚାଳନା ସମ୍ପାଦକ—**ଶ୍ରୀ ବ୍ରଜମୋହନ ଦାସ ।**



Digitized by srujanika@gmail.com

ଡଗର

ଷଷ୍ଠ ବର୍ଷ
୨୦ଶ ସଂଖ୍ୟା
ଫାଲ୍‌ଗୁନ ଦ୍ୱିତୀୟାର୍ଦ୍ଧ
ତା ୧୬-୩-୪୩

—ପାକ୍ଷିକ—
ବାର୍ଷିକ—ଟ୨୮
ପ୍ରତିସଂଖ୍ୟା—୦୦/
ବିଦେଶ—୨ ୩୮

# ହୁକା ହୁକା ହୁଆ

## [ ବିଲୁଆ ବିଚାର ]

ଗାନ୍ଧିବୁଢ଼ା କେତେକଙ୍କ ଆଶା ଭରସାକୁ ନିରାଶ କରି ଉପାସଟାକୁ କଟେଇ ଦେଲା । କେତେ ଲୋକଙ୍କ ମନରେ ଦୃଢ଼ ଧାରଣା ହୋଇଯାଇଥିଲା ଯେ ବୁଢ଼ା ଏଥର ଖସିଲା । ଏପରିକି ବଡ ବଡ଼ ଡାକ୍ତରମାନେ ଯେଉଁମାନେ କି ତାଙ୍କର ଶୁଶ୍ରୂଷା କରୁଥିଲେ, ସେମାନେ ମଧ୍ୟ ଆଶା ଛାଡ଼ି ଦେଇଥିଲେ । କିନ୍ତୁ ଆଲ୍ଲା ରଖିଲା ତାଲୁ—ଲକ୍ଷ ଲକ୍ଷ ଭାରତବାସୀଙ୍କ ହାହାକାର କ'ଣ ବିଫଳ ହେବ ? ସେ ହିଁ କିଏ ବୁଢ଼ାକୁ ଅଟକାଇଲେ—ବୁଢ଼ା ଉଧୁରି ଗଲା ।

କେହି କେହି କହୁଛନ୍ତି ଉପାସବେଳେ ଗାନ୍ଧିଙ୍କ ଉପରେ ଖୋଦ ଭଗବାନ କୁଆଡ଼େ ସବାର ହୋଇଥିଲେ । ଡାକ୍ତର ବିଧାନ ରାୟ ଯେ କି ତାଙ୍କ ପାଖରେ ଜଗି ରହି ଶୁଶ୍ରୂଷା କରୁଥିଲେ ସେ ବି ନିଜେ କୁଆଡ଼େ ଦେଖିଛନ୍ତି । ଇହା ଯଦି ସତ ହୋଇଥାଏ, ତାହେଲେ ବୁଢ଼ାର ଯେତେବେଳେ ଖୋଦ୍ ଖୋଦାଙ୍କ ସଙ୍ଗରେ ଯୋଗାଯୋଗ ହୋଇ ଯାଇଛି, କିଛିହେଲେ ତ ଇନାମ ମିଳିଥିବ । ଇନାମଟା କ'ଣ ଲୋକେ ଜାଣିବାକୁ ଉତ୍ସୁକ—ଭାରତର ସ୍ୱାଧୀନତା ନୁହେଁ ତ ?

× × ×

କଥାରେ କହନ୍ତି, "କିଏ ଦେଉଛି ତୋଟେଇ ନାଁ ରଟେ, କିଏ ଚାଟେ ହଗି......" । ସେଇ ହିଁରିକା ହିନ୍ଦୁ ମହାସଭାର ବଡ଼ପଣ୍ଡା ଗାନ୍ଧିଙ୍କ ଉପାସ ଖଟଣିରେ ଦପଦ ବନ୍ଧ ଦେଇ ବଡ ଫାଟେ ମାରି ନେଉଛନ୍ତି । ଯେତେବେଳେ ସବୁ ଦଳର ନେତାମାନେ "ଗାନ୍ଧିଙ୍କୁ ଛାଡ଼ିଦିଅ" ବୋଲି ବଡ଼ଲାଟଙ୍କ ପାଖରେ ବାରମ୍ବାର ଗୋଟିଏ ସ୍ୱର କରୁଥିଲେ; ସେତେବେଳେ ବୀର ସବରକାର ବୀର ଦର୍ପରେ ହୁଙ୍କାର କରି ଗାନ୍ଧିଜୀଙ୍କର ଅନଶନର ନିନ୍ଦା କରିଥିଲେ ।

ଏଟା ବିରୋଧୀତ କର୍ମ ଏକା—କିବା ଘର କଥା ଲାଗି ସେ ବଡ଼ଲାଟଙ୍କ ପାଖରେ ଭୁଣ୍ଡ ହଟାନ୍ତେ ? ସେ ଜାଣନ୍ତି ବଡ଼ଲାଟ ଦାଷ୍ଟ୍ରବନ୍ଦୀ ନୀତି ଧରିଛନ୍ତି । ଏପରି ଅବସ୍ଥାରେ ନିଜର ଆତ୍ମମର୍ଯ୍ୟାଦାର ହାନି ଘଟେଇବେ କାହିଁକି—ଯେତେହେଲେ ତ ବୀର ଓ ମାନୀ । ଦେଖି ନ ପାରିବା ଲୋକ ହିଁ ତା ଏ ହେନ କର୍ମକୁ ନିନ୍ଦା କରୁଛନ୍ତି- କିନ୍ତୁ ଆମେ କରୁନାହୁଁ—ଆମେ ଖାଲି ଅନାଉଛୁ କେଉଁଦିନ ତାଙ୍କ 'ବୀର' ପଦବୀଟା ଉଠିଯାଇ ଗୋଟେ କିଛି ବଡ଼ ରକମ ଅନାହୂତ ସାମରିକ ଟାଇଟିଲ୍ ଲାଗିଯିବ ।

ଏଣେ ହିନ୍ଦୁ ମହାସଭାର ବଡ଼ ମୁଣ୍ଡିଆ କେତେଜଣ ଯଥା—ମୁଞ୍ଜେ, ଶ୍ୟାମାପ୍ରସାଦ ଓ ଦୟାଲ ପ୍ରଭୃତି ଦିଲ୍ଲୀ ନେତୃ ସମ୍ମିଳନୀରେ ଯୋଗ ଦେଇ "ଗାନ୍ଧିଙ୍କୁ ମୁକ୍ତିଦିଅ" ପ୍ରସ୍ତାବ ସମର୍ଥନ କରିଥିଲେ । ଏ ତ ବଡ଼ ବିପରୀତ ଘଟଣା । ସ୍ୱୟଂ ବଡ଼ପଣ୍ଡା ଯେତେବେଳେ ବିପକ୍ଷରେ ଅନ୍ୟମାନଙ୍କର ଏପରି ବ୍ୟବହାର ତ ଅଦ୍ଭୁତ । କେହି କେହି କହୁଛନ୍ତି - ମହାସଭାର ବଡ଼ ମୁଣ୍ଡିଆମାନଙ୍କ ଉପରେ ମନ ଫଟାଫଟି ହେଲାଣି—ସାଭରକାରଙ୍କ ଉପରେ ଅଧିକାଂଶ କୁଆଡେ ନାରାଜ । ଏହା ଯଦି ସତ ହୋଇଥାଏ ଭାରତୀୟ ହିନ୍ଦୁଙ୍କର ସ୍ୱାର୍ଥକୁ ଜଗିବ କିଏ ? ଆମେ କହୁଁ ସବରକାର ନିଜେ ତାଙ୍କ ଜାଗା ଅଚ୍ଛା କରି ମାଡ଼ି ବସନ୍ତୁ ଓ ନିଜେ ସର୍ବେସର୍ବା ହୋଇ ବଜ୍ରମୁଷ୍ଟି (mailed fist) ଦେଖାଇ "ହିଟଲାର ନୀତି"ରେ ମହାସଭା ଚଳାନ୍ତୁ । ଯେଉଁମାନଙ୍କର ମତ ତାଙ୍କ

Digitized by srujanika@gmail.com

ସାରେଁ ନ ମିଳୁଛ ସେମାନେ ମହାସଭାରୁ ବାହାରି-ଯାଇ ଅନ୍ୟାନ୍ୟ "ପ୍ରଗ୍ରେସିଭ ଲିଗ୍" କମ୍ବା "ଫରୱାର୍ଡ଼ ବ୍ଲକ୍" ଭଳିଆ ଅନ୍ୟ ଦଳ ଗଢ଼ନ୍ତୁ ।

ଯଦି ସରକାର ନଜ୍ଞାତ ଦେଖନ୍ତି ଯେ ତାଙ୍କ କଥା କେହି ସେନା କହେନାହିଁ ଓ ଡ଼ିକ୍ଟେଟର ମାନ ଅଭ ମହାସଭାରେ ପଶିବ ନାହିଁ ତେବେ ସେ ଯାଇଁ "Active Service ଯୋଗ ଦେଇନ୍ତୁ ।

× × +

ମହାତ୍ମାଗାନ୍ଧି ଯେ ଏଇ ଅନଶନ କଲେ ଏହାର ଫଳ ହେଲା କଣ ବା କଣ ହେବ ?" ଏହି ପ୍ରଶ୍ନ ଅନେକଙ୍କ ମନରେ ଉଠୁଛି । ଫଳରେ ଲାଭ ବା କ୍ଷତି ହେଲା ସେ କଥା ଆମେ କହି ପାରିବୁନି । ତେବେ ଗାନ୍ଧିଜି କହନ୍ତି ଯେ ତାଙ୍କୁ ଭଗବାନ କାହିଁକି ବଞ୍ଚେଇ ରଖିଲେ ତା'ର କାରଣ ସେ କିଛି ଜାଣନ୍ତି ନାହିଁ, ତେବେ ସମ୍ଭବତଃ ଭବିଷ୍ୟତରେ ଭଗବାନ ତାଙ୍କ ଦ୍ୱାରା ଆଉ କିଛି ମହତ୍ତର କାର୍ଯ୍ୟ କରେଇ ନେବେ । ବଡ଼ଲାଟ ମଧ୍ୟ ଜିଦ୍ କରି ତାଙ୍କୁ ଛାଡ଼ିଲେ ନାହିଁ । ତାଙ୍କ ଜିଦ୍ ବଜାୟ ରହିଲା । ଅତଏବ ଫଳ ହେଲା, ସାପ ମଲାନାହିଁ କି ବାଡ଼ି ବି ଭାଙ୍ଗିଲା ନାହିଁ ।"

+ × +

ତେବେ କେତେକ ବିଲାତି ଚର୍ଚ୍ଚିଲ ଦଳିଆ ଖବର କାଗଜ ଯଥା—ଡେଲି ଟେଲିଗ୍ରାଫ କହନ୍ତି ଯେ ଏଥିରେ ଗାନ୍ଧିଙ୍କର ପୁରାପୁରି ହାର ଓ ବ୍ରିଟିସ ସରକାରଙ୍କର ପୋଲ ଅଣା ଜୟ ( Complete Victory for the British Govt. ) ଏତିକି ନୁହଁ—ଭାରତବାସୀଙ୍କୁ ମଧ୍ୟ ସେ ପଦେ ଟେକାଟେକି କରି କହିଛନ୍ତି, "ଯେଉଁ ଜାତି ହିଟଲର, ଟୋଜୋ, ମୁସୋଲିନୀଙ୍କ ଧମକାଣରୁ ପଡ଼ରେ ପଡ଼େଇବାକୁ ନାରାଜ, ସେ ପୁଣି ଗାନ୍ଧିଙ୍କ ପାଖରେ ମୁଣ୍ଡ ନୁଆଁଇବେ" (The nation which refused to be intimidated by the threat of Hitler, Tojo & Mussoline, can not surrender to Gandhi.) ଅଭ ଶେଷରେ ଦିପଦ ଉପଦେଶ ମଧ୍ୟ ଛାଡ଼ିଛନ୍ତି ଯେ "ଗାନ୍ଧି ତ ବର୍ତ୍ତମାନ ଭାରତବାସୀଙ୍କ ବିଶ୍ୱାସ ହରାଇ ନୁହନ୍ତି । ସେ ଯଦି ସରକାରଙ୍କ ଯୁଦ୍ଧ ଉଦ୍ୟମରେ ସାହାଯ୍ୟ କରିବେ ତାହାହେଲେ ତାଙ୍କର ପୂର୍ବ ଗୌରବ ଓ ପୂର୍ବ ପ୍ରତିପତ୍ତି ଫେରି ପାଇବେ ।

ଶେଷ Suggestion ( ଉପଦେଶ ) ଏହା— ଅଭ ଯେ ଡେଲି ଟେଲିଗ୍ରାଫ ଭାବୁଛନ୍ତି ଏଥିରେ ତାଙ୍କର 'ବିଜୟ' ( victory ) ହାସଲ ହେଲା ତେବେ ଗାନ୍ଧିଙ୍କୁ ଓ କଂଗ୍ରେସିଆ ଗୁଡ଼ାଙ୍କୁ ଜେଲରେ ରଖି ଲଭ କଣ ? ଆମେ କହୁଁ ତାଙ୍କୁ ସବୁ ଜେଲରୁ ମୁକୁଳେଇ ଦେଇ ଗୋଟିଏ ସନ୍ଧି ( Armistice ) କରି ପକାନ୍ତୁ—ସେମାନେ ସର୍ତ୍ତରେ ରାଜି ହୋଇ ଯିବେ—କାରଣ ସରକାର ଯେତେବେଳେ ବିଜେତା —ହିଁ ଅଭ ସେ ସନ୍ଧିର ସର୍ତ୍ତ ଗୁଡ଼ାକ draft ( ଟେଠା ) କରିବା ଭାର ଚର୍ଚ୍ଚିଲ କମ୍ବା ଆମେରିକାଙ୍କ ଉପରେ ରହୁ ।—ଭାରତରେ ଦ୍ୱିତୀୟ ଭର୍ସାଇ (Versailles) ସୃଷ୍ଟି ହେଉ ।"

+ × +

ବର୍ତ୍ତମାନ ଖାଦ୍ୟ ସମସ୍ୟା ଦେଶର ସବୁଠୁ ବଡ଼ ସମସ୍ୟା ହୋଇ ପଡ଼ିଛି । କଲିକତାରେ ଚାଉଳ ମହଣ ଟ୨୨୫ କରି ବିକ୍ରୀ ହେଉଛି । ଆମ ଓଡ଼ିଶାରେ ଠାଏ ଠାଏ ଟଙ୍କାରେ ତିନି ସେର କରି ଚାଉଳ ବିକ୍ରୀ ହେଲାଣି । ବଙ୍ଗଦେଶରେ ଏ ଖାଦ୍ୟ ସମସ୍ୟା ଭୀଷଣ ହୋଇ ଉଠିଲାଣି । ବଙ୍ଗ ଆସେମ୍ବ୍ଲିରେ

**ସେଦିନ ଯେତେବେଳେ ପ୍ରସ୍ତାବ ଆସିଲା "ମନ୍ତ୍ରୀଦଳ ଏ ପର୍ଯ୍ୟନ୍ତ ଖାଦ୍ୟ ସମସ୍ୟା ନେଇ କିଛି କରି ପାରି ନାହାନ୍ତି" ପ୍ରଧାନମନ୍ତ୍ରୀ ହକ୍ ନଟେ ବଡ଼ ସଭାରେ ଦୋଷ ମାନିଗଲେ । ଆମ ଓଡ଼ିଶା ଭଳିଆ ଗରିବ ଦେଶରେ ଯଦି ଏଇ ଫଗୁଣ ମାସରେ ଲୋକେ ଟଙ୍କାରେ ତିନିସେର ଚାଉଳ କିଣି ଖାଇଲେ ତେବେ ନ ହେଲା କଣ ? ଅଷାଢ଼ ତ ଦେଢ଼ ଅଛି । ଆମ ମନ୍ତ୍ରୀମଣ୍ଡଳ ଏଥିକୁ କିଛି ପ୍ରତିକାର କରୁଛନ୍ତି ନା କମ୍ବଳ ଘୋଡ଼ି ହୋଇ ଶୋଇଛନ୍ତି । ଅବଶ୍ୟ ଏକଥା ଠିକ୍ ଯେ ବଙ୍ଗ ଆସେମ୍ବ୍ଲି ଭଳି ମିଶ୍ର ମନ୍ତ୍ରୀ- ଦଳଙ୍କ ବିରୁଦ୍ଧରେ କୌଣସି ପ୍ରସ୍ତାବ ଆଣିବା ଭଳି ଲୋକ କେହି**

Digitized by srujanika@gmail.com

ନାହିଁ । ତା ବାହାର ସଦା—ଅଧିକାଂଶ ବିରୁଦ୍ଧ ବଳିଆପାକର ତେଜରେ—ଦ୍ରବ୍ୟାଦି ଅଶୁଦ୍ଧ କଏ ?

ପ୍ରତ୍ୟେକ ଜିନିଷର ଗୋଟିଏ ସୀମା ( limit ) ଅଛି । ସେମିତି ମଣିଷର "କ୍ରୟ ଶକ୍ତି" ବା କିଣିବା କ୍ଷମତାର (Purchasing capacity) ଗୋଟିଏ limit ଅଛି । ବର୍ତ୍ତମାନ ଚାଉଳ ଦର ସେ limit କୁ ଟପି ଗଲାଣି ବୋଲି ଲୋକେ କହୁଛନ୍ତି ଏହାର ଉତ୍ତର ସ୍ପଷ୍ଟ ବୋଧ ହେଉଛି । ଆମ ଓଡ଼ିଶା ସେ ସାଧାରଣତଃ ସସ୍ତା, ବଜାର ବାଡ଼ିବା ଚାଉଳ କିଣି ଖାଆନ୍ତି । ଗାଁଙ୍କ ଗୃହୀଙ୍କର ବର୍ଷକ ଖାଇବା ପରି ପ୍ରାୟ ଧାନ ଚାଉଳ ଥାଏ—ଅଛି, ଏହି ଲକ୍ଷ ଲକ୍ଷଙ୍କର କିଣିବା କ୍ଷମତାଟାକୁ ବଢ଼େଇ ଦେଲେ ହୁଅନ୍ତା ନାହିଁ ନା ? କିଣିବା କ୍ଷମତା ବଢ଼ାଇବାକୁ ହେଲେ ଲୋକଙ୍କର ଆୟ ବଢ଼ିବା ଦରକାର । ଏହି ଆୟଟାକୁ ବଢ଼ାଇବା ପାଇଁ ସରକାର କିଛି ଉପାୟ ଭାବି ପାରୁ ନାହାନ୍ତି ନା ? ଆମେ ଜାଣୁଛୁ ଏ: ଆର: ପି: (A. R. P) କିମ୍ବା "ଜାତୀୟ ରଣ ସଙ୍ଘ" ( National War Front ) କୁ କିଛି ବାଢ଼ିଲ ଦେଇ କିମ୍ବା ଏହି ଭଳିଆ ଅନ୍ୟ ଗୋଟିଏ କିଛି ବଢ଼ି ଉପରେ ଏହି କଣ୍ଟ୍ରୋଲ ଗୁଡ଼ାକୁ ଉଠାଇ କରି ଦେଲେ ତାଙ୍କ ଆୟ ( income ) ନିଶ୍ଚୟ ବଢ଼ନ୍ତା— ସେମାନେ ବି ବଳ ଦେଇ ଚାଉଳ କିଣି ପାରନ୍ତେ ଓ ମଫସଲ ଲୋକେ ଧାନ, ଚାଉଳ ବିକ୍ରୀ କରି ଦୁଇ ପଇସା ହାତ ଗଣ୍ଠି କରି ପାରିବେ ।

\+ + +

କେତେଦିନ ଆଗେ ବଡ଼ଲାଟ ଯେତେବେଳେ ତାଙ୍କ ଶାସନ ପରିଷଦକୁ କର୍ମୀ ନେଇ ବାଛିବାର ହେଲା ଆମେ ବଡ଼ ଆଶା କରିଥିଲୁ ଓଡ଼ିଶା ଭାଗରେ ଗୋଟାଏ ପଡ଼ିବ ବୋଲି । ମାତ୍ର କେହି ଓଡ଼ିଶାର ନାମ ସୁଦ୍ଧା ଧରାଇଲେ ନାହିଁ । ଏବେ ଆଉ ଏଥର ଯୋଗ ମିଳିଲେ, ଏ ସିଂହ ପ୍ରସବିନୀ ଉତ୍କଳ ଜନନୀର କୌଣସି ସନ୍ତାନ କଣ ସବୁ ମେମ୍ବର ? ଏ ପଣ୍ଡିତ ଲୀଳାକ୍ଷେତ୍ର ଉତ୍କଳ ଭୂମିରେ ସମସ୍ତେ କଣ ମୂର୍ଖ ? ବଡ଼ଲାଟଙ୍କ ଶ୍ୟେନ ଚକ୍ଷୁ କଣ ଉଠଣ ହେଲେ ପଣ୍ଡିତ ଖୋଜି ପାଇଲ ନାହିଁ ? ଅଳ ପଣ୍ଡିତ ଗୋପବନ୍ଧୁ ନାହାନ୍ତି ବୋଲି କଣ ସତ୍ୟବାଦୀ ଲୋପ ପାଇଛି ? ତାଙ୍କର ଶିକ୍ଷା ଦୀକ୍ଷା ନଷ୍ଟ ହୋଇଛି ? ତାଙ୍କର ତ୍ୟାଗ, ତାଙ୍କର ସେବା, ହଟଚିଶ୍ୟୀ, ତାଙ୍କର ଦକ୍ଷତା, ତାଙ୍କର ପାଣ୍ଡିତ୍ୟ, ତାଙ୍କ ବଂଶର ଉତ୍ତରାଧିକାରୀ କଣ କାହାର ଉପରେ ପଡ଼ନାହିଁ ? ହଁ, କଥାଟା ବଡ଼ନ୍ତି, ଜପ ତପ ଅଭାବ । କର୍ତ୍ତା ଲଗିଲଥିବା ଯେଉଁ ଗ୍ରୁପ ଟିରେ କରିଛନ୍ତି ଏବଂ ତାହା ସୁଧାରି ନଥିଲେ । କୌଣସି ଉକ୍ତ ବାବୁଙ୍କର ନାମ ଶୁଣିବା । ତାର ସୁବିଧା ଏବେ ମିଳିଛି । ଜଣେ ମେମ୍ବର ଇସ୍ତଫା ଦେଇଛନ୍ତି । ତାଙ୍କର ସ୍ଥାନ ପୂରଣ କଲାବେଳେ ବଡ଼ଲାଟ ନିଶ୍ଚୟ ଏଥରେ ଭାବନ୍ତୁ ।

\+ × ×

ଆମ ବନ୍ଧୁ ପଣ୍ଡିତ ନେହେରୁ ଡ୍ୟାଲି ସଙ୍ଗରେ ଗୋଟାଏ ନିନମାଡ଼ିଆ ପ୍ରସ୍ତାବ ଆଣିଥିଲେ କି—ଦୁଆ ଭାରତ ଶାସନ ଆଇନ ମୁତାବକ ନେହେରୁ ସରକାର ପେଟରୁ ମେଲଣ କରିଲେ ହୁଅନ୍ତି ନାହିଁ । ପ୍ରସ୍ତାବଟି ଯେପରି ନିନ ମୋଡ଼ିଆ ସେପରି ବାଜିଆ ଏଥିରେ ସନ୍ଦେହ ନାହିଁ । ଏ ପ୍ରସ୍ତାବ ପାସ୍ ହେବା ମାତ୍ରେ ପ୍ରତିନିଧିମାନଙ୍କଠାରେ ଅଜ୍ଞ ଲାଟ ସାହେବଙ୍କ ପାସ କରିବାର କୌଣସି କ୍ଷମତା ନାହିଁ, ଅତଏବ ଆମ ନେହେରୁ ପଣ୍ଡିତ ମନ୍ତ୍ରୀ ସଭାର ମାନ ରଖିଲେ ଉଠନ୍ତୁ । ମାତ୍ର ଅନୁ- ମୋଦନ କଥା ଏବେ ବଡ଼ ଧୂମ୍ରକେତୁ ପାର୍ଟିର ନିଜ ଉଲ୍ଲେଖ୍ୟ କଲେ । ଗାନ୍ଧିଙ୍କ ଉପାୟ ଯୋଗୁଁ ଅନେକ ମେମ୍ବର ଅନୁପସ୍ଥିତ ହୋଇ ଦେବାରୁ ଦ ସଭାଙ୍କ ସପକ୍ଷରେ ଭୋଟ ଜମାକୁ ପଡ଼ିଲା । ହାୟ ! ପଣ୍ଡିତ ନାଥଙ୍କ ଉଦ୍ଧାରରେ ଗଡ଼ିଯାଇ ଥାଅନ୍ତା । କରମ ଦୋଷରୁ ନାଗର ଜଣା ହେଉଥିଲା ସିନା । ତଥାପି, ପାଣ ଉଠି ବସିଲେ ପୁଣି ଜନ ଅସ ପାଇବ । ପଣ୍ଡିତ ମନ ମଣା ନ ହୋଇ ସେଥିନିମିତ୍ତ ଥାଉ ଆଅନ୍ତୁ ।

\+ + +


ଚିଡ଼ିଆଖାନା

ରଙ୍ଗିନ ଛବି ଓ କୌତୁକିଆ ଗୀତରେ ଭରା ପିଲାଏ ପାଇଲେ ଖେଳିଯିବେ ।

ମୂଲ୍ୟ—୧୦।/


Digitized by srujanika@gmail.com

କଥାଟିଏ କହେଁ...

# ଫେନଚଳାଛଳ ଯୌବନ-ତୃଷ୍ଣା

ଲେଖକ—ଶ୍ରୀ ଇନ୍ଦ୍ର ଦାସ

କାହାଣୀ

ଠୋଟେ କମ୍ପିତ ଅଭ୍ୟାସ ହୋଇ ଗଲାଣି । କେତେଗୁଡ଼ା ଅଭାବ, ଅନୁଯୋଗ ମଧ୍ୟରେ ପଡ଼ି ମୁଁ ବା ମୋଟେ ବଦଳାଇ ପାରିନି । ଏଇ ଏକ କଥା ହେବ ପାଇଁ, ଅନେକ ଥର ଚେଷ୍ଟା କଲିଣି, ତଥାପି କାହାରି ଅନୁରୋଧ ବା ଉପଦେଶ ମୁଁ ଶୁଣିନି । ଅବଶ୍ୟ ଏଇ ନ ଶୁଣିବା ପଛରେ ମୋର ଯୁକ୍ତିସଙ୍ଗତ କାରଣ ଅଛି—ଏଇଟାଇ ମୋର ବଡ଼ ସାନ୍ତ୍ୱନା । ପିଲାଦିନୁ ଶୁଣି ଆସିଛି ଅଭ୍ୟାସଟା ଭଲ, ଅଭ୍ୟାସଟା ଖରାପ; କିନ୍ତୁ ଯେତେ ହେଲେ ଏଇ 'ଅଭ୍ୟାସ'ଟାକୁ ବିଶ୍ଳେଷଣ କରି ଦେଖିନି—ବୋଧହୁଏ ସୁଯୋଗ ଓ ସମୟର ଅଭାବ ବୋଲି । ଚେଷ୍ଟା ଯେ କରିଛି ତା' ନୁହେଁ । ଭଲ ମନ୍ଦ ବାଛିବା କାମଟାକୁ ଅନ୍ୟମାନଙ୍କ ଉପରେ ଛାଡ଼ି ଦେଇ ଅଭିଯାଏ ଚାଲି ଆସିଛି । କେଉଁଟା ଭଲ, କେଉଁଟା ଖରାପ—ଏକଥା ବାଛିନେବା କ୍ଷମତା, ଖୁବ କମ ଲୋକଙ୍କର ଥାଏ—ମୁଁ ସେ 'କମ' ଭିତରେ ନାହିଁ; ଏ ବିଷୟରେ ବେଶ ସଚେତନ—ଦୁଃଖ ସେଥିପାଇଁ ଯେତେ ହେଲେ କରିନି । ସମସ୍ତେ ଚିନ୍ତିତ ମୁଁ ମଧ୍ୟ ଚିନ୍ତିତ । ଏଥିରେ ଦୁଃଖ କରିବା ବା ଲଜ୍ଜା କରିବା—ମୁଁ ମୋଟେ ଦେଖିପାରିନି । ମଝିରେ ମଝିରେ ଅନୁତାପ କରିବାକୁ ଚେଷ୍ଟାକରେ, ମାତ୍ର ସେତିକି । ତେବେ ଅଭିକାଲି ଆଉ ସେମିତି ହୁଏ ନା । ଏକଦମ ନିର୍ବିକାର । ମୁଁ ଜାଣେ, ମୋ ଦେଇ ଏ ସବୁ ହୋଇ ପାରିବନି ।—ମୋ ନିଜ କଥା, ମୋଠୁଁ ଆଉ କିଏ ବେଶୀ ଜାଣେ ? ସୁଧୀର ଏତିକି କହି ଚୁପ୍ ହେଲା ।

ସୁଧୀର କହିଲା, ଠିକ ଏଇ କଥା ସେଦିନ ସଂଜବେଳେ ଅମର ପଚାରୁଥିଲା, ତୁ କଣ ତା ହେଲେ ଉଦ୍ଦାମ ଉଚ୍ଛୃଙ୍ଖଳ ସ୍ରୋତରେ ଜୀବନଟାକୁ ଭସାଇ ଦେବାକୁ ଚାହୁଁ ? ଅବଶ୍ୟ ସଞ୍ଜମଟାକୁ ଯଦି ଏକଦମ ଉଡ଼ାଇ ଦେବାକୁ ଚାହୁଁ, ତା ହେଲେ ଏ ବିଷୟ ନେଇ ଆଲୋଚନା କରିବାର କିଛି ନାହିଁ ।

ସୁଧୀର ବାଧା ଦେଇ କହିଲା, ଏଇଠି ତୁ ଏକଦମ ଭୁଲ କରୁଛୁ । ମଣିଷର ମନ ବୋଲି ଗୋଟେ ପଦାର୍ଥର ପୁଣି ଅଛି ? ସେଇଟାତ ତୁ ସ୍ୱୀକାର କରୁଛୁ ? ସେତ ଆଜି କାଲି ଯେତେ ବେଳେ ଜନ୍ମ ସେପରି ଶେଷ ହୋଇଯାଏ ନା—ଏଟାତ ଧ୍ରୁବ ସତ୍ୟ । ତା'ର ତ ପୁଣି ଗୋଟେ ସୀମା ଅଛି ? ତେବେ ସଂଯମର ମଧ୍ୟ ଗୋଟେ ସୀମା ଅଛି । ମୁଁ ଏ ଦୁଇଟା ସସୀମ ଜିନିଷର ଅସ୍ତିତ୍ୱ ହିସାବ ସ୍ୱୀକାର କରି ଆସୁଛି । ମୁଁ ଚାହେଁ, ଏ ଦୁଇଟା ସସୀମ ଜିନିଷକୁ ଆଗେଇ ନେବାକୁ—ପରସ୍ପର ମଧ୍ୟରେ ଗୋଟେ ସାମଞ୍ଜସ୍ୟ ରଖି । ଘଟଣା ଦୃଷ୍ଟିରେ ହେଉ ବା ମନୁଷ୍ୟର ହେଉ ମୋର ବିଶେଷ କିଛି ଯାଏ ଆସେନି । ଏଇ ସାମଞ୍ଜସ୍ୟ ବା ଅନୁପାତର ସୁସ୍ପଷ୍ଟ ପରିମାଣର ଧାରଣା ମୋର ନାହିଁ—କିମ୍ବା ମୁଁ ସେଟାକୁ ଗୋଟେ ସାଧାରଣ ପର୍ଯ୍ୟାୟରେ ବୋଲିବାକୁ ଚାହେଁନି । କିନ୍ତୁ ତୋ ଯୁକ୍ତି ଅନୁସାରେ ମନଟାକୁ ସସୀମ ରଖି, ସଂଯମକୁ ଅସୀମ କରିବା ଭଳି ପାଗଳାମି ମୋର ନାହିଁ । ତା' ଛଡ଼ା କଥାଟା ଏକଦମ୍ ଅସମ୍ଭବ । ସମ୍ଭବ ହେଲେ ମଧ୍ୟ ମୋଟେ ମଙ୍ଗଳକର ନୁହେଁ । ମନଟାକୁ ସଂଯମର ଦୃଢ଼ ଗଣ୍ଡି ମଧ୍ୟରେ ଆବଦ୍ଧ ରଖି, ତାର ସ୍ୱାଧୀନତା ଅପହରଣ କରିବା ଏକବାରେ ଅସମ୍ଭବ । ଅମର ଚିନ୍ତିତ ମନେ ହୁଏ ମାତ୍ର । ତୁ, ଉଦ୍ଧତ ମନଟାକୁ ବଡ଼ କରିକୁ… ବେଶ ତା ଯାହା ହୁଏ, ତୁ କଣ ଜାତକର ସ… ଲୋପକରି ଜାତର ସୃଷ୍ଟିକୁ ସୁପ୍ରତିଷ୍ଠିତ କରୁନୁ । କଥାଟା ଅସମ୍ଭବ ହେଉଛି ? ସେଥି ପାଇଁ କହୁଛି—ଅମର ଚିନ୍ତିତ ମନେହୁଏ ମାତ୍ର । ତା' ଛଡ଼ା ମନଟାକୁ ଚିରଦିନ ପାଇଁ ଆବଦ୍ଧ ରଖିଲେ, ସେ ଯେ କେବେ ହେଲେ ବିଦ୍ରୋହୀ ହୋଇ ନ ଉଠିବ, ଏକଥାତ ତୁ ଜୋର କରି କହି ପାରିବୁନି ? ସେତେବେଳେ କଣ ସଂଯମର ବାନ୍ଧ ଆପଣା ଛାଏଁ ଭାଙ୍ଗି ଚୁରମାର ହୋଇ ଯିବନି ? ଦୁଇଟା ଜିନିଷକୁ ଠିକ ଭାବରେ ଚଳାଇ ପାରିଲେ ସୁବିଧା; କିନ୍ତୁ ଚଳାଇ ପାରିବାନି ବୋଲି, ଗୋଟାକୁ ତଣ୍ଟି ଚିପି ହତ୍ୟାକରି, ଆଉ ଗୋଟାକୁ ମୁଣ୍ଡରେ ବସାଇ ପୂଜା କରିବା—ଆଉ ଯିଏ କରୁନା କାହିଁ, ମୋ' ଦେଇ ଯେ ଏ ପାଗଳାମି ହୋଇ ପାରିବନି, ସେଟା ଠିକ ! ହଁ ସଂଯମଟା ଭଲ ଧରଣର କଥା; କିନ୍ତୁ ମନଟାଠୁ ଆଉ ଉଚ୍ଚ ନୁହେଁ, ବରଂ ଉଚ୍ଚତର ।

Digitized by srujanika@gmail.com

ସୁଧୀର କହିଲା, ତା ମାନେ ତୁ କହୁଛୁ, ମନ ଯେତେବେଳେ ଯାହା ଖୋଜିବ, ସେଇଆ କରିବୁ? କଥା'ଟାର ଯେ ମୋଟେ କିଛି ମାନେ ହୁଏନି, ନିଜ କାନରେ ହିଁ ସେଟା ଧରି ପଡ଼ିଲା, ଦୁଇଜଣ ଯାକ ଚୁପ୍ ହୋଇ ବସି ରହିଲେ !

ସୁଧୀର ଅନ୍ୟମନସ୍କ ଭାବରେ କିଛିକ୍ଷଣ ବସି ରହିଲା ପରେ, ଈଷତ୍ ଲଜ୍ଜିତ ହୋଇ କହିଲା, ତୁ ମୋ ଜୀବନର ଅନେକ କଥା ଜାଣୁ । କେବେ କିଛି ଲୁଚାଇନି । ବର୍ତ୍ତମାନ ଯାହା କହିବାକୁ ଯାଉଛି, ନୀତି, ସଂଯମ ଓ ଇତ୍ୟାଦି ସବୁ ଭଲ ଜିନିଷ ପର୍ଯ୍ୟାୟରେ, ଯେ ସେଟା ପଡ଼ିବନି, ଏଟା ଠିକ । ମୁଁ କାହାରିଠି କେବେହେଲେ ଏକଥା କହିନି—କହିବା ମୋ ପ୍ରକୃତି ବିରୁଦ୍ଧ ଓ ଅନୁଚିତ ବୋଲି । କିନ୍ତୁ ତା' ସାଙ୍ଗରେ ଆଉ 'କାହାରି ସଂପର୍କ ନୁହେଁ', ସେଇଥି-ପାଇଁ କହୁଛି । ତଥାପି ମୋର ଅନୁରୋଧ ଘଟଣାଟା ଯାହା ହେଉନା କାହିଁକି ତୁ ଶୁଣିସାରି ମିଛିମିଛି ଘୃଣା ପ୍ରକାଶ ନ କରୁ—ସତେ ମୋତେ ଭାରି କଷ୍ଟ ହେବ । ସୁଧୀର ଉତ୍ତରରେ ହୁଏତ କିଛି କହିବାକୁ ଯାଉଥିଲା ସୁଧୀର ବାଧାଦେଇ କହିଲା—ପିଲାଦିନୁ ଅଭିଭାବକ-ମାନଙ୍କ କଠୋର ଶାସନ ତଳେ ଚାପି ପଡ଼ି ଅନ୍ତରର ବଡ଼ ହୋଇ ସିଗାରେଟ ଫୁଙ୍କି, ଓଠର ଯେଉଁସବୁ ସୂକ୍ଷ୍ମ ଅନୁଭୂତି ନଷ୍ଟ ହୋଇ ଯାଇଥିଲା ବୋଲି ମୋର ଓ ଅନେକଙ୍କର ଧାରଣା ହୋଇଥିଲା, ସେଇ ସୂକ୍ଷ୍ମ ଅନୁଭୂତିର ପୁନରୁଦ୍ଧାର ବା ପୁନର୍ଜନ୍ମର କାହାଣୀ ମୁଁ ଆଜି କହୁଛି । ହିଁ ଏ ବିଶ୍ୱାସ ମୋର ଅଧିକ ଦୃଢ଼ୀଭୂତ ହେଲା—ଭାଇଙ୍କର ଅଭିନବ ପରୀକ୍ଷିତ ନୀରବ ଶାସନ ପ୍ରଣାଳୀରେ । ଭାଇ ଦିନେ ହେଲେ କଡ଼ାକଡ଼ି କିଛି କହି ନାହାନ୍ତି; ବା ପ୍ରତିବାଦ କରି ନାହାନ୍ତି, କିନ୍ତୁ ତାଙ୍କର ନୀରବ କାର୍ଯ୍ୟ ପ୍ରଣାଳୀ ମଧ୍ୟରେ ଯେଉଁ ସୁକଠୋର ଶାସନ ଓ ଆଦେଶର ସୁସ୍ପଷ୍ଟ ଇଙ୍ଗିତ ଥିଲା, ତାକୁ ଉପେକ୍ଷା କରିବାର ଶକ୍ତି କେବଳ ସେଇ ମାନଙ୍କର ଅଛି, ଯେଉଁମାନେ ମନୁଷ୍ୟ ରୂପୀ ପଶୁ-ପଦ ବାଚ୍ୟ । ଇମିତି ହୋଇ କଟିଗଲା ମୋର କୈଶୋର, ଆରମ୍ଭ ହେଲା ଯୌବନ । ଶସ୍ତା ବହି ପଢ଼ି ଓ ଫାଙ୍କା ବଡ଼ ବଡ଼ ଶବ୍ଦ ଶୁଣି, ପିଲାଦିନେ ଯେଉଁ ସବୁ ନିର୍ଲଜ୍ଜ ଚିନ୍ତା ନେଇ, ମୁଁ ମନେ ମନେ ଆତ୍ମପ୍ରସାଦଲାଭ କରୁଥିଲି, ସେ ସବୁ ଧୀରେ ଧୀରେ ମୋ ମନରୁ ଲିଭାଇ ଦେଲି । ପ୍ରାଚ୍ୟ ଓ ପ୍ରାଶ୍ଚାତ୍ୟ ମନୀଷୀମାନଙ୍କର ଚିନ୍ତାଧାରା ସାହାଯ୍ୟରେ ମୋର ଚିନ୍ତାଧାରାକୁ ଆଗେଇ ନେବାକୁ ଚେଷ୍ଟା କଲି—ମନରେ ବେଶ ସୁଖ ପାଇଲି । ଧୀରେ ଧୀରେ ମୋ ଅଜାଣତରେ ବନ୍ଧୁ ମହଲରେ ମୁଁ ଗୋଟିଏ ଆଦର୍ଶ ହୋଇ ଉଠିଲି—ବଡ଼ ବଡ଼ କଥା ଓ ଚରମ ଆଡ଼୍ । ପ୍ରେମ ବିଷୟ ନେଇ ଯଦି କେହି କେବେ ବୈଠକି ବନ୍ଧୁ ମହଲରେ ଆଲୋଚନା ଆରମ୍ଭ କରିଦିଏ, ତା' ହେଲେତ ଆଉ କଥା ନାହିଁ । ମୋତେ ଗୋଟେ ଖାଦ୍ୟ ମିଳି ଯାଏ, ବକ୍ତୃତାର ସୁଅ ଛୁଟାଇ ଦିଏ । ତାଙ୍କୁ ବୁଝାଇ ଦିଏଁ, 'ପ୍ରେମ' ହେଉଛି ଦୁର୍ବଳ ଚେତା ମଣିଷର ଗୋଟେ ବ୍ୟାଧି । ଅବଶ୍ୟ ଏଇ କଥାଟାକୁ ମୁଁ ମୋର ଅନ୍ତରର ସମସ୍ତ ବିଶ୍ୱାସ ନେଇ ସେତେବେଳେ ବୁଝିଥିଲି, ପ୍ରେମର ସ୍ୱରୂପକୁ କେବେ ହେଲେ ସ୍ୱର୍ଗୀୟ ବା ନାରକୀୟ ପର୍ଯ୍ୟାୟ ମଧ୍ୟରେ ପକାଇନି । 'ଦେହର ମିଳନ' ଯେ ପ୍ରେମର ଚରମ ପରିଣତି, ସେଟା ମୁଁ ସେତେବେଳେ ଧରିନେଇଥିଲି । ପ୍ରେମଟା ଲାଳସାର ଭଦ୍ର ସଂସ୍କରଣ । ସୁତରାଂ ସୁଯୋଗ ପାଇଲେ ମଧ୍ୟ ମୁଁ ମନକୁ ଜୋର କରି ଚାପି ଦେଉ-ଥିଲି । ମୋର ସେଇଠି ଭୁଲ ହୋଇଛି, ମୁଁ ବୁଝି ନଥିଲି ଯେ ମୋର ପ୍ରକୃତ କ୍ଷୁଧା ସେଇଠି । ତାକୁଇ ଚାପି ରଖିବାର ନିଷ୍ଫଳ ଚେଷ୍ଟା । ସେ କ୍ଷୁଧାକୁ ଧୀରେ ଧୀରେ ଖାଦ୍ୟ ଯୋଗାଉଥିଲି । ମୁଁ ସେଟା ସେତେବେଳେ ବୁଝି ପାରିନି । ମନୋବିଜ୍ଞାନରୁ ବୁଝାଯାଏ ଯେ ମଣିଷର ଘୋଡ଼ାଇ ରଖିବାର ଚେଷ୍ଟା କେବଳ ସେଇଠି ହୁଏ ଅପରିମେୟ ଯେଉଁଠି ଅଛି ତାର ଦୁର୍ବଳତା । ମୋ ଅବସ୍ଥା ହୋଇଥିଲା ଠିକ ସେଇଆ । ଅଚ୍ଛା ଥାଉ ସେ କଥା । ଅକ୍ଟୋବର ମାସର ସକାଳ । ସେତେବେଳକୁ ଟିକିଏ ଟିକିଏ ଶୀତ ପଡ଼ିଲାଣି, କଣ ଗୋଟାଏ ଛୁଟି ଥାଏ—କଲେଜ ଚାଲି ନାହିଁ । ମୁଁ ଓ ମୋର ସହପାଠୀ, ଦି ଜଣ ବସି ଚା' ପିଉ ପିଉ ଗପ କରୁଛୁଁ । ଅନ୍ୟମନସ୍କ ଭାବରେ ଟେବୁଲ ଉପରୁ ବହିଖଣ୍ଡେ ଉଠାଇ ନେଲି । ୧୯୨୯ ମସିହାରେ ଛପା, ବ୍ୟାୟାମବୀର 'ସେଣ୍ଡୋ'ଙ୍କ ବହି । ସେଥିରେ ଅନେକ ଛବି ଅଛି, କିନ୍ତୁ

Digitized by srujanika@gmail.com

ସେଚେଣ୍ଡ୍ରାଙ୍କର ୩୦ ବର୍ଷ ବୟସର ବ୍ୟାୟାମ ପୁଷ୍ଟ ନଗ୍ନ ପ୍ରତିଛବିର ଠିକ ପାଖରେ ଗୋଟିଏ ନଗ୍ନା ନାରୀ ପ୍ରତିଛବି ଦେଖି ଯେ ଖାଲି ବିସ୍ମିତ ହେଲି, ତା' ନୁହେଁ, କୁତୂହଳୀ ମଧ୍ୟ ହେଲି। ତଳେ ଦେଖିଲି ଲେଖାଅଛି—Modern Venus। ଠିକ ସେତିକିବେଳେ, ବନ୍ଧୁ ମୋ ମୁଣ୍ଡଧରି ଦେଖାଇ ଦେବେ,—ହୋଇ ସେଠି Ultra modern Venus ଉପରକୁ ଗୁହାଁ ଦେବେ ସ୍ୱାସ୍ଥ୍ୟବତୀ କିଶୋରୀ। ମାତ୍ର ମୂର୍ତ୍ତିକର ଦେଖା। ଆଖି ଆପଣା ଛାଏଁ ତଳକୁ ହୋଇ ଆସିଲା। ହୁଏତ ସେ ମଧ୍ୟ ସେତିକି ଭୁଲିଗଲା। ଏଇ ହେଲା ମୋର ବାଳ—ପ୍ରଥମ ରମଣୀ-ଦର୍ଶନ-ମୁଗ୍ଧ ଆଖି, କାରଣ ଅବାରଣରେ ଜଳ ଉଠିଲା। ଏଇଟାକୁ ତୁ ଧରି ନେଇ ପାରୁ ଦୁର୍ବଳତା। ତା' ପରେ ଧୀରେ ଧୀରେ, ମୋ ଅଜାଣତରେ ଅନେକ ଚାଲିଲା ଆଳାପ। ମନେ ମନେ, ମୋର ଏଇ ଦୁର୍ବଳତାକୁ ମୁଁ ବିଶ୍ଳେଷଣ କରିବାକୁ ଚେଷ୍ଟା କରେ। କିନ୍ତୁ ଏଇ ଦୁର୍ବଳତା ଭିତରେ ଯେଉଁ, ମଧୁର ଲଜ୍ଜା ଓ ବ୍ୟଥା, ମୋତେ ବିଭୋର କରି ପକାଇଲା, ମୁଁ ଦିଗ୍ ଶୂନ୍ୟ ହୋଇ ଅନେକ ଭୁଲିଲି। ସହପାଠୀ ଖାଲି ସହପାଠୀ ନୁହନ୍ତି, ବନ୍ଧୁ ମଧ୍ୟ, ସବୁ ସେ ଜାଣିଲେ। ତାଙ୍କ ସାହାଯ୍ୟ ସ୍ନେହ ସହାନୁଭୂତି ମୋତେ ଅନ୍ଧାର ଆଗକୁ ଅନେଇ ନେଲା। ତାଙ୍କର ସେ ଋଣ ମୁଁ କେବେହେଲେ ସୁଝି ପାରିବନି। ତା ପରେ କେତେ ସଂଜ ଯେ ମୁଁ ତା' ସଙ୍ଗରେ କଟାଇଛି କହି ପାରିବିନି, ପରସ୍ପର ଗଳ୍ପଗୀତରେ କେତେ ରାତି ଦିନ ବିତି ଯାଇଛି; କିନ୍ତୁ ଦିନେ ହେଲେ ମୁଁ ଆମ ପ୍ରେମର ଦୁର୍ବଳତା ଚରମ ପରିଣତି କରିନି। ଯଦିଓ ମୁଁ ଜାଣେ ବୁଝେ—ଆମର ଏଇ ପ୍ରେମର ଚରମ ପରିଣତି ସେଇଟି—ଦେହ ଓ ଦେହର ମିଳନରେ କିନ୍ତୁ ତଥାପି, ବାହ୍ୟିକ ବେଜାଣି କଥାଟାକୁ ଉପେକ୍ଷା କରି ଭାବିଲେ ମନରେ ବଡ଼ କଷ୍ଟ ପାଏ, ମନକୁ ସାନ୍ତ୍ୱନା ଦିଏ, ସେ ଯାହାହେବ It is all just by the way ସେଟା ଗୋଟେ ପ୍ରଧାନ ଅଙ୍ଗ—Essential factor, ନୁହେଁ। ବୋଧହୁଏ ଏଇଟାଇ ସତ। ପରସ୍ପରର ଦୁର୍ବଳତା ଅନେକ ସମୟରେ ଦେଖା ଦେଉଛି; କିନ୍ତୁ ଠିକ ସେତିକି ବେଳେ ମନ ଭିତରେ କେତେ କଏ କହୁଛ, ଛିଃ ତୁ ପୁଣି ତାକୁ ଭଲ ପାଉ? ତୋର ପରା ଶିକ୍ଷା ସଭ୍ୟତା ଅଛି—ତୁ ପରା ମଣିଷ? ଅବଶ୍ୟ ଏଗୁଡ଼ାକ କଥାର କଥା ନୁହେଁ; କିନ୍ତୁ ତଥାପି ମୁଁ ଏଇ ସବୁ କଥା ଶୁଣିଛି ମାନିଛି, ଅବଶ୍ୟ ଯାହା ଭିତରେ ଯେ ସୀମିତ କିଛି ମସ୍ତବଡ଼ ଅଛି ତାହା ମୁଁ କହୁନି। ଯାହା ସତ ସେଇଆ ଅକପଟରେ କହୁଛି। ମନେ ମନେ ମୁଁ ଅନେକଥର ଚେଷ୍ଟା କରିଛି, ମୋର ଏ ଭଲ ପାଇବାକୁ ବିଶ୍ଳେଷଣ କରି ଦେଖିବାକୁ—ରୂପ ମୋହ କି ବା ଯୌବନର ଆକର୍ଷଣ କିମ୍ବା, କିଛି ହେଲେ ମୁଁ ଆଜି ଯାଏ ବାହାର କରି ପାରିନି। ତାଠୁଁ ତ ଅନେକ ରୂପବତୀ ଓ ସ୍ୱାସ୍ଥ୍ୟବତୀ ତରୁଣୀମାନଙ୍କର ସଂସ୍ପର୍ଶରେ ମୁଁ ଆସିଛି। କେତେ ବେଶବତୀ ବେଶହୀନାଙ୍କ ସଙ୍ଗରେ ଅବାଧ ମିଳା ମିଶା କରିବାର ସୁଯୋଗ ମୁଁ ପାଇଛି। ତାଙ୍କଠାରୁ ଯେ Initiative ନ ପାଇଛି ତା ନୁହେଁ କିନ୍ତୁ ସେତେବେଳେ କ'ଣ ମନେ ହୋଇଛି ଜାଣ? ମୁଁ ଏତେ Cheap ନୁହେଁ—ମୁଁ ସ୍ୱାଧୀନ ନୁହେଁ—ଗୋଟେ ଅଦୃଶ୍ୟ ବନ୍ଧନ ମୋତେ ବାନ୍ଧି ରଖିଛି। ଫେରି ଦୌଡ଼ା ଦେଇ। ବନ୍ଧନ କଠୋର କିନ୍ତୁ ଅଭାମ-ଦ୍ରବ। ମନେ ମନେ ବେଶ ତୃପ୍ତି ପାଏ। ହୁଏତ ଏ ସବୁ ମୋର ନିଛକ କଳ୍ପନା; କିନ୍ତୁ ତଥାପି ଏଇ କଳ୍ପନା ଭିତରେ ମୁଁ ଯଥେଷ୍ଟ ଆନନ୍ଦ ପାଏ। ମୁଁ ତାରଠୁଁ ଶିଖିଛି ଭଲ ପାଇବା କାହାକୁ କହନ୍ତି। ପରସ୍ପରକୁ ଉଚିତ ନିବିଡ଼ ଭାବରେ କେହି କେତେ ଭଲ ପାଇ ପାରେ ମୋର ନିଜର ଅନୁଭୂତି ନଥିଲେ, ମୁଁ ବିଶ୍ୱାସ କରି ପାରନ୍ତିନି। ଆମ ପରସ୍ପର ମଧ୍ୟରେ ଯେଉଁସବୁ କଥାବାର୍ତ୍ତା ଓ ଚିଠି ପତ୍ର ଚଳେ ତା ଭିତରେ ହୁଏତ ଆମ ଅନ୍ତରର ନଗ୍ନତାର ଛାପ ସୁସ୍ପଷ୍ଟ—କିନ୍ତୁ ହୀନ ଲାଳସାର ଅଭଦ୍ର ଇଙ୍ଗିତ ନାହିଁ। ନାଟକୀୟ ପ୍ରେମର ପଚା ଦୁର୍ଗନ୍ଧ ନାହିଁ। ତଥାପି ବାହ୍ୟିକ ବେଜାଣି, ଆମେ ଦୁଇଜଣ ପରସ୍ପର ଠାରୁ ଦୂରେଇ ରହିନୁ। ମୁଁ ମନେ ମନେ ଅନେକ ଚିନ୍ତା କରିଛି ଯାହା'ର କାରଣ, କିନ୍ତୁ ଠିକ କରିପାରିନି, ବୋଧହୁଏ। ଆମ ସମାଜର କେତେକ ସୁବିଧା-ପନ୍ଥୀମାନଙ୍କର କଠୋର ସ୍ୱାର୍ଥପର ଆଇନ କାନୁନ ଆମକୁ ଭୀତ କରି ଦେଇଥିଲା। କିନ୍ତୁ ସେ ସବୁର ସମାଧାନ ବାଲି ହୋଇ ଯାଇଛି, ଏଇ ଦେଖ ତାର ଚିଠି।

× + ×

Digitized by srujanika@gmail.com

ଶରତେନ୍ଦୁ—

ପ୍ରିୟତମ !

ହଠାତ୍ ବହୁଦିନ ପରେ ତମେ ଏ ଚିଠି ପାଇ ହୁଏତ ଚମକି ଉଠିବ । ଭାରି କଥା ଏବା । ମୁଁ ନିଜେ ମଧ୍ୟ କମ୍ ଆଶ୍ଚର୍ଯ୍ୟ ହୋଇନି । ମଝିରେ କିଛି-ଦିନ ଯେ ମୁଁ ତମଠାରୁ ଦୂରକୁ ଚାଲିଯାଇ ହଠାତ୍ ମୌନବ୍ରତ ଅବଲମ୍ବନ କରିଥିଲି, ତା'ର କାରଣ ହୁଏତ କିଛି ଅଛି—କିନ୍ତୁ ସେଟା ଖୁବ୍ ବଡ ନୁହେଁ—ଯଦିଚ, ତାର ଗୁରୁଭାରରେ ମୁଁ ଚାପି ପଡ଼ି, ବାଧ୍ୟ ହୋଇଥିଲି ତମଠୁଁ ଦୂରକୁ ଖସିଯିବାକୁ । କିନ୍ତୁ ଏ ସବୁ ମୂଳରେ କିଏ ଜାଣ ?—ତମେ । ତମେ ଯଦି ମତେ ଏମିତି ଭୁଲ ନ ବୁଝାଇ ଥାନ୍ତ, ତାହେଲେ ଏତେ କଥା ଆଜି ହୁଅନ୍ତା କାହିଁକି ? ଅବଶ୍ୟ ମୋର ମଧ୍ୟ ବୁଝିବା ଭୁଲ ହୋଇଥିଲା । ମୋର ଆଜି ମନେ ହେଉଛି, ଏ ସହଜ କଥାଟା ମୁଁ ଏତେ-ଦିନ କିମିତି ବୁଝି ନ ଥିଲି । କିମିତିବା ବୁଝନ୍ତି କହ—ତମେ ବୋଧହୁଏ ବୁଝିବା ପରି କହିନ । କଥାଟା ଟିକିଏ ସ୍ୱାର୍ଥପର ପରି ଶୁଣାଯାଉଛି ନୁହେଁ ? ନିଜ ବୁଦ୍ଧିକୁ ଦୋଷ ନ ଦେଇ ତମରି ମୁଣ୍ଡରେ ସବୁ ଦୋଷ ଗଡ଼ାଇ ଦେଉଛି—କିନ୍ତୁ ତା ଛଡ଼ା ଆଉ ଉପାୟ କଣ ? ତମେ ପରା ମୋର ସବୁ । ମୁନାଟି ପରି, ମନରେ କିଛି ଭାବିବନି ।

ମୁଁ ଏ କେତେଦିନ ହେଲା ତମଠୁ ପଦେ ଅଧେ ଶୁଣିବି ବୋଲି ଚାହିଁ ବସିଥିଲି । ବନ୍ଧୁ ମେଳରେ ବ୍ୟସ୍ତ ଅଛ । ସମୟ ପାଉନ ବୋଲି ଚିଠି ଦେଉନ । ମୁଁ ମୋଟେ ରାଗିନି କି ଅଭିମାନ କରିନି । କିନ୍ତୁ, କାହିଁକି ? ସତ କହିବ ଏବା ? ଏ କେତେ-ଦିନ ହେଲା, ମୋ କଥା କଣ ଦିନେ ହେଲେ ମନରେ ପଡିନି ? ମୁଁ ଜାଣେ ମନରେ ପଡୁଛି । କେବଳ ଭାଷା ଓ ସମୟ ଅଭାବରୁ ସେଟା ପ୍ରକାଶ କରି ପାରିନି । ତମେ ତ ସବୁବେଳେ ମୋ ଅନ୍ତରରେ—ଅତି ନିକଟରେ । ମୋର ଅଭାବ କଣ ? ଯେତେ-ଇଚ୍ଛା, କଳ୍ପନାରେ ତମ ସାଙ୍ଗରେ କଥା କହେଁ—ତମକୁ ଦେଖେଁ । ବେଳେ ବେଳେ ମନେହୁଏ, କଳ୍ପନା ଯଦି ସବୁବେଳେ ମନେ ସେମିତି ରହିଥାନ୍ତା—କିନ୍ତୁ ପର ମୁହୂର୍ତ୍ତରେ ମୁଁ ଶିହରି ଉଠେ । ସତ କହୁଛି ଏବା, ମୁଁ ତାହାହେଲେ ପାଗଳ ହୋଇ-ଯାନ୍ତି । ତମକୁ କ'ଣ ଖାଲି କଳ୍ପନାରେ ପାଇବି ? ଛାଡ଼, ଯାହା କହିବାକୁ ଯାଉଛି, ସବୁ ଗୋଳମାଳ ହୋଇଯାଉଛି । ତମେ ବଡ ଦୁଷ୍ଟ ଏବା ! ପାଖରେ ଥିଲେ ଯିମିତି, ଦୂରରେ ବି ସେମିତି । ଭାରି ସ୍ୱାର୍ଥପର ତମେ । ଆଉ କିଛି କରାଇ ଦେଉନ—ଖାଲି ତମ କଥା ଭାବିବା ଛଡ଼ା । ଆଚ୍ଛା କହି ପାରିବ, ମୁଁ ତମ କଥା ଏତେ ଭାବେ କାହିଁକି ? ଅନେକ ଭାବିଛି, କିନ୍ତୁ କିଛି ଠିକ୍ କରି ପାରିନି । ବୋଧହୁଏ ତମ କଥା ଭାବିବା ଛଡ଼ା ଅନ୍ୟ କୌଣସି ବସ୍ତୁ ମୋର ନାହିଁ । ହଁ, ଅସଲ କଥାଟା ଏପର୍ଯ୍ୟନ୍ତ କହିଲିନି—ଖାଲି ପ୍ରଳାପ । ଆଚ୍ଛା, ଆମେ ଦୁ'ଜଣ ଏଇ ଯେଉଁ ଜୀବନ-ନାଟକ ଆରମ୍ଭ କରିଛୁଁ, ସେ କଥା ଥରେ ହେଲେ ତମେ କେବେ ଭାବିଛ ? ଧାରାବାହି ପରିଚ୍ଛେଦ ହୁଏତ ଆମ ଦୁ'ଜଣଙ୍କର, କାହାରିହେଲେ ସଂପୂର୍ଣ୍ଣ ମନେ ନାହିଁ—ନଥିଲେ ବି କ୍ଷତି ନାହିଁ—ଯେତିକି ମନେ ଅଛି ପର ପରିଚ୍ଛେଦ ପାଇଁ ସେତିକି ଯଥେଷ୍ଟ । ତମେଇ ତ ମତେ କହିଛ, ନାଟକ ଲେଖିବା ବଡ଼ ଦୁରୁହ । ଯିଏ ଉପନ୍ୟାସ ଲେଖିବସେ, ତା'ର ସମ୍ବଳ ଯଥେଷ୍ଟ । ସେ ଯୁଗ ଯୁଗର ଇତିହାସ, ପ୍ରତି ମୁହୂର୍ତ୍ତର କାହାଣୀ ଯେତେ ଇଚ୍ଛା ସେତେ ତା' ଉପନ୍ୟାସରେ ଢାଳିଦେଇ ପାରେ—ସେ ମୁକ୍ତ । କିନ୍ତୁ ଯେ ନାଟକ ଲେଖେ, ସେ ଯେ ଗୋଟିଏ କ୍ଷୁଦ୍ର ଗଣ୍ଡି ମଧ୍ୟରେ ଆବଦ୍ଧ । ତାକୁ ଏମିତି ସବୁ ଚରିତ୍ର, ସଂକ୍ଷେପରେ ଆଙ୍କିବାକୁ ହେବ, ଏମିତି ସବୁ ଘଟଣା ଉଲ୍ଲେଖ କରିବାକୁ ହେବ ଯେ ନାଟକଟା ଯିମିତି ସୁସ୍ପଷ୍ଟ ହେବ । ଉପନ୍ୟାସ ଲେଖିଲେ, ସବୁ ଚରିତ୍ରର ପୂର୍ଣ୍ଣବିକାଶ ଲୋଡ଼ାନାହିଁ, କିନ୍ତୁ ନାଟକରେ ତ ଆଉ ତା ହେବନି । ଯେ କେଇଟା ଚରିତ୍ର ନେଇ ସେ ଲେଖିବାକୁ ବସିବ । ସେ କେଇଟାକୁ ସଂପୂର୍ଣ୍ଣ ଭାବରେ ଆଙ୍କିବାକୁ ହେବ । ଉପନ୍ୟାସ ଓ ନାଟକ ମଧ୍ୟରେ ତ ତଫାତ୍ ଏଇଠି ?

ସୁତରାଂ ଆମର ନାଟକ ଯେ ଖୁବ୍ ଦୁରୁହ, ସେ କଥା ତ ତମେ ଅସ୍ୱୀକାର କରୁନ ? ଥରେ ଯେତେ-ବେଳେ ଆରମ୍ଭ ହୋଇଛି, ତାକୁ ତ ଶେଷ କରିବାକୁ ହେବ—ପରିଣତି ତିକ୍ତ ହେଉ ବା ମଧୁର ହେଉ,

Digitized by srujanika@gmail.com

ସେ ତ ସମସ୍ତ ଓ ଭାଗ୍ୟର ଗତି ଉପରେ ନିର୍ଭର କରେ । କିନ୍ତୁ ଏଇ ଲେଖିବାପାଇଁ ତ କିଛି ମାଲ ମସଲା ଦରକାର ? ସୁତରାଂ ପରୀକ୍ଷିତ ବିଷୟରେ ପରୀକ୍ଷକ ଯଦି ଅଭ୍ରାନ୍ତ ଓ କଠିନ ଧାରଣା ନ ଥାଏ, ପରୀକ୍ଷକର ଅନ୍ତରର ନିଭୃତ କୋଣକୁ ଯଦି ଦୃଷ୍ଟି ନ ଯାଏ, କିମିତି ଲେଖିବା ? ପରୀକ୍ଷକକୁ ଆମେ କଣ ଜାଣିବାର ସୁଯୋଗ ଦେବାନି ? ଅବଶ୍ୟ ଆମେ ଯେ କିଛି ନ ଜାଣିଛୁ, ତା' ନୁହେଁ—ଆମ ହୃଦୟରେ ଯାଇ ପ୍ରତିବିମ୍ବ ପଡ଼େ, ସେଥିରୁ ଯେ ଆମେ କିଛି ନ ବୁଝୁଛୁ ତା ନୁହେଁ; କିନ୍ତୁ ଏଇ କ'ଣ ସବୁ—ଇଏ ବାହାରେ ତ ସବୁ ଇମିତି କଥା ଅଛି, ଯାହା ଆମେ ଜାଣିନୁ, ମୁଁ ସେଇସବୁ ଜାଣିବାକୁ ଚାହୁଁଛି । ତମେ କଣ ମତେ ସେ ସୁଯୋଗ ଦେବନି ? ତମର ଅଭିମତ କ'ଣ କହିବ ?—ମୋ କଥା ? କ'ଣ ବା ଅଛି—ସବୁ ତ ତମେ ଜାଣ । ମୁଁ ଯେ ତମର ଅନୁସାରେ ଚଳୁଛିରେ—ମୋର ଯେ ତମ ଛଡ଼ା ସ୍ୱାତନ୍ତ୍ର୍ୟ ନାହିଁ । ଯାହା ବାକୀ ଅଛି, ସେତକ ତମକୁ ଦବା ପାଇଁ ମୁଁ ଯେ ଉନ୍ମୁଖ । ତମେ କ'ଣ ସେତକ ଗ୍ରହଣ କରିବନି ?—ତମ ଲଜ୍ଜା କଣ, ଜଣାଇବ । ମୁଁ ସେଇ ଆଶାରେ ରହିଲି ।

ମୋର ଅନ କଣ ମନେ ହେଉଛି ଜାଣ ?—ମନେ ହେଉଚି, ବିଗତ ଅତୀତକୁ ଯଦି ଥରେ ହେଲେ ଫେରି ପା'ନ୍ତେ ?—କିମିତି ହୁଅନ୍ତା ? ଆମ ଅଜାଣାରେ ହୁଏତ ଅନେକ ଭୁଲ ଭ୍ରାନ୍ତି ଆତ୍ମଗୋପନ କରି ରହିଚି—ଆମ ପ୍ରାରବ୍ଧ ନାଟକର ଇମିତି ସବୁ ଦୃଶ୍ୟ ରହିଯାଇଚି, ଯଉଁଗୁଡ଼ାକ ଆମେ ଇଚ୍ଛା କରିଥିଲେ ଏଡ଼ି ପାରିଥାନ୍ତେ । ସେଇ ସବୁ ଭୁଲ ଭ୍ରାନ୍ତିକୁ ସଂଶୋଧନ କରିବାର ସୁଯୋଗ ଯଦି ପାଆନ୍ତେ କିମିତି ହୁଅନ୍ତା ?—କିନ୍ତୁ ସେ କେବଳ ଭାବିବା ମାତ୍ର । ସେ ସୁଯୋଗ ତ ଆଉ ସତକୁ ସତ କେବେ ହବନି ? କିନ୍ତୁ ହେଲେ ଭଲ ହୁଅନ୍ତା । ସବୁ ଦୋଷ ଦୃଶ୍ୟର ସଂଶୋଧନ ହୋଇଯାନ୍ତା । ଆମ ନାଟକ ହୁଅନ୍ତା ଅଭ୍ରାନ୍ତ, ସତ୍ୟ ।—ଗୋଟେ—Unique ପୃଥିବୀର ଶ୍ରେଷ୍ଠ ନାଟକ । ଛଡ଼, ସେ ତ ଆଉ ହବା କଥା ନୁହେଁ--କିନ୍ତୁ ଯେତିକ ବାକୀ ଅଛି, ସେତିକ ଯିମିତି ନିର୍ଭୁଲ ହୁଏ, ସେଥିପ୍ରତି କ'ଣ ଦୃଷ୍ଟି ଦେବା ଆମର ଉଚିତ ନୁହେଁ ? ଆମେ କ'ଣ ପରୀକ୍ଷକକୁ ସେଇ ସୁଯୋଗ ଟିକିଏ ଦବାନି ? ମୁଁ ସେଇ ପ୍ରତୀକ୍ଷାରେ ରହିଲି ।

ଖୁବ୍ ବେଶୀ କହିଲିଣି ନା ? ଥାଉ, କଥା ତ କେବେ ସରିବନି, ଖାଲି କାଗଜ କଲମ ସରିବା କଥା । ଯାହା କହିବା କଥା, ମୁଁ ନ କହିଲେ ମଧ୍ୟ ତମେ ବୁଝିବ । ଏଇ ଧାରଣା ଅଛି ବୋଲି ଆଉ ଲେଖିବିନି । ସମସ୍ତ କରି ଚିଠିଦେବ । ମୋର ପ୍ରଣାମ ନିବ, ଆଉ ? ତମ ଇଚ୍ଛା—ମୁଁ ସେଟା ଲେଖି ପାରିବିନି—ନିବ, ଯେତେ ଇଚ୍ଛା ।

—ତମର

ସୁବୀର କହିଲା, ତା'ପରେ ? ସୁଧୀର ସ୍ମିତ ହସି କହିଲା, "ତା'ପରେ ?—ତା'ପରେ Lady Hamilton ଙ୍କ ଭାଷାରେ, "No then, No after." ଯାହା କହିଲି, upto date, upto this moment.

ସୁବୀର କହିଲା, "ଓଃ, କି ସାଂଘାତିକ ଲୋକ ମ ତୁ ? ଚିଠି ଭିତରେ ଭିତରେ ଇମିତି ? ବାବାଃ—ଚେହେରା ଦେଖି, କଥାବାର୍ତ୍ତା ଶୁଣି, ମୋଟେ କିଛି ବୁଝିବାର ଉପାୟ ନାହିଁ । ସେଇକଥା କି ! ଇମିତି Romance ତୋ ଭିତରେ ଅଛି । ତେ ପ୍ରତିଧ୍ୱନୀଟା ଇମିତି ଓଲଟା କାହିଁକି ?"

ସୁଧୀର କହିଲା, "ଏଟା ଯେ ମୋର ସୁପ୍ତ ଫେନଲୋଚ୍ଛଳ ଯୌବନ ସୁରା ।"


## WANTED

Sole agents to sell 'Dagaro' for Cuttack, Puri and Jajpur. For terms apply to—

Manager, "Dagaro"
P. O. Bhadrak.

—o—


Digitized by srujanika@gmail.com

ମଜା କବିତା——

## —ମଶା—

ଲେଖକ—ଶ୍ରୀ କୁବେର ଦଳାଇ

'ମଶା' ହେ
ତମର କୃପାରୁ ଶରୀରର ଅଙ୍ଗ
ଏତେ ବଡ଼ ଭଲ ଦଶା ହେ ।
ତମର ସଙ୍ଗୀତ ଝଙ୍କାରରେ ଶୁଣି
ରାତ ମେଲେରିଅ ଜୁଟିଲେ,
ତୁମର ଚୁମ୍ବନ ବ୍ରଣ-ଫୁଲ ପରି
ଦେହ ଯାକ ସବୁ ଫୁଟିଲେ ।
ସନ୍ଧି-ଗୀତ ଝର ମଶାରି ଭିତରେ
ତୁମେ ଯେବେ ଆସି ଜୁଟହେ,
ସପନ-ରାଇଜ ଛାଡ଼ି ଆସି ମୁହିଁ
ତମ ସଙ୍ଗେ ହୁଏ ଭେଟ ହେ ।
ଚେତେ ମଞ୍ଜି ଚକ୍ଷୁ ଅଣି ଚୁଣି ଦାଅ
ରକତ-ଖେତରେ ତୁମେ ହେ,
ଅକାଳରେ ଲୋକ ମରବା ଯାଏକେ
ଅକ୍ଷମ ହୁଅଇ କାମେ ହେ ।
ନଲା-ରାଜ୍ୟେ ତମ ସମ୍ଭାର ମଣ୍ଡପ
ବଡ଼ ମଧୁମୟ ସ୍ଥାନ ହେ,
ପାଇଖାନା ତମ ସୂତିକା-ଅଗାର
ବଢ଼ାଏ ତମର ମାନ ହେ ।
ତମର ବଂଶ ସୁରୁଖୁରୁ ହୋଇ
ଯେସନ ବୃଦ୍ଧିତ ବଢ଼ି ହେ,
କଷ୍ଟୁଣା ବି ତୁମ ଛେଇ ତେସନ
ମଣିଷ ମାଉଛନ୍ତି ହୁଡ଼ି ହେ ।
ରୂପ ଗୁଣ ତୁମ କିଏ ଅସୁନ୍ଦର ?
ଖୁଣିବ ବା ବସି କାହାରେ ?
ତମ ଗୁଣ ଗୁଣି ଶୁଝେ ନାହିଁ, ମରେ

Digitized by srujanika@gmail.com

# କାଳିଆ ବଳଦ ଗଲ୍ପ ଗଲ୍ପ

ହୁତୁତୁ

ଭଦ୍ରଲୋକ—ତମେ 'ଡାଇଭ' କେବେ ?

ବଦମାସ—ତେର ବୟସରେ !

ଭଦ୍ରଲୋକ—ତମେ ସବୁ ଯାହା କର ସେ ବୟସରେ ।

ବଦମାସ—ନା, ମୋତେ ଏତେ କଷ୍ଟ କରି କରିବ । ପୋଲିସ ସବୁ ତା'ର ଲେଖି ରଖେ ।

\+ + +

"ତମେ କହୁଛ ତମ ସ୍ତ୍ରୀଙ୍କ ସହିତ ତମେ କେବେ କଳିଆ କର ନାହିଁ"

'ନା, ସେ ତାଙ୍କ କଥା କହନ୍ତି ଯନ୍ତ୍ର ମୁଁ ମଧ୍ୟ ତାଙ୍କ କଥାରେ 'ହଁ' ମାରେ ।

× + ×

୧ମ ବ୍ୟକ୍ତି—ତମେ ସ୍ତ୍ରୀଙ୍କ ହାତରେ ସେଦିନ ମନ୍ଦାମାଳ୍ୟ ଦେଇଥିଲ ତାହା ସେମିତି ଅଛି ତ ?

୨ୟ ବ୍ୟକ୍ତି—"ହଁ, ମୋ ସ୍ତ୍ରୀ ଯେତେବେଳେ ବୁଝିଲେ ଯେ ତ୍ରିକଟା ତାଙ୍କର ସେ ମୋ ସନ୍ଧ୍ୟାପ୍ରାର୍ଥନାଟାକୁ ଗ୍ରହଣ କରନେଲେ"

\+ × +

ଜଣେ ସ୍ତ୍ରୀ ଲୋକ ଡାକ୍ତରଙ୍କ ପାଖକୁ ଯାଇ କହିଲେ "ଜ୍ୱର୍ ମୁଣ୍ଡ ଦୁଃଖୁଛି ଓ ବେଳ ଟାବ ଭଗ୍ନ ଲାଗୁଛି"

ଡାକ୍ତର ପଚାରିଲେ "ବୟସ କେତେ ?

ଉତ୍ତରରେ ସେ ସ୍ତ୍ରୀ ଲୋକଟି କହିଲେ—"ତିରିଶ"

ଡା'କ୍ତର କହିଲେ "ମୁଁ ଦେଖୁଛି ଆପଣଙ୍କର ମସ୍ତିଷ୍କର ମଧ୍ୟ ବିକୃତ ଘଟିଛି ।"

× + ×

ଓକିଲ—ତମେ ଯଦି ମୋର "honest opinion" ଚାହଁତ—

ମକଦ୍ଦମା—ନା, ମୁଁ ଆପଣଙ୍କ Professional advice" ଚାହେଁ ।

\+ × +

ମାଜିଷ୍ଟ୍ରେଟ—ଦଶ ଟଙ୍କା ଦବୁ ନା' ହପ୍ତେ ଜେଲ ଯିବୁ ?

ଦୋଷୀ—ତା'ହେଲେ ତ ହଜୁର ମୁଁ ଖଲାସ ।

ମାଜିଷ୍ଟ୍ରେଟ—କିପରି ?

ଦୋଷୀ—ଥରେ ଥର ଆପଣ ମଧ୍ୟ ମୋତେ ପଚାରିଥିଲେ "କୋଡ଼ିଏ ଟଙ୍କା ଦବୁ ନା ହପ୍ତା ଜେଲ ଯିବୁ" ମୁଁ ଟଙ୍କା ଦେଇ ନ ପାରିବାରୁ ଜେଲ ଗଲି । ମୁଁ ହପ୍ତେ ଜେଲରେ ରହିଲି ପରେ ମୋ ଭଉଣୀ କୋଡ଼ିଏ ଟଙ୍କା ଦେଇ ମୋତେ ଖଲାସ କଲା । ତା ହେଲେ ଥରଟରୁ ମୋର ଦଶ ଟଙ୍କା ସରକାର ବାହାଦୁରଙ୍କ ଉପରେ ପାଉଣା ଅଛି, ଏଥର ତାହା ସୁଝିଗଲା ।

× + ×

ଘର ମାଲିକ—ଘର ଭଡ଼ା ଦିଅ, ନଚେତ୍ ଘରୁ ବାହାରି ଯାଅ ।

ଭଡ଼ାଟିଆ—ଆପଣଙ୍କୁ ଅସଂଖ୍ୟ ଧନ୍ୟବାଦ—ଆଗ ଘରବାଲା ମୋତେ ଦୁ'ଟା ଯାକ କରିବାକୁ ବାଧ୍ୟ କରୁଥିଲା ।

\+ × +

Digitized by srujanika@gmail.com

ହରେକ ଗୋବିନ୍ଦ ବନମାଳୀ

# ନାଗବନ୍ଧୁ

ଉଦ୍ଦେଶ୍ୟ — ( ୧୮ ବର୍ଷରୁ ୯ଣା ବାଳକ ବାଳିକାମାନଙ୍କ ପାଇଁ )

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ସେମାନଙ୍କ ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଙ୍କଭିତର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ( ୩ ) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ( ୪ ) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କ ଉଦ୍ଦୀପିତ କରିବା ।

## ଉଇନ୍‌ଷ୍ଟନ ଚର୍ଚ୍ଚିଲ

ଉଇନ୍‌ଷ୍ଟନ ୧୮୭୪ ମସିହା ନଭେମ୍ବର ତା ୩୦ରିଖ ଭିକ୍ଟୋରିଆଙ୍କ ରାଜତ୍ୱ କାଳରେ ଜନ୍ମଗ୍ରହଣ କରିଥିଲେ । ସେ ପିଲାଦିନରୁ ଅତି ଚଗଲା ଥିବାରୁ ତାଙ୍କର ପିତା ତାଙ୍କୁ ଶିକ୍ଷକଙ୍କ କଡ଼ା ନଜରରେ ରଖିଥିଲେ । ଲାଟିନ ଏବଂ ଇଂରାଜୀ ଭାଷାରେ ସେ ପଟୁତା ଲାଭ କରି-ଥିଲେ । ପ୍ରଥମେ ସେ nurseryରେ ଶିକ୍ଷା ଲାଭ କରିଥିଲେ । ତତ୍‌ପରେ ବୋର୍ଡ଼ିଂ ସ୍କୁଲରେ ଅଧ୍ୟୟନ କରିଥିଲେ । କିନ୍ତୁ ସେଠାରେ ଚଗଲାମି କରିବାରୁ ତାଙ୍କର ପିତା ଲର୍ଡ଼ ରେଣ୍ଡଲ୍‌ଫ ଚର୍ଚ୍ଚିଲ ତାଙ୍କୁ Harrowରେ ଆଣି ବାରବର୍ଷ ବୟସରେ ଛାଡ଼ିଥିଲେ । ସେଠାରେ entrance examinationରେ ଅସଫଳ କରିବା ସତ୍ତ୍ୱ ପାଶ୍ କରି ଯାଇଥିଲେ । ଭାରତବର୍ଷର ବର୍ତ୍ତମାନ ମନ୍ତ୍ରୀ ଲିଓପାଲ୍‌ଡ ଆମେରିଙ୍କ ସଙ୍ଗେ ଏହି Harrowରେ ଚର୍ଚ୍ଚିଲଙ୍କର ଚିହ୍ନାପରିଚୟ ହୋଇଥିଲା । ଚର୍ଚ୍ଚିଲଙ୍କର ପଢ଼ାରେ ମନ ନ ଥିବାର ଦେଖି ତାଙ୍କର ପିତା ତାଙ୍କୁ ସେଣ୍ଡ୍-ହାର୍ଷ୍ଟ ମିଲିଟେରି କଲେଜରେ ଆଣି ଛାଡ଼ି-ଥିଲେ । ଏଠାରେ ସେ ଯୁଦ୍ଧଶିକ୍ଷା କଲା ପରେ ପ୍ରଥମେ ସେ ଜଣେ ଅଶ୍ୱାରୋହୀ ସୈନ୍ୟରୂପେ ପାଶ୍ କରିଥିଲେ । ଏଥିରେ ତାଙ୍କର ପିତା ବଡ଼ ନିରାଶ ହୋଇଥିଲେ । କିନ୍ତୁ ୧୮୯୫ରେ ଚର୍ଚ୍ଚିଲ ଯେତେବେଳେ ସେଣ୍ଡ୍‌ହାର୍ଷ୍ଟ ଛାଡ଼ିଲେ ସେତେବେଳେ ସେ ଯୁଦ୍ଧ ଶିକ୍ଷାରେ ପ୍ରଶଂସାର ସହିତ ଉତ୍ତୀର୍ଣ୍ଣ ହୋଇଥିଲେ ।

ସେଣ୍ଡ୍‌ହାର୍ଷ୍ଟରୁ ଉତ୍ତୀର୍ଣ୍ଣ ହେଲାପରେ ସେ ଅଲ୍‌ଡାରସଟରେ ଅଶ୍ୱାରୋହୀ ସୈନ୍ୟଙ୍କ ଉପରେ କାପ୍ଟେନର ନିମ୍ନପଦସ୍ଥ ଦ୍ୱିତୀୟ ସେନାପତି ପଦରେ ନିଯୁକ୍ତ ହେଲେ । କାର୍ଯ୍ୟରେ ଯିବା ପୂର୍ବରୁ ତାଙ୍କର ପିତା ଇହଲୀଳା ସମ୍ବ-ରଣ କଲେ । ସେତେବେଳେ ଉଇନ୍‌ଷ୍ଟନଙ୍କ ହୃଦୟ ଗଭୀର ଦୁଃଖରେ ନିମଗ୍ନ ହେଲା । ସୁତରାଂ ପାର୍ଲିଆମେଣ୍ଟରେ ପିତାଙ୍କ ମତ ସ୍ଥାନ ପାଇ ପାରିବେ ବୋଲି ତାଙ୍କର ଯେଉଁ ଚିର ଆଶା ଥିଲା ତାହା ଉଡ଼ିଗଲା । ତତ୍‌ପରେ ସେ ଅଶ୍ୱାରୋହୀ ସୈନ୍ୟର ଜଣେ କର୍ମଚାରୀ ରୂପେ କାର୍ଯ୍ୟରେ ଆସି ଯୋଗ ଦେଲେ । କାଳର କ୍ଷିପ୍ର ଗତିରେ ପିତୃ ବିୟୋଗଜନିତ ତାଙ୍କ ହୃଦୟରୁ କ୍ରମେ କ୍ରମେ ଦୂରୀଭୂତ ହୋଇଗଲା ଏବଂ ନିଜର କାମରେ ଭଲ୍ ଭଲ୍ କୌଶଳ ଦେଖାଇ ପାରିଥିଲେ ଓ ଅଶ୍ୱାରୋହୀ ସୈନ୍ୟର କ୍ରିୟା କୌଶଳ-ରେ ବିଶେଷ ଦକ୍ଷତା ଲାଭ କଲେ ।

ଭିକ୍‌ଟୋରିଆଙ୍କ ରାଜତ୍ୱ କାଳରେ ଇଂଲଣ୍ଡର ଲୋକମାନେ ସୁଖଶାନ୍ତିରେ ବାସ କରୁଥିଲେ । ତେଣୁ ପ୍ରକୃତ ଯୁଦ୍ଧ ବିଷୟରେ ଇଂଲଣ୍ଡର ଲୋକେ କିଛି ଜାଣି ନଥିଲେ ।

Digitized by srujanika@gmail.com

ଚର୍ଚ୍ଚିଲ୍ ମଧ୍ୟ ପ୍ରକୃତ ଯୁଦ୍ଧକ୍ଷେତ୍ରରେ କଣ ହୁଏ ବୋଲି ଜାଣି ନ ଥିଲେ । ସେହିସମୟରେ କ୍ୟୁବା ସ୍ପେନ ସରକାରର ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କଲା । ଚର୍ଚ୍ଚିଲ୍ କେବଳ ଦର୍ଶକ ରୂପେ ସେହି ଯୁଦ୍ଧକ୍ଷେତ୍ରକୁ ଯାଇ ଯୁଦ୍ଧ ସମ୍ପର୍କରେ ସମସ୍ତ ବିଷୟ ଶିକ୍ଷା କରି ପାରିଥିଲେ ଏବଂ ସେଇ ଯୁଦ୍ଧର ସମସ୍ତ ଘଟଣାମାନ ଲେଖି ବହିରେ ଛପାଇଥିଲେ । ଇଂଲଣ୍ଡର ଲୋକମାନେ ତାଙ୍କର ସେହି ବହି ଆଗ୍ରହର ସହିତ ପଢ଼ିଥିଲେ ଓ କ୍ୟୁବାରୁ ସେ ଯେତେବେଳେ ଆସିଲେ ସେତେବେଳେ ସେ ସମ୍ବାଦପତ୍ରର ବିଖ୍ୟାତ ଲେଖକରୂପେ ପରିଚିତ ହୋଇଥିଲେ ଏବଂ ଇଂଲଣ୍ଡ ଲୋକଙ୍କଦ୍ୱାରା ଦେଶର ବୀରରୂପେ ସମ୍ମାନିତ ହୋଇଥିଲେ । ତତ୍ପରେ ଭାରତବର୍ଷର ବାଙ୍ଗାଲୋରରେ ସେ ନିଯୁକ୍ତ ହୋଇଥିଲେ । ବର୍ତ୍ତମାନ ସେ ଯେପରି ସମସ୍ତ ଭାରତବାସୀଙ୍କ ଇଚ୍ଛାଭିଳାଷର ବିରୋଧୀ ସେତେବେଳେ ସେ ମଧ୍ୟ ସେହିପରି ଥିଲେ । ଭାରତ ଛାଡ଼ି ସେ ଯେତେବେଳେ ନିଜ ଦେଶକୁ ଗଲେ ସେତେବେଳେ ପଠାଣମାନେ ଭାରତବର୍ଷର ସୀମାନ୍ତ ପ୍ରଦେଶରେ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କଲେ । ଚର୍ଚ୍ଚିଲ ଏହା ଶୁଣି ଇଂଲଣ୍ଡରୁ ଆସି ଏହି ଯୁଦ୍ଧରେ ଯୋଗ ଦେଇଥିଲେ ଓ ଅନେକ ରକ୍ତପାତ ପରେ ଏହି ଯୁଦ୍ଧ ବନ୍ଦ ହୋଇଥିଲା । ଅନ୍ୟାନ୍ୟ କର୍ମପ୍ରବୀଣ ବ୍ୟକ୍ତିଙ୍କ ସହିତ ଚର୍ଚ୍ଚିଲ୍ ମଧ୍ୟ ଏହି ଯୁଦ୍ଧରେ ଭଲ୍ କାମ ଦେଖାଇ ଥିବାରୁ ସମ୍ମାନିତ ହୋଇଥିଲେ । ଯୁଦ୍ଧର ସମସ୍ତ ଘଟଣାମାନ ସେ ବହିରେ ଛପାଇବାରୁ ଲୋକମାନେ ତାହା ଆଗ୍ରହର ସହିତ ପଢ଼ିଥିଲେ । ତାହା ପରେ ଚର୍ଚ୍ଚିଲ୍ ପୁନର୍ବାର ବାଙ୍ଗାଲୋରରେ ଆସି ନିଯୁକ୍ତ ହୋଇଥିଲେ । ଏହିସମୟରେ ସୁଦାନରେ Boer War ଉପସ୍ଥିତ ହେବାରୁ ଚର୍ଚ୍ଚିଲ୍ ସେଠାକୁ ଯାଇ ଯୁଦ୍ଧରେ ଯୋଗ ଦେଇଥିଲେ ଓ ବନ୍ଦୀ ହୋଇଥିଲେ । ସୁଦାନର ଯୁଦ୍ଧ ଘଟଣାମାନ ସେ ଯେଉଁ ବହିରେ ଲେଖି ଅଛନ୍ତି ତାହା "The River War" ନାମରେ ଖ୍ୟାତ । ଏହାପରେ Oldhamରେ କାଠଦଳର ପଦ-ପ୍ରାର୍ଥୀ ହୋଇ ଛିଡ଼ା ହୋଇଥିଲେ ଏବଂ ବ ୨୬ ବର୍ଷ ବୟସରେ ପାର୍ଲିଆମେଣ୍ଟରେ ଯୋଗ ଦେଇଥିଲେ । ଇଂଲଣ୍ଡର ଲୋକମାନେ ତାଙ୍କୁ ଦେଶର ବୀର ରୂପେ ପୂଜା କଲେ । ତା'ପରେ ୧୯୦୬ରେ ଉଦାରନୈତିକପନ୍ଥୀ ଲୋକଙ୍କ ତରଫରୁ ସେ ଉ: ପ: ମାନ୍‌ଚେଷ୍ଟରର ଜନସାଧାରଣ ଦ୍ୱାରା ନିର୍ବାଚନରେ ପଦ-ପ୍ରାର୍ଥୀ ହୋଇଥିଲେ ଓ ବିଜୟ ହାସଲ କରିଥିଲେ । ଏହିସମୟଠାରୁ ଚର୍ଚ୍ଚିଲଙ୍କର ମନ୍ତ୍ରୀହବାର ଜୀବନ ଆରମ୍ଭ ହୋଇଥିଲା । ଉଦାରମତାବଲମ୍ବୀ ଲୋକଙ୍କ ଉପରେ ସରକାର ଗଢ଼ି ସେ ଉପନିବେଶମାନଙ୍କ ପାଇଁ ଷ୍ଟେଟର ସେକ୍ରେଟେରୀ ପଦରେ ନିର୍ବାଚିତ ହୋଇଥିଲେ ଏବଂ House of Commons ର ତାଙ୍କ ବିଭାଗରେ ପ୍ରଧାନ ବକ୍ତା ହୋଇଥିଲେ । ନିଜର ରାଜନୈତିକ ଜ୍ଞାନ ତୀକ୍ଷ୍ଣ ବୁଦ୍ଧି ହେତୁ ସେ ପୁଣି ଦକ୍ଷିଣ ଅଫ୍ରିକାରେ ବୁଅର ମାନଙ୍କର Self Government ପାଇଁ ପ୍ରତିନିଧି ବକ୍ତା ହୋଇଥିଲେ । ସଦ୍‌ଗୁଣର ପ୍ରସାର ହେତୁ ସେ ରାଜମନ୍ତ୍ରୀବର୍ଗଙ୍କ ମଧ୍ୟରେ ଗୋଟିଏ ସ୍ଥାନ ପାଇ ବାଣିଜ୍ୟ ବିଭାଗର ସଭାପତି ହୋଇଥିଲେ । ଏହାପରେ Home Office ରେ ରହି ସମାଜ ସଂସ୍କାର କରିଥିଲେ । ତା'ପରେ ସେ Home Secretary ପଦରେ ନିଯୁକ୍ତ ହୋଇଥିଲେ । ୧୯୧୧—୧୯୧୫ ପର୍ଯ୍ୟନ୍ତ ସେ ନୌବିଭାଗର ପ୍ରଧାନ ଶାସନକର୍ତ୍ତା ରୂପେ କାର୍ଯ୍ୟ କରିଥିଲେ । ବିଗତ ମହାଯୁଦ୍ଧ ସମୟରେ ସେ ମଧ୍ୟ ସେହି

Digitized by srujanika@gmail.com

ନୌବିଭାଗରେ ତନବର୍ଷକାଳ ଯାଏ ଜର୍ମାନ କବଳରୁ ଇଂଲଣ୍ଡକୁ ରକ୍ଷା କରିଥିଲେ ଓ ସେହି ମହାଯୁଦ୍ଧରେ ମଧ୍ୟ ଯୁଦ୍ଧ ଏବଂ ଉଡ଼ାଜାହାଜ ବିଭାଗର ସେକ୍ରେଟେରୀ ହୋଇଥିଲେ (୧୯୧୮-୨୧)। ୧୯୨୧-୨୨ ପର୍ଯ୍ୟନ୍ତ ସେ ପୁଣି Colonial Officeରେ Colonial Minister ହୋଇ କାମ କରିଥିଲେ। ତହୁଁପରେ ସେ Exchequer ବିଭାଗର Chancellor ପଦରେ ନିଯୁକ୍ତ ହୋଇଥିଲେ। କିନ୍ତୁ ଅନ୍ୟ ବିଭାଗମାନଙ୍କରେ ସେ ଯେପରି ତାଙ୍କର କାର୍ଯ୍ୟ ଉତ୍ତମରୂପେ ଚଳାଇ ପାରୁଥିଲେ ଏହି ବିଭାଗରେ ସେହିପରି ନ କରି ପାରିବାରୁ ସେ କାର୍ଯ୍ୟରୁ ବିତାଡ଼ିତ ହୋଇଥିଲେ। ୧୯୨୯ ମସିହାଠାରୁ ଚର୍ଚ୍ଚିଲଙ୍କର ଗୃହଅନ୍ତେବାସ ଅବଧି ଘଟିଲା। ଏହିଠାରୁ ଦଶବର୍ଷକାଳ ସେ ଯେଉଁ ଜୀବନ ଅତିବାହିତ କଲେ ତାହା ତାଙ୍କ ପକ୍ଷରେ ମରୁ ପ୍ରଦେଶରେ ଜୀବନ ଯାପନ ପରି ହୋଇଥିଲା।

ଦୁଃଖର ଦିନ କଟିଗଲା ପରେ ଚର୍ଚ୍ଚିଲଙ୍କର ସୌଭାଗ୍ୟ ରବି ଉଦିତ ହେଲେ। Munich Crisis ଦିନଠାରୁ ଚର୍ଚ୍ଚିଲଙ୍କର ମୁକ୍ତି ଆରମ୍ଭ ହେଲା। ଦେଶବାସୀ ତାଙ୍କୁ ତାଙ୍କର ନେତାରୂପେ ଗ୍ରହଣ କଲେ। ଚେମ୍ବରଲେନ ପ୍ରଧାନ ମନ୍ତ୍ରୀ ପଦରୁ ଇସ୍ତଫା ଦେଲାପରେ ଚର୍ଚ୍ଚିଲ ଲୋକମାନଙ୍କ ଦ୍ୱାରା ସେ ସ୍ଥାନ ଅଧିକାର କଲେ। ଚେମ୍ବରଲେନଙ୍କ କାଳରେ Norwayରେ ଇଂରେଜମାନେ ୧୯୪୦ ମସିହା ଅପ୍ରେଲ ତା୨୨ରିଖରେ ଜର୍ମାନମାନଙ୍କର ଜୋରଯୋର ରୂପ ଦେଖି ପଛଘୁଞ୍ଚା ଦେଇଥିଲେ। ଚର୍ଚ୍ଚିଲଙ୍କ କାଳରେ ହିଟଲର ତା୨୨ରିଖ ଯୁଦ୍ଧ ମଧ୍ୟରେ ଫ୍ରାନ୍ସ ବେଲଜିୟମ ଓ ହଲାଣ୍ଡ ଅଧିକାର କରି ନେବାରୁ ଇଂରେଜମାନେ ବଡ଼ ହତୋତ୍ସାହ ହୋଇ ପଡ଼ିଥିଲେ ଏବଂ ଭାବିଥିଲେ ଜର୍ମାନସୈନ୍ୟ ଇଂଲଣ୍ଡକୁ ମଧ୍ୟ ଅତି ସହଜରେ ଦଖଲ କରିନେବ। ହିଟଲର ମଧ୍ୟ ତାହା କରିଥାଆନ୍ତେ। କିନ୍ତୁ ଚର୍ଚ୍ଚିଲ, ଦେଶପ୍ରେମିକ ଚର୍ଚ୍ଚିଲ ତାଙ୍କର ଉତ୍ତେଜିତ ବାଣୀ ଦ୍ୱାରା ଇଂଲଣ୍ଡ ଲୋକଙ୍କର ଭଙ୍ଗା ହୃଦୟକୁ ନୂଆ କରି ଗଢ଼ିବାରୁ ଇଂଲଣ୍ଡର ଲୋକମାନେ ହିଟଲର କବଳରୁ ଇଂଲଣ୍ଡକୁ ରକ୍ଷା କରିବା ପାଇଁ ଦେହି ଉଠିଲେ। ହିଟଲର ମଧ୍ୟ ଚର୍ଚ୍ଚିଲଙ୍କର ଅଦମ୍ୟ ତେଜ ଦେଖି ଇଂଲଣ୍ଡ ଯାତ୍ରା ବୋଧହୁଏ ସ୍ଥଗିତ କଲେ।

କିନ୍ତୁ ହିଟଲରଙ୍କର ମନୋଭାବ କିଏ ଜାଣେ? ତେବେ ଭଗବାନଙ୍କଠାରେ ମୋର ପ୍ରାର୍ଥନା ଚର୍ଚ୍ଚିଲ ଆଜି ଯେଉଁ ପଥରେ ପଶିଛନ୍ତି ଭଗବାନ ତାଙ୍କୁ ସାହାଯ୍ୟ କରନ୍ତୁ। ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହେଉ— ଭାରତ ତଥା, ଅନ୍ୟାନ୍ୟ ଦେଶ ସ୍ୱାଧୀନ ହେଉ। ଓ ଶୀଘ୍ର ଚର୍ଚ୍ଚିଲ ଏବଂ ହିଟଲରଙ୍କ ମଧ୍ୟରେ ଶାନ୍ତିର ପ୍ରତିଷ୍ଠା ହେଉ।

କୁମାର ଶ୍ରୀ ଅନନ୍ତ ନାରାୟଣ।

---

## ନୂଆ ନାଗଙ୍କ ନାମ

୪୪୮। ଶ୍ରୀ ଭବାନୀ ପ୍ରସାଦ ଷଡ଼ଙ୍ଗୀ, ସରାଇକେଲା ରାଜ ହାଇସ୍କୁଲ P. O. Seraikella. Dt. Singbhum. ୪୪୯। କୁମାରୀ ସୁରବାଳା ଦତ୍ତ, C/o Jitendranath Baral Ast. Teacher Jaleswarpur H. E. School. P. O. Deburda, Dt. Balasore. ୪୫୦। ଶ୍ରୀ ବିମଳେନ୍ଦୁ ମିଶ୍ର C/o ଶ୍ରୀ ବଂଶୀଧର ମିଶ୍ର, Vill. ବେଢ଼ାଗୋଡ଼ା, ପୋଃ କେଉଁଝର ଗଡ଼। (E. S. A.)

## ଭ୍ରମ ସଂଶୋଧନ

୪୪୫ ନମ୍ବର ନାଗଙ୍କର ନାମ କୁମାରୀ ନଳିନୀ ପାଣିଗ୍ରାହୀ ନ ହୋଇ କୁମାରୀ ନନ୍ଦିନୀ ପାଣିଗ୍ରାହୀ ହେବ।

---


# ମରମ

**କବି — ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

ନବ ଯୁଗର ନବୀନ ଭାବୋଚ୍ଛ୍ୱାସ

ପଢ଼ିଲେ ମୁଗ୍ଧ ହେବେ

ମୂଲ୍ୟ:—୫୦୭ ଅଣା


Digitized by srujanika@gmail.com

REG. NO. P. 441 THE DAGARO—16-3-1943.

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିଃ

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼

**ଭାରତୀୟ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ ସୁଦ୍ଧା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛନ୍ତି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୭ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

## ସୁଦୃଢ଼ତାର ପରିଚୟ—

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୧ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ଛୟଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ତାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସର୍ବତ୍ର ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
**ସେକ୍ରେଟେରୀ**
**ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା**

**ନରେନ୍ଦ୍ର ପ୍ରସାଦ ଦାସ**
**ଅର୍ଗାନାଇଜର**
**ଭଦ୍ରକ ।**

Printed & published G. C. Mahapatra at the Gopinath Press Bhadrak.

Digitized by srujanika@gmail.com




ସମ୍ପାଦକ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।

ବାର୍ଷିକ ଦୁଇଟଙ୍କା ପ୍ରତି ଖଣ୍ଡ ଏକଅଣା

Digitized by srujanika@gmail.com

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

# ଭ୍ରାମରୀ ରସାୟନ

ଏହା ପୁରାତନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚକ୍ଷୁ, ହସ୍ତାଙ୍ଗୁଳି ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବନ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଟ ୮୲ । **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅତିରେ ଆରୋଗ୍ୟ ହୁଏ । ଏକ ଶିଶି ଟ୨୲ଙ୍କା ମାତ୍ର ଟ ୨୲ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**
**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ
ଆଲମଚନ୍ଦ ବଜାର, କଟକ ।

---



## ବକ୍ସ କାମେରା
ମୂଲ୍ୟ—ଟ ୨।୷/

ନୂଆ ଶିକ୍ଷାର୍ଥୀମାନେ ଏଥିରେ ବେଶ ଫଟୋ ଉଠାଇବା ଶିଖି ପାରିବେ । ଏହାର ଲେନ୍ସ ଖୁବ୍ ମଜବୁତ୍ । ଏଥିରେ ଫଟୋ ଉଠାଇବା ଭାରି ସହଜ ଓ ଯେ କୌଣସି ଲୋକ ମାସକୁ ଟ ୧୫୦ ୲ ରୋଜଗାର କରିପାରେ । ଏହି କାମେରା ସାଙ୍ଗରେ ଆବଶ୍ୟକୀୟ ମସଲା, ଫିଲ୍ମ କାର୍ଡ ଓ ବ୍ୟବହାରର ପ୍ରଣାଳୀ ବିନା ମୂଲ୍ୟରେ ଦିଆଯାଇଥାଏ ।

ମୂଲ୍ୟ—ବକ୍ସ କେମେରା ଟ ୨ ।, ଉଲ୍‌ଷ୍ଟ ମଡେଲ ଟ ୩ ।୷ ; ପେକିଂ, ପାର୍ଶଲ ଖର୍ଚ୍ଚା ଟ୦।୷/
କେମେରା ସହିତ ଗୋଟିଏ ଡଜନ ଉଷ୍ଟ୍ରମ୍ୟାଚ ବିନା ମୂଲ୍ୟରେ ଦିଆଯାଏ ।

THE AMERICAN COMMERCIAL STORE.
Post Box 12213. Calcutta.


---


ପତ୍ରଚାଳନା ସମ୍ପାଦକ—**ଶ୍ରୀ ବ୍ରଜମୋହନ ଦାସ ।**



Digitized by srujanika@gmail.com

# ଡାଗରା

୬ଷ୍ଠ ବର୍ଷ
୨୧ଶ ସଂଖ୍ୟା
ଚୈତ୍ର ପ୍ରଥମାର୍ଦ୍ଧ
ତା ୧-୪-୪୩

—ପାକ୍ଷିକ—
ବାର୍ଷିକ—୮୬୯
ପ୍ରତିସଂଖ୍ୟା—୪୦/
ବିଦେଶ—୪ ୩୯


## ହୁକା ହୁକା ହୁଆ

[ ବିଲୁଆ ବିଗୁର ]

ମଞ୍ଚରେ ଯାଇ ଥିଲରୁ, ପଣ୍ଡିତ ନୀଳକଣ୍ଠ-ଙ୍କର କେତେ ରୂପ ଦେଖି ଜୀବନ ଜନ୍ମ ସାର୍ଥକ ହେଲା ସିନା। ଦିନେ ଦେଖିଥିଲୁ ତାଙ୍କର ଧବଳ ବସନ—ବିଳାସୀ ବଳକଣ୍ଠ ରୂପ—ଦିନେ ଦେଖିଥିଲୁ ଦଣ୍ଡ ଗେରୁଆଧାରୀ ସନ୍ନ୍ୟାସୀ ରୂପ, ଦିନେ ଦେଖିଥିଲୁ ଶ୍ୱେତ ଖଦଡ଼ ବିଭୂଷିତ ଚକ୍ରଧାରୀ (ଚରଖା) ବେଶ। ଦିନେ ଦେଖିଥିଲୁ ରଣ ସାଜ୍ ସଂପରେ ପରଶୁରାମ ବେଶ, ଦିନେ ଦେଖିଥିଲୁ—ଜାତୀୟ ସମାଜ ଦଳର ପୁରୋହିତ ବେଶ; ଦିନେ ଦେଖିଥିଲୁ ପରଓ୍ୟାଡ଼ ବେଶ—ଏଇପରି ଆଉରି କେତେ କେତେ ପ୍ର-ବେଶ ଉପବେଶ ମାନ। ଇଲଗେ ତାଙ୍କର ହିନ୍ଦୁ ମହାମଣ୍ଡଳର ଆଧୁନିକ ସଂସ୍କରଣ ବେଶ ଦେଖି ସେଥିପାଇଁ ଆଶ୍ଚର୍ଯ୍ୟ ହେବାର କଥା ନାହିଁ। ପଣ୍ଡିତ ମଦନମୋହନ ମାଳବ୍ୟ ଓ ଡା: ମୁଞ୍ଜେ ଓ ବୀର ସାଭରକାରଙ୍କର ଶାରୀରିକ ଅବସ୍ଥା ଯେପରି, ସେଥିରେ ପଣ୍ଡିତଙ୍କ ଛଡ଼ା ଏ ତିନି ସ୍ଥାନ ବାମନଙ୍କ ଭଳି ତିନି ପାଦରେ ମାଡ଼ିବସିବାକୁ ଭାରତରେ ଆଉ କେହି ଥିବା ପରି ଦିଶୁନାହାନ୍ତି। ଏଣୁକରି ତାଙ୍କର ଏହି ନବ ଅଭିଯାନ ସାଫଲ୍ୟ କାମନାରେ ଆମ୍ଭେମାନେ ପ୍ରାଣର ଉଷ୍ଣତମ ଅଭିନନ୍ଦନ ଜଣାଉଛୁଁ।

ଉତ୍କଳ ମା'ତାର ନାମେ ପଡ଼ିଯାଉ ଗାର।

× + ×

### ସତ୍ୟମୂର୍ତ୍ତିଙ୍କ ମହାପ୍ରୟାଣ

ମାଡ୍ରାଜର ନିଃସ୍ୱାର୍ଥପର କଂଗ୍ରେସ ନେତା ଶ୍ରୀଯୁକ୍ତ ସତ୍ୟମୂର୍ତ୍ତି ଭାରତରକ୍ଷା ଆଇନରେ ଧୃତ ହୋଇ ଅଟକ ଥିଲେ। କେତେଦିନ ତଳେ ସେ ଅସୁସ୍ଥ ହେବାରୁ ତାଙ୍କୁ ଖଲାସ କରି ଦିଆ ଯାଇଥିଲା। ସେ ମାଡ୍ରାଜ ଜେନେରାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତ ମାର୍ଚ୍ଚ ୨୮ ତାରିଖ ଦିନ ଏହି ମହାପୁରୁଷଙ୍କର ମହାପ୍ରୟାଣ ହୋଇଅଛି। 'ଡାଗର' ଏହି ମହାମାନବଙ୍କର ଅମର ଆତ୍ମା ନିକଟରେ ଶିର ନତ କରୁଅଛି।

ପଡ଼ କହିବାକୁ ଗଲେ, ଅବସ୍ଥା ଦେଖି ବ୍ୟବସ୍ଥା କରିବା ଅର୍ଥାତ୍ ପାଣି ପବନ ଗତି ଦେଖି ଛତା ଧରିବା ବୁଦ୍ଧିମାନର କାମ। ଯେଉଁମାନେ ଗୋଟାଏ କଥା ବା ନୀତିକୁ କାମୁଡ଼ି ଧରନ୍ତି ସେମାନେ ହୁଏ ମୂର୍ଖ ନୋହିଲେ ପାଗଳ। ପଣ୍ଡିତଜୀ ଯେତେବେଳେ ଯେଉଁ ସୁବିଧା ପାଉଛନ୍ତି ତହିଁରେ ଆପଣାକୁ ଖାପ (adapt) କରି ନେଇ ପାରୁଛନ୍ତି। ପାରୁନାହାନ୍ତି କେବଳ ଗୋଟାଏ ବିଷୟରେ; ସେଇଟା ହେଉଛି ତାଙ୍କର ପ୍ରିୟ ଦାଢ଼ି। ସେଇଟିକ ଯାହା ତାଙ୍କର ଦୁର୍ବଳତା।

ଇଂରାଜୀରେ ବି ଅଛି Consistency is the bob goblin of little mind—ତେବେ କାହିଁ Consistent ହେବାକୁ ଯିବେ?

ଆମେ ଚାହିଁରହିଛୁ ସେଇ ଶୁଭଦିନକୁ ଯେଉଁଦିନ ପଣ୍ଡିତେ ସ୍ୱଦେଶ ପାଇଁ ମୁସଲିମ ଲୀଗକୁ ବରଣ କରିବେ। ଏଥିପାଇଁ ତାଙ୍କୁ ବେଗ ପାଇବାକୁ ହେବନାହିଁ—କାରଣ ତାଙ୍କର ଦାଢ଼ିରୂପୀ badge ବିଦ୍ୟମାନ।

+ × +

ଆମ ଦେଶରେ ଯେତେବେଳେ "ହା ଅନ୍ନ, ହା ଅନ୍ନ" ବୋଲି ରଡ଼ି ପଡ଼ିଛି, ସେତେବେଳେ ଆମ ପ୍ରଦେଶରୁ ଅନ୍ୟ ପ୍ରଦେଶକୁ ପାଣି ସୁଅ ପରି ଧାନ ଛୁଟି ଯାଉଛି।

Digitized by srujanika@gmail.com

ଓଡ଼ିଶା ସରକାର ବଙ୍ଗ ପ୍ରଦେଶକୁ ସପ୍ତାହରେ ଛଅଶହ ହଜାର ମହଣ ଚାଉଳ ଦେବେ ବୋଲି ସ୍ଥିର କରିଛନ୍ତି । ତା' ଛଡ଼ା କେନ୍ଦ୍ର ସରକାର ୨ ଲକ୍ଷ ମହଣ ଚାଉଳ ଓଡ଼ିଶାରୁ ନେଇ ବଙ୍ଗଳାକୁ ଦେଉଛନ୍ତି । ଏଣେ ବାଲେଶ୍ୱର, ଭଦ୍ରକ, କଟକ ଷ୍ଟେସନ ମାନଙ୍କରୁ ଗୋଟିଏ ଦିନରେ କଅଡ଼େ ୬୦୦୦ ମହଣରୁ ଉପର ଚାଉଳ ରପ୍ତାନି ହୋଇଛି । ଏଥିଅ ଯଦ ହଉଛି ଏଥିପାଇଁ ଦାୟୀ କିଏ ? ମିଶ୍ର ମନ୍ତ୍ରୀମଣ୍ଡଳ ନା ? ସେଦିନ ପାଟମନ୍ତ୍ରୀ ନିଜେ ଖଣ୍ଡ ଫୁଲାଇ କଣରେ ହାତ ମାରି କହିଦେଇ ଗଲେ, "ଆମ ପ୍ରଦେଶର ସାଧାରଣ ଲୋକଙ୍କ ଯୋଗୁଁ ମନ୍ତ୍ରୀ ଗାଦିରେ ଅଛୁଁ । ତାଙ୍କ ଅଭାବ ଦୂର ନ ହେଲା ପର୍ଯ୍ୟନ୍ତ ଆମେ ଦାନାଏ ଧାନ ବା ଚାଉଳ ବାହାରକୁ ରପ୍ତାନି କରିବୁ ନାହିଁ ।" କଥାରେ ସିନା କହିଗଲେ—କଥାରେ ଏବେ କିଏ କ'ଣ ନ କହୁଛି । କିନ୍ତୁ ଯେତେବେଳେ ଓ ଗଜପତି ମହାରାଜ—ଓଡ଼ିଆ ଜାତିର ମହତ୍ତ୍ୱମଣି ! ଯେ ଦେଶରେ ଶିରକୁଣ୍ଡୀଙ୍କ ପେଟ କଥା ବୁଝନ୍ତି ସେ ପୁଣି କିପରି ଓଡ଼ିଶା ପାଖରେ ବଙ୍ଗଳାର ଏ ଅବସ୍ଥା ଦେଖି ସହି ପାରନ୍ତେ । ଆମେ ଓଡ଼ିଆ ଗରିବ ହେଲେ କ'ଣ ହେଲା ଦାତା ପଣରେ ନ୍ୟୂନ ନୋହୁଁ । କଥାରେ ଅଛି—"ଓଡ଼ିଆ ସେ ଦାତା ନେହି" ଆମେ ପେଟରେ ଖାଇବାକୁ ନ ପାଉଁ କିନ୍ତୁ ଆମର ଏ ସୁନାମ ବଜାୟ ରହିଥାଉ ।

\+ × +

ଦୁର୍ଭିକ୍ଷ, ମଡ଼କ, ମହାମାରୀ ଯେତେବେଳେ ସଜବାଜ ହୋଇ ପ୍ରତିଯୋଗିତା କରି ବାହାରିବାର ଉଦ୍ୟମ କରୁଛନ୍ତି ଓ ତେଣେ ରଣଚଣ୍ଡୀ ବିକଟ ହୁଙ୍କାର କରି ତାଙ୍କ କାମ ହାସଲ କରୁଛନ୍ତି । ଏପରି ସମୟରେ ବ୍ରଜପତି ଠାକୁର ବି ପୂର୍ଣ୍ଣ ଉଦ୍ୟମରେ ତାଙ୍କ କାମରେ ଲାଗି ପଡ଼ିଛନ୍ତି । ସେ ନୋଳ ମୁକୁଟ ଓ ଅସାଡ଼ୁଆ ମୁଡା ଧରି ଦେଶରେ ଭୂମୂଳ ଆନ୍ଦୋଳନ ଲଗାଇ ଦେଲେଣି । ତାଙ୍କ ପଛେ ପଛେ ଅନ୍ଧ ଠାକୁର କାମଦେବ ତାଙ୍କର ଫୁଲଧନୁ ଫୁଲଶର ନେଇ ହାଜର ।

ଗତ ମାଘ ଫଗୁଣରେ ଯେତେ ବାହାଘର ହୋଇଗଲା ଅନ୍ୟ ମୁହୂର୍ତ୍ତମାନଙ୍କରେ ଏପରି ଦେଖାଯାଏ ନାହିଁ । ପୁଣି ବିବେଚ୍ୟ ହେଉଛି ଯେ ବୈଶାଖକୁ ମୂଳତବି ରହିଛି ତାର କଳନା କରିବା ମଣିଷର ସାଧ୍ୟାତୀତ ।

ଫାଲ୍‌ଗୁନବାରେ ବୁଦ୍ଧିମନ୍ତ ଲୋକେ ମାଘ କହୁଛନ୍ତି କି—ଯଉଁ ବେଳା ଆସୁଛି—ଅବଢ଼ା ଦୋହଟା କହିଯାଇ ଥାଉ ।

\+ × +

ଆମ ଶିକ୍ଷା ଡାଇରେକ୍ଟର ତ୍ରିପାଠୀ ସାହେବଙ୍କ ବ୍ରତଘର ବେଳକୁ ସେ ତାଙ୍କର କେତେ ବନ୍ଧୁ ବାନ୍ଧବଙ୍କୁ ଆମନ୍ତ୍ରଣ କରି ଘରକୁ ନେଇ ଯାଇଥିଲେ । ଏହି ବନ୍ଧୁଗଣ ବ୍ରତବେଦୀରେ ଟଙ୍କା ଓ ସୁନାରେ କି କି ବ୍ରତଭିକ୍ଷା ଦେଇଛନ୍ତି ତାର ଗୋଟିଏ ତାଲିକା ପେସ୍ କରିବା ସକାଶେ ଶ୍ରୀମତୀ ସରଳା ଦେବୀ ବ୍ୟବସ୍ଥା ସଭାରେ ଏକ ପ୍ରଶ୍ନ ଆଗତ କରିଥିଲେ । ଏଭଳି ପ୍ରଶ୍ନରେ ମୌଳିକତା ଅଛି ସେଇପରି ନୂତନତ୍ୱ ମଧ୍ୟ ରହିଛି । ଆଉ ପୁଣି ରହିଛି ଦେଶ ହିତୈଷିଣା । କାରଣ ଏତିକ ପଦାରେ ପଡ଼ିଯାଇଥିଲେ ଭବିଷ୍ୟତରେ ଅନେକଙ୍କୁ ଗୋଟାଏ ମାପ (Stand[illegible] ମିଳିଯାଇ ଥାଆନ୍ତା ।

ମାନ୍ୟ ମନ୍ତ୍ରୀ ଗୋଦାବରୀଶ ଏ ପ୍ରଶ୍ନର ଉତ୍ତର [illegible] ଦେଇ ନିଜର ଦୁର୍ବଳତା ପ୍ରକାଶ କଲେ ।

ଦୁଃଖ ହେଉଛି ଏତିକି ଯେ ତ୍ରିପାଠୀ ସାହେବଙ୍କ ଭଳି ଜଣେ ସୁରସିକ ଓ Chivalrous ବ୍ୟକ୍ତି ସରଳା ଦେବୀଙ୍କ ନ ଡାକିବା ଭଳି ଏତେ ବଡ଼ ଭୁଲଟା କରି ବସିଲେ କିମିତି ? ଯାହାହେଉ ପୁଅ ବାହାଘର ବେଳକୁ ଏ ଭୁଲ ସଂଶୋଧନ କରି ନେବେ ବୋଲି ଆଶାକରୁଁ ।

× + ×

ଯଦୁମଣି ମଙ୍ଗରାଜଙ୍କୁ ଏକା ସାଙ୍ଗରେ ଶନିସପ୍ତା ଓ ରାହୁଷ୍ଟିଭ ମହାଯଶା ପଡ଼ିଛି ବୋଲି ବାଇବୋଳ ମହାପାତ୍ରେ କହନ୍ତି । ଗୋଟିଏ ଅସନ୍ତୋଷ ମକଦ୍ଦମାରେ ପଡ଼ି ଧାଣ୍ଡି ଚକଟ ହେଉଥିଲାବେଳେ ସେ ରେଳବାଇ ଉପଦେଶକ ସଭାର ମେମ୍ବର ନିଯୁକ୍ତ ହୋଇଛନ୍ତି । ଏ ନିଯୁକ୍ତିରେ ଓଡ଼ିଆ ପୁଏ ଭରି ଆଶାବାଦୀ (optimistic) ହୋଇ ଉଠିଛନ୍ତି । ସଭା ସମିତିରେ ତ ମଙ୍ଗରାଜେ ଆପଣେ ଧୂଳ୍ ହାତ[illegible]

( ବଲୁଅଷ୍ଟମୀର ୮ମ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

କଥାଂଶ କାହ୍ନ

# ଇନ୍‌କାର

ଲେଖକ—ଶ୍ରୀ ଜଗଦୀଶ ପ୍ରସାଦ ମହାନ୍ତି

କାହାଣୀ

ରାଜକୁମାରୀ ରାଜକୁମାରକୁ ମୁହଁଛପା ଦେଇ ରହିଛି। ଯଦିନେ ରାଜକୁମାର ଏଥିପାଇଁ ଅଖିରୁ ଲୁହ ଗଡ଼େଇ ଥିଲା। କିନ୍ତୁ ଅଜକାଲି ମାଗଣା ଅନୁଶୋଚନା କରିବାକୁ ମନ ବଳିଯାଏ। ତଥାପି ବେଳେ ବେଳେ ମନ-ଇଚ୍ଛା ହୋଇଉଠେ। ହୃଦୟ ହାହାକାର କରିଉଠେ। ସୁତରାଂ ଦୁନିଆକୁ ଦେଖେ ସେ ଗୋଟାଏ ସନ୍ଦେହୀ ଦୃଷ୍ଟିରେ।

ନିର୍ମଳର ଯଦିନେ କଳ୍ପନାକୁ ପାଇବା ଥିଲା ଗୋଟାଏ ସ୍ୱପ୍ନ। ସେ କଳ୍ପନାକୁ ଭଲ ପାଉଥିଲା ତାର ପ୍ରାଣ ଦେଇ। କିନ୍ତୁ କଳ୍ପନା ଯେ ତାର ଭଲ ପାଇବାର ପ୍ରତିଦାନ କେବେ ଦେବ ଏଁଠା ଥିଲା ତାର କଳ୍ପନା।

ଅଜ ନିର୍ମଳ ଏମ୍, ଏ ପାଶ କରି ସବ୍‌ଡେପୁଟି। ଅଭାବ ତାର କିଛି ନାହିଁ। କିନ୍ତୁ ମନର ସଉକ ଯୁବକର ଖିଅଲ ତାର ନଷ୍ଟ ଯାଇଛି। ସେ ଅତୀତକୁ ଭୁଲି ଯିବାକୁ ବାର ବାର ଚେଷ୍ଟା କରେ। କିନ୍ତୁ ପାରେନା।

ଛ ସାତ ବର୍ଷର ତଳର କଲେଜ ଜୀବନରେ ନିର୍ମଳର ପରିଚୟ ହୋଇଥିଲା କଳ୍ପନା ସାଙ୍ଗେ। ସେତେବେଳେ ନିର୍ମଳ ପଢ଼ୁଥାଏ ଥାର୍ଡ ଇୟରରେ— ଆଉ କଳ୍ପନା ନୂଆ ଅସି ସେ ବର୍ଷ ନାଁ ଲେଖାଇଥାଏ ଫାଷ୍ଟ ଇୟରରେ। କଳ୍ପନାର ମସ୍ତ ବୋମହଲା କୋଠାର ଦଶ ବାରଟା ଘର ଛଡ଼ା ଖଣ୍ଡେ ମାମୁଲି ଭଡ଼ା ଘରେ ରହୁଥାଏ ନିର୍ମଳ। କଲେଜ ଯା ଅସ ସମୟରେ ପ୍ରାୟ ଦୁହିଁଙ୍କର ଉଦାସିଆ ଅଖିର ଦୃଷ୍ଟି ବିନିମୟ ହୁଏ। ନିର୍ମଳ କଳ୍ପନାକୁ ଦେଖେ, କଳ୍ପନା ଓ ନିର୍ମଳକୁ ଦେଖେ। କିନ୍ତୁ ନିର୍ମଳର ଅଖି ଉଦୟରେ ଫେରିଆସେ ସୁନ୍ଦରୀର ଗୋଲାପୀ ମୁହଁ ଉପରୁ। ନିର୍ମଳ କଳ୍ପନାକୁ ଭଲ ପାଇବାକୁ ଚେଷ୍ଟା କରେ, କିନ୍ତୁ ଦାରିଦ୍ର୍ୟର ଭାବନା ସୁକୁମାର ପ୍ରେମ ମୁହୂର୍ତ୍ତକୁ ଛଡ଼ାଇ ଦିଏ। ଜଗତ ତ-

ମାନେ ନା ବଡ଼ଲୋକ ପରି ଗରିବର ସଉକ ଅଛି, ଚିପାଯା ଅଛ ବୋଲି, ସେ ଦେହିଅ ହୋଇ ଜଗତ ଅଗରେ ଏପରି ଗୋଟାଏ ଦାବୀ କରି ଶ୍ରେଷ୍ଠକୁ ଅପ-କୀର୍ତ୍ତି ବରଣ କରିବ କାହିଁକି ?

କଲେଜରେ ନିର୍ମଳର ଖ୍ୟାତି ଥିଲା ବିସ୍ତର। ସେ ଥିଲା ପ୍ରଫେସରମାନଙ୍କର ଗର୍ବ। ରୂପରେ, ଗୁଣରେ ଓ ପାଠରେ ତା ସାଙ୍ଗେ ତାଳ କେହି ଦେଇ ପାରୁ ନ ଥିଲେ। ଏହି ଖ୍ୟାତି କଳ୍ପନାକୁ ଟାଣୁଥିଲା ନିର୍ମଳ ପାଖକୁ। କଳ୍ପନା ନିର୍ମଳକୁ ଭଲ ପାଇବାକୁ ଚେଷ୍ଟା କରୁଥିଲା, କିନ୍ତୁ ତାରଓ ସନ୍ଦେହ ଥିଲା ନିର୍ମଳ ପରି ବିଦ୍ୱାନ୍ ଓ ସଜ୍ଜନଠୁଁ ସେ ତାର ପାଉଣା କୋଉ ଗୁଣ ନେଇ ଆଶା କରିବ। ଇମିତି ଦୁହିଁଙ୍କର ସନ୍ଦେହ ଭିତର ଦେଇ ଭଲ ପାଇବାର ଆତ୍ମପ୍ରକାଶ।

( ୨ )

ସେ ବର୍ଷ କଲେଜରେ ହେଉଥାଏ ଗୋଟାଏ ବଡ଼ ଧରଣର ଡ୍ରାମା ଶୋ। ପ୍ରଫେସର ମାନଙ୍କ ଜହାହି ବାଧ୍ୟରେ ପଡ଼ି ନିର୍ମଳ ଓ କଳ୍ପନା ଯଥାକ୍ରମେ ଅଧମ ଯୁଗର ରାଜା, ରାଣୀ ଭୂମିକାରେ ଅଭିନୟ କରୁଥାଆନ୍ତି। ଅଭିନୟର ଗାମ୍ଭୀର୍ଯ୍ୟ ଓ ବାସ୍ତବତାରେ ଯେତେବେଳେ ମୁଗ୍ଧ ଜନତାର ଭୁଣ୍ଡରୁ ଦୁହିଁଙ୍କ ନାମ ଘନ ଘନ କରତାଳିରେ ମୁଖରିତ ହେଲା, ସେତେବେଳେ ପରଦା ଉହାଳରେ ପ୍ରଥମ ହୋଇ ଦୁହିଁଙ୍କର ଗୁରଜ୍ୟୁ ମିଳନ ହୋଇଥିଲା ସ୍ୱାଧୀନ ଭାବରେ। ପୁର୍ବର ବାଧା ବନ୍ଧ ଭାଙ୍ଗି ଦୁଇଟି ପ୍ରାଣର ଉଚ୍ଛ୍ୱାସ ବୋହିଲା ଏକ ହୋଇଯିବ ବୋଲି। ଯୌବନ କୁଆର ବୋଲ ମାନିଲା ନାହିଁ। ମନର ଚୋରିତ ଦଖଣ୍ଡେ ଉର୍ଦ୍ଧ୍ୱରର ଦୃଷ୍ଟିନ ନ ମାନି ସେଇ କୁଅରିଥି ଦରଥିକି ଟେକିଲା। ମୁଗ୍ଧ ଦର୍ଶକ ମଣ୍ଡଳୀ ଅଗରେ ଯେତେବେଳେ ଦୁହେଁ ହାତ ମିଳାଇ ଯୋଡ଼ିଏ ସ୍ୱର୍ଣ୍ଣ ପଦକ ଉପହାର ସ୍ୱରୂପ ଗ୍ରହଣ କଲେ ସେତେବେଳେ ଦୁହିଁଙ୍କ ହୃଦୟରେ ପ୍ରେମର ମହୁଆଲି ଘଗ ମାତି ଉଠିଥିଲା। ଉଭୟଙ୍କ ହାତର ଶୀତଳ ଖନନ ଭିତରେ ପ୍ରେମର କାହାଣୀ ଜୀବନ୍ତ ହୋଇ ଉଠିଥିଲା। ଉଭୟଙ୍କ ହୃଦୟରୁ ସମସ୍ତ ସନ୍ଦେହ, ସଙ୍କୋଚ ସେଇ ମୁହୂର୍ତ୍ତରେ ଅପସରି ଗଲା।

ତାପରେ ସୁରୁହେଲା ପ୍ରେମର ଅଭିଯାନ। ଦୁହେଁ ଭାବିଥିଲେ ଦୁଇଟି ମୁକ୍ତ ବିହଗ ପରି ଫଗୁଣ ଅକାଶର

Digitized by srujanika@gmail.com

ଙ୍ଗୀନ ନିଶାରେ ବିଭୋର ହୋଇ । କଲେଜର ସବୁ କାମରେ, ଘରେ ବାହାରେ ଦୁହିଁଙ୍କ ଭିତରୁ କେହି ଜଣେ ଅନୁପସ୍ଥିତ ହେଲେ ଅନ୍ୟର ମନ ଶ୍ରାନ୍ତ ହୋଇ ଉଠୁଥିଲା ।

ସମସ୍ତ ପାଣି ସୁଅ ପରି ବୋହି ଯାଉଥିଲା । ତାରି ଭିତରେ ଦେଇ ଦିନକୁଦିନ ବର୍ଦ୍ଧିଷ୍ଣୁ ନଈ ପରି ପ୍ରେମର ଅସରନ୍ତି ଢେଉ ଉଭୟଙ୍କ ହୃଦୟରେ ଅର୍ଘ୍ୟ ଢାଳି ଦେଇ ଯାଉଥିଲା । ଉଭୟେ ଉଭୟଙ୍କ ଚରଣରେ ଆତ୍ମହରା ହେଉଥିଲେ । ପ୍ରଣୟୀ ପ୍ରଣୟିନୀର ଗଭୀର ଆକୁଳତା ଦୁହିଙ୍କ ମନରେ ଦେଖା ଦେଉଥିଲା । ଗୁପ୍ତ ମିଳନର ତାସ ଘର କେତେଥର କ୍ୟାଫିଟେରିଆରେ ଉଦ୍ୟାନର ହୋଟେଲରେ ଦର୍ଶେ, ମହାନଦୀର ଗୋଳିଆ ପାଣି ଉପରେ ସୁନ୍ଦର ଝଲମଲ କିରଣରେ ଖେଳ ହୋଇ ଦର୍ଶେ କେତେ ହସିଚନ୍ଦ୍ର, କାଳି ମନ୍ଦିରରେ କେତେ ସ୍ନିଗ୍ଧ ସନ୍ଧ୍ୟା ଦୁହିଙ୍କ ମିଳନ ଗୀତରେ ପୂତ ହୋଇଛି ।

ସେଦିନ ବୁରୁଜ ଉପରେ ବେଞ୍ଚରେ ବସି ଚାନ୍ଦ ଖଣ୍ଡେ କଳା ବଉଦ ତଳୁ ଜୁଟ ଛପି ମୁହଁ ଦେଖାଉଛି । କାଠଯୋଡ଼ୀର ଅସରନ୍ତି ଗୋଳିଆ ପାଣି କଳକଳରେ ତାଙ୍କର ଭୁଲ ଗୀତ ଗାଇ ଚାଲିଯାଉଛି । ଠିକ୍ ସେଇ-ଦିନର ସେଦିନକବେଳେ ଚାନ୍ଦକୁ ସାକ୍ଷୀ ରଖି ଦୁହେଁ ଯାହା ପ୍ରତିଜ୍ଞା କରିଥିଲେ ଚାନ୍ଦର ଲୁଅର ପୁଣିଥରେ ଉତ୍ସବରେ ଦୁହିଙ୍କର ଜୀବନ-ଯାତ୍ରାର ଶଙ୍ଖ ବାଜିବ ।

( ୩ )

ନିର୍ମଳ ଏମ୍, ଏ, ପାଶ କଲା । ଭାଗ୍ୟ ଦୋଷରୁ ହେଉ ଅଥବା କଳ୍ପନାର ଅକର୍ଷଣ ଅଭିଶାପରୁ ହେଉ ତାର ନାମ ବାହାରିଲା ସେକେଣ୍ଡ ଡିଭି-ଜନରେ । ଭବିଷ୍ୟତର ସମସ୍ତ ଆଶା ତାର ଚୁରମାର ହୋଇଗଲା । ସେ ନିଜକୁ ଅତି ତୁଚ୍ଛ ମନେ କଲା । ଚାକିରି ବାକିରି ନେଇ ସେ କଳ୍ପନାକୁ ତାର ଜୀବନ-ସାଥୀ କରିବ । ମନକୁ ପ୍ରବୋଧ ଦେବାଲାଗି ଠିକ୍ କଲା ସେ ଜନ୍ମଭୂଇଁ ଗାଁଅକୁ ଯିବାକୁ କିନ୍ତୁ କଳ୍ପନା—ଯିଏ ସେ ତାକୁ ପ୍ରାଣ ଦେଇ ଭଲପାଏ । ସେ ତାକୁ ଛାଡିଯିବ କେମିତି ଚିରଦିନ ପାଇଁ । ତାର ଭବିଷ୍ୟତକୁ ଅମେଇସା ଅନ୍ଧାରରେ ପକେଇ ଦେଇ ଯିଏ ଯିବ କୁଆଡ଼େ ? ତାର ଜୀବନର ସଙ୍ଗିନୀ କଳ୍ପନା—ଜନମ ମରଣର ସାଥୀ କଳ୍ପନା—ତାର କଳ୍ପନାର ପାରିଜାତ କଳ୍ପନା—ସେ ତାକୁ ଛାଡ଼ି ଦେଇ କେଉଁଠି ଶାନ୍ତି ପାଇବ ? ଠିକ୍ କଲା ସେ କଳ୍ପନାଠୁଁ କେତେଦିନ ଛୁଟି ନେଇ ଦୁଃଖେ କଷ୍ଟେ ଦିନ କେତେଟା କଟେଇ ଦେବାକୁ । କିନ୍ତୁ କଣ ନେଇ ସେ ତା ପାଖକୁ ଯିବ । କଳ୍ପନା ଏତେବେଳେ ହୁଏତ ତାକୁ ଅନ୍ତରରେ ଘୃଣା କରୁଥିବ । ନାଁ—ତା ହୋଇ ନ ପାରେ । ସେ ତାର ଜୀବନର ପ୍ରତିଜ୍ଞା ଭୁଲିବନି । ଯଦି କଳ୍ପନା ତାକୁ ନ ଛାଡ଼େ—ତେବେ ତାର ଉପାର୍ଜିତ ଜୀବନର ପୁଞ୍ଜୀଭୂତ ସମସ୍ତ ଆଶା ଆଉ ସୋହାଗର ଶତା ନିଜ ହାତରେ ରଚି ଦେଇ ସେ କଣ କଳ୍ପନାଠୁଁ ବିଦାୟ ନେବ ? ସେ କହିପାରିବ ତ କଳ୍ପନା—ତୁମେ ମୋତେ ଭୁଲିଯାଅ । କଳ୍ପନାର ଲୁହ ଆଗରେ ତାର ଛାତି ଜମାଟ ବାନ୍ଧି ରହିବ ତ ? କଳ୍ପନାର ଅଶ୍ରୁରେ ତେବେ କଣ ସେ ତାର ଯୌବନର ପ୍ରତିଷ୍ଠା କରିବ ? ଅସମ୍ଭବ—ସେ କଳ୍ପନାକୁ ଛାଡ଼ି ଯାଇ ପାରିବ ନାହିଁ । ସେ ତାର ସାଉଁଟା ସ୍ନେହ ପସରାଟିକୁ ବିସର୍ଜନ ଦେଇ ଅସ୍ଥ ହୋଇ ପାରିବ ନାହିଁ ।

ମୁହଁ ଟେକି ଦେଖିଲା ବାହାର କଲା ସେ କଳ୍ପନାର ଖଣ୍ଡିଏ ଫଟୋ ଓ ଗୋଲାପୀ ଖ୍ୟାଡ଼ କାଗଜର ଖଣ୍ଡିଏ ଚିଠି । ତାର ତାରୁଣ୍ୟର ସବୁଜ ସ୍ୱପ୍ନ ସେହି ଫଟୋ ଖଣ୍ଡି । ତାର ଲାଳସାର ପରିତୃପ୍ତି ମଖମଲ ଘିରାପୀ ସେଇ ମୁହଁ ଖଣ୍ଡିକରେ । ତାହି ବାର ବର୍ଷ ବାର ଆଖି ଭୁଲିଲା କିନ୍ତୁ ପିଆସା ମେଣ୍ଟିଲା ନାହିଁ । ଯୁବକ ତାକୁ କବାଡ଼ ଭାବରେ ଗୁଡ଼େଇ ରଖିଲା ଛାତି ଉପରେ । ଛାତିର ତାର ଅଭିଳାଷ ସେହି ପ୍ରେମ-ମୟୀ ପାଖରେ ଅଜାଡ଼ି ଦେବାକୁ ।

ତାର ଜୀବନ-ପ୍ରଭାତର ନବୀନ ବେଦ ଉଲ୍ଲାସିନୀର ଚିଠି ଖଣ୍ଡିକ—ପ୍ରେମର ପୂର୍ତ୍ତି ତାର କେତେ ଧାଡ଼ି ଅକ୍ଷର ଭିତରେ । ଅକ୍ଷର କହୁଛି ସେ— କଳ୍ପନା ତାକୁ ପ୍ରେମର ମାଳା ଗୁନ୍ଥି ଉପହାର ଦେଉଛି । ଯୁବକର ଶୋଷ ବଢ଼ିଲା । ପ୍ରେମମୂରା ପିଇ ସେ ହେଲା ମାତାଲ । ଚିଠି ଖଣ୍ଡି ଓଲଟେଇଲା—

Digitized by srujanika@gmail.com

ପ୍ରିୟ ସ୍ନେହ,

ଚାଁଦର ପୁନେଇଁ ମହୋତ୍ସବରେ ଆମେ ଯୋଉ ପ୍ରତିଜ୍ଞା କରିଥିଲେ, କାଳୀ ମନ୍ଦିରରେ ସ୍ନିଗ୍ଧ ସନ୍ଧ୍ୟାର ଧୂସର ଛାଇରେ ବେଫିକ୍ ମନର ଯୋଉ ବାଲୁକା ମନ୍ଦିର ଗଢ଼ିଥିଲେ, ଜୀବନରେ ତାର ସାର୍ଥକତା କରିବାକୁ କେବେ ଯେପରି ନ ଭୁଲ । ଏତିକି ।

—କଳ୍ପନା—

( ୪ )

ନିର୍ମଳ ବେକାର ଯୁବକ । ଭବିଷ୍ୟତ ତା ନିକଟରେ ପ୍ରହେଳିକାମୟ । ତଥାପି ତାର ଅନୁଶୋଚନା ନାହିଁ । ଭବିଷ୍ୟତର କୁହୁଡ଼ ଘେରା ପରଦାକୁ ଠେଲି ସେ ଭିତରେ ପଶିବାକୁ ଚେଷ୍ଟା କରେନାହିଁ । ତାର ଦୁଃଖରେ ଆଶା ଖେଳେଇ ଦିଏ କଳ୍ପନା । ମନ ଛିଣ୍ଡି ହୋଇ ଉଠିଲେ କଳ୍ପନାର ସ୍ମୃତି ତାକୁ ରଙ୍ଗୀନ୍ କରେ । କିନ୍ତୁ ମନ ଚୋଟାଏ ଜାଲ୍ ଜାଲ୍ ଅ ଛାଇ ପଛରେ ଗୋଡ଼େଇବାକୁ ମାନେ ନା । ହୃଦୟ ତାକୁ ଚାହେଁ ଖୁବ୍ ନିକଟରେ । ଯୁବକର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ତା ପାଇଁ ଝୁରି ହୁଅନ୍ତି । କିନ୍ତୁ ନିଜର ଦାୟିତ୍ୱ ଯୁବକକୁ ପଛକୁ ଠେଲେ । ପାଗଳ ଯୁବକ ଆଶ୍ୱାସନା ଦିଏ ସଭିଙ୍କୁ । ସେ ଯେ ତାର— ବିଦାୟ ବେଳର କଥା କେତେଠି ପଦ—ନା—ନାଁ— ତାଙ୍କ ଜୀବନର ପ୍ରେମର କାହାଣୀଟିକୁ ସେ କ'ଣ ବିସ୍ମୃତିର ଗର୍ଭକୁ ଠେଲିଦେବ ? ପାଖ ଜମିଦାର ଘରେ ରେକର୍ଡ଼ ବାଜିଉଠେ—

"ଯେ ଯାର ସେ ତାର
ଜୀବନେ ଜୀବନେ ଗୋ—"

ଯୁବକର ମନ ରାଜକୁମାରୀର ସ୍ୱପ୍ନ ଦେଖି ବିଭୋର ହୁଏ ।

କିନ୍ତୁ ଯୌବନର ମୋହ ଯୁବକକୁ କମ୍ ବିବ୍ରତ କରେ ନାହିଁ । କେତେଥର ଇଚ୍ଛାହୁଏ ଦଉଡ଼ି ଯାଇ କଳ୍ପନାକୁ କହିବ—ସୁନ୍ଦରୀ, ମୁଁ ତମକୁ ଭୁଲିନାହିଁ । ଜନମ ମରଣର ସାଥୀ ମୋର, ତମର ଅବାହନୀ ଏ ହୃଦୟରେ ଶତ ଚୂତ ବାଦ୍ୟ ରୋଳରେ ମୁଖରିତ ହେଉଛି । କିନ୍ତୁ ପର ମୁହୂର୍ତ୍ତରେ ଯୁବକ ରାଜକୁମାରୀର ହାତ ଧରିବାକୁ ନିଜକୁ ଅତି ତୁଚ୍ଛ ମନେ କରେ । ତାର ଅଛି କଣ ? ସେ ଯେ ବେକାର ।

ସେ ବର୍ଷ ସବ୍‌ଡେପୁଟି ଚାକିରି ପାଇଁ ସେ ଦରଖାସ୍ତ କରିଥାଏ । କାଲି ଆସିଲା ଇଣ୍ଟରଭ୍ୟୁ ପାଇଁ । ଉଆଁସର କଳଙ୍କ ଅନ୍ଧାର ପରେ ପୁଣି ଦେଖାଦେଲା ପ୍ରଥମୀ ଚାନ୍ଦ । ସେ କେତେ ଆଶା ପୋଷି ଚାଲିଲା ସହରକୁ ଇଣ୍ଟରଭ୍ୟୁଟା ଦେଇ ଆସିବ ବୋଲି ।

\+ × ×

ନିର୍ମଳର ଏମ୍‌ପ୍ଲୟମେଣ୍ଟ କାର୍ଡ଼ ଫେରିଆସିଲା । ସେ ସବ୍‌ଡେପୁଟି ଚାକିରି ପାଇଛି । ଏ ସୁଖବରଟା କଳ୍ପନାକୁ ଜଣାଇ ଦେବ ବୋଲି ଚାଲିଲା ସେ ସହରକୁ । କଳ୍ପନାର ବାପା ବୋଉ ଏ ଖବର ଶୁଣି ଖୁସି ହେଲେ । କଳ୍ପନା ଯେ କମ୍ ଖୁସି ହେଲା ତାହା ନୁହେଁ । ତଥାପି କଥା କଥାକେ କଳ୍ପନା କେମିତି ଖାପ୍ ଛଡ଼ା ଦେଲା ପରି ନିର୍ମଳ ଅନୁଭବ କରୁଥିଲା । କଳ୍ପନା ଯେପରି ତା ଆଗରେ କଥା କହିବାକୁ ସଙ୍କୋଚ କରୁଥିଲା । ନିର୍ମଳ ନିଜ ଆଖିକୁ ବିଶ୍ୱାସ କରି ପାରିଲାନି । ଏ କ'ଣ ସେଇ ପ୍ରଗଲ୍‌ଭ ଛନ୍‌ଛନି କଳ୍ପନା ? ନିର୍ମଳ ଆଶା କରିଥିଲା ବହୁତ, ଭାବିଥିଲା ଅନେକ କଥା କଳ୍ପନାକୁ ଶୁଣେଇବ ବୋଲି । କିନ୍ତୁ ମୁହୂର୍ତ୍ତକରେ ସେ ସବୁ କୁଆଡ଼େ ପାଶୋରି ହୋଇଗଲା । ନୀରବରେ ବିଦାୟ ନେଇ ସେ ଚାଲିଆସିଲା ହୃଦୟରେ ଗୁରୁଭାର ନେଇ ।

ନିର୍ମଳକୁ କଟକରେ ରହିବାକୁ ପଡ଼ୁଥାଏ । ତା ସତ୍ତ୍ୱେ ସେ କଳ୍ପନା ଘରକୁ ଯାଏ ଖୁବ୍ କମ । ଯୋଉ କେତେଥର ଯାଇଛି କଳ୍ପନାର ବ୍ୟବହାର ଭାବଭଙ୍ଗୀ ତା ମନକୁ ପିତା କରି ଦେଇଛି ।

ସେଦିନ ଅଫିସରେ ସେ ବସିଛି । ବସି ଭାବୁଛି ବାସ୍ତବରେ ସେ କଳ୍ପନାକୁ ଭୁଲ ବୁଝିଛି । ସତେ ପ୍ରେମର ଚାଟ ବଡ଼ ଖସଡ଼ା । ବିରହ ବିନା ମିଳନରେ ପରିତୃପ୍ତି ହୁଏନାହିଁ ।

ରାସ୍ତା କଡ଼ରୁ ଦଉଡ଼ି ଆସିଲା ବାମନ—କଳ୍ପନା ଘର ଚାକର । ନିର୍ମଳ ଚମକି ଏକଦୃଷ୍ଟିରେ ତା ଆଡ଼କୁ ଚାହିଁ ରହିଲା । ବାମନ ହସି ହସି ବଢ଼ାଇ ଦେଲା ଗୋଟେ ଗୋଲାପୀ ପୁଳିନ୍ଦା । ବେଶି ବୁଝି ପାରିଲ ନାହିଁ ତା ଦ୍ୱାରା ହୃଦୟରେ ବେଦନ ସବାଶେଷ ର ଜାଗମ ହେବ । ନିର୍ମଳ ତାକୁ ପ୍ରେୟସୀର ପ୍ରେମପତ୍ର ଭାବି ଯତନରେ ଖୋଲି ପଢ଼ିଲା ।

Digitized by srujanika@gmail.com

ପ୍ରିୟ ନିର୍ମଳ ବାବୁ,

ଶୁଣି ମାସ ତେରରେ ମୋ ବାପାଘର ଷ୍ଟାମ୍ପ୍ କଲେକ୍ଟରଙ୍କ ପୁଅ ବିଜୟବାବୁଙ୍କ ସାଙ୍ଗେ ଅସନ୍ତା ଶନିବାର ବିଭା ହେଉଛି । ଆପଣଙ୍କୁ ନିମନ୍ତ୍ରଣ ରହିଲା । ଅସବାକ୍ ପେପର ନ ମିଳନ୍ତା । ଇତି ।

ଆପଣଙ୍କର

କଳ୍ପନା ।

ଚିଠି ଖଣ୍ଡି ପଢ଼ି ସାରି ନିର୍ମଳ ଟେବୁଲ ଉପରେ ଥୋଇ ଦେଲା । ବାମନ ଚାଲିଗଲା ।

ନିର୍ମଳର ଆଖି ଅନ୍ଧ ହେଲା । ବୁଝିଲା ସେ, ସେ ଯୋଉ ମୂନା ହରିଣୀ ପଛରେ ଗୋଡ଼େଇ ଏ ଦିଗ-ଦିଗରା ଗହନ ବନସ୍ତରେ ପଶିଛି ସେ କୁହୁକିନୀ ରାକ୍ଷସୀ । ଜୀବନରେ ଗୋଟାଏ ଜଳନ୍ତର ଅଗାଧ କରିଥିଲା ସେ । ନାରୀ ରାକ୍ଷସୀ—ପିଶାଚିନୀ । ଜୀବନର ଲକ୍ଷ ତାର ସ୍ୱାର୍ଥ ଭରା । ମଧୁମୟ ଶର୍କରା ଭଣ୍ଡି ସେ ପାଦରେ ଠେଲି ଦେଇ ପର କରାଏ ସେ ନାରୀ ଗଣିକା । ଜୀବନର ମଧୂମାସରେ ସେ ଆଣିଦିଏ ଘନଘଟା ରୂପୀ ଅନ୍ଧକାର । ପାଗଳ ପରି ଭାବିଲା ସେ ଆକାଶ, ପାତାଳ, ସ୍ୱର୍ଗ, ନରକ ।

ସେଇ ମୂହୂର୍ତ୍ତରୁ ମନର ପାତକ ସେ ଥୋଇ ଦେଲା ଅଶ୍ରୁର ମନ୍ଦାକିନୀରେ । କଳ୍ପନା ତା ନିକଟରେ କଳ୍ପନା ହୋଇ ରହିଲା । ମନରେ ତାର ଜାଗେ ଅଭିଶାପ.........

ଦିନେ କାଠଯୋଡ଼ୀ କୂଳରେ ନିର୍ମଳ ବସିଛି ସିଗାରେଟ୍ ଖଣ୍ଡେ ଜଳେଇ । ମନର ସମସ୍ତ ଚିନ୍ତା ଭାବନା ସିଗାରେଟ୍ ଧୂଆଁ ସାଙ୍ଗେ ଉଡ଼ାଇ ଦେଇ ସେ ଦେଖୁଛି କନକ ସୂର୍ଯ୍ୟର ମଧୁର ଅସ୍ତରାଗ । ପାଖ ଦେଇ କାର୍ ଖଣ୍ଡିକର ହର୍ଣ୍ଣ ପାଇ ସେ ଚମକି ଉଠିଲା । ନିର୍ମଳ ଆଖି ଫେରେଇ ଚାହିଁଲା—କଳ୍ପନା ଓ ତାର ସ୍ୱାମୀ ବିଜୟବାବୁ । କଳ୍ପନା ତା ଆଡ଼କୁ ଚାହିଁ ହସିଦେଲା । ସେ ବୁଲିପଡ଼ି ଜୋରରେ ଚାଲି-ଗଲା । ଅଜାଣତରେ ତାର ଗଡ଼ିପଡ଼ିଲା ଦି'ଧାର ଗରମ ଲୁହ । ସନ୍‌ସାଇନ୍ ଫିଲ୍ମ କଡ଼ ବୋର୍ଡରେ ବାଜିଉଠିଲା!—

“ପଢ଼ିଲେ ଯୋ ମୁହବତ୍ ସେ
ଇନ୍‌କାର କିୟା ହୋତା,
ନ ଦିଲ୍ ହି ଦିୟା ହୋତା—
ନ ପ୍ୟାର କିୟା ହୋତା......”

ନିର୍ମଳ ଆଖି ପୋଛି ଚାଲିଲା ।

——o——

## କୁତୁକୁତୁ

ପରୀକ୍ଷକ—ଯଦି ଜଣେ ଲୋକକୁ ଗୋଟିଏ କାର୍ଯ୍ୟର ଶତାଂଶରୁ ଭାଗେ କରିବା ପାଇଁ ତିନିଦିନ ଲାଗେ ତେବେ ସେ କେତେ ଦିନରେ ସେ କାର୍ଯ୍ୟଟି ଶେଷ କରିବ ?

ଛାତ୍ର—ସାର୍ ସେଇ କାର୍ଯ୍ୟଟି ଗଭର୍ଣ୍ଣମେଣ୍ଟ କଣ୍ଟ୍ରାକ୍ଟର କାମ ନା ତାର ଆପଣାର କାମ ?

× × ×

ରାଜା—ଯଦି ଆମେ ଆମର ସ୍ଥାନ ବଦଳ କରନ୍ତେ । ମୋର କହିବାର ଅର୍ଥ ତୁମେ ରାଜା ହୁଅନ୍ତ ଆଉ ମୁଁ ବିଦୂଷକ ହୁଅନ୍ତ !

ବିଦୂଷକ—ନାହିଁ ମହିମା,

ରାଜା—କାହିଁକି ନାହିଁ ? ତୁମକୁ କଣ ରାଜା ହେବା ପାଇଁ ଲଜ୍ଜା ମାଡ଼ିବ ?

ବିଦୂଷକ—ନାହିଁ, କିନ୍ତୁ ଏପରି ଦରିଦ୍ର ଓଲୁଟିଏ ପାଇ ମତେ ଲଜ୍ଜା ମାଡ଼ିବ ।

× × ×

ଡାକ୍ତର—ମୁଁ ତମକୁ ଗୋଟିଏ ପ୍ରେସକ୍ରିପସନ୍ ଦେଉଛି ଔଷଧ ପାଇଁ ପ୍ରଥମେ ଏଇଟା ତୁମର ହୃଦୟର ସ୍ପନ୍ଦନ ବଢ଼ାଇ ଦେବ ।

ରୋଗୀ—'କାହିଁକି ? ତା' ଦାମ କଣ ଖୁବ୍ ବେଶୀ ? (ଦେବ ମହାପାତ୍ର)

Digitized by srujanika@gmail.com

# କେରାଣି

ଲେଖକ— ଶ୍ରୀ ଗଦାଧର ମହାନ୍ତି

ମ୍ୟାଟ୍ରିକୁଲେସନ୍ ପାଶଟା ଅଗତ୍ୟା କିରାଣି କାମଟା ଥୁଅ,
ପନ୍ଦର ତ ବିଶେଖ ଟଂକାଟା ମିଳିଲେ ଫେସନ୍‌ଟା ହୁଏ ନୂଆ ।
କୋଡ଼ିଏ ଟଂକାରୁ ଅଧିକା ଦେଖେନା କିରାଣି ବାବୁଙ୍କ ଆଖି,
କୌଣସି ପ୍ରକାରେ ମାସଟା କଟାନ୍ତି ମୁଦେଇ ମୁଦାଳ ଠକି ।
ଅବଶ୍ୟ ବଜାରେ ଟୋପା ମାଡ଼େ ନୁରୁ ଦରବ ଯାଏତ କଳି,
ଏତିକି ବେଳରେ ପଥା ପିଠା କାଲେ କିରାଣି ପକାଏ ଛୁରି ।
କୋଡ଼ିଏ ଟଂକାରେ ବାବୁଗିରି ହାତ ହୋଇଲା 'ଆକାଶ କଇଁଅ'
ପିଲା ମାଇପଙ୍କ ଜଞ୍ଜାଳକୁ ଡର ଧାରେ ମର ହୁଏ ନାଆଁ ।
କୋଡ଼ିଏ ଟଂକିଆ କିରାଣି ମୁଣ୍ଡକୁ ହେଲା ମଂମାଦ ବଡ଼,
ମହଙ୍ଗା ବଜାରେ ଦରବଯାଗା ହେଲା ପଞ୍ଚ ଗୁଣା ଦାଉ ।
କିରାଣି ବାବୁଙ୍କ ଠାକୁରାଣୀଙ୍କର ବରାଦ୍‌ଟା ଭେଡ଼ ଚଢ଼ା,
ବେଢ଼ିଲ ଉପରେ କୋରଡାର ଦାଉ ହୁଅଇ ପିଟେଇ ଚଡ଼ା ।
'ମୋଟା ଦରମାର ହାକିମ' ବାବୁଙ୍କ ମନ ଭରିବାକୁ ଖସି,
ଦାନ ସାଗ ଯାକ ଫାଇଲ ଚଳତି ଗମ୍ଭ ଖଟଣିଟା ଖଟି ।
ଗୁରୁବଟା ବେଳରେ ଘରର ନ ପହଞ୍ଚୁ ଘରଣୀ କହନ୍ତି ହସି,
'ସାବୁନ ଅଭାବେ ଗୋରା ରଙ୍ଗ ଏବେ କଳା ହୋଇଗଲାଣି ଆସି'
ଫେସନ୍ ଦାଉରେ କୋଡ଼ିଏ ଟଂକିଆ କିରାଣି ମଥାଟା ଘୁରେ,
ଘର ଠାକୁରାଣୀ ମନ କିଣୁ କିଣୁ କିରାଣି ବପୁଡ଼ା ମରେ ।
କେଉଁ ଦିନ ଯଦି ମେବା ତୃଜାଠାରେ କିଛି ହୋଇଯାଏ ତ୍ରୁଟି,
ଛୋଟିଆ ଘରେ "ଗୃହନା-ଜାଗାନ" ଯୁଦ୍ଧ ହୁଅଇ ସୃଷ୍ଟି ।
କିରାଣି ବଚରା କପାଳକୁ ନିନ୍ଦି ସବୁ ପାଏ ଧୀରେ ସହି,
ଭାଗ୍ୟ ବାମ ହେଲେ ଓଗାସ ବେଲ୍କବେ କେତେ ଗଢ଼ିଯାଏ ପାହି
ଦାଇ ପଡ଼ିଶାରେ କିରାଣି ବାବୁଙ୍କ ଦରଟା ଢ଼ିଲ ବଡ ଚଢ଼ା
ଦରମା ଗଣ୍ଡ୍ରାଙ୍କ କୁଅଡ଼େ ଅଟେଣ୍ଟେନ ରଖେଡ ମିଳେନା ଟଡ଼ା
ତଥାପି ତାଙ୍କର ବାବୁ ଗିରିଟାକୁ ରଖାଏ ଖେନ୍ତି ସେହୁ,
ଛାଠ ବେୟୁ ରବେ ହରୁଆ ବୈହତି ଦାନ ସାରା ଦହ ଦହ ।
ଡେ ହାକିମଙ୍କ ଲାଲ ଆଖି ଡେଇଁ ଘରଣୀଙ୍କ ଆଖି ଜଳେ,
କିରାଣି ବାବୁଙ୍କ ଆଖି ଟେସ ଦେଖନ୍ତି ଭାଗିଦ୍ କରଟା ଭଲ ।

Digitized by srujanika@gmail.com

(ଉକ୍ତ ଅବସ୍ଥାର ୨ୟ ପୃଷ୍ଠା ପରରୁ)

ହଲାଇ, ଗଳା ଫୁଲାଇ, ରଙ୍ଗ ଦେଖାଇ, "ଏପା କରେଙ୍ଗା, ଓପା କରେଙ୍ଗା" ବୋଲି ବହୁ ଧାପ୍ ଧୁପ୍ ମାରି ପାରନ୍ତି । ଦେଖାଯାଉ ଏଠି କଣ କରୁଛନ୍ତି ?

\+ × ×

ଉତ୍କଳର ଉଚ୍ଚ ନେତାମାନଙ୍କର ଦଳ ବଦଳ ଖବର କେତେଥର ଶୁଣା ଯାଉଛି । ଥରେ ଅଧେ ମଧ୍ୟ ଗେଜେଟରେ ପ୍ରକାଶ ପାଉଛି । କିନ୍ତୁ ପୁଣି କଣ ହୁଏ କେଜାଣି ତାହା ଚେପାଅଣିଆ ମାରିଯାଏ । ଏଥର କୁଆଡ଼େ ତାଙ୍କ ଦଳ ବଦଳ ଖବରଟା ଖୋଲାଖୋଲି ସତ । ସେ ନୂଆ ପାର୍ଟିଟା ବାନ୍ଧି କୋରାପୁଟ ଠିକା ନେଇ ସଫଳ ହେଲେଣି । କେବଳ ତାଙ୍କ ଘରେ କେତେକ ଅସୁବିଧା ହେତୁ ଓଡ଼ିଶା ସଦିବାବୁଙ୍କ ଘରଭାଇ ବେଭାର ତାଙ୍କ ଏଇ ମାସ ଶେଷ ପର୍ଯ୍ୟନ୍ତ ରହିବାକୁ ଅନୁମତି ଦେଇଛନ୍ତି ବୋଲି ଶୁଣାଯାଏ । ପୂର୍ଣ୍ଣବାବୁ ଉତ୍କଳ ଛାଡ଼ି ଯାଉଛନ୍ତି ବୋଲି ଉତ୍କଳ ବାସୀ ଯେତେ ଦୁଃଖିତ ହେବାର କଥା ତା ଅପେକ୍ଷା ତାଙ୍କ ଧନ୍ଦାପଟା, ବଡ଼ପଦା ଓ ଅନୁସରଣୀମାନଙ୍କର ବେଶୀ ଦୁଃଖ କରିବାର କଥା—କିନ୍ତୁ ସେମାନଙ୍କ ଠ ବେଶ ସୋମନ ଦେଖାଯାଉଛି । ସେମାନଙ୍କ ଭିତରୁ କେହି କେହି କହୁଛନ୍ତି—"ଦୁଇ ତିନ ମାସ ପରେ ପୂର୍ଣ୍ଣବାବୁ ପୁଣି ଉତ୍କଳ ଫେରି ଆସିବେ ।" ସେଇଥିପାଇଁ ପରା ତାଙ୍କ ବିଦାୟ ପାଇଁ କୌଣସି ପ୍ରକାର ସଭା ବା ମିଟିଂର ଆୟୋଜନ ହେବା ପରି ଜଣା ପଡ଼ୁନାହିଁ । ଆଉ କେହି କେହି କହୁଛନ୍ତି ଯେ ସେ ଯେତେବେଳେ ପୁଣି ଫେରି ଆସିବେ ତାଙ୍କ ବିଦାୟ ସଭାରେ "ଦୁଇଟି କି ମାସିଆ ହେବ" କଥା କହି ତାଙ୍କ ମନରେ ଗୋଟିଏ ଦାଗ ପକାଇବେ ନାହିଁ କି ?

ପୂର୍ଣ୍ଣବାବୁଙ୍କ ଉତ୍କଳ ରହଣି ସମୟରେ ସେ କୁଆଡ଼େ ଅନେକ ଶତ୍ରୁ ଓ ଅଳ୍ପ ମିତ୍ର ଗଢ଼ିଛନ୍ତି ବୋଲି ଯେଉଁଦିନ ଓଡ଼ିଶା ବ୍ୟବସ୍ଥାପକ ସଭାରେ କେହି ଜଣେ ପ୍ରଶ୍ନ କରିଥିଲେ । ପ୍ରଶ୍ନକର୍ତ୍ତା ବା କର୍ତ୍ତୀଙ୍କର ଧୃଷ୍ଟ ସମ୍ବନ୍ଧରେ ଆଗରୁ ଜାଣିବା ଉଚିତ ଥିଲା ଯେ, 'ଉତ୍କଳ ରକ୍ଷଣ ଯେଉଁ ଯାଗାରେ ଭଲ ଲୋକ କମ ହେବାର କଥା । ସେ କେବଳ ସେଥିର କେତେଜଣଙ୍କ ପାଖରେ ବନ୍ଧୁତା ବାନ୍ଧିଛନ୍ତି ଏଥିରେ ଦୋଷଟା କେଉଁଠି ? ଯଦି ପ୍ରଶ୍ନକର୍ତ୍ତା ବା କର୍ତ୍ତୀଙ୍କ ଆଖିରେ ଏ ଭଳି ବନ୍ଧୁତା ବାନ୍ଧିବାଟା ଦୋଷ ବୋଲି ଦେଖାଗଲା—ସେ ପୁଣି ନ ହେଲା ଯେତେବେଳେ ଉତ୍କଳ ଆସିବେ ବେଶୀ ଲୋକଙ୍କ ପାଖରେ ବନ୍ଧୁତା ବାନ୍ଧିବେ ।

\+ + ×

ଉତ୍କଳରେ ପୂର୍ଣ୍ଣବାବୁ ବେଶୀଦିନ ରହିଗଲେ ତାଙ୍କର କୁଆଡ଼େ ଉତ୍କଳ ପ୍ରତି ଗୋଟିଏ ମମତା ଲାଗି ଯାଉଛି । ଏଟା ସ୍ଥାନ ବିଶେଷର ଗୁଣ କି ଉତ୍କଳ ବାସୀଙ୍କର ଗୁଣ ସେ କଥା ଆମକୁ ଅଜଣା ନୁହଁ ।

## ଶଶୀଭୂଷଣ ରଥଙ୍କ ପରଲୋକ

ଶଶୀବାବୁ ଓଡ଼ିଶାର ଜଣେ ବିଶିଷ୍ଟ ସମ୍ବାଦିକ ଓ ନିଷ୍ଠାପର ଦେଶସେବୀ ଥିଲେ । ତାଙ୍କର ଅକାଳ ତିରୋଧାନରେ ଓଡ଼ିଶା ଅତି କ୍ଷତିଗ୍ରସ୍ତ । 'ଡଗର' ତାଙ୍କର ଆତ୍ମାର ସଦ୍‌ଗତି କାମନା କରୁଛି ଓ ଶୋକ ସନ୍ତପ୍ତ ପରିବାର ପ୍ରତି ସହାନୁଭୂତି ଜଣାଉଛି ।

ବଙ୍ଗଦେଶ 'ଲାଲ ଅଞ୍ଚଳ' (Red area) ଘୋଷଣା କରାଯାଇଛି ବୋଲି ଅନୁସରଣିଆ କହି ବୁଲୁଛନ୍ତି ଯେ ଏପରି କୌଣସି ପରିସ୍ଥିତି ଘଟିପାରେ ଯଦ୍ୱାରା କି ପୁରୁଣା ନେତାମାନେ ଆଉ ଦଳ ବଦଳିବେ ନାହିଁ । କଥାରେ ଅଛି "ଅଣ୍ଟା ବୈତରଣୀ ନଦୀ ।" ଅଥଚ ବ ଇଂରାଜୀରେ ଗୋଟିଏ କଥା ଅଛି, "ବୁଡ଼ି ମଲାବେଳେ ମଣିଷ କୁଟା ଖଣ୍ଡେ ପାଇଲେ ବି ଜାବୁଡ଼ି ଧରେ" (A drowning man catches at a straw)

ଏଠି କଣ କଥାଟା ସତ ?

\+ + +

Digitized by srujanika@gmail.com

# ନାଗବନ୍ଧୁ

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

ଉଦ୍ଦେଶ୍ୟ —

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। ଡାକଘରର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଙ୍କ ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। (୩) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। (୪) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

## ସିଂହଭୂମ୍ୟା ଭାଇ।

ଉତ୍କଳୀୟ କିରେ! ଉତ୍କଳ ପାଇଁ
ଜାଗ୍ରତ ନାହିଁ ହେଉଛି କେବେ ?
ମାତାର ଯାତନା ମାରିବେ ସହିରୁ
ପଦ ଦଳେଣୁ ପ୍ରାପତ୍ତି ଲୋଡ଼େ ?
ଅତୀତର ସ୍ମୃତି କାନେ କି ତୋହର
ଜାତି ଗଉରବ ନ ଧରେ କହ?
ମାତାର କୀରିତି ଆଖି ଆଗେ ରହେ
ଥରେ ହେଲେ ଦେଖ ନୟନ ଫେର ?
ନୀଳ ଚକ୍ରର ପୂଣ୍ୟ କିରଣ
ତୋ ହୃଦ ତମ—କି ନ ଧରେ ନାଶି ?
ଭୁବନେଶ୍ୱରର ଏକାମ୍ର ବନ
ଆଖି ପଟରେ ତୋର ନ ଉଠେ ହସି ?
ବିଶ୍ୱ ବଢ଼ାଇ କହିଛି ଗୁଣେ—
ବୀର ବଂଶିଆ ଧରମା ଭାଇ!
ଗାଉଛି ଶରୀର, ଉତ୍କଳ ମାତାର
ଶବ୍ଦିତ,—ଗୀତ ଯାଉଛି ଗାଇ!
ତୋହର ସମ, ଯେ— ଭଞ୍ଜ କବିବର
ଗାଇ ଛଡ଼ିଲେ କୋଟି, ମାତାଙ୍କ ବାଣୀ।
ଶୁଣାଇଲେ, ତାକୁ— ନ ଶୁଣୁ ? ସେ ପାଇଁ
ଆକ୍ଷେପ କରତେ ନ ହେଉ ହାଣି ?
ସୂର୍ଯ୍ୟ ସଦୃଶ୍ୟ କବି ସୂର୍ଯ୍ୟରଥ
ତାଙ୍କ ଭାରତୀ ତୁ ନ ଶୁଣୁ କାନେ?
ଜାତି ଭାଇ ଛାଡ଼ି କି ଖ୍ୟାତି ଲଭିବୁ,
କେତେଦିନ ମଜ୍ଜିଥିବୁ ଅଜ୍ଞାନେ ?
ଜାଗ ଉତ୍କଳୀ ସଚେତ କାଳୀୟା
ସିଂହଭୂମ୍ୟା ଯେତେ ଅଛନ୍ତି ବୀର !
ଆମ ବିଦ୍ୱେଷୀ— ମାନଙ୍କ ଆଗରେ
ଗାରବେ ଟେକାଅ ମାତାଙ୍କ ଶିର।
ଜାଗୁ, ମା, ଜନନୀ, ଉତ୍କଳ ରାଣୀ ?
ନୁହେଁ ସେ କେବେହେଁ ପୁତ୍ରହୀନା।
ବୃଥା ମା ଜନନୀ ? ମଣି ମାଣିକ୍ୟ ତା’
ଗୃହେ ପୂରିତ ନୁହେଁ ସେ ଦୀନା!
ଷୋଳକଳା ପୂର୍ଣ୍ଣ କଳାକୁ ବିକାଶ
ସିଂହ ଭୂମ୍ୟା ସିଂହ ଶାବକ ପରି।
ଗରଜି ଉଠରେ ବୀର ଦମ୍ଭରେ
ବିପକ୍ଷେ ସକଳେ ଉଠନ୍ତୁ ଥରି।
ଆମ୍ଭେ ହୀନ ନୋହୁଁ ଆମ୍ଭେ ହୀନ ନୋହୁଁ
ଆମ୍ଭେ ଦୀନ ନୋହୁଁ—ଉଚ୍ଚେ ଅଛି।
କେ ବୋଲେ ଓଡ଼ିଆ ବିଶ୍ୱରେ ହୀନ ?
ଚିରକାଳ ଆମ୍ଭେ ଉଚ୍ଚ ଜାତି!
ସିଂହ ଭୂଇଁଆ ସେଁହା ତନୁ ତୋ
ବିସ୍ତାରେ ଆଜି ହୃଅରେ ଛାତି।
ଜନମ ଭୂଇଁର ଗଉରବ ଲାଗି
“ସିଂହଭୂଇଁଆ ଭାଇ” ତୋହର ଲୋଡ଼ା।

ଶ୍ରୀ କାଶୀନାଥ ଦାଶ ଦେବ ଶର୍ମା

## ବ୍ୟଥା କବିତା

“ଦୋଷ କିବା ଏଥି ମୋର”

କୋଟି କୋଟି ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା
ଅନନ୍ତ ଆକାଶ ବକ୍ଷେ
ଦେଖାଇଣ ନିଜ ନିଜ ଜ୍ୟୋତି,
ଘୁଞ୍ଚାଇ ଧରଣୀ ବକ୍ଷ ବିରାଟ ତାମସୀ

Digitized by srujanika@gmail.com

ଦୈନ୍ୟ ଦୁଃଖ କ୍ଲେଶ ଭର
ପ୍ରାର୍ଥୀ ପ୍ରାଣେ ଉପୁଜାନ୍ତି ଭ୍ରାନ୍ତି ।
ଶାରଦ-ସନ୍ଧ୍ୟା-ସମୀରେ
ଖେଳି ବୁଲେ ଧୀରେ ଧୀରେ
ସରସୀର କଇଁ ଫୁଲ
ନବ-ଜ୍ୟୋତ୍ସ୍ନା-ଜାଗରଣେ
ଅନୁକ୍ଷଣେ ବିରହ କାତରେ । ୧ ।
ପ୍ରକୃତି ସୁନ୍ଦରୀ ନିଜ ଅଭିନବ ବେଶେ
ହସି ଉଠେ ଜ୍ୟୋତ୍ସ୍ନା ମୁଖେ
ଉଲ୍ଲାସିତ ଚରାଚର ନରେ
କିଶୋର ଯଉବନର ଉଦ୍ଦାମ ପ୍ରବୃତ୍ତି
ଜାଗି ଉଠେ କେତେ ରଙ୍ଗେ
ଅଭିନବ ପ୍ରଣୟ ଆଶାରେ
କ୍ଷୁଦ୍ରପ୍ରାଣ କିନ୍ତୁ ମୋର
ଖୋଜି ବୁଲେ ବାରମ୍ବାର
ପ୍ରକୃତିର ଏ ଚେତନ ଗତି
ପାରେ ନାହିଁ କେବେ ବୁଝି
ଦୋଷ କିବା ଏଥି ମୋର ? ୨ ।
ଦିନ ପରେ ରାତି ଆସେ
ଦୁଃଖ ପରେ ସୁଖ
ଚିରନ୍ତନ ନୀତି ଏହା ନିଯୁକ୍ତ ବିଧାନେ
ଦୁଃଖ କିନ୍ତୁ କେବେ ମୋର
ଯାଏ ନାହିଁ ପାଶୁ
ଭବିଷ୍ୟତେ ଖୋଜିବୁଲେ
ଜାଗ୍ରତ ସ୍ୱପନେ,
କେବେ ବା ମାଲିକ * ମୋର
କରିଲେ ପରଶ ଦୂର
କ୍ଷଣିକ ସୁଖ ସମ୍ଭୋଗେ
ରହେନାହିଁ ମନ ମୋର
ଦୋଷ କିବା ଏଥି ମୋର ? ୩ ।
ବିଚ୍ଛେଦ ଯନ୍ତ୍ରଣା କେତେ
ସହୁଛି ଏ ପ୍ରାଣେ
ପ୍ରତୀକ୍ଷାରେ ବିତାଇଛି
କେତେ ନିଶି ଦିନ,
ମିଳେ ମିଳନ ସୂଚନା
କେବେ କେବେ ଅବା
(କିନ୍ତୁ) ବିରହ ବେଦନାଭରେ
ହୁଏ ଉଚ୍ଛନ୍ନ ।
କିବା ରହସ୍ୟ ଏହାର
ଭାବେ ବସି ନିରନ୍ତର
ବୃଥାହୁଏ ସବୁ ଚିନ୍ତା
ହୁଏ ଖାଲି ହରବର
ଦୋଷ କିବା ଏଥି ମୋର ? ୪

ଶ୍ରୀମାନ୍ ରବୀନ୍ଦ୍ରନାଥ ମିଶ୍ର ୨୧୨ ନଂ ନାଗ

---

## ତଟିନୀ

ସିନ୍ଧୁ ବୁକେ ଧାଏଁ ତଟିନୀ
ଗାଏ ମଧୁରେ ଗୀତ,
ସବୁ ଚିନ୍ତା ଭୁଲି ସାଗର
ପଦେ ନିବେଦି ଚିତ୍ତ ।
—"ତା' ମନ ହରିବା" ବାଞ୍ଛାର
ନଭେ ତାରକା କୋଟି,
ଠାବ ଠଣ ହୋଇ ତା'ବୁକେ
ଅବା ପଡ଼ନ୍ତି ଲୋଟି ।
ପଦେ ପଦେ ତାଳ ଦେଇ
ବାଆ କି ଗୀତ ଗାଇ,
କାହିଁ ଭୁଲେ ନାହିଁ ତଟିନୀ
ଛଳେ ନରହେ କାହିଁ ।
ସିନ୍ଧୁ ବୁକେ ତାଳ ଦେବ ସେ
ତାର କ୍ଷୁଦ୍ର ପରାଣ—,
ଅନନ୍ତେ ଆଶ୍ରିତା ହେବ ସେ
ମୁକ୍ତ ତହିଁ ତା' ଧ୍ୟାନ ।
× × ×
ଦେ'ଏ ଆଶୀର୍ବାଦ ସଜନୀ
ଲଭେ ମୁଁ ତୋ' ଦୃଢ଼ତା,
ତୋ' ପରି ଚିତ୍ତ ମୋ' ପ୍ରଭୁଙ୍କ
ପଦେ ଥାଉ ସର୍ବଥା ।
ସେହି ବନ୍ଧୁ-ପିତା ଚରଣେ
ଥାଉ ଦୃଢ଼ ମୋ' ମନ,
ସୁଖେ ଅବା ଦୁଃଖେ ସେ ପଦୁ
ମତି ନହେଉ ଭିନ୍ନ ।

କୁମାରୀ ଶୈଳବାଳା
ନ ୧୬ ମୂର ନାଗବସୁ

---

* ମାଲିକ—ମୋର ସ୍ନେହର ବନ୍ଧୁଙ୍କ ଡାକ ନାମ

Digitized by srujanika@gmail.com

# ନିବେଦନ

ଆମ ଦେଶରେ କାଗଜ ମହଙ୍ଗି ପଡ଼ିବାରୁ ସରକାର ବାହାଦୁର ସବୁ ଖବର କାଗଜମାନଙ୍କର ଅଙ୍ଗ ଛେଦ କରିବାକୁ ଓ ଦାମ ବଢ଼ାଇବାକୁ ହୁକୁମ କରିଛନ୍ତି । ତାହା ଏହି ଏପ୍ରିଲ ମାସ ପହିଲାଠାରୁ ଶୁରୁ ହେଲା ।

ଖଣ୍ଡିଏ 'ଡଗର'ରେ ବର୍ତ୍ତମାନ ଯେତିକି କାଗଜ ଲାଗୁଛି ତାର ଦାମ ଆଜି-କାଲିକା ବଜାରରେ ଗ୍ରାହକଙ୍କଠାରୁଁ ବେଶୀ—ତାଛଡ଼ା ଛପାଇ ଓ ପରିଶ୍ରମ ତ ରହିଛି । ଏବେ କାଗଜ ତ ମିଳୁନାହିଁ, ଯାହା ବା ଅଳ୍ପ କିଛି ମିଳୁଛି ତାହା ଗଭର୍ଣ୍ଣ-ମେଣ୍ଟଙ୍କ ନିର୍ଦ୍ଧାରିତ ଦରର ୫ । ୬ ଗୁଣ ବେଶୀ । ଏପରି ଅବସ୍ଥାରେ 'ଡଗର'ର ଦାମ ନ ବଢ଼ାଇଲେ ତିଷ୍ଠିବା ଦୁଷ୍କର । ଆମେ ଏତେଦିନ ଝିଙ୍ଗଡ଼ି ଆସିଲୁ—ଯେତେବେଳେ ଅନ୍ୟାନ୍ୟ ପତ୍ର ପତ୍ରିକା ଦାମ ବଢ଼ାଇ ଥିଲେ ଏବଂ କଳେବର କମାଇଥିଲେ—ଆମେ କେବଳ କଳେବର ସଂକୁଚନ କରି ପୂର୍ବ ଦାମ ରଖିଆସିଛୁଁ । ଆଜି ଏଣିକି ଅଚଳ ଅବସ୍ଥା । ବାଧ୍ୟ ହୋଇ ଦାମ ବଢ଼ାଇବାକୁ ହେଲା । 'ଡଗର'ର ୭ମ ବର୍ଷ ୧ମ ସଂଖ୍ୟା (ଜ୍ୟେଷ୍ଠ ପ୍ରଥମାର୍ଦ୍ଧ) ଠାରୁ ଦାମ ଖଣ୍ଡି ଦୁଇଅଣା. ଓ ଡାକରେ ବାର୍ଷିକ ୪ ୩୰ ( ସାଢ଼େ ତିନିଟଙ୍କା ) ହେବ । ଆକାରରେ ସାମାନ୍ୟ ପରିବର୍ତ୍ତନ ହେବ ଓ ୧୨ ପେଜ ନ ହୋଇ ୧୬ ପେଜ ହେବ ।

ଆମର ଗ୍ରାହକ, ଗ୍ରାହିକା, ପାଠକ, ପାଠିକାମାନଙ୍କୁ ଅନୁରୋଧ ଯେ ସେମାନେ 'ଡଗର' ପ୍ରତି ତାଙ୍କର ପୂର୍ବ ସହାନୁଭୂତି ଅକ୍ଷୁଣ୍ଣ ରଖି ସଙ୍ଘବଦ୍ଧ ଭାବରେ ପାଞ୍ଚ ସାତ ଏକ ହୋଇ ଖଣ୍ଡିଏ ଲେଖାଏ 'ଡଗର' ମଗାଇ ନିଜ ନିଜ ଭିତରେ ପଢ଼ି ନିଅନ୍ତୁ । ତଦ୍ଦ୍ୱାରା ସେମାନେ 'ଡଗର' ଦୀର୍ଘଜୀବୀ ହେବାରେ ସାହାଯ୍ୟ କରି ପାରିବେ ।

ଏଜେଣ୍ଟମାନଙ୍କୁ ଅନୁରୋଧ ଯେ ସେମାନେ ଠିକ୍ ଯେତିକି ବିକ୍ରୀ କରି ପାରିବେ ସେତିକି ୭ମ ବର୍ଷ ପ୍ରଥମ ସଂଖ୍ୟା ପ୍ରକାଶ ପାଇବାର ୧୫ ଦିନ ଆଗରୁ ଅର୍ଡ଼ର ଦିଅନ୍ତୁ ।

ଆଉ ଯେଉଁମାନେ ପ୍ରଚଳିତ ମୂଲ୍ୟ ଦେଇ ଗ୍ରାହକ ହୋଇଛନ୍ତି ବା ହେଉଛନ୍ତି ଓ ଯେଉଁମାନଙ୍କ ଗ୍ରାହକ କାଳ ୬ଷ୍ଠ ବର୍ଷ ଶେଷ ସଂଖ୍ୟା ସଙ୍ଗେ ସଙ୍ଗେ ପୂରଣ ହେବାକୁ ଡେରି ଅଛି, ୭ମ ବର୍ଷର ବୃଦ୍ଧି ମୂଲ୍ୟ ଅନୁସାରେ ହିସାବ କରାଯାଇ ଗ୍ରାହକ କାଳ ପୂରିଯିବା ପୂର୍ବରୁ ସେମାନଙ୍କୁ ଜଣାଇ ଦିଆଯିବ । ଯେଉଁମାନଙ୍କର ଦେୟକାଳ ୬ଷ୍ଠ ବର୍ଷର ଶେଷ ସଂଖ୍ୟାରେ ପୂରିଗଲା, ସେମାନେ ୭ମ ବର୍ଷର ବାର୍ଷିକ ଦେୟ ୪ ୩୰ କିମ୍ବା ଷଣ୍ମାସିକ ୪ ୨ ୯ ମନିଅର୍ଡ଼ର ଯୋଗେ ଅଫିସକୁ ପଠାଇ 'ଡଗର'କୁ ଅଯଥା ଭି: ପି: ଖର୍ଚ୍ଚରୁ ବଞ୍ଚିତ କରି ବାଧିତ କରିବା ହେବେ ।

—ପରିଚାଳନା ବିଭାଗ—
'ଡଗର'

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼

**ଭାରତୀୟ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ କାରଣରୁ ମୃତ୍ୟୁ ହେଲେ ସୁଦ୍ଧା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୬ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

### ସୁଦୃଢ଼ତାର ପରିଚୟ—

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୧ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ଛେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସର୍ବତ୍ର ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର
ଭଦ୍ରକ ।

Printed & published G. C. Mahapatra at the Gopinath Press Bhadrak.

Digitized by srujanika@gmail.com

୭ମ ବର୍ଷ — ଚୈତ୍ର

DAGARO
Utkal's most papular Fortnightly
OF
LIGHT, LEAD & LAUGHTER

୨୨ଶ ସଂଖ୍ୟା ଦ୍ୱିତୀୟାର୍ଦ୍ଧ




ସମ୍ପାଦକ
ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।

ବାର୍ଷିକ ଦୁଇଟଙ୍କା     ପ୍ରତି ଖଣ୍ଡ ଏକଅଣା

Digitized by srujanika@gmail.com

# ନିବେଦନ

ଆମ ଦେଶରେ କାଗଜ ମରୁଡ଼ି ପଡ଼ିବାରୁ ସରକାର ବାହାଦୁର ସବୁ ଖବର କାଗଜମାନଙ୍କର ଅଙ୍ଗ ଛେଦ କରିବାକୁ ଓ ଦାମ ବଢ଼ାଇବାକୁ ହୁକୁମ ଦେଇଛନ୍ତି । ତାହା ଏହି ଏପ୍ରିଲ ମାସ ପହିଲାଠାରୁ ଚାଲୁ ହେଲା ।

କିନ୍ତୁ ଏ 'ଡଗର'ରେ ବର୍ତ୍ତମାନ ଯେତିକି କାଗଜ ଲାଗୁଛି ତାର ଦାମ ଅଗ୍ର-କାଳଠାରୁ ତୁଳନାରେ ଚାରିପାଞ୍ଚଗୁଣରୁ ବେଶୀ—ତାଛଡ଼ା ଛପାଖର୍ଚ୍ଚ ଓ ପରିଶ୍ରମ ତ ରହିଛି । ଏବେ କାଗଜ ତ ମିଳୁନାହିଁ, ଯାହା ବା ଅଳ୍ପ କିଛି ମିଳୁଛି ତାହା ଗଭର୍ଣ୍ଣ-ମେଣ୍ଟଙ୍କ ନିର୍ଦ୍ଧାରିତ ଦରର ୫ । ୬ ଗୁଣ ବେଶୀ । ଏପରି ଅବସ୍ଥାରେ 'ଡଗର'ର ଦାମ ନ ବଢ଼ାଇଲେ ଛପିବା ଦୁଷ୍କର । ଆମେ ଏତେଦିନ ଝଗଡ଼ି ଆସିଲୁ—ଦେଶର ଯେତେବେଳେ ଅନ୍ୟାନ୍ୟ ପତ୍ର ପତ୍ରିକା ଦାମ ବଢ଼ାଇ ଥିଲେ ଏବଂ କଳେବର କମାଇଥିଲେ—ଆମେ କେବଳ କଳେବର ସଂକୁଚନ କରି ପୂର୍ବ ଦାମ ରଖିଆସିଛୁଁ । ଆଉ ଏଣିକି ଅଚଳ ଅବସ୍ଥା । ବାଧ୍ୟ ହୋଇ ଦାମ ବଢ଼ାଇବାକୁ ହେଲା । 'ଡଗର'ର ୭ମ ବର୍ଷ ୧ମ ସଂଖ୍ୟା (ଜ୍ୟେଷ୍ଠ ପ୍ରଥମାର୍ଦ୍ଧ) ଠାରୁ ଦାମ କପି ଦୁଇଅଣା, ଓ ଡାକରେ ବାର୍ଷିକ ଟ ୬॥ ( ସାଢ଼େ ଛଅଟଙ୍କା ) ହେବ । ଆକାରରେ ସାମାନ୍ୟ ପରିବର୍ତ୍ତନ ହେବ ଓ ୧୨ ପେଜ ନ ହୋଇ ୧୬ ପେଜ ହେବ ।

ଆମର ଗ୍ରାହକ, ଗ୍ରାହିକା, ପାଠକ, ପାଠିକାମାନଙ୍କୁ ଅନୁରୋଧ ଯେ ସେମାନେ 'ଡଗର' ପ୍ରତି ତାଙ୍କର ପୂର୍ବ ସହାନୁଭୂତି ଅକ୍ଷୁଣ୍ଣ ରଖି ସଙ୍ଘବଦ୍ଧ ଭାବରେ ପାଞ୍ଚ ସାତ ଏକ ହୋଇ କପିଏ ଲେଖାଏ 'ଡଗର' ମଗାଇ ନିଜ ନିଜ ଭିତରେ ପଢ଼ି ନିଅନ୍ତୁ । ତଦ୍ୱାରା ସେମାନେ 'ଡଗର' ଦୀର୍ଘଜୀବୀ ହେବାରେ ସାହାଯ୍ୟ କରି ପାରିବେ ।

ଏଜେଣ୍ଟମାନଙ୍କୁ ଅନୁରୋଧ ଯେ ସେମାନେ ଠିକ୍ ଯେତିକି ବିକ୍ରୀ କରି ପାରିବେ ସେତିକି ୭ମ ବର୍ଷ ପ୍ରଥମ ସଂଖ୍ୟା ପ୍ରକାଶ ପାଇବାର ୧୫ ଦିନ ଆଗରୁ ଅର୍ଡ଼ର ଦିଅନ୍ତୁ ।

ଆଉ ଯେଉଁମାନେ ପ୍ରଚଳିତ ମୂଲ୍ୟ ଦେଇ ଗ୍ରାହକ ହୋଇଛନ୍ତି ବା ହେଉଛନ୍ତି ଓ ଯେଉଁମାନଙ୍କ ଗ୍ରାହକ କାଳ ୬ଷ୍ଠ ବର୍ଷ ଶେଷ ସଂଖ୍ୟା ସଙ୍ଗେ ସଙ୍ଗେ ପୂରଣ ହେବାକୁ ଡେରି ଅଛି, ୭ମ ବର୍ଷର ବୃଦ୍ଧି ମୂଲ୍ୟ ଅନୁସାରେ ହିସାବ କରାଯାଇ ଗ୍ରାହକ କାଳ ପୂରିଯିବା ପୂର୍ବରୁ ସେମାନଙ୍କୁ ଜଣାଇ ଦିଆଯିବ । ଯେଉଁମାନଙ୍କର ଦେୟକାଳ ୬ଷ୍ଠ ବର୍ଷର ଶେଷ ସଂଖ୍ୟାରେ ପୂରିଗଲା, ସେମାନେ ୭ମ ବର୍ଷର ବାର୍ଷିକ ଦେୟ ଟ ୬॥ କିମ୍ବା ଷାଣ୍ମାସିକ ଟ ୩।୦ ମନିଅର୍ଡ଼ର ଯୋଗେ ଅତ୍ର ଅଫିସକୁ ପଠାଇ 'ଡଗର'କୁ ଅଯଥା ଭି: ପି: ଖର୍ଚ୍ଚରୁ ବଞ୍ଚିତ କରି ବାଧିତ କରିବା ହେବେ ।

—ପରିଚାଳନା ବିଭାଗ—
'ଡଗର'

---

ପରିଚାଳନା ସମ୍ପାଦକ— ଶ୍ରୀ ଚନ୍ଦ୍ରମୋହନ ଦାସ ।

Digitized by srujanika@gmail.com

# ଡଗର

୬ଷ୍ଠ ବର୍ଷ
୨୨ଶ ସଂଖ୍ୟା
ଚୈତ୍ର ଦ୍ୱିତୀୟାର୍ଦ୍ଧ
ତା ୧୬-୪-୪୩

—ପାକ୍ଷିକ—
ବାର୍ଷିକ—ଟ ୨୮
ପ୍ରତିସଂଖ୍ୟା—୪୦/
ବିଦେଶ—୪ ୩୮

## ହୁକା ହୁକା ହୁଆ

[ ବିଲୁଆ ବିଗୁର ]

କାଳିଆ ସାଆନ୍ତଙ୍କର ନୀଳାଚଳଟରେ ଥିବା ଯଜ୍ଞ ଭୋଜନ କୋଠି ଭଣ୍ଡାରରୁ ଛପନ କୋଟି ଜୀବ ଜନ୍ତୁ ଅନ୍ନ ପାଉ ହେଉଥିଲେ ତାହା ଏ ଯୁଗ ଶେଷରେ ଉଣା ହୋଇ ଯାଇ ଥିବାରୁ ଚତୁର୍ଦ୍ଦିଗ ହାହାକାର ଉଠିଛି ସିନା । ଏ ଭଣ୍ଡାର ପୂର୍ଣ୍ଣ କରିବା ସକାଶେ ଆମ ଗଜପତି ମହାରାଜା ବଡ଼ ତତ୍ପର ହୋଇ ପଡ଼ି ଥିବାର ଜଣାଯାଉଛି । ଅଧିକା ଖାଦ୍ୟ ଉତ୍ପାଦନ ଯୋଜନା ( Grow more food ) ମୁତାବକ ଏ ବର୍ଷ ଓଡ଼ିଶା ସରକାର ( ତାଙ୍କ ବା ହେବେ ନାହିଁ ! ) କୋଡ଼ିଏ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ତିଆର ହେଲେଣି । ଟଙ୍କା ବା କାହାର ଖାଇ ଯେବେ ପେଟ ପୂରନ୍ତା ତେବେ ଏତେ ଗଦା ଗଦା ଟଙ୍କା ନେଇ ଓଡ଼ିଆ ପୁଏ ବର୍ଷକୁ ମାରି ଦିଅନ୍ତେ । କଥାଟା ଶୁଣିବା ମାତ୍ରେକେ ଏ ଭୋକିଲା ପେଟ ପୂରି ଉଠୁଛି—ଖାଲି ପୂରି ଉଠୁନାହିଁ ଯେ ଉପୁଡ଼ି ପଡ଼ି ଖାଇବ ହାଲୁକ ଉଠୁଛି ।

\+ × +

ଅଉ ଚିନ୍ତା କଣ ? ଓଡ଼ିଆ ପୁଏ ଦାତା କର୍ଣ୍ଣ ହୋଇ ଯା, ହରିଶ୍ଚନ୍ଦ୍ର ପାଲଟି ଯା । ଦିଅ, ଦିଅ —ହୁରିହାତ ଲଗାଇ ଅଜାଡ଼ି ଦିଅ । ସରକାର ଆମ ଦେଶକୁ ଏଥର ଖୀର ମଧୁ (milk & honey) ରେ ଭସାଇ ଦେବେ । ଦିଅ ଉପରେ ମଧୁ ବର୍ଷାଇବେ । ଏହି ଶବ୍ଦ ହଜାର ହଜାର ବେକାର ଭ୍ରାତା ତମ ଘୃଷ୍ଟ ଜମିକୁ ହଳ କରି ଦେଇ ଶସ୍ୟ ଶ୍ୟାମଳା କରି ଦେବେ । ତମକୁ କିଛି କରିବାକୁ ହେବ ନାହିଁ । ଖାଲି ହଳଏ ବସ୍ତ୍ର ସ୍ୱୀକାର କରି ଅର ବର୍ଷେ ଯାଏ ବର୍ଷ ରହିବାକୁ ପଡ଼ିବ ଯାହା । ପେଟ ଯା’ ବୋଲି ନ ମାନେ, ତାହା ଉପରେ ଖଟେଣି ଓଦା କନା ଥୋଇ ଦେବାକୁ ପଡ଼ିବ—ଏତିକି ।

\+ × +

କେହି କେହି ପଚାରୁଛନ୍ତି କି ଓଡ଼ିଶା ସରକାରଙ୍କ ନଅଣ୍ଟ ବଜେଟରେ ଏତେ ଟଙ୍କା ଆସିଲା କାହୁଁ ? ଭାରତ ସରକାର ଦେଲେକି, ମନ୍ତ୍ରୀମାନେ ହାତରୁ ଦାନ କଲେ ? ଏହାର ଉତ୍ତରରେ ଆମେ କହୁଛୁ କି "ବାବୁ ତୁମର ପିଠା ଖାଇବାରେ କାମ—ଗନ୍ଧ ଗଣିବାରେ କି ଲୋଡ଼ା ?" ଆଜ୍ଞା ଯଦି ଛପର ଫାଡ଼ି ଦିଅନ୍ତି, ତୁମେ କଣ ଅଟକାଇବ ? ଠେଙ୍ଗା, ହିକର, ଅଦା ପଦା କିଛି ବାକି ରଖ ନାହିଁ । ତୁଣ, ତୁଣ, ତୁଣ । ଅଞ୍ଚଳକୁ ଅଧର ଦୁଆର ମଞ୍ଜି ବହୁଡ଼ି ଦିଅ । ଦେଖିବ ଜାଇଥିଲେ ଅସନ୍ତା ସନକୁ ଅମାର ଖମାର ଭରା ହୋଇ ଯିବ । ଶାସ୍ତ୍ର କହୁଛି— Reap as yere sow.

× + ×

ଓଡ଼ିଶା ବ୍ୟବସ୍ଥା ସଭାର ଏକ ପ୍ରଶ୍ନ ଉତ୍ତରରେ ମାନ୍ୟବର ମନ୍ତ୍ରୀ କହିଛନ୍ତି କି "ଉତ୍ତର ବାଲେଶ୍ୱରରେ କେତୁଟା ଲୋକ ମରିଛନ୍ତି ସତ, ମାତ୍ର ସେମାନେ ନଖାଇ ମରିଛନ୍ତି କି ଖାଇ ମରିଛନ୍ତି ତାହା ବିଚାର କରା ହେଉଅଛି ।" ଏଥିରେ କେହି କେହି ମନ୍ତ୍ରୀ ମହୋଦୟଙ୍କୁ ଦୋଷ ଦେବାର ଶୁଣା ଯାଉଛି । ମାତ୍ର ଆମ ବିଚାରରେ ମନ୍ତ୍ରୀ ସାହେବ ଠିକ୍ କଥା କହିଛନ୍ତି ସେଇପରି ବିଚାରକ, ବିବେକ ବ୍ୟକ୍ତି ହୋଇ ନ ଥିଲେ କି ସେ ଉଚ୍ଚ ପଦ ଲଭି ଥାଆନ୍ତେ ? ସୂକ୍ତିକ ପଣ୍ଡିତେ କହି ଯାଇଛନ୍ତି ଯଥା—

"କଥା କହିବ ବିଚାର,
ବାଟ ଚାଲିବ ପଛର ।"

Digitized by srujanika@gmail.com

ଅଗଣତନ୍ତ୍ରୀ କଥା କହିବା ତାଙ୍କେ ଲୋକଙ୍କ କାମ ହୋଇପାରେ, ମାତ୍ର ଯାହାଙ୍କ ମୁଣ୍ଡରେ ମନ୍ତ୍ରୀ ଅଛି ସେ କମିଟି ବସ୍ତୁର ଉପର ନ କରି ତୁଣ୍ଡ ଖୋଲିବେ ? ସେଥିପାଇଁ ମନ୍ତ୍ରୀମାନଙ୍କର ପାଳ-ଷଣ୍ଢା ବ୍ୟବହାର କଥା ଗର ପ୍ରସିଦ୍ଧ । ଦୁର୍ଭିକ୍ଷ-ଅଞ୍ଚଳବୋଲି ଘୋଷଣା କରିବାତ ବହୁ ଦୂରର କଥା । ସମସ୍ତେ ତା ଅଧିକ ସଂଖ୍ୟାରେ ଅନାହାରରେ ନ ମଲେ ଦୁର୍ଭିକ୍ଷ ହେବ କିପରି ? ତାହା କଣ ଆମ ଲୋକ ପ୍ରତିନିଧି ସରକାର କରାଇ ଦେବେ ?

\+ × +

ଚାଉଳ ଦର ଦିନକୁ ଦିନ ବେକାମ୍ଭ ବଢ଼ି ଯାଉ ଥିବାରୁ ତାର କଟକଣା କରିବା ସକାଶେ ଓଡ଼ିଶାରେ ଜିଲା ମାଜିଷ୍ଟ୍ରେଟମାନେ କଟକରେ ଏକାଠି ହୋଇଥିବାର ଖବର ମିଳିଛି, ନୂଆ ଲାଟସାହେବଙ୍କର ଆଶୀର୍ବାଦ ଘେନି ଲାଟମନ୍ତ୍ରୀଙ୍କର ଛାତି ତଳେ ଏ ସବୁ ଯୋଜନା ବସିଛି, ଆଉ ସନ୍ଦେହ ନାହିଁ ଯେ ଗୋଟାଏ କିଛି ଓ ସୁଫଳ ଫଳିବ । ଏତିକିବେଳେ ଆମେ ଗୋଟାଏ କ୍ଷୁଦ୍ର ସେଥିର ତାଙ୍କ ଶ୍ରୀଛାମୁରେ ପେଶ କରିବାକୁ ସାହାସ କରୁଛୁ ।

ଆମ ଦେଶରେ ସବୁ ବର୍ଷ ଲାଟବନ୍ଦି ପଡ଼େ ପଡ଼ିଲା ଧାନ ଚାଉଳର ଭାଉ ବଢ଼ି ଯାଏ । ତାର କାରଣ, ଖଜଣା ଦେବା ପାଇଁ ଲୋକେ ପୋଛି ମାଛ ଧାନ ବିକି ଦିଅନ୍ତି । ଏ କୃଷି ପ୍ରଧାନ ଦେଶରେ ଧାନ ବିକିବା ଛଡ଼ା ରାଜସ୍ୱ ଦେବାର ଅନ୍ୟ ଉପାୟ ପ୍ରାୟ ନାହିଁ, ଏଣୁ ଏବର୍ଷ ଯେପରି ଅଭାବ ହେଲେ ବି ଗୃହୀଏ ଲାଟବନ୍ଦିରେ ଧାନ ବିକିବେ । ଏହାର ପରେ ପରେ ଚାଉଳର ଅଭାବ ଘଟେଇ ଉଠିବ । ବୈଶାଖ ଲାଟବନ୍ଦି ମୁଣ୍ଡ ଉପରେ । ଜ୍ୟେଷ୍ଠ ବେଳକୁ କି ଅବସ୍ଥା ହେବ ତାହା କଳି ହେଉ ନାହିଁ । ଯଦି ଜିଲା କଲେକ୍ଟରମାନେ ଏ ବର୍ଷ ରାଜସ୍ୱ ଛାଡ଼ି ଦେଇ ବା ମକୁବ ଦେଇ ଗୋଟାଏ କିଛି କରନ୍ତେ, ତେବେ ଦେଶର ସଙ୍ଗିନ୍ ଅବସ୍ଥା ଅନେକଟା ଭଲ ହୁଅନ୍ତା ବୋଲି ଆମର ବିଶ୍ୱାସ । ଏଥିରେ ସରକାରଙ୍କର ଯେ ବିଶେଷ ଗୋଟାଏ ଅଚଳ ହେବା ଭଳି କ୍ଷତି ହୋଇ ଯିବ ତାହା ମଧ୍ୟ ନୁହେଁ । କାରଣ ଯେଉଁ ସରକାର ଦିନକୁ କୋଟି କୋଟି ଟଙ୍କା ଖରଚ କରୁଛନ୍ତି ଓ ତତୋଧିକ ଉପଜାତ ବି କରୁଛନ୍ତି, ତାଙ୍କ ପକ୍ଷରେ ଏତିକ ସମୁଦ୍ରକୁ ଶଙ୍ଖେ । ଏ ସୁହାରଟିକ ଦେନା ହେବ କି ?

\+ × +

ଆମ ପଣ୍ଡିତ ନୀଳକଣ୍ଠ ଏତେଦିନକେ ଯଥାର୍ଥରେ ଗୋଟିଏ ଦେଶହିତକର ବିଲ କେନ୍ଦ୍ର ବ୍ୟବସ୍ଥା ସଭରେ ଆଗତ କରିଛନ୍ତି, ଯାହା ଠାକୁରଙ୍କ ଇଚ୍ଛାରେ ପାସ୍ ହୋଇଗଲେ କେବଳ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ନୁହେଁ, ଇତିହାସର ପ୍ରଚ୍ଛଦ ପଟରେ ତାଙ୍କ ନାମ ବ୍ଲକ ଅକ୍ଷରରେ ଚିତ୍ରାଙ୍କିତ ହୋଇ ରହିଯିବ । ତାହା ସହିତ ତାଙ୍କ ଫଟୋ ରହିବ କି ନାହିଁ ତାହା ମୁଦ୍ରାକରଙ୍କ ବିଚାର ଓ ଶିଳ୍ପୀଙ୍କ ହାତ ସଫାଇ ଉପରେ ନିର୍ଭର କରେ ଏହା ଓଡ଼ିଆ ଜାତି ପକ୍ଷରେ କମ ଗୌରବର କଥା ନୁହେଁ ।

ପଣ୍ଡିତଜୀ ଦାବୀ କରିଛନ୍ତି କି ଏଣିକି କେନ୍ଦ୍ର ସଭର ମେମ୍ବରମାନେ ମାସକୁ ଟ ୫୦୦ ଙ୍କା ତନଖା ସହିତ ଫାଷ୍ଟକ୍ଲାସ ଟି:ଏ: ଦୁଇଜଣ ନୌକର ( ବବୁର୍ଚ୍ଚି ଓ ଖାନସମା ?) ଓ ତିନି ମହଣ ମାଲ ଛାଡ଼ ପାଆନ୍ତୁ । ସସ୍ତ୍ରୀକ ହୋଇ ଯିବାପାଇଁ ଡବଲ ଟି:ଏ: ଟା ପଣ୍ଡିତେ ଛାଡ଼ିଲେ କଉଁ ଅକଳରେ ? ‘ପଥ ନାଗ ବେକିଁତା’ ମାନ୍ତିଦେଇ ? ଆଉ ପୁଣି ଏ କାଳ ମହରଗ ବେଳରେ ଗୃହର ଦୁହିଁଙ୍କ ଖୋରାକ ଓ ମହଲାଟା ମଧ୍ୟ ସରକାର ତରଫରୁ ମିଳିବ । ଉଚିତ ବୋଲି ଲାଗୁଛି । ଶେଷରେ ଏ ବିଲରେ ଆଉ ଗୋଟିଏ ବିଧାନ ( Clause ) ଯୋଗ କରିଦେବା ପାଇଁ ଆମର ଅନୁରୋଧ । ତାହା ଏହିକି—ବର୍ତ୍ତମାନ ଥିବା ମେମ୍ବରମାନେ ଏହି ଦରମା ଟି: ଏ: ପ୍ରଭୃତି ପୁତ୍ର ପୌତ୍ରାଦି କ୍ରମେ ଯାବତ୍ ଚନ୍ଦ୍ରାର୍କ ବିନା ବାଧାରେ ଭୋଗଦଖଲ କରୁଥିବେ ।

( ୮ମ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

କଥାଟିଏ କହୁଁ...

# ଶୁଭକ୍ଷଣ ।

ଲେଖିକା— ଶ୍ରୀମତୀ ସୀତା ଖାଡ଼ଙ୍ଗ

କାହାଣୀ

ପଲ୍ଲୀର ସବାଶେଷରେ ତା'ର ଘର । ନାଁ ତାର ମାଳୀ, ମାଳୀ ସକାଳୁ ଉଠେ ଘର ପାଖ ପାହାଡ଼ ପାଖକୁ ଯାଏ ବୁଲି । କେରୁଣ୍ଡା, କାଇଁଚ, ବଇଁଚ, ପଳାଶ ଫୁଲର ଗଛ ଉପରେ ମାଡ଼ିଯାଇ ଥାଏ ଛୋଟ ଛୋଟ ଲତା ସେ ସବୁ ଫୁଲ ଦେଖେ ଛିଣ୍ଡାଏ ନାହିଁ, କେରୁଣ୍ଡା ଫୁଲର ପେନ୍ଥା ଉପରେ ଭ୍ରମର ଉଡ଼ି ବୁଲେ, ଏ ଫୁଲରୁ ସେ ଫୁଲ ଉପରେ ବସେ, ସରୁ ପାଖୁଡ଼ିଆ ଛୋଟ କେରୁଣ୍ଡା ସଙ୍କୋଚରେ ଏତେ ଟିକିଏ ହୋଇ ଯାଏ ହଳଦିଆ କେଶର ଝରି ପଡ଼େ ମାଳୀ ପଲକହୀନ ଆଖିରେ ଦେଖେ ।......

ତାହାର ଦୁଆର ମୁହଁ ଦେଇ କେତେ ରଜା ଯାଆନ୍ତି ପାରଧିକି । ମାଳୀ କେବେ କେବେ ଦୁଆର ମୁହଁରେ ବସିଥାଏ । ଅଉ କେବେ ଥାଏ ସେଇ ଖଣ୍ଡ ଲତା ବଣରେ । ଘୋଡ଼ା ହାତୀ, ଅନୁଚର ଚାଲି ଯାଆନ୍ତି ପଦାଘାତରେ ଧରଣୀ କମ୍ପେଇ । ମାଳୀ ସବୁ ଦେଖେ ଜୀବ ଜଗତର କେତେ ନୈମିତ୍ତିକ ଘଟଣା ଭିତରେ ରଜା ଯାଆ ଗୁଡ଼ାକ ମିଶେଇ ଦିଏ । ସେ ସେ କଥା ନେଇ ସେ କେବେ ମନର କଳ୍ପନାକୁ ଗହଳିଆ କରେ ନାହିଁ ।

ବସନ୍ତ ଯାଏ ନିଦାଘ ଆସେ । ଦିନେ ଗ୍ରୀଷ୍ମର ଅତପ ତପ୍ତ ଧରଣୀ ଉପରେ ପାଦ ଫିଙ୍ଗି ଫିଙ୍ଗି ଝରଣାର ଜଳ ଭରି କଳସୀ କାଖରେ ଧରି ଅନ୍ୟମନା ଭାବରେ ମାଳୀ ଚାଲି ଆସୁଥିଲା ପଛ ପାଖରୁ ଶୁଭିଲା କିଏ ଗୋ ତୁମେ ! ମାଳୀ ଫେରି ଚାହିଁ ବିସ୍ମୟ ଜଡ଼ିତ କଣ୍ଠରେ ପଚାରିଲା "ତୁମେ କଣ ରଜା ପୁଅ ?" ରଜା ପୁଅ କହିଲା "ନା ଗୋ ମୁଁ ପଥିକ ।" ମାଳୀ ଅଜାଣତେ ଭାବରେ ପଥିକ ହାତକୁ ଜଳ କଳସୀ ଦେଲା ବଢ଼େଇ, ପଥିକ ଜଳ ପାନ କରି ପରମ ତୃପ୍ତିରେ ଚାହିଁଲା ହସ ହସ ମୁହଁରେ, ସ୍ନିଗ୍ଧ ସୌନ୍ଦର୍ଯ୍ୟ ଫୁଟି ଉଠୁଛି । ସାରା ଅଙ୍ଗରେ କରୁଣ କୋମଳତାର ଅଭାସ ଆଖିରେ ଜଗତ ଯାକର ସହାନୁଭୂତି—

ଶୂନ୍ୟ କଳସୀ ହାତରେ ମାଳୀ ଗଲା ଘରକୁ । ମାଆ ପଚାରିଲେ କଲେ ମାଳୀ କଳସୀ ଯେ ଖାଲି ! ସେ କହିଲା ଶୂନ୍ୟ କଳସୀଟା ଆଣିଛି ମାଆ । ମାଆ ତାର ଅବାକ ହୋଇ ଚାହିଁ ରହିଲା ମାଳୀର ମୁହଁକୁ ।

( ୨ )

ନିତି ଜଳ କଳସୀ ହାତରେ ମାଳୀ ବନ ପଥ ଦେଇ ଆସୁଥାଏ । ପଛ ପାଖରୁ ଶୁଭେ ପଥିକର ସ୍ନିଗ୍ଧ ସ୍ୱର । ମାଳୀ ଚମକି ଉଠି ଯୁଏ ସ୍ୱରଆଡ଼କୁ ସୁହେଁ ନିର୍ଜନ ବନ ପଥ ମର୍ମରି ଉଠେ । ମାଲେନ୍ଦୀ-ବର ଅଙ୍ଗରୁ ଝରି ପଡ଼େ ଦି'ଟୋପା ଲୁହ । ଫୁଲ ତୋଳା ଅର୍ଣ୍ଣ ବନ ପଥରେ ବିଛିଦିଏ ଛିଡ଼ା ହୋଇ ଦେଖେ ପଥିକ ଆସେ ଧୀରେ ଧୀରେ ଫୁଲର ପାଖୁଡ଼ା ଉପରେ ପାଦ ଦେଇ ମାଳୀ ଜଳ କଳସୀ ହାତକୁ ଦିଏ ବଢ଼େଇ, ଜଳରେ ଧୋଇ ଯାଏ ବନପଥ ।

ରଜା ପାରଧିକ ବଢ଼େକରେ ବୋଲି ମାଳୀର ଦୁଆର ମୁହଁ ଦେଇ ହାତୀ ଘୋଡ଼ା ପାଇକ ପ୍ରହରୀ ଯାଉ ଲାଗନ୍ତି, ମାଳୀ ଦେଖେ ପଥିକବେଶୀ ରଜା ପୁଅର ରଥ, ସଦ୍ୟ ତୋଳା ଫୁଲ ଫିଙ୍ଗି ଦିଏ ଦୂରରୁ ରଥ ଚାଲି ଯାଏ ତାର ଉପରେ ସଦ୍ୟ ତୋଳା ଫୁଲ ରଥ ଚକ ତଳେ ଧୂଳି ସଙ୍ଗେ ହୋଇ ଯାଏ ଧୂଳି । ମାଳୀ ଦୁଆର ମୁହଁରେ ବସି ଦେଖେ ଦୂର ଦିଗନ୍ତରାଳରେ ମିଶିଯାଏ ରଜା ପୁଅର ରଥ । ଗୋଧୂଳି ଗଗନରୁ ଦିଶେ କୋମଳ ଅରୁଣ ରେଖା, ପଥ ଗହଳ ଭିତରୁ ଦିଶେ ପଥିକବେଶୀ ରଜାପୁଅର ରୂପ ।

ମାଳୀ ରାତିରେ ଶୋଇ ପାହାନ୍ତିଆ ତାରା ସଙ୍ଗେ ଆଖି ତାରାକୁ ସାଥିକରି ଜାଗି ରହେ, ବିଛଣାରେ ପଡ଼ିଥାଏ କଣ୍ଟକ ହୋଇ । ମନ ତାର କରୁଥାଏ କେତେ ଆୟୋଜନ କେତେ ଯେ ଯତନ କରି ଘର ସଜାଏ ଦୁଆର ମୁହଁରେ ଜଗି ବସେ । ହସ ହସ ମୁହଁ କରି ରଜାପୁଅ ଆସେ, ଲୁଚି କପାଳରେ ବିନ୍ଦୁ ବିନ୍ଦୁ ଝାଳ, ଗହଳିଆ ବାଳ ଉପରେ ରଥ ଚକର ଧୂଳି । ମାଳୀ କଳସୀର ଶୀତଳ ଜଳରେ ଧୋଇ ଦିଏ ରଜା ପୁଅର ମୁହଁ ଅଞ୍ଚଳରେ ପୋଛି ଦିଏ । ସ୍ନେହ ଉପହାର ଖୋଜେ ମନେ ମନେ, ଭାବୁ ଭାବୁ ଦେହ ତାର ଦୋହଲି ଯାଏ । ତାର ଅଜଣାରେ

Digitized by srujanika@gmail.com

ଭୟ ପଞ୍ଜର ଭେଦ କରି ଦୀର୍ଘ ଶ୍ୱାସ ବହି ଯାଏ । ମାଆ ପଚାରେ 'ମାଲୀ ଶୋଇଲୁ'? ମାଲୀ ରୁଦ୍ଧ କଣ୍ଠରେ କହେ 'ଶୋଇଛି'। ସକାଳ ହେଲେ ମାଲୀ ବନ ପଥରେ ଖୋଜି ବୁଲେ ଦୂରରୁ କୋଇଲି ଡାକେ, ମର୍ମର ଧ୍ୱନିରେ ପତ୍ର କଂପେ ମାଲୀର ଅନ୍ତର ଗୀତ ଅନ୍ତର ଗାଏ କରୁଣରୁ କରୁଣତର ରାଗରେ । ଘୂରି ଘୂରି ତାର ଅଣ୍ଟା ହୋଇ ଯାଏ ମ୍ଳାନ ପାଗଳିନୀ ବେଶରେ ମାଲୀ ଫେରେ ଘରକୁ ।

ମାଆ କହେ 'ମାଲୀ ତୁ ମୋର ହାଡ଼ ମାଉଁସ ଏବାଟେ ନ କରି ଛାଡ଼ିବୁ ନାହିଁ ।' ମାଲୀ ଖାଲି ଅନେଇ ରହେ ନୀରବରେ, ତାର ଭାବନା ସାଗରରେ ଖେଳି ତୋଳା ପୂଜ ଉଠେ ସେଇ ବନପଥ ଅନ୍ତରାଳରେ ଉଇଁ ଆସୁଥିବା ସୂର୍ଯ୍ୟ ଦେବତା ।

ଭାଦ୍ର ଶେଷରେ ମାଲୀକୁ ହେଲା ଭୀଷଣ ଜ୍ୱର ଦିନ ଗଡ଼ି ଯାଏ । ମାଲୀ ଜ୍ୱର ତାପରେ ଉତ୍ତପ୍ତ ହୋଇ ମାଆକୁ କହେ ରଜା ପୁଅ ଆସିବ ମୁନାର ପଥରେ ମୁନାର ଦ୍ୱାର ଖୋଲ । ଦେଲୁ ମାଆ ମୋର କଳସୀଟା, ବାଟରେ କଟାଇବ, ଯାଏ ପାଣି ଦିଏଁ । ଘୂରି ଘୂରି ରଜାପୁଅ ଫେରି ଯିବ ଯେ ଦେ ମାଆ ଦେ ମୋର କଳସୀଟା ।

ମାଆ ତାର ମାଲୀର ମଥାକୁ କୋଳରେ ଧରି କହେ "ମାଲୀ ମୋର, ମୁନା ମୋର ଧନ ମୋର ଭଲ ହୋଇ ଯା ଶୁଭ ଦିନରେ ରଜାପୁଅ ଆସିବ ।" ମାଲୀର ସେତିକି ମୂର୍ଚ୍ଛାରେ ଉକ୍ତିର ଚିହ୍ନ ଦିଶେ ସେ ଉଦ୍ଭାରିତ ଦୃଷ୍ଟିରେ ଚାହେଁ ମାଆର ମୁହଁକୁ । ଉତ୍ତେଜନାରେ ଛଟପଟ ହୋଇ ସେ କହେ "ହଁ ମାଆ ସତରେ ରଜାପୁଅ ଆସିବ କି 'ସୁନ୍ଦର ବେଶ ହୋଇଥିବ । ଅନ୍ଧାର ହେଲାଣି ରାତି ହେବ ମେଘ ଅଛି ବିଜୁଳି ଚମକିବ ଘଡ଼ଘଡ଼ି ମାରିବ ବତାସ ବହିବ ଜୋରରେ । ଘରେ ଦୀପ ଜଳୁଥିବ ରଜା ପୁଅ ଆସିବ ଧୀରେ ଧୀରେ, ଦୁଆର ଖୋଲିଅଛି ତ ?" ମାଆ କହେ "ମାଲୀ ଶୋଇ ପଡ଼ୁ ।" ମାଲୀ କହେ "ହଁ ମାଆ ଶୋଉଛି । ବତାସ ଆସୁଛି, ଦୀପ ଲିଭିଯିବ ଅନ୍ଧାରରେ ରଜାପୁଅ ଆସିବ ଜାଣିବ ଅଦର କରି । ମତେ ନିଦ ଲାଗିବା ଆଗରୁ ରଜାପୁଅ ଆସିବଟି ମାଆ ! ନିଦ ଲାଗିଗଲେ ମୁଁ ଆଉ ଦେଖି ପାରିବି ନାହିଁ ଯେ ମାଆ ।"

ଗୋଟିଏ ଜୋର ପବନର ଧକ୍କାରେ ଦୀପ ଗଲା ଲିଭି । ଘର ହେଲା ଅନ୍ଧାର । ମାଆ ଡାକିଲା 'ମାଲୀ ଧନ ମୋର' ମାଲୀ ଆଉ ଶୁଣିଲା ନାହିଁ, ଶୋଇ ଯାଇଥିଲା ଏକବାରେ ।

## କହ କହ !

"ଝରକା କାଚ କିଏ ଭାଙ୍ଗିଲା ?

"ମାଆ ଭାଙ୍ଗିଲେ । କିନ୍ତୁ ଏଇଠି ବାପାଙ୍କର ଦୋଷ- ସେ ଝରକା ସାମନା ଦେଇ ଦୌଡ଼ିଗଲେ ବୋଲି ସିନା ।

× + ×

ମିନୁ—ଯେଉଁ କଥା ମୁଁ ତତେ ନାହିଁ କହିଥିଲି ତାକୁ କହିବାକୁ ତୁ ତାକୁ ସେ କଥା କହି ଦେଲୁ, ସେ ମୋତେ କହୁଥିଲା ।

ଟିନୁ—କେଡ଼େ ଖରାପ ଲୋକ ସେ ! ମୁଁ ତାକୁ ନାହିଁ କହିଥିଲି ତତେ କହିବାକୁ ମୁଁ କହିଥିଲି ବୋଲି ।

ମିନୁ—ଯାହା ହେଉ ସେ ମତେ କହି ଦେଇଥିଲା ବୋଲି ମୁଁ ତତେ କହିଦେଲି ଏ କଥା କହିବୁନି ତାକୁ ।

× + ×

ମାଆ—ତୁ ଯାହାକୁ ବାହା ନ ହୋଇ ଗୋଟିଏ ଗରିବ ଲୋକକୁ ବାହା ହୋଇଥିଲେ କେତେ ଭଲ ହୋଇ ଥାଆନ୍ତା ।

ଝିଅ—ତୁ ଚିନ୍ତା କର ନାହିଁ ମା' ସେ ଅଳ୍ପ ଦିନ ଭିତରେ ଗରିବ ହୋଇ ଯିବେ ଯେ ।

(ଦେବ ମହାପାତ୍ର)

× + ×

Digitized by srujanika@gmail.com

# ମୃତ ଯକ୍ଷ

ଶ୍ରୀ ବିକ୍ରମଦେବ ବର୍ମା ।

ଓଡ଼ିଶାନ୍ତର୍ଗତ ଜୟପୁରର ଉତ୍ତରଦିଗେ ପ୍ରାୟଶ ସାତ ମାଇଲ ଦୂରରେ ଧନୂପୁର ନାମକ ଗ୍ରାମଟିଏ ବିଦ୍ୟମାନ । ସେ ଗ୍ରାମର ସାହିମାନ ଧନୂର ପରି ବକ୍ରଭାବରେ ଅବସ୍ଥିତ ହୋଇଥିଲା କାରଣରୁ ତାର ଧନୂପୁର ନାମ ବିଖ୍ୟାତ । ସେ ଗ୍ରାମରେ ଅଦ୍ୟାବଧି ରଇତମାନେ ଏବଂ ମୂଲିଆମାନେ ମାତ୍ର ବାସକରନ୍ତି । ସୁଦାମ ମୁରୁକି ନାମକ ଜନୈକ ବୈଶ୍ୟ ସେ ଗ୍ରାମରେ ପ୍ରବେଶି ସେଠାରେ ନିବାସ କରି ରହିଲା । ସେ ନାନାବିଧ ଫସଲମାନ ରଇତମାନଙ୍କଠାରୁ ବଡ଼ ଗଉଣୀରେ କିଣି ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ସାନ ଗଉଣୀରେ ବିକି ଏକ ରକମ ଭାଗ୍ୟବାନ ହୋଇ ଥିଲା । ତାର ଘରକୁ ମାଟି କାନ୍ଥର ପାଟେର ତିଆର କରାଇବା ଉଦ୍ୟମ କଲା । ମାଟି କାନ୍ଥ ଏକପ୍ରସ୍ଥରେ ନିର୍ମିତ ହୋଇ ପାରେ ନାହିଁ । ତାକୁ ପ୍ରସ୍ଥ ଉପରେ ପ୍ରସ୍ଥ ଦେଇ କ୍ରମେ କ୍ରମେ ପୂର୍ଣ୍ଣ କରିବାକୁ ହୁଏ । ମୁରୁକିର ପାଟେର ଦୁଇ ପ୍ରସ୍ଥରେ ମାତ୍ର ନିର୍ମିତ ହୋଇଥିଲା । ଏକଦିନେ ଗୋଟିଏ କଳା ବିରାଡି ସେ କାନ୍ଥର ଉପରେ ଚଢ଼ି ଧାଇଁ ଧାଇଁ ଡେଇଁ ପଳାଇ ଗଲା । ତାହା ମୁରୁକିର ନୟନ ଗୋଚର ହୁଅନ୍ତେ ନିଜ କୁଟୁମ୍ବରେ ଅମଙ୍ଗଳ ଘଟିବ ବୋଲି ତା'ର ମନରେ ଆଶଙ୍କା ଜନ୍ମିଲା ।

ଜୟପୁରରେ ଶ୍ରୀଧର ମିଶ୍ର ନାମକ ଜନୈକ ବ୍ରାହ୍ମଣ ବାସ କରନ୍ତି । ସେ ଧନୂପୁର ଏବଂ ପଡ଼ୋଶି ଗ୍ରାମବାସୀମାନଙ୍କର ପୁରୋହିତ । ପୁରୋହିତ-ମାନେ କେତୋଟି ଦୁରଚର୍ଣ୍ଣିହ୍ନ ବେଦମନ୍ତ୍ରମାନଙ୍କୁ ବାର ତିଥି ରାଶି ନକ୍ଷତ୍ର ନାମମାନଙ୍କୁ ଜ୍ୟୋତିଷ ଶାସ୍ତ୍ରରୁ କେତୋଟି ଶ୍ଳୋକମାନଙ୍କୁ ବରୁଣ ପୂଜାକୁ ସ୍ୱସ୍ତି ବାଚନକୁ ଏବଂ ସଙ୍କଳ୍ପକୁ ମାତ୍ର କଣ୍ଠସ୍ଥ କରି ନିଜେ ମଣ୍ଡିତମ୍ମନ୍ୟ ବୋଲି ଭାବନ୍ତି । ସେମାନେ ଦୂଭ୍ରଣଭ କର୍ମକରଣ ସମୟରେ ପୁସ୍ତକକୁ ଦେଖୁଥାଆନ୍ତି । ଶ୍ରୀଧର ମିଶ୍ରେ ମଧ୍ୟ ସେହି ଭଳି ପଣ୍ଡିତ । ମୁରୁକି ନିଜ ଘରେ ଘଟିଲା ଘଟଣାବଶରୁ ଅତି ଦୁଃଖିତ ହୋଇ ଜୟପୁର ଯାଇ ପଣ୍ଡିତଙ୍କୁ ଦଣ୍ଡବତ କରି ଉକ୍ତ ଘଟଣା କହିଲା । ପୁରୋହିତେ ମୁରୁକିକୁ ପିଣ୍ଡାରେ ବସାଇ ଆପଣା ଘର ଭିତରକୁ ଯାଇ ଗୋଟିଏ ପୁରୁଣା ତାଳପତ୍ର ପୋଥିଟିଏ ଆଣି ତାକୁ ଫିଟାଇ କେତେକ ପତ୍ର ଲେଉଟାଇ ଗୋଟିଏ ପତ୍ରକୁ ଉଟାଳି ଦେଖି ଏ ମନ୍ତ୍ର ପଢ଼ିଲେ ।

ଶ୍ଳୋ "ଅଦ୍ରାର୍କ୍ଷୀ ମୃତ୍ତିକାଭିତ୍ତୌ କୃଷ୍ଣ ମାର୍ଜାର ଧାବନଂ
ମୁରୁକେ ସ୍ୱସ୍ୟ ବଂଶସ୍ୟ ନାଶନଂ ଭବତି ଧ୍ରୁବଂ"

ଏହି ଶ୍ଳୋକଟି ପଢ଼ି ତାର ଅର୍ଥ ମୁରୁକିକୁ ବୁଝାଇ ଦେଲେ । ତାହାଶୁଣି ସେ ବଡ଼ ଦୁଃଖ ବିହ୍ୱଳିତହୋଇ ପୁରୋହିତଙ୍କ ପାଦ ଦ୍ୱୟକୁଧରି କଣ କଲେ ସେ ଦୋଷଶାନ୍ତି ହେବ ବୋଲି ପଚାରନ୍ତେ ଗୋଟିଏ ଯକ୍ଷକର ଦଶ ଗୋଟି ଗାଈ ଦକ୍ଷିଣା ଦେଲେ ସେ ଦୋଷ ଶାନ୍ତି ହେବ ନ ହେଲେ ତାହା ଶାନ୍ତି ହେବ ନାହିଁ ବୋଲି କହିଲେ । ସେ ଯକ୍ଷ ବନ ମଧ୍ୟରେ ନିର୍ଜନ ସ୍ଥାନରେ କରିବାକୁ ହେବ ବୋଲି ମଧ୍ୟ କହିଲେ । ମୁରୁକି ପୁରୋହିତେ କହିଲା ବିଧିରେ ଯକ୍ଷର ସବୁ ସମ୍ଭାର ସଂପାଦିଲା । ପୁରୋହିତେ ସେ ସବୁ ଧରାଇ ଧନୂପୁର ନିକଟସ୍ଥ ବନ ମଧ୍ୟରେ ପ୍ରବେଶି ଯକ୍ଷ ଆରମ୍ଭ କଲେ । ବରୁଣ ପୂଜା, ସ୍ୱସ୍ତି ବାଚନ, ଏବଂ ସଂକଳ୍ପ ପରେ ଷୋଡଶୀ ମଣ୍ଡଳକୁ ବର୍ଦ୍ଧନୀ ମଣ୍ଡଳକୁ ନବଗ୍ରହ ମଣ୍ଡଳକୁ ଏବଂ ଦଶଦିଗ ପାଳ ମଣ୍ଡଳକୁ ପୂଜାକରି, ସ୍ଥଣ୍ଡିଳରେ ଅଗ୍ନି ଜାଳି ଦୁଇ ଗଉଣୀ ଘିଅ ପାଖରେ ରଖି ହୋମ ଆରମ୍ଭ କଲେ । ଉଚ୍ଚ କଣ୍ଠରେ ଓଁ ଅଦ୍ରିଭିତ୍ତ୍ୟେ ସ୍ୱାହା ଇଦଂ ଅଦ୍ରିଭିତ୍ତ୍ୟେ । ଓଁ ଅଦ୍ରାର୍କ୍ଷୀନିର୍ମିତ ଭିତ୍ତ୍ୟେ ସ୍ୱାହା ଇଦଂ ଅଦ୍ରାର୍କ୍ଷୀନିର୍ମିତଭିତ୍ତ୍ୟେ ଓଁ କୃଷ୍ଣ ମାର୍ଜାରାୟ ସ୍ୱାହା ଇଦଂ କୃଷ୍ଣ ମାର୍ଜାରାୟ ଧାବନାୟ ସ୍ୱାହା ଇଦଂ ଧାବନାୟ, ଏପରି ମନ୍ତ୍ର ମାନଙ୍କରେ ହୋମ କରୁଥିଲେ ! ତେବେ ମାଧବ

( ଅବଶିଷ୍ଟାଂଶ ୭୪ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

## କାଳିଆ ବଳଦ ଗଲ୍ପ ଗଲ୍ପ

କୁରୁକୁରୁ

ମଧୁ—ପ୍ରେମ ବିବାହ କଥା କହୁଚ - ବାହା ହେଲା ଆଗରୁ ଆମେ ଭାବୀ ପତ୍ନୀ ସହିତ ଯେମିତ ବ୍ୟବହାର କରୁ ବାହାହେଲା ପରେ ସେ ସବୁ ବ୍ୟବହାର ଆଉ ଥାଏ କି ?

ଯଦୁ—ଏଇଟା ଭୁଲ୍ କଥା । ମୁଁ ଠିକ ପୂର୍ବ ପରି ବ୍ୟବହାର କରେ । ବାହା ହବା ଆଗରୁ ପ୍ରେମ କଲା ବେଳେ ମୁଁ ଯେମିତ ବ୍ୟବହାର କରୁ ଥିଲି । ମୁଁ ମୋର ଭାରିଯା ଘରର ଦାଣ୍ଡ ପାଖ ବାଡ଼ରେ ଅନ୍ଧାର କରି ଠିଆ ହେଉଥିଲି ଆଉ ଝରକାର ପରଦାରେ ତାର ଛାଇଟାକୁ ଅନେଇ ରହୁଥିଲି, କିଏ ଖଡ଼ ଖଡ଼ ହେଲେ ଚମକି ପଡ଼ୁଥିଲି । ଡରରେ ଭିତରକୁ ଯାଇପାରୁ ନ ଥିଲି । ଆଜି-କାଲି ସୁଦ୍ଧା ଆମ ଘରେ ପୂର୍ବପରି ବ୍ୟବହାର କରୁଚି । + + +

"ତେବେ ମିଶ୍ରଙ୍କର ଧର୍ଷଣ କନ୍ୟା"

"ହଁ ଜଣେ ଆଙ୍କି ପାରେ ଅରଣି ଟାଇ ପାରେ ।"

"ବାଃ କେଣ ନିପୁଣୀ ?"

ହଁ ଜଣଙ୍କ ପାଇଁ ଆଖି ବନ୍ଦ କଲେ ଚଳିବ ଅରଣି ପାଇଁ କାନ ବନ୍ଦ କଲେ ଚଳିବ । × ×

ବାପ—ଏଇ କ୍ଲାସରେ ତୁ ଅଟ୍ଠର ବର୍ଷେ ଫେଲ ହେଲୁ !

ପୁଅ ତୁମର ଭଲ ପାଇଁ ବାପା । ନୂଆ ବହି, ଆଉ କିଣିବାକୁ ପଡ଼ିବନି । କାଗଜର ଦାମ ଯା ହୋଇଛି । × +

ମା—ଉଠରେ ପୁଅ, କେତେବେଳ ଯାକେ ଶୋଇଛୁ । ଚଢେଇମାନେ କେତେ ସକାଳରୁ ଉଠି ସାଇଲେଣି ।

ପୁଅ—( ଅଳସରେ ) ମୁଁ ବି ତାଙ୍କ ଭଳି ବସାରେ କାଠି କୁଟା ଉପରେ ଶୋଉଥିଲେ ମୁଁ ବି ବଡ଼ ସକାଳୁ ଉଠି ପାନ୍ତି ।ନ୍ତି ଯେ । +

ସୁରେଶ ବୋକା ! ବୋକା ! ବୋକା ! ଆପଣ ଏଇ ଟିଏଟା କେତେଥର କହୁ-ଛନ୍ତି । ମୋର ବିଶ୍ବାସ ଆପଣ ମୋତେ ଲକ୍ଷ କରି କେବେ କହୁନାହାନ୍ତି ।

ରମେଶ—ସବୁକଥା ଆପଣ ଅଢ଼ଙ୍କୁ ଏମିତ ଟାଣି ନିଅନ୍ତୁ ନାହିଁ । ଦୁନିଆରେ ଯେପରିକି ଆଉ କେହି ବୋକା ନାହାନ୍ତି

---

( ମୃତ୍ୟୁଞ୍ଜୟ ପୂର୍ବପ୍ରଥା ଉତ୍ତାରୁ )

ଶତପଥୀ ନାମକ ଜନୈକ ବ୍ରାହ୍ମଣ କାଶୀରେ ସଂସ୍କୃତ ଅଧ୍ୟୟନ କରି ନିଜ ଦେଶକୁ ଫେରିବା ବାଟରେ କେତେକ ଧନୀ ବନସ୍ତରେ ରାହି ଜୟପୁର ଯିବାକୁ ପାଣ୍ଡି ସେ ରାତି ରହି ଯାଉଥିଲେ । ସେ ବିଚିତ୍ର ମନ୍ତ୍ର ଗୁଡ଼ିକ ଶୁଣି ସେ ଯଜ୍ଞ ସ୍ଥାନରେ ଉପସ୍ଥିତ ହୋଇ ଏ ମନ୍ତ୍ରର ପ୍ରଶ୍ନ କଲେ:—"ଅପୂର୍ବ ଦଦସେ ଟେଟିବ କାନନେ ନିର୍ଜନସ୍ଥଳେ । ମନ୍ତ୍ରହୀନଂ କ୍ରିୟା ହୀନଂ କର୍ମେଦଂ କଣି ପଣ୍ଡିତ ।" ଏତକ ଶୁଣିବା ମାତ୍ରେ ପୁରୋହିତେ ଏ ମନ୍ତ୍ର ପ୍ରତ୍ୟୁତ୍ତର ଦେଲେ—

ଶ୍ଳୋ—'ମହାମୃତ୍ୟୁ ଯଜ୍ଞସ୍ୟ ଦଶଗାବସ୍ତୁ ଦକ୍ଷିଣା ତଦାପ୍ୟର୍ଦ୍ଧଂ ମମାପ୍ୟର୍ଦ୍ଧଂ ବାଦମାକୁରୁ ପଣ୍ଡିତ !" ସ୍ବାହା ଇଦଂ ପଣ୍ଡିତ ପ୍ରବରାୟ" ଏତେ ଶୁଣି ଶତପଥୀ ମହାଶୟ ବସି ପଡ଼ି "ତଥୈବାସ୍ତୁ ସ୍ବାହା ଇଦଂ ପୁରୋହିତାୟ" କହିଲେ, ଏପରି ବ୍ରାହ୍ମଣଦ୍ଵୟ ସେ ଯଜ୍ଞ ସମାପ୍ତ କରି ପ୍ରଧାନ ଦ୍ରବ୍ୟ ଗ୍ରହଣ କରି ଅତ୍ୟାନନ୍ଦଚିତ୍ତରେ ପ୍ରସ୍ଥାନ କଲେ । ମୁର୍ଖ ବିଚରା ସନ୍ତୁଷ୍ଟ ହୋଇ ଘରକୁ ଫେରିଲା । ଭାରତରେ ଏପରି କର୍ମାନୁଷ୍ଠାନ ଅନୁଷ୍ଠିତ ହେଉଥିବା ନୂତନ ନୁହେଁ ।

---

Digitized by srujanika@gmail.com

ସଜନା ଗଛ ମୂଳେ

ମଜା କବିତା:—

# ମଙ୍ଗଳ କାମନା

ଲେଖକ—ଶ୍ରୀ ସୀତାକର ଦାସ

—୧—

ଦିନ ପରେ ଦିନ ଗଲା,
ତୁମପାଇଁ ଜାଳି ହୃଦୟୁ ଦୀପାଳି
ଅଖିରୁ ମୋ ପାଣି ମଲା
ମଧୁ ଦଇବ କି ଏହା କଲା ?

—୨—

ଚୁମ୍ବନଟି ଗଣ୍ଡେ ଦେଇ,
ସେଦିନ କହିଲ ନିଷ୍ଟୟୁ ଆସିବ
କାଲି ସତେ ପ୍ରିୟସହି;
ଦରଶନ ତବ କାହିଁ ?

—୩—

ତୁମର ଲାଗି ମୁଁ ଦୂରେ,
ସଞ୍ଜ ହେଲେ ପକ୍ଷୀ ବିରହ ଗୀତଟି
ଗାଏ କର୍ଦ୍ଦୋଳ ସ୍ୱରେ;
କିନ୍ତୁ—ତୁମେ ରହିଥାଅ ଦୂରେ ।

—୪—

ପଥର କଲ କି ହୃଅ ?
ଜାଣିଲି ଜାଣିଲି ପୁରୁଷ ଜାତଟା
ଅଟେ ନିର୍ଲଜ, ବେହୃଅ;
ନାହିଁ ତାଙ୍କ ହୃଦେ ଦୟା ।

—୫—

କାମରେ ନ ଲାଗେ ମନ,
ଅଭାଗିନୀ ଦୁଃଖ ଜେଣ୍ଟାଇବ ସତେ ?
ଗୃହେ ଅସି ପ୍ରାଣଧନ;
ମନ ହୁଏ ଛନ୍ନ ଛନ୍ନ ।

—୬—

ଅବଗୁଣ୍ଠନଟି ଟାଣି,
ବସିଥାନ୍ତ ଦୂରେ, କହିଥାନ୍ତ ଆସ—
ଆସ ମୋ ହୃଦୟ ରାଣୀ;
ନେଇଥାନ୍ତ କୋଳେ ଟାଣି ।

—୭—

ଭାଙ୍ଗି ରଖିଥିଲି ପାନ,
ନ ଦେଇ ତୁମକୁ, ସେଦିନ ଯେ କେତେ
କରିଥାନ୍ତି ଅଭିମାନ;
ହାୟ, ସବୁ ହେଲା ଅକାରଣ ।

—୮—

ତୁମକୁ ମୁଁ ଭଲ ପାଏଁ,
ଟେକୁଥିବି ଜଳ ସୂର୍ଯ୍ୟ ଦେବତାଙ୍କୁ
ମୃତ୍ୟୁ ତୁମ ହେବା ଯାଏଁ;
ତୁମେ—ମାଟିରେ ମିଶିବା ପାଏ ।

Digitized by srujanika@gmail.com

( ବିଲୁଅବଗୁର ୨ୟ ପୃଷ୍ଠା ଉତ୍ତାରୁ )

ଓଡ଼ିଶା ମୂଳକ ଯୁକ୍ତ ସାମୁଖ୍ୟର ପ୍ରଧାନ ପଦରୁ ପଂଡିତ ନୀଳକଣ୍ଠ ପଶ୍ଚାତ୍ପଦ ପ୍ରଦର୍ଶନ କରିବା କଥା ଶୁଣି ଦେଶବାସୀ ବିସ୍ମୟ ହୋଇ ପଡ଼ିବେ ବୋଲି ଆଶଙ୍କା । କୁମୂଳ ଟିକାଟିକିରେ ବିପକ୍ଷମାନଙ୍କୁ ଭେଦି କରି ପଂଡିତେ ଏ ପଦ ଲାଭ କରିଥିଲେ ବୋଲି ଶୁଣାଅଛି । ପଂଡିତେ ସ୍ୱତଃ ପ୍ରବୃତ୍ତ ହୋଇ ଏହା କରିବାରୁ ଯେ ତାଙ୍କର କ୍ଲୈବ୍ୟ ପ୍ରକାଶ ପାଉଛି ତାହା ଯେପରି କେହି ନ ଭାବନ୍ତୁ କାରଣ ସେ ପ୍ରକ୍ଷିବାଦ ଭୂଷଣ ଅଲଂକାର ଭଳି ଲେ କରିଥିଲେ । ଗୁରୁତର ବାଧା ବିଘ୍ନ, ପ୍ରତିକୂଳ ଅବସ୍ଥାର ସମ୍ମୁଖୀନ ହୋଇ ସେ ପ୍ରାଜ୍ଞ ଭାବରେ ଏହା କରିଛନ୍ତି । ଆମର ଦୁଃଖ ଏତିକି ଯେ ଏ ସ୍ଥାନ ପୂରଣ କରିବାକୁ ଗାନ୍ଧିପ୍ରସବିନୀ ଓଡ୍ର ଧରଣୀରେ ତାଙ୍କ ଭଳି ଭଣ-କନାଦ ଗାର ପୁଂଗବ ଦ୍ୱିତୀୟ କେହି ଦେଖାଯାଉ ନାହାନ୍ତି । ସେ କାରଣରୁ ପଂଡିତ ପ୍ରବରଙ୍କୁ ଆମର ଏତିକି ଅନୁରୋଧ ଯେ ଦେଶର ଏ ସଙ୍କଟଜନକ ବେଳରେ ଆମକୁ ଯେପରି ନିରାଶ, ନିରାଶ୍ରା ନ କରନ୍ତୁ—ଓ ସାମୁଖ୍ୟ ନ ହେଲେ ତ ନାହିଁ ପାଶ୍ଚାତ୍ୟ ଗତିରେ ରଣ ପରିଚାଳନା କରନ୍ତୁ । +

ଭେଟି ଅଭ ଭେଟି ପ୍ରଥାଟା କେବଳ ଜମିଦାର ଙ୍କର ଏକଚାଟିଆ ଥିଲା ବୋଲି କଂଗ୍ରେସିଅଙ୍କ ଫୁଟୁକଲ ହେବାରୁ ସେ ଗୋଟାଏ ଆଇନ କରି ପକେଇଲେ । କିନ୍ତୁ ଏବେ ଏଗିକ ଏ ପ୍ରଥାଟା ଯାହା ହାତରେ କ୍ଷମତା (Power) ରହିଛି ସେମାନେ କେବଳ ଭୋଗ କରୁଛନ୍ତି— ସୁବିଧା ଓ ସୁଯୋଗ ପାଇଲେ ଛାଡ଼ନ୍ତି କିଏ ? ଏଥିରେ ବା ଦୋଷ ଦେବା କାହାକୁ । ଏଗିକ ମିନିଷ୍ଟରମ, ବଡ଼ ପାହିଆ ଅଫିସର ପୋଲିସ (ଅବଶ୍ୟ ପୁଲିସବାଲାଙ୍କର ଏ ବଦନାମଟା ଅନେକ ଦିନରୁ ଥିଲା ।) ପ୍ରଭୃତି ଝିଅ ବାହା ଘରକୁ, ପୁଅ ବ୍ରତଘରକୁ, ଭେଟି ଓ ଭେଟି ନେଲେଣି ବୋଲି ଶୁଣାଯାଏ । ତେବେ ଆମ ଉତ୍କଳ ବଡ଼ ମନ୍ତ୍ରୀମାନଙ୍କ ଝିଅ ବାହାଘରର ମୁଣ୍ଡଉପରେ କେହି କିଛି ଅନ୍ତତଃ ଉପହାର ( Present ) ହିସାବରେ ଦେଉଛନ୍ତି କି ନା ତାହା ଆମକୁ ଜଣା ନାହିଁ । ଟ୍ରେନ୍‌ରେ ଯୋଗ ଓ ଦେଶ ପାରିଲେ ଲୋକେ କେତେ କ'ଣ କହୁଛନ୍ତି । ଆମେ ସେ କଥାକୁ ବିଶ୍ୱାସ କରିବୁ କିଆଁ ? + +

## ବ୍ୟଙ୍ଗ କବିତା—

### —ମାଙ୍କଡ଼—

ଶ୍ରୀ କୁବେର ଦଳାଇ ବି: ଏ:

ଗ୍ରାମ ଅଟଡାରେ ଶେଖିଗଲେ 'ଢର'
ବାନର ସେନାଙ୍କ ଦଳେ,
ଅସୁର ହାତରୁ କୁଡ଼ିଙ୍କ ଠାକୁର
ଏବେ ପୋଷିଛନ୍ତି ବଳେ ।

ତୋମାଙ୍କୁ କି ଡ଼ର କି କରିବ ଆଉ
ଜଳ ଜମାଣିର ଗୋଳା ?
ସତ୍ତାଙ୍କ ପାରିବ ବାଲୁଆ ଚଇସ୍ଥି
ମାଙ୍କଡ଼ ସେନାଙ୍କ ଜାଲା ?

ବହୁତ ବରଷୁ କପି-ସେନାପତି
ଗୃହନା ଚଳେଣି ସେନା,
କଂସା ବାସନରୁ ଲୁଗାପଟାଯାଏ
ଧୁଏ ଲୁଟି, ଉଡ଼େ ବାନା ।

ଲୋକନାଥ-ପୀଠରେ ବର୍ଜିତ ପଇନ
ଦୁଇ ହାଉଅଟର ଯଜ,
ପଟ୍ଟପୋଷ ତଳେ ବାଙ୍କ ପାହାଡ଼ର
ହୁଣ୍ଡ ଉଠ ଭସ୍ମ ଲାଜ ।

ଗଡ଼ବଲ ଟ୍ୟାଙ୍କ କ୍ରସ୍ ପ୍ରାକ୍ସ ବଂକ୍ରି
ଯାଇ ଯାଇ ଘର ଭୁଲି,
ହାଣ୍ଡିରୁ ପଖାଳ ହାଣ୍ଡିରୁ ଭାଅଣି
ଛଡ଼ାଇ ନେବା ନ ଭୁଲି ।

ହାତ-କଟରାରେ କରନ୍ତି ସଗ୍ଯେନି
ଗୃହରୁ ଓଟାରି ନଡ଼ା,
ଯ୍ୟାଙ୍କର ଡାଉରୁ ଭଗାରର ବେଗ
ହେଉଛି ଧୁଏ ଲେଡ଼ା ।

ଅଳପ ଅଳପ ଶିଖିଛନ୍ତି ଲୋକେ
ଯ୍ୟାଙ୍କପୁ ବୋମାର ଦାଉ,
ବୋମା ବିନା ପଡ଼େ ଅକାଳେ ଗୋଟାଏ
(ଯ୍ୟାଙ୍କର) ପଖାଳ ପାଉ ନ ପାଉ ।

Digitized by srujanika@gmail.com

## ହରିକି ଗୋବିନ୍ଦ ବନମାଳି

## ନାଗବନ୍ଧୁ

( ୧୮ ବର୍ଷରୁ ନ୍ୟୂନ ବାଳକ ବାଳିକାମାନଙ୍କ ପାଇଁ )

ଉଦ୍ଦେଶ୍ୟ—

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଦେହମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଉପରର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ( ୩ ) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ( ୪ ) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

## ଅଭିନେତା ପୃଥ୍ୱୀରାଜ କପୁର

ସ୍ନେହର ନାଗ ଭାଇ ଭଉଣୀଏ,

ନମସ୍ତେ । ଆପଣମାନେ ବିଖ୍ୟାତ ଚଳଚ୍ଚିତ୍ର ଅଭିନେତା ପୃଥ୍ୱୀରାଜଙ୍କର ନାମ ଶୁଣିଥିବେ ଓ ତାଙ୍କର ଅନେକ ଛବି ମଧ୍ୟ ଦେଖିଥିବେ । ସେ ଶ୍ରେଷ୍ଠ ଚଳଚ୍ଚିତ୍ର ଅଭିନେତାମାନଙ୍କ ମଧ୍ୟରେ ଅନ୍ୟତମ—"ସିକନ୍ଦର" ଛବିରେ ସେ ଯେଉଁ କଳା କୌଶଳ ଓ ଭଙ୍ଗୀରେ ଅଭିନୟ ଦେଖାଇଛନ୍ତି ତାହା ଭାରତର ଚଳଚ୍ଚିତ୍ର ଜଗତରେ ଏକ ନବଯୁଗ ଆଣି ଦେଇଛି ।

ପୃଥ୍ୱୀରାଜ ୧୯୦୬ ମସିହା ନଭେମ୍ବର ମାସରେ ପେଶାବାର ଠାରେ ଜନ୍ମ ଗ୍ରହଣ କରିଥିଲେ । ପୃଥ୍ୱୀରାଜଙ୍କ ପିତା ପୋଲିସ ଇନ୍‌ସ୍‌ପେକ୍ଟର ଥିବାରୁ ତାଙ୍କୁ ଭିନ୍ନ ଭିନ୍ନ ଜାଗାରେ କାମ କରିବାକୁ ପଡ଼ୁଥିଲା । ସେହି ହେତୁରୁ ସେ ପୃଥ୍ୱୀଙ୍କର ଶିକ୍ଷାର ଭାର ତାଙ୍କ ବାପା (ପୃଥ୍ୱୀରାଜଙ୍କର ପିତାମହ) ଙ୍କ ଉପରେ ଦେଇଥିଲେ । ୧୯୨୭ ସାଲରେ ପୃଥ୍ୱୀରାଜ ପେଶାବାର ଏଡ଼ୱାର୍ଡ଼ କଲେଜରୁ ବି: ଏ: ପାଶ କରିଥିଲେ । ପିଲାଦିନରୁ ସେ ବଡ଼ ଚଞ୍ଚଳ ବାନ ଥିଲେ ଓ ପିତାମାତାଙ୍କର ଖୁବ ଅନୁଗତ ଥିଲେ । ସେ ଯେତେବେଳେ ଷ୍ଟୁଡ଼ିଓରେ ଯୋଗ ଦେବାକୁ ଯାଆନ୍ତି ତାଙ୍କର ପିତା ମାତା କୌଣସି ଆପତ୍ତି କରି ନ ଥିଲେ । ସେତେବେଳକୁ ସେ ବିବାହିତ ହୋଇ ଗୋଟିଏ ସନ୍ତାନର ପିତା ହୋଇଥିଲେ ।

ପ୍ରଥମେ ସେ ବୋମ୍ବାଇର Imperial Film Co.ର ଅବୈତନିକ "extra" ଭାବରେ କାମ କରିଥିଲେ । ତାଙ୍କର ପ୍ରଥମ ଛବି ହେଉଛି "College Girl" । ଉକ୍ତ କମ୍ପାନୀରେ ୧୩ଟି ଛବି (୮ଟି ନିର୍ବାକ ଓ ୫ଟି ସବାକ ଚିତ୍ର) ରେ କାମ କରିବା ପରେ ତାଙ୍କୁ ବାହାର କରି ଦିଆ ଯାଇଥିଲା । ସେ ଯେତେବେଳେ କମ୍ପାନୀରୁ ଚାଲିଯିବାକୁ ଆଦେଶ ପାଆନ୍ତି ସେ କାନ୍ଦ ପକାଇଥିଲେ ଓ ବହୁତ ଦୁଃଖ କରିଥିଲେ । ତାଙ୍କର ଚାକିରି ଗଲା ବୋଲି ସେ ଯେତେ ଦୁଃଖ କରି ନଥିଲେ କିନ୍ତୁ ଚଳଚ୍ଚିତ୍ର ଅଭିନୟରେ ସେ ସେ ନୈପୁଣ୍ୟ ଦେଖାଇ ପାରି ନଥିଲେ ଏହା ହେଲା ତାଙ୍କର ଦୁଃଖର ପ୍ରଧାନ କାରଣ ।

ଯେତେବେଳେ ସେ ଚାକିରି ଛାଡ଼ନ୍ତି ସେତେବେଳେ Grant Anderson ଙ୍କର Indian National Theatre ବୋମ୍ବାଇରେ ଇଂରାଜୀରେ ଡ୍ରାମା ଅଭିନୟ କରୁଥାନ୍ତି । ପୃଥ୍ୱୀରାଜ ସେଥିରେ ଯୋଗ ଦେଇ ସାରା ଭାରତ ବୁଲିବାକୁ ସୁଯୋଗ ପାଇଥିଲେ । ତାଙ୍କ ଥିଏଟର ଯେତେବେଳେ କଲିକତାରେ ଅଭିନୟ ଦେଖାଉଥିଲେ

Digitized by srujanika@gmail.com

ସେତେବେଳେ ଠିକ୍ ଅନ୍ତରରୁ ତାହା ଭାଙ୍ଗିଗଲା । ପୃଥ୍ୱୀରାଜ ସେତେବେଳକୁ ଏହି ଥିଏଟରର ଖ୍ୟାତ ଅଭିନେତା ହିସାବରେ ଖୁବ୍ ଖ୍ୟାତି ଲାଭ କରି ପାରିଥିଲେ । ଏହି ଖ୍ୟାତି ତାଙ୍କୁ New Theatresରେ ପ୍ରବେଶାଧିକାର ଦେଇଥିଲା । ନିଉଥିଏଟରସ୍‌ର ତାଙ୍କର ପ୍ରଥମ ଛବି ହେଉଛି "ରାଜରାଣୀ ମୀରା" ତାଙ୍କର ନିଉଥିଏଟରସ୍ ଉଲ୍ଲେଖ ଯୋଗ୍ୟ ଛବି ହେଉଛି "ଡାକୁ ମନ୍ସୁର", "ଅନାଥ ଆଶ୍ରମ" ବିଦ୍ୟାପତି ପ୍ରଭୃତି—କିନ୍ତୁ ନିଉଥିଏଟର ତାଙ୍କ ପ୍ରତି ବିଶେଷ ଅବିଚାର କରିଥିଲେ । ତାଙ୍କୁ ସବୁବେଳେ ଛୋଟ ଛୋଟ ଭୂମିକାରେ ଅଭିନୟ କରିବାକୁ ଦେଉଥିଲେ । ପୃଥ୍ୱୀରାଜ ମଧ୍ୟ ଧୈର୍ଯ୍ୟର ସହିତ ଭବିଷ୍ୟତରେ ନାମ ଭୂମିକାରେ ଅଭିନୟ କରିବେ ବୋଲି ଆଶାରେ ସମସ୍ତ ସହ୍ୟ କରୁଥିଲେ କିନ୍ତୁ ଯେତେବେଳେ ଦେଖିଲେ ଯେ ସେ ବାରମ୍ବାର ଅବହେଳିତ ହେଉଅଛନ୍ତି ଅଥଚ ନିମ୍ନ ସ୍ତରର ଅଭିନେତାମାନେ ବଡ଼ ବଡ଼ ଭୂମିକାରେ ଅଭିନୟ କରିବା ପାଇଁ ସୁଯୋଗ ପାଉଛନ୍ତି, ତାଙ୍କର ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା—ସେ ବାଧ୍ୟ ହୋଇ ନିଉଥିଏଟରସ୍ ଛାଡିଲେ ଓ ବୋମ୍ବାଇକୁ ଫେରି ଆସି ସ୍ୱାଧୀନ ଭାବରେ ଷ୍ଟୁଡ଼ିଓରେ ଯୋଗ ଦେଲେ । ସେହିଦିନଠାରୁ ସେ ସ୍ୱାଧୀନ ଚିତ୍ର ତାରକା (free lancer) ଭାବରେ କାମ କରନ୍ତି । କୌଣସି ଫିଲମ୍ କମ୍ପାନୀ ସହିତ ଚୁକ୍ତିବଦ୍ଧ ହୁଅନ୍ତି ନାହିଁ । ତାଙ୍କର ମତ ବ୍ୟକ୍ତ କରି ସେ କହିଛନ୍ତି "ମୁଁ ଯଦି ସ୍ୱାଧୀନ (free lancer) ହୋଇ ନଥାନ୍ତି, ତାହାହେଲେ ଆଜି ମୁଁ 'ସିକନ୍ଦର'ରେ ଅଭିନୟ କରି ପାରି ନ ଥାନ୍ତି ମୋ ଭିତରେ ଯେଉଁ କଳାଶକ୍ତି ଓ ପ୍ରେରଣା ଅଛି ତାହା କେବଳ ରାଣା ପ୍ରତାପ, ବିବେକାନନ୍ଦ Hamlet ଭଳି ଭୂମିକା ପାଇଁ ଉପଯୁକ୍ତ । ମୋର ଶାରୀରିକ ଗଠନ ଓ ମାନସିକ ପ୍ରବୃତ୍ତି ମଧ୍ୟ ଏ ସବୁ ଦିଗରେ ଅଭିନୟ ପାଇଁ ବିଶେଷ ଉତ୍କୃଷ୍ଟ । ମୋର ଜୀବନର ଲକ୍ଷ୍ୟ ହେଉଛି ମୁଁ ଏହିପରି ଭୂମିକାରେ ଅଭିନୟ କରି ଦିନେ ବଡ଼ ହୋଇ ପାରିବ ।" ପୃଥ୍ୱୀରାଜଙ୍କୁ ଯେତେବେଳେ ଡିରେକ୍ଟର ଶାନ୍ତାରାମ "ଶକୁନ୍ତଳା"ରେ ଦୁଷ୍ମନ୍ତର ଅଭିନୟ କରିବାକୁ ଡାକିଥିଲେ, ସେ ସମୟ ଅଭାବ ବୋଲି କହି ମନା କରିଥିଲେ । କିନ୍ତୁ ଅନ୍ୟ ଏକ ଫିଲମ୍ କମ୍ପାନୀରେ "ପର୍ଶୁରାମ" ଚିତ୍ରରେ ପର୍ଶୁରାମ ଭୂମିକାରେ ଅଭିନୟ କରିବା ପାଇଁ ଚୁକ୍ତିବଦ୍ଧ ହୋଇଥିଲେ ଏବଂ କହିଥିଲେ ଯେ "ମୁଁ ଦୁଷ୍ମନ୍ତ ଭୂମିକାରେ ପ୍ରେମିକ ହୋଇ ଅଭିନୟ କରିବା ଅପେକ୍ଷା ପର୍ଶୁରାମ ଭୂମିକାରେ ଅଭିନୟ କରିବା ବେଶୀ ଶ୍ରେୟସ୍କର ମନେ କରେ କାରଣ ମୋ ଦେହ ଓ ମନ ଏହିପରି ଭୂମିକାରେ ଅଭିନୟ କରିବା ପାଇଁ ଗଠିତ ।"

ସେ ପ୍ରତିଦିନ ବ୍ୟାୟାମ କରନ୍ତି ଓ ତାଙ୍କର ପ୍ରିୟ ଖେଳ ( sports ) ହେଉଛି ଟେନିସ୍ ।

ସାଧାରଣତଃ ଚିତ୍ର ତାରକାମାନେ ଯେପରି ବ୍ୟସନ ବିଳାସରେ ଜୀବନ ଯାପନ କରିଥାନ୍ତି, କିନ୍ତୁ ପୃଥ୍ୱୀରାଜ ତାହା କରନ୍ତି ନାହିଁ । ସେ ଜଣେ ସ୍ୱାଧୀନଚେତା ଓ ଜାତୀୟବାଦୀ—ସେ ସବୁବେଳେ ଖଦଡ଼ ପିନ୍ଧନ୍ତି—ସେହି ହେତୁରୁ ତାଙ୍କୁ Khaddar Clad King of the Screen କୁହାଯାଏ । ସେ ଖୁବ୍ ଶାନ୍ତଶୀଳ । ଭାରତ କିପରି ଚିତ୍ର ଜଗତରେ ଉନ୍ନତି କରୁ ଓ ପାଶ୍ଚାତ୍ୟ ଓ ମାର୍କିନ ଚିତ୍ରର ସମକକ୍ଷ ହେଉ, ଏହି ବିଷୟ-

Digitized by srujanika@gmail.com

ରେ ସେ ଗବେଷଣା ମଧ୍ୟ କରନ୍ତି । ସେ ଖୁବ୍ ଚରିତ୍ରବାନ । ସାଧାରଣତଃ ଶିଳ୍ପୀ ଓ ଗାୟକମାନଙ୍କର ଚରିତ୍ରର ଗ୍ଲାନି ଘଟି ଥାଏ । କିନ୍ତୁ ସେ ସେଥିପ୍ରତି ବିଶେଷ ସତର୍କ ।

ଏହି ମହାପୁରୁଷ କିପରି ଚିର ଜଗତରେ ଶ୍ରେଷ୍ଠ ସୋପାନକୁ ଉଠନ୍ତୁ ସେଥିପାଇଁ ଆମ୍ଭମାନଙ୍କର ପ୍ରାର୍ଥନା ଓ ଶେଷରେ ତାଙ୍କର ଦୀର୍ଘ ଜୀବନ କାମନା କରି ରହିଲୁ ।

ଶ୍ରୀମାନ୍ ଚନ୍ଦ୍ରଶେଖର

—*—

## ମନୋରଞ୍ଜନ ।

(ଭାରତର ୪୧ ସାଲ ଜନ ଗଣନା ରିପୋର୍ଟ)

ଭାରତରେ ୨୨୦୩ ଟି ସହର ଓ ୬୫୫,୮୯୨ ଟି ଗ୍ରାମ ଅଛି । ଭାରତର ଜନ ସଂଖ୍ୟା ହେଉଛି ୩୮୮,୯୯୭,୯୫୫ ତନ୍ମଧ୍ୟରୁ ୪୯,୬୯୬,୦୫୩ ସହରରେ ବାସ କରନ୍ତି ଏବଂ ୩୩୯,୩୦୧,୮୦୨ ଗ୍ରାମରେ ବାସ କରନ୍ତି । ଭାରତରେ ୫୮ ଟି ନଗର (Cities) ତନ୍ମଧ୍ୟରୁ ୨୩ ଟି ନୂଆ । ଭାରତରେ ପ୍ରତି ହଜାର ପୁରୁଷକୁ ୯୩୫ ସ୍ତ୍ରୀ ଲୋକ ଅଛନ୍ତି ।

ଓଡ଼ିଶା ଓ ମାନ୍ଦ୍ରାଜରେ ସ୍ତ୍ରୀ ସଂଖ୍ୟା ପୁରୁଷ ସଂଖ୍ୟା ଅପେକ୍ଷା ବେଶୀ ।

ପଞ୍ଜାବରେ ପ୍ରତ୍ୟେକ ୧୦୦୦ ହଜାର ପୁରୁଷକୁ ୮୦୬ ସ୍ତ୍ରୀ ଲୋକ ଅଛନ୍ତି ।

ପଞ୍ଜାବରେ ପ୍ରତି ୧୦,୦୦୦ ହଜାର ମଧ୍ୟରୁ ୫୨୦୭ ମୁସଲମାନ, ୨୬୫୬ ହିନ୍ଦୁ ଓ ୧୩୨୨ ଶିଖ ।

ବଙ୍ଗଳାରେ ପ୍ରତି ୧୦,୦୦୦ ହଜାର ମଧ୍ୟରୁ ୫,୮୭୩ ମୁସଲମାନ ଏବଂ ୪,୧୫୫ ହିନ୍ଦୁ ।

—*—

## ନୂଆ ନାଗଙ୍କ ନାମ ।

୪୫୧ । ଶ୍ରୀ ବାସୁଦେବ ପତି (ଆଜୀବନ) ପୋ: ଗରସ୍ତୁଆଁ ଗଡ଼ । ୪୫୨ । କୁମାରୀ ବୀଣାପାଣି ଦେବୀ (ଆଜୀବନ ସଭ୍ୟ) C/o. ଶ୍ରୀଯୁକ୍ତ ବ୍ରଜବନ୍ଧୁ ମହାନ୍ତି ଡ: ଏଲ: ପି: ଏଚ: ଡି, ସଦର ଏବଂ ଡ: ଓ ଢାଳଚେର । ୪୫୩ । କୁମାର ଉତ୍ତମାନନ୍ଦ ଭୂୟାଁ । C/o. ଶ୍ରୀ ଶରତକାନ୍ତ ଭୂୟାଁ । ସା: ସାତବାଟିଆ ପୋ: ପଦ୍ମପୁର ଜି: କଟକ ।

ଅଙ୍କା, **ନାଗବର୍ଗ କୁପନ୍**

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗବର୍ଗ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ବାର୍ଷିକ ଚାନ୍ଦା ୫ ୦ / ଆଜୀବନ ଚାନ୍ଦା ୫ ୦ ୧ ର ଡାକ ଟିକଟ ପଠାଉଛି ।

ତୁମ ସ୍ନେହର ନାତି/ନାତୁଣୀ

ଶ୍ରୀ ______________

ଠିକଣା ______________

ତାରିଖ

**ମରମ**

କବି—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ନବ ଯୁଗର ନବୀନ ଭାବୋଚ୍ଛ୍ୱାସ

ପଢ଼ିଲେ ମୁଗ୍ଧ ହେବେ

ମୂଲ୍ୟ:—୫୦୧ ଅଣା

Digitized by srujanika@gmail.com

REG. NO. P. 441 THE DAGARO—16-4-1943.


# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିଃ

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**
ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼
**ଭାରତୀୟ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**
ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।
ଯୁଦ୍ଧ ଜନିତ ମୃତ୍ୟୁ ହେଲେ ସୁଦ୍ଧା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ
ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି
**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**
ହିନ୍ଦୁସ୍ଥାନ ବିଗତ ୩୭ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା
ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

**ସୁଦୃଢ଼ତାର ପରିଚୟ—**

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ବୀମାର ପରିମାଣ ୧୯ କୋଟି ।
ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।
ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।
ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ଛେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।
ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।
ଓଡ଼ିଶାରେ ସବଳ ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗାନାଇଜର୍
ଧଠଭ ।


Printed & published G. C. Mahapatra at the Gopinath Press Bhadrak.

Digitized by srujanika@gmail.com

୭ମ ବର୍ଷ—

ବୈଶାଖ

# DAGARO

Utkal's most papular Fortnightly
OF
LIGHT, LEAD & LAUGHTER

୨୩ଶ ସଂଖ୍ୟା

ପ୍ରଥମାର୍ଦ୍ଧ




ସମ୍ପାଦକ
ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।

ବାର୍ଷିକ ଦୁଇଟଙ୍କା ପ୍ରତି ଖଣ୍ଡ ଏକଅଣା

Digitized by srujanika@gmail.com

# ନିବେଦନ

ଆମ ଦେଶରେ କାଗଜ ମହଜୁଡ଼ ପଡ଼ିବାରୁ ସରକାର ବାହାଦୁର ସବୁ ଖବର କାଗଜମାନଙ୍କର ଅଙ୍ଗ ଛେଦ କରିବାକୁ ଓ ଦାମ ଥୋଇବାକୁ ହୁକୁମ କରିଛନ୍ତି । ତାହା ଏହି ଏପ୍ରିଲ ମାସ ପହିଲାଠାରୁ ଚାଲୁ ହେଲା ।

ଖଣ୍ଡିଏ 'ଡଗର'ରେ ବର୍ତ୍ତମାନ ଯେତିକି କାଗଜ ଲାଗୁଛି ତାର ଦାମ ଆଜି-କାଲିକା ବଜାରରେ ଯୁଦ୍ଧପୂର୍ବଠାରୁ ବେଶୀ—ତାଛଡ଼ା ଛପାଖର୍ଚ୍ଚ ଓ ପରିଶ୍ରମ ବଢ଼ିଛି । ଏବେ କାଗଜ ତ ମିଳୁନାହିଁ, ଯାହା ବା ଅଳ୍ପ କିଛି ମିଳୁଛି ତାହା ଗଭର୍ଣ୍ଣମେଣ୍ଟଙ୍କ ନିର୍ଦ୍ଧାରିତ ଦରର ୫ । ୬ ଗୁଣ ବେଶୀ । ଏପରି ଅବସ୍ଥାରେ 'ଡଗର'ର ଦାମ ନ ବଢ଼ାଇଲେ ଛପିବା ଦୁଷ୍କର । ଆମେ ଏତେଦିନ ଝିଙ୍କିଡ଼ି ଆସିଲୁ—ଦେଶର ଯେତେବେଳେ ଅନ୍ୟାନ୍ୟ ପତ୍ର ପତ୍ରିକା ଦାମ ବଢ଼ାଉ ଥିଲେ ଏବଂ କଳେବର କମାଉଥିଲେ—ଆମେ କେବଳ କଳେବର ସଙ୍କୁଚନ କରି ମୂଳ ଦାମ ରଖିଆସିଛୁଁ । ଆଉ ଏଣିକି ଅଚଳ ଅବସ୍ଥା । ବାଧ୍ୟ ହୋଇ ଦାମ ବଢ଼ାଇବାକୁ ହେଲା । 'ଡଗର'ର ୭ମ ବର୍ଷ ୧ମ ସଂଖ୍ୟା (ଜ୍ୟୈଷ୍ଠ ପ୍ରଥମାର୍ଦ୍ଧ) ଠାରୁ ଦାମ ଖଣ୍ଡି ଦୁଇଅଣା, ଓ ଡାକରେ ବାର୍ଷିକ ଟ ୩।୵ ( ସାଢ଼େ ତିନିଟଙ୍କା ) ହେବ । ଆକାରରେ ସାମାନ୍ୟ ପରିବର୍ତ୍ତନ ହେବ ଓ ୧୨ ପେଜ ନ ହୋଇ ୧୬ ପେଜ ହେବ ।

ଆମର ଗ୍ରାହକ, ଗ୍ରାହିକା, ପାଠକ, ପାଠିକାମାନଙ୍କୁ ଅନୁରୋଧ ଯେ ସେମାନେ 'ଡଗର' ପ୍ରତି ତାଙ୍କର ପୂର୍ବ ସହାନୁଭୂତି ଅକ୍ଷୁର୍ଣ୍ଣ ରଖି ସଙ୍ଘବଦ୍ଧ ଭାବରେ ପାଞ୍ଚ ସାତ ଏକ ହୋଇ ଖଣ୍ଡିଏ ଲେଖାଏ 'ଡଗର' ମଗାଇ ନିଜ ନିଜ ଭିତରେ ପଢ଼ି ନିଅନ୍ତୁ । ତଦ୍ୱାରା ସେମାନେ 'ଡଗର' ଦୀର୍ଘଜୀବୀ ହେବାରେ ସାହାଯ୍ୟ କରି ପାରିବେ ।

ଏଜେଣ୍ଟମାନଙ୍କୁ ଅନୁରୋଧ ଯେ ସେମାନେ ଠିକ୍ ଯେତିକି ବିକ୍ରି କରି ପାରିବେ ସେତିକି ୭ମ ବର୍ଷ ପ୍ରଥମ ସଂଖ୍ୟା ପ୍ରକାଶ ପାଇବାର ୧୫ ଦିନ ଆଗରୁ ଅର୍ଡ଼ର ଦିଅନ୍ତୁ ।

ଆଉ ଯେଉଁମାନେ ପ୍ରଚଳିତ ମୂଲ୍ୟ ଦେଇ ଗ୍ରାହକ ହୋଇଛନ୍ତି ବା ହେଉଛନ୍ତି ଓ ଯେଉଁମାନଙ୍କ ଗ୍ରାହକ କାଳ ୬ଷ୍ଠ ବର୍ଷ ଶେଷ ସଂଖ୍ୟା ସଙ୍ଗେ ସଙ୍ଗେ ପୂରଣ ହେବାକୁ ଡେରି ଅଛି, ୭ମ ବର୍ଷର ବୃଦ୍ଧି ମୂଲ୍ୟ ଅନୁସାରେ ହିସାବ କରାଯାଇ ଗ୍ରାହକ କାଳ ପୂରିଯିବା ପୂର୍ବରୁ ସେମାନଙ୍କୁ ଜଣାଇ ଦିଆଯିବ । ଯେଉଁମାନଙ୍କର ଦେୟକାଳ ୬ଷ୍ଠ ବର୍ଷର ଶେଷ ସଂଖ୍ୟାରେ ପୂରିଗଲା, ସେମାନେ ୭ମ ବର୍ଷର ବାର୍ଷିକ ଦେୟ ଟ ୩।୵ କିମ୍ବା ଷାଣ୍ମାସିକ ଟ ୨୯ ମନିଅର୍ଡ଼ର ଯୋଗେ ଅଫିସକୁ ପଠାଇ 'ଡଗର'କୁ ଅଯଥା ଭି: ପି: ଖର୍ଚ୍ଚାନ୍ତରୁ ବଞ୍ଚିତ କରି ବାଧିତ କରିବା ହେବେ ।

—ପରିଚାଳନା ବିଭାଗ—
'ଡଗର'

ପରିଚାଳନା ସମ୍ପାଦକ—ଶ୍ରୀ ହରିମୋହନ ଦାସ ।

Digitized by srujanika@gmail.com

ଡଗର

ୡଷ୍ଠ ବର୍ଷ
୨୩ଶ ସଂଖ୍ୟା
ବୈଶାଖ ପ୍ରଥମାର୍ଦ୍ଧ
ତା ୧-୫-୪୩

—ପାକ୍ଷିକ—
ବାର୍ଷିକ—ଟ ୨୯
ପ୍ରତିସଂଖ୍ୟା—୵୦/
ବିଦେଶ—୨ ୩୯

# ହୁକା ହୁକା ହୁଆ

[ ବିଲୁଆ ବିଚାର ]

ଆମେରିକାର କର୍ତ୍ତା ରୁଜଭେଲ୍ଟ୍ ସାହେବ କହିଛନ୍ତି କି—ଗୋଟାଏ ଦେଶର ନିଜ ଦରବ ମାଲ ନେଇ ଅପର ଦେଶ ଅପଣା ଗରଜରେ ଲଗାଇବାର ଦିନ ସରିଗଲାଣି ।

କର୍ତ୍ତା ସାହେବଙ୍କ କଥାଟା ରାମକୃଷ୍ଣ ପରମହଂସଙ୍କ 'କଥାମୃତ' ପରି ମୂଲ୍ୟବାନ ଏବା !

\+ × ×

ଉତ୍ତର ବାଲେଶ୍ୱରରେ ନ ଖାଇ ଲୋକେ ମଲେଣି କି ନାହିଁ— ପ୍ରଶ୍ନର ବାବରେ, ମନ୍ତ୍ରୀ ଶ୍ରୀ ଶୋଭନ ଖାଁ ଉତ୍ତର ଦେଇଥିଲେ କି—"ହଁ, ଲୋକେ ମରିଛନ୍ତି ସତ, ମାଂସ ଖାଇ ମରିଛନ୍ତି କି ନ ଖାଇ ମରିଛନ୍ତି ସେ କଥା ଆମେ ବିଚାର କରୁଛୁଁ ।"

ଏଇଥିରି ତାଙ୍କ ବିଚାର ଫଳ ବାହାର ହୋଇଛି କି—ଯେ କେତେଜଣ ମରିଛନ୍ତି ସେ କେଣା ଜିନିଷ ନ ଖାଇ ବଳ ଅଭାବରୁ ମରିଛନ୍ତି; ଅଉ ପୁଣି ସେ ଲୋକ ନୁହନ୍ତି—"ଭିକାରି"

ଉଜିର ସାହେବଙ୍କ ଜବାବ ଶୁଣି ଯାହାହେଉ ମନଟା ଥଣ୍ଡା ହେଲା । ମରନ୍ତୁ ବା ଜିଅନ୍ତୁ, ଭିକାରି ଯେତେବେଳେ ଅଛନ୍ତି, ସେଠି ଦୁର୍ଭିକ୍ଷ ପଡ଼ି ନ ପାରେ । + ⌐ +

ଜନନେତା ଓ ନିଷ୍ଠାପର ଦେଶସେବୀ ଶ୍ରୀ ଯଦୁମଣି ମଙ୍ଗରାଜଙ୍କ ବିରୁଦ୍ଧରେ ଯେଉଁ ଫୌଜଦାରି ମୋକଦ୍ଦମା ଚାଲିଥିଲା, ତହିଁରେ ସେ ସଶ୍ରମ କାରାଦଣ୍ଡ ପାଇଥିବାର ଶୁଣି ଅନେକେ ଦୁଃଖିତ ହେବେ । ଦେଶ ଓ ଦଶର ମଙ୍ଗଳ କରିବାକୁ ଗଲେ ଅପଣା ଉପରେ ବିପଦ ପଡ଼ିବାର ପ୍ରାୟ ଦେଖାଯାଏ । ଯଦୁମଣି ବାବୁ ସେହିପରି ପରୋପକାର କରିବାକୁ ଯାଇ ଏପରି ବିପଦରେ ପଡ଼ିଗଲେ ବୋଲି ଆମର ମନେ ହେଉଛି । ମହାଦାଶ୍ରୟ ମଙ୍ଗରାଜଙ୍କର ଯେ ଦରବାର ବେଳେ କୌଣସି କର୍ମରେ ନ ଆସିଲା, ତାହାଦେଖି ମନେ ହୁଏ—ଭାଗ୍ୟହିଁ ବଳବାନ । ଶିବଙ୍କ ମୁଣ୍ଡରେ ରହି ମଧ୍ୟ ସାପର ଗରୁଡ଼ ଭୟ ଗଲାନାହିଁ । ଅଚିରରେ ସେ ନିର୍ଦ୍ଦୋଷୀ ହୋଇ ଆସିବେ ବୋଲି ଆମେ ବାବା ଧବଳେଶ୍ୱରଙ୍କ ଠାରେ ଗୁହାରି କରୁଛୁଁ । × × ×

ବଙ୍ଗ ଦେଶରେ ହକ୍ ମନ୍ତ୍ରୀଙ୍କ ବେହକ୍ ଖାରଜ କରି ସେଠା ଲାଟ ଅପଣା ହାତକୁ ଶାସନ ଭାର ନେଇଥିଲେ । ତାହାପରେ ମୁସ୍‌ଲିମ୍ ଲିଗ୍ ନେତା ଖାଜା ନାଜିମୁଦ୍ଦିନଙ୍କୁ ଡକାଇ ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିବାକୁ କହିଲେ । ଲାଟଙ୍କ ଆଶୀର୍ବାଦ ଘେନି ନାଜିମୁଦ୍ଦିନ ସାହେବ ଗୋଟାଏ ଜବର ମନ୍ତ୍ରୀଦଳ ଗଢ଼ି ସାରିଲେଣି ବୋଲି ଜଣାଯାଉଛି । କେତେକ ବଡ଼ ବଡ଼ ଲୋକ ଯେଉଁମାନେ କି ଚିରଦିନ ଦେଶସେବା କରି ଖ୍ୟାତି ଅର୍ଜନ କରିଥିଲେ ସେହିମାନେ ଦେଶର ଏ ବିପଦ କାଳରେ ଦେଶ ଉଦ୍ଧାର ମାନସରେ ଏବା ଅନାସକ୍ତ ଭାବରେ ସ୍ୱଦଳ ଛାଡ଼ି ଖାଜା ସାହେବଙ୍କ ସହାୟ ହୋଇ ଅଛନ୍ତି ! ଏ ବ୍ୟାପାର ଅନେକଙ୍କୁ ତାଜ୍ଜବ ଲାଗୁଛି—ହେଲେ ତାଜ୍ଜବ ହେବାର ଏଥିରେ ଥିବା ପରି ଆମକୁ କିଛି ଲାଗୁନାହିଁ । କାରଣ ଓଡ଼ିଶା ଯେପରି ଶିଖ ମନାଇଙ୍କର ବଙ୍ଗଳା ସେହିପରି ମିରଜାଫରଙ୍କ ମୁଲକ ନୁହେଁକି ? × × +

ଓଡ଼ିଶା ବଳକା ପ୍ରଦେଶ ବୋଲି ଜଣାଇ ଆମ ମନ୍ତ୍ରୀ ସରକାର ଏ ମୁଲକରୁ ଧାନ ଚାଉଳ ରପ୍ତାନି କରାଉଛନ୍ତି । ପର ଦୁଃଖରେ କାତର ହୋଇ ଏପରି ଉଦାରତା, ଦୟା ଓ ତ୍ୟାଗ ପୁଣ୍ୟ ବଳରେ ଲୋକକୁ ସ୍ୱର୍ଗକୁ ଟେକିନିଏ ବୋଲି ଶାସ୍ତ୍ର କହେ । ସ୍ୱର୍ଗ ବୋଇଲେ ଉପରେ ସାତଟା ଅଛି ବୋଲି ଶୁଣା ଅଛି । ଆମ ମନ୍ତ୍ରୀଗଣ ସେଥିରୁ କଉଁ ସ୍ୱର୍ଗକୁ ଯିବେ ସେକଥା ଆମର ଜାଣିବାର ଉପାୟ ନାହିଁ । କେବଳ

Digitized by srujanika@gmail.com

ମନରେ ଧୋକା ରହୁଛି କି ମନ୍ତ୍ରୀ ଖାଁ ସାହେବଙ୍କ ଅବସ୍ଥା କଣ ହେବ ! + × ×

ଆଉ ଗୋଟାଏ କଥାରେ ବି ବଡ଼ ଧୋକା ରହିଲା । ଓଡ଼ିଶାଟା ଯଦି ଏତେ ବଳକା ପ୍ରଦେଶ—ଅର୍ଥାତ୍ ଏଠା ଲୋକେ ଓ ଗୋରୁଗାଈ ଖାଇପିଇ ଅଇର ଏତେ ଧାନ ଚାଉଳ ବଳି ପଡ଼ୁଛି ଯେ ବାହାର କରି ନ ଦେଲେ ମୋର ପାଣି ପଡ଼ିବ—ତେବେ ହଠାତ୍ ହଠାତ୍ ଧାନ ଚାଉଳର ଦର ଏପରି ବଢ଼ି ଯାଉଛି କିଆଁ ? ପୁଣି ସରକାର ବା କୁହାଟାରେ Grow more food ଯୋଜନାରେ ଏତେ ଟଙ୍କା ଖରଚ କରୁଛନ୍ତି କାହିଁକି ? ଏଇଟା ଦୋଷ ଉପରେ ନଳିତା ବାଡ଼ା ନୁହେଁ କି ? ଅର୍ଥନୀତି ହିସାବରେ ଏଇଟା ଅନ୍ୟାୟ ଅବଧି ନୁହେଁ କି ?

\+ + +

ଭାରତ ସରକାରଙ୍କର ଜଣେ Food Controller (ଖାଦ୍ୟ ନିୟୋଜକ) ଅଛନ୍ତି । ସେ ସମଗ୍ର ଦେଶର ଖାଦ୍ୟ ବିଷୟ ବୁଝନ୍ତି । ଏବେ ସେ ଓଡ଼ିଶା ସରକାରଙ୍କୁ ଜଣାଇଛନ୍ତି କି ସରକାର ବ୍ୟକ୍ତିଗତ ବ୍ୟବହାର ପାଇଁ ଓଡ଼ିଶାରୁ ଓଡ଼ିଶା ବାହାରକୁ ଧାନ ଚାଉଳ ଛଡ଼ା ବନ୍ଦ କରନ୍ତୁ । ମନେହୁଏ ସେ ଓଡ଼ିଶାକୁ ବଳକା ପ୍ରଦେଶ ବୋଲି ବୋଧହୁଏ ଜାଣି ନାହାନ୍ତି । ଜାଣିଥିଲେ ଏଭଳି ବେକୁବ କଥା କହି ନ ଥାଆନ୍ତେ । + + ×

ସବୁଠୁଁ ରହସ୍ୟର କଥା ଯେ ଏ ହୁକୁମରେ ଆମ ସରକାର ଆପତ୍ତି କରି କହିଛନ୍ତି କି—ଓଡ଼ିଶାର ଏପରି ଅନେକ ଜମିଦାର ଅଛନ୍ତି ଯାହାଙ୍କ ବସୁବାସ ବଙ୍ଗଦେଶରେ । ସେମାନେ ଯଦି ଓଡ଼ିଶାରେ ଥିବା ତାଙ୍କ ନିଜ ଚାଷ ଜମିର ଧାନ ଘରକୁ ନ ନେବେ, ତେବେ ଅନାହାରରେ ମରିବେ ଯେ ! ଆମ ମନ୍ତ୍ରୀ ସରକାରଙ୍କର ଏଭଳି ଯୁକ୍ତି ଯେ ଅକାଟ୍ୟ ଏଥିରେ ସନ୍ଦେହ ନାହିଁ । କାରଣ, ବଙ୍ଗ ଜମିଦାରମାନଙ୍କ ମଳ ମୁଣ୍ଡିଆ ଓଡ଼ିଆ ପ୍ରଜା ଗୁଡ଼ାକ ଯଦି ଧାନ ବିହୁନେ ମରନ୍ତି ତହିଁରେ ଦେଶରେ କିଛି କ୍ଷତି ନାହିଁ; ମାତ୍ର ବଙ୍ଗ ଦେଶର ମୁକୁଟବନ୍ଧା ଜମିଦାର ହଇରାଣ ହେଲେ ଓଡ଼ିଶା କି ଆଉ ରହିବ !

× × ×

ଭାରତରକ୍ଷା ଆଇନର ୨୬ ଧାରା ନିୟମରୂପୀ ବ୍ରହ୍ମାସ୍ତ୍ର ବଳରେ ମହାତ୍ମା ଗାନ୍ଧିଙ୍କଠାରୁ ଆରମ୍ଭ କରି ଧମା, ଭୀମା ଯାଏ ଭାରତର ପ୍ରାୟ ୮୦୦୦ ଜଣ ମୁଣ୍ଡିଆଙ୍କୁ ଅଟକବନ୍ଦୀ କରି ରଖା ହୋଇଛି । ଏହି 'ମେରଆମ୍ଭ' ଶର ବଡ଼ଲାଟ ବାହାଦୁରଙ୍କ ବରରେ ସାନ ବଡ଼ ଅନେକ ସରକାରି କର୍ମଚାରୀ ପାଇଛନ୍ତି ଓ ଅଶିକ୍ଷା ବ୍ୟବହାର କରିଛନ୍ତି ଓ କରୁଛନ୍ତି ।

ଏବେ ଭାରତର ସର୍ବପ୍ରଧାନ ବିଚାରାଳୟର ଧର୍ମାଧିକାରୀ ଆଦେଶ ଦେଇଛନ୍ତି କି ବଡ଼ଲାଟଙ୍କର ଏଇ ଆଇନଧାରାଟା ଅବୈଧ ଓ ତାଙ୍କ କ୍ଷମତାର ବାହାରେ ।

ଏଥିରୁ ଅନେକେ ଆଶା କଲେଣି କି ୨୬ ଧାରାରେ ଅଟକ ବନ୍ଦୀ ଥିବା ଲୋକେ ସବୁ ଖଲାସ ହୋଇଯିବେ । କିନ୍ତୁ ବଡ଼ଲାଟଙ୍କ ହାତରେ ଯେ ନିରଙ୍କୁଶ କ୍ଷମତା ରହିଛି, ତାହା ବଳରେ ପୁଣି ନୂଆ ହୁକୁମନାମା ଆଇନ ଜାରି ହେବା କେତେ ମାସ ।

ବ୍ରିଟିଶ ବିଚାରର ନ୍ୟାୟ ନିମନ୍ତେ ଚିରବିଖ୍ୟାତ । କିନ୍ତୁ ବ୍ରିଟିଶ ବିଚାର (Justice) ଓ ବ୍ରିଟିଶ ଶାସନ (administration) ଭିତରେ କେତେ ତଫାତ୍ ତାହା କିଏ ଜାଣିଛି ? × + +

ଆମ କଣୁ ପଣ୍ଡିତେ ଯେ ଜାତୀୟ ରଣ ସାମ୍ମୁଖ୍ୟର ସେନାପତି ପଦ ଛାଡ଼ିଲେ, ତା ଭିତରେ ଗୋଟାଏ ଭିତର ରହସ୍ୟ ଅଛି ବୋଲି ଅନେକେ ଭାବୁଥିଲେ ମଧ୍ୟ ଠିକ୍ କରି କେହି ଧରିପାରୁ ନଥିଲେ । ଲାଟ ଓ ପାଟ ମନ୍ତ୍ରୀଙ୍କ ସହିତ ତାଙ୍କର କି ହେବୁ ଅବନ ହେଲା ତାହା ଏବେ ପ୍ରକାଶ ପାଇଛି । ପଣ୍ଡିତେ କୁଆଡ଼େ କାଳି ଅନୁଷ୍ଠାନମାନଙ୍କରେ ତାଙ୍କ ମନଘେନା ଲୋକଙ୍କୁ ରଖାଉଥିଲେ ଯାହା ମହାରାଜାଙ୍କ ମନକୁ ପାଇଲା ନାହିଁ । ଏଇ ଛୋଟା କଥାରୁ ମହାଭାରତ ଉପୁଜିଲା । ପଣ୍ଡିତେ ଇସ୍ତଫା ଦେଇ ଆପଣାର ସମ୍ମାନ ରକ୍ଷା କଲେ । ଯାହାହେଉ ପଣ୍ଡିତଙ୍କ ଏ ଶୌର୍ଯ୍ୟ ସକାଶେ ତାଙ୍କୁ ବଧାଇ ଦେଉଛୁ । ଏବେ ଏତେ କଷ୍ଟରେ ବଞ୍ଚାଇ ରଖିଥିବା ଆତ୍ମସମ୍ମାନ ଟିକ କାଳେ ପୁଣି ହଜିଯାଏ, ସେଥିପାଇଁ ତାଙ୍କୁ ସେ ଶୀଘ୍ର ଇନ୍‌ସିଓର କରି ପକାନ୍ତୁ ବା ଭୂଇଁତଳେ ପୋତି ରଖନ୍ତୁ । ଦେଶ ଗୁଡ଼ାକ ନିରାପଦ ନୁହେଁ ।

\+ + ×

ଆମେରିକାର ଖାସ ଦୂତ ଫିଲିପସ ସାହେବ ଯେତେବେଳେ ଭାରତକୁ ଆସିଲେ ଅନେକେ ମନେ

(ଅବଶିଷ୍ଟାଂଶ ୮ମ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

## କଥାଟିଏ କହୁଁ...

# ବନ୍ୟ-ଫୁଲ

ଲେଖକ—ଶ୍ରୀ ନାରାୟଣପ୍ରସାଦ ମହାନ୍ତି

କାହାଣୀ

ସଜଫୁଲ ପରି ମୁହଁଟିଏ ତାର...ସତେଜ-ନତାଙ୍କ ପଣ ତଳ ତଳ...ନାଁଟି ତାର ବନୁ। ଘ-ର ଅଲଅଳରେ ବଢ଼ିଛି। ବାପା ବୋଉଙ୍କ ପାଖରେ ତା'ର ଅଳ-ଦୂଳର ସୀମା ନାହିଁ। ଘରର ଭଲ ପାଅନ୍ତି ସେମାନେ...ସଅହଳ ପ୍ରାଣ ଦେଇ ଗଢ଼ି ତୋଳି-ଛନ୍ତି...ଗୋଟାଏ ଅଦୈନ୍ୟର ଛାଞ୍ଚରେ—ବନୁ ଲେଖି ପଢ଼ି ଜାଣେ...ସଭ୍ୟତା କଣ ବୁଝେ...ଭଲ କଣ—ମନ୍ଦ କଣ ଠଉରେଇବାର ଶକ୍ତି ତାର ଅଛି—

ଯୌବନର କଅଁଳ ପରଶରେ ବିହ୍ୱଳ ହୋଇ ଦିନେ ସେ କଳ୍ପନା କରିଥିଲା—ରାଜକୁମାର ଛପି-ଛପିକା ଯାମିନୀରେ ଆସି ତା କାନ ପାଖରେ ଚୁପି ଚୁପି ଡାକିବ—ବନୁ...ବନୁମ! ଆଉ ସେ ମୃଦୁ ହସି ରାଜକୁମାର ଆଡ଼କୁ ଫେରି ଚାହିଁବ ବୁକୁ ତଳର ଦରଦ-କଥା ପଦଏ କହିବା ଆଶାରେ। ଇମିତି କେତେ କ'ଣ।

ସତକୁ ସତ ତାର କଳ୍ପିତ ରାଜ-କୁମାର ବର ବେଶରେ ଦିନେ ଆସିଥିଲା। ବନୁ ସହିତ ତାର ବିବାହ ହେଲା। ଦୁହେଁ ବିରାଟ ଦୁନିଆ ପିଠିରେ ସାଥି ବୋଲି ପରିଚିତ ହେଲେ।

ଦିନର ଇତିହାସ ମାସର ଇତିହାସ ତଳେ ହଜିଗଲା—ମାସର ଗ୍ରନ୍ଥ, ବର୍ଷର ଗ୍ରନ୍ଥ ତଳେ ଅସ୍ତ ପ୍ରକାଶ କଲା। ନୂଆ ଅତିଥିଟିଏ ଦୁହିଁଙ୍କର ମଝିରେ ଆସି ଠିଆ ହୋଇ ଡାକିଲା—"ମା'......ବା'...... ବନୁ ଅଉ ତାର ସାଥି ହସରେ ଉଚ୍ଛୁଳି ଉଠିଲେ। ଦୁହେଁ ପୁଅଟିର ନାମ ରଖିଲେ 'ଭୁଜ'।

ଦିନ ପରେ ଦିନ ବିତି ଯାଉଛି। ବନୁର ସାଥି ଆଜି ଦୂର ଭୂଇଁରେ ଚାକିରି କରି ଭାବୁଛି—ବନୁ-ଫୁଲ ମୋର କମିତି ଅଛି। ତା'ପରେ...... ତା'ର ମୁହଁଟା କମିତିକା ହୋଇଯାଏ। ମନେ ମନେ କହେ—ଓହୋଁ, ବନୁ-ଫୁଲ ନିଶ୍ଚୟ ସଜଧୂଳି ପରି ହସି ଉଠୁଥିବ......ଭୁଜ ତାର ନିଶ୍ଚୟ ଭଲ ଥିବ। ମନ ତା'ର ମେଣ୍ଟେ ମାନେନା—ଇଚ୍ଛା ହୁଏ ଥରେ ଯାଇ ଦେଖି ଆସନ୍ତା କି! ଉପାୟ ନାହିଁ—ଛୁଟି ମିଳିବା ଅସମ୍ଭବ। ସାର୍ଦ୍ଧନଣ୍ଡାସହିଏ ପଢ଼ାଲ ଇଟା, ମାଟି, ପଥର ଅଡ଼ଙ୍କ ଅଭାବେ......ଜଡ଼ ପଦାର୍ଥର ଜୀବନର ଅନୁସନ୍ଧାନ କରେ......ଚାକିରି ବଜାୟ ରଖେ।

ବର୍ଷକ—ବନୁ-ଫୁଲର ଚିଠି ପାଇଲା। ଲେଖା-ଥିଲା—କେତେଦିନ ଆଉ ଅପେକ୍ଷା କରିବ? ଆସିବନି ଥରେ? ତମର ବନୁ-ଫୁଲ ଝାଉଁଳି ପଡ଼ିଲା...... ମନକୁ ତା'ର ରଖିବନି......ଇମିତି କେତେ କ'ଣ—

ମନଟା ତା'ର ଚଞ୍ଚଳ ହୋଇ ଉଠିଲା। ଚଳେ ଚଳେ ଆଖି ଫାଟି ଦୁଇଟୋପା ଲୁହ ତଳକୁ ଝରି ପଡ଼ିଲା। ଅଭ ଆଦରର ବନୁ-ଫୁଲଟି ତାର... କେତେ ସୁନ୍ଦର...କେତେ ସରଳ...କେତେ ଭଲ ନ ପାଏ ସେ! କଣ କରିବ? ଛୋଟ ତମ୍ବୁଟି ଭିତରେ ଏପଟ ସେପଟ ବୁଲି ବୁଲି କେତେ କଣ ଭାବିଚାଲି ନଗଲା......ବିରହ ବେଦୁର କଅଁଳ ଫୁଲ ତାର ସତରେ କ'ଣ ସକାଳ ଫୁଲ ପରି ହସୁଥିବ!... ନା—ନା—ସେ ବି ଆଉ ଅପେକ୍ଷା କରି ପାରିବନି... କରିବ ବି ନାହିଁ। ସେ ନିଶ୍ଚୟ ଯିବ।

+ + + + + + ଯୁଦ୍ଧ......ଯୁଦ୍ଧର ତାଣ୍ଡବ ନୃତ୍ୟ ସାରା ମେଦିନୀ କମ୍ପାଇ ପ୍ରଳୟ ମୂର୍ତ୍ତି ଧରିଲା.. ... ଯନ୍ତ୍ର-ଦାନବର ମହାକ୍ଷୁଧା ବିଶ୍ୱ-ମାନବର ବୁକୁ ଚିରି ଉଷ୍ମ ରକ୍ତ ଶୋଷଣ କଲା...ଆର୍ତ୍ତନାଦରେ ସାରା ଆକାଶ ଶିହରି ଉଠିଲା...ସେ—ବନୁ-ଫୁଲର ସାଥି—ଭୟରେ ଥରି ଉଠି ଅସ୍ପଷ୍ଟ ସ୍ୱରରେ ଡାକି ଉଠିଲା..."ଭଗବାନ୍- ବନୁ ପାଖକୁ ନେଇଯାଅ... ମୋର ଭୁଜ ପାଖକୁ ନେଇଯାଅ...ଭଗବାନ—"

ବନୁ— ଭଗବାନ...ଜଡ଼ ଦେବତା...ଦୁର୍ବଳ ମାନବର କରୁଣାନିଧି...ଭୀରୁର ଦେବତା......ତା' କଥା ଶୁଣି ଶୁଣିଲେନି...ଦେଖି ଦେଖିଲେନି........। ......ଛୁଟି ତାକୁ ମିଳିଲାନି। ଯୁଦ୍ଧର ଉଦ୍ଦୀପ୍ତ ରକ୍ତ-ସ୍ରୋତ ଦହରେ ତା'ର ଦୁଇଧାର ଲୁହ ମିଶିଗଲା। ସେ ଯୁଦ୍ଧ କଲା......ଯୁଦ୍ଧ ପରେ ଛୁଟି ମିଳିବ ଏଇ

Digitized by srujanika@gmail.com

ଅଶାରେ......ଯୁଦ୍ଧ ପରେ ବନ୍ଧୁକୁ ଦେଖିବ ଏଇ ପ୍ରେରଣାରେ ।

ଯୁଦ୍ଧ ତ ସରିବାର ନୁହେଁ । ଜୀବନଟା ଯେ ସଂଗ୍ରାମମୟ...ଯୁଦ୍ଧ ତ ଅନନ୍ତ କାଳ ଯେତେବେଳେ ପ୍ରଶଂସା କରି କରି ବାହା ଉଠି କହିବେ "ଯୁଦ୍ଧରେ କହିଲେ ମୁଁ ଯିବି—"

ଏହା ଭିତରେ ପୂରା ମାସେ ବିତି ଗଲଣି । ବନ୍ଧୁ-ସାଂର ଦଳ ଅଳ ଜୀବାପଣ ବାସଳ କରିଛି... ବିଶ୍ରାମ ନେବାକୁ ହୁକୁମ ପାଇଚନ୍ତି— କେବଳ ଛଅୋଟି ଦିନ ପାଇଁ......

ପ୍ରତ୍ୟେକଙ୍କର ଗୋଟେ ନା ଗୋଟେ କିଛି ଅଶା ଥାଏ । ସେଇ ଅଶା ସେକି ସେ ମୁଖର କଳ୍ପନା କରି ନେଇ ଅଉ ସେଇଂପାଇଁ ତ ନଚେଇ କରେ ଦୁନିଆର ରଙ୍ଗମଞ୍ଚ ଉପରେ......ବିଶ୍ରାମ କଳ୍ପନାକୁ ରଙ୍ଗୀନ କରି ତୋଳେ......ବିଶ୍ରାମ ନେଇ ନେଇ ବନ୍ଧୁ-ସାଥିର ବି ଅଳ ମନେ ପଡ଼ିଚ ବନ୍ଧୁର ଅନ୍ତିମ ବେଳ ପ୍ରେମ କଞ୍ଚ କଥା— ତା'ର ଅଖି ଦ'ଟା ବଳେ ବଳେ ଛଳ ଛଳ ହେଇ ଉଠୁଚି—କଣବା ସେ କରିବ ?... ...କର୍ତ୍ତବ୍ୟ—

ସେଥିପାଇଁ ପଞ୍ଜବନ୍ଧୀ ଧରି ବନ୍ଧୁ ତୁଳସୀ ଚୌରା ଅଗେ ଧୀରେ ଧୀରେ ଅସୁଚି...ତାର ଛୋଟ ପୁଅ ଭୁଳ ତାର ପଛତ ବାନ ଧରି ଛୋଟ ପଦ୍ମଣ୍ଡ ପକେଇ ସେଇ ଅଡ଼କୁ ତ ଗୁଲଚି...ତୁଳସୀ ଚୌରା ପାଖରେ ସଞ୍ଜ ଥୋଇ ଭୁଳ ମୁହଁକୁ ବନ୍ଧୁ ଥରେ ଅନେଇ ଦେଖିଲା—ଭୁଳ ଚଳ ଚଳ ବବି ନଅଁକୁ ଅନେଇଚି... ସତେ ଯିମିତି ଭୁଳର ଅଖି ଜୋଳା ଭିତରେ ସନ୍ତଟା ଗୋଟାମିତି ଜଳୁଚି...ଭୁଳ ବାଁ ହାତକୁ ମୁଠା କରି ପାଟରେ ପୁରେଇଛି......

ବନ୍ଧୁ, ଭୁଳର ଛୋଟ ହାତ ଯୋଡ଼କୁ ଯୋଡ଼ ଦେଇ ଅବୋଧ ଶିଶୁକୁ କହିଲା—"କହ ବୃନ୍ଦାବତୀ, ବାବାଙ୍କୁ ଫେରେଇ ଅଣ—"

ଭୁଳ କହିଲା—"ବା.ବା...ଫେରେଇ...ଅଣ."

ବନ୍ଧୁ ବୁଝିଲା—ନିଜେ ଅଣ୍ଟୁ ମାଡ଼ି ମୁଣ୍ଡିଅ ମାରି ବୃନ୍ଦାବତୀଙ୍କ ପାଦତଳେ ନିଜର ହୃଦୟ କଥା ଖୋଲେଇ ଦେଲା—ମା ବୃନ୍ଦାବତୀ ମୋ ସାଥି ଦିଶ ଅସିବେନ ? ସାଥି ମୋର ଫେରି ଅସନ୍ତୁ......"

ଭୁଳ ଡାକିଲା— ମା'... ମା'...

ବନ୍ଧୁ ଉଠି ଦେଖେ......ସଂଜବତୀ ଯେ ନିଭି ଯାଇଛି । ସରଳ ଅଖି ଦ'ଟା ତା'ର ଚଞ୍ଚଳ ହେଇ ଉଠିଲା...ଭୁଳକୁ ଛାତି ତଳକୁ ଟାଣି ନେଇ ତା'ର ଶିଶୁ ମୁହଁକୁ ଏକ ଦୃଷ୍ଟିରେ ଅନେଇ ରହିଲା...ବନ୍ଧୁର ପ୍ରାଣ କରି କରି ବାହା ଉଠିଲା...ଗୋଟାଏ ଅମଙ୍ଗଳ ଅଶଙ୍କାରେ ସେ ବିବ୍ରତ ହେଇ ପଡ଼ିଲା...ତା'ଅଖିରୁ ଦୁଇ ଟୋପି ଲୁହ ବୋହି ଯିବାକୁ ଲଗିଲା...ମନେ ମନେ ଉଚ୍ଚାରି ଉଠିଲା— ସାଥି...ଭଗବା-ନ.........

ସେଠିକି ବେଳେ ବନ୍ଧୁ-ସାଥି ସ୍ୱପ୍ନ ଦେଖୁଥିଲା ଗୋଟାଏ ପୂଳ ଅଦରର ଅବଚେତନାରେ ମଉଳି ଯାଉଛି...ଅଶାରେ ଭରସା ନାହିଁ...ଶୂନ୍ୟ ଝଡ଼ ପଡ଼ିବାକୁ ବସିଛି ତା'ର ସାଥ ପାଇଁ......। ତା'ପରେ ବନ୍ଧୁ ସାଥି ଅଉ ଯନ୍ତ୍ରଣା ସହ୍ୟ କରି ପାରିନ...ସଦ୍ୟ ଗୁଳ ଖୋଟରେ ତା'ର ଜୀବନର ଅଉ ଶକ୍ତି ନାହିଁ ବେଶି ସମୟ ଜୀଇ ରହିବାକୁ...କଳା ମରଣ ଅସିଚ ବନ୍ଧୁ-ସାଥିକୁ ନେଇଯିବ...ନେଇଗଲା...ନ ବସୁଚ ନେଇଗଲା...ବନ୍ଧୁ-ପୂଳର ବଅଁଳ ପ୍ରାଣ କଥା ଥରେ ହେଲେ ବି ଭାବିଲାନି...ତା'ର ସାଥିକୁ ନେଇଗଲା ଅରପାରିକୁ ।

ବନ୍ଧୁର ପ୍ରାଣ ଅଉ ଥରେ ଉଚ୍ଚାରି ଉଠିଲା...... ସାଥି...ତମର ଅଦରର ବନ୍ଧୁ-ପୂଳ ଏବେ ବିକଳ ହେଇ ଡାକୁଚି...ଥରେ ମୋଟେ ଅସ...ଥରେ...୨ରେ ସାଥି...ଥରେ ଗୋ...କେବଳ ଥରେ ଦେଖିବାର ଅଶା...ମୋ ଅଶା କଣ ବିଫଳ ହବ...ନା – ନା – ସାଥି...ହବନି...ମୁଁ ଯିବି...ତମ ପାଖକୁ ଯିବି... ସାଥି-ହରା ପ୍ରାଣ ନେଇ ଏବା ରହି ପାରିବି ନ ସାଥି ...ଯିବି – ଯିବି – ।...

ଭୁଳ ଡାକେ – ମା'...ମା'...

ବନ୍ଧୁର ମନ ପ୍ରାଣ ସେତେବେଳେ 'ବନ୍ଧୁ-ପୂଳ'ର ଡାକ ଶୁଣିବା ପାଇଁ ଗୁଲିଯାଇଥିଲା ଜଡ ପିଣ୍ଡଟାକୁ ଜଡ ପୃଥ୍ୱୀ ଉପରେ ଫିଙ୍ଗେଇ ଦେଇ – ଭୁଳ... ଅବୋଧ ଶିଶୁ...ସେ ସେଇ ଜଡ଼-ବନ୍ଧୁ ଭିତରେ ମା'ର ସ୍ୱପ୍ନ ଦେଖୁଥିଲା...ବଡ଼ ଅବୋଧ ସେ – ବନ୍ଧୁ-ପୂଳର ଅଶା ସେ ବା ବୁଝିବ କାହିଁକ ? ? –

—(*)—

Digitized by srujanika@gmail.com

# କାଳିଆ ବଳଦ ଗଲ୍ ଗଲ୍

## କରୁକରୁ

ସଂଗ୍ରାହକ—ଦେବ ମହାପାତ୍ର ।

ଝିଅର ଦୃଷ୍ଟି ଶକ୍ତି ଅସ୍ତେ ଅସ୍ତେ ଖରାପ ହୋଇ ଆସୁଥିଲା, ସେଥି ଯୋଗୁଁ ତାର ମାଆ ଝିଅକୁ ଡାକ୍ତର ପାଖକୁ ନେଇ ଗଲା । ପରୀକ୍ଷା କଲା ପରେ ଡାକ୍ତର କହିଲେ ଯେ କିଛିଦିନ ଲାଗି ଝିଅକୁ ଚଷମା ପିନ୍ଧିବାକୁ ପଡ଼ିବ ।

କେତେଦିନ ପରେ ଡାକ୍ତର ଝିଅର ମାଆ ଠାରୁ ଝିଅର ହାଲ ବୁଝି ବସିଲେ ।

ସେ ଉତ୍ତର ଦେଲେ— "ଡାକ୍ତରେ, ଝିଅ ଏଣିକି ଭଲ ଅଛି, ସେ ଜମା ଚଷମା ପିନ୍ଧୁନି—ମୁଁ ତ ନେହୁରା କରି କରି ଥକି ଗଲି, ଦେଖନ୍ତୁ ! (ତା ପରେ ନମ୍ର ସ୍ୱରରେ କହିଲେ) ଯେତେବେଳେ ମୁଁ କଣ ଛାଡ଼ୁଛି ! ସେ ଶୋଇ ପଡ଼ିଲା ପରେ ମୁଁ ଚୁପ୍‌କରି ଯାଇ ପିନ୍ଧେଇ ଦେଉଅଛି । +

ପ୍ରେମିକା—ମୋର ଇଚ୍ଛା ଆଜି ଆମର ମିଳନରେ କିଛି ଭିନ୍ନ ଧରଣର ନୂଆ କଥା ହେବ ଯେପରି ।

ପ୍ରେମିକ—ଅଚ୍ଛା ବେଶ୍, ତମେ ମତେ ଚୁମା ଦେବାପାଇଁ ଚେଷ୍ଟା କରିବ ଆଉ ମୁଁ ତମ ଗାଲରେ ଗୋଟାଏ ଚଟକଣି ବସେଇ ଦେବି । + + +

ଯୁବକ ତାର ପ୍ରିୟାକୁ କହୁଥିଲା— "ପ୍ରିୟେ, ତମକୁ ମୁଁ ଅନାଏ ଯେତେବେଳେ, ସିନେମାରେ ଯେତେ ରୂପସୀ ଅଭିନେତ୍ରୀଙ୍କ ଛବି ଦେଖିଛି ତାଙ୍କର କଥା ମନେପଡ଼େ ।"

"ସତେ ? ସତ କହୁଛ ?" ଯୁବତୀ ପ୍ରଶ୍ନ କଲା ଅଭିମାନରେ ।

"ହଁ ସତ, କିନ୍ତୁ କଣ ଲାଭ ? ମୋ ଭଳିଆ ପିଲାକୁ ଯାହା ମିଳିଛି ସେଥିରେ ସନ୍ତୁଷ୍ଟ ରହିବା ଉଚିତ ।"

\+ × + +

ପ୍ରେମିକା—ପ୍ରିୟ ସତ ତୁମେ ମୋତେ ଭଲ ପାଅ ?

ପ୍ରେମିକ—ହଁ ପ୍ରିୟେ, ଖୁବ୍ ।

ପ୍ରେମିକା—ଆଚ୍ଛା ତୁମେ କଣ ମୋ କଥା ସବୁବେଳେ ଭାବ ?

ପ୍ରେମିକ—ହଁ, କିନ୍ତୁ ଗାର୍ଲସ୍ ସ୍କୁଲ ଛୁଟି ହେଲା-ବେଳେ ସେ ରାସ୍ତା ଦେଇ ଯାଉ ଆସୁଥାଏଁ ତ ତମକଥା ଭୁଲି ଯାଏ ।

× × +

ଶିକ୍ଷକ—ତମେ ରାତିରେ ଶୋଇବା ପୂର୍ବରୁ ଭଗବାନଙ୍କୁ ପ୍ରାର୍ଥନା କର ତ ?

ଛାତ୍ର—ହଁ ଆଜ୍ଞା ।

ଶିକ୍ଷକ—ତମେ କଣ କହି ପ୍ରାର୍ଥନା କର ?

ଛାତ୍ର—ଅଧିକାଂଶ ସମୟରେ ମୁଁ ପ୍ରାର୍ଥନା କରେ, ହେ ଭଗବାନ, ମୁଁ ଦିନଯାକ ଯାହା କରୁଛି, ବାପା ଯେପରି ନ ଜାଣନ୍ତୁ ।" + + +

ଯାତ୍ରୀ—ଗୋଟାଏ ପୁରା ଟିକେଟ୍ ଆଉ ଗୋଟାଏ ଅଧା ଟିକେଟ୍ ।

ଟିକେଟ କଲେକ୍ଟର—ତୁମକୁ ଦୁଇଟା ପୁରା ଟିକେଟ୍‌ର ପଇସା ଦେବାକୁ ପଡ଼ିବ । ଏ ପିଲାଟିର ବୟସ ନିଶ୍ଚୟ ତେର ବର୍ଷ ହେବ ।

ଯାତ୍ରୀ—ତେରବର୍ଷ କେମିତି ହେବ ? ମୁଁ ତ ଜମା ଏଗାର ବର୍ଷ ହେଲା ବାହା ହୋଇଛି !!

ଟିକେଟ୍ କଲେକ୍ଟର—ଦେଖ, ମୁଁ ଟିକେଟ୍ ଚେକ୍ କରିବାକୁ ଆସିଛି, ମୁଁ ପରିବାର ଘରକଥା ଶୁଣିବାକୁ ଆସିନି ।

Digitized by srujanika@gmail.com

ମଜା କବିତା——

# ଭିଲେଜ ମାଷ୍ଟର

ଲେଖକ—ଶ୍ରୀ ଦିଗମ୍ବର ଦାଶ

ଜୀବନଟା ସାରା କଟାଇ ଦେଲି ମୁଁ ଗାଁ ଇସ୍କୁଲେ ରହି,
ଅତୀତ ଘଟଣା ମନେ ପଡ଼ିଗଲେ ହୃଦୟ ମୋ ଯାଏ ଦହି ।

ଗଢ଼ି ଅଛି ମୁହିଁ କେତେ କେତେ ଛାତ୍ର କୁମ୍ଭକାରର ସମାନ,
ସେଥିପାଇଁ ପରା ଆଖପାଖ ଗ୍ରାମେ ପାଏଁ କେତେ ସନମାନ ।

କଲେଜ ପ୍ରାଙ୍ଗଣେ ମୋ ହାତ ତିଆରି କେତେ କେତେ ଗ୍ରାଜୁଏଟ,
ବି. ଏ:ଏମ୍: ଏ: ପଢ଼ି ହେଡ଼୍‌ଏଟ ସାଜି ଦେଖାନ୍ତି ମନର ଅଣ୍ଟ

କିଏ ପ୍ରଫେସର ଜଜ କଲେକ୍ଟର ହାକିମ ଅବା ଦାରୋଗା ହିଁ,
ଶାସନ କ୍ଷେତ୍ରରେ ଶାହାଣ୍ଡୀ ରୂପରେ ଚାଲନ୍ତି ଗରବ ଭଣ୍ଡି ।

ସାଜି ଦେଶ ନେତା ସ୍ୱତନ୍ତ୍ର ବକ୍ତୃତା ଗଳେ ନାଇ ଫୁଲମାଳ,
ତାଳିଆ ଚାପୁଡ଼ା ମୂଳ ଲାଗି ଲାଗି ଭୁଣ୍ଡ୍ର ମଚେ ମୁଣ୍ଡ ଟାଳ ।

ପଢ଼ିଲା ଡାକ୍ତର ଖୋଲି ଡିସପେନସରୀ କରନ୍ତି ରୋଗୀର ସେବା,
ବାହାପିଅ ତଥା ଚାଞ୍ଚଳ ନିଜ ନାମ ପାଇବାଏ ଲେଖା ।

ଜଗନ୍ନାଥ ଗୁଣ୍ଡିଚ କର ଅବା କାଏ ପୁଣ୍ଡିରେ କାଟାଏ ଦିନ,
ଲେଖାର ଦ୍ରୋଇଣି ବସି କିଏ ଭରେ ମୋର ଭାଗ୍ୟର ଲାଳନ

ହାୟରେ ଦୁନିଆ ମା' ଷଟିଜେଖୀ ତୁ ! କାହା ଭାଲେ କି ଲେଖିଛୁ,
ଧନ ଦଉଲତେ କିଏ ଧଢ଼ି ମତ୍ତେ ମୋ ଦୁଃଖ ଦେଖି ସହୁଛୁ ?

ଯେଉଁ ବଇଣୀଆ ପିଠି ଝଣ୍ଡିକାରେ ବେତ ପାଉଥିଲା ଫାଟି,
ସେହୁ ବାହାଦୂର ବଇଣୀ ବାବୁ ସେ ମଟରେ ଯାଆନ୍ତି ଛୁଟି ।

ମୋ ଆଖି ଆଗରେ କେତେ କେତେ ସ୍ଥାନ ପାଇଲେ ଉଚ୍ଚ ଦେବୀ,
ମୁଁ ରହିଛି ଏହି "ଭିଲେଜ ମାଷ୍ଟର" "ଖୋଦା'ଙ୍କର ସେ ମରଜି ।

Digitized by srujanika@gmail.com

# ସ୍ମୃତିପୂଜା

[ ଉଦୟପୁରରେ Tagore Society ୰ ବିଶ୍ୱକବି ରବୀନ୍ଦ୍ରନାଥଙ୍କର ଜନ୍ମ ତିଥିର ସ୍ମୃତି ଉପଲକ୍ଷେ ୧ ତାରିଖ ମେ ଠାରୁ ୭ ତାରିଖ ମେ ପର୍ଯ୍ୟନ୍ତ ଏକ ନିଖିଳ ଭାରତୀୟ ସଂବାଦପତ୍ର ଓ ସାମୟିକ ପତ୍ର ପତ୍ରିକାର ପ୍ରଦର୍ଶନୀ (All India Newspaper & periodical Exhibition) ର ଆୟୋଜନ କରିଅଛନ୍ତି । ଏହି ପ୍ରଦର୍ଶନୀର ପୁରୋଧା ହୋଇଛନ୍ତି ଉଦୟପୁରର ମହାରାଣା କଲେଜର ପ୍ରିନ୍ସିପାଲ ଏସ୍: ସି. ବୋଷ ଓ ଦ୍ୱାର ଉଦ୍‌ଘାଟନ କରୁଛନ୍ତି ଉଦୟପୁରର ପ୍ରଧାନ ମନ୍ତ୍ରୀ ଦେୱାନ ବାହାଦୂର ସର ଟି: ବିଜୟରାଘବାଚାର୍ଯ୍ୟ । 'ଡଗର' ଏହି ପ୍ରଦର୍ଶନୀର ସଫଳ କାମନା କରି ୰ ବିଶ୍ୱକବିଙ୍କର ଅମର ଆତ୍ମା ପ୍ରତି ଭକ୍ତି ଅର୍ଘ୍ୟ ନିବେଦନ କରୁଅଛି ]



### ବିଶ୍ୱକବି ରବୀନ୍ଦ୍ରନାଥ

ଭାରତ ମାତାର କୋଳ ତେଜି କାହିଁ
ଚାଲିଗଲ ଋଷିପ୍ରାଣ,
ବିଶ୍ୱ କରଇ ଶତ ଶତ କଣ୍ଠେ
ତୁମର କୀରତି ଗାନ ।
ମରିନାହିଁ ତୁମେ ହୋଇଛ ଅମର
ସୁଖେ ଅଛ ସ୍ୱର୍ଗପୁରେ,
ତାକୁଛ କବିତା ଧାର ଅମ ପାଇଁ
ବସି ମନ୍ଦାକିନୀ କୂଳେ ।
ଭାରତ ମାତାର ଦୁଃଖ ଦୂର ଲାଗି
ଆସିଥିଲ ହସି ହସି,
କୀର୍ତ୍ତି ବୈଜୟନ୍ତୀ ଉଡ଼ାଇଣ ଚାଲ
ସୁବର୍ଣ୍ଣ ସ୍ୟନ୍ଦନେ ବସି ।
ଶୋକ ସାଗରେ ଭାସୁଛନ୍ତି ଆହା
ଦେଶବାସୀ ତୁମପାଇଁ,
ବିଶ୍ୱକବି ହେ ! ବିଶ୍ୱକବି ହେ !
ଆଉ କି ଫେରିବ ନାହିଁ ?

× × ×

ଢାଳିଗଲ ଯେଉଁ ଶିକ୍ଷାର ଆଲୋକ
ହୃଦୟେ ଅମର କାନ୍ତି,
ସେ ଆଲୋକ ପଥେ ଯିବେ କବିଗୁରୁ
କୋଟି କୋଟି ବିଶ୍ୱବାସୀ ।
ହସିବ ଗଗନ ହସିବ ପବନ
ହସିବେ ଆକାଶେ ତାରା,
ତରୁ ଶିଖେ ବସି ମେଲିଦେବ ପିକ
ତୁମର ସଙ୍ଗୀତ ଧାରା ।
ତେଉ ତୋଳି ତୋଳି ଗାଇବ ସାଗର
ତୁମରି କବିତା ବାଣୀ,
"ଜନ-ଗଣ ମନ ଅଧିନାୟକେ"
ଉଠିବ ଧରଣୀ ଥରି ।

× × ×

ଢାଳିଦେଲ ଯେଉଁ ଅମର କବିତା
ବୀଣା ଝଂକାରିତ ତାନେ,
ନବ ଉନ୍ମାଦନା ଆଣିଅଛି ତାହା
ବିଶ୍ୱବାସୀଙ୍କ ପ୍ରାଣେ ।
ଦେଶ ଓ ଜାତିର ମଙ୍ଗଳ ନିମନ୍ତେ
ଯାହା କରିଗଲ ଦାନ,
ଚନ୍ଦ୍ର ସୂର୍ଯ୍ୟ ଥିବାଯାଏ ପୃଥିବୀରେ
ହୋଇଥିବ ଧନ୍ୟ ଧନ୍ୟ ।

Digitized by srujanika@gmail.com

(ବାଲେଶ୍ୱରର ୨ୟପୃଷ୍ଠା ଉତ୍ତାରୁ)

କରିଥିଲେ କି ସେ ନିଶ୍ଚୟ ମହାତ୍ମାଗାନ୍ଧି ଓ ଜବାହାର-ଲାଲଙ୍କୁ ଟପିଯିବେ । ମାତ୍ର ଏଠାରୁ ବଦଳି ହେଲା-ବେଳେ ସେ କହିଛନ୍ତି କି ଭାରତ ସରକାର ତାଙ୍କୁ ଏ ଅନୁମତି ଦେଲେନାହିଁ । ଏ କଥାରେ ଅନେକେ ଆଶ୍ଚର୍ଯ୍ୟ ହେଉଛନ୍ତି ମାତ୍ର ଆଶ୍ଚର୍ଯ୍ୟ ହେବାର ଏଥିରେ କିଛି ନାହିଁ । ରାଜନୀତି ହିସାବରେ ସରକାର ଠିକ୍ କରିଛନ୍ତି ବୋଲି ଆମ ମନେ ହୁଏ । ଯେତେବେଳେ କାହାରିକୁ ସେ ଅନୁମତି ଦିଆ ହେଉନାହିଁ, ଫିଲିପସଙ୍କୁ ଦେଇ ଥିଲେ ବ୍ରିଟିଶ ଆମେରିକାକୁ ଡରିଲା ବୋଲି ଲୋକେ କହନ୍ତେ କାହିଁକି ? ବ୍ରିଟିଶ ସିଂହ କଣ ଡରିବା ଲୋକ ? ସେ ଯେତେବେଳେ ନିଜର ଶତ୍ରୁ ଓ କାହାର ଶତ୍ରୁ ଦୁହିଙ୍କୁ ଦବେଇ ଦେଇଛି ଆଉ ତାର ଡର କେଉଁ କଥାକୁ ? ଏବେ ସେ ବେପରୁଆ !

\+ +

ବାଲେଶ୍ୱରର ଜନପ୍ରିୟ ମାଜିଷ୍ଟ୍ରେଟ ରାମ-ନାଥନଙ୍କୁ ବଦଳି କରାଯାଇ ଶ୍ରୀ ମନ୍ମଥନାଥ ରମୁଙ୍କୁ କାହିଁକି ଅଣାଗଲା ତାହା ମନ୍ତ୍ରୀ ସରକାରଙ୍କୁହିଁ ମାଲୁମ । ରାମନାଥନ ଯେ ଏ କେତେଦିନ ଭିତରେ ବେଶ୍ ଲୋକପ୍ରିୟ ହୋଇ ପାରିଥିଲେ ଏବଂ ଉତ୍ତର ବାଲେ-ଶ୍ୱରର ବାତ୍ୟା ପୀଡ଼ିତ ଅଞ୍ଚଳ ପ୍ରତି ତାଙ୍କର କର୍ତ୍ତବ୍ୟ ଓ ସହାନୁଭୂତି ଯଥୋପରୋନାସ୍ତି ଭାବରେ ଦେଖାଇ ଛନ୍ତି ତାହା କେହି ଅସ୍ୱୀକାର କରି ପାରିବ ନାହିଁ । ତେବେ କୁଆଡ଼େ ଶୁଣାଯାଏ ମନ୍ତ୍ରୀ ସରକାରଙ୍କର ମତ ଯେ ମନ୍ମଥବାବୁ ଆମ ବାଲେଶ୍ୱରବାସୀ ବିଶେଷତଃ ତାଙ୍କ ଘର ଉତ୍ତର ବାଲେଶ୍ୱରରେ—ସେ ଆମ କଥା, ଦୁଃଖ, ସୁଖ ଯେତେ ବୁଝି ପାରିବେ ଆଉ ଜଣେ ବିଦେଶୀ ପକ୍ଷରେ ତାହା ସମ୍ଭବ ନୁହେଁ । କଥାଟା ପୂରାପୂରି ଠିକ୍ ନ ହେଲେ କଣ ହେଲା ବେଶ୍ ଭଲ ଟିକେ । କିନ୍ତୁ କଥା ହେଉଛି କଣ, ସେ ମନ୍ମଥ ବାବୁ ହୁଅନ୍ତୁ ଅବା ଆଉ ଯେ କେହି ହୁଅନ୍ତୁ ଯଦି ସରକାର ତାଙ୍କ ହାତକୁ ଟଙ୍କା, ପଇସା ଓ ଧାନ ଚାଉଳ ଯଥେଷ୍ଟ ପରିମାଣରେ ନ ଦିଅନ୍ତି ସେ କଣ ରିଲିଫ କାମ କରିବେ ନିଜ ମଠା କଥା କହ ? ସ୍ୱର୍ଗରୁ ଦେବରାଜ ଇନ୍ଦ୍ରଙ୍କୁ ଆଣି ବସାଇଲେ ମଧ୍ୟ ସେ କିଛି କରି ପାରିବେ ନାହିଁ । ମନ୍ମଥ-ବାବୁଙ୍କୁ ବାଲେଶ୍ୱରର ଜିଲା ମାଜିଷ୍ଟ୍ରେଟ କରି ମନ୍ତ୍ରୀ ସରକାର ଏକ ବୁଦ୍ଧିମାନର କାମ କରିଛନ୍ତି ନିଶ୍ଚୟ । ଯଦି ଭବିଷ୍ୟତରେ ଆସେମ୍ବ୍ଲିରେ କେହି ପ୍ରଶ୍ନ କରେ, "କହୋ ବାଲେଶ୍ୱରରେ ରିଲିଫ୍ କାମ କେମିତି ଚାଲିଛି ?" ଉତ୍ତର ମିଳିବ "ଖୁବ୍ ଭଲ ଓ ସୁରୁଖୁରୁରେ (Smoollthy) ଆମେ ଜଣେ ବାଲେଶ୍ୱରିଆଙ୍କୁ ନେଇ ସେ charge ରେ ରଖି ଦେଇଛୁଁ ଏବଂ everything O. K."

× × +

ଅର୍ଥମନ୍ତ୍ରୀ ଗୋଦାବରୀଶ ଭଦ୍ରକକୁ ଶୁଭାଗମନ କରିଛନ୍ତି । ଭଦ୍ରକବାସୀଏ ତାଙ୍କର ଉପଯୁକ୍ତ ଆରା-ଧନା ଓ ସମ୍ବର୍ଦ୍ଧନା କରିବାକୁ ତତ୍ପର ହୋଇ ପଡ଼ି-ଛନ୍ତି । ଯାହା କିଛି ସବୁ ସାତ୍ତ୍ୱିକ ଭାବରେ କରା-ଯାଉଛି । ସେଥିରେ ତାମସିକତାର ଗନ୍ଧ ଲେଶ ନାହିଁ । ମନ୍ତ୍ରୀ ମହାଶୟ ମଧ୍ୟ ସେ ସମସ୍ତ ଅନାସକ୍ତ ଭାବରେ ଗ୍ରହଣ ଓ ଶ୍ରବଣ କରୁଛନ୍ତି ବୋଲି ଜଣା-ଯାଏ । ସେ ସ୍ଥିତପ୍ରଜ୍ଞ ବୋଲି ସିନା ଏହା ସମ୍ଭବ ହେଉଛି । ଆମେ ହୋଇଥିଲେ ତ ବାରଅଙ୍କୁ ବାର ଲୋକଙ୍କ ସ୍ତୁତି କଥାରେ ପଡ଼ି ଯାଆନ୍ତୁ । ଶୁଣାଯାଏ ଭଦ୍ରକରେ ଯେତେ ଲୋକ ତାଙ୍କ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଛନ୍ତି ତା ଭିତରୁ କେତେଜଣ ଏଠା ବଡ଼ ହାକିମ ପୃଥ୍ୱୀବାବୁଙ୍କ ବଦଳି ହୁକୁମଟା ରଦ କରିବାକୁ ଅନୁରୋଧ କରିଛନ୍ତି । ଭଦ୍ରକ ସହର ଅଧିପତି ଓ କଣ୍ଟ୍ରୋଲ ଚାଉଳ ବିକ୍ରେତା ହାକିମ ଫାଙ୍କୁ ସାହେବ କୁଆଡ଼େ ମନ୍ତ୍ରୀ ମହୋଦୟଙ୍କୁ ଦେଖା କରି ଭଦ୍ରକର ହାଲ ହକିଗତ ଜଣାଇ କହିଥିଲେ ଯେ "ବର୍ତ୍ତମାନ ପରିସ୍ଥିତିରେ ପୃଥ୍ୱୀବାବୁଙ୍କୁ ଯଦି ବଦଳି କରାଯାଏ ତ ଭଦ୍ରକ ରସାତଳଗାମୀ ହେବ । ଭୟ-ଙ୍କର ଗଣ୍ଡଗୋଳ ସୃଷ୍ଟି ହେବ, ଲୋକେ ଚାଉଳ ମୁଠାଏ ବି ଖାଇବାକୁ ପାଇବେ ନାହିଁ ।"………

ମା ଭୈଃ—ହାକିମ୍ ସାହେବ ! ଆଉ ଯେ ନୂଆ ହାକିମ ଆସିବେ ସେ ଯେ କଣ୍ଟ୍ରୋଲ ଚାଉଳ ବିକ୍ରିର କିଛି ନୂଆ ବନ୍ଦୋବସ୍ତ କରିବେ ଆମର ବିଶ୍ୱାସ ନୁହେଁ—ଆଉ ମନ୍ତ୍ରୀ ମହାଶୟ ମଧ୍ୟ ଆପଣଙ୍କ କଥାର ଗୁରୁତ୍ୱ (Weight) ଉପଲବ୍ଧି କରିଥିବେ ଯେ ?

\+ × ×

ଭଦ୍ରକ ବଡ଼ ହାକିମଙ୍କ ଝିଅ ବାହାଘରଟା ଯେପରି ଭେଳିକିଟା ହୋଇଗଲା ତାହା ଏପରି ବୁଲୁଢ଼ି ଯେ ଯେତେ ଲୋକ ପେଟକୁ ବଳିବାଇ ଖାଇଲେ ତାହା ଏପରି ଉବଳନ୍ତା ଯେ କେହି କଛ ପାଇ-ନାହାନ୍ତି ବୋଲି କହୁଛନ୍ତି । ସେଥିପାଇଁ ଆମେ କହୁଁଛୁ କିଛି କିଛି ବଳିଲେ କଣ ପାରିବେ ଜମିଦାର ଓ ମାଡ଼ଅଡ ।

Digitized by srujanika@gmail.com

ହରିକି ଗୋବିନ୍ଦ ବନମାଳି

# ନାଗବନ୍ଧୁ

ଉଦ୍ଦେଶ୍ୟ — ( ୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ )

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ( ୩ ) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ( ୪ ) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

## ପାଷାଣ—ମନ୍ଦିରେ

ପାଷାଣ-ମନ୍ଦିର ଦୁଆରେ
କିପାଁ ପିଟୁଛୁ ମଥା,
ପାଷାଣ ବୁଝିବ କି ତୋର
କହ ହୃଦୟ ବ୍ୟଥା ?
ପିଟି, ଫାଟିଗଲେ ତୋ' ମଥା
ଡାକି ଗଲେ ତୁ ଥକି,
ନ ଶୁଣିବ—ଯେତେ ବେଦନା—
ଗାଥା ଗଲେ ତୁ ବକି !!

+ × ×

ଅନନ୍ତ ଅଜ୍ଞାତ, ଅବୁଝା
ସୃଷ୍ଟି ଏ ନାଶ ନର,
ସରଜନା କରି ଅଛନ୍ତି
ଯିଏ ଏ ବିଶ୍ୱ ପୁର,
ଯାଙ୍କ ଆଦେଶେ ସିନ୍ଧୁ ନ ଲଂଘେ
କୂଳ, ରଜନୀ ଦିବା,—
ଏ କ୍ଷୁଦ୍ର ମନ୍ଦିରେ ତାଙ୍କୁ ବା
ବନ୍ଦୀ କରିବ କେ' ବା ?

+ + +

ଏତିକି ଅବୁଝା ହେଲୁ ତୁ,
ଯାଆ—ଫେରିଯା' ଘରେ,
ଅନନ୍ତର ପୂଜା କରିବୁ
ତୋର ପୂତ ଅନ୍ତରେ ।
ଦେଖିବୁ "ପାଷାଣ" ନୁହନ୍ତି
କେବେହେ ପରମେଶ୍ୱର ।
ସେ ପାଷାଣ ହେଲେ
ଚଳିବ କେମନ୍ତେ "ବିଶ୍ୱ-ସଂସାର !!"

କୁମାରୀ ଶୈଳବାଳା ନଂ ୧୭ ନାଗ

—※—

## ମୁକ୍ତ ପକ୍ଷୀ ।

ମୁକ୍ତ ଆକାଶର      ମୁକ୍ତ ପକ୍ଷୀ ମୁହିଁ
ବନ୍ଧନ ନାହିଁଟି ମୋର;
ନଗର କଙ୍କାଳ      ଛୁଏଁ ନାହିଁ ମୋତେ
ତେଣୁ ମୋ ସୁଖ ପ୍ରଚୁର ।
ଉଡି ବୁଲେଁ ମୁହିଁ      ପବନ ହିଲ୍ଲୋଳେ
ଚିନ୍ତା ଦିକ କିଛି ନାହିଁ,
ମାତୃ ମହାଜନ      କେହି ନାହିଁ ମୋର
ମନ ସୁଖେ ବୁଲୁଥାଇଁ ।
ମିଠା ବଣ ଫଳ      ନଦୀ ଝର ଜଳ
ପରଶେ ମୋ ତୃପ୍ତି ଦିଏ,
ଗଛ ଡାଳ ପରେ      ଛୋଟ ବସାଟିଏ
ଅଙ୍ଗ ଶ୍ରାନ୍ତି ମୋଛି ନିଏ ।
ହସ ପଥେ ମୋର      ପାରିଜାତ ଝରେ
ଝାଏଁ ନା ଅଭାବ-ଛାଇଁ,
ମନୋ ରାଜ୍ୟେ ଗଢ଼େଁ      ସବୁଜ କଳ୍ପନା
ଗୀତି ମୋ ମାନେନା ବାଡ଼ ।
ନୀଳ ଆକାଶର      ଖୋଲା ଛାତି ତଳେ
ରଚେ ମୁହିଁ ଖେଳଘର;
କ୍ଷୁଦ୍ର ସଂସାର ମୋ      ହସି ଉଠୁଥାଏ
ବନ୍ଧନ ନାହିଁ ଟି ମୋର ।

ଶ୍ରୀମତୀ ସରସ୍ୱତୀ ଦେଈ

—※—

Digitized by srujanika@gmail.com

## ଏକତା ।

ଜଗତରେ ଯେତେ　　　　ବଡ଼ ବୋଲାଇବା
ଏକତା ଅଟଇ ମୂଳ,
ଏକତା ନ ହେଲେ　　　　ସବୁ ଅଟେ ବୃଥା
ଯେତେ ଯାହା କର ଠୁଳ ।
ଭାଇ ଭାଇ ଯଦି　　　　ଏକତା ବନ୍ଧନେ
ନ ହୋଇବେ ଏକତ୍ରିତ,
ଦୁନା ଘର ତାଙ୍କ　　　　ହେବ ସିନା ଚୂନା
କେଉଁ କାମେ ଅବା ହିତ ।
ଏକତା ନ ହୋଇ　　　　ଆଜ ଆମ ଦେଶ
ହୋଇଅଛି ଛାର ଖାର,
ଛଡ଼ାଇ ନଅନ୍ତି　　　　ପଡ଼ୋଶୀଏ ମିଳି
ସିଂହଭୂମି, ଫୁଲଝର ।
ଟିକାଲି ମଂଜୁଷା　　　　ମେଦିନୀ ପୁରକୁ
ନଅନ୍ତି ଗଡ଼ିବେ ଟାଣି,
ଜନମ ଭୂମିର　　　　ଦେଖିଏ ଦୁର୍ଗତି
କା' ହୃଦ ନ ହେବ ହାଣି ?
ଏକତାର ଶକ୍ତି　　　　ଜଗତରେ ହେଲେ
ହିମାଳୟ ଯିବ ଟଳି,
ଏକତା ଗୁହିଁଲେ　　　　କ୍ଷଣକେ ସ୍ୱରଗ
ମରତରେ ଦେବ ଦଳି ।
ଏକତା ଗୁହିଁଲେ　　　　ନନ୍ଦନ କାନନ
ସ୍ୱରଗୁଁ କ୍ଷଣକେ ଆଣି,
ସ୍ଥାପିବ ମରତେ　　　　ଏକତାର ଶକ୍ତି
ବସୁ ସାଜ ଦିବ ଜାଣି ।
ଏକତା ଗୁହିଁଲେ　　　　ଶତ ଶତ ଗଙ୍ଗା
ବୁହାଇବ ତା'ର ବଳେ
ବଜ୍ର ଘଡ଼ ଘଡ଼ି　　　　ବଜାଇବେ ବାଦ୍ୟ
"ଏକତା"ର କୀର୍ତ୍ତି ଛଳେ ।

ଶ୍ରୀ ବୀଣାକର ଦାଶ ୭୬୮ ନାଗ

—*—

## ସପନ ।

ପଞ୍ଚ ହର୍ଷ ବନ୍ଧଗସମ
ରହିଛି ଏଥି ବହୁଦୂରେ,
ତଳପ ମୋର ଯାଏ ଗୋ ଭଳ
ନୟନ ଝର ଉଷୁମ ନୀରେ ।
ଶକତିହୀନ କାୟାଟି ଖାଲି
ପଥର ସମ ପଡ଼ିଛି ଏଠି,
ମନର ଲତା ସୁଦୂର ଭୂମେ
ତୁମରି ପାଦେ ଯାଏ ଗୋ ଲୋଟି ।
ପଲକହୀନ ଆଖିର ତଳେ
ଚଳନ୍ତି ଛବି କୋଟିଏ ଆସି,
ଅଶ୍ରୁ-କୋହ କରି ଗୋ ଦାନ
ଯାଆନ୍ତି କାହିଁ କମିଛି ହସି ।
ଦଗ ବଦଗ ଅନ୍ଧାର ଦେଶେ
ତୁମେ ଗୋ ତହିଁ ମୂର୍ତ୍ତିମନ୍ତ,
କି ନାମ କହି ଡାକିବ ସତେ-
'ପରାଣ-ପ୍ରିୟା' 'ମଉନବତୀ' ।
ଏତେ ମୁଁ କ୍ଲିଷ୍ଟ ନାମରେ ସହି
ଡାକିବ ନାହିଁ ଆଉ ଗୋ ଏବେ,
"ତୁମେ" ମୁଁ ଡାକି ପିଇବ ସୁଧା
ମରଣଶୀଳ କ୍ଷଣିକ ଭବେ ।
ବିରହୀ ଯକ୍ଷ ସମ ମୁଁ ଏଠି
କହିବି କଥା ପବନେ ଲଭି
ରିକ୍ତ କରେ ବୀଣାଟି ଧରି
ଗାଏ ସଙ୍ଗୀତ ଦରିଦ୍ର କବି ।
'ବିଦାୟ-ବେଳା' ସଜଳ-ଆଖି
ସରଳ-ପଥ ଚାହିଁ ଛନ୍ତି,
ଭାବିଲେ ତାହା ଉଠଇ ବଢ଼ି
ପବନ ତଳେ ବ୍ୟଥାର ଢେଉ,
ମନେ ଗୋ ହୁଏ ଯାଆନ୍ତି ଉଡ଼ି
ବନ୍ଧନ ସବ ତୁଟାଇ କାଟି

Digitized by srujanika@gmail.com

ମିଳାନ୍ତି କର ତୁମର କରରେ
ଷ୍ଟିତରେ ଏପେ ଡିତଲ୍ଲ ଷ୍ଟିତ ।
କହନ୍ତି ହସି 'ପଥର-ତୁମେ'
'ନିଠୁର-ତୁମେ' ଶୁଣି ଛିନ୍ନ
'ସ୍ୱାର୍ଥପର' କହନ୍ତି ସତେ
ଚଞ୍ଚଳ୍ କିଆଁ ଏତେ ଗୋ ମାୟା ।
କାନ୍ଦନ୍ତି ତୁମେ ଲଗନ୍ତା ସୁଖ
ତୁମର ସୁଖେ ମଉନେ ଅସି
ଦୁହିଙ୍କ ଲୁହ ଝରଣା ହମ
ଯାଅନ୍ତା ନକି ଗୋପନେ ମିଶି ।

ମିସ୍ ସୁରବାଳା ଦତ୍ତ

—*—

## ଚୈତ୍ର ବସନ୍ତ ।

ଦକ୍ଷିଣର ଶୀତହସ ସୁକଠୋର
ନିର୍ମମ ଶୀତାନ୍ତେ,
ଅଧିଛନ୍ତି ଚତୁର୍ଦ୍ଦିଗ ଲୁକାୟିତେ
ମଳୟର ରଥେ ?
କୁହୁକିନୀ ମାୟାବଳେ ନବ ବର୍ଷ
ଅଣିଛ ଭୁଲାଇ,
ଯାଇଅଛ ପୁରାତନ ଅପେ ଅପେ
କୁଆଡେ ପଳାଇ ।
ଲୁଚିଥିଲ ଅନ୍ତରାଳେ ଯାଇ କେଉଁ
ଅଜଣା ପ୍ରଦେଶେ,
ଧରାର ଧବଳ ଦେଖି ଅସିଲକି
ବଧାନ୍ତି ନିର୍ଦ୍ଦେଶେ ?
ବନପ୍ରିୟ ଦୂତବର ଦେଶେ ଦେଶେ
କଲଣି ପ୍ରଚାର
ଉତ୍ସବ ସମ୍ମାଦରେ ଅର୍ପିଲଣି
କୁସୁମର ହାର,
ଆରୁଣୀ ବାରୁଣୀ ଅଙ୍କ ପ୍ରତ୍ୟରଇ
ମଧୁର ସ୍ୱାଗତ,
ସଧୀରେ ମଳୟାଚଳେ ବହିଲଣି
ମଳୟ ଅମୃତ ।
ସ୍ଥାବର ଜଙ୍ଗମ ବକ୍ଷେ ତକ ନେତ୍ର
ଦଶିଲଣି ଫୁଟି
ଅସୀମ ଜଗତ ନେତ୍ର ସତ କହ
ଲଭିବ କେଉଁଠି
ଋତୁରାଜ, ପ୍ରଥମରେ ମୋର ବୋଲି
କାହିଁକି ବୋଲଅ ?
ବିଷମ ସେ ମୋତ୍ସ୍ନା ବୃତ୍ତି ସେ ନାମରୁ କି
ମାଧୁରୀ ପାଅ ? ।

ଶ୍ରୀ ଜଗଦୀଶ ପ୍ରସାଦ ମହାନ୍ତି ୩୭୦ ନାଗ

## ନାଗବର୍ଗ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗବର୍ଗ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସଙ୍ଗେ ବାର୍ଷିକ ଚାନ୍ଦା ୫୦ / / ଆଜୀବନ ଚାନ୍ଦା ୫୦୯ ର ଡାକ ଟିକଟ ପଠାଇଲି ।

ତୁମ ସ୍ନେହର ନାତି/ନାତୁଣୀ

ଶ୍ରୀ ______________

ଠିକଣା ______________

ତାରିଖ


## ମରମ

କବି—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ନବ ଯୁଗର ନବୀନ ଭାବୋଚ୍ଛ୍ୱାସ

ପଢ଼ିଲେ ମୁଗ୍ଧ ହେବେ

ମୂଲ୍ୟ:—୫୦୯ ଅଣା


Digitized by srujanika@gmail.com

REG. NO. P. 441 THE DAGARO—1-5-1943.

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲି:

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼

**ଭାରତୀୟ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ ସୁଦ୍ଧା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ

ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୭ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା

ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

## ସୁଦୃଢ଼ତାର ପରିଚୟ—

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୯ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ତେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସର୍ବତ୍ର ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

| | |
|---|---|
| ଏନ୍ ଦତ୍ତ | ନରେନ୍ଦ୍ର ପ୍ରସାଦ ଦାସ |
| ସେକ୍ରେଟେରୀ | ଅର୍ଗେନାଇଜର |
| ହିନ୍ଦୁସ୍ଥାନ ବିଲ୍ଡିଂସ୍, କଲିକତା | କଟକ । |

Printed & published G. C. Mahapatra at the Gopinath Press Bhadrak.

Digitized by srujanika@gmail.com

୬ଷ୍ଠ ବର୍ଷ — DAGARO ୧୪ଶ ସଂଖ୍ୟା

Utkal's most papular Fortnightly OF LIGHT, LEAD & LAUGHTER

ବୈଶାଖ ଦ୍ୱିତୀୟାର୍ଦ୍ଧ




ସମ୍ପାଦକ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।

ବାର୍ଷିକ ଦୁଇଟଙ୍କା ପ୍ରତି ଖଣ୍ଡ ଏକଅଣା

Digitized by srujanika@gmail.com

# ନିବେଦନ

ଆମ ଦେଶରେ କାଗଜ ମରୁଡ଼ି ପଡ଼ିବାରୁ ସରକାର ବାହାଦୁର ସବୁ ଖବର କାଗଜମାନଙ୍କର ଅଙ୍ଗ ଛେଦନ କରିବାକୁ ଓ ଦାମ ବଢ଼ାଇବାକୁ ହୁକୁମ କରିଛନ୍ତି । ତାହା ଗତ ଏପ୍ରିଲ ମାସ ପହିଲାଠାରୁ ଚାଲୁ ହେଲା ।

ଖଣ୍ଡିଏ 'ଡଗର'ରେ ବର୍ତ୍ତମାନ ଯେତିକି କାଗଜ ଲାଗୁଛି ତାର ଦାମ ଆଜି-କାଲିକା ବଜାରରେ ଚାରିପଇସାଠୁଁ ବେଶୀ—ତାଛଡ଼ା ଛପାଖର୍ଚ୍ଚ ଓ ପରିଶ୍ରମ ତ ରହିଛି । ଏବେ କାଗଜ ତ ମିଳୁନାହିଁ, ଯାହା ବା ଅଳ୍ପ କିଛି ମିଳୁଛି ତାହା ଗଭର୍ଣ୍ଣମେଣ୍ଟଙ୍କ ନିର୍ଦ୍ଧାରିତ ଦରର ୫ । ୬ ଗୁଣ ବେଶୀ । ଏପରି ଅବସ୍ଥାରେ 'ଡଗର'ର ଦାମ ନ ବଢ଼ାଇଲେ ତିଷ୍ଠିବା ଦୁଷ୍କର । ଆମେ ଏତେଦିନ ଝଗଡ଼ି ଆସିଲୁ—ଦେଶର ଯେତେବେଳେ ଅନ୍ୟାନ୍ୟ ପତ୍ର ପତ୍ରିକା ଦାମ ବଢ଼ାଇ ଥିଲେ ଏବଂ କଲେବର କମାଇଥିଲେ—ଆମେ କେବଳ କଲେବର ସଙ୍କୁଚନ କରି ପୂର୍ବ ଦାମ ରଖିଆସିଛୁଁ । ଆଜି ଏଣିକି ଅଚଳ ଅବସ୍ଥା । ବାଧ୍ୟ ହୋଇ ଦାମ ବଢ଼ାଇବାକୁ ହେଲା । 'ଡଗର'ର ୭ମ ବର୍ଷ ୧ମ ସଂଖ୍ୟା (ଜ୍ୟେଷ୍ଠ ପ୍ରଥମାର୍ଦ୍ଧ) ଠାରୁ ଦାମ ଖଣ୍ଡି ଦୁଇଅଣା, ଓ ଡାକରେ ବାର୍ଷିକ ଟ ୩୷ ( ସାଢ଼େ ତିନିଟଙ୍କା ) ହେବ । ଆକାରରେ ସାମାନ୍ୟ ପରିବର୍ତ୍ତନ ହେବ ଓ ୧୨ ପେଜ ନ ହୋଇ ୧୬ ପେଜ ହେବ ।

ଆମର ଗ୍ରାହକ, ଗ୍ରାହିକା, ପାଠକ, ପାଠିକାମାନଙ୍କୁ ଅନୁରୋଧ ଯେ ସେମାନେ 'ଡଗର' ପ୍ରତି ତାଙ୍କର ପୂର୍ବ ସହାନୁଭୂତି ଅକ୍ଷୁର୍ଣ୍ଣ ରଖି ସଙ୍ଘବଦ୍ଧ ଭାବରେ ପାଞ୍ଚ ସାତ ଏକ ହୋଇ ଖଣ୍ଡିଏ ଲେଖାଏ 'ଡଗର' ମଗାଇ ନିଜ ନିଜ ଭିତରେ ପଢ଼ି ନିଅନ୍ତୁ । ତଦ୍ଦ୍ୱାରା ସେମାନେ 'ଡଗର' ସଂଜୀବିତ ହେବାରେ ସାହାଯ୍ୟ କରି ପାରିବେ ।

ଏଜେଣ୍ଟମାନଙ୍କୁ ଅନୁରୋଧ ଯେ ସେମାନେ ଠିକ୍ ଯେତିକି ବିକ୍ରୀ କରି ପାରିବେ ସେତିକି ୭ମ ବର୍ଷ ପ୍ରଥମ ସଂଖ୍ୟା ପ୍ରକାଶ ପାଇବାର ୧୫ ଦିନ ଆଗରୁ ଅର୍ଡ଼ର ଦିଅନ୍ତୁ ।

ଆଜି ଯେଉଁମାନେ ପ୍ରଚଳିତ ମୂଲ୍ୟ ଦେଇ ଗ୍ରାହକ ହୋଇଛନ୍ତି ବା ହେଉଛନ୍ତି ଓ ଯେଉଁମାନଙ୍କ ଗ୍ରାହକ କାଳ ୬ଷ୍ଠ ବର୍ଷ ଶେଷ ସଂଖ୍ୟା ସଙ୍ଗେ ସଙ୍ଗେ ପୂରଣ ହେବାକୁ ଡେର ଅଛି, ୭ମ ବର୍ଷର ବୃଦ୍ଧି ମୂଲ୍ୟ ଅନୁସାରେ ହିସାବ କରାଯାଇ ଗ୍ରାହକ କାଳ ପୂରିଯିବା ପୂର୍ବରୁ ସେମାନଙ୍କୁ ଜଣାଇ ଦିଆଯିବ । ଯେଉଁମାନଙ୍କର ଦେୟକାଳ ୬ଷ୍ଠ ବର୍ଷର ଶେଷ ସଂଖ୍ୟାରେ ପୂରୁଛି, ସେମାନେ ୭ମ ବର୍ଷର ବାର୍ଷିକ ଦେୟ ଟ ୩୷ କିମ୍ବା ଷାଣ୍ମାସିକ ଟ ୨୵ ମନିଅର୍ଡ଼ର ଯୋଗେ ଅମ ଅଫିସକୁ ପଠାଇ 'ଡଗର'କୁ ଅଯଥା ଭି: ପି: ଖର୍ଚ୍ଚାନ୍ତରୁ ବଞ୍ଚିତ କରି ବାଧିତ କରିବା ହେବେ ।

—ପରିଚାଳନା ବିଭାଗ—
'ଡଗର'

ପରିଚାଳନା ସମ୍ପାଦକ— ଶ୍ରୀ [illegible]ମୋହନ ଦାସ ।

[illegible]@gmail.com

# ଡଗର

୬ଷ୍ଠ ବର୍ଷ
୨୪ଶ ସଂଖ୍ୟା
ବୈଶାଖ ଦ୍ୱିତୀୟାର୍ଦ୍ଧ
ତା ୧୬-୫-୪୩

—ପାକ୍ଷିକ—
ବାର୍ଷିକ—ଟ ୨।
ପ୍ରତିସଂଖ୍ୟା—୵୦/
ବିଦେଶ—୵ ୩।


## ହୁକା ହୁକା ହୁଆ

[ ବିଲୁଆ ବିଚାର ]

ଜାତୀୟ ଯୁଦ୍ଧ ସାମ୍ମୁଖ୍ୟରେ ଦେଶରକ୍ଷା ପାଇଁ ଗୋଟାଏ ବେସରକାରୀ ଅନୁଷ୍ଠାନ ବୋଲି ଜଣାଥିଲା ଓ ସେହି ଉଦ୍ଦେଶ୍ୟରେ ଏହାର ଜନ୍ମ । ବର୍ତ୍ତମାନ ଜଣାପଡ଼ିଲା କି ଅର୍ଥ ପାଟମନ୍ତ୍ରୀ ମଣିମା ଏଥର ବେସରକାରୀଙ୍କୁ ରଦ୍ଦ କରି ସରକାରୀ ସ୍ୱଦରଥଙ୍କ ଦ୍ୱାରା ଏହାକୁ ଚଳାଇବେ । ନିଜେ ଅବଶ୍ୟ କର୍ତ୍ତା ହୋଇ ମୁଣ୍ଡ ଉପରେ ରହିବେ ।

ମହାରାଜ ବେସରକାରୀ ଭାବେ ଏହାର କର୍ତ୍ତା ଥିଲେ । ଏଇକ୍ଷିଣି କି ହିସାବରେ ରହିଲେ ତାହା ତାଙ୍କୁଇ ଜଣା । ବୋଧହୁଏ ସେ ନିଜେ ବେସରକାରୀଙ୍କ ପ୍ରତିନିଧିତ୍ୱ କରିବେ । ଅମ୍ଭେମାନେ ମହାରାଜାଙ୍କ ଏ ନିଷ୍ପତ୍ତିକୁ ପ୍ରଶଂସା କରୁଁ, କାରଣ ନିରଙ୍କୁଶ ଓ ଏକଚ୍ଛତ୍ର କ୍ଷମତା ନ ରହିଲେ ପାଞ୍ଚଜଣଙ୍କ ପଚିଶ କଥାରେ ବାଧା ପାଇ କୌଣସି କାମ ସୁରୁଖୁରରେ ଚଳି ପାରେନା ।

ଶ୍ରୀମୁଖଙ୍କ ଏତିକି ଅନୁରୋଧ କି ଗଣ୍ଡଗୋଳିଆ ବେସରକାରୀ ବ୍ୟବସ୍ଥା ସମସ୍ତଙ୍କୁ ଏଇପ୍ରକାରେ ରଦ୍ଦ କରି ଦେଇ କେବଳ ସରକାରୀ ସ୍ୱଦରଥଙ୍କ ସହାୟତାରେ ସେ ଯଦି ଓଡ଼ିଶାର ଏକଚ୍ଛତ୍ର ଶାସନ ଦଣ୍ଡ ଚଳାନ୍ତେ, ତେବେ ଦେଶର ବହୁତ ମଙ୍ଗଳ ହୁଅନ୍ତା ।

\+ × +

ଉତ୍କଳ ସାହିତ୍ୟ ସମାଜର ନୂଆ କର୍ମକର୍ତ୍ତା ବଛାବଛି ଶେଷ ହୋଇଗଲା । ପ୍ରଧାନ ସରକାରୀ ଓକିଲ ବୀରବାବୁ ସଭାପତି, ଅଭଙ୍ଗା କଣ୍ଢେଇ ଦିବାକର ବାବୁ ଉପସଭାପତି ଓ ଦେବୀ ସରଳାଦେବୀ ବ୍ୟବସ୍ଥାପକ (Secretary) ନିଯୁକ୍ତ ହୋଇଅଛନ୍ତି । ଉପପତ୍ନୀ ପଦ ସକାଶେ କୁଆଡ଼େ ଲତିକା ଦେବୀଙ୍କ ନାମ ପ୍ରସ୍ତାବିତ ହୋଇଥିଲା । ମାତ୍ର ବୋଧହୁଏ ରାୟ ଭବନରେ ସ୍ୱପତ୍ନୀ ଥାଇ ରାମଚନ୍ଦ୍ର ଭବନରେ ଉପପତ୍ନୀ ହେବାଟା ତାଙ୍କ ପକ୍ଷେ ସମ୍ମାନହାନିକର ହେବାରୁ ସେ ହୋଇ ପାରିଲେ ନାହିଁ । ଶ୍ରୀମତୀ ସରଳା ବର୍ତ୍ତମାନ ଏ ଦୁଇ ସଭାପତିଙ୍କୁ ନେଇ ରାମଚନ୍ଦ୍ର ଭବନର ଗୃହକର୍ମ ସମାଧାନ କରି ନେବେ । ଏହା ଲତିକା ଦେବୀ ଚାହିଁଲେ, ତାହାର କିଛି ଆପତ୍ତିର କାରଣ ରହିବ ନାହିଁ ।

× + ×

ଇତି ମଧ୍ୟରେ ଅନେକେ କହିବାକୁ ଆରମ୍ଭ କଲେଣି କି ଏଥରକାର ନିର୍ବାଚିତ ସମାଜ କର୍ମକର୍ତ୍ତାବୃନ୍ଦଙ୍କ 'ସାହିତ୍ୟ' ସମ୍ବନ୍ଧ ଇମିତି ଟାଣୁଆ ନୁହେଁ ଯେ ଯାହା ବଳରେ ସେମାନେ ଦେଶର ସର୍ବପ୍ରଧାନ ସାହିତ୍ୟ ମଣ୍ଡଳୀର ନେତୃତ୍ୱ ନେଇ ପାରିବେ ।

ଆମେ କିନ୍ତୁ ଏ କଥାର ପ୍ରବଳ ପ୍ରତିବାଦ କରୁଁ ଓ ଦରକାର ପଡ଼ିଲେ ନିଷ୍କ୍ରିୟ ପ୍ରତିରୋଧ କରିବାକୁ ମଧ୍ୟ ପ୍ରସ୍ତୁତ । ଦିବାକରବାବୁ ଏବେବେଲକଙ୍କ ଆସରେ ଯଦିଓ ଅଭଙ୍ଗା କଣ୍ଢେଇ ରୂପରେ ଅଧିକ ପରିଚିତ, ସେ ଜଣେ ପୁରୁଣା ସାହିତ୍ୟିକ ପୁରୁଷ ବୋଲି ପୁରୁଣା ଲୋକଙ୍କୁ ଜଣା । ସରଳା ଦେବୀଙ୍କ କଥା ନ ଜାଣେ କିଏ ? ତାଙ୍କର ସାହିତ୍ୟ ପ୍ରୀତି ଯେ ଦେଶ ପ୍ରୀତି ବା ଜନପ୍ରୀତି ଠାରୁ କୌଣସି ଅଂଶରେ ଊଣା ନୁହେଁ ଏହା ସର୍ବଜନ ବିଦିତ । ସେ କେବଳ ସାହିତ୍ୟ ରସିକ ନୁହନ୍ତି, ସୁସାହିତ୍ୟର ପ୍ରସୂତି ମଧ୍ୟ । ବାକି ରହିଲା ବୀର ବାବୁଙ୍କ କଥା । ବୀରବାବୁ ଅବଶ୍ୟ ନଭେଲ, ନାଟକ, କବିତା ଲେଖି ନାହାନ୍ତି । ମାତ୍ର ବ୍ୟାପକ ଅର୍ଥରେ ସାହିତ୍ୟର ପରିସର କାବ୍ୟ, ନାଟକ ଠାରୁ ଅନେକ ବେଶି । ଆଇନଟା କଣ ସାହିତ୍ୟ ଭିତରେ ନୁହେଁ ? ଅତଏବ ପ୍ରଧାନ ଆଇନ ବେତ୍ତା ବୀରବାବୁ ଅଲବତ୍ ଜଣେ ପ୍ରଧାନ ସାହିତ୍ୟିକ ।

\+ × ×

Digitized by srujanika@gmail.com

କଥାରେ ଅଛି—ବେବୌଲ ନୌକର ହୁକ୍‌ମନ ଚଲାବର । ଆମ ଦେଶର ମନ୍ତ୍ରୀମାନେ କଥାକୁ କେବଳ ନୌକର ହେଲେ ମଧ୍ୟ ଅସଲରେ ଲାଟ ସାହେବଙ୍କ ବୋକସ୍ୱବୁହା । ଏ ସତ୍ୟଟା ଏବେ ପ୍ରତାରିତ ବଙ୍ଗମନ୍ତ୍ରୀ ହକ୍ ସାହେବ ପ୍ରକାଶ କରି ଦେଇଛନ୍ତି । ସେ ତାଙ୍କ ପ୍ରଭୁ ଲାଟଙ୍କ ମନ ରଖି ନ ପାରି ଏବଂ ସ୍ୱକର ହୋଇ ନିଜ ମୁଣ୍ଡକୁ ନିଜ ପ୍ରଭୁ ପକ୍ଷୀଅ ଲାଭ କରିବାକୁ ଯାଇ ଯେପରି ଲାଞ୍ଛିତ, ବଞ୍ଚିତ ହୋଇ ବାନା ହରାଇଲେ, ତାହା ଦେଖି ମନ୍ତ୍ରୀମାନଙ୍କର ଆତ୍ମସମ୍ମାନ କେତେ ତାହା ବେଶ ଜଣା ପଡ଼ୁଛି । ଯଦି ସ୍ୱକର ଗ୍ରହଣ କରି ମୁଣ୍ଡ ବିକିଲ, ତେବେ ମନିବର ମନ ରଖି ଚଳିବା ଉଚିତ । ତାହା ନ କରି ଯେ ଦୁଇ ନାବରେ ଗୋଡ଼ ଦେଇ ଦୁଇ କୂଳ ବଞ୍ଚାଇ ଚଳିବାକୁ ମନ କରିବ, ତାର ହକ୍ ଦଶା ହେବ ସ୍ୱାଭାବିକ । ଏଥିରେ କାହାରିକୁ ଦୋଷ ଦେବା ବୃଥା ସିନା ।

× + ×

ଚର୍ଚ୍ଚିଲ ସାହେବ ଅଜ ଯାହା କୁହନ୍ତୁ, ବଡ଼ ଦିନ୍ ଖୋଲସା ଲୋକ ବୋଲି ବିଖ୍ୟାତ । ସେ ଏବେ ଗୋଟାଏ ଗୁପ୍ତ କଥା ପେଟରେ ରଖି ନ ପାରି ହାଟରେ ପକାଇ ଦେଇଛନ୍ତି । ବିଲାତରେ ଏକ ବକ୍ତୃତା ଦେବାବେଳେ ସେ କହିଲେ କି—"ହିଟଲର ୧୯୪୧ରେ ଯେ ଇଂଲଣ୍ଡ ଆକ୍ରମଣ କଲେ ନାହିଁ, ସେଇଟା ତାଙ୍କର ମସ୍ତ ବୋକାମି । ଆମର ସେତେବେଳେ ଯୁଦ୍ଧ ସରଞ୍ଜାମ ପ୍ରାୟ କିଛି ନ ଥିଲା । ସେ ଇଂଲଣ୍ଡକୁ ପଶିଆସିବା ମାତ୍ରକେ ଆମ ଅବସ୍ଥା ଦାଗଣ୍ଡା ଭେକଡ଼ା ହୋଇ ଯାଇ ଥାଆନ୍ତା ଏବା ।

ପୁଣି ଜାପାନ ଭାଷ୍ଟିଁ ବୋକା । ସେ ପହିଲୁ ଅଷ୍ଟ୍ରେଲିଆର ଫଳବନ୍ଦର ଆକ୍ରମଣ ନ କରି ଯଦି ଭାରତ ଅଡ଼ିକୁ ଅଗେଇ ଥାଆନ୍ତା ତେବେ ଆମେ ତାକୁ ଅଟକେଇବା କାଟିକର ପାଠ ହୋଇ ଥାଆନ୍ତା । ଏ ଭୂଲ ତାଙ୍କର ଅଜ ମୁଧୁରିବାର ଉପାୟ ନାହିଁ । କାରଣ ଆମେ ଏବେ ବହୁତ ବଳ ଜମେଇ ଦେଲୁଣି ।" କଥାଟା ଶୁଣି ଆମକୁ କାଲି ଅଗରେ ମୂଳା ସୁବାଇବା ପରି ଲାଗିଲେ ମୂଖ୍ୟ, ଆମେ କହୁଛୁ—ଆମକୁ ଦଇବ ରଖିଲା ।

\+ + +

କହୋଇ ଦାନକୁ ଦାନ ଯେପରି ଚାଲିକ ଉଠୁଛି ଓ ଦୁଇ ପକ୍ଷରୁ ଯେପରି ବାହାଦୁରିଆ ରଡ଼ ଶୁଣା ଯାଉଛି, ସେଥିରେ ନିକଟ ଭବିଷ୍ୟତରେ ଲଢ଼େଇ ଛିଣ୍ଡିବାର ଲକ୍ଷଣ କିଛି ଦେଖା ଯାଉନାହିଁ । ଏଣେ ଆମ ପ୍ରାଣ କଣ୍ଠାଗତ ହେବା ଉପରେ । ଏ ବିଷୟରେ ଗୋଟାଏ ଭଲ ଖବର କଥା ଶୁଣିଲେ ଛାତିରେ ଟିକିଏ ବଳ ଆସୁଛି । ଶୁଣାଯାଉଛି କି ହିଟଲରଙ୍କ ବନ୍ଧୁ ବାନ୍ଧବଗଣ ଗୋଟିକ ଗୋଟି ଖସା ଖୁଣିବାକୁ ବସିଲେଣି । ଇଟାଲି ତାର ଭୂଲ ବୁଝି ପାରିଲାଣି । ରୁମାନିଆ ବ୍ୟସ୍ତ ହୋଇ ପଡ଼ିଲାଣି । ଫିନଲଣ୍ଡ ମିତ୍ରଙ୍କ ସନ୍ଧି କରିବାକୁ ବସିଲାଣି । ବୁଲଗେରିଆ ଚଉଁକିଛି । ଆଉ ରହିଲା କିଏ ? ଏକା ଜାପାନ ? ଏ ସବୁ ଖଡ଼ ପଡ଼ିଲେ ଏକା ଦିନକେ ହିଟଲର ମୁହଁଖୁଡ଼ି ପଡ଼ିବ । ଏଣୁ ଭାଇମାନେ ହତାଶ ହୁଅନାହିଁ, ଅଳ୍ପ ଅପେକ୍ଷା କର । ଆମ ମୁକ୍ତି ମୁଣ୍ଡ ଉପରେ ।

× + +

କାଏଦ ଆଜମ ଜନାବ ଜିନ୍ନା ସାହେବଙ୍କରୁ ବୋଲବାଲ ! ବ୍ରିଟିଶ ଶାସକ ମଣ୍ଡଳୀର ଅନୁଗ୍ରହରେ ପାକିସ୍ଥାନ ପ୍ରାପ୍ତ ହାସଲ ହୋଇଗଲା । ଜିନ୍ନା ସାହେବ ଜୀବନର ସାଧ ପ୍ରାପ୍ତ ମେଣ୍ଟିଗଲା । ତାଙ୍କ ସ୍ୱପ୍ନ ସଫଳ ହୋଇଗଲା ପରା ! ସିନ୍ଧୁ, ପଞ୍ଜାବ, ଆସାମର ମନ୍ତ୍ରି ସଭବାର ଲିଗ ହାତରେ । ବଙ୍ଗଳା ନୂଆ କରି ଆମଦାନି ହେଲା ବାକି ସୀମାନ୍ତ ପ୍ରଦେଶରେ କାଏଦା ଚାଲିଛି । ସେତକ ହୋଇ ପାରିଲେ ବିଲକୁଲ ଲିଗ ! ଜନାବ ଜିନ୍ନାଙ୍କ ଜୟ ! ମୁସଲିମ୍ ଲିଗ୍ ଜିନ୍ଦାବାଦ !

× × +

ଗାଳକଟା ମୁହଁରେ ରାମ ନାମ ଶୁଣିବାକୁ ଯେପରି ମଠାଳିଗେ, ଜିନ୍ନା ସାହେବଙ୍କ ମୁହଁରେ ଭାରତଜ ଗରମାଗରମ୍ ବୋଲି ଉଦ୍ଧଁଚଳ ବଡ଼େ ମଟକିଦାର । ଲିଗ୍ ବୈଠକରେ ସେ ପ୍ରେମ ଗଦଗଦ ଭାବରେ ଭାଷିଛନ୍ତି କି—ଅଜ ଯଦି ହିନ୍ଦୁ ମୁସଲମାନ ମିଳି ଯାଆନ୍ତେ ତେବେ ଆମେ ଭାରତରୁ ବ୍ରିଟିଶ ବାହାରି ଯାଉ ବୋଲି କହି ପାରନ୍ତେ । ଜିନ୍ନାଙ୍କ ଭଳି ଦେଶହିତୈଷୀ ଓ ଜାତି ପ୍ରେମିକଙ୍କ ମୁହଁରୁ ଏକଥା ବାହାରିବା ବିଚିତ୍ର ନୁହେଁ । ସେ ତ ମହାତ୍ମା ଗାନ୍ଧିଙ୍କ ଠାରୁ ଉଣା ନୁହନ୍ତି । ଗାନ୍ଧି ଯେତେବେଳେ ବ୍ରିଟିଶଙ୍କୁ 'ଭାରତ ଛାଡ଼' (quit India) ବୋଲି କହିପାରି

(ଅବଶିଷ୍ଟାଂଶ ୮ମପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

କଥାଟିଏ କହୁଁ...

# କୁଳଟା

ଲେଖକ—ଶ୍ରୀ ବସନ୍ତ କୁମାର ପାଳ

କାହାଣୀ

କଚେରୀ ଘଡ଼ିରେ ଟାଂ ଟାଂ କରି ୫ଟା ବାଜିଲା । ମୁଁ କଚେରୀରୁ ଫେରି ପୋଷାକ ବଦଳାଇ ଦାଣ୍ଡ ଦୁଆର ବେଲ୍‌କନରେ ଯାଇ ବସିଲି । କର୍ମକ୍ଲାନ୍ତ ଶରୀରଟିକୁ ଗୋଟିଏ ଆରାମ ଚୌକି ଉପରେ ଲମ୍ବାଇ ଦେଇ ଗୋଟିଏ ସିଗାରେଟ୍ ଲଗାଇଲି । ଅନ୍ୟମନସ୍କ ଭାବରେ ସିଗାରେଟ୍ ଧୂଆଁର କୁଣ୍ଡଳୀ ଓ ଗତିବିଧି ଲକ୍ଷ କରୁଥାଏ । ନିସ୍ତବ୍ଧ-ତା ଭଙ୍ଗ କରି ଗେଟ ପାଖରେ କରୁଣ କିଏ ଚିତ୍କାର କରି ଉଠିଲା—"ବାବୁ ଗୋଟିଏ ପଇସା ମିଳୁ ।" ହଠାତ୍ ଏ ରୁକ୍ଷ ସ୍ୱରଟା ଶୁଣି କର୍ମକ୍ଲାନ୍ତ ମନଟା ମୋର ବିଦ୍ରୋହୀ ହୋଇ ଉଠିଲା । ପାଟିକରି ଉଠିଲି, "ଯା ପଳା ଏଠୁ । ମଣିଷକୁ ଟିକିଏ ବସେଇ ବି ଦେବେ ନାହିଁ । ଖଟି କରି ଖାଉନ । ତୁମ ବାବା କ'ଣ ଏଠି ଧନ ସାଇତି ରଖିଯାଇଛି ଯେ—" [illegible]କୁ ମୋର ଆଉ ଆଗରେ କଥା ବାହାରିଲା ନାହିଁ, ଅନାଇ ଦେଖିଲି ଗୋଟିଏ ଭିକାରୁଣୀ ସତୃଷ୍ଣ ନୟନରେ ମୋ ଆଡ଼କୁ ଅନାଇ ରହିଛି । ଦୃଷ୍ଟି ତାର ବଡ଼ କରୁଣ । ସେହିପରି ସେ କିଛି ସମୟ ଠିଆ ହୋଇ ତା'ପରେ ଧୀରେ ଧୀରେ ଆଗକୁ ଚାଲିଲା ।

ଭିକାରୁଣୀର କରୁଣ ଚାହାଣୀ କିନ୍ତୁ ମୋର ମନକୁ ତରଳାଇ ଦେଲା । ଗୋଟାଏ ଅଜଣା ସହାନୁଭୂତି କାହିଁକି କେଜାଣି ମୋ ମନରେ ଜାଗି ଉଠିଲା । ପଛଆଡ଼ୁ ଡାକିଲି "ଭିକାରୁଣୀ !" ଭିକାରୁଣୀ ତାର କ୍ଷୀଣ କଣ୍ଠରେ ଉତ୍ତର ଦେଲା, "ବାବୁ !" ଏହି "ବାବୁ" ଶବ୍ଦଟି ଯେପରି ତାର ଶୁଷ୍କ ପଞ୍ଜରା ଭେଦ କରି ବାହାରି ଆସିଲା । ତାକୁ ପାଖକୁ ଡାକିଲି । ପାଖକୁ ଆସି ସେ ମୁଣ୍ଡ ପୋତି ଛିଡ଼ା ହେଲା । ଦେଖିଲି ଭିକାରୁଣୀ ଗୋଟିଏ ତରୁଣୀ । ସାତ ସିଅଁ ଗାମୁଛା ଖଣ୍ଡିକ ସେ ଘୋଡ଼ି ଦେଇ ପିନ୍ଧିଛି କେବଳ ଲଜ୍ଜା ନିବାରଣ ପାଇଁ । ଅନାହାରରୁ ପେଟ ତାର ପିଠିକି ଲାଗି ଯାଇଛି । ମୁଣ୍ଡର ବାଳଗୁଡ଼ିକ ଅସଂଯତ ଭାବରେ ଫୁରଫୁର ହୋଇ ଉଡ଼ୁଛି, ଯେମିତି କେତେଦିନ ହେଲା ସେଥିରେ ଟିକିଏ ତେଲ ବାଜି ନାହିଁ । ଭିକାରୁଣୀର ଏ ଜୀର୍ଣ୍ଣ ମଳିନ ବେଶ ଦେଖି କାହିଁକି କେଜାଣି ତା ବିଷୟରେ କିଛି ଜାଣିବା ପାଇଁ ବଡ଼ କୌତୂହଳ ହେଲା । ଏକାବେଳକେ ପଚାରିଗଲି, "ତୋ ଘର କେଉଁଠି, ନା କ'ଣ, ଭିକ ମାଗୁଛୁ କାହିଁକି ?" ମୋର ଏତେଗୁଡ଼ାଏ ପ୍ରଶ୍ନ ଶୁଣି ଭିକାରୁଣୀ ମୁଣ୍ଡ ଟେକି ଧୀରେ ଧୀରେ କହିଲା, "ଏ ଅଭାଗୀର କାହାଣୀ ଶୁଣିବାକୁ ତୁମ ମନ ବଳୁଛି ବାବୁ ?" ଦେଖିଲି ଭିକାରୁଣୀର ଚକ୍ଷୁରେ ବଡ଼ ବଡ଼ ଦି ଟୋପା ଲୁହ । ଭାରି ଦୁଃଖ ହେଲା ।

ବାସ୍ତବିକ ଏପରି ପ୍ରଶ୍ନ କରିବାହିଁ ମୋର ଅନ୍ୟାୟ । ବ୍ୟର୍ଥ ଜୀବନର କଥା ତାକୁ ମନେ କରେଇ ଦେଇ କେତେ ବଡ଼ ଆଘାତ ମୁଁ ତାକୁ ଦେଲି ଜାଣେନା.........ହାୟ ! ଏମାନଙ୍କ ଉପର ଭଗବାନ କଷାଇ ରାଗନ୍ତି କାହିଁକି ? ଯାହାଙ୍କ ଜୀବନ କେବଳ ବ୍ୟର୍ଥରେ, ଦୁଃଖରେ, ନୈରାଶ୍ୟରେ ଭରା ସେମାନଙ୍କୁ ବଞ୍ଚେଇ ରଖି ତୁମେ କି ସୁଖ ପାଅ ? ଏପରି ନ କଲେ କଅଣ ତୁମର ସୃଷ୍ଟି ପୂର୍ତ୍ତିତା ଲାଭ କରେନାହିଁ ? + + କରନ୍ତା ନାହିଁ ବୋଧହୁଏ ! ତାହାହେଲେ ମନୁଷ୍ୟ ମନୁଷ୍ୟକୁ କରନ୍ତା ନାହିଁ ଦୟା । ନ ଥାନ୍ତା ଅତ୍ୟାଚାରୀ ଧନୀର ନିର୍ମମ ପୀଡ଼ନ । ଆଉ ବୁଭୁକ୍ଷୁ ତାର ଦୁଃଖ ଓ ନୈରାଶ୍ୟର ଭାର ବୋ'ଝ ବହି ସୃଷ୍ଟି ବିରୁଦ୍ଧରେ ଯୁଦ୍ଧ ଘୋଷଣା କରନ୍ତା ନାହିଁ । ସୃଷ୍ଟିର ଆରମ୍ଭରୁ ଆସନ୍ତା ସମତା ବା ସାମ୍ୟବାଦ ।

କହିଲି—"ତୁମକୁ ଏପରି କଥାଗୁଡ଼ାକ ପଚାରି ବଡ଼ ଭୁଲ କରିଛି । ତୁମ ମନରେ ଏପରି କଷ୍ଟ ହେବ ଜାଣିଥିଲେ, ହୁଏତ ମୁଁ ପଚାରି ନ ଥାନ୍ତି ।" ଭିକାରୁଣୀ କହିଲା—"ନାହିଁ ବାବୁ, ମୋର ପୁଣି ଗୋଟାଏ କଷ୍ଟ କଅଣ ? ଯାର ଇହକାଳ, ପରକାଳ ସମସ୍ତ ପୋଡ଼ି ଯାଇଛି, ତା ମନରେ ଫେର ଗୋଟାଏ କଷ୍ଟ ହେବ କେମିତି ? ମୋ କଥା ତୁମକୁ ନ କହିବି ତ ଆଉ କହିବି କାହାକୁ ?"

"ଦୁର୍ଭାଗ୍ୟ ଓ ଅଲକ୍ଷ୍ମୀର ପଟ୍ଟଶିଷ୍ୟା ହୋଇ ଜନ୍ମିଥିଲି ବୋଲି—ମୋର ନାମ କରଣ ସମୟରେ ମୋ ବାପା ମା' ଯେତେବେଳେ ମୋ ନାମ ରଖିଲେ "ସତୀ" ମୋର ବିଧାତାପୁରୁଷ ସେତେବେଳେ ଅଲକ୍ଷିତରେ ରହି ଗୋଟାଏ ବେଶ ମଜା କରି ହସି

Digitized by srujanika@gmail.com

ବେଳେ । କାରଣ ସେମାନଙ୍କ ଦୃଷ୍ଟି ଏହି ନାମର ସାର୍ଥକତା ଅଚିରେ ମିଥ୍ୟା ପ୍ରତିପନ୍ନ ହେବ ବୋଲି । ଦୁଇ ତିନ ବର୍ଷ ନ ହେଉଣୁ ମା ମରିଗଲେ—ମୋର ଅସଲ ଦୁର୍ଭାଗ୍ୟଟା ନିଜ ଆଖିରେ ଦେଖି ଯିବେନାହିଁ ବୋଲି । ସେହିଦିନ ମୁଁ ବାପାଙ୍କର ଭାରି ଆଦରର ହୋଇ ପଡ଼ିଲି । ମୋତେ ଦଣ୍ଡେ ନ ଦେଖିଲେ ଯେବେ ତାଙ୍କୁ ଚାରିଆଡ଼ ଅନ୍ଧାର ଦେଖାଯାଏ । ତେଣୁ ମା'ଙ୍କର ଅଭାବଟା ମୋତେ ସେତେବେଳେ ସେତେ ବାଧିଲା ନାହିଁ ।

ବାପା ମୋର ସେତେବେଳେ କାମ କରୁଥିଲେ ପଦ୍ମପୁର ଜମିଦାରଙ୍କ ସିରସ୍ତାରେ । ମୁଁ ସେତେ-ବେଳେ କିଶୋରୀ, ଜମିଦାରଙ୍କର ଆଦରିଣୀ କନ୍ୟା "ଅନୁ" ହେଲା ମୋର ଖେଳର ସାଥି । ପ୍ରତିଦିନ ମୁଁ ବାପାଙ୍କ ସାଙ୍ଗରେ ଜମିଦାରଙ୍କ ଘରକୁ ଯାଏଁ । ବାପା କାମ କରନ୍ତି କଚେରୀରେ, ଆଉ ମୁଁ ଖେଳେ ଅନୁ ସାଙ୍ଗରେ । ଏହିପରି ଭାବରେ କେତେବେଳେ କୈଶୋର ଅତିକ୍ରମ କରି ଯୌବନ ଛୁଇଁଲି, ତାହା ଜାଣି ପାରିଲି ନାହିଁ । କିନ୍ତୁ ଦିନେ ତାର ଉନ୍ମାଦନା ମୋତେ ଉପଲବ୍ଧି କରିବାକୁ ହେଲା ।

"ଅନୁ ପାଖରୁ ଦିନେ ଶୁଣିଲି ଯେ ତାର ଭାଇ ବ୍ରଜେନ୍ଦ୍ର ଆଜି ଘରକୁ ଆସିବେ । ପୂଜା ଛୁଟି ପାଇଁ ତାଙ୍କ କଲେଜ ବନ୍ଦ ହେବ ବୋଲି । ମନୁର ସେଦିନ ଆନନ୍ଦ କହିଲେ ନ ସରେ । ଭାଇ ତାର ତା ପାଇଁ କେତେ ଗପ ବହି, ଖେଳନା ଆଣିବେ ବୋଲି । ଅନୁ ଆଉ ମୁଁ ତାଙ୍କ ବାଡ଼ିପଟେ ଖେଳୁ-ଥାଉଁ, ହଠାତ୍ ସାଇକେଲ୍ ଘଣ୍ଟି ଟିଂ ଟିଂ କରି ଉଠିଲା । ପଛଆଡ଼କୁ ଚାହିଁ ଦେଖିଲି, ଅନୁର ଭାଇ ସାଇକେଲଟି ଧରି ମୁରୁକି ମୁରୁକି ହସୁଛନ୍ତି । ଅନୁ ଗୋଟାଏ ଡିଆଁ ମାରି ତା ଭାଇ ପାଖକୁ ଦଉଡ଼ି ଗଲା । ତାପରେ ସେ ମୋ ପାଖକୁ ଆସି କହିଲେ, "କଲେ ! ସତୀ ନା କିଏ ? କେଡ଼େଟିଏ ହେଇ ଗଲୁଣି ମ ?" ଲାଜରେ ମୋ ଦିହ ଗୋଟିପଣେ ଥରୁଥାଏ । କଡ଼େଇ କରି ଚାହିଁଲି, ଅନୁଭାଇ ମୋ ଦିହ ମୁଣ୍ଡ ଆଡ଼କୁ ବେହିଆଙ୍କ ପରି ଚାହିଁଛନ୍ତି । ସତେକି ଗିଳି ପକେଇବେ ନା କଅଣ । ଦଉଡ଼ି ପଳାଇବାକୁ ବସି-ଥିଲି, କିନ୍ତୁ ପଛଆଡ଼ୁ ଅନୁ ଆସି ମୋ ପଣତ କାନି-ଟିକୁ ଟାଣି ଧରି କହିଲା, "କଲେ ! ବ୍ରଜଭାଇ ପରା, ଲାଜ କରୁଛୁ କାହାକୁ ?" ଦିହରୁ ମୋର ଲୁଗା ଖସି ପଡ଼ିଲା । ଛି ବାବୁ, ସେଗୁଡ଼ାକ ସବୁ ଆପଣଙ୍କ ଆଗରେ କହିବି କିପରି ?"

କହିଲି—'ତାପରେ ?'

"ତାପରେ ଉଦ୍ଦାମ ଯୌବନର ତେଜ ମୋର ଦିନେ ଭାଙ୍ଗିଗଲା କୂଳ କିନାରା ନ ମାନି । ଅନୁ ଘରେ ମୁଁ ଦିନେ ଏକୁଟିଆ ବସି କଅଣ ଗୋଟେ ବହି ପଢୁଥାଏଁ । ଅନୁ ଥାଏ ଘର ଭିତରେ । ଏହି ସମୟରେ କାହାର ଦୁଇଟି ଶୀତଳ ହସ୍ତ ପଛପଟୁ ଆସି ଆଖି ଦୁଇଟିକୁ ମୋର ବନ୍ଦ କରିଦେଲା । ଭାବିଲି ଏବା ଅନୁ । କିନ୍ତୁ ହାତ ବୁଲାଇ ଜାଣିଲି ଯେ ଆଗନ୍ତୁକର ହାତରେ ଗୋଟିଏ ହାତବନ୍ଧା ଘଡ଼ି । ଦିହଟା ମୋର ଶିର୍ ଶିରେଇ ଉଠିଲା ।

କିନ୍ତୁ ବାବୁ ! ମୁଁ ସେତେବେଳେ ହଠାତ୍ ଏକ ନୂଆ ଜଗତରେ ଜାଗି ଉଠିଲି, ଅନୁଭବ କଲି ଭିତରେ ଭିତରେ ଗୋଟିଏ ଅନନୁଭୂତ ସରସତା—ନୂଆ କେବଳ ପୁରୁଷର ଅଢ଼ପାଖ, କାନର ଅନ୍ତରଙ୍ଗ, ଚକ୍ଷୁ ମନର ବିକାର । ଆଉ ସରସତା କେବଳ ଦିହଘଷା ପ୍ରକୃତିର ଅଢ଼େଇ ଦିନିଆ ମୋହ, ମନର ସାମୟିକ ଜୁଆର । ସେହି ସରସତାର ଅନ୍ତରାଳରେ ଥିଲା ସୂକ୍ଷ୍ମ ମାଦକତା । ସେଥିପାଇଁ ସରସତା ସମୟ ସମୟରେ ପରିଣତ ହୁଏ, ଦୁନିଆଁଛଡ଼ା 'ଉଦ୍ଦାମ-ତାରେ । ସେଥିପାଇଁ ସେତେବେଳେ ତାଙ୍କୁ ବାଧା ଦେବାପାଇଁ ମୋର ଶକ୍ତି ନ ଥିଲା । ସେହିଦିନଠାରୁ ମୋର ଏ ଦେହର ଅଧିକାରୀ ହେଲେ ବ୍ରଜଭାଇ । ତାପରେ ଯେ ଆମେ ସୁଖ ସ୍ୱପ୍ନରେ ମସ୍‌ଗୁଲ ହୋଇ କେତେ ଆଶାର ସୌଧ ଗଢ଼ିଗଲୁଁ ତାର ଇୟତ୍ତା ନାହିଁ ।

କିନ୍ତୁ ସୁଖ ପରେ ଦୁଃଖ ଆସେ, ଠିକ୍ ଦିନ ପରେ ରାତି ଭଳିଆ । ଆଲୁଅ ଅନ୍ଧାରରେ ଚିରନ୍ତନ ଖେଳର ବିରାମ ନାହିଁ, ବିଶ୍ରାମ ନାହିଁ । କଥାଟି ବେଶିଦିନ ଛପି ରହିଲା ନାହିଁ । କଥାଟା ପ୍ରଥମେ ଜାଣିଲା ଅନୁ । ବ୍ରଜଭାଇ ଆଗଥର ପରି ଫେରି କଲିକତା ଫେରିଯିବାକୁ ବ୍ୟଗ୍ର ହେଲେ ନାହିଁ । ଆଗରୁ ତାଙ୍କୁ ମଫସଲ ଗାଁ ଭଲ ଲାଗୁ ନ ଥିଲା ବୋଲି ସହରକୁ ଫେରିଯିବାକୁ ବ୍ୟସ୍ତ ହୋଇ ପଡ଼ୁଥିଲେ । ସେଥିପାଇଁ ଅନୁ ଥଟ୍ଟା କରି ତାଙ୍କୁ କହେ—"ଭାଇ ବର୍ତ୍ତମାନ ସହୁରିଆ ହୋଇ ଗଲେଣି । ଭାଇର ଗାଁରେ ମନ

Digitized by srujanika@gmail.com

ମାନବ କପରେ ? ଏଠାରେ କାହିଁ ଇଡେନ୍ ଗାର୍ଡେନ୍ କାହିଁ ମେଟ୍ରୋ ସିନେମା, କାହିଁ ବା କ୍ଲବ୍—"

ଏଥର କିନ୍ତୁ ସହରର ଗାଁ ନିକଟରେ ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହୁଏ । ବ୍ରଜ ଭାଇଙ୍କର ଗାଁ ପ୍ରତି ମମତାଟା ବଢ଼ି ଯାଏ ଏବଂ ସେ ଅଉ କିଛିଦିନ ଏଠାରେ ରହିବାକୁ ଇଚ୍ଛା କଲେ କେବଳ ମୋର ପାଇଁ । ଜମିଦାର କହିଲେ—"ବେଶ ଅଉ କିଛିଦିନ ରହିପାର, ତୁମର ପଢ଼ାଶୁଣାର ଅସୁବିଧା ନ ହେଲେ ହେଲା ।" ବ୍ରଜଭାଇ କହିଲେ, "ଗାଁ ର ନିର୍ଜନତାରେ ପଢ଼ାଶୁଣାର ଟିକିଏ ସୁବିଧା ହେବ ।" ଏକଥା କିନ୍ତୁ ଅନୁ ପାଖରେ ଲୁଚାଇବାର ସେତେବେଳେ ଉପାୟ ନ ଥିଲା । ତେଣୁ ସେ କହେ, "ନିର୍ଜନତାରେ ପଢ଼ାଶୁଣାର ସୁବିଧା ହେବ ନା, ସତୀ ସାଙ୍ଗରେ ପ୍ରତି-ଦିନ ଦେଖା କରିବାକୁ ସୁବିଧା ହେବ ?" କଥାଟା ଜମିଦାର ଗୃହିଣୀ ନିକଟରେ ଉତ୍‌ଥାପନ କରିବାକୁ ଅନୁ ଅଉ ଡେରି କଲେନି । ସେ କହିଲେ, "ସେମାନେ ଯେ ଗରିବ, ସେ କଣ ଏଥିରେ ରାଜି ହେବେ ? ବଂଶ ମର୍ଯ୍ୟାଦା ଯେ ତାଙ୍କ ପାଖରେ ସବୁଠାରୁ ବଡ଼ ଜିନିଷ ।" ଜମିଦାର ମଧ୍ୟ ସେକଥା ଶୁଣି କହିଲେ, "ସୁନ୍ଦରୀ ଏବଂ ଭଲ କନ୍ୟାଟିଏ ହେଲେ, ମହାପାତ୍ର ବଂଶର ବଧୂ ହେବା ସମ୍ଭବପର ନୁହେଁ ।"

ଏହି ସମୟରେ ବ୍ରଜଭାଇଙ୍କୁ ଫେରିଯିବାକୁ ହେଲା କଲିକତାକୁ, କେବଳ ତାଙ୍କ ପିତାଙ୍କର ବାଧ୍ୟ ବାଧକତାରେ । ଯିବାବେଳେ କହିଲେ, "ସତୀ ! ତୁମପାଇଁ ମୁଁ ସବୁ କିଛି ତ୍ୟାଗ କରିବାକୁ ପ୍ରସ୍ତୁତ— ବର୍ତ୍ତମାନ ମୁଁ କେବଳ ତୁମର ମନ କଥାଟି ଜାଣି-ବାକୁ ଚାହେଁ ।" ସେତେବେଳେ ତାଙ୍କୁ କହିଲି, "ମୋର ମନର କଥା କଣ ତୁମେ ଜାଣନାହିଁ, କିନ୍ତୁ ଗୁରୁଜନ ଅମ ପାଇଁ ଯେପରି ବାଧା—।" ବ୍ରଜଭାଇ ଖୁବ୍ ଜୋର ଦେଇ କହିଲେ, "କୌଣସି ବାଧା ମୁଁ ମାନିବିନି ।"

କହିଲି—"ତାପରେ ?"

ତାପରେ ବାବୁ ଯାହା ସବୁ ଘଟିଛି, ସେ ସବୁ ଶୁଣିବା ପାଇଁ ତୁମ ଧୈର୍ଯ୍ୟ ରହିବ କି ନା ଜାଣେନା । କିଛିଦିନ ପରେ ନାରୀର ଗୌରବର ବସ୍ତୁ ମାତୃତ୍ୱର ଲକ୍ଷଣ ମୋ ଦେହରେ ପ୍ରକାଶ ପାଇଲା । ଜଗତରେ ନାରୀ ଜାତି ଯେଉଁ ପାଇଁ ନିଜକୁ ଭାଗ୍ୟବତୀ ବୋଲି ମନେ କରେ, ଶେଷକୁ ତାହାହିଁ ହେଲା ମୋର ଦୁର୍ଦ୍ଦଶାର କାରଣ ।

ବାପା ଏ କଥା ଯାଇ ଜମିଦାରଙ୍କୁ କହିଲେ । କିନ୍ତୁ ତହିଁପରବର୍ତ୍ତେ ସେ ଜମିଦାରଙ୍କଠାରୁ ପାଇଲେ କେବଳ ଘୃଣା ଓ ଅପମାନ । କହିଲେ—"ଛିଃ ତୁମର କୁଳଟା, ଅସତୀ, ବେଶ୍ୟା ଇତ୍ୟାଦି । ପୁଅକୁ ମୋର ବୃଥା ଅପବାଦ ଦେବାକୁ ଆସିଛ ।" ଏ କଥା ଶୁଣି ବାପାଙ୍କର ମେରୁଦଣ୍ଡ ଭାଙ୍ଗି ପଡ଼ିଲା । ଲଜ୍ଜା ଓ ଅପମାନରେ ସେ କଲେ ଆତ୍ମହତ୍ୟା । ସେଥି ସଙ୍ଗେ ସଙ୍ଗେ ବାପାଙ୍କର ସମସ୍ତ ସଂପତ୍ତି ମିଶିଗଲା ଜମିଦାର-ଙ୍କର ଗନ୍ତାଘରେ ।

ସେହିଦିନଠାରୁ ମୁଁ ହେଲି ଦାଣ୍ଡର ଭିକାରୁଣୀ ! ତାପରେ ଦିନେ ଯାଇଥିଲି ବ୍ରଜଭାଇଙ୍କ ପାଖକୁ ସିନା ବୋଲି । କିନ୍ତୁ ଶୁଣିଲି ସେ ବର୍ତ୍ତମାନ ବିବାହ କରି କଉଠି ଭ଼ଟପାନ୍ତ ହୋଇଛନ୍ତି । ଯଥା ସମୟରେ ମୁଁ ସନ୍ତାନର ଜନନୀ ମଧ୍ୟ ହେଲି । କିନ୍ତୁ ଧନ ମୋର ଦୁଧ ଟୋପାଏ ନ ପାଇ ଛଅ ବର୍ଷରେ ତିଳ ତିଳ ମୋତେ ଛାଡ଼ି ଚାଲିଗଲା । ଏଇ ହାତରେ ମୁଁ ସେଦିନ ତାକୁ ସେଇ ବରଗଛ ମୂଳେ ପୋତି ଦେଇ ଆସିଛି । ତା'ପରେ ବାବୁ ମୁଁ ଯେଉଁଠାକୁ ଯାଉଛି, ପାଉଛି କେବଳ ଘୃଣା ଓ ଅପମାନ । କିନ୍ତୁ ଏଥିପାଇଁ ଦାୟୀ କିଏ ? ସମାଜ ଯେ ବାବୁ ତୁମର । ତୁମ ପୁରୁଷଙ୍କ ଦ୍ୱାରା ଗଢ଼ା ନ ହୋଇ, ଯଦି ନାରୀମାନଙ୍କ ଦ୍ୱାରା ଗଢ଼ା ହୋଇଥାନ୍ତା, ତାହେଲେ ବୋଧେ ମୋତେ ଅଜି ଏ ନିର୍ଯ୍ୟାତନ ସହିବାକୁ ପଡ଼ନ୍ତାନି । କେହି ବୋଧେ ମତେ ମୁହଁ ଫିଟାଇ କହିବାକୁ ସାହସ କରନ୍ତେନି । କୁଳଟା, ଅଲକ୍ଷ୍ମୀ ଅସତୀ ବୋଲି ।"

ଏତକ କହି ନାରୀ ମୂର୍ତ୍ତିଟି ଧୀରେ ଧୀରେ ଛାୟା ପରି ସେହି ଅନ୍ଧାରରେ ମିଶିଗଲା । ସହାନୁଭୂତିର ଗୋଟିଏ ଦୀର୍ଘନିଶ୍ୱାସ ମୋର ବକ୍ଷଭେଦ କରି ବାହାରି ଆସିଲା । ଦମକାଏ ପବନ ବହି ଆସି 'ଟି ପଏ' ଉପରେ ଥିବା ଦୈନିକ ଖବର କାଗଜ ଖଣ୍ଡିକୁ ଫଡ଼ ଫଡ଼ କରି ଉଡ଼ାଇ ଦେଇଗଲା । ପଛଅଡ଼କୁ ଅନାଇ ଦେଖିଲି ବାନୁ ମା' କେତେବେଳୁ ଆଇସ୍ କାପ୍‌ଟି ଧରି ପଥର ପରି ଛିଡ଼ା ହୋଇଛନ୍ତି ।

Digitized by srujanika@gmail.com

# କାଳିଆ ବଳଦ ଗଲ୍ପ ଗଲ୍ପ

## କତୁହରୁ

ସଂଗ୍ରାହକ—ଦେବ ମହାପାତ୍ର ।

ଡାକ୍ତର—ତୁମର ପେଷା କଣ ?

ରୋଗୀ—ମୁଁ ଜଣେ ଭଦ୍ରଲୋକ ।

ଡାକ୍ତର—ତମକୁ ଅନ୍ୟ କିଛି ପେଷା କରିବାକୁ ପଡ଼ିବ । ଏ ପେଷା ତମ ଦେହରେ ଯାଉନି ।

\+ × +

ମଙ୍ଗୁର ମାଆ ପୁଅର ଅବସ୍ଥା ଦେଖି ଦୁଃଖ କରିବା ଅପେକ୍ଷା ଅଧିକ ରାଗି ଉଠିଲେ ।

"କଣ ? ଫେର ମାଡ଼ ଗୋଳ କରିଥିଲୁ ? ଦୁଷ୍ଟ ଟୋକା ! କଣ ଅବସ୍ଥା ହୋଇଛି । ଲୁଗାପଟା ଛିଣ୍ଡିଛିଣ୍ଡି ଯାଇଛି । କାମିଜରେ ଏଡ଼ିକି କଣା—ଲୁଗା ଛିଣ୍ଡି ଚିର ଚିରା ହୋଇଛି । ଏଇକ୍ଷଣି ଫେର ତେତେ ତୋ ଲାଗି ନୂଆ ଲୁଗାପଟା କିଣିବାକୁ ପଡ଼ିବ ।"

ମଙ୍ଗୁ ତାର ନିଷ୍ପାପ ମୁହଁ ଟେକି ଜବାବ ଦେଲା, "ତେବେ ମା, ମୁଁ ଜାଣୁଛି ଗୁଣ୍ଡିଅର ମାଆକୁ ଫେର ଗୋଟିଏ ନୂଆ ପୁଅ କିଣିବାକୁ ପଡ଼ିବ ।"

\+ + +

"କଣ ତୁମର ଏତେ କରଜ ଦେଣା ଥାଇ ସୁଦ୍ଧା ତୁମେ ମୋ କନ୍ୟାକୁ ବିବାହ କରିବାକୁ ପ୍ରୟାସ କରୁଚ ! ତୁମେ ଭାବୁଚ କଣ !!"

"ମୋର କରଜ ଦେଣା କଥା ।"

\+ + +

ବାଦୀ ପକ୍ଷର ଓକିଲ ସାକ୍ଷୀଙ୍କୁ ଜେରା କରୁଥିଲେ । ସେ ପଚାରିଲେ, "ମାର୍ଚ୍ଚ ୨ ତାରିଖରେ ତମେ ମାଗୁଣି ପଧାନ ଘରକୁ ଗଲ, ସେ ତମକୁ କଣ ଜବାବ ଦେଲେ ?"

ଏତିକିବେଳେ ପ୍ରତିବାଦୀ ପକ୍ଷର ଓକିଲ ଉଠି ପଡ଼ି କହିଲେ, "ହଜୁର ମୁଁ ଆପତ୍ତି କରୁଚି ଏ ପ୍ରଶ୍ନ ପଚରା ଯାଇ ପାରିବନି ।"

ତାପରେ ବାଦୀ ଓ ପ୍ରତିବାଦୀ ଦୁଇ ପକ୍ଷର ଓକିଲଙ୍କ ଭିତରେ ଘଣ୍ଟାଏ କାଳ ଭୀଷଣ ତର୍କ ବିତର୍କ ଚାଲିଲା ପରେ ଜଜ୍ ଏଇ ପ୍ରଶ୍ନ ପଚରାଯାଇ ପାରେ ବୋଲି ଅନୁମତି ଦେଲେ ।

ବାଦୀ ପକ୍ଷର ଓକିଲ କହିଲେ, "ତୁମେ ମାଗୁଣି ପଧାନ ଘରକୁ ଗଲ, ସେ ତମକୁ କହିଲେ କଣ ?"

"କିଛି ନାହିଁ ସେ ଘରେ ନ ଥିଲେ" ସାକ୍ଷୀ ଉତ୍ତର ଦେଲା ।

\+ + +

ଅଜା ତାଙ୍କ ନାତି, ନାତୁଣି, ଅଣନାତି ଅଣନାତୁଣୀଙ୍କୁ ଦେଖୁଥିଲେ । ସେ କହିଲେ "ବୁଝିଲନା ପିଲାଏ, ତୁମ ଅଜି ଆଉ ମୁଁ ଦୁଇ ଏଇ ପରିବାରର ମେରୁ ଭଳିଆ । ଆମ ଯୋଗୁଁ ପରିବାର ବଢ଼ି ଚାଲିଛି ।"

ଗୋଟିଏ ନାତି କହିଲା, "କିନ୍ତୁ ଅଜା ତମେ କଣ ଭାବୁନ ଯେ ମେରୁ ମାଟି ତଳେ ରହିଲେ ଗଛ ଭଲ ବଢ଼ନ୍ତା ବୋଲି ।"

\+ × ×

ଗୋଟିଏ ବୃଦ୍ଧା ମହିଳା ଜୀବନରେ ପ୍ରଥମ କରି ମଦ ଗିଲାସେ ପିଇ କହିଲେ—"ଆଃ, ଚମତ୍କାର ଲାଗୁଚି । ଆମ ବାବୁ ଚାଳିଶ ବର୍ଷ ହେଲା ଯେଉଁ ଔଷଧ ପିଇ ଆସୁଚନ୍ତି, ଠିକ୍ ତାରି ଭଳିଆ ସୁଆଦ !"

\+ × ×

Digitized by srujanika@gmail.com

ସଜନା ଗଛ ମୂଳେ

ମଜା କବିତା——

## —ନିଶୂନ ଅକାରଣ—

ଲେଖକ—ଶ୍ରୀ ଜଗନ୍ନାଥ ମିଶ୍ର ।

ଝୁଟିଆ ସମ ଫୁଟନ୍ତି ଚଳେ କେଜାଣି କେଉଁ ଦୂରେ,
ଗୃହାଣି ହାଣି ଅନାଏ ଯେବେ ଉଲ୍ଲାସେ ପ୍ରାଣ ପୂରେ ।

କଅଁଳ କଚେଇ ଚହ୍ନନ୍ତି ବାଳା ସବୁଜ ଚହ୍ନିଠିଏ,
ଯୋଡା ଯୋଡ଼ାଇ ଗୁଚ୍ଛଚରଣି ଶୋଭି ବଢ଼ାଇ ଦିଏ ।

ସବୁଜ ବୋଲା ଗ୍ରେଷ୍ଟ ଗୃହାଣୀ ବଢ଼େ ନୟନ ବେନି,
ସପନ ସମ ଦୋହଲି ଯାଏ ନିବିଡ଼ ନୀଳ ବେଣୀ ।

ବତାସେ ଯେବେ ଦୁକୂଳ ଚାଳ ଝମ୍ପଇ ଥର ଥର,
ନୟନ ଭେବେ ହେରନା କଚ୍ଛୁ ଏପଥ ମନୋହର ।

ଅଣିଲି କେତେ ସାହସ ମନେ ଡାକିବ ବୋଲି ତାରେ,
ପାରିଲି ନାହିଁ ଉଚାର ମୁଁ ଯେ ରସନା ପଥେ ବାରେ ।

‘ଶୁଣ ଗୋ ରାଣୀ’ ‘ରୂପନା ଟିକେ’ ‘କୁଆଡ଼େ ଯାଅ’ ‘ଥାଅ’,
କି ବୋଲି ଡାକେଁ. ନୋହିଲା ଥିର ବୁଦ୍ଧି ମୋ ହେଲା ନାଶ ;

ଚାଲା ସେ ଗଲା ବୁଝିଲା ନାହିଁ ଗୋପନ ବ୍ୟଥା ଭରା,
ଏହି ପଥେ ମୁଁ ଅସିଚ୍ଛୁ କେତେ ନ ଦେଖେଁ ରୂପ ତ ର ।

ତାହାର ପଥେ ଗଲେଣି ହେଇ ନିତି ଏ ଯେ ପ୍ରତିଦିନ
ତା ବିନା କାନ୍ତ ଜୀବନ ମୋର “ନିଶୂନ ଅକାରଣ ।”

Digitized by srujanika@gmail.com

(ହାଲ୍ ଅବସ୍ଥାର ୨ୟ ପୃଷ୍ଠା ଉତ୍ତାରୁ)

ଥିଲେ । ଜିନ୍ନା କି ସେହିପରିକା କଥାଟାଏ ନ କହିଲେ ତାଙ୍କ ମାନ ରହିବ ନାହିଁ ଯେ !

× × ×

ସାହେବ ମଜଲିସର ପୁଣି କହିଛନ୍ତି କି ଜେଲ ଭିତରେ ଥାଇ ଗାନ୍ଧିଜୀ ତାଙ୍କଠାରୁ ଏଇ ମିଳନ ପାଇଁ ଆବେଦନ ଜଣାଇଥିଲେ ସେ ତାହା ସ୍ୱୀକାର କରିବା ପାଇଁ ପ୍ରସ୍ତୁତ । ଗାନ୍ଧିଜୀ ତ ଏଥିପାଇଁ ପଡ଼ି ପଡ଼ି, ଗଡ଼ି ଗଡ଼ି, ଲେଖି ଲେଖି, ଭୁକି ଭୁକି ଥକିଛନ୍ତି । ଏକଥା କିଏ ବା ନ ଜାଣେ ? ଏବେ ଯେ କାଏଦ ଅଜାମ ଏ ମୁରୁବି ଦିଶୁଛି ଏହାର କାରଣ କଅଣ ଟି ? ପାକିସ୍ଥାନ ହାସଲ ହୋଇ ପାରିଲା ବୋଲି ନା ! ଜୟ ଜିନ୍ନା ସାହେବଙ୍କ ଜୟ—ମୁସଲିମ୍ ଲିଗ୍‌ର ଜୟ—ବ୍ରିଟିଶ ସାମ୍ରାଜ୍ୟବାଦ ଜୟ—ବନ୍ଦେ ପାକିସ୍ଥାନମ୍ ! × × +

କିଛିଦିନ ଆଗେ କଣ୍ଠ ପଣ୍ଡିତଙ୍କ କାଗଜ ନବଭାରତ ସରଳା ଦେବୀଙ୍କ ନାଁରେ କଣ ଲେଖି ପକାଇଥିଲେ । ଏପରି ଲେଖା ଦେଖିଲେ ସରଳାଙ୍କ କଥା କିଏ ପଚାରେ, ଅସରଳାଙ୍କର ବି ଖପ୍ପା ହୋଇ ଯିବାର କଥା । ମାତ୍ର ପଣ୍ଡିତେ ଏଥିପାଇଁ କସୁର କବୁଲ କରିବାରୁ ଉଭୟଙ୍କ ମଧ୍ୟରେ ମିଳନ ହୋଇ ଯାଇଛି ବୋଲି ମନେ ହୁଏ । ଏହି ଦୁଃସମୟରେ ଏପରି ମଙ୍ଗଳମୟ ମିଳନରେ ଆମେ ଶୁଭ ଶଙ୍ଖ ଧ୍ୱନି କରୁଛୁଁ । + + +

ତା'ପରେ ଏହି ମିଳନର ଫଳ ସ୍ୱରୂପ ଯେଉଁ ଅମୃତ ଜାତ ହେବାର ଦେଖାଯାଉଛି, ତାହା ଉତ୍କଳ ପକ୍ଷରେ ଯେପରି ଗୌରବ ଜନକ ସେହିପରି ମଙ୍ଗଳକର । କିଛିଦିନ ଆଗରୁ ପଣ୍ଡିତେ ସବୁ ଛାଡ଼ି—ଅବଶ୍ୟ ଦାଢ଼ି ଛଡ଼ା—ହିନ୍ଦୁ ମହାସଭା ଦୀକ୍ଷା ଗ୍ରହଣ କରିଥିଲେ । ଏବେ ସରଳା ମଧ୍ୟ ତାଙ୍କ ଅନୁଗାମିନୀ ହେଲେ । ଏପରି ଦୁଇ ମହାମାନବ ମାନବୀଙ୍କ ଆଦର୍ଶ, ନିର୍ଦ୍ଦେଶ ଓ ପ୍ରରୋଚନା ଦ୍ୱାରା ଉତ୍କଳରେ ମହାସଭାର ପ୍ରତିପତ୍ତି ଯେ ଶୀଘ୍ର ପ୍ରତିଷ୍ଠିତ ହୋଇ ପଡ଼ିବ ଏଥିରେ ସନ୍ଦେହ ନାହିଁ । ଆମେ ଆଶା କରୁଁ ଏ ଦୁହିଙ୍କ ସମବେତ ପ୍ରଚେଷ୍ଟା ଓ ଦକ୍ଷତା ଦ୍ୱାରା ଆମ ଦେଶରେ ମହାସଭା ଧର୍ମ ଏପରି ପ୍ରସାରିତ ଓ ସଂଗଠିତ ହେବ ଯେ କଂଗ୍ରେସକୁ ବଳ ପଡ଼ିବ । ଶୁଭସ୍ୟ ଶୀଘ୍ରଂ । + × ×

ଦେଶକାଳ ଯେପରି ପଡ଼ିଲାଣି, କଂଗ୍ରେସ ଯେପରି ପଛଘୁଞ୍ଚା ଗଲାଣି, ମୁସଲିମ ଲିଗ୍‌ର ପ୍ରତାପ ଯେପରି ବଢ଼ି ଚାଲିଲାଣି, ମନେହୁଏ ମହାସଭାର ଆଶ୍ରା ନ ନେଲେ ହିନ୍ଦୁ ଜାତିର ଜୀବନ ରକ୍ଷା ହେବା ମୁସ୍କିଲ । ନୀଳକଣ୍ଠ ପଣ୍ଡିତେ ଉତ୍କଳ ପାଇଁ ସଂଯୋଜକ ଓ କର୍ତ୍ତା ନିଯୁକ୍ତ ହୋଇଛନ୍ତି । ଏବେ ସେ ପୁଣି ମହାଶକ୍ତିର ସହାୟତାରେ ସମଧିକ ତେଜସ୍ୱୀ ହୋଇ ସ୍ୱକାର୍ଯ୍ୟରେ ଲାଗି ପଡ଼ନ୍ତୁ । ଭ୍ରାନ୍ତ ଅନ୍ଧ ଦେଶବାସୀଙ୍କୁ ଅନ୍ଧାରରେ ବାଟ ଦେଖାନ୍ତୁ । ଏ କାର୍ଯ୍ୟକୁ ସେହି ଏକା କ୍ଷମ ପୁରୁଷ ସିଂହ ।

+ + +

ଧାନ ଚାଉଳର ଦର ଯାହା ହେଲାଣି ତାହା କାହାର ଦେଖିବା ଶୁଣିବା ଭୂଲକୁ ଯାଉ, କେହି ଏହା ହେବ ବୋଲି କଳ୍ପନା ବି କରି ନ ଥିଲେ । ସେ ଯାହାହେଉ ଓଡ଼ିଆଙ୍କ ହାତରେ ଟଙ୍କା ପଇସା ତ ନାହିଁ ଯେ ଅଧିକା ଦର ଦେଇ କିଣି ପାରିବେ । ଯାହାଙ୍କୁ ବା ପଇସା ମିଳୁଛି ସେ ଚାଉଳ ଗଣ୍ଡାଏ ପାଉନାହିଁ । ଗାଁ ଗଣ୍ଡାରେ ଅନେକ ଲୋକ ବୁଲି ବୁଲି ଚାଉଳ ନ ପାଇ ନିରାଟ ଉପାସରେ ରହି ଯାଉଛନ୍ତି । ଏ ଅବସ୍ଥାରେ ପରିଣାମ ଯେ କଅଣ ଟି ତାହା ଭାବିବା ବେଳକୁ ଲୁହ ଶୁଖି ଯାଉଛି । ସରକାର କେବଳ କଣ୍ଟ୍ରୋଲ କରିଦେଇ କାମ ସାରା କଲେ ଚଳିବ ନାହିଁ, ଗରିବ ଓଡ଼ିଆ ପ୍ରଜାଙ୍କ ମୁହଁରେ ଦାନା ମୁଠାଏ ଦିଅନ୍ତୁ । ମନ୍ତ୍ରୀଗଣ ଆମରି ଲୋକ । ତାଙ୍କୁ କଣ ଅଜଣା ଅଛି ଯେ କହିବୁ । ସେମାନେ ଶୀଘ୍ର କୌଣସି ସାହସିକ ପନ୍ଥା ଧରନ୍ତୁ । ଜାତିକୁ ବଞ୍ଚାନ୍ତୁ । ନୋହିଲେ ଶ୍ମଶାନରେ ରାଜତ୍ୱ କରିବେ ।

× + +

ଓଡ଼ିଶା ଯଦି ବଳକା ପ୍ରଦେଶ, ତେବେ ସେଇ ବଳକା ମାଲ ଅଛି କଅଣ ଟି ? ଯଉଁଠି ଥିବ ବେଳ ଥାଉଁ ମନ୍ତ୍ରୀ ସରକାର ତାକୁ ଗମ୍ଭୀରରୁ ବାହାର କରିବାର ବ୍ୟବସ୍ଥା କରନ୍ତୁ । ଲୋକଙ୍କର ଅଣନିଶ୍ୱାସ ବାଅ ବହିଲାଣି । ଏହାକୁ ଚଳେଇବା ଆଗରୁ ବଳକା ମାଲ ବଜାରରେ ଛାଡ଼ି ଦେଉ । ଯଦି ତାହା କରାଇ ନ ପାରନ୍ତି ତେବେ ଅନ୍ୟ ଥାନରୁ ମାଲ ଆଣନ୍ତୁ । ସେଥିପାଇଁ କେନ୍ଦ୍ର ସରକାରଠୁ ସାହାଯ୍ୟ ଲୋଡ଼ନ୍ତୁ ବା କରଜ କରନ୍ତୁ । ଲୋକେ ଆଗ ବଞ୍ଚିଗଲେ ତେଣିକି ଅଛି ଯେଉଁ କଥା ସିନା ! ବକ୍ତୃତା ଇସ୍ତାହାରର ବେଳ ନାହିଁ—କାମ କରନ୍ତୁ ।

Digitized by srujanika@gmail.com

# ନାଗବନ୍ଧୁ

ଉଦ୍ଦେଶ୍ୟ — ( ୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ )

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । ଡାକଘରର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପରଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ପ୍ରେମ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ( ୩ ) ମାତୃଭାଷା ଓ ମାତୃଭୂମି ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ( ୪ ) ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

## ଡକ୍ଟର ସ୍କୁନାର ଓ କଳାଗୋଲାପ

ସ୍ନେହର ନାଗଭାଇ ଭଉଣୀଏ

ପ୍ରଣାମ । କଳାଗୋଲାପ ନାଁ ଶୁଣି ତୁମେମାନେ ଭାବୁଥିବ ଯେ, ତସଫୁଲ କିମ୍ବା ଅଦ୍ଭୁତାକାର ପରି କଥାଟାଏ । କିମ୍ବା "ଅଲ୍ଲାଉଦ୍ଦିନର ଦୀପ" କି "ଡ୍ରାଗନର ଦୁଃସ୍ୱପ୍ନ ।" କିନ୍ତୁ ବୈଜ୍ଞାନିକ କହୁଛି ସତ । ବିଜ୍ଞାନକୁ ଅବଲମ୍ବନ କରି ବୈଜ୍ଞାନିକ ପଣ୍ଡିତମାନେ ଯିମିତି ପୃଥିବୀକୁ ନୂଆ କରି ତୋଳୁଛନ୍ତି । ଗ୍ରାମଫୋନ, ରେଡିଓ, ଟକିଛବି— କେତେ ବର୍ଷର ଆଗେ କିଏ ଭାବିଥିଲା ଯେ ରୂପକଥାରେ ଏଇ ସବୁ ସ୍ୱପ୍ନ ଦିନେ ପୁଣି ଆମେ ପ୍ରତ୍ୟକ୍ଷରେ ଦେଖିବା ।

କାଲିଫୋର୍ନିଆର ଜଣେ ପାଦ୍ରି ସାହେବ, ତାଙ୍କର ନାଁ ଫାଦର ଜର୍ଜ ସ୍କୁନାର । ଉଦ୍ଭିଦ ଜଗତରେ ଆଜି ସେ ଯୁଗାନ୍ତର ଆଣି ଦେଇଛନ୍ତି । ପିଲାଦିନରୁ ସେ ଫୁଲକୁ ଭାରି ଭଲ ପାନ୍ତି—ବୃକ୍ଷ ରୋପଣ ତାଙ୍କର ଅତି ପ୍ରିୟ କାର୍ଯ୍ୟ । ବାପ ମା' ଯିମିତି ପିଲା ଝିଲାଙ୍କୁ ମଣିଷ କରିବା ପାଇଁ—ତାଙ୍କର ମଙ୍ଗଳ ପାଇଁ, ନିଜର ସ୍ୱାର୍ଥ ସ୍ୱାଚ୍ଛନ୍ଦକୁ ଅନାୟାସରେ ତ୍ୟାଗ କରି ସେହି ସାଧନାରେ ପ୍ରାଣମୂର୍ଚ୍ଛି ତନ୍ମୟ ହୁଅନ୍ତି । ଫାଦର ସ୍କୁନାର ସିମିତି ପ୍ରାଣର ଅନନ୍ତ ମମତାକୁ ଫୁଲ ଆଉ ବୃକ୍ଷରୋପଣ ଉପରେ ଅଜାଡ଼ି ଦେଇ—ତାଙ୍କର ରାଜ୍ୟରେ ନବ ନବ ଉତ୍କର୍ଷ ସାଧନ କରିଛନ୍ତି ।

ଫାଦର ସ୍କୁନାର ତାଙ୍କର ସୁଦୀର୍ଘ ଜୀବନରେ ଏଇ ଉଦ୍ଭିଦର ସାଧନାରେ ଯେଉଁ ସାଫଲ୍ୟଲାଭ କରିଛନ୍ତି, ଅନ୍ତରୀକ୍ଷରେ ଉଦ୍ଭିଦର ଦେବତା ତାହା ଦେଖି ନିଶ୍ଚୟ ଚମତ୍କୃତ ହେଉଥିବେ ।

ଫାଦର ସ୍କୁନାର କାଲିଫୋର୍ନିଆର ଶାନ୍ତାବାର୍ବାରା ଗ୍ରାମରେ ନିଜ ହାତରେ ଗୋଟିଏ ଛୋଟ ବଗିଚା କରିଛନ୍ତି । ଏ ବଗିଚାଟି ଦେଖିଲେ ମନେ ହେବ—ସତେ ଯିମିତି ଉଦ୍ଭିଦ ରାଜ୍ୟର ଆଇନ କାନୁନକୁ ସେ ଓଲଟାଇ ଦେଇଛନ୍ତି ।

ସେ ତାଙ୍କ ବଗିଚାରେ ଗୋଲାପର ବିଚିତ୍ର ଫସଲ ଫୁଟାଇଛନ୍ତି । ଏ ବଗିଚାରେ ଯିମିତି ନୂଆ ନୂଆ ରଙ୍ଗର, ନାନା ଜାତିର ଗୋଲାପ ଫୁଲ ଫୁଟୁଛି—ସିମିତି ରଙ୍ଗର ଗୋଲାପ ପୃଥିବୀର ଆଉ କୌଣସି ଜାଗାରେ ଫୁଟେନି । ତାଙ୍କ ଗଛରେ କଳା ଗୋଲାପ ମଧ୍ୟ ଫୁଟିଛି । ତାର କେତୋଟି ପାଖୁଡ଼ାରେ ଖାଲି ଟିକିଏ କିରି ଲାଲ ଛିଟା । କଳା ଝିଅ ମଥାରେ ଲାଲ ଟିପା ପରି । ତାଙ୍କର ଏ ବଗିଚାରେ ଯେଉଁ ହଳଦିଆ ଗୋଲାପ ଫୁଟିଛି, ଗୋଲାପ ଆକାରରେ ତାହା ଖୁବ୍ ବଡ଼ ଏବଂ ତାର ରଙ୍ଗ ଠିକ୍ ଗିନିସୁନା ପରି । ତାଙ୍କର ଲାଲ ଗୋଲାପ ମଧ୍ୟ କଳା ଗୋଲାପ ପରି ଜଗତରେ ଅପୂର୍ବ ସୃଷ୍ଟି । ଲାଲ ଗୋଲାପରେ ସେ ଏମିତି ଗନ୍ଧ ସନ୍ନିବେଶ କରିଛନ୍ତି ଯେ, ଦୂରୁ ଦୂରୁ ଦୁଇ

Digitized by srujanika@gmail.com

ମାଟିକା ଦୂରରୁ ତାର ଗନ୍ଧ ଉପଭୋଗ କରି ମଣିଷ ଚଞ୍ଚଳ ହୁଏ।—ତାଙ୍କର ବଗିଚାରେ ଇମିତି ଗୋଲାପ ଗଛ ବି ଅଛି—ଯେ ଉପରେ ଦେବଦାରୁ ଗଛ ପରି।

ତୁମେମାନେ ହୃଦୁଥିବ "ଅଲ୍ଲି ଉଦ୍ଭିଦର ଦ୍ୱାପ" ଭିତରୁ ଏ କଥା ଗୁଡ଼ା ଶୁଭୁଛି। ଏ ସମ୍ବନ୍ଧରେ ଫାଦର ସ୍କୁନାର କହନ୍ତି—"ଗୋଲପ ଗଛର ଆକାରରେ ଏ ଯେ ପାର୍ଥକ୍ୟ—ଫୁଲର ରଙ୍ଗରେ ଏ ଯେ ନୂତନତ୍ୱ—ଏହା ମାୟା ବା ମନ୍ତ୍ରର ସାହାଯ୍ୟରେ ନୁହେଁ। ବୈଜ୍ଞାନିକ ସତ୍ୟକୁ ଉପଲବ୍ଧି କରି ସେହି ସତ୍ୟକୁହିଁ ସେ ଗୋଲପରେ ଜାହିର କରିଛନ୍ତି।"—

ଏ କାର୍ଯ୍ୟରେ ତାଙ୍କର ସାଧନା ଅତି କଷ୍ଟ—ପୁରାଣର ଧ୍ରୁବ ପ୍ରହ୍ଲାଦ ତପ ସାଧନା ପରି କଠିନ ଅତି ଉଗ୍ର। ଖାଲି ଏଇଥିରେ ତାଙ୍କର ସାଧନା ଶେଷ ହୋଇନି—ଗୋଲାପ ଡାଳର କଣ୍ଟାରେ ସେ ନବଯୁଗ ସୃଷ୍ଟି କରିଛନ୍ତି।—ଇମିତି କରିଛନ୍ତି ଯେ, କେତେ ଗୁଡ଼ାଏ ଗଛରେ କଣ୍ଟା ଆଦୌ ନାହିଁ—ପୃଥିବୀକୁ ଯିମିତି ସେ କଣ୍ଟକହୀନ ଗୋଲାପ ଉପହାର ଦେଇଛନ୍ତି।

ଗୋଲାପ ସାଧନାର ସଙ୍ଗେ ସଙ୍ଗେ ଫାଦର ସ୍କୁନାର ଫଳ ରାଜ୍ୟରେ ବିଜୟ ଅଭିଯାନ କରିଛନ୍ତି। ଅପେଲର ସଙ୍ଗେ—ଗୋଲାପର ଯୋଡ଼ କଲମ କରି ସେ ଅପେଲ ଫଳରେ—ଗୋଲାପର ଗନ୍ଧ ଫୁଟାଇଛନ୍ତି। କମଳା, ଲେମ୍ବୁକୁ ଇମିତି କରିଛନ୍ତି ଯେ—ତାଙ୍କ କମଳାଲେମ୍ବୁ ଖାଇଲେ ମନେହେବ କମଳା ଲେମ୍ବୁର ସିରପରେ ଯିମିତି ବରଫ—ସିରପ ମିଶାଇ ଖାଉଛି।

ଅଥଚ ତୁମେ ଶୁଣିଲେ ଆଶ୍ଚର୍ଯ୍ୟ ହେବ ଯେ—ଫାଦର ସ୍କୁନାର ଉଦ୍ଭିଦ ଜଗତରେ ଏତେବଡ଼ ଅତ୍ୟାଶ୍ଚର୍ଯ୍ୟ ଇନ୍ଦ୍ରଜାଲ୍ ରଚନା କରିଛନ୍ତି—କିନ୍ତୁ କେବେହେଲେ କଲେଜରେ ସାଇନ୍ସ ପଢ଼ି ନାହାନ୍ତି।

କୁମାରୀ ଶୈଳବାଳା

---

## ନୂଆ ନାଗଙ୍କ ନାମ।

୪୫୪। ଶ୍ରୀ ଶିଶିର ରଞ୍ଜନ ପାଣିଗ୍ରାହୀ C/o ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ ବୃନ୍ଦାହାଟ, କଟକ। ୪୫୫। Sri K. S. Mahanty. B. B. H. E. School. ପୋ: କୁଜଙ୍ଗ ଜି: କଟକ। ୪୫୬। ଶ୍ରୀମାନ ବେଣୁଧର ଗିରି ମୁଣ୍ଡିପୁଲି ଏମ: ଇ: ସ୍କୁଲ ମୟୂରଭଞ୍ଜ ଷ୍ଟେଟ୍।

---

## ନାଗବଗ୍ଗ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ ମୋର ବୟସ ୧୮ ବର୍ଷରୁ କମ୍। ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି। ଦୟାକରି ନାଗବଗ୍ଗ ଦଳରେ ମୋ ନାମ ଲେଖାଇ ଦେବେ। ମୁଁ ଏଥି ସହ
ବାର୍ଷିକ ଚାନ୍ଦା ୧୦ /
ଆଜୀବନ ଚାନ୍ଦା ୨୦ ୯ ର ଡାକ ଟିକଟ
ପଠାଇଲି।

ତୁମ ସ୍ନେହର ନାତି/ନାତୁଣୀ

ଶ୍ରୀ ______________________

ଠିକଣା ______________________

ତାରିଖ

---


# ମରମ

କବି—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ନବ ଯୁଗର ନବୀନ ଭାବୋଚ୍ଛ୍ୱାସ

ପଢ଼ିଲେ ମୁଗ୍ଧ ହେବେ

ମୂଲ୍ୟ:—୨୯ ଅଣା


Digitized by srujanika@gmail.com

# ଉଗାର ବିଜ୍ଞାପନ ।

'ଉଗାର' ଏଜେନ୍ସି ନୂଆ ବର୍ଷର ଆରମ୍ଭରେ ଉଠାଇ ଦିଆ ଯାଉଛି । କେବଳ ବାଲେଶ୍ୱର, ବାରିପଦା, କଲିକତା, ଜାମସେଦ-ପୁର, ବାଣପୁର, ରାଇରଙ୍ଗପୁର ଛଡ଼ା ଅନ୍ୟ ସମସ୍ତ ଏଜେନ୍ସି ଉଠାଇ ଦିଆଯିବ । ସେଥିପାଇଁ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳର ଗ୍ରାହକ ଓ ଗ୍ରାହିକାମାନେ ଯେଉଁମାନେ କି ତାଙ୍କର ସ୍ଥାନୀୟ ଏଜେଣ୍ଟଙ୍କ ଠାରୁ ପାଉଥିଲେ ସେମାନେ 'ଉଗାର' ଅଫିସକୁ ଲେଖି ଗ୍ରାହକଶ୍ରେଣୀ ଭୁକ୍ତ ହୁଅନ୍ତୁ—ଇତି ।

ପରିଚାଳନା ବିଭାଗ

ଉଗାର

Digitized by srujanika@gmail.com

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

**ଆଭ୍ୟନ୍ତରୀଣ ବିପ୍ଳବ ଏବଂ ଶତ୍ରୁ ଆକ୍ରମଣର ଆଶଙ୍କା**

ଅଧିକରୁ ଅଧିକ ହେଉଥିବା ବେଳେ ଜୀବନର ଦାୟିତ୍ୱ ଗୋଟିଏ ସୁଦୃଢ଼

**ଭାରତୀୟ ବୀମା କମ୍ପାନୀ "ହିନ୍ଦୁସ୍ଥାନ"**

ଉପରେ ନ୍ୟସ୍ତ କରି ପ୍ରତ୍ୟେକ ଗୃହସ୍ଥ ନିଶ୍ଚିନ୍ତ ହୋଇ ପାରିବେ ।

ଯୁଦ୍ଧ ଜନିତ ମୃତ୍ୟୁ ହେଲେ ସୁଦ୍ଧା ଅଧିକା ପ୍ରିମିୟମ୍ ନ ନେଇ ହିନ୍ଦୁସ୍ଥାନ ସାଧାରଣ ଅସାମରିକ ଲୋକର ଜୀବନ ଦାୟିତ୍ୱ ନେଉଛି

**ତେଣୁ ପ୍ରତ୍ୟେକ ଲୋକ ଏ ସୁଯୋଗ ନେବା ଉଚିତ ।**

ହିନ୍ଦୁସ୍ଥାନ ବିଗତ ୩୭ ବର୍ଷ ହେଲା କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ବୀମା ଜଗତରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛି ।

### ସୁଦୃଢ଼ତାର ପରିଚୟ—

୧୯୪୧ରେ ନୂତନ ବୀମାର ପରିମାଣ ୨ କୋଟି ୭୨ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ବୀମାର ପରିମାଣ ୧୯ କୋଟି ।

ବାର୍ଷିକ ଆୟ ଏକକୋଟି ଦଶ ଲକ୍ଷରୁ ଊର୍ଦ୍ଧ୍ୱ ।

ବୀମା ପାଣ୍ଠି ଚାରିକୋଟି ଏକୋଇଶ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ଚାରି କୋଟି ତେଷଠି ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ଓଡ଼ିଶାରେ ସର୍ବତ୍ର ପ୍ରତିପତ୍ତିଶାଳୀ ପ୍ରତିନିଧି ଆବଶ୍ୟକ ।

**ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।**

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗେନାଇଜର
କଟକ ।

Printed & published G. C. Mahapatra at the Gopinath Press Bhadrak.

Digitized by srujanika@gmail.com